ଜାନୁୟାରୀ ୨୦୧୪



Photo by Dr Ranjit K Sahu, USA

# ISSN NO – 2582-208X

## VOLUME-11 : ISSUE NO-01/2025


# ବେଦାନ୍ତି

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ


ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବେଦାନ୍ତୀ ର ସମସ୍ତ ସଦସ୍ୟଙ୍କୁ ଇଂରେଜୀ ନବବର୍ଷର ଅନେକ ଅନେକ ଶୁଭେଚ୍ଛା । ଏହା ଅବଶ୍ୟ ସତ ଯେ ଯଦି ଆମେ ଓଡିଆ ନବବର୍ଷ କେବେ ପଡୁଛି କାହାକୁ ଯଦି ପଚାରିବା, ଅନେକ ଲୋକ ହୁଏତ କହିପାରିବେ ନାହିଁ । କାରଣ ଭାରତୀୟ ମାନେ ପାଶ୍ଚାତ୍ୟ ସଭ୍ୟତା ଏବଂ ଚାଲିଚଳନକୁ ଅନେକ ମାନନ୍ତି ଆଉ ମନେ ରଖନ୍ତି ମଧ୍ୟ । କିନ୍ତୁ ଆମ ପର୍ବପର୍ବାଣୀ ଏବଂ ସଂସ୍କୃତି ବିଷୟରେ ଅନେକ କଥା ଏବଂ ତଥ୍ୟ ଅନେକଙ୍କୁ ଜଣାନାହିଁ । ଅବଶ୍ୟ ଏବେ କିଛିଟା ମାତ୍ରାରେ ସରକାର ଧ୍ୟାନ ଦେଇଛନ୍ତି ଆଉ ଓଡିଆ ସଂସ୍କୃତିକୁ ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା ମଧ୍ୟ କରୁଛନ୍ତି । ଏଥିରେ ସହଯୋଗ ଦେଉଛନ୍ତି ଓଡିଶା ବାହାରେ ରହୁଥିବା ଅନେକ ଓଡିଆ ମାନେ । ଏହାର ମୂଖ୍ୟ କାରଣ ହେଉଛି ଯେ ଯେତେବେଳେ ଆମେ ଓଡିଶା ବାହାରେ ରହୁଛେ, ସେତେବେଳେ ଆମେ ଆମ ରାଜ୍ୟ, ସଂସ୍କୃତି ଏବଂ ପର୍ବପର୍ବାଣୀ ବିଷୟରେ ଭାବୁଛେ । ତେଣୁ ଓଡିଶା ବାହାରେ ଥିବା ଅନେକ ଅନୁଷ୍ଠାନ / ଓଡିଆ ସମାଜର କର୍ମକର୍ତ୍ତା ମାନେ ଲାଗିପଡିଛନ୍ତି ଓଡିଶାର ମାନ ବଢାଇବା ପାଇଁ । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ।

ISSN NO.
2582-208X

ପୁରୁଣା ବର୍ଷରେ ଆମେ ଯାହା ଶିଖିଲୁ, ସଫଳ କିମ୍ବା ଅସଫଳରୁ ଅନୁଭୂତି ନେଇ ବିତିଯାଇଥିବା ସମୟକୁ ନେଇ ଦୁଃଖ ପ୍ରକାଶ ନକରି ଆସୁଥିବା ସମୟକୁ ସ୍ୱାଗତ କରି ଜୀବନକୁ ସଫଳ ବନେଇବା ଉଚିତ। ଅଧିକାଂଶ ଲୋକଙ୍କ ପାଇଁ ୧ ଜାନୁୟାରୀ ନୂଆ ବର୍ଷ ଆଣିଥାଏ। କିନ୍ତୁ ଏହି ଦିନ ରେ କିଛି ବି ନୂଆ ନଥାଏ। ପ୍ରକୃତି, ପାଣିପାଗ ନା ଆଖପାଖର କିଛି ନୂଆ କଥା। ଯଦି ପ୍ରକୃତରେ ନୂଆ ବର୍ଷକୁ ସାର୍ଥକ କରାଯାଏ, ତେବେ ନିଶ୍ଚିତ ରୂପରେ ନୂଆ ଆରମ୍ଭ ସ୍ୱାଗତଯୋଗ୍ୟ ଅଟେ। ପୁରୁଣା ବର୍ଷ ତୁଳନାରେ କିଛି ନୂଆ ଯୋଡି ଜୀବନକୁ ପୁରୁଣା ବର୍ଷ ଅପେକ୍ଷା ସାର୍ଥକ ବନେଇବା ଉଚିତ। ଅନ୍ୟଥା, ଆଜି ଯାହା ନୂଆ ନୂଆ ଲାଗୁଛି, କାଲି ତାହା ପୁରୁଣା ବର୍ଷ ଭଳି ପୁରୁଣା ପଡି ରହିବ। ସଂସାରରେ ଯେତେପ୍ରକାର ଉତ୍ସବ ଏବଂ ପର୍ବ ପାଳନ ହୁଏ, ତାର ମୂଳ ଉଦ୍ଦେଶ୍ୟ ହେଉଛି ଆମର ଜଡତାକୁ ଭାଙ୍ଗି ଆମକୁ ଗତିଶୀଳ ବନିବାକୁ ପ୍ରେରଣା ଦିଏ। ଏହି ସମୟ ଆମର ନୀରସତାକୁ ଭାଙ୍ଗି ଆମ ଜୀବନରେ ଏକ ନୂଆ ରଙ୍ଗ ଭରିଦିଏ। କାରଣ, ଆମର ଆନ୍ତରିକ ଉର୍ଜ୍ଜା ପୁରା ଜୋରରେ କାମରେ ଲାଗିଯାଏ। ଏହି ନୂଆ ବର୍ଷରେ ଜଡ ମାନସିକତାକୁ ଛାଡି ନୂଆ ମାନସିକତାକୁ ଆପଣେଇବା ଉଚିତ। ଆମକୁ ଭୁଲିବା ଉଚିତ ନୁହେଁ ଯେ ଜୀବନରେ ଜ୍ଞାନର ଏତେ ମୂଲ୍ୟ ନାହିଁ ଯେତେ କି ବ୍ୟକ୍ତିର ବ୍ୟକ୍ତିତ୍ୱରେ। ଜ୍ଞାନକୁ କେବଳ ଏକ ନିଶ୍ଚିତ ସମୟରେ ବି ଅର୍ଜିତ କରାଯାଇପାରେ। କିନ୍ତୁ ବ୍ୟକ୍ତିତ୍ୱକୁ ନୁହେଁ। ଏହା ଜୀବନର ପ୍ରତ୍ୟେକ ସ୍ତରରେ ବିକଶିତ ହେଲାଭଳି ଗୁଣ ଅଟେ। ଏଣୁ ଆସନ୍ତୁ ଏହି ନୂଆ ବର୍ଷରେ ଚିନ୍ତାଧାରାକୁ ବଦଳାଇ କିଛି ନୂଆ ସଂକଳ୍ପ ନେଇ ଏକ ଭଲ ନାଗରିକ ବନିବା ପାଇଁ ଚେଷ୍ଟା କରିବା ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଶତବାର୍ଷିକରେ ଶ୍ରଦ୍ଧାଞ୍ଜଳି | ଗୁରୁକଲ୍ୟାଣ ମହାପାତ୍ର | ୧୪ |
| ଟିକି ଫୁଲଟିଏ | ଡଃ ମାଙ୍ଗଳିକା ମହାପାତ୍ର | ୧୭ |
| କାକର ବିନ୍ଦୁ | ଡ.ଶଶଧର ମହାପାତ୍ର | ୧୮ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୨୦ |
| ବେଳାଭୂମି | ଇଂ. ସୁଶାନ୍ତ କିଶୋର ବଳ | ୩୧ |
| ଶୀତର ପ୍ରକୋପ | ଡ. ପ୍ରସନ୍ନ କୁମାର ବଳ | ୩୬ |
| ଟୋଲେଡୋ ସହରରେ ଦିନଟିଏ | ଡକ୍ଟର ବିଜ୍ଞାନୀ ଦାସ | ୩୯ |
| ଗୋପୀନାଥ ମହାନ୍ତି | ଡ଼କ୍ଟର ସୀମାଞ୍ଜଳ ପ୍ରଧାନ | ୫୨ |
| ଧରାରେ ଆସିଛି ବର୍ଷା | ଜୟଶ୍ରୀ ପଟ୍ଟନାୟକ | ୫୪ |
| ବୃଦ୍ଧାଶ୍ରମ | ସୁଜିତ୍ କୁମାର ମିଶ୍ର | ୫୬ |
| ସତ କହିବାକୁ କିଆଁ ଡରିବି | ଅଳକା ମହାନ୍ତି | ୫୭ |
| ତୁମ ଆଖି | ଗୋଲୋକବିହାରୀ ବେହେରା | ୬୧ |
| ତୋରି ପାଇଁ | ଡ଼ଃ ସ୍ୱାଗତିକା ସାହୁ | ୬୨ |
| ଭିଜା ଭିଜା ଏହି ସନ୍ଧ୍ୟା | ପୁଷ୍ପାଞ୍ଜଳି ପଣ୍ଡା | ୬୪ |
| ଅଲିଭା ଦାଗ | ଆଶୁତୋଷ ମେହେର | ୬୬ |
| ପ୍ରେମରେ ପୂରେନା ପେଟ | ଛବି ରାଣୀ ପତି | ୭୧ |
| ସାଇତା ସ୍ମୃତି | ଦିଲ୍ଲୀପ ଶତପଥୀ | ୭୨ |
| ନୂଆ ବରଷ | ବିଜୟଲକ୍ଷ୍ମୀ ସାମଲ | ୭୪ |
| ଉତ୍ତରଅଶୀ ଓଡିଆ କବିତା ଓ କବି ରଞ୍ଜିତା ନାୟକ | କ୍ଷଣପ୍ରଭା ଦାଶ | ୭୫ |
| କପଟ | ଅଲେଖ ମେହେର(ଯାଯାବର) | ୭୯ |

ISSN NO.
2582-208X


| | | |
|---|---|---|
| ସୁନାଜହ୍ନ | ଡ଼କ୍ଟର ସଂଯୁକ୍ତା ଦାସ | ୮୧ |
| ଜାତୀୟ ପିତା ମହାତ୍ମା ଗାନ୍ଧୀ | ଜୟନ୍ତୀ ବେହେରା | ୮୩ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୮୬ |
| ନୂଆ ବରଷରେ ଏତିକି ଅଳି | ରାମଚନ୍ଦ୍ର ବେହେରା | ୯୬ |
| କାହିଁକି ଏତେ ରାଗୁଛ ଯେ.. | ଅମ୍ବିକା ସ୍ୱାଇଁ | ୯୮ |
| ନୂତନ ବର୍ଷର ଉପହାର | ଶାନ୍ତିଲତା ମିଶ୍ର | ୧୦୦ |
| ଶ୍ୟାମ ସୁନ୍ଦରେ ଆଶା | ଅଜିତ କୁମାର ରାଉତ | ୧୦୪ |
| ଏତିକି ତ ମନେ ରହିଯିବ | ବିନୟ ମହାପାତ୍ର | ୧୦୫ |
| ସ୍ଥବିର | ବିଷ୍ଣୁପଦ ସିଂହଦେଓ | ୧୦୮ |
| ଭଲ ଦିନ | ବଦ୍ରୀ ମହାନ୍ତି | ୧୧୦ |
| ଜୀବନ ପୁସ୍ତିକା | ପ୍ରଦୀପ କୁମାର ସିଂହ ଦେଓ | ୧୧୪ |
| କଥା କହୁଥିଲେ ଜମା ସରିବନି | ବିନୋଦିନୀ ଦାଶ | ୧୧୬ |
| ମୋତେ କରିଦିଏ ପାହାଡଟିଏ | ନୂତନ କୁମାର ବେହେରା | ୧୧୮ |
| କୁମାରଜୀବ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୦ |
| ଚାନ୍ଦ କଇଁ ପ୍ରୀତି | ସିନ୍ଧୁ ନନ୍ଦିନୀ | ୧୨୩ |
| ସ୍ୱାର୍ଥ | ଡ. ଶକୁନ୍ତଳା ନାୟକ ଗୁପ୍ତା | ୧୨୫ |
| ଓଡ଼ିଆ ଭାଷା ସାହିତ୍ୟର ଜଣେ ମଗ୍ନ ସାଧକ ପ୍ରଧ୍ୟାପକ ଡକ୍ଟର ଆଲୋକ କୁମାର ରାୟଙ୍କ ସହିତ ଏକ ଅନ୍ତରଙ୍ଗ ସାରସ୍ୱତ ଆଳାପ | ପ୍ରଧ୍ୟାପକ ଆଲୋକ କୁମାର ରାୟ (ସାକ୍ଷାତକାର) | ୧୨୭ |
| ଆଶା | ନିରୁପମା ପଟେଲ | ୧୩୫ |
| ଶୀତ | ଡ. ସଦା ବିହାରୀ ସାହୁ | ୧୩୭ |
| ଅଖିଳ ମୋହନ ପଟ୍ଟନାୟକ ଯେ | ଅଧ୍ୟାପକ କୁମାର ଦାସ | ୧୩୯ |
| ଅନ୍ୱେଷଣ | ଡକ୍ଟର ମଧୁସ୍ମିତା ମିଶ୍ର | ୧୪୧ |

ISSN NO.
2582-208X


| | | |
|---|---|---|
| ବିନାଶରୁ | ରାଜକିଶୋର ସ୍ୱାଇଁ | ୧୫୪ |
| ଏଠି ସବୁ ସମ୍ଭବ | କାଳିପ୍ରସାଦ ମହାପାତ୍ର | ୧୫୫ |
| ମଲ୍(ବଜାର) | ପ୍ରବୋଧ କୁମାର ହୋତା | ୧୫୭ |
| ନୀରବତାର ପ୍ରତିଧ୍ୱନି | ସୁନନ୍ଦା ମିଶ୍ର | ୧୫୯ |
| ଏଥର ବି ନବବର୍ଷ | ଅମୃତନାରାୟଣ ଶତପଥୀ | ୧୬୭ |
| ମୋ ସଠିକ୍ ମୋତି | ଝିଲିମିଲି ସାହୁ | ୧୬୯ |
| ପ୍ରଭୁ ନାରାୟଣ ବନ୍ଦନା | ପ୍ରଦୀପ କୁମାର ଜିଲିକାରା | ୧୭୧ |
| ବୈଷ୍ଣବ ପାଣିଙ୍କ ପ୍ରତିଭାରେ ନାରୀ ଚରିତ୍ର ପ୍ରସଙ୍ଗ | ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ସାହୁ | ୧୭୪ |
| ଦୁବ ଘାସ | ସରସ୍ୱତୀ ମିଶ୍ର | ୧୭୮ |
| ସନ୍ଧାନ | ପ୍ରତିଭା ଦାସ | ୧୮୦ |
| ମାଆ ଡାକୁଛି ଆ | ସୁନନ୍ଦା ମହାନ୍ତି | ୧୮୨ |
| ଏବେ ମଧ୍ୟ ଅଛୁଆଁ | ଶଶିରେଖା ଜେନା | ୧୮୬ |
| ହେଉବା ନହେଉ,ବିଜ୍ଞାପନ ଥାଉ | ଜୟ କୁମାର ମିଶ୍ର | ୧୮୮ |
| କଥାକାର ଗୌରହରି ଦାସଙ୍କ ଉପନ୍ୟାସ: ଏକ ଆଲୋଚନା | ଦୀପ୍ତିମୟୀ ସାହୁ | ୧୯୧ |
| ଶୁଭ ନବବର୍ଷ | ଆକୁଳାନନ୍ଦ ପୃଷ୍ଟି | ୧୯୬ |
| କେତେବେଳେ କେମିତି ମରଣ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୯୮ |
| ଦୁଃଖ ଓ ବିଷାଦ | ପ୍ରସନ୍ନ କୁମାର ମେହେର | ୨୦୧ |
| କ୍ଲାସିକାଲ ଭାଷା:ଏକ ଅମୃତ ସ୍ୱରୂପ | ଡ. ସସ୍ମିତା ନାୟକ | ୨୦୩ |
| ମାଆ | ମୀନାକ୍ଷୀ ପଣ୍ଡା | ୨୦୬ |
| ଲକ୍ଷ୍ୟ | ମୋନାଲିସା ପଣ୍ଡା | ୨୦୭ |
| ମୋ ପ୍ରିୟା | ନନ୍ଦିଘୋଷ ଭୋଇ | ୨୦୯ |
| ଅଭିନୟ ପରିଧିରେ ଅଭିନୟ | କିଶୋର ଚନ୍ଦ୍ର ମହାନ୍ତ | ୨୧୧ |

ISSN NO.
2582-208X


| | | |
|---|---|---|
| ନାହିଁ କିଛି ଅବସୋସ | ନୀଳମଣି ଚାନ୍ଦ | ୨୧୮ |
| ପଥ ପ୍ରଦର୍ଶକ | ଡ଼. ପ୍ରିୟମ୍ବଦା ସାମଲ | ୨୨୦ |
| ନାରୀ ସଶକ୍ତିକରଣ | ଶିବଦୂତୀ ପାଣିଗ୍ରାହୀ | ୨୨୨ |
| ଶ୍ରୀ ଜଗନ୍ନାଥ ସଂସ୍କୃତିରେ ବୈଷ୍ଣବ ତତ୍ୱ | ଡ. ସରୋଜିନୀ ପାଣି | ୨୨୪ |
| ନିମନ୍ତ୍ରଣ, ଅଛିଣ୍ଡା ଭଗ୍ନାଂଶ ଭିତରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୩୦ |
| ଭାଷଣ | ମଧୁମିତା ମିଶ୍ର | ୨୩୨ |
| ଦର୍ପଣ | ପଞ୍ଚାନନ ମେହେର | ୨୩୩ |
| ଓଡ଼ିଆ ସାହିତ୍ୟରେ ଆଧୁନିକ ନାଟକ | ଲିଜାଲିନ୍ ଭୋଇ | ୨୩୫ |
| ଶ୍ରାବଣୀ ଚପଳଛନ୍ଦା | ପ୍ରଶାନ୍ତ କୁମାର ଦାଶ | ୨୪୩ |
| ତୁମରି କରୁଣା ପାଇ | ସୁଲତା ସାହୁ | ୨୪୫ |
| ଅନୁଭୂତି | ଅନନ୍ତ ପ୍ରସାଦ ପ୍ରଧାନ | ୨୪୭ |
| ପ୍ରଥମ ଦେଖା | ସନ୍ଧ୍ୟାରାଣୀ ମହାପାତ୍ର | ୨୪୯ |
| କ୍ରିଷ୍ଣା ସୋବତିଙ୍କ ଉପନ୍ୟାସରେ ନାରୀବାଦୀ ଚେତନା | ବିରାଜ ଲକ୍ଷ୍ମୀ ସାହୁ | ୨୫୦ |
| ସଞ୍ଜ ନଇଁ ନଇଁ ଯାଏ | ଭାରତୀ ମୁଦୁଲି | ୨୫୫ |
| ଭୂମି'ର ଶୁଭ ଜନ୍ମଦିନେ | ଅମରନାଥ ବାରିକ | ୨୫୬ |
| କଳଙ୍କ | ନିରୁପମା ମିଶ୍ର | ୨୫୮ |
| ଲ୍.ଏସ୍.ସି. ଓ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ରହସ୍ୟ | ଡକ୍ଟର କମଳାକାନ୍ତ ଜେନା | ୨୫୯ |
| ରସନା ରଟ ନିରତେ ପୀତବାସ | ଜୟନ୍ତୀ ଦେବୀ | ୨୬୩ |
| ସ୍ୱାଗତଂ ନୂଆଁ ବରଷ | ସେବାକାନ୍ତ ନନ୍ଦ | ୨୬୪ |
| ପଲ୍ଲୀର ମଲ୍ଲୀ | ଖଗେଶ୍ୱର ବାଗ | ୨୬୬ |
| ଅମଣିଷ | ଡ. ଜ୍ଞାନେଶ୍ୱର ମିଶ୍ର | ୨୬୯ |

ISSN NO.
2582-208X


| | | |
|---|---|---|
| ଅଥୟ ହୃଦୟ | ସତ୍ୟକାମ ପରମଗୁରୁ | ୨୭୩ |
| ହାପି ନ୍ୟୁ ଇଅର | କୁଞ୍ଜ ବିହାରୀ ସାହୁ | ୨୭୫ |
| ଜୀବନ ଆମର | ରଘୁନାଥ ତ୍ରିପାଠୀ | ୨୭୮ |
| ସ୍ମୃତି | ପ୍ରଶାନ୍ତ ବ୍ରହ୍ମା | ୨୮୦ |
| କୃପାସାଗର ସାହୁଙ୍କ ଗଳ୍ପର ଶୈଳୀ ଓ ଭାଷା | ସୁନିଲ ସେଠୀ | ୨୮୧ |
| ମୁଁ | ବାସନ୍ତୀ ଲତା ଜେନା | ୨୯୦ |
| ଯନ୍ତ୍ରଣା | ସସ୍ମିତା ଭୋଇ | ୨୯୨ |
| ବିକାଶ ପଥେ ପ୍ରକୃତି ନଷ୍ଟ | ସ୍ମୃତି ଝାଙ୍କର (କବିତା) | ୨୯୩ |
| ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପରେ ପ୍ରେମ | ବବିତା ସାହୁ | ୨୯୫ |
| ସମୟ.... | ଅନିତା ପ୍ରଧାନ | ୩୦୫ |
| ପ୍ରେମିକ ଦୈନ୍ୟ | ଅର୍ପିତା ବେହେରା | ୩୦୭ |
| ପାଖରେ କିଛି ନାହିଁ | ସୁଧାଂଶୁ ଶେଖର ପାତ୍ର | ୩୦୯ |
| ମୁଣ୍ଡ କଟା | ହର ପ୍ରସାଦ ସୁଆର | ୩୧୦ |
| ଅନ୍ତର୍ଦାହ | ଅରୁଣ କୁମାର ଦାସ | ୩୧୪ |
| କାଉ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୩୧୬ |
| ତମ କଥା ମନେପଡୁନି | ପ୍ରେମଲାଲ ବାଗ | ୩୧୮ |
| ଶ୍ରଦ୍ଧାଞ୍ଜଳି | ଦେବଦତ୍ତା ଦେବୀ | ୩୨୦ |
| ରସ ସାଗର ନାଗର ଗିରିଧର | ଡ. ଅର୍ଜୁନ ଚରଣ ବାରିକ୍ | ୩୨୬ |
| ମନୋଜ ଦାସଙ୍କ ସ୍ମୃତିରେ | ବରୁଣ କୁମାର ଦାସ | ୩୨୭ |
| ପ୍ରତିକ୍ରିୟା ରାଣ୍ଡି ପୁଅ ଅନନ୍ତା | ଲକ୍ଷ୍ମୀନାରାୟଣ ପଟ୍ଟନାୟକ | ୩୨୮ |
| ଜେଜେଙ୍କ ଚଷମା-୧ | ଅରୁଣ କୁମାର ମହାପାତ୍ର | ୩୩୦ |

ISSN NO.
2582-208X


| | | |
|---|---|---|
| ଜ୍ୱଳନ | ଚନ୍ଦନା ସାହୁ | ୩୩୨ |
| ଭଗବତ୍ ଭକ୍ତିର ମାହାତ୍ମ୍ୟ | ରବୀନ୍ଦ୍ର କୁମାର ସାହୁ | ୩୩୩ |
| ହଁ,ମୁଁ ବୃକ୍ଷ ଅଟେ | ଯଜ୍ଞଦତ୍ତ ସାମନ୍ତରାୟ | ୩୩୯ |
| ବୟସ୍କ | କୀର୍ତ୍ତନ ସାହୁ | ୩୪୧ |
| ମା | ସଂଯୁକ୍ତା ବେହେରା | ୩୪୩ |
| ନୀଳକଣ୍ଠ ଦାସଙ୍କ ପ୍ରବନ୍ଧରେ ସାମାଜିକ ଦୃଷ୍ଟିକୋଣ | ପ୍ରିୟଦର୍ଶିନୀ ପଲେଇ | ୩୪୪ |
| ଜଳୁଛି ଆଜି ମୁଁ ଦୀପ ହୋଇ | କୁଞ୍ଜବିହାରୀ ରାଉତ | ୩୫୦ |
| ଜାଣିଲି ମନରେ ବୋଧେ ଶୁଣୁଚୁ ଡାକ | ତାରାପ୍ରସାଦ ଜେନା | ୩୫୨ |
| ଆକାଶର ଅସୁମାରୀ ଇଚ୍ଛା | ସୁରେଶ କୁମାର ନାହାକ | ୩୫୪ |
| ଗୋପାଳ ବଲ୍ଲଭ ଦାସଙ୍କ ଭୀମାଭୂୟାଁ ଉପନ୍ୟାସରେ ପାରିପାର୍ଶ୍ୱିକ ଚିତ୍ରର ଉପସ୍ଥାପନା | ଡକ୍ଟର ସତ୍ୟବ୍ରତ ଦାସ | ୩୫୬ |
| ଦିଦି ଦେବେ ଭୋଜି | ଦୀନବନ୍ଧୁ ବେଜ | ୩୬୪ |
| ନୂଆ ବର୍ଷରେ କିଛି ନୂଆ କଥା | ନିରଞ୍ଜନ ସାହୁ | ୩୬୬ |
| କୁଆଁତାରା | ବିଶ୍ୱନାଥ କର | ୩୬୭ |
| "ମମତାମୟୀ ଚୌଧୁରୀଙ୍କ ଉପନ୍ୟାସ: ଏକ ତାତ୍ତ୍ୱିକ ବିଶ୍ଲେଷଣ" | ବିପଦ କୁମାର ବାରିକ / ଡକ୍ଟର ବନଜବାସିନୀ ବାରିକ | ୩୬୯ |
| ତୁମେ ଥାଅ | ସିମ୍ରନ୍ ସାହୁ | ୩୮୪ |
| ବେଦାନ୍ତୀ | ତ୍ରିପତି ପ୍ରଧାନ | ୩୮୫ |
| ଓଡ଼ିଆ ସାହିତ୍ୟକୁ ପତ୍ରପତ୍ରିକାର ଦାନ | ତେଜସ୍ୱିନୀ ସାମଲ | ୩୮୬ |
| ମୋ ଗାଁରେ ସନ୍ଧ୍ୟା | ଦୀପକ ନାୟକ | ୩୯୧ |

ISSN NO.
2582-208X


| | | |
|---|---|---|
| ନଈ ଚାହେଁ | ହାସ୍ୟମୟୀ ରାଜ୍ | ୩୯୨ |
| ବିଜ୍ଞାନର ଅଗ୍ରଦୂତ, ଲୁଇସ ପାଷ୍ଟର୍! | ଅସିତ ମହାନ୍ତି | ୩୪ |
| ଶୀତୁଆ ସନ୍ଧ୍ୟା | ଅର୍ପିତା ମହାପାତ୍ର | ୩୯୮ |
| ହୃଦୟର ଜ୍ୱାଳା ଫେଡି | ପ୍ରଶାନ୍ତ କୁମାର ନାଥ | ୪୦୦ |
| ଏକବିଂଶ ଶତାବ୍ଦୀର ସମସ୍ୟା ଓ ଓଡ଼ିଆ ନାଟକ | ବିଷ୍ଣୁପ୍ରିୟା ସାହୁ | ୪୦୨ |
| ବାଜି ରାଉତ | ଦୀପା ମୁଦୁଲି | ୪୦୬ |
| ଜୟ ଶ୍ରୀ ନୀଳମାଧବ | ନଳିନୀ ଦାଶ | ୪୦୯ |
| ଜୟ ଶ୍ରୀ ରାମ | ଡ. ଅଭିମନ୍ୟୁ କାନୁନଗୋ | ୪୧୦ |
| ମାତୃଭାଷା ଓ ମାତୃଭୂମି | ଆର୍ଯ୍ୟ ଦାସ | ୪୧୧ |
| ପ୍ରଣୟର ପରିଭାଷା | ବେଣୁଧର ସୂତାର | ୪୧୩ |
| ନିଶା ନିବାରଣ | ସନ୍ତୋଷ କୁମାର ବେହେରା | ୪୧୫ |
| ଗଣିତ ଭିତ୍ତିଭୂମିରେ ମାନବ ଜୀବନ | କ୍ୟାପଟେନ ଅକ୍ଷୟ କୁମାର ଦାଶ | ୪୧୬ |
| କୁହୁଡି | ବିନୟାନନ୍ଦ ବସ୍ୱସ୍ୟ | ୪୨୦ |
| ଗାର୍ଲଫ୍ରେଣ୍ଡ | ତ୍ରିପତି ପ୍ରଧାନ | ୪୨୧ |
| ଘରକୁ ପରିବା ଆଣୁ ନଥିବାରୁ | ଜୟନ୍ତ କୁମାର ମଲ୍ଲିକ୍ | ୪୨୨ |
| ଆକାଶବାଣୀ | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୪୨୩ |
| ମୋ ବାପା | ସୋନିତା ଦାସ | ୪୨୫ |
| ରାସେଶ୍ୱରଙ୍କୁ ଚିଠି | ରଶ୍ମିତା ନାୟକ | ୪୨୬ |
| ଆହୁତି | ଡାଃ. ଅନିତା ପଣ୍ଡା | ୪୩୦ |
| ଜଗଜ୍ଜନନୀ | ନମିତା ଦାଶ | ୪୩୫ |
| ଫେରିଆସନ୍ତ କି ଥରେ | ଜନ୍ମଜୟ ନାୟକ | ୪୩୬ |
| ମାନବ ଅଧିକାର | ରଶ୍ମିତା କୁମାରୀ ବେହେରା | ୪୩୯ |

ISSN NO.
2582-208X


| | | |
|---|---|---|
| ସିଂହଭୂମିରେ ଓଡ଼ିଆ– ଆଦିବାସୀ ସଂଯୁକ୍ତ ସଂସ୍କୃତି | ଡ଼ଃ ହରିହର ପଧାନ | ୪୪୦ |
| କରିବା ସମାଜ ସେବା | ସୁସ୍ମିତା ଦାସ | ୪୫୨ |
| ଅନିଷ୍ଟ ନୁହେଁ ମଙ୍ଗଳ | ଗୋଲାକ ବିହାରୀ ପଟ୍ଟନାୟକ | ୪୫୩ |
| ସ୍ୱାର୍ଥପର | ଶୁଭସ୍ମିତା ପାତ୍ର | ୪୫୫ |
| ସୁନା କାନଫୁଲ | ଶ୍ରୀମାନି ପ୍ରିୟଦର୍ଶିନୀ ଦାସ | ୪୫୬ |
| ଜୀବନ ପୃଷ୍ଠା | ଚିତରଞ୍ଜନ ବେହେରା | ୪୬୩ |
| ସବୁଜ ପୃଥିବୀ | ଜୟନ୍ତ ଦାସ ପ୍ରଫୁଲ୍ଲ | ୪୬୪ |
| ତଥାକଥିତ ଜୀବନ ଓ ସ୍ୱବାନୁଭୂତିର କ୍ଷେତ୍ର : 'ତଥାକଥିତ'ର ଭାବଚିତ୍ର | ଡକ୍ଟର ଅମରେଶ ଠାକୁର | ୪୬୬ |
| ରାତି ରେ ତାରା,କଳା ବୋଡରେ ଧଳା | ଡୁଇଟ ଡେଭିଡ ଫିଲିପ | ୪୭୩ |
| ସ୍ମୃତିର ଆଇନାରେ ପରିବାରର ପ୍ରତିଛବି | ଲିଜାରାଣୀ ପାଇଟାଳ | ୪୭୫ |
| ସ୍ମୃତି ତୁମେ | ସତ୍ୟବ୍ରତ ବାରିକ୍ | ୪୭୯ |
| ଶୂନ୍ୟ ମୁଁ ତୋ ବିନା | ଅଜୟ କୁମାର ହେମ୍ବ୍ରମ | ୪୮୦ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୪୮୧ |
| ନୂଆଁ ବରଷ | ବାଙ୍କାବିହାରୀ ମହାକୁର | ୪୮୫ |
| ନୂଆ ବରଷ ଆ | ଦୁଷ୍ମନ୍ତ ବେହେରା | ୪୮୬ |
| ଗୁମୁଡୁମାହା | ଅବିନାଶ ସାହୁ | ୪୮୮ |
| ମରୁଭୂମି | ଅନନ୍ତ ପ୍ରସାଦ ପ୍ରଧାନ | ୪୯୩ |
| ନବ ବର୍ଷ | ଯସ୍ମିତା ପ୍ରଧାନ | ୪୯୪ |
| ତୁମପାଇଁ | ରାଜେଶ ଚନ୍ଦ୍ର ପ୍ରଧାନ | ୪୯୫ |
| ଶାଶୁଘର ନୁହେଁ ଯମପୁର | ମଞ୍ଜୁଳା କୁମାରୀ ରଥ | ୪୯୬ |

ISSN NO.
2582-208X


| | | |
|---|---|---|
| ପୁଷ୍ପ ଅନୁପମା | ନେତ୍ରୀକା ସାହୁ | ୫୦୪ |
| ଶ୍ରୀ ପୁରୁଷୋତ୍ତମ | ନିତ୍ୟାନନ୍ଦ ବାରିକ୍ | ୫୦୬ |
| କୌତିହଳ ପ୍ରଶ୍ନ | ବିରଞ୍ଚି ନାରାୟଣ ମିଶ୍ର | ୫୦୮ |
| ତୁମ ବିନା ମୋର | ରାମ ଚନ୍ଦ୍ର ପ୍ରଧାନ | ୫୧୦ |
| ବାଲ୍ମି | ସିଦ୍ଧେଶ୍ୱର ତ୍ରିପାଠୀ | ୫୧୧ |
| ଆସିଛି ରଥ ଯାତରା | ମାଳତୀ ଦେବୀ | ୫୧୩ |
| ପଥ | ଅଜୟ କୁମାର ରାଉତ | ୫୧୪ |
| ବିଜ୍ଞାନ ବରଦାନ ନା ଅଭିଶାପ ? | ବାଲ୍ମୀକି ନାୟକ | ୫୧୫ |
| ବର୍ଷା ଲହରୀ | ଅଜିତ କୁମାର ପାଢ଼ୀ | ୫୧୮ |
| ଆମ ଚିନ୍ତାଧାରା | ଅଭୟ କୁଣ୍ଡ | ୫୧୯ |
| ପତି ଆଉ ପରମେଶ୍ୱର ନୁହେଁ | ମମତା ନାୟକ | ୫୨୧ |
| ଉପହାର | ଧ୍ରୁବ ଚରଣ ଘିବେଲା | ୫୨୫ |
| ସିନ୍ଧୁ | ଶୁଭମ ଖଟୁଆ | ୫୨୮ |
| ସଫଳତାର ସୂତ୍ର | ସୀତାକାନ୍ତ ସରସ୍ୱତୀ | ୫୨୯ |
| ତନୁଶ୍ରୀ | କମଳାକାନ୍ତ ମହାନନ୍ଦ | ୫୩୧ |
| ଅଧା ଅଙ୍କା ଛବି | ଚୈତନ୍ୟ ବାଗ | ୫୩୨ |
| ହୃଦୟର ପ୍ରେମିକା | ଭକ୍ତିଲତା ବଳ | ୫୩୫ |
| ମୁଁ ଅବଳା ବୃଦ୍ଧା ନାରୀ ଟିଏ | ଦେବାର୍ଚ୍ଚନ ମେହେର | ୫୩୬ |
| ମୋ ପ୍ରିୟା | ଶଙ୍କର ପଣ୍ଡା | ୫୩୮ |
| ଅଧୁନା ପ୍ରେମ | ମହେଶ୍ୱର ପ୍ରଧାନ | ୫୪୦ |
| ଗୋଟିଏ ରାତିର ପ୍ରେମ କାହାଣୀ | ଦେବାଶିଷ୍ ସାହୁ | ୫୪୨ |
| ନାରଦଙ୍କର ଦ୍ୱାରକା ଦର୍ଶନ | ନରେନ୍ଦ୍ର ପ୍ରସାଦ ବେହେରା | ୫୪୪ |
| ସ୍ୱାସ୍ଥ୍ୟ ବିଭାଗ | | |

ISSN NO.
2582-208X


| | | |
|---|---|---|
| ସ୍ୱାସ୍ଥ୍ୟ ହିଁ ସମ୍ପଦ | ପ୍ରେମାନନ୍ଦ ରଣା | ୫୪୭ |
| ସ୍ନେହନ କର୍ମ ଓ ସ୍ୱାସ୍ଥ୍ୟ ସୁରକ୍ଷା | ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ | ୫୪୮ |
| **ଆଞ୍ଚଳିକ** | | |
| ରନ୍ଧା ବଢ଼ା | ମହାଶ୍ୱେତା ଦାଶ | ୫୫୪ |
| ବୁଆ | ସନ୍ତୋଷ କୁମାର ଅଦାବର | ୫୫୬ |
| ନେଇଁ ଭାବ | ଗଜାନନ ମିଶ୍ର | ୫୫୮ |
| **ଶିଶୁ ବିଭାଗ** | | |
| ଚକୋଲେଟ ପିଇକି ଖୁସି | ଡ଼ଃ ରଞ୍ଜିତ କୁମାର ସାହୁ | ୫୬୦ |
| କଥା ପହେଳି | ଅମରନାଥ ବାରିକ୍ | ୫୬୪ |
| ଆମ ଜନ୍ମଭୂମି ମାଆ ସମାନ | ହରେରାମ ପଣ୍ଡା | ୫୬୬ |
| ଆ ଜହ୍ନମାମୁଁ | ସୁନନ୍ଦା ମହାନ୍ତି | ୫୬୮ |
| ନୌସେନା ଦିବସ | ଦୀନବନ୍ଧୁ ପୋଇ | ୫୭୦ |
| ଚିତ୍ର | ଆଦବିକା ପଟ୍ଟନାୟକ | ୫୭୨ |
| ସମୀକ୍ଷା / ଡିସେମ୍ବର ମାସର ଅନୁଭୂତି | ଦେବଯାନୀ ସ୍ୱାଇଁ | ୫୭୩ |
| ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୭୬ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୭୭ |

ISSN NO.
2582-208X

# ଶତବାର୍ଷିକରେ ଶ୍ରଦ୍ଧାଞ୍ଜଳି



ଗୁରୁକଲ୍ୟାଣ ମହାପାତ୍ର

## ଓଡିଶା ଓ ବାଜପେୟୀ

ସେତେବେଳେ ମୁଁ ଦୈନିକ 'ପ୍ରଜାତନ୍ତ' ରେ କଟକ ଦାୟିତ୍ୱରେ ଥାଏଁ। ଶ୍ରୀ ଭର୍ତ୍ତୃହରି ମହତାବ ସମ୍ପାଦକ ଥିଲେ। ସମ୍ବାଦପତ୍ରର ପ୍ରଭାତୀ ସଂସ୍କରଣ ନଥାଏ। ତଡିତ ଗଣମାଧ୍ୟମର ସମାଚାରର ଏତେ ବଳିଷ୍ଠ ଭୂମିକା ବି ନଥିଲା। ଓଡ଼ିଆ ସମ୍ବାଦପତ୍ର ଗୁଡିକ ମଧ୍ୟରେ ସମାଜ ଓ ପ୍ରଜାତନ୍ତ୍ରର ଭୂମିକା ବେଶ ଗୁରୁତ୍ୱପୂର୍ଣ ଥିଲା। ସାମାଜିକ ଗଣମାଧ୍ୟମ ପ୍ରବେଶ କରିନଥାଏ ଆଜି ଭଳି।

କେତେ ବର୍ଷ ତଳର କଥା। ବାଲିଯାତ୍ରା ପଡିଆରେ କଟକଠାରେ ଆମେସବୁ ଅପେକ୍ଷା କରିଥାଉଁ ତତ୍କାଳୀନ ବିଜେପି ନେତା ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶୁଣିବାକୁ। ସେଠାର ସେ ବିଳମ୍ବରେ ଆସିଲେ। ଆସୁ ଆସୁ ସଭାସ୍ଥଳରେ କ୍ଷମା ମାଗିନେଲେ। କିଛି ସମୟ ରହିଯାଇ ସେ ପଚାରିଲେ ଆମ ସମସ୍ତଙ୍କୁ -ବିଳମ୍ବର କାରଣ କାହିଁକି ବୋଲି ଯେ କେହି ପଚାରିଲେ ନାହିଁ? ତାଙ୍କର ଭାଷଣ ଦେବାର ଶୈଳୀ ଏପରି କଥା କହିବା ଢଙ୍ଗରେ। ସେ ନିଜେ ଟିକେ ରହିଯାଇ ଉତ୍ତର ରଖିଲେ, ମୋତେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ବା State Guest House ରେ ରହିବାକୁ ଜାଗା ଦେଲେନି କଂଗ୍ରେସ ସରକାର। କାରଣ କଣ? ଆଉଜଣେ ସାଂସଦଙ୍କୁ ସେଠାରେ ରହିବାକୁ ଅନୁମତି ମିଳିଲା, ଅଥଚ ମୋତେ ମିଳିଲା ନାହିଁ ଜଣେ ସାଂସଦ ଭାବେ। କାରଣ କଣ ବୋଲି ସେ ଅଗଣିତ ଦର୍ଶକ ଓ ଶ୍ରୋତାଙ୍କୁ ପଚାରିଲେ

ISSN NO.
2582-208X

ଆଉ ନିଜେ କହି ପକାଇଲେ, 'ସେ ସାଂସଦ ଜଣକ ପ୍ରଧାନମନ୍ତ୍ରୀଙ୍କ ଗର୍ଭରୁ ଜନ୍ମ ହୋଇଥିଲେ, କିନ୍ତୁ ସେପରି ମୁଁ ଜନ୍ମ ହୋଇ ନଥିଲି। (ତତ୍କାଳୀନ କଂଗ୍ରେସ ସାଂସଦ ରାଜୀବ ଗାନ୍ଧୀଙ୍କୁ ଲକ୍ଷ୍ୟରେ ରଖି) ଜନତା ହସି ଉଠି ଖୁବ ଜୋରରେ ତାଳି ମାରିଲେ, ବାଜପେୟୀଜୀ କିନ୍ତୁ ଆଦୌ ହସିଲେ ନାହିଁ। ସେ ପୁଣି ପ୍ରସଙ୍ଗ ବଦଳାଇ ଭାଷଣ ଦେଲେ।

ଆଉ ଗୋଟିଏ ଘଟଣା। ସେଦିନ ବିଜୁ ବାବୁଙ୍କ ନାମରେ ନାମିତ ନୂତନ ଭୁବନେଶ୍ୱର ବିମାନ ବନ୍ଦରଟିର ଉଦଘାଟନ ପାଇଁ ତତକାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ବାଜପେୟୀ ଭୁବନେଶ୍ୱର ବିମାନବନ୍ଦରରେ ଆସି ପହଂଚିବାପରେ ମଂଚାସୀନ ହେଲେ। ତାଙ୍କ ନିକଟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟନାୟକ ଓ ଭୁବନେଶ୍ୱର ବିଜେପି ବିଧାୟକ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଥିଲେ। ଜଣେ ସାମ୍ବାଦିକ ଭାବେ ଏ ଲେଖକ ମଧ୍ୟ ମଞ୍ଚତଳେ ଉପସ୍ଥିତ ଥିଲା। ମୁଖ୍ୟମନ୍ତ୍ରୀ ଜାନକୀବାବୁ ଭଦ୍ରାମି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ବିଶ୍ୱଭୂଷଣଙ୍କ ସହ ପରିଚୟ କରାଇଦେଲେ। ମାତ୍ର ବାଜପେୟୀଜୀ ଟିକେ ହସିଦେଇ କହିଲେ, 'ତାଙ୍କୁ ପରିଚୟ କରିବାର ଆବଶ୍ୟକତା ନାହିଁ। ସେ ମୋର ଅତି ଘନିଷ୍ଠ ଓ ଅନେକ ଦିନରୁ ପରିଚିତ।'

ବାଜପେୟୀ ଜଣେ ହିନ୍ଦୀ ଭାଷାର ଭଲ କବି ଥିଲେ। ଥରେ ମୋର ପିତୃବ୍ୟ, ବିଶିଷ୍ଟ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର (ଏବେ ସ୍ୱର୍ଗରେ) ଙ୍କ ଖାରବେଳ ନଗର ସ୍ଥିତ ବାସ ଭବନରେ ମୁଁ ରହୁଥିଲା ବେଳେ ଏବର ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ମନମୋହନ ସାମଲ ଓ ଆଉ କେତେଜଣ ବିଜେପି ଓ ବିଦ୍ୟାର୍ଥୀ ପରିଷଦର ସଦସ୍ୟଙ୍କ ସହ ସେଠାରେ ପହଁଚିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରଚଳିତ ବିଶିଷ୍ଟ ଓଡ଼ିଆ କବି ଗଙ୍ଗାଧର ମେହେରଙ୍କ ନାମରେ ଏକ ଜାତୀୟ ସ୍ତରର ପୁରସ୍କାର ପ୍ରଚଳିତ ହୋଇଥାଏ। (ଏବେ ସେ ପୁରସ୍କାର ଦିଆ ଯାଉଛି କି ନାହିଁ ଏ ଲେଖକର ଧାରଣା ଅବଶ୍ୟ ନାହିଁ। ସେତେବେଳେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରୁ ପ୍ରତି ମାସ ପ୍ରକାଶ ପାଉଥିବା 'ସପ୍ତର୍ଷି 'ପତ୍ରିକାରେ ମୋ କବିତା ପ୍ରକାଶ ପାଉଥିଲା। ଏବେ ପ୍ରକାଶ ପାଉଛିକି ନାହିଁ ଜାଣେ ନାହିଁ।) ପିତୃବ୍ୟ ନିତ୍ୟାନନ୍ଦ ସେହି ପୁରସ୍କାର ଚୟନ କମିଟିର ଜଣେ ବିଚାରକ ଥିଲେ। ସେ ବାଜପେୟୀଙ୍କ ଲିଖିତ କବିତା ପୁସ୍ତକକୁ ଭଲଭାବେ ସୁପାରିଶ କରିଦେଲେ ମନମୋହନଙ୍କ ଅନୁରୋଧରେ। ପିତୃବ୍ୟ

ISSN NO.
2582-208X

ସମ୍ଭବତଃ କହିଲେ ଜଣେ ରାଜନେତା ଭାବେ ବାଜପେୟୀ ଆଦୃତ ହେଲେ ହେଁ ତାଙ୍କ କବିତା ସବୁ କାଳଜୟୀ। ଏହା ପରେ ବାଜପେୟୀଜି ମର୍ଯ୍ୟାଦାଜନକ 'ଗଙ୍ଗାଧର ମେହେର ପୁରସ୍କାର ଲାଭ କରିଥିଲେ। ଆମେ ସବୁ ଖୁସି ହୋଇଥିଲୁ ସେଥିଯୋଗୁଁ।

------------------------------

(ଶ୍ରୀ ମହାପାତ୍ର ଜଣେ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ, ସାମ୍ବାଦିକ ଓ 'ଉତ୍କଳ ପ୍ରସଙ୍ଗ'ର ପୂର୍ବତନ ମୁଖ୍ୟ ସମ୍ପାଦକ। ଫୋନ ନମ୍ବର :୯୪୩୭୦ ୧୨୧୨୩)

ଭି ଏ ୨୯/୩, ୟୁନିଟ୍-୨
ଭୁବନେଶ୍ୱର - ୯
ଫୋନ - ୯୪୩୭୦୧୨୧୨୩

ISSN NO.
2582-208X

# ଟିକି ଫୁଲଟିଏ



ଡଃ ମାଙ୍ଗଳିକା ମହାପାତ୍ର

ଟିକି ଫୁଲଟିଏ
ଦିଗ ଚହଟାଏ
ତା ମିଠା ହସରେ...

ଟିକି ଫୁଲଟିଏ
ବଶ କରିନିଏ
ତା'ର ସୁବାସରେ...

ଟିକି ଫୁଲଟିଏ
ମଥା ନୁଆଇଁ ଦିଏ
ଦିଅଁ ଙ୍କ ଆଗରେ..

ଟିକି ଫୁଲଟିଏ
ଶୋଭା ବଢାଇ ଦିଏ
ଗଭାରେ ଲାଗିଲେ...

ଟିକି ଫୁଲଟିଏ
ଝାଉଁଳି ପଡ଼ିଯାଏ
ଖରାରେ ରହିଲେ...

ଟିକି ଫୁଲଟିଏ
ଖିଲ୍ ଖିଲ୍ ହସିଦିଏ
ବର୍ଷାର ଛୁଆଁରେ...

ଟିକି ଫୁଲଟିଏ
ରହିବାକୁ ଚାହେଁ
ବୃକ୍ଷର ଡାଳରେ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# କାକର ବିନ୍ଦୁ



ଡ.ଶଶଧର ମହାପାତ୍ର

କାକରବିନ୍ଦୁ ମୁଁ ବସି ଭାବୁଅଛି
ଜୀବନ ମୋ' କ୍ଷଣସ୍ଥାୟୀ
ସୁରୁଜ ଉଇଁଲେ ଖରା ପଡିଗଲେ
ଜୀବନ ଯିବ ଉଭେଇ
ସକାଳର ଖରା ବାଜିଲେ ଦେହରେ
ଚିକି ଚିକି କରେ ମୁହିଁ
କୁତୁକୁତୁ ଲାଗେ ମୋତେ ସେତେବେଳେ
ଇନ୍ଦ୍ର ଚନ୍ଦ୍ର ମାନେ ନାହିଁ
ମାଟିକୁ ନରମ, ପାଦକୁ ନରମ
କରିବା ମୋହର ଧର୍ମ
ମୋ'ପାଇଁ ଶୀତଳ ହୁଏ ବସୁନ୍ଧରା
କରେ ମୁହିଁ ପୂଣ୍ୟ କର୍ମ
ଆୟୁଷ ମୋ'ର ଏତେ ଛୋଟ ବୋଲି
ମନସ୍ତାପ ହୁଏ ମୋର
ସପନ ଦେଖିବା ହୁଏ ଅସମ୍ଭବ
ରାତି ହେଇଥାଏ ପାର
ସାତ ରଙ୍ଗ ବିଞ୍ଚେ ସକାଳୁ ସକାଳୁ
ସମସ୍ତଙ୍କ ଖୁସୀ ପାଇଁ
ଜନମ ମରଣ ବ୍ୟବଧାନ କମ
ମୋର କରିଛନ୍ତି ସାଇଁ

ISSN NO.
2582-208X

ଭଲ, ମନ୍ଦ ସବୁ ଗଢିଛନ୍ତି ପ୍ରଭୁ
ନିଷ୍ଠେ କିଛି ଭାବି ଚିନ୍ତି
କାହାକୁ ଦିଅନ୍ତି ଲମ୍ବ୍ ଆୟୁଷ
କାହାର ଛୋଟ କରନ୍ତି
ସଜ ଶେଫାଳିର ରୂପର ଆଭାକୁ
ନପାରେ କେବେ ମୁଁ ସହି
ଈର୍ଷାରେ ଜଳି ମୁଁ ଗଛରେ, ପତ୍ରରେ
ଶୋଇପଡି ମାରେ ହାଇ
ରାତ୍ରୀର ସେହି ରଙ୍ଗ ମହଲରେ
ଜହ୍ନ ଦେଖି ଯାଏ ରୁଷି
ମୋ'ପାଇଁ କାଳେ ଝରା ଶେଫାଳିଟି
ବୃନ୍ତରୁ ପଡିଛି ଖସି
ଘାସରେ ପଡିଲେ ଜୀବନ୍ତ ହୁଅଇ
ଘାସ ମୋର ପ୍ରିୟ ସାଥି
ସକାଳର ଖରା ଶୋଷି ନିଏ ଆସି
ମୁଠକୁ ବାଡାଏ ନିତି
ଦୁଃଖ ଲାଗେ ମୋତେ ଏଇଥି ପାଇଁ ଯେ
ମୁଁ କ୍ଷୁଦ୍ର କାକର ବିନ୍ଦୁ
ଲୁହ ଢାଳି ଢାଳି ଯେତେ କାନ୍ଦିଲେ ମୁଁ
ହେଇପାରେ ନାହିଁ ସିନ୍ଧୁ
ଏ' ଧରା ପୃଷ୍ଠରେ ଜନମ ଲଭିଛି
ମାତ୍ର କ୍ଷଣିକ ପାଇଁ
ମୋ' ଅସ୍ତିତ୍ୱ ହଜେ, ମୋ' ଠିକଣା ହଜେ
କାକରବିନ୍ଦୁଟେ ହେଇ

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୩୧- ପଶ୍ଚିମ ଉପକୂଳର ସଜ ପବନ

"ଲୁଣା ଜଙ୍ଗଲରେ ଜୁଆର ମାଡେ, ଜୁଆର ଛାଡେ । ଲୁଣା ପାଣି କଛି ବାଟ ଉପରକୁ ଚଢିଯାଏ ଆଉ ଏକ ନୂଆ ପ୍ରକାର ଜଙ୍ଗଲ ତିଆରି ହୁଏ । ଲୁଣା ଜଙ୍ଗଲ ଏକ ନୂଆ ପ୍ରକାରର ଜଙ୍ଗଲ । ବହୁତ ଲୁଣା ଗଛ ଥିବ ।"- ଶୋଭନାଙ୍କ ନଜକୁ ନଜେ ଆଗଭଳ ପଢି ମନେରଖିବା ପାଇଁ ଘୋଷିହେବା ପରି କହିଲେ ।

"ଏ ଜଙ୍ଗଲରେ ଗଛରେ ପତ୍ର ହଳଦିଆ ପଡେନା । ଶୀତ ନାହିଁ ନା ।"-ଅସୀମ କହିଉଠିଲେ ।

"ଅଦ୍ଭୁତ ଜଙ୍ଗଲ । ଏକଦମ ସବୁଜ ଜଙ୍ଗଲ । ସେଇଥି ପାଇଁ ତ ବହୁ ଆକର୍ଷଣୀୟ । ଆଉ ପତ୍ରମାନ ସ୍ପଞ୍ଜି । ଛୁଇଁଲେ ତୁମକୁ ମୋଟା ଆଉ ନରମ ଲାଗିବ ।"-ଅସୀମ ପୁଣି ରହିକରି କହିଲେ ।

ଏକ ବଡ ବଡ ମ୍ୟାନଗ୍ରୁଭ ଗଛର ଡାଳମାନ ପାଣି ଉପରକୁ ମାଡି ଆସିଥିଲା । ସେଥିରୁ ଲମ୍ବା ଲମ୍ବା ସଜନା ଛୁଇଁ ଭଳ ଫଳ ଓହଳଥିଲା । ଏଗୁଡିକ ଥିଲା ବ୍ରୁଗୁଏର୍ ପ୍ରଜାତିର (Bruguiera Spp) କମ୍ବା ରାଇଜୋଫୋର୍ ପ୍ରଜାତିର (Rhizophor Spp) ମ୍ୟାନଗ୍ରୁଭ । ପତ୍ରସବୁ ଛୋଟ ଆକାରର ଓ ଗାଢ ସବୁଜ ରଙ୍ଗର ଥିଲା ଆଉ ଆଲୋକରେ ଚମକୁଥିଲା । ଶୋଭନା କାଦୁଆ କୂଳରେ ବର୍ଛା ଭଳ ପୋତି ହୋଇଥିବା ମୂଳମାନଙ୍କୁ ଦେଖିଲେ । ପ୍ରଥମେ ଶୋଭନା

ISSN NO.
2582-208X

ଭାବିଥିଲେ ଏଗୁଡିକ ବୋଧେ କାଠ ଖଣ୍ଡମାନ, କେମିତି ମାଟିରେ ପୋତି ହୋଇଯାଇଛି । କିନ୍ତୁ ବହୁ ସଂଖ୍ୟାରେ ଏମିତି ଛୋଟ ଛୋଟ କାଠଖଣ୍ଡ ପୋତା ମିଳିବାରୁ ତାଙ୍କୁ ଲାଗିଲା ଏହା ଆଉ କିଛି ଅଲଗା ଜିନଷ । ସେ ଅସୀମଙ୍କୁ ଅନାଇଲେ । ଶୋଭନାଙ୍କ ସବୁ ପ୍ରଶ୍ନର ସମାଧାନ ଯେମିତି ଅସୀମ । ଅସୀମ ଶୋଭନାଙ୍କ ମନ କଥା ବହୁତ ପଢି ନଅନ୍ତି ।

"ଆଭିସେନଆ ପ୍ରଜାତିର ଗଛ ।"- ଅସୀମ କହିଲେ ।

ଶୋଭନାଙ୍କ ସେଥିରୁ ବହୁତ କିଛି ବୁଝିବାର ନଥିଲା । ଏତିକି ହେଲା ଯେ ଏମିତିଆ ଗଛ ପାଇଁ ଗୋଟାଏ ନାଁ ତ ମିଳିଗଲା । ଏମିତି ବର୍ଚ୍ଛା ଭଳି ବାହାରି ଆସିଥିବା ମୂଳ ଥିବା ଗଛର ନାଁ ହେଉଛି ଆଭିସେନଆ (Avicennia Spp) । ଯେମିତିକି ଓଡିଆ କହୁଥିବା ଲୋକଟିକୁ ଓଡିଆ କୁହାଯାଏ, ବଙ୍ଗାଳୀ କହୁଥିବା ଲୋକଟିକୁ ବଙ୍ଗାଳୀ, ତେଲୁଗୁ କହୁଥିବା ଲୋକଟକୁ ତେଲେଙ୍ଗା କୁହାଯାଏ । ପରେ ସେମାନଙ୍କର ପ୍ରକୃତ ପରିଚୟ ଗାଁ, ସହର, ବା ଘର ଠିକଣାରୁ ଖୋଜାଯାଇପାରିବ । କିନ୍ତୁ ଏକ ଓଡିଆ ଶବ୍ଦରୁ ଅତି କମରେ କେଉଁଠିକାର ଲୋକ ତାହା ଜଣା ପଡିଯିବ । ତେଣୁ ଶୋଭନା ଏମିତି ବଡ ବଡ ନାମକୁ ସହଜିଆ ଭାବରେ ମନେରଖିବାକୁ ଚେଷ୍ଟା କରୁଥିଲେ । ସେମିତିଆ ମୂଳ ପାଖରେ ଛୋଟ ଛୋଟ ଆଭିସିନିଆ ଗଛ ମଧ୍ୟ ଖୁନ୍ଦି ହୋଇଥିଲା ।

କେଉଁଠି ପଛର ଜଙ୍ଗଲ ସ୍ୱଷ୍ଟ ଦେଖାଯାଉଥିଲା । ଗଛରେ ଭରି ଯାଇଛି । ମଝିରେ ମଝିରେ ଗଛର ଗଣ୍ଡି ଧଳା ଦେଖାଯାଉଥିଲା । ଅନ୍ୟଥା ପତ୍ର ସବୁ ଥିଲା ଗାଢ ସବୁଜ । ଗଛର ସମାହାର ଏକ ପର୍ବତ ଉପରେ ଅତି ସୁନ୍ଦର ଲାଗେ । ଯେମିତି ସବୁଜ ସବୁଜ ବିନ୍ଦୁମାନ କିଏ ପାହାଡ ସାରା ଥାପି ଦେଇଛି । କେଉଁଠି ବେଶି ଗାଢା ତ କେଉଁଠି କମ ଗାଢା । କିନ୍ତୁ ପାହାଡ ଭରିଯାଇଛି ସବୁଜ ବିନ୍ଦୁରେ । ସବୁ ପ୍ରକାର ଗଛ ନଜର ମୁଣ୍ଡ ଟେକିଛନ୍ତି, ସୂର୍ଯ୍ୟ କିରଣକୁ ସମସ୍ତେ ଟିକେ ଟିକେ ହାତେଇ ନେବେ ।

ନଦୀର ପାଣି ସମୁଦ୍ର ପାଣି ଭଳି ନୀଳ ନୁହେଁ, କିନ୍ତୁ ପରିଷ୍କାର ପାଣି । ସେଥିରେ ଆକାଶ ମଝିରେ ମଝିରେ ଯାହା ନୀଳ ଦିଶୁଥିଲା । ପାଣି ଚହଲି ଯିବାରୁ ସବୁ ପ୍ରତିଫଳନ ଚହଲି ଯାଉଥିଲା କିନ୍ତୁ ପରମୁହୁର୍ତ୍ତରେ ପାଣି ସ୍ଥିର ହୋଇଯାଉଥିଲା ଆଉ ଏକ ଦର୍ପଣ ଭଳି ପରିଷ୍କାର ଛବି ପ୍ରତିଫଳିତ ହେଉଥିଲା । ବେଳେବେଳେ ସେମାନଙ୍କ ବୋଟରେ ଆହୁଲାକୁ ରଖିଦେଉଥିଲେ ଆଉ ପ୍ରତିଫଳନକୁ ଦେଖୁଥିଲେ । ନଚହଲିଲେ ପାଣି ଏକ ପରିଷ୍କାର

ISSN NO.
2582-208X

ଦର୍ପଣ ତ ଅଟେ । ଦୁଇପାଖେ ଗଛସବୁ ପ୍ରତିଫଳନରେ ସବୁଜିଆ କଳା ଦେଖାଯାଉଥିଲା ଆଉ ମଝିରେ ଥିଲା ଉଜ୍ଜ୍ୱଳ ନୀଳ ଆକାଶ । କଛି ଧଳା ସୁନେଲୀ ବାଦଲ ପ୍ରତିଫଳନରେ ଚମକୁଥିଲା ।

ଗୋଟାଏ ଯାଗାରେ ଏକ ଲୁଣା ଗଛର ବଙ୍କା ଡାଳ ନଦୀର ଏକଦମ ଅଧା ପର୍ଯ୍ୟନ୍ତ ମାଡି ଆସିଥିଲା । ସେଥିରେ ଥିଲା ଛୋଟ ଲମ୍ବା ପତ୍ର । ସେମାନଙ୍କୁ ସାବଧାନରେ ଯିବାକୁ ପଡୁଥିଲା । ଗଛ ଲତା ସବୁ ଜାଗା ଜାଗାରେ ପାଣି ଉପରକୁ ନଇଁ ଆସିଥିଲା । ବେତ ଗଛମାନ କେଉଁଠି କେଉଁଠି ପାଣି ଉପରକୁ ଝୁଲିଆସିଥିଲା । ମଝିରେ ମଝିରେ ବଡଗଛମାନ ଉପୁଡି ପଡିଛି । ମୋଟା ଡାଳ ସ୍ପଷ୍ଟ ଦେଖାଯାଉଛି ବା ଅଗ କେଉଁଠି କେଉଁଠି ଦେଖାଯାଉଛି। ଏମିତି ପାଣିରେ ଡିଙ୍ଗି ସିନା ବାହି ହୋଇଯିବ, କନ୍ତୁ ଇଂଜିନ ଗ୍ଳତ ବୋଟ ଯିବା କଷ୍ଟ । ଜାଗାଏ ଜାଗାଏ ଧାରରେ ପାଣ୍ଡାନାସ ଗଛମାନ ଥିଲା । ଜଙ୍ଗଲ ଭିତରେ ଏ ଗଛ ତ ଶୋମ୍ପେନମାନଙ୍କୁ ଖାଇବା ଯୋଗାଏ । ଜଙ୍ଗଲର ଫଳମୂଳ ଖାଇ ତ ଏହି ଅତି ଆଦିମ ଅଧିବାସୀମାନେ ଜୀବନ ଧାରଣ କରିଛନ୍ତୁ ।

ଏକ କୂଳରେ ନପା ପାମଗଛମାନ ଏକ ଛୋଟ କଲୋନୀ କରିଥିଲା । ନପା ପାମର ମୋଟ ମୂଳ ଆଉ ତା'ପରେ ଡାଳ ସବୁ ନଡିଆ ଗଛର ଲମ୍ବା ପତ୍ର ଭଳ ଲାଗୁଥିଲା । କନ୍ତୁ ଏଠି ପତ୍ରଟି ପତ୍ର ବେଶି ଚଉଡା । ସେ ଭିତରେ କେଉଁ କେଉଁ ଗଛର ସାମାନ୍ୟ କଳା ପଡିଯାଇଥିବା ସପୁରୀ ଭଳ ବଡ ଫଳ ମଧ ଥିଲା । ସେହି ନପା ବୁଦାମାନଙ୍କ ଭିତରେ ସରୁଆ ନାଳମାନ ଭିତରକୁ ଯାଇଥିଲା । ବୋଧହୁଏ କେଉଁ ଛୋଟ ନାଳା । ବର୍ଷାରେ ପାଣି ନଦୀ ଭିତରକୁ ବୋହିଆସୁଥିବ, ଜୁଆରରେ ପାଣି ସେ ଭିତରକୁ ଗ୍ଳିଯାଉଥିବ । ଠିକ ନଦୀକୂଳଆ ଗଛମାନ ଏଠି କଛି ଭାବରେ ପ୍ରକୃତ ଲୁଣା ଜଙ୍ଗଲ ବା ମ୍ୟାନଗ୍ରୁଭ ଫରେଷ୍ଟ ।

"ନାମକରଣ କ'ଣ ବୁଝିହେଲା ଭଳ ହୋଇଥିବ ?"-ଶୋଭନା ବହୁ ସମୟପରେ ବେଶି କଛି ବୁଝିନପାରିପାରି ଶେଷରେ ଅସୀମଙ୍କୁ କହିଲେ । ଏ ଜଙ୍ଗଲରେ ଗଛ ଲତାକୁ ବୁଝିବା ବା ନାମ ମନେ ରଖିବା କଷ୍ଟ । ଆଣ୍ଡାମାନରେ କାଳେ ଲୋକେ ନଜ ହିସାବରେ ନାଁ ସବୁ ରଖିଦେଇଛନ୍ତୁ ଆଉ ସେଥିରୁ ସହଜରେ ଗଛର ନାଁ ମନେ ରହିଯାଉଛି । ଶୋଭନାଙ୍କ ଭଳ ଉଦ୍ଭିଦ ବିଜ୍ଞାନ ଜାଣିନଥିବା ବ୍ୟକ୍ତୁଙ୍କ ପାଇଁ ସହଜ ନାମକରଣ ଦରକାର ।

ISSN NO.
2582-208X

"କଛି ତ ହୋଇଛି ।"- ଅସୀମ କହିଲେ । ତାଙ୍କୁ ଜୁଲୋଜିକାଲ ବା ବୋଟାନିକାଲ ନାମମାନ ମନେ ରହେନ । କନ୍ତୁ ସାଧାରଣ ନାମମାନେ ମନେ ରହିଯାଏ ।

ବୋଟାନିକାଲ ନାମମାନ ଗଛକୁ ଭଲଭାବେ ଚହ୍ନିବା ପାଇଁ ଦରକାର । ସେମିତି ଜୁଲୋଜିକାଲ ନାମମାନ ଅଛି ପ୍ରାଣୀ ଜଗତକୁ ଭଲଭାବରେ ଜାଣିବା ପାଇଁ ଦରକାର । କେଉଁ ନା କେଉଁ ସୂତ୍ର ବାହାରକରି ପ୍ରକୃତ ଗଛ ବା ପ୍ରାଣୀକୁ ଠିକ ଭାବେ ଚହ୍ନି ହୁଏ । ସେ ନାଁରୁ ବାପ ନାଁ, ମାମୁଁ ନା, ଗ୍ରାମ, ସହର ଆଦି ଜାଣିହୁଏ ଯେମିତିକ ଏକ ଦକ୍ଷିଣ ଭାରତୀୟ ନାଁରୁ ଗାଁ ନାଁରୁ ଆରମ୍ଭ କରି, ପିତାର ନାମ ପର୍ଯ୍ୟନ୍ତ ଜଣାଯାଏ, ସେମିତି ଏହି ବୈଜ୍ଞାନିକ ନାମଗୁଡାକ । ଅସୀମ ଏତେ ମନେ ରଖିପାରନ୍ତୁନାହିଁ । କନ୍ତୁ କଛି ସାଧାରଣ ନାଁ ମନେ ରଖିପାରନ୍ତୁ ।

"ନାଁ ଗୁଡା ତୁମକୁ ମଜାଦାର ଲାଗିବ । ତା'ପରେ ତୁମକୁ ଏ ପାଣିରେ ଗଛ ଦେଖିବାକୁ ମଜା ଲାଗିବ ।"- ଅସୀମ ଶୋଭନାଙ୍କୁ ପୁଣି କହିଲେ ।

ସତ କହିବାକୁ ଗଲେ ଶୋଭନାଙ୍କୁ ଗଛ ପତ୍ରର ବିବିଧତା ଏତେ ଆକର୍ଷଣ କରେନା । ମୁଖ୍ୟ କଥା ହେଉଛି ସେ ଗଛ ସମ୍ବନ୍ଧୀୟ ବହୁ କଥା ବୁଝିପାରନ୍ତନ । ଏବେ କନ୍ତୁ ଜାଣିବାକୁ ଚେଷ୍ଟା କଲେଣି । ତାଙ୍କ ହିସାବରେ ଗଛର ଅର୍ଥ ହେଉଛି ଗଛରେ ଏକ ଗଣ୍ଡିଥିବ ଆଉ ତା'ର ଚେର ଥିବ, ଉପରେ ଶାଖା ପ୍ରଶାଖା ଥିବ, ଡାଳରେ ପତ୍ରମାନ ଥିବ, ଫୁଲ ଫୁଟୁଥିବ, ଫଳ ଝୁଲୁଥିବ, ପକ୍ଷୀମାନେ ଲୁଚ ବସି ଗୀତ ବୋଲୁଥିବେ । ପବନରେ ପତ୍ରମାନ ଥରୁଥିବ, ଶୀତ ଦିନରେ ପତ୍ର ଶୁଖି ଝଡି ପଡୁଥିବ । ବସନ୍ତରେ ନବ ପତ୍ର ଆସୁଥିବ । ଫଳ ପୂର୍ବରୁ ଗଛରେ ବଉଳ ଆସୁଥିବ, ସେ ସମୟରେ କେତେ ମହୁମାଛି ଆସୁଥିବେ । ଫଳହେଲେ ପକ୍ଷୀ, ବାଦୁଡିମାନେ ଖାଇ ଖଣ୍ଡିଆ କରିଦେଉଥିବେ । ଫଳକୁ ଲୋକେ ପାରିନେଉଥିବେ ବା ତଳେ ପଡୁଥିବା ସେଥିରୁ ନୂଆ ଗଜା ହେଉଥିବ । ତେଣୁ ଆଉ ବେଶି ବିବିଧତା କଥା ଶୋଭନା ଭାବନ୍ତନ । ଆଉ ଏ ଖାଡି ଜଙ୍ଗଲ ତାଙ୍କ ବାପ ଘରର ଆଖପାଖରେ ନାହିଁ କ ସେ ଜଙ୍ଗଲ ବିଷୟରେ କେହି ଆଲୋଚନା କରନ୍ତନ । ନୂଆ କଥାଟା ଯେ, କ୍ୟାମ୍ପବେଲ ବେରେ କେତେ ନୂଆ, ଅଜଣା କଥା ଶୁଣିଲେଣି । ତେଣୁ ଆଉ କଛି କଥା ଶୁଣିନେବେ ।

ISSN NO.
2582-208X

"ଗଛ ନାଁ ଗୁଡା ଅଦ୍ଭୁତ । ସଜନା ଖାଡି, କାହିଁକି ନା ଏହାର ଫଳ ବା ଚେର ସଜାନା ଛୁଇଁ ଭଳ ଲାଗେ ।"-ଅସୀମ କହିଲେ ।

"କଛି ପରିବା ପନ୍ର ଅଛି ନା କ'ଣ?"

ଭିଣ୍ଡି ଖାଡି, ଟମାଟର ଖାଡି ।"-ଅସୀମ କହିଲେ ଓ ଟିକେ ହସିଲେ ।

"ଭେଣ୍ଡି ଭଳଆ ଲୁଣା ବା ଖାଡି ଗଛର କଛି ଫଳ ଦେଖାଯାଏ, ତେଣୁ ଭିଣ୍ଡି ଖାଡି । ଗଛରେ ଟମାଟର ଭଳଆ ଫଳ ଝୁଲୁଥାଏ, ତେଣୁ ଟମାଟର ଖାଡି ।"-ଅସୀମ ପୁଣି କହିଲେ ।

"ଆଉ ବହୁ ପରିବା ଛାଡିଗଲ । ନଶ୍ଚିତ ଭାବେ ଆଉ କଛି ଗଛ ଥିବ । ଏଇ ଯେମିତି ଲାଉ, କଖାରୁ, ଅମୃତଭଣ୍ଡା, କଲରା । ସବୁ ପରିବା ପରେ ଏକ ଏକ ଖାଡି ଲଗାଇଦିଅ । ଅଟକ ଗଲ ଯେ ।"-ଶୋଭନା ଏବେ ହସି ହସି କହିଲେ ।

"ଅଛି ନା, କୁମୁଡା ଖାଡି (କଖାରୁ ଖାଡି) ।"-ଅସୀମ ପୁଣି ହସିକ କହିଲେ ।

"ତୁମ କଥା ଶୁଣି ମୋତେ ଲାଗୁଛି କଏ ଯେଣେ ଭଲ ଗୃଷୀ ଏ ଗଛଗୁଡାକର ନାମକରଣ କରିଛି । ସେଟଲରମାନେ ନାମକରଣ କରିଥିବେ ଆଉ ସେମାନେ ତ ଏଠି ଗୃଷୀ । ଆଗରୁ ବି କେଉଁ ଗୃଷୀ ପରିବାରରୁ ଆସିଥିବେ । ଆଚ୍ଛା ଆପଲ, ଅରେଞ୍ଜ ଇତ୍ୟାଦି ଫଳ ଅଛି ତ?"-ଶୋଭନା ପଗ୍ଚରିଲେ ।

"ମାନଗୁଭ ଆପେଲ ବି ଅଛି ଆଉ ଅଛି ଓ୍ୱେଜ ଆପଲ ଗଛ ମଧ୍ୟ ଅଛି ।"

"ଯାହାହେଉ ଏବେ କଛି ଫଳ ଆସିଗଲା ।"

"ସେମିତି ଅଛି ସୋନେର୍‌ସିଆ ପ୍ରଜାତି ।"

"କଣ କହିଲ ସୋନେରିଟା, ସ୍ପାନଶ ଗୀତ ଗାଉଥିବା ଅବିବାହିତା ତରୁଣୀ, ଅପୂର୍ବ ରୂପସୀ ସୁନ୍ଦରୀ ହୋଇଥିବ, ମଧୁର ଭାବେ ହସୁଥିବ । କାମିଲା କାବେଲୋ ଆଉ ଶନ ମେଣ୍ଡିସଙ୍କ ଚରସ୍ମରଣୀୟ ଗାନା:

ISSN NO.
2582-208X

ମୋତେ ଭଲଲାଗେ ଯେତେବେଳେ ତୁମେ ମୋତେ କୁହ ସୋନେରିଟା- - -

କହିପାର କଏ ସୋନେରିଟା ଗୀତର କେହି ପ୍ରଶଂସକ ସୋନେରେସିଆ ନାମଟା ଉଦ୍ଭାବନ କରିଥିବ ।"- ଶୋଭନା ଏତେଗୁଡାଏ କଥା ଏକାସାଙ୍ଗରେ କହିଗଲେ । ତାଙ୍କ କଣ୍ଠରେ ସୋନେରିଟା ଗୀତଟା ନାଚୁଥିଲା ଭଳ ଲାଗୁଥିଲା ।

"ସେମିତି କିଛି ମଜାଦାର ନାମ ଯେମିତି ମେହେନ୍ଦି ଖାଡି, ଲାଲ ଖାଡି ଭଳି ଅଛି ।"- ଅସୀମ ହସି ହସି କହିଲେ ।

"ବୋଧହୁଏ ଏକ ମେହେନ୍ଦି ଲଗାଉଥିବା କେଉଁ ଏକ ମହିଳା ଏ ଗଛମାନଙ୍କର ନାମକରଣ କରିଛି ।"-ଶୋଭନା କହି ହସି ଉଠିଲେ ।

"ଆଉ ଅଛି ଦୁଧ ଖାଡି, ସୁନ୍ଦରୀ, ଗୋବ୍ରା ଖାଡି, ଖାଡି ଖଜୁର, କାଲା ଖାଡି ଇତ୍ୟାଦି । ସମୁଦ୍ରକୂଳରେ ଖାଡି ଆମ, ଖାଡି ବାଦମ, ଖାଡି ଜାମୁନ, କରଞ୍ଜ, ପୁନ, ପାଣ୍ଡାନାସ ବା କେଓଡା ଜଙ୍ଗଲ ଅଛି । ଲୁଣା ଜଙ୍ଗଲରେ ସୁନ୍ଦରୀ ଗଛ ଥିବ । ତା' ଛଡା ଏଠାରେ ହଳଦିଆ ଫୁଲରୁ ଦିନ ଗଡିଲେ ଲାଜରେ ଲାଲ ହୋଇଯାଉଥିବା ଖାଡି କାପାସର ଗଛମାନ କୂଳରେ ଅଛି ।

"ଏଠି ଗଛ ହିସାବରେ ସେମାନେ ଲୁଣା ଜଙ୍ଗଲର ନାମକରଣ କରିଦେଇଚନ୍ତି, ଯେମିତି ହ୍ୱାଇଟ ମାନଗ୍ରୁଭ, ବ୍ଲାକ ମାନଗ୍ରୁଭ, ଧନୀ ପାମ । ଆଉ କିଛି କଣ୍ଟା ବୁଦା, ନାଁ ତୁମକୁ ସେମିତି ମଜାଳିଆ । ସି ହୋଲି, କଣ୍ଟା ଖାଡି, ଖାଡି ଭାଜି, କୁମ୍ଭୀ ଆଦି ।"- ଅସୀମ କିଛି ସମୟ ଧରି ଅସ୍ୱାଭାବିକ କିନ୍ତୁ ମନେରଖି ହେଉଥିଲା ଭଳି ଏମିତିଆ ନାଁ ଗୁଡା ହସି ହସି କହୁଥିଲେ ।

ତାପରେ ସେମାନେ ବସି ଏମିତିଆ ମଜାଦାର ନାମଗୁଡାକ ଏକାଠି କଲେ । ଶୋଭନାଙ୍କୁ ଏବେ ଗଛମାନ ଦେଖିବାକୁ ମଜା ଲାଗୁଥିଲା । ସେ ଗଛସବୁ ଦେଖି କିଛି ବୁଝିନପାରିଲେ ନିଜେ ଜାଣିଥିବା ଫଳ, ପରିବା ହିସାବରେ ତା'ର ନାମକରଣ ମନକୁ ମନ କରୁଥିଲେ ଆଉ ସେଇଟା ଠିକ ହେଲା କି ନାହିଁ ତାହା ପୁସ୍ତକ ସହ ମିଳାଉନଥିଲେ । ତାଙ୍କର ଭାବନାର ପରିଧି ବଢିଗଲା ବୋଲି ସେ ମନେକରୁଥିଲେ । କିଛି ସାମ୍ୟ ହେବା ଦରକାର ଆଉ ଏକ ନାମ ଆସିଗଲା ।

ISSN NO.
2582-208X

ତାପରେ ଅସୀମ ଲୁଣା ଜଙ୍ଗଲର ମହତ୍ୱ ବିଷୟରେ ଶୋଭନାଙ୍କୁ ସାମାନ୍ୟ କଥା କହିଲେ । ଏହି ଲୁଣା ଜଙ୍ଗଲ ଭୂମି ଆଉ ସମୁଦ୍ର ଭିତରେ ଏକ ବଫର । ସମୁଦ୍ରକୂଳର ଅବକ୍ଷୟକୁ ମାନଗ୍ରୁଭ ଫରେଷ୍ଟ କମ କରିଥାଏ । ଏମିତିକି ସମୁଦ୍ର ଭିତରେ ଜମିକୁ ଘେରିଥାଏ । ଫଳରେ ଭୂମିର ଆୟତନ ସମୁଦ୍ରଆଡକୁ ବଢେ । ଏହି ଲୁଣା ଜଙ୍ଗଲ ବହୁ ପ୍ରକାର ସାମୁଦ୍ରିକ ଜୀବଙ୍କ ଯଥା କଙ୍କଡା, ଶ୍ରିମ୍ପ (ଛୋଟ ଚିଙ୍ଗୁଡି), ମାଛଙ୍କ ନର୍ସରୀ । ଏଠାକାର ଗଛମାନଙ୍କର ବିଶେଷତ୍ୱ ହେଉଛି ଏମାନଙ୍କର ଚେର । ଏହା ଜୁଆର ସମୟରେ ଗଛକୁ ନିଃଶ୍ୱାସ ନେବାରେ ସାହାର୍ଯ୍ୟ କରେ । ଷ୍ଟିଲ୍ଟ ରୁଟ ବରଗଛର ଓହଳିଥିବା ଚେର ଭଳି ଲାଗେ । ରାଇଜୋଫୋରା ଆଉ ଆଭେସେନିଆ ଗଛରେ ଷ୍ଟିଲ୍ଟ ରୁଟ ଥାଏ । ବ୍ରିଦିଙ୍ଗ ରୁଟସ ବା ନ୍ୟୁମାଟୋଫୋରକୁ ଦେଖିଲେ ଲାଗିବ ଯେମିତି କୂଳରେ କିଏ ତୀରମାନ ପୋତିଦେଇଛି। ଏହା ତଳ ଚେରରୁ ୨୦-୩୦ ସେମି ପର୍ଯ୍ୟନ୍ତ ଉପରକୁ ଉଠିଥାଏ । ଲୁଣା ଜଙ୍ଗଲରେ ଫଳରୁ ଗଜା ଗଛରେ ଲାଗିଥିଲା ଅବସ୍ଥାରେ ହୁଏ ।

ସେମାନଙ୍କର ବୋଟ ଯାତ୍ରା କିଛି ସମୟ ସେମିତି କଥାବାର୍ତ୍ତା ଭିତରେ ଚାଲିଥିଲା । ଏକ ସମୟରେ ଦୁଇ ପାଖରେ କିଛି ଲମ୍ବା ନିପା ପାମ (ଧନୀ ପାମ) ର ବଡ ବଡ ବୁଦା ବା କଲୋନୀ ଆସିଲା । ଦୁଇପଟେ ପାଣିକୁ ଘେରି ରଖିଛି ଆଉ ଆଗରେ ନଦୀ ସାମନ୍ୟ ବୁଲିଯାଇଥିଲା । ଏ ପାମ ଗଛ ମଧ୍ୟ ଲୁଣା ଜୁଆରିଆ ନଦୀ କୂଳରେ ହୁଏ । ଗୁଆ ବା ନଡିଆ ପତ୍ର ଭଳି ବଡ ବଡ ପତ୍ର । କିନ୍ତୁ ଗୁଆ ବା ନଡିଆ ଗଛ ଭଳି ଏ ଗଛ ବଡ ହୁଏନା। କୂଳରେ ଡାଳ ମେଲାଇ ଦେଇଥାଏ । ଏମାନେ ଛୋଟ କଲୋନୀ କୂଳରେ କରନ୍ତି। ଭିତର ଆଡକୁ ଏ ଗଛ ମିଳେନା । ବୋହୁଥିବା ପାଣି ଏ ଗଛର ବଢିବା ପାଇଁ ଆବଶ୍ୟକ ଆଉ ଖରା ଭଲ ପଡୁଥିବା ଦରକାର । ସୂର୍ଯ୍ୟର ଦିଗ, ମାଟିର ଉର୍ବରତା, ପାଣିର ପ୍ରବାହ, ଲୁଣା ପାଣି ସବୁ ମିଶିଲେ ଏ ଗଛ ବଢିବ । ଏମିତି ଜାଗା କୁମ୍ଭୀର ପାଇଁ ଭଲ । କ୍ୟାମ୍ପବେଲର ନଦୀମାନଙ୍କରେ ବହୁ ଭିତର ଯାଏ କୁମ୍ଭୀର ଅଛନ୍ତି ବୋଲି ଲୋକେ କୁହନ୍ତି। ଅସୀମ ଏ ପର୍ଯ୍ୟନ୍ତ ପୁରା ତଥ୍ୟ ପାଇ ନାହାନ୍ତି । ଏମିତିକି ଗଲାଥିଆ ନଦୀର ଉପର ମୁଣ୍ଡ ପର୍ଯ୍ୟନ୍ତ କୁମ୍ଭୀର ଅଛନ୍ତି ବୋଲି ଖବର ମିଳେ ।

ସେମାନେ କିଛି ସମୟ ନଦୀ ଭିତରେ ବୁଲିଲେ । ଧିରେ ସମୁଦ୍ରକୂଳ ହୋଇଆସିଲା । ଗଛ କିଛି କିଛି ପରିମାଣରେ ବଦଳି ଗଲା । କେଉଁ କେଉଁଠି ସାମାନ୍ୟ ଲମ୍ବା ଚଡମାନ ଦେଖାଗଲା ଆଉ ସେଥିରେ ଲତାମାନ ମାଡିଥିଲା । ନଦୀର ଉପର ଆଡକୁ ଚଡ ନାହିଁ ।

ISSN NO.
2582-208X

କିନ୍ତୁ କୂଳ ଆଡକୁ ନଦୀରେ ସାମାନ୍ୟ ଚଡ ଅଛି । କିଛି ଚଡରେ ବଡ ଶୁଖିଲା କାଠଗରମାନ ପଡିଥିଲା । ଚଡ ପରେ ଥିଲା ବଡ ଗଛମାନ । କିଛି ଜାଗାରେ ପାଣ୍ଡାନାସ ଗଛମାନ ବଡ ଆକାର ଧାରଣ କରିଥିଲା । ଉପରକୁ ଡାଳମାନ ମୁଣ୍ଡ ଟେକିଛି । ସମସ୍ତଙ୍କ ଅଗରେ ଗୋଛାଏ ପତ୍ର ଆଉ ତଳକୁ କେବଳ ଡାଳ । ଅନ୍ୟ ଜାଗାରେ ଅସୀମ ଏତେ ଲମ୍ବ ପାଣ୍ଡାନାସ ଗଛ ଦେଖି ନଥିଲେ । ନଦୀ ଧାରରେ ସବୁ ଯାଗାରେ ଗଛମାନ ଖୁନ୍ଦି ହୋଇଥିଲା । ତଥାପି କେଉଁଠି କେଉଁଠି ସାମାନ୍ୟ କୂଳ ଖାଇଥିଲା । ତଳ ଆଡକୁ ନଦୀ କୂଳରେ ଗଛଥିଲା ଲମ୍ବ, ଆଉ କୂଳ ତିଖ ନହେବା ହେତୁ ଗଛମାନଙ୍କ ଅଗ ପ୍ରାୟ ଏକ ସମତଳରେ ଥିଲା । ସେମାନଙ୍କର ଲମ୍ବା ଗଣ୍ଡିମାନ ବାରିହେଉଥିଲା । ଅନେକ ଝାଉଁଗଛ ଥିଲା କୂଳରେ । ତଳ ଆଡକୁ କୂଳରେ ଗଛ ଚେରର ତିଆରି ଜାଲ ମାଟି ବାଲି ଧୋଇଯିବା ହେତୁ ଦେଖାଯାଉଥିଲା । ଏକଦମ ସମୁଦ୍ରକୂଳରେ ଅବଶ୍ୟ ଗଛମାନ ଛୋଟ ଥିଲା ।

ଧିରେ ନଦୀ ଚଉଡା ହୋଇଆସିଲା ଆଉ ସମୁଦ୍ରରେ ନଦୀର ସଙ୍ଗମ ସ୍ଥଳ ମିଳିଲା । ସୂର୍ଯ୍ୟ କିରଣ ଝଲମଲ କରୁଥିଲା । କିଛି ତାରକା, ଯେମିତି କିଛି ହୀରା ପାଣିରୁ ଝଲସୁଛି, ଆଖି ଏତେ ଉଜ୍ଜ୍ୱଳ ପ୍ରତିଫଳନକୁ ଦେଖିପାରୁନଥିଲା । ଆକାଶରେ ଛୋଟ ଛୋଟ ମେଘ ଖଣ୍ଡ, ସବୁ ସୂର୍ଯ୍ୟ କିରଣରେ ଚମକୁଛି । ନଦୀ କୂଳ ସମୁଦ୍ର ପାଖାପାଖି ସମତଳ ହୋଇଆସିଥିଲା।

ନଦୀ ଯାତ୍ରା ପରେ ସେମାନେ ବୋଟରୁ ଓହ୍ଲାଇ ବିଚରେ ଏକ ଛୁଆ ଭଳି ନୂଆ କିଛି ଖୋଜିଲା ଭଳି ଖୋଜି ଚାଲିଲେ । ବୋଟ ଯାତ୍ରା ସେମାନଙ୍କର ଅନୁସନ୍ଧିତ୍ସାକୁ ବହୁ ପରିମାଣରେ ବଢାଇ ଦେଇଥିଲା । ବିଚର ଉପର ଆଡକୁ ହର୍ମିଟ କ୍ରାବଟିଏ ନିଜର ବଙ୍କା ଗୋଡରେ ଧିରେ ଚାଲୁଥିଲା । ତା' ପଛରେ ଲାଗିଥିଲା ଏକ ସବୁଜ ଗୋଲ ଖୋଳ, ତା'ର ସାଞ୍ଜୁ । କ୍ରାବଟିର ଗୋଡ ଗୁଡିକ ବଙ୍କା । ଚାଲିଲାବେଳେ ନିଜର ସେଲ ବା ଖୋଳପା ଉପରକୁ ଉଠିଯାଉଥିଲା ଆଉ ଲାଗୁଥିଲା ଯେମିତି ଜନ୍ତୁଟିଏ ଶୁଙ୍ଘି ଶୁଙ୍ଘି ବାଟ ଚାଲୁଛି, ମୁଣ୍ଡ ମାଟିରେ ଲାଗିଛି । ତା'ର ଥିଲା ଚାରିଟି ସରୁ ତା'ର ଭଳି ବାହାରିଥିବା ଆଣ୍ଟିନା । ଚାଲିବା ସହ ସେ ଆଣ୍ଟିନାମାନ ହଲ ହଲ ହେଉଥିଲା । ଲମ୍ବା ଆଣ୍ଟିନା ଦୁଇଟି ମାଟିକୁ ଛୁଉଁଥିଲା ଆଉ ତା'ର ଅଧା ଲମ୍ବା ଦୁଇଟି ଆଣ୍ଟିନା ସେମିତି ନଡନଡ ହେଉଥିଲା । ବାହାରର ସବୁ ସିଗନାଲକୁ ଯେମିତି କ୍ରାବଟି ଗ୍ରହଣ କରୁଛି । ତା'ର ମୋଟ ଆଙ୍ଗୁଠି ଭଳି ବାହୁଟି ବାରି ଓଜନ ଯୋଗୁ ତଳେ ପ୍ରାୟ ଘୁଷୁରୁଥିଲା । କେଉଁଠି ବାଲି ଟିକିଏ ଢିପ ହୋଇଗଲେ ପ୍ରାଣୀଟି

ISSN NO.
2582-208X

ସହଜରେ ଉପରକୁ ଚଢୁଥିଲା କିନ୍ତୁ ତଳକୁ ଓହ୍ଲାଇଲାବେଳେ ତା'ର ମୋଟ ଗୋଡଟି ତଳେ ଭାରା ଦେଇ ନଓଲଟିବାକୁ ଶରୀରକୁ ସନ୍ତୁଳନ ଦେଉଥିଲା । ଲାଗୁଥିଲା ଓଲଟି ପଡିବ, କିନ୍ତୁ ପ୍ରାଣୀଟି ଆଶ୍ଚର୍ଯ୍ୟଜନକ ଭାବେ ନିଜ ସନ୍ତୁଳନ ହରାଇ ବସୁନଥିଲା ।

ଆକାଶରେ ସୂର୍ଯ୍ୟ କମଳା ହୋଇଆସିଥିଲା, ଆଉ ଟିକକରେ ଗାଢ ଲାଲ ହୋଇଯିବ । କୂଳ କାଳିଚିଆ ପଡିଆସିଲାଣି । କୂଳର ବାଲିରେ ଅନେକ ପ୍ରକାରର ହର୍ମିଟ କ୍ରାବ ଦେଖାଯାଉଥିଲେ । ଏକ ପ୍ରଜାତିର ହର୍ମିଟ କ୍ରାବଟି କେଉଁ ଏକ ଗୋଲାକାର ଗେଣ୍ଡାର ଖୋଳରେ ପଶିଯାଇଥିଲା । ଏହାର ଆଣ୍ଟିନା ନଥିଲା ଆଉ ଏହା ଜୋରରେ ଚାଲୁଥିଲା ।

ଧିରେ ସମୁଦ୍ରରେ ସୂର୍ଯ୍ୟ ବୁଡିଯାଉଥିଲା । ଅସୀମ ତଳେ ବସି ପାଣିକୁ ଅନାଇଲେ । ଢେଉରେ ଏକ ଲମ୍ବା ଧାର ତିଆରି ହୋଇଥିଲା ଆଉ ଶେଷ ଆଡକୁ ଦିଗବଳୟ କମଳା-କଳା ହୋଇଆସିଥିଲା । ପାଣି ଶେଷ ଆଡକୁ ଉପରକୁ ଛିଟିକି ପଡୁଥିଲା । ସମୁଦ୍ରର ଏକ ମଧୁର ସଙ୍ଗୀତ ଅଛି । ଛିଟିକି ପଡୁଥିବା ପାଣି ଲାଗେ ଯେମିତି ଲହଡିର ଶିଖରରେ ଏକ ଏକ ନର୍ତ୍ତକୀ ନିଜର ନୃତ୍ୟରେ ତନ୍ମୟ ହୋଇ ନିଜକୁ ଭୁଲିଯାଇ ଆକାଶକୁ ଧରିବାକୁ ଡେଇଁ ପଡୁଛି । ଆକାଶରେ ଶେଷ କିରଣରେ ତଳୁ ବାଦଲମାନଙ୍କର କିଛି ଅଂଶ ଝଲସୁଥିଲା । ଆଉ ଏପଟେ ଗଛମାନ କଳା ପଡିଆସୁଥିଲା । ତଳ ଆଡକୁ କୁହୁଡିର ଧାର ତିଆରି ହେଉଥିଲା ।

ଆକାଶରେ ସୂର୍ଯ୍ୟ ଏକ ବିଶାଳ ଗୋଲକ ଲାଗୁଥିଲା । ଭିତର ପଟଳୁ ଧଳା ଆଉ ଚାରିପଟେ ଉଜ୍ଜ୍ୱଳ ହଳଦିଆ ଆଉ ତା'ପରେ କମଳା ଆଭା ଖେଳିଯାଇଛି । ପାଣି କଳା ପଡିଆସିଲାଣି, ଆଉ ପ୍ରତିଫଳନ ଢେଉଁମାନ ଛୁଇଁ ଛୁଇଁ କୂଳର ଶେଷ ଆଡକୁ ସୂର୍ଯ୍ୟକୁ ସ୍ୱଷ୍ଟ ଆଙ୍କିଦେଇଛି। ସୂର୍ଯ୍ୟର ଠିକ ଉପରେ ବାଦଲମାନ ଭିଣାତୂଳା ଭଳି ଧଳା ଦେଖାଯାଉଛି । ଲହଡିର ମଧୁର ସଙ୍ଗୀତ ସେମିତି ବାଜିଚାଲିଛି ।

ଧିରେ ସୂର୍ଯ୍ୟ ଏକଦମ ଲାଲ ହୋଇଆସିଲା ଆଉ ବାଦଲର ରଙ୍ଗ ବଦଳିଗଲା । ଏବେ ଠିକ ସୂର୍ଯ୍ୟ ଉପରୁ ହଳଦିଆ କମଳା ରଙ୍ଗର ପାଣି ଧାର ଯେମିତି ଆକାଶକୁ ବୋହି ପ୍ରତିଟି ବାଦଲକୁ ସେହି ରଙ୍ଗରେ ରଙ୍ଗାଇ ଦେଇଛି । ଆଉ ଧିରେ ସବୁ ଲାଲରୁ ନାରଙ୍ଗୀ ହୋଇଗଲା, ତା'ପରେ ଧିରେ କଳା ହୋଇଆସୁଥିଲା ଆଉ ସୂର୍ଯ୍ୟ ପାଣି ଭିତରେ ଲୁଚିଯାଉଥିଲା । ସେମାନେ ସେଦିନ ରାତିରେ ସମୁଦ୍ରକୂଳରେ କଟାଇଲେ ।

ISSN NO.
2582-208X

ପରଦିନ ସକାଳୁ ସୂର୍ଯ୍ୟ କେବେଠୁ ଆସିସାରିଥିଲା । ପାଣି ଶାନ୍ତ ଥିଲା । ଲହଡି ଛୋଟ ଥିଲା । ସମୁଦ୍ରକୂଳର ବାଲି ସାମାନ୍ୟ ଓଦାଳିଆ ଲାଗୁଥିଲା । ଲହଡିମାନ ଧଳା ରେଖାଟାଣି ବାଲିକୁ ଓଦା କରିଦେଉଥିଲା ଆଉ ସବୁ ଚିହ୍ନ ଲିଭି ଯାଉଥିଲା । ଠିକ ପାଣିର ରେଖା ଉପରେ ଏକ ଆର୍ମି ଟ୍ୟାଙ୍କର ମାଟି ଉପରେ ଥିବା ଚିହ୍ନ ପରି ଏକ କଚ୍ଛପର ଆସିବାର ଚିହ୍ନ ଥିଲା । ତା'ର ଆଗ ଦୁଇ ଫ୍ଲିପର ବାହାର ଆଡକୁ ଦୁଇ ପାଖରେ ବାଲିକୁ ଘଷି କରି ଆଡେଇଛି ଲାଗିବ ଯେମିତି ଏକ ଇଂରାଜୀ ଭିକୁ ମାଟି ଉପରେ କିଏ ଛାପି ଛାପି ଚାଲିଛି । ମଝିରେ ଅଛି ପଛ ଫ୍ଲିପରର ଠେଲା ଚିହ୍ନ । ଆଉ କଚ୍ଛପର ଓଜନରେ ବାଲି ଦବିଯାଇଛି । ଏ ଚିହ୍ନ ସିଧା ଶୁଖିଲା ବାଲି ପାଖକୁ ଯାଇ ଲଟାମାନଙ୍କ ପାଖରେ ଅଟକି ଯାଇଥିଲା । ଏ ଲଟାମାନଙ୍କରେ ଫୁଟେ ସୁନ୍ଦର କପ ଆକୃତିର ଧଳା ବାଇଗେଣୀ ଫୁଲ । ତା'ପରେ ଫେରି ଆସିବାର ଚିହ୍ନ ମଧ୍ୟ ଥିଲା, ସେଇ ଏକା ପ୍ରକାର ଚିହ୍ନ କିନ୍ତୁ ଦିଗ ବଦଳି ଯାଇଛି । ବିଚର ଉପରଆଡକୁ କିଛି କିଛି ଭାସିଆସିଥିବା ଡାଳ ପତ୍ର ପଡିଥିଲା । ଏତେ ଦୂର କଚ୍ଛପ ଆସେନି । ଅଣ୍ଡା ଦେବ ପାଇଁ ସେ ପରିଷ୍କାର ସ୍ଥାନ ଦରକାର କରେ ।

ପୂର୍ବ ରାତିରେ ଅନେକ କଚ୍ଛପ ଆସିଛନ୍ତି । କଚ୍ଛପ ଅଣ୍ଡାଦେବା ସ୍ଥାନଟି ଜାଣି ହେଉଥିଲା । କଚ୍ଛପର ଯିବା ଚିହ୍ନ ଆସି ଅଣ୍ଡାଦେବା ସ୍ଥାନରେ ଅଟକି ଯାଇଛି । ବାଲି ଉପର ତଳ ହୋଇଛି, ଯେମିତି ଅନେକ ଛୋଟ କ୍ରାବ ମାଉଣ୍ଡ ପାଖାପାଖି । ବାଲିର ଓଦାଳିଆ ଅଂଶ ଅନୁଭବ କରିହେଉଥିଲା । ଏଥିରୁ ଜାଣିହେବ କଚ୍ଛପ କାଲି ରାତିରେ ଅଣ୍ଡା ଦେଇଛି । ଓଦାଳିଆ ଅଂଶ ନଥିଲେ ଅଣ୍ଡାଦେବା ସ୍ଥାନ ପୁରୁଣା ହୋଇପାରେ । ଥରେ ଖରା ବାଜିଲା ପରେ ବାଲି ନରମ ହୋଇଯିବ, ଶୁଖିଲା ହୋଇଯିବ । ଏମିତି ଅନେକ କଚ୍ଛପ ଅଣ୍ଡାଦେବା ସ୍ଥାନ ଥିଲା । ଅଧିକାଂଶ ଯାଗାରେ ବାଲି ଶୁଖିଯାଇଥିଲା ଅର୍ଥାତ କଚ୍ଛପ ଆଗରୁ ଅଣ୍ଡା ଦେଇସାରିଛି । ଗୋଟାଏ ଯାଗାରେ ଏକ ନୂଆ କଚ୍ଛପ ଏକ ପୁରୁଣା ଅଣ୍ଡା ଦିଆଯାଇଥିବା ସ୍ଥାନକୁ ଖୋଳିଦେଇଥିଲା । ସେଥିରେ କିଛି ପୁରୁଣା ଅଣ୍ଡା ଖରାପ ହୋଇଯାଇଛି । କିଛି ଅଣ୍ଡାର ଖୋଳପାମାନ ଏଠି ସେଠି ପଡିଥିଲା । ଏମିତି ସାମାନ୍ୟ ଅଘଟଣମାନ ଘଟେ ବିଚରେ । ବେଳେବେଳେ ବନ୍ୟ ଶୂକରମାନେ ମଧ୍ୟ କଚ୍ଛପର ଅଣ୍ଡାଦେବା ସ୍ଥାନ ଖୋଳିଦେଇଥାନ୍ତି ।

ବିଚର ଡାହାଣକୁ ଥିଲା ଆଲେକଜାଣ୍ଡ୍ରିଆ ନଦୀ ଆଉ ବହୁ ଦୂରରେ ବାମକୁ ଥିଲା କିଛି ପଥୁରିଆ ଜାଗା । ସେଠାରେ ଧିରେ ବାଲି ସରି ଆସୁଛି । ଏପଟେ ନେଷ୍ଟିଙ୍ଗ ବିଚର ପଛରେ

ISSN NO.
2582-208X

ଥିଲା ମୁଖ୍ୟତଃ ପାଣ୍ଡାନାସ ଜଙ୍ଗଲ । ଭିତରେ ଭିତରେ କେଉଁଠି କେଉଁଠି ନଡିଆଗଛମାନ ମୁଣ୍ଡ ଟେକିଥିଲା । କଚ୍ଛପ ଅଣ୍ଡା ଦେଉଥିବା ବିଚ ଏକ ବଡ ଆର୍କ କରିଥିଲା । ସମୁଦ୍ରକୂଳର ସ୍ଲୋପ ସାଧାରଣ । କଚ୍ଛପ ବଡ ତିଖ ଚଢିବାକୁ ପସନ୍ଦ କରୁନଥିବ । ଆଲିକଜାଣ୍ଡ୍ରିଆ ଏକ ଚଉଡା କିନ୍ତୁ କମ ସ୍ଲୋପ ଥିବା ବାଲା ବିଚ ।

ଶୋଭନା ଲମ୍ବା ନିଶ୍ୱାସ ନେଲେ । ତାଙ୍କ ଛାତି ଫୁଲିଗଲା । ସମୁଦ୍ରରୁ ତାଙ୍କ ଆଡକୁ ପବନ ଧିରେ ବୋହିଆସୁଥିଲା । ପ୍ରକୃତିର ସୁନ୍ଦର ରୂପ ତାଙ୍କୁ ଆଉ କିଛି ଭାବିବାକୁ ଦେଉନଥିଲା। ସବୁଜିମା ସବୁ ଅଯଥା ଚିନ୍ତାକୁ ମସ୍ତକରୁ ଛାଣି ବାହାର କରିଦିଏ । ସେ ନିଜ ଭିତରେ ମୃଦୁ ମଳୟ ବୋହିଯିବାର ଅନୁଭବ କରୁଥିଲେ ।

"ଏତେ ସତେଜ ପବନ କେଉଁଠି ମିଳିବନି ଅସୀମ ।"- ଶୋଭନା କହିଲେ ।

ଶୋଭନା ବିଚରେ ପଡିଥିବା କଚ୍ଛପମାନଙ୍କର ଯିବା ଆସିବା ଚିହ୍ନକୁ ଅନାଇଥିଲେ । ବହୁ ଚିହ୍ନ ଲିଭି ଆସିଲାଣି । ପାଣି ସେଯାଏ ପହଞ୍ଚିନି କିନ୍ତୁ ପବନର ଆଘାତରେ ବାଲି ଚିହ୍ନ ହଜାଇବସୁଛି । କଚ୍ଛପମାନଙ୍କ ନୂଆ ପଦଚିହ୍ନ ସବୁବେଳେ ଆଲେକଜାଣ୍ଡ୍ରିଆ ବିଚରେ ପଡୁଥିବ ଆଉ ସେମାନେ ସାଙ୍ଗରେ ନେଇଆସୁଥିବେ ଭାରତ ମହାସାଗରରୁ ସବୁଠାରୁ ସତେଜ ପବନ ।

-୦-୦-

କ୍ରମଶଃ.....

ସେକ୍ଟର-୩ , ସଲ୍ଟଲେକ , କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ବେଳାଭୂମି



ଇଂ. ସୁଶାନ୍ତ କିଶୋର ବଳ

ଲମ୍ବିତ ବିସ୍ତାରି ସାଗର ବେଳାର
ଶେଷହୀନ ବ୍ୟାପ୍ତିର ଧାରେଧାରେ
କରୁଥିଲି ପଦଚାଳନ ନୀଖେପି ନୟନ
ତାର ନୀଳନୀଳ ଉର୍ମୀଳ ବକ୍ଷେ .
ମନେ ଆସୁଥିଲା ଅଗଣ ଚିନ୍ତନ,
କେଉଂଠାରୁ ହୁଏ ଢେଉର ଉତ୍ପନ୍ନ ,
କେଉଂଠି ତା ଉତ୍ସର ସଂଧାନ ?
ଅଗଣ ହିଲ୍ଲୋଳ ଅହର୍ନିଶୀ ଉଠି
ପୁନଃ ଚୁରଚୁର ହୁଏ କୂଳରେ ବାଜି .
ଏତେ ଉର୍ଜାଶକ୍ତି ଏତେ ଅଶ୍ୱଶକ୍ତି
କେଉଂଠାରେ ହୁଅଇ ତା' ବ୍ୟୁପତ୍ତି ?
କର୍ଣ୍ଣ ଫାଟିଯାଏ ଶୁଣି ତା' ଶବଦ,
ଚକିତ ହୋଇଯାଏ ମନ, ପ୍ରାଣ,ହୃଦ.
ଉତ୍ତାଳ ତରଂଗ ବହୁଦୂରୁ ନାଚି
ବେଗେ ମାଡିଆସେ ତୀର ପରଶି .
ତାଟସ୍ଥ ରହିଯାନ୍ତି କୋଟି ଦେଖଣାହାରୀ

ISSN NO.
2582-208X

ଇଚ୍ଛାହୁଏ ନାହିଁ ଫେଡିବାକୁ ନୟନ ·
ତା'ର ଦରଶନେ ଭୁଲିଯାଉ ଖ୍ୟଣେ
ବାକିଦୁନିଆର ନୈମତ୍ତିକ ଘଟଣା କ୍ରମ ·
ଆକାଶୀଚ୍ଚାତକ ପରି ଲାଖି ରହିଥାଏ
ବିନାପଲକପାତେ ବେନି ନୟନ ·
ପ୍ରଭାତବେଳାର ପୂରୁବ ଦିଶାରୁ ଯେବେ
ଲୋହିତବର୍ଣେ ବିରାଜିଥାନ୍ତି ସୂରୁଜଦେବ,
ଆହା ଆହା ସେଦୃଶ୍ୟକି ମନୋରମ !
ନିଜେ ନନିଭାଇଲେ କରିହୁଏନି ଅନୁଭବ ·
ଜଳବଖ୍ୟ ଛୁଇଁ ମାଛରଂକାଗଗେ
ଦ୍ରୁତବେଗେ ଆସି ଝାମ୍ପିନେଇଥାନ୍ତି
ଭାସମାନ ମସ୍ୟ ନିଜ ଶକତ ଥଣ୍ଟେ ·

ବାଲୁକା'ପରେ ଭାଗି ରହିଥାନ୍ତି
ଇତସ୍ତତେ କୋଟି ଶାମୁକା ଗଣ ·
ସେ' ଜୀବନ୍ତ ଦୃଶ୍ୟ ଅବଲୋକନେ
ଚଖ୍ୟୁ ହୋଇଯାଏ ଧନ୍ୟଧନ୍ୟ ·
ତୀକ୍ଷଣ ଶରୀରେ ସ୍ୱଳ୍ପ ଗତିରେ ବି
ପ୍ରସଂଶା କରିବାକୁହୁଏ ତାଂକ ମାନସିକତା·
ମନୁଷ୍ୟକୁ ଦେଖି ଦ୍ରୁତେ ଭାଗିଥାନ୍ତି
ସହସାନେଇଥାନ୍ତି ବାଲୁକା ବିଳେ ଆଶ୍ରୟ ·
ଚପଳମତି ବାଳୁତେ ସେଥେ ହସ୍ତପୁରାଇ
ତାଂକୁ କରିଥାନ୍ତି ଉସୁକେ ବାହାର ·

ISSN NO.
2582-208X

ଦୂରଦିଗବଳୟ ଯାଏ ଲମ୍ବିତ ସାଗର ,
ଯେତେପାଖେ ଗଲେବି ଲାଗେ ଦୂରତର.
ଧୂଆଁଧୂଆଁ ଲାଗେ ତା' ସୁଦୁର ବଖ୍ୟ
ବୁଝିହୁଏ ନାହିଁ ପାତିଲେ ବି ଲଖ୍ୟ .
ତାର ଦରଶନେ ନପଡେ ପଲକ ,
ବିହ୍ୱଳିତ ଲାଗେ ଦେଖି ତା ଅଂକ.
ହଜିଯାଇଥାଏ ଖ୍ୟଣେ ସାଂସାରିକ ଜଂଜାଳ
ପଛେରହିଯାଏ ଯେତେ ଦୁଃଖ, କଷଣ.

ବିଚିତ୍ର ପ୍ରକୃତିର ଏହାକିଯେ ଅଂଗ ?
ଇଛାଟି ଜାହିରହୁଏ ରହିବାକୁ ତାସଂଗ.
ଉପର ଗଗନେ ସୁନୀଳ ବିତାନ
ତଳେ ବିସ୍ତୀର୍ଣ ଜଳର ଅର୍ଣବ .
ଭିଗାବାଲୁକାର ନୀଃଶେଷ ବିସ୍ତାର
ଯେତେ ଚାଲୁଥିଲେ ଲାଗଇ ଅସର .

ନାଳ ମିଳିଥାଏ ନଦୀର ଜଳେ,
ନଦୀ ମିଳିଥାଏ ଯାଇ ସାଗରେ,
ସାଗର ମିଳେଯାଇ କେଉଂ ଥଳେ
ତା'ର ହିସାବ କେହି ଜାଣେନା .
ଉତଖିପ୍ତହେଲେ ତା ମାନସିକତା
ମାଡିଆସେ କୂଳେ ନରଖି ବାଡବତା.
ଲଘୁଚାପ, ସୁନାମୀ ଆମେ କହିଥାଉ,
ଭସାଇ ନିଏସେ ଚାଳ, ଛପର, ସୌଧ.

ISSN NO.
2582-208X

କହିଥାଉ ଆମେ ଇଶ୍ୱରଂକ ବିଚାର
କେବେକେବେ ଅବୈଧ ଆଉ ଅବୋଧ୍ୟ .

କବି, ଲେଖକ, ଚିନ୍ତକ, ଚିତ୍ରକାରଂକର
ସେତ ଅନମୋଲ ଅତୌଲ୍ୟ ଗନ୍ତାଘର.
ରହିଯାଏ ଛାପି ମାନସପଟରେ
ଲେଖିହୋଇଯାଏ ଅଲିଭା ଅଖ୍ୟରେ.
ଖ୍ୟୁଧା, ତୃଷା ଭୁଲି ଡେରି ରହିଥାନ୍ତି
ନୟନ ଭରିକରି ଦେଖି ରହିଥାନ୍ତି !
ପିଇ ରହିଥାନ୍ତି ତା' ରୁଚିର ପୀୟୁଷ.
ସେ ଆନଂଦ ଅଟେ ପଟାନ୍ତରହୀନ,
ଅତୁଳ, ଅବ୍ୟକ୍ତ, ଅତୌଲ୍ୟ ସେ ଦାନ.
କୋଟି ହିଂରା,ଲୀଳା, ବୈଡୁର୍ଯ୍ୟ ଦେଲେବି
ନମିଳିପାରେ ତେସନ ଅନମୋଲ; ରତନ .

ମୂକ ଦରଶକ ସାଜି, ଥାଏ ଅହର୍ନିଶୀ
ବେଳାଭୂମିର ସେ ଅଟେ ହରିଶ୍ଚଂଦ୍ର.
ଏହି ବୈଶିଷ୍ୟ, ବୈଲଖ୍ୟଣକୁ ଅଂଗେ ଲିଭାଇ
ଦେଇରହିଥାଏ ତୀରଦେଶର ପଦଭ୍ରମଣକାରୀଂକୁ ଯୁଗଯୁଗ
ଅକୁଂଠ ସୁଯୋଗ ଓ ସାହଚର୍ଯ୍ୟ !
ଅଗ୍ରେ ଭାଗିପଡନ୍ତି ଜନସମୃଦ୍ର ,
ହେଲେରହିଯାଏ ପଛେ ଭଂଗୁର ପଦଚିହ୍ନ,
ଯାହା ଦବିଯାଇଥାଏ ନୂଆ ଲହଡିରେ
ପୁଣି ମଥାଟେକେ ଆରକ ପଦଚିହ୍ନ !

ISSN NO.
2582-208X

କିଛି ପଦଚିହ୍ନ ରୋଗୀ ବୈରାଗୀଂକ,
କିଛିଥାଏ ସନ୍ତରଣକାରୀଂକର,
କିଛି ନିବିଡ,ଅଛୋଡ ପ୍ରେମୀଯୋଡିଂକର,
କିଛିପୁଣିଥାଏ ସମୁଦ୍ରକୂଳିଆ ଚାଳିଆତଳର
ସଡସଡ ଭିଗାବାଲିର ବଣମଣିଷଂକର !

ହାୟ ରେ ଘଟଣାବହୁଳ ସ୍ମୃତି-ବିଜଡିତ ବେଳାଭୂମି !
ଇଚ୍ଛାହୁଏ ତୁମପାଶେ ଅହର୍ନିଶି ରହି
ତୁମକୁ ରହିବାକୁ ସଦା ଚୁମ୍ବି !

ନାଂ ତୁମେ ଜାଣ, ନାଂ ମୁଂ ଜାଣେ ,
କେତେକେତେ ଆସି, ଗଲେଣି ତୁମ
ବକ୍ଷ୍ୟେ ଚଢି ଆଉ ପଦଚିହ୍ନ ପଛେଛାଡି !
ଆକଳନ ତାର ଅସମ୍ଭବ !

କଟକ

ISSN NO.
2582-208X

# ଶୀତର ପ୍ରକୋପ



ଡ. ପ୍ରସନ୍ନ କୁମାର ବଳ

ଶୀତର ପ୍ରକୋପ ଦୂରେଇ ଯାଇଛି,
ହଜି ଯାଇଛି ସେ ଆଜି,
କାହା ପାଇଁ ହେଲା, କିପରି ଏ ହେଲା,
ପଡିଛି ତ ସିଏ ବାଜି ।।
ଶୀତଦିନର ସେ ନିଦୁଆ ସକା ,
କାକରର ଭିଜା ଘାସ,
ଖରା ଆସିଗଲେ ଗହଳି କରନ୍ତି,
ପାଇବାକୁ ତାର ଧାସ ।।
ଶୀତଦିନ ସନ୍ଧ୍ୟା କି ଆନନ୍ଦମୟ,
ନିଆଁ ଜାଳି ବସୁ ଯେବେ,
ସ୍ୱପ୍ନ ସେ ସମୟ ହୋଇଅଛି ଆଜି,
ନିଆଁ ଜାଳୁ ନାହୁଁ ଏବେ ।।
ସେ ପୁରୁଣା ଗୀତ ଅଲୋଡା ହୋଇଛି,

(ହିମେ କାର୍ତ୍ତିକ ମାର୍ଗଶୀର, ରାତିରେ ପଡଇ ଶିଶିର,
ଶୀତରେ ପୁଷ, ମାଘ ମାସ, ଦେହରେ ରଖ ଶୀତ ବାସ )

ISSN NO.
2582-208X

ସତେ ଏ ଧରାଧାମରୁ,
ସୃଷ୍ଟିର ନିୟମ ବଦଳି ଯାଇଛି,
ଆମର ହିଁ କୁକର୍ମରୁ ।।
ବରଷକରେ ତ ଛଅ ଋତୁ ଆସେ,
ପଢିଥିଲୁ ପିଲା ଦିନେ,
ହେଲେ ଆଜି ଦେଖେ ଛ'ର ବଦଳେ,
ତିନି ଋତୁ ରାଜକରେ ।।
ଲମ୍ବା ଗ୍ରୀଷ୍ମ ଋତୁ, ଅନିୟମିତ ବର୍ଷା,
ଛୋଟ ଆଜି ଶୀତ ଋତୁ,
ଦିଏ କଷ୍ଟ ଭାରି, ଅସହ୍ୟ ଯନ୍ତ୍ରଣା,
ପାଏ ସୃଷ୍ଟି ସେହି ହେତୁ ।।

ପରିବେଶ ପ୍ରଦୂଷଣ କରି ଆମେ,
ଭୋଗୁଛେ କର୍ମର ଫଳ,
ଗଛ ସବୁ କାଟି ଧ୍ୱଂସ କରୁଅଛେ,
ହେବ ଜୀବନର କାଳ ।।
ଶୀତ ଦିନଟିରେ ମନ ଭରିଯାଏ,
କେତେ ପରବ ତ ପଡେ,
କୁମାର ପୂର୍ଣ୍ଣିମା, ଲକ୍ଷ୍ମୀ ପୂଜା ପରି,
ପର୍ବ ପର୍ବାଣୀ ତ ପଡେ ।।
ଦିବାଳି ଓ ବାଲିଯାତ୍ରା ଆସିଥାଏ,
ମନେ ଭରିଦିଏ ଫୁର୍ତ୍ତି,
ଛାଡଖାଇ, ପ୍ରଥମାଷ୍ଟମୀ, ମକର,
ପର୍ବରେ ତ କରୁ ମସ୍ତି ।।
ଶୀତ ଦିନର ସେ ପନି ପରିବାର,
ଅବର୍ଣ୍ଣନୀୟ ତା ରୂପ,

ISSN NO.
2582-208X

କି ସତେଜ ସତେ, ମନ ପୁରିଯାଏ,
କରୁଥାଏ ଚକ ଚକ ।।
ପରିଭ୍ରମଣର ପ୍ରକୃଷ୍ଟ ସମୟ,
ଶୀତ ଋତୁ ହୋଇଥାଏ,
କେତେ ବଣଭୋଜି କରନ୍ତି ସମସ୍ତେ,
ମଜାର ସୀମା ନ ଥାଏ ।।
ଏତେ ଉପକାରୀ ଶୀତ ଋତୁ ଯେବେ,
ଏ ଧରତୀ ପାଇଁ ସତେ,
ଆସନ୍ତୁ ସଭିଏଁ ଶୃଙ୍ଖଳିତ ହେବା,
ଫେରାଇ କୌଣସି ମତେ ।।
ଗଛ ଲଗେଇବା, ଗଛ ନ କାଟିବା,
ପାଇଁ ନେବାରେ ଶପଥ,
ପରିବେଶକୁ ତ ନଷ୍ଟ ନ କରିବା,
ହେଉ ଆମର ହିଁ ଲକ୍ଷ୍ୟ ।।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଟୋଲେଡୋ ସହରରେ ଦିନଟିଏ



ଡକ୍ଟର ବିଜ୍ଞାନୀ ଦାସ

ସେଦିନ ଥିଲା ୨୦୨୪ ମସିହାର ଅକ୍ଟୋବର ମାସ, ୨ ତାରିଖ, ବୁଧବାର । ଗତ ରାତିରେ ଭଲ ନିଦ ହୋଇଥିଲା । ମୁଣ୍ଡ ବିନ୍ଧୁ ନଥିଲା କି ଗୋଡ ଦରଜ ନଥିଲା । ଶରୀର ଯାତ୍ରା ପାଇଁ ସଂପୂର୍ଣ୍ଣ ଭାବେ ସକ୍ଷମ । ନିଦ ବି ଠିକ୍ ସମୟରେ ଭାଙ୍ଗିଗଲା । ସକାଳ ୭ଟା ଭିତରେ ଉଭୟ ସୋନା ଓ ସ୍ୱରୂପଙ୍କର ନିତ୍ୟକର୍ମ ଶେଷ ହୋଇଗଲା । ସେମାନେ ପ୍ରସ୍ତୁତ ହୋଇ ନଅ ମହଲାରେ ଥିବା ହୋଟେଲର ଭୋଜନାଳୟକୁ ଗଲେ । ସେତେବେଳେ ସେଠି ଭୋଜନାଳୟର କର୍ମୀମାନଙ୍କ ଛଡା ଆଉ କେହି ନଥିଲେ । ତା' ଅର୍ଥ ହେଲା ସୋନା ଓ ସ୍ୱରୂପ ଖାଦ୍ୟ ବଇନି କଲେ । ସକାଳ ଭୋଜନରେ ପ୍ରାୟ ୫୦ ରକମର ଖାଦ୍ୟ ଥିଲା । ୧୦-୧୨ ରକମର ପାଉଁରୁଟି, ୧୦ ରକମର ଫଳ, ୧୦ ରକମର ସିରିୟଲ୍, ୧୦ ରକମର ରନ୍ଧା ଖାଦ୍ୟ, ସାଲାଡ୍, ଦହି, ଦୁଧ, ଗୋଟା ଫଳ, ୭ ରକମର ଫଳ ରସ, ଚାହା, କଫି, ଇତ୍ୟାଦି ଇତ୍ୟାଦି । ସେସବୁ ଭିତରୁ ନିରାମିଷ ଭିତରେ ଛତୁ ଭଜା, ନାଲି, ନାରଙ୍ଗୀ, ଓ ସବୁଜ ସିମଳା ମିର୍ଚ୍ଚି ସହିତ ଗାଜରର ଏକ ତରକାରୀ, ଓ ଗୋଟା ଆଳୁ ଭଜା ଥିଲା । ପାଉଁରୁଟି, ମୁଢି, ଓ କ୍ଷୀର ସହିତ ସେସବୁ ତରକାରୀ ଭାବେ ଅତ୍ୟନ୍ତ ସୁସ୍ୱାଦୁ ଲାଗୁଥିଲା । ପେଟପୂରା ଖାଇ ସାରି ସେମାନେ ନିଜ କୋଠରିକୁ ଫେରିଲେ । ସୋନା ନିଜ ବ୍ୟାଗ୍ ଭଲଭାବେ ସଜାଡି ରଖିଲା । କ୍ୟାମେରାଠାରୁ ଆରମ୍ଭ କରି କିଛି ପାଟିପକା ଖାଦ୍ୟ, ଓ ପାଣି ବି ଭର୍ତ୍ତି କରି ରଖିଲା । ସ୍ୱରୂପ ତାଙ୍କ କନ୍‌ଫରେନସ ଯିବାପାଇଁ ସମସ୍ତ ଜିନିଷ ସଜାଡି ରଖିଲେ । ନିଜ ଝରକାପଟୁ ବାହାରକୁ ଦେଖିବା ବେଳକୁ ସେପର୍ଯ୍ୟନ୍ତ ଭୋର ଭଳି ଲାଗୁଥିଲା । ସେଦିନ ମାଦ୍ରିଦ୍‌ର ମେଘୁଆ ପାଗ ରହିବ ଓ ଅପରାହ୍ନରେ ବର୍ଷା ହେବ

ISSN NO.
2582-208X

ବୋଲି ଟିଭିରେ ଦେଖାଉଥିଲା । ସୋନା ଭାବିଲା, ସିଏ ତ ଟୋଲେଡୋ ଯିବ, ସେଠାରେ ହୁଏତ ବର୍ଷା ହେଉନଥିବ । ସୋନା ଓ ସ୍ୱରୂପ ଏକାସାଙ୍ଗରେ ହୋଟେଲରୁ ୮ଟା ୩୦ ବେଳକୁ ବାହାରି ଆସିଲେ । ସ୍ୱରୂପ ବସ୍ ପାଇଁ ଅପେକ୍ଷା କରି ରହିଲେ ଓ ସୋନା ଚାଲି ଚାଲି ୟେଲୋ ଟୁର୍ ସେଣ୍ଟରରେ ୩ ମିନିଟ୍ ଭିତରେ ପହଞ୍ଚିଗଲା ।

ସେମିତି ପୂର୍ବଦିନ ଭଳି ସେମାନେ ଧାଡିରେ ଠିଆ ହୋଇ ରହିଲେ । ପ୍ରାୟଃ ୫୦ ଜଣ ବ୍ୟକ୍ତି ଟୋଲେଡୋ ଟୁର୍ ରେ ଯିବା ପାଇଁ ଠିଆ ହୋଇଥିଲେ । ସେମାନେ ସମସ୍ତେ ନୂଆ । ଗତକାଲିର ଟୁରରେ ଥିବା କିଛି ପରିଚିତ ମୁହଁ ନଥିଲା । ଜଣେ ଗାଇଡ୍ ସେମାନଙ୍କୁ ୯ଟା ବେଳକୁ ଆଣି ଟୋଲେଡୋ ଯାତ୍ରା ପାଇଁ ଉଦ୍ଦିଷ୍ଟ ବସ୍ ରେ ବସାଇଲେ । ମାଦ୍ରିଦ୍‌ରୁ ଟୋଲେଡୋ ବସ୍ ଯାତ୍ରା ମାତ୍ର ୫୦ ମିନିଟ୍‌ର ଥିଲା । ବସ୍ ଭିତରେ ଟୁର୍ ଗାଇଡ୍ କିଛିକିଛି କହି ଚାଲିଥାଏ । ଟୋଲେଡୋରେ କଣକଣ ସବୁ ଦେଖିବାର ଅଛି, ସେସବୁ ବର୍ଣ୍ଣନା କରିଗଲା । ପ୍ରାୟ ୪୦-୪୫ ମିନିଟ୍‌ର ଯାତ୍ରା ପରେ ପାନାରୋମିକ୍ ଦୃଶ୍ୟ ଦେଖାଇବା ପାଇଁ ବସ୍ "ମିରାଡୋର ଡେଲ ଭାଲେ" ନାମକ ଏକ ସ୍ଥାନରେ ରହିଲା । ସେଠାରୁ ଟାଗସ୍ ନଦୀ ଓ ନଦୀର ଅପର ପାର୍ଶ୍ୱରେ ଥିବା କ୍ୟାଥେଡ୍ରାଲ ଓ ଟୋଲେଡୋ ସହରର ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା । ସେଠାରୁ ୩୬୦ ଡିଗ୍ରୀର ଫଟୋ ଉଠାଇ ହେବ । ସେ ସ୍ଥାନଟି ସହରର ବ୍ୟାପକ ଦୃଶ୍ୟ ଦେଖାଇବା ପାଇଁ ହିଁ ନିର୍ମିତ । ପାଚେରି ଭିତରେ ରହିଥିବା ଟୋଲେଡୋ ସହର ପାର୍ଶ୍ୱରେ, ଟାଗୋସ୍ ନଦୀର ଦକ୍ଷିଣ ପାର୍ଶ୍ୱରେ ଏବଂ ସାନ୍ ମାର୍ଟିନ୍ ବ୍ରିଜ୍ ଓ ଆଲ୍‌କାନ୍ତରା ବ୍ରିଜ୍‌ର ମଧ୍ୟସ୍ଥଳୀରେ ଏହି ସ୍ଥାନଟି ଅବସ୍ଥିତ । ସେଠାରୁ ଆଲ୍‌କାଜାର୍ କୋଠା, ସାନ୍ତା ଇଗଲେସିଆ କାଥେଡ୍ରାଲ, ଉଚ୍ଚ ମଧ୍ୟଯୁଗୀୟ ଘର ଓ ଟୋଲେଡୋ ସହର ମଧ୍ୟରେ ଥିବା ଅନ୍ୟ ସବୁ ଅଟ୍ଟାଳିକା ସ୍ୱଷ୍ଟ ଭାବେ ଦିଶୁଥିଲା । ସେଠାରେ ଏକ ପିତ୍ତଳ ମାର୍କ ମଧ୍ୟ ଅଛି, ଯାହାକି ସେ ସ୍ଥାନରୁ ଆକର୍ଷଣର ଦିଗକୁ ସୂଚିତ କରେ ।

ସବୁଦିଗରୁ ଦେଖିଲେ ଏ ସ୍ଥଳୀରୁ ସବୁ କିଛି ଚମତ୍କାର ଦିଶେ । ଅନ୍ୟ ସବୁ ଟୁର୍ ବସ୍ ମଧ୍ୟ ସେ ସ୍ଥାନରେ ରହୁଥିଲା । ସେଥିପାଇଁ ସେମାନଙ୍କୁ ସେସବୁ ଦୃଶ୍ୟ ଉପଭୋଗ କରିବା ଓ ଫଟୋ ନେବାପାଇଁ ମାତ୍ର ୧୫ ମିନିଟ୍ ମିଳିଥିଲା । କିନ୍ତୁ, ସେ ସୌନ୍ଦର୍ଯ୍ୟ ଏମିତି ଥିଲା, ଯେତେ ଦେଖିଲେ ବି ମନ ପୂରିବନି । ଜଣେ ସହଯାତ୍ରୀଙ୍କୁ ଅନୁରୋଧ କରି ସୋନା ନିଜର କିଛି ଫଟୋ ଉଠେଇନେଲା । ସିଏ ବି ସେମାନଙ୍କର ଫଟୋ ଉଠେଇବାରେ ସାହାଯ୍ୟ କଲା ।

ISSN NO.
2582-208X

ପାହାଡିଆ ରାସ୍ତା । ଭିତରେ ନଇ ବହିଯାଇଛି । ଆଉ ବସ୍ ଭିତରେ ଥାଇ ସେମାନେ ସବୁ ଦୃଶ୍ୟ ଦେଖିଦେଖି ଯାଉଛନ୍ତି । ବଡ ସୁନ୍ଦର ସେ ଅନୁଭୂତି । ଟୁର୍ ଗାଇଡ୍ ସହରର ଇତିହାସ ବିଷୟରେ ବିବରଣୀ ଦେଲେ । ସ୍ପେନ୍ ର ଅନ୍ୟ କେତେକ ସହର ଭଳି ଟୋଲେଡୋ ମଧ୍ୟ ତିନୋଟି ସଂସ୍କୃତିର ସହର । ଏ ସହରର ଇତିହାସରେ ଖ୍ରୀଷ୍ଟିଆନ, ମୁସଲମାନ ଓ ଇହୁଦୀମାନଙ୍କର ସଂଗମ ଘଟିଛି ଓ ସେମାନଙ୍କ ସଂସ୍କୃତି ସବୁର ସମନ୍ୱୟ ଘଟିଛି । ଏଠାରେ ଶତାବ୍ଦୀ ପୁରୁଣା ସ୍ଥାପତ୍ୟ ରହିଛି ଓ ବିଭିନ୍ନ ସଭ୍ୟତାର ଅବଶିଷ୍ଟାଂଶ ରହିଛି । ପ୍ରାଚୀନ ରୋମାନ୍ କାନ୍ଥ, ଯାହା ୬୭୪ ମସିହାରେ ରାଜା ୱାମ୍ବାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା ଓ ପରେ ରାଜା ଆଲଫାନସୋ ଷଷ୍ଠଙ୍କ ଦ୍ୱାରା ସଂପନ୍ନ ହୋଇଥିଲା, ସେ କାନ୍ଥ ଏବେ ମଧ୍ୟ ରହିଛି ।

କିଛି ସମୟ ପରେ ବସ୍ ଏକ ପୁରୁଣା ଧାତୁ କାରଖାନା ଆଗରେ ରହିଲା । ସେଠି ଅନ୍ୟାନ୍ୟ ଟୁର୍ ବସ୍ ମଧ୍ୟ ରହିଥିଲା । ଟୁର୍ ଗାଇଡ୍‌କୁ ଅନୁସରଣ କରି ସେମାନେ ସମସ୍ତେ ସେ ଧାତୁ କାରଖାନା ଭିତରେ ପଶିଲେ । ସେ ଧାତୁ କାରଖାନାର ନାମ ଥିଲା, ଡାମାସକ୍ୱିନାଡୋସ ସୁଆରେସ । ସେ ଧାତୁ କାରଖାନାଟି ପରିଦର୍ଶନ କରିବାର ଯୋଗ୍ୟ । ସେଠାରେ ଅସଂଖ୍ୟ ଖଣ୍ଡା, ଢାଲ, ବାହୁବଳୀ, ଓ ଅଳଙ୍କାର ରହିଥିଲା । ସେସବୁ କେମିତି ପୂର୍ବ ପଦ୍ଧତିରେ ତିଆରି ହୁଏ, ତାର ଏକ ଭିଡିଓ ସେମାନେ ଦେଖାଇଲେ ଓ ସେସବୁ ପ୍ରକ୍ରିୟାର ପ୍ରଦର୍ଶନ ମଧ୍ୟ କରାଇଲେ । ତାପରେ ଟୁର୍ ଗାଇଡ୍ ସେମାନଙ୍କୁ ଧାତୁ କାରଖାନାର ଉପହାର ଦୋକାନକୁ ନେଇଗଲେ । ସେଠି ସବୁ ଜିନିଷ ସୋନାକୁ ଲୋଭନୀୟ ଲାଗିଲା । ଖଣ୍ଡା, ଢାଲ ତ ବଡବଡ ଜିନିଷ, ତାକୁ ନେଇହେବନି । ହେଲେ ଅନ୍ୟ ସବୁ ସାମଗ୍ରୀ ମଧ୍ୟରୁ କିଛି ପ୍ଲେଟ ଓ କାନଫୁଲ କିଣିବାକୁ ସୋନାର ଆଗ୍ରହ ହେଲା । ହେଲେ ସେସବୁର ଦାମ୍ ବହୁତ ଥିଲା । ଖାଲି କାନଫୁଲ ଗୋଟିଏ ସେଟକୁ ୭୫ ୟୁରୋ କହିଲା । ହେଲେ ସେ କାନଫୁଲ ପିଲାମାନଙ୍କୁ ପସନ୍ଦ ଆସିବ କି ନା ଭାବି ସୋନା ଆଉ କିଣିଲାନି । ଏତେ ଅର୍ଥ ଖର୍ଚ୍ଚ କରି ଯଦି କିଛି କିଣିବ ଓ ତାକୁ ଜଣେ ପସନ୍ଦ ନ କରିବ କି ବ୍ୟବହାର ନ କରିବ, ତେବେ ସେସବୁ କିଣିବାର ମାନେ କିଛି ରହେନି । ଅବଶ୍ୟ ଆଜିକାଲି ସୋନାର ସେମିତି ଭୁଲ୍ ହେଉଛି । ଯୁଆଡେ ଯାଉଛି, କିଛି କିଣି ଆଣିବାକୁ ତାର ପ୍ରବଳ ଇଚ୍ଛା ହେଉଛି । ହେଲେ ସେସବୁ ଆସି ଘରେ ପୂଜା ପାଉଛନ୍ତି । ବ୍ୟବହାର ଥରେ ଅଧେ କେତେବେଳେ ମନେ ପଡିଗଲେ ହେଉଛି, ନହେଲେ ନାହିଁ । ସେଦିନ କିନ୍ତୁ ସିଏ ନିଜର ଆଗ୍ରହକୁ ଦମନ କଲା । ସେଥିପାଇଁ ନିଜକୁ ସାବାସି ଦେଲା ।

ISSN NO.
2582-208X

ଧାତୁ କାରଖାନାର ଶୌଚାଳୟ ନିକଟରେ ବଡ ଧାଡି ଲାଗିଥିଲା । ନାରୀ ମାନଙ୍କ ଧାଡି ଲମ୍ବା ଥିଲା । ଆଉ କାଳେ ସୁଯୋଗ ମିଳିବ, ନ ମିଳିବ ଭାବି ସୋନା ମଧ୍ୟ ସେ ଧାଡିରେ ସାମିଲ ହୋଇଗଲା । ନିଜ ଟୁର୍ ରେ ଥିବା କିଛି ସହଯାତ୍ରୀଙ୍କୁ ସିଏ ସେ ଧାଡିରେ ଦେଖିଲା ଓ ସେମାନଙ୍କୁ ଖିଆଲ କରି ସିଏ ନିଶ୍ଚିତ ରହିଲା ଯେ, ବସ୍ ତାକୁ ଛାଡି ଚାଲିଯିବନି । ଶୌଚାଳୟ କାମ ସାରି ସିଏ ସିଧା ସେ କାରଖାନାର ବାହାରକୁ ଆସିଲା । ସେଠି ସେ ଟୁର୍ ଗାଇଡ୍ ବାହାରେ ଠିଆ ହୋଇ ଗୋଟିଏ ବଡ ବ୍ରେଡ ଧରି ଖାଉଥିଲା । ତାରି ପାଖରେ ସୋନା ଠିଆ ହେଲା । କାରଣ ସେଠି ପ୍ରାୟ ୧୦ଟି ଟୁର୍ ବସ୍ ଅଟକିଥିଲେ । ସେଥିରୁ କେଉଁଟି ସେମାନଙ୍କ ବସ୍, ତାର ସେ ଅନୁମାନ ହେଲାନି । ସେଥିପାଇଁ ସିଏ ବସ୍ ଭିତରକୁ ଗଲାନି । କିଛି ସମୟ ପରେ ଅନ୍ୟାନ୍ୟ ଯାତ୍ରୀମାନେ ଆସିଗଲେ । ବସ୍ ଟୋଲେଡୋର ମୁଖ୍ୟ ଆକର୍ଷଣ ଦିଗରେ ଗତି କଲା ।

ଶେଷରେ ବସ୍ ଟୋଲେଡୋ ସହରର ପ୍ରବେଶ ଦ୍ୱାର, ଏସ୍କାଲେରସ୍ ଜୋକୋଡୋଭର ନିକଟରେ ଏକ ଷ୍ଟପ ପାଖରେ ରହିଲା । ସେଠାରେ ଅନ୍ୟ ସବୁ ଟୁର୍ ବସ୍ ମଧ୍ୟ ରହୁଥିଲା। ସେଠାରୁ "ମୁରାଲା ଦେ ଟୋଲେଡୋ' ବା ଟୋଲେଡୋ ସହରର ପ୍ରାଚୀର କାନ୍ଥ ସ୍ପଷ୍ଟ ଭାବେ ଦିଶୁଥିଲା । ଟୋଲେଡୋର କାନ୍ଥ ଏକ ଉଲ୍ଲେଖନୀୟ ଐତିହାସିକ ସ୍ଥଳୀ ଓ ଏ ସହରରେ ବାସ କରୁଥିବା ଏବଂ ଏହାର ସ୍ଥାପତ୍ୟରେ ନିଜ ଚିହ୍ନ ଛାଡିଥିବା ଅନେକ ସଭ୍ୟତାର ପ୍ରମାଣ । ପ୍ରଥମେ ରୋମାନ୍ ମାନେ ସେ କାନ୍ଥ ନିର୍ମାଣ କରିଥିଲେ । ଭିଜିଗୋଥିକ ସମୟ ମଧ୍ୟରେ ସେ କାନ୍ଥରୁ ପଥର ବ୍ୟବହୃତ ହୋଇ ସହରର କାନ୍ଥଗୁଡିକ ତିନିଗୁଣ ଆକାରରେ ବୃଦ୍ଧି ପାଇଲା । ଅଷ୍ଟମ ଶତାବ୍ଦୀରେ ଟୋଲେଡୋ ଦଖଲ କରିଥିବା ଆରବମାନେ କାନ୍ଥ ଏବଂ ସହରକୁ ନିଜେ ବିସ୍ତାର କରିଥିଲେ । ଏ କାନ୍ଥର ଫାଟକ ମାନଙ୍କ ମଧ୍ୟରୁ ଗୋଟିଏ ହେଉଛି "ପୁଏରଟା ଡି ଆଲଫୋନ୍ସୋ ଷଷ୍ଠ' ଯାହା ସହରର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ।

ସୋନାର ମନରେ ଭୟ ଥିଲା, ହୁଏତ ଏ ସ୍ଥାନରେ ତାକୁ ଅତି ଉପରକୁ ଚଢିବାକୁ ପଡିବ । ସେ କାନ୍ଥ ପାଖରେ ପହଞ୍ଚିବାକୁ ସମସ୍ତଙ୍କୁ ପ୍ରାୟ ୧୦ ମିନିଟ୍ ଚାଲିବାକୁ ପଡିଲା । ଭିତରେ ପଶିବା ପରେ ସୋନା ଏସ୍କାଲେଟର ଦେଖି ଖୁସି ହୋଇଗଲା । ସେମିତି ପାଞ୍ଚଟି ଏସ୍କାଲେଟରରେ ଚଢି ସେମାନେ ଶେଷରେ ଉପରେ ପହଞ୍ଚିଲେ । ସେଠାରେ ସମସ୍ତେ

ISSN NO.
2582-208X

ଏକତ୍ରିତ ହୋଇ ଟୁର୍ ଗାଇଡ୍‌ର ନିର୍ଦ୍ଦେଶକୁ ଅପେକ୍ଷା କରିରହିଲେ । ସେଠାରେ ଜଣେ ବ୍ୟକ୍ତି ବସି ଗୀତ ଗାଉଥିଲା ।

ସେ ଗୀତ ଶୁଣି କିଛି ବ୍ୟକ୍ତି ସେ ଗୀତ ସହିତ ତାଳ ଦେଇ ଗାଇବାକୁ ଲାଗିଲେ ଓ ସେ ବ୍ୟକ୍ତିକୁ ଗୀତ ଶେଷରେ କିଛି ଅର୍ଥ ଦେଲେ । ଅନ୍ୟ କିଛି ବ୍ୟକ୍ତି ପାଖରେ ବୁଲିବୁଲି ଫଟୋ ଉଠାଉଥିଲେ । ସେଠାର କରିଡର୍‌ରୁ ତଳକୁ ଚାହିଁଲେ ଟୋଲେଡୋ ସହରର ତଳ ଅଂଶ ଅତ୍ୟନ୍ତ ଚମତ୍କାର ଦିଶୁଥିଲା ।

ଟୁର୍ ଗାଇଡ୍ ସେ ଭିତରେ ଇଂଲିଶ୍ ଓ ସ୍ପାନିଶ୍ ବୁଝୁଥିବା ଯାତ୍ରୀମାନଙ୍କୁ ୨ ଦଳରେ ବିଭକ୍ତ କରିଦେଲା ଓ ଜଣେଇଲା ଯେ ୟେଲୋ ଟୁର୍‌ର ଆଉ ଦୁଇଜଣ ଗାଇଡ୍ ଆସି ପହଞ୍ଚିବେ । ସେତେବେଳେ ସେ ଦୁଇଜଣଙ୍କ ସାଥୀରେ ସେମାନେ ଭାଗ ହୋଇ ଦୁଇଦଳରେ ଯିବେ । ୧୦ ମିନିଟ୍ ଅପେକ୍ଷା କରିବା ପରେ ଦୁଇଜଣ ଟୁର୍ ଗାଇଡ୍ ପହଞ୍ଚିଗଲେ । ସେମାନଙ୍କ ମଧ୍ୟରୁ ଜଣେ ଝିଅ ଇଂଲିଶ୍ ବୁଝୁଥିବା ଟୁରିଷ୍ଟ ମାନଙ୍କ ଦାୟିତ୍ୱରେ ରହିଲା । ତାକୁ ଅନୁସରଣ କରି ସୋନା ସହିତ ଅନ୍ୟ କିଛି ଇଂରାଜୀ ବୁଝୁଥିବା ଯାତ୍ରୀ ଚାଲିବାକୁ ଲାଗିଲେ। ଉପରେ କିଛି ପାହାଚ ଅତିକ୍ରମ କରିବା ପରେ ଉଠାଣିରେ ଚଢିଚଢି ସେମାନେ ସମସ୍ତେ "ପ୍ଲାଜା ଜୋକୋଡୋଭର' ରେ ପହଞ୍ଚିଲେ । ସେଠି ସେ ଟୁର୍ ଗାଇଡ୍ ସେ ପ୍ଲାଜା ବିଷୟରେ ବିବରଣୀ ଦେଲା । ଅଧୀକାଂଶ ସମୟରେ ଇତିହାସରେ, ସେ ପ୍ଲାଜାଟି ଟୋଲେଡୋ ସହରର ସ୍ନାୟୁ କେନ୍ଦ୍ର ରହିଥିଲା ଓ ସହରର ମୁଖ୍ୟ ବର୍ଗ ଭାବେ କାମ କରୁଥିଲା । ଏହାର ଏକ ଅଂଶ ଫେଲିପଙ୍କ ରାଜୁତି ସମୟରେ, ଜୁଆନ୍ ଦେ ହେରେରାଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିଲା । ସେ ପ୍ଲାଜାର ଚତୁର୍ଦ୍ଦିଗରେ ଅନେକ ଭୋଜନାଳୟ ରହିଥିଲା ଓ ଅନେକ ବ୍ୟକ୍ତି ଭୋଜନାଳୟ ସବୁର ବାହାରେ ପଡିଥିବା ଚେୟାରରେ ବସି ଖାଉଥିଲେ । ସେତେବେଳେ କିନ୍ତୁ ସେ ସ୍ଥାନରେ ପବନ ବହୁଥିଲା ଓ ଥଠା ଲାଗୁଥିଲା । ସେଠାରେ କିଛି ସମୟ ବିତେଇବା ପରେ ଟୁର୍ ଗାଇଡ୍ ସେମାନଙ୍କୁ ମାର୍କେଟ୍ ଭିତର ଦେଇ ବାଟ କଢେଇନେଲେ ।

ସେଠି ରାସ୍ତା ସବୁ ପଥର ରାସ୍ତା । କେତେବେଳେ ଉଠାଣି ତ କେତେବେଳେ ଗଡାଣି । ଉଠାଣିରେ ବଡ କଷ୍ଟ ଲାଗୁଥାଏ । କିନ୍ତୁ ସମସ୍ତଙ୍କ ସହିତ ତାଳ ଦେଇ ଚାଲିବାକୁ ପଡୁଥାଏ। ଏମିତି ଚଲେଇ ଚଲେଇ ସିଏ ଆଣି କ୍ୟାଥେଡ୍ରାଲ ପ୍ରାଇମାଡା ପାଖରେ ଥିବା

ISSN NO.
2582-208X

ପ୍ଲାଜା ପାଖରେ ପହଞ୍ଚାଇଦେଲା । ସେଠାରେ ସିଏ ଚର୍ଚ୍ଚର ଇତିହାସ ବିଷୟରେ କହିଲା । ଚର୍ଚ୍ଚଟିର ନିର୍ମାଣ କାର୍ଯ୍ୟ ୧୨୨୭ ମସିହାରେ ଆରମ୍ଭ ହୋଇଥିଲା । ପୂର୍ବକାଳରେ ଭାରତରେ ଯେମିତି ସବୁ ମନ୍ଦିରମାନ ନିର୍ମାଣ କରାଯାଇଥିଲା ଓ ମନ୍ଦିର ଭିତରେ କେବଳ ଯେ ଦେବତା ପୂଜା ପାଉଥିଲେ, ତାହା ନୁହେଁ, ମନ୍ଦିର ସବୁକୁ ସାଂସ୍କୃତିକ କେନ୍ଦ୍ର ରୂପେ ପରିଣତ କରାଯାଇଥିଲା, ସେମିତି ଏ କ୍ୟାଥେଡ୍ରାଲ୍‌ଟିର ମଧ୍ୟ ସାତ୍ତ୍ୱିକ ମୂଲ୍ୟବୋଧ ସହିତ, ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ରହିଥିଲା । ସେସବୁ ମୂଲ୍ୟବୋଧ ସମଗ୍ର ଡାୟୋସିସର ପୁରୋହିତଙ୍କ ପାଇଁ ପୁରାଣ ଓ ପୂଜା ପଦ୍ଧତିର ନମୁନା ସଦୃଶ ଅଟେ । ସେଇଆକୁ ଅନୁସରଣ କରି, ସେଥିରେ ଥିବା ତତ୍ତ୍ୱକୁ ବୁଝି ଡାୟୋସିସର ପୁରୋହିତ ମାନେ ଜୀବନ ନିର୍ବାହ କରନ୍ତି ଓ ସମାଜରେ ନିଜର ଭୂମିକା ନିର୍ଦ୍ଧାରଣ କରନ୍ତି ।

କ୍ୟାଥେଡ୍ରାଲ୍ ଗୁଡିକ ଏମିତି ସବୁ ସ୍ଥାନ, ଯେଉଁଠି ପାଶ୍ଚାତ୍ୟ ସଂସ୍କୃତି ଓ ୟୁରୋପୀୟ ସଂସ୍କୃତିର ସଙ୍ଗମ ଘଟିଥିଲା । ସେସବୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ମୂଳକେନ୍ଦ୍ର ଥିଲେ । ଆଜିର କ୍ୟାଥେଡ୍ରାଲ ସବୁ ୟୁରୋପର ସଂସ୍କୃତିର ସାକ୍ଷୀ ।

ଟୁର୍ ଗାଇଡ୍‌ଠାରୁ ଏସବୁ ଶୁଣି ସୋନାର କ୍ୟାଥେଡ୍ରାଲ ଭିତରକୁ ଯିବାକୁ ମନ ହେଲା । ହେଲେ ଟୁର୍ ଗାଇଡ୍ ଜଣେଇଲା, "ମୁଁ ଓ ମୋ ସାଥୀ ଏଇଠାରୁ ବିଦାୟ ନେଉଛୁ । ଏବେ ତମେମାନେ ସ୍ୱାଧୀନ ଭାବେ ବୁଲାବୁଲି କରି ଟୋଲେଡୋ ଦେଖ । କିନ୍ତୁ ୪ଟା ୪୫ ବେଳକୁ ସମସ୍ତେ ବସ୍ ନିକଟକୁ ଆସିଯିବ । ଯେଉଁଠାରେ ବସ୍‌ରୁ ବାହାରିଥିଲ, ସେଇ ସ୍ଥାନକୁ ଆସିଯିବ ।'

ଏକଥା ଶୁଣି ସୋନା ମୁଣ୍ଡରେ ଚଡକ ପଡିଲା । ସିଏ ବ୍ୟସ୍ତ ହୋଇଗଲା । ସିଏ ତ ଏକା ଆସିଛି । ଆଉ ସମସ୍ତେ ସାଙ୍ଗସାଥୀ ହୋଇ ଆସିଛନ୍ତି । ସିଏ ଯଦି ଏ ଦଳରୁ ବାହାରି ଏକାଏକା ବୁଲେ, ସେ ବସ୍ ରହିବା ସ୍ଥାନକୁ ଫେରି ପାରିବ ତ ?

ଏକଥା ସିଏ ଟୁର୍ ଗାଇଡ୍‌କୁ ପଚାରିବାରୁ ସିଏ ଆଗକୁ ଦେଖେଇ କହିଲା, "ତମେ ଯଦି ଏଇ ଆଗେ ଆଗେ ଯିବ, ପ୍ରଥମେ ଯେଉଁ ରାସ୍ତା ଦେଖିବ, ସେ ରାସ୍ତାର ଡାହାଣକୁ ଯିବ । ତାପରେ ତ ସିଧାସିଧା ଯିବ । କେଉଁଠି ବଙ୍କେଇବାର ନାହିଁ । ସିଧାସିଧା ଗଲେ, ଆମେ ଯେଉଁଠି ପଶିଥିଲେ, ତମେ ସେଇଠି ପହଞ୍ଚିପାରିବ ।'

ISSN NO.
2582-208X

ସୋନାକୁ ଲାଗିଲା, ହୁଏତ ସିଏ ସେମିତି କରିପାରିବ । ତଥାପି ମନରେ ଭୟ ରହିଲା । କିଛି ବ୍ୟକ୍ତି କ୍ୟାଥେଡ୍ରାଲର ଭିତର ଦେଖିବାକୁ ଯାଉଥିଲେ । ସୋନା ସେମାନଙ୍କୁ ଅନୁସରଣ କଲା । ହେଲେ, ପ୍ରବେଶ ଦ୍ୱାର ନିକଟରେ ଥିବା ରକ୍ଷୀ ଜଣକ କହିଲେ, "ପ୍ରଥମେ ସାମନାରେ ଥିବା ଟିକେଟ କେନ୍ଦ୍ରରୁ ଟିକେଟ କାଟି ଆଣ ।'

ସୋନା ଟିକେଟ କେନ୍ଦ୍ରକୁ ଗଲା । ଛୋଟ ଟିକେଟ କେନ୍ଦ୍ରଟି । ଭିତରେ ଗହଳି ଥାଏ ଓ ଗରମ ହେଉଥାଏ । ପ୍ରାୟ ପନ୍ଦର ମିନିଟ୍ ଭିତରେ ସୋନା ୧୨ ୟୁରୋ ଦେଇ ଟିକେଟ କିଣି ଆଣିଲା ଓ ତାପରେ ଭିତରେ ପଶିଲା । ଭିତରେ ପଶି ତାର ଆଖି ଖୋସି ହୋଇଗଲା । ଏତେ ସୁନ୍ଦର ଚର୍ଚ୍ଚ ଓ ଏତେ ବଡ ଚର୍ଚ୍ଚ ସିଏ ଆଗରୁ ବାର୍ସିଲୋନାରେ ଦେଖିଥିଲା ଯଦିଓ, ତେବେ ଏ ଚର୍ଚ୍ଚର ସୌନ୍ଦର୍ଯ୍ୟ ଅଲଗା ରକମର । ସେସବୁ ଅଦ୍ୱିତୀୟ ସୌନ୍ଦର୍ଯ୍ୟ ଭିତରେ ରହିଥିଲା "ଡି ଗ୍ରେଟ ମୋନସଟ୍ରାନସ ଅଫ ଆର୍ଫ୍" ଯାହାକୁ "ଲା ଗ୍ରାନ୍ ଓଷ୍ଟେନ୍ସୋରିଆ ଦେ ଟୋଲେଡୋ' ମଧ୍ୟ କୁହାଯାଏ । ଏହା ସର୍ବୋତ୍ତମ ରୂପା ଓ ସୁନାରେ ନିର୍ମିତ ଓ ରତ୍ନଖଚିତ ଦଶ ଫୁଟରୁ ଅଧିକ ଏକ କାରୁକାର୍ଯ୍ୟମୟ ସ୍ତମ୍ଭ । ଏହାର ସୃଷ୍ଟିକର୍ତ୍ତା ଥିଲେ ଧାତୁ ନିର୍ମାଣକାରୀ ଏନ୍ରିକ୍ ଡି ଆର୍ଫେ ଯିଏକି ଜର୍ମାନୀର କୋଲନ ନିକଟ ହାର୍ଫରୁ ଜନ୍ମ ହୋଇଥିଲେ ।

ଯେଉଁଠି ସୋନା କ୍ୟାଥେଡ୍ରାଲ ଭିରକୁ ପଶିଥିଲା, ସେଇଠୁ ସିଧା ଅପର ପାର୍ଶ୍ବକୁ ଆସିଲେ, ସ୍ତମ୍ଭଟି ବାମ ପଟରେ ଗୋଟିଏ କୋଣରେ ରହିଥିଲା । "ଡି ଗ୍ରେଟ ମୋନସଟ୍ରାନସ ଅଫ ଆର୍ଫ୍" ଏକ ଷୋଡଶାଳିଆ ଆଧାର ଉପରେ ସ୍ଥାପିତ ହୋଇଥିଲା ତାହାର ଏକ ସୁନ୍ଦର ଫଟୋ ନେବା ସମ୍ଭବ ହୋଇପାରିଲା ନାହିଁ । କାରଣ, ସେ ସ୍ତମ୍ଭ ନିକଟରେ ସବୁ ସମୟରେ ଲୋକମାନେ ଭର୍ତ୍ତି ହୋଇଥିଲେ । ସୋନା ୧୫ ମିନିଟ ଅପେକ୍ଷ କରିବା ପରେ ବି ସୁଯୋଗ ମିଳିଲାନି । ସୋନା ତାପରେ ଭିତରେ ଅନ୍ୟ ସବୁ ଦିଗକୁ ଦେଖିବା ପାଇଁ ଚାଲିଗଲା ।

ଆଉ ଏକ ସୁନ୍ଦର ସ୍ଥଳୀ ତାର ଦୃଷ୍ଟିଗୋଚର ହେଲା । ତାହା ଥିଲା ଚାପେଲ ହାଉସ୍ । ସେ ସ୍ଥଳୀ ଏକ ବର୍ଗାକାର କୋଠରୀ ଭଳି ଥିଲା । ସେ କୋଠରୀର କାନ୍ଥଗୁଡିକରେ ବିଭିନ୍ନ ଚିତ୍ରକଳା ରହିଥିଲା । ସସବୁ ଚିତ୍ରକଳାରେ ମେରୀଙ୍କ ଜୀବନର ଦୃଶ୍ୟ ଅଙ୍କା ଯାଇଥିଲା ।

ଆଉ ଏକ ସୁନ୍ଦର ସ୍ଥଳୀ ଥିଲା କ୍ୟାଥେଡ୍ରାଲର ରିଟେବଲ ଅର୍ଥାତ୍ ପ୍ରତ୍ୟାବର୍ତ୍ତନ ବେଦୀ । ଏହି କାର୍ଯ୍ୟ ୧୪୯୭ରେ ଆରମ୍ଭ ହୋଇ ୧୫୦୪ରେ ଶେଷ ହୋଇଥିଲା । ଏହା ପାଞ୍ଚଟି

ISSN NO.
2582-208X

କ୍ରମାଗତ ପ୍ୟାନେଲକୁ ନେଇ ଗଠିତ, ସେଣ୍ଟର ପ୍ୟାନେଲ୍ ସର୍ବ ବୃହତ୍ ଅଟେ; ଏହା ପାଞ୍ଚ ମହଲା ଉଚ୍ଚ ଅଟେ ।

କ୍ୟାଥେଡ୍ରାଲ୍‌ର ସମସ୍ତ କିଛିରେ ସୂକ୍ଷ୍ମ କଳାକୃତି ରହିଥିଲା ଓ ବିଶିଷ୍ଟ ସ୍ଥାପତ୍ୟର ଏକେକ ଉଦାହରଣ ଥିଲା । ମୁଖ୍ୟ

ଚାପେଲ୍ ହେଉ କି ଆଭ୍ୟନ୍ତରୀଣ ଚାପେଲ ହେଉ ସବୁ କିଛି ସୂକ୍ଷ୍ମ କାରୁକାର୍ଯ୍ୟରେ ଭରପୁର ଥିଲେ ।

କ୍ୟାଥେଡ୍ରାଲ ଦେଖିସାରିବା ପରେ ସୋନା ବାହାରକୁ ଆସିଲା । ଏବେ ଘଣ୍ଟାରେ ମାତ୍ର ଗୋଟାଏ ବାଜିଥିଲା । ଆଉ ତିନିଘଣ୍ଟା ହାତରେ ଅଛି । ସେଥିପାଇଁ କୋଉଠି ଖାଇବ ବୋଲି ଭାରତୀୟ ଭୋଜନାଳୟ ଗୁଗୁଲ୍‌ରେ ପକେଇ ଖୋଜିଲା । ତାପରେ ଗୁଗୁଲ୍ ବତାଉଥିବା ପଥ ଅନୁସରଣ କରି ଚାଲିଲା । ଚାଲୁଚାଲୁ ସିଏ "ସିଟିଏ ମୋନା" ରୋଡରେ ଥିବା "ଷ୍ଟ୍ରିଟ ଆଣ୍ଡ ସୋଲ" ନାମକ ଏକ ଶାକାହାରୀ ରେଷ୍ଟୁରାଣ୍ଟ ଦେଖିଲା । ଭିତରକୁ ଯାଇ ପଚାରିଲା ଓ ମେନୁ ଦେଖିଲା । ହେଲେ ସେଠି କିଛି ଖାଦ୍ୟ ତାର ମନକୁ ଗଲାନି । ତାପରେ ଗୁଗୁଲକୁ ଅନୁସରଣ କରି ଯେଉଁ ବାଟରେ ଗଲା, ସେଠି କିଛି ବି ଭାରତୀୟ ଭୋଜନାଳୟ ନଥିଲା । ଏମିତିରେ ୨୦ ମିନିଟ୍ ଖଣ୍ଡେ ସିଏ ଖାଲି ଚାଲୁଥିଲା । ଗୁଗୁଲ ତାକୁ ଓଲଟପାଲଟ କରି ରାସ୍ତା ବତାଉଥିଲା । ପ୍ରଥମେ ଲେଖିଲା, ୫ ମିନିଟ୍ ଚାଲିବା ପରେ ପହଞ୍ଚିଯିବ । ପୁଣି ଲେଖିଲା ୭ ମିନିଟ୍ ଚାଲିବା ପରେ ପହଞ୍ଚିଯିବ । ଅନେକ ଉଠାଣି, ତା' ସାଙ୍ଗକୁ ସେ ଯେଉଁ ଆବୁଡାଖାବୁଡା ହୋଇଥିବା ପଥୁରିଆ ରାସ୍ତା । ସେ ଉଠାଣିରେ ଚାଲିବାକୁ ବାଧୁଥିଲା । ଶେଷରେ କ୍ଲାନ୍ତ ହୋଇ ସିଏ ଚାଇନିଜ ରେଷ୍ଟୁରାଣ୍ଟ୍ ଖୋଜିଲା । ସିଏ ସେତେବେଳକୁ ଯେଉଁଠାରେ ଥିଲା, ସେଇଠାରୁ ୨ ମିନିଟ୍ ଭିତରେ "ଡ୍ରାଗନ୍ କିଚେନ, ଟୋଲେଡୋ' ଆସିଯିବ ବୋଲି ଗୁଗୁଲ୍ ଜଣେଇଲା । ଭାଗ୍ୟ ଭଲ, ଏଥର ଗୁଗୁଲ୍ ଠିକ୍ କହିଥିଲା । ସୋନା ସେଇଠି ପଶିଗଲା । ସେତେବେଳକୁ ସେ ରେଷ୍ଟୁରାଣ୍ଟର୍ ଅନେକ ଗ୍ରାହକ ଥିଲେ । ସେମାନଙ୍କ ତୁଳନାରେ କର୍ମୀ କମ୍ ଦିଶିଲେ । ସେ କର୍ମୀ ୩-୪ ଜଣ ବଡ ବ୍ୟସ୍ତ ଓ ବିବ୍ରତ ଦିଶୁଥିଲେ । ସୋନା ଗୋଟିଏ ମିଶାମିଶି ପରିବା ତରକାରୀ ଅର୍ଡର କଲା । ହେଲେ ସେଇଟା ଆସିବାକୁ ୪୦ ମିନିଟ୍ ଲାଗିଗଲା । ସେଇ ସମୟ ଭିତରେ ସୋନା ଭାରତୀୟ ଭୋଜନାଳୟ ଖୋଜିବାକୁ ଲାଗିଲା । କାହିଁକି ଗୁଗୁଲ୍ ତାକୁ ଭୁଲ୍ କହିଲା, ସେଇ ବିଷୟ

ISSN NO.
2582-208X

ଜାଣିବାକୁ ତାର ମନ ହେଲା । କିନ୍ତୁ ସେତେବେଳେ ଭାରତୀୟ ଭୋଜନାଳୟ ଯାହା ସବୁ ଗୁଗୁଲ୍ ଦେଖେଇଲା, ସେସବୁ ଦୂରରେ ଥିଲା ।

"ଡ୍ରାଗନ୍ କିଚେନ, ଟୋଲେଡୋ'ରେ ଖାଇସାରି ସୋନା ଦେଖିଲା, ଘଣ୍ଟାରେ ମାତ୍ର ସାଢେ ଦୁଇ ବାଜିଛି । ଏବେ ତା' ହାତରେ ପ୍ରାୟତଃ ୨ ଘଣ୍ଟା ଅଛି । ସେ ଭିତରେ କିଛି ବୁଲି ଦେଖାଯାଇପାରେ । ପୁଣି ଫୋନରେ ଖୋଜା ଚାଲିଲା । ଏବେ ଆଲକାଜାରର ଠିକଣା ପକେଇ ଗୁଗୁଲ୍‌କୁ ପଚାରିଲା । ସିଏ ସେଗୋଭିଆର ଆଲକାଜାର ଦେଖି ଅତ୍ୟନ୍ତ ବିମୋହିତ ହୋଇଥିଲା । ତେଣୁ ଟୋଲେଡୋ ସହରର ଆଲକାଜାର ଦେଖିବାକୁ ତା' ମନରେ ପ୍ରବଳ ଆଗ୍ରହ ଜାଗ୍ରତ ହେଲା । ଗୁଗୁଲ୍ ଯେମିତି ବତେଇଲା, ସେଇ ରାସ୍ତା ଅନୁସରଣ କରି ସିଏ ଯାଉଥିଲା । ହେଲେ ସେ ରାସ୍ତା ସବୁ ଏମିତି ଗଳି ରାସ୍ତା ଥିଲା ଯେ, ସେଥିରେ ପଶି ଯେ ଆଲ୍‌କାଜାରରେ ପହଞ୍ଚିହେବ, ସେ ବିଶ୍ୱାସ ହେଉନଥିଲା । ପ୍ରାୟ ୭-୮ଟି ଗଳି ରାସ୍ତାରେ ଚାଲିବାକୁ ପଡିଲା । ଗୋଟିଏ ଗୋଟିଏ ଗଳିରେ କେହି ନଥିଲେ । ସୋନା ମନରେ ଭୟ ହେଉଥିଲା । "ସତରେ ଏ ଗଳି ଠିକ୍ ରାସ୍ତା ନା ଗୁଗୁଲ୍ ମତେ ଭୂତ ବୁଲୋଉଛି ?' ଶେଷରେ ସିଏ ଗୋଟିଏ ଜନଗହଳି ଦେଖିବାକୁ ପାଇଲା । ମନରେ ସେତେବେଳେ ବିଶ୍ୱାସ ହେଲା । ହୁଏତ ସେଠି କିଛି ଗୋଟିଏ ଅଛି । ଏମିତିରେ ସେ ସ୍ଥାନରେ ପହଞ୍ଚିବା ପରେ ଆଲକାଜାର୍‌ର ଆୟତନ ଦେଖି ସିଏ ବିସ୍ମିତ ହେଲା । ଟୋଲେଡୋର ଆଲକାଜାର ଏକ ପଥର ଦୁର୍ଗ ଓ ଏହା ଟୋଲେଡୋର ସର୍ବୋଚ୍ଚ ଅଂଶରେ ଅବସ୍ଥିତ । ସେଇଟା ଗୋଟିଏ ବିରାଟ ଚତୁର୍ଭୁଜାକାର କୋଠା ଥିଲା । ତାହାର ଗୋଟିଏ ପାର୍ଶ୍ୱ ୬୦ ମିଟର ଥିଲା । ସିଏ ସିଧା ସିଧା ଆଲକାଜାର୍‌ର ପ୍ରବେଶ ଦ୍ୱାର ଦିଗକୁ ଚାଲିଲା । "ସିଟିଏ ଡି ଲୋସ କାପୁଚିନୋସ୍" ରାସ୍ତାରେ ପ୍ରାୟ ତିନି ମିନିଟ୍ ଚାଲିବା ପରେ ସିଏ ଗୋଟିଏ ୯୦ ଡିଗ୍ରୀ ମୋଡକୁ ଆସିଲା । ସେଇଠାରୁ ବାମକୁ "ସି ଡି ଲା ୟୁନିଅନ୍" ରାସ୍ତାରେ ଯିବାକୁ ଗୁଗୁଲ୍ ବତାଉଥିଲା । ହେଲେ ସେ ରାସ୍ତାରେ କେବଳ ଗାଡି, ମଟର ଯାଉଥିଲେ । ଲୋକ କେହି ଯାଉନଥିଲେ । ତଥାପି ଗୁଗୁଲ୍ ବତାଉଥିବାରୁ ସିଏ ସେଇ ରାସ୍ତାରେ କିଛି ଦୂର ଚାଲିଲା । ସେ ରାସ୍ତାରୁ ପୁଣି ବାମକୁ "ସି ଡି ଲା ପାକ୍" ରାସ୍ତାରେ ଯିବାକୁ ଗୁଗୁଲ୍ ବତେଇଲା । ଏମିତିରେ ଆଲକାଜାର୍ ଭିତରକୁ ଯିବାପାଇଁ କେଉଁଠି ଲୋକଗହଳି ଦିଶିଲାନି । ଯେଉଁ ପାର୍କିଙ୍ଗ୍ ସ୍ଥାନରେ ସେମାନଙ୍କୁ ବସ୍ ଛାଡିଥିଲା, କି ଯେଉଁଠି ସେମାନେ ପ୍ରଥମେ ପ୍ରବେଶ କଲେ, ସେସବୁ ସ୍ଥାନର ନାମ ସୋନାର ଠିକ୍ ରେ ମନେପଡୁନଥିଲା । ଗୁଗୁଲ୍ ରେ

ISSN NO.
2582-208X

ମାନଚିତ୍ର ଦେଖିଲେ କି "ଟୁର୍ ବସ୍ ପାର୍କିଙ୍ଗ୍" ଲେଖି ଖୋଜିଲେ ବି କିଛି ଦିଶୁନଥିଲା । ଏବେ ସିଏ କେମିତି ଫେରିବ କିଛି ବୁଝିପାରୁନଥିଲା ।

ସିଏ "ସି ଡି ଲା ପାଜ୍" ରାସ୍ତାରେ ଚାଲୁଥିବା ବେଳେ ଡାହାଣ ପାର୍ଶ୍ୱରେ କିଛି ରେଷ୍ଟୁରାଣ୍ଟ ରହିଥିଲା । ସେଇଠିକୁ କିଛି ଲୋକ ପଶୁଥିଲେ । ସେମାନଙ୍କ ଭିତରୁ ଜଣକୁ ସୋନା ପଚାରିଦେଲା । ସିଏ ନାରୀ ଜଣକ ବତେଇଲେ "ଏଇଠି ଆଗକୁ ଯାଅ । ତାପରେ ଡାହାଣକୁ ଯାଇ ପରେ ବାମକୁ ଯିବ । ସେଇଠି ପ୍ଲାଜା ଆସିବ । ସେ ପ୍ଲାଜାର ନାମ ହେଲା, "ପ୍ଲାଜା ଡେ ଜୋକୋଡୋଭର" । ସେଇ ବାଟ ଦେଇ ହିଁ ସବୁ ଟୁରିଷ୍ଟ ପଶନ୍ତି ।' ତାକୁ ଧନ୍ୟବାଦ ଦେଇ ସୋନା ଚାଲିଲା । ଏବେ ସିଏ ଦେଖିଲା ସେଠି ଗୋଟିଏ ମ୍ୟୁଜିଅମ୍ ଯିବା ପାଇଁ ଲୋକ ଧାଡିରେ ଠିଆ ହୋଇଛନ୍ତି । ହେଲେ ସୋନା ତ ଆଗରୁ ଟିକେଟ କିଣିନଥିଲା। ତେଣୁ ଇଚ୍ଛା ଥିଲେ ବି ସିଏ ଆଉ ସେ ମ୍ୟୁଜିଅମ୍ ଯିବା ପାଇଁ ମନ ନ ବଳେଇ ଆଗକୁ ଚାଲିଲା ଓ ତାପରେ ଡାହାଣକୁ, ଓ ପରେ ବାମକୁ ଚାଲିଲା । "ପ୍ଲାଜା ଡେ ଜୋକୋଡୋଭର" ପହଞ୍ଚିଗଲା ପରେ ଏବେ ତାକୁ ରାସ୍ତା ଠିକ୍ ଭାବେ ଜଣାପଡିଲା । ସେତେବେଳକୁ ଚାରିଟା ବାଜିଥିଲା । ତେଣୁ ସିଏ "ପ୍ଲାଜା ଡେ ଜୋକୋଡୋଭର"ରୁ "ସି. ଡି କାରେଟାସ୍" ରାସ୍ତା ଦେଇ "ପୁଏର୍ଟେଟା ଡେଲ୍ ସୋଲ"କୁ ଫେରିବା ବାଟରେ ସୋଭେନିର୍ ଦୋକାନ ଭିତରକୁ ପଶି କିଛି ଜିନିଷ କିଣିଲା । ସେ ସୋଭେନିର୍ ଦୋକାନ ବାହାରୁ ଗଣେଷ ମୂର୍ତ୍ତିଟିଏ ଥିବାର ଦିଶୁଥିଲା। ତେଣୁ ଦୋକାନର ମାଲିକ ଭାରତୀୟ ହୋଇଥିବେ ବୋଲି ତାର ଧାରଣା ହୋଇଥିଲା । ତେବେ ଦୋକାନର ମାଲିକ ଓ କର୍ମୀ ଭାରତୀୟ ଥିଲେ କି ନା ଜଣା ପଡିଲାନି । ସେମାନେ ସମସ୍ତେ ସ୍ପାନିଶ୍ ଭାଷାରେ କଥାବାର୍ତ୍ତା କରୁଥିଲେ । ସେଠାରୁ ଫେରି ସୋନା କିଛି ସମୟ "ପୁଏର୍ଟେଟା ଡେଲ୍ ସୋଲ"ର ଗାର୍ଡେନ ଭିତରେ ବୁଲିଲା । ସେଠାରୁ ତଳ ଅତି ସୁନ୍ଦର ଦିଶୁଥିଲା । ସେଠି ୫ ମିନିଟ୍ ବୁଲି ଏବେ ସିଏ ଯେଉଁ ବାଟେବାଟେ ପଶିଥିଲା, ସେଇବାଟ ଓ ଏଲିଭେଟର୍‌କୁ ନିଘା ରଖି ବସ୍ ଛାଡିଥିବା ସ୍ଥାନକୁ ଫେରିଆସିଲା । ସେତେବେଳେ ଚାରିଟା ୧୫ ବାଜିଥିଲା । ସେଠି ସିଏ ଆସିଥିବା ବସ୍‌ର ଅନ୍ୟ କିଛି ଯାତ୍ରୀମାନଙ୍କୁ ଦେଖିଲା ।ସେମାନେ ସମସ୍ତେ ଫେରିବା ପାଇଁ ଅପେକ୍ଷା କରିଥିଲେ । ହେଲେ ସେ ସ୍ଥାନରେ ବସିବା ପାଇଁ ଅଧିକ ବେଞ୍ଚ ନଥିଲା । ଅତଏବ୍ ଠିଆଠିଆ ସିଏ ସେଠି ବସ୍ ପାଇଁ ଅପେକ୍ଷା କରି ରହିଲା । ବସ୍ ଆସୁଆସୁ ୫ଟା ବାଜିଗଲା । ବସ୍ ଆସିବା ପରେ ସମସ୍ତେ ବସ୍ ଭିତରେ ଚଢିଗଲେ । ପୂର୍ବରୁ ୟେଲୋ ଟୁର୍‌ର କର୍ମଚାରୀ ସମସ୍ତଙ୍କର ଟିକେଟ ଯାଞ୍ଚ କରି

ISSN NO.
2582-208X

ସମସ୍ତଙ୍କୁ ଧାଡିରେ ପ୍ରସ୍ତୁତ କରି ରଖିଥିଲେ । ତେଣୁ ସମସ୍ତେ ଶୃଙ୍ଖଳିତ ଭାବେ ବସ୍ ଭିତରେ ପଶିବା ପରେ ବସ୍ ମାଦ୍ରିଦ୍ ଅଭିମୁଖେ ଯାତ୍ରା ଆରମ୍ଭକଲା ।

ଫେରିବା ବେଳକୁ ସମସ୍ତେ ପ୍ରାୟତଃ ବସ୍ ଭିତରେ ଶୋଇପଡିଲେ । ମାଦ୍ରିଦ୍ ପାଖ ହୋଇ ଆସିବାରୁ ଟୁର୍ ଗାଇଡ୍ ସମସ୍ତଙ୍କୁ ଉଠେଇଦେଲେ । ଏବେ ଆଉ ଗୋଟିଏ ସମସ୍ୟା ହେଲା। ଟୁର୍ ବସ୍ ଛାଡିଥିବା ସ୍ଥାନରେ ନ ରହି ପ୍ରାଦୋ ମ୍ୟୁଜିଅମ୍ ପାଖରେ ରଖିଲା । ଏବେ ସୋନା ହୋଟେଲକୁ କେମିତି ଫେରିବ ? କିଛି ଯାତ୍ରୀଙ୍କ ପରାମର୍ଶ ନେଇ ସିଏ ବସ୍ ନମ୍ବର ୧ ରେ ପଶିଗଲା । ସେ ବସ୍ ରେ ଟିକେଟ କିଣିବାକୁ ପଡେନି ଓ ସେ ବସ୍ ହୋଟେଲ ପାଖ ଦେଇ ଯିବ ବୋଲି ଜଣେ ସହଯାତ୍ରୀ କହିଲେ । ସିଏ ମଧ୍ୟ ସେ ବସ୍‌ର ଚଢିଲେ । କିନ୍ତୁ ଟିକେଟ କିଣିବାକୁ ପଡେନି ବୋଲି କି କଣ ସେ ବସ୍ ରେ ବହୁତ ଭିଡ । ତା ଭିତରେ ଜଣେ ବ୍ୟକ୍ତି ହୁଇଲ ଚେୟାରରେ ବସିଥାଏ ଓ ବିସ୍ତୃତ ସ୍ଥାନ ଅଧିକାର କରିଥାଏ । ସେ ବସ୍ ମଧ୍ୟ ପ୍ରତି ଷ୍ଟପ୍ ରେ ରହୁଥାଏ ଓ ଅଧିକ ଲୋକ ଚଢୁଥାନ୍ତି । ସୋନାର ସେ ହୁଇଲ୍ ଚେୟାରରେ ବସିଥିବା ଲୋକ ପ୍ରତି ଦୟା ହେଲା । ଏମିତି ଲାଗୁଥିଲା କି ଲୋକ ତା' ଉପରେ ଓହଳି ପଡିବେ କି ତାକୁ ଠେଲି ଦେଇ ମାଡିଯିବେ । ସେମିତି ବି ହେଉଥିଲା । ଯେତେବେଳେ ଷ୍ଟେସନ୍ ପାଖରେ ବସ୍ ରହିଲା ଓ କିଛି ବ୍ୟକ୍ତିଙ୍କର ଓହ୍ଲେଇବାର ଆବଶ୍ୟକତା ପଡିଲା, ସେତେବେଳେ, ଲୋକ ଠେଲିପେଲି ହୋଇ ଓହ୍ଲେଇବା ପାଇଁ ଉଦ୍ଦିଷ୍ଟ ଦ୍ୱାର ନିକଟକୁ ଆସୁଥିଲେ ଓ ସେ ବ୍ୟକ୍ତିର ହୁଇଲଚେୟାର ବୁଲିଯାଉଥିଲା । ସେତେବେଳେ ସେ ବ୍ୟକ୍ତି ଜୋରରେ ଚୋଲୋଉଥିଲା । ରକ୍ଷା, ପ୍ରାୟ ୧୦ ମିନିଟ୍ ଭିତରେ ସୋନାର ଷ୍ଟପ୍ ଆସିଗଲା । ସେତେବେଳକୁ ବର୍ଷା ହେଉଥାଏ । ସୋନା ସେ ବର୍ଷାରେ ଓଦା ହୋଇ ନିଜ ହୋଟେଲ ନିକଟରେ ପହଞ୍ଚି ସ୍ୱସ୍ତିର ନିଃଶ୍ୱାସ ମାରିଲା । ପ୍ରଥମେ ଭାବିଲା, ଏଇଠି କୌଣସି ସ୍ଥାନରେ ରାତ୍ରିଭୋଜନ କରି ଏକାଥରେ ହୋଟେଲ ରୁମ୍‌କୁ ଫେରିବ । ହେଲେ, ବର୍ଷାରେ ମନ ଭାଙ୍ଗିଗଲା । ହୁଏତ ଟିକେ ପରେ ଗଲେ ହେବ । ପ୍ରଥମେ ପାଣିପାଗ ଦେଖିବା । ତାପରେ ଯାଇ ଭାବିବା । ଏମିତି ଚିନ୍ତା କରି ସୋନା ନିଜ ହୋଟେଲ ରୁମ୍‌କୁ ଫେରିଲା ।

ସ୍ୱରୂପଙ୍କର ସେଦିନ କନ୍‌ଫରେନସ ତରଫରୁ ରାତ୍ରଭୋଜନର ବ୍ୟବସ୍ଥା ଥିଲା । ପାଣିପାଗରେ ବର୍ଷା ଜାରି ରହିବାର ଦେଖେଇଲା । ତେଣୁ ସୋନା ରାତ୍ରଭୋଜନର ଆଶା ଛାଡିଦେଲା । ବର୍ଷାରେ ଓଦା ହୋଇ କୁଆଡେ ଯିବାକୁ ତାର ଇଚ୍ଛା ହେଲାନି । ଆମେରିକାରୁ ସିଏ କିଛି ଖଜୁରୀ କୋଳି ପ୍ୟାକ୍ କରିଥିଲା । ସେଇ ଖଜୁରୀ କୋଳି ଖାଇ ସିଏ

ISSN NO.
2582-208X

ରାତ୍ରିଭୋଜନ ଶେଷ କଲା ଓ ଔଷଧ ଖାଇଲା । ତାପରେ ଆଇପ୍ୟାଡ୍ ଖୋଲି ଆସନ୍ତା କାଲି ଗୁରୁବାର ଦିନ ମାଦ୍ରିଦ୍ ରେ କଣକଣ ଦେଖିହେବ, ସେସବୁର ବିବରଣୀ ତିଆରିକଲା । ଆସନ୍ତାକାଲି ଚାହିଁଥିଲେ ସିଏ "ହପ୍ ଅନ୍ ହପ୍ ଅଫ୍" ବସ୍ ରେ ଟିକେଟ କରିଦେଇଥାନ୍ତା । କିନ୍ତୁ ସ୍ୱରୂପ ଚାହୁଁଥିଲେ ସିଏ ବି ଅଧାଦିନ ବୁଲିବେ । ତେଣୁ ସୋନା କିଛି ସିଦ୍ଧାନ୍ତରେ ପହଞ୍ଚିପାରିନଥିଲା । ସେଥିପାଇଁ ଟିକେଟ କିଣିଲାନି । ଚାଲିଚାଲି ପ୍ଲାଜା ମେୟର୍ ଯିବାକୁ ୭ ମିନିଟ୍ ଲେଖୁଥିଲା । ଆସନ୍ତାକାଲି ସେଇଠିକୁ ଯିବ ବୋଲି ସିଏ ସିଦ୍ଧାନ୍ତ କଲା ।

ହୋଟେଲକୁ ଫେରି ଆସିଲାଣି ବୋଲି ସିଏ ସ୍ୱରୂପଙ୍କୁ ମେସେଜ ପଠେଇ ଦେଇଥିଲା । ସ୍ୱରୂପ ସେତେବେଳେ ରାତ୍ରିଭୋଜନରେ ବ୍ୟସ୍ତ ଥିଲେ । ଆଉ ଦେଢଘଣ୍ଟା, ଦୁଇଘଣ୍ଟା ପରେ ଫେରିବେ ବୋଲି ଲେଖି ଉତ୍ତର ଦେଇଥିଲେ । ଏବେ ସୋନା ନିଶ୍ଚିନ୍ତ ହୋଇ ଟିଭିରେ କିଛି ସ୍ପାନିସ୍ ସୋ ଦେଖିଲା । ତା' ଭିତରେ କେତେବେଳେ ନିଦ ହୋଇଗଲା । ସ୍ୱରୂପ ଫେରି ତାକୁ ଡାକିବାରୁ ନିଦ ଭାଙ୍ଗିଲା ।

ସ୍ୱରୂପ କହିଲେ, "କାଲି ସକାଳେ ମୁଁ କନ୍‌ଫରେନସ ଯିବି । ଉପର ବେଳା ଦୁଇଟା ବେଳକୁ ଫେରିଆସିବି । ତାପରେ ଆମେ ମାଦ୍ରିଦ୍ ରେ କେଉଁ ଜାଗାକୁ ଯିବା, ତୁ ସେମିତି ଭାବିକରି ରଖ ।'

"ମୁଁ "ହପ୍ ଅନ୍ ହପ୍ ଅଫ୍" ବସ୍ ରେ ଟିକେଟ କରିଦେବି କି ?'

"ସେଥିରେ କାହିଁକି ଟିକେଟ କରିବୁ ? ଆମ ତ ପୂରାଦିନ ବୁଲିପାରିବାନି । ଅଧାଦିନ ବୁଲିବା । ସକାଳ ଅଧାଦିନ ତୁ ଚାଲିଚାଲି ପାଖରେ ଥିବା କିଛି ଦର୍ଶନୀୟ ସ୍ଥାନ ବୁଲିଦେବୁ। ଉପରବେଳା ଆମେ ମେଟ୍ରୋ ଆବିଷ୍କାର କରିବା ।'

"ଠିକ୍ ଅଛି । ମୁଁ ସକାଳେ ସେସବୁର ତାଲିକା କରିଦେବି । ଆଜି ଚାଲିଚାଲି ବହୁତ ହାଲିଆ ହୋଇଯାଇଛି । ପୁଣି ସେ ୧ ନମ୍ବର ବସ୍‌ର ଚଢି ମୋ ମୁଣ୍ଡ ବି ବିଗିଡି ଯାଇଛି । ରାତିର ଖାଇବା ବି ହୋଇପାରିଲାନି । ତେଣୁ ଏବେ ଶୋଉଛି ।"

ଏମିତି କହି, ସୋନା ଶୋଇବାର ପ୍ରସ୍ତୁତିକଲା । ଆଜିର ଯାତ୍ରାରେ ଆହୁରି କିଛି ବାକି ରହିଗଲା । ସେଥିପାଇଁ ତା' ମନରେ ଅବଶୋଷ ଥିଲା । ଗୋଟିଏ ଦିନରେ ଗୋଟିଏ

ISSN NO.
2582-208X

ସହରକୁ ଆବିଷ୍କାର କରିବା ଏତେ ସହଜ କଥା ନୁହେଁ । ଟୋଲେଡୋର ସିନାଗୋଜ୍ ତ ଦେଖିହେଲାନି । ଆଲକାଜାର କେବଳ ବାହାରୁ ଦେଖିହେଲା, ଭିତରକୁ ଯାଇହେଲାନି ।

ଟାଗୋସ ନଦୀକୂଳରେ କିଛି ସମୟ ଚାଲିଚାଲି ବିତେଇବାର ଇଚ୍ଛା ବି ପୂରଣ ହୋଇପାରିଲାନି ।"ହୋଉ, ଆଉ କେବେ ଭାଗ୍ୟରେ ଥିଲେ ଟୋଲେଡୋ ଯାଇ ଅବଶିଷ୍ଟ ଦର୍ଶନୀୟ ସ୍ଥାନ ସବୁ ଭଲଭାବେ ଦେଖିବି । ମୁଁ ତ ଯାହା ହେଲେ ଦେଖିଲି । ସ୍ୱରୂପ ତ କିଛି ଦେଖିଲେନି । ନିଜ କନ୍‌ଫରେନସରେ ବ୍ୟସ୍ତ ରହିଲେ ।' ଏମିତି ଭାବୁଭାବୁ ସୋନାର ଆଖିକୁ ନିଦ ଆସିଗଲା ।

|

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା
ଇ ମେଲ୍ : bigyanidas.osa@gmail.com

ISSN NO.
2582-208X

# ଗୋପୀନାଥ ମହାନ୍ତି



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

କୋଡ଼ିଏ ଏପ୍ରିଲ୍ ଅଣିଶ ଚୌଦରେ
କଟକ 'ନାଗବଲ୍ଲୀ'ରେ
ତୁମର ଜନମ ହୋଇଥିଲା ଗୋପୀ
ମାତା, ପିତା ଔରସରେ ।

ରେଭେନ୍ସା କଲେଜେ ଅଧ୍ୟୟନ କଲ
ସ୍ନାତକୋତ୍ତର ପର୍ଯ୍ୟନ୍ତେ
ଅଣିଶ ଷାଠିଏ ମସିହାରେ ବିଭା-
ହେଲ 'ଆଦର' ସହିତେ ।

ଅଣିଶହ ପଞ୍ଚଚାଳିଶିରେ ତୁମେ
ଲେଖିଣ ଥିଲ 'ପରଜା'
ଶୁଣ୍ଡିରାମ ସାହୁ ସେମାନଙ୍କ ମଧ୍ୟେ
ହୋଇଣ ଥିଲେଟି ରାଜା।

'ଜ୍ଞାନ ପୀଠ' ପୁରସ୍କାରକୁ ପାଇଲ
'ମାଟି ମଟାଳ'କୁ ଲେଖି
'ପଦ୍ମ ଭୂଷଣ 'କୁ ପାଇଥିଲ ତୁମେ
ସେହି ଗ୍ରନ୍ଥ ଏକା ସାକ୍ଷୀ ।

ISSN NO.
2582-208X

ବିଶ୍ୱ ବିଦ୍ୟାଳୟ ଆୟୋଗରୁ ତୁମେ
ଉତ୍କଳରେ ପ୍ରଫେସର
ହୋଇଥିଲ ତୁମେ ଅତି ଆଗ୍ରହରେ
ପିଲାଙ୍କୁ କରି ନିଜର।

ପ୍ରଶାସକ ଥିଲ ଏହି ଓଡ଼ିଶାରେ
ବୁଲିଲ ଓଡ଼ିଶା ସାରା
କୁର୍ଲି, ଚନ୍ଦ୍ରପୁର, ଲକ୍ଷ୍ମୀପୁର ଯାଇ
ଲୋକଙ୍କୁ କରିଲ ତୋରା।

ଅଣିଶହ ଏକାଣଇ ମସିହାର
ଅଗଷ୍ଟ କୋଡ଼ିଏ ଦିନ
କାଲିଫର୍ଣ୍ଣିଆରେ ହୋଇଲା ତୁମର
ଶରୀରର ଅବସାନ।

ନିଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଧରାରେ ଆସିଛି ବର୍ଷା



ଜୟଶ୍ରୀ ପଟ୍ଟନାୟକ

ନବ ସୁଷମାରେ ବିମଣ୍ଡିତ ହୋଇ
ଧରାରେ ଆସିଛି ବର୍ଷା
ରିମଝିମ ଗୀତ ଗାଇ ଆହ୍ଲାଦରେ
ମାଟିକୁ କରେ ସରସା
ମେଘ କୋଳେ ଦେଖି ଚପଳା ସୁନ୍ଦରୀ
ଗ୍ରୀଷ୍ମ ଦିଏ ଆଡ଼ ରୁଷା।1। ଧରାରେଆସିଛିବର୍ଷା

ଆକାଶ ଅଙ୍ଗନେ କଳା ମେଘ ଦେହେ
ସୂରୁଜର ଲୁଚକାଳି
କନକ ରଶ୍ମିରେ ଇନ୍ଦ୍ରଧନୁ ସତେ
ସାତରଙ୍ଗ ହୁଏ ବୋଳି
ବୋଇତ ପରିକା ମେଘଖଣ୍ଡ ଭାସି
କରଇ ମନକୁ ହର୍ଷା।2। ଧରାରେ ଆସିଛି ବର୍ଷା

ISSN NO.
2582-208X

ବକ ପଂକ୍ତି ଉଡି କୃଷ୍ଣ ବାଦଲରେ
ଅଭ୍ରଖଣ୍ଡ ପ୍ରାୟ ଦିଶେ
ଶୀତାଂଶୁ ପାଳଇ ଚାନ୍ଦ୍ରାୟଣ ବ୍ରତ
ମୁଖତା ବିଷର୍ଣ୍ଣ ଦିଶେ
ନିଷ୍ପ୍ରାଣ ବନାନୀ ପ୍ରାଣ ସଂଚରିଲେ
ଦିଏ ଆଶାକୁ ଭରସା।।3 । ଧରାରେ ଆସିଛି ବର୍ଷା

କୁଳୁକୁଳୁ ନାଦେ କ୍ଷୀଣାଙ୍ଗୀ ପର୍ବତୁ
ଝରିଯାଏ ଆନନ୍ଦରେ
ପୂର୍ଣ୍ଣ ଗର୍ଭା ହୁଏ ତଟିନୀ ତଡ଼ାଗ
ଡ଼ାହୁକ ରାବେ କୁଞ୍ଜରେ
ସାଧବ ବୋହୂଟି ଶ୍ୟାମ ଦୂର୍ବାଦଳେ
ଲାଗଇ ସତେ ଷୋଳଶା।।4 । ଧରାରେ ଆସିଛି ବର୍ଷା

ବରଷା ପାଣିରେ ନାଚି ଗାଇ ଡେଇଁ
କାଗଜ ଡ଼ଙ୍ଗା ଭସାଇ
ଖୁସିରେ ଫୁଟାନ୍ତି ପାଣି ଫୋଟକାକୁ
ଚାଳ ଓଳିତଳେ ଥାଇ
ପୁଷ୍ପ ସମ୍ଭାରରେ ଉଦ୍ୟାନ ବାଟିକା
କରଇ ମନ ଉଲ୍ଲସା।।5 ଧରାରେ ଆସିଛି ବର୍ଷା ।।

ସମ୍ପାଦିକା ଇଭ୍ ଇ ପତ୍ରିକା
ଗଙ୍ଗନଗର ଛକ , ଭୁବନେଶ୍ୱର
7978110474

ISSN NO.
2582-208X

# ବୃଦ୍ଧାଶ୍ରମ



ସୁଜିତ୍ କୁମାର ମିଶ୍ର

ଯେଉଁଠି ଝରଇ ପରାଜୟ ଭୟ ଜୀବନର ଅସ୍ତାଚଳେ,
ଲୁହ ବିନ୍ଦୁ ସେଠି ମୂହୁର୍ତ୍ତ ମୂହୁର୍ତ୍ତ ମରଣର ଗଡ ତୋଳେ ।
ତମସା ତିଥିରେ ଭିନ୍ନ ଅଭିନୟ ତାଡ଼ନାର ତନୁତୀର୍ଥ,
ଶ୍ରଦ୍ଧା ସୁମନାସ ମହଙ୍ଗା ବଜାରେ ସୀମାହୀନ ଲୁଣି ସ୍ରୋତ।

ମନ ନୁହେଁ ଆଉ ମନ୍ଦିରର ପୂଜା ମନ୍ତ୍ର ମଳୟର ସ୍ୱର,
ମମତା ବିହୁନେ ନିରାଶାର ତାତି ମନ୍ଥୁଥାଏ ନିରନ୍ତର ।
ଦାମୀ ଦେହ ଧୀରେ ଦୂରେ ବହୁଦୂରେ ଦଂଶୁଥାଏ ନାଗପରି,
ଅଚଳ ପ୍ରାଣଟି ଦିନ ଗଣୁଥାଏ ଆବଦ୍ଧ ପକ୍ଷୀଟେ ପରି ।

କାନ୍ଥେକାନ୍ଥେ ଲେଖା କରୁଣରାଗିଣୀ କେତେ କଳାରାତି କଥା,
କୋଳ କି ଭୁଲଇ ଜପତପେ ଏଠି କଳା ବଉଦର ବ୍ୟଥା ?
ବୋଲୁଛି ଫଗୁଣ ବେଳ ରତ ରତ ବନ୍ଧନର ଭିନ୍ନ ନାମ,
ବିପୁଳ ଶୂନ୍ୟତା କ୍ଷଣିକ ଆଳାପ ଅଧାଗଢା ଭାବ ପ୍ରେମ।

ଭଙ୍ଗା ଆଇନାକୁ ଯୋଡୁଥାଏ ନିତି ବିଶ୍ୱାସର ବୃଦ୍ଧାଶ୍ରମ,
ଜରାଦେହକୁ ସେ ହୋଇ ପାରିଛି କି ଜୀଇଁବାର ମୁକ୍ତିଧାମ ?

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

ISSN NO.
2582-208X

# ସତ କହିବାକୁ କଆଁ ଡରିବି



ଅଳକା ମହାନ୍ତ

## ନୂତନ ବର୍ଷରେ କିଛି ପୁରୁଣା ସ୍ମୃତି

---

ମନରେ ଅନେକ ଭାବନା ଆସେ। ଅନେକ ଆଶା ଆଉ ସ୍ୱପ୍ନ  ସୃଷ୍ଟି ହୁଏ । କିଛି ଅପୂରଣୀୟ କ୍ଷତି, କିଛି ଅଧୁରା ସ୍ୱପ୍ନ, କିଛି ଅବଶୋଷ ମନ ରେ ବାସ କରି ରହି ଯାଇଥାନ୍ତି। ତାକୁ ଭୁଲି ହୁଏନି କି ମନରୁ ସମ୍ପୂର୍ଣ୍ଣ ଲିଭାଇ ଦେଇ ହୁଏନି। ମନର କାନଭାସ୍ ରେ କିଛି କୌତୁହଳ ପୂର୍ଣ୍ଣ, କିଛି ବିଷାଦମୟ ତ କିଛି ସୁଖଦ ଘଟଣା ଆମକୁ ଜୀବନ ଜିଇଁବାକୁ ଖୋରାକ ଯୋଗାଇ ଥାଆନ୍ତି। କେବେ କେବେ ମୋତେ ସେ ସ୍ମୃତି ଭିତରୁ କିଛି ସ୍ମୃତି  କନ୍ଦାଇ ଦିଏ ତ କିଏ ହସାଇ ଥାଏ। ଏବେ ଏବେ ଆମେ ନୂଆ ବର୍ଷ ରେ ପଦାର୍ପଣ କରିଛୁ। ମନେ ପଡେ ମୋର ପିଲାଦିନ ର ଗୋଟେ ଛୋଟ ସ୍ମୃତିଟିଏ।  ମନେ ପଡୁଛି ପିଲା ଦିନର ନୂଆ ବର୍ଷ ପାଳନ ଅବସରରେ ଘଟିଥିବା ଗୋଟେ ଘଟଣା। ଏଥିରେ  ସଂଶ୍ଲିଷ୍ଟ କିଛି ଲୋକ ଅଛନ୍ତି ଆଉ କିଛି ନିଜର ଶରୀର ଛାଡ଼ି ଦେଲେଣି । ହେଲେ ଯାହା ମୁଁ ଆଗରୁ କହିଛି, କିଛି କଥାକୁ  ମନରୁ ଲିଭାଇ ହୁଏନି। ବୋଲ୍ଡ ଲେଟରରେ ଲେଖା, ଅଣ୍ଡର ଲାଇନ ହୋଇ ଯେମିତି ଡି ଡ୍ରାଇଭ୍ ରେ ସେଭ୍ ହୋଇ ରହିବା ପରି।

ମୁଁ ଗାଁ ସ୍କୁଲ୍ ରେ ଷଷ୍ଠ ଶ୍ରେଣୀରେ ପଢୁଥାଏ। ମୋ ଭାଇମାନେ ମୋ ଠାରୁ ଟିକେ ୬/୭ ବର୍ଷ ବୟସ ରେ ବଡ଼ ବୋଲି ତାଙ୍କର ସ୍କୁଲ୍ ପଢା ସରି ଯାଇଥାଏ। ପ୍ରତିବର୍ଷ ନୂଆବର୍ଷ ପାଇଁ ଗାଁରେ  ସମବୟସ୍କ ଲୋକ ବା ପିଲାମାନେ ନିଜ ନିଜ ସମ୍ବଳ ବା ରୁଚି ଅନୁଯାୟୀ ପାଳନ କରନ୍ତି। ଘରେ ବୋଉ କିଛି କିଛି ଭଲ ଆଇଟମ ବନାଇ ଆମକୁ ଖାଇବାକୁ ଦିଏ। ସ୍କୁଲ ରେ

ISSN NO.
2582-208X

ଆମର ଶୀତକାଳୀନ ଛୁଟି କୁ ବଡଦିନ ଛୁଟି ବୋଲି କହୁ। ଶୀତ ଦିନେ ବିଲ ବାରି ରେ ବୁଲି ବିରି ଛୁଇଁ, ମୁଗ ଛୁଇଁ ତୋଳା ହୁଏ, ତାକୁ କଞ୍ଚା ବା ସିଝା କରି ଅଗଣା ସେ ଖରା ସେ ବସି ଖାଇ ଖାଇ  ସମୟ ଅତିବାହିତ କରିବାର ଖୁସି ନିଆରା। ନୂଆ ଆଳୁ ପୋଡ଼ା ବା ଘରେ ଆଳୁ ଚପ୍ ବି ରୀତିମତ ଖିଆ ହୁଏ। ଧନିଆ ପତ୍ର ଚଟଣୀ ଆଉ ଟମାଟୋ ଖଟା ରୋଜ ସାଇଡ୍ ଆଇଟମ। ଚୁଲି ମୁଣ୍ଡେ ବସି ନିଆଁ ପୁଇଁବା ବା ଦେହକୁ ଗରମ କରାଇବା ମଜା ଗାଁ ରେ ବହୁତ ବଢିଆ। ଆଉ ଗରମ ଗରମ ବୋଉ ହାତର ରୋଷେଇ ସେଇ ଚୁଲି ମୁଣ୍ଡରେ ବସି ଖାଇବାକୁ ଇଚ୍ଛା। ଗ୍ରାମ୍ୟ ଜୀବନରେ ଶୀତ ଦିନ ହେଲା ଲକ୍ଷ୍ମୀଙ୍କ ମାସ। ସେଥିରେ ଘର ବାରି ନୂଆ ଫସଲ ଆଉ ଫୁଲ ରେ ଭରି ହୋଇ ଥାଏ। ଇଂରାଜୀ ନବ ବର୍ଷ  ବି ଆସେ ଏଇ ଶୀତ ଦିନରେ। ମୋର ପ୍ରତିବର୍ଷ ମନେ ପଡେ, ସେ ବର୍ଷ ନୂଆ ବର୍ଷ କୁ ମୁଁ କିପରି ସ୍ୱାଗତ କରିଥିଲି।

ଆମେ ପିଲାମାନେ, ଘରୁ ଚାଉଳ, ଡାଲି, ପରିବା ଆଣି ଘର ସାମ୍ନା  ବଗିଚାରେ ରୋଷାଇ କରୁ। ଆମ ଉତ୍ସୁକତା ଦେଖି ସାହିର ଖୁଡି, ଭାଉଜ ମାନେ ଆମର ସହାୟତା କରି ରୋଷେଇ କାର୍ଯ୍ୟ କୁ ସମ୍ପାଦନ କରିଦିଅନ୍ତି। ତଳେ ମାଟି ଉପରେ ବସି, ବାରି ରୁ କଟା କଦଳୀ ପତ୍ର ରେ ଭାତ ଡାଲମାରେ ଯେଉଁ ସ୍ୱାଦ ଆଉ ଆନନ୍ଦ ଥିଲା, କେଜାଣି କେବେ ବି ଆଉ କୋଉଥିରେ ମିଳିନି। ବଡ଼ ଭାଇ ମାନଙ୍କର ଟିକେ ଉଚ୍ଚ ଧରଣର ଭୋଜି ହୁଏ। କେବେ କେବେ ମୁଁ ସାନଟେ ଥାଏ ବୋଲି, କିଛି କିଛି ରାତି ଅଧରେ ମୋ ପାଇଁ  ଆଣି ଘରକୁ ଆସନ୍ତି। ସେ ବର୍ଷ ସେମାନେ ବି ଭୋଜି କଲେ। ଅତ୍ୟନ୍ତ ଖୁସିର ମାହୋଲ୍। ତାଙ୍କ ଭୋଜିରେ ମଧ୍ୟ ଆଳୁ ଚପ ସାମିଲ୍ ହୋଇଥିଲା। ମୋ ପାଇଁ ଭାଇ ଆଣିଥିଲା। ସେମାନେ କଥା ହେଉଥିଲେ ଯେ ସ୍କୁଲ୍ ବାରି ରୁ କିଛି ଟମୋଟୋ, ପିଆଜ ନେଇଥିଲେ ଭୋଜି କରିବାକୁ।

ଦୁଇ ତାରିଖକୁ ସ୍କୁଲ୍ ଖୋଲିଗଲା। ଆମ ସ୍କୁଲ୍ ର ବଗିଚାରେ ଆମ ସାର ମାନେ ଆମକୁ ଫୁଲ ଆଉ ପନିପରିବା ଲଗାଇବା କାମ ଶିଖାନ୍ତି। ଆମେ ପାଖ ପୋଖରୀ ରୁ ପାଣି ବୋହି ସେଥିରେ ଦେଇ ତାକୁ ବଡ କରୁ। ହେଲେ ସେ ପନିପରିବା ସବୁ ଆମ ସାର୍ ମାନେ ଘରକୁ ନିଅନ୍ତି। ସେଇଟା ଆମର ପରମ୍ପରା ବୋଲି ଆମେ ଜାଣିଥାଉ। ସେଦିନ ସ୍କୁଲ୍ ରେ ପହଞ୍ଚି ଦେଖିଲୁ -- ଶାଗ, ପିଆଜ, ଆଳୁ, ଟମାଟୋ, ବନ୍ଧା କୋବି, କଞ୍ଚାଲଙ୍କା ଏମିତି ସବୁ ପଟାଳୀ ଅଧା ଅଧା ଉପୁଡ଼ା, ଛିଣ୍ଡା ହୋଇ ଯାଇଛି। ସାରେ ମାନେ ତ ରାଗରେ ନାଲି ପଡି

ISSN NO.
2582-208X

ପଚରା ଉଚରା କରି ଚାଲିଛନ୍ତି। ମୁଁ ବି ବଗିଚାକୁ ଦେଖି ଦୁଃଖୀ ହୋଇ ପଡିଲି। ଆମେ ଏତେ କଷ୍ଟ କରି ପାଣି ଦେଇ ବଡ଼ କଲୁ। ଫଳ ସବୁ ଚୋରି ହୋଇ ଗଲା ବୋଲି। ଆମ ବଡ଼ ଭାଇଙ୍କର ସାଙ୍ଗମାନଙ୍କର ଯେତେ ସବୁ ମୋ ପରି ପିଲା ପଢୁଥିଲେ, ସାର ତାଙ୍କୁ ଡାକି ପଚାରିଲେ। କହିଲେ, "କୁହ, ତୁମେ ଜାଣିଛ କିଏ ଚୋରି କରିଛି ?" ପିଲା ମନେ ସମସ୍ତେ ତାଙ୍କୁ ମନା କରିଛନ୍ତି। ସେ କଥା ମୁଁ ଜାଣିନି। ମୋତେ ଅଫିସ କୁ ଡାକି ପଚାରିଲେ ସାର୍,

--' ତୋ ଭାଇ ମାନେ କାଲି ନିଉ ଇୟର ଭୋଜି କରିଥିଲେ ?

-- ହଁ ସାର୍, ସେମାନେ କରିଥିଲେ।

-- ସେମାନେ କୋଉଠି କରୁଥିଲେ, ଘରେ ନା ବାହାରେ ?

-- ସାର୍, ନଇକୂଳରେ, ଏଇ ଆମ ସ୍କୁଲ୍ ପାଖରେ ଥିବା ଲାଇବ୍ରେରି ପିଣ୍ଡାରେ।

ସାର୍ ମୋତେ କହିଲେ, "ଦେଖ ସତ କହିବୁ। ସେମାନେ ଆମ ବଗିଚା ରୁ ଚୋରି କରି ନେଇଛନ୍ତି ନା ??" ଦେଖ ସତ କହିଲେ ପୁରସ୍କାର ମିଳିବ। ମିଛ କହି ଯଦି ଧରା ପଡ଼ିବୁ, ଜାଣିଥା, କଣ ମୁଁ କରିବି!

ମୋର ତ ଦେହ ବରଡ଼ା ପତ୍ର ପରି ଥରିଲାଣି । କଣ କହିବି। ଭାବିଲି ସତ କହି ପୁରସ୍କାର ନେବି। କହିଲି, ସାର୍ ଆମ ଭାଇ ଆଉ ତା ସାଙ୍ଗମାନେ ସବୁ ଚୋରି କରି ଭୋଜି କରିଛନ୍ତି ବୋଲି ଘରେ କଥା ହେଉଥିଲେ।ମୁଁ ଶୁଣିଛି।" ହେଲେ ଆପଣ ମୋ ଭାଇ କୁ କହିବେ ଯଦି ସେ ମୋତେ ମାରିବ । "

ସାର୍ ତ ସନ୍ଦେହ ରେ ଥିଲେ। ମୁଁ ପକ୍କା କରିଦେଲି। କହିଲେ, ଆରେ ନାହିଁ ନାହିଁ। କେହି କିଛି କହିବେନି ତୋତେ।"

ସ୍କୁଲ ଛୁଟି ୪ଟା ରେ ହେଲା। ମୁଁ ଘରକୁ ଆସିଲି। କିଛି ପୁରସ୍କାର ତ ମିଳି ନଥାଏ। ଭାବିଲି ସାର୍ କିଛି କିଣିକି ପରେ ଦେବେ। ତାଙ୍କ ମାଡ଼ କି ଗାଳି ଡରରେ ସତ କହିଦେଇ ପଳେଇ ଆସିଲି। ମନେ ମନେ ଖୁସି। ଘରେ କିଛି ନଜାଣିଲା ଭଳିଆ ବୁଲୁଥାଏ। ରାତିରେ ଗାଁରେ ସାର୍ ମିଟିଂ ଡାକି ଭାଇ ଆଉ ତା ସାଙ୍ଗଙ୍କୁ ଡାକି, ଗାଁର ମୁଖିଆ ଲୋକଙ୍କ ଠାରୁ ତାଙ୍କୁ ଗାଳି ଦେଇଛନ୍ତି, ଭୁଲ ମଗାଇଛନ୍ତି। ଭାଇ ଆଉ ତାଙ୍କ ସାଙ୍ଗମାନେ କହିଲେ,

ISSN NO.
2582-208X

-- ଆମେ କିଛି ଚୋରି କରିନୁ । ଆମକୁ ମିଛରେ ଗାଳି ଦିଅ ନାହିଁ ।

-- ସାର୍ କହିଲେ, ଡାକିବି ତୁମ ଭଉଣୀକୁ, ସେ ସତ କହିବ ।

ସେମାନେ ଜାଣିନେଲେ ଯେ ମୁଁ କହି ଦେଇଛି ବୋଲି । ରକ୍ତ ଚାଉଳ ଚୋବେଇ ଚୁପ୍ ରହିଲା। ଭାଇ ଆଉ ତା ସାଙ୍ଗମାନେ ଭୁଲ ମାଗି ଆସିଲେ ।

ତାପରେ ଆଉ କଣ !!! ମୋ ପିଠିରେ ଉତ୍ତମ ମଧ୍ୟମ ପୁଳାଏ ବସିଲା।

ଭାଇ କହିଲା, "ମୋ ସାଙ୍ଗରେ ଯେତେ ପିଲା ଥିଲେ, ତାଙ୍କ ସାନ ଭାଇ ଭଉଣୀ ତ କେହି ତାଙ୍କ ନା କହିଲେନି । ତୁ କଣ ବେଶୀ ଭଲେଇ ହେଉଥିଲୁ"।

ମୁଁ ୧୦/୧୧ ବର୍ଷ ପିଲା। କଣ ହେଉଛି କିଛି ବୁଝି ବି ପାରୁ ନ ଥିଲି। ଯେମିତି ମୋତେ ଏପଟେ ଖାଇ ସେପଟେ କୂଅ ପରି ଲାଗୁଥାଏ। ସତ କହିବା ଭଲ କି ଖରାପ କିଛି ବୁଝା ପଡିଲାନି ମୋତେ।ଲାଗିଲା,

"ସତରେ ଭାଇର ସାଙ୍ଗ ମାନଙ୍କ ଛୋଟ ଭାଇ ଭଉଣୀ କେତେ ଚାଲାକ୍। ନା ସାର୍ ଙ୍କ ମାଡ଼ ଡର ନା ଭାଇ ଠାରୁ ମାଡ ଖାଇବାର ଡର। ମୁଁ ଏମିତି ଭୁଲ କାହିଁକି କଲି ??!!"

ଅଧ୍ୟକ୍ଷା
ବି. ଜେ. ଇ. ଏମ. ସ୍କୁଲ -୨
ସତ୍ୟଭାମା ପୁର, ଭୁବନେଶ୍ୱର

ISSN NO.
2582-208X

# ତୁମ ଆଖି



ଗୋଲକ୍‌ବିହାରୀ ବେହେରା

ପଢ଼ି ପାରିଥିଲା ମୋ ମନର କଥା
ବୁଝି ପାରିଥିଲା ମୋ ହୃଦୟ ବ୍ୟଥା ।

ଓଠ କହିଲାନି ପଦେ ହେଲେ କଥା
ଚାହାଣିରେ ଥିଲା କେତେ ମାଦକତା ।

ଥରକ ଚାହାଣି କ୍ଷଣକ ସାକ୍ଷାତ
ମନେ ହେଲା ଯୁଗ ଯୁଗର ଆଳାପ ।

ନ ଥିଲା କପଟ ନ ଥିଲା ଛଳନା
ବଞ୍ଚି ରହିବାର ଅଦ୍ଭୁତ ପ୍ରେରଣା ।

ଭରିଥିଲା ମନେ ଅସୁମାରୀ ଆଶା
କେତେ ଆତ୍ମୀୟତା ସେ ଅକୁହା ଭାଷା ।।

ଯୁଗଳ ନୟନ ମଧୁର ମିଳନ
ଗୀତ ଗାଉଥିଲା ମିଠା ଶିହରଣ ।

ତା ପ୍ରେମ ଶାୟକ ହୃଦୟେ କମ୍ପନ
ନିଶାସକ୍ତେ ମୋହଗ୍ରସ୍ତ ଅଘଟଣ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

ISSN NO.
2582-208X

# ତୋରି ପାଇଁ



ଡ଼ଃ ସ୍ୱାଗତିକା ସାହୁ

ଫଗୁଣକୁ
ଧାର ମାଗିଛି ଫଗୁ
ସେ ଦେଲେ,
ଫଗୁରେ
ତୋ ମନର ଲୁଚିଲାପଣକୁ ରଙ୍ଗେଇଦେବି,
ପ୍ରେମର
ମତୁଆଲା ସୁଅରେ
ଭସେଇଦେବି,
ସୋରିଷ ଫୁଲରେ
ଆଙ୍କିଦେବି
ହଳଦୀ ଗୁରୁ ଗୁରୁ ଛିଟ ଶାଢ଼ୀ,
ପିନ୍ଧେଇଦେବି
କଳା ବାଦଲର ଗଭାରେ
କୁରେଇଫୁଲର ପେନ୍ଥି,
ଆଉ କଣ ଦରକାର ?
କହ...
ଜଙ୍ଗଲୀ ମୁଲକ ମୋର
ମୁଇଁ ଜାଙ୍ଗଲିକ
ମୋର ପେରମ ପୀରତି

ISSN NO.
2582-208X

ଗଛ ପତର, ଝରନା, ବାସନାର ଝଲକ...

ମୋର ହାତେ ବର୍ଚ୍ଛା
ଆଉଁ
ପତର ସିଆଁ ଟୁପି
କିନ୍ତୁ ମୋର ମନ
ତୁରି ଲାଗି
ପବନେ ଏବେ ଉଡୁଛି
କହ ତ
କି ପରୀକ୍ଷା ଦେବି ମୁଇଁ
ମୋର ଭଲପାଇବା ଜାନିବା ପାଇଁ...
କହିବୁତ
ଉଚ ପରବତ ବୁଲାଇଁ ନେବି
ସାଗର ମଝିର ମୁକୁତା
ଦିଖାଇଁ ଦେବି
ପଙ୍କରୁ ପଦମ
ତୋଲି ଆଣିବି
ମୋର ବନ ଉଆସେ
ତୁତେ ରାଣୀ କରିବି..
ସେଇଥିପାଇଁ ତ
ରଣ କରିଛି!
ଆମ୍ବ ଗଛରୁ ବଉଲ
ତୋଲି ଆଣିଛି
ମେଘମାଳରୁ ଡଉଲ
କାଢି ଦେଇଛି
ତୋରି ପାଇଁ
ତୋର ଭଲପାଇବା ପାଇଁ..
ମୁଇଁ ଜିଇଁବା ପାଇଁ...

କନ୍ଧମାଳ

ISSN NO.
2582-208X

# ଭିଜା ଭିଜା ଏହି ସନ୍ଧ୍ୟା



ପୁଷ୍ପାଞ୍ଜଳି ପଣ୍ଡା

ପ୍ରିୟତମ,
ତୁମ ଆସିବାରେ
ଭିଜା ଭିଜା ଏହି ସଂଧ୍ୟା
ଅଶିଣର ଖୁସୀ ଧରି ଆଣେ,
ଶରତ ର ଛଟା ଆଣେ
ଦୋଳିଖେଳେ ରୂପା ଫୁଲ
ପଉଷ ପତରେ,
ଦୁରେଇ ଦିଏ ପାଖରୁ
କଳା ଅମା ଅନ୍ଧାରିଆ
ଶୀତ ଭରା ,ନିଦଭରା ରାତି
ଆଖିତଳ ନିଦ ନେଇଯାନ୍ତି ।।

ମିଠା ଲାଗେ
କାକର ପୋଢୁଆଁ ସଞ୍ଜବେଳ
ମିଠା ଲାଗେ ତୁମ ଅଙ୍ଗ ଛୁଆଁ
ସତେ ଅବା ଆଞ୍ଜୁଳାଏ ହେମ ରଜନିଆଁ
ବୋଳୁଥାଏ ତତଲା ଦେହରେ
ତୁମ ଆସିବାରେ।।

ISSN NO.
2582-208X

କୁଆଁରୀ ଜହ୍ନ ବି ଏଠି
ଝରକା ସେପାଖେ
ଉଙ୍କିମାରେ ମତେଦେଖି,
ଆକାଶ ବି ଲୋଡେ ସତେ
ଜାଗାଟିକେ ଧରି ରଖିବାକୁ
ନୀଳ ରଙ୍ଗ ଦେହ ,
ଭାରି ମାୟା ମୟ।।
ଶରତର ସଫା ନଦୀଜଳେ
କଇଁ ସାଥେ ମିତ ବସି
ଜହ୍ନ ପରି ଦେଖନ୍ତା ସେ ମୁହଁ।।

ସୁଲୁସୁଲୁ ପବନ ର ସୁରେ ସୁରେ
ତାଳ ସହ ତାଳ ଦେଇ
ଖୁସିରେ ନାଚନ୍ତା
ଅନ୍ଧାର କଟିଲା ପରେ
ରାତିକଥା ଭୂଲି ହେଇଯାନ୍ତା !!

କେନ୍ଦ୍ରାପଡ଼ା

ISSN NO.
2582-208X

# ଅଲିଭ୍ ଦାଗ



ଆଶୁତୋଷ ମେହେର

ମାଁ ପାଖରୁ ନିଜ ଛୋଟ ପିଲା ବେଳର କଥା ଶୁଣି ଆଶ୍ଚର୍ଯ୍ୟ ଲାଗେ ଆଉ ହସ ମାଡେ ବି। କୁଆଡେ ସ୍ତ୍ରୀ ଲୋକମାନେ କପାଳ ଉପରେ ପିନ୍ଧୁଥିବା ବିନ୍ଦି ପ୍ରତି ଥିଲା ମୋର ଅହେତୁକ ଆକର୍ଷଣ !! କେତେ ଥର ଶୁଣିଛି ମା ପାଖରୁ। ଟିକି ଛୁଆଟେ ହୋଇଥିବା ବେଳେ ମାଁ ଛାତିରୁ ଅମୃତ ଟାଣିଲା ସମୟରେ ଖାଲି ଥିବା ହାତରେ ତା କପାଳରେ ଲାଗିଥିବା ନାଲି ବିନ୍ଦିକୁ ଟାଣିବାକୁ ଶତ ଚେଷ୍ଟା କରୁଥିଲି। ସେତେ ବେଳେ ମାଁ କୁଆଡେ ବଡ ସାଇଜ୍ ର ବିନ୍ଦି କପାଳରେ ନାଉଥିଲା। ପଚିଶ ବର୍ଷ ପରେ ଏବେ ସେ ଅଭ୍ୟାସ ନାହିଁ.. ମୁଣ୍ଡ ସିନ୍ଥିରେ ଦାଉଦାଉ ସିନ୍ଦୁର ଧାର ଟେ ।

ଅଫିସରେ ବସିବସି ସୁନିତା ଭାବୁଥିଲା ତା ଛୋଟ ବେଳର କଥା। ଆଜି କେଜାଣି କେମିତି କାମର ଭିଡ ଟିକିଏ କମ, ତେଣୁ କିଛି ଫୁରସତ। ନୋହିଲେ ଦୁଇବର୍ଷ ହେଲା ଏ ସଫ୍ଟୱେର୍ କମ୍ପାନୀ ଚାକିରୀରେ ସବୁଦିନେ ନାକେଦମ ହେବାକୁ ପଡେ ସାକାଳ ନଅ ଟା ଠାରୁ ସଂଧ୍ୟା ଛୁଟି ପାଞ୍ଚଟା ବେଳ ଯାଏଁ। ସଂପୂର୍ଣ୍ଣ ଶୀତତାପନିୟନ୍ତ୍ରିତ ଅଫିସ, ବେଶୀ କଷ୍ଟ ଜଣାପଡେନି ସିନା, ହେଲେ ଛୁଟି ପରେ ଘରକୁ ଫେରିବାରେ ବଡ ବିରକ୍ତିକର। ଭୁବନେଶ୍ୱର ର ଇନଫୋସିଟି ଏରିଆରେ ତାର କମ୍ପାନୀ ଅଫିସ ଓ ସେ ରହେ ନନ୍ଦନବିହାର ଫ୍ଲାଟ କମପ୍ଲେକ୍ସ ଭିତରେ ବାପାଙ୍କ ଫ୍ଲାଟରେ। କେବେ କେବେ ସ୍କୁଟି ନେଇ ଅଫିସ ଯିବାଆସିବା ତ ବାକି ଦିନ ମୋ ବସ୍ ରେ କାମ ଚଳାଇବାକୁ ପଡେ। ଆଠ ଘଣ୍ଟା ଅଫିସରେ କଟାଇବାପରେ ଏଇ ଯିବା ଆସିବା କାମଟ ବଡ ବିରକ୍ତି କର ଲାଗେ ସୁନନ୍ଦାକୁ।

ISSN NO.
2582-208X

ଝାଳନାଳ ହୋଇ ଘରକୁ ପହଞ୍ଚିବା ପରେ ସିଧା ସେ ପଶେ ବାଥରୁମ୍ ଭିତରକୁ। ଥଣ୍ଡାପାଣିରେ ଦଶପନ୍ଦର ମିନିଟ୍ ସାଓ୍ୱାର ତଳେ ଗାଧୋଇ ସାରିଲେ ଯାଇ ତାକୁ ସଷ୍ଟମ ଲାଗେ ।

ଆଜି ଅଫିସରେ କାମ କମ ଥିଲା, ତେଣୁ ମେନେଜରଙ୍କୁ କହି ଯଲଦି ଫେରିଥିଲା, ମୋ ବସରେ। ବହୁତ ଭିଡ ସଂଧ୍ୟାକାଳୀନ ବସ ସବୁରେ। ବସଷ୍ଟପ୍ ରୁ ଘରକୁ ଚାଲିଚାଲି ଫେରିଲା ପରେ ଝାଳନାଳ ହେଉଥିଲା ସୁନନ୍ଦା। ସୋଫା ଉପରେ ଭେନିଟି ବ୍ୟାଗ ଟା ଫିଙ୍ଗି, ପଶିଗଲା ସେ ବାଥରୁମ୍ ଭିତରକୁ । ବାଥରୁମର ଦର୍ପଣରେ ନିଜ ଚେହେରା ଦେଖି ସେ ଚମକି ପଡ଼ିଲା। ଦର୍ପଣରେ ଲଟକି ଥିବା ବଡ ଲାଲ ବିନ୍ଦିଟି ଠିକ ତା ମଝି କପାଳରେ ଲାଗୁଛି ଯେମିତି....। କାହାର ଏତେ ବଡ ବିନ୍ଦି, ଦର୍ପଣ ଉପରେ ଲଟକାଇ ଭୁଲି ଯାଇଛି? ଦାଉଦାଉ ଝଟକୁଛି ତା କପାଳ ଉପରେ !! ଆଉ ଥରେ ନିରେଖି ଦେଖିଲା ସେ ଦର୍ପଣ ଭିତରକୁ। ହେଲେ ଏ କଣ? ଆଖିକୁ ବିଶ୍ୱାସ ଗଲାନି !! ସେ ଠିକ ଦେଖୁଛି ତ? ଆଖି ମଳି ପୁଣି ଥରେ ଦେଖିଲା ଦର୍ପଣକୁ। ଦର୍ପଣ ଭିତରେ ସେ ନାହିଁ.... ହସୁଛି ଶାନ୍ତାବାଇ ର ମୁହଁ। ତା କପାଳରେ ଝଟକୁଛି ସେଇ ଚରାଚରିତ ବଡ ନାଲି ଗୋଲାକାର ବିନ୍ଦି !! ହସି ହସି କହୁଛି....ଚିହ୍ନି ପାରୁଛ ନାଁ ସାନ ବୁଇ ।

ପନ୍ଦର ବର୍ଷ ତଳକୁ ଫେରିଯାଉଥିଲା ସୁନନ୍ଦା ର ମନ।

ସେ ବର୍ଷ ବାପାଙ୍କ ବଦଳି ହୋଇଥିଲା ପଶ୍ଚିମ ଓଡିଶାର ତତଲାଗଡ ସହରକୁ ମାନେ ଟିଟିଲାଗଡକୁ। ସେତେ ବେଳକୁ ସେ ପଢୁଥିଲା ସପ୍ତମ ଶ୍ରେଣୀରେ। ସ୍କୁଲ ପାଖ ସରକାରୀ କଲୋନୀରେ କ୍ୱାଟର ମିଳିଯାଇଥିଲା ବାପାଙ୍କୁ । ସରକାରୀ କ୍ୱାଟରରେ ସବୁକିଛିର ସୁବିଧା। ଘର ସାମ୍ନାରେ କଲୋନୀର ପିଚୁ ରାସ୍ତା। ସେ ରାସ୍ତା କଡେ କଡେ ବଡବଡ ଗଛ ସବୁ..କିଛି ନିମ୍ବ ଗଛ କିଛି ଆମ୍ବଗଛ....ବେଶ୍ ଛାଇ କରୁଥାନ୍ତି କଲୋନୀ ସାରା। ହେଲେ ପ୍ରତିଦିନ ରାସ୍ତାରେ ଭର୍ତ୍ତି ହୋଇଯାଉଥାଏ ଗଛଝଡା ଶୁଖିଲା ପତ୍ରରେ । ତେବେ ପ୍ରାୟ ସବୁ ଦିନେ କିଛି ସ୍ତ୍ରୀଲୋକ ଝାଡୁଧରି ସେ ସବୁକୁ ସଫାକରି ଗଦା କରୁଥିଲେ ଓ ପରେ ଜଣେ ପୁରୁଷ ଠେଲାଗାଡିରେ ତାକୁ ବୋହିନେଉଥିଲା। କୌତୁହଳରେ ସେ ବାପାଙ୍କୁ ପଚାରିଥିଲା ଆଉ ବାପା ବୁଝାଇ ଦେଇଥିଲେ ସେ ମହିଳା ମାନେ ମ୍ୟୁନିସିପାଲଟି ରେ ଝାଡୁଦାର ଭାବେ

ISSN NO.
2582-208X

ଚାକିରୀ କରନ୍ତି ଓ ପ୍ରତିଦିନ ରାସ୍ତା ସଫାସୁତୁରା ଝାଡୁଦେବା ତାଙ୍କରି କାମ ...ଠିକ୍ ସେ ଯେମିତି ପ୍ରତିଦିନ ଯାଆନ୍ତି ଅଫିସକୁ ଫାଇଲକାମ କରିବାକୁ। କାମ ଯେ ଯାହାର କରନ୍ତି ନିଜ ପରିବାର ପ୍ରତିପୋଷଣ କରିବାକୁ।

ପ୍ରତିଦିନ ଏ ପତ୍ରଝାଡୁ କାମ ଦେଖିବାକୁ ତା ମନ ଡାକେ । ଶୁଖଲା ପତ୍ର ସବୁକୁ ଝାଡୁ ମାରିଲା ବେଳର ଝମ୍ ଝମ୍ ଶବ୍ଦରେ କେମିତି ସେ ବିମୋହିତ ହୋଇ କୁରୁଳି ଉଠୁଥିଲା ଗୋଟାଏ ଅଜଣା ପୁଲକରେ। ସେଇ ପୁଲକଭରା ମନରେ ହଠାତ୍ ଦିନେ ତା ଆଖିରେ ନାଚି ଉଠିଲା..ଆବିଷ୍କାର ହୋଇଥିଲା...ଓଢଣା ଟାଣି ଥିବା ସେଇ ଝାଡୁଦାର ସ୍ତ୍ରୀ ର କପାଳ ଉପର ବିରାଟ ନାଲି ଗୋଲ ସିନ୍ଦୁର ଟୋପା। ଗୋରା ତକତକ୍ ମୁହଁରେ ବେଶ ମାନୁଥିଲା । ସେ ଦିନଠୁଁ ସେ ପାଲଟି ଗଲା ତା ପାଇଁ ଆକର୍ଷଣର ବିନ୍ଦୁ।

ଦିନେ ସୁଯୋଗ ଦେଖି ସେ ପଚାରି ବୁଝିଥିଲା ତା ନାଁ। ସେ କହିଥିଲା...."ମୋ ନାଁ ଶାନ୍ତାବାଇ। ଗରିବ ଲୋକ, ଛୋଟ ଜାତି, ପାଠଶାଠ ନାହିଁ, ତେଣୁ ମ୍ୟୁନିସିପାଲଟି ର ଝାଡୁଦାର ବନିବା ହିଁ ଆମ ଭାଗ୍ୟ। ହେଲେ ସାନ ବୁଇ ...ତୁମେ ପାଠ ପଢିବ, ବହୁତ ପଢିବ। ତୁମ ବାପା ସରକାରୀ ଅଫିସର...ତୁମେ ତାଙ୍କଠୁଁ ବଡ ଅଫିସର ବନିବ। ତୁମ ବାପା ନିଜ ଫଟଫଟିରେ ଅଫିସ ଯାଉଛନ୍ତି, ତମକୁ ସରକାରୀ ଅଫିସ ଗାଡି ନିଆଅଣା କରିବ। ସେତେ ବେଳକୁ ଆମ କଥା ଟିକେ ମନେ ରଖିଥିବ..ଆମେ ତ ବୁଢାବୁଢୀ ହୋଇ ଯାଇଥିବୁ ଆମ ପେନସନ୍ କଥା ଟା ବାଗେଇ ଦେବ.. ଆମର ସେତିକି ହିଁ ତୁମଠୁଁ ଆଶା....ସାନ ବୁଇ "।

ସେବଠୁଁ ଶାନ୍ତାବାଇ ସହିତ ବାନ୍ଧି ହୋଇଯାଇଥିଲା ଗୋଟାଏ ଅଜଣା ଅତୁଟ ବନ୍ଧନ ।

ସେ ବର୍ଷ ସପ୍ତମ ବାର୍ଷିକ ବୋର୍ଡ ପରୀକ୍ଷା ରେ ବ୍ୟସ୍ତ ହୋଇ ଶାନ୍ତାବାଇ ସହ ଦେଖାସାକ୍ଷାତ କମି ଯାଇଥିଲା। ପରୀକ୍ଷା ସରିଲା ପରେ ମଧ୍ୟ ଦେଖଲି ଶାନ୍ତାବାଇ ଆଉ ଆସୁନି କାମକୁ। ଖରାଛୁଟି ସରିବା ଉପରେ ତଥାପି ତାକୁ ନ ଦେଖି ଦିନେ ପଚାରି ବୁଝିଲି ଅନ୍ୟ ଝାଡୁକାମକୁ ଆସୁଥିବା ମହିଳାଙ୍କ ପାଖରୁ। ସେମାନେ କହିଲେ...ତା ସ୍ୱାମୀ ଲୁକୁ ର ଦେହ ବହୁତ ଖରାପ। ଲୁକୁ ତ ପ୍ରଚଣ୍ଡ ମଦୁଆ, କାମ ଅବହେଳା କଲାରୁ ମ୍ୟୁନିସିପାଲଟି ଚାକିରୀରୁ ତଡା

ISSN NO.
2582-208X

ଖାଇଥିଲା। ଘରେ ରହି ମଦପିଇ ଶାନ୍ତାର ଦରମାକୁ ବରବାଦ କରୁଥିଲା। ପରିବାରର କଥା ମୋଟେ ବୁଝୁନଥିଲା। ଶାନ୍ତା ବିଚାରୀ ଧାର ଉଧାର କରି ଘର ଚଳାଉଥିଲା ସିନା, ମଦ ପାଇଁ ପଇସା ନ ଦେଲେ ସ୍ୱାମୀଠୁଁ ଖାଉଥିଲା ପ୍ରଚଣ୍ଡ ମାଡ। ଡାକ୍ତର ବାବୁ କହିଲେ, ମଦ ପିଇପିଇ ତା ସ୍ୱାମୀର କଲିଜା ପୋଡିଯାଇଛି ପୁରାପୁରି। ବହୁତ ପଇସା ଦରକାର ଚିକିତ୍ସାପାଇଁ। ସେଇଥିପାଇଁ ଏବେ ଶାନ୍ତା ଝାଡୁଦାର କାମ ନ କରି, ଯାଉଛି ମହାଜନ ଘର କାରଖାନା କୁ କାମ କରିବାକୁ। ସେଇଠୁଁ ସେ ପାଉଛି ଢେର ବେଶୀ ପଇସା।

ସେ ଦିନ ମୋର ଛୋଟ ସରଳ ମନ ବୁଝିପାରିନଥିଲା ସେ ଢେର ବେଶୀ ପଇସା ପାଇବାର ରହସ୍ୟ।

ତାପର ସପ୍ତାହରେ ମୋତେ ଆସିଥିଲା ଜର। ପନ୍ଦର ଦିନ ଧରି ଜର ନ ଛାଡିବାରୁ ବାପା ମଟର ସାଇକେଲରେ ବସାଇ ନେଉଥିଲେ ସରକାରୀ ଡାକ୍ତରଖାନାକୁ ରକ୍ତପରୀକ୍ଷା ପାଇଁ। କ୍ୱାଟର ଠୁଁ ଅଧ କିଲୋମିଟର ଆଗକୁ ଆମ ସ୍କୁଲ, ତାପରେ ବିରାଟ ଖେଳ ପଡିଆ କଲେଜ ପିଲାଙ୍କ ଚାରିପଟେ ପାଚେରୀ ଦିଆ, ପଡିଆ ଡେଇଁଲେ କଲେଜ ର କୋଠାଘର ଓ ତା ପରେ ଡାକ୍ତରଖାନା। କଲେଜ ପଡିଆ ଫାଟକ ପାଖରେ ଜମି ଥିଲା ଲୋକଙ୍କ ଅସମ୍ଭାଳ ଭିଡ। ମଟରସାଇକେଲ ରହି ବାପା ପଚାରିଥିଲେ, କଣ ହୋଇଛି ? ଏଇ ସକାଳ ବେଳାରେ ଏତେ ମଣିଷଙ୍କ ଭିଡ ?

....."ସହରରେ ଆଉ କଣ ହେବ ଆଜ୍ଞା !! ସୁନା ରୂପା ଚୋରୀହାରି...ନୋହିଲେ ସ୍ତ୍ରୀ ଲୋକଙ୍କ ରେପ୍ ଆଉ ମର୍ଡର୍!! ଏଇ ସେ ମଦୁଆ ଲୁକୁ ର ସ୍ତ୍ରୀ ଏଇ ମାସେ ହେଲା ସରକାରୀ ଝାଡୁଦାର ନୌକରି ଛାଡି...କାମ ଆରମ୍ଭ କରିଥିଲା ମହାଜନର କାରଖାନାରେ। ବେଶୀ ପଇସା ଲୋଭ କୁ...ଏଆଡେ ଯବାନୀ ବୟସ। ଯାହା ଘଟିବାର ଥାଏ, ତାହା ଘଟିଛି। ଏ ଶ୍ୱଶୁର ପୁହେ, ପୁରୁଷ ଲୋକ ମାନେ ବି କଣ ଭଲ କି ? କେଉଁଠି ଗୋଟାଏ ଗୋରା ସୁନ୍ଦରୀ ସ୍ତ୍ରୀ ଲୋକ ଦେଖିଲେ ଏତେ ଲାଳ ଗଡେ ଯେ, ନିଜ ମାଁ ଭଉଣୀଙ୍କୁ ବି ଭୁଲିଯାଆନ୍ତି । କେହି ଜଣେ ବା ଦଳେ ଧର୍ଷଣକରି ମାରି ଫିଙ୍ଗି ଦେଇଛନ୍ତି ପଡିଆ ଭିତରେ ସ୍ତ୍ରୀ ଲୋକଟାକୁ । ପୋଲିସ ପହଞ୍ଚିଗଲେଣି ସନ୍ଧାନୀ କୁକୁର ସାଥୀରେ। ସେଇଥିପାଇଁ ଭିଡ ....ଆଜ୍ଞା ।।""

ISSN NO.
2582-208X

..."କଣ ଘଟିଛି ବାପା ? ସେ ଲୋକଟା କଣ କହୁଥିଲା ? ?"

......"ତୋର ମୁଣ୍ଡ ଖେଳାଇବା ଦରକାର ନାହିଁ। ତୁ ଛୋଟପିଲା ।"

ହଁ ସତ କଥା, ସେତେବେଳେ ଛୋଟଥିଲି। ସବୁକଥା ଦେଖୁଥିଲି ଶୁଣୁଥିଲି ଅଧା ବୁଝିପାରୁଥିଲି। ତେବେ ସେଇ ଦିନ ହିଁ ଆନୁମାନ କରିନେଇଥିଲି ମଦୁଆ ଲୁକୁ ର ସ୍ତ୍ରୀ ମାନେ ଶାନ୍ତାବାଇ ର ଜୀବନ ଉପରେ ଆଞ୍ଚ ଆସିଯାଇଛି, ତାର ମରଣ ହୋଇ ଯାଇଛି । ଅଜାଣତରେ ଆଖିରୁ ଝରିପଡିଥିବା ଦୁଇବୁନ୍ଦା ଲୁହ ଫ୍ରକ୍ ରେ ପୋଛିଦେଇଥିଲି।

ପରେ ବଡ ହେଲାରୁ ପଛଦିନ ଘଟଣା ସବୁକୁ ରିଲସ୍ ପରି ଯୋଡି ପୁରା କଥାକୁ ବୁଝିପାରିଲି। ସେତେବେଳକୁ ବାପାଙ୍କ ଚାକିରୀର ଶେଷ ଭାଗ, ଆମେ ଭୁବନେଶ୍ୱର ଲେଉଟିଆସିଥିଲୁ । ଆଉ ଶାନ୍ତାବାଇ ମୋ ମନ ଭିତରେ ଘର କରିନେଇଥିଲା ସବୁଦିନ ପାଇଁ, ଗୋଟାଏ ଗହିରିଆ ଅଲିଭା ନାଲିବିନ୍ଦିର ଦାଗ ହୋଇ !!

ଆଜି, ସେଇ ଅଲିଭାଦାଗ ଭିତରୁ, ବଡ ନାଲି ବିନ୍ଦି ପିନ୍ଧି, ମତେ ଅଥୟ କରୁଥିଲା ଶାନ୍ତାବାଇ ର ମୁହଁ....ହସିଲା ଗୋରା ତକତକ ଉଝଟିଆ ଚେହେରା....ଦର୍ପଣ ଭିତରୁ !!

ବାଥରୁମ ର ଦୁଆର ଠକ୍ ଠକ୍ ଆବାଜରେ ପ୍ରକୃତିସ୍ଥ ହୋଲା ସୁନନ୍ଦା। ବାଥରୁମ୍ ର କବାଟ ଖୋଲି ଦେଖିଲା ମାଁ ଠିଆ ହୋଇଛି। ମୁହଁରେ ଅନେକ ପ୍ରଶ୍ନବାଚୀ।

"କଣ ଆଜି ବାଥରୁମ୍ ରେ ଏତେ ସମୟ ?"

"ଆଜି ଦେଖୁନୁ କେତେ ଟାଣ ଖରା ଭୁବନେଶ୍ୱର ରେ। ତାପମାତ୍ରା ଡେଇଁଛି ୪୪ ଡିଗ୍ରୀ। ବାପାଙ୍କ ଆଗ ଚାକିରୀ ଦିନରେ ଟିଟିଲାଗଡର ଥିବାବେଳେ ଏତେ ଗରମ ନଥିଲା।" କହୁକହୁ ବାଥରୁମରୁ ବାହାରିଗଲା ସୁନନ୍ଦା ଓଦା ମୁଣ୍ଡ ଫୋଛୁଫୋଛୁ ।।

54 ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର 751024 / ଦୂରଭାଷ 9437085396

ISSN NO.
2582-208X

# ପ୍ରେମରେ ପୂରେନା ପେଟ



ଛବି ରାଣୀ ପତି

ପ୍ରେମ ଖୋଜେନାହିଁ ପଇସା ହେଲେବି
ପ୍ରେମରେ ପୂରେନା ପେଟ
ପେଟ ପାଇଁ ଏଠି ସବୁ ନାଟ ସିନା
ନଦିଶଇ ବାଟ ଘଟ ।

ମନେଇ ଗୁଡ଼ିଟି ଉଡୁଥିଲା ନିତି
ନଟେଇଟି ଥିଲା ଭିଡ଼ି
ଅମାନିଆ ହୋଇ ଅବାଟକୁ ଗଲା
ଖସିଲା ତଳକୁ ଛିଡି ।

ପ୍ରେମ ରେ କରିଲେ ସୀମା ଉଲଂଘନ
ପକାଏ ପିଠିରେ ଛାଟ
ପ୍ରେମ ଖୋଜେ ନାହିଁ ପଇସା ହେଲେବି
ପ୍ରେମରେ ପୂରେନା ପେଟ ।

ଫୁଲରୁ ପାଖୁଡ଼ା ଝଡି ଗଲା ପରେ
ଅହଙ୍କାର ଯାଏ ଛିଡି
ଛଳନା ଭରଇ ପ୍ରତାରଣା ପୁଳେ
ନିନ୍ଦା ଅପବାଦ ଯୋଡ଼ି ।

ଅତଳ ପ୍ରେମରେ ଝାସ ଦିଅ ହେଲେ
ଛାଡନା ସାଗର ତଟ
ପ୍ରେମ ଖୋଜେ ନାହିଁ ପଇସାଟେ ହେଲେ
ପ୍ରେମରେ ପୂରେନା ପେଟ ।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ସାଇତା ସ୍ମୃତି



ଦିଲ୍ଲୀପ ଶତପଥୀ

ସାଇତା ସ୍ମୃତି ରୁ ଖିଅଟେ ଖୋଲୁଛି
ପାଠକେ ଟିକିଏ ଦେଖରେ,
ଯୁଆନ ବେଳର କାରନାମା ମୋର
ନପଡୁ କେ ସେହି ଦୁଃଖରେ ।

ଦାସ ଝୁଅ ସାଙ୍ଗେ ଦେଖା ହେଇଥିଲା
ମାଷ୍ଟର କେଣ୍ଟିନ ଛକରେ,
ବାଜାଜ ସ୍କୁଟର ଟିଭିଏସ ସ୍କୁଟି
ମୁହାଁ ମୁଁହି ହେଲେ ନାକ ରେ ।

ମଡଗାଡ଼ ଚେପା ହାଣ୍ଡେଲ ଟା ବଙ୍କା
ଦେଖୁ ଦେଖୁ ନିମିଷେକ ରେ,
ଦେଖାଣିଆ ଯେତେ ନଜାଣି କୋଉଠୁ
ଅଇଲେ ଏତିକି ନୋକ ରେ ।

ମୋତେ ନ ଉଠେଇ ତାକୁ ବେଢ଼ି ଗଲେ
ଜିଇଁତି ଭଅଁର ପୋକ ରେ,
କିଏ ଝାଡ଼ି ପୋଛି ପୁଣି କହୁଅଛି
ପାଣି ପିଅ ଦିଇ ଢୋକ ରେ ।

ISSN NO.
2582-208X

ମୋ ଆଡକୁ କିଏ କଣେଇ ତ ଚାହିଁ
ଉଠେଇ ଆପଣା ବେକ ରେ,
ମୋ ଉପରେ ମୋ ଗାଡି ଟା ପଡିଚି
ତାକୁ ତ ଟିକିଏ ଟେକ ରେ ।

ମାଡି ଅଇଲେ ସେୟାଡୁ ମୋ ଆଡେ
ଦିଟା ଭେଣ୍ଡିଆ ଲୋକ ରେ,
ତାଙ୍କୁ ଦେଖି ମୋର ପୀଡା ହରିଗଲା
ବନିଲି ସୁକୁଟା ଜୋକ ରେ ।

ବଡ଼ ପାଟିଆ ଟେ ଚିଲେଇ କଇଲା
ନାଇସେନ୍ସ ଟିକେ ଦେଖ ରେ,
ନନସେନ୍ସ ଟା କାଗଜ ନଦେଲେ
ଭଲକରି ଟିକେ ସେକ ରେ ।

ଉତ୍ତମ ମଧ୍ୟମ ଖାଇବା ପୂର୍ବରୁ
ଦାସ ଝିଅ ଖୋଲେ ମୁଖ ରେ,
ସବୁ ଭୁଲ କୁ ନିଜ ମୁଣ୍ଡେ ନେଇ
ରଖିଲା ମୋହର ଟେକ ରେ ।

ସେଇ ଦିନ ଠାରୁ ଦାସ ଝିଅ ସାଙ୍ଗେ
ସମ୍ପର୍କ ଟିକେ ସଳଖ ରେ,
ଦାସ ଝିଅ ଆଜି ଭାରିଜା ମୋହର
ବାକି ସବୁ କାଳ୍ପନିକ ରେ ।

ମାତୃ ପିତୃ କୃପା, 508, ନୂଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751012
ଫୋନ 9437175764

ISSN NO.
2582-208X

# ନୂଆ ବରଷ



ବିଜୟଲକ୍ଷ୍ମୀ ସାମଲ

କେତେ ନୂଆ ସ୍ୱପ୍ନ, ନୂଆ ଆଶାର ସମ୍ଭାବନା ଏ ନୂଆ ବରଷ ।

କିଛି ଜଣା ବର୍ତ୍ତମାନର ସାକ୍ଷୀ ଏ ବରଷ,
କିଛି ଅଜଣା ଭବିଷ୍ୟତର ଆକାଂକ୍ଷା ଏ ବରଷ ।

ସବୁ ଦୁଃଖକୁ ପାଶୋରି,
ନୂଆ ଖୁସିକୁ ସାଉଁଟିବା ର ଉନ୍ମାଦନା ଏ ବରଷ ।

ସ୍ମରଣ କରି ପ୍ରଭୁ ଜଗନ୍ନାଥଙ୍କୁ,
ଆରମ୍ଭ କରିବା ଏ ନବବର୍ଷକୁ ।

ଅତୀତ - ବର୍ତ୍ତମାନ - ଭବିଷ୍ୟତ ସବୁର ସେ ତ ବିଧାଣୀ,
ତାଙ୍କଠୁ ଅଧିକ କେ ପାରିଛି ଜାଣି ।

ନୂଆ ସୂର୍ଯ୍ୟୋଦୟର ଏ କିରଣ,
ସଭିଙ୍କ ମନରେ ନବ ଭାବନାର ସଞ୍ଚରଣ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ଓଡିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଉତ୍ତରଅଶୀ ଓଡିଆ କବିତା ଓ
# କବି ରଞ୍ଜିତା ନାୟକ

କ୍ଷଣପ୍ରଭା ଦାଶ

**ଉପକ୍ରମ :**

କବିତା କବି ହୃଦୟର ମନ୍ମୟ ଅଭିବ୍ୟକ୍ତି – ବାଙ୍ମୟ ପରିପ୍ରକାଶ । ଏହା ଲଳିତ, କୋମଳ, ଭାବପୂର୍ଣ୍ଣ ପଦବିନ୍ୟାସର ସମାହାର । ଆତ୍ମିକ ଅନୁଭବର ଶାବ୍ଦିକ, କଳାତ୍ମକ, ଛନ୍ଦୋବଦ୍ଧ ପରିପ୍ରକାଶ ହିଁ କବିତା । କବିଟିଏ ସମର୍ପିତ ସାଧକ । କବିତା ସ୍ମୃତି ଓ ସ୍ୱପ୍ନର ଆତ୍ମିକ ପ୍ରତୀକଟିଏ, ପାଇବା ହରେବାର ମଧୁର ଅନୁଭବଟିଏ । କବିତାର ପ୍ରବହମାନ ଧାରାରେ ଆସିଛି ବାରମ୍ବାର ପରିବ ର୍ତ୍ତନ । ସାହିତ୍ୟର ଯୁଗ ଅନୁସାରେ କବିତାରେ ମଧ ହୋଇଛି ପରିବ ର୍ତ୍ତନ । ବାରମ୍ବାର ଘଟ ପରବ ର୍ତ୍ତନ କରିଛି କବିତା । କବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ କବିତାର ଆଙ୍ଗିକ ଓ ଆତ୍ମିକରେ ଯେଉଁ ପରିବ ର୍ତ୍ତନ ଆସିଛି ତାକୁ ନେଇ କବିମାନେ କବିତା ରଚନା କରିଛନ୍ତି । ସାଧନୀତା ପରେ କବିତାରେ ପ୍ରବେଶ କରିଛି ପାଶ୍ଚାତ୍ୟବାଦ । ଅଶୀପରବ ର୍ତ୍ତୀ ସମୟରେ ବା ଉ ତ୍ତର-ଆଧୁନିକ ସମୟରେ କବିତାରେ ପୁଣି ପରିବ ର୍ତ୍ତନ ଆସିଛି । ଏହି ଅଶୀରୁ କବିତାରେ ସଚେତନ ଭାବେ ଆତ୍ମପ୍ରକାଶ କରି ସାମ୍ପ୍ରତିକ ସମୟରେ ନିଜକୁ ଏକ ସତନ୍ତ୍ର ଆସନରେ ଅଧିଷ୍ଠିତ କରାଇ ପାରିଥିବା କବି ହେଉଛନ୍ତି କବି ରଞ୍ଜିତା ନାୟକ ।

**ଉ ତ୍ତରଅଶୀ ଓଡିଆ କବିତାର ସ୍ୱରୂପ :**

ଉ ତ୍ତରଅଶୀ ଓଡିଆ କାବ୍ୟଧାରାରେ ଅନେକ ପରିବ ର୍ତ୍ତନକୁ ଆମେ ଲକ୍ଷ୍ୟ କରୁ । ଏହିସମୟରେ କବିତାରେ ଆଙ୍ଗିକ ଓ ଆତ୍ମିକ ବୈଶିଷ୍ଟ୍ୟ ଦୃଷ୍ଟିଗୋଚର ହୋଇଥାଏ । ଲୋକଜୀବନର ମାର୍ମିକ ରୂପକୁ ବହୁବିଧ ଲୋକବିଶ୍ୱାସ, ଲୋକଧର୍ମ, ଲୋକୋକ୍ତିରୁ ସଂଗ୍ରହ କରି ଚିତ୍ରକଳ୍ପ, ପ୍ରତୀକ, ମିଥ୍ ମାଧମରେ ଆଜିର କବି ତା'ର ସାରସତ ସୃଷ୍ଟି ମଧରେ ପ୍ରକାଶ କରିପାରୁଛି । ଏହାସହିତ ଗାଁ ମାଟିର ବାସ୍ନାରେ ବିଭୋର କବି ନିଜ ଗାଁ ମାଟିର ଚିତ୍ରକୁ ଅତି ସାର୍ଥକ ଭାବେ ପ୍ରୟୋଗ କରିଛନ୍ତି । ନିଜ ପ୍ରିୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଚିତ୍ର ଏହି ସମୟର କବିତାରେ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି କବିଗଣ । ପୁଣି ମିଥ୍‌ର ପୁର୍ନମୂଲ୍ୟାୟନ ମଧ ଏହି ସମୟର କବିତାରେ ଦେଖିବାକୁ ମିଳେ ।

**କବି ରଞ୍ଜିତାଙ୍କ କବିତାର ସ୍ୱର ଓ ସ୍ୱରୂପ :**

ସମକାଳୀନ ଓଡିଆ କବିତା ଓ ଅଶୀପରବ ର୍ତ୍ତୀ ଓଡିଆ କବିତାଧାରାରେ ରଞ୍ଜିତା ନାୟକ ଏକ ପରିଚିତ, ପରିପକ୍ୱ, ପ୍ରତିଷ୍ଠିତ କାବ୍ୟସ୍ୱର । ଅଶୀଦଶକରୁ ତାଙ୍କର କବିତାଗୁଡିକ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଓ ସୀକୃତି ଲାଭ କରିଛି । 'ଅଶାନ୍ତ ଅପରାହ୍ନ', 'ଦୃଶ୍ୟଦୃଶ୍ୟାନ୍ତର', 'ଝଡ଼ର ଆକାଶ', 'ଅତଳତଳ', 'ପତ୍ରଝରା ଋତୁ', 'ପତନର ଛନ୍ଦ', 'ଯେ ଗୀତଗାଏ ପକ୍ଷୀ, 'ନିଜଝର୍କାରୁ ଆକାଶ', 'ଏଇ କେତେଦିନ ହେବ', 'କାନ୍ଥଖରା', ଆଦି କବିତା ସଙ୍କଳନ ପ୍ରକାଶିତ । ହିନ୍ଦୀରେ 'ପଦ୍ମଗନ୍ଧା', 'ଦୃଶ୍ୟ ଦୃଶ୍ୟାନ୍ତର', ବେଟୀ ରୋ ରହିହେଁ' ଆଦି କବିତା ସଙ୍କଳନ ପ୍ରକାଶିତ । ଇଂରାଜୀରେ 'Discovery and Other Peoms' ସଙ୍କଳନ କଲିକତାର Writers Workshop, Blue Bird and Other Poems ଆମେରିକାର 'Black Eagle', Yashodhara's Buddha, Har-anand Publication, Delhi ସଂସ୍ଥା ଦ୍ୱାରା ପ୍ରକାଶିତ । 'ଓଡିଆସାହିତ୍ୟରେ ନାରୀ', 'କୁନ୍ତଳାକଥା ପ୍ରତିଭା', 'ଓଡିଆ ଉପନ୍ୟାସର ଇତିବୃ ତ୍ତ', ସମାଲୋଚନା ସମ୍ଭାର' ସମୟରୁ ସମୟକୁ, ସମୀକ୍ଷାୟନ,

ISSN NO.
2582-208X

ଆଦି ସମାଲୋଚନା ଗ୍ରନ୍ଥ ତାଙ୍କ ଅନନ୍ୟ ସାହିତ୍ୟକୃତିର ଅମଳିନ ପ୍ରତିଭା ।

ପ୍ରଥମ କାବ୍ୟସଙ୍କଳନ 'ଅଶାନ୍ତ ଅପରାହ୍ଣ' (୧୯୮୯)ରେ କବି ତାଙ୍କର ଚତୁର୍ଦ୍ଦିଗର ପୃଥିବୀକୁ ନିରେଖି ଦେଖିଛନ୍ତି । ଧୂଳିଧୂସରିତ, କ୍ଷତବିକ୍ଷତ, ସମସ୍ୟା ଜର୍ଜରିତ ସମାଜ ଜୀବନ ତାଙ୍କ ସମ୍ମୁଖରେ କାୟାବସ୍ତାର କରିଛି । ଏଥିରେ ପ୍ରକୃତି ଓ ପରମେଶ୍ୱରଙ୍କ ସହିତ ଶ୍ୟାମଳ ଜୀବନବୋଧର ମାର୍ମିକଚିତ୍ର ପ୍ରତିଫଳିତ ହୋଇଛି । ସାଂସାରିକ ଜଟିଳ ଜୀବନରୁ କ୍ରମଶଃ ଉ ରଣଶୀଳ ମାନସିକତା ଆଡକୁ କବିଙ୍କ ଚିନ୍ତା ପ୍ରସାରିତ ହୋଇଛି । ପରମେଶ୍ୱରଙ୍କ ସ ାକୁ ଉପଲବ୍ଧି କରିଥାଉ ଏହି ପଂକ୍ତିରୁ - "ତୋର ଡାକ ଶୁଭିଯାଏ / ନିଥର ରାତିରେ, ସଭିଁଏ ଶୋଇଗଲା ପରି କାନ ଡେରି ଦେଲେ, ଶୂନ୍ୟରେ ମିଳାଇଯାଏ / ମୁଁ ଜାଣେ, ତୁ ଆସୁ ଲୁଚିଲୁଚି ନିଃଶବ୍ଦରେ ଯେତେବେଳେ ମୁଁ ତୋତେ ଝୁରେ ।" (ମୁହୂ ଁକେ ଆଖିବୁଜି ଦେଲେ) ।"

ସାଧାରଣ ଦୃଶ୍ୟ ଭିତରେ କବି ଭିନ୍ନ ଦୃଶ୍ୟ ଦେଖିଛନ୍ତି । ଜନ୍ମ ନେଇଛି 'ଦୃଶ୍ୟଦୃଶ୍ୟାନ୍ତର' (୧୯୯୨) କାବ୍ୟ ସଙ୍କଳନ । ଯେଉଁ ଜଗତ କଥା କୁହାଯାଇଛି ତାହା ହେଉଛି - ଅଦୃଶ୍ୟ, ଯେଉଁ ଜଗତ ପ୍ରତି ଆକୃଷ୍ଟ ହୋଇଛନ୍ତି କବି । ଜୀବନ ଛନ୍ଦହୀନ ବେସୁରା ହେଲାବେଳେ କବିଙ୍କ ଦୃଷ୍ଟି ଦୃଶ୍ୟରୁ ଦୃଶ୍ୟାନ୍ତର ପ୍ରତି ପ୍ରଧାବିତ । ଅର୍ଥାତ୍ ଅନିର୍ବଚନୀୟ ସୌନ୍ଦର୍ଯ୍ୟବୋଧରେ ମଗ୍ନ ତାଙ୍କ ଚୈତନ୍ୟ । "ସପ୍ନଚିତା ଦିକି ଦିକି ଜଳେ / ଡହଡହ ନିଆଁ ଧାସେ / ଜୀବନ ଝାଉଁଳି ପଡେ, କ୍ଷଣେ କ୍ଷଣେ ମୂର୍ଚ୍ଛା ଯାଏ / ସବୁଜ ଧୂସର ହୁଏ / ପାଉଁଶର ସ୍ତୂପେ ରକ୍ତଚକ୍ର ଆବ ଁନେ / ଆଉଥରେ କଢ ଖୋଲେ / ସବୁଜିମା ନେସି ହୁଏ ଜୀବନ ଚର୍ଯ୍ୟାରେ / ଆପଣା ଛାଆଁରେ ।" (ଦୃଶ୍ୟଦୃଶ୍ୟାନ୍ତର, କବିତାସମଗ୍ର, ପୃ.-୫୩୬) ।

'ଝଡର ଆକାଶ' (୧୯୯୫) କବିଙ୍କର ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ଏହି ସଙ୍କଳନରେ ପ୍ରକାଶିତ କବିତାଗୁଡିକରେ କବିଙ୍କ ଚେତନାର ଉ ରଣ ଲକ୍ଷ୍ୟ କରିହୁଏ । ଆକାଶରେ ଝଡ ଓ ଜୀବନରେ ଝଡ - ଏ ଦୁଇଟିଯାକ ସତ୍ୟକୁ ବାଦ୍ ଦେଇଦେଲେ ବା ଅସ୍ୱୀକାର କଲେ, ଆକାଶ, ଆକାଶ ନୁହେଁ କି ଜୀବନ, ଜୀବନ ନୁହେଁ / ଝଡ, ସୁବ ନଷ୍ଟ କରେ, କିନ୍ତୁ ଝଡ ଭିତରେ ଥାଏ ଆଗାମୀ ଜୀବନ ବ ୍ବାର କୌଶଳ ଟିକକ । ସେ ଦେଖିଛନ୍ତି ଆକାଶରେ ଅନ୍ଧାର ଆଲୁଅ - ମେଘପବନ - ସଭିଏଁ ରାଜୁତି କଲେ ମଧ କେହି ଗୋଟାପଣେ ଆକାଶକୁ ଧରି ରଖି ପାରିବାରେ ସକ୍ଷମ ହେଉ ନାହିଁ । ଗୋଟିଏ ଶାନ୍ତିପୂର୍ଣ୍ଣ ସମ୍ଭାବନାମୟ ପୃଥିବୀର ସପ୍ନରେ କାବ୍ୟପୁରୁଷ ଗାଇଛି - "ଚାଲିଥାଉ ସେ ସେମିତି / ଆସ, ଆମେ ସୂର୍ଯ୍ୟ ହୋଇଯିବା / ଘନ କୁହୁଡି କାଟି / ସୂର୍ଯ୍ୟରେଣୁ ବି ୍ଦେବା / ପାହାଡ ପର୍ବତରେ, ଗଛରେ, ନଈରେ / ଧୂଳିମାଟିରେ ଓ ଚେତନାର ପ୍ରତିଟି ବିନ୍ଦୁରେ । (ଝଡର ଆକାଶ)

'ଅତଳତଳ' (୧୯୯୯) କାବ୍ୟସଙ୍କଳନରେ କବି ଐଶ୍ୱରୀୟ ଚେତନାରୁ କ୍ରମଶଃ ସମାଜମନସ୍କ ହୋଇପଡନ୍ତି । ସାମାଜିକ ଅଙ୍ଗୀକାର ପ୍ରତି ସେ ସଚେତନ ହୋଇପଡିଥିବା ଜଣାଯାଏ । ସମକାଳୀନ ସମାଜର ଚିତ୍ର ଦେଲାବେଳେ କଳାହାଣ୍ଡିର ଚିତ୍ର କବିଙ୍କ ଦୃଷ୍ଟିରୁ ବାଦ୍ ପଡି ନାହିଁ - "ନଣ୍ଡା ପାହାଡ ପିଠିରେ / ଜଙ୍ଗଲ ଦେହରେ ଓ ସମୁଦ୍ର ଛାତିରେ ଥେଇ ଥେଇ ନାଚୁଛି ବର୍ଷା / ହୁତୁ ହୁତୁ ବଣନିଆଁ ନିଭିଯାଇଛି ବର୍ଷାରେ ପକ୍ଷୀଶାବକଙ୍କ ଚେଁ ଶୁଭୁନି ଜମା / ମରୁଡି ଘୋଷିତ କଳାହାଣ୍ଡିରେ ଆଜି ଛେଚୁଚି ବର୍ଷା ।" (ବର୍ଷା (୨) / କବିତାସମଗ୍ର, ପୃ.-

ISSN NO.
2582-208X

୩୯୩)

'ପତ୍ରଝରା ଋତୁ' (୨୦୦୨) ସଙ୍କଳନର ନାମକରଣ କାବ୍ୟିକ ଏବଂ ପ୍ରତୀକଧର୍ମୀ । ପତ୍ର ଝଡିଯିବାର ଅର୍ଥ ନୂଆପତ୍ର କଅଁଳିବାର ସୂଚନା । ଏହି ଝଡିବା ଆଉ କଅଁଳିବା ଭିତରେ ସମୟ ଅତିକ୍ରାନ୍ତ ହୋଇଥାଏ । ପ୍ରକୃତରେ ଝରିବାଟା କଅଁଳିବା ନା କଅଁଳିବାଟା ଝରିବା - ଏଇ ଦ୍ୱନ୍ଦ୍ୱାତ୍ମକ ବଳୟ ଭିତରେ ଘୂରିବୁଲେ କବିଆତ୍ମା । କବି ପତ୍ରଝରା ଋତୁକୁ ମୃତ୍ୟୁର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ମୃତ୍ୟୁ ନୂତନତାର ସୂଚନା ଦିଏ ।ବ ଥିବା ମଣିଷର ଅସଂଖ୍ୟ ଅତୃପ୍ତି, ବିଷାଦ, ବନ୍ଧନ ଓ ବୋଝ ମୃତ୍ୟୁ ଦ୍ୱାରା ପରିସମାପ୍ତି ଲାଭ କରିଥାଏ । "କେତେ ରାତି / କେତେ ବହଳ ଅନ୍ଧାର ପରେ / ସକାଳ ଆସେ, ନୂଆ ସକାଳ / କେଉଁଠି ନଥିବା ଉପତ୍ୟକାରେ କେଉଁଠି ନଥିବା ସୂର୍ଯ୍ୟର / ଝଲମଲ କିରଣରେ / ଅଚାନକ ବଉଳିଯାଏ ଗଛପତ୍ର ପ୍ରତ୍ୟାବ ନର ପ୍ରତିପାଦରେ ।" (ପତ୍ରଝରା ଋତୁ, କବିତାସମଗ୍ର, ପୃ.-୩୮୭)

'ପତନର ଛନ୍ଦ' (୨୦୦୭) ରେ କାବ୍ୟପୁରୁଷର ସ୍ୱପ୍ନଭଙ୍ଗ ଘଟିଛି । କେଉଁଠି ଜୀବନ ଛନ୍ଦହୀନ ତ କେଉଁଠି ଛନ୍ଦପୂର୍ଣ୍ଣ । ନିଜର ଅସହାୟତା ପ୍ରକାଶକରି କବି କହିଛନ୍ତି - "ନା ଗଢିପାରିଲି ଦେଉଳ / ନା ଭାଙ୍ଗିପାରିଲି କାରାଗାର / ନା ଛାଣି ପାରିଲି ପାଣିରୁ ତାରା / ନା ଗୋଟେଇ ପାରିଲି ଅପନ୍ତରା ଖରା / କିଛି ହେଲାନି ମୋ ଦେଇ ଏ ଜନ୍ମରେ / ସତେ ଲୋ ସଙ୍ଗାତ ।" (ଖରା ଓ ତାରାର ଗୀତ, କବିତାସମଗ୍ର, ପ.-୨୫୬)

'ଯେ ଗୀତଗାଏ ପକ୍ଷୀ' (୨୦୧୦) ସଙ୍କଳନରେ ସନ୍ନିବେଶିତ କବିତାଗୁଡିକରେ ଆମେ ବହୁବିଧ ଚିନ୍ତା ଓ ଚେତନାର ସମ୍ମିଶ୍ରଣ ଘଟିଥିବା ଲକ୍ଷ୍ୟ କରୁ । ନଷ୍ଟାଲଜିକ୍ ଚିନ୍ତାଧାରା ମଧ୍ୟରେ ମନୋରମ ଅତୀତର ଦିନକୁ ଆମ ପାଖରେ ପହେ ଇ ଦେଇଛନ୍ତି । କବିତାଗୁଡ଼ିକରେ ପ୍ରତୀକ, ଚିତ୍ରକଳ୍ପ, ମିଥ୍ର ପ୍ରୟୋଗାତ୍ମକ ଦିଗ ଖୁବ୍ ମାର୍ମିକ । 'ଜାରାଶବରର ଗୀତ' ରୁ ଆରମ୍ଭ ହୋଇଥିବା କବିତାଟି ଆମ ପୁରାଣ ଚେତନାକୁ ସ୍ମରଣ କରାଇଦିଏ । "ଫୁଲ ଚନ୍ଦନ ନାଇ ଖଟୁଲିରେ ବସି / ଭୋଗ ଖାଇ ତୁ ପୂଜା ପାଉଥିବା ଈଶ୍ୱର / ଆଉ ମୁଁ ଛୋଟ ଶିଶୁଭଳି / ତାଳିମାରି ନାଚୁଥିବା / ଗୋଟିଏ ଜଙ୍ଗଲୀ ଶବର ।" (ଜାରାଶବରର ଗୀତ, ପୃ.-୧୬୮)

'ନିଜ ଝର୍କାରୁ ଆକାଶ' (୨୦୧୩) ଏହି ସଙ୍କଳନଟି ଗୋଟେ ଦୀର୍ଘ କବିତା । ଗୋଟେ କାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । କବି ଗୌତମବୁଦ୍ଧଙ୍କ ଜୀବନ, ଆଦର୍ଶ, ମତ, ପଥକୁ ପାଠକମାନଙ୍କ ପାଖରେ ଖୋଲି ଧରିଛନ୍ତି ନୂଆ ଭାବେ । ଇତିହାସରୁ ତୋଳିଆଣି ସାର୍ବଜନୀନ କରିପାରିଛନ୍ତି ନୂଆ ଢଙ୍ଗରେ । ଝର୍କାବାଟ ଦେଇ କବି ନୂଆ ପବନକୁ ଘର ଭିତରକୁ ପ୍ରବେଶ କରାଇବାର ପ୍ରଚେଷ୍ଟା କରିଛନ୍ତି । ଜନ୍ମମୃତ୍ୟୁର ଉର୍ଦ୍ଧ୍ୱରେ ଜୀବନ - "ଜୀବନ ସତ୍ୟକୁ ବୁଝେଇବା ଲାଗି / ମୁଠାଏ ସୋରିଷ ପାଇଁ କିସ୍‌ସା ଗୌତମକୁ / ବୁଲେଇଲ ସମଗ୍ର ଜଗତ / ଅଙ୍ଗୁଳିମାଳକୁ କାଢି / ଅହିଂସକ କଣ୍ଠେ ଦେଲ / ତ୍ରୟରତ୍ନ ମହାମନ୍ତ୍ର ।"

'ଏଇ କେତେଦିନ ହେବ' (୨୦୧୮) ଏହି କବିତା ସଙ୍କଳନରେ କବି ସମାଜମନସ୍କ ହୋଇଉଠିଛନ୍ତି । ସବୁପ୍ରକାର ନକାରାତ୍ମକ ଭାବ ଭାବନା ସେ ସମ୍ଭାବନା ଓ ଜୀବନ ବ ବାର ମମତାମୟ ସ୍ପର୍ଶ ହେଉଛି ସଙ୍କଳନଟି । ଲୋକକାହାଣୀର ପ୍ରୟୋଗ କବିତାକୁ ଅଧିକ ଜୀବନମୁଖୀ କରିଛି - "କିଏ ବା ବୁଝିଲା ମୋର ଅସହାୟପଣ / କେହି ବୁଝିଲେନି ମୋର ବ୍ୟଥାତୁର ମନ / ନା କୁଅ ନା କୁମ୍ଭାର / ନା ହୁଙ୍କା ନା ମୃଗ / ନା

ISSN NO.
2582-208X



କାଳିଗାଈ ନା ହିଡ / ଆଉ କମାର ତ ସହଜେ କମାର / ନିଆଁ ଝୁଲରେ ଖେଳି / ପୁରୁଣାରୁ ନୂଆ କବିତାରେ ସଦା ଉଚ୍ଚାଟ । (କଳୁରେଇବେ ପକ୍ଷୀ, କବିତାସମଗ୍ର, ପୃ.-୫୫)

'କାନ୍ଥଖରା' (୨୦୨୨) ସଙ୍କଳନଟି ଭିନ୍ନ ଭିନ୍ନ ଚିନ୍ତା ଓ ଚେତନା, ମାଟିମନସ୍କତା, ସଂସ୍କୃତି, ମିଥ୍ ଅତୀତର ସ୍ମୃତି ରୋମନ୍ଥନ ପ୍ରଭୃତିକୁ ନେଇ ରଚିତ । କବି ବୃହନ୍ନଳାକୁ ମିଥ୍ ଭାବରେ ଏହି କବିତାରେ ଆରୋପ କରିଛନ୍ତି । ସମୟର ଦାୟରେ ବେଳେବେଳେ ମଣିଷ ଅସହାୟ ହୋଇଯାଏ । ବୀର ଅର୍ଜୁନ ଆଜି ଅସହାୟ, ବୃହନ୍ନଳା ସାଜି ଘୁଙ୍ଗୁର ପିନ୍ଧି ବିରାଟ ରାଜାଙ୍କ ରାଜ୍ୟରେ । ଏହା ବୁଝାଇବାକୁ ଅକ୍ଷମ ବୃହନ୍ନଳା - "ଶହ ଶହ ପ୍ରଶ୍ନବାଟୀରେ ଆହତ / ଅସହ୍ୟ ଜ୍ୱାଳାରେ ଛଟପଟ / ବୃହନ୍ନଳା କେମିତି ବୁଝେଇବ / ଅବୁଝା ଗଣିତ / ପୂର୍ବ ଓ ପର ଜନ୍ମର ବୃ ାନ୍ତ / ଘଟଣାଚକ୍ରରେ ସେ କେତେ ଅସହାୟ / ଓ କିଭଳି ବିପନ୍ନ / କେମିତି ବୁଝେଇବ ଘୁଙ୍ଗୁର ମାହାତ୍ମ୍ୟ ?"

କବି ରଞ୍ଜିତାଙ୍କ 'ଅଶାନ୍ତ ଅପରାହ୍ଣ' ଠୁ 'କାନ୍ଥଖରା' ଯାଏ କବିତା ସଙ୍କଳନଗୁଡିକରେ ସ୍ଥାନିତ କବିତାଗୁଡିକ ବିବିଧ ଚିନ୍ତାଚେତନାରେ ରଚିତ । ସାମାଜିକ ବାସ୍ତବବାଦ ଓ ସାମାଜିକ ସହାବସ୍ଥାନର ଚିତ୍ର, 'ମୃତ୍ୟୁଚେତନା', 'ସୌନ୍ଦର୍ଯ୍ୟବୋଧ', 'ଆଧ୍ୟାତ୍ମିକତା', 'ପ୍ରେମ', 'ନାରୀ ପ୍ରତି ଦୃଷ୍ଟିଭଙ୍ଗୀ', 'ଗାଁମାଟି' ମଣିଷର ଚିତ୍ର, ସଂସ୍କୃତି, ଐତିହ୍ୟ, ପରମ୍ପରା, ଦେଶାତ୍ମବୋଧ, ବିପ୍ଳବର ସ୍ୱର ପ୍ରଭୃତି କବିତାଗୁଡିକରେ ବେଶ୍ ଚି ାକର୍ଷକ ଭାବେ ପ୍ରତିଫଳିତ । ସମକାଳୀନ ଓଡିଆ କବିତାଧାରାରେ କବି ରଞ୍ଜିତାଙ୍କ କାବ୍ୟସ୍ୱରରେ ନୂତନତାର ସ୍ପନ୍ଦନ ଅନୁରଣିତ ହୋଇଥାଏ । କବିତାର ଶୈଳୀ ଓ ଭାଷା ସଂଯୋଜନାରେ ଗ୍ରାମୀଣ ଭାଷାର ବ୍ୟବହାର କବିତାଗୁଡିକୁ ରୁଚିଶୀଳ କରାଇପାରିଛି । ଜୀବନ ବ ୃବାର ହତାଶାବୋଧ ତାଙ୍କୁ ନୈରାଶ୍ୟ ଜର୍ଜରିତ କରି ନାହିଁ କି ଅବିଶ୍ୱସନୀୟତା ଆଡକୁ ନେଇପାରି ନାହିଁ । ତାଙ୍କ କବିତାରେ ନଷ୍ଟାଲଜିକ୍ ଚିନ୍ତାଧାରା ସହିତ ସାମ୍ପ୍ରତିକ ଜୀବନବୋଧର ବାସ୍ତବଚିତ୍ର ପ୍ରତିଫଳିତ ହୋଇଥାଏ । ଜଣେ ଉଚ୍ଚକୋଟିର କବିଭାବେ ତାଙ୍କ କବିତା ସମ୍ପ୍ରତି ବେଶ୍ ଚର୍ଚ୍ଚିତ ।

**ସହାୟକ ଗ୍ରନ୍ଥସୂଚୀ :**

(୧) ରଞ୍ଜିତା ନାୟକଙ୍କ କବିତା ସମଗ୍ର (ପ୍ରଥମ ଖଣ୍ଡ), ପ୍ରଥମ ପ୍ରକାଶ- ୨୦୨୦, ବିଦ୍ୟାପୁରୀ, କଟକ ।

(୨) ମିଶ୍ର, ଡଃ. ତୀର୍ଥାନନ୍ଦ (ସଂ.) ବିନ୍ଦୁରୁ ପରିଧି, ପ୍ରଥମ ପ୍ରକାଶ - ୨୦୧୨, ଓଡିଶା ବୁକ୍ ଷ୍ଟୋର ।

(୩) ସାହୁ, ଡଃ. ବିର ୃକୁମାର, ରଞ୍ଜିତା ନାୟକ : କାବ୍ୟବୀକ୍ଷା ଓ ସୃଜନ ସମୀକ୍ଷା, ପ୍ରଥମ ପ୍ରକାଶ - ୨୦୨୨, ବିଦ୍ୟାପୁରୀ, କଟକ ।

❖ ❖ ❖

www.vedantimagazine.com
ISSN NO.
2582-208X
ବେଦାନ୍ତି



# କପଟ

ଅଲେଖ ମେହେର(ଯାଯାବର)

ବଦଳିଲେ ଋତୁ ଜାଣେ ଜଗତ,
ବରଷା ବସନ୍ତ ଅବା ଶରତ ।
ମାନବ ସ୍ୱଭାବ ଗଲେ ବଦଳି,
ହୃଦୟ ଚିରଇ କାୟାକୁ ଗଳି ।
ବିଲୋକିବା ଭାରି କଷ୍ଟ,
ବଲ୍ଲରୀ ଗହଳେ କଣ୍ଠିରବ ଲୁଚି ଯଥା ମୃଗେ କରେ ନଷ୍ଟ ।
ମୀନ ନାଶ ଯାଏ ଯେସନେ ଜାଲେ,
କୋମଳ ସୂକ୍ଷ୍ମର ପାଶାଢୁଆ ଳେ ।
ଆତ୍ମିୟତା ଢାଳି ଉର ରାଇଜେ,
ଶାଣୀତ କତୁରୀ ଭିତରେ ସାଜେ ।
ଚୋଟ ହୁଏ ଭୟଙ୍କର,
ଗ୍ରହରେ ମଙ୍ଗଳ ପଦଥିବା ସତ୍ତ୍ୱେ ଯେସନେ ଅଶୁଭତର ।
ବିବୁଧାଳୟର ଚିତ୍ର ଦେଖାଇ,
ଅମାସ୍ୟା ତିମିରେ ଇନ୍ଦୁ ରଚାଇ ।
ବିଟପୀ ପ୍ରୀତିର ମଧୁ ଯୁଆର,
କାର୍ଯ୍ୟ ସମାପନେ କିଏ କାହାର ।
ତପତ ଗ୍ରୀଷମ ଭାବ,
ମୃଗତୃଷ୍ଣା ପଛେ ଧାବମାନ କରି ଜନ କରେ ଆର୍ତ୍ତ ରାବ ।

ISSN NO.
2582-208X

କାହାକୁ ମଣିବି ଆପଣା ପର,
ମଣିଷ ଚିହ୍ନିବା ବଡ ଦୁଷ୍କର ।
ଇଚ୍ଛାଧାରୀ ନାଗ ସାଜେ ମଣିଷ,
ଆପଣାର ଜନ ଦିଅଇ ବିଷ।
ବେଳ ଜାଣି ବେଶ ଧରେ,
ଲାଜେ ସପ୍ତ ରଙ୍ଗ ହୋଇଯାଏ ସ୍ୱେତ ଏଣ୍ଟୁଅ ରୁହେ ଗୁପ୍ତରେ।
ଗନ୍ଧବତୀ ପୁରେ କରିଛି ବାସ,
ସୁଖ ସପନର କରିଛି ଚାଷ।
ଆଗକୁ ବଢିଲେ ଟାଣଇ ଗୋଡ,
ପଡିଗଲେ ତଳେ ବଦଳେ ମୋଡ।
ମାନବ ସାଜଇ ବାଳି,
ଅର୍ଦ୍ଧେକ ବଳକୁ ଟାଣିନେଇ ହସେ ବିଦୁପର ବହ୍ନି ଜାଳି।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ସୁନାଜହ୍ନ



ଡ଼କ୍ଟର ସଂଯୁକ୍ତା ଦାସ

ସେ ଦିନର କେଉଁ ଏକ ସୋର୍ଣ୍ଣିମ ସନ୍ଧ୍ୟାରେ
ତାରା ଫୁଲ ମୁଣ୍ଡେ ଖୋସି, ନୀଳ ପାଟ ପିନ୍ଧି
ସଜ ହେଉଥିଲା ଯେବେ ରାତ୍ରୀର ଆକାଶ,
ଶୁଭୁଥିଲା କୋଇଲିର କୁହୂ ତାନ
ପୁରି ଥିଲା ନଈ,
ହାତେ ଧରି ଫୁଲ ଶର, ବସନ୍ତ
ମନେ ଆଂକୁଥିଲା ତା'ର, ଅନାବନା କେତେଯେ ସପନ ।
ଆକାଶେ ଫୁଟିଥିଲା 'ଜହ୍ନ' -"ସୁନାଜହ୍ନ "
କଦମ୍ବ ଫୁଲିଆ ଜହ୍ନ,
କାଚକେନ୍ଦୁ ଜଳ ପରି ଥିଲା, ତାର ମନ
ବିଞ୍ଚିଥିଲା ଆକାଶରୁ, ପୃଥିବୀକୁ
କେତେ ପ୍ରେମ, କେତେ ଶାନ୍ତି
ଆଶା, ଆକାଂକ୍ଷା ର - ଯୁଗ୍ମ ନିଳୋତ୍ପଳ ।
ଆଜିର ଏଇ ପଉଷ ସନ୍ଧ୍ୟାରେ
କଳା ଛିଟ ପାଟ ପିନ୍ଧି, ଘୋଡ଼ିଘାଡି ହୋଇ ଶୋଇଯାଏ ଯେବେ,
ରାତ୍ରୀର ଆକାଶ, ହାଡ଼ଥରା ଶୀତର ଭୟରେ
ସବୁଦିନ ପରି ଆଜିଉଠେ ଜହ୍ନ - ଚିର ପରିଚିତ

ISSN NO.
2582-208X

ମନେ ନାହିଁ ତା'ର ଶୁଣିବାକୁ କୋଇଲି ର କୁହୂତାନ,
ଗଣିବାକୁ ପ୍ରଜାପତି ରଙ୍ଗ
କ୍ଲାନ୍ତ ସିଏ,
ଅବିଶ୍ରାନ୍ତ ଭାଙ୍ଗି ଆକାଶରେ, କଳାକଳା ବଉଦର ଢେଉ
ବିଷାଦରେ ବିଷାଦିତ, ବିଞ୍ଚିଅଛି ବିଷାଦ ରାଗିଣୀ
ଆକାଶରୁ ପୃଥିବୀକୁ
ମୋ'ମନ ଝରକା ଦେଇ, ଛିନ୍ନ ତାର ପଣତ କାନିରେ ।
ତେବେ, ସତେକଣ 'ଜହ୍ନ' ଲିଭିଯିବ ଆକାଶ ବକ୍ଷରୁ ?
ନା ' ଜହ୍ନ କେଭେ ଲିଭେନାହିଁ
ସିଏ ତ ଅଲିଭା,
ଜହ୍ନ କେବେ ପୁରୁଣା ହୁଏନି
ସିଏ ପରା ନବନୀତା
ଜରତକର ରୁ ପ୍ରଜାପତି ହୋଇଗଲେ
ଗ୍ରହଣ ରାକ୍ଷସ....
ଆକାଶରେ,
ଜହ୍ନ ହୋଇଯିବ -'ସୁନାଜହ୍ନ '
ସର୍ବସଂହା, ଶକ୍ତିରୂପିଣୀ, ମା -ଅନନ୍ୟା ।
ଏ ଧରା ବକ୍ଷରେ ।
କବି କଳ୍ପନାରେ
ଅବା, ଆକ୍ତାମାକ୍ତା ମୋର କବିତା ଭିତରେ ।

ଅଧାପିକା, (ଓଡ଼ିଆ ବିଭାଗ)
ରଘୁନାଥ ସମବାୟ ମହାବିଦ୍ୟାଳୟ (ଓଡଗାଁ)
ନୟାଗଡ

ISSN NO.
2582-208X

# ଜାତୀୟ ପିତା ମହାତ୍ମା ଗାନ୍ଧୀ



ଜୟନ୍ତୀ ବେହେରା

ଜୀବନ ନାଟକରେ ତୁମେ ବୀର କଳାକାର
ଇତିହାସ ପୃଷ୍ଠା କହେ ଆଜି ମାନବ ଜାତିର!
ମହାନତା ତୁମ କାମ ଦେଶ ଜାତିର ଜନକ
ତୁମ କାର୍ଯ୍ୟ ଦେଖି ମାଟିମା' ବାସ୍ନାରେ ପୁଲକ l

ବିଂଶ ଶତାବ୍ଦୀର ତୁମେଯେ ମହାତ୍ମା ପୁରୁଷ
ଜାତିର ଜନକ ନାମରେ ହୋଇଅଛ ବିଦିତ!
ସୁଲକ୍ଷଣୀ ସହଧର୍ମିଣୀ କସ୍ତୁରବାଙ୍କ ସଙ୍ଗେ
ତେର ବରଷରେ ବାପୁଜୀ ବିବାହିତ ଅଙ୍ଗେ l

ଚାରି ଗୋଟି ପୁତ୍ରମଣି ହୋଇଥିଲେହେ ଜାତ
ହରିଲାଲ, ମଣ୍ଣିଲାଲ ଅବା ସେ ରାମ ଦାସ!
ଶେଷ ପୁତ୍ର ଟିର ନାମଟି ହେଲା ଦେବଦାସ
ଆନନ୍ଦିତ ଥିଲା ମନଟି ବାପୁ ହେଲେ ହରଷ l

ବାରିଷ୍ଟର ହେବାପାଇଁକି ଲଣ୍ଡନକୁ ଚଳିଲେ
ଲକ୍ଷ୍ମୀଦାସ ବଡ଼ ଭାଇଟି ସମର୍ଥନ କରିଲେ!

ISSN NO.
2582-208X

ଓକିଲାତି ବିଧିଶାସ୍ତ୍ରରେ ହେଲେ ମହାବିଦ୍ୱାନ
ପ୍ରଥମରେ ଓକିଲାତିରେ କୋଏଲ ସନମାନ ।

ଜାତିଗତ ଭେଦ ଭାବକୁ ମନରେ ନ ବୁଝନ୍ତି
ସରବେ ହୃଦୟେ ସେନେହ ଆଦର କରନ୍ତି!
ଦେଶ ହେଉ କିବା ଜାତିର ପଡିଗଲେ ବିପଦ
ଜୀବନକୁ ବାଜି ଲଗେଇ ଗଣୁ ଥାନ୍ତି ପ୍ରମାଦ ।

ଯୋଗଜନ୍ମା ମହାପୁରୁଷ ଜନ୍ମ ହୋଇଥାଆନ୍ତି
ଶତ୍ରୁକୁ ବିନାଶ କରିଣ ଦେଶେ ଶାନ୍ତି ଲଭନ୍ତି!
ଦୁଃଖୀ ଗରିବର ବନ୍ଧୁ ହେ ସଂଗଠକ ଦୃଢ଼ତା
ଅହିଂସାର ଅସ୍ତ୍ର ଧରିଲେ ସର୍ବେ କରି ଏକତା ।

ସେ ମହାପୁରୁଷ କାହାଣୀ ମୂଳ ନୀତି ଅଟଇ
ଅହିଂସା, ସତ୍ୟ, ସ୍ୱରାଜ, ସ୍ୱଦେଶୀ ସରୋଦୟୀ!
କେମିତି କହିବି ବୁଝାଇ, ଯାହା ମୁହିଁ ଜାଣଇ
ସେ ଅଟନ୍ତି ମହା ମହିମ ରାଷ୍ଟ୍ର ପିତା ଅଟଇ ।

ଆନ୍ଦୋଳନ ଅଛି ଅନେକ ଯାହା ପୋଥି କହଇ
ଇଂରେଜ ମାନଙ୍କ ସହିତ ଅସହଯୋଗ ଦେଇ!
ନାଗରିକଙ୍କର ମନରେ ଆନ୍ଦୋଳନ ଅମାନ୍ୟ
ଶେଷରେ ଗର୍ଜିଲେ ମହାତ୍ମା ଛାଡ଼ ଭାରତ ଆମ ।

ଡରି ପଳାଇଲେ ମୁଲକ ଗୋରାବେପାରୀ ମାନେ
ସ୍ୱାଧୀନ ହୋଇଲା ଭାରତ ଗାଅ ସରବ ଜନେ!
ଭାରତ ମାଆର ପାଦକୁ ଧୋଇ କନ୍ୟା କୁମାରୀ
କେଡେ ପବିତ୍ର ମୋ ଦେଶଟି ଲହରୀ ଅସୁମାରୀ ।

ISSN NO.
2582-208X

ସରଳ ହୃଦୟ ଅଟନ୍ତି ଆମ ଜାତିର ପିତା
ଗୁଳିପାଖେ ମଥା ପାତିଲେ ହେଲେ ଜଗତଜିତା!
ଆକାଶରେ ସତେ ସେ ଧ୍ରୁବ ଯାହା ଆମେ ଜାଣନ୍ତି
ମୁକ୍ତ ଆଜି ଆମ ସମାଜ କେତେ ସୁଖ ଲଭନ୍ତି ।

ଶୁଭଦିନ ଆଜି ଅଟଇ ଅକ୍ଟୋବର ଦୁଇଟି
ପାଳୁଅଛି ସାରା ଜଗତ ସ୍ୱଚ୍ଛ ଭାରତ ଏଠି!
ଭକତିର ଦୀପ ଲଗାଇ ସୁମରଣା କରିବା
ଶ୍ରଦ୍ଧାଞ୍ଜଳି ହାତେ ସମର୍ପି ଜନ୍ମଦିନ ପାଳିବା।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୪୧ )

ମୋତେ ଆଉ ଡର ସହିଲା ନାହିଁ । ସୁକୁମାର ଓ ଜନାର୍ଦ୍ଦନ କହୁଥିଲେ ଦିନେ ଅଧେ ଅଟକି ଯିବାପାଇଁ। ପରୀକ୍ଷା ସରିଛି ଟିକେ ମଉଜ ମଜଲିସ୍ ତ ବନୁଛି ନା । ମାନସର ବାପା ଆସିଥିଲେ ତାକୁ ନେବାପାଇଁ। ଏଥରର ପରୀକ୍ଷା ଭଲ କରିଥିଲା ତ ତେଣୁ ସେ ଖୁବ୍ ଖୁସି ଥିଲେ। ତାକୁ ଡାକ୍ତର କରିବାର ଆଶା ଆଉ ନିଶାଟା ବଳବତ୍ତର ହେଇଥିଲା । ବାୟୋଲୋଜିରେ ଏମିତି ଭି ଭଲ କରୁଥିଲା ସିଏ, ବାକି ଫିଜିକ୍ସ, କେମିଷ୍ଟ୍ରି ମୁଁ ଦେଖି ଦେଇଥିଲି । ମାନସ ତାଙ୍କୁ କହିଥିଲା ଏକଥା । ସେ ଆମକୁ ତାଙ୍କ ଘରକୁ ଡାକିଲେ। ସେହି ରୌପ୍ୟ ନଗରୀର ତେପନ ଗଳିର ଭଗତପୁରରେ ତାଙ୍କର ଘର ଥିଲା । ତାଙ୍କ ଜେଜେ ଜମିଦାର ଥିଲେ।

ବହୁତ ଅନୁରୋଧ କରିବାରୁ ଆମେ ଯିବାକୁ ରାଜି ହେଲୁ। ମୋତେ ସଞ୍ଜବେଳେ ବସ୍ ଷ୍ଟାଣ୍ଡରେ ଛାଡ଼ି ଦେବାର ପ୍ରତିଶ୍ରୁତି ଦେଇଥିଲେ ।

ତାଙ୍କ ଘରଟା ଘର ତ ନଥିଲା, ଥିଲା ଗୋଟାଏ ଗାଁ। ସଂଯୁକ୍ତ ପରିବାର । ଘରୁଆନା ଘର । ଷୋହଳ ସତର ପରିବାର ରହୁଥିଲେ । ତାଙ୍କ ଘରୁ କେତେଜଣ ଓକିଲ ଥିବାରୁ ଦାଣ୍ଡ ଦରଜା ପାଖକୁ ଧାଡ଼ିଏ ଅଫିସ ଘର ଥିଲା। ମହକିଲ, ମହରୀର ମାନଙ୍କର ଜମାବଡା ଥିଲା ସେଠି। ଦରଜାରେ ପଶିଗଲେ ଖୁବ୍ ପ୍ରଶସ୍ତ ଗଳିର ଦୁଇ ପାଖକୁ ଚଉଡ଼ା ବାରଣ୍ଡା

ISSN NO.
2582-208X

ପଛକୁ ଦାଣ୍ଡିଘର ଗୁଡ଼ିଏ। କାରଖାନା ପରି କାମଦାମ, ଗାଁ ନିମନ୍ତ୍ରା ପରି ଖିଆ ପିଆ, ପଢ଼ିଆ ପରି ଛୋଟ ଛୁଆଙ୍କର କିଲିରି ବିଲିରି ଖେଳକୁଦ, ଆଉ ସ୍କୁଲ ପରି ବଡ଼ ପିଲାଙ୍କର ପଢାଶୁଣା। ବାଡ଼ି ପଟକୁ ଧାଡ଼ିଏ ପାଇଖାନା। ଗୋଟିଏ ଚଉଡ଼ା ଗଳି ପରି ଗାଧୁଆ ଘର । କୋଣରେ ଗୋଟିଏ ହେଣ୍ଡପମ୍ପ୍। ନଇ ତୁଠରେ ଆ ନାଁ ରେ ତା ନାଁ ରେ ପାଚଲ ପରପଞ୍ଚ କରି ଗାଧେଇଲା ପରି ବଡ଼ ସହଜରେ ମହିଳା ମାନେ ସାମୁହିକ ସ୍ନାନ ସମ୍ପନ୍ନ କରନ୍ତି । ଯିଏ ଅନୁପସ୍ଥିତ ତାରି ଆଡ଼କୁ ଯାଏ ଲୁଣ ଲଙ୍କା ମରା କାହାଣୀ। ଗାଧୁଆ ସରିଲେ ଥରେ, ଗଲାଣି ତ କଥା ଗଲା । ସବୁ ନିର୍ମାୟା ।

ଖଞ୍ଜା ଭିତରେ ଯେ ଯାହାର କାମରେ ମଶଗୁଲ୍। କେହି କାହାର ରାସ୍ତାରେ ଆସିବାର ନାହିଁ। କାହାର ଶାଗ ଭଜା ତ କାହାର କଲିଜା ଭଜା। ବଣ୍ଟା କୁଣ୍ଟା ମଗା ଜଚା ଚାଲେ । ଆଉ ବେଳେ ବେଳେ ସମ୍ପାକଟା ଭି ଚାଲେ । ଯୋଗିଣିଖାଇ, ପୁତୁମୁଣ୍ଡୁଖାଇ, ଅଳପାଇଷୁଣୀ, ବଉଁଶବୁଡ଼ିଆଣୀ ଏମିତି କେତେ ଘମାଘୋଟ ଝଗଡ଼ା ଆଉ କାନକୁ ପବିତ୍ର କରି ଦେଲା ପରି ଗାଳି । ଚଉଦ ପୁରୁଷ ଉଝାଳିବା ସରିଲା ପରେ ଅଳ୍ପ ସମୟ କାଉନ୍ଦା ମେଘ, ତା ପରେ ଝଲମଲିଆ ଖରା ।

- ହଁ ମ, କିଏ କାର ଖାଇ ଯାଉଛି ନା ନେଇ ଯାଉଛି ବା ? ମଣିଷ ଜୀବନ ବଡ଼ ହିନିମାନିଆ ଜୀବନ । ଜନ୍ମ ହେବ ଦିନେ, ମରିବ ଦିନେ, ମଝିରେ ଜୀବନଟାକୁ କଳି ଝଗଡାରେ ସାରିବ କିଆଁ ?ଆସ ଲୋ ଆସ, ମୋର ତେଣେ ଉଚ୍ଛୁର ହେଇ ଯାଉଛି ।

ପୁରୁଷ ମାନେ ବାହାରିଆ ଲୋକ । ସେମାନେ ମାଇପି ମାନଙ୍କର କଥାରେ ମୁଣ୍ଡ ପୁରାନ୍ତି ନାହିଁ। ଏସବୁ ମୋତେ ମାନସ କହିଥିଲା। ସବୁବେଳେ ହୋ ହାଲ୍ଲା ଭିତରେ ପଢ଼ି ସେ କେମିତି ଡାକ୍ତର ହେଇ ଥାନ୍ତା ଯେ ? ତେଣୁ ତାକୁ ହୋଷ୍ଟେଲ୍ ରେ ଛାଡ଼ିଥିଲେ। ପ୍ରାଚୁର୍ଯ୍ୟ ଭିତରେ, ରାଜାଙ୍ଗି ଠାଟ୍ ରେ ବଢ଼ିଥିବା ମାନସ ପ୍ରଥମେ ହୋଷ୍ଟେଲ୍ ଜୀବନ ଆଦରି ନ ପାରି କୁମାର୍ଗ ପନ୍ଥି ହେଇଥିଲା ଏକଥା ଆଗରୁ ଚର୍ଚ୍ଚା ସରିଛି ।

ଅତିଥି ଦେବୋଭବ, ଏଇ ଉକ୍ତିଟି ଏତେ ମାତ୍ରାରେ ତାଙ୍କ ଘରେ ବ୍ୟାପ୍ତ ଯେ ମୁଁ ଆଶ୍ଚର୍ଯ୍ୟ ହେଲି ।

ISSN NO.
2582-208X

ଦରଜା ପାଖରେ କଂସା ଢାଳରେ ପାଣି ଆଣି ଆମର ଗୋଡ଼ ଧୋଇଦେଲେ। ତାକୁ ପୁଣି ମାନସର ଜଣେ ଖୁଡ଼ୀ ନିଜ ନୁଗା କାନିରେ ପୋଛି ଦେଲେ । ମାନସର ବୋଉ ମଧ୍ୟ ଏତେ ସ୍ନେହୀ ଯେ ମୋତେ ମୋ ମାଆ ମନେ ପଡ଼ିଲା।

ସନ୍ତୁଳା, ଡାଲମା ପ୍ରଥମ କରି ରେଭେନ୍ସା ହୋଷ୍ଟେଲ୍ ମେସରେ ଖାଇଥିଲି । ତା ପୂର୍ବରୁ ଏସବୁ ନାମ ମୋତେ ଜଣା ନଥିଲା । କିନ୍ତୁ ଏସବୁ ଏତେ ସ୍ୱାଦିଷ୍ଟ ହେଇପାରେ ମୁଁ ଜାଣି ନଥିଲି। ଏତେ ରକମର ଖାଦ୍ୟ ଏକା ସାଙ୍ଗରେ ମୁଁ ତାଙ୍କରି ଘରେ ଦେଖିଥିଲି । କଂସା ଥାଳିର ଚାରିପଟେ ଦଶ ବାରଟା ଲେଖାଏଁ ତାଟିଆ ଘେରି ରହିଥିଲା । ସେତିକି ପ୍ରକାର ଅନ୍ନ ବ୍ୟଞ୍ଜନ ତାଙ୍କର ରୋଜିନା ହୁଏ। ହେବ ନାହିଁ ? ବକ୍ସି ବଜାରରେ ତିନିଟା ଲୁଗା ଦୋକାନ, ରାଜା ବଗିଚା ପାଖରେ ଗୋଟାଏ ପ୍ରେସ୍ ଥିଲା ତାଙ୍କର, କିନ୍ତୁ ସଞ୍ଜୁକ୍ତ ଭାବେ। ବର୍ତ୍ତମାନ ଗୋଟିଏ ପେଟ୍ରୋଲ ପମ୍ପ୍ ପାଇଁ ହାତ ଗୋଡ଼ ମାରୁଛନ୍ତି ସେମାନେ। ଘୋଡ଼ା ଗାଡ଼ିର ପ୍ରଚଳନ ବନ୍ଦ ହେବାକୁ ବସିଲାଣି । ମୋଟର୍ ସାଇକଲ ଓ କାର ମାନଙ୍କର ରାଜୁତି ଚାଲିବ କଟକର ସଡ଼କ ମାନଙ୍କରେ। ପେଟ୍ରୋଲ ପମ୍ପ୍ ଲାଭଦାୟକ ବ୍ୟବସାୟ।

ସଞ୍ଜବେଳେ ମୋତେ ମୋ ବସ୍ ପାଖରେ ଛାଡ଼ି ଦେଲେ। ବସ ଗଡିଲା । ଲିଭି ଆସିଲା କଟକ, ରେଭେନ୍ସା, ଜନାର୍ଦ୍ଦନ, ମାନସ, ମକୁରା ପ୍ରିନ୍ସିପାଲ୍। ତା ଜାଗାରେ ମାନସ ପଟ୍ଟରେ ଭାସି ଉଠିଲା ମୋ ଛୋଟ ଗାଁର ଛବି । ମୋ ମାଆର ଛବି ।

ସକାଳ ସାତଟାରେ ମୁଁ ପହଞ୍ଚିଲି ମୋର ଜିଲ୍ଲା ସ୍କୁଲ ପାଖ ବସ୍ ଷ୍ଟାଣ୍ଡରେ। ସେଇଠୁ ଚାଲିଲି। ଉଡ଼ି କି ପହଞ୍ଚି ଯିବାକୁ ଇଚ୍ଛା ହେଉଥିଲା। ଘରେ ପହଞ୍ଚିଲା ବେଳେ ଦିନ ନଅଟା । ବିଜୁଳି ବେଗରେ ମୋ ଆସିବାଟା ପ୍ରଘଟ ହେଇଗଲା । ଚଇନୁ ଏଥର ମେଟ୍ରିକ ପରୀକ୍ଷା ଦେଇଥିଲା। ମୁଁ ତିଆଡ଼ି ଘର କୂଅରୁ ଗାଧେଇ ଆସିଲା ବେଳକୁ ସେ ଆସି ଯାଇଥିଲା। ମାଆ ପଖାଳ ବାଢ଼ି ଦେଇଥିଲା । ସାଥିରେ ରସୁଣ ଦଳା ବାଇଗଣ ପୋଡ଼ା ଓ ଦାନ୍ତିଆ ବଡ଼ି ଭଜା। ମାଟି ହାଣ୍ଡି ରନ୍ଧା ଘର ଚାଉଳର ଭାତ। ବାସ୍ନାରେ ପେଟ ପୁରି ଯାଉଥିଲା। ଖୁଡ଼ୀ ସାଙ୍ଗେ ସାଙ୍ଗେ ଦି ଡାଳ ସଜନା ଶାଗ ରୁଞ୍ଜି କଞ୍ଚାଲଙ୍କା ଫୁଟେଇ ଝୋଳଝୋଳିଆ କରି ଖରଡ଼ି ଦେଲେ । ବାପା ଖବର ପାଇ ଆସି ପହଞ୍ଚିଗଲେ।

ISSN NO.
2582-208X

ବାପା ଆଗ ଅପେକ୍ଷା ତେଜୀୟାନ୍ ଦିଶୁଥଲେ। ଆତ୍ମବିଶ୍ୱାସର ଆଭାରେ ଚହଟୁ ଥିଲା ତାଙ୍କର ରାଢ଼ୁ ମୁହଁଟା। କାରଣ ଆଜି ଆଉ ସେ ବେଠିଆ ନୁହନ୍ତି। ସେ ଜଣେ ସଫଳ କୃଷକ। ଆଉ ସବୁଠାରୁ ବଳି ମୋର ସଫଳତା ତାଙ୍କର ଆୟୁଷ ରେଖାକୁ ଲମ୍ବେଇ ଦେଉଥାଏ। ମାଆ ଓ ଖୁଡ଼ୀଙ୍କର ମଧ୍ୟ ଦେହ ଲାଗି ଯାଇଥାଏ। ଅଚିନ୍ତା ହେଲେ ଦେହ ଲାଗିବ। କାଳେ କାଳେ ଚିନ୍ତା ଓ ଲୁଣ ଗଣ୍ଡି ଓ ହାଣ୍ଡିକୁ ଖାଇ ଆସିଛନ୍ତି।

- ଜାଣିଛୁ ? ବିବେକା ମାଷ୍ଟର୍ ବେଡେ ବେମାର୍ ପଡ଼ିଛନ୍। ଅନିନାନୀ ନେଇଯିବେ ବୋଲି କହୁଛନ୍ ହେଲେ ମାଷ୍ଟର୍ ତିଆର୍ ନାଇଁ ହେଇତେ । ତୁଇ ଚଲ୍ ନା ଟିକେ କହିବୁ ।

ଚଇନୁର ଏଇ କେତେଟା ଲାଇନ୍ ମୋର ଫାକାନାସ୍ତି ବୁଡେଇ ଦେଉଥିଲା। ମୋ ପାଦ ତଳର ଭୂଇଁ ତାତି ଯାଉଥିଲା। ମଣିଷଟିଏ ଇତିହାସ ହେବାକୁ ଯାଉଥିଲା କି ଆଉ ?

ବେଳ ଆସିଲେ ସମସ୍ତେ ଇତିହାସ ପାଲଟିବେ, କିଛି ଇତିହାସ ଅପଢ଼ା ଅଲେଖା ହେଇ ରହିଯିବେ ହୃଦୟ ମାନଙ୍କରେ ଓ ଧୀରେ ଧୀରେ କୋଶିକୀୟ ପରସ୍ତ ସହିତ ଝଡ଼ି ପଡ଼ିବେ। ଆଉ କିଛି ଇତିହାସ ଯୁଗ ଯୁଗ ଯାଏ ଥାତି ବାନ୍ଧି ରହିଯିବେ ଏଇ ଧରାରେ।

ମାଆ ଏପର୍ଯ୍ୟନ୍ତ ଲୁଚେଇ ଥିଲା ବିବେକା ମାଷ୍ଟରଙ୍କର କ୍ରମଶଃ କ୍ଷୀଣ ହେଉଥିବା ସ୍ୱାସ୍ଥ୍ୟ କଥା, ଖାଇ ପିଇ ସାଷ୍ଟମ ହେଲାପରେ କହିବ ବୋଲି ।

ମୁଁ ଓ ଚଇନୁ ଚାଲିଲୁ ତାଙ୍କ ଘର ଆଡ଼କୁ। ତାଙ୍କର ଅବସ୍ଥା ଦେଖି ମୋର ଲୁହ ରହିଲା ନାହିଁ। ଦୂରାରୋଗ୍ୟ ବୟସବ୍ୟାଧି ତାଙ୍କୁ ଚିପୁଡ଼ି ଏଡେ ଟିକିଏ କରି ଦେଇଥାଏ। ଅନିନାନୀ ଓ ଦେଠେଇ ବସିଥାନ୍ତି ତାଙ୍କ ଗୋଡ଼ ଶାଳରେ। ବିଶାଳ କୋଣାର୍କ ସ୍ତୁପ ଧ୍ୱସ୍ତ ହେଇ ଯାଉଥାଏ ଧିରେ ଧିରେ। ଆମ ସମ୍ମୁଖରେ କେବଳ ମୂଖଶାଳା ରୂପୀ ଅସ୍ଥି ପଞ୍ଜରା।

କ୍ଷୀଣ ଦୃଷ୍ଟିରେ ମିଞ୍ଜି ମିଞ୍ଜି ହେଇ ଦେଖିଲେ ମୋତେ । ଠାରରେ କହିଲେ ପାଖରେ ବସିବାକୁ। ମୋର ଛାତି ଭିତରଟା କରତି ହେଇ ଯାଉଥାଏ। କଣ ଗୁଡାଏ ଜମି ରହି ଚିପି ଧରୁଥାଏ ମୋର ତଣ୍ଟିକୁ। ଅଶି ବୟାଶି ବର୍ଷ ନିଜକୁ ଜାଳି ଦୁନିଆକୁ ଆଲୁଅ ଦେଖଉଥିବା

ISSN NO.
2582-208X

ଦୀପଟି ଲିଭି ଯିବାର ସମୟ ଉପନୀତ ତେବେ ? ମୁଁ ଖାଲି ଘନଘନ ଦୀର୍ଘଶ୍ୱାସ ନେଉଥାଏ।

ବିବେକାନନ୍ଦ ପୁସ୍ତକାଗାର ତେବେ ଧସକି ଯିବ ଠିଆ ହେବା ଆଗରୁ ? ନା ନା , କସ୍ମିନ୍ କାଳେ ନୁହେଁ ।

- ଏ ଅଭି, ଅଭି ରେ, ଶୁଣ୍ ନା ବାବା ଟିକେ। ମୋର୍ ପରେ ମୋର୍ ବହି ମାନେ ତୋର ହେପାଜତରେ ରହିବେ, ହେଲା ? ଏମାନକୁ ଅଲଗେଇବୁ ନାଇଁ ବାପା। ମୋର ଝାଳରକ୍ତର ଛୁଆ ଏଗା ସବୁ। ଆଉ ତୁଇ କିପେଇଁ ଦୁଃଖ କରୁଛୁ ? ଏନାଗି ମୁଇଁ ନାଇଁ ମରବି ରେ। ଦୁଇଟା ଜିନଷ ନାଇଁ ଦେଖଲା ଯାଇଁ ମୁଇଁ ଯମକୁ ଅଟକେଇ କରି ରଖିଥିବି । ଗୁଟେଇ ତୋର ଉନ୍ନତି ଆଉ ଗୁଟେଇ ଅନିର୍ ଛୁଆପିଲା।

ଆଉ ଯଦି ମରି ଭି ଜାଏଁ, ଏଇ କୁଠରୀ ଭିତରେ ନି ରହିବି ଅଙ୍କ୍ ବି ନାଇଁ ତିଳେ ବି । ବହିର ଶବ୍ଦ ହେଇକିରି ରହିବି, ଶବ୍ଦର୍ ଅକ୍ଷର ହେଇକିରି ଆଉ ଅର୍ଥ ହେଇକିରି । ତୋର୍ ଭିତରେ, ଅନିର୍ ଭିତରେ, ଚଇନୁର୍ ଭିତରେ ଜ୍ଞାନ୍ ହେଇକିରି ରହିବି। ମଣିଷ ମରେଇ ନାଇଁରେ। ଖାଲି ପିଣ୍ଡ ବଦଳାଏ । କେଣସି ଜିନଷ ନଷ୍ଟ ହିଏଇ ନାଇଁ କି ନୁଆ ବନେଇ ନାଇଁ । ସେଇ ଭିତରେ ଭିତରେ କିନ୍ଦରୁ ଥାଏ। ଯେମତି ତୁମରମାନେ ଖେଲୁଥିଲ,

କାନ କୁନ୍ କୁନ୍ କାନେର୍ ପାକା
ଓୟ ପାଡ଼ା କେ ଯା ପାକା ।

ହେଲା ? ମୁଇଁ ଥିଲି ମୁଇଁ ଅଛେଇଁ ଆଉ ମୁଇଁ ଥିବି ।

ମୋ ମୁଣ୍ଡରେ ଝଂକୃତ ହେଉଥିଲା ଶ୍ରିମଦ୍ ଭଗବତ୍ ଗୀତା ।

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।

ISSN NO.
2582-208X

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋପରାଣି
ତଥା ଶରିରାଣି ବିହାୟ ଜୀର୍ଣ୍ଣା ନ୍ୟନ୍ୟାନି ସଂୟାତି ନବାନି ଦେହୀ"

କିନ୍ତୁ ଯେତେ ବି ଶାସ୍ତ୍ର ପୁରାଣର ବାଣୀ ଗୋଟିଏ ଆଡ଼େ ଆଉ ପ୍ରିୟ ମଣିଷର ଜୀବନ ଗୋଟିଏ ଆଡେ। କୋମାରେ ଥିଲେ ମଧ୍ୟ ମଣିଷଟା ଜୀବନରେ ଥାଉ ଏହାହିଁ ଲୌକିକତାର ବିଡ଼ମ୍ବନା। ଅବଶ୍ୟ ବର୍ତ୍ତମାନ ମଣିଷର ମସ୍ତିଷ୍କ ଉନ୍ନତ ହେଇ ଯାଇ ପ୍ରାକ୍ଟିକାଲ ହେଇ ଗଲାଣି।

ଆଉ ମଧ୍ୟ ମଣିଷର ଜିଜୀବିଷା ଆଉ ତିତିକ୍ଷା ସହଜରେ ମରିବାକୁ ଦିଏ ନାହିଁ କାହାକୁ। ଜିଜୀବିଷା ତ ନଥିଲା ତାଙ୍କର କିନ୍ତୁ ତିତିକ୍ଷା, ଜିଗୀସା ଆଉ ଆଉ ଜିଜ୍ଞାସା ତାଙ୍କୁ ଟାଣି ଧରୁଥିଲା ।

ନାନୀ ଓ ବିରଞ୍ଚି ଭାଇ କଣ ବିଚାର ବିମର୍ଷ କଲେ ତାଙ୍କୁ ଯେମିତି ହେଲେ ଟାଟା ବଡ଼ ଡାକ୍ତରଖାନାକୁ ନେବେ। ମୁଁ ଲାଗି ପଡ଼ିଲି ତାଙ୍କୁ ଜିତିବାକୁ । ଆଉ ଜୟଯୁକ୍ତ ବି ହେଲି ।

ସେଦିନ ରାତିରେ ମୁଁ ଶୋଇ ପାରି ନଥିଲି। ଖାଲି ମାଷ୍ଟର ଦେଖା ଯାଉଥିଲେ।

ଉଠ୍ ପୁଟୁର୍ ....
ଉଠ୍ ପୁଟୁର୍ .....

ଆଃ, କି ଶାନ୍ତି !! ଏତେଦିନ ପରେ ମୋ କବ୍ତା । ମୋତେ ତାର ଡାକଟା ସବୁବେଳେ ସକାରାତ୍ମକ ଦିଗଟା ହିଁ ଦେଖାଇଥାଏ। ତାର ଡାକରେ ଥାଏ ଆଶାର ଆଲୋକ, ବିଶ୍ୱାସର ଔଜଲ୍ୟ, ପୂର୍ଣ୍ଣକାମର ପରାକାଷ୍ଠା।

ଭୋରରୁ ଗାଡ଼ି ଶବ୍ଦ ଶୁଣାଗଲା। ଚିତ୍ତ ଏମ୍ବୁଲାନ୍ସ ନେଇ ଆସିଥିଲା । ଯେଉଁଥିରେ ସେ ସମୟ ଅନୁସାରେ ସବୁ ଅତ୍ୟାବଶ୍ୟକୀୟ ଲାଇଫ୍ ସପୋର୍ଟ୍ ସିଷ୍ଟମ୍ ଥିଲା । ଚିତ୍ତ ଏକ

ISSN NO.
2582-208X

ପରିଶ୍ରମୀ ଓ କାର୍ଯ୍ୟକ୍ଷମ ନେତା ହେବାକୁ ଯାଉଥିଲା । ଯଦିଓ ବିବେକା ମାଷ୍ଟର୍ ପରାଙ୍ମୁଖ ଥିଲେ ତା ପ୍ରତି କିନ୍ତୁ ଗାଁର ସର୍ବାଙ୍ଗୀଣ ଉନ୍ନତିରେ ତାର ପ୍ରଚେଷ୍ଟା ଦେଖି ଉଲ୍ଲସିତ ମଧ୍ୟ ହେଉଥିଲେ ।

ସକାଳୁ ମାଷ୍ଟରଙ୍କ ଘରେ ସୋରିଷ ପକେଇବାକୁ ଜାଗା ନଥାଏ। ରାଜନୈତିକ ନେତା ମାନେ ମଧ୍ୟ ଭିଡ଼ରେ ସାମିଲ ଥାଆନ୍ତି। ମୁଁ, ଗଣିଆ ଭାଇ, ଚିତ୍ତ ଓ ବିରଞ୍ଚି ଭାଇ ଆମ୍ବୁଲାନ୍ସରେ ତାଙ୍କୁ ନେଇ ଗଲୁ ଟାଟା ମେନ୍ ହସ୍ପିଟାଲ।

ଏହା ୧୯୦୮ ମସିହାରେ ସ୍ଥାପିତ ହୋଇଥିଲା ୧୯୦୭ ରେ ଷ୍ଟିଲ୍ ପ୍ଲାଣ୍ଟର ସ୍ଥାପନା ପରେ। ଖୁବ୍ ବଡ଼ ହସପିଟାଲ। ଆଧୁନିକ ଚିକିତ୍ସା ପ୍ରଣାଳୀରେ ଚିକିତ୍ସା ଚାଲୁଥିଲା ଏଠି।

ଆଇଷ ଓ ଇଚ୍ଛାଶକ୍ତି କିନ୍ତୁ ବଡ଼ ଜିନିଷ । ସେଥିରେ ଔଷଧ ଓ ଚିକିତ୍ସା କାଟାଲିଷ୍ଟର କାମ କରେ। ଚାରି ପାଞ୍ଚ ଦିନ ପରେ ସେ ସୁସ୍ଥ ହେଇଗଲେ ଓ ଔଷଧ ତାର୍ କାମ କରିଥିଲା ନିଶ୍ଚିତ। କେବେ ଏଲୋପାଥି ନେଇ ନଥିବା ସାରଙ୍କ ଦେହରେ ଔଷଧ ଭଲ କାତୁ କଲା । ସେ ପୂର୍ବାପେକ୍ଷା ଅଧିକ ଚଙ୍ଗା ହେଇଗଲେ । ରାଜନୈତିକ ଚାପ ପାଇଁ ଆହୁରି ଅଧିକ ସୁଶ୍ରୁଷା ମିଳିଥିଲା ତାଙ୍କୁ।

ମୁଁ ଆଶ୍ୱସ୍ତିର ନିଶ୍ୱାସ ନେଲି । ଯାହାହେଉ ଟାଣିନେବେ ଆଉ ଦୁଇ ତିନି ବର୍ଷ। ସୌଭାଗ୍ୟରୁ ମୋତେ ତାଙ୍କର ପାଖରେ ରହି ଗୁରୁସେବା କରିବାର ମଉକା ମିଳିଥିଲା। ତାହା ଆଧୁନିକ ସମୟରେ କେତେ ଜଣକୁ ମିଳେ ?

ଏଥର କିନ୍ତୁ ମୁଁ ବେଶି ସମୟ ବାପାଙ୍କ ସାଙ୍ଗରେ ବିଲରେ ରହିଲି । ବାପା ଥାଉ ଥାଉ କରୁଥାନ୍ତି ଆଉ ମୁଁ ଗାଇଁତା ଧରି ଖୋଳୁଥାଏ। ଖୁରୁପି ଧରି ବିଲାତି ଗଛ ମୂଳକୁ ଖୁସଉଥାଏ। ଏହା କରିବା ଦ୍ୱାରା ଲାଭ ହେଲା ମୋର। ମୋର ପୂର୍ବ ସାଙ୍ଗ ମାନଙ୍କର ସାହଚର୍ଯ୍ୟ ପୁଣିଥରେ ମିଳି ଯାଇଥିଲା। ଖରା ତରାରେ, ରକ୍ତକୁ ପାଣି କରି, କୃଷକ ମାନେ କେମିତି ଦୁନିଆକୁ ଆହାର ଯୋଗଉଛନ୍ତି ହାଡେ ହାଡେ ଅନୁଭବିଲି। ସେ ମଝିରେ

ISSN NO.
2582-208X

ବଣଭୋଜିଟାଏ ମଧ୍ୟ କରି ଦେଇଥିଲୁ। ବାଙ୍କ, ନିମ, ଅଭିନୁ, ବନ, ଚଗଲୁ ଏମାନେ ସବୁ ପୋଖତ ଚାଷୀ ହେଇ ଯାଇଥିଲେ। ସେହି ପୂର୍ବର ମଉଜ ମଜଲିସ୍ ଫେରି ଆସିଥିଲା।

ଏତେ ତ ପାଠ ପଢ଼ଲୁନି, କହନା ଦେଖେଇଁ ଢଗ ଗୁଟେଇ, ବନ ପଚାରେ ଆଖି ମାରି,

ବାଳୁତ କାଳରୁ ମୁଣ୍ଡରେ ଟୋପି
କୃଷ୍ଣ ଅବତାରେ ମୋହିଲେ ଗୋପି
ରାମ ଅବତାରେ ରାବଣ ମାରି
ଆମ ଘରେ ଆଜି ସେହି ତରକାରୀ।

ସମସ୍ତେ ଘେରି ଯାଆନ୍ତି ମୋତେ ,

- କହ କହ କହ,
ହାରୁ ରେ ହାରୁ, ଶହେ ଟଙ୍କା ଧାରୁ ।

ଟଙ୍କଧର ଆହୁରି ନହଲା ଉପରେ ଦହଲା ଯୋଡେ

- ଆଉ ଗୁଟେଇ, ହଁ ?

ବାରଣାବନ୍ତକୁ ଯାଇଥିଲି
ହସ୍ତିନାପୁରରେ ଧରିଥିଲି
ପାଣ୍ଡବ ଦେଶରେ ବିଚାର କରିଣ
ନକ୍ଷଣ ଦେଶରେ ମାରିଥିଲି ।

ମୁଁ ଚିତ୍ ପଟାଙ୍ଗ୍,

ISSN NO.
2582-208X

କିନ୍ତୁ ମୋର ଶୈଶବ ଫେରି ଆସିଥିଲା, ଫେରି ଆସିଥିଲା ଆମର ଉଲୁକପାତିଆ, ଉଦୁର୍ଛିଆ ସମୟ। ଫେରି ଆସିଥିଲେ ମୋର ସାଙ୍ଗ ସାଥି।

- ଯା ଯା, ତୋର ପାଠ୍ ପଢୁଆ ମାନକୁ ପଚାରିବୁ ଏଇ ମୂର୍ଖ ମାନକର୍ ପ୍ରଶ୍ନ।

ମୁଁ ଜାଣିଥିଲି ଉତ୍ତର, କିନ୍ତୁ ନିରୋଳା ସହଜ ଆନନ୍ଦ ଭୋଗିବା ପାଇଁ ମୂର୍ଖ ସାଜିଲେ କ୍ଷତି କଣ ?

ଫେରିବା ଆଗରୁ ନୀରୁ ନୁଆବୋହୂ ପାଖକୁ ଗଲି । ତାଙ୍କର ଝିଅ ମାନଙ୍କୁ ଗେଲ କଲି । ଚଇନୁ ଓ ମୁଁ ବସି ଗପ କରୁଥିଲା ବେଳେ କହୁଣୀ ପର୍ଯ୍ୟନ୍ତ ନାଲି କାଚ ଓ ଶଙ୍ଖା ନାଇଥିବା, ପାଉଁଜି ଝୁମୁର୍ ଝୁମୁର୍ ଚାଲିରେ ପନ୍ଦର ଷୋହଳ ବର୍ଷର ଝିଅଟିଏ ଆସି ଲେମ୍ବୁ ପାଣି ଦେଲା । ଅବିକଳ ନୀରୁ ନୁଆବୋହୂ।

ମୁଁ ଯାହା ଭାବୁଥିଲି, ନୁଆବୋହୂ ଖାଲି ଆସି ମୋର ପ୍ରଶ୍ନର ଆଖିର ଜବାବ୍ ଦେଲେ।

-ମୋର୍ ସାନ୍ ଭଉଣୀ ଅରୁ, ଅରୁନ୍ଧତି। ଏଇ ପାଖର୍ ଗାଁରେ ବାହା ହେଇଛି। ବହୁତ ସୁନ୍ଦର୍ କବିତା ଲେଖେଇ ଆଉ ଗୀତ ଭି ଗାଏ।

ମୁଁ ଦୀର୍ଘ ନିଶ୍ୱାସ ନେଲି । ବୁଝିଲା ଚଇନୁ । ପାଠ ପଢୁଆ ମନୋଭାବ ଆସି ଯାଇଥିଲା ତାର।

- ଦେଖ୍ ନା, କେମତି ବାଲ୍ୟ ବିବାହ କରି ନଷ୍ଟ କରି ଦେଉଛନ୍ ଏଇ ଝିଅ ମାନଙ୍କର ପ୍ରତିଭା ଗାକୁ ? ଆମେ ଖାଲି ଦେଖୁଥିବା, କିଛି କରି ପାରବା ନାଇଁ, ବୁଝଲୁ।

ମୁଁ ଚଇନୁ ସହ ଫେରିଲା ବେଳେ ତାଙ୍କ ଗଳିବାଟକୁ ଖୋଲୁଥିବା ଗୋଟେ ଝରକାରୁ ସେହି ଗୋରା ହାତଟି ଖାତାଟିଏ ବଢେଇ ଦେଲା ମୋ ହାତକୁ ।

ISSN NO.
2582-208X

ଛାପିଲା ପରି ଅକ୍ଷରରେ ଲେଖା ହେଇଥିଲା

"ଅରୁନ୍ଧତିର ନିରବ କବିତା'

ପୁଣି ଥରେ ଛାତି ଫଟେଇ ଦୀର୍ଘଶ୍ୱାସ ନେଲି ମୁଁ ।

ଉଠ୍ ପୁଟୁର୍ ....
ଉଠ୍ ପୁଟୁର୍.....

କବ୍ରା ଡାକିଲା , ଫେରିବା ବେଳ ହେଲା । .....

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ନୂଆ ବରଷରେ ଏତିକି ଅଳି



ରାମଚନ୍ଦ୍ର ବେହେରା

ପତିତପାବନ ସିନ୍ଧୁଜେମା ପ୍ରାଣ
ଭକତ ଜୀବନ ଧନ
ହେ ଚକାନୟନ ଗରୁଡ ଆସନ
ପ୍ରଭୁ ଆରତ ନାଶନ ।
ସଂଜ ଓ ସକାଳେ ତୁମ ନାମ ଗାଏ
ଜୟ ଜଗନ୍ନାଥ କହି
ତୁମେ ଯେ ଜଳଧି ମୁହିଁ କ୍ଷୁଦ୍ର ନଦୀ
ଭକ୍ତି ପ୍ରେମେ ଯାଏ ବହି ।
ସୁଖର ସାଥୀ ତ ଏ ସାରା ଜଗତ
ଦୁଃଖରେ ନଥାନ୍ତି କେହି
ମୋ ସୁଖ ଦୁଃଖର ସାଥୀ ତୁ କାଳିଆ
ତୋ ପାଇଁ ବଂଚିଛି ମୁହିଁ ।
ଜନମ କରମ ଭାଗ୍ୟ ଭବିଷ୍ୟତ
ତୁମରି ଇଛାରୁ ଜାତ
ତୁମେ ଇଛାମୟ ପରମ ପୁରୁଷ
ଏ ସୃଷ୍ଟିର ଆଦି ଅନ୍ତ ।
ଜ୍ଞାନହୀନ ମୁହିଁ ଅକିଂଚନ ପ୍ରଭୁ
ପାଦେ ଲୋଟେ ମଥା ପାତି

ISSN NO.
2582-208X

ଭୁଜ ଛାୟା ତଳେ ଆଶ୍ରା ଦିଅ ନାଥ
ଏତିକି ମୋର ବିନତୀ ।
ପ୍ରଶଂସା ମୋହର ଲୋଡା ନାହିଁ ପ୍ରଭୁ
ମାଗୁଛି ତୁମ ଆଶିଷ
ସେତିକି ମିଳିଲେ ଧନ୍ୟ ହୋଇଯିବି
ଆତ୍ମା ହେବ ମୋର ତୋଷ ।
ନୂଆ ବରଷରେ ଡାକୁଛି ସାଆନ୍ତ
ବିନମ୍ର ପ୍ରଣତି ଢାଳି
ସତ୍ୟ ନ୍ୟାୟ ଧର୍ମ ଜଗତେ ପ୍ରକଟୁ
ଏତିକି ମୋହର ଅଳି ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# କାହିଁକି ଏତେ ରାଗୁଛ ଯେ..



ଅମ୍ବିକା ସ୍ୱାଇଁ

କାହିଁକି ଏତେ ରାଗୁଛ ଯେ..!!
ରାତ୍ରି ଅନିଦ୍ରା ହେଲେ କଣ ହେଲା କି..?
ମୋ ଆଖିକୁ ତ ନିଦ ନାହିଁ
ତୁମେ ଏତେ ବ୍ୟସ୍ତ କାହିଁ...?

ଟିକେ ବୁଝିବାକୁ ଚେଷ୍ଟାକର
ମୋ ମନର ଆବେଗପଣ
ମୋ ଚିନ୍ତା ଚେତନା ଭିତରେ
କିପରି ଜାଗ୍ରତ ମୋ କାବ୍ୟିକ ଭାବନାର
ଉଷ୍ଣମୟ ପ୍ରବଣତା.....
ନିଦ କାହୁଁ ଆସିବ ଯେ....!!

କବିର ଭାବନାରେ ଯେତେବେଳେ
ଉତୁରି ଆସୁଛି କବିତା
ତାକୁ କୌଶଳରେ ଧରିବାକୁ
ନିଦର କାହୁଁ ବା ଲୋଡ଼ା...?

ISSN NO.
2582-208X

ରାତ୍ରିର ନିସ୍ତବ୍ଧତାରେ
ମୋ ଆତ୍ମାରେ ଶବ୍ଦମାନେ
କିପରି ଟକଟକ ଫୁଟୁଛନ୍ତି
ସାଇଁ ସାଇଁ ଶୁଭି ଯାଉଛି ମୋ କର୍ଣ୍ଣରେ...

ମନ ଅଥୟ ହେଉଛି
କଲମ ଆସିଯାଉଛି
ଆପାଣାଛାଏଁ ମୋ ହାତକୁ
ସଫେଦ କାଗଜ ଉପରେ
ମୁଣ୍ଡି ମାରିବାକୁ ଶବ୍ଦର କୋଣାର୍କ....

ବାସ୍....କିଛି ସମୟ
କାଗଜର ସଫେଦ ଜମିରେ
କଲମମୁନରେ କସରତ୍.....

ରାତି ଅନିଦ୍ରା ଫରକ ପଡୁନି
ଫୁଟି ଦିଶୁଛି ଜଳଜଳ ଛଳଛଳ
ଶବ୍ଦର ଚାତୁରୀ ରେ ଭାବର ମିଳନରେ
କବିତାର ପରିଭାଷା ...!!!!

ଓଃ ....କି ଶାନ୍ତି ..କି ତୃପ୍ତି.....
ତୁମେ କାହୁଁ ବୁଝିବ ଯେ.....!!!!

ଭୁବନେଶ୍ୱର

ISSN NO.
2582-208X



# ନୂତନ ବର୍ଷର ଉପହାର



ଶାନ୍ତିଲତା ମିଶ୍ର

ଏମିତିରେ ନୂଆ ବର୍ଷ କିଛି ବଡ ପର୍ବ ବା ପର୍ବାଣୀରେ ଗଣା ଯାଏନି ମାନସୀଙ୍କ ପାଇଁ । କିନ୍ତୁ ସବୁ ବର୍ଷ ସେ ବଡ ଧୁମ୍ ଧାମ୍ ରେ ସେ ଦିନ ଟିକୁ ପାଳନ କରନ୍ତି । ପିଲାବେଳୁ ତାଙ୍କର ଏଇ ଧାରଣା ଯେ ବର୍ଷର ପ୍ରଥମ ଦିନକୁ ଭଲରେ ଖୁସିରେ ପାଳନ କଲେ ବର୍ଷ ସାରା ସବୁ ଦିନ ଭଲରେ କଟିବ । ତେଣୁ ସବୁ ବର୍ଷ କିଛି ନଭାବି ନଚିନ୍ତି ସେ ପାଳନ କରି ଆସୁଥିଲେ । କିନ୍ତୁ ଦୁଇ ବର୍ଷ ହେବ ସେଥିରୁ ସେ ବିରତ ହୋଇଛନ୍ତି ।

ଖୁସି ବା ଇଛାରେ ନୁହେଁ, ଦୁଃଖରେ । ଦୁଇ ବର୍ଷ ପୂର୍ବର ଏମିତି ଏକ ନୂତନ ବର୍ଷ ପାଳନ ଦିବସରେ ଯଥା ରିତି ଘରେ ଧୁମ ଧାମ୍ରେ ନୂଆ ବର୍ଷ ପାଳନ ଚାଲିଥିଲା । କର୍ଯ୍ୟକ୍ରମ ସରିବା ପରେ ତାଙ୍କ ଭଉଣୀକୁ ଘରେ ଛାଡିବାକୁ ଯାଇ ପୁଅ ନିଶାନ୍ତ ଆଉ ଘରକୁ ଫେରି ନଥିଲା । ନା ତାର କିଛି ଖୋଜ ଖବର ମିଳିଥିଲା । ନା ପୋଲିସ ନା ବନ୍ଧୁ ବାନ୍ଧବ, ଖୋଜି ଖୋଜି ଥକି ଯାଇଥିଲେ ସମସ୍ତେ, କିନ୍ତୁ କିଛି ସଠିକ୍ ଉତ୍ତର ଦେଇ ପାରି ନଥିଲେ କେହି ।

ଆଜି ନହେଲେ ବି କାଲି ହୁଏତ ସେ ଫେରି ଆସି ପାରେ ଏଇ ଆଶାରେ ସେ ଦୁଇ ବର୍ଷ ବିତେଇ ଦେଲେଣି କିନ୍ତୁ ସେ ଦିନ ଆଉ ଫେରିନି ଏ ଯାଏ । ଏହା ଭିତରେ ନୂଆ ବର୍ଷ ଦୁଇଥର ଆସି ଫେରିକି ଗଲାଣି ଏ ବର୍ଷ ବି ଫେରି ଯିବ ସେ ଦୁଆର ଖୋଲି ନାହାଁନ୍ତି କି ଖୋଲିବେନି ।

ISSN NO.
2582-208X

ସେ ଆଶା ଛାଡି ନାହାଁନ୍ତି ସତ କିନ୍ତୁ ଦିନ ଯେତେ ଯେତେ ଗଡି ଚାଲିଛି ଆଶା ସେତେ ସେତେ କମି ଚାଲିଛି । ଦୁଇ ବର୍ଷ ହେଲାଣି ନୂଆ ବର୍ଷ ଦିନ ସେ ଘରକୁ ଅନ୍ଧାରରେ ରଖନ୍ତି। ତାଙ୍କ ଭିତର ବାହାର ସବୁ ଅନ୍ଧାରରେ ପୂର୍ଣ୍ଣ ।

ସେଦିନ ପୁଣି ଥରେ ଆସିଥିଲା ସେଇ ଅଲୋଡା ଅଖୋଜା ନୂଆ ବର୍ଷ । ସନ୍ଧ୍ୟା ଆଗତ ପ୍ରାୟ । ହଠାତ୍ କରାଘାତ ହେଲା ବାହାର କବାଟରେ । ମାନସୀ କବାଟ ଖୋଲି ନଥିଲେ । ସିଏ ଯିଏ ବି ହେଉ ତାଙ୍କର କାହାରି ସହିତ ଦେଖା କରିବାର କି କଥା ହେବାକୁ ଇଛା ନାହିଁ। ବିଶେଷ କରି ଆଜିର ଦିନରେ । ଯୋଉ ଦିନଟି ତାଙ୍କ ଜୀବନକୁ ମେଘ ଭରା ଅନ୍ଧାରଠୁ ବି ଆହୁରି ଅନ୍ଧାରରେ ଭରି ଦେଇ ଯାଇଛି ।

କରାଘାତ ତୀବ୍ରରୁ ତୀବ୍ର ତର ହେଉଛି । ବନ୍ଦ ହେବାର ନାଁ ଧରୁନି । ବାଧ୍ୟ ହୋଇ କବାଟ ଖୋଲିଲେ । ଏ କଣ ଚମକି ପଡିଲେ । ସାମନାରେ ନିଶାନ୍ତ ଠିଆ ହୋଇଛି, ତାରି ବୟସର ଏକ ଝିଅ ସହିତ । ଝିଅଟି ଅତି ସାଧା ସିଧା ସାଧାରଣ ଘରର ଝିଅଟିଏ ପରି ଦିଶୁଛି । ମାନସୀଙ୍କ କଣ୍ଠରୁ ବାକ୍ୟ ସ୍ଫୁରୁ ନଥାଏ । ହସିବେ କି କାନ୍ଦିବେ କି ଖୁସି ହେବେ କିଛି ବୁଝି ପାରୁ ନଥାନ୍ତି । କିଛି ସମୟ ପାଇଁ ସ୍ଥାଣୁ ପାଲଟି ଗଲେ ।

ନିଶାନ୍ତ ତାଙ୍କୁ ଏକ ରକମ ଧରି ଘର ଭିତରକୁ ନେଇ ସୋଫାରେ ବସେଇ ଏକା ନିଶ୍ୱାସରେ କଣ ଘଟିଥିଲା ସବୁ କହିଗଲା । ସାଙ୍ଗରେ ଆସିଥିବା ଝିଅ ପଦ୍ମା ବି ଘର ଭିତରକୁ ଆସିଥିଲା । ସେଦିନ ରାତିରେ ସେ ମାଉସୀକୁ ତା ଘରେ ଛାଡି ଏକ ଅଟୋରେ ଘରକୁ ଫେରୁଥିଲା ବାଟରେ ଏକ କାର ସହିତ ଦୁର୍ଘଟଣା ହୋଇଗଲା ତାପରେ କଣ ହେଲା ସେ ଜାଣିନଥିଲା । ସେ କୋମାରେ ଚାଲି ଯାଇଥିଲା । କୋମାରୁ ଉଠିଲା ପରେ ତାର ସ୍ମୃତି ଶକ୍ତି ଆଉ ନଥିଲା । ମୁଣ୍ଡର ଭିଷଣ ଆଘାତ ଲାଗିଥିଲା ।

ଯାହାଙ୍କ ଗାଡି ସହିତ ଧକ୍କା ହୋଇଥିଲା ସେ ତାକୁ ଅଚେତ ଅବସ୍ଥାରେ ତାଙ୍କ ନିଜ ଘରକୁ ନେଇ ଆସିଥିଲେ । ବାପା ତାଙ୍କର ରିଟାୟାର୍ଡ୍ ଡାକ୍ତର ଥିଲେ । ଅଟୋ ଚାଳକର ଘଟାଣା ସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା । ସେ ଲୋକ ଜଣଙ୍କ ବିଦେଶରେ ରୁହନ୍ତି । ଘରକୁ ଛୁଟିରେ ଆସିଥିଲେ ତାଙ୍କର ଦୁଇ ଦିନ ପରେ ଫେରି ଯିବାର ଥିଲା । ତେଣୁ ସେ ବହୁତ

ISSN NO.
2582-208X

କିଛି ଏ ପରିସ୍ଥିତିର କୁପରିଣାମର ଆଶଙ୍କା କରି ପୋଲିସକୁ ଡାକି ନଥିଲେ ବା ତାକୁ ହସ୍ପିଟାଲକୁ ନେଇ ନଥିଲେ ।

ବାପା ଜଣେ ଦକ୍ଷ ଡାକ୍ତର ଥିବାରୁ ଓ ପୁଅକୁ ଏ ପରିସ୍ଥିତିରୁ ରକ୍ଷା କରିବା ପାଇଁ ତାର ଚିକିତ୍ସାରେ ଲାଗି ଯାଇଥିଲେ । ପଦ୍ମା ଆଉ ତା ମା ସେ ଘରେ କାମ କରନ୍ତି ଘରର ଦେଖା ରଖା ବି କରନ୍ତି କାରଣ ଡାକ୍ତର ରମେଶ ବାବୁ ସେ ଘରେ ଏକା ରୁହନ୍ତି । ସ୍ତ୍ରୀ ତାଙ୍କର ମୃତ । ଦୁଇ ପୁଅ ବିଦେଶରେ ରୁହନ୍ତି । ତେଣୁ ଅଯଥା ବିପଦକୁ ଏଡେଇବା ପାଇଁ ସେ ତାର ଚିକିତ୍ସା କରିଥିଲେ ଓ ସଫଳ ବି ହୋଇଥିଲେ । ନିଶାନ୍ତର ଚେତା ଫେରିଥିଲା ଓ ସେ ସୁସ୍ଥ ହୋଇ ଗଲା କିଛି ମାସ ପରେ ସତ କିନ୍ତୁ ତାର ସ୍ମୃତି ଶକ୍ତି ଫେରିବାକୁ ବହୁତ ସମୟ ଲାଗିଗଲା । ନିଶାନ୍ତର ଚିକିତ୍ସାର ସମସ୍ତ ଖର୍ଚ୍ଚ ଡାକ୍ତର ବାବୁ ଓ ବିଦେଶରେ ଥିବା ପୁତ୍ର ବହନ କରିଥିଲେ ।

ଏବେ ମାସକ ପୂର୍ବରୁ ତାର ସ୍ମୃତି ଶକ୍ତି ଫେରି ଆସିଲା । କିଛି ନ ଲୁଚେଇ ଡାକ୍ତରବାବୁ ତାକୁ ସବୁ ସତ କହିଥିଲେ ଓ ପୁଅ ତରଫରୁ କ୍ଷମା ପ୍ରାର୍ଥନା ବି କରିଥିଲେ । ପଦ୍ମାର ଅକୁଣ୍ଠିତ ସାହାଯ୍ୟ ବିନା ବି ସେ ଏତେ ସହଜରେ ସେ ଏସବୁ କରି ପାରି ନଥାନ୍ତେ ବୋଲି କହିଥିଲେ । ନିଶାନ୍ତ ଶାନ୍ତ ମନରେ ବିଚାର କରି ସମସ୍ତଙ୍କୁ କ୍ଷମା କରିଦେଲା । ତା ବ୍ୟତୀତ ଏପରି ପରୋପକାରୀଙ୍କ କିଛି ଭୁଲ୍ କୁ କ୍ଷମା କରିବା ବି ଉଚିତ୍ । ସେ ଜାଣିଶୁଣି ଦୁର୍ଘଟଣା କରିନଥିଲେ । ଭୁଲ ବଶତ ହୋଇ ଯାଇଛି । ଅଟୋ ଚାଳକର ବି ଭୁଲ ଥାଇପାରେ ।

ଏବେ ନିଶାନ୍ତର ସବୁ କିଛି ମନେ ପଡି ଯାଉଥାଏ । ଘର କଥା, ବୋଉଙ୍କ କଥା । ସେ ପ୍ରଥମେ ଘରକୁ ଯିବ । ବୋଉଙ୍କ ବ୍ୟସ୍ତତା କଥା ମନେ ପକେଇ ସେ ଅଧିର ହୋଇ ଉଠୁଥିଲେ ବି ଆଗକୁ ଆସୁଥିବା ନୂଆ ବର୍ଷରେ ଆସି ବୋଉଙ୍କୁ ଏପରି ଏକ ବିସ୍ମୟ ଉପହାର ଦେବାକୁ ମନସ୍ଥ କରିନେଲା ନିଶାନ୍ତ । ଏତେ ଦିନ ଯଦି ବୋଉ ଅପେକ୍ଷା କରି ସାରିଲେଣି ଆଉ କିଛି ଦିନବି ଅପେକ୍ଷା କରି ପାରିବେ । ଦିନ ରାତି ଏକାକାର କରି ତାର ସେବାରେ ରମେଶବାବୁଙ୍କୁ ସବୁ ସମୟରେ ସାହାଯ୍ୟ କରିଥିବା ପଦ୍ମାକୁ ସାଥିରେ ନେଇ ଆସିଛି । ତା ବିନା ବଞ୍ଚିବା ଏବେ ନିଶାନ୍ତ ପାଇଁ କଠିଣ ହୋଇ ପଡିବ ।

ISSN NO.
2582-208X

ଏକ ନିଶ୍ୱାସରେ ସବୁ କହି ସାରିଲା ପରେ ପାଣି ମାଗିଲା ପିଇବାକୁ ନିଶାନ୍ତ । ସେତେବେଳକୁ ମାନସୀ ଚୁପ୍ ଚାପ୍ ବସି ଶୁଣୁଥିଲେ ବି ସେ ପ୍ରକୃସ୍ଥିତ ହୋଇ ସାରିଥିଲେ । ସାଙ୍ଗେ ସାଙ୍ଗେ ଦୁଇ ଜଣଙ୍କୁ ପାଣି ପରେ ପରେ ସରବତ କରି ଆଣିଦେଲେ ପିଇବାକୁ । ହଠାତ ତାଙ୍କ ଦେହରେ କୋଉଠୁ ବଳ ଆସିଗଲା କେଜାଣି ସେ ପିଠା ମିଠା କରିବା ପ୍ରସ୍ତୁତିରେ ଲାଗିଗଲେ । ସେ ଆଜି ପୁଣିଥରେ ନୂଆ ବର୍ଷ ଧୁମ୍ ଧାମ୍ ରେ ପାଳନ କରିବେ। ପଦ୍ମା ତାଙ୍କୁ ସବୁ କାମରେ ସାହାଯ୍ୟ କଲା । ଯେତେ ମନା କଲେ ବି ଶୁଣି ନଥିଲା ।

ଦୁଇ ବର୍ଷ ପୂର୍ବର ନୂଆ ବର୍ଷ ଯେମିତି ତାଙ୍କ ପାଇଁ ଅବିସ୍ମରଣୀୟ ଥିଲା ଏ ବର୍ଷ ବି ଆଉ ଏକ ଅବିସ୍ମରଣୀୟ ଦିବସ ହୋଇ ରହିବ ।

ପଦ୍ମା ବିଶେଷ କିଛି ପାଠ ପଢି ନଥିଲା ବା ସେପରି ଦେଖିବାକୁ ବି କିଛି ଖାସ୍ ନଥିଲା । ନିଶାନ୍ତ ତୁଳନା ସେ କୋଉଥିରେ କିଛି ନଥିଲେ ବି ଏକ ଶୁଭ ଦିନ ଦେଖି ତା ସହିତ ବିବାହ କରାଇ ଦେଇଥିଲେ ମାନସୀ । ପଦ୍ମା ପାଖରେ କିଛି ନଥିଲେ ବି ହୀରା ମାଣିକ୍ୟଠୁ ଅଧିକ ଦାମିକା ଏକ ସମ୍ବେଦିନଶୀଳ ମନ ଅକୁଣ୍ଠ ଚିତରେ ସାହାଯ୍ୟ କରି ପାରୁଥିବା ହୃଦୟ ଟିଏ ଥିଲା । ବାହାଘରକୁ ଡାକ୍ତର ରମେଶ ବାବୁ ଓ ପଦ୍ମାର ମା ବିଶେଷ ନିମନ୍ତ୍ରୀତ ଅତିଥୀ ଭବରେ ଯୋଗ ଦେଇଥିଲେ । ବିଦେଶରୁ ବି ଶୁଭେଚ୍ଛା ପତ୍ର ଆସିଥିଲା କ୍ଷମା ପ୍ରାର୍ଥନା ଓ ମୋଟା ରକମର ଅର୍ଥ ରାଶୀ ଉପହାର ସହ ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଶ୍ୟାମ ସୁନ୍ଦରେ
# ଆଶା




ଅଜିତ କୁମାର ରାଉତ

ଶୁଭେ ଭକ୍ତି ପ୍ରେମ ଶୁଭେ ଶଙ୍ଖନାଦ ଝୁଲି ଝୁଲି ଜଗା ହସେ
ଶ୍ରଦ୍ଧା ଭକ୍ତି ପ୍ରୀତି ଭକ୍ତଙ୍କ ବିଶ୍ୱାସ
ସନ୍ଧ୍ୟାର ଦର୍ଶନେ ଦିଶେ !!
ଶ୍ୟାମଜନ୍ମବେଦୀ ସୁସଜ୍ଜିତ ଆଜି ସୁଶୋଭିତ ଦିବ୍ୟ ଦିଶେ
ସୃଷ୍ଟିକର୍ତ୍ତାଙ୍କର ଝୁଲା ଝୁଲା ଦୃଶ୍ୟ
ସଂସାର କଲ୍ୟାଣେ ଭାଷେ !!
ଶସ୍ୟ ପୂର୍ଣ୍ଣ ଭୂମି କରିବେ ଧରିତ୍ରୀ କୃଷକ ହୋଇବେ ଖୁସି
ସୂର୍ଯ୍ୟଙ୍କ କିରଣ ହୋଇବ ସରସ
ଶ୍ରଦ୍ଧାରେ ଚାଷକୁ ଚାଷୀ !!
ଶିକ୍ଷା ଜ୍ଞାନ ଦେବେ ପ୍ରଭୁ ଜଗନ୍ନାଥ ଦେବେ ଜନନୀର ଭାଷା
ଶିକ୍ଷା ଶୁନ୍ୟ ଭୂମି ମାତୃଭାଷା ଶିକ୍ଷା
ଶିକ୍ଷା ଓଡ଼ିଆ ଙ୍କ ଆଶା !!
ସମର୍ପଣ ମୁହିଁ କରିଛି ସର୍ବସ୍ୱ ଜନମ ବେଦୀରେ ଆଶା
ସର୍ବଦା ଦେଖିବି ଝୁଲା ଝୁଲା ବେଶ
ସୁ ମଧୁର ତୋର ହସ !!

ସଭାପତି, ଉତ୍କଳ ସମ୍ମିଳନୀ ଷଢେଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ଏତିକି ତ ମନେ ରହିଯିବ



ବିନୟ ମହାପାତ୍ର

ପଥ ଆଜଣା ଥିଲା,
ରାସ୍ତା କେତେ ସରିଲା
ଆଉ କେତେ ବାକି ରହିଗଲା,
କେବେ କେହି କହି ତ ନଥିଲା ।
ଜୀବନର ଯାତ୍ରାରେ,
ତୁମେ ମୋର ସାଥିରେ ଥିଲ,
ତୁମ ସାଥେ ପଥ ଚାଲିବାରେ
ଜୀବନରେ ଅବସାଦ, କ୍ଳାନ୍ତି ନଥିଲା ।
ପଥ କେବେ ସମତଳ,
କେବେ କଙ୍କରୀତ ବନ୍ଧୁର,
ତଥାପି ତୁମ ହାତ,
ମୋ ହାତରେ ଥିଲା,
କେବେ ମୁଁ ତୁମକୁ ସାହାରା ଦେଲି,
କେବେ ତୁମେ ବାଟ କଢାଇ ନେଲ,
ଏଇ ଚାଲିବାରେ,
କଷ୍ଟ ତ ଅନେକ ଥିଲା,
କିନ୍ତୁ, ଏ ଯାତ୍ରାରେ,
ତୁମେ ମୋର ସାଥିରେ ଥିଲ,

ISSN NO.
2582-208X

ତୁମ ସାଥେ ପଥ ଚାଲିବାରେ
ଜୀବନରେ ଅବସାଦ, କ୍ଲାନ୍ତି ନଥିଲା ।
କେବେ ବୈଶାଖର ଦେହଜଳା ଖରା,
କେବେ ଛାଇ,
କେବେ ଶ୍ରାବଣର ଅବିଶ୍ରାନ୍ତ ଧାରା,
ଝାଳ ଟୋପେ ଚିବୁକକୁ ଛୁଇଁବା ଆଗରୁ
ତୁମେ ପଣତରେ ପୋଛିନେଲ,
ବର୍ଷାର ବୁନ୍ଦାରେ
ତୁମେ ଭିଜିବା ଆଗରୁ,
ମୋ ବାହୁବନ୍ଧ,
ତୁମ ନିର୍ଭୟ ଆଶ୍ରୟ ହେଲା,
ଜୀବନର ଯାତ୍ରାରେ,
କେତେ ଝଡଝଞ୍ଜା ପଥରେ ଆସିଲା,
କିନ୍ତୁ, ତୁମେ ମୋର ସାଥିରେ ଥିଲ,
ତୁମ ସାଥେ ପଥ ଚାଲିବାରେ
ଜୀବନରେ ଅବସାଦ, କ୍ଲାନ୍ତି ନଥିଲା ।
ଜୀବନର ଅପରାହ୍ନେ ପ୍ରତୀକ୍ଷିତ ସଂଧ୍ୟା
ଏବେ ଯେ ଫେରିବାକୁ ହେବ,
ହେଲେ ଡର ଲାଗେ
କେବେ କାଳେ ସଙ୍ଗ ତୁଟିଯିବ,
ନିସଙ୍ଗ ଜୀବନେ,
ତୁମ କଥା ମନେ ପଡିଯିବ ।
ସୂର୍ଯ୍ୟ ତ ବୁଡ଼ିନି ଏଯାଏଁ
ରାତ୍ରୀକୁ ଆସିବାକୁ ଦିଅ,
ସାଥି ହୋଇ ବାହୁଡି ଯିବା,
କାଳେ ଆଉ ଥରେ,
ଦେଖା ହେବ କି ନହେବ ।


ISSN NO.
2582-208X

ଯଦି କେବେ
କାଳ ବଳେ ସଙ୍ଗ ତୁଟିଯାଏ
ଜନ୍ମ ଜନ୍ମାନ୍ତର ପାଇଁ
ଏତିକି ତ ମନେ ରହିଯିବ ।
ତୁମେ ମୋର ସହଯାତ୍ରୀ ଥିଲ,
ଜୀବନର ଯାତ୍ରା,
କେତେ କେତେ ଅନୁଭବ ଦେଇଗଲା,
ସେଥିପାଇଁ, ତୁମ ସାଥେ ପଥ ଚାଲିବାରେ,
ଜୀବନରେ କେବେ, ଅବସାଦ କ୍ଲାନ୍ତି ନଥିଲା ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ସ୍ଥବିର



ବିଷ୍ଣୁପଦ ସିଂହଦେଓ

ଶୁକ୍ଳକେଶ ଦନ୍ତହୀନ ସ୍ଥବିର ଆସଇ,
ଧୀରେ ଧୀରେ ବୁଢୀ ଠାକୁରାଣୀ ମନ୍ଦିରକୁ ।
ମନଚିନ୍ତା କାୟାକ୍ଳେଶ ପ୍ରଶମନ ଆଶା,
ଥରେ ପାଦ ଭାରାକ୍ରାନ୍ତ ବେତର ଭରସା ।
ପାହାଚ ପରଶ କରି କମ୍ପିତ ହାତରେ,
ଅପଲକ ନୟନରେ ଦୁଆରକୁ ଚାହେଁ,
ଦୀର୍ଘଶ୍ୱାସ ଛାଡି ଆସ୍ତେ, ଯୋଡେ ବେନିକର ।
କରିଥିଲା ପୁଅପାଇଁ ଅଳି,
ବାପ ହୋଇ ଆନନ୍ଦର କେତେଯେ ଜୁହାର,
ପତ୍ନୀସଙ୍ଗେ କରୁଥିଲେ ସହର୍ଷେ ପୂଜନ ।
ପୁଅ ବଡହେଲା ଅନେକ ପଢିଲା,
ବାପା ମୁଣ୍ଡଝାଳ କିନ୍ତୁ, ପାଦକୁ ଛୁଇଁଲା ।
ଏଣିକି ଉନ୍ନତି ହେଲା ଡେଣା ବାହାରିଲା,
ସମ୍ମାନ ଧନରେ ପୁତ୍ର ଗଗନ ଛୁଇଁଲା,
କିଏ ସେ ପଚାରେ ଏବେ ପୁରୁଣା ଘରକୁ,
ଧରିଲା ବିଦେଶ ପଥ ବେସି ଟଙ୍କା ପାଇଁ ।
ଦିନେ ଆମେରିକୀ ଫୋନ ଦୁଃସହ ସମ୍ବାଦେ
ବୁଢା ବସା ଜଳିଗଲା ଘୋର ବଜ୍ରପାତେ ।

ISSN NO.
2582-208X

"ପୁତ୍ର ବିଦେଶୀ ହୋଇଛି  ବିବାହ କରିଛି,
ନ ଆସିବ ଆଉ କେବେ ଭାରତ ଛାଡିଛି"  ।
ଏଣେ ମାଆ ଆଖିଜଳ  ଶ୍ରାବଣର ଝର,
ଦ୍ରୋଣମେଘ ଅଶ୍ରୁବୃଷ୍ଟି ଲୁଚାଏ ସ୍ଥବିର  ।
ତା ସଙ୍ଗିନୀ ପ୍ରାଣଦୀପ ଏବେ ଟିମି ଟିମି,
ଆହା ବାବୁ ଛାଡିଗଲୁ  କହି ଗଲାପ୍ରାଣ,
ମର୍ମାହତ ସ୍ଥବିର ଯେ ଏବେ ସର୍ବହରା,
ଫେରିଲା ଭଙ୍ଗା ନୀଡକୁ  ଦାହକର୍ମ ସାରି,
ଦୁଃଖେ ନିର୍ବାକ ସ୍ଥବିର ବସାରେ ଏକାକି  ।
ଗାଁ ବୁଢୀ ଠାକୁରାଣୀ ମନ୍ଦିର କୁ ଆସେ,
ଅସ୍ପଷ୍ଟ ଶବଦେ ବୁଢା କି ଯେ କଣ ଭାସେ,
ତା ଅନ୍ଧାରୀ ହୃଦ କୋଣୁ ବେଦନାର  ଭାଷା,
.. . ଫେରନ୍ତାକି ପୁଅ  ?
ପୁଣି ଫେରିଯାଏ ନିଜ ଭଙ୍ଗା କୁଡିଆକୁ  ।
ନିଦ୍ରାଦେବୀ ସେ ବୁଢାକୁ ସ୍ନେହେ କୋଳେ ନେବେ  ?
କିଅବା ନିରାଶାଦେବୀ ଚିରନିଦ୍ରା ଦେବେ  ???

ISSN NO.
2582-208X

# ଭଲ ଦିନ



ବଦ୍ରୀ ମହାନ୍ତ

କେଉଁ ଅନନ୍ତ କାଳରୁ ମଣିଷ ଚାହିଁ ଆସିଛି ବିତାଉ ଥିବା ଜୀବନ କୌଣସି ପଥଦେଇ ଗଲାବେଳେ ପ୍ରତିବନ୍ଧକ ସୃଷ୍ଟି ନହେଉ, ସାବଲୀଳ ସୁଖପ୍ରଦ ଓ ଫଳପ୍ରଦ ହେଉ ତାର ପ୍ରତିଟି ପଦକ୍ଷେପ। ନିଜର ସତତ ଉଦ୍ୟମ ପାଇଁ ଚତୁର୍ଦ୍ଦିଗରୁ ଅନୁକୂଳ ପବନ ଭାସି ଆସୁ, ସକରାତ୍ମକ ଭାବନା ସହିତ ଶୁଦ୍ଧ ବାତାବରଣ ସିଦ୍ଧି ଆଡ଼କୁ ବାଟ କଢେଇ ନେଉ। ଏଥିପାଇଁ ତାକୁ ବିଭିନ୍ନ ପାହାଚ ଅତିକ୍ରମ କରି ଯିବାକୁ ପଡୁଥିବାରୁ କୌଣସି ଏକ ପର୍ଯ୍ୟାୟରୁ ଉନ୍ନୀତ ହେବା ପରିବର୍ତ୍ତେ ପଛକୁ ଫେରିବାର ସଂଭାବନା ରହିଛି। ପ୍ରତିଟି ସୁଯୋଗର ସଦୁପଯୋଗ ହେଉ ଏବଂ ସାମାନ୍ୟତମ ବାଧା ତାକୁ ବିଚଳିତ ନକରୁ, ଏ କାମନା କରି ଆସ୍ଥା ଓ ବିଶ୍ୱାସକୁ ସେ ଆପଣେଇ ନେଉଛି। ଏହା ପଶ୍ଚାଦରେ କୌଣସି ବୈଜ୍ଞାନିକ କାରଣ ନ ଥାଇପାରେ, ଅନେକ ଏହି ବିଶ୍ୱାସକୁ ଅର୍ଥହୀନ ଅନ୍ଧତ୍ୱ ମନେ କରି ପାରନ୍ତି, ମାତ୍ର ବ୍ୟକ୍ତି ମନରୁ ଅପଶୃତ ହୋଇ ପାରୁନାହିଁ ମଙ୍ଗଳ ମୁହୂର୍ତ୍ତ ମାହେନ୍ଦ୍ର ବେଳା ଅମୃତ ବେଳା ଓ ସର୍ବୋପରି ଭଲଦିନର ଭାବନା।

ସାଧାରଣରେ ବିଶ୍ୱାସ କରା ଯାଉଥିବା ଦୁଃଖପୂର୍ଣ୍ଣ ସଂସାରରେ ପ୍ରସନ୍ନତା ପ୍ରାପ୍ତି ଏକ ଦୁର୍ଲ୍ଲଭ ବସ୍ତୁ। ସୁଖ ଶାନ୍ତି ସମ୍ପନ୍ନତା ବିରାଜମାନ କରୁଥିଲେ କୁହାଯାଏ-ଭଲଦିନ ଚାଲିଛି। ଅପ୍ରାପ୍ତି, ହାନି ଓ ଯନ୍ତ୍ରଣା ସହିତ ସମସ୍ୟା ଘେରକୁ ଚାଲିଗଲେ ଉଭେଇ ଯାଉଛି ଭଲଦିନ। ଏ ମନଃସ୍ଥିତିରୁ ଆଜି ଓହ୍ଲେଇ ଆସିବା ଅସମ୍ଭବ ପ୍ରାୟ। ଚିରକାଳ ଭଲଦିନ ସନ୍ଧାନ କରିବା ଏବଂ ସେହି ଅନୁସାରେ ନିଜ କର୍ମ କରଣିକୁ ଧରାତଳ କରିବା ପାଇଁ ମଣିଷ ଆତୁର। ସବୁ କ୍ଷେତ୍ରରେ ପୂର୍ଣ୍ଣ ଦିବସଟି ଭଲ ଦିନ ରୂପେ ଗ୍ରହଣ କରା ନଯାଇ ଦିନର କେତେକ ଅଂଶକୁ ଶୁଭ ସମୟ, ମାହେନ୍ଦ୍ର ବେଳା, ଅମୃତ ବେଳାରେ କୌଣସି କାର୍ଯ୍ୟ ଆରମ୍ଭ କରାଯାଏ

ISSN NO.
2582-208X

ଅଥବା ସଂପୂର୍ଣ୍ଣ ହୁଏ। ବିଶେଷ କରି କୌଣସି ଗୁରୁତ୍ୱ ପୂର୍ଣ୍ଣ ଅନୁଷ୍ଠାନ, ବ୍ୟୟ ବହୁଳ କାର୍ଯ୍ୟ ବା ଦୀର୍ଘସୂତ୍ରୀ ସ୍ଥାୟୀ କାମ ନିମନ୍ତେ ଶୁଭ ସମୟ ବା ଭଲ ଦିନ ସ୍ଥିର କରାଯିବା ପ୍ରଥମ କାମ। ଏହି ସମୟରେ ଗ୍ରହ ନକ୍ଷତ୍ର ମାନଙ୍କର ସ୍ଥିତି ଓ ସଂମ୍ପୃକ୍ତ ବ୍ୟକ୍ତିଙ୍କ ଜନ୍ମ ଜାତକକୁ ମିଶେଇ ସଜେଇ ସ୍ଥିରୀକୃତ ହୁଏ କାର୍ଯ୍ୟକ୍ରମ। ଭିନ୍ନ ଭିନ୍ନ ଅନୁଷ୍ଠାନ ଓ ଉତ୍ସବ ନିମନ୍ତେ ଗଣନାର ଅନୁସୃତ ଧାରା ଅଲଗା ଅଲଗା। ଆନନ୍ଦ ପ୍ରାପ୍ତି ପାଇଁ କେଉଁ ସମୟଟି ଭଲ, ସକାଳ ମଧ୍ୟାହ୍ନ ଅପରାହ୍ନ ବା ରାତ୍ରୀ ଏହା ପ୍ରତି ମଣିଷ ପାଇଁ ସମାନ ନଥିବାରୁ ରୁଚି ପ୍ରବୃତ୍ତି ଓ ଚିନ୍ତନ ନିର୍ଭର କରେ କେଉଁ ସମୟ ତାର ଉପଯୋଗୀ ଓ କେଉଁଟି ତା' ସୁଖର ପରିପନ୍ଥୀ।

ଜୀବନ ପ୍ରଭାବିତ ହେଲେ କାହାକୁ ଦୋଷ ଦିଆଯିବା ପୂର୍ବରୁ ପ୍ରଥମେ ଆକ୍ରମଣ କରାଯାଏ ଦିନକୁ। ଦିନ ବା ସମୟ କାହାକୁ ଅପେକ୍ଷା ନ କରି ନିରନ୍ତର ଗତି କରୁଛି ଏବଂ ସେଇ ଚକ୍ରରେ ସଭିଏଁ ଗତିଶୀଳ। କାହାର ଜୀବନ ଯାତ୍ରା,ଜୀବନ ଚର୍ଯ୍ୟା ବା କାର୍ଯ୍ୟସୂଚୀକୁ ସେ ଦୃଷ୍ଟି ଦିଏନା। ଆର୍ଥିକ ଉନ୍ନତି, ସମସ୍ତଙ୍କର ଉତ୍ତମ ସ୍ୱାସ୍ଥ୍ୟ, ପାରସ୍ପରିକ ଉତ୍ତମ ବୁଝାମଣା ଓ ସନ୍ତାନ ସନ୍ତତିଙ୍କ ପ୍ରଗତିରେ ଭଲଦିନ ଆସିଥାଏ ପରିବାରରେ। ଯେଉଁ ଯେଉଁ ଦିନ ମାନଙ୍କରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟି ସ୍ମରଣୀୟ ହୋଇ ରହିଯାଏ ତାକୁ ଭଲ ଦିନ ରୂପେ ଗ୍ରହଣ କରି ବର୍ଷ ପରେ ବର୍ଷ ତାକୁ ଉତ୍ସବର ରୂପ ଦିଆ ଯାଇଥାଏ। ଜନ୍ମ ଦିନ, ବିବାହ ବାର୍ଷିକୀ ପରି ଦିନ ସହିତ ବର୍ଷ ତମାମ ଅନୁଷ୍ଠିତ ହେଉଥିବା ପର୍ବ ପର୍ବାଣୀ ଉତ୍ସବାନୁଷ୍ଠାନ ସବୁ ଭଲ ଦିନର ମାନ୍ୟତା ପାଇଥିଲା ବେଳେ ପରିବାର ପାଇଁ ଦୁଃଖ ଆଣିଥିବା ଅସୁବିଧାରେ ପକାଇଥିବା ଦିନଟିକୁ ଅଶୁଭ ଦିନ ରୂପେ ଗ୍ରହଣ କରାଯାଏ। କୌଣସି ଶୁଭ ଦିନରେ ଦୁର୍ଘଟଣାଟିଏ ଘଟି ଯାଇଥିଲେ ସେ ଦିନର ଉତ୍ସବ ଯେତେ ମହତ୍ୱପୂର୍ଣ୍ଣ ହେଲେ ସୁଦ୍ଧା ପରିବାର ନିମନ୍ତେ ତାହା ବର୍ଜନୀୟ। ଏ କଥା ସତ ଯେ ଅତୀତର କୌଣସି ଘଟଣା ପୁନରାବୃତ୍ତି ହେବାର ସମ୍ଭାବନା ନ ଥିଲେ ମଧ୍ୟ ପିଢ଼ି ପରେ ପିଢ଼ି ନିର୍ଦ୍ଦିଷ୍ଟ ଦିନଟିକୁ ଆଉ ଭଲ ଦିନ ରୂପେ ଗ୍ରହଣ କରି ପାରନ୍ତି ନାହିଁ, ଯଦିଓ ଏଥିରେ ଯଥାର୍ଥତା ନାହିଁ।

ସମାଜ ପାଇଁ ବା ରାଷ୍ଟ୍ର ପାଇଁ ଭଲ ଦିନ ଆସିବା କେବଳ ଅର୍ଥନୀତି ସହ ସଂପୃକ୍ତ ଥିବା ସମସ୍ତ ବିଧି ବ୍ୟବସ୍ଥାରେ ସିମୀତ ହୋଇ ରହିଛି ବୋଲି ବିଶ୍ୱାସ ହୁଏନା। ମଣିଷ ସୁଷମ ଖାଦ୍ୟ ଖାଇବ, ଶାନ୍ତିରେ ଶୋଇବ, ମନୋରଞ୍ଜନ କରିବ, ଇଚ୍ଛାନୁସାରେ ଭ୍ରମଣ କରିବ,

ISSN NO.
2582-208X

ପର୍ବ ପର୍ବାଣୀ ପାଳନ କରିବା ସହିତ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଗୋଟାଏ ସ୍ଥାନରୁ ଆଉ ଏକ ସ୍ଥାନକୁ ନୟାନ୍ତ ହୋଇ ଧାଇଁବ ନାହିଁ, ବାରମ୍ବାର ଠକାମୀର ଶିକାର ହେବ ନାହିଁ। ସମାଜର ଅନ୍ତିମ ଧାଡ଼ିରେ ଛିଡ଼ା ହୋଇଥିବା ପ୍ରାଣୀ ମୁହଁରେ ଖେଳୁଥିବ ହସ। ଦୁର୍ନୀତି, ସାମାଜିକ ବୈଷମ୍ୟ, ଅପରାଧ, ଚୋରି ଡକାୟତି ସମସ୍ତ ବଳ କଷାଇବା ପରେ ସୁଦ୍ଧା ପ୍ରବେଶ କରି ପାରୁ ନଥିବେ ଦେଶ ଭିତରକୁ। ସୁସ୍ଥ ଶାସନ ବ୍ୟବସ୍ଥା ସ୍ୱଚ୍ଛ ପରିବେଶ ସମୃଦ୍ଧ ରାଷ୍ଟ୍ର ଦେଖି କୁହାଯାଇ ପାରିବ- ଭଲ ଦିନ ଚାଲିଛି। ଏହା ଉପଲବ୍ଧ କରାଇବା ଏବଂ ଧରାବତରଣ କରାଇବା ଦାୟିତ୍ୱ କାହାର, ଶାସକର, ସରକାରର ନା ଜନ ସାଧାରଣଙ୍କର? ପ୍ରତକ୍ଷ ଓ ପରୋକ୍ଷରେ ଭଲ ଦିନଟିଏ ଆଣି ପହଞ୍ଚାଇବା ପାଇଁ କଣ ସଭିଙ୍କର ଭୂମିକା ରହିଛି? ସବୁ ବର୍ଗର ମଣିଷ ସବୁ ଅନୁଷ୍ଠାନର ସହାଯୋଗିତା ସହଭାଗିତା ବଳରେ କଣ ରାଷ୍ଟ୍ର ମୁହଁରେ ହସ ଖେଳି ପାରିବ ନାହିଁ! ଆଉ ସେହିଠାରେ ହିଁ ଗୁରୁତ୍ୱ ହରାଇ ବସିବେ ଦାବି ଓ ଅଧିକାର!

ନିଜ ବୃତ୍ତିଗତ ଜୀବନ ସଳଖ ସୁଗମ ରାସ୍ତାରେ ଗତିକରି ସଫଳତାର ଚୂଡ଼ାକୁ ସ୍ପର୍ଶ କଲେ, ଛୁଇଁ ଦେଉଥିବା ମାଟି ସୁନାକୁ ରୂପାନ୍ତରିତ ହୋଇଗଲେ ଏବଂ ଅପହଞ୍ଚ ହାତମୁଠାକୁ ଆସି ଯାଉଥିଲେ, ବିତିଯାଉଥିବା ସମୟକୁ ଅନାୟସରେ ସ୍ୱୀକାର କରିହୁଏ 'ଚାଲିଛି ଭଲଦିନ'। ମାତ୍ର ପ୍ରତି ବ୍ୟକ୍ତିର କର୍ମକ୍ଷେତ୍ର ଉତ୍ଥାନ ପତନ,ପ୍ରାପ୍ତି ଅପ୍ରାପ୍ତି ଓ ହସ ଲୁହର ଏକ ମିଶ୍ରିତ ପ୍ରତିବେଦନ। ଏଥିରୁ କେହିହେଲେ ମୁକୁଳି ପାରି ନାହାଁନ୍ତି ସମସ୍ତ ବ୍ୟବସ୍ଥା ସୁଯୋଗ ସାଧନ ସତ୍ତ୍ୱେ। ତେଣୁ ଭଲ ଦିନ ସହିତ ଖରାପ ଦିନକୁ ସାମ୍ନା କରିବା ଅନିବାର୍ଯ। ତାଛଡା ସବୁ ଭଲ ଦିନରେ ଯେ ସଫଳତା ମିଳିବ, ଏହାର କୌଣସି ନିର୍ଦ୍ଧିଷ୍ଟତା ନାହିଁ। କୌଣସି ଦିନ ଖରାପ ଦିନ ଭାବରେ ବିବେଚିତ ହେଲେ ଖୋଜା ପଡେ ଏଥିରେ ରହିଛି କାହାର ଭୂମିକା! ଦାୟୀ କାହାକୁ କରାଯିବ, ସରକାରକୁ, ପରିବାରର ମୁଖିଆଙ୍କୁ, ଅନୁଷ୍ଠାନ ମୁଖ୍ୟଙ୍କୁ, ଅନ୍ତରଙ୍ଗ ସାଥିକୁ, ବାଟ ଦେଖାଉଥିବା ଅଗ୍ରଜ ମାନଙ୍କୁ ଅଥବା ଖଞ୍ଜା ହୋଇଥିବା ବ୍ୟବସ୍ଥାକୁ?

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଦ୍ଭୁତ ଦାନ, ଯୋଗାଯୋଗ ବିଶ୍ୱକୁ ଏକ ଗାଁ ରେ ପରିଣତ କରିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ସମ୍ପନ୍ନତା, ସୁସ୍ଥ, ସ୍ୱଚ୍ଛ ସାବଲୀଳ ଜୀବନର ସଂଭାବନାକୁ ଉଜ୍ଜ୍ୱଳ କରିଦେଇଛି। ଆଗମ୍ୟ ରାସ୍ତା ପ୍ରଶସ୍ତ କରି ଖଞ୍ଜି ଦେଇଛି ବିବିଧ ଆଲୋକ ମାଳା ଓ ଆନନ୍ଦର ପର୍ଯ୍ୟାପ୍ତ ଉତ୍ସ। ନିପଟ ଗାଁ କୁ ପ୍ରବେଶ କରିଛି ସହର,

ISSN NO.
2582-208X

ମାମୁଲି ମଣିଷର ସ୍ୱପ୍ନର ପରିସର ବଢ଼ିଛି ଭଲ ଦିନର ଲକ୍ଷଣ ରୂପେ। ଏପରି ଏକ ସମୟକୁ କେଉଁ କାଳୁ ଅପେକ୍ଷା କରିଥିଲେ ବାଇ ମହାନ୍ତି। ଅତୀତର ଆନନ୍ଦ ନିରାନନ୍ଦ, ଆଲୁଅ ଅନ୍ଧାର, ଆଶା ଭରସା ଓ ସମ୍ପର୍କ ବିଚ୍ଛେଦ ଭିତରେ ବିତୁଥିବା ସମୟ ଭଲ ଦିନ ଥିଲା, ବର୍ତ୍ତମାନ ଭଲ, ନା ଆସୁଛି ଭଲଦିନ! ସତରେ କଣ ଭଲଦିନ ଯୋଗୁଁ ସୁନ୍ଦର ଦିଶିବ ଏ ବିଶ୍ୱ ଅଥବା ଏହା ଗୋଟାଏ ପ୍ରହେଳିକା ସାଜି ଅହରହ ଆମ ମନ ରାଜ୍ୟରେ ବିଚରଣ କରୁଥିବ!

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଜୀବନ ପୁସ୍ତିକା



ପ୍ରଦୀପ କୁମାର ସିଂହ ଦେଓ

ଜୀବନ ପୁସ୍ତିକାର ପ୍ରତ୍ୟେକ ପୃଷ୍ଠାରେ
ଲିପିବଦ୍ଧ ହୋଇଅଛି କେତେ କାହାଣୀ
ପୃଷ୍ଠା ଓଲଟାଇଲା ମାତ୍ରେ ଜୀବନ୍ତ ହୋଇ
ପୁଣି ଥରେ ନାଚି ଉଠେ ମାନସ ପଟରେ ।
ମନ କେତେ ବେଳେ ହୁଏ ରୋମାଞ୍ଚିତ
ଆଉ କେତେବେଳେ ହୁଏ ବିଷାଦଗ୍ରସ୍ତ
ଜଣା ଅଜଣା କେତେ ମୁହଁ
ପୁଣି ଥରେ ମଶଗୁଲ ହୋଇ ଉଠନ୍ତି
ମନ ହୁଏ ଆମୋଦିତ
ସେମାନଙ୍କ ସାନ୍ନିଧ୍ୟ ଦିନେ
ଆଣି ଦେଇଥିଲା ଅଫୁରନ୍ତ ଆନନ୍ଦ
ସମୟର ବେଗମୟୀ ଜୁଆରରେ
ସେମାନେ ଭାସି ଗଲେ ଅନ୍ୟ କୂଳକୁ
ପାଲଟି ଗଲେ ସମସ୍ତେ ସେମାନେ
ଜୀବନ ପୁସ୍ତିକାର ଏକ ପୃଷ୍ଠାଟି ହୋଇ ।
ଜୀବନ ପୁସ୍ତିକାର ଆଉ କିଛି ପୃଷ୍ଠା
ଜୀବନ୍ତ କରି ଚାଲେ ଅତୀତର ବିଷାଦ ଚିତ୍ର ।
ଜୀବନ ଜୀଜୀବିଷା ପାଇଁ ସଙ୍ଘର୍ଷ

ISSN NO.
2582-208X

କେତେ ବେଳେ ଲହୁ ଲୁହାଣ
ଆଉ କେତେବେଳେ ଦୁଃସାହସ  କରି
ଆଶାର ସୌଧ ନିର୍ମାଣ ପାଇଁ ପରିକଳ୍ପନା
ଉତ୍ଥାନ ପତନ ପରିପୂର୍ଣ୍ଣ ଜୀବନ ଯାତ୍ରା
ବିଭିନ୍ନ ରଙ୍ଗରେ ରଙ୍ଗାୟିତ ହୋଇଛି
କେଉଁଠି ଇନ୍ଦ୍ରଧନୁର ସପ୍ତ ରଙ୍ଗର ଆନନ୍ଦ
ଆଉ କେତେବେଳେ ଆତ୍ମ ପ୍ରକାଶ କରିଛି
ବିଷାଦ ଗ୍ରସ୍ତ ଜୀବନର ନିଚ୍ଛକ ଚିତ୍ରାବଳୀ

ଇଗ୍ନୁ, ଷଢ଼େଇକଳା ଖରସୁଆଁ, ଝାଡ଼ଖଣ୍ଡ
ମୋ ନ ୮୦୮୪୪୫୯୨୦୭

ISSN NO.
2582-208X

# କଥା କହୁଥିଲେ ଜମା ସରିବନି



ବିନୋଦିନୀ ଦାଶ

ପ୍ରତ୍ୟେକ ଜୀବନ ଖୋଲା ପୁସ୍ତକ
ମାତ୍ର ଜୀବନ ରହସ୍ୟ
ଅତି ଗୁଢ଼ ତଥ୍ୟ ପର୍ଯ୍ୟବେସିତ
ସତେ କି ଅମୃତ ଭାଷ୍ୟ !

ଆମ ସମାଜରେ ନର ଜୀବନରେ
ଘଟଇ ନାନା କାହାଣୀ
ବଖାଣି ବସିଲେ ହୋଇବ ପୁରାଣ
ଜମା ତାହା ସରିବନି ।

ଯେମିତି କାଉଁରି ଦେଶର କାହାଣୀ
କିବା ପରୀ ରାଇଜର
ମିଛ ସତେ ଗଢ଼ା ସୁଖ ଦୁଃଖ ଭରା
ରୂପ ବିରାଟ ଆକାର ।

ସ୍ମୃତି ଅନୁଭୂତି ଭିତରେ ଆବଦ୍ଧ
ସମୟସ୍ରୋତରେ ବହି

ISSN NO.
2582-208X

କିଏ ଲିପିବଦ୍ଧ କିଏ ଉଡ଼ି ଯାଏ
ପରା ମୁଖୁ ମୁଖ ହୋଇ ।

ଯେବେ ତାକୁ କେହି ମନରେ ସାଇତି
କହିବାକୁ ଚେଷ୍ଟା କରେ
କହୁଥିଲେ ସେହି କଥା ବା କାହାଣୀ
କେବେ ବି ତାହା ନ ସରେ ।

କେହି ଯେବେ ତା'ର ଅନ୍ତର ବେଦନା
ଆନ ପାଖରେ ବୋଲଇ
ସରେନି ବି ତାହା ରହିଯାଏ କିଛି
ଯାହା ବୋଲି ନ ହୁଅଇ ।

କଥା କହୁଥିଲେ ଜମା ସରିବନି
ଯେଣୁ ଏ ଲୋକ ବଚନ
ସେଥିପାଇଁ ଆନେ ଅଳପ ପରଷି
ବୁଝାଏ କେ ନିଜ ମନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ମୋତେ କରିଦିଏ ପାହାଡଟିଏ

( ରାଗ -- ରସକୁଲ୍ୟା )



ନୂତନ କୁମାର ବେହେରା

ପ୍ରଭୁହେ କରୁଛି ଅଳ ଗୋଟିଏ
ପ୍ରଣମି ତୁମର ଚରଣେ ତଳେ,
ମୋତେ କରିଦିଏ ପାହାଡଟିଏ
ସହୁଥିବ ଘାତ ମହୀମଣ୍ଡଳେ ସେ,
ଦୁଃଖ କଷ୍ଟ ମଥାପାତି ଯେ
ଯନ୍ତ୍ରଣାର ବୋଝ ହେଉନ ସହଜ
ଆସେ ଆଶଙ୍କାର ଭୀତିଯେ।

ସହିବାର ଶକ୍ତ ଦିଅ ଅମାପ
ମୋ ମନରୁ ଦୂରକର ତ୍ରିତାପ,
ବଜ୍ରପରି ଦୃଢ଼ହେଉ ମୋ ଧୈର୍ଯ୍ୟ
ଧୀରସ୍ଥିର ଭାବେ କରିବି କାର୍ଯ୍ୟ ସେ,
ହେବିନାହିଁ ମ୍ରିୟମାଣ ଯେ
ପୋଛି ଆଖି ଲୁହ ସହି ଛାତି କୋହ
କରୁଥିବି ମୁଁ କଲ୍ୟାଣଯେ।

ଟେକ ମୋର ଶିର ମମତାଝର
ଭବେ ବୁହାଇବି ମୁଁ ନିରନ୍ତର,

ISSN NO.
2582-208X

ସଂପର୍କକୁ ସବୁ କରି ନଜର
କାଚକେନ୍ଦୁ ସ୍ୱଚ୍ଛ ରଖିବିନୀ ରସେ,
ପ୍ଲାବନେ ଥିବ ପାବନ ଯେ
ନବାରଣେ ତୃଷାପୂର୍ଣ୍ଣ କରିଆଶା
ଶାନ୍ତ ଲଭିବ ଜୀବନ ଯେ।

ରହିଥିବି ମୁହିଁ ଚର ଅଟଳ
ଝଡ଼ବାତ୍ୟା ବର୍ଷା ସହି ପ୍ରବଳ,
ପ୍ରାଣୀର ହିତରେ ରହି ଧାନସ୍ଥ
ଧରି ସବୁଜିମା ହେବି ପ୍ରମଥ ସେ,
ଜଗତ ମଙ୍ଗଳେ ରହିଯେ
ଦୁଃଖକଷ୍ଟ ଭୋଗୀ ହେବି ମୁହିଁ ତ୍ୟାଗୀ
ଆରତେ ପାଇବେ ତ୍ରାହି ଯେ।

ପ୍ରଭୁହେ ମାଗୁନ ମୁଁତ କୋଟିଏ
ରଖ ମୋର ଏଇ ଅଳ ଗୋଟିଏ,
ମୋତେ କରିଦିଅ ପାହାଡଟିଏ
ଟେକ ରଖିଥିବତା' ମୁଣ୍ଡଟିଏ ସେ,
କରୁଥିବି ମୁଁ ସଂଘର୍ଷଯେ
ପଡିବିନ ଥକ ଲଢ଼ିବି ଏକାକୀ
ସାଧିବି ମୁହିଁ ଉତ୍କର୍ଷଯେ।

କୋହି, ବାରିପଦା, ମୟୂରଭଞ୍ଜ,
ଦୂରଭାଷା -- ୮୦୧୮୩୫୩୩୨୨

ISSN NO.
2582-208X

# କୁମାରଜୀବ



ସୁଧାଂଶୁ ଶେଖର ଦ୍ୱିବେଦୀ

ପ୍ରାୟଃ ଦେଢ଼ ହଜାର ବର୍ଷ ପୂର୍ବେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ବିକ୍ରମାଦିତ୍ୟଙ୍କ ଭଳି ମହା ପରାକ୍ରମୀ ରାଜା ଭାରତବର୍ଷରେ ଶାସନ କରୁଥିଲେ। ସେହି ସମୟରେ ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ଫାହିୟାନ୍ ଭାରତ ଭ୍ରମଣରେ ଆସିଥଲେ। ଅନେକ ଦିନ ଆମ ଦେଶରେ ରହି ଆମର ଧର୍ମ, ସଂସ୍କୃତି, ସଭିତ୍ୟ ବିଷୟରେ ଅବଗତ ହେବା ସହିତ ଫେରିବା ବେଳେ ସାଙ୍ଗରେ ସେ ବହୁତ ଗୁଡିଏ ବୌଦ୍ଧ ଧର୍ମଗ୍ରନ୍ଥ ନେଇ ଯାଇଥିଲେ। ଏହା ବି ଏକ ମହତ୍ୱପୂର୍ଣ୍ଣ ବିଷୟ ଯେ ସେତେବେଳେ ଚୀନ୍ ସମ୍ରାଟଙ୍କ ଆଥିତ୍ୟରେ ଜଣେ ଭାରତୀୟ ମହାନ୍ ବିଜ୍ଞ ପୁରୁଷ ଚୀନ୍ ର ରାଜଧାନୀ ବେଜିଂରେ ପହଞ୍ଚିଥିଲେ। ଚୀନ୍ ର ସମ୍ରାଟ ତାଙ୍କୁ ମହା ଆଡମ୍ବରରେ ରାଜକୀୟ ସ୍ୱାଗତ କରିବା ସହ ରାଷ୍ଟ୍ରଗୁରୁ ଉପାଧିରେ ଭୂଷିତ କରି ସମ୍ମାନିତ କରିଥିଲେ। ସେହି ମହାନୁଭବଙ୍କ ନାମ ଥିଲା କୁମାରଜୀବ।

କୁମାରଜୀବଙ୍କ ଜୀବନ କାହାଣୀ ବଡ଼ ବିଚିତ୍ର ଅଟେ। ତାଙ୍କ ପିତା କୁମାରାୟଣ ଜଣେ ଭାରତୀୟ ଜାଗିରଦାର ଭାବେ କାର୍ଯ୍ୟ କରୁଥିଲେ। ଯେବେ ସେ ଯୋଗ୍ୟ ମନ୍ତ୍ରୀ ହେବାପାଇଁ ପଦୋନ୍ନତିର ସମୟ ଆସିଲା ତତକ୍ଷଣାତ୍ ବୌଦ୍ଧ ଭିକ୍ଷୁ ହୋଇ ଯାତ୍ରାରେ ବାହାରିଗଲେ। ଦେଶ ବିଦେଶ ଅନେକ ସ୍ଥାନ ଯାତ୍ରା କରିବା ପରେ ଶେଷରେ ମଧ୍ୟ ଏସିଆର କୁଚା ନାମକ ସହରରେ ପହଞ୍ଚିଲେ। କୁଚାର ରାଜା କୁମାରାୟଣଙ୍କୁ ଭବ୍ୟ ସ୍ୱାଗତ କରି ରାଜଗୁରୁ ପଦରେ ଅଧିଷ୍ଠିତ କରାଇଲେ। ରାଜାଙ୍କ ଭଉଣୀ ଜୀବାଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହେଲା। ବିବାହର ବର୍ଷେ ଦେଢ଼ ବର୍ଷ ପରେ ସନ୍ତାନ ପ୍ରାପ୍ତି ହେଲେ। ଜୀବା ଓ କୁମାରାୟଣଙ୍କ ଔରଶରୁ ଜନ୍ମିଥିବା ଜ୍ୟୋଷ୍ଠ ପୁତ୍ର ଥିଲେ କୁମାରଜୀବ।

ISSN NO.
2582-208X

କୁମାରଜୀବ ପିଲାଟିଦିନୁ ଶ୍ରଦ୍ଧାଶୀଳ ଉଦିୟମାନ ଥିଲେ।ତାଙ୍କ ମା' ଜୀବା ତାଙ୍କୁ ଧର୍ମଗ୍ରନ୍ଥ ପାଠ କରାଇବା ସହିତ ସଂସ୍କୃତି, ଐତିହ ସମ୍ବନ୍ଧରେ ପରିଚୟ କରାଇଲେ। ପରେ ପରେ ସେ ତାଙ୍କୁ କାଶ୍ମୀର ରେ ଅବସ୍ଥାନ କରୁଥିବା ମହାନ୍ ଆଚାର୍ଯ୍ୟ ବନ୍ଧୁଦତ୍ତଙ୍କ ନିକଟକୁ ଶିକ୍ଷା ଗ୍ରହଣ ନିମନ୍ତେ ପଠାଇଦେଲେ। ସେଠାରେ କୁମାରଜୀବ ବିଶେଷତଃ ବୌଦ୍ଧଗ୍ରନ୍ଥ, ବୌଦ୍ଧ ଧର୍ମ ବିଷୟରେ ଅଧ୍ୟୟନ କଲେ। ଶିକ୍ଷା ସମାପ୍ତ କରି କାଶ୍ମୀରରୁ ଫେରିବା ବେଳେ ସେ ଅନେକ ନଗର ଅତିକ୍ରମ କରି ଫେରିଲେ। ପ୍ରତିଟି ନଗରରେ କିଛିଦିନ ଅବସ୍ଥାନ କରି ସେଠାରେ ଭାରତୀୟ ବେଦ ଏବଂ ଦର୍ଶନ ସମ୍ପର୍କରେ ନିଜର ଜ୍ଞାନ ଚର୍ଚ୍ଚା କଲେ।

୨୦ ବର୍ଷ ବୟସର କୁମାରଜୀବ ଅନ୍ତତଃ ଶେଷରେ କୁଚାରେ ପହଞ୍ଚିଲେ। ରାଜମହଲରେ ରହି ସେ ବୌଦ୍ଧ ଦୀକ୍ଷା ନେଇ ଭିକ୍ଷୁ ଭାବେ ପରବର୍ତ୍ତୀ ୨୦ ବର୍ଷ ରାଜମହଲରେ ରହିଲେ। ସେତେବେଳେ କୁଚାରେ ୧୦,୦୦୦ ସଂଖ୍ୟାରେ ମନ୍ଦିର ଓ ମଠ ହୋଇଯାଇଥାଏ। ସବୁଠାରୁ ବଡ଼ ମଠରେ କୁମାରଜୀବ ଧର୍ମ ଉପଦେଶ ଦିଅନ୍ତି। ଶହ ଶହ କୋଷ ଦୂରରୁ ଲୋକମାନେ ତାଙ୍କ ଧର୍ମ ଉପଦେଶ ଶୁଣିବାକୁ ଉପସ୍ଥିତ ହେଉଥିଲେ। କୁଚା ନଗର ସେ ସମୟରେ ଭାରତୀୟ ସଂସ୍କୃତି ଏବଂ ବୌଦ୍ଧ ଧର୍ମ ପ୍ରଚାର କେନ୍ଦ୍ର ଭାବେ ଖ୍ୟାତି ଅର୍ଜନ କରିଥିଲା। ଦୂର ଦୂରାନ୍ତଯାଏ କୁମାରଜୀବଙ୍କ କୀର୍ତ୍ତି ପ୍ରଚାରିତ ହେଲା। ସେଥି ମଧ୍ୟରୁ ଚୀନ୍ ବାଦ୍ ପଡିଲା ନାହିଁ। ସେତେବେଳର ଚୀନ୍ ସମ୍ରାଟ ଫୁଚିଏନ୍ କୁମାରଜୀବଙ୍କୁ ଆମନ୍ତ୍ରଣ କଲେ। ପରନ୍ତୁ ସେ ସଫଳ ହୋଇ ପାରିଲେ ନାହିଁ। କ୍ଷୁବ୍ଧ ହୋଇ ନିଜର ସେନାପତିଙ୍କୁ ସୈନ୍ୟ ବଳ ଦ୍ୱାରା କୁଚା ନଗର ଆକ୍ରମଣ କରିବାକୁ ଆଦେଶ ଦେଲେ। ସେନାପତି ସମ୍ରାଟଙ୍କ ଆଦେଶ ଅନୁସାରେ ସୈନ୍ୟଦଳ ସହିତ କୁଚାରେ ପହଞ୍ଚି ଆକ୍ରମଣ କଲେ। ଆକସ୍ମିକ ଆକ୍ରମଣରେ କୁଚାର ରାଜା ପରାସ୍ତ ହେଲେ ଏବଂ କୁମାରଜୀବଙ୍କୁ ବନ୍ଦୀ ଅବସ୍ଥାରେ ଚୀନ୍ ନେଇଗଲେ। ସମ୍ରାଟ ଫୁଚିଏନ୍ ତାଙ୍କୁ ଦୀର୍ଘ ୧୭ ବର୍ଷ ନଜରବନ୍ଦୀରେ ରଖିଲେ। ଏହି ନଜରବନ୍ଦୀ କୁମାରଜୀବଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଲା। ସେ ଏହି ସମୟ କାଳ ମଧ୍ୟରେ ଚୀନ୍ ଭାଷା ଅଧ୍ୟୟନ କରି ସଫଳ ହେଲେ। ପରେ ସଂସ୍କୃତ ଭାଷାରେ ରଚିତ ଭାରତୀୟ ଗ୍ରନ୍ଥ ସମୂହକୁ ଚୀନ୍ ଭାଷାରେ ଅନୁବାଦ କଲେ।

ଚୀନ୍ ରେ ଶାସନ ବଦଳିଲା। ନୂଆ ସମ୍ରାଟ ୟାହୋହସିଂ କୁମାର ଜୀବଙ୍କ ନଜରବନ୍ଦୀ ସମାପ୍ତ କରିବାକୁ ସୈନ୍ୟ ପଠାଇଲେ। ତାଙ୍କୁ ରାଜଧାନୀ ବେଜିଂ ଆଣିବାବେଳେ ସାରା

ISSN NO.
2582-208X

ସହର ଆଲୋକମାଳାରେ ସୁସଜ୍ଜିତ କରାଗଲା। ସମ୍ରାଟ ତାଙ୍କୁ ନିଜର ରାଜସି ଉଦ୍ୟାନରେ ରହିବା ପାଇଁ ସୁବ୍ୟବସ୍ଥା କରାଇଲେ। ୮ ଶହ ବିଦ୍ୱାନ ବୌଦ୍ଧ ଭିକ୍ଷୁ କୁମାରଜୀବଙ୍କ ନିକଟରେ ସହଯୋଗ ନିମନ୍ତେ ରହିଲେ। କୁମାର ଜୀବ ଗୋଟେ ପରେ ଗୋଟେ ଧର୍ମଗ୍ରନ୍ଥ ରଚନା କରିଚାଲିଲେ। ଅତି ସହଜ ଓ ସରଳ ଚୀନ୍ ଭାଷାରେ ସେ ୩୦୦ଟି ଧର୍ମଗ୍ରନ୍ଥ ରଚନା କରିଥିଲେ। ସେଥିମଧ୍ୟରୁ କେତେକ ଗ୍ରନ୍ଥ ସ୍ୱୟଂ ରଚନା କରିଥିଲେ। ଆଜି ବି ତାଙ୍କ ଦ୍ୱାରା ରଚିତ ଗ୍ରନ୍ଥ ଶୁଦ୍ଧ ଏବଂ ପ୍ରାମାଣିକ ଭାବେ ପ୍ରସିଦ୍ଧି ଲାଭ କରିଛି।

ସମ୍ରାଟଙ୍କର ଏହି କାର୍ଯ୍ୟରେ ବିଶେଷ ରୁଚି ଥାଏ। କେତେଥର ସେ ସ୍ୱୟଂ ପୋଥି ଧରି କୁମାରଜୀବଙ୍କ ଚରଣ ନିକଟରେ ବିସି ଯାଆନ୍ତି। ପ୍ରତିଦିନ ବୌଦ୍ଧ ଭିକ୍ଷୁମାନେ ସଙ୍ଘର ବୈଠକରେ ଅଂଶଗ୍ରହଣ କରନ୍ତି। ସଙ୍ଘରେ କୁମାରଜୀବ ପ୍ରଥମେ ଭାରତୀୟ ଗ୍ରନ୍ଥକୁ ସଂସ୍କୃତ ଭାଷାରେ ପାଠ କରିବାପରେ ଚୀନ୍ ଭାଷାରେ ଅନୁବାଦ କରି ପାଠ କରନ୍ତି। କେତେଥର ଗୋଟିଏ ବାକ୍ୟକୁ ଅନୁବାଦ କରିବାପାଇଁ ଘଣ୍ଟା ଘଣ୍ଟା ବିତି ଯାଏ ଅଥଚ ଖାଇବା ପିଇବା ବି ଭୁଲି ଯାଉଥିଲେ।

ଚୀନ୍ ର କୋଣ ଅନୁକୋଣରୁ ବିଦ୍ୱାନ ଏବଂ ଅନ୍ୟ ଲୋକମାନେ କୁମାରଜୀବଙ୍କ ନିକଟକୁ ଧର୍ମଚର୍ଚ୍ଚା ଶୁଣିବାକୁ ଆସନ୍ତି। ସେମାନେ ତାଙ୍କର ଶିଷ୍ୟ ହୋଇ ନିଜକୁ ଧନ୍ୟ ମଣୁଥିଲେ। ସମ୍ଭବତଃ କୁମାର ଜୀବଙ୍କର ୩୦୦୦ ରୁ ଅଧିକ ଶିଷ୍ୟ ଥିଲେ। ପରିଶ୍ରମ, ପ୍ରତିଭା, ଦୃଢ଼ତା ଏବଂ ଜ୍ଞାନର ଯେଉଁ ଧ୍ୱଜ କୁମାରଜୀବ ଉଡେଇଥିଲେ ତାହା ଆଜି ବି ଫର୍ ଫର୍ ହୋଇ ଉଡୁଛି।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଚାନ୍ଦ କଇଁ ପ୍ରୀତି



ସିନ୍ଧୁ ନନ୍ଦିନୀ

ସୃଷ୍ଟି ର ସ୍ରଷ୍ଟା ଙ୍କ ଅଦ୍ଭୁତ ନିୟମ
ନୀଳ ଜଳେ ନାଲି କଇଁ
ଚାନ୍ଦ ପ୍ରତିଛବି ସରସୀ ଜଳରେ
କଇଁ କି ଯାଉଛି ଛୁଇଁ

ଅବିରତ ଚାହେଁ ଜହ୍ନ ଇସାରାକୁ
ମିଟିମିଟି ଥାଏ ଚାହିଁ
ସରଗ ଚାନ୍ଦ ଦୂରେ ଥାଇ ଦେଖେ
ସରସୀ ରେ ନୀଳ କଇଁ

ସରସୀ ଜଳରେ ଲୁଚକାଳି ଖେଳେ
ଜହ୍ନ ହସେ ମିଠା ମିଠା
ଚାନ୍ଦ କିରଣ ରେ ମଧୁର ପରଶେ
ଚାପି ହୃଦୟର ବ୍ୟଥା

ISSN NO.
2582-208X

ଯେତେ ଦୂର ଥିଲେ ଜହ୍ନ କୁମୁଦର
କଇଁ ବି ଜହ୍ନ ର ପାଇଁ
ବିଧାତା ଲିଖନ ସଦା ଚିରନ୍ତନ
ଏଥିରେ ଛଳନା ନାହିଁ

ଅପଲକ ନେତ୍ରେ କଇଁ ଚାହିଁ ଥାଏ
ଆଖିର ଲୁହକୁ ପୋଛି
ମନର ବେଦନା ଛାତିର କୋହକୁ
ହୃଦୟ ତଳେ ଚାପି

କୁଆଁରୀ କଇଁ ର କଅଁଳ ମନରେ
ଭରା କେତେ ଅନୁରାଗ
ପୁନେଇଁ ଯାଏ ଉଆଁସ ବି ଯାଏ
ହୁଏନି ଅପେକ୍ଷା ଶେଷ

ପ୍ରୀତି ଅସରନ୍ତି ନାହିଁ ପଟାନ୍ତର
କଇଁ ପ୍ରୀତି ଚାନ୍ଦ ପାଇଁ
ଯେତେ ଦୂରରେ ରହିଲେ ବି ପରା
ଦୁହେଁ ତ ଦୁହିଁଙ୍କ ପାଇଁ

ଭୁବନେଶ୍ୱର

ISSN NO.
2582-208X

# ସ୍ୱାର୍ଥ



ଡ. ଶକୁନ୍ତଳା ନାୟକ ଗୁପ୍ତା

ପତ୍ରରୁ ଓହରୁଚ ସବୁଜିମା,
ଆଖିରୁ ଓହରୁଚ ଦୃଷ୍ଟି
ଦୃଷ୍ଟିରୁ ଓହରୁଚ ସ୍ୱାଦ
ସ୍ୱାଦ ମନା କରିଦେଉଚ ଅମୃତକୁ

ସେ ଯଦି ଇଚ୍ଛା କରି ଅମୃତକୁ ଅପସାରି ନଏ ?
କଏ ମଣିଷ, କାହାକୁ ବା କହିବ ଜୀବନ!

ନଷ୍ଟିହ୍ନ ହେଇ ସାରିଥିବା ନକ୍ଷତ୍ର ଜଗତର ଭଗ୍ନାଂଶ ପରି
ପୃଥିବୀଟିଏ ଗଢୁଛି ଏ ଦୁଃଖ, ଏ ଅନ୍ଧକାର, ରାତିର ପୋଷାକ
ଯେବେ ମନେ ହୁଏ ସରି ଆସିଲାଣି ମିଆଦ
ହଜିବାକୁ ବସିଲେଣି ପୁରୁଖା,
ନଈ, ପାହାଡ଼, ଗଣ୍ଡ, ପରବ, ତୋ ମୋ ଗାଁ ପରି
ଆଁ କରିଲାଣି ଦିଅଁଙ୍କ ପାଚେରୀ
ରହିଲା ନାଇଁ କଷ୍ଟ,
ସବୁ ପ୍ରାରମ୍ଭକୁ କଣ ଶେଷଟିଏ ଥାଏ ?

ISSN NO.
2582-208X

ନେଳି ପଡ଼ିଯାଇଥିବା ଏ ହୃଦରେ
କିଏ ହାତଛନ୍ଦି ବସାଇବ ଅଭୟାରଣ୍ୟଟିଏ,
ଯତ୍ନ, କୋମଳତାର ସହିତ ଚଞ୍ଚୁରେ ଫେରିବ
ପ୍ରେମର ନୀଡ଼କୁ ଚଞ୍ଚୁଏ ଜୀବନ!?

କଅଁଳ ଡେଣାକୁ ଯାଚିଦେ ଆକାଶ
ପିଆଲାରେ ଭରିଦେ ଉନ୍ମାଦନା
ଦେଇଦେ ମୋ କଉଡ଼ିମୁଣିକୁ ତୋ ଭାଗର ବିଷାଦ
ସଙ୍ଗେ ବିରହର କରୁଣ ବେଦନା,
ବାହି ନେବି ଉଣା ଅଧିକେ
ଯାହା କିଛି ଧୂଆଁ ଧୂସର ମରଣର

ତୋ ଥିବାଟା ହିଁ ଅମୃତ,
ତୁ ଏତିକ ଟିକକ ସ୍ୱୀକାର କର!

**

ଅଧ୍ୟାପିକା

ISSN NO.
2582-208X

# ଓଡ଼ିଆ ଭାଷା ସାହିତ୍ୟର ଜଣେ ମଗ୍ନ ସାଧକ ପ୍ରଧାପକ ଡକ୍ଟର ଆଲୋକ କୁମାର ରାୟଙ୍କ ସହିତ ଏକ ଅନ୍ତରଙ୍ଗ ସାରସ୍ୱତ ଆଳାପ....



ପ୍ରଧ୍ୟାପକ ଆଲୋକ କୁମାର ରାୟ

ଆମ ପତ୍ରିକା ପାଇଁ ତାଙ୍କୁ ନିଜସ୍ୱ ବାସଭବନରେ ଭେଟିଥିଲେ ସାହିତ୍ୟିକ ଲକ୍ଷ୍ମୀଧର ନାୟକ (ଆଦିସ୍ୟ) ।

ପ୍ରଶ୍ନ- ସାର, ଅସରନ୍ତି ଶୁଭକାମନା । ଆପଣ ନିଜ ସମ୍ପର୍କରେ କିଛି କହିବେ କି ?

ପ୍ରାଧ୍ୟାପକ ଆଲୋକ- ନମସ୍କାର । ମୋ ପୈତୃକ ଘର ଆଳି ବ୍ଲକ ଅନ୍ତର୍ଗତ ମୋହନପୁର ଗ୍ରାମରେ । କିନ୍ତୁ ଏବେ ମୁଁ ଓଡିଶା ପ୍ରଦେଶର କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ ଘର କରି ସପରିବାର ବସବାସ କରୁଛି । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟାଳୟ ଠାର ସାତ କିଲୋମିଟର ଦୂର ନିକିରାଇସ୍ଥ ବୀର ହନୁମାନଜୀଉ ମହାବିଦ୍ୟାଳୟରେ ମୁଁ ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ରୂପେ ଅବସ୍ଥାପିତ । ଲେଖାଲେଖି ଛଡା ସମାଜସେବା, ଭ୍ରମଣ, ଫଟୋଗ୍ରାଫୀ, ବଗିଚା କାମ ଓ ଆଧ୍ୟାତ୍ମିକତା ଆଦିରେ ମୁଁ ରୁଚି ରଖେ । ଅତୀରରେ ମୁଁ ଜିଲ୍ଲା ରେଡକ୍ରସ ସୋସାଇଟିର ଯୁଗ୍ମ ସମ୍ପାଦକ ଓ ରୋଟାରୀ କ୍ଲବ ଅଫ କେନ୍ଦ୍ରାପଡା ସେଂଟ୍ରାଲର ସମ୍ପାଦକ ମଧ୍ୟ ଥିଲି ।

ପ୍ରଶ୍ନ- ଆପଣ ସମୟର ପ୍ରତିନିଧିତ୍ୱ କରୁଥିବା ଜଣେ ସମର୍ଥ ସାରସ୍ୱତ ସାଧକ । ଆପଣଙ୍କ କବିତା ପୁସ୍ତକ "ମେଘପଣତ" ଏକ ଆଭାଦୀପ୍ତ ମନୋଜ୍ଞ ସର୍ଜନା । କହିବେ କି- ସାରସ୍ୱତ ସାଧନା ପ୍ରତି ବିଶ୍ୱସନୀୟ ଦୁର୍ବଳତା ଆପଣଙ୍କର କେବେଠୁ ଓ ଏପାଇଁ କାହାଙ୍କୁ ଆପଣ ପ୍ରେରଣାର ଶ୍ରେୟ ଦେବେ ?

ISSN NO.
2582-208X

ପ୍ରାଧ୍ୟାପକ ଆଲୋକ- ମୁଁ ପିଲାଦିନରୁ, ଅର୍ଥାତ୍ ମାଇନର ସ୍କୁଲରେ ପଢ଼ିବା ବେଳରୁ ଉଭୟ ଇଂରାଜୀ ଓ ଓଡିଆ ଭାଷା ସାହିତ୍ୟ ପ୍ରତି ଅନୁରକ୍ତ ରହିଆସିଛି । ପ୍ରେରଣାର ଉତ୍ସ ପ୍ରଥମତଃ ମୋ ମା ବାପା ଓ ପରବର୍ତ୍ତୀ ସମୟରେ ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ମୁଁ ଅଧ୍ୟୟନ କରିଥିବା ଭାଷା ସାହିତ୍ୟ ସମ୍ପର୍କୀତ ପୁସ୍ତକ, ପତ୍ର ପତ୍ରିକା। ସମସ୍ତେ ମୋ ସୁପ୍ତ ପ୍ରତିଭାକୁ ଜାଗ୍ରତ କରିଛନ୍ତି । କାହାଙ୍କୁ, କେଉଁ କାରକଙ୍କୁ ବା ଶ୍ରେୟ ଦେବି ?

ପ୍ରଶ୍ନ- ଆପଣଙ୍କ ଇଂରାଜୀ ଭାଷାର ମୌଳିକ କବିତା ପୁସ୍ତକ ସର୍ଜନା-Silage ।

ଓଡ଼ିଆ ଭାଷା ସାହିତ୍ୟର ଜଣେ ବିଜ୍ଞ ପୁରୋଧାଙ୍କର ଇଂରାଜୀ ସାହିତ୍ୟ ରଚନା ପ୍ରତି ଆଗ୍ରହ କେଉଁ ପାଇଁ ?

ପ୍ରାଧ୍ୟାପକ ଆଲୋକ- ପ୍ରଚାର ଓ ପ୍ରସାରଣର ବହୁଳତା, ଆନ୍ତର୍ଜାତିକ ସ୍ୱୀକୃତି ତଥା ଭାଷାଗତ ସମୃଦ୍ଧି ମୋତେ ଇଂରାଜୀ କବିତା ଲେଖିବା ପାଇଁ ଅନୁପ୍ରାଣିତ କରିଛି । "ଯତ ଭୁମା ତତ୍ ଶାନ୍ତି ।"

ପ୍ରଶ୍ନ- ଆପଣଙ୍କ ରାଜନୀତି ବିଜ୍ଞାନର ନିଜସ୍ୱ ମୌଳିକ ପୁସ୍ତକ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ, ଉତ୍କଳ ବିଶ୍ୱବିଦ୍ୟାଳୟ, ଆସାମ ରାଜ୍ୟର ଦିବୃଗଡ଼ ବିଶ୍ୱବିଦ୍ୟାଳୟ, ଆସାମ ବିଶ୍ୱବିଦ୍ୟାଳୟ ଓ ଗୌହାଟୀ ବିଶ୍ୱବିଦ୍ୟାଳୟ ତଥା North Eastern Hill University, Shillong ରେ ପାଠ୍ୟପୁସ୍ତକ ରୂପେ ଗୃହୀତ । ପାଠ୍ୟପୁସ୍ତକର ବିଭିନ୍ନ ବର୍ଣ୍ଣନାରେ ଆପଣଙ୍କର କାବ୍ୟମନସ୍କତାର ପ୍ରତିଫଳନ ଘଟିଛି କି ? ଯଦି ଘଟିଛି, ତାହା ଛାତ୍ରଛାତ୍ରୀଙ୍କର ଗ୍ରହଣ ଶକ୍ତିକୁ ପ୍ରଭାବିତ କରେ ବୋଲି, ଆପଣ ବୁଝନ୍ତି ?

ପ୍ରାଧ୍ୟାପକ ଆଲୋକ- ମୋ ଦ୍ୱାରା ରଚିତ ପାଠ୍ୟପୁସ୍ତକ ଗୁଡିକରେ ମୋ କାବ୍ୟ ମନସ୍କତାର ପ୍ରତିଫଳନ ଦେଖିବାକୁ ମିଳେ । ଏଥିରେ କିଛି ଅସ୍ୱାଭାବିକତା ନାହିଁ, ମାତ୍ର ଜିଜ୍ଞାସୁ ଛାତ୍ରଛାତ୍ରୀମାନେ ତତଦ୍ୱାରା ପ୍ରଭାବିତ ହେବା ସେମାନଙ୍କ ଇଚ୍ଛା, ବୋଧଶକ୍ତି ଓ ଆବଶ୍ୟକତା ଉପରେ ନିର୍ଭର କରେ, ମାତ୍ର କାବ୍ୟିକ ଚିନ୍ତା ଓ ଚେତନା କୋମଳମତି ଛାତ୍ରଛାତ୍ରୀମାନଙ୍କର ଗ୍ରହଣ ଶକ୍ତିକୁ ଯେ ନିଶ୍ଚିନ୍ତ ରୁଦ୍ଧିମନ୍ତ କରୁଥିବ, ଏଥିରେ ମୁଁ ସମ୍ମତ ।

ISSN NO.
2582-208X

ପ୍ରଶ୍ନ- ପ୍ରବଣତା ଯେବେ ମନକୁ ଛୁଏଁ, କବିପ୍ରାଣ ସ୍ରଷ୍ଟା ଜଣେ, ଯାହା ଲେଖିଦେଲେ ତାହା କବିତା ହୁଏ କି? ଯଦି ନୁହେଁ, ତେବେ କବିତା ରଚନାର ସିଦ୍ଧାନ୍ତ କଣ ହେବା ଉଚିତ ବୋଲି, ଆପଣ ନିଜ ଅଭିଜ୍ଞତାରୁ କହିବେ ?

ପ୍ରାଧ୍ୟାପକ ଆଲୋକ- କବିତା ଲେଖିବା କ୍ଷେତ୍ରରେ ଭାବପ୍ରବଣତାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ନପାରେ! ତେବେ କବିତା ଲେଖିବା ପାଇଁ ଜନାଦୃତ ଓ ପରୀକ୍ଷିତ ସିଦ୍ଧାନ୍ତ ଗୁଡିକ ମଧ୍ୟରେ ଶବ୍ଦ ଓ ଭାଷାର ଉଚିତ ବ୍ୟବହାର, ପ୍ରତୀକର ସଠିକ ଚୟନ, ସ୍ଥାନ, କାଳ ଓ ପାତ୍ର ସମ୍ପର୍କରେ ଅବଗତି, କଳ୍ପନାର ଇନ୍ଦ୍ରଜାଲ, ବର୍ଣ୍ଣନା ଆଦି ଗୁରୁତ୍ୱପୂର୍ଣ୍ଣ।

ପ୍ରଶ୍ନ- ଆମ ଏ ପ୍ରଶ୍ନର ଉତ୍ତର ବ୍ୟାପକ ହୋଇପାରେ, କିନ୍ତୁ ସଂକ୍ଷେପରେ କହିବେ କି / ପାଶ୍ଚାତ୍ୟ ଓ ପୂର୍ବାତ୍ୟ କବିତା ପ୍ରଣୟନରେ ସାମାଜିକ ଓ ସାଂସ୍କୃତିକ ପ୍ରତିଫଳନ କିପରି ? ସମୟର ପ୍ରଭାବ କିପରି ଲେଖାକୁ ପ୍ରଭାବିତ କରେ ?

ପ୍ରଧ୍ୟାପକ ଆଲୋକ- ସାମାଜିକ ପୃଷ୍ଠଭୂମିରେ କବିତାର ଅଙ୍କୁରୋଦ୍ଗମ ହୁଏ । ନିର୍ଦ୍ଦିଷ୍ଟ ସାମାଜିକ ପୃଷ୍ଠଭୂମି କବିତାର ଗତିଶୀଳତାକୁ ମଧ୍ୟ ପ୍ରଭାବିତ କରେ । ପାଶ୍ଚାତ୍ୟର ଉଦାରବାଦୀ ଦୃଷ୍ଟିକୋଣ ଓ ପୂର୍ବାତ୍ୟର ରୂଢ଼ିବାଦୀ ଚିନ୍ତାଧାରା କବିତା ସର୍ଜନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ସମୟର ଆହ୍ୱାନ କେବଳ କବିତା ନୁହେଁ, ସମସ୍ତ ପ୍ରକାର ସର୍ଜନାତ୍ମକ କାର୍ଯ୍ୟକ୍ରମ ପାଇଁ ଅପ୍ରତିହତ ଉପକ୍ରମଣିକା । ବର୍ତ୍ତମାନ କବିତା ଲେଖା କ୍ଷେତ୍ରରେ ପାଶ୍ଚାତ୍ୟର ମୁକ୍ତ ଚିନ୍ତାଧାରାକୁ ସମୟର ଆହ୍ୱାନ ଭାବେ ଅଧିକାଂଶ ସାହିତ୍ୟିକ ଗ୍ରହଣ କରିବା ଦେଖାଯାଉଛି ।

ପ୍ରଶ୍ନ- ସାହିତ୍ୟର ଅନ୍ୟ ବିଭାଗ ପରି କବିତାରେ ମଧ୍ୟ Ism ବା ବାଦର ପ୍ରୟୋଗ ରହିଛି। Ism କୁ ଆଧାର କରି କବିତା ଲେଖାଯାଏ, ନା ଲେଖୁ ଲେଖୁ କବିତା Ism ଅନ୍ତର୍ଗତ ହୋଇଯାଏ ?

ପ୍ରାଧ୍ୟାପକ ଆଲୋକ- କବିତା ଲେଖିବା ଅନ୍ୟତମ ଈଶ୍ୱରଦତ୍ତ କଳା । ମନଶ୍ଚକ୍ଷୁଃରେ ନିର୍ଦ୍ଦିଷ୍ଟ Ism ବା ବାଦ ପ୍ରତିଭାତ ହେଉଥିଲେ, କବିତା ଲେଖିବା ବେଳେ ତାହା ଉତୁରିଆସେ। କବିତା ଏକ ପ୍ରବାହମାନ ଧାରା, କେତେବେଳେ ସେ କେଉଁ କୂଳ ଛୁଇଁବ, କିଏ କହିବ?

ISSN NO.
2582-208X

ପ୍ରଶ୍ନ- ପ୍ରକୃତି ଓ ପୁରୁଷ ମଧ୍ୟରେ ପ୍ରକୃତି ସର୍ବଦା ଅଗ୍ରଗତି ପାଇଁ ପ୍ରେରଣାର ଉତ୍ସ । ଆପଣଙ୍କୁ କବିଟିଏ ରୂପେ ଦେଖିବାର ଆଗ୍ରହ ପ୍ରକୃତିର କେଉଁ ରୂପ- ଜନନୀ, ଭଗିନୀ, ଜାୟା ବା ପ୍ରେମିକା (ଯଦି ଥା'ନ୍ତି) ଅଧିକ ପ୍ରେରଣା ସୃଷ୍ଟି କରିଛନ୍ତି ? ପ୍ରେମିକାର ଯଥାର୍ଥ ଅର୍ଥ କଣ ... ନାରୀ ?

ପ୍ରାଧ୍ୟାପକ ଆଲୋକ- ପ୍ରକୃତିର ପ୍ରେମିକା ରୂପକଳ୍ପ ସଂଦର୍ଶନରେ ମୁଁ ବିଭୋର, ଆକ୍ରାମାକ୍ତା! ପ୍ରେମିକା ନାରୀରୁ ନାରାୟଣୀ ବି ହୋଇପାରେ! ପ୍ରେମିକା ଦେହସର୍ବସ୍ୱ ହୋଇପାରେ, ଅଶରୀରୀ, ସୂକ୍ଷ୍ମ, ବାୟବୀୟ ଅନୁଭବ ବି ହୋଇପାରେ! "ଫୁଲକୁ କହିଲି ଆଞ୍ଜୁଳାଏ ସୁରଭି ଦେବାକୁ, କହିଲା ମଧୁପ ଅଛି! ବିଟପୀ ପ୍ରକୃତି ବଦଳିବ ନାହିଁ, ଯେତେ ଯାହା କଲେ ଇଛି ।" (ଆସିଲନି ତୁମେ- ମେଘପଣତ) "You are like the fathomless sea enriched in myriad novelties, I am the nameless grit searching badly own physical entities" (Sillage)

ପ୍ରଶ୍ନ- ଲେଖିବା ପାଇଁ ଆପଣ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ କରିଥାନ୍ତି ତ...ତାହା କେଉଁ ପାଇଁ ? ଅଧ୍ୟୟନ, ଅଧ୍ୟାପନା ଓ ସାଧନା ....... ଏହା ଏକ ତ୍ରିବେଣୀ ସଙ୍ଗମ । ଆପଣ କାହାକୁ କିପରି ସମୟ ଦିଅନ୍ତି ? କାହାକୁ କମ, କାହାକୁ ବେଶୀ ? କାହିଁକି ?

ପ୍ରାଧ୍ୟାପକ ଆଲୋକ- ମୋ ଲେଖିବାର କୌଣସି ସମୟ ନିର୍ଘଂଟ ନାହିଁ । ସ୍ୱତଃପ୍ରବୃତ୍ତ ଭାବେ ମୋ ହୃଦକନ୍ଦରରେ ଲେଖିବାର ମୋହ ଜାତ ହେଲେ, ଲେଖାଲେଖିର ପର୍ବ ଆରମ୍ଭ ହୁଏ । ସମୟ ବାଂଟିବା ନୁହେଁ, ସମୟର ସଦୁପଯୋଗକୁ ମୁଁ ପ୍ରାଥମିକତା ଦିଏ । ଅଧ୍ୟୟନ ଓ ଅଧ୍ୟାପନାର ସରସ ମୁହୂର୍ତ୍ତରେ କବିତା ନିଜ ଅଙ୍କିତ ଲକ୍ଷ୍ମଣରେଖା ମଧ୍ୟରେ ରହିବାକୁ ଭଲପାଏ । ଶବ୍ଦ, ଭାବ ଓ ରୂପକଳ୍ପ ଆଦି ସାକାର ରୂପ ନେବାକୁ ବ୍ୟଗ୍ର ହେଲେ, କବିତା କନ୍ୟା ଏନ୍ଦୁଡିଶାଳ ଖୋଜି ବସେ ଭୂମିଷ୍ଠ ହେବାକୁ । କେବେ, ସମୟର କରାଘାତ ଯୋଗୁଁ ତାହା ମୃତ ଅବା ଜୀବନ୍ତ ରୂପେ ଆତ୍ମପ୍ରକାଶ କରେ ।

ପ୍ରଶ୍ନ- କବି ହୃଦୟରେ ଆପଣଙ୍କର ଭଲପାଇବା କାହାପାଇଁ ଅଧିକ ? କବିତା ନା ପାଠକ ? କିମ୍ବା ଅନ୍ୟ କେହି ? ପାଠକର ରୁଚିକୁ ଆଗରେ ରଖି, କବିତା ଲେଖାଯାଏ ନା..କବିତାସାର ହିଁ ପାଠକଙ୍କୁ ଆଚ୍ଛନ୍ନ କରି ରଖେ ?

ISSN NO.
2582-208X

ପ୍ରାଧ୍ୟାପକ ଆଲୋକ- କବିତା ଓ ପାଠକ ଉଭୟଙ୍କୁ ମୁଁ ଭଲ ପାଏ । ଲେଖକଙ୍କ ପାଇଁ ଉଭୟ ଗୁରୁତ୍ୱପୂର୍ଣ୍ଣ, ମାତ୍ର କାହାପ୍ରତି ଭଲପାଇବାର ମାତ୍ରା ଅଧିକ କହିବା ମୁସ୍କିଲ୍ । ଉଭୟ, ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ତେବେ, କେବେ କବିତା ପାଠକଙ୍କ ପାଇଁ ଭାରି ପଡେ ତ.. କେବେ ପାଠକ କବିତା ପାଇଁ । କବିତା ଲେଖିବାବେଳେ ପାଠକଙ୍କର ରୁଚିକୁ ଅଣଦେଖା କରିହୁଏ ନାହିଁ । କବିତାସାର ପାଠକଙ୍କର ରୁଚିକୁ ମୋହାଚ୍ଛନ୍ନ କରିବା ନିଶ୍ଚିନ୍ତ।

ପ୍ରଶ୍ନ- କୁହାଯାଏ ମନ ଓ ବୁଦ୍ଧି ଏକତ୍ରୀତ ହେଲେ ସଫଳ କବିତା ସୃଷ୍ଟି ହୁଏ । ଆଉ ବି ମତ ଅଛି- ପୂର୍ବ ଜନ୍ମର ସଂସ୍କାରଗଚ୍ଛିତ ପ୍ରାରବ୍ଧ ହିଁ, ବର୍ତ୍ତମାନ ଜନ୍ମର କ୍ରିୟମାଣ କର୍ତ୍ତବ୍ୟ-ଅକର୍ତ୍ତବ୍ୟ । ନିଜର କବି ଜୀବନକୁ ଆପଣ ଏ ଦୁଇଟି ଦଣ୍ଡିପାଲା ମଧ୍ୟର କିପରି ତଉଲିବେ ?

ପ୍ରାଧ୍ୟାପକ ଆଲୋକ- ହଁ, ମନ ଓ ବୁଦ୍ଧି ଏକତ୍ରୀତ ହେଲେ କବିତାସିକ୍ତ ହୃଦୟ ସଫଳ କବିତା ସୃଷ୍ଟି କରେ । ପୂର୍ବ ଗଚ୍ଛିତ ସଂସ୍କାର ସମ୍ପର୍କରେ ମୁଁ ଏକମତ । ମୋ ମତରେ-କବିର ଜୀବନ ପଥ କଂଟକିତ, ଖାଲ ଓ ଢିପରେ ପରିପୂର୍ଣ୍ଣ । ଦିଗବଳୟରେ ଜାଜ୍ୱଲ୍ୟମାନ ଲକ୍ଷ୍ୟ ସ୍ଥଳରେ ପହଂଚିବାକୁ ସେ ମନ ଓ ବୁଦ୍ଧି ମଧ୍ୟରେ ତାଳମେଳ ରଖି, କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ଅନବରତ ନିକିତିରେ ତଉଲୁଥାଏ ।

ପ୍ରଶ୍ନ- ପାଠକମାନଙ୍କୁ କହିବେ କି- କବି ଜଣେ କିପରି ଖଟିଥାନ୍ତି...ଶବ୍ଦବ୍ରହ୍ମଙ୍କୁ ଚୟନ କରିବା ଦିଗରେ... ସେ ରଚନାମଗ୍ନ ଥିଲା ବେଳେ କିମ୍ବା ସମାନ ଶବ୍ଦର ଅନେକ ପର୍ଯ୍ୟାୟବାଚୀ ଶବ୍ଦଙ୍କ ମଧ୍ୟରୁ, ଯାହାଙ୍କୁ ଚାହାନ୍ତି, ତାକୁ ହିଁ କଲମ ମୁନରୁ ଝରାନ୍ତି ?

ପ୍ରାଧ୍ୟାପକ ଆଲୋକ- ଶବ୍ଦ ସବୁ ବେଳେବେଳେ ଲୁଚକାଳି ଖେଳିବାକୁ ଭଲ ପାଆନ୍ତି । କେବେ ଆପଣାଛାଏଁ ଧରା ଦେଇ, ଖୁସି ହୁଅନ୍ତି । "ଲଳିତପଣ ଖୋଜୁଥିବା କବିର ଭାଷା ଛାଏଁ ଛାଏଁ ଲଳିତ ହୋଇଯାଏ । ଲୋଡୁଥିବା ଇପ୍‌ସିତ ଶବ୍ଦ କଲମ ମୁନରୁ ଝରିବାର ବ୍ରାହ୍ମମୁହୂର୍ତ୍ତର କବି ପାଇଁ ସବୁବେଳେ ସମ୍ଭବ ହୁଏ ନାହିଁ । ଶବ୍ଦର ଅଦଳ ବଦଳ, ସଂଶୋଧନ, ଶୁଦ୍ଧିକରଣ ଆଦି କବିତା ଲେଖାର ଅଂଶବିଶେଷ ।" Word is swaddling robe. Impregnated silence gives birth to poetry."

ISSN NO.
2582-208X

ପ୍ରଶ୍ନ- ପ୍ରତୀକ ଓ ରୂପକଳ୍ପ କବିତା ସୁନ୍ଦରୀଙ୍କ ସୌନ୍ଦର୍ଯ୍ୟ ବୃଦ୍ଧିର କାରଣ ନିଶ୍ଚୟ । ଏହା ସହ, ରସର ପ୍ରୟୋଗ କବିତାକୁ କରିଥାଏ ସ୍ୱାଦିଷ୍ଟ... ଯାହା ମନ ଓ ହୃଦୟକୁ ପ୍ରଭାବିତ କରେ । ଆପଣ ଏ ତିନୋଟିଙ୍କର ପ୍ରୟୋଗକୁ କଣ ଶାସ୍ତ୍ରୀୟ ଆଧାର ରୂପେ ଗ୍ରହଣ କରିଥାନ୍ତି କିମ୍ବା କବିତାଲତା ସ୍ୱଚ୍ଛନ୍ଦରେ ମାଡିଯାଏ ?

ପ୍ରାଧ୍ୟାପକ ଆଲୋକ- ପ୍ରତୀକ, ରୂପକଳ୍ପ ଓ ରସ ସ୍ୱାଭାବିକ ଭାବେ ନିଜ ଅଧିକାର ସହ କବିତା ଶରୀରରେ ସବାର ହୁଅନ୍ତି । ମୋ କ୍ଷେତ୍ରରେ ଶାସ୍ତ୍ରୀୟ ଯତକିଂଚିତ, ବରଂ କବିତାର ଗତାନୁଗତିକ ଧାରା ରୂପେ ଉପରୋକ୍ତ ସମସ୍ତ ଉପଜୀବ୍ୟ କବିତା ଲେଖାବେଳେ ନିଜସ୍ୱ ସ୍ଥାନ ବାଛିନିଅନ୍ତି ।

ପ୍ରଶ୍ନ- କବିତାରେ ଶୈଳୀର ସ୍ୱାତନ୍ତ୍ର ରକ୍ଷା କରି, କବିମାନେ ନିଜ ପାଇଁ ପାଠକଙ୍କ ଛାତିରେ ସ୍ୱତନ୍ତ୍ର ସମ୍ମାନ ସୃଷ୍ଟି କରିବାକୁ ଚାହାନ୍ତି । ସ୍ୱତନ୍ତ୍ର ଶୈଳୀ ବିନା କବିତା କଣ ନିଜ କଥା ଠିକ୍ ଠିକ୍ କହିପାରେନା ?

ପ୍ରାଧ୍ୟାପକ ଆଲୋକ- ମୁଁ ଆଜି ଯାଏଁ ସ୍ୱତନ୍ତ୍ର ଶୈଳୀରେ ଅଧିକାରୀ ହୋଇପାରିନାହିଁ । ସ୍ୱତନ୍ତ୍ର ଶୈଳୀ ସମ୍ପର୍କରେ ପରେ ଚିନ୍ତା କରିପାରେ! କବିତା ନିଜ କଥା କହିବା ପାଇଁ ସ୍ୱତନ୍ତ୍ର ଶୈଳୀକୁ ଆଶ୍ରା କରିବା ଏକ ଇଚ୍ଛାଧୀନ ଆବଶ୍ୟକତା । "Poetry is subversion.It's a tree, whose roots grow away at the rock." (Eduardo Sancho Castaneda)

ପ୍ରଶ୍ନ- ଆଧୁନିକ କବିତାରେ ମଧ୍ୟ ପଠନଗତ ଛନ୍ଦ ରହିଥାଏ । ରହିଲେ ହିଁ ଏହା ଶୃତିମଧୁର ହୁଏ । ଆପଣଙ୍କ ବିଚାର କଣ ? ପ୍ରାଚୀନ ଛନ୍ଦ ଓ ଆଧୁନିକ ଛନ୍ଦରେ କି ପାର୍ଥକ୍ୟ ଆପଣ ଦେଖନ୍ତି ?

ପ୍ରାଧ୍ୟାପକ ଆଲୋକ- ଆଧୁନିକ, କବିତା ହେଉ ଅବା ପୁରାତନ, ଛନ୍ଦ କବିତାକୁ ଶୃତିମଧୁର କରିଥାଏ । ମୁଁ ପୁରାତନ ଛନ୍ଦ ପରି ପଠନଗତ ଛନ୍ଦ ଅନୁସୃତ ନୀତିନିୟମକୁ ସେତେଟା ଗୁରୁତ୍ୱ ଦିଏ ନାହିଁ । "ଛନ୍ଦରେ ଛନ୍ଦରେ ଚନ୍ଦ୍ର ବନ୍ଦନୀ ମୁଁ ମଗ୍ନ ମୋ ସାଧନା ପଥେ ।"

ISSN NO.
2582-208X

ପ୍ରଶ୍ନ- ଆପଣ ପ୍ରାଧ୍ୟାପକ ଓ ଲେଖକ । ଏହି ପ୍ରସଙ୍ଗରେ ପାଠକପାଠିକାମାନଙ୍କୁ କିଛି କହିବେ- ଯାହା ସଂକ୍ଷେପରେ ଅବବୋଧ କରାଇଦେବ- ଗଦ୍ୟ ଓ କବିତା ରଚନା ଅନୁଭବଶୀଳ ସାରସ୍ୱତ ପ୍ରତିଭାଙ୍କ କଳାତ୍ମକ ପରିଚୟ ।

ପ୍ରାଧ୍ୟାପକ ଆଲୋକ- ଗଦ୍ୟ ହେଉ ଅବା କବିତା, ଅନୁଭବର ଶୀର୍ଷ ସ୍ଥାନକୁ ନଗଲେ, ସବୁ ଅଳିକ, ଅଧାପନ୍ତରିଆ ଓ ଭ୍ରମାତ୍ମକ । ଉଭୟ କ୍ଷେତ୍ରରେ କଳାତ୍ମକ ପାରଦର୍ଶିତା ପ୍ରକାଶିତ ହେବା ପାଇଁ ଅନୁଭବର ଭୂମିକା ଅନସ୍ୱୀକାର୍ଯ୍ୟ । "In poetry everything is permitted, with only this condition of course you have to improve the blank page.(ସାଦା ପୃଷ୍ଠା)", says Nicanor Parrel ଏହି "ସାଦା ପୃଷ୍ଠା" ମୋ ମତରେ କଳାତ୍ମକ ପାରଦର୍ଶିତା ଛଡ଼ା ଆଉ କଣ ବା ହୋଇପାରେ ?

ପ୍ରଶ୍ନ- ଆପଣଙ୍କ ମୌଳିକ ଇଂରାଜୀ କବିତାମାନ ବିଭିନ୍ନ ଆନ୍ତର୍ଦେଶୀୟ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଓ ପ୍ରଶଂସିତ । ଏଥିପାଇଁ ଆପଣ ସମ୍ମାନିତ ମଧ୍ୟ । କହିବେକି- ଦେଶ ଭେଇଁ, ବାହାର ଦେଶରେ ଆପଣଙ୍କ ସାରସ୍ୱତ ଖ୍ୟାତି, ଏହି ପଥରେ ଅଗ୍ରସରିତ ହେବାର ପ୍ରେରଣା ଦେଇଛି କିପରି ?

ପ୍ରାଧ୍ୟାପକ ଆଲୋକ- ପ୍ରେରଣା ଏକ ଦିଆସିଲି କାଠି ପରି! ଏହା ଧୂପରେ ନିଆଁ ସଂଯୋଗ କଲାପରି, ଯଦ୍ୱାରା ଧୂପର ବାସ୍ନାରେ ବାତାବରଣ, ସ୍ଥାବର ଓ ଜଙ୍ଗମ ସୁଗନ୍ଧଯୁକ୍ତ ହୁଏ । Inspiration is the process of being mentally stimulated to do or feel something creative. ଆମ ସମସ୍ତଙ୍କ ପାଇଁ ଲକ୍ଷ୍ୟ ସ୍ଥଳରେ ପହଂଚିବା ଉପଲକ୍ଷେ ପ୍ରେରଣାର ଦିଗନ୍ତବିସ୍ତାରୀ ଆଧିଭୌତିକ ଅବଦାନ ରହିଛି । ଦେଶ, ବିଦେଶରୁ ପ୍ରଶଂସା, ମାନପତ୍ର, ଉପଢୌକନ ଓ ସ୍ୱୀକୃତି ସାଉଁଟିବା ଦ୍ୱାରା ଯେଉଁ ଆତ୍ମପତ୍ୟୟ ସୃଷ୍ଟିହୁଏ, ତାହା ଆଲୋକବର୍ତ୍ତିକା ରୂପେ ଆଗକୁ ବାଟ କଢାଇ ନେବାରେ ସାହାଯ୍ୟ କରେ । ମୋର କବିତା ହେବାର ଯେଉଁ ଅଭିଳାଷ ରହିଛି,("I wish to be a poem") ସେଥିପାଇଁ ପ୍ରେରଣା ଖୋରାକ ଯୋଗାଏ । ପୁନଶ୍ଚ.. ଅନ୍ୟ ପ୍ରକାରରେ " I may die! But the poet in me will not." ଏହା ହିଁ ପ୍ରେରଣା ମୋ ପାଇଁ, ଆଗାମୀ ସହସ୍ର ବର୍ଷ ପାଇଁ ।

ISSN NO.
2582-208X

ପ୍ରଶ୍ନ- ନିକଟରେ ପ୍ରକାଶିତ, ଆପଣଙ୍କ ଦ୍ୱାରା ସମ୍ପାଦିତ ଅନ୍ତର୍ଜାତୀୟ ବହୁଭାଷୀ କବିତା ସଙ୍କଳନ 'କାଳିଜହ୍ନ'କୁ ଆପଣ ବହୁଭାଷିକ କରିବାର ଆଗ୍ରହ ରଖନ୍ତି । ଏପରି ଆଭିମୁଖ୍ୟର ପ୍ରକୃତ କାରଣ କଣ ?

ପ୍ରାଧ୍ୟାପକ ଆଲୋକ- ମୋ ଦ୍ୱାରା ସମ୍ପାଦିତ ଏକ ବହୁଭାଷୀ ଅନ୍ତର୍ଜାତୀୟ କବିତା ସଙ୍କଳନ 'କାଳିଜହ୍ନ' ନିକଟରେ ପ୍ରକାଶିତ ହେଇଛି। ଏଥିରେ ଓଡିଆ ଭାଷାରୁ ହିନ୍ଦୀ, ଇଂରାଜୀ ଓ କୋଶଳୀ ଭାଷାରେ ମର୍ମାନୁବାଦିତ କିଛି କବିତା ସ୍ଥାନ ପାଇଛି । କରୋନା ମହାମାରୀର ଉତ୍କଟ ଅବସ୍ଥା ଜନିତ ସନ୍ଧିକ୍ଷଣରେ, ମୋ ଦ୍ୱାରା ସମ୍ପାଦିତ ଏକ ଦ୍ୱିଭାଷୀ ଅନ୍ତର୍ଜାତୀୟ କବିତା ସଙ୍କଳନ "Trouvaille" ପ୍ରକାଶିତ ହୋଇ, ପାଠକୀୟ ଆଦର ଲାଭ କରିଥିଲା । ଏଥିରେ ସ୍ଥାନ ପାଇଥିବା ଦେଶ ବିଦେଶର ପ୍ରତିଭାଦୀପ୍ତ ପନ୍ଦର ଜଣ କବିଙ୍କର ଇଂରାଜୀ କବିତା ଗୁଡିକରୁ କିଛି କବିତା ମୁଁ ଓଡ଼ିଆରେ ମର୍ମାନୁବାଦ କରିଥିଲି । ଆଧୁନିକ ସମୟରେ ଅନୁବାଦ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପାରସ୍ପରିକ ସଦ୍ଭାବ ବୃଦ୍ଧି, ପ୍ରତିଭାଦୀପ୍ତ କବିମାନଙ୍କର ଲେଖାଗୁଡିକୁ ଲୋକଲୋଚନରେ ତୋଳି ଧରିବା ସହ, ଭାଷା ଓ ସାହିତ୍ୟ ସମ୍ପର୍କିତ ସହନଶୀଳତା ଏହାଦ୍ୱାରା ବିକଶିତ ହେବ ବୋଲି ମୋର ବିଶ୍ୱାସ ।

ପ୍ରଶ୍ନ- ଆମ ପାଠକପାଠିକାମାନଙ୍କ ଅବବୋଧ ନିମନ୍ତେ ଆପଣ ଯାହା ଯାହା କହିଲେ, ତାହା ସମସ୍ତ ଅଭିଜ୍ଞ ସାହିତ୍ୟିକଙ୍କର ଅନୁଭବଜାତ ପ୍ରେରଣାତ୍ମକ ସ୍ୱର । ହୃଦୟପୂର୍ଣ୍ଣ ଧନ୍ୟବାଦ ଆପଣଙ୍କୁ ।

ପ୍ରାଧ୍ୟାପକ ଆଲୋକ- ନମସ୍କାର, ଆଜ୍ଞା ।

ଠିକଣା: ସା: ରାମଚନ୍ଦ୍ରପୁର ପୋ: ଗୁଲନଗର
ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା
ପିନ୍ କୋଡ: ୭୫୪୨୧୧
ମୋ: ୯୪୩୭୦୬୮୦୦୩

ISSN NO.
2582-208X

# ଆଶା



ନିରୁପମା ପଟେଲ

ନୂଆଁ ଦିଗନ୍ତର ପରିଭାଷା ଟିଏ
ଯାଏନି କଉଠି ଅଟକି
ମନୋବଳ ସାଥେ ଦମ୍ଭ ଯଦି ଅଛି
ହସି ଉଠେ ମୁଁ ମୁରୁକି ।

କେବେ ସିଥିଲତା କେବେ ଯେ ଟାଣୁଆଁ, ପଥ ହୁଏ ଭାରାକ୍ରାନ୍ତ
ନବ ଉନ୍ମାଦନା ସାଥିରେ ମୋ ନେଇ
ମନେ ମନେ ହୁଏ ଶାନ୍ତ
ମୁଁ ମନେ ମନେ ହୁଏ ଶାନ୍ତ ।

ନବ ଜୀବନର ନବ ଜୀବିକା ମୁଁ
ଅବିରତ ଚାଲେ ଆଗେଇ
କର୍ମ ଶ୍ରମ ବଳେ ପ୍ରସ୍ଫୁଟିତ ହୁଏ
ଯାଇନି କଉଠି ମିଳେଇ
ମୁଁ ଯାଇନି କଉଠି ମିଳେଇ ।

ଅଦୃଶ୍ୟ ସପନ ଅଦୃଶ୍ୟ ମୋ ମନ
ହସି ହସାଏ ମୁଁ ଅନ୍ୟକୁ

ISSN NO.
2582-208X

ତିମିର ସାମ୍ରାଜ୍ୟେ ଦୀପଶିଖା ସମ
ଜିତି ଯାଏ ସବୁ ବାଜି ।

ଅଟେ ମୁଁ ଯେ ଆଶା ପ୍ରାଣରେ ସଞ୍ଚାରେ, ଶୁଷ୍କ ହୁଏ ପଲ୍ଲବିତ
ଓମକାର ନାଦ ଯେ ବ୍ରହ୍ମ ରୁ ମୁଁ ଆଣେ
ମନ ହୁଏ ପ୍ରଫୁଲ୍ଲିତ ।

ମଉଳିନି କେବେ ମଉଳିବି ନାହିଁ
ସଦା କାଳ ରହିଥିବି
ପ୍ରତିଟି ହୃଦୟେ ପ୍ରେରଣା ମୁଁ ସାଜି
ଚିରନ୍ତନ ରହିଥିବି ସଦା,
ଚିରନ୍ତନ ରହିଥିବି ।

ଆଶା ଅସୁମାରି ଯାଏନା ମୁଁ ସରି
ଚନ୍ଦନ ସମ ମୁଁ ବାସୁଛି
ସଭିଙ୍କ ଅଙ୍ଗରେ ଲେପନ ସାଜି ମୁଁ
ଆଗକୁ ଆଗକୁ ଚାଲିଛି ସଦା,
ଆଗକୁ ଆଗକୁ ଚାଲିଛି...।

ବଲାଙ୍ଗିର

ISSN NO.
2582-208X

# ଶୀତ



ଡ. ସଦା ବିହାରୀ ସାହୁ

ଥଣ୍ଡା, କାକର, କୁହୁଡି କୁ ନେଇ ମୁଁ ଆସିଛି ଶୀତ
ଗାଇ ବାକୁ ଏକ ସୁନ୍ଦର ଗୀତ
ଯେଉଁଠି ଥିବ ଆମୋଦ, ପ୍ରମୋଦ ଓ ସଙ୍ଗୀତ

ଧରା ପୃଷ୍ଠ ଆଜି କୁହୁଡିର ଶୁଭ୍ର ଚାଦରରେ ଆଚ୍ଛାଦିତ
କାକର  ବିନ୍ଦୁରେ ଚମକୁଛି ଗଛ, ଡାଳ ପତ୍ର
ଧାନ କିଆରୀରେ ଖେଳି ଚାଲେ ଲହରୀର ମଧୁର ସଙ୍ଗୀତ
ଶରୀର ଖୋଜେ କିଛି ଉଷ୍ମତା ରେଶମ ଯୁକ୍ତ
ମନ ଖୋଜେ କିଛି ଗରମ ଖାଦ୍ୟ ଅବା ପାନୀୟଯୁକ୍ତ
ମୁଁ ଆସିଛି ଶୀତ ଗାଇବାକୁ ଏକ ସୁନ୍ଦର ଗୀତ

ପର୍ବ ପର୍ବାଣୀ କରି ଦିଏ ଆହୁରି ଆନନ୍ଦିତ
ହେଉ ପ୍ରଥମାଷ୍ଟମୀ, ବୋଇତ ବନ୍ଦାଣ,  ମକର ସଙ୍କ୍ରାନ୍ତି ଅବା ମା ସରସ୍ୱତୀ ପୂଜିତ
ସଭିଙ୍କ ମନ ଥାଏ ଖୁସିରେ ପୁଲକିତ
ଗାଇ ଏକ ସୁମଧୁର ସଙ୍ଗୀତ ମୁଁ ଆସିଛି ଶୀତ

ଗେଣ୍ଡୁ ଫୁଲ ଗୋଭେ ଖୋସିକୁଆଁରୀ  ସୁଶୋଭିତ
ଗାଇ ଚାଲେ ସୁମଧୁର ଗୀତ
ଦେଖ ଆସିଗଲା ଶୀତ

ISSN NO.
2582-208X

ଖରା, ବର୍ଷା, ଶୀତ- ଏକ ଜୀବନ ସୋପାନ
କରି ତାକୁ  ଆଲିଙ୍ଗନ
ବଢି ଚାଲୁ ଏ ଜୀବନ
ଦେଇ ଆମ ଶ୍ରମ, ସେବା ଓ ଭଲ ପାଇବା କୁ ଦାନ

ସହାୟକ ମହା ପ୍ରବନ୍ଧକ,
ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବଇ

ISSN NO.
2582-208X

# ଅଖିଳ ମୋହନ ପଟ୍ଟନାୟକ ଯେ...



ଅଧାପକ କୁମାର ଦାସ

ଅଖିଳ ମୋହନ ପଟ୍ଟନାୟକ ଯେ
କାଳଜୟୀ କଥାକାର -
କେନ୍ଦ୍ରର ସାହିତ୍ୟ ଏକାଡେମୀ ତାଙ୍କୁ
ଦେଇଥିଲା ପୁରସ୍କାର,
ତାଙ୍କ "ଅନ୍ଧଗଳି"ଭଳି ଗଳପ ଯେ
ଅମୂଲ୍ୟ ସାହିତ୍ୟ ରତ୍ନ -
ଓକିଲାତି ସହ ଭାଷା ସାହିତ୍ୟର
ନେଇ ପାରିଥିଲେ ଯତ୍ନ,
ପ୍ରଧାନ ଶିକ୍ଷକ ବାଙ୍କବିହାରୀଙ୍କ
ଔରସରୁ ହୋଇ ଜାତ -
ସ୍ୱସାଧନା ବଳେ ସାହିତ୍ୟ ଜଗତେ
ହୋଇ ପାରିଥିଲେ ଖ୍ୟାତ,
ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ସେତ
ହୋଇଥିଲେ ପ୍ରଭାବିତ -
ଛାତ୍ର ଜୀବନରୁ ଦୁଃଖୀରଙ୍କିଙ୍କର
ସାଜିଥିଲେ ପ୍ରିୟ ମିତ,
ତାଙ୍କ କାହାଣୀରେ ସ୍ଥାନ ପାଇଥିଲା
ସହରୀ ଜୀବନ କଥା -
ଅନ୍ୟାୟ ଅନୀତି ପାଶେ କେବେହେଲେ
ନୂଆଁଉ ନଥିଲେ ମଥା,

ISSN NO.
2582-208X

ଖଇରୀ ବାଘୁଣୀ ସାଜିଥିଲା ରାଣୀ
ପାଇ ତାଙ୍କ ଶବ୍ଦ ଛୁଆଁ -
ଇଚ୍ଛାଥିଲା ତାଙ୍କ କରିବାକୁ ସଦା
ଅଭିନୟ ନୂଆ ନୂଆ,
"ଜନତା ରଙ୍ଗମଞ୍ଚ"କୁ ସିଏ
ପୁନରଉଦ୍ଧାର ପାଇଁ -
ନିଷ୍ଠାର ସହ କରିଥିଲେ ଚେଷ୍ଟା
ହୋଇଥିଲେ ହାଇଁପାଇଁ,
ଉଣେଇଶି ଶହ ଶତାଇସିର ଯେ
ଡ଼ିସେମ୍ବର ଅଠରରେ -
କରଣ କୁଳରେ ଜନମିଥିଲେ ସେ
ଏଇ ଧରଣୀର ପରେ,
ଉଣେଇଶି ଶହ ବଇଆଅଶୀର
ଅଣତ୍ରିଶ ନଭେମ୍ବରେ -
ଆତ୍ମାଟି ତାଙ୍କର ଶରୀରକୁ ଛାଡ଼ି
ଯାଇଥିଲା ନିଜଘରେ,
"ଅଖିଳ ଉତ୍ସବ" ପାଳିତ ହୁଅଇ
ତାଙ୍କ ଶୁଭ ଜନ୍ମଦିନେ -
କଥା ସାହିତ୍ୟର କଥା ରହେ ଅଧା
ଅଖିଳ ମୋହନ ବିନେ,
ତାଙ୍କ ଶ୍ରାଦ୍ଧଦିନେ ପରମପିତାଙ୍କୁ
ଏତିକି ବିନତି କରେ -
ଆଉଥରେ ଶ୍ରେଷ୍ଠ ସ୍ରଷ୍ଟା ରୂପ ଧରି
ଜନମନ୍ତୁ ଧରା ପରେ।

କଣ୍ଟାବଣିଆ, ଛତ୍ରପଡ଼ା,ପ୍ରୀତିପୁର,
ଯାଜପୁର, ଓଡ଼ିଶା, ପିନ୍ - ୭୫୫୦୧୩
ମୋ - ୮୫୯୪୮୮୫୮୯୮

ISSN NO.
2582-208X

# ଅନ୍ୱେଷଣ


ଡକ୍ଟର ମଧୁସ୍ମିତା ମିଶ୍ର

ମୂଳ ରଚନା : ଉଲ୍ଲାସ ଚଟୋପାଧ୍ୟାୟ
ଅନୁସୃଜନ- ଡକ୍ଟର ମଧୁସ୍ମିତା ମିଶ୍ର

ମୁଁ ପ୍ରତିଦିନ ଦେଖୁଛି, ଆପଣ ସବୁ ଦିନ ଏହି ଟ୍ରେନ ରେ ଯାଆନ୍ତୁ ? କୋଉ ସ୍କୁଲ ରେ ଗୃକରି କରୁଛନ୍ତୁ ବୋଧହୁଏ ?

ସାମ୍ନାରେ ବସିଥିବା ଭଦ୍ରବ୍ୟକ୍ତଙ୍କ କଥା  କାନ ରେ ପଶୁଥିଲେ ବି ସେ ଗୁଡାକ ତାକୁ ଉଦ୍ଦେଶ୍ୟ କରି କୁହାଯାଉଥିଲା ବୋଲି ସୁବର୍ଣ୍ଣାବୁଝି ପାରୁ ନ ଥିଲା ।

ପ୍ରତିଦିନ ସେ ସକାଳ ୮.୨୦ ରେ ସିୟାଲଦା ଷ୍ଟେସନ ରୁ ବନଗାଁଗାମୀ ଲୋକାଲ ଟ୍ରେନ ରେ ଚଢି ମସଲନ୍ଦପୂର ଷ୍ଟେସନ ରେ ଓହ୍ଲାଇ ରାମଚନ୍ଦ୍ରପୁର ବାଳକା ବିଦ୍ୟାଳୟ କୁ ରିକସା ରେ ଯାଏ । ପୁଣି ଥରେ ସନ୍ଧ୍ୟା ୫.୦୫ ଟ୍ରେନ ରେ ଫେରେ । କାହାରି ସଙ୍ଗେ କିଛି କଥା ବାର୍ତ୍ତା ନାହିଁ।

ସୁବର୍ଣ୍ଣା ଏମିତି ରେ ଚୁପଗୃପ ସ୍ୱଭାବର । ତା ଛଡା ରାସ୍ତା ରେ କଥା ହେବା ର  ସାହସ କିଛି ହେଲେ ତାର ନଥିଲା। ତେଣୁ ତାକୁ ଯେ କଥା ଗୁଡାକ କୁହାଯାଉଥିଲା ତାହା ସେ ବୁଝି ପାରୁ ନ ଥିଲା । ତେବେ ବି ସାମ୍ନାକୁ ଦେଖିଲା ପରେ ଭଦ୍ରଲୋକ ମୃଦୁ ହସି କହିଲେ, ଦେଖନ୍ତୁ ଆପଣ ଙ୍କୁ ହିଁ କହୁଛି "ସୁବର୍ଣ୍ଣା ପ୍ରଥମେ ଭାବିଲା, କିଛି ଉତ୍ତର ଦେବନି । ତାପରେ

ISSN NO.
2582-208X

ଥରେ ଭଦ୍ରଲୋକଙ୍କ ଆଡକୁ ଗ୍ଚହିଁଲା । ମନେ ହେଲା ଲୋକଟା ଏତେ ଖରାପ ନୁହେଁ । ପ୍ରାୟ ପଚ୍ଚଶ ବର୍ଷ ପାଖାପାଖି ବୟସ ହେବ, ମୁହଁ ରେ ହସ ହସ ଭାବ, ଅତି ଖୋଲା ନୁହେଁ କି ଅତି ଗମ୍ଭୀର ବି ନୁହେଁ, ଅତି ଆକର୍ଷଣୀୟ ମୁହଁ ଟିଏ । ସେ ଯାହା ହେଉ ନା କାହିଁକି ଏପରି ଭାବରେ ତ ମଣିଷ କୁ ଚହ୍ନି ହେବନି । ପରମୁହୂର୍ତ୍ତରେ ସୁବର୍ଣ୍ଣା ଭାବିଲା, ଏହି ଲୋକଟି କୁ ଚହ୍ନିବାର ପ୍ରୟୋଜନ ବା କଣ ? ତାର ଆପାତଦୃଶ୍ୟ ସ୍ୱଭାବ, ପ୍ରକୃତି ବର୍ତ୍ତମାନ ର ଚନ୍ତାଧାରାକୁ ଦୃଢିଭୂତ କରିଦେଲା । ସେ ଝରକା ଦିଗକୁ ମୁହଁ କରି ବସିଲା ।

'ବୁଝିଲି। ଆପଣ କଥା ହେବେନି ତ, ଠିକ ଅଛି ମୁଁ ଯାହା ଭାବିଛି ସେଇଟା ସତ ବୋଲି ଧରି ନେଇ ନିଜ କୁ ନିଜେ ଉତ୍ତର ଦେଉଛି 'ଆଚ୍ଛା ନଛୋଡ ବନ୍ଧା ଭଦ୍ରଲୋକ ତ । ଅନ୍ୟ ଦିନ ପରି ଆଜି ଟ୍ରେନ ରେ ଭିଡ କମ୍ ଅଛି ତେଣୁ ଏତେ କଥା ହେବାକୁ ଭଦ୍ରଲୋକଙ୍କୁ ସୁବିଧା ହେଉଛି ।

'କଥା କଣ କି ପ୍ରାୟ ପ୍ରତିଦିନ ଆପଣଙ୍କୁ ଦେଖେ ତ, ସବୁ ଦିନ ଦେଖି ଦେଖି ସତେ ଯେମିତି ଆପଣ ବହୁତ ପରିଚତ ମନେ ହୁଅନ୍ତି"

"ଏଥର ସୁବର୍ଣ୍ଣା ରାଗିଯାଇ ଗାରେଡେଇ କି ଗ୍ଚହିଁଲା ।"

"ଆପଣ କଣ ସବୁଦିନ ମୋତେ ଦେଖିବେ ବୋଲି ଏହି ଟ୍ରେନ ରେ ଉଠନ୍ତି"

ଆରେ ନା ନା, ଆପଣ କେମିତିକା କଥା କହୁଛନ୍ତି ? ମୁଁ ସାମାନ୍ୟ ଏକ ସରକାରୀ ଗ୍ଚକର, ପାଖ ବଗି ରେ ବସେ । ଆପଣ ଯେଉଁଠାରେ ବସିଛନ୍ତି ସେଠି ରୋଜ ବସେ ଆଉ ମୁଁ କୋଣାକୋଣି ସିଟ ରେ ବସେ ଆଉ ଦେଖେ ଆପଣ ସେଇ ଯୋଉସି ଆଲଦା ଷ୍ଟେସନ ରେ ଉଠନ୍ତି ଆଉ ବସନ୍ତି ଆଉ ଝରକା ଦିଗ କୁ ଗ୍ଚହିଁ ଗ୍ଚହିଁ ମସଲନ୍ଦପୁର ରେ ଓଲହାଇ ଯାଆନ୍ତି ଆଉ କୁଆଡକୁ ବି ଦେଖନ୍ତି ନି।

ତାହେଲେ ମୁଁ ବୁଝି ପାରିଲି – ଶେଷ କରିବାକୁ ନ ଦେଇ ଭଦ୍ରବ୍ୟକ୍ତି ପୁଣିଥରେ କହିବାକୁ ଆରମ୍ଭ କଲେ, ଅସଲ କଥା ହେଲା ମୋର ଗୋଟିଏ ଜିଦ୍ଦି-ଜିଦ୍ଦିଟା ନିଶା ରେ ପରିଣତ ହେଇ ଗଲା ଯେ କେବେ ଆପଣ ଝରକା ରୁ ନିଜ ଦୃଷ୍ଟି ହଟାଇ ଅନ୍ୟ ଦିଗ କୁ ଗ୍ଚହିଁବେ, ହେଲେ ମୁଁ ହାରିଗଲି ।

ISSN NO.
2582-208X

ସୁବର୍ଣ୍ଣା ଝରକା ଆଡୁ ମୁହଁ ନ ଫେର୍ଇ ପଗ୍ଵରିଲ୍, ମାନେ ?

ମାନେ ଆପଣ ଦେଖିବେ ନା ମୁଁ ଦେଖିବି ? ଏମିତି ଗ୍ଵଲିଥିଲ୍ କଛି ଦିନ। ହେଲେ ଆଜି ସିଆଲଦା ଆସି ଦେଖିଲି ମୋ ସିଟଟାଓ୍ଵବେଦଖଲ ହେଇ ସାରିଛି ହେଲେ ଆପଣ ପୂର୍ବ ପରି ନଜ ସିଟ ରେ ଆନନ୍ଦ ରେ ବସିଛନ୍ତୁ । ପୁଣିଥରେ ହାରିଗଲି, ଏହି ହାରିବା ଟା ହିଁ ମୋତେ ବେଶି ସାହସି କରିଦେଲ୍।

ସାମ୍ନାରେ ଠିଆ ହେଇଥିଲି। ଦମଦମ୍ ରେ ଜଣେ ଓହ୍ଲାଇଗଲ୍ ପରେ ଆପଣଙ୍କ ମୁହାଁ ମୁହିଁ ସିଟଟା ପାଇଗଲି । କନ୍ତୁ ଆପଣ ଙ୍କର କୌଣସି ବିକାର ହିଁନାହିଁ । ସାମ୍ନାରେ ବାଘ କ ଭଲୁ ଯିଏ ବି ବସୁ ଆପଣ ଙ୍କର ସେଥି ପ୍ରତି ଭୃକ୍ଷେପ ହିଁ ନାହିଁ ।"

"ବାଧ ହେଇ ତାଙ୍କୁ ଶେଷ କରିବାକୁ ନ ଦେଇ ସୁବର୍ଣ୍ଣା କହିବାକୁ ଆରମ୍ଭ କଲ୍ - କଥା କହିବାକୁ ଆରମ୍ଭ କଲି, ସକାଳେ ମୋତେ କଥା କହିବାକୁ ଭଲ ଲ୍ଗେନ, ପ୍ଲିଜ ଚୁପ କରନ୍ତୁ, ତା ନ ହେଲେ ମୁଁ ପଛ ସିଟ ଆଡକୁ ଉଠି ଗ୍ଵଲିଯିବି ।"

"ନା ନା । ଦୟାକରି, ଦୟାକରି ଏ ସବୁ କରିବେନ ମୁଁ ଚୁପ ହେଇ ଯାଉଛି । ଭଦ୍ରଲୋକ ବିବ୍ରତ ହେଇ କୁଣ୍ଠିତ ସ୍ଵର ରେ କହିଲେ।"

କଛି ସମୟ ପରେ ସୁବର୍ଣ୍ଣା ଦେଖିଲ୍, ଲୋକଟା ଗୋଟିଏ ବ୍ୟାଗ ରୁ ବହିଟିଏ ବାହାର କରି ପଢ଼ିବାକୁ ଲ୍ଗିଲ୍ । ଅର୍ନେଷ୍ଟ ହେମିଙ୍ଗଓଏଙ୍କର ଉପନ୍ୟାସ, "Farewell to Arms ।" ସୁବର୍ଣ୍ଣା ଭ୍ବିହେଲ୍ ସେ କାହିଁକି ନଜେ ମଝିରେ ମଝିରେ ଏତେ ଅଭଦ୍ର ହେଇଯାଏ ନଜେ ବି ବୁଝି ପାରେନ । ପର ମୂହୁର୍ତ୍ତ ରେ ଭ୍ବିଲ୍, ଏମିତି ନ କଲେ ସେ ନଜେ ନଜ କୁ କେମିତି ବଞ୍ଚାଇବ ? ମସଲନ୍ଦପୂର୍ ରେ ଓହ୍ଲାଇବା ପର୍ଯ୍ୟନ୍ତ ଲୋକଟି ବହି ରୁ ମୁହଁ ଉଠାଇଲ୍ନ ।

ସ୍କୁଲ ରେ ପହଞ୍ଚି ଶୁଣିଲ୍ ଯେ ଆଜି ପରିଗ୍ଵଳନା କମିଟି ର ମିଟିଂ ଅଛି । ପ୍ରଧାନ ଶିକ୍ଷୟତ୍ରୀ ନାହାନ୍ତୁ ତେଣୁ ବାଧ ହେଇ ତାକୁ ଇନଗ୍ଵର୍ଜ ଭ୍ବରେ ରହିବାକୁ ହେବ। ସୁବର୍ଣ୍ଣା ଭ୍ବିଲ୍ ତାହେଲେ ଆଜି ଫେରିବାକୁ ଡେରି ହେଇଯିବ। ସନ୍ଧ୍ୟା ୫-୦୫ ଟ୍ରେନ ଟା ଛାଡିବାକୁ ହେବ ବହୁତ ଗ୍ତି ହେଇଯିବ। ସିୟାଲଦା ରେ ଓହ୍ଲାଇ ବସ ଧରି ଆନନ୍ଦପାଳତ ରୋଡ଼ ରେ ଯିବାକୁ ହେବ । କାମବାଲି ଝିଅ ଟା ମଧ ଦୁଇ ଦିନ ହେଲ୍ ଛୁଟିରେ, ଗାଁ କୁ ଯାଇଛି ।

ISSN NO.
2582-208X

ଗ୍ରେଷାଇ ବି ତାକୁ ହିଁ କରିବାକୁ ହେବ।  ଯାହା ବି ରାନ୍ଧି କରି ଯାଇଥିଲା ତାକୁ ନେଇ ଦୁଇ ଦିନ ଚଳି ଗଲା। ଦୁଇ ଚାରିଜଣ  ଶିକ୍ଷକ ଆସିକି ଚାଲିଗଲେ, ତାରି  ଉପରେ ଆଜି ମିଟିଂ ରେ ଗରମାଗରମ୍ ଆଲୋଚନା ହେବ । ପରୀକ୍ଷାରେ ଯେଉଁ ଛାତ୍ରମାନେ ପାସ କରିପାରି ନାହାନ୍ତି ସେମାନଙ୍କ ବାପା-ମା ମାନେ ଅଭିଯୋଗ ଆଣିଛନ୍ତି ଯେ ପରୀକ୍ଷା ମୂଲ୍ୟାୟନ ରେ ବୈଷମ୍ୟ ଦେଖାଦେଇଛି ।  ଅନେକ ଫେଲ-ହେବା  ଛାତ୍ରୀଙ୍କୁ  ଅନୁମତି ଦିଆ ଯାଇଥିବା ବେଳେ ଅନେକଙ୍କୁ ଦିଆ ଯାଇନାହିଁ । କୌଣସି ନୀତି ନିୟମ ଅବଲମ୍ବନ କରାଯାଇନାହିଁ । ସବୁ ଗୁଡାକ ଯେ ମିଥ୍ୟା ଅଭିଯୋଗ ବୋଲି ସୁବର୍ଣ୍ଣା ଜାଣିଥିଲା । ଦୁଇଟା ଝିଅ ଖୁବ ସାମାନ୍ୟ ନମ୍ବର ତାଫାତ୍ ରେ ଫେଲ ହେଇଥିଲେ ଆଉ ଅସୁସ୍ଥ ଅବସ୍ଥାରେ ପରୀକ୍ଷା ଦେଇଥିଲେ ଏବଂ ଆଗାମୀ ପରୀକ୍ଷା ରେ ଭଲ ଫଳାଫଳ କଥା ମନେ ରଖି ଅନୁମତି ଦିଆ ହେଇଛି। ମ୍ୟାନେଜମେଣ୍ଟ କମିଟି ସହ ଆଲୋଚନା କରାଯାଇ ଏହି ସବୁ ନିଷ୍ପତ୍ତି ନିଆଯାଇଥିଲା । ସେକ୍ରେଟେରୀ ସବୁ ଜାଣିଛନ୍ତି, ଅବଶ୍ୟ ସେକ୍ରେଟେରୀ ମାଧ୍ୟମିକ ପରୀକ୍ଷା ଫେଲ ହେଇଥିବା ଜଣେ ଉଗ୍ରପନ୍ଥୀ ନେତା। କଥାରେ ଯେମିତି ଛୁରୀ ଗଳି ଗଲା ପରି ଲାଗେ ସେମିତି ବି ତାଙ୍କ ବ୍ୟବହାର। କ୍ଲାସ କୁ ଯାଉ ଯାଉ ସୁବର୍ଣ୍ଣା ମନେ ମନେ ଭାବୁଥିଲା, 'ଯାହା ହେବାର ଥିବ ହେବ, ଏବେଠାରୁ ଭାବିକି ଲାଭ ନାହିଁ । ସନ୍ଧ୍ୟା ବେଳକୁ ଗରମାଗରମ  ମିଟିଂ ଗ୍ଭଲିଲା, ଅସଭ୍ୟତା ର ସୀମା ଟପି ଗଲାଣି, ବ୍ୟସ୍ତ ଲାଗିଲାଣି । ହେଡମିଷ୍ଟ୍ରେସ ଛୁଟିରେ ଥିବାରୁ ସୁବର୍ଣ୍ଣା ଏସବୁ ର  ସମ୍ମୁଖୀନ କରିବାକୁ ପଡୁଛି, ସେକ୍ରେଟେରୀ ପୁଣ୍  ଗର୍ଜନ ତର୍ଜନ କରି ଗ୍ଭଲିଛନ୍ତୁ । ନବେ ଡିଗ୍ରୀ ବୁଲିଯାଇ ସେ ସମସ୍ତ ଭୁଲ ପାଇଁ ଶିକ୍ଷକମାନଙ୍କୁ ଦାୟୀ କଲେ ଆଉ ସମସ୍ତ ଫେଲ ହୋଇଥିବା ଛାତ୍ରୀମାନଙ୍କୁ ଗ୍ରେସ ମାର୍କ ଦେଇ ପାସ କରେଇବାକୁ କହିଲେ। ଅବଶ୍ୟ ଏହା ସହିତ କହିଲେ ଯେ ଏମିତି କରାଯିବା  ଦରକାର ଯେମିତି କୌଣସି ଗଣ୍ଡଗୋଳ ନ ହୁଏ । ଅନ୍ୟାନ୍ୟ ସ୍କୁଲ ରେ ହେଲା ପରି କୌଣସି କ୍ଷୋଭ ବା ବିକ୍ଷୋଭ  ହେବନ ସେଥିପାଇଁ ଧ୍ୟାନ ଦେବା ଆବଶ୍ୟକ। ସୁବର୍ଣ୍ଣା ର ଏକୁଟିଆ ନଷ୍ପତ୍ତି ନେବା ର ଦାୟିତ୍ୱ ନୁହେଁ, ବରଂ ଆଗାମୀ ସପ୍ତାହ ରେ ହେଡମିଷ୍ଟ୍ରେସ ଫେରିଲେ ଯାହା ଚୂଡ଼ାନ୍ତ  ନଷ୍ପତ୍ତି ନେବେ । ମିଟିଂ ଶେଷ ହେଉ ହେଉ ପ୍ରାୟ ସନ୍ଧ୍ୟା ଛଅ ଟା ଉପରେ  ହେଇ ଯାଇଥିଲା ।

ସୁବର୍ଣ୍ଣା ଷ୍ଟେସନ ଆସି ଦେଖିଲା ଟ୍ରେନ ଲାଇନ ରେ ଗଣ୍ଡଗୋଳ ହେତୁ ସବୁ ଷ୍ଟେସନ ରେ ବିକ୍ଷୋଭ ଗ୍ଭଲିଥିବାର ସୁବର୍ଣ୍ଣା ଦେଖିଲା ଆପାତତଃ ବନଗାଁ ଲୋକାଲ କେତେବେଳେ ଯେ ଆସିବ ତାର ଠିକଣା ନାହିଁ । ଅବଶ୍ୟ ତାର ବେଶି  କଛି ଭାବିବାର ନାହିଁ। ବେଶି ଡେରି

ISSN NO.
2582-208X

ହେଲେ ସେ ଜଣେ ଶିକ୍ଷୟିତ୍ରୀ ମିତାଲି ପାଖରେ ବେଳେ ବେଳେ ରହିଯାଏ । କାକଦ୍ୱୀପ ପାଖରେ ତା ଘର, ଏଠି ସେ ଭଡା ଘର ନେଇ ରହୁଛି । ଆଜିକ ଦୁଇ ଦିନ ହେଲା କାମବାଲୀ ଝିଅଟି ନାହିଁ । ଫ୍ରିଜ ରେ ଯାହା ଖାଦ୍ୟ ଥିଲା ଦୁଇଦିନ ଚଳଗଲା । ଏବେ ଫେରି ଯାଇ କଛି ଗୋଟାଏ ତିଆରି କରିଦେଲେ ହେବ। ସେ ଯାହା ହେଉ ନା କାହିଁକ ବେଶୀ ସମୟ ଅପେକ୍ଷା କରିବାକୁ ପଡିଲାନ । ଠିକ୍ ସାଢେ ସାତ ଟା ବେଳ କୁ ବନଗାଁରୁ ଟ୍ରେନ ଆସିଗଲା, ପୁରା ଖାଲି ଟ୍ରେନ । ନଜ ପସନ୍ଦ ମୁତାବକ ସିଟ ରେ ବସି ସୁବର୍ଣ୍ଣା ଦେଖିଲା ଛାଡି ଛାଡି ଅଳ୍ପ କଛି ଲୋକ ବସିଥିଲେ, ମସଲନ୍ଦପୁର ରୁ କେତେଜଣ ଉଠିଲେଣି । ନଜ ଅଜାଣତରେ ସିଧା କୋଣିଆ କୋଣି ସାମନା ବଗିକୁ ଆଖି ଚାଲିଗଲା । ସିଟ ରେ ଜଣେ ଭଦ୍ର ମହିଳା ବସିଥିଲେ। ଆଶ୍ଚର୍ଯ୍ୟ ହେଇ କାହିଁକ ସୁବର୍ଣ୍ଣା ସେଆଡେ ଚାହୁଁଥିଲା ବୋଲି ଭାବିଲା । ଅନ୍ୟ ଦିନରେ ତ ଏମିତି ହୁଏନ । ଯାହାହେଲେ ବି ଯେହେତୁ ରାତି ହେଇ ଯାଇଥିଲା ଆଉ ଟ୍ରେନ ଟା ବି ଫାଙ୍କା ତେଣୁ ସେ ଟିକଏ ଡରି ଡରି ଭୟରେ ଚାହୁଁଥିଲା । ଆଜିକାଲି ଯେଉଁ ସବୁ ଘଟଣା ଘଟୁଛି ସେ କଥା ଭାବି ସୁବର୍ଣ୍ଣା ଡରି ଯାଉଥିଲା। ପର ଷ୍ଟେସନ ରେ ଦୁଇ ତିନ ଜଣ ଟୋକା ତା ବଗିରେ ଉଠିଲେ। ଦୁଇଜଣ ତା ସାମ୍ନାରେ ବସିଥିଲା ବେଳେ ଜଣେ ତାର ପାଖରେ ବସି ଗପ କରିବା ଆରମ୍ଭ କଲା । ଯଥାରୀତି ନଜ ଅଭ୍ୟାସ ମୁତାବକ ସୁବର୍ଣ୍ଣା ଝରକା ଦେଇ ବାହାର ର ଦୃଶ୍ୟ ଦେଖିବାରେ ଲାଗିଲା। ଘୋର ଅନ୍ଧକାର । ଟ୍ରେନଟା କୋଉ ଘର, ଦୋକାନ, ବଜାର ପାଖଦେଇ ଗଲେ, ଆଲୁଅ ଦିଶୁଛି । ସୁବର୍ଣ୍ଣା ଟ୍ରେନ ରେ ବସିଥିବା ଯୁବକଗୁଡାଙ୍କୁ ଭୁଲି ଯାଇଥିଲା କହିଲେ ଚଳେ । ମନଧ୍ୟାନ ଦେଇ ବାହାରକୁ ଦେଖୁ ଦେଖୁ ରହି ରହି ସକାଳ କଥା ମନେ ପଡୁଥିଲା । ସ୍କୁଲ ର ମିଟିଂ ଫେଲ ହେଇଥିବା ଛାତ୍ରୀମାନଙ୍କର ପାସ କରାଇବାକୁ ଦିଆ ଯାଇଥିବା ବେଆଇନ ନର୍ଦ୍ଦେଶ ଆଦି ଛୋଟ ଛୋଟ ଘଟଣା ମନେ ପଡୁଥିଲା । ତାକୁ ନଶ୍ୱାସ ନେବା ର କଷ୍ଟ ବୋଧ ହେବାରୁ ସେ ସାମନାକୁ ଚାହିଁ ଦେଖିଲା, ଲକ୍ଷଭ୍ରଷ୍ଟ ମୁହଁ କରି ତିନଜଣ ଯାକ ସିଗାରେଟ ଟାଣି ଧୂଆଁ ଛାଡୁଛନ୍ତି । ଥରେ ମାତ୍ର ରାଗିକଦେଖି ଥମ୍ଥମ୍ ମୁହଁ ରେ ସୁବର୍ଣ୍ଣା ନଜ ବ୍ୟାଗ ଟି ହାତରେ ଧରି ଉଠି ପଡିଲା । ଆରେ ଆରେ କରି ସାମ୍ନାରେ ବସିଥିବା ଯୁବକ ଟି ପାଟି କରି ଉଠିଲା, ଉଠି ଯାଉଛନ୍ତି କାହିଁକ ? ଆମେମାନେ କଣ ମାଲ ଖାଉଛୁ ନା ଗଞ୍ଜେଇ କ ଡ୍ରଗଶ ଖାଉଛୁ ? ଆପଣ ଆମ ର ଅପମାନ କରୁଛନ୍ତି । ସୁବର୍ଣ୍ଣା ଉତ୍ତର ଦେବା ଉଚତ ମନେ କଲାନ କନ୍ତୁ ବୁଲି ପଡି ଦେଖିଲା ବେଳକୁ ତାର ଦୁଇ ପଟେ ଦୁଇଜଣ ପାଦ ଅଟକାଇ ରାସ୍ତା ରୋକ ଠିଆ ହେଇଛନ୍ତି । "ମୋର ନଶ୍ୱାସ ନେବାରେ ସମସ୍ୟା ଅଛି ଧୂଆଁ ରେ

ISSN NO.
2582-208X

ନିଃଶ୍ୱାସ ନେବାରେ କଷ୍ଟ ହେଉଛି ତେଣୁ ଅନ୍ୟ ଦିଗରେ ବସିବାକୁ ପଡିବ ।" ହଁ ସେ କଥା କହି ପାରନ୍ତୁ ହେଲେ ଏମିତି କଟମଟ କରି ଗ୍ୱହିଁ ଉଠିଯାଉଛନ୍ତୁ କାହିଁକି ? ଆପଣଙ୍କୁ ଦେଖିଲେ କୌଣସି ଅସୁସ୍ଥତା ଥିବା ପରି ତ ମନେ ହେଉନ । ବେଶ ଠିକ ଠାକ ଲ୍ଗୁଛନ୍ତୁ ତ' ।

ସୁବର୍ଣ୍ଣାର କାନ ଲ୍ଲ ହେଇଗଲ୍। ସେ ଏତିକି କେବଳ କହିଲ୍, ଦୟାକରି ଗ୍ସ୍ତା ଛାଡନ୍ତୁ । କନ୍ତୁ ସେମାନେ ଗ୍ସ୍ତା ଛାଡ଼ିଲେନ । ସେତିକିବେଳେ ଗୋଟିଏ ହକର ସେଇ ବାଟେ ଯାଉଥିଲ୍, ସେ ଅଟକ ଯାଇ କହିଲ୍, 'ହେ ଭ୍ଇମାନେ, ଏଙ୍କୁ କାହିଁକି ବିରକ୍ତ କରୁଛ, ସେ ଆମ ଗ୍ମଜୀବନପୁର ବାଳକା ସ୍କୁଲ ର ଦିଦି'।

ସାମ୍ନା ରେ ଥିବା ପିଲ୍ଟା ଠିଆ ହେଇ ପଡିଲ୍ । 'ଓଃ ସେ ତାହେଲେ ଆପଣଙ୍କ ବାଳକା ସ୍କୁଲ ର ଦିଦି । ସେଥିପାଇଁ ଏତେ ନଖର୍ । ଆମର ଇଚ୍ଛା ଆମେ ସିଗାରେଟ ଖାଇବୁ, ଆପଣଙ୍କୁ ବସି ରହିବାକୁ ହେବ, କୋଉଠିକି ଯାଇ ପାରିବେନ।'

କଛି ଭ୍ବିବା ପୂର୍ବରୁ ତା ହାତ ଟାସପାଟ କରି ଗ୍ଲିଗଲ୍ ଟୋକାଟାର ଗାଲ କୁ । ସୁବର୍ଣ୍ଣା ଠାଏ କରି ବଡ ଚଟକଣିଟିଏ ପକାଇଲ୍ । ତାପରେ ଗୋଡ ମୋଡି ସାମ୍ନାରେ ରଖାହେଇଥିବା ପାଦ ଦୁଇଟା ଚକଟି ଜଣେ ଭଦ୍ରମହିଳାଙ୍କ ପାଖରେ ଯାଇ ବସି ପଡିଲ୍ । ଭଦ୍ରମହିଳାଙ୍କୁ ଦେଖି ମନେ ହେଉଥିଲ୍ ସେ ବୋଧହୁଏ ଜଣେ ପରିବା ବିକାଳି ବା ସେଇ ପ୍ରକାର କୌଣସି ବ୍ୟବସାୟ ସହ ଜଡ଼ିତ । ଟୋକା ତିନୋଟି ସାମନାରୁ ଦଉଡି ଆସି କହିଲେ 'ଏହାର ଜବାବ ଆପଣ ନଷ୍ଟେ ପାଇବେ ଦିଦି'। ଚଳନ୍ତା ଟ୍ରେନ ରୁ ଓହ୍ଲାଇଯାଉ ଯାଉ ସ୍ତ୍ରୀ ଲ୍ଳକଟି କହିଲ୍, ଆଜିକାଲି ବସ ଟ୍ରେନ ରେ ସ୍ତ୍ରୀଲ୍ଳକମାନେ ଏକା ଏକା ଯାତ୍ରା କରିବା ଅସମ୍ଭବ ହେଇ ପଡିଛି।' ସୁବର୍ଣ୍ଣା ଆଉ କଥା ବଢେଇଲ୍ନ । ଏମିତିରେ ସେ କେବେ ନ କରିଥିବା କାମ ସେ କରିଛି। କପାଳ ର ଦୁଇ ପଟ ଦପଦପ କରୁଛି। ବ୍ଲଡ ପ୍ରେସର ତାର ସାମାନ୍ୟ ବେଶି, କନ୍ତୁ ଏମିତି କଛି ଅଧିକ ନୁହେଁ । ଉତ୍ତେଜନା ରୁ ହୁଏତ ଶରୀର ଟା ଖର୍ପ ଲ୍ଗୁଛି ବୋଧହୁଏ। ସିୟାଲଦା ଯେତେ ଯେତେ ପାଖକୁ ଆସୁଥିଲ୍, ଭିଡ ବଢିବାରେ ଲ୍ଗିଲ୍ ।

ସୁବର୍ଣ୍ଣା ବିଛଣା ପରିଷ୍କାର କରି ଶୋଇବାକୁ ଗଲ୍, କାଲି ପୁଣି ସ୍କୁଲ ଯିବାକୁ ପଡିବ । ଆଉ ସେଇ ଭ୍ୋର ରୁ ଉଠି ଗାଧୋଇ ପାଧୋଇ ଭ୍ତ ଗଣ୍ଡେ ଖାଇ ସକାଳ ୮. ୨୦ ର ବନ ଗାଁ

ISSN NO.
2582-208X

ଲେ଼କାଲ ଧରିବାକୁ ପଡିବ । ଅନ୍ୟ ଦିନ ରେ ବିଛଣା ରେ ପଡୁ ପଡୁ ନିଦ ଗ୍ଭଲି ଆସେ, ହେଲେ ଆଜି ଆଉ ନିଦ ଆସୁ ନ ଥିଲା ।

ଅଭିରୂପ ବହୁତ ସିଗାରେଟ ଖାଉଥିଲା । ଦିନ କୁ ଅନ୍ତତଃ ଗ୍ଭରି ପ୍ୟାକେଟ୍ । ପୁର ଦେହ, ମୁହଁ, ଚୁଟି ସବୁଥିରେ ତମାଖୁ ର ଗନ୍ଧ ବାହାରୁଥିଲା। ସୁବର୍ଣ୍ଣା ମୋଟ ଉପରେ ସେହି ଗନ୍ଧ ସହି ପାରୁ ନ ଥିଲା । ବାବା, କାକା କେହି ତ ସିଗାରେଟ ଖାଉ ନ ଥିଲେ । ସିଗାରେଟ କଣ ସେମାନେ କୌଣସି ନିଶା ମଧ ସେବନ କରୁ ନ ଥିଲେ । ପିଲାଦିନ ରୁ ତାର ସିଗାରେଟ ଗନ୍ଧ ପ୍ରତି ଆଲର୍ଜୀ । ଦିନେ ତାରି ବୟସର ମାଇଁ ଙ୍କ ପୁଅ ତାକୁ ଗେଲ କରିବାକୁ ଆସିଥିଲା । ସେତେବେଳେ ସେ ନବମ ଶ୍ରେଣୀ ରେ ପଢୁଥିଲା। ସେମାନଙ୍କ ଘର କୁ ସମସ୍ତେ ମିଶି ବୁଲିବାକୁ ଆସିଥିଲେ। ସନ୍ଧ୍ୟା ବେଳେ ଛାତରେ ଗପ ସପ କରି ତଳକୁ ଓହ୍ଲାଇଲାବେଳେ ଅମ୍ଳାନ ତାକୁ କୁଣ୍ଡାଇ ଧରି ଗେଲ କରିବାକୁ ଚେଷ୍ଟା କରିଥିଲା । ତାକୁ ଠେଲି ଦେବା ଆଗରୁ ତା ମୁହଁ ରୁ ସିଗାରେଟ ର ଗନ୍ଧ ବାରି ପାରିଥିଲା। ବୋଧହୁଏ ଟଏଲେଟ ଯାଇ ଖାଇକି ଆସିଥିଲା। ଘଟଣା ର ଆକସ୍ମିକତା ରେ ସେ ହତଚକିତ ହୋଇଯାଇଥିଲା । ତାହା ସହିତ ତମାଖୁ ର ଗନ୍ଧ ଏମିତି ମିଶିଗଲା ଯେ ତା ପର ଠାରୁ ତମାଖୁ ର ଗନ୍ଧ ରୁ ଆଲର୍ଜୀ ହେଇ ତାର ପୁରା ଶରୀର ଝିମଝିମ ହୁଏ। ଅଭିରୂପ କୁ ସେ ଅନେକ ଥର ମନା କରିଛି। କାକୁତି- ମିନତି କରିଛି । ଶେଯ କୁ ଆସିବନି ବୋଲି ଧମକ ଭୟ ଦେଖେଇ ମଧ କିଛି ହେଇନି । ଥରେ ଅଭିରୂପ ସଙ୍ଗେ ବିଛଣାରେ ଶୋଇଲା ପରେ ସେ ଯାଇ ବାନ୍ତି କରି ପକାଏ । ପ୍ରଥମେ ବାନ୍ତି ଗ୍ଭପି କି ରଖୁଥିଲା। କୌଣସି ପ୍ରକାରେ ପାଞ୍ଚ ସାତ ଥର ସହ୍ୟ କରିଛି। ଶାରୀରିକ ମିଳନ ତା ପାଇଁ କୋଉ ଦିନ ଆନନ୍ଦଦାୟକ ନ ଥିଲା। କେବଳ ମାତ୍ର ରୁଟିନ ମାଫିକ ଜୀବନାଚରଣ। ତମାଖୁ ର ଗନ୍ଧ ତାର ଶିରା ପ୍ରଶିରା ରେ ପ୍ରଭାବ ପକେଇଲା । ଯେଉଁ ଦିନ ବାନ୍ତି କରିଥିଲା, ସେଦିନ ଅଭିରୂପ ର ଅନ୍ୟ ରୂପ ଦେଖିଲା । ରାଗରେ କମ୍ପି କମ୍ପି ତାକୁ ଟାଣି ନେଇ ବିଛଣାରେ ପକାଇ ଦେଇ ଜୋର କରି ଅଶ୍ଳୀଳ ଭାଷାରେ କଥା କହି ଗାଳି ଦେଇ, ଯାହା କୋଉ ଦିନ ହେଇନି ସେମିତି ଜୋର ରେ ତା ଦେହ କୁ ଧସ୍ତାଧସ୍ତି କରି ପୈଶାଚିକ ନିର୍ଯ୍ୟାତନା ଦେଇଥିଲା। ଗାଧୁଆ ଘରେ ଯାଇ ଠିଆ ହେଇ ଥଣ୍ଡା ପାଣିରେ ସୁବର୍ଣ୍ଣା ମନ ଭରି ଗାଧୋଇଥିଲା । ତାପରେ ଦୀର୍ଘ ସାତ ଦିନ ଧରି ଜର ଆଉ ନିମୋନିଆ ରେ ପୀଡ଼ିତ ସୁବର୍ଣ୍ଣା କୁ ତାର ବାବା ଆସି ତାଙ୍କ ଘର କୁ ନେଇ ଯାଇଥିଲେ।

ISSN NO.
2582-208X

ସୁବର୍ଣ୍ଣା ଆଉ ଅଭିରୂପ ପାଖକୁ ଫେରି ନ ଥିଲା । ବର୍ଷେ, ଦୁଇ ବର୍ଷ କାଳ ଆଇନଗତ ଲଢ଼ାଇ ଚାଲିବା ପରେ ସେ ମାନ ନେଲା ଯେ ସେ ମାନସିକ ବିକାରଗ୍ରସ୍ତ । ତାପରେ ଜଣକ ପରେ ଜଣେ ହେଇ ବାବା ମା ଚାଲିଗଲେ । ଏହି ଡାଇଭର୍ସ ଘଟଣା ଟା ସୁବର୍ଣ୍ଣା ମାନ ନେଲେ ବି ବାବା ଯେମିତି ମାନ ପାରୁ ନ ଥିଲେ। ଝିଅ ର ସମ୍ବନ୍ଧ ସେ ନିଜେ, ଆଣିଥିଲେ ବୋଲି ହୁଏତ ଅପରାଧବୋଧରେ କୁଣ୍ଠିତ ଓ ଅସୁସ୍ଥ ହୋଇ ଯାଇଥିଲେ। ଗୋଟିଏ ଆପାତ -ତୁଚ୍ଛ ଘଟଣା ରେ ଜୀବନ ଏହିପରି ଜଟିଳ ହେଇଯାଏ ବୋଲି ସୁବର୍ଣ୍ଣା ବୁଝି ପାରି ନ ଥିଲା। ଅସଲ ରେ ସିଗାରେଟ ର ଗନ୍ଧ ଟାବଡ କଥା ନୁହେଁ । ତାର ଅନୁରୋଧ, ଆଦର, କାକୁତି- ମିନତି ସବୁକିଛି ଯେତେବେଳେ ପ୍ରତ୍ୟାଖ୍ୟାତ ହେଲା, ସେତେବେଳେ ମରିବା ପାଇଁ ଚେଷ୍ଟା କରି ନିଜର ଆତ୍ମସମ୍ମାନ କୁ ଅତୁଟ ରଖିବା ଉଦ୍ଦେଶ୍ୟରେ ହୁଏତ ଜୀବନ କୁ ବାଜି ରଖିଥିଲା ସୁବର୍ଣ୍ଣା। କୌଣସି ଦିନ ଅଭିରୂପ ଓ ତାର ଦୁଇଜଣଙ୍କର ମନ ର ମିଳନ ନ ଥିଲା । ଅନ୍ତତଃ ଅଭିରୂପ ଦେଖିବାକୁ ବହୁତ ସୁନ୍ଦର ଥିଲା । ଚାର୍ଟାର୍ଡଫାର୍ମ ର କର୍ଣ୍ଣଧାର ଦୁଇହାତରେ ପଇସା ଉପାର୍ଜନ କରୁଥିଲା । କିନ୍ତୁ ଅସମ୍ଭବ କୃପଣ ଥିଲା । ଦୋକାନ କୁ ଯାଇ ଏମିତି ପିଲାଳିଆମି, ନିର୍ବୁଦ୍ଧିଆମି କରେ, ଅଭଦ୍ରଙ୍କ ପରି ବ୍ୟବହାର କରେ ଆଉ ଦର କଷାକଷି କରେ ଯେ ସୁବର୍ଣ୍ଣା ସଙ୍କୁଚିତ ହେଇଯାଏ। କୋଉ ଦିନ ଯେ ନିଜେ କିଛି ଆଣେନି ତା ନୁହେଁ । ତେବେ ସେଥିରେ ଥିଲା ଆତ୍ମନିର୍ଭରତା ର ସ୍ୱର କିନ୍ତୁ ସେଥିରେ ଭଲପାଇବା ର ବାସ୍ନା ହିଁ ନ ଥିଲା । ସୁବର୍ଣ୍ଣା ହତାଶା ଭିତରେ ବୁଡି ଯାଉଥିଲା । ଏହା ମଧ୍ୟରେ ସ୍କୁଲ ରେ ଚାକରୀ ଟା ପାଇଯିବାରୁ ଅବସ୍ଥା ଆହୁରି ଜଟିଳ ହେଇଗଲା । ଅଭିରୂପ, ଚାକରୀ କରିବାକୁ ସୁବର୍ଣ୍ଣା କୁ ମନା କଲା । ସୁବର୍ଣ୍ଣାର ସଫା ଉତ୍ତର – ତୁମେ ତୁମର ନିଶା ଛାଡି ପାରିବ ? ଅଥଚ ଚାକରୀ କରିବାକୁ ନିଷେଧ କରୁଛ ? ହବନି, ସେ ଯାହା ହାଉ ନା କାହିଁକି ମୁଁ ଆସନ୍ତା ସପ୍ତାହ ରେ ଚାକରୀ ରେ ଯୋଗ ଦେବି

ହଠାତ୍ ସୁବର୍ଣ୍ଣା କୁ ଚମକେଇ ଦେଇ ଅଭିରୂପ ର ମୁହଁ ରୁ ବାହାରି ଗଲା – 'ବିଚ୍', ସୁବର୍ଣ୍ଣା କୌଣସି କଥା ନ ବଢ଼ାଇ ବରଂ ନିଜ କୁ ଆହୁରି ମଜବୁତ୍ କରି ନେଲା ।

ତା ପରେ ସେହି ଭୟଙ୍କର ରାତି – ବିଛଣା ରେ ଏକାଠି ଶେଷ ରାତି ।

ବାବା ଚାଲି ଗଲେ। କି ଗୋଟିଏ ରୋଗ ହେଲା ଯେ ଭଲ କରି ନିର୍ଦ୍ଧାରଣ କରା ଯାଇ ପାରିଲାନି । ମାତ୍ର କିଛି ଦିନର ଜରରେ ହଠାତ୍ ବାବା ଚାଲି ଗଲେ। ସୁବର୍ଣ୍ଣା ର ଏତେ ଲୁହ

ISSN NO.
2582-208X

କୋଉଠି ଜମି କ ଥିଲା ବାବାଙ୍କୁ ସେ ଅସମ୍ଭବ ଭଲ ପାଉଥିଲା । ବାବା ଯେତେବେଳେ ତା ମୁହଁ ଆଡେ ଚାହିଁ କହୁଥିଲେ, 'ଖୁକୁ, ତୋତେ ତୋର ଚାକରୀ ଟା ଭଲ ଲାଗୁଛି ମା ? ସୁବର୍ଣ୍ଣା କହିଲା, ବାବା ଏମିତି କଥା କାହିଁକି କହୁଛ ? ବାବା, ତୁମ ଝିଅ ବହୁତ ଭଲ ଅଛି।' ବାପାଙ୍କ ହସ ରେ କଣ ଯେମିତି ଗୋଟାଏ ହଜି ଯାଇଥିଲା ପ୍ରାଣ ନା ବିଶ୍ୱାସ ? ବାବା ଚାଲିଯିବାର ଦେଢ ବର୍ଷ ମଧ୍ଯ ରେ ମା ଚାଲି ଯାଇଥିଲେ ।

ସୁବର୍ଣ୍ଣା ଜୀବନ କୁ ବହୁତ କଠିନ ରୂପେ ଦେଖିଛି। ଅନେକ ଭାବରେ ପୁରୁଷ କୁ ମଧ୍ଯ ଦେଖିଛି । ଏଥିପାଇଁ ସଇଁତିରିଶ ବର୍ଷ ପୁରିବାକୁ ଯାଉଥିବା ଧୂସର ଯୌବନା ନାରୀ ରାସ୍ତା ଘାଟ ରେ ସତର୍କ ରହୁ ରହୁ ବୋଧହୁଏ ଟିକଏ ଅଧିକ ସତର୍କତା ଅବଲମ୍ବନ କରିବାକୁ ଆରମ୍ଭ କରିଥିଲା ଯାହା ଫଳ ସ୍ୱରୂପ ମଣିଷ କୁ ଅବିଶ୍ୱାସର ଆଖିରେ ଦେଖୁଥିଲା। ସେଦିନ ସେହି ଭଦ୍ରଲୋକ ଯାଚ ହେଇ କଥାବାର୍ତ୍ତା କରିବାକୁ ଆସିଥିଲେ । ହୁଏତ ସତରେ କଥା କହିବାକୁ ଚାହୁଁଥିଲେ । ବୋଧହୁଏ ଏହି ଭଦ୍ରଲୋକ ଯଥାର୍ଥ ଥିଲେ। କିନ୍ତୁ ଅଭିରୂପ ତାର ମନ ମଧ୍ଯରେ ଏମିତି ଗୋଟିଏ ବିଷଧର କୀଟ ଛାଡ଼ି ଯାଇଛି ଯେ ଶତ ଚେଷ୍ଟା କରି ବି ସୁବର୍ଣ୍ଣା ତାକୁ ପିଟି କି ମାରି, ଫିଙ୍ଗି ଦେଇପାରିନି। ବହୁତ ଝିଅ ତ ଏକୁଟିଆ ବା ଏକାକୀ ରହୁଛନ୍ତି । କିନ୍ତୁ ନିଜକୁ ଏପରି ଭାବେ ଶାମୁକାର ଖୋଳପା ଭିତରେ ଆବଦ୍ଧ ରଖି ବା ଶିଶୁ ପରି ହାତ ପାଦ ଯୋଡି ନିଜର ମାନସିକ ଅସ୍ଥିରତା ପ୍ରକାଶ କରିବା କଣ ଅସ୍ୱାଭାବିକ ନୁହେଁ? ନିଜକୁ ନିଜେ ପ୍ରଶ୍ନ କରୁଥିଲା ସେ। ସ୍କୁଲ ଜୀବନରୁ ଆଜି ପର୍ଯ୍ୟନ୍ତ କିଛି ଭଲପାଇବା ତା ଜୀବନ ରେ କେବେ ବି ଆସିଲାନି । ପାରମ୍ପରିକ ରୀତି ରେ ବାହାଘର ତାର ହେଇଥିଲା। କିନ୍ତୁ ବୈବାହିକ ଦୁଃସହ ଗତି -ପ୍ରକୃତି ଆଉ ଯନ୍ତ୍ରଣାଦାୟକ ଆଜି ମଧ୍ଯ ସୁବର୍ଣ୍ଣା କୁ ଖାଇ ଯାଉଛି । ସ୍କୁଲ ଯାଏ, କ୍ଲାସ କରେ କିନ୍ତୁ ସବୁ ଯେମିତି ପ୍ରାଣହୀନ । କୌଣସି ମତେ ଦିନ କୁ ସାମନା କୁ ଠେଲି ଦେବା କଥା ।

କିଛି ଦିନ ନାନାଦି କାର୍ଯ୍ୟ ମଧ୍ଯରେ କଟିଗଲା । ପ୍ରଧାନ ଶିକ୍ଷୟିତ୍ରୀ ଯୋଗ ଦେବା ଫଳରେ ତାର କାର୍ଯ୍ୟ ଭାର କିଛି ଟା ଲାଘବ ହେଇଛି । ଇତିମଧ୍ଯରେ ଗୋଟିଏ ଦିନ ସ୍କୁଲ ର ପ୍ରତିଷ୍ଠା ଦିବସ ଥିଲା । ସାରାଦିନ ସ୍କୁଲ ର କାର୍ଯ୍ୟକ୍ରମ ସଭାପତି ଭାବରେ ବନ ଗାଁ ମହକୁମା ଶାସକ ମୃଣାଳ ମୁଖୋପାଧ୍ଯାୟ ଙ୍କ ନାଁ ସୁବର୍ଣ୍ଣାକାର୍ଡ ରେ ଦେଖିଲା । ସେ କୌଣସି ଦିନ ଏସ ଡି ଓ ଏମିତି କି ବିଡିଓଙ୍କୁ ଦେଖିନି । ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧରେ ତାର କିଛି ଧାରଣା ହିଁ ନ ଥିଲା । କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରକେ ଟ୍ରେନ ରେ କଥାବାର୍ତ୍ତା କରିବାକୁ

ISSN NO.
2582-208X

ଆସିଥିବା ଭଦ୍ରବ୍ୟକ୍ତିଙ୍କୁ ଏସ ଡି ଓ ଭାବରେ ଦେଖି ସେ ଚମକ ପଡିଲା । ନିଜକୁ ଆଢୁଆଳ ରେ ରଖିବାକୁ ସେ ଚେଷ୍ଟା କଲା । ଏସ ଡି ଓ ଚାଲିଯିବା ପରେ ତାଙ୍କ ଯିବା ରାସ୍ତା କୁ ସୁବର୍ଣ୍ଣା ଚାହିଁ ରହିଥିଲା । ସହକର୍ମୀଣୀ ମିନତି କୁ ଦେଖି ହସି ହସି କହିଲେ, 'ଭଦ୍ରଲୋକ ଙ୍କୁ ଜାଣିଛ କି ? ଚମକ ଯାଉ ଯାଉ ସୁବର୍ଣ୍ଣା ନିଜକୁ ସମ୍ଭାଳି ନେଇ କହିଲା, ନହିଁ ତ ?' ଭଦ୍ରଲୋକ ଭାରି ଭଲ ଲୋକ । ଶୁଣିଛି ବାହା ହୋଇ ନାହାନ୍ତି, ମା କଲିକତାରେ ରହନ୍ତି ପ୍ରାୟ ମାଙ୍କ ପାଖକୁ ଚାଲି ଯାଆନ୍ତି । ବୟସ ତ କମ ହୋଇନି, ତେବେ କହିଲ ଦେଖି , କାହିଁକି ଆଜି ଯାଏଁ ବାହା ହୋଇ ନାହାନ୍ତି .

ସୁବର୍ଣ୍ଣାକହିଲା, "କି ଆଶ୍ଚର୍ଯ୍ୟ କଥା, ମୁଁ କେମିତି ଜାଣିବି ?"

ମିନତି ଦି ଆଖି ନଚାଇ ନଚାଇ କହିଲେ, ବୋଧହୁଏ ପ୍ରେମ ରେ ବିଫଳ ହୋଇ ଏହି ଅବସ୍ଥା। କଥା ଆଉ ବଢାଇଲାନି । ହେଡମିଷ୍ଟ୍ରେସ ଡାକବାରୁ ସୁବର୍ଣ୍ଣା କୁ ଯିବାକୁ ହେଲା । ସେଦିନ ଟ୍ରେନରେ ଫେରିବା ବେଳେ ମୃଣାଳ ମୁଖୋପାଧ୍ୟାୟ ଙ୍କ ସାଙ୍ଗରେ ଦେଖା ହେଲା । ଦେଖା ହେଲା ମାନେ ସାମନା ସାମନି ହୋଇନି । ଦୂର ରୁ ଦେଖିଲା ଗାଡି ରୁ ଓହ୍ଲାଇ ମୃଣାଳବାବୁ ପାଖ ବଗିରେ ଉଠି ଗଲେ। କେବଳ ତାଙ୍କ ବସିବା ଜାଗା ଟା ବଦଳାଇଛନ୍ତି । କିନ୍ତୁ ତାର ପାଖ ବଗିରେ ହିଁ ଥିଲେ । ହଠାତ୍ ତାର ମନ ବାରଣ୍ଡାରେ ମୃଦୁ ପବନ ଖେଳଗଲା ପରି ତାର ମନେ ହେଲା।

ସାତ୍‌ଦିନ କିଛି ମୂହୁର୍ତ୍ତ ପରେ ତାର ମନ ଟା ବଦଳ ଗଲା । ଟ୍ରେନ ଛାଡିବା ପରେ ସୁବର୍ଣ୍ଣା ଦେଖିଲା, ସେ ଦିନ ର ଟୋକାଗୁଡାକଙ୍କ ସାଙ୍ଗରେ ଆଉ କିଛି ଟା ପିଲା ଆସି ତା ସାମ୍ନାରେ ବସି ପଡିଲେ । ଦୁଇ ଚାରିଜଣ ବି ଠିଆ ହୋଇ ରହିଲେ। ଅଶ୍ଲୀଳ ଭାଷାରେ ଅନର୍ଗଳ ଗପିବାରେ ଲାଗିଲେ । ଆଶ୍ଚର୍ଯ୍ୟର କଥା କେହି କିଛି ପ୍ରତିବାଦ ବି କରୁ ନ ଥିଲେ। ପିଲାଗୁଡାକ ସୀମା ଅତିକ୍ରମ କଲା ପରି ଅସଭ୍ୟତା କରୁଥିଲେ। କିଛି ସମୟ ପରେ ସହ୍ୟ କରିବାର ସୀମା ଅତିକ୍ରାନ୍ତ ହୋଇଗଲା । ଗୋଟିଏ ପିଲା କାଗଜ ର ଗୋଲାଟିଏ ତିଆରି କରି ତାର ବ୍ଲାଉଜ୍ ର ମଝି କୁ ଲକ୍ଷ୍ୟକରି ଫୋପାଡି ହସି ଉଠିଲା । ସୁବର୍ଣ୍ଣା ଏଥର ଉଠି ଠିଆ ହୋଇ ଚତ୍କାର କରି ଉଠିଲା - ଆପଣମାନଙ୍କୁ କଣ କିଛି ଦେଖା ଯାଉନି - "ଏହି ଛୋଟଲୋକ ଯୁବକ ଗୁଡାକ କେମିତି ଅସଭ୍ୟତା କରୁଛନ୍ତି ଟୋକାଗୁଡାକ ବିକଟ ଚତ୍କାର କରି ହସି ଉଠିଲେ। ସେଦିନ ଜାବୁଡା ଖାଇଥିବା ଟୋକାଟା ଆସି ତା ଛାତି କୁ ଛୁଇଁ ଦେଲା।

ISSN NO.
2582-208X

ସୁବର୍ଣ୍ଣା ବିଧ୍ୱସ୍ତ ହେଇଗଲେ ବି ଭୟ କଲ୍‌ନ । ଚକ୍ରାର କରି ଉଠିଲ୍ । ଯୁବକଟିର ଚୁଟି ଧରି ପାଗଳଙ୍କ ପରି ଝାଙ୍କିବାରେ ଲ୍‌ଗିଥିଲ୍ । କଛି ସ୍ତ୍ରୀ, ପୁରୁଷ ସେତେବେଳେ ଚକ୍ରାର କରି ଉଠିଲେ । କେତେ ସମୟ ଧରି ଏମିତି ଗ୍ଲଲିଥିଲ୍ ସୁବର୍ଣ୍ଣାରମନେ ନାହିଁ। ହଠାତ୍ ଦେଖିଲ୍ ମୃଣାଳ ବାବୁ ଆସି ଯୁବକଟିର କଲର ଧରି ଟାଣି ଟାଣି ନେଇଯାଉଥିଲେ। କେତେବେଳେ ଯେ ସେ ଏହି ବଗି କୁ ଆସିଛନ୍ତୁ ତାହା ସୁବର୍ଣ୍ଣା ଦେଖି ପାରିନ । ଦେଖିବାର ଅବସ୍ଥା ମଧ୍ୟ ନ ଥିଲ୍ । ଇତି ମଧ୍ୟରେ କମପାର୍ଟମେଂଟର ଅନେକ ଲ୍‌କ ଠିଆ ହେଇ ତାକୁ ଘେରି ରହିଥିଲେ । ବିଶେଷ କରି ସ୍ତ୍ରୀଲ୍‌କମାନେ ବେଶି ଭ୍ରଗରେ ଠିଆ ହେଇଥିଲେ। ହଠାତ୍ ମୃଣାଳ ବାବୁ ଙ୍କ ହାତରୁ ନଜକୁ ଛଡାଇବାକୁ ଯାଇ ପିଲ୍‌ଟି ଜୋର ରେ ଝାଙ୍କି ଦେଲ୍। ଫଳରେ ମୃଣାଳ ବାବୁ ଙ୍କ ମୁଣ୍ଡଟା ଜୋର ରେ କମପାର୍ଟମେଂଟର କାନ୍ଥରେ ବାଡେଇ ହେଇଗଲ୍ କନ୍ତୁ ପର ମୂହୁର୍ତ୍ତ ରେ ନଜକୁ ସମ୍ଭାଳ ନେଇ ସେ ଯୁବକ ଟିକୁ ଧରିନେଲେ ବାକ ସବୁ ଯାତ୍ରୀମାନେ ଯୁବକଗୁଡାଙ୍କୁ ବେଧଡକ ପିଟିବାରେ ଲ୍‌ଗିଲେ । ଷ୍ଟେସନ ଆସିବାରୁ ସମସ୍ତେ ଓଲହାଇ ଯାଇ ପଳାଇବାକୁ ଲ୍‌ଗିଲେ। ମୃଣାଳ ବାବୁ ଯୁବକ ଟିକୁ ଛାଡିଦେଇ କହିଲେ, "ଏହା ପରେ ଏମିତି ହେଲେ କନ୍ତୁ ଦୁଇଟା ହାତ ଭ୍ରଙ୍ଗି ଦେବି"। ଅକଥ୍ୟ ଗାଳ ଗୁଲଜ ଦେଇ ଯୁବକଗୁଡିକ ପ୍ଲାଟଫର୍ମ ଛାଡିଲେ, ସେଥିରୁ ଗୋଟିଏ ଟୋକା ଝରକା ଭିତରେ ମୁହଁ ଗଳାଇ କହିଲ୍, --- "ଶଳା ଦେଖି ନେବି ତୋତେ, ଏହି ମାଇକନାଟାକୁ ଟେକ ନେବି, ଦେଖିବିତୁ କେମିତି ତାକୁ ବଞ୍ଚାଇବୁ" ।

ସମସ୍ତେ ଯାଇ ଯେ ଯାହା ଜାଗାରେ ବସି ପଡିଲେ। ଆଲ୍‌ଚନା ଗରମାଗରମ ଗ୍ଲଲିଲ୍। ଏ ଲ୍‌ଇନରେ ଟିଟି ଆସନ୍ତୁନ କନ୍ତୁ ସେଦିନ ଜଣେ ଆସିଲେ ଯାହା ଫଳରେ ସମସ୍ତେ ସଚେତନ ହେଇଗଲେ। ଏହି ସମସ୍ତ ପାଟି ତୁଣ୍ଡ ଭିତରେ ସୁବର୍ଣ୍ଣା ନର୍ବିକାର, କାଠ ହେଇ ବସି ରହିଲ୍ । ଥରେ ଗ୍ଲହିଁକ ଦେଖିଲ୍ ମୃଣାଳ ବାବୁ ନାହାନ୍ତୁ ।

ପରଦିନ ସିଆଲଦା ଟ୍ରେନ ରେ ଚଢିବାକୁ ଯାଇ ମନଟା କେମିତି ଯେମିତି ହେଇଗଲ୍ । ପଛ କମପାର୍ଟମେଂଟ କୁ ବୁଲିକ ଦେଖିଲ୍ ସୁବର୍ଣ୍ଣା। ମୃଣାଳ ବାବୁ ବସି ଅଛନ୍ତୁ । ଭ୍ରୁଲତା ପାଖରେ ବୋଧହୁଏ ଗତକାଲି କଟି ଯାଇଛି । ଗ୍ଲଖଣ୍ଡେ ହେବ ବ୍ୟାଣ୍ଡେଡ୍ ଲଗା ହେଇଛି । ସେ ଖବରକାଗଜ ପଢୁଥିଲେ। ନଜ ସିଟ ଆଡକୁ ଆଗେଇ ଗଲ୍ । ଡେଲି ପାସେଞ୍ଜରୀ କରୁଥିବାରୁ ଦିଦି ଭଦ୍ରମହିଳା କମପାର୍ଟମେଂଟ ର କୋଉସିଟ ରେ ସବୁଦିନ ବସିବାକୁ ଗ୍ଲହାନ୍ତୁ ତାହା ସବୁଦିନଆ ସହଯାତ୍ରୀମାନେ ଜାଣିଥିଲେ। ଏମିତି ନୁହେଁ ଯେ ଅଦିନଆ ଯାତ୍ରୀ

ISSN NO.
2582-208X

ତା ସିଟଟା କେବେ କେବେ ଦଖଲ କରୁ ନ ଥିଲେ। ତେବେ ସେଇଟା ବହୁତ କମ ଥର ହୁଏ। କାହିଁକନା ଟ୍ରେନ ଟା ରହିବାର ବହୁ ଆଗରୁ ସେ ଗ୍ଲି ଆସେ । ନଜର ବ୍ୟାଗ, ପାଣି ବୋତଲ, ଟିଫିନବ୍ୟାଗ ଆଦି ସିଟ ଉପରେ ରଖିଲା । ଗତ ଗ୍ତିରେ ତାକୁ ଭଲ ନଦ ହେଇନ । କେମିତି ଯେପରି ମନେ ହେଉଥିଲା ସେ ବହୁତ ଏକୁଟିଆ ହେଇଯାଇଛି। ବାବା, ମା ଗ୍ଲିଯିବା ପରେ ସୁବର୍ଣ୍ଣା ତ ଏକଦମ ଏକା ସେମିତି କେହି ବନ୍ଧୁ ବାନ୍ଧବ ନ ଥିଲେ। ଜଣେ ଦୁଇଜଣ ଯିଏ ବି ଥିଲେ ତା କାହା ସହ ଯୋଗାଯୋଗ ହିଁ ନ ଥିଲା । ଯେମିତି ସେମିତି ଚଳ ଯାଉଥିଲା, କଛି ସେମିତି କେବେ ଖରାପ ଲାଗୁ ନ ଥିଲା । ଗତ କାଲି ଗ୍ତିରେ ମନେ ହେଲା ଯେମିତି ଏକାକତ୍ୱ ସାଙ୍ଗେ ଲଢେଇ କରି ସେ ହାରି ଯାଇଛି। ନା ତାର ଲଢେଇ ଆରମ୍ଭ ହେଲା ।

ସ୍କୁଲ ରୁ ଫେରିବା ଟ୍ରେନ ରେ ବସି ମନେ ହଉଥିଲା, ଆଉ ଥରେ ଯଦି କଛି ଆଜି ହେବ । ନଜ କୁ ନଜେ ପଗ୍ରୁଥିଲା । ମୃଣାଳ ବାବୁ ଙ୍କୁ ଦେଖିବାକୁ ପାଇଲାନ ଗତକାଲି ଟିକଏ ହେଲେ ବି କଥା ହେଇନ । ସେ ସୁବର୍ଣ୍ଣାଆଡକୁ ଗ୍ହିଁନାହାନ୍ତ । କନ୍ତୁ ତାର ଆଜି ସେମିତି କଛି ଘଟିଲାନ । ଟ୍ରେନ ରୁ ଓହ୍ଲାଇ ସୁବର୍ଣ୍ଣା ଘରକୁ ଫେରିଲା । କାମବାଲି ବି ଆସିଯାଇଛି ତେଣୁ ସେ କଛିଟା ନଶ୍ଚିନ୍ତ । ଅନ୍ତତଃ ଘର କୁ ଫେରିବା ପରେ ନଜ କୁ ଗ୍ କରିବାକୁ ପଡ଼ିବନ । ମୁହଁ, ହାତ ଧୋଇ, ଫ୍ରେଶ ହେଇ, ଘରପିନ୍ଧା ଡ୍ରେସ ଟିଏ ପିନ୍ଧି ସୁବର୍ଣ୍ଣାରକିଙ୍ଗ ଚେୟାର ବସି ବସି ଝୁଲିବାରେ ଲାଗିଲା । ଏଇଟା ବାବାଙ୍କ ଚେୟାର । ଏହି ଚେୟାର ରେ ଅର୍ଦ୍ଧସୁପ୍ତାବସ୍ଥାରେ ଆଖି ବନ୍ଦ କରି ସେ ଗୀତ ବୋଲିଥାନ୍ତି । ସୁବର୍ଣ୍ଣାଗୀତ କିନ୍ତୁ ବୋଲେନି। କଣ୍ଠରେ ତାର ସ୍ୱର ବାହାରେନି । ତା ପିଉ ପିଉ ଆଖି ବନ୍ଦ କରି କିଛି ଦିନର ଘଟଣା ଗୁଡିକ ଟିକିଏ ଟିକିଏ କରି ଭାବିବାକୁ ଲାଗିଲା । ବାରମ୍ବାର ଆଖି ସାମନାକୁ ଭିଡ ଭିତରୁ ଗୋଟିଏ ମୁହଁ ଚାଲି ଆସୁଥିଲା । ସୁବର୍ଣ୍ଣା ନିଜର ଏହି ଆକସ୍ମିକ ପରିବର୍ତ୍ତନ ରେ ଆଶ୍ଚର୍ଯ୍ୟ ହେଇ ଯାଉଥିଲା । ବେଶ ଅଶ୍ୱସ୍ତି ଲାଗୁଥିଲା ତାକୁ।

ପର ଦିନ ସକାଳ ଟ୍ରେନ ରେ ଉଠି ଦେଖିଲା ତାର ସିଟଟା ଫାଙ୍କା ଅଛି। ବସିକ ପାଖ ଜାଗାରେ ଟିଫିନ ର ବ୍ୟାଗ ରଖି ସୁବର୍ଣ୍ଣା ପାଖ କମପାର୍ଟମେଂଟ କୁ ଗଲା। ଖବର କାଗଜ ଟା ଧରି ମୃଣାଳ ବାବୁ ବସିଛନ୍ତ । ଇଣ୍ଡିଆ ଟୁଡେ ପଢୁଥିଲେ । ସୁବର୍ଣ୍ଣା ସାମ୍ନାରେ ଠିଆ ହେଇ ଧୀରେ ଧୀରେ ନମ୍ର ଗଳାରେ କହିଲା। - "ଆପଣଙ୍କ ଜାଗାଟା ଏହିଠାରେ ରଖା ହେଇଛି"। ମୃଣାଳ ବୋଧହୁଏ ଶୁଣି ପାରିଲେନ । ସୁବର୍ଣ୍ଣା ପୁଣିଥରେ କହିଲା, -

ISSN NO.
2582-208X

"ଆଜ୍ଞା, ଶୁଣୁଛନ୍ତୁ, ଆପଣଙ୍କ ସିଟ ଏଇଠି ରଖା ହେଇଛି ।" ମୃଣାଳ ଏଥର ସୁବର୍ଣ୍ଣା କୁ ଦେଖି କେମିତି ଯେପରି ହତଚକତ ହୋଇଗଲେ ଅବାକ ହେଇ ତାକୁ ଗ୍ଚହିଁ ରହିଲେ । ତାପରେ ସୁବର୍ଣ୍ଣା ବୁଲି ପଡି ନିଜ ସିଟ ଆଡକୁ ଫେରିବାକୁ ଲାଗିଲା, ସେ ତା ପଛେ ପଛେ ଚାଲିବାକୁ ଲାଗିଲେ ।

ମାର୍ଫତ - ପ୍ରଫେସର ଶ୍ରୀନିବାସ ପାଠୀ
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ଆଇଜଲ, ମିଜୋରମ
(M) 9437762732/madhu1691@gmail.com

ISSN NO.
2582-208X

# ବିନାଶରୁ



ରାଜକିଶୋର ସ୍ୱାଇଁ

ବନ୍ଦଇ ମା ଦେବୀ ଭବାନୀ
ଆଦ୍ୟାଶକ୍ତି ଶିବ ମନମୋହିନୀ ।୦।

ବରଷକେ ଥରେ ଦଶହରାରେ
ଉଭା ହେଉ ମା ଗୋ ଦୁର୍ଗା ରୂପରେ
ପୂଜା ପାଉଅଛୁ ଏ କଳିକାଳରେ
ନାନା ସ୍ଥାନେ ନାନା ରୂପେ ଶିବାନୀ ।୧।

ସକଳ ଶକ୍ତିର ଆଧାର ତୁହି
ତୋ ବିନୁ ମୋ ଗତି ମୁକତି କାହିଁ
ତୋ କରୁଣା ବିନା ମିଳେନି ଠିକଣା
ତୁହି ପରା ପାପ, ତାପ ନାଶିନୀ ।୨।

ସହସା ଆସି ଏ କରୋନା ଘନ
ବରଷି ସଂସାର କରେ ଉଚ୍ଛନ୍ନ
ତା ଭୟରେ ବିଶ୍ୱବାସୀ ଥରହର
ଉଦ୍ଧାର ବାରେ ମା ଦୁଃଖ ଭଞ୍ଜନୀ ।୩।

ଏତିକି କରୁଛି ତୋ ପାଦେ ଅଳି
ଏ ମହାମାରୀକୁ ଦେ ମାଆ ଟାଳି
ଏ ମୃତ୍ୟୁଦୂତକୁ ହତ କର ଆଗୋ
ବିନାଶରୁ ରକ୍ଷା କର ଜନନୀ ।୪।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଏଠି ସବୁ ସମ୍ଭବ



କାଳପ୍ରସାଦ ମହାପାତ୍ର

ଆଉ ସେଇ କଚ୍ଚା ରାସ୍ତା ନାହିଁ
ଯେଉଁ ରାସ୍ତାରେ ଆମେ ସ୍କୁଲକୁ
ଧୂଳିର ସହ ଖେଳି ଖେଳି ଯାଉ
କାନ୍ଧରେ ପକାଇ ବହିବସ୍ତାନୀକୁ।।

ଆଉ  ସେଇ ବରଗଛ ନାହିଁ
ସ୍କୁଲ ଛୁଟି ଘଣ୍ଟା ବାଜିବା ପରେ
ଦୌଡି ଦୌଡି ଘେରିଯାଏ ଆମେ
ଦୋଳିରେ ଝୁଲିପଡୁ ତା' ଓହଳରେ।।

ଖରାଦିନେ ପୋଖରୀରେ ପହଁରିବା
ବର୍ଷାର ଜଳରେ ଦୌଡି ଦୌଡି ଭିଜିବା
ଶୀତଦିନେ  ନିଆଁ ଜାଳି ଏକାଠି ବସିବା
ଆଉ ଏ ସବୁ ସ୍ୱପ୍ନ ପରି ମନେହେବା।।

ଆଉ ସେଇ ଫିରିକ କଣ୍ଟା  ନାହି
ପବନରେ ବରପତ୍ର ଘୂରିବା ପାଇଁ
ବୁଢା ସବୁ ବଢିଯାଏ ଢାଲ  ପରି
ସାରଙ୍କ ଭୟରେ ଲୁଚି ଯିବା ପାଉଁ।।

ISSN NO.
2582-208X

ଆଉ ସେଇ ଆମ୍ବ ତୋଟା ନାହିଁ
ଖରାଦିନ ଛୁଟିରେ ଆମ୍ବ ପାଇଁ
ଦିପହର କଟିଯାଏ ସାଙ୍ଗ ହୋଇ
ସଂଧ୍ୟାରେ ଫେରୁ ପାଠପଢା ପାଇଁ ।।

ଆଉ ସେଇ ଚାଟଶାଳୀ ନାହିଁ
ଦାଶ ମାଷ୍ଟରଙ୍କ ବେତମାଡ଼ ପାଇଁ
ସକାଳୁ ସକାଳୁ ଉଠି ବସ୍ତାନି ଧରି
ଘଟିଥିବା ପାଠମାନ ଦେବା ପାଇଁ ।

ଏବେ ନାହିଁ ସେଇ କଚ୍ଚା ରାସ୍ତାଘାଟ
ନାହିଁ ସେଇ ବରଗଛ ଓହଳି ଦୋଳି
ନାହିଁ ସେଇ ଆମ୍ବ ତୋଟା ଖରାଦିନ
ନାହିଁ ସେଇ କଣ୍ଢାବୁଦା ଲୁଚକାଳି ।।

ଏବେ ଖାଲି ଚକଚକ୍ ପକ୍କା ରାସ୍ତା
ଧୂଳିରେ ଆଉ ଖେଳେ ନାହି କେବେ
ସ୍କୁଲ ବସ ଚଢି ଯାଏ ସିଏ ପଢିବାକୁ
ଇଂରାଜୀମାଧ୍ୟମ ସ୍କୁଲରେ ପଢିବେ ।।

ଗାଁ ଏଠି ପାଲଟିଯାଏ ଭିଲେଜ
ସହର ପାଲଟିଯାଏ ଟାଉନ ପରା
ମା ବାପା ପାଲଟିଥାନ୍ତି ମମି ଡାଡି
ଏଠି ସବୁ ସମ୍ଭବ ସମ୍ଭବ ପରା।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ମଲ୍ (ବଜାର )

ପ୍ରବୋଧ କୁମାର ହୋତା

ରାଜଧାନୀର ଏକ ପ୍ରମୁଖ ମଲ ପ୍ରାଙ୍ଗଣରେ
କ୍ଲାନ୍ତଶରୀର ରଖିଥିଲି ରିକ୍ତ ଏକ ଆସନରେ
ଭିଡ଼ର ହାଉଯାଉଠାରୁ ଅନତି ଏକ କୋଣରେ
ନିରେଖୁଥିଲି ଚତୁଃର୍ଦ୍ଦିଗ ବିମୁଗ୍ଧ ନୟନରେ ।

ଉଗ୍ର ଆଧୁନିକ ପରିପାଟୀରେ ସହସ୍ର ନରନାରୀ
ଦାମୀକାରରେ ବଜାର ପ୍ରାଙ୍ଗଣ ଯାଉଥିଲା ଭରି
ଶଙ୍କାଆଣେ କଡ଼ା ନିରାପତ୍ତା ରକ୍ଷୀଙ୍କ ଉପସ୍ଥିତି
ଗଳ୍ପ କରୁଥିଲି ଏକାଏକା ନିଜେ ନିଜକୁ କରି ସାଥି ।

କେତେବେଳୁ ଅଲେଡ଼ା ସୂର୍ଯ୍ୟ ଯାଇଥିଲେ ଲୁଚ
ସୁଉଚ୍ଚ ପ୍ରାସାଦର ପଶ୍ଚାତରେ ଧୀରେ ଘୁଞ୍ଚି ଘୁଞ୍ଚି
ସୂର୍ଯ୍ୟାଲୋକର ଆବଶ୍ୟକ ସେମିତି ନଥିଲା କିଛି
ସୁଦୃଶ୍ୟ ବତୀମାନେ ଆଲୋକ ଦେଉଥିଲେ ବିଞ୍ଚି ।

ପ୍ରାସାଦ ମଧ୍ୟରେ ଧାଡ଼ି ଧାଡ଼ି ଦାମୀ ବ୍ରାଣ୍ଡର ବଜାର
ପ୍ରତିଟି ସୋରୁମ ସୌଖିନ ଦ୍ରବ୍ୟରେ ଭରପୁର
ସୁନ୍ଦରୀମାନେ ଥିଲେ ନିୟୋଜିତ ବିକାକିଣାରେ
ଝଟକୁଥିଲା ସେ ବହୁତଳ ରଙ୍ଗୀନ ଶ୍ରେଣୀରେ ।

ଏଠି ଚାଲିଥିଲା ଏକ ଅଘୋଷିତ ପ୍ରତିଯୋଗିତା
ସୋରୁମ ଚାକଚକ୍ୟ ସହ ବ୍ରାଣ୍ଡର କେତେ ଉଚ୍ଚତା

ISSN NO.
2582-208X

ପୁରୁଷ ମହିଳା ମଧ୍ୟ ପରଖୁଥିଲେ ତାଙ୍କ ଯୋଗ୍ୟତା
ବଟୁଆର ଓଜନ ସଙ୍ଗେ ତାଙ୍କ କାର୍ଡର ମାନ୍ୟତା ।

କେତେବେଳେ ଜଣେ ସୌମ୍ୟ ଆଧୁନିକା ମହିଳା
ନେଇସାରିଥିଲେ ସ୍ଥାନ ଅଜ୍ଞାତେ ମୋ ନିକଟରେ
ମୋ ବିସ୍ମୟ ହାବଭାବ ଦେଖି ଖେଳଯାଉଥିଲା
ଏକ ସ୍ମିତହାସ୍ୟ ତାଙ୍କ ସରୁ ରଙ୍ଗୀନ ଓଠରେ ।

ଅଜଣା ସୁନ୍ଦରୀ ଲାଗୁଥିଲେ ସହଜ ଓ ଆତ୍ମୀୟ
ତାଙ୍କୁ ପାଇ ନିକଟରେ ବଢିଥିଲା ମୋ ଉତ୍ସାହ
ତାଙ୍କୁ ଶୁଣେଇ କହିଲି ଆମ ଅର୍ଥନୀତି ବିଷୟରେ
ଆମ ବିଶ୍ୱକରଣ ଏବଂ ମୁକ୍ତ ଅର୍ଥନୀତିର ଜୟରେ ।

ଦେଖ- କେମିତି କ୍ଷିପ୍ରଗତିରେ ରାଜ୍ୟ କରୁଛି ପ୍ରଗତି
ବଢିଛି ଜନତାଙ୍କ ପ୍ରାଚୁର୍ଯ୍ୟ ଆଉ ତାଙ୍କ କ୍ରୟଶକ୍ତି
ଏଇତ ଆମ ଅର୍ଥନୀତି ଓ ମୁକ୍ତ ବଜାର ସଂସ୍କୃତି
କେତେ ଦ୍ରବ୍ୟ କେତେ ସେବା, ଏଠି ବଜାର ରାଜୁତି ।

"ଏଇ ରଖନ୍ତୁ ମୋ କାର୍ଡ, ନମ୍ବର, ଇମେଲ ଅଛି
ମୂଲ୍ୟ ମାତ୍ର ପାଞ୍ଚହଜାର ସର୍ତ୍ତାବଳି ବି ଲଘୁ ଅଛି
ସେବା ଗୁଣବତ୍ତା ଗ୍ରାହକ ସନ୍ତୁଷ୍ଟି ଗ୍ୟାରେଣ୍ଟି ଦେଉଛି
ମୁଁ ନିଜେ ଏକ ପଣ୍ୟଦ୍ରବ୍ୟ ଏଠି ଗ୍ରାହକ ଖୋଜୁଛି ।"

ଭ୍ୟାନିଟି ଝୁଲାଇ ଇଙ୍ଗିତ ଦେଇ ଚାଲିଗଲେ ମହିଳା
ଦୃଷ୍ଟି ମୋର ଅପଲକରେ ତାଙ୍କ ପଥ ଦେଖୁଥିଲା
ଏବେବି ବଜାର ଆଲୋକ ଦାଉଦାଉ ଜଳୁଥିଲା
ମୋତେ କିନ୍ତୁ ସବୁକିଛି ଅନ୍ଧାର ଅନ୍ଧାର ଲାଗୁଥିଲା ।

ଭୁବନେଶ୍ୱର

ISSN NO.
2582-208X

# ନୀରବତାର ପ୍ରତିଧ୍ୱନି



ସୁନନ୍ଦା ମିଶ୍ର

## ନୀରବ ଯୋଦ୍ଧା

ବିକ୍ରମଙ୍କୁ କମ୍ ବୟସ ରୁ ଶିକ୍ଷା ଦିଆଯାଇଥିଲା ଯେ ପୁରୁଷମାନେ କାନ୍ଦନ୍ତି ନାହିଁ। ଓଡ଼ିଶାର ଏକ ଛୋଟ ଗ୍ରାମରେ ବଢ଼ୁଥିବା ବିକ୍ରମ  ତାଙ୍କ ପିତାଙ୍କୁ ନୀରବରେ ସେମାନଙ୍କ ଦୁନିଆର ଭାର ବହନ କରୁଥିବା ଦେଖିଥିଲେ। "ଘରର ମୁରବି ନିଜ ପରିବାର ପାଇଁ ମଝବୁତିର ସହ ଛିଡା ହବ ନିହାତି ଆବଶ୍ୟକ", ତାଙ୍କ ବାପା କହୁଥିଲେ, ଶବ୍ଦଗୁଡ଼ିକ ବିକ୍ରମଙ୍କ ହୃଦୟ ରେ ଏକ ଦୃଢ଼ ଆଦେଶ ପରି ଛପି ଯାଇଥିଲା ।

ପିଲାଦିନେ, ବିକ୍ରମ ସମ୍ବେଦନଶୀଳ ଥିଲେ, ହଜି ଯାଇଥିବା କାଚ ବାଟି  କିମ୍ବା ଖଣ୍ଡିଆ ହେଇଯାଇଥିବା ଆଣ୍ଠୁ ଦେଖି ଖୁବ ଶୀଘ୍ର କାନ୍ଦି ପକାଉ ଥିଲେ ସିଏ । କିନ୍ତୁ  ପ୍ରତ୍ୟକ ଥର, ତାଙ୍କ ବାପାଙ୍କ କଠିନ  ଦୃଷ୍ଟି ତାଙ୍କୁ ତାଙ୍କ ଭାବନାକୁ ଦବେଇ ଦେବାକୁ ବାଧ୍ୟ କରିଥିଲା । ବିକ୍ରମଙ୍କ ମାଆ, ଦବା ଦବା  ସ୍ୱର ରେ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁ ଥିଲେ, ମୁଣ୍ଡ କୁ ଆଉଁସି ଦେଇ କହୁଥିଲେ, ବାପରେ ପୁଅ ହେଇ ଛୋଟ ଛୋଟ କଥାରେ କାନ୍ଦିବା ତୋର ଉଚିତ ନୁହେଁ, ଯାହା ତାଙ୍କୁ ଅତୁଟ ଏବଂ ଧର୍ଯ୍ୟ ହରା ନ ହବା ପାଇଁ ବାଧ୍ୟ କରିଥିଲା ।

ବିକ୍ରମ କିଶୋରାବସ୍ଥା ରେ ପହଁଚିଲା ବେଳକୁ ତାଙ୍କ ବଡ଼ ଭଉଣୀ ବିବାହ କରିଥିଲେ।ତାର କିଛି ଦିନ ମଧ୍ୟ ରେ  ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗିଥିଲା। ଦିନେ ରାତିରେ, ସେ ତାଙ୍କ ମାଆଙ୍କୁ ଫିସ ଫିସ କରି କହୁଥିବାର ଶୁଣିଲେ ଯେ  ଏବେ ଘରର ଦାଇତ୍ୱ ବିକ୍ରମ ହିଁ ବୁଝିବ, ମୋର ଦେହ ର ତ କିଛି  ଠିକଣା ନାହିଁ । ବିକ୍ରମ ସେଇ ମୁହୂର୍ତରେ ମନେ ହେଲା ଯେମିତି ତାଙ୍କ ଛାତିରୁ ଅତଡ଼ାଟେ ଖସି ପଡିଲା।

ISSN NO.
2582-208X

ଅନୁଭବ କଲେ ତାଙ୍କ ଛାତି ରେ ଉଲ୍ଲାସ, ଅଭିମାନ ଏବଂ ଲୁହର ମିଶ୍ରିତ ଅନୁଭୂତି। ସେ ତାଙ୍କ ପରିବାର ସମ୍ମୁଖ ରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଭାବରେ ନିଜର ପରିଚୟ ଦବାକୁ ଚାହୁଁଥିଲେ, ତାଙ୍କ ପିତା ଙ୍କ ଉପଯୁକ୍ତ ସଂସ୍କାର ଯୋଗୁଁ ଯେ ସେ ଏକ ସଫଳ ବ୍ୟକ୍ତିତ୍ୱ ଭାବେ ବଢିଆସିଛନ୍ତି ଏହା ଜଣାଇବାକୁ ଚାହୁଁଥିଲେ। କିନ୍ତୁ ବେଳେବେଳେ, ସେ ନିଜକୁ ରାତିରମୁକ୍ତ ଆକାଶ ତଳେ ଦେଖନ୍ତି, ତାରା ଆଡ଼କୁ ଚାହିଁ, ଏକ ଅଜଣା ଦୁଃଖ ଅନୁଭବ କରନ୍ତି ଯାହା ର କାରଣ ସେନିଜେ ବୁଝିପାରନ୍ତି ନାହିଁ ।

ବୟସ ବଢ଼ିବା ସହିତ ବିକ୍ରମ ଦୈନନ୍ଦିନ କାର୍ଯ୍ୟ ଭଳି ସ୍ୱାଭାବିକ ଦାୟିତ୍ୱ ବହନ କରିଥିଲେ। ସେ ସ୍କୁଲ ଶେଷ କରି, ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକତା କରି ଥିଲେ, ଏବଂ ତାଙ୍କ ସାନ ଭାଇଭଉଣୀଙ୍କୁ ବଡ଼ କରିବା ପାଇଁ କାମ କରୁ ଥିଲେ। ସେ ଗ୍ରାମରେ ସମ୍ମାନିତ ଥିଲେ, ଶକ୍ତି ଏବଂ ସ୍ଥିରତାର ଏକ ବଳିଷ୍ଠ ବ୍ୟକ୍ତିତ୍ୱ, ଯାହା ତାଙ୍କୁ ତାଙ୍କ ପିତାଙ୍କ ପ୍ରତିବିମ୍ବ ରୂପେ ପ୍ରତିଫଳିତ କରିଥିଲା ।

କିନ୍ତୁ ବିକ୍ରମଙ୍କର ବ୍ୟକ୍ତିତ୍ୱ ର ଅନ୍ୟ ଏକ ଦିଗ ଥିଲା ଯାହା ଖୁବ୍ କମ୍ ଲୋକ ଜାଣିଥିଲେ- ତାଙ୍କ ଭିତରେ ଏମିତି ଏକ ହୃଦୟ ଥିଲା ଯାହା ନିଜ ବୋଝ ବାଣ୍ଟିବା, କାନ୍ଦିବା, ମୁକ୍ତ ଭାବରେ ହସିବା ପାଇଁ ଛଟପଟ ହେଉଥିଲା। ଏକ ବାର୍ଷିକ ଉତ୍ସବ ସମାବେଶ ରେ, ଜଣେ ବନ୍ଧୁ କାର୍ଯ୍ୟ ସ୍ଥଳରେ ତାଙ୍କର ସଂଘର୍ଷ ବିଷୟରେ ଉଲ୍ଲେଖ କରିଥିଲେ, ତାଙ୍କ ସ୍ୱର ହତାଶାରେ ଭାଙ୍ଗି ପଡ଼ିଥିଲା। ବିକ୍ରମଙ୍କ ପ୍ରବୃତ୍ତି ଥିଲାବନ୍ଧୁଙ୍କୁ ସାନ୍ତ୍ୱନା ପ୍ରଦାନ କରିବା, ତାଙ୍କ ଦୁଃଖରେରେ ଭାଗ ନେବା। କିନ୍ତୁ ସେ ପଛଘୁଞ୍ଚା ଦେଇଥିଲେ। କିନ୍ତୁ ମାନେ ପଡିଗଲା ତାଙ୍କର... ତାଙ୍କ ବ୍ୟକ୍ତିତ୍ୱ ତାଙ୍କୁ ନିଜର ମନଭାବ ପରିପ୍ରକାଶ କରିବାକୁ ଦେଉ ନ ଥିଲା...ଜିଭଟା ଯେମିତି ଅଠା ଅଠା ହେଇ ଯାଉଥିଲା... ସେ ଜଣେ ଶକ୍ତିଶାଳୀ ବ୍ୟକ୍ତିତ୍ୱ ପରି ଦେଖାଉଥିଲେ, ଯାହାଙ୍କ ଉପରେ ଅନ୍ୟମାନେ ଭରସା କରୁଥିଲେ । ସେ କିପରି ସ୍ୱୀକାର କରିପାରିବେ ଯେ ସେ ମଧ୍ୟ ବେଳେବେଳେ ନିଜକୁ ବଡ ଦୁର୍ବଳ ଅନୁଭବ କରୁଥିଲେ ?

କିଛିବର୍ଷ ବିତିଗଲା, ଏବଂ ବିକ୍ରମ ଜଣେ ପିତା ହେଲେ। ଯେତେବେଳେ ତାଙ୍କ ନିଜ ପୁଅ, ଛୋଟ ଋଷୁ, କ୍ଷତବୀକ୍ଷତ ଏବଂ ଲୁହ ଲୁହାଣ ହୋଇ ଦୌଡ଼ି ଆସୁଥିଲେ, ବିକ୍ରମ ତାଙ୍କୁ ହାଲୁକା ଭାବରେ ଉଠାଇ ଦେଉଥିଲେ, ମନେପଡିଯାଉଥିଲା ତାଙ୍କ ପିତାଙ୍କ ଶିକ୍ଷା ଏବଂ ଋଷୁ କୁ ମୁକ୍ତ ଭାବରେ ତାଙ୍କ ଭାବନା ଅଭିବ୍ୟକ୍ତ କରିବାକୁ ଅନୁମତି ଦେବା ପାଇଁ ତାଙ୍କ ହୃଦୟ

ISSN NO.
2582-208X

ବକଳ ହେଇ ଉଠୁଥିଲା । 'ଠିକ୍ ଅଛି ରଷୁ', ସେ ରଷୁ କାନ ପାଖରେ ଫୁସଫୁସ କରି କହି ଉଠୁଥିଲେ । "ବେଳେ ବେଳେ କାନ୍ଦିବା ବା କାନ୍ଦ ଲାଗିବା କିଛି ଭୁଲ କଥା ନୁହେଁ ।"

ଦିନେ ସନ୍ଧ୍ୟା ରେ, ଯେତେବେଳେ ସେ ରଷୁ ଶୋଇପଡିଥିବା ଦେଖିଲେ, ସେତେବେଳେ ବିକ୍ରମ ଅନୁଭବକଲେ ଯେମିତି କେଇ ଧାର ଲୁହ ତାଙ୍କ ଆଖିରୁ ଝରି ପଡିଲା । ବର୍ଷ ବର୍ଷ ଧରି ଅପ୍ରକାଶିତ ସଂଘର୍ଷ, ଲୁକ୍କାୟିତ ଭୟ ଏବଂ ନୀରବତାର ପ୍ରତିଧ୍ୱନି ବହନ କରି ସେମାନେ ଧୀରେ ଧୀରେ, ଚୁପଚାପ ତଳକୁ ବୋହି ଚାଲିଥିଲେ । ସେହି ମୁହୂର୍ତ୍ତରେ, ସେ ବୁଝିପାରିଲେ-ପ୍ରକୃତରେ ନିଜର ଦୃଢ଼ ଚରିତ୍ର ମନ ର ଭାବନାକୁ କବର ଦେବା ରେ ନାହିଁ, ବରଂ ସେମାନଙ୍କୁ ଆଲିଙ୍ଗନ କରିବା ରେ ଅଛି । ସେ ଦିନଠାରୁ ସେ ତାଙ୍କ ପୁଅକୁ ଶିକ୍ଷା ଦେବା ପାଇଁ ଏକ ନୀରବ ଶପଥ କରିଥିଲେ ଯାହା ତାଙ୍କ ପୁଅ କୁ ଉଭୟ ଶକ୍ତିଶାଳୀ ଏବଂ ଦୁର୍ବଳ ମୁହୂର୍ତ ଗୁଡିକ ପ୍ରକାଶ କରିବାକୁ ସାହାଯ୍ୟ କରିପାରିବ ।

ସେହି ରାତିରୁ ବିକ୍ରମ ଏକ ଭିନ୍ନ ପ୍ରକାରର ବ୍ୟକ୍ତି ହୋଇଗଲେ। ସେ ତଥାପି ତାଙ୍କ ପରିବାରକୁ ଅତୁଟ ପ୍ରେମରେ ବାନ୍ଧି ରଖିଥିଲେ, ଏବଂ ସ୍ଥିର ହୃଦୟ ରେନୂତନ ଝଡ଼ ର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ହେଉଥିଲେ, ଆଉ ନିଜର ହୃଦୟର ଭାବନା ଗୁଡିକ ଲୁଚାଇବାକୁ ଚେଷ୍ଟା କରୁ ନଥିଲେ। ସେ ଅଧିକ ମୁକ୍ତ ଭାବରେ ହସିବାକୁ ଲାଗି ଥିଲେ, ତାଙ୍କ ବନ୍ଧୁମାନଙ୍କ ସହ କିଛି ମୁହୂର୍ତ୍ତ ବିନା ଦ୍ୱିଧାରେ ବିତାଇ ବାକୁ ଲାଗି ଥିଲେ ଥିଲେ, ଏବଂ ରଷୁ ଙ୍କୁ ମଧ୍ୟ ଶିଖାଇଥିଲେ ଯେ ଆବେଗ ମଧ୍ୟ ସହନଶୀଳତା ଭଳି ଶକ୍ତିର ଏକ ଅଂଶ।

ଏବେ ବିକ୍ରମ ଏକ ଭିନ୍ନ ପ୍ରକାରର ନୀରବ ଯୋଦ୍ଧା ହୋଇଗଲେ-ଜଣେ ବ୍ୟକ୍ତି ଯିଏ ସ୍ନେହ ଏବଂ କରୁଣା ସହିତ ଶକ୍ତିକୁ ସନ୍ତୁଳିତ କରୁଥିଲେ, ଯିଏ ପରମ୍ପରାକୁ ସମ୍ମାନ କରିଥିଲେ ଏବଂ ଜୀବନର ପ୍ରତି କ୍ଷଣ କୁ ଅନୁଭବ କରିବାର ସ୍ୱାଧୀନତାକୁ ମଧ୍ୟଆନନ୍ଦ ରେ ଗ୍ରହଣ କରିଥିଲେ ।

ବିକ୍ରମ ଜୀବନର ପ୍ରାରମ୍ଭରେ ଶିଖିଥିଲେ ଯେ 'ପୁରୁଷମାନେ କାନ୍ଦିବା ଉଚିତ ନୁହେଁ'। କିନ୍ତୁ ତାଙ୍କୁ ଶିକ୍ଷା ଦେବା ପାଇଁ ଜୀବନର ନିଜସ୍ୱ ଶୈଳୀ ଥିଲା। ଚଳଚିତ୍ର ର ପ୍ରଚ୍ଛଦପଟ ପରି ତାଙ୍କ ଆଖି ଆଗରେ ଭାସି ଚାଲିଥିଲା ତାଙ୍କ ନିଜ ଜୀବନର ଗୋଟିଏ ଗୋଟିଏ ଅନୁଭୂତି ।

ISSN NO.
2582-208X

## ଅନ୍ତିମ ସଂସ୍କାର

ଯେତେବେଳେ ବିକ୍ରମଙ୍କ ପିତାଙ୍କ ଦେହାନ୍ତ ହେଲା, ସେ ଅନ୍ତିମ ସଂସ୍କାର କରିବେ ବୋଲି ଆଶା କରାଯାଉଥିଲା। ଧଳା ପୋଷାକ ପିନ୍ଧି ସେ ଚିତା ସମ୍ମୁଖରେ ଠିଆ ହୋଇଥିଲେ, ତାଙ୍କ ମାଆ ଏବଂ ଭାଇଭଉଣୀମାନେ ତାଙ୍କ ପଛରେ ବିକଳ ହୋଇ ଭାବରେ କାନ୍ଦୁଥିଲେ । ପୂଜକ ତାଙ୍କୁ ରୀତିନୀତି ମାଧ୍ୟମ ରେ ମାର୍ଗଦର୍ଶନ କରିଥିଲେ, କିନ୍ତୁ ବିକ୍ରମଙ୍କ ହାତ କମ୍ପିଉଠିଥିଲା । ତାଙ୍କ ପିତା ତାଙ୍କୁ ସାଇକେଲ ଚଳାଇବା ଶିଖାଇବା, ଏକ ଝରକା ଭାଙ୍ଗି ଦେଇଥିବାରୁ ପାଇଁ ତାଙ୍କୁ ଗାଳି ଦେବା, କିମ୍ବା ନୀରବରେ ତାଙ୍କ କାନ୍ଧରେ ଏକ ଆରାମଦାୟକ ହାତ ରଖିବା ସ୍ମୃତି ତାଙ୍କ ମନରେ ଆଲୋଡନ ସୃଷ୍ଟି କରିଥିଲା ।

ନିଆଁର ଶିଖା ଚିତାକୁ ଗ୍ରାସ କରିବା ପରେ ବିକ୍ରମ ଅନୁଭବ କଲେ ଯେ ତାଙ୍କ ଆଖିରୁ ଲୁହ କେଇବୁନ୍ଦା ଝରି ଆସୁଛି । ସେ ଲଜ୍ଜିତ ହୋଇ ତୁରନ୍ତ ଏହାକୁ ପୋଛି ଦେଇଥିଲେ। ଜଣେ ଦୂରର ମାମୁଁ ତାଙ୍କୁ ଦେଖି ତାଙ୍କ ପିଠି ଆଉଁସି ପକାଇଥିଲେ । "ଠିକ୍ ଅଛି, ବିକ୍ରମ", ସେ କହିଲେ , ତାଙ୍କ' ସ୍ୱର ଖୁବ ନରମ ଥିଲା। " ସବୁଠାରୁ ଶକ୍ତିଶାଳୀ ଗଛଗୁଡ଼ିକ ମଧ୍ୟ ପତ୍ର ଝଡା ଦିଏ ।"

ସେହି ମୁହୂର୍ତ୍ତଟି ବିକ୍ରମଙ୍କ ହୃଦୟ ରେ ଛାପି ହୋଇ ରହିଗଲା । ସେ ଅନୁଭବ କଲେ ଯେ ଶକ୍ତିଶାଳୀ କେବଳ ସିଏ ନୁହେଁ ଯିଏ ଦୁଃଖ କୁ ଦମନ କରି ଦିଏ -ଦୁଃଖକୁବହନ କରିବା ଏବଂ ଆବଶ୍ୟକ ସମୟରେ ଏହାକୁ ପ୍ରବାହିତ ହେବାକୁ ଦେବା ମଧ୍ୟ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ର ପରିଚୟ ଦେଇ ପାରେ ।

## ଶ୍ରେଣୀଗୃହ ଘଟଣା

ଜଣେ ଶିକ୍ଷକ ଭାବେ ବିକ୍ରମ ନିଜକୁ ସୁନ୍ଦର ଏବଂ ସଞ୍ଜତ ବୋଲି ଗର୍ବ କରୁଥିଲେ। ଦିନେ, ତାଙ୍କ ଶ୍ରେଣୀରେ ଜଣେ ଯୁବକ ଏକ କୁଇଜ୍ ହାରିବା ପରେ କାନ୍ଦି ପକାଇଥିଲେ। ଅନ୍ୟ ପିଲାମାନେ ହସିଥିଲେ, ଏବଂ ବିକ୍ରମ ସ୍ୱାଭାବିକ ଭାବେ ସେମାନଙ୍କୁ ଶାନ୍ତ କରିଥିଲେ। ପିଲାଟି ପାଖରେ ଆଣ୍ଠୁମାଡି ସେ ଧୀରେ ଧୀରେ ପଚାରିଲା, "ତୁମେ କାହିଁକି କାନ୍ଦୁଛ ?" ପିଲାଟି ଚମକି ପଡ଼ିଲା। "ମୁଁ ମୋ ପିତାମାତାଙ୍କୁ ଗର୍ବିତ କରିବାକୁ ଚାହୁଁଥିଲି, କିନ୍ତୁ ମୁଁ ବିଫଳ ହେଲି।"

ISSN NO.
2582-208X

ବିକ୍ରମଙ୍କ ଛାତି ଶକ୍ତ ହୋଇଗଲା। ସେ ପିଲାଟିରେ ନିଜର ଯୁବାବସ୍ଥାର ପ୍ରତିଫଳନ ଦେଖିଲା। ତାଙ୍କୁ ଭର୍ତ୍ସନା କରିବା ପରିବର୍ତ୍ତେ, ସେ ଏକ କାହାଣୀ କହି ଉଠି ଥିଲେ କରିଥିଲେ। "ତୁମେ  ଜାଣ, ମୁଁ ଥରେ ବିଦ୍ୟାଳୟ ରେ ଗଣିତ ପରୀକ୍ଷାରେ ବିଫଳ ହୋଇଥିଲି। ମୁଁ ମଧ୍ୟ ବହୁତ ଖରାପ ଅନୁଭବ କରୁଥିଲି । କିନ୍ତୁ ମୋ ବାପା ମୋତେ କହିଲେ, 'ଏହା  ସଫଳ ବା ବିଫଳତା କଥା ନୁହେଁ, ଏହା  ପରେ ତୁମେ  କ' ଣ କରିବ ସେଇଟା ହିଁ ପ୍ରାଥମିକ କଥା । '

ପିଲାଟିର ଲୁହ  ଥମି ଗଲା, ଏବଂ ବିକ୍ରମଙ୍କ ଆଡକୁ ଅନାଇ ହସିଦେଲା। ପରେ ସେହି ସନ୍ଧ୍ୟା ରେ ବିକ୍ରମ ଚିନ୍ତା କଲା ଯେ ବାଳକଟି କେତେ ମୁକ୍ତ ଭାବରେ କାନ୍ଦୁଛି ଏବଂ ଏହା କିପରି ତା 'ର ହୃଦୟ କୁ ହାଲୁକା କରିଛି। ପ୍ରଥମ ଥର ପାଇଁ, ବିକ୍ରମ ଇଚ୍ଛା କରିଥିଲେ ଏବଂ ସେ ନିଜ ବିଫଳତା ପରେ ନିଜକୁ କାନ୍ଦିବାକୁ ଦେଇଥିଲେ।

## ଟ୍ରେନ୍ ଯାତ୍ରା

ଭୁବନେଶ୍ୱରକୁ ଯାଉଥିବା ଏକ ଜନଗହଳିପୂର୍ଣ୍ଣ ଟ୍ରେନ ରେ  ବିକ୍ରମ ଜଣେ ବୃଦ୍ଧ ବ୍ୟକ୍ତି ଙ୍କ ପାଖରେ ବସିଥିଲେ, ଯିଏକି  ଗଭୀର ଚିନ୍ତା ରେହଜି ଯାଇଥିବା ଭଳି ଲାଗୁଥିଲେ। ସେମାନେ କଥାବାର୍ତ୍ତା ଆରମ୍ଭ କଲେ, ଏବଂ ବ୍ୟକ୍ତି  ଜଣକ କହିଲେ ଯେ ସେ ନିକଟରେ ତାଙ୍କର 50 ବର୍ଷର ପତ୍ନୀଙ୍କୁ ହରାଇଛନ୍ତି।

"ମୁଁ ଭାବିଲି ମୁଁ ଠିକ ହୋଇଯିବି", ଲୋକଜଣକ କହିଲେ ତାଙ୍କର କମ୍ପିଲା ସ୍ୱର ରେ । "କିନ୍ତୁ ପ୍ରତି ରାମନ ଭିତରେ  ଉଙ୍କି ମାରୁଥିବା ଦୁର୍ଭାବନକୁ ମୁଁ ଅନେକାଂଶ ରେ କଂଟ୍ରୋଲ କରିପାରୁଛି ତିରେ, ମୁଁ କାନ୍ଦୁଛି। ଏବଂ ଆପଣ ଜାଣିଛନ୍ତି କି? ଏହା ଦ୍ୱାରା ମୁଁ ବା ନିଜକୁ ବହୁତ ହାଲ୍କା ଅନୁଭବ କରୁଛି"।

ଏଇ କଥା ଶୁଣିଲା ପରେ ବିକ୍ରମଙ୍କୁ ଲାଗିଲା ଯେମିତି ତାଙ୍କ ଗଳା  ରେ କିଛି ଅଟକି ଗଲା...ସେ ଧୀରେ ଧୀରେ ମୁଣ୍ଡ ହଲାଇଲେ । "କିଛି ବର୍ଷ ପୂର୍ବେ ମୁଁ ମୋ ବାପାଙ୍କୁ ହରାଇଛି", ସେ ସ୍ୱୀକାର କରିଥିଲେ। “କିନ୍ତୁ ମୁଁ କେବେ ବି କାହା ସାମ୍ନାରେ କାନ୍ଦିବାକୁ ହିମ୍ମତ କରିପାରି ନ ଥିଲି”...ଫୁସ ଫୁସ ହେଇ କହି ପକାଇ ଥିଲେ ବିକ୍ରମ  ।

ISSN NO.
2582-208X

କୋହ ଭରା ଆଖିରେ ଲୋକଜଣକ ତାଙ୍କ ଆଡକୁ ଚାହିଁଲେ ଏବଂ କହି ଉଠିଲେ, "କାହିଁକି ନୁହେଁ? ସେଥିରେ ଭୁଲ କଥା କିଛି ନାହିଁ । ଲୁହ ଦୁର୍ବଳତା ର ଲକ୍ଷଣ ନୁହେଁ। ବରଂ ତମ ମନ କୁ ଶକ୍ତ କରିବାରେ ସାହାଯ୍ୟ କରିଥଏ ଏବଂ ଆଗକୁ ବଢିବା ପାଇଁ ପ୍ରେରଣା ଦିଏ "। ସେ ଦିନ ଟ୍ରେନ ଯାତ୍ରା ର ବାକି ସମୟ ତକ ବିକ୍ରମ ନିଜ ପିତାଙ୍କ ବିଷୟ ଏବଂ ତାଙ୍କ ସହ ବିତେଇ ଥିବା ସମୟର ଛୋଟ ଛୋଟ ଅନୁଭୂତି ସବୁ କହି ସମୟ କାଟି ଦେଇ ଥିଲେ । ସେ ଦିନ ଯାତ୍ରା ଶେଷ ରେ ସେ ଖୁବ ହାଲୁକା ଅନୁଭବ କରୁଥିଲେ।

## ବିବାହ ଭାଷଣ

ଅନେକ ବର୍ଷ ପରେ, ତାଙ୍କ ଭଉଣୀଙ୍କ ବିବାହରେ ବିକ୍ରମଙ୍କୁ ଭାଷଣ ଦେବାକୁ କୁହାଯାଇଥିଲା। ସେ ଆତ୍ମବିଶ୍ୱାସର ସହ ସେମାନଙ୍କ ପିଲାଦିନ ଏବଂ ବଡ ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ବିଷୟ ରେ ମନେ ପକାଇବାକୁ ଲାଗିଲେ। କିନ୍ତୁ ଯେତେବେଳେ ସେ ସେମାନଙ୍କ ବନ୍ଧନ ବିଷୟ ରେ କହିଥିଲେ ଏବଂ ସେମାନଙ୍କ ସ୍ୱର୍ଗତ ପିତା କେତେ ଗର୍ବିତ ହୋଇଥାନ୍ତେ, ତାଙ୍କ ସ୍ୱର ଥରୁଥିଲା । ଧାର ଧାର ଲୁହ ଝରିପଡିଥିଲା।

କିଛି ସମୟ ପାଇଁ ନୀରବତା ଖେଳିଯାଇଥିଲା। ତା' ପରେ, କୋଠରୀଟି ତାଳି ର ଶବ୍ଦ ରେଭରି ଉଠିଥିଲା। ତାଙ୍କ ଭଉଣୀ ତାଙ୍କୁ ଜୋରରେ ଆଲିଙ୍ଗନ କରି କହିଉଠିଥିଲେ, "ଆମେ ସମସ୍ତେ ଯାହା ଅନୁଭବ କରୁଛୁ ତାହା କହିବା ପାଇଁ ଧନ୍ୟବାଦ ।"

ସେହି ଦିନ, ବିକ୍ରମ ଅନୁଭବ କଲେ ଯେ ଭାବପ୍ରବଣତା ପ୍ରଦର୍ଶନ କରିବା ତାଙ୍କ ପୌରୁଷ୍ୟତକୁ କମ୍ କରେ ନାହିଁ-ଏହା ଲୋକଙ୍କୁ ନିକଟତର କରେ ।

## ତାଙ୍କ ପୁଅକୁ ଶିକ୍ଷା ଦେବା

ସବୁଠାରୁ ବଡ଼ ଶିକ୍ଷା ସେତେବେଳେ ମିଳିଥିଲା ଯେତେବେଳେ ତାଙ୍କ ପୁଅ ଋଷୁ କ୍ରିକେଟ୍ ଖେଳୁଥିବା ସମୟରେ ଆଣ୍ଠୁରେ ଆଘାତ ପାଇଥିଲେ। ନିଲୁ ତାଙ୍କ ଓଠ କାମୁଡ଼ି ଲୁହକୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ବିକ୍ରମ ତାକୁ ଉଠାଇ କହିଲା, "ଠିକ୍ ଅଛି ଋଷୁ। ତୁମକୁ ନିଜ ଦୁଃଖ ଲୁଚାଇବାକୁ ପଡ଼ିବ ନାହିଁ। ଯନ୍ତ୍ରଣା ହେଲେ କାନ୍ଦିବା ସ୍ୱାଭାବିକ। ଏହା ତୋତେ ଭଲ ଅନୁଭବ କରାଇବ "।

ISSN NO.
2582-208X

ରଷ୍ଟୁ ତାଙ୍କ ପିତାଙ୍କୁ ଆଲିଙ୍ଗନ କଲେ ଏବଂ ଲୁହ ତାଙ୍କ ଆଖିରୁ ଅନାବିଳ ଝରି ଆସୁଥିଲା, ଏବଂ ବିକ୍ରମ ଏକ ଅପ୍ରତିମ ଗର୍ବ ଅନୁଭବ କରୁଥିଲେ । ସେ ତାଙ୍କ ପୁଅକୁ ଶିକ୍ଷା ଦେଉଥିଲେ ଯେ ପ୍ରକୃତ ଶକ୍ତି ଜଣଙ୍କ ମାନବିକତାକୁ ଆଲିଙ୍ଗନ କରିବାରେ ନିହିତ ।

ଏହି ଅଭିଜ୍ଞତାଗୁଡ଼ିକରୁ ବିକ୍ରମ ବୁଝିପାରିଥିଲେ ଯେ ଆବେଗକୁ ଲୁଚାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତାଙ୍କର ଏହି ଚିନ୍ତାଧାରା ଜୀବନକୁ ଏହାର ଗଭୀରତା ଏବଂ ଅର୍ଥ ପ୍ରଦାନ କରିଥିଲା। ସେ ଏହି ଅନୁଚିତାକୁ କୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରି ଏପରି ଜଣେ ବ୍ୟକ୍ତିତ୍ୱ ହେଇଯାଇଥିଲେ, ଯିଏ କେବଳ ଶକ୍ତିଶାଳୀ ନଥିଲେ, ବରଂ ନିଜର ହୃଦୟନିର୍ଭିକତାର ସହିତ ଖୋଲି ଦେଖେଇବା ପାଇଁ ପ୍ରସ୍ତୁତ ଥିଲେ।

ଅନେକ ବର୍ଷ ପରେ, ଯେତେବେଳେ ବିକ୍ରମ ବାରଣ୍ଡାରେ ବସି ରଷ୍ଟୁ ଯିଏ ବର୍ତ୍ତମାନ ଜଣେ ଯୁବକ, ଙ୍କ ସହିତ ସୂର୍ଯ୍ୟାସ୍ତ ଦେଖୁଥିଲେ, ସେ ଏକ ଗଭୀର ପୂର୍ଣ୍ଣତା ଅନୁଭବ କରିଥିଲେ। ରଷ୍ଟୁ ହଠାତ୍ ତାଙ୍କ ଆଡ଼କୁ ଚାହିଁ କହିଲେ, "ବାବା, ଆପଣ ମୋତେ ବହୁତ କିଛି ଶିଖାଇଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ଆପଣ ମୋତେ କହିଛନ୍ତି ତାହା ହେଉଛିପୁଅ ମାନେ 'କାନ୍ଦିବା'ରେ କିଛି ଭୁଲ ନାହିଁ । " ସେତେବେଳେ ବିକ୍ରମ ଙ୍କୁ ଲାଗିଲା ସେ ବହୁତ ଆଗକୁ ଆସି ଯାଇଛନ୍ତି ।

ଯେତେବେଳେ ସେ ଅନୁଭବ କଲେ ଯେ ସେ କେତେ ଦୂର ଆସିଛନ୍ତି, ସେତେବେଳେ ବିକ୍ରମଙ୍କ ଆଖିରୁ ଲୁହ ଝରିବା ଆରମ୍ଭ ହେଇଯାଇଥିଲା । ସେହି ମୁହୂର୍ତ୍ତରେ, ସେ ପୁଅ ର ପିଠି ଥାପୁଡ଼େଇ କହିଲେ, "ଲୁହ ଦୁର୍ବଳତାକୁ ବ୍ୟାଖ୍ୟା କରେ ନାହିଁ; ସେଗୁଡ଼ିକ ଏକ ଭଲ ମଣିଷ ହେବାର ଗଭୀରତାକୁ ପ୍ରତିଫଳିତ କରେ"। ଏକ ଶାନ୍ତ ହସ ସହିତ, ସେ ଲୁହକୁ ପ୍ରବାହିତ ହେବାକୁ ଦେଲେ, ବିନା ଲଜ୍ଜାରେ, ରଷ୍ଟୁ ଏବଂ ବିକ୍ରମ ଦୁହେଁ ବୁଝିପାରିଥିଲେ, ଶକ୍ତି ଆବେଗକୁ ଲୁଚାଇବାରେ ନୁହେଁ ବରଂ ସେମାନଙ୍କୁ ସମ୍ମାନ ଦେବାରେ ଅଛି।ପଦ-ପଦବୀ ନିର୍ବିଶେଷରେ ।

ଯେଉଁ ସମାଜପୁରୁଷ ଙ୍କ ର ଶକ୍ତିକୁ ନୀରବତା ସହିତ ତୁଳନା କରେ, ସେହି ସମାଜ ପାଇଁ ଏହା ଶିଖିବା ନିତାନ୍ତ ଆବଶ୍ୟକ ଯେ ନିଜର ମନୋଭାବ କୁ ପ୍ରକାଶ କରିବା, ନିଜର ବ୍ୟସ୍ତତା ପ୍ରକାଶ କରିବା କିମ୍ବା କାହା ଆଗରେ ହୃଦୟ ଖୋଲି କାନ୍ଦିବା କିଛି ପାପ ନୁହେଁ । ଆବେଗଗୁଡ଼ିକ ଲିଙ୍ଗ ଦ୍ୱାରା ଆବଦ୍ଧ ନୁହେଁ; ସେଗୁଡ଼ିକ ମାନବ ଅନୁଭୂତିର ଏକ ସାର୍ବଜନୀନ

ISSN NO.
2582-208X

ଭାଷା। କାନ୍ଦିବା ଦୁର୍ବଳତା ନୁହେଁ ବରଂ ଏକ ସାହସିକ କାର୍ଯ୍ୟ । ଆମେ ସମସ୍ତେ ବୁଝିବା କଥା, ଆମର ଆବେଗକୁ ଆଲିଙ୍ଗନ କରି, ଆମେ ଏପରି ଏକ ବିଶ୍ୱକୁ ପ୍ରୋତ୍ସାହିତ କରିବା, ଯେଉଁଠାରେ ଦୁର୍ବଳତାକୁ ବିଚାର କରାଯାଏ ନାହିଁ ବରଂ ପୁରୁଷ ହେଇ ନିଜର ଭାବନା କୁ ଅଭିବ୍ୟକ୍ତ କରିବାର ସାହସିକତା କୁ ସେଲିବ୍ରେଟ କରାଯାଏ...ଯେଉଁଠାରେ ହୃଦୟ ହାଲୁକା ଏବଂ ବନ୍ଧନ ଅଧିକ ଶକ୍ତିଶାଳୀ ମନେହୁଏ । ଆସନ୍ତୁ ଆମେ ଆମ ପିଲାମାନଙ୍କୁ ଶିକ୍ଷା ଦେବା-ଏବଂ ନିଜକୁ ମନେ ପକାଇବା-ଯେ 'କାନ୍ଦିବା'ବା ଭାବୁକତାରେ ବୋହିଯିବା କେବଳ ଠିକ୍ ନୁହେଁ, ବରଂ ପ୍ରକୃତରେ ବଞ୍ଚିବା ଏବଂ ଭଲ ପାଇବା ପାଇଁ ଏହା ବହୁତ ଜରୁରୀ।

ଫ୍ଲାଟ ନଂ - B 2, 705
ଲେଜ଼ର ପାର୍କ, ଗ୍ରେଟର ନୋଇଡା
ଉତ୍ତର ପ୍ରଦେଶ

ISSN NO.
2582-208X

# ଏଥର ବି ନବବର୍ଷ



ଅମୃତନାରାୟଣ ଶତପଥୀ

ଏଥର ବି ନବବର୍ଷ ଆସିଲା ନୂତନ ଭାବେ,
ମନ ମଧ୍ୟେ କେତେ ନବ ଚିନ୍ତା ଓ ଚେତନା ଜାଗେ।(୧)
ନୂତନ ଭାବନା ସହ ନୂତନ କେତେ ସଙ୍କଳ୍ପ,
ସ୍ୱପ୍ନ ସାକାର ପାଇଁକି ପୁଣି ଅଥକ ସଂଘର୍ଷ।(୨)
ବଦଳିଗଲା ଯେ ପୁଣି ସବୁ ତାରିଖ ତ ଜାଣ,
ବର୍ଷଟିଏ ପୂରିଗଲା ବୟସ୍କ ହୋଇଲା ପ୍ରାଣ।(୩)
ଅତୀତକୁ ଭୁଲିଯିବା ପାଇଁ ଯେ ଏକ ଆହ୍ୱାନ,
ଭବିଷ୍ୟତ ଚିନ୍ତା ଛାଡି ଦୃଷ୍ଟି ବର୍ତ୍ତମାନ ଧ୍ୟାନ।(୪)
ଅତୀତର ସୁଖ ଦୁଃଖ ବର୍ତ୍ତମାନେ ପ୍ରହେଳିକା,
ଭବିଷ୍ୟତ ଭାବନା ବି ଅଟେ ମରୁ ମରିଚିକା।(୫)
ବର୍ତ୍ତମାନ ଫଳ ସବୁ ଅତୀତର ଅଟେ କର୍ମ,
ଅବା ପୁଣି ପାରବ୍ଧ ବା ହିସାବ ଅଧର୍ମ ଧର୍ମ।(୬)
ପାରବ୍ଧ ବା ଭାଗ୍ୟଫଳେ ଆମର ନାହିଁ ଯେ ହସ୍ତ,
କର୍ମ କରିଣ ଚାଲିବା ଫଳ ଚିନ୍ତା ଛାଡି ମସ୍ତ।(୭)

ISSN NO.
2582-208X

ସମର୍ପଣ ନିଜ ପ୍ରାଣ ସୃଷ୍ଟି କର୍ତ୍ତାଙ୍କର ପଦେ,
କଲେ ସହଯୋଗ ମିଳେ ପଥିକକୁ ପ୍ରତି ପାଦେ।(୮)
ନବବର୍ଷେ ନୂତନ ଭାବନା ମନରେ ନେଇ,
ପ୍ରଭୁଙ୍କ ପାଦପଦ୍ମରେ ସମର୍ପିତ ପ୍ରାଣ ଏହି।(୯)
ଏଥର ବି ନବବର୍ଷ ସଭିଙ୍କର ହେଉ ମଙ୍ଗଳମୟ,
ଜୀବନରୁ ଦୁଃଖ କଷ୍ଟ ସମୂଳେ ହେଉ ବିଲୟ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ମୋ ସଠିକ୍ ମୋତି



ଝିଲିମିଲି ସାହୁ

ସମାଜର ଭିଡ ଭିତରେ
ଆନମନା ସପନ ରାଇଜେ
ଉଙ୍କିମାରେ ଅନେକ ଅବୁଝା ଦୃଶ୍ୟ
ଯେଉଁଠାରେ ନଥାଏ ତର୍କ
ନଥାଏ ଅତିକ୍ରମ କରିବା ସାହାସ ।

ଅଭିମାନ ଭରା ଏଇ ଅଝଟିଆ ମନ
ସୁପ୍ତ ଚେତନାରେ ଦେଖେ ଇନ୍ଦ୍ର ଭୁବନ
ସେଇ ଅମରାବତୀର ଉନ୍ମୁକ୍ତ ପବନେ ବୁଲି
ତୂଳୀନେଇ ଆଙ୍କିଦିଏ କଳ୍ପନାର ଉପବନ ।

ଆହାଃ!!! କି ସୁନ୍ଦର ଉପବନ
ଚାରି ଦିଗକୁ ମହକାଉଥିବା ପାରିଜାତ
ଫୁଲେ ଫୁଲେ ଉଡ଼ି ବୁଲୁଥିବା ପରଜାପତି
ହୃଦେ ଭରିଦିଏ ପ୍ରକୃତି ପ୍ରୀତି ।

ISSN NO.
2582-208X

ପୁଷ୍କରିଣୀ ଜଳେ ଚନ୍ଦ୍ରମାକୁ ଦେଖି
ହସିଦିଏ ସରମୀ କଇଁ
ମଳୟର ତାଳେ ପୁଚ୍ଛ ମେଲାଇ
ନାଚି ନାଚି ବିଭୋର ହୁଅଇ ଶୀଖି ।

ଏମିତି ଉଙ୍କିମାରେ ସ୍ୱପ୍ନରାଜି
ପାଦେ ଭରିଦିଏ ଅଦୃଶ୍ୟ ଶକ୍ତି
ପ୍ରେରଣା ଯୋଗାଏ ଆଗେଇବା ପାଇଁ
ହୃଦୟେ ଜଳାଏ ବିଶ୍ୱାସ ଜ୍ୟୋତି ।

ଏ ଦୁନିଆ!! ଚିକିମିକି ଖୋଳପାଟିଏ
ବାସ୍ତବତା କିନ୍ତୁ, ହୃଦୟସ୍ପର୍ଶୀ
ଏଇତ ସଠିକ ସମୟ, ଖୋଜିବାକୁ
କାହାଣୀ ପେଡିର ମୂଲ୍ୟବାନ ମୋତି ।

ସହ. ଶିକ୍ଷୟିତ୍ରୀ
ନୟାଗଡ଼

ISSN NO.
2582-208X

# ପ୍ରଭୁ ନାରାୟଣ ବନ୍ଦନା



ପ୍ରଦୀପ କୁମାର ଜିଲିକାର୍

-ସରୋଷ୍ଠକ ନିୟମରେ-
( ସରୋଷ୍ଠକ ବର୍ଗ - ପ ଫ ବ ଭ ମ )

ଭ୍ରମ ବିଭା ବପ୍ରି ଭବା ବିବାମା ପ୍ରଭୁ..
ବଭ୍ରବୀ-ପ୍ରଭୁ ଭୂ-ଭବା ଭୃ-ଭୃମି ପ୍ରଭୁ..୦୧

ବପ୍ରୁ ପୀବା ପୀବା ପବି ପବି-ଭୃ ପ୍ରଭୁ..
ବାମ ବାପା ପାବୀ ବିଭବ ଭବ ପ୍ରଭୁ..୦୨

ବିପ୍ର ପା ଭୃ ବାମେ ବାମ ବିବାମ ପ୍ରଭୁ !..
ବିପ୍ର ଭବ୍ୟ ବାମ-ଭ୍ରମ-ବିବାମ ପ୍ରଭୁ..୦୩

ପୃ-ଭବ ପୃ-ଭବ ଭାବେ ଭାବ-ପୃ ପ୍ରଭୁ!..
ଭ-ବାମ ବପୁ ଭୃ ଭୀମ ଭବ୍ୟ ମୋ ପ୍ରଭୁ..୦୪

ଭବ ଭବେ ଭବ ଭବେ ଭୂ-ବାମ ପ୍ରଭୁ..
ବିଭାବେ ପାବୀ-ଭବ-ପା ବିଭୁ! ମୋ ପ୍ରଭୁ..୦୫

ISSN NO.
2582-208X

ସୁବର୍ଣ୍ଣ ବିଭା ପ୍ରକାଶ କରୁଥିବା ସିନ୍ଧୁ କନ୍ୟା ବିଶେଷ ସୁନ୍ଦରୀ ମା ଲକ୍ଷ୍ମୀଙ୍କର ଆପଣ ପ୍ରଭୁ। ପାର୍ବତୀ ପତି ଶିବଙ୍କର ଆପଣ ପ୍ରଭୁ, ମା ସରସ୍ୱତୀ ସୀତାଙ୍କର ଆପଣ ହେଉଛନ୍ତି ପ୍ରଭୁ। ହେ କନ୍ଦର୍ପ ଜନକ; ଶିବ, ଅଗ୍ନି, ଜଳ, ବାୟୁ, ଇନ୍ଦ୍ର, ମଦନ ଓ ବ୍ରହ୍ମାଙ୍କର ଆପଣ ହେଉଛନ୍ତି ପ୍ରଭୁ। ହେ ପ୍ରଭୁ, ଆପଣ ବ୍ରାହ୍ମଣଙ୍କ ପଦ ଚିହ୍ନ ବକ୍ଷରେ ଧାରଣ କରିଛନ୍ତି, ଆପଣ ହେଉଛନ୍ତି ଦୁଷ୍ଟ ମାନଙ୍କ ଶତ୍ରୁ। ବ୍ରାହ୍ମଣ, ସାଧୁ ସନ୍ଥ, ପକ୍ଷୀ ଶ୍ରେଷ୍ଠ ଗରୁଡ଼ଙ୍କର ମଧ୍ୟ ଆପଣ ପ୍ରଭୁ। ଆପଣଙ୍କୁ ଚିନ୍ତନ କଲେ ଆପଣ ଭାବ ପୂର୍ଣ୍ଣ କରନ୍ତି, ସଂସାର ରକ୍ଷା ଓ ପାଳନ କରନ୍ତି, ଆପଣ ହେଉଛନ୍ତି ମୋ ପ୍ରଭୁ। ଭ୍ରମର କଳା ପ୍ରାୟେ ମନୋହର ତନୁ ଧାରଣ କରିଛନ୍ତି ଆପଣ! ହେ ପ୍ରଭୁ ଆପଣ ଶାନ୍ତ ଓ ଭୟଙ୍କର ମୂର୍ତ୍ତି ମଧ୍ୟ। ସଂସାରର ମଙ୍ଗଳ ପାଇଁ ଆପଣ ସଂସାରରେ ଜନ୍ମ ନିଅନ୍ତି, ସଂସାରର ପ୍ରତିଟି ଜୀବ ମାନଙ୍କର ଆପଣ ପ୍ରଭୁ! ହେ ପ୍ରଭୁ! ଆପଣଙ୍କ ପଦ୍ମ ଶ୍ରୀ ପଦକୁ ବିଶେଷ ଭାବରେ ସ୍ମରଣ କରୁଛି, ହେ ମୋ ପ୍ରଭୁ।

ଭ୍ରମ- ସୁବର୍ଣ୍ଣ
ବପ୍ରି - ସାଗର
ବିବାମା- ବିଶେଷେ ସୁନ୍ଦରୀ
ବଭ୍ରବୀ- ପାର୍ବତୀ
ବଭ୍ରବୀ-ପ୍ରଭୁ - ଶିବ
ଭୂ-ଭବା - ସୀତା
ଭୃ- ଧାରଣ କରିବା
ଭୃ-ଭୃମି - ସରସ୍ୱତୀ ( ଭୃମୀ - ବୀଣା ଧାରିଣୀ )
ବପ୍ରୁ- ବହ୍ନି
ପୀବା- ଜଳ,ବାୟୁ
ପବି- ଅଗ୍ନି,ବଜ୍ର
ପବି-ଭୃ - ଇନ୍ଦ୍ର ( ବଜ୍ର ଯେ ଧାରଣ କରେ )
ବାମ - କନ୍ଦର୍ପ, ମନୋହର, ଦୁଷ୍ଟ, ଜୀବ,ବକ୍ର, ଶିବ,ବକ୍ଷ।
ବାମ ବାପା - ବିଷ୍ଣୁ
ପାବୀ ବିଭବ - ପଦ୍ମ

ISSN NO.
2582-208X

ପାବୀ ବିଭବ ଭବ - ବ୍ରହ୍ମା

ବିପ୍ର - ବ୍ରାହ୍ମଣ

ପା - ପାଦ, ଚରଣ

ବିପ୍ର ପା ଭୃ ବାମେ- ବ୍ରାହ୍ମଣ ପାଦ(ପା) ଚିହ୍ନ ବକ୍ଷରେ ଧାରଣ କରିଛନ୍ତି।

ବାମ ବିବାମ - ଦୁଷ୍ଟ ମାନଙ୍କ ପ୍ରତିପକ୍ଷ

ଭବ୍ୟ- ସାଧୁ, ଶିଷ୍ଟ

ବାମ-ଭ୍ରମ- ବକ୍ର ଯେ ଚାଲେ ( ସର୍ପ )

ବାମ-ଭ୍ରମ-ବିବାମ - ସର୍ପର ଶତ୍ରୁ - ଗରୁଡ଼

ପୃ - ପାଳନ କରିବା, ରକ୍ଷା କରିବା, ପୂର୍ଣ୍ଣ କରିବା

ଭାବ - ସ୍ମରଣ, ଇଚ୍ଛା

ଭ - ଭ୍ରମର

ବପୁ - ଶରୀର

ଭୀମ-ଭୟଙ୍କର,ଭୟାନକ

ଭବ - ସଂସାର, ମଙ୍ଗଳ, ଜାତ

ଭୂ-ବାମ - ସଂସାରର ସମସ୍ତ ଜୀବ

ପାବୀ-ଭବ - ପଦ୍ମ

ବିଭୁ - ଈଶ୍ୱର

ISSN NO.
2582-208X

# ବୈଷ୍ଣବ ପାଣିଙ୍କ ପ୍ରତିଭାରେ ନାରୀ ଚରିତ୍ର ପ୍ରସଙ୍ଗ



ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ସାହୁ

ନାରୀକୁ ନେଇ ଯୁଗେ ଯୁଗେ ନାନା ମତ୍ୟନ୍ତ ପ୍ରକାଶ ପାଇଆସିଛି । ନାରୀକୁ ଯିଏ ଯେତେ ନିନ୍ଦା କଲେ ମଧ୍ୟ ନାରୀ ଆପଣାର ମହିମାରେ ମହିମାନ୍ୱିତ । ନାରୀ ପାଖରେ ଥାଏ ଦୁଇଟି ଭାବ- ପ୍ରେମ ଓ ଘୃଣା । ନାରୀ ଏକ ଜୀବନ୍ତ ବାସ୍ତବ ମଣିଷ ଯୌନଜାତ ଜୀବ । ନାରୀକୁ ନେଇ ସୌନ୍ଦର୍ଯ୍ୟର ବିକାଶ ଓ ପ୍ରେମର ପ୍ରତିଷ୍ଠା, ନାରୀକୁ ଘୃଣା ନ କରି ପ୍ରେମ ଦ୍ୱାରା ତାର ଜୀବନରେ ବୈଚିତ୍ରୀକୁ ଉପଲବ୍ଧ କରିପାରିବ ସେ ହୁଏ କାଳଜୟୀ ସ୍ରଷ୍ଟା, ଦଣ୍ଡୀଙ୍କ ଦଶରୂପକ- ରେ ମଧ୍ୟ ନାରୀକୁ ନେଇ ଏକ ସୁନ୍ଦର ଶ୍ଳୋକ ରହିଛି ।

"କାର୍ଯ୍ୟେଷୁ ମନ୍ତ୍ରୀ
କରଣେଷୁ ଦାସୀ
କ୍ଷମ୍ୟୟା ଧରତ୍ରୀ
ସ୍ନେହସୁ ମାତା
ଶୟନ ରମ୍ଭା, ଯଃ ଲକ୍ଷ୍ମଣ ସା ପ୍ରିୟମେ"

କିଏ ନାରୀକୁ ଭଗନୀ, ଜାୟା, ମାତା ରୂପରେ ଦେଖୁଛନ୍ତି । ଠିକ୍ ସେହିପରି ବୈଷ୍ଣବ ପାଣିଥିଲେ ଆଜୀବନ ନାରୀ ପ୍ରିୟ ।କେତେବେଳେ ପତ୍ନୀ ରୂପରେ, କେତେବଳେ ପ୍ରେମିକ ରୂପରେ ଆବିର୍ଭାବ କରିଛନ୍ତି । ସବୁକୁ ଭେଦ କରି ସେ ଆବିଷ୍କାର କରିଛନ୍ତି ଚିରନ୍ତନୀ

ISSN NO.
2582-208X

ନାରୀକୁ । ବେଶ୍ୟାକୁ ସେ ଘୃଣା କରନ୍ତି ନାହିଁ । ଯେଉଁ ବେଶ୍ୟାର ପ୍ରେମକୁ ପାଣିର ଗାର ପରି ଉପଲବ୍ଧି କରିଛନ୍ତି । ବେଶ୍ୟାର ଯୌନ ଓ ଯୌବନକୁ ସମ୍ମାନ ଦେଇଛନ୍ତି । ବିନିମୟରେ ପାଇଛନ୍ତି ପ୍ରେମ। ଅଶ୍ରୁ ଅର୍ଘ୍ୟରେ ସେ ପ୍ରେମ ହୋଇଛି ଅଭିଷିକ୍ତ । ବେଶ୍ୟା ନାରୀ- ଚିରନ୍ତନୀ ନାରୀ । ଯେମିତି ରାମାୟଣର ଜରତା ଅଥବା ଭାଗବତର ପିଙ୍ଗଳା କିମ୍ବା ବୌଦ୍ଧ ଜାତକର ଆସାପଲ୍ଲୀ କଥା ସ୍ମରଣ ହେଲାପରି ବୈଷ୍ଣବ ପାଣି ଗଢିକାଳୟକୁ ଯାଇଛନ୍ତି ।

### ବୈଷ୍ଣବ ପାଣିଙ୍କ ରଚନାରେ ମାତୃ ହୃଦୟର ସ୍ୱରୂପ -

ପ୍ରହଲ୍ଲାଦ ଚରିତ୍ରରେ ରାଣୀ ଇନ୍ଦୁମତୀ, ଧ୍ରୁବଚରିତରେ ସୁନୀତି, ହରିଶ୍ଚନ୍ଦ୍ର ଗୀତିନାଟ୍ୟରେ ଶୈବ୍ୟା, ନରମେଧ ଯଜ୍ଞରେ କୁଶଧ୍ୱଜ ମାତା, ରାମବନବାସରେ କୌଶଲ୍ୟା ଓ ସୁମିତ୍ରା, ଖୁଲଣା ସୁନ୍ଦରୀରେ ଖୁଲଣା ଇତ୍ୟାଦି ଚରିତ୍ରମଧ୍ୟରେ ବୈଷ୍ଣବ ପାଣି ଦେଖୁଛନ୍ତି ମାତୃ ହୃଦୟର ପରାକାଷ୍ଠା ।

ହରିଶ୍ଚନ୍ଦ୍ର ଗୀତିନାଟ୍ୟରେ ରାଣୀ ଶୈବ୍ୟା ଅନ୍ୟ ଏକ ତ୍ୟାଗର ଅଫୁରନ୍ତ ପ୍ରତୀକ । ସେ ଏକାଧାରରେ ଜନନୀ ଓ ଜାୟା, ବ୍ରାହ୍ମଣ ଘରେ ଦାସୀ ଭାବରେ ରହିଥିବା ଶୈବ୍ୟା ପୁତ୍ର ରୋହିତର ଶବକୁ ଧରି ଅନାନୀ ପରି ବର୍ଷା ରାତିରେ ଶ୍ମଶାନରେ କାନ୍ଦିବାର ଦୃଶ୍ୟ ସ୍ମରଣରେ ମଧ୍ୟ ଚକ୍ଷୁ ଅଶ୍ରୁସିକ୍ତ ହୋଇଯାଏ । ପାଣି କବିଙ୍କର ସମସ୍ତ ହାତଯଶ ଯେପରି ଶୈବ୍ୟା ଚରିତ୍ରର କାରୁଣ୍ୟ ଫୁଟି ଉଠିଛି ।

"ଗଲାରେ ଗଲାରେ ଉଡି
ଛାଡି ପିଞ୍ଜରା ମୋ କଳାଶାରୀ ।"

### ବୈଷ୍ଣବ ପାଣିଙ୍କ ରଚନାରେ ପ୍ରେମିକାର ସ୍ୱରୂପ -

ପ୍ରେମ ମାନବ ପ୍ରାକୃତିର ଏକ ବଳିଷ୍ଠ ବିଭବ । ଏହା ମନୁଷ୍ୟର ଆବେଗକୁ ଅନ୍ୟ ପାଖରେ ସମର୍ପିତ କରିଥାଏ । ବୈଷ୍ଣବ ପାଣି ତାଙ୍କ ସାହିତ୍ୟରେ ପ୍ରେମିକ ପ୍ରବର ଚରିତ୍ରଟିଏ

ISSN NO.
2582-208X

ପାଲଟିଯାଇଛନ୍ତି । ସେ ରାଧା, ଗୋପୀ, କୁବୁଜା ଓ ସୁଲୋଚନା ପରି ଚରିତ୍ର ସୃଷ୍ଟି କରିଛନ୍ତି। ଯେପରି ରଙ୍ଗସଭା ଗୀତାଭିନୟରେ ଗୋପୀଗଣ ମଧ୍ୟ ପ୍ରେମ ପାଗଳିନୀ,ସେମାନେ କୃଷ୍ଣ ପ୍ରେମରେ ଚାଉଳୀ ହୋଇଛନ୍ତି । ସେମାନେ ଅକ୍ରୂରଙ୍କ କହନ୍ତି ।

"ନ ନିଅ ଆମ୍ଭ ହରିରେ ଅକ୍ରୁର
ଏ ଗୋପ ଅନ୍ଧାର କରି ।"

## ବୈଷ୍ଣବପାଣିଙ୍କ ରଚନାରେ ପ୍ରତିଶୋଧ ପରାୟଣା ନାରୀ –

ନାରୀ ସ୍ନେହ, ପ୍ରେମ, କ୍ଷମା, ଦୟାଶୀଳ ଓ ଶ୍ରଦ୍ଧାର ମୂର୍ତ୍ତିମନ୍ତ ଦେବୀ, ବେଳେବେଳେ ପ୍ରତିଶୋଧ ପରାୟଣା ହୋଇ ଅନେକ ଅଘଟଣ ଘଟାଇ ଥାଏ । ଧ୍ରୁବଚରିତ୍ରରେ ସୁରୁଚି ଅସହିଷ୍ଣୁତାର ସ୍ୱରୂପ । ତାର ପ୍ରତିହିଂସା ଯୋଗୁଁ ସୁନୀତି ଦଣ୍ଡ ପାଇଛି ।

## ବୈଷ୍ଣବ ପାଣିଙ୍କ ରଚନାରେ ନାରୀର ଭଗିନୀ ରୂପ –

ପାଣି ମହାଶୟ ଭାରତୀୟ ସମାଜର ପାରିବାରିକ ସଂପର୍କରେ ଭଉଣୀକୁ ଉଚ୍ଚସ୍ଥାନ ଦିଆଯାଇଛି । ଭଗିନୀ ଭାବରେ ଦେବକୀ ଚରିତ୍ର ପ୍ରଥମେ ଆସେ । ରାଜକନ୍ୟା, ରାଜବଧୂ ଦେବଜୀ ପ୍ରବଳ ପ୍ରତାପୀ କଂସାସୁର ଭଗିନୀ ଦୈବବାଣୀ ଶୁଣି ଉତେଜନାରେ ଦେବକୀକୁ ହତ୍ୟା କରିବାକୁ ଉଦ୍ୟତ ଭାଇକୁ ଦେବକୀ କହିଛି ।

"ଭାଇ ରଖ ଏ ଘଟ
ଜାତ କରି ସୁତେ ଦେବୁ ତୋହ ନିକଟ ।"

## ବୈଷ୍ଣବ ପାଣିଙ୍କ ରଚନାରେ ପତ୍ନୀର ସ୍ୱରୂପ –

ପଦନରୁ ଯେ ତ୍ରାଣରେ ସେ ପତ୍ନୀ, ପୁରୁଷର ଧର୍ମମୟ ଓ କର୍ମମୟ ଜୀବନ ମଧ୍ୟରେ ସ୍ତ୍ରୀର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ପତ୍ନୀ ରୂପରେ ପାଣି ମହାଶୟରେ ସାହିତ୍ୟରେ ଅନେକ

ISSN NO.
2582-208X

ଦୃଷ୍ଟାନ୍ତ ଦେଖୁବାକୁ ପାଉ । ଯେପରି-ପ୍ରହ୍ଲାଦ ଚରିତର ହିରଣ୍ୟ ପତ୍ନୀ ବିଦ୍ୟୁଚ୍ଛାୟା, ଧ୍ରୁବ ଚରିତ୍ରରେ ସୁନୀତି, ନଳଦମୟନ୍ତୀରେ ଦମୟନ୍ତୀ, ହରିଶ୍ଚନ୍ଦରେ ଶୈବ୍ୟା, କୀଚକ ବଧରେ ଦ୍ରୌପଦୀ ଅନ୍ୟତମ ।

## ବୈଷ୍ଣବ ପାଣିଙ୍କ ରଚନାରେ ପରିକ୍ରିୟା ପ୍ରୀତିର ସ୍ୱରୂପ -

ପୁରୁଷ ଓ ନାରୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ନାରୀର ଦୁର୍ବଳତା ଉତମ ଦ୍ରବ୍ୟ ଓ ପୁରୁଷର ଦୁର୍ବଳତା ନାରୀର ସୌନ୍ଦର୍ଯ୍ୟ । ଏହି ପରମ୍ପରାରୁ ପାଣି ମହାଶୟ କିପରି ବା ମୁକୁଳି ପାରିଥାନ୍ତେ । ତେଣୁ ସେ ଘରେ ସୁନ୍ଦରୀ ସ୍ତ୍ରୀ ଥାଇ ମଧ୍ୟ ପରକ୍ରିୟା ପ୍ରୀତି (ହର) ନାମକ କନ୍ୟାର ରୂପ ଓ ଗୁଣରେ ହେଲେ ମୁଗ୍ଧ । ପ୍ରବଳ ଇଚ୍ଛା ହେଲା ତାଙ୍କର ଏ କନ୍ୟାକୁ ସ୍ତ୍ରୀ ରୂପରେ ଗ୍ରହଣ କରିବେ । ଶେଷରେ ଗୃହତ୍ୟାଗ କରି ବିରୂପା ନଦୀ କୂଳରେ ଗୃହ ନିର୍ମାଣ କରି ହର ସହ ଆନନ୍ଦରେ ରହିଲେ । ବହିଲେଖା ଓ ପ୍ରକାଶନରୁ ଯେଉଁ ଆୟ ହେଉଥିଲା ସେଥିରେ ସେ ଦୁହେଁ ଖୁସିରେ ସମୟ ଅତିବାହିତ କରୁଥିଲେ ।

ସତରେ ଗଣକବି ବୈଷ୍ଣବ ପାଣି ଓଡିଶାର ଜନଗଣଙ୍କ ମଧ୍ୟରେ ବେଶ ପରିଚିତ । ପ୍ରତିଟି ଓଡିଆର କୋମଳ ଦନ୍ତୀରେ ସେ ତାଙ୍କର ଆସନ ପାତି ନେଇଛନ୍ତି । ଶେଷରେ ଏତିକି କୁହାଯିବ - ଓଡିଆ ଗୀତିନାଟ୍ୟ ବିଶ୍ୱ ଦରବାରରେ ପହଂଚିବାର ଏକ ସୁନ୍ଦର ପ୍ରୟାସର ଅନ୍ୟନାମ ପାଣି ମହାଶୟ ।

ରାଜସୁନାଖଳା ମହାବିଦ୍ୟାଳୟ, ରାଜସୁନାଖଳା
ନୟାଗଡ, ଫୋନ୍ - ୮୮୪୭୮୬୬୭୨୦

ISSN NO.
2582-208X

# ଦୁବ ଘାସ



ସରସ୍ୱତୀ ମିଶ୍ର

ଦୁର୍ବାଦଳ ମୁଁ ତବ  ପଦର ଶତ ପ୍ରହାରେ
ମରିବି ନାହିଁ ମରିବି ନାହିଁ
କ୍ଷଣେ ଥମିଯାଅ ଦେଖିଯାଅ ବାରେ
ଜୀଇଁଛି ମୁହିଁ ଜୀଇଁଛି ମୁହିଁ.

ତବ ଯାତନାର  ଶତ ପ୍ରହାର
ମାରିତ ପାରିନି  କେବେ ବି ମୋତେ
ଶୁଷ୍କ ହେଲି ସିନା  ମରିତ ନାହିଁ
ଅଳ୍ପ ବର୍ଷାରେ ଜୀଇଁବି ସତେ.

ସୃଷ୍ଟିର ଏକ  କ୍ଷୁଦ୍ର ସର୍ଜନା ମୁଁ
କିନ୍ତୁ ମୋର ବିନା ଶୋଭେ ନା ଧରା
ମୁହିଁ ଥିଲେ ଦିଶେ  ଶ୍ୟାମଳ ସୁନ୍ଦର
ଅପରୂପମୟୀ ଏ ବସୁନ୍ଧରା.

ରକ୍ଷାକରେ ମୁଁ  ତବ ପଦକୁ
ଘାତ କବଳରୁ ତୀକ୍ଷ୍ଣ କଣ୍ଟାର

ISSN NO.
2582-208X

ମୋହ ପାଇଁ ସିନା ଚାଲିପାର ପଥ
ଅକ୍ଲେଶେ ପହୁଞ୍ଚ ଲକ୍ଷ୍ୟସ୍ଥଳ.

ଯାହା ପ୍ରହାରେ ହୁଏ ଦରମଲା
ରକ୍ଷା କରଇ ତାହାକୁ ମୁହିଁ
ତ୍ୟାଗର ଏହି ଅମୂଲ୍ୟ ଭାଷା
ବୁଝ କି ସତେ ମଣିଷ ହୋଇ.

ମଣିଷ ହୋଇ ବି ଦ୍ୱେଷ, ଛଳନା
ହିଂସାରେ ଭରା ତବ ଅନ୍ତର.
ଛାର ଦୁର୍ବା ଦଳ ଦେଖା ଗାଏ ଗୀତ
ଅଫୁରନ୍ତ ତ୍ୟାଗ କ୍ଷମା ପ୍ରୀତୀର.

ଶୁଷ୍କ ହେଲେ ବି କରେ ପ୍ରତୀକ୍ଷା
ଆଗାମୀ ଶୀତଳ ବାରି ଧାରାର
ମନୁଷ୍ୟ ହୋଇ ବି ହାରିଯାଅ ଧୈର୍ଯ୍ୟ
ଅଳ୍ପ ଆଘାତେ ଭାଙ୍ଗି ତ ପଡ଼.

ଆସୁ ଯେତେ ଝଡ଼ ଭାଙ୍ଗି ପଡ଼ନାହିଁ
ଦୁର୍ବାଦଳ ମୁଁ କହଇ ଧୀରେ
ମଣିଷ ଜୀବନ କର ହେ ସାର୍ଥକ
ସମୟ ଲଗାଇ ପରୋପକାରେ.

ଆନନ୍ଦ ନଗର, ବଲାଙ୍ଗିର
ଫୋନ-8895558976

ISSN NO.
2582-208X

# ସନ୍ଧାନ



ପ୍ରତିଭା ଦାସ

ଦିନ ରାତି ଏକାକାର କରି
ଆକୁଳ ହୋଇ
ଖୋଜୁଛି ତୁମକୁ,
କେବେ ଶବର ଗହନ ବନରେ
କେବେ ସୁର ସରୋବରରେ
କେବେ ପୁଣି ସଂସ୍କୃତି ସମ୍ମିଳନୀ ମହାଯଜ୍ଞରେ,
ଗାଁ ଛକରେ, ପୂଜା ମଣ୍ଡପରେ
ସହରେ ନଗରେ ସବୁଠି,
ହେଲେ,
ତୁମେ କୋଉଠି ନାହଁ !

ଦିନକୁ ଦିନ ବଢୁଥିବା ମତଭେଦରେ
ନିସ୍ତେଜ ହୋଇଯିବାପରେ
ସେ ଯଦି ମୋତେ ସୂର୍ଯ୍ୟର ସ୍ତବକ ଶୁଣାଏ
ଜହ୍ନ ଦେଶର କଥା କହି ମନ ଭୁଲାଏ
କ'ଣ ଫେରି ଆସିବ ହଜିଲା ଧନ ?
ଭାଷା ସଂସ୍କୃତି ଅବିହନେ
କେମିତି ମେରୁଦଣ୍ଡ ହୀନ

ISSN NO.
2582-208X

ହୋଇ ବଞ୍ଚି ରହିଛି
ସେ କ'ଣ ବୁଝି ପାରିଛି ?

ବର୍ତମାନ ବିଶ୍ୱାୟନ ଯୁଗରେ
ପୃଥିବୀ ଉନ୍ନତି ଶିଖରେ
କ୍ରମାଗତ ଭାବରେ ବଢ଼ି
ଚାଲିଥିବା ବେଳେ,
ମୁଁ ଏବେବି ମୋ ଭାଷା ସଂସ୍କୃତି ପରମ୍ପରା ବିରହରେ ଜଳୁଛି...
ମୋ ମାତୃଭାଷାରେ ପଦେ କଥା ହେବାକୁ ତରସୁଛି।

ଆଖି ଆଗରେ ସବୁଜ ବନାନୀ
ଧାଡ଼ି ଧାଡ଼ି ଚାହା ବଗିଚା
ଉଚ୍ଚା ଉଚ୍ଚା ଶିରୀଷ
ପାହାଡ଼ ପର୍ବତ ସୁଉଚ୍ଚ ଶିଖର,
କୁଳୁକୁଳୁ ବହି ଯାଉଛି ନଈ
ପକ୍ଷୀ ମାନଙ୍କର କାକଳିରେ
ମୁଗ୍ଧ ଶରତ ଆକାଶ
ହେଲେ,
ମୁଁ ପାଗଳ ପରି
ତୁମରି ସନ୍ଧାନରେ
ଏପାରି ସେପାରି ବୁଲୁଛି।।

ବିଶ୍ୱନାଥ ଗୁରିଆଲି, ଆସାମ

ISSN NO.
2582-208X

# ମାଆ ଡାକୁଛି ଆ



ସୁନନ୍ଦା ମହାନ୍ତ

ଟୋପେ ଟୋପେ ଚା ପିଇଦେଇ ଖବର କାଗଜ ଲେଉଟାଇ ଚାଲିଥିଲେ ସ୍ୱାମୀ ଓ ସ୍ତ୍ରୀ ଦୁଇଜଣ । କାଳେ କୋଉଠି କିଛି ଚାକିରୀର ସୁରାକ ମିଳିଯିବ ? ହେଲେ ଦୁହିଁଙ୍କ ଯୋଗ୍ୟତାକୁ ଚାହିଁ କିଛି ବି କାମ ନଥାଏ । ମନଦୁଃଖ କରନ୍ତି ନିକିତା । ବୁଝାନ୍ତି ଅନିମେଷ । ତୁମ ଭକ୍ତି ଶ୍ରଦ୍ଧା ଓ ଠାକୁର ବିଶ୍ୱାସ ବଳରେ ତୁମେ ନିଶ୍ଚୟ ଚାକିରୀ ପାଇଯିବ ନିକିତା ବ୍ୟସ୍ତ ହୁଅନାହିଁ କହି ପେପେର ବିକ୍ରୀ କରିବାକୁ ବାହାରି ଯାଆନ୍ତି ଅନିମେଷ । ନିକିତା କରୁଥାନ୍ତି ଠାକୁର ପୂଜା, ଆଉ ଯାହା ଯେମିତି ଥାଏ ସେଇଥିରେ ରୋଷେଇ କରି ଚାହିଁଥାନ୍ତି ଅନିମେଷଙ୍କ ଫେରିବା ପଥକୁ । ସ୍ୱାମୀଙ୍କୁ ଦେଖି କାନ୍ଦି ପକାନ୍ତି ନିକିତା । ଗୋଟେ ହାତ ଛୋଟ ଥାଇ ସେ ଦିବ୍ୟାଙ୍ଗ ଓ ଅନାଥ । ଖୁବ ଭଲ ପଢ଼ିବା ଓ ବକ୍ତୃତା ଦେବା ଦେଖି ନିକିତା ପସନ୍ଦ କରିଥିଲେ ତାଙ୍କୁ । ବିବାହର ତିନି ବର୍ଷ ଭିତରେ ମାଆଟିଏ ହେବାକୁ ଚାହିଁ ମଧ୍ୟ ହୋଇପାରିନାହାଁନ୍ତି ଏଯାଏଁ । ସ୍ୱାମୀ କିନ୍ତୁ ହାରିଯାଇ ନାହାନ୍ତି ।କହନ୍ତି ଦେଖିବ ଭଲ ସମୟ ନିଶ୍ଚୟ ଆସିବ । ମୁଁ ଭଲ କାମ ପାଇବି ତୁମେ ମଧ୍ୟ ଭଲ କାମ ପାଇବ । ଭଲରେ ଚଳି ଭଲ ଦୁଇପଇସା ସଞ୍ଚିଲେ ସିନା ସନ୍ତାନଟିଏ ସଂସାରକୁ ଆଣିବା । ଭାଙ୍ଗି ପଡି ନିକିତା କୁହନ୍ତି କେବେ ଆସିବ ସେଇ ସମୟ ?

ଐଶ୍ୱର୍ଗିକ ଆତ୍ମପ୍ରତ୍ୟେୟ ବଢେଇବାକୁ ଯାଇ ଅନିମେଷ ଗପ କୁହନ୍ତି ନିକିତାଙ୍କୁ । ଥରେ ଜଣେ ରାଜା ନିଜ ରାଜାଧାନୀ ଉପକଣ୍ଠରେ କୃଷ୍ଣମୂର୍ତ୍ତି ସ୍ଥାପନା କରାଇ ପୂଜାଅର୍ଚ୍ଚନା ପାଇଁ ଜଣେ ପୂଜାରୀ ନିଯୁକ୍ତି ଦେଇଥାନ୍ତି । ପୂଜକ ଜଣକ ଅପୁତ୍ରିକ ସାଙ୍ଗକୁ ଖୁବ ଦରିଦ୍ର ଥିଲେ ମଧ୍ୟ ଲୋଭ ନଥିଲା । କେବଳ ଗୋଟିଏ ଅଭିଳାଷ ତାଙ୍କର ରହିଥିଲା ଯେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଳତୀ ପରେ ତାଙ୍କ ବେକର ସଜଫୁଲ ମାଳଟିକୁ ସବୁଦିନ ମନ୍ଦିରକୁ ଆସୁଥିବା ରାଜା ପିନ୍ଧି

ISSN NO.
2582-208X

ନିଅନ୍ତି । ତାଙ୍କୁ ଥରେ ସେ ସୁଯୋଗ ମିଳନ୍ତା ନାହିଁ? ଠାକୁରଙ୍କ ଦେହରେ ପଡ଼ିଥିବା ସେହି ଫୁଲହାରରେ ଠାକୁରଙ୍କ ଦେହର ବାସ୍ନା ଥାଏ, ତାକୁ ଥରେ ଆହରଣ କରନ୍ତେ ନାହିଁ? ସତକୁ ସତ ସେ ସୌଭାଗ୍ୟର ଦିନ ଆସିଲା । ରାଜା ଅସୁସ୍ଥତା ଯୋଗୁଁ ଆଜି ଆସିପାରିବେନି ଖବର ପାଇ ଆନନ୍ଦ ଉଲ୍ଲାସରେ ସନ୍ଧ୍ୟା ଆଳତୀ ପରେ ଠାକୁରଙ୍କୁ ସଜଫୁଲ ସହ ଗୁନ୍ଥା ତୁଳସୀ ମାଳ ଆଣି ବେକରେ ପକାଇଲେ ଠାକୁରଙ୍କର । ଆଳତୀ ସରିଲା ପରେ ମନ୍ତ୍ରମୁଗ୍ଧ ହୋଇ ଛଡା ତୁଳସୀ ହାର ନିଜ ବେକରେ ପକେଇ ଅମାପ ଧନରତ୍ନ ସହ ପୁତ୍ରପ୍ରାପ୍ତି ସୁଖ ସୌଭାଗ୍ୟ ପ୍ରାପ୍ତ ହୋଇଗଲେ ଭାବି ଆନନ୍ଦ ହେଲାବେଳକୁ ଖବର ପାଇଲେ ରାଜା ଆସୁଛନ୍ତି । ବୁଦ୍ଧି ବାଟ ପାଇଲେନି ପୂଜକ ମହାଶୟ । ବେକରୁ ଫୁଲହାର କାଢ଼ି ପୁଣି ଶ୍ରୀକୃଷ୍ଣଙ୍କ ଗଳାରେ ପକେଇ ଦେଲେ । ରାଜା ଆସିବା ପରେ ସବୁଦିନ ପରି ଆଳତୀ ଗ୍ରହଣ କରି ଠାକୁରଙ୍କ ଛଡା ଆଜ୍ଞାମାଳ ବେକରେ ପକାନ୍ତି ତ ସେଥିରେ ଧଳା ଚୁଟି ଦେଖି ସ୍ତମ୍ଭୀଭୂତ ହେଲେ । ସନ୍ଦେହରେ ପୂଜକଙ୍କୁ ଚାହିଁଲେ । କହିଲେ ତୁମେ ଏ ମାଳା ପିନ୍ଧି ପୁଣି ମୋ ଆସିବା ଖବରରେ ଠାକୁରଙ୍କୁ ପିନ୍ଧାଇ ଦେଇଛ କି ନନା । ନଚେତ ଏ ଆଜ୍ଞାମାଳରେ ଧଳା ଚୁଟି କାହୁଁ ଆସିବ? ଆଜ୍ଞା ଠାକୁରଙ୍କ ଚୁଟି ପାଚିଯାଇଥିବ । ତରତର ହୋଇ ରାଜନଅର ଫେରିବାକୁ ପାଲିଙ୍କି ଚଢି ସାରିଥିଲେ ରାଜା ତ କହିଲେ ଆଜି ରାତ୍ର ଉପଗତ ଓ ମୁଁ ଅସୁସ୍ଥ । ତେଣୁ ଆଜି ଫେରିଯାଉଛି କାଲି ଆସି ଦେଖିବି ଠାକୁରଙ୍କ କଳା ରଙ୍ଗ ଚୁଟି କେବେ ଧଳା ହେଲା? ଯଦି ଏହା ମିଥ୍ୟା ହୋଇଥାଏ ତୁମ ମୁଣ୍ଡ କାଟ ହେବ ।

ରାତି ସାରା ନିଦ ନାହିଁ ପୂଜକଙ୍କୁ । ରାତି ପାହିଲେ ମୁଣ୍ଡ କାଟ ହେବ । ଠାକୁରଙ୍କୁ ଡାକୁଥାଆନ୍ତି । ପ୍ରଭୁ ମୁଁ ମହାପାପୀ ତୁମ ଆଜ୍ଞାମାଳ ପିନ୍ଧି ମୁଁ ପାପ କରିଛି ମୁଁ ନିଷ୍ଚୟ ପାପୀ । ରାଜାଙ୍କୁ ଉଦିଷ୍ଟ ଫୁଲମାଳ ପିନ୍ଧି ରାଜା ଆଜ୍ଞା ଅବଜ୍ଞା କରିଛି ମୁଁ ଦୋଷ କରି ଦୋଷୀ । ରାଜାଙ୍କ ଆଗରେ ତୁମ ନାମରେ ମିଛ କହିଛି ତୁମ ଚୁଟି ଧଳା ହୋଇଗଲାଣି ବୋଲି ତେଣୁ ମୁଁ ମିଛୁଆ ସହ ମହାପାପୀ । ମୋ ଭୁଲର ଶାସ୍ତି ମତେ ମିଳିବା ଉଚିତ ପ୍ରଭୁ କହି ଶୋଇପଡିଲେ କାନ୍ଦି କାନ୍ଦି । ସେଦିନ ଠାକୁରଙ୍କ ଦିନ ଆଳତୀ ଧୂପ କରୁ କରୁ ଆଖିରୁ ଗଡି ପଡୁଥାଏ ଅମାନିଆଁ ଅଶ୍ରୁ । ରାଜା ପହଞ୍ଚିଗଲେ । ଆଜି ନିଶ୍ଚିନ୍ତ ପୂଜକଙ୍କର ମୁଣ୍ଡକାଟ । ରାଜା ତୁଳସୀ ଜଳ ପାନ କରି ଠାକୁରଙ୍କ ପଛ ପଟକୁ ଯାଇ ଶୀତ ଦିନ ପାଇଁ ଓଢଣ ଲାଗି ବେଶକୁ କାଢ଼ି ଦେଖିବାକୁ ଲାଗିଲେ । ବରଡ଼ାପତ୍ର ପରି ଥରୁଥାନ୍ତି ପୂଜକ କିନ୍ତୁ ରାଜା ବୁଲିପଡ଼ି ପୂଜକଙ୍କ ଗୋଡ଼ ତଳେ ପଡିଯିବା ଦୃଶ୍ୟ ସମସ୍ତଙ୍କୁ ବିଭୋର କଲା । ସ୍ତବ୍ଧ ଚକିତ ହୋଇ ସର୍ବେ ଦେଖିଲେ ଠାକୁରଙ୍କ ଧଳା ଚୁଟି ଝିଙ୍କି ରାଜା ଠାକୁରଙ୍କ ଦେହରୁ ରକ୍ତ ବାହାର

ISSN NO.
2582-208X

କରିଦେଇଛନ୍ତି । ଭକ୍ତ ପାଇଁ ଯୁଗେ ଯୁଗେ ଠାକୁର ଅଛନ୍ତିର ଖାଲି ପ୍ରମାଣ ନୁହେଁ ଅନେକ ଧନରତ୍ନ ଓ ପୁତ୍ର ପୌତ୍ରାଦି ଆଦି ପାଇ ପୂଜକ ପୂଜା କରି ଚାଲିଥିଲେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ । ଗପଟିଏ ସତ ହେଲେ ନିକିତା ରୋମାଞ୍ଚିତ ହେଲେ । ଆଜିଯାଏଁ ଅନିମେଷଙ୍କୁ ବିବାହ କରି ଭୁଲ କରିଛନ୍ତି ଭାବୁଥିବାରୁ ନିଜକୁ ପାପିନୀ ଭାବୁଥିଲେ । ଭଗବାନ ଦୁଃଖ ଦେଉଛନ୍ତି ଭାବି ତାଙ୍କୁ ଗାଳି ଦେଉଥିବାରୁ କ୍ଷମା ପ୍ରାର୍ଥନା କରୁ କରୁ ଶୋଇଗଲେ । ଆଉ ସକାଳ ଚା ପିଉ ପିଉ ସମାଜରେ ବାହାରିଥିବା ଆୟା ଦରକାର ଶିରୋନାମା ପଢି ଚମକୃତ ହେଉଥିଲେ । ଦରମା କିଛି କମ ନଥିଲା । ପିଲା ନଥିବା କଷ୍ଟ ମଧ୍ୟ ଭୁଲିହୋଇଗଲା ଖୁବ ଅଳ୍ପ ଦିନ ଭିତରେ । ସ୍ୱାମୀଙ୍କୁ ମଧ୍ୟ ଚାକିରୀ ମିଳିଯାଇଥିଲା ।

ନିକିତା ଖୁବ ଭଲ ଦରମା ପାଇ ଦୁଇଟି ଯାଆଁଳା ପିଲାଙ୍କୁ ସମ୍ଭାଳୁ ଥାନ୍ତି । ବାବୁ ବହୁତ ଭଲ ଲୋକ ଥିଲେ ତ ମାଆ ବହୁତ ବଦରାଗୀ ଥିଲେ । ନିକିତାର ସେବା, ମମତା ଓ ଶ୍ରଦ୍ଧାବଳରେ ପିଲା ଦୁଇଟି ବଡ଼ ହେଉଥିଲେ । ଭାରତୀୟ ସଂସ୍କୃତିରେ ମାଆର ଭୂମିକା ନିଭାଇ ପିଲା ଦୁହିଁଙ୍କୁ ଉଚିତ ଶିକ୍ଷା, ସଂସ୍କାର, ପରମ୍ପରାଗତ ସମସ୍ତ ଶିକ୍ଷା ଦେଇ ବଢ଼ାଇବା ଭିତରେ ସେଦିନ ପ୍ରଥମାଷ୍ଟମୀ ପଡିଥାଏ । ଦୁହିଁ ପିଲାଙ୍କୁ ନୂଆ ପିନ୍ଧାଇ, ବନ୍ଦାପନା କରୁଥାଆନ୍ତି ନିକିତା । ପିଠା ଖୁଆଇ ପିଲାଦୁହିଁଙ୍କୁ ପିତା ମାତାଙ୍କୁ ପ୍ରଣାମ କରିବାକୁ କହିବା ପରେ ପିଲାମାନେ ଠିକ ସେମିତି କରୁଥାନ୍ତି ତ ଖୁସି ହୋଇ ବାବୁ ନିକିତାକୁ ଦରମା ବାଦେ କିଛି ବକ୍ସିସ ଦେବା ଘଟଣାକୁ ନେଇ ବାବୁ ଓ ମାଆଙ୍କ ଭିତରେ ତୁମୁଳ ପାଟିତୁଣ୍ଡ ହୋଇଥିଲା । ବକ୍ସସିସ ଫେରାଇ ଦରମା ନେଇ ଚାଲିଆସିଥିଲେ ନିକିତା ଘରକୁ । ନିଜେ ସେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହର କାରଣ ନହେବା ପାଇଁ ଆଉ ଯାଇନଥିଲେ ବାବୁଙ୍କ ଘରକୁ । ପିଲାଦୁହେଁ ନିକିତାକୁ ଖୁବ ଖୋଜୁଛନ୍ତି ବୋଲି ବାବୁ ଆସି ଗୁହାରି କରି କହିବା ପରେ ମଧ୍ୟ ସ୍ୱାମୀ ସ୍ତ୍ରୀଙ୍କ ମଝିରେ ପ୍ରାଚୀର ହେବାକୁ ନଚାହିଁ ଗୋଟେ ଫାର୍ମରେ ଚାକିରୀ କରିଥିଲେ ନିକିତା । ଦୁଃଖେ ସୁଖେ ସମୟ ଅତିବାହିତ କରୁଥିଲେ ନିକିତା ଓ ତାଙ୍କ ସ୍ୱାମୀ ଅନିମେଷ । ସମୟ ବିତୁଥିଲା ଉଜାଣୀ ନଈ ଭଳି ଗଡି ଗଡି । ନୂଆବର୍ଷ ଆସି ପୁରୁଣା ହୋଇ ଚାଲିଯିବା ସହ କ୍ୟାଲେଣ୍ଡର ବଦଳୁଥିଲା । ସେମିତି ଗୋଟେ ବଦଳୁଥିବା ତାରିଖରେ ନିକିତା ପାଇଥିଲେ ଚିଠିଟିଏ ।

ସେଦିନ ହଠାତ ସେଇ ଚିଠିଟିକୁ ପଢି ନିକିତା ସ୍ତମ୍ଭୀଭୂତ ହୋଇ ପଡୁ ପଡୁ ଭାବୁଥିଲେ କିଏ ଏହି ଯୁବକ? ତାଙ୍କୁ ମାଆ ସମ୍ବୋଧନ କରି କେତେ କଥା ଲେଖିଛି ପୁଣି ଅନୁରୋଧ କରିଛି

ISSN NO.
2582-208X

ଥରେ ଅନ୍ତତଃ ତାକୁ ଦେଖାକରିବାର ସୁଯୋଗ ଦେବାକୁ । ସ୍ୱାମୀ କହିଲେ ତୁମେ ଯେଉଁ ପୁଅ ଝିଅଙ୍କର ସେବା ଯତ୍ନ କରୁଥିଲ ସେହି ନିଶ୍ଚୟ ହୋଇଥିବ । ଖୁସିରେ ପାଗଳ ପ୍ରାୟ ହୋଇଗଲେ ନିକିତା । ଏ ମୋବାଇଲ ଯୁଗରେ ମଧ୍ୟ ଚିଠିର ଉତ୍ତର ଦେଲେ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଅପାର କରୁଣାରୁ ତତେ ଓ ତୋ ଚିଠି ପାଇଲି ଧନ ଲେଖିବା ସହ ବାବୁ ମାଆ ଓ ତା ଭଉଣୀ କେମିତି ଅଛନ୍ତି ଜାଣିବା ସହ କେମିତି ମୋ ଠିକଣା ପାଇଲୁ ଧନ ପଚାରୁଥିଲେ ଓ ଚାହିଁ ରହିଥିଲେ ଉତ୍ତରକୁ । ବହୁତ ଦିନ ପରେ ଉତ୍ତର ଦେଇଥିଲା ସୁକୁମାର । ଭଉଣୀ ବାହାଚୋରା ହୋଇ ଭଲରେ ଅଛି ମାଆ କିନ୍ତୁ ବାପା ମାଆ ଆଉ ଏ ଦୁନିଆଁରେ ନାହାଁନ୍ତି । ଏସବୁ ଶୁଣି ନିକିତା ଓ ଅନିମେଷ କାନ୍ଦି ପକାଇ ଥିଲେ । ବିଭିର୍ଣ୍ଣ ଖବର କାଗଜରେ ତୁମ ଲେଖା ପଢି ଓ ତୁମ ଠିକଣା ପାଇ ଜାଣିଥିଲି ତୁମେ ମୋ ନିକିତା ମାଆ କାରଣ ତୁମର ପ୍ରଥମାଅଷ୍ଟମୀ ଗଳ୍ପଟି ପଢି ମୋର ବୁଝିବାକୁ ବାକି ନଥିଲା କି ତୁମେ ହିଁ ମୋ ନିକିତା ମାଆ । ଅପା ବଡ଼ ହୋଇଥିଲେ ମଧ୍ୟ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ତୁମେ ଆମର ଯତ୍ନ ନେବା ସହ ମୋର ପ୍ରଥମାଷ୍ଟମୀ ବନ୍ଦାପନା କରୁଥିଲ ନା ମାଆ । ତୁମେ ଛାଡ଼ି ଗଲାପରେ ମତେ ଦ୍ୱିତୀୟ ସନ୍ତାନ କହି ଆଉ କେହି ମୋର ପ୍ରଥମାଷ୍ଟମୀ କରାଇ ନାହାଁନ୍ତି । ଆମେ ଦୁହେଁ ଯାଆଁଳା ଭାଇଭଉଣୀ । ବଡ଼ ସାନ କଣ ବୋଲି ତୁମେ କହୁଥିବା ବେଳେ ଅପା କୁଆଡେ ମୋ ଠାରୁ ଦୁଇ ମିନିଟ ଆଗୁଆ ଜନ୍ମ ନେଇ ବଡ଼ ବୋଲଏ । ମାଆଙ୍କୁ ବୁଝେଇବ କିଏ ? ତେଣୁ ଏ ବର୍ଷ ତୁମ ହାତରେ ବନ୍ଦାପନା ପାଇଁ ନିଶ୍ଚୟ ଯିବି । ନିକିତାଙ୍କ ଆଖିରୁ ଆନନ୍ଦାଶ୍ରୁ ନିଗିଡି ପଡୁଥିଲା । ଝିଅର ଖବର ବୁଝି ତାକୁ ମଧ୍ୟ ପ୍ରଥମାଷ୍ଟମୀରେ ମିଶିକରି ଆସିବାକୁ ପୁଅକୁ ଲେଖିଥିଲେ ନିକିତା । କୃଷ୍ଣ ଯେମିତି ଫେରୁଛନ୍ତି ଗୋପପୁରକୁ ଭଳି ପ୍ରତେୟ ହେଉଥିଲା ନିକିତାଙ୍କୁ । ସେ ସିନା ଦେବକୀ ମାଆ ହୋଇପାରିବେନି ହେଲେ ଯଶୋଦା ନିଶ୍ଚୟ । ସେପଟେ ଅପା ନିର୍ଲିପ୍ତା ସହ ସୁକୁମାର ବ୍ୟଗ୍ର ହୋଇ ଚାହିଁଥିଲେ କେବେ ସେ ଶୁଭ ମୁହୂର୍ତ୍ତ ଆସିବ ମାଆଙ୍କ ସହ ଦେଖା ହେବ!ଗାଡି ଅଟକିଲା ଦୁଆରେ । ହେଲେ ଏ କଣ ? ଘର ଭିତରେ ବାହାରେ ଏତେ ଲୋକରଣ୍ୟ କଣ ପାଇଁ ? ଭାଇ ଭଉଣୀଙ୍କୁ ବୁଝିବାକୁ ବାକି ନଥିଲା କି ଏଇ ଟିକେ ପୂର୍ବରୁ ନିକିତା ମାଆ ହୃଦଘାତରେ ମର ଶରୀର ତ୍ୟାଗ କରିଛନ୍ତି । ମୁଖାଗ୍ନି କିଏ ଦେବ ଭାଳେଣି ଭିତରେ ଆଗେଇ ଗଲେ ସୁକୁମାର । ଅନିମେଷଙ୍କୁ ଚାହିଁ କହିଲେ ମତେ ପୁତ୍ରର କର୍ତ୍ତବ୍ୟ କରିବାକୁ ଦିଅନ୍ତୁ ବାପା ।

ସାକ୍ଷୀଗୋପାଳ, ପୁରୀ/9040977327

ISSN NO.
2582-208X

# ଏବେ ମଧ୍ୟ ଅଛୁଆଁ



ଶଶିରେଖା ଜେନା

ଆଧୁନିକତାର ଅଭ୍ୟନ୍ତର କହେ ଆଜି କେତେ କଥା
ଅତୀତ ଗହ୍ୱର ପୃଷ୍ଠା ଅନ୍ୱେଷଣ ମରମକୁ କରେ ବ୍ୟଥା ।
ଆଜିର ମଣିଷ ଆଜି ଆଧୁନିକ
ଅତିରଞ୍ଜିତ କୌଶଳରେ ବନ୍ଧା ।
ତଥାବି ସଭ୍ୟତାର ଦେଶରେ ଆଜି
ସାଜିଛି ସେଇ ଅତୀତ ଅସ୍ପୃଶ୍ୟତା ।

କାହିଁ କେତେ କାଳୁ ସମସ୍ତ ପୃଥିବୀ
ସମାଜ ଜଗତ ତାଡନା ତଳେ ।
ନିରୀହ ଜୀବନ ସହଜ ସୁଗମ
ସହେ କେତେ କଟାକ୍ଷତାର ଘାତେ ।

ଗୋଟିଏ ରକତ କୋଟିଏ ଜୀବନ
ବହେ ସମସ୍ତଙ୍କ ଧମନୀ ଡିରେ ।
କାହିଁକି ତଥାବି ଆଜି ଏ ମନୁଷ୍ୟ
ରହିଛି ସଙ୍କୁଛି ଅନ୍ୟର ତାଡନା ତଳେ ।

ଯୁଗରୁ ଯୁଗକୁ ସମାଜ ଅଗ୍ରତ
ଆଭିଯ୍ୟାତ୍ୟର ଅସଭ୍ୟ ପୋଷାକ ତଳେ ।
ଆଧୁନିକତାର ମୁଖା ପିନ୍ଧା ମଣିଷ
ଦେଖାଏ ନିଜକୁ ଆଧୁନିକ ଶିକ୍ଷିତ ।

ISSN NO.
2582-208X

ତେବେ କାହିଁ ପୁଣି ଏହି ଅସ୍ପୃଶ୍ୟତା
ମନର ଆଶଙ୍କାକୁ କରେ ବିବ୍ରତ ।

ବିଶାଳ ଏ ସୃଷ୍ଟି ବିଚିତ୍ର ତାର ଲୀଳା
ଅନନ୍ତ ଅନ୍ତର୍ଯ୍ୟାମୀ ସୃଷ୍ଟିର ପ୍ରଣେତା ।
ମନୁଷ୍ୟ ଜୀବନ ପରମାତ୍ମା ଦାନ
ସଭିଏଁ ସମାନ ଏ ମହୀ ତଳେ।

ଆଜି ଅସ୍ପୃଶ୍ୟତା କହେ କେତେ କଥା
କେବେ କେଉଁ ମନ୍ଦିର ଗହ୍ୱରେ
ପୁଣି କେଉଁ ଆଭିଜାତ୍ୟଭରା ଘରେ ।
କେତେଯେ ମନୁଷ୍ୟ ଶୋଷଣ ରତ।

ଛୁଆଁଛୁତ ର ଭେଦ ଭାବ
କରେ ମନୁଷ୍ୟକୁ ମନୁଷ୍ୟ ଠାରୁ ଅନ୍ୟତର।
ଜାତି ଧର୍ମ ଭେଦ ସମସ୍ତେ ଏକାକାର
ଭଗବାନ ଏଠି ସମସ୍ତଙ୍କର ।

ପୁରାଣ କାହାଣୀ କେତେ କିମ୍ବଦନ୍ତୀ
ତଥାବି ମନୁଷ୍ୟ ହୁଏ ବିଭ୍ରାନ୍ତ।
କର୍ମ ହିଁ ଭଗବାନ କର୍ମ ଦିଏ ଜନ୍ମ
କର୍ମ କରେ ମନୁଷ୍ୟ କୁ ମନୁଷ୍ୟତର ।
ଶୁଦ୍ର ମୁନି ସମ ମୁନି କାହିଁ ତେବେ
କର୍ମେ ଯେ ହେଲେ ବ୍ରାହ୍ମଣ ।
କର୍ମ ଏକା ଜିବନର ମାନଦଣ୍ଡ ।

ସ୍ନାତକୋତ୍ତର
ଓଡ଼ିଆ ଭାଷା – ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ହେଉବା ନହେଉ,ବିଜ୍ଞାପନ ଥାଉ


ଜୟ କୁମାର ମିଶ୍ର

ହେଉବା ନହେଉ, ବିଜ୍ଞାପନ ଥାଉ
ତା' ପାଇଁ ଶରଧା ବଳେ,
ସବୁ କାର୍ଯ୍ୟ ପାଇଁ, ତାକୁ ଜନ ଧ୍ୟାୟୀ
ଆନନ୍ଦରେ ପାଦ ଚଳେ ॥
ଶୁଭ ଅଶୁଭରେ, ସେବାର କାର୍ଯ୍ୟରେ
ପ୍ରଗତିଟି, ଗଙ୍ଗେ ଜାଣେ
ଫୋଟ କଢ଼ା ହେଉ, ତାହା ଛପା ଯାଉ
ଗଣ ମାଧ୍ୟମରେ ପଣେ ॥
ପିଲା ଠାରୁ ବୁଢ଼ା, ବୁଢ଼ୀ, ଆଜି ଛିଡା
ବିଜ୍ଞାପନ ମନ ନେଇ,
ହୋଇବେ ଦେଖାଇ, ମନ ହାଇଁ ଫାଇ
କୁତୁକୁତୁ, ଧଇଁସଇ ॥
କାମପ୍ରତି ଲୟ, ଶ୍ରଦ୍ଧାଟିରେ ଥୟ
ମନ ଲାଗେନାହିଁ ଜମା,
ଘେନି କେତେ ମଜା, ହୁଏ ରୂପ ସଜ୍ଜା,
ପିନ୍ଧି ଲୁଗାପଟା ଜାମା ॥
ବୋଳି ପ୍ରସାଧନ ବେଶ, ବାସେ ମାନ
ଭଳିଭଳି ନାନା ରଙ୍ଗେ,
କେତେ କେତେ ଛଇ, ଦେଖି ହେବନାହିଁ

ISSN NO.
2582-208X

ତୁଳି,ଅଭିନେତା ସଙ୍ଗେ ॥
ଭିଡିଓ, ସେଲ୍ଫିରେ, ସମୟଟି ସରେ
କାମଘର ଅବହେଳା,
ମୟୂରଟି ସଜ, ସରିସମ ଗଜ
ଝୁଲିଝୁଲି, ଚଲାବୁଲା ॥
କଣେଇ କଣେଇ, ଚାହୁଁଥିବେ କେହି
ପ୍ରଶଂସା ଟିକକ ଧପାଇଁ,
ବୃଥା ପ୍ରଶଂସାରେ, ହୋଇ କେ'ବିଭୋରେ
ହେବେ କୁଣ୍ଢେମୋଟ କେହି ॥
ପ୍ରଗତି ଚାଲିଛି, ତାହାର ବାଟରେ
କଛପ ଗତିଟି ତା'ର,
ପ୍ରଚାର, ପ୍ରସାର, ହେବ ଯୋରଯାର
ଗଣ ମାଧ୍ୟମରେ ସ୍ୱର ॥
ପଢିବା, ଶୁଣିବା, ଦେଖିବା ଜାଣିବା
ସେ' ପରା ଜରୁରୀ କଥା,
ହାତୁ ଟଙ୍କାଦେଇ, ବନାଇ ଚୁନାଇ
ଛାପି ଟେକେ,କିଏ ମଥା ॥
ଦେଖି ବିଜ୍ଞାପନ, ଭୋଳା ବାଇମନ
ଖାଲି ଛଟପଟ ହୁଏ,
ବନିସୀ କଣ୍ଟାରେ, ଯାଇ ଧରାଦିଏ
ସର୍ବସ୍ୱକୁ ସାରି ଦିଏ ॥
ବାସ୍ତବ ଜାଣେନେ, କାହାକୁ ବୁଝେନା
ଲାଭ, ଲୋଭ, ମୋହ, ମାୟା
ରାତାରାତି ସ୍ଥିତି, ଉନ୍ନତିର ପ୍ରୀତି
ଲୁଚା କାରବାର ଯାହା ॥
ସଞ୍ଚିତ, ସଞ୍ଚୟ, କରିଦେବେ ବ୍ୟୟ
ଆଖି ବୁଜି ବହୁମତେ,

ISSN NO.
2582-208X

ନେଡିଗୁଡ଼ ଯେବେ, କହୁଣୀକୁ ଖସେ
କାନ୍ଦେ, ହାଟବାଟ ପଥେ ॥
ଅଖା ଧୋଉଥିବେ ଗୁଣ ଗାଉ ଥିବେ
ହାତ ପଣତରୁ ସାରି,
ଟାଉଟର କଥା, ସଂଯୋଜିତ ବାର୍ତ୍ତା
ଭରସା, ବିଶ୍ୱାସ କରି ॥
ହେଉ ନୂଆ ବନ୍ଧୁ, ହେଉ କିଣା ବିକା
ଜମି, ବାଡ଼ି, ଘରଦ୍ୱାର,
ଦେଖି ବିଜ୍ଞାପନ, ମନ ଛନଛନ
କରୁଥାନ୍ତି କାରବାର ॥
ଭୋଳା ଶଙ୍କରଟି, ଚକ୍ର ବ୍ୟୁହେ ଫସି
ପୁଞ୍ଜିକୁ ନିବେଶ କରେ,
ଖାଇଗଲେ, ଧୋକା, ହୁଏ ବେକ ରକା
ଆଖିରୁ ଲୁହ ତା' ଝରେ ॥
ଯିଏ ସତ କୁହେ, ହେୟ ହୋଇ ଯାଏ
କେହିତ ମାନେନା ତାକୁ,
ହାବୁଡୁବୁ କହି, ବିଜ୍ଞାପନ ଥୋଇ
ବିଶ୍ୱାସ, ଚିତା କଟାକୁ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# କଥାକାର ଗୌରହରି ଦାସଙ୍କ ଉପନ୍ୟାସ: ଏକ ଆଲୋଚନା



ଦୀପ୍ତିମୟୀ ସାହୁ

ଉପନ୍ୟାସ ଜୀବନର କଥା କହେ । ବାସ୍ତବ ଜଗତର ସମସ୍ୟା, ସମୟର ନିରୁତା ସ୍ୱାକ୍ଷର ତନ୍ମଧ୍ୟରେ ହୁଏ ପରିଲକ୍ଷିତ । ଆଜିର ମଣିଷ ନିଜର ଚେହେରା ଓ ବିଚାରବୋଧକୁ ନେଇ ଉପନ୍ୟାସରେ ହୁଅନ୍ତି ଚଳପ୍ରଚଳ । ପ୍ରତ୍ୟହ ସଂଘଟିତ ଘଟଣାବଳୀ କାହାଣୀ ହୋଇ ରୂପ ପାଆନ୍ତି । ସମାଜଠାରୁ ରାଜନୀତି, ବ୍ୟକ୍ତିଠାରୁ ବିଜ୍ଞାନ ବହୁବିଧ ବିଷୟ ଏହାର ମୁଖ୍ୟ ବିଷୟବସ୍ତୁ ହୋଇ ରୂପ ପାଏ । ପ୍ରତ୍ୟକ୍ଷରେ ଜଣେ ଔପନ୍ୟାସିକ ନିଜ ଜୀବନଭୂମିର ଅନୁଭୂତିରୁ ସାଉଁଟିଥିବା ଉଲ୍ଲେଖନୀୟ ଘଟଣାକୁ ନେଇ ଲେଖି ବସନ୍ତି ଉପନ୍ୟାସ । ବ୍ୟସ୍ତବହୁଳ ତଥା ନିଅଣ୍ଟିଆ ସମୟ ମଧ୍ୟରେ ଧାବମାନ ମଣିଷଙ୍କ ମଧ୍ୟରେ ଦୃଢ ଆତ୍ମପ୍ରତ୍ୟୟ ଏବଂ ଆତ୍ମବଳ ଭରିଦେବା ନିମନ୍ତେ ଔପନ୍ୟାସିକ କଲମକୁ ମୁଖ୍ୟ ସାଧନ କରିଥାନ୍ତି । ଉପନ୍ୟାସ ଜରିଆରେ ଦୃଷ୍ଟିର ପ୍ରଚ୍ଛଦପଟରେ ଘଟୁଥିବା ଅନେକ ବାସ୍ତବ ଘଟଣାବଳୀ ମଧ୍ୟରୁ ବିଷୟୋପଯୋଗୀ ତଥା ସମୟୋପଯୋଗୀ ଘଟଣାରାଜିକୁ ନେଇ ଉପନ୍ୟାସଗୁଡ଼ିକୁ କରନ୍ତି ଆତ୍ମପ୍ରକାଶ । ଏହିଭଳି ସମୟୋପଯୋଗୀ ଓ ନିଚ୍ଛକ ବିଷୟବସ୍ତୁକୁ ନେଇ ଆଜିର ଔପନ୍ୟାସିକବୃନ୍ଦ ଉପନ୍ୟାସ ଲେଖିବାରେ ବେଶ୍ ସିଦ୍ଧହସ୍ତ । ତନ୍ମଧ୍ୟରେ ଲବ୍ଧପ୍ରତିଷ୍ଠ କଥାଶିଳ୍ପୀ ଗୌରହରି ଦାସ ଅନ୍ୟତମ । ତାଙ୍କର ଏଯାବତ୍ ପ୍ରକାଶିତ ସାତୋଟି ଉପନ୍ୟାସ ନିଜ ନିଜ ବିଷୟ-ଧର୍ମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି । ସାମ୍ପ୍ରତିକ ସମୟର ଶୈଳୀ ଓ କଥା ପ୍ରବାହ ମଧ୍ୟ ଦେଇ ସମାନ୍ତରାଳ ଭାବରେ ଧାବମାନ ତାଙ୍କର ଉପନ୍ୟାସ ସମୂହ । ସାମାଜିକ ଚେତନା, ନାରୀ ଜୀବନର ସଂଘର୍ଷ, ତାର ସଫଳତା, ରାଜନୈତିକ ଛକାପଞ୍ଝାର ଚିତ୍ର, ବିସ୍ଥାପନ ସମସ୍ୟା, ପ୍ରେମ, ଶଠତା, ପ୍ରତାରଣା, ନିଜର ଅଧିକାର ପାଇଁ

ISSN NO.
2582-208X

ସମାଜ ତଥା ସମୟ ସହ ଦ୍ୱନ୍ଦ୍ୱ ଆଦି ବହୁବିଧ ଭାବବସ୍ତୁକୁ ନେଇ ରଚିତ ହୋଇଛି ଛାୟାସୌଧର ଅବଶେଷ(୧୯୯୬), ନିଜ ସାଙ୍ଗେ ନିଜର ଲଢେଇ (୧୯୯୯), ଏଇଠୁ ଆରମ୍ଭ (୨୦୦୫), କେତେ ରଙ୍ଗର ଜୀବନ(୨୦୧୩), ଆପଣଙ୍କ ଆଜ୍ଞାଧୀନ (୨୦୦୯), ସାରାଂଶ (୨୦୨୧) ଓ ବିଡମ୍ବିତ ଅଭିସାର (୨୦୨୨) ଭଳି ଉପନ୍ୟାସମାନ ।

ଔପନ୍ୟାସିକଙ୍କ ପ୍ରଥମ ଉପନ୍ୟାସ ହେଉଛି ଛାୟାସୌଧର ଅବଶେଷ (୧୯୯୬) ।ଜଣେ ସାଧାରଣ ଝିଅ ଜୀବନର ଲୋତକାପ୍ଳୁତ କାହାଣୀ ଏହାର ମୁଖ୍ୟ ବିଷୟ । ଯନ୍ତ୍ରଣା ଜର୍ଜର ନାରୀଟିଏ ନିଜର ଅସ୍ତିତ୍ୱ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ ଓ ସଂଘର୍ଷ ଭିତରେ ଏଥିରେ ଭେଟିଛି ମୃତ୍ୟୁକୁ ।

ବାପା-ମାଆଙ୍କର ଗେହ୍ଲା ଝିଅ ଉପନ୍ୟାସର ନାୟିକା ମିନୁ, କୁମାରୀ ଜୀବନରେ ନିଜ ପ୍ରତିଭାକୁ ପ୍ରସ୍ଫୁଟିତ କରିବାକୁ ଯାଇ ସହିଛି ଅନେକ ନିନ୍ଦା, ଅପବାଦ ଓ କୁତ୍ସାରଟନା । ସମୟକ୍ରମେ ପିତୃମାତୃହରା ମିନୁ ଯୌବନ କାଳରେ କକାଖୁଡୀଙ୍କ ଷଡ଼ଯନ୍ତ୍ରରେ ଦରବୁଢ଼ା ବିପତ୍ନୀକ ଦାମୋଦରକୁ ବିବାହ କରି ତାର ଦ୍ୱିତୀୟ ପତ୍ନୀ ହୋଇଛି । ନପୁଂସକ ସ୍ୱାମୀ ଦାମୋଦର ଏବଂ ଶାଶୁଙ୍କ ଦ୍ୱାରା ଅସହଣୀୟ ଶାରିରୀକ ନିର୍ଯ୍ୟାତନା ସହି ନପାରି ଘର ଛାଡ଼ିଛି । କ୍ରମେ ନିଜକୁ ବଞ୍ଚାଇରଖିବାକୁ ଯାଇ ଦେହଜୀବୀ ସାଜିଛି । ସେଇଠି ମଧ୍ୟ ଅନ୍ୟ ପ୍ରତି ହେଉଥିବା ଅନ୍ୟାୟକୁ ସେ ପ୍ରତିବାଦ କରିଛି । ନୂଆ କରି କୋଠିକୁ ଅଣାଯାଇଥିବା ଅରୁନ୍ଧତୀକୁ ରକ୍ଷା କରିବାକୁ ଯାଇ ଶେଷରେ ମୃତ୍ୟୁକୁ ଭେଟିଛି । ଏହି ଉପନ୍ୟାସଟି କରୁଣାତ୍ମକ । ନାୟିକା ମିନୁର ଜୀବନକୁ ନେଇ ଔପନ୍ୟାସିକ କହିଛନ୍ତି- କାହାର ଅଦୃଶ୍ୟ ହାତପାପୁଲିର ମୁଠାଏ ବାଲି ପରି ତାର ଜୀବନ । ତା ଅଲକ୍ଷ୍ୟରେ ସେହି ଅଦୃଶ୍ୟ ପାପୁଲିରୁ ଜୀବନର ବାଲି ଝରି ଝରିଯାଉଛି । ସେ ସେଇ ବାଲି ଝରିବା ସାଙ୍ଗରେ ମରି ମରି ଚାଲିଛି । ଏଇ ଯେ ମୁହୂର୍ତ୍ତଟି ବିତିଗଲା ଆକାଶର ବିଦାୟୀ ତାରା ସାଙ୍ଗରେ, ଗଙ୍ଗଶିଉଳି ଡେମ୍ଫର ହୁଗୁଳା ଫୁଲପରି ଝଡି ଖସିପଡ଼ିଲା, ସେ ଆଉ ଫେରିବ ନାହିଁ । ଯୋଉଦିନ ସବୁ ବାଲି ଖସିପଡ଼ିବ, ସେଦିନ ମିନୁ ମରିଯିବ । ତାର ଅଲୋଡ଼ା ଶବ ପଡ଼ିଥିବ କୋଉ ଅପନ୍ତରାରେ । ବିଲୁଆ, କୁକୁର, ଶାଗୁଣା ଓ କାଉଙ୍କ ମେଳରେ ଫରକଟା ହୋଇ ପଡ଼ିଥିବ ତାର ମୂର୍ଦ୍ଦାରା(୧)

ISSN NO.
2582-208X

ତାଙ୍କର ଦ୍ୱିତୀୟ ଉପନ୍ୟାସ ହେଉଛି ଜ ସାଙ୍ଗେ ନିଜର ଲଢେଇ । ଏହା ୨୦୦୧ ମସିହାରେ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ଏହାର ମୁଖ୍ୟଚରିତ୍ର ଦ୍ରୌପଦୀ । ସେ କର୍ମଜୀବୀ । ତାର ସ୍ୱାମୀ ବନ ଅଧିକାରୀ । ସହରରେ ଏକାକିନୀ କୁନି ପୁଅକୁ ଧରି ରହେ ସେ । ଅପରାଧପୂର୍ଣ୍ଣ ସମାଜ ମଧ୍ୟରେ ସେ ଏକାକୀ ଭୟ ଓ ଆଶଙ୍କା ସହ ଯୁଦ୍ଧ କରିଛି । ନିଜ ସାଙ୍ଗେ ନିଜେ ଲଢ଼ିଛି । ପରିଶେଷରେ ନିଜର ବିବେକ ଏବଂ ଆତ୍ମିକ ସାହସ ବଳରେ ଅପରାଧ ବିରୋଧରେ ଛିଡା ହେବାର ସତସାହସ ଏଥିରେ ପରିଲକ୍ଷିତ । ସାମ୍ପ୍ରତିକ ବିଷୟ ଭିତ୍ତିକ ଏହା ଏକ ସଫଳ ଉପନ୍ୟାସ ।

ଘଟଣା ଦୁର୍ଘଟଣାକୁ ନେଇ ମଣିଷର ଜୀବନ । ସବୁ କିଛି ଶେଷ ହୋଇଗଲା ପରେ ମଧ୍ୟ ତା ଜୀବନରେ ଉଇଁ ଆସେ ନୂତନତାର ସୂର୍ଯ୍ୟୋଦୟ । ସବୁ ଶେଷହିଁ ଏକ ନୂଆ ଆରମ୍ଭ ନେଇ ଆସେ । ମଣିଷ ଲଢେଇ କରେ । ସଂଘର୍ଷବେଳେ ହୁଏ ଲହୁଲୁହାଣ । ଅନେକ ମଧ୍ୟ ଆତ୍ମସମ୍ମାନ ଓ ସ୍ୱାଭିମାନ ପାଇଁ ଶେଷ ହୋଇଯାଇଥିବା ସମ୍ପର୍କ ମଧ୍ୟରେ ନିଜ ଜୀବନ ଶେଷ ନ କରି ନୂତନ ଭାବରେ ଆରମ୍ଭ କରନ୍ତି । ଏଇଭଳି ଏକ ଉପନ୍ୟାସ ହେଲା ଏଇଠୁ ଆରମ୍ଭ(୨୦୦୫) । ଏହାର ପ୍ରଧାନ ଚରିତ୍ର ଉର୍ବଶୀ । ଯିଏକି ଅନ୍ଧାରିଗୁହା ଭିତରୁ ମୁକ୍ତିର ସ୍ୱପ୍ନ ଦେଖିଛି । ରାଜନେତା ସ୍ୱାମୀ ଦ୍ୱାରା ନିର୍ଯାତିତା ଓ ଅପମାନିତା ହୋଇଛି ସେ । ପରେ ତାକୁ ପାଗଳଖାନାକୁ ପଠାଇ ଦିଆଯାଇଛି ମଧ୍ୟ । ସମୟକ୍ରମେ ନିଜ ସ୍ୱାଭିମାନକୁ ରକ୍ଷା କରିବାକୁ ଯାଇ ରାଜନୀତିରେ ପ୍ରବେଶ କରି ବିଧାୟିକା ହୋଇ ସ୍ୱାମୀର ଅହଂକାରକୁ ଚୁନା କରିଛି । ଆତ୍ମମର୍ଯ୍ୟାଦା ପ୍ରତିଷ୍ଠା ନିମନ୍ତେ ସଂଘର୍ଷ ବରି ଜୀବନକୁ ନୂଆ କରି ଆରମ୍ଭ କରିଛି ଉର୍ବଶୀ ।

ଗୌରହରିଙ୍କ ଅନ୍ୟତମ ଉପନ୍ୟାସ ହେଲା "କେତେ ରଙ୍ଗର ଜୀବନ" । ମଣିଷ ବିଭିନ୍ନ ପରିବେଶ, ପରିସ୍ଥିତି ସହ ପରିଚାଳିତ । ପରିସ୍ଥିତିହିଁ ମଣିଷକୁ ବିଭିନ୍ନ ରଙ୍ଗର ଜୀବନ ଜୀଇଁବାକୁ ବାଧ୍ୟ କରେ । ମନରେ ଅନ୍ୟ ପ୍ରତି ଦୁର୍ଭାବନା ଏବଂ ସଦଭାବନା ଆଣେ । ଜଣେ ଅନ୍ୟକୁ ଯେଭଳି ଦୃଷ୍ଟିରେ ବିଚାର କରେ, ସେ ହୋଇଥାଏ ତାର ବିପରୀତ । ଦୁଃଖ-ସୁଖ, ଭାବ-ଅଭାବ ଭିତରେ ମଣିଷର ମନ ଏହିଭଳି ଭାବନା ରଖେ । ପରିସ୍ଥିତି ବଦଳେଇ ଦିଏ ମଣିଷକୁ । ବଦଳେଇ ଦିଏ ମଧ୍ୟ ଭାବନାକୁ । ବିବେକ ଏବଂ ସମ୍ପର୍କକୁ ପ୍ରାଧାନ୍ୟ ଦେଇଛନ୍ତି ଏ ଉପନ୍ୟାସର ପ୍ରତ୍ୟେକଟି ଚରିତ୍ର । ରଙ୍ଗଛଡା ଜୀବନ ବିଶ୍ୱାସ, ପ୍ରେମ, ଶ୍ରଦ୍ଧାର ସ୍ପର୍ଶରେ

ISSN NO.
2582-208X

ଉଙ୍କି ଉଠିଛି । ଏଥିରେ ରାଜଶ୍ରୀ, ଦେବାଶିଷ, ତମାଳ, କାବେରୀ, ରାଜଲକ୍ଷ୍ମୀ ପ୍ରଭୃତି ଚରିତ୍ର ଆଧୁନିକ ମଣିଷଙ୍କ ମାନସିକତାକୁ ପ୍ରତିନିଧିତ୍ୱ କରନ୍ତି ।

ଆଜିର ସମୟରେ ତୋଷମଦ ସମାଜରେ ମହାମାରୀ ପରି ବ୍ୟାପି ଚାଲିଛି । ହୀନ ମାନସିକତା ରଖୁଥିବା ମଣିଷମାନେ ସ୍ୱାର୍ଥ ହାସଲପାଇଁ ଏହାକୁ କରିଛନ୍ତି ପ୍ରଧାନ ଅସ୍ତ୍ର । ଏହା ଅପାରଗକୁ କରିଦିଏ ପାରଙ୍ଗମ । ଦୁର୍ବଳ ଦିଶେ ସବଳ ପରି । ତୋଷାମଦିଆ ତୋଷମଦ କରି ଅସମ୍ଭବକୁ ସମ୍ଭବ କରେ । ବ୍ୟକ୍ତିଠାରୁ ରାଜନୀତି ଆଜି ସବୁଠାରେ ଏହାର କରାଳଛାୟା । ଏହିଭଳି ବିଷୟ ଆଧାରିତ ଉପନ୍ୟାସ ହେଲା "ଆପଣଙ୍କ ଆଜ୍ଞାଧୀନ" । ଧୂର୍ତ୍ତ, ତୋଷାମଦକାରୀ ଜଳଧର ପରି ଚରିତ୍ରମାନେ ସ୍ୱାର୍ଥ ହାସଲପାଇଁ ବିଶ୍ୱାସଘାତ କରିବାକୁ ସୁଦ୍ଧା ପଛାନ୍ତି ନାହିଁ । ଏଥିରେ ଆଧୁନିକ ମଣିଷର ପ୍ରକୃତ ଛବିକୁ ପାଠକେ ଲକ୍ଷ୍ୟ କରିପାରିବେ ।

ଉଦବାସ୍ତୁମାନଙ୍କ ଶ୍ରେଣୀ ସଂଘର୍ଷର କଥା କହିଛି ଔପନ୍ୟାସିକଙ୍କ "ସାରାଂଶ" ଉପନ୍ୟାସ । ଭିଟାମାଟିକୁ ହରାଇବାକୁ ଯାଉଥିବା ଉଦବାସ୍ତୁମାନଙ୍କ ଉଦବେଗର କଥା କହେ ଏହା । ଔପନ୍ୟାସିକଙ୍କ ନିଜସ୍ୱ ଅନୁଭବର ପ୍ରଭାବ ଏଥିରେ ପରିଲକ୍ଷିତ । ଭିଟାମାଟିପାଇଁ ସଂଘର୍ଷ, ଷଡଯନ୍ତ୍ର ଏବଂ ସମୂହ ଉଦ୍ୟମ ଦ୍ୱାରା ନିଜ ଲକ୍ଷ୍ୟକୁ ସଫଳ କରିବାର ସଂଘର୍ଷପୂର୍ଣ୍ଣ ବାସ୍ତବତା ଏ ଉପନ୍ୟାସରେ ଦେଖିବାକୁ ମିଳେ । ପ୍ରେମ, ପ୍ରତାରଣା, ପରିସ୍ଥିତି ସହ ସଂଗ୍ରାମ କରି ନିଜ ଜୀବନର ଲକ୍ଷ୍ୟକୁ ଖୋଜି ପାଇଛନ୍ତି ଏହାର ଚରିତ୍ରମାନେ ।

ମହାଭାରତୀୟ କାହାଣୀକୁ ଆଧାର କରି ଔପନ୍ୟାସିକଙ୍କ "ବିଡମ୍ବିତ ଅଭିସାର" ଉପନ୍ୟାସର ପରିକଳ୍ପନା । ମହାଭରତର ପ୍ରଭାବଶାଳୀ ଚରିତ୍ର ଯଯାତି କନ୍ୟା ମାଧବୀ ଏହାର ପ୍ରଧାନ ନାୟିକା । ସେ ପିତା ଏବଂ ପ୍ରେମିକଙ୍କ ପ୍ରୟୋଜନୀୟ ସାମଗ୍ରୀ ଭାବରେ ଏଥିରେ ହୋଇଛି ବ୍ୟବହୃତ । ଅଭିମାନ ଏବଂ ଅହଙ୍କାର ବିପର୍ଯ୍ୟୟକୁ ଡାକିଆଣେ । ଯଶ ଅର୍ଜନ ପାଇଁ ଯଯାତି ବିଚାର ନ କରି ନିଜ ଅଲିଅଳୀ କନ୍ୟା ଦରିଦ୍ର ଗାଲବଙ୍କୁ ଦାନ ଦେଇଛନ୍ତି । ଗୌରବର ମୋହରେ ବିଶ୍ୱାମିତ୍ର ଓ ଅପୁତ୍ରକ ରାଜାମାନେ ମାଧବୀ ଦ୍ୱାରା ନିଜର ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିଛନ୍ତି । ମାଧବୀ ଗୁରୁପତ୍ନୀର ଅପବାଦରେ ଗାଲବଙ୍କ ଦ୍ୱାରା ହେଇଛନ୍ତି ପ୍ରତ୍ୟାଖିତ । ମାଧବୀର ଜୀବନର ଅଶ୍ରୁସଜ୍ଜଳ କାହାଣୀର ଜୀବନ୍ୟାସ

ISSN NO.
2582-208X

ଏଥିରେ ଦେଖିବାକୁ ମିଳେ । ପରିଶେଷରେ ସବୁ ସମ୍ପର୍କକୁ ଜଳରେ ଶ୍ରାଦ୍ଧ କରି ନିଜ ଜୀବନର ପଥରେ ଅଗ୍ରସର ହୁଏ ମାଧବୀ ।

ଗୌରହରି ଦାସଙ୍କ ସମସ୍ତ ଉପନ୍ୟାସ ସମୟର କଥା କହନ୍ତି । ଆଧୁନିକ ମଣିଷ ଜୀବନକୁ ପରିଭାଷିତ କରନ୍ତି । ତାଙ୍କ କଥାସାହିତ୍ୟ ପାଠକଙ୍କୁ ଆତ୍ମପ୍ରେରଣା ଯୋଗାଇଥାଏ ବିଭିନ୍ନ ପରିସ୍ଥିତି ସହ ମୁକାବିଲା କରିବାପାଇଁ । ନିଜ ଜୀବନର ଯୁଦ୍ଧ-ଭୂମିରେ ନିଜେ ଯୋଦ୍ଧା ପରି ଯୁଝିବାକୁ ଆହ୍ୱାନ ଦିଏ ତାଙ୍କ ଉପନ୍ୟାସ ।

ପ୍ରାନ୍ତଟୀକା

୧. ଦାସ, ଗୌରହରି- ପଞ୍ଚପର୍ବ, ଛାୟାସୌଧର ଅବଶେଷ, ପୃଷ୍ଠା- ୯୧ ।

ଗବେଷିକା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଶୁଭ ନବବର୍ଷ



ଆକୁଳାନନ୍ଦ ପୃଷ୍ଟି

ଦୁଃଖ ସୁଖ ହିଂସା ବାଦ
ଘାତ ପ୍ରତିଘାତ
୨୦୨୪ ଏବେ ହେଲାଣି ଅତୀତ ।
ସମୟ
ଏବେ ତୁମେ ଆସିଅଛ
ଅଙ୍କ ବଦଳାଇ
ପ୍ରତିବର୍ଷ ପରି କିଛି ସମ୍ଭାବନା ନେଇ ।
ଭୋଜି ଭାତ ନାଚ ଗୀତ
ଶୁଭେଚ୍ଛାର ମଧୁର ସନ୍ଦେଶ ।
ଡାଏରୀ ଫୁଲ ତୋଡା କିଛି ଉପହାର ଦେଇ
ସମ୍ପର୍କ ସେତୁ ସଜାଡୁ
ନବ ବର୍ଷ ଶୁଭେଚ୍ଛା ଜଣାଇ
ମହକାଳ ନୀର ଭାସେ
ମଣିଷ ଜୀବନ
କାଳ ସହ ତାଳ ଦେଇ ବିତେ ଆମ ଦିନ
ଆସୁ ଝଡ ଦୁର୍ବିପାକ ଅବା ମହାମାରୀ
ଜୀବନ ସଂଗ୍ରାମେ ଆମେ ଯାଇନେତ ହାରି
ବିଧିର ବିଧାନ

ISSN NO.
2582-208X

ବଞ୍ଚିବାର ଅନ୍ୟ ନାମ ଜୀବନ ସଂଗ୍ରାମ
ବଞ୍ଚିବ ମଣିଷ
ବଜାଇବ ଶୁଭ ଶଙ୍ଖ ବୁଣିବ ହରସ
ବିଦାୟ ୨୦୨୪
କାଳ ସ୍ରୋତେ ଭାସିଯିବ ରୋଗ ଶୋକ କ୍ଳେଶ
ଦୁଃଖି ଦୁଃଖ ହରି ନିଅ ଆଖି ଲୁହ ପୋଛି ଦିଅ
ସବୁରି ମୁଖରେ ଭର ମୁକ୍ତା ଝରା ହସ
ସ୍ୱାଗତମ୍ ୨୦୨୫
ଶୁଭ ନବବର୍ଷ

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ

ISSN NO.
2582-208X

# କେତେବେଳେ କେମିତି ମରଣ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ସହସା ସେଦିନ  ମେଘ ଗରଜନ
ପ୍ରବଳ ଯେ ବାରିପାତ,
ପୁଣି ଖରତର  ଚଞ୍ଚଳ ସମୀର
ଝରେ କରେ ବଜ୍ରାଘାତ ।।

ପଥେ ପାନ୍ଥଗଣ  ଆକୁଳ ପରାଣ
ଦେଖି ରୂପ ଭୟଙ୍କର,
ଆଶ୍ରୟ ନିମନ୍ତେ  ଯାଇ କିଛି କେତେ
ପାଇ ଖଣ୍ଡେ ଚାଳଘର ।।

ଉଠୁଅଛି ଥରି  ପଥ ପ୍ରାନ୍ତ "ପରି-
ତ୍ୟକ୍ତ" ସେ ଚାଳ କୁଡିଆ,
ତା ତଳେ ଆଶ୍ରିତ  କୃଷକ, ଶ୍ରମିକ
ରୂପଜୀବି କୁହାଳିଆ ।।

ଘର ଚାରିପାଖ  ବିଜୁଳି ଚମକ
ଛାତିଥରା ବଜ୍ର ନାଦ,
ଭୟରେ ସକଳେ  ବିଚାର କରିଲେ
ପଡିଲା ବଡ ପ୍ରମାଦ ।।

ISSN NO.
2582-208X

ଅଶୁଭ ସଙ୍କେତ ବାରମ୍ବାର ମେଘ
ଗରଜନ ବଜ୍ରପାତ
ଏ କୁଡିଆ ଘର ଚତୂର୍ପାଶ୍ୱେ କିଆଁ
ଏମିତି ହୁଏ ବିତ୍‌ପାତ ।।

ଭିତରେ ଆମରି ଜଣେ ଅଛି କେହି
ତାହା ପାଇଁ ସବୁ ଯେତେ,
ବିତ୍‌ପାତ ଏଠାରେ କରୁଛି ପ୍ରକୃତି
ଯେତେ ଅଘଟଣ ଘଟେ ।।

ଭାଗ୍ୟକୁ ପଣ୍ଡିତ ଥିଲେ ଉପସ୍ଥିତ
ସହଯେତ କୁହାଳିଆ,
ନିଷ୍କ୍ଷେସିତା "ରୂପ- ଜୀବି" କୁସମାଜ
ଦେଖଇ ଯେହ୍ନେ ଅଳିଆ ।।

ସେହି ମନୋଭାବ ଆଶ୍ରିତ ସମାଜ
ସେଠି ଆପଣେଇ ନେଲା,
ସର୍ବଂସହା ନାରୀ ହେଉ ରୂପଜୀବି
ମାତୃ ସ୍ଥାନୀୟ ତ ଥିଲା ।।

ଧକ୍କା ମାରି "ରୂପ- ଜୀବି କୁ ସେଠାରୁ'
ବାହାର କରିଲେ ଥୋକେ,
ଘୋର ବର୍ଷା ବଜ୍ର ନିନାଦେ ସୁନ୍ଦରୀ
ଦଉଡେ ନିର୍ଜନ ପଥେ ।।

ଭାଗ୍ୟକୁ ଆଦରି ଦଉଡୁଛି ନାରୀ
ପଛରେ ବିଜୁଳି ଝସ,
ଆକୁଳ ଆବେଗ ଆତୁର ହୃଦୟ
କରେ ବଞ୍ଚିବା ପ୍ରୟାସ ।।

ISSN NO.
2582-208X

ମନରେ ଅନେକ  ଅକୁହା ବେଦନା
   ଚାପିରଖି ଛାତି ତଳେ,
ଭାବେ ରୂପଜୀବି  ଧୀକ୍ ଏ ଜୀବନ
   ଧାତା ନିନ୍ଦଇ ବିକଳେ ।।

କେଡେ ହୀନିମାନ ମୋହର ଜନମ
   ଏ ସମାଜ "କଳଙ୍କିତ-
କରି" ମୋତେ ଆଜି  ଏ ରୂପେ ସଜାଇ
   ଲୁପ୍ତ ଅବା ମଣିଷତ୍ୱ ।।

ଏବେଳେ ପଛକୁ   ଅଦୂରୁ ଚାହିଁଲା
   ଶୂନ୍ୟ ଆକାଶ ଦେହରୁ,
ବିଜୁଳି ସହିତ     ଅଗ୍ନି ର ମୂଷଳ
   ଖସିଲା କାହା ହାତରୁ ।।

ଜଳି ଉଠିଲା ସେ   ପଥପ୍ରାନ୍ତ ଘର
   ସଭିଏଁ ଖାଲି ପାଉଁଶ,
ବଂଚି ଯାଇଥିଲା  ଦଇବ ର ମାୟା
   କୁଚକ୍ରି ସିବିର ଧ୍ୱଂସ ।।

ବଞ୍ଚିବାର ଅଛି    ମାରିବାର ଶକ୍ତି
   କାହାରି ପାଖରେ ନାହିଁ,
ମରିବାର ଅଛି  ପ୍ରତିକାର କିଛି
   ତାକୁ ରୋକି ପାରେ ନାହିଁ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ଦୁଃଖ ଓ ବିଷାଦ



ପ୍ରସନ୍ନ କୁମାର ମେହେର

ଜୀବନଟା ପର୍ ସୁଖ ଦୁଃଖ ପୂର୍ଣ୍ଣ
ଜୀବନର ଗତିପଥେ
ଅଙ୍କାବଙ୍କା ଗତି ସର୍ପିଲ ପରିକା
ତଟିନୀର ଜଳସ୍ରୋତେ ।

ଦୁଃଖ ଦେବା ନାହିଁ କାହାର ହୃଦୟେ
ସୁଖ ନ ପାରିଲେ ଦେଇ
ଦୁଃଖ ଦେଇ ଅବା କ ଲ୍ଭ ପାଇବା
ଘାତ ପ୍ରତିଘାତ ପାଇ ।

ଲୁହ ବୋହିଯାଏ ନୟନରୁ ଧାର
ବିଷାଦର ଅବସାଦେ
ଆଖିର ଲୋତକ ଆ ଖି ମରିଯାଏ
କୋହ ଭର୍ ନଜ ହୃଦେ ।

ବିଷାଦ ମନରେ ମନଟି ଅଥୟ
କାମ ପ୍ରତି ଆନମନା
ବିଷର୍ଣ୍ଣ ବଦନ ଜାଣି ହୁଏ କ୍ଷଣ
ଦରଦୀର କୋହ ଜଣା ।

ISSN NO.
2582-208X

କାହା ଦୁଃଖ ଦେଖି ମନ ହୁଏ ଦୁଖି
ନିଷ୍ଠୁର ହୃଦୟେ ପୁଣି
ବିଷାଦ ପର୍ଶେ ଘାଣ୍ଟି ହୁଏ ମନ
ଯେବେ ଆତ୍ମଘାତୀ ମଣି ।

ଦୁଃଖି ଅରକ୍ଷିତ ସେବା ମନୋଭାବ
ଯା' ହୃଦେ ଜନମି ନାହିଁ
ସିଏ କି ଜାଣିବ ମଣିଷ ପଣିଆ
ମଣିଷ ଜନମ ପାଇ।

ଦୁଃଖ ଦେଖି ଆନ ଯା' ପରାଣ କାନ୍ଦେ
ବିଷାଦର ଛାୟା ଖେଳି
ମଣିଷର ମଧ୍ୟେ ମଣିଷଟେ ମଣେ
ଦରଦୀ ପରାଣ ମେଳି ।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ,-୯୭୭୭୯୭୧୩୭୬

ISSN NO.
2582-208X

# କ୍ଲାସିକାଲ ଭାଷା : ଏକ ଅମୃତ ସ୍ୱରୂପ



ଡ. ସସ୍ମିତା ନାୟକ

ଭାଷା ମାନଙ୍କର ସାଂସ୍କୃତିକ ମାନ୍ୟତାର ଏକ ମୂଖ୍ୟ ଅଂଶ । କ୍ଲାସିକାଲ ଭାଷା ତାହାର ଐତିହାସିକ ମୂଲ୍ୟବାନ ଓ ସାହିତ୍ୟିକ ଧାର୍ମିକତାକୁ ପ୍ରଦାନ କରେ । ଓଡିଆ ଭାଷା ଏକ ଐତିହାସିକ ଏବଂ ସାହିତ୍ୟକ ଧନରତ୍ନ ।

ଭାରତରେ ଅନେକ ଭାଷାରେ କ୍ଲାସିକାଲ ଭାଷାର ଦର୍ଶନିକ ହେଉଛି । ଏହି ଭାଷା ଗୁଡିକର ଅନେକ ଗ୍ରନ୍ଥ ଓ ସାହିତ୍ୟ ଗୁଡିକ ରହିଛି । ଏହାର ମାଧ୍ୟମରେ ଆଧୁନିକ ପ୍ରଥମେ ସ୍ୱାଧୀନ ଭାରତୀୟ ଦେଶର ବାଣୀ ଓ ପ୍ରଚାର ହୋଇଥିଲା ।

ଭାରତର ଅନେକ ଭାଷାର ମଧ୍ୟରେ ଉତ୍କୃଷ୍ଟ ଗ୍ରନ୍ଥଗୁଡିକ ଓ ସାହିତ୍ୟଗୁଡିକ ଅଛି । ଓଡିଆ ଭାଷାରେ ସାହିତ୍ୟ ଓ ଭାଷା ପ୍ରଶାସନ ବିଷୟରେ ଅପାର କାମକାର୍ଯ୍ୟ ହୋଇଛି । ସମୟ କାଳରେ ଓଡିଆ ଭାଷାରେ ସାହିତ୍ୟରେ ମିଶିବାରୁ ଲୋକଙ୍କ ମନ୍ତବ୍ୟ, ଧର୍ମନୀତି ଓ ରାଜନୀତି ବିଷୟରେ ଲେଖାଯାଇଛି । ପ୍ରାଚୀନ କାଳରେ କାହିଁ ଭାଷା ଯଦି ସାଧାରଣତଃ ସମ୍ପ୍ରେଷିତ ହୋଇଥିଲା, ତାହାର ଦରଜା କ୍ଲାସିକାଲ ଭାଷାର ପ୍ରତୀକ୍ଷାରେ ଥାଏ । ଏହି ଭାଷା ଗୁଡିକୁ ସ୍ୱାଭାବିକ ସ୍ଥାନ ଓ ମୌଲ୍ୟାଙ୍କନ ଦେଇଥାଏ । କ୍ଲାସିକାଲ ଭାଷାଗୁଡିକୁ ସଂଶୋଧନ, ପ୍ରଚାର ଓ ସଂରକ୍ଷଣ କରିବାକୁ ପାଶ୍ଚାତ୍ୟ ଓ ପୂର୍ବକ୍ଷେତ୍ରରେ ସମ୍ପ୍ରେଷିତ ହୋଇଥାଏ । କ୍ଲାସିକାଲ ଭାଷାର ଉଚ୍ଚାରଣ, ବ୍ୟାକରଣ, ଶାସ୍ତ୍ରୀୟ ସାହିତ୍ୟ, ଧର୍ମ, ଦର୍ଶନ ଓ କଳା ସଂପ୍ରେତିରେ ଉପରେ ଗଭୀର ପରିଚର୍ଯ୍ୟା ଅଛି ।

ISSN NO.
2582-208X

କ୍ଲାସିକାଲ ଭାଷାଗୁଡିକ ଏପରି ଭାଷା ଯାହା ପ୍ରାଚୀନ ଅଭିଭାଷା ଓ ସାହିତ୍ୟର ସ୍ଥାନାନ୍ତର କରିଥାଏ । ଏଥିରେ ସମସ୍ତ ସାହିତ୍ୟ ବାଣୀ ଓ ବ୍ୟାକରଣ ସମେତ ନିବେଦନ ଓ ଉତ୍ସର୍ଜନ ଥାଏ । ଆଜି ଓଡିଆ ଭାଷାରେ କ୍ଲାସିକାଲ ଭାଷା ଗୁଡିକ ଖୁବ୍ ମୁଖ୍ୟ ଅଂଶ । ଓଡିଆ କ୍ଲାସିକାଲ ଭାଷାଗୁଡିକ ଏକ ଉତ୍କୃଷ୍ଟ ସାହିତ୍ୟର ଗଭୀରତା ଓ ସୌନ୍ଦର୍ଯ୍ୟ ରଖୁଥିଲା । ଏହା ସାହିତ୍ୟ, ଚରିତ୍ରକାରିତ୍ୱ ଓ ସଂଗ୍ରହଣରେ ଅତ୍ୟଧିକ ଗଭୀର ଅଭିନ୍ନତା ଓ ସୌନ୍ଦର୍ଯ୍ୟ ରଖୁଥିଲା । ଏଥିରେ ଭାଷା ସାହିତ୍ୟ, ବ୍ୟାକରଣ ଓ ଧର୍ମରେ ଗଭୀର ଅଧ୍ୟୟନ ଥାଏ ।

ଓଡିଆ ସାହିତ୍ୟରେ ମୁଖ୍ୟତଃ ସୁଦ୍ଧାରଣ ଶୈଳୀ ବ୍ୟବହୃତ ହେଉଥିଲା, ଯାହା ମଧ୍ୟରେ ସାହିତ୍ୟର ପରମ୍ପରା ସାଧୁତା, ସୌର୍ଯ୍ୟ ଓ ନୋବେଲା ବିଷୟରେ ଚରିତ୍ରକାରୀତ୍ୱ ଥାଏ ।

କ୍ଲାସିକାଲ ଭାଷା : ଓଡିଆରେ ଲେଖା କ୍ଲାସିକାଲ ଭାଷା କେନ୍ଦ୍ରୀୟ ସାହିତ୍ୟରେ ଏକ ଗୁଣାଧିକ୍ଷିପ୍ତ ଅବସ୍ଥା ରଖୁଥିଲେ । ଏହାର କାରଣ ଗୁଡିକ ସ୍ୱଭାବିକ ଭାବେ ଏହା ଅନେକ ସ୍ଥଳରେ ମୁଖ୍ୟ ଭାଷା ହୋଇଥିଲା ଏବଂ ଏହାର ଶୈଳୀ ଶିଳ୍ପ ଓ ଭାଷା ବିଧି ବିଚାରକୁ ସ୍ୱାଭାବିକ ଗୁଣାଧିକ୍ଷିପ୍ତ ମାନଙ୍କୁ ପକ୍ଷୀବରେ କରିଥିଲା ।

କ୍ଲାସିକାଲ ଭାଷା ଏକ ସମୟରେ ଗୌରବୀ ସାହିତ୍ୟିକ ପ୍ରଭାବବାଦୀ ଥିଲା । ଏଥିରେ ସାହିତ୍ୟିକ ମହାନ ମାନଙ୍କୁ ପ୍ରତିଷ୍ଠା ଦେଇଥିଲା । ଏହାର ଭାଷା ଓ ସ୍ଥାନିକ ସଂସ୍କୃତିର ମୂଲ୍ୟ ଓ ଅଦମ୍ବିତ ବ୍ୟତ୍ୟାନ୍ତ ଥିଲା । କ୍ଲାସିକାଲ ଭାଷା ଏବଂ ସାହିତ୍ୟ ମୁଖ୍ୟତଃ ପ୍ରାଚୀନ ସମୟରେ ଅତ୍ୟନ୍ତିକ ଓ ଅନୁଭବ କାର୍ଯ୍ୟତାତ୍ମକ ଥିଲା । ଏହାର ଅନେକ ପ୍ରସିଦ୍ଧ ଲେଖକ, ମହାନମାନ ଓ ଧାରଣାଧାରୀ ଥିଲେ ।

କାସ୍ଲିକ ଭାଷା : ଓଡିଆ

ଓଡିଆ ଜାତ "ଉତ୍କଳ ଭାଷା" ଆଉ "ଓରିୟା" ଭାଷା ଉପରେ ପିଲା କହିଲା ଯେ, ଓଡିଶାର ରାଜଭାଷା ଆଉ ଆପଣା ଧର୍ମ ସଂସ୍କୃତି, ଆଉ ସାହିତ୍ୟର ଆଧାରଭୂତ ଭାଷାରେ ଓଡିଆ ଭାଷାର ଇତିହାସ ଅତି ପ୍ରାଚୀନ ଅଟେ । ଏହାହିଁ କାରଣ ଏକ କ୍ଲାସିକ ଭାଷା ଗୋଷ୍ଠିକ୍ୟ ଜାତ ହୁଏ" ।

ISSN NO.
2582-208X

ଓଡିଆ ଭାଷାର ଇତିହାସ:

ଓଡିଆ ଭାଷାର ଇତିହାସ ଅତି ପ୍ରାଚୀନ ଅଟେ । ଉତ୍କଳରେ ପ୍ରାଚୀନ ଗ୍ରନ୍ଥ ଆଉ ଶୀଳାଲେଖରେ ପ୍ରାଚୀନ ଓଡିଆ ଭାଷାର ପ୍ରୟୋଗ ସ୍ପଷ୍ଟ। ଓଡିଆ ଭାଷାର ଆଦି ପ୍ରକରଣ "ସାରଳା ମହାଭାରତ" ଅଟେ । ଓଡିଶାର ସାହିତ୍ୟିକ ଅନୁଭବ ଅତିବଡୀ ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ ଆଉ ଫକିର ମୋହନ ସେନାପତି, ଅତିବଡୀ ବିଖ୍ୟାତ ଆଉ ପ୍ରସିଦ୍ଧ ।

ଓଡିଆ ଭାଷାର ମହତ୍ୱ:

ଓଡିଆ ଭାଷାର ଅହତ୍ତ୍ୱର ପୁରସ୍କାର ଅତ୍ୟନ୍ତ ବିଶିଷ୍ଟ ଅଟେ । ଏଇ ଭାଷାରେ ଅନେକ ପ୍ରାଚୀନ ଗ୍ରନ୍ଥମାଳା, କାବ୍ୟମାଳା, ଆଉ ଧାର୍ମିକ ଗ୍ରନ୍ଥମାଳା ଅଛି ଯାହା ଓଡିଶାର ସଂସ୍କୃତି, ସାହିତ୍ୟ ଆଉ ଇତିହାସକୁ ପ୍ରକଟ କରୁଛି, କ୍ଲାସିକ ଓଡିଆ ଭାଷାରେ ବାଣୀ, ସାହିତ୍ୟ, ଆଟ୍ୟମାଳା, ଆଉ ବିଚାର ପ୍ରକଟ କରିବ ।

ସମାପନରେ:

କ୍ଲାସିକ ଓଡିଆ ଭାଷାର ମହତ୍ୱର ଅତ୍ୟନ୍ତ ଅଧିକ । ଏଇ ଭାଷାର ପୁନର୍ବିମର୍ଷ ଆଉ ଅନୁସନ୍ଧାନ କରିବା ଅତ୍ୟନ୍ତ ଆବଶ୍ୟକ । ଓଡିଆ ଭାଷାର ସଂସ୍କୃତି, ସାହିତ୍ୟ, ଆଉ ଇତିହାସକୁ ପ୍ରକଟ କରିବାକୁ କ୍ଲାସିକ ଓଡିଆ ଭାଷାରେ ଧ୍ୟାନ ଦେବା ଦରକାର । ଏହାହିଁ ଓଡିଶାର ବୁଦ୍ଧିମାନ ଆଉ ସାହିତ୍ୟିକ ବର୍ଗକୁ ଏଇ ଭାଷାରେ ପୁନର୍ବିମର୍ଷ ଆଉ ଅନୁସନ୍ଧାନକୁ ସମର୍ପିତ ଥାଉ ।

ଅଧ୍ୟାପିକା, କମଳା ନେହେରୁ ମହିଳା ମହାବିଦ୍ୟାଳୟ,
ଭୁବନେଶ୍ୱର, ମୋ- ୯୯୩୮୭୫୬୨୭୩

ISSN NO.
2582-208X

# ମାଆ



ମୀନାକ୍ଷୀ ପଣ୍ଡା

ମାଆ ପରିବ୍ୟାପ୍ତ ମୋ' ସାର୍‌ଜଗତ ଆଦ୍ୟରୁ ଅନନ୍ତ ଯାଏ
ଦୟାରୁ ଯାହାର ସଂସାରେ ମୋହର ନଜ ପରିଚୟ ପାଏ
କଳ୍ପବଟ ସମ ଚନ୍ତା ଅନୁପମ ଛାୟାର ପ୍ରଦାନ ପାଇଁ
କେବେ ପଲ୍ଲବିତ କେବେ ଝର୍‌ପତ୍ର ଦୁର୍ବାର ଯାତନା ସହି ॥

ମୋ' ମାଆ ପଣତ ମମତା ଖଚତ ମହମହ ମହକତ
ପୋଛି ଆଖିଲୁହ, ବୁକୁତଳ କୋହ ପ୍ରାଣ କରେ ପୁଲକତ
ସୁହାଗ ର୍‌ଗିଣୀ, ପ୍ରେମ ପୂଜାରିଣୀ, ସ୍ନେହ ନର୍ଝରିଣୀ ମାଆ
ପ୍ରୀତି ପ୍ରଦାୟିନୀ, କଲ୍ୟାଣ କାରିଣୀ ପ୍ରତିମୂର୍ତ୍ତି ମହାମାୟା ॥

ହୃଦୟ ଯାହାର ସୁଧା ପାର୍‌ବାର ଧରିତ୍ରୀଠୁ ସର୍ବସଂହା
ମାଟିରୁ ସରଗ ଲଭେ ତା' ସର୍‌ଗ ଗୀତ ଗାଏ ନାନାବାୟା
ଢାଳଇ ଆଶିଷ ସୁଷମା ପରଶ କୋଳକୁ ନଅଇ ତୋଳ
ଅଧରେ ଆଧାର ପରଶେ ସତ୍ୱର କପାଳେ ଚୁମ୍ବନ ବୋଳ ॥

ମାଆ ଶବ୍ଦଟିର ମହିମା ଅପାର ବର୍ଣ୍ଣିବାକୁ କାହିଁ ଶକ୍ତ ?
ଶତ ଭ୍‌ଷାକୋଷ ନଅଣ୍ଟ ଅବଶ୍ୟ ସ୍ମରଣେ ସମର୍ପେ ଭକ୍ତ ॥

ମଙ୍ଗଳପୁର, ଯାଜପୁର

ISSN NO.
2582-208X

# ଲକ୍ଷ୍ୟ



ମୋନାଲିସା ପଣ୍ଡା

1-ନର୍ଝରିଣୀ ମୁଁ ଯେ ଝରି ଝରି ଯାଏ
ଅଜ୍ଞାନତା ସ୍ରୋତ ଡେଇଁ,
ଜ୍ଞାନ ର ପ୍ରଦୀପ ନତ୍ୟ ଜଳୁଥାଉ
ତିମି ରେ ଆଲୋକ ହୋଇ ।।

2-ଗ୍ଲହେଁ ନାହିଁ କେବେ ବ୍ୟଙ୍ଗ ପରିହାସେ
ବିଦାରିବି ହୃଦ ପର,
ବିଷାଦ ରେ ହସ ଅଧରେ ଫୁଟାଇ
ଲଂଘି ଯିବି ପାର୍ବାର।।

3-ଗ୍ଲହିଁ ନାହିଁ କେବେ ନୀଚ ଭାବ ରଖି
ତୁଚ୍ଛେ ଲୋକଙ୍କୁ ହସିବି,
ପରଚର୍ଚ୍ଚା, ପରନନ୍ଦା ଅକାରଣେ
ସମୟ ନଷ୍ଟ କରିବି ।।

4-ଦୀନଦୁଃଖୀ ଙ୍କୁ ସୁଯୋଗ ମିଳଲେ
ନଃସ୍ୱାର୍ଥେ ସେବା କରିବି,
ଅନ୍ୟ ର ଦୁଃଖ କୁ ସମାନୁଭବେ
ତତ୍ପର ସର୍ବଦା ହେବି।।

ISSN NO.
2582-208X

5-ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା ଗୁଣ ରଖି
ମିଷ୍ଟ ଭାଷା କହୁଥିବି,
ସକଳ ଘଟରେ ଈଶ୍ୱର ଙ୍କୁ ଚହ୍ନି
ଜନ ମନ ତୋଷୁ ଥିବି ।।।

6- ବିଶାଳ ହୃଦୟ ରଖି ସବୁଦିନ
ଅନ୍ୟାୟ ଠୁ ଦୂରେ ଥିବି,
କାମ, କ୍ରୋଧ, ମୋହ ହିଂସା ରୁ ଦୂରେଇ
ଶାନ୍ତ ଜୀବନ କାଟିବି ।।

7-ହୃଦ ବିଷାଦ ରେ ଜର୍ଜରିତ ହୋଇ
ଧ୍ୱନି ଶବ୍ଦ ରୂପେ ଗୁଞ୍ଜରି ଉଠଇ,
କବିତା ରେ ଦୁଃଖ ଲାଘବ ହୁଅଇ
ଖଦ୍ୟୋତ ସମ କ୍ଷୁଦ୍ର ଇଚ୍ଛା ଏ ମୋହରି ।।୪

୮-ଅସହ୍ୟ ରେ ଶବ୍ଦ ଗଲେ କଲମ ମୁନରେ
କରନଏ ଆତ୍ମାଫୁଲ ଅତି ଯତନ ରେ,
ଛାଡ଼ି ଦିଏ ପଦ ଚହ୍ନ ପ୍ରଭୁଙ୍କ ପାଦରେ
ଲୀନ ହୋଇ ଯାଏ ଦୁଃଖ ବିଭୁ ଶ୍ରୀ ପୟରେ ।।

9-ଆତ୍ମା ପରମାତ୍ମା ମିଶିଯିବା ଯାଏ
ସାଧନା ମୋ ଅବିରତ,
ଲକ୍ଷ୍ୟପଥ ର ମୁଁ ନିର୍ଭୀକ ପଥିକ
ହେବିନ କେବେ ବିଚ୍ୟୁତ ।।

କୋମନା, ନୂଆପଡ଼ା

ISSN NO.
2582-208X

# ମୋ ପ୍ରିୟା



ନନ୍ଦିଘୋଷ ଭୋଇ

ବୟସ ର ଏଇ ରାଜପଥ ପରେ
ହଜାରେ ପ୍ରେମିକା ମୋର,
କଏ ଏଠି ମୋର ପ୍ରଣୟ ସଙ୍ଗିନୀ
କଏ ହୃଦ ଗଳାହାର ।

ଶରତ ବେଳାରେ ନଈପଠା ଧାରେ
କାଇଁସ ସୁନ୍ଦରୀ ପ୍ରିୟା,
ସଫେଦ୍ ରଙ୍ଗର ଓଢ଼ଣୀ ଉଡ଼େଇ
କଣି ନଏ ମୋର ହିୟା ।

ସନ୍ଧ୍ୟା ସମୟରେ ଶେଫାଳୀ ସେନେହେ
ଭିଡ଼ି ନଏ ମତେ ପାଶେ,
ଏକରାତ୍ରି ର ସେ ପ୍ରାଣ ପରିଧିରେ
ପ୍ରୀତି ଢ଼ାଳ ଦେବା ଆଶେ ।

ବସନ୍ତ କାଳରେ କାମିନୀ କୋଇଲି
ମୋ ପାଇଁକି ତୋଳେ ସୁର,

ISSN NO.
2582-208X

ପଞ୍ଚମ ତାନରେ କହେ ମୋର କାନେ
ତୁମେ ଅନୁରାଗୀ ମୋର ।

ଚଇତି ଚଗଲି ଫୁଲେଇ ପବନ
କଣି ନଏ ତନୁ ମନ,
ଦେଇ ଶିହରଣ କହେ ପ୍ରିୟ ଶୁଣ
କରିବନ କେବେ ଆନ ।

ନୀରବ ନଷ୍ଟଳ ନଶିଥିନୀ କାଳେ
ପୁନେଇଁ ଜହ୍ନ ମୋ ପ୍ରିୟା,
ନଛାଟିଆ ବେଳେ ଲୁଚକାଳ ଖେଳେ
ହୁଏ ଭାବ ଦିଆ ନଆ ।

ପ୍ରକୃତିର ଏଇ ପ୍ରେମର ରାଇଜେ
କେତେ ଯେ ପ୍ରେମିକା ମୋର,
କଏ ବୁଣେ ଏଠି ଇନ୍ଦ୍ରଜାଲ ପୁଣି
କଏ ବାନ୍ଧେ ପ୍ରୀତି ଡୋର ।

ଚକ୍ ମକ୍ ଘୋରୀ, ବରଗଡ଼
ମୋ - ୮୧୪୪୦୪୪୮୪୫

ISSN NO.
2582-208X

# ଅଭିନୟ ପରିଧିରେ ଅଭିନୟ

କିଶୋର ଚନ୍ଦ୍ର ମହାନ୍ତ

ସାରାଂଶ:

ସଂସାର ରୂପକ ରଙ୍ଗମଞ୍ଚରେ ବଞ୍ଚିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ଏକ ଏକ ଭୂମିକାରେ ଅଭିନୟ କରିବାକୁ ହୋଇଥାଏ । ଏହି ଅଭିନୟ ପୁଣି ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆବଦ୍ଧ ହୋଇ ରହିଥାଏ । ବ୍ୟକ୍ତିଟିଏ ନିଜର ଗୁଜୁରାଣ ମେଣ୍ଟାଇବାକୁ ଯାଇ ଅନେକ ସ୍ଥାନରେ ଭିନ୍ନ ଭିନ୍ନ ଚରିତ୍ରର ଅଭିନୟ କରିଛି । କେଉଁ ଭୂମିକାରେ ସେ ସଫଳ ହୋଇଛି ତ ପୁଣି ଆଉ କେଉଁ ଭୂମିକାରେ ହୋଇଛି ଅସଫଳ । ନାୟକ ଦେବ ଆଚାର୍ଯ୍ୟ ଜଣେ ଏପରି ଅଭିନେତା ସାଜିଛି ଯେ, ଜଣେ ତେଜରାତି ଦୋକାନୀରୁ, ଚାକର କାମ / ରୋଷେଇ କାମ, ଯାତ୍ରା ପାର୍ଟିର ଭୂମିକା ଏବଂ ଶେଷରେ ସ୍ୱାମୀ / ପିତାର ଭୂମିକା ତୁଲାଇଛନ୍ତି । ଏମିତି ଅନେକ ଲୋକଙ୍କ ଜୀବନରେ ଘଟିଥାଏ, କେତେକ ଦୃଷ୍ଟିଗୋଚର ହୋଇ ରହିଥିବା ବେଳେ ଆଉ କେତେକ ଅଦୃଶ୍ୟ ହୋଇ ରହିଥାଏ ।

ମୂଳଶବ୍ଦ : ଅଭିନୟ, ପରିଧି, ମରୁଡି, ଗ୍ରାମ, ଫେସନ, ଗରାଖ, ମନ୍ଦିର, ପୂଜକ ଓ ଅବଧାନ ।

ଏ ଦୁନିଆ ହେଉଛି ଏକ ରଙ୍ଗମଞ୍ଚ । ଏହି ରଙ୍ଗମଞ୍ଚର ଆମେ ସମସ୍ତେ ଗୋଟିଏ ଗୋଟିଏ ଅଭିନେତା । ଜନ୍ମ ହେବା ଠାରୁ ଆମେ କାହାର ସନ୍ତାନ ଭାବରେ ପରିଚିତ ହୋଇଛେ ତ ପୁଣି କାହାର ଭାଇ ଭଉଣୀ, ପୁଣି କେତେବେଳେ କାହାର ସ୍ୱାମୀ ଅଥବା ସ୍ତ୍ରୀ କିମ୍ବା ବାପା କି ମା, ପୁଣି ଶେଷରେ ବାର୍ଦ୍ଧକ୍ୟ ସମୟରେ ଜେଜେମା ଓ ଜେଜେବାପା ରୂପରେ । ଏହିପରି ଭୂମିକାରେ ଅଭିନୟ କରି ପୁଣି ସଂସାରରୁ ବାହୁଡିବାକୁ ପଡେ । ମଣିଷ ଯେବେଠାରୁ ସମାଜରେ ବଞ୍ଚିବାର ଶିଖିଲା ସେଇ ଦିନଠାରୁ ତାର ଅଭିନୟର ସୀମା ବୃଦ୍ଧି ପାଇଥିଲା, ମନୁଷ୍ୟର ଜୀବନ ଅଳୀକ ପାଣି ଫୋଟକା ସଦୃଶ ଏଇ ଅଛି ଏଇ ନାହିଁ । ତଥାପି ଯେତେଦିନ ବଞ୍ଚିବାକୁ ହୋଇଥାଏ, ସେ କିଛି ନା କିଛି ଭୂମିକାରେ ଅଭିନୟ କରିବା ଲାଗି

ISSN NO.
2582-208X

ଅବତୀର୍ଣ୍ଣ ହୋଇଥାଏ । ଅଭିନୟ ପୁଣି ସମୟ ଓ ପରିସର ଅନୁଯାୟୀ ସୀମିତ ହେବାକୁ ପଡିଥାଏ । କାରଣ ଗୋଟିଏ ସମୟରେ ଜଣେ ଯେଉଁ ଭୂମିକାରେ ଥାଏ ତାହା କିଛିଦିନ ପରେ ଭୂମିକାର କ୍ଷେତ୍ର ବଦଳି ଯାଇଥାଏ, ସେହିପରି ପରିସର ମଧ୍ୟ ସୀମିତ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜଣେ ଯେଉଁ ରୂପରେ ପରିଚିତ ଥାଏ ଅନ୍ୟ ଏକ ଅଞ୍ଚଳ ପାଇଁ ସେ ଭୂମିକା ଅପରିହାର୍ଯ୍ୟ ।

ଏହି ସଂସାରରୂପୀ ରଙ୍ଗମଞ୍ଚକୁ ଲକ୍ଷ୍ୟକରି ଔପନ୍ୟାସିକ ରାମଚନ୍ଦ୍ର ବେହେରା ରଚନା କରନ୍ତି ଅଭିନୟର ପରିଧି 'ଉପନ୍ୟାସ, ଯାହା ପାଠକ ମହଲରେ ଏକ ପ୍ରଭାବଶାଳୀ ଓ ପ୍ରଜ୍ଞା ଉଦ୍ଦୀପକ ରଚନା ଭାବରେ ବିବେଚିତ ହୋଇଛି । ସେ ଏଠାରେ ଦେଖାଉଛନ୍ତି ଯେ, ଏକ ନିଛକ ମଫସଲ ଗାଁର ଚିତ୍ର ଦିନେ ଯେପରି ଥିଲା ତାହା କ୍ରମଶଃ କିପରି ଭାବରେ ବଦଳୁଛି । ପୁଣି ଏଠାରେ ଜଣେ ବ୍ୟକ୍ତି ନିଜର ଜୀବନକାଳ ମଧ୍ୟରେ ସେ କେତେ ରୂପରେ ନିଜର ଭୂମିକା ନିର୍ବାହ କରୁଛି । ଘଟଣାଟି ବେଶୀ ଦିନର ନୁହେଁ, ଦେଶ ସ୍ୱାଧୀନତାର ଠିକ କୋଡିଏ ପଚିଶ ବର୍ଷ ତଳର କଥା । ଏଭଳି ଏକ ସମୟ ଦେଖାଦେଇଛି ବଣ ପାହାଡ ଘେରା ପ୍ରାକୃତିକ ପରିବେଶରେ ସୁଶୋଭିତ ତାଙ୍କ ନିଜ କେନ୍ଦୁଝରର ମହାଦେବପୁରରେ ଗାଁରେ । ସେ ଏହି ଗାଁରେ ପରିସର ବା ପରିଧିକୁ ବାର କିଲୋମିଟର ଭାବରେ ଗ୍ରହଣ କରିଛନ୍ତି । ତାହା ଏପରି ଏକ ସ୍ଥାନ ଯାହାକୁ ପରିଚିତ କରାଇବାକୁ ହେଲେ ପୂର୍ବରେ ବାର କିଲୋମିଟର ଦୂରରେ ଘଟଗାଁ, ଦକ୍ଷିଣରେ ବାର କିଲୋମିଟର ଦୂରରେ ହରିଚନ୍ଦନପୁର ଓ ଉତ୍ତର-ପଶ୍ଚିମକୁ ବାର କିଲୋମିଟର ଗଲେ ପଡେ ଢେଙ୍କିକୋଟ । ନିଜ ଗାଁ କୁ କେନ୍ଦ୍ରବିନ୍ଦୁ ହିସାବରେ ଗ୍ରହଣ କଲେ ଏସବୁ ହେଉଛି ଗୋଟେ ଗୋଟେ ପରିଧି ।

ନାୟକ ଦେବ ଆଚାର୍ଯ୍ୟ ଏପରି ଜଣେ ବ୍ୟକ୍ତି ଯେ ବଡମାନଙ୍କୁ ସମ୍ମାନ ଦେଇ ସାନମାନଙ୍କୁ ଆଦର କରିଥାଏ । ଗାଁ ପରିମଳ ଧୋବା ତୁଠରୁ ଜଣାପଡିବା ପରି ମହାଦେବପୁର ଗାଁରେ ପରିଚୟ ମିଳେ ତାର ସେହି ଦୋକାନ ଖଣ୍ଡକରୁ । ଗାଁରେ ଏକମାତ୍ର ଦୋକାନୀ ସେ ଯେ ଗାଁର ଗରାଖମାନଙ୍କୁ ସନ୍ତୁଷ୍ଟ କରି ରଖିବା ସହ ଗାଁ ଶିବ ମନ୍ଦିରରେ ଠାକୁର ପୂଜା ନିମିତ୍ତ ପ୍ରତ୍ୟହ ପୂଜା ସାମଗ୍ରୀ ଯୋଗାଉଥିଲା । ତେଣୁ ସେହି ଦୋକାନ କେବଳ ଦେବ ଆଚାର୍ଯ୍ୟଙ୍କ ଦୋକାନ ହୋଇ ନ ଥିଲା ବରଂ ତାହା ଥିଲା ତାର ଆତ୍ମା, ବଞ୍ଚି ରହିବାର ସ୍ୱପ୍ନର ଅବତାର । ସେହି ଦୋକାନ ବାରଣ୍ଡାରେ ତାସ ଖେଳଠାରୁ ଆରମ୍ଭ କରି ଚିଲମ ଟଣା ଯାଏ, ଗାଁ ଯାତ୍ରା ପାର୍ଟିର ଅଭ୍ୟାସ ଠାରୁ ଗାଁରେ ଉପୁଜି ଥିବା ସମସ୍ୟାର ସମାଧାନ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଏଠାରେ ସମାନ ଭାବେ କରାଯାଇଥାଏ । ଦେବ ଆଚାର୍ଯ୍ୟ ପ୍ରଥମେ ଦୋକାନୀ

ISSN NO.
2582-208X

ହୋଇଛି ଏବଂ ପରିସ୍ଥିତିର ତାଡନାରେ ଦୁର୍ଭିକ୍ଷ, ମରୁଡି ଆଦିକୁ ମୁକାବିଲା କରି ନ ପାରି ଗାଁ ମାଟି ଛାଡି ଚାଲି ଯାଇଛି କଲିକତା । ଯିଏକି ଗାଁରୁ ପ୍ରଥମ ଥର ଲାଗି ବାହାରକୁ ଯାଇଛି । ସେଠାରେ ସେ ଆଦରି ନେଇଛି ମିଷ୍ଟର ପରିତୋଷ ସିହ୍ନାଙ୍କ ଘରେ । ତାଙ୍କରି ଘରେ ରହି ପୂଜାରୀ କାମକୁ ଆପଣାଇ ନେଇଛି, ପୂଜାରୀ କାମ କରୁକରୁ ସେଠାରେ ଶ୍ରୀମତୀ ସିହ୍ନାଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଛି, ସେହି କାରଣରୁ ସେ ଦେବଙ୍କୁ ଛାଡି ଚାଲିଯିବା ପାଇଁ କହିଛନ୍ତି । କାହିଁକି ନା ସେ ଠିକ ଉପଲବ୍ଧି କରି ପାରିଛନ୍ତି ଯେ, ସେ ବିବାହିତା । ମାତ୍ର ଏ ସଂପର୍କକୁ ଦେବ ଜୀବନର ଶେଷ ପର୍ଯ୍ୟନ୍ତ ଭୁଲି ପାରି ନାହାନ୍ତି ।

ଏଠାରେ ଲକ୍ଷ୍ୟ କରିବାକୁ ହେବ ଯେ, ଦେବ ଆଚାର୍ଯ୍ୟ ମହାଦେବପୁରରେ ଦୋକାନୀ ଥିବା ସମୟରେ କଲିକତାରେ ହୋଇଛି ପୂଜାରୀ । ପୁଣି ଏହା ପରେ ଯୋଗ ଦେଇଛି ଏକ ଯାତ୍ରା ପାର୍ଟିରେ । ଯାତ୍ରା ପାର୍ଟିରେ ଯୋଗ ଦେବା ବେଳେ ତାଙ୍କୁ କେଉଁ ଭୂମିକାରେ ଅଭିନୟ କରିବାକୁ ଇଚ୍ଛୁକ ବୋଲି ପ୍ରଶ୍ନ ପଚାରନ୍ତେ ଉତ୍ତର ଆସିଛି ଯେ, ସେ ସବୁ ଭୂମିକାରେ ଅଭିନୟ କରିପାରିବ ବୋଲି । ସେ ସମୟରେ ଏକ ଡାଇଲଗ ଉଚ୍ଚାରଣ କରିବାକୁ କହିବା ବେଳେ ଶ୍ରୀମତୀ ସିହ୍ନାଙ୍କ କଥା ମନେ ପକାଇ ଅତି ସୁନ୍ଦର ଭାବରେ ଅଭିନୟ କରିଛନ୍ତି, ଯାହାକୁ ଶୁଣି ସମସ୍ତେ ଚକିତ । ଏହାପରେ ରାତି ପରେ ରାତି ଅଭିନୟ କରି ଯାତ୍ରା ପାର୍ଟିକୁ ଅଧିକରୁ ଅଧିକ ସଫଳ କରାଇବା ସାଙ୍ଗକୁ ଲୋକପ୍ରିୟ କରାନ୍ତି । ତତପରେ ଆରମ୍ଭ ହୁଏ ଜୀବନର ଦ୍ୱିତୀୟ ପର୍ଯ୍ୟାୟର ଅଭିନୟ । ଯାତ୍ରା ପାର୍ଟିରୁ ପୁଣି ଗ୍ରାମାଭିମୁଖୀ ହୋଇ ଆସି ବିବାହ କରନ୍ତି ଇନ୍ଦୁ ନାମକ ଶସ୍ତା ଫେସନ ବାଲା ଝିଅକୁ । ଯାହା ଫଳରେ କିଛି ବର୍ଷ ଅତିକ୍ରାନ୍ତ ପରେ ଦେବ ଆଚାର୍ଯ୍ୟର ଅଗ୍ରଗତି ହେବା ପରିବର୍ତ୍ତେ ଅବନତି ହେବାକୁ ଲାଗିଛି । ଏହାରି ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ସ୍ତ୍ରୀ ଇନ୍ଦୁର ବ୍ୟବହାର । ପରିସ୍ଥିତି ଏପରି ଉପୁଜିଛି ଯାହାକୁ କି ଦେବ ଆଚାର୍ଯ୍ୟ ବିରୋଧ କରି ପାରୁନାହିଁ କି ସହ୍ୟ ମଧ୍ୟ କରିପାରୁ ନାହିଁ । ଶେଷରେ ସେ ଅଥର୍ବ ମୂକ ସଦୃଶ ହୋଇ ଯାଇଛି ।

ଦେବ ଆଚାର୍ଯ୍ୟର ସ୍ତ୍ରୀ ଇନ୍ଦୁ ପ୍ରଥମେ ପ୍ରଥମେ ଯେଉଁ ଭଲ ପାଇବା ଦେଖାଇଛି, ପରବର୍ତ୍ତୀ ସମୟରେ ସେ ପ୍ରକୃତରେ ସେପରି ହୋଇନାହିଁ । ବିବାହ ପରେ ସେ ରୁମାଲ ବୁଣି ସେଥିରେ ଲଭମି, କିସମି, ୟୁ ଏଣ୍ଡ ଆଇ ଟୁଗେଦର, ହାପି ଡେ ଏଣ୍ଡ ନାଇଟ ଲେଖି ଦେଇଛି । କିନ୍ତୁ କ୍ରମଶଃ ତା ବ୍ୟବହାର ଦିନକୁ ଦିନ ବିରକ୍ତିକର ହୋଇଛି, ଯାହା ଫଳରେ ଦୋକାନ ବାରଣ୍ଡାରେ ପୂର୍ବ ଭଳି ଆଉ ଲୋକ ଆସି ବସୁ ନାହାନ୍ତି । କି ଦେବ ଆଚାର୍ଯ୍ୟ ମଧ୍ୟ କାହା ସହ ଭଲରେ କଥା ପଦେ ହୋଇ ପାରିନି । ଇନ୍ଦୁ ଶେଷରେ ଏତେ ତଳକୁ

ISSN NO.
2582-208X

ଖସି ଯାଇଛି ଯେ, ଯାହା ସମାଜରେ ଅତି ଘୃଣ୍ୟ କାର୍ଯ୍ୟ ପରକୀୟା ପ୍ରୀତିକୁ ଆଦରି ନେଇଛି । ସେ ପୁଣି ନିଜ ପୁଅ ବୟସର ଯୁବକ ରାଧାକାନ୍ତ ସହିତ । ପ୍ରତିଟି କ୍ଷେତ୍ରରେ ସେ ଦେବ ଆଚାର୍ଯ୍ୟକୁ ସାହାଯ୍ୟ ସହଯୋଗ କରିବା ପରିବର୍ତ୍ତେ କଳହ ସୃଷ୍ଟି କରିଛି । ଯାହା ଫଳରେ ଦାମ୍ପତ୍ୟ ଜୀବନ ହୋଇଛି କଳୁଷିତ, ସଦା ସର୍ବଦା ଅଶାନ୍ତିର ପରିବେଶଟିଏ ସୃଷ୍ଟି ହୋଇଛି । କୁ-ସମ୍ପର୍କ ଯୋଗୁଁ ଇନ୍ଦୁ ଏକ ଅବୈଧ ସନ୍ତାନକୁ ଜନ୍ମ ମଧ୍ୟ ଦେଇଛି, ଯାହା ସମାଜ ଆଖିରେ ନୀଚରୁ ନୀଚତର କାର୍ଯ୍ୟ ।

ଉପନ୍ୟାସର ଅନ୍ୟ ଏକ ସଫଳ ବ୍ୟକ୍ତି ହେଉଛନ୍ତି ଘନଶ୍ୟାମ ଦାଦା । ଏହି ଦାଦା ଗୋଟିଏ ପଟରେ ଗାଁରେ ମୁରବୀ ଦାୟିତ୍ୱ ତୁଲାନ୍ତି । ଅନ୍ୟପଟେ ସେ ମହାଦେବ ମନ୍ଦିରରେ ପୂଜା ଦାୟିତ୍ୱ ସମ୍ପାଦନ କରିବା ସହ ଗାଁର ଭଲମନ୍ଦ, କଳିଗୋଳ ଆଦିକୁ ଅତି ସୁରୁଖୁରୁରେ ସମାଧାନ କରାଇ ଦିଅନ୍ତି । ଗାଁରେ ମରୁଡି ପଡିଲେ ଲୋକମାନେ ଦାଦାଙ୍କ ପାଖରୁ ମହାଦେବ ମନ୍ଦିରର ସମ୍ପତ୍ତି ଲୋକଙ୍କୁ ଦେଉଥିଲେ । କାହାର ସୁବିଧା ହେଲେ ତାହା ଫେରାଉଥିଲେ । ଆଉ ଯିଏ ଦେଇ ପାରୁ ନ ଥିଲେ ସେ ତାକୁ ଋଣମୁକ୍ତ କରି ଦେଉଥିଲେ । ଗାଁ ସ୍କୁଲ ମାଧ୍ୟମରେ ପିଲାମାନେ କିପରି ଶିକ୍ଷିତ ହୋଇ ପାରିବେ ସେ ତାହା ଚିନ୍ତା କରି ସ୍କୁଲ ମାଷ୍ଟରଙ୍କୁ ତାଙ୍କ ଘରେ ଆଶ୍ରୟ ଦେଇ ଶିକ୍ଷାଦାନର ବ୍ୟବସ୍ଥା କରାଇଛନ୍ତି । ତେବେ ସେ ସମୟର ଯେଉଁ ଦୁଇଜଣ ଶିକ୍ଷକ ଥିଲେ ସେମାନେ ହେଲେ ଶଙ୍କର୍ଷଣ ମାଷ୍ଟର ଓ ପୁଅ ଗୋବିନ୍ଦ । ଏମାନେ ଗାଁ ଗାଁ ବୁଲି ବିଭିନ୍ନ ଗ୍ରାମର ଚାଟଶାଳୀମାନଙ୍କରେ ଶିକ୍ଷା ଦେବାକୁ ଯାଉଥିଲେ ଶଙ୍କର୍ଷଣ ମାଷ୍ଟ୍ର । ଦୁଇଜଣ ସଫଳ ଶିଷ୍ୟ ଥିଲେ ଘନଶ୍ୟାମ ଦାଦା ଓ ଦେବ ଆଚାର୍ଯ୍ୟ । ଏହି ଦୁଇଜଣଙ୍କୁ ହିଁ ସେ ସତ ଶିକ୍ଷା ଦେଇ ପାରିଥିବାର ପ୍ରମାଣ ମିଳେ । ଶଙ୍କର୍ଷଣ ମାଷ୍ଟ୍ର ମାଗଣାରେ ଶିକ୍ଷା ପ୍ରଦାନ କରୁଥିଲେ । ଏଣୁ ଆଖପାଖ ଗାଁ ମାନଙ୍କରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା । ମାତ୍ର ପରବର୍ତ୍ତୀ ସମୟରେ ତାଙ୍କ ମୁହଁରେ କାଳି ବୋଳି ଦେଇଛି ତାଙ୍କ ପୁଅ ଗୋବିନ୍ଦ । ପିତା ଶଙ୍କର୍ଷଣର ଯେଉଁ ନୀତି ଆଦର୍ଶ ଥିଲା ପୁଅ ଗୋବିନ୍ଦ ଅଷ୍ଟମ ଶ୍ରେଣୀ ପାସ କରି ମାଇନର ସ୍କୁଲରେ ଶିକ୍ଷକ ହୋଇ ମଧ୍ୟ ସେପରି ହୋଇ ପାରିନି । ସେ ଶିକ୍ଷକ ହୋଇ ମଧ୍ୟ ଏକ ଅପ୍ରାପ୍ତ ବୟସ୍କା ଯୁବତୀକୁ ଧର୍ଷଣ କରି ତିନିବର୍ଷ ଜେଲଦଣ୍ଡ ଭୋଗିଛି । ଏହା ହେଉଛି ପିତା ଓ ପୁତ୍ରଙ୍କ ଶିକ୍ଷକ ଭୂମିକାର ପାର୍ଥକ୍ୟ ଚିତ୍ର ।

ଏଠାରେ ଆଉ ଏକ ପ୍ରକାର ଅଭିନୟ ଦେଖିବାକୁ ପାଇଥାଉ ଯାହା କାହାଣୀକୁ ଗତି ମୁଖର କଲାଭଳି ଅଭିନୟ ସେ ହେଉଛି ଖଳନାୟକ ଭୂମିକା କୌଣସି ପାଠଶାଠ ନ ପଢି ଗାଁରେ ବେକାର ହୋଇ ବୁଲୁଥିବା ଯୁବକକୁ ପଞ୍ଚାୟତ ମେମ୍ବର ହିସାବରେ ଘନଶ୍ୟାମ ଦାଦା ଓ

ISSN NO.
2582-208X

ଶଙ୍କର୍ଷଣ ମାଷ୍ଟ୍ର ପଠାନ୍ତି । ଗ୍ରାମବାସୀମାନେ ଯଦିଓ ପ୍ରଥମେ ଏହାକୁ ମନା ତଥାପି ଗାଁ ମୁଖିଆଙ୍କ ନିର୍ଦ୍ଦେଶରେ ପଠାଯାଏ । ମାତ୍ର ପରବର୍ତ୍ତୀ ସମୟରେ ଦେଖାଦେଇଛି ସେ ଆଙ୍ଗୁଠି ଦେଖାଇ ବାହା ଗିଳିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପଞ୍ଚାୟତ ମେମ୍ବର ହୋଇ ଗ୍ରାମବାସୀଙ୍କୁ ସାହାଯ୍ୟ ସହଯୋଗ କରିବା ପରିବର୍ତ୍ତେ ଲୁଣ୍ଠନ ଅତ୍ୟାଚାର, ଲାଞ୍ଚ ଆଦିକୁ ଗ୍ରହଣ କରିସାରିଛି । ଏପରିକି ନିଜ ନାମର ମଧ୍ୟ ପରିବର୍ତ୍ତନ କରି ଦେଇଛି କୁମରରୁ କୁଳମଣି ବାବୁ । କ୍ରମଶଃ ପଞ୍ଚାୟତ ମେମ୍ବରରୁ ହୋଇଛି ବ୍ଲକର ପ୍ରେସିଡେଣ୍ଟ, ସେତେବେଳେ ସେ ଆଉ ରକ୍ଷକ ହୋଇ ରହିନାହିଁ ସାଜିଛି ଭକ୍ଷକ । ଯେତେ ପ୍ରକାର ଅନିୟମିତତା, ଅତ୍ୟାଚାର ଭଳି ଅମାନୁଷିକ କାର୍ଯ୍ୟକୁ ହାତେଇ ନେଇଛି ।

ଆଉ ଏକ ପ୍ରକାର ଅଭିନୟ ଦେଖିବାକୁ ପାଇବା ଯାହାକୁ କି କୂଟନୈତିକ ବା ବିଶ୍ୱାସଘାତକତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରି ଜଣେ ଜଣେ ବ୍ୟକ୍ତି ଥାନ୍ତି ଯେଉଁମାନଙ୍କ ଉପରକୁ ସରଳ ବିଶ୍ୱାସୀ ମନେହେଉଥିଲେ ମଧ୍ୟ ଭିତରେ ଭିତରେ ଅନେକ ପ୍ରକାର କୂଟକପଟତା ମଧ୍ୟରେ ଭରି ରହିଥାନ୍ତି । କେବଳ ମାତ୍ର ସୁବିଧା ସୁଯୋଗ ପାଇଲେ ସବୁ ବଦଳାଇ ଦିଅନ୍ତି । ନିମାଇ ଦୁଇ ଦୁଇଥର ମ୍ୟାଟ୍ରିକ ପରୀକ୍ଷାରେ ଫେଲ ହେବା ସହ ଏକ ଝିଅ ସାଙ୍ଗରେ ପଳାଇବାର ଯୋଜନା ମଧ୍ୟ ଥିଲା । ମାତ୍ର ତାହା ଭଣ୍ଡୁର ହେବା ଫଳରେ କେବେ କେମିତି ଟ୍ରେନିଂ ନେଇ ଇଂଜେକସନ ନେବା ଶିଖି ଔଷଧ ବ୍ୟବସାୟ ଆରମ୍ଭ କରେ । ଏହି ସମୟରେ ଘନଶ୍ୟାମ ଦାଦା ମଧ୍ୟ ତାକୁ ମନ୍ଦିରର ପୂଜା ଦାୟିତ୍ୱ ଦିଅନ୍ତି । ପୁଣି ପରେ ଦୋକାନଟିଏ ମଧ୍ୟ ଆରମ୍ଭ କରିଛି, ଫଳରେ ଆଉ ଲୋକମାନେ ଦେବ ଆଚାର୍ଯ୍ୟ ଦୋକାନକୁ ନ ଯାଇ ନିମାଇ ଦୋକାନକୁ ଅଧିକ ମୁହାଁଇଛନ୍ତି । ତେଣୁ ସଂପୂର୍ଣ୍ଣ ରୂପେ ଦେବ ଆଚାର୍ଯ୍ୟର ଜୀବନ ସଦୃଶ ଦୋକାନଟି ବନ୍ଦ ହୋଇଯାଇଛି । ମାତ୍ର ଅଳ୍ପ ଦିନପରେ ଏହାର ଦୋକାନର ଅସଲମୁଖା ଲୋକଙ୍କ ସାମନାକୁ ଆସି ଯାଇଛି । ଜିନିଷର ଅପମିଶ୍ରଣ ଏବଂ ଓଜନର ତାରତମ୍ୟ ଯୋଗୁଁ ଗରାଖମାନଙ୍କ ଅସନ୍ତୁଷ୍ଟର କାରଣ ପାଲଟିଛି ।

ଜଣେ ବିବାହିତ ନାରୀ ବିବାହ ପରେ ତାର ଭୂମିକା ଥାଏ ଅନେକ । ସ୍ତ୍ରୀ, ଭାର୍ଯ୍ୟା, ସହଧର୍ମିଣୀ ରୂପରେ ପରିଚିତା । କିନ୍ତୁ ଏପରି ପରିସ୍ଥିତି ସୃଷ୍ଟି ହୁଏ ଯେ, ବିବାହିତା ନାରୀଟିଏ ମଧ୍ୟ ଅନ୍ୟ ପୁରୁଷ ପ୍ରତି ଆକର୍ଷିତ ହୁଏ । ସ୍ତ୍ରୀ ଟି ବିବାହ କଲାପରେ ସ୍ୱାମୀର ମଙ୍ଗଳସାଧନା କରିବା କଥା, ମାତ୍ର ଆଧୁନିକ ସମୟରେ ମନୁଷ୍ୟ ଯୌନାକାଂକ୍ଷା ପରିପୂରଣ କରିବାକୁ ଯାଇ ପର ପୁରୁଷ ସହ ମିଳିତ ହେବାକୁ ପଶ୍ଚାତପଦ ନୁହଁନ୍ତି । ଏଠାରେ ଦୁଇଟି

ISSN NO.
2582-208X

ନାରୀ ଚରିତ୍ର ଭିନ୍ନ ଭିନ୍ନ ଦିଗରେ ଗତି କରିଛନ୍ତି । ଶ୍ରୀମତୀ ସିହ୍ନା ମିଷ୍ଟର ପରିତୋଷ ସିହ୍ନାଙ୍କୁ ବିବାହ କରି ମଧ୍ୟ ଚାକର ରଖିଥିବା ଦେବ ଆଚାର୍ଯ୍ୟର ବ୍ୟବହାରରେ ତା ପ୍ରତି ଦୁର୍ବଳ ହୋଇଛନ୍ତି । ଏପରିକି ସେ କିପରି ଅଧିକରୁ ଅଧିକ ସୁନ୍ଦର ଦେଖାଯିବ ସେଥିପାଇଁ ସେ ତାର ପୋଷାକ ପରିଚ୍ଛଦ ଠାରୁ ଆରମ୍ଭ କରି ଦାଢି କାଟିବା ଯାଏ ଶ୍ରୀମତୀ ସିହ୍ନା ଦୃଷ୍ଟି ଦେଇଛନ୍ତି । ମାତ୍ର ଯେତେବେଳେ ସେ ବୁଝି ପାରିଛନ୍ତି ଯେ, ସେ ଜଣେ ବିବାହିତ ନାରୀ, ସେ ସେତେବେଳେ ଦେବ ଆଚାର୍ଯ୍ୟଙ୍କୁ ଚାଲିଯିବାକୁ ପରାମର୍ଶ ଦେଇଛନ୍ତି । ମାତ୍ର ଦେବ ଆଚାର୍ଯ୍ୟ ଶ୍ରୀମତୀ ସିହ୍ନାଙ୍କୁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଭୁଲିପାରି ନାହିଁ । ସବୁ ବାକ୍ୟର ପୂର୍ଣ୍ଣଚ୍ଛେଦ ପରେ ଆଉ ଗୋଟିଏ ବାକ୍ୟ ଆରମ୍ଭ ହେବା ପରି ଦେବ ଆଚାର୍ଯ୍ୟଙ୍କ ଜୀବନରେ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ଶ୍ରୀମତୀ ସିହ୍ନାଙ୍କ ସ୍ୱପ୍ନ ଯେଉଁଠି ଶେଷ ହୋଇଛି ଦେବଙ୍କ ସ୍ୱପ୍ନ ସେଇଠୁ ଆରମ୍ଭ ହୋଇଛି ।

ଠିକ ସେହିପରି ଅନ୍ୟ ପାଖରେ ଦେବ ଆଚାର୍ଯ୍ୟର ସ୍ତ୍ରୀ ଇନ୍ଦୁ ବିବାହିତା ନାରୀଟିଏ ହୋଇଥିଲେ ମଧ୍ୟ ନିଜର ସ୍ତ୍ରୀ ପଣିଆକୁ ବଞ୍ଚାଇ ରଖି ପାରିନାହିଁ, ବରଂ ପରପୁରୁଷ ପ୍ରତି ଆକର୍ଷିତ ହୋଇ ନିଜ ପୁତ୍ର ବୟସର ଯୁବକ ସହିତ ଆପଣା ଯୌନ କାମନାକୁ ଚରିତାର୍ଥ କରିଛନ୍ତି, ଏହି କୁସମ୍ପର୍କ ଯୋଗୁଁ ଅବୈଧ ସନ୍ତାନର ଜନନୀ ମଧ୍ୟ ହୋଇଛନ୍ତି । ଦେବ ଆଚାର୍ଯ୍ୟଙ୍କ ମୁହଁରେ ଚିରଦିନ ପାଇଁ କାଳି ବୋଳି ଦେଇଛନ୍ତି । ଏଠାରେ ଦେବ ଆଚାର୍ଯ୍ୟ ଗୋଟିଏ ପଟରେ ଜଣକ ପାଇଁ ପ୍ରେମିକ ଭୂମିକାରେ ଅଭିନୟ କରିବାକୁ ପଡିଲା ବେଳେ ଅନ୍ୟ ପଟରେ ଆଉ ଜଣକ ସ୍ୱାମୀ । କିନ୍ତୁ ବିଚରା ନାୟକ କାହା ପାଖରେ ସଂପୂର୍ଣ୍ଣ ଅଭିନୟ କରିପାରି ନାହିଁ ।

ତେବେ ଆମେ ମୋଟାମୋଟି ଦେଖିବାକୁ ପାଉ ଯେ, ଏହି ସଂସାର ରୂପକ ରଙ୍ଗମଞ୍ଚର ପଥରେ ଯାତ୍ରୀ ବା ଅଭିନୟ କେତେ କେଳେଙ୍କାରୀ ହୋଇପାରେ । ଏଠାରେ କିଏ ସତ ମାର୍ଗରେ ଗଲା ବେଳକୁ ଆଉ କେହି କୁପନ୍ଥା ମାନଙ୍କୁ ଆପଣାଇ ସମାଜରେ ପ୍ରତିଷ୍ଠିତ ହେବାକୁ ଚେଷ୍ଟା କରନ୍ତି । ମାତ୍ର ଶେଷ ପରିଣତିରେ ସେ ସବୁ ସମାଜ ଆଗରେ ଧରା ପଡି ଯାଇଛି । କେହି କୌଣସି ଜିନିଷକୁ ଠକି ଦେଇ ଯାଇପାରି ନାହାନ୍ତି । ନାୟକ, ଖଳ ନାୟକ, ଆଦର୍ଶ ଚରିତ୍ର, ଶିକ୍ଷକ, କୂଟନୀତିଜ୍ଞ ସମସ୍ତେ ନିଜ ନିଜ ପରିଧି ମଧ୍ୟରେ ହିଁ ଅଭିନୟ କରିଛନ୍ତି, ଯାହା ସେହି ପରିଧି/ପରିସରକୁ ଡେଇଁ କେହି ଯାଇ ପାରିବେ ନାହିଁ । ଏଠାରେ ଦେଖିବାକୁ ମିଳିଛି ଯେ, ଆମେ ନିଜ ନିଜର ପରିସରକୁ ଅତିକ୍ରମ କରି କେବେ ହେଲେ ବଞ୍ଚି ପାରିବା ନାହିଁ, କାରଣ ତାହା ସମାଜ ଦୃଷ୍ଟିରେ ଅତି ନିନ୍ଦନୀୟ କାର୍ଯ୍ୟ । ଏହି

ISSN NO.
2582-208X

ପରିଧିକୁ ଯିଏ ଡେଇଁବାକୁ ଚେଷ୍ଟା କରିବ ସେ ଏ ଉପନ୍ୟାସର ଚରିତ୍ରଙ୍କ ଭଳି ନିଶ୍ଚେ ଦୁର୍ଦ୍ଦଶାଗ୍ରସ୍ତ ହେବ । ଏଣୁ ଟଣା ଯାଇଥିବା ପରିଧି ମଧ୍ୟରେ ନିଜକୁ ବ୍ୟାପ୍ତ ରଖି ଏକ ଆନନ୍ଦମୟ ଜୀବନ ବଞ୍ଚିବା ସମଗ୍ର ବିଶ୍ୱବାସୀଙ୍କ ପ୍ରତି ଔପନ୍ୟାସିକଙ୍କ ଏହା ଏକ ଆହ୍ୱାନ ।

ସହାୟକ ଗ୍ରନ୍ଥସୂଚୀ

୧. ପଟ୍ଟନାୟକ ପଠାଣି, ଉପନ୍ୟାସ ସାହିତ୍ୟର ପରିଚୟ; ୨ୟ ସଂସ୍କରଣ -୨୦୧୯, ଓଡିଶା ବୁକ ଷ୍ଟୋର, କଟକ -୭୫୦୦୨ ।

୨. ପ୍ରଧାନ ବିଭୂତି ଭୂଷଣ, ଅଭିନୟ ପରିଧିରେ ଚିତ୍ର ଓ ଚରିତ୍ର; ୨୦୧୩ , ପକ୍ଷୀଘର ମହାପୂଜା ।

୩. ବେହେରା ରାମଚନ୍ଦ୍ର, ଅଭିନୟର ପରିଧି, ୨ୟ ସଂସ୍କରଣ -୨୦୦୨, ବିଦ୍ୟାପୁରୀ କଟକ- ୭୫୩୦୦୨ ।

୪. ମହାନ୍ତି ସୁରେନ୍ଦ୍ର, ମରାଳର ମୃତ୍ୟୁ; ଷଷ୍ଠ ସଂସ୍କରଣ -୨୦୧୯, କଟକ ଷ୍ଟୁଡେଣ୍ଟ ଷ୍ଟୋର ବାଲୁବଜାର, କଟକ – ୭୫୩୦୦୨ ।

୫. ସେନାପତି ଫକୀରମୋହନ, ଛ'ମାଣ ଆଠଗୁଣ୍ଠ -୧୯୯୦, ବୁକ୍ସ ଏଣ୍ଡ ବୁକ୍ସ , ବିନୋଦ ବିହାରୀ କଟକ – ୭୫୩୦୦୨ ।

ଗବେଷକ,
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର

ISSN NO.
2582-208X

# ନାହିଁ କଛି ଅବସୋସ



ନୀଳମଣି ଗୁନ୍ଦ

ଲଭିଛି ଜୀବନେ ପୂର୍ଣ୍ଣତା ମୁହିଁ
ନାହିଁ କଛି ଅବସୋସ
ଭାବୁଛି ଯାତ୍ରାର ଆରମ୍ଭ ଏ ମାତ୍ର
ହୋଇନାହିଁ ସିଏ ଶେଷ ।

ଗୋଟିଏ ମନରେ ନୟୁତ ଭାବନା
ଅନେକ ମିଳେଇ ଗଲ୍
ସିଦ୍ଧି ହୋଇଲ୍ ହଜାରରେ ବେଶୀ
ମନକୁ ମୋ ତୃପ୍ତ କଲ୍ ।

ଧୈର୍ଯ୍ୟଟି ଥିଲ୍ ସାଥେ ସାଥେ ମୋ'ର
ପରମହିତୈଷୀ ପରି
ସେ ଦେଖିଛି ଆହା କେତେ ଲୁହ ଗଲ୍
ତା'ର ସମ୍ମୁଖରେ ଝରି ।

ଡାକଛି ମୁଁ କେତେ ଆହେ ଚକାଡୋଳା ।
ହୁଅ ପଥ ପ୍ରଦର୍ଶକ
ତାଙ୍କରି ଆଶିଷେ ତାଳ ହେଲ୍ ତିଳ
ଚଲ୍ପଥେ ଆଜିତକ ।

ISSN NO.
2582-208X

ଯାହା ଗ୍ଵହେଁ ନର ହୁଏ ନାହିଁ ପ୍ରାପ୍ତି
ଆଶା ତ ବଇତରଣୀ
ହେଲେ ଖ୍ଵବିନେଲି ସନ୍ତୋଷରେ ତୃପ୍ତି
ଗ୍ଵଲୁ ଗ୍ଵଲୁ ପାଦ ଗଣି।

ଏବେ ଲେଖୁଲେଖୁ ଦିନଲିପି ମୋ'ର
ଲେଖିଲି ଜୀବନ ଗାଥା
ଏଜୀବନ ମୋର ପୂର୍ଣ୍ଣତାରେ ଭରା
ଘୂରାଏନ ବସି ମଥା।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ପଥ ପ୍ରଦର୍ଶକ



ଡ. ପ୍ରିୟମ୍ବଦା ସାମଲ

ପିତା ମାତା ବନ୍ଧୁ ଆତ୍ମୀୟ ସୋଦର
ପ୍ରିୟଜନ ସର୍ବ ନର
ଜୀବନ ରାସ୍ତାର ପଥ ପ୍ରଦର୍ଶକ
ନମଇଁ ତାଙ୍କ ପୟର।

ଗୁରୁ ଗୁରୁଜନ ସାଙ୍ଗ ସାଥୀଗଣ
ଶୁଭାନୁଚିନ୍ତକ ଜନ
ଜୀବନ ପଥରେ ଉଚିତ ମାର୍ଗରେ
ପରାମର୍ଶ ସୁଚିନ୍ତନ।

ଗୁରୁ ଆଶୀର୍ବାଦ ବିନା ନିରର୍ଥକ
ବିଦ୍ୟାର୍ଥୀ ଛାତ୍ର ଜୀବନ
ପିତାଙ୍କ ଆଦେଶ ଆପଣାଇ ଥିଲେ
ଜୀବନ ହୁଏ ସୁଗମ।

ମାତାର ସ୍ନେହରେ କେତେ ନୀତି ଶିକ୍ଷା
ଶିଶୁକୁ ସୁଦୃଢ କରେ

ISSN NO.
2582-208X

ଭାଇ ଭଉଣୀର ସହଯୋଗ ଥିଲେ
ଜୀବନ ଧନ୍ୟ ହୁଏରେ।

ମହାପୁରୁଷଙ୍କ ଜୀବନ କାହାଣୀ
ପଥ ପ୍ରଦର୍ଶକ ରୂପେ
ସୁଗୁଣ ମାର୍ଗେ ଅଗ୍ରସର କରାଏ
ବ୍ୟକ୍ତିଟିକୁ ସତପଥେ।

ସର୍ବ ଶ୍ରେଷ୍ଠ ପଥ ପ୍ରଦର୍ଶକ ପ୍ରଭୁ
ଆଧ୍ୟାତ୍ମିକ ଭାବ ଦେଇ
ଦୁରୁହ ପଥକୁ ମସୃଣ କରନ୍ତି
ଅଦୃଷ୍ଟରେ ସଦା ରହି।

ଛତିଶଗଡ /ଭୁବନେଶ୍ୱର

ISSN NO.
2582-208X

# ନାରୀ ସଶକ୍ତିକରଣ



ଶିବଦୂତୀ ପାଣିଗ୍ରାହୀ

ନାରୀ ଜାୟା ସାଥେ ଭଗିନୀ ନାରୀ
ଦୁହିତା ପୁଣି ସେ କାହା ଦୁଲାରୀ,
ସେ ସିଂହବାହିନୀ ସଂହାରକାରୀ
ଯୁଗେଯୁଗେ ପାପୀ ବିନାଶକାରୀ । ୧।

ନାରୀଜାତି ନୁହେଁ ଜମା ଅବଳା
ନୁହେଁ ସେ ଦୁର୍ବଳା, ଅଟେ ସବଳା,
ନାରୀ ପ୍ରଗତିରେ ଦେଶ ପ୍ରଗତି
ନାରୀ ଅଗ୍ରଗତି ଦେଶର ଶକ୍ତି ।୨।

ନାରୀ ନୁହେଁ ଜମା ସୌଖୀନ ଦ୍ରବ୍ୟ
ଯାହାର ଇଚ୍ଛା ତା' ସାଥେ ଖେଳିବ,
ନାରୀ ଯେବେ ନିଜେ ଅସ୍ତ୍ର ଧରିବ
ସବୁ ଅତ୍ୟାଚାର ଦୂରେଇଯିବ ।୩।

ନାରୀଜନ୍ମ ନୁହେଁ ଲୁହ ଢାଳିବା
ମଥାପାତି ଅତ୍ୟାଚାର ସହିବା,

ISSN NO.
2582-208X

ନାରୀଜନ୍ମ ଅଟେ ଲଢ଼ିବା ପାଇଁ
ନାରୀ ନୁହେଁ ଭୀରୁ, ସେ ଲକ୍ଷ୍ମୀବାଈ ।୪।

ଚାରିଆଡୁ ଶୁଭୁ ଗୋଟିଏ ସ୍ୱର
ନାରୀଶିକ୍ଷା ସାଥେ ପ୍ରଚାର ପ୍ରସାର,
ନାରୀ ଶିକ୍ଷାଦୀକ୍ଷା ଜରୁରୀ
ସମାଜର ଅଧା ଅଙ୍ଗ ଯେ ନାରୀ ।୫।

ଜନମାନସରେ ହେଉ ଏ ବ୍ୟାଖ୍ୟା
ଆମ ଅଧିକାର ନାରୀ ସୁରକ୍ଷା,
ସୁରକ୍ଷିତ ହେବେ ସେବେ ତ ନାରୀ
ଯେବେ ହେବେ ସେ ସମ ଅଧିକାରୀ ।୬।

ଯାଜପୁର

ISSN NO.
2582-208X

# ଶ୍ରୀ ଜଗନ୍ନାଥ ସଂସ୍କୃତିରେ ବୈଷ୍ଣବ ତତ୍ତ୍ୱ



ଡ. ସରୋଜିନୀ ପାଣି

ଓଡ଼ିଶାର ବିଭିନ୍ନ ପୁରାଣ, ଅଭିଲେଖ, ଦାନପତ୍ର ଓ ବିଭିନ୍ନ ଶାସ୍ତ୍ରରେ ପୁରୁଷୋତ୍ତମ, ବିଷ୍ଣୁ-କୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କ ମହିମା ଯେପରି କୀର୍ତ୍ତନ କରାଯାଇଛି, ସେ ସବୁର ସମୀକ୍ଷା ଏଠାରେ ସମ୍ଭବ ନୁହେଁ । ତଦ୍‌ବ୍ୟତୀତ ଦ୍ୱାଦଶ ଶତାବ୍ଦୀ ଆରମ୍ଭରୁ କବି ପଣ୍ଡିତମାନେ ଶ୍ରୀ ଜଗନ୍ନାଥଙ୍କୁ ଯେଉଁ ଯେଉଁ ନାମରେ ସ୍ତୁତି କରିଛନ୍ତି ଓ ଯେଉଁ ଯେଉଁ ରୂପରେ ଧ୍ୟାନ କରିଛନ୍ତି ସେଥିରୁ ଶ୍ରୀ ଜଗନ୍ନାଥ ଯେ ବିଷ୍ଣୁ ରୂପେ ଯୁଗ ଯୁଗ ଧରି ଉପାସିତ ହୋଇ ଆସୁଛନ୍ତି ସେଥିରେ ସନ୍ଦେହ ନାହିଁ ।

ଶ୍ରୀ ମନ୍ଦିରରେ ପୂଜିତ ହେଉଥିବା ଅନ୍ୟାନ୍ୟ ବିଷ୍ଣୁ ପ୍ରତିମା ଓ ଅବତାର ପ୍ରତିମା ମଧ୍ୟରେ ସିଂହଦ୍ୱାର ଅତିକ୍ରମ କରିବା ପରେ ପରେ ଦକ୍ଷିଣ ଭାଗରେ ଓ ବାଇଶ ପାହାଚର ତୃତୀୟ ପାହାଚ ପରେ ବାମ ଭାଗରେ ନୃସିଂହ ମୂର୍ତ୍ତି ପୂଜିତ ହେଉଥିବାର ଦେଖାଯାନ୍ତି । ଭିତର ବେଢ଼ାରେ ପ୍ରବେଶ କରିବା ପରେ ବାମ ଭାଗରେ ସତ୍ୟନାରାୟଣଙ୍କୁ ଦର୍ଶନ କରାଯାଏ । ଚତୁର୍ଭୁଜ ସତ୍ୟନାରାୟଣଙ୍କ ଉର୍ଦ୍ଧ୍ୱାଧଃ କ୍ରମରେ ବାମ ହସ୍ତରେ ଶଙ୍ଖ, ଗଦା ଏବଂ ଦକ୍ଷିଣ ହସ୍ତରେ ଚକ୍ର ଓ ପଦ୍ମ ବା ଅଭୟମୁଦ୍ରା ଶୋଭା ପାଉଛି । ତା'ପରେ ବାମ କ୍ରମରେ ବଟଗୋପାଳ (ରାଧାଗୋବିନ୍ଦ ମୂର୍ତ୍ତି), ରାଧାକୃଷ୍ଣ (ବଟମୂଳସ୍ଥିତ), ବଟକୃଷ୍ଣ, ବାଳମୁକୁନ୍ଦ, ବଟବିହାରୀ, ଜଗନ୍ନାଥ ଓ ବଟ ବଳଭଦ୍ରଙ୍କୁ ଦର୍ଶନ କରିବାର ବିଧି ରହିଛି । ଦକ୍ଷିଣ ଦ୍ୱାରରେ ନୃସିଂହ, ଶେଷଶାୟୀ ବିଷ୍ଣୁ, ମୁକ୍ତିମଣ୍ଡପ, ପଶ୍ଚିମ ଭାଗରେ ନୃସିଂହ (ଆଦି ନୃସିଂହ) ପୂଜିତ ହେଉଛନ୍ତି ।

ISSN NO.
2582-208X

ନାଟ ମନ୍ଦିରର ଦକ୍ଷିଣ ଦ୍ୱାର (ଅଶ୍ୱଦ୍ୱାର) ପାଖରେ ମଦନମୋହନ, ରାମକୃଷ୍ଣ, ନୃସିଂହ, ଦୋଳଗୋବିନ୍ଦ, ଶ୍ରୀରାମ ଲକ୍ଷ୍ମଣ ଓ ଚତୁର୍ଭୁଜ ନାରାୟଣ ମୂର୍ତ୍ତି ଅଛନ୍ତି । ଏମାନଙ୍କୁ ବିଜୟ ବିଗ୍ରହ କହନ୍ତି । ସେମାନଙ୍କ ମଧ୍ୟରୁ ମଦନମୋହନ ଓ ରାମକୃଷ୍ଣ ଚନ୍ଦନ ଯାତ୍ରାରେ ନରେନ୍ଦ୍ର ସରୋବରକୁ ବିଜେ କରନ୍ତି । ନୃସିଂହ ଚତୁର୍ଦ୍ଦଶୀ ଦିନ ନୃସିଂହଶ୍ରୀ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ ହୋଇଯାନ୍ତି । ଶ୍ରୀ ନାରାୟଣ ପ୍ରତିମା ପ୍ରତି ଅମାବାସ୍ୟା ଦିନ ମହୋଦଧି ବେଳାଭୂମିକୁ ପରିଭ୍ରମଣ ପାଇଁ ଯାଆନ୍ତି । ବିମଳାଙ୍କ ମନ୍ଦିର ପରେ ବେଣୀମାଧବ (ଜଗନ୍ନାଥ ମୂର୍ତ୍ତି) ଓ ସାକ୍ଷୀଗୋପାଳ ପୂଜିତ ହେଉଛନ୍ତି ।

ଶ୍ରୀମନ୍ଦିରେ କୃଷ୍ଣ ଉପାସନା :-

ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର (ବ୍ୟାଘ୍ରଦ୍ୱାର) ଉଦ୍ୟାନରେ ଚକ୍ରନାରାୟଣ, ଉତ୍ତର ଭାଗରେ କ୍ଷୀରଚୋରା ଗୋପୀନାଥ, ବାଙ୍କବିହାରୀ (ରାଧାକୃଷ୍ଣ ମୂର୍ତ୍ତି), ଚତୁର୍ଭୁଜ ନୀଳମାଧବ, ନବଗ୍ରହ ମନ୍ଦିର ପାଖରେ ଲକ୍ଷ୍ମୀନାରାୟଣ ଓ ସୂର୍ଯ୍ୟନାରାୟଣଙ୍କ ମନ୍ଦିର ପରେ ଦଧିବାମନ ପୂଜିତ ହେଉଛନ୍ତି । ଶ୍ରୀମନ୍ଦିରର ଉତ୍ତର ଦ୍ୱାର (ହସ୍ତୀଦ୍ୱାର) ବୈକୁଣ୍ଠରେ ଲକ୍ଷ୍ମୀନାରାୟଣ, ପାହାଚ ପାଖରେ ରାଧାକୃଷ୍ଣ, ଉତ୍ତର ପାଶ୍ୱର୍ରେ ବାମନ, ପଶ୍ଚିମରେ ନୃସିଂହ ଓ ଦକ୍ଷିଣରେ ବରାହ ମୂର୍ତ୍ତି ପୂଜା ପାଉଛନ୍ତି । ତଦ୍‌ବ୍ୟତୀତ ଅନ୍ୟାନ୍ୟ ମନ୍ଦିର ଗାତ୍ରରେ ନୃସିଂହ, ବରାହ, ଲକ୍ଷ୍ମୀନୃସିଂହ, ଦଶାବତାର ମୂର୍ତ୍ତି ସହିତ ଅନ୍ୟାନ୍ୟ ମୂର୍ତ୍ତି ଶୋଭା ପାଉଥିବାର ଦେଖାଯାଏ । ଏଥିରୁ ଶ୍ରୀମନ୍ଦିରରେ ବିଷ୍ଣୁ ଉପାସନା କିପରି ପାରମ୍ପରିକ ରୀତିରେ ବହୁ କାଳ ଧରି ପ୍ରଚଳିତ ହୋଇ ଆସୁଛି ତାହାର ସୂଚନା ମିଳେ । ପରିଶେଷରେ ଓଡ଼ିଶାର ପରମାରାଧ୍ୟ, ସକଳ କର୍ମର ସାକ୍ଷୀ ସ୍ୱରୂପ, ନିତ୍ୟ ପରମାତ୍ମରୂପ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ ବିଧାନ କରନ୍ତୁ । ଶ୍ରୀ ଜଗନ୍ନାଥଙ୍କର ଜୟ ହେଉ ।

ଶ୍ରୀମନ୍ଦିର ଶ୍ରୀ ଜଗନ୍ନାଥଙ୍କ ଆରାଧନାର ପବିତ୍ର ସ୍ଥଳ । ଜଗନ୍ନାଥ ତତ୍ୱ ଯେପରି ରହସ୍ୟମୟ, ଏଠାରେ ବିଭିନ୍ନ ଦେବଦେବୀଙ୍କ ଉପାସନାର ତତ୍ୱ ମଧ୍ୟ ସେହିପରି ରହସ୍ୟାବୃତ୍ତ । ଶ୍ରୀ ଜଗନ୍ନାଥ ଏକାଧାରାରେ ସଗୁଣ, ନିର୍ଗୁଣ, ସାକାର, ନିରାକାର ଓ ସନାତନ । ଲୀଳାମୟ ଶ୍ରୀ ଜଗନ୍ନାଥ, ଶ୍ରୀ କୃଷ୍ଣଙ୍କର ଏକ ଅଂଶ କି ଶ୍ରୀ ଜଗନ୍ନାଥ ସ୍ୱୟଂ ସମ୍ପୂର୍ଣ୍ଣ, ତାହା ଏବେ ବି ବିତର୍କର ବିଷୟ ହୋଇ ରହିଛି । ତେବେ ଦୁହେଁ ଯାକ ଅଲୌକିକ

ISSN NO.
2582-208X

ପୁରୁଷ ଓ ଲୀଳାମୟ ଅବତାର, ଏହା ଅସ୍ୱୀକାର କରାଯାଇନାହିଁ । ଦୁହିଁଙ୍କ ଭିତରେ ଯେ ସମ୍ପର୍କ ଖୁବ୍ ଘନିଷ୍ଠ ଓ ଦୁହେଁ ପରସ୍ପର ନିକଟତର, ଏହା ପ୍ରମାଣିତ । ଶ୍ରୀ ଜଗନ୍ନାଥଙ୍କୁ, ଶ୍ରୀ କୃଷ୍ଣଙ୍କ ତତ୍ୱ ଓ ଆଦର୍ଶରେ ଆଚ୍ଛନ୍ନ କରାଯାଉଥିବା ବହୁ କ୍ଷେତ୍ରରେ ଲକ୍ଷ୍ୟ କରାଯାଏ । ଶ୍ରୀ ମନ୍ଦିରର ବିଭିନ୍ନ ପୂଜା ଅର୍ଚ୍ଚନା ଓ ପର୍ବପର୍ବାଣିରେ କୃଷ୍ଣତ୍ୱ ଆରୋପ କରି, ଶ୍ରୀ ଜଗନ୍ନାଥଙ୍କ ନିକଟରେ କୃଷ୍ଣ ଉପାସନାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ।

ଶ୍ରୀମନ୍ଦିରରେ ଭଗବାନ ଶ୍ରୀ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୁଏ । ପ୍ରତିବର୍ଷ ଭାଦ୍ରବ ମାସ କୃଷ୍ଣ ସପ୍ତମୀ ଦିନ ଏହି ପାରମ୍ପରିକ ଉତ୍ସବର ଆୟୋଜନ ହୁଏ । ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହେଲା ପରେ, କୃଷ୍ଣ ଜନ୍ମ ଉପଲକ୍ଷେ ଗର୍ଭଉଦକ ଅର୍ଚ୍ଚନା ନାମରେ ଏକ ସ୍ୱତନ୍ତ୍ର ବନ୍ଦାପନା କରାଯାଏ । ଏହା ଶ୍ରୀ ଜଗନ୍ନାଥଙ୍କ ବାଡ଼ରେ ଆୟୋଜିତ ହୁଏ । ତା'ପରଦିନ କୃଷ୍ଣପକ୍ଷ ଅଷ୍ଟମୀରେ ସନ୍ଧ୍ୟାଧୂପ ପରେ ପରେ ଶ୍ରୀମନ୍ଦିରର ଭଣ୍ଡାର ଘର ଦ୍ୱାର ସମ୍ମୁଖରେ ମୁରୁଜରେ କୃଷ୍ଣଙ୍କ ଉଦ୍ଦେଶ୍ୟରେ ପବିତ୍ରଗାଥା ଲେଖାଯାଏ । ଯେଉଁଠି ଏହା କରାଯାଏ । ଏହାକୁ ଜନ୍ମ ଚକଡ଼ା କୁହାଯାଏ । ସେଦିନ ଉତ୍ସବ ଉଦ୍ଦିଷ୍ଟ କିନ୍ତୁ ଏହା ସହିତ କୃଷ୍ଣଙ୍କୁ ପୂଜା ଦିଆଯାଏ । ସେଦିନ ସକାଳୁ ପ୍ରତିମା ଦୁର୍ଗାଙ୍କ ପୂଜା ଅର୍ଚ୍ଚନା କରାଯାଇଥାଏ । ଏହାର ପୂଜା ପରେ ଯାତ୍ରା ମଣ୍ଡପ ଉପରକୁ କୃଷ୍ଣଙ୍କୁ ଅଣାଯାଏ । ଶ୍ରୀ କୃଷ୍ଣଙ୍କ ପୂଜା ଆରମ୍ଭ ହୁଏ । ଅନେକ ବର୍ଷରୁ ତାଙ୍କ ବେଗରେ ବନ୍ଧା ଯାଏ । ତା'ପରେ ଆଳତୀର ଆୟୋଜନ ହୁଏ । ଏଥିରେ ଅଶ୍ୱ ପୂଜା କରାଯାଏ । ଏହା ଉପଲକ୍ଷେ ହୋମକାର୍ଯ୍ୟ ହୋଇଗଲା ପରେ କୃଷ୍ଣ ଓ ଦେବୀଙ୍କୁ ବିମାନରେ ବସା ଯାଏ । ସେହି ବିମାନଟିକୁ ମନ୍ଦିର ବାହାରରେ ଥିବା ମଣ୍ଡପରେ ରଖାଯାଏ । ବିମାନରେ ମଧ୍ୟ ଖଡ଼ଗ ରହିଥାଏ । ପୂଜା ପାଠ ପରେ ପାଟବସ୍ତ୍ରରେ ନିର୍ମିତ ମତ୍ସ୍ୟ ଦୁଇଟି ସେଠାରେ ରଖାଯାଏ । ସେହି ଚିତ୍ର ଉପରକୁ ଶରବିଦ୍ଧ କରି ମତ୍ସ୍ୟର ଚକ୍ଷୁକୁ ନଷ୍ଟ କରାଯାଏ । ଏତକ ହୋଇସାରିଲା ପରେ ଦୁର୍ଗାଙ୍କୁ ସାଥିରେ ନେଇ ଚାରିଆଡ଼କୁ ଶର ଫିଙ୍ଗା ଯାଏ । ଦେବୀ ଦୁର୍ଗା ଓ କୃଷ୍ଣଙ୍କୁ ମନ୍ଦିର ଭିତରକୁ ପୂଜକ ନିଅନ୍ତି ।

ଜଗନ୍ନାଥ ମନ୍ଦିରରେ କୃଷ୍ଣ ମୂର୍ତ୍ତି ପୂଜା ପାଇବା ଶୁଣି ବହୁ ପ୍ରଶ୍ନ ମନରେ ଆସେ । ତେବେ ସଂସ୍କୃତ ପୁରାଣରେ କୁହାଯାଇଛି ଯେ, କୃଷ୍ଣ ରୂପରେ ବିଷ୍ଣୁ ନୀଳାଚଳରେ ଅବସ୍ଥାନ କରୁଛନ୍ତି। ତାଙ୍କ ସହିତ ବଡ଼ଭାଇ ବଳରାମ ଓ ଭଗିନୀ ସୁଭଦ୍ରା ଅଛନ୍ତି । ଦ୍ୱାପର ଯୁଗରେ ଯେଉଁ କୃଷ୍ଣ ଯେଭଳି ଲୀଳାଖେଳା କରିଥିଲେ, ସେପରି ଲୀଳା ସେହି କୃଷ୍ଣଙ୍କ ଦ୍ୱାରା ଏଠାରେ

ISSN NO.
2582-208X

ହୁଏତ ହେଉନାହିଁ । ଦ୍ୱାରକାରେ ଶ୍ରୀକୃଷ୍ଣ ଯେପରି ଲୀଳାଖେଳା କରିଥିଲେ ସେପରି ମଧ୍ୟ ଶ୍ରୀକ୍ଷେତ୍ରରେ ହେଉନାହିଁ । ମାତ୍ର ଜଗନ୍ନାଥଙ୍କୁ କଳ୍ପନା କରିବା ବେଳେ, କୃଷ୍ଣଙ୍କର ଚିତ୍ରକଳ୍ପ ମନକୁ ଆପେ ଆପେ ସ୍ପର୍ଶ କରେ । ନୀଳମାଧବ ଯେତେବେଳେ ଶ୍ରୀକ୍ଷେତ୍ରରୁ ଅନ୍ତର୍ଦ୍ଧାନ ହେଲେ ସେତେବେଳେ ଚତୁର୍ଦ୍ଧା ମୂର୍ତ୍ତି ଧାରଣ କରି ଶ୍ରୀକ୍ଷେତ୍ରରେ ଶ୍ରୀ କୃଷ୍ଣ ବିରାଜମାନ କରିଥିବା ପୁରାଣରେ ବର୍ଣ୍ଣିତ ହୋଇଛି । ଶ୍ରୀ କୃଷ୍ଣଙ୍କ ରଥକୁ ନନ୍ଦିଘୋଷ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି । ଠିକ୍ ସେପରି କୃଷ୍ଣଙ୍କ ରଥାନୁସାରେ ଜଗନ୍ନାଥଙ୍କ ରଥକୁ ମଧ୍ୟ ନନ୍ଦିଘୋଷ ବୋଲି ନାମିତ କରାଯାଇଛି । ରୁକ୍ମିଣୀ ହରଣ ଉତ୍ସବ କୃଷ୍ଣଙ୍କ ଉଦ୍ଦେଶ୍ୟରେ ପାଳିତ ହୋଇଥାଏ । ଭାଗବତ୍‌କୁ ଆଧାର କରି ଏହାର କାର୍ଯ୍ୟକ୍ରମ ସ୍ଥିର ହୁଏ । ଯେତେବେଳେ କ୍ରଥ ଓ କୌଶିକ ଶ୍ରୀ କୃଷ୍ଣଙ୍କୁ ସବୁ ରାଜ୍ୟ ଅର୍ପଣ କରିଦେଲେ ସେତେବେଳେ ଶ୍ରୀ କୃଷ୍ଣଙ୍କ ପାଇଁ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେହି ଉପଲକ୍ଷେ ରାଜେନ୍ଦ୍ରାଭିଷେକ ଶ୍ରୀମନ୍ଦିରରେ ଆୟୋଜିତ ହୁଏ । ନାରଦ କୃଷ୍ଣଙ୍କ ପାଖରେ ରୁକ୍ମିଣୀଙ୍କ ବିବାହ ପ୍ରସଙ୍ଗ ସେଦିନ ଆଗତ କରିଥିଲେ । କୃଷ୍ଣ, ରୁକ୍ମିଣୀଙ୍କ ରୂପ, ଗୁଣ ଓ ସ୍ୱଭାବରେ ବିହ୍ୱଳ ହୋଇ ତାଙ୍କୁ ନିଜର ପତ୍ନୀ ଭାବରେ ଗ୍ରହଣ କରିବାକୁ ଆଗ୍ରହୀ ହୋଇଥିବା ପୁରାଣରେ ବର୍ଣ୍ଣିତ ହୋଇଛି । କୃଷ୍ଣଙ୍କୁ ନିଜର ହୃଦୟ ଅର୍ପଣ କରିଥିବା ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ଅନ୍ତରର ପ୍ରେମପତ୍ର ପଠାଇଥିଲେ । ଏହା ଜଣେ ବୟସ୍କ ବ୍ରାହ୍ମଣଙ୍କ ଦ୍ୱାରା ପ୍ରେରିତ ହୋଇଥିଲା । ଜଗନ୍ନାଥଙ୍କ ପଣ୍ଡା ତାଙ୍କୁ ଉପବେଶନ କରନ୍ତି । ସେ ଘଟ ସ୍ଥାପନ କରି ବରୁଣଙ୍କୁ ପୂଜା ଆରାଧନା କରିବାର ବିଧି ରହିଛି । କୃଷ୍ଣ ସପ୍ତମୀ ପୂର୍ବରୁ ଚିତ୍ରକରଙ୍କ ଠାରୁ ଭଗବାନ ଶ୍ରୀ କୃଷ୍ଣଙ୍କ ନିମନ୍ତେ ଘଟଟିଏ ଆସିଥାଏ । ପୂର୍ଣ୍ଣକାର ରୂପରେ ନିର୍ମିତ ଗୋଟିଏ ପଦ୍ମଫୁଲ ଦିଆଯାଏ । ସେହି ପଦ୍ମରେ ନଅଟି ପାଖୁଡ଼ା ଥାଏ । ଏହି ପଦ୍ମ ଫୁଲ ଉପରେ କୃଷ୍ଣଙ୍କ ଜନ୍ମ ସମ୍ପର୍କିତ ମୂର୍ତ୍ତିଟି ସ୍ଥାପନ କରାଯାଏ । ନଅଟି ପଦ୍ମ ପାଖୁଡ଼ାରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର, ଭାର୍ଗବ ଋଷି ଓ କୃଷ୍ଣଙ୍କ ଚିତ୍ର ଭିନ୍ନ ଭିନ୍ନ ଭାବେ ଅଙ୍କିତ ହୋଇଥାଏ ।

ଏହା ପରେ ଦକ୍ଷିଣପାର୍ଶ୍ୱରେ ଅବସ୍ଥିତ ଗୃହରୁ ମଦନମୋହନ ଉଲଗ୍ନ ଅବସ୍ଥାରେ ଜଗନ୍ନାଥଙ୍କ ପାଖକୁ ଯିବେ । ସେଠାରୁ ସେ ଆଜ୍ଞାମାଳ ଧରି ଜନ୍ମଚକଡ଼ା ପାଖକୁ ଆସନ୍ତି । ଜଣେ ମହାଜନ ଦେବକୀ ଓ ଅନ୍ୟ ଜଣେ ମହାଜନ ବସୁଦେବ ସାଜି, ସମଗ୍ର ଶରୀରକୁ ଲୁଗାରେ ଆଚ୍ଛାଦିତ କରି ଚକଡ଼ା ଠାରେ ଉଭା ହୁଅନ୍ତି । ସେହି ଜନ୍ମ ଚକଡ଼ାରେ ଦୁଇ

ISSN NO.
2582-208X

ମହାଜନ, କୃଷ୍ଣଙ୍କୁ ଜନ୍ମ କରାଇବା ବେଳେ, ବଡ଼ କୌତୁହଳ ଦୃଶ୍ୟ ସୃଷ୍ଟି ହୁଏ । ରୁପାଥାଳିରେ ନବଜନ୍ମିତ କୃଷ୍ଣଙ୍କୁ ବସାଯାଇ, ଯମୁନା ନଦୀ ତୀରରେ ରଖାଯାଏ । ମହାଜନ କୃଷ୍ଣଙ୍କୁ ନେବା ବେଳେ, ଆଡ଼ମ୍ବର ଶୋଭାଯାତ୍ରା ହୁଏନାହିଁ । ଏପରିକି ଘଣ୍ଟା ଶବ୍ଦ ମଧ୍ୟ ହୁଏ ନାହିଁ । ଉଗ୍ରସେନ ବେଶ ଧାରଣ କରି, ଜଣେ ପୂଜାପଣ୍ଡା କୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ଜଣାଏ । ନଦୀ ତୀରରେ ବିଜେ ହେବା ବେଳେ, ତାଙ୍କ ମୁଣ୍ଡ ଉପରେ ସପ୍ତଫଣା ବିଶିଷ୍ଟ ବାସୁକୀକୁ ଧରି, ଯିଏ ଚାଲିଥାନ୍ତି ତାଙ୍କୁ ବେହେରା-ଖୁଣ୍ଟିଆ କୁହାଯାଏ । କୃଷ୍ଣ, ଉଗ୍ରସେନଙ୍କୁ ପ୍ରଣାମ କରିବା ସାରିବା ପରେ, ଭୋଗ ଓ ଅର୍ଚ୍ଚନା କରାଯାଏ । ନାଭିକଟା ମଣ୍ଡପ ଠାରେ ବ୍ୟବସ୍ଥା ହୋଇଥିବା ଖଟ ଉପରେ କୃଷ୍ଣଙ୍କୁ ନେଇ ବସାଯାଏ । ଏଠାକୁ ଆସିବା ବେଳେ କାହାଳୀ ଓ ଘଣ୍ଟା ଆଦି ବଜାଯାଏ । ଦକ୍ଷିଣପାର୍ଶ୍ୱରେ ଥିବା ଗୃହ ଭିତରୁ ରାମକୃଷ୍ଣଙ୍କୁ ସେଠାକୁ ଅଣାଯାଏ । ରାମକୃଷ୍ଣ ବିଜେ କରି ସାରିବା ପରେ, ଜଣେ ପଣ୍ଡା ନାଭିଛେଦନ ପାଇଁ ଆସନ୍ତି । ସେ ବସୁଧାରା ସହାୟତାରେ କୁଶରେ ନାଭିଛେଦନ କରନ୍ତି । ଏହି ଅବସରରେ, ରାଶିଲଡୁ ଓ ରାଶିକୋରା ଭୋଗ ଦିଆଯାଏ । ଭୋଗ ଲଗା ଯିବା ପରେ, ରାମକୃଷ୍ଣ ଓ ମଦନମୋହନଙ୍କର ପ୍ରସ୍ଥାନ ଘଟେ । ଦୁହେଁ ସ୍ୱଗୃହକୁ ଫେରିଯାଆନ୍ତି । ଶ୍ରୀ କୃଷ୍ଣଙ୍କ ବାଲ୍ୟଲୀଳା ଖେଳର ମହୋତ୍ସବ ଭାଦ୍ରବମାସ କୃଷ୍ଣପକ୍ଷ ସପ୍ତମୀଠାରୁ ଆରମ୍ଭ ହୁଏ। ଏହା ମାସର ଶେଷ ଭାଗ ପର୍ଯ୍ୟନ୍ତ ଚାଲିଥାଏ । କୃଷ୍ଣପକ୍ଷ ନବମୀରେ ନନ୍ଦୋତ୍ସବ ଆରମ୍ଭ ହୁଏ । ସେଦିନ ରାମକୃଷ୍ଣ ଓ ମଦନମୋହନଙ୍କୁ ଦୋଳିରେ ବସାଯାଏ । ଲକ୍ଷ୍ମୀ ଜଗମୋହନକୁ ଆସିବେ । ସେତେବେଳକୁ ଭିତରଚ୍ଛୁ ମହାପାତ୍ର ରାଜ ଉଆସରୁ ବୁଲି ଫେରିବେଣି । ସ୍ନାନମଣ୍ଡପରେ ନନ୍ଦରାଜ ସାଜି ଭିତରଚ୍ଛୁ ମହାପାତ୍ର ବସିଥିବା ବେଳେ ଲକ୍ଷ୍ମୀ ମନ୍ଦିରରେ ଭଟଲେଙ୍କା ପହଞ୍ଚିବେ । ସାଥୀରେ ଦୁଧିଆଳୀ ଗାଇ ମନ୍ଦିର ନିକଟରେ ଥିବା ମଣ୍ଡପ ଉପରେ ବସନ୍ତି । ମଣ୍ଡପ ଉପରକୁ ଆସିବା ପୂର୍ବରୁ କୁମ୍ଭାର ବିଶୋଇ ଚିକିଟା ମାଟିକୁ ନେଇ ଏଠାରେ ରଖିଥାଏ । ମୁଦୁସୁଆର ଚିକିଟା ମାଟଇକୁ ନେଇ ବଳଭଦ୍ର ମୂର୍ତ୍ତି ନିର୍ମାଣ କରିବାର ବିଧି ରହିଛି । ମୂର୍ତ୍ତି ନିର୍ମାଣ ସରିଗଲା ପରେ ପୂଜାପଣ୍ଡା ବଳଭଦ୍ର ମୂର୍ତ୍ତିଙ୍କୁ ଜୀବଦାନ କରିବା ଲକ୍ଷ୍ୟରେ ଶାସ୍ତ୍ରାନୁମୋଦିତ ବିଧି ବିଧାନରେ ପୂଜା କରନ୍ତି । ଶୀତଳ ମଣୋହୀ କରାଯାଏ । ପଞ୍ଚୋପଚାରରେ ପୂଜା ପରେ ଅନ୍ୟାନ୍ୟ ବନ୍ଦାପନା ହୁଏ । ତା'ପରେ ବଳଭଦ୍ରଙ୍କ ବିସର୍ଜନ ହୁଏ । ଜଳରେ ତାଙ୍କ ମୂର୍ତ୍ତିକୁ ଫିଙ୍ଗି ଦିଆଯାଏ । ସୁଦର୍ଶନଙ୍କ ଚାରିଆଶ୍ରମ ଭ୍ରମଣ ଆରମ୍ଭ ହୁଏ । ଚାରିଆଶ୍ରମ ସହିତ ନଗର ବୁଲା ପରେ ସେ ମନ୍ଦିରକୁ ବାହୁଡ଼ି ଆସନ୍ତି ।

ISSN NO.
2582-208X

ବିଜୟା ଦଶମୀ ହେଉଛି ଶ୍ରୀମନ୍ଦିରରେ କୃଷ୍ଣ ଉପାସନାର ଅନ୍ୟ ଏକ ଉତ୍ସବ । ପ୍ରତିବର୍ଷ ଆଶ୍ୱିନମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପାଳିତ ବିଜୟୋତ୍ସବରେ ଶ୍ରୀ କୃଷ୍ଣଙ୍କୁ ଆରାଧନା କରାଯାଏ । ମୁଖ୍ୟତଃ ସେଦିନ ଦେବୀ ଆରାଧନା ପାଇଁ ରୁକ୍ମିଣୀଙ୍କ ଇଚ୍ଛା ଅନୁସାରେ, କୃଷ୍ଣ ସେଦିନ ନନ୍ଦିଘୋଷରେ ବିଜେ କରି ତାଙ୍କ ଭାବି ପତ୍ନୀ ରୁକ୍ମିଣୀଙ୍କୁ ହରଣ କରିଥିଲେ । ପ୍ରତିବର୍ଷ ଜ୍ୟେଷ୍ଠ ଏକାଦଶୀ ତିଥିରେ ଏହି ରୁକ୍ମିଣୀ ବିବାହ ଉତ୍ସବ ଅନୁଷ୍ଠିତ ହୁଏ । ନୀଳାଦ୍ରିବିହାରୀଙ୍କ ଠାରୁ ଆଜ୍ଞାମାଳ ପାଇଁ ଅପେକ୍ଷା କରାଯାଏ । କୃଷ୍ଣ ମଦନମୋହନ ଜଗନ୍ନାଥଙ୍କ ଡ଼ାହାଣ ହାତ ଓ ରୁକ୍ମିଣୀ (ଲକ୍ଷ୍ମୀ) ବାମ ହାତରୁ ଆଜ୍ଞାମାଳ ପାଇବା ପରେ, ଉତ୍ସବ ଆରମ୍ଭ ହୁଏ ।

ମଦନମୋହନଙ୍କୁ କୃଷ୍ଣ ଭାବରେ ଶ୍ରୀମନ୍ଦିରରେ ପୂଜା କରିବାର ବିଧି କେଉଁ ଅନାଦିକାଳରୁ ରହିଛି । ଜଗନ୍ନାଥ ସ୍ୱୟଂ କୃଷ୍ଣ । ଶ୍ରୀକ୍ଷେତ୍ର ଅନ୍ୟ ଏକ ଦ୍ୱାରକା, ଏହା ପ୍ରମାଣିତ ହୋଇଛି। କୃଷ୍ଣ ଉପାସନା ମତରେ, ଜଗନ୍ନାଥଙ୍କୁ ବଡ଼ଭାଇ ଆସନ ଦିଆଯାଇଛି । ସୁଭଦ୍ରାଙ୍କୁ ଭଉଣୀ ଭାବରେ କଳ୍ପନା କରାଯାଇଛି । ସୁଦର୍ଶନଙ୍କୁ ଆୟୁଧ ଭାବେ କଳ୍ପନା କରାଯାଇଥିବା ବହୁ ଶାସ୍ତ୍ରାନୁମୋଦିତ । ଶ୍ରୀମନ୍ଦିରରେ କୃଷ୍ଣ ଉପାସନା ପାଇଁ ରହିଥିବା ବିଧି ବିଧାନରୁ, ଜଗନ୍ନାଥ ଓ କୃଷ୍ଣଙ୍କ ଭିତରେ ଥିବା ସମ୍ପର୍କର ପ୍ରମାଣ ମିଳେ ।

ସମାପ୍ତ

ଶ୍ରୀ ଜଗନ୍ନାଥ ସଂସ୍କୃତି
ଆଇସିଏସଏସଆର, ନୂଆଦିଲ୍ଲୀ
ମୋ-୯୮୭୧୪୫୪୪୭୦

ISSN NO.
2582-208X

# ନିମନ୍ତ୍ରଣ, ଅଛିଣ୍ଡା ଭଗ୍ନାଂଶ ଭିତରେ



ଭାସ୍କର ଚନ୍ଦ୍ର ଖଣ୍ଡା

ମନଟା ଲାଗୁଥିଲା ଭାରି ଉଦାସିଆ
ବର୍ଷା ଭିଜା ଚିକିଟା ମାଟିରେ
ଖସରି ଯିବା ପରି
ଏକ ଅହେତୁକ ଭୟ
ଘାରି ଯାଉଥିଲା ସେଇ ଚିନ୍ତା
କରିବି କାହାକୁ ନିମନ୍ତ୍ରଣ
ଅବା ବାଦ୍ ଦେବି କାହାକୁ ? ।୧।

ଯେତେବେଳେ ମହାପ୍ରଭୁଙ୍କୁ
ଦେଇଛି ପ୍ରଥମ ନିମନ୍ତ୍ରଣ
ଯାହା ହେବ ସବୁ ଠିକ୍
ଏଇ କଥା ଭାବି
ସ୍ଥିର କରି ନେଲି ମନ ଟାକୁ ।୨।

ଦେଖୁ ଦେଖୁ ଆସିଗଲା ସମୟ
କଲି ହୃଦୟଙ୍ଗମ
ସବୁଠାରୁ ବଳିୟାନ ସିଏ ।୩।

ISSN NO.
2582-208X

ଜୀବନର ଚଲା ପଥରେ
ଖାଲ ଢିପ ଅସମାନତା ଭିତରେ
ରହି ଯାଏ କିଛିଟା ଭଗ୍ନାଂଶ
ଛାଡି ଦେଇ ଭଗ୍ନାଂଶକୁ
ବଢିବାକୁ ପଡେ ଆଗକୁ
ଏଇତ ଜୀବନ
ପ୍ରୟାସରେ ନରଖି କମି
ପ୍ରଭୁଙ୍କୁ କରି ସମର୍ପଣ
ବଢିବାକୁ ପଡେ ଆଗକୁ
କେବଳ ଆଗକୁ
ଅଛିଣ୍ଡା ଭଗ୍ନାଂଶ ଭିତରେ ।୪।

ଫ୍ଲାଟ୍ ନଂ ବି/୩୦୧, ଗୌରିଶଙ୍କର ରେସିଡେନ୍ସ
କେଶୁର୍, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଭାଷଣ



ମଧୁମିତା ମିଶ୍ର

ମନ ଭଲ ନାହିଁ ନେତାଙ୍କର..
ଦଳୀୟ କର୍ତ୍ତାଙ୍କ କନ୍ଦଳ ନା ଘରୋଇ ଗଣ୍ଡଗୋଳ...!!
ସତ୍ତା ଯୁଦ୍ଧ ନା କିଛି ନୀତି ବିଭ୍ରାଟ...!!
କିନ୍ତୁ କିଛିଟା ନିଶ୍ଚୟ ଅଛି...ଏ ବିରାଟ ସଭା ଆୟୋଜନରେ ତ୍ରୁଟି ରହି ଯାଇଛି କି..!!
ବ୍ୟସ୍ତ ବିବ୍ରତ ଆୟୋଜକ...!!
ଦୂରରୁ ଦେଖା ଗଲା କଳା ମଚ ମଚ ଲୋକଟେ... ପଠେଇଛି ଏକ ଚିଠା... ଖୋଲି ଦେଖିଲେ ମହାଶୟ...
"ମୂଷା ଜନ୍ତାରେ ଧରା ଦେଇଛି..." ଶତ ସିଂହର ବଳ ଆସିଲା ପରି ମଞ୍ଚ ଉପରକୁ
ଉଠିଗଲେ ମହାନୁଭବ... ଯୋଡ ହସ୍ତରେ ଆରମ୍ଭ କଲେ..
"ଶକ୍ତିସ୍ୱରୁପିଣୀ ନାରାୟଣୀ ନାରୀଙ୍କୁ ପ୍ରଣାମ...
"ନାରୀ ସମ୍ମାନ ଓ ସୁରକ୍ଷା ଆମର ପ୍ରଥମ ଅଭିଯାନ...."
ସେ କଳା ଲୋକଟି ପାଖକୁ ଚିଠା କିନ୍ତୁ ପହଞ୍ଚି ଯାଇଥିଲା..
"ବାଘ ଠିକ୍ ସମୟରେ ପହଞ୍ଚିବ..."
ଭାଷଣ ଶୁଣି କରତାଳିରେ ଚତୁର୍ଦ୍ଦିଗ କମ୍ପୁଥିଲା...

ଭୁବନେଶ୍ୱର
୯୪୩୮୪୭୦୮୦୭

ISSN NO.
2582-208X

# ଦର୍ପଣ



ପଞ୍ଚାନନ ମେହେର

ତୁ ଆଜନ୍ମ ସତ୍ୟାନୁରାଗୀ !
କିଏ ଜାଣେ
କେଉଁ ଆବହମାନ କାଳରୁ
ଉତ୍ପତ୍ତି ତୋହର ?
ସେଇ ପବିତ୍ର ମୁହୂର୍ତ୍ତରୁ
ଅଦ୍ୟାବଧି
ମିଛ କଅଣ
ତୋତେ ଅଗୋଚର ।

ଭାଙ୍ଗି ଖଣ୍ଡବିଖଣ୍ଡିତ ହୋଇପାରେ
ସର୍ବାଙ୍ଗ ତୋହର,
ତଥାପି ତୁ ନୋହୁ
ଦାସ ମିଥ୍ୟାର, ମିଥ୍ୟାଚାରର ।
ସଦା ତତ୍ପର
ସତ ବଖାଣିବାରେ
ପ୍ରତିଟି ଭଗ୍ନାଂଶ ତୋର ।

ମୁଁ ତ ନାମ ମାତ୍ର ମଣିଷ
ମିଥ୍ୟାଚାରୀ, ମିଥ୍ୟାର ସୌଦାଗର,

ISSN NO.
2582-208X

କଥା ଓ କାର୍ଯ୍ୟରେ
ଅନେକ ଅନ୍ତର ।
ତୋର ଆଉ ମୋ ଭିତରେ ଫରକ
ସ୍ୱର୍ଗ ନର୍କର,
ଆକାଶ ପାତାଳର,
ପୁଣ୍ୟ ଆଉ ପାପର ।

ସତରେ ତୁ ପ୍ରତୀକ
ନିଷ୍କପଟତାର,
ସତ୍ୟବାଦିତାର,
ନିର୍ମଳ ହୃଦୟର,
ସତ୍ ସାହସର ।

ଦେଇପାରିବୁ ଦର୍ପଣ
ଟିମୁଟେ ସେ ରଙ୍ଗ
ତୋ ଦେହର ?
ବୋଳିହୋଇ ସର୍ବାଙ୍ଗରେ
ହୋଇଯିବି ପ୍ରତିପାଳକ
ହୃଦୟରେ ଅଙ୍କୁରିତ ସେ ମଣିଷତ୍ୱର !

ଧାନବସା, ରାମପୁର, ସୁବର୍ଣ୍ଣପୁର
୭୬୭୦୪୫ ଓଡ଼ିଶା
ଦୂରଭାଷ : ୮୨୪୯୧୧୮୨୫୧

ISSN NO.
2582-208X

# ଓଡ଼ିଆ ସାହିତ୍ୟରେ ଆଧୁନିକ ନାଟକ



ଲିଜାଲିନ୍ ଖେଇ

ସାହିତ୍ୟରେ ବିଭିନ୍ନ ବିଭାଗ ମଧ୍ୟରୁ ସବୁଠାରୁ ଶ୍ରେଷ୍ଠ ଏବଂ ଉତ୍କୃଷ୍ଟ ବିଭାଗ ହେଉଛି ଓଡ଼ିଆ ନାଟ୍ୟ ସାହିତ୍ୟ । ଓଡ଼ିଆ ନାଟକକୁ ଦୃଶ୍ୟକଳା, ମିଶ୍ରକାବ୍ୟ, କହିବା ସହିତ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଗ୍ରନ୍ଥ ଅନୁସାରେ ଏହାକୁ ପଞ୍ଚମ ବେଦ ବୋଲି ମଧ୍ୟ କୁହାଯାଏ । ସାହିତ୍ୟର ଯେ କୌଣସି ବିଭାଗକୁ ଆମେ ଆଲୋଚନା କରିବା ପୂର୍ବରୁ, ଯୁଗବିଭାଜନ ଦୃଷ୍ଟିକୋଣରୁ ଛାଡିଦେଲେ, ସାହିତ୍ୟ ଏବଂ ସମାଜ ଦୃଷ୍ଟିକୋଣରୁ ଆମେ ଏହାକୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରିପାରିବା । ପ୍ରାଚୀନ, ଆଧୁନିକ, ଏବଂ ଉତ୍ତର ଆଧୁନିକ । ପ୍ରାଚୀନ ସାହିତ୍ୟରେ ପୌରାଣିକ, ଐତିହାସିକ, କାଳ୍ପନିକ, କୁସଂସ୍କାର ମୂଳକ ରଚନାବଳୀ ଆମେ ଦେଖିବାକୁ ବାଇବା ବେଳେ, ଆଧୁନିକ ସାହିତ୍ୟରେ ସାମାଜିକ, ରାଜନୈତିକ, ଯୁଦ୍ଧ ବିରୋଧୀ ମନୋଭାବ, ଅର୍ଥନୈତିକ ସମସ୍ୟା, ଅସ୍ପୃଶ୍ୟତା ବିରୋଧରେ ବିଦ୍ରୋହ, ଜାତିଭେଦ, ଧର୍ମଭୀରୁତା, ବେକାରୀ ସମସ୍ୟା, ଥିଲାବାଲା ନଥିଲାବାଲା ମଧ୍ୟରେ ସଂଘର୍ଷ, ଏତଦବ୍ୟତୀତ ବିଭିନ୍ନ ପରୀକ୍ଷା ନିରୀକ୍ଷା ମୂଳକ ସାହିତ୍ୟ ଯେମିତିକି ମନସ୍ତାତ୍ତ୍ୱିକଦିଗ, ଫ୍ରଏଡିୟ ତତ୍ତ୍ୱ, ବାସ୍ତବବାଦୀ, ଗାନ୍ଧିବାଦୀ, ମାନବବାଦୀ, କାଲମାର୍କ୍ସ ଙ୍କ ଚିନ୍ତାଧାରା, ପ୍ରତୀକାତ୍ମକ, ଚିତ୍ରକଳ୍ପ ଇତ୍ୟାଦି ବିଭିନ୍ନ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଦେଖିବାକୁ ମିଳିଛି । ଏବଂ ଉତ୍ତର ଆଧୁନିକ ପର୍ଯ୍ୟାୟରେ ପୁଣିଥରେ, ପ୍ରାଚୀନତା ତଥା ପରମ୍ପରାକୁ ଫେରିଛନ୍ତି ।

ଓଡ଼ିଆ ସାହିତ୍ୟରେ ଆଧୁନିକ ନାଟକକୁ ଆଲୋଚନା କରିବା ପୂର୍ବରୁ, ନାଟକର ପ୍ରାଚୀନତା ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିବା ନିତାନ୍ତ ଆବଶ୍ୟକ ।

ନାଟ୍ୟ ସାହିତ୍ୟକୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି ଯଥା- ପ୍ରଥମ ପର୍ଯ୍ୟାୟ (୧୮୭୭-୧୯୨୦), ଦ୍ୱିତୀୟ ପର୍ଯ୍ୟାୟ ( ୧୯୨୧-୧୯୫୦), ତୃତୀୟ ପର୍ଯ୍ୟାୟ (୧୯୫୧ ରୁ

ISSN NO.
2582-208X

ଅଦ୍ୟାବଧି) ଓଡ଼ିଆ ନାଟକର ପ୍ରଥମ ପର୍ଯ୍ୟାୟକୁ ଆଦି ପର୍ଯ୍ୟାୟ ବୋଲି କୁହାଯାଏ I ଏହି ଅବଧିରେ ବୀରକିଶୋର ଦେବଙ୍କ ଦ୍ୱାରା "ଗୌରୀହରଣ", ଖଣ୍ଡପ୍ରସାଦଙ୍କ ଦ୍ୱାରା "ପଦ୍ମାବତୀ ହରଣ", ରଘୁନାଥ ପରିଚ୍ଛାଙ୍କ ଦ୍ୱାରା "ଗୋପୀନାଥ ବଲ୍ଲଭ" ନାଟକ ରଚିତ ହୋଇଥିଲା I କିନ୍ତୁ ଉକ୍ତ ନାଟକ ଗୁଡ଼ିକ ଗିତିନାଟ୍ୟ ପର୍ଯ୍ୟାୟଭୁକ୍ତ ଥିବା ହେତୁ ଏଗୁଡ଼ିକୁ ଓଡ଼ିଆ ସାହିତ୍ୟର ପ୍ରଥମ ନାଟକ ଭାବେ ଗ୍ରହଣ କରାଯାଇନଥିଲା I ପରବର୍ତୀ ପର୍ଯ୍ୟାୟରେ ୧୮୭୭ ମସିହାରେ ବିଧିବଦ୍ଧ ଭାବରେ ଜଗନ୍ମୋହନ ଲାଲାଙ୍କ ଦ୍ୱାରା "ବାବାଜୀ" ନାଟକ ରଚିତ ହେଲା, ଯାହାକୁ ଓଡ଼ିଆ ସାହିତ୍ୟର ପ୍ରଥମ ନାଟକ ଭାବରେ ଗ୍ରହଣ କରାଗଲା I ଏବଂ ଏହି ସମୟରେ ନାଟକ ଗୁଡ଼ିକର ମୁଖ୍ୟ ଆଧାର ଥିଲା, ପୌରଣିକ, ଐତିହାସିକ, କାଳ୍ପନିକ, କୁସଂସ୍କାର ମୂଳକ ଇତ୍ୟାଦି I ଏବଂଏହି ସମୟରେ ନାଟକ ଗୁଡ଼ିକ ଅଭିନୀତ ହେଉଥିବା ରଙ୍ଗମଞ୍ଚ ଗୁଡ଼ିକ ହେଉଛି, ଜଗନ୍ନାଥ ରଙ୍ଗାଳୟ, ବାସନ୍ତୀ ରଙ୍ଗମଞ୍ଚ, ଚିକିଟି ରଙ୍ଗମଞ୍ଚ, ପାରଳା ରଙ୍ଗମଞ୍ଚ, ବଙ୍ଗଳା ଥିଏଟର୍ସ, ମେଡ଼ିକାଲ ରଙ୍ଗମଞ୍ଚ ଇତ୍ୟାଦି I

ଓଡ଼ିଆ ନାଟ୍ୟ ସାହିତ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଉଛି ୧୯୨୧ ରୁ ୧୯୫୦ ମଧ୍ୟରେ I ଏହି ସମୟର ଦୁଇଜଣ ପ୍ରମୁଖ ନାଟ୍ୟକାର ହେଉଛନ୍ତି, ଅଶ୍ୱିନୀ କୁମାର ଘୋଷ ଏବଂ କାଳୀଚରଣ ପଟ୍ଟନାୟକ I ଓଡ଼ିଆ ନାଟ୍ୟ ସାହିତ୍ୟରେ ବିଭିନ୍ନ ପରିବର୍ତ୍ତନ ଆଣିଥିଲେ ଉକ୍ତ ଦୁଇ କଳାକାର I ଏହି ସମୟରେ ନାଟକରେ ଦେଖାଦେଇଥିବା ଘଟଣା ଗୁଡ଼ିକ ହେଉଛି, ଅସହଯୋଗ ଆନ୍ଦୋଳନ, ଅଗଷ୍ଟ ବିପ୍ଲବ, ଯୁଦ୍ଧ ବିରୋଧୀ ମନୋଭାବ, ଶାନ୍ତି ପାଇଁ ଚେଷ୍ଟା, ଅସ୍ପୃଶ୍ୟତା ବିରୁଦ୍ଧରେ ବିଦ୍ରୋହ, ଦୁର୍ନୀତି ବିରୁଦ୍ଧରେ ସ୍ୱରତ୍ତୋଳନ ଇତ୍ୟାଦି I ଏବଂ ଏହି ସମୟରେ ନାଟକ ମଧ୍ୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ହେଉଛି, ବେକାରୀ ସମସ୍ୟା, ଥିଲାବାଲା ନଥିଲାବଲା ମଧ୍ୟରେ ସଂଘର୍ଷ, ଯୌତୁକ ସମସ୍ୟା, ଜାତିଆଣ ଅସ୍ପୃଶ୍ୟତା ଜନିତ ସମସ୍ୟା, ଇତ୍ୟାଦି I ପ୍ରଥମଥର ଏହି ସମୟରେ ବ୍ୟବସାୟିକ ରଙ୍ଗମଞ୍ଚ ପ୍ରତିଷ୍ଠିତ ହୋଇଥିଲା ଯେମିତିକି- ବାସନ୍ତୀ ରଙ୍ଗମଞ୍ଚ, ଓଡ଼ିଶା ଥିଏଟର୍ସ, ଅର୍ଣ୍ଣପୂର୍ଣ୍ଣା ଥିଏଟର୍ସ, ଭାରତୀ ଥିଏଟର୍ସ, ପୁରୀ ଜଗନ୍ନାଥ ଥିଏଟର୍ସ ଇତ୍ୟାଦି Iଓଡ଼ିଆ ନାଟ୍ୟ ସହିତ୍ୟରେ ଏକ ଏକ ଅବିସ୍ମରଣୀୟ ରଙ୍ଗମଞ୍ଚ ଭାବେ ସୁପରିଚିତ I

ଓଡ଼ିଆ ନାଟ୍ୟ ସାହିତ୍ୟର ତୃତୀୟ ପର୍ଯ୍ୟାୟ ବା ଉତ୍ତର ପର୍ବ ଆରମ୍ଭ ହୁଏ ୧୯୫୧ ମସିହା ଠାରୁ I ଏ ସମୟବେଳକୁ ଓଡ଼ିଶାରେ ଐତିହାସିକ ଏବଂ ପୌରାଣିକ ନାଟକ ପ୍ରାୟ ଲୋପ ପାଇଗଲାଣି, ସାମ୍ୟବାଦୀ ସ୍ୱର, ଶ୍ରେଣୀ ସଙ୍ଘର୍ଷର ଚର୍ଚ୍ଚା ବହୁଳ ଭାବରେ ଆରମ୍ଭ

ISSN NO.
2582-208X

ହୋଇଗଲାଣି, ମାକ୍ସବାଦ ଏବଂ ଫ୍ରଏଡ଼ିୟ ତତ୍ତ୍ୱ ନାଟ୍ୟ ସାହିତ୍ୟରେ ରାଜପଣ ଆରମ୍ଭ କରିଦେଇଛି ଏବଂ ଗାନ୍ଧୀବାଦ ପ୍ରାୟ ଧିମେଇ ଯାଇଛି । ବିଶ୍ୱଯୁଦ୍ଧ ଜନିତ ସମସ୍ୟା, ଅର୍ଥନୈତିକ ସଙ୍କଟ, ଉଚ୍ଚନୀଚ ଭେଦଭାବ, ଦେଶ ଦେଶ ମଧ୍ୟରେ ସଂଘର୍ଷ, ଶାନ୍ତି ପାଇଁ ବିଶ୍ୱର ଆର୍ତ୍ତ ଚିତ୍କାର, ମାନବବାଦର ନବମୂଲ୍ୟାୟନ ଇତ୍ୟାଦି କେତକ ଘଟଣାବଳୀ ଏହି ଅବଧୀରେ କଳେବର ମଣ୍ଡନ କରିଛି ।

୧୯୫୧ ରୁ ୧୯୮୦ ମଧ୍ୟରେ ଓଡ଼ିଶାରେ ସାଧାରଣତଃ ଦୁଇଟି ଧାରାର ନାଟକ ଦେଖିବାକୁ ମିଳେ- ପାରମ୍ପରିକ ଶୈଳୀ ଏବଂ ବୌଦ୍ଧିକ ଶୈଳୀ ।ପାରମ୍ପରିକ, ଐତିହ ଏବଂ ପୁରୋଦୃଷ୍ଟିକୁ ସାମ୍ନାରେ ରଖି କେତକ ନାଟ୍ୟକାର ପାରମ୍ପରିକ ଧାରାରେ କାଳୀଚରଣ ଏବଂ ଅଶ୍ୱୀନିକୁମାର ଘୋଷଙ୍କୁ ଅନୁସରଣ କରି ନାଟକ ରଚନା କଲେ ଯଥା- ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟ, କମଳଲୋଚନ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଘୋଷ, ଉଦୟନଥ ମିଶ୍ର, ବୌମେକେଶ ତ୍ରିପାଠୀ, ଇତ୍ୟାଦି । ଏବଂ ବୌଦ୍ଧିକ ଶୈଳୀର ନାଟ୍ୟାସ୍ରଷ୍ଟାମାନେ ମନୋରଞ୍ଜନ ଦାସଙ୍କୁ ଅନୁସରଣ କରି ଏହି ପଥରେ ଆଗେଇ ଗଲେ, ସେମାନଙ୍କର ଆଧାର ହେଲା- ମଣିଷର ମନ ଏବଂ ଫ୍ରଏଡିୟହେଲା ତାଙ୍କର ଆଦର୍ଶ । ଏହି ପର୍ଯ୍ୟାୟରେ ବୌଦ୍ଧିକ ବା ପରୀକ୍ଷା ନିରୀକ୍ଷା ନଟକାର ଅଗ୍ରଗତି ଘଟିଲା । ବିଶ୍ୱଜିତ ଦାସ, ରତ୍ନାକର ଚଇନି, ରମେଶ ପାଣିଗ୍ରାହୀ, କାର୍ତ୍ତିକ ରଥ, ହରିହର ମିଶ୍ର, ଅକ୍ଷୟ ମହାନ୍ତି, ପ୍ରମୁଖ ନାଟ୍ୟସ୍ରଷ୍ଟା ଓଡ଼ିଆ ନାଟ୍ୟ ସାହିତ୍ୟରେ ନୂତନ ଧାରାକୁ ଆଗେଇ ନେଲେ ।

## ଓଡ଼ିଆ ନାଟ୍ୟ ସାହିତ୍ୟରେ ଆଧୁନିକତା :

ଓଡ଼ିଆ ନାଟ୍ୟ ସାହିତ୍ୟର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କାଳୀଚରଣ ବାବୁଙ୍କ ନାଟ୍ୟ ପରିବର୍ତ୍ତନ, ନାଟ୍ୟ ପ୍ରେମୀ ମାନଙ୍କ ମଧ୍ୟରେ ଚହଳ ସୃଷ୍ଟି କରିଥିଲା । ମୋଟ ଉପରେ ସାମାଜିକ ନାଟକର ସଫଳ ପ୍ରଦର୍ଶନ ହିଁ ଓଡ଼ିଆ ନାଟ୍ୟ ସାହିତ୍ୟରେ ଆଧୁନିକ ସ୍ୱାଦର ସୂଚନା ପ୍ରଦାନ କରିଥିଲା । ଧର୍ମ, ପୁରାଣ ଓ ଇତିହାସକୁ ଉପଜୀବ୍ୟ କରି ଯେଉଁ ନାଟକ ଗୁଡ଼ିକ ଲେଖା ଚାଲିଥିଲା, ତହିଁରେ ସମାଜର ପ୍ରାଣ ସ୍ପନ୍ଦନ ଅନୁଭୂତ ହେଉନଥିଲା । ଦ୍ୱିତୀୟ ମହାଯୁଦ୍ଧ ରଣ ହୁଙ୍କାର ଏବଂ ବୈଜ୍ଞାନିକ ଆନ୍ଦୋଳନ ମାନବର ଭାବ ରାଜ୍ୟରେ କେତେକ ନୂତନ ଆଦର୍ଶରେ ଦିଗଦର୍ଶନ ଦେଲେ ।ସାହିତ୍ୟରେ ପ୍ରକୃତବାଦ ଓ ସ୍ୱାଭାବବାଦ ପ୍ରତିଷ୍ଠିତ ହେଲା । ଲେଖକମାନେ ଜଗତ ଓ ଜୀବନର ଯଥାର୍ଥ ରୂପାୟନ ପାଇଁ ଆଗ୍ରହୀ ହେଲେ,

ISSN NO.
2582-208X

ମନୁଷ୍ୟ ଜୀବନକୁ ବିଶ୍ଳେଷଣ କରି ତାହାର ବାସ୍ତବ ଚିତ୍ରଟି ରୂପାୟନ କରିବା ପାଇଁ ଲେଖକମାନେ ଉଦ୍ୟମ କଲେ । ପୂର୍ବରୁ ନାରୀ ପୁରୁଷର ବିବାହ ପୂର୍ବରୁ ଅବାଧ ମିଳାମିଶାକୁ ଅନୈତିକତା ବୋଲି ପ୍ରକାଶ କରାଯାଉଥିଲା । ମାତ୍ର ସ୍ୱାଭାବବାଦୀ ଯୁଗରେ ଯାହା ସତ୍ୟ ସେମାନେ ତାହା ପ୍ରକାଶ କଲେ, ନୀତି ଅନୀତିର କୌଣସି ପ୍ରଶ୍ନ ରହିଲା ନାହିଁ । ଦୈନନ୍ଦିନ ସମାଜର ଦୋଷ, ଦୁର୍ବଳତା, ଶଠତା ଓ ପ୍ରତାରଣାକୁ ଉଦ୍ଘାଟନ କଲେ । ସମକାଳୀନ ସମାଜର ସାମାଜିକ ଓ ରାଜନୈତିକ ଚିତ୍ର ସେମାନଙ୍କ ନାଟକରେ ଫୁଟି ଉଠିଲା ।

ସ୍ୱାଭାବବାଦର ଏହି ଅପ୍ରତିହତ ପ୍ରଭାବ ଫଳରେ ନାଟକୀୟ ଆଖ୍ୟାନବସ୍ତୁ, ଚରିତ୍ରଚିତ୍ରଣ, ସଂଳାପ, ଭାଷା, ଦୃଶ୍ୟ ସଂଯୋଜନା, ମଞ୍ଚସଜ୍ଜା ସବୁ ବଦଳିଗଲା । ପୂର୍ବରୁ ନାଟକର ନାୟକ ନାୟିକା ଓ ମୁଖ୍ୟ ଚରିତ୍ର ସମୂହ ସମାଜର ସମୃଦ୍ଧିବନ୍ତ ତଥା ଅଭିଜାତ ଶ୍ରେଣୀରୁ ଗୃହୀତ ହେଉଥିବା ସ୍ଥଳେ, ନାଟକରେ ସ୍ୱାଭାବବାଦର ପ୍ରତିଷ୍ଠା ଫଳରେ ଜୀବନର ଢଳଢଳ ରକ୍ତ ମାଂସର ମଣିଷ ହେଲା ନାଟକର ନାୟକ ତଥା – କୃଷକ, ଶ୍ରମିକ, କୁଲି, ଦିନମଜୁରିଆ, ବେପାରୀ ଇତ୍ୟାଦି ହୋଇପାରିଲେ ।

କାଳୀଚରଣ ପଟ୍ଟନାୟକ ସାମାଜିକ ନାଟ୍ୟ ଆନ୍ଦୋଳନର ଅଗ୍ରଦୂତ ହେଲେ । ଗାର୍ଲସ୍କୁଲ, ଚୁମ୍ବନ, ପରିବର୍ତ୍ତନ, ବନମାଳୀ, ବେକାର, ରକ୍ତମାଟି, ଭାତ, ପ୍ରଭୃତି ସାମାଜିକ ନାଟକ ଗୁଡ଼ିକ ଅତ୍ୟନ୍ତ ଉଲେଖଯୋଗ୍ୟ, ତାଙ୍କ ନାଟକରେ ତତ୍କାଳୀନ ସମାଜର ସ୍ୱାଭାବିକ ଚିତ୍ର କେତେକାଂଶରେ ପ୍ରତିଫଳିତ ହୋଇଥାଏ । ଅତ୍ୟାଚାରିତ ଜମିଦାର, ଉଚ୍ଛୃଙ୍ଖଳିତ ଶିକ୍ଷିତ ଯୁବକ, ରାଜନୀତି ସମାଜ ସଂସ୍କାର ସଚେତନ ଚରିତ୍ର, ଶିକ୍ଷିତ ଅଶିକ୍ଷିତ ଆଦି ସମସ୍ତେ ତାଙ୍କ ନାଟକରେ ସ୍ଥାନ ପାଇଲେ । କାଳୀଚରଣ ଯେଉଁ ପରିବର୍ତ୍ତନ ଆନୟନ କଲେ, ନିଶ୍ଚିତ ଭାବରେ ସମକାଳୀନ ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟ, କମଳଲୋଚନ ମହାନ୍ତି ପ୍ରଭୃତି ନାଟ୍ୟକାର ପ୍ରଭାବିତ ହୋଇଥିଲେ ।ଏହି ସମୟର ଲେଖକମାନେ ସମାଜ ଜିଜ୍ଞାସା ପରିବର୍ତ୍ତେ ଆତ୍ମଜିଜ୍ଞାସା ବା ଆତ୍ମସଚେତନତା ସାହିତ୍ୟରେ ଅଧିକ ଗୁରୁତ୍ୱ ଦେଲେ । ବ୍ୟକ୍ତି ମନର ଜଟିଳତା, ତାର ଅନ୍ତଦ୍ୱନ୍ଦ୍ୱ ଏବଂ ନାନା ସମସ୍ୟା ଜନିତ ପ୍ରତିକ୍ରିୟା ପ୍ରକାଶ କରିବାପାଇଁ ଲେଖକମାନେ ଆଗ୍ରହୀ ହୋଇଉଠିଲେ ଆଇ ଏବଂ ଚିନ୍ତାନାୟକ କାର୍ଲମାକ୍ସ ଓ ଫ୍ରଏଡଙ୍କ ଚିନ୍ତାଧାରା ଦ୍ୱାରା ବିଶେଷ ପ୍ରଭାବିତ ହେଲେ । ମନୁଷ୍ୟ ଅବଚେତନ ମନର ଅନ୍ତରାଳରେ ଘାଟିଯାଉଥିବା ପ୍ରତିକ୍ରିୟା ଗୁଡ଼ିକୁ ଏ ଯୁଗର

ISSN NO.
2582-208X

ଲେଖକମାନେ ରୂପାୟିତ କରିବାପାଇଁ ଉଦ୍ୟମ କଲେ । ବାହ୍ୟ ଜଗତ ଅପେକ୍ଷା ଅନ୍ତଃଜଗତ ଚିତ୍ର ଏମାନଙ୍କ ରଚନାରେ ଅଧିକ ପ୍ରତିଫଳିତ ହେଲା ।

ଏହି ଆନ୍ଦୋଳନର ଅଗ୍ରଜ ପ୍ରତିମ କର୍ଣ୍ଣଧାର ଥିଲେ, ମନୋରଞ୍ଜନ ଦାସ ଏବଂ ତାଙ୍କ ସହିତ ସମ ସ୍ୱରରେ ନୂତନ ଦିଗନ୍ତ ସନ୍ଧାନ ଦେଲେ ନାଟ୍ୟକାର ବିଶ୍ୱଜିତ ଦାସ, ବିଜୟ ମିଶ୍ର, ପ୍ରାଣବନ୍ଧୁ କର, କାର୍ତ୍ତିକଚନ୍ଦ୍ର ରଥ, ରତ୍ନାକର ଚଇନି ଇତ୍ୟାଦି । ସାର୍ଥକ ପରିକ୍ଷାବାଦୀ ମନୋରଞ୍ଜନ 'ସାଗର ମନ୍ଥନ' ରେ ସମାଜ ଭାବନାର ପରିଚୟ ଦେଇଥିବା ବେଳେ 'ବନହଂସୀ' ନାଟକରେ ଅତୀତ, ବର୍ତମାନ ଓ ଭବିଷ୍ୟତକୁ ଗୋଟିଏ ସରଳରେଖାରେ ଉପସ୍ଥାପିତ କରିଛନ୍ତି । ସେପରି 'ଅରଣ୍ୟ ଫସଲ' ନାଟକରେ ଅରଣ୍ୟକୁ ଆଦିମ ପ୍ରକୃତିର ପ୍ରତୀକ ରୂପେ ଗ୍ରହଣ କରାଯାଇଛି,'କାଠଘୋଡା' ଏବଂ 'ଅମୃତସ୍ୟପୁତ୍ର' ନାଟକ ହୃଦୟରେ ଲେଖକ ଜୀବନରେ ଅପୂର୍ଣ୍ଣତା, ବ୍ୟାଧିଗ୍ରସ୍ତ ସମାଜ ଜୀବନର ଚିତ୍ର ଏବଂ ଯୁଗଯନ୍ତ୍ରଣକୁଅତ୍ୟନ୍ତ କଠୋର ଭାବରେ ପ୍ରତିଫଳିତ କରିଛନ୍ତି । ମୁକ୍ତି ପାଇଁ ମାନବର ବ୍ୟାକୁଳତା ଏହି ନାଟକ ଗୁଡ଼ିକରେ ପ୍ରତିଧ୍ୱନିତ ହେବା ସମୟରେ ମନୋରଞ୍ଜନ ଙ୍କ 'କ୍ଲାନ୍ତ ପ୍ରଜାପତି' ନାଟକରେ ଫ୍ରଏଡିୟ ବିକ୍ଷୁବ୍ଧ ଯୌନ ଚେତନାକୁ ଫୁଟାଇ ଦିଆଯାଇଛି ।

ବିଶ୍ୱଜିତ ଦାସଙ୍କ 'ପ୍ରତାପଗଡରେ ଦି' ଦିନ' ଏକ କ୍ଷୟିଷ୍ଣୁ ସମାଜ ବ୍ୟବସ୍ଥାର ପ୍ରତିଛବି ଅଟେ । ସରଳ ବ୍ୟଙ୍ଗ ଓ ସାବଲୀଳ ଭାଷାରେ ସମୃଦ୍ଧ ଏଇ ନାଟ୍ୟରଚନରେ ଦୁର୍ନୀତିଗ୍ରସ୍ତ ସମାଜର ଚିତ୍ରକୁ ଅତ୍ୟନ୍ତ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । 'ନିଜ ପ୍ରତିନିଧି ଙ୍କ ଠାରୁ' ନାଟକରେ ଅତି କମତ୍କାର ଭାବରେ ଜଣେ ସମ୍ବାଦପତ୍ର ପ୍ରତିନିଧି ବା ଜଣେ ସମ୍ବାଦିକର ଜୀବନ ଯନ୍ତ୍ରଣାର ଚିତ୍ର ଅତି ନିଛକ ଭାବରେ ବର୍ଣ୍ଣିତହୋଇଛି । ଦୁର୍ନୀତିଗ୍ରସ୍ତ ସମାଜରେ ସଚ୍ଚୋଟ ମଣିଷଟିଏର ଜୀବନ ଆଦର୍ଶର କଥା ଚିତ୍ରିତ ହୋଇଛି । ନଟକାର ଶେଷ ପର୍ଯ୍ୟାୟରେ ନାଟକର ନାୟକ ଓ ନାୟିକା ଙ୍କ ଏକ ସଂଳାପ କୁ ମୁଁ ଏଠାରେ ଦର୍ଶାଉଛି, ଯଥା -

ଇନ୍ଦୁ - ହେଲା ତ ? ତମ ମନ ଏବେ ଶାନ୍ତି ହେଲା ତ ? ଆଉ ଏ ଘରକୁ ବାବୁଲ ଆସିବ ନାହିଁ । ତମର କିଛି ଚିନ୍ତା ନାହି । ଲେଖ, ତମେ ଶାନ୍ତିରେ ବସି ତମ ନିଉଜ୍ ଲେଖ ।

ଅଜୟ - ମୁଁ

ISSN NO.
2582-208X

ଇନ୍ଦୁ – ହଁ ତମେ । କଣ କରିପାରିଲା ତମେ ? ସମସ୍ତଙ୍କ ପାଇଁ ବାହାରିଥିଲା କାହାରି ପାଇଁ କିଛି କରିପାରିଲନି । ତମେ ମଣିଷ ନୁହେଁ, ତମ ଦିହରେ ଜୀବନ ନାହିଁ ତମେ ମେସିନ ।

ଅଜୟ – ଇଏ କଣ ? ମୋ ହାତଗୋଡ଼ ଏମିତି ଥରୁଛି କାହିଁକି ? ମୁଁ କଣ କରିଛି ? ମୁଁ ତ କିଛି କରିନାହିଁ । ନା ନା ମୁଁ ତ କିଛି କରିନାହିଁ । ମୁଁ ତ ଦୁର୍ନୀତି, ଅନୀତି, ଅବିଚାର ବିରୁଦ୍ଧରେ............ ତେବେ ମୋ ହାତଗୋଡ ଏମିତି ଥରୁଛି କାହିଁକି ।
[ ନିଜ ପ୍ରତିନିଧିଙ୍କ ଠାରୁ – ପୃଷ୍ଠା -୧୩୪ ]

ଏହାପରେ ନାଟକରେ ମଞ୍ଚ ଅନ୍ଧକାର ହୋଇଛି ଏବଂ ନାଟକ ପରିସମାପ୍ତି ଘଟିଛି ।

ସମଗ୍ର ନାଟକରେ, ମୁଖ୍ୟ ନାୟକ ଅଜୟ ଓ ନାୟିକା ଇନ୍ଦୁ ଚରିତ୍ରର ଅନ୍ତର୍ଦ୍ୱନ୍ଦ ନାଟକକୁ ଉଷ୍ମ କରିବା ସଙ୍ଗେ ସଙ୍ଗେ ପ୍ରକଟିତ କରିଛି ନିଆରା ଜୀବନ ଜିଜ୍ଞାସା ।

ଅବସର୍ଡ ନାଟ୍ୟ ପରମ୍ପରାରେ ମନୋରଞ୍ଜନ ଦାସଙ୍କ ଅରଣ୍ୟ ଫସଲ ଏକ ଯୁଗାନ୍ତକାରୀ ନାଟକ ।

ଓଡ଼ିଆ ଭାଷାରେ ଅବସର୍ଡ ଶବ୍ଦକୁ ଉଦ୍ଭଟ ବୋଲି କୁହାଯାଏ, ଯାହା ପରମ୍ପରା ଠାରୁ ସ୍ୱତନ୍ତ୍ର, ବେସୁରା ଅସଙ୍ଗତ ଏବଂ ହାସ୍ୟସ୍ପଦ ତାହାହିଁ ଅବସର୍ଡ । 'ଅରଣ୍ୟ ଫସଲ' ନାଟକରେ ସଂଳାପ ପରିଚ୍ଛନ୍ନ, ଆଧୁନିକ ଏବଂ ପାତ୍ରପଯୋଗୀ । ଆଧୁନିକ ଓଡ଼ିଆ ନାଟକ ପାଇଁ ଏହି ଧରଣର ସଂଳାପ ଯାହା ଲୁପ୍ତ କିନ୍ତୁ ମର୍ମସ୍ପର୍ଶୀ ତାହା ଏକାନ୍ତ ଭାବରେ ମନୋରଞ୍ଜନ । ଅରଣ୍ୟ ଫସଲ ନଟକାର ଏକ ଏଭଳି ସଂଳାପକୁ ମୁଁ ଏଠାରେ ଗ୍ରହଣ କରିଛି ।

ଲିଲୀ- ତୁମେ କାହିଁକି ଅସିଥିଲା

ସଂଗ୍ରାମ- ଫେରିଯିବା ପାଇଁ

ଲିଲୀ – ଲୁଚାଉଛ ?

ସଂଗ୍ରାମ – ଆଜି ଫେରିଯିବା ପାଇଁ ଆସିନି । ଦୁର୍ବଳ ଫେରିଯାଏ କିମ୍ବା ....

ଲିଲୀ- ଚାଲ ଏଠୁ ଚାଲିଯିବା

ISSN NO.
2582-208X

ସଂଗ୍ରାମ – କୁଆଡ଼େ ?

ଲିଲୀ – ଝରଣା କୂଳେ ବସିବା ଦୂରକୁ ଚାଲିଯିବା

ସଂଗ୍ରାମ – ଅନେକ ଦିନ ଅପେକ୍ଷା କରିଛି । [ ଅରଣ୍ୟ ଫସଲ – ପୃଷ୍ଠା -୩୪ ]

ଏଠାରେ ସଂଗ୍ରାମ ଆଚରଣରେ ଅବ୍ୟବସ୍ଥିତ ପ୍ରକଟ ପାଉଥିଲେ ହେଁ, ସଂଳାପରେ ଅସଙ୍ଗ ଲିପ୍ସ ଇଙ୍ଗିତ ଓ ଧ୍ୱନି ସ୍ପଷ୍ଟ ପ୍ରକଟିତ ।ଏ ବଂ ଆଧୁନିକ ନାଟକରେ ସଂଳାପର ସଂକ୍ଷିପ୍ତତା ମଧ୍ୟ ଦେଖିବାକୁ ମିଳିଛି ।

ମନୋରଞ୍ଜନ ଦାସଙ୍କ 'କାଠଘୋଡା' ଏକ ଉଚ୍ଚକୋଟୀର ପ୍ରତିକଧର୍ମୀ ନାଟକ, ନାରୀ ଜୀବନ ଯନ୍ତ୍ରଣାର ଚିତ୍ର ଫୁଟିଉଠିଛି । ତାର ଏକ ଉଦାହରଣ ମଧ୍ୟ ମୁଁ ଏଠାରେ ଗ୍ରହଣ କରିଛି ।

ମୁଖ୍ୟ ନାୟକ ପୀତାମ୍ବର ଏବଂ ମୁଖ୍ୟ ନାୟିକା ଦୀପା, ଦୁହିଙ୍କ ଚରିତ୍ରର ଏକ ସଂଳାପ ଏଠାରେ ଗ୍ରହଣ କରିଛି । ପୀତାମ୍ବର କିଭଳି ଦୀପାକୁ ଯନ୍ତ୍ରଣା ଦେବାରେ ସୁଖ ପାଉଛି ।

ଦୀପା – ତୁମେ ଦୌଡ ଆଉ ମୁଁ କଷ୍ଟ ପାଏ ।

ପୀତାମ୍ବର – ଦଉଡିବାରେ ଆନନ୍ଦ

ଦୀପା – ମୋ କଷ୍ଟରେ ତୁମର ଆନନ୍ଦ

ପୀତାମ୍ବର – ତୁମେ ମୋତେ ବୁଝିପାରିଛ ।

[ କାଠଘୋଡା – ପୃଷ୍ଠା – ୧୧ ]

ପ୍ରଥମ କାଳରେ ପାରମ୍ପରିକ ନାଟକ ରଚନା କରି ଖ୍ୟାତି ଅର୍ଜନ କରିଥିବା ବିଜୟ ମିଶ୍ର ପରୀକ୍ଷା ମୂଳକ ନାଟକ ରଚନା କରିଥିଲେ, 'ଶବବାହକ ମାନେ' ଏଥିରେ ଶବ ହିଁ ହୋଇଛି ପ୍ରେରଣାର ଉତ୍ସ, ଧନ ପାଇଁ ମଣିଷର ପାଶବିକ ବୃତିର ଭୟଙ୍କରତା ଏଥିରେ ପ୍ରତିଫଳିତ ହୋଇଛି । 'ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ' ନାଟକରେ ସାଂପ୍ରତିକ ସମାଜର ମନୁଷ୍ୟର ମାନସିକ ଯନ୍ତ୍ରଣା ଏବଂ ଅସହାୟତାକୁ ରୂପଦାନ କରାଯାଇଛି ଉକ୍ତ ନାଟକରେ । ବିଶ୍ୱଜିତ

ISSN NO.
2582-208X

ଦାସଙ୍କ ନାଟକରେ ଯୁଗ ଯନ୍ତ୍ରଣା ଏବଂ ଅବକ୍ଷୟ ସମାଜ ବ୍ୟବସ୍ଥାର ଚିତ୍ର ବିଶେଷ ପ୍ରତିଫଳିତ ହୋଇଥାଏ ।

ଏଭଳି ଭାବରେ ଓଡ଼ିଆ ନାଟ୍ୟଜଗତରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଦେଖିବାକୁ ମିଳିଛି । ମନସ୍ତତ୍ୱିକ, ପ୍ରତୀକବାଦ, ବାସ୍ତବବାଦ, ଫ୍ରଏଡୀୟ ତତ୍ତ୍ୱ, ମାନବବାଦୀ, ଦୁର୍ନୀତି ଗ୍ରସ୍ତ ରାଜନୀତି ଇତ୍ୟାଦି ଦିଗକୁ ଅଧାରକରି ଓଡ଼ିଆ ନାଟକରେ ପରିବର୍ତ୍ତନ ଦେଖିବାକୁ ମିଳିଛି ।

ଆଧୁନିକ ନାଟକ ତାର ଦର୍ଶକମାନଙ୍କୁ ହରାଇବସିଛି । ଓଡ଼ିଶାରେ ପେଶାଦାରୀ ରଙ୍ଗମଞ୍ଚର ପାଦପ୍ରଦୀପ ଲିଭିଯାଇଛି । ପୂର୍ବପରି ସୌଖିନି ରଙ୍ଗମଞ୍ଚ ଆଉ କ୍ରିୟାଶୀଳ ହୋଇ ରହିନାହିଁ । ଚତୁର୍ଦ୍ଦିଗ କିପରି ଏକ ନିରୁଶ୍ରାହିତ ଭାବନା ରାଜପଣ କରୁଛି । ଚଳଚିତ୍ର ଯେ ଆଧୁନିକ କାଳରେ ନାଟକ ଅଭିନୟର ମନ୍ଥରତା ପାଇଁ ଦାୟୀ ତାହା ନୁହେଁ, ଆଧୁନିକ ନାଟକ ସମାଜ ସମ୍ମତ ଜୀବନଧର୍ମିତ ପ୍ରକାଶିତ ହେଲେ ତାହା ନିଶ୍ଚିତ ରୂପେ ଦର୍ଶକ ମାନଙ୍କ ଆଦର ଲାଭ କରିପାରିବ । ସାଂପ୍ରତିକ କାଳର ନାଟ୍ୟକାରଗଣ ଏ ସମ୍ପର୍କରେ ଉଦାର ମନୋଭାବ ପୋଷଣ କଲେ ଓଡ଼ିଆ ନାଟକ ଭବିଷ୍ୟତନିଶ୍ଚିତ ଭାବରେ ଉଜ୍ଜ୍ୱଳ ହୋଇଉଠିବ ।

ସହାୟକ ଗ୍ରନ୍ଥସୂଚୀ:

୧. 'ଓଡ଼ିଆ ନାଟ୍ୟ ସାହିତ୍ୟରେ ବିକାଶଧାର'– ହେମନ୍ତ କୁମାର ଦାସ [ ପୃଷ୍ଠା – ୨୬୪ ]
୨. 'ସ୍ୱାଧିନତ୍ତୋର ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ'– ପ୍ରଫେସର ନାରାୟଣ ସାହୁ [ ପୃଷ୍ଠା – ୧୬-୧୭]
୩ . 'ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟ'– ଓଡ଼ିଆ ସାହିତ୍ୟ ଏକାଡ଼େମୀ [ ପୃଷ୍ଠା– ୭୦ -୭୨ ]
୪. 'କାଠଘୋଡା'– ମନୋରଞ୍ଜନ ଦାସ [ ପୃଷ୍ଠା – ୧୧ ]
୫. 'ନିଜ ପ୍ରତିନିଧିଙ୍କ ଠାରୁ'– ବିଶ୍ୱଜିତ ଦାସ [ପୃଷ୍ଠା –୧୩୪]
୬. 'ଅରଣ୍ୟ ଫସଲ'– ମନୋରଞ୍ଜନ ଦାସ [ପୃଷ୍ଠା – ୩୪]
୭. 'ମନୋରଞ୍ଜନଙ୍କ ନାଟ୍ୟ ଦିଗନ୍ତ'– ନାରାୟଣ ସାହୁ [ ପୃଷ୍ଠା – ୧୧୪]
୮. 'ବିଶ୍ୱଜିତ ଦାସ'– ଉପେନ୍ଦ୍ର ପ୍ରସାଦ ନାୟକ [ ପୃଷ୍ଠା – ୧୩ ,୧୪ ]

ଓଡ଼ିଆ ଅଧ୍ୟାପିକା
ଜୀବନ ଜ୍ୟୋତି ମହାବିଦ୍ୟାଳୟ,
ଗ୍ରାଇକଆ , କନ୍ଧମାଳ

ISSN NO.
2582-208X

# ଶ୍ରାବଣୀ
# ଚପଳଛନ୍ଦା



ପ୍ରଶାନ୍ତ କୁମାର ଦାଶ

ତମ ଆଖିତଳେ ମୋ ସାରାଦୁନିଆ
ହୃଦୟରେ ତମଛବି
ତମସା ରାତିର ରୁପାଜହ୍ନ ତମେ
ମୁଁଯେ ଅସ୍ତମିତ ରବି ।।

ତମ ଛବିଦେଖି ପ୍ରୀତି ପ୍ରଣୟର
ଗୀତ କେତେ ଦିଏ ଲେଖି
ଭୁଲିପାରେ ସାରା ଜୀବନର ଦୁଃଖ
ହୃଦୟେ ତୁମକୁ ରଖି ।।

ସୋରିଷଫୁଲର ରଙ୍ଗପରି ତୁମ
ଦେହତ ହଳଦିମଖା
ମୁଁ ଯେ ପ୍ରଜାପତି କାଳିଆ ଭଅଁର
ଦେହ ଦେଉଳର ସଖା ।।

ISSN NO.
2582-208X

ମୁଁଯେ ଇନ୍ଦ୍ରଧନୁ ମନ ଆକାଶର
ତୁମେତ ଶ୍ରାବଣୀ ମୋର
ଆସି ଦିଅ ହସ ଯାଉ ଅବସୋସ
ପୋଛିଦିଅ ଅଶ୍ରୁଧାର ।।

କଇଁକୁ ଯେମିତି ଭୁଲି ପାରେନାହିଁ
ଶରତ ଆକାଶ ଜହ୍ନ
ସେଇପରି ଥାଉ ଜନ୍ମ ଜନ୍ମାନ୍ତର
ମୋ ପାଖେ ତୁମର ମନ ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋବାଇଲ -୯୬୬୮୮୨୨୧୯୦

ISSN NO.
2582-208X

# ତୁମରି କରୁଣା ପାଇ



ସୁଲତା ସାହୁ

ତୁମରି କରୁଣା ପାଇ ମହାପ୍ରଭୁ
ଜୀବନ ମୋ ଧନ୍ୟ ହୋଇଛି
ଜଗତର ନାଥ ଜଗନ୍ନାଥ ତୁମେ
ତୁମରି ଆଶିଷ ଲୋଡୁଛି
ଜୀବନର ଭେଳା ବୁଡିଗଲା ବେଳେ
ତୁମେ ସାଜିଥିଲ ତାର ମଙ୍ଗୁଆଳ
ଟଳମଳ ହେବା ତରଣୀକୁ ତାର
କୂଳରେ ଲଗାଇ ନେଇଥିଲ

ଅନାଥର ନାଥ ଅଗତିର ଗତି
ତୁମେ ମୋ କାଳିଆ ଠାକୁର
ଦୁଃଖୀର ସଙ୍ଗୀତ ଆହେ ମହାପ୍ରଭୁ
ଦୟାମୟ ଭକ୍ତ ବତ୍ସଳ
ତୁମ କୃପା ବଳେ ପଙ୍ଗୁ ଗିରୀ ଲଂଘେ
ମୂକ ହୋଇପାରେ ବାଚାଳ
ତୁମରି ଆଜ୍ଞାରେ ଦ୍ରୁବ ହୁଏ ଦାରୁ
ଶବ ପାଇପାରେ ଜୀବନ

ISSN NO.
2582-208X

ତୁମରି କୃପାରୁ ଆହେ ମହାପ୍ରଭୁ
ଜଟିଳତା ହୁଏ ସରଳ
ସହଜ ସୁନ୍ଦର-ବନ୍ଧୁର ମାର୍ଗ
କଣ୍ଟକିତ ଗିରୀ କନ୍ଦର
ପଥର ଦେହରେ ଫୁଲ ଫୁଟିଯାଏ
ପାପି ପାଏ ସ୍ୱର୍ଗ ଭୁବନ
ସବୁ ଅସମ୍ଭବ ସମ୍ଭବ ହୁଏ
ନା ଧରିଦେଲେ ତୁମର

ସହାୟ ହୁଅ ସଦୟ ହୁଅ
କଳାନିଧି କଳା ଠାକୁର
ଦେଖାଇଛ ଯେଉଁ ମାର୍ଗ ତୁମେ ମୋତେ
ପାର ହୋଇଯିବି ତାକୁ ଏଥର
କର୍ମବାଦୀ ହୋଇ କର୍ମ କରୁଥିବି
ଆଳସ୍ୟ ଲୋଭଠୁ ଦୂରେ ରହିବି
କରୁଥିବି ସଦା ସତ୍ ଆଚାର
ଆକୁଳ ମିନତୀ ଘେନ ମୋ ପ୍ରଣତି
ତରିବାକୁ ଭବ ସାଗର
ଦୀନବନ୍ଧୁ ତୁମ ଚରଣ କମଳେ
ଜଣାଣ ଏତିକି ମୋହର ॥

ଅତିଥି ଅଧ୍ୟାପିକା,
ଓଡିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ

ISSN NO.
2582-208X

# ଅନୁଭୂତି

ଅନନ୍ତ ପ୍ରସାଦ ପ୍ରଧାନ

ସମୟର ଧାରା ବଦଳିଯାଉଛି
ଅତିତ ହଜି ଯାଇଛି ।
ବର୍ତ୍ତମାନ ବୟସ ସଳଖି ଚାଲିବାକୁ
ଆଷରା ଖୋଜିଲାଣି ।
ସେ ପିଲାଦିନ ନାହିଁ କି
ଗାଁ ରାସ୍ତା କାଦୁଅ ନାହିଁ
ପିଲାଙ୍କ ମେଳ କବାଡି ଖେଳ
ବାଘ ଛେଳି କଉଡି ଖେଳ ଆଉ ନାହିଁ ।
ଅଜା ଆଈ ଜେଜେ ଠାରୁ କାହାଣୀ ଶୁଣିବାକୁ
ନାତି ନାତୁଣୀ ପାଖରେ ସମୟ କାହିଁ
ରାତିର ଅନ୍ଧାର ହଜି ଯାଇଛି ।
ବିକଶିତ ସହର ଆଲୁଅରେ ଗାଁ ବି ଆଲୋକିତ
ଗାଁର ବାସ୍ନା ନାହିଁ କି ଆଷାଢର ତାଳପିଠା ନାହିଁ
ତାକୁ ହଜମ କରିବାକୁ ଜୋର କାହିଁ ।
ଆଖି ଆଗରେ ବିରାଟ ପରିବର୍ତ୍ତନ
ଚାଳ ଘରେ ଘସି ଧୂଆଁ ନାତି ନାତୁଣୀ ଅଳି
କେମିତି ହଜି ଗଲାଣି ବନ୍ଧୁ ।
ଏବେ ପାଞ୍ଚ ବର୍ଷର ଛୁଆ ହାତରେ ସ୍ମାର୍ଟଫୋନ
ନଈ କୂଳରେ ମନ୍ଦିର ବେଢାରେ ଛାତ ଉପରେ ବସି
ଏହି ମାର୍ ମାର୍ ଏପଟେ ଏହି ଆସିଲା ଆର
ମୋତେ ବୁଝା ପଡୁନିରେ ଶାମ ।
ବିକାଶର ଭୂମି ପୂଜାରେ ବଳି ପଡୁଛି
ପଶୁ ପକ୍ଷୀ ଗଛ ଜଙ୍ଗଲ ପାହାଡ ପର୍ବତ

ISSN NO.
2582-208X

ଗଢ଼ି ଉଠିଛି ଇଣ୍ଡଷ୍ଟ୍ରି ଶିଳ୍ପ ଏନ୍ ଅଟ୍ ରେଲୁଏ ।
ଯାହାର ଋଣ ସୁଝୁଛେ ଆମେ
ଆମ ଜେଜେ ଅଜା ଶହେ ବର୍ଷରେ ସଳଖି ଚାଲୁଥିଲେ
ଆମକୁ ଷାଠିଏରୁ ଆସରା ଦରକାର
ଇଏ ବୟସର ଋଣ ।
ସେ ଫେସା ଡାଲି, ସାଦ ଚାଉଳ ଧାନଉଁସାରେ
ସାରୁ ଓଲୁଅର ବାସ୍ନା କାହିଁ ।
ଏବେକା ଦୁନିଆ ସନ୍ଧ୍ୟା ହେଲେ
ପୁଅ ଝିଅ ମେଳକୁ ମେଳ
ଠେଲା ଗାଡି ଆଗରେ ପିଜା ବର୍ଗର ମୋମୋ
ଶଳା ତା ବୁନିଆଡି ଯାଉ ଜୁଆଡେ ।
ଭାଦ୍ରବ ମାସରେ ନଦୀରେ ଗୋଳି ପାଣି ନାହିଁ
ଜିଆମାଳରେ ଫୁଲ ଗୁନ୍ଥିଲା ପରି ଚୁଙ୍ଗୁଡି ବି ନାହିଁ
ଖୁଦୁରକୁଣୀ ଓଷାରେ ବାରି କାକୁଡି ଜହ୍ନି ଫୁଲ ଦିଶୁନି
ଅତିତର ତପଇ ଆଧୁନିକତାରେ ଦୌଉଡାରେ
ଡିଜେ ମନ୍ତ୍ରରେ ନାଚିଲାଣି ।
ନଦୀ ପଠାରେ କାଷତଣ୍ଡି ଫୁଲ ସୂଚନା ଦିଏ
ଦୁର୍ଗା ମା ର ଆଗମନର
ସବୁ ବଦଳିଚି କିନ୍ତୁ ମା ଙ୍କର ପୂଜାର୍ଚ୍ଚନାରେ
କିଛିବି ବଦଳିନି ବରଂ ତାର ଶୋଭା ବଢ଼ିଛି ।
ଆଶ୍ୱିନର ବର୍ଷା ଖରାର ଲୁଚକାଳି
ଆକାଶର ସାତ ରଙ୍ଗରେ କଙ୍କି ମେଲଣ
ଚାଷିର ଧାନ କ୍ଷେତ୍ରରେ ଧାନ ଫୁଲ ଉଡା
ଚାଷି ଆନନ୍ଦର ଦୃଶ୍ୟ ଓଡିଆ ଘରେ ଆଉ ଦେଖିବାକୁ ମିଳୁନାହିଁ ॥

ବେଣପୁର, ଯାଜପୁର

ISSN NO.
2582-208X

# ପ୍ରଥମ ଦେଖା



ସନ୍ଧ୍ୟାରାଣୀ ମହାପାତ୍ର

ତୁମ ସାଥେ ଦେଖା ହେଲା ସେଇ ଅଫେରା ରାସ୍ତାରେ,
ଏକା ଏକା ଚାଲୁଥିଲି ଅଜଣା ଅଚହ୍ନା ବାଟରେ।।
ମନେ ମନେ ହସୁଥିଲି କଛି କଥା ଭାବି,
ସ୍ତବ୍ଧ ହୋଇ ଛିଡାହେଲି ଦେଖି ତୁମ ଛବି।।
ଭାବି ପାରିଲିନ ସାଥୀ ବନ୍ଧୁ ନା ମୁଁ ବାନ୍ଧବୀ,
କହି ଦିଅ ଓଠ ଖୋଲି କ'ଣ ହେବି ମୁଁ ତୁମରି।।
ହାତ ଆଣି ରଖିଦେଲ ହୃଦୟରେ ମୋର,
ଜାଣି ପାରୁନାହିଁ ସାଥୀ କ ଦେବି ତା ଉତ୍ତର।।
ରାତି ରାତି ଅନିଦ୍ରା ରହି ଭାବେ ତୁମ କଥା,
କହି ପାରୁନାହିଁ ଜମା କେତେ ଯେ ହୃଦୟ ବ୍ୟଥା।।
ନିଇତି ଯାଏ ମୁଁ ମନ୍ଦିର କେବଳ ତୁମରି ପାଇଁ,
ଇଶ୍ୱରଙ୍କୁ କରେ ଭକତି ତୁମରି ଦୀର୍ଘାୟୁ ପାଇଁ।।
ଆଖିରେ କଜ୍ଜଳ ନାଇ ପୁଣି କାନରେ ଝୁମୁକା ନାଏ,
ଆଇନା ଆଗରେ ନିଜକୁ ଦେଖି ଲାଜରେ ଲାଜେଇ ଯାଏ।।
ଓଠ ଖୋଲି କହିବିନି କେତେ ଯେ ପାଏ ଭଲ,
ସମୟ ସ୍ରୋତରେ କେବଳ ତୁମେ ହାତ ଧରି ମୋର ଚାଲ।।

ଭୁବନେଶ୍ୱର

ISSN NO.
2582-208X

# କ୍ରିଷ୍ଣା ସୋବତିଙ୍କ ଉପନ୍ୟାସରେ ନାରୀବାଦୀ ଚେତନା



ବିରଜ ଲକ୍ଷ୍ମୀ ସାହୁ

ବିଶିଷ୍ଟ ହିନ୍ଦୀ ଲେଖିକା ଜ୍ଞାନପୀଠ ବିଜୟିନୀ କ୍ରିଷ୍ଣା ସୋବ୍‌ତି, ଯିଏକି 'ନାରୀ ଲେଖିକା' ସମ୍ବୋଧନକୁ ମଧ୍ୟ ପ୍ରତିବାଦ କରୁଥିଲେ, କାରଣ ଏଥିରେ ସେ ନାରୀ ଓ ପୁରୁଷ ମଧ୍ୟରେ ଭେଦକୁ ଅନୁଭବ କରୁଥିଲେ । ସେ ଚାହୁଁଥିଲେ ନାରୀ ପୁରୁଷର ଅନୁଗାମୀ ନୁହେଁ, ବରଂ ନାରୀ ପୁରୁଷ ସହିତ କାନ୍ଧରେ କାନ୍ଧ ମିଳାଇ ଚାଲୁ । ଏହି ପୁରୁଷ ପ୍ରଧାନ ସମାଜରେ 'ନାରୀ'କୁ ସେ ମୁକ୍ତି ଆଡକୁ ଆକର୍ଷିତ କରିବାର ପ୍ରଚେଷ୍ଟା କରିଛନ୍ତି । ନାରୀକୁ ସେ ଏପରି ଗଢ଼ିବାକୁ ଚାହୁଁଥିଲେ ଯେପରି ନାରୀଟିଏ ନିଜର ଦେହର କାମନାକୁ ମଧ୍ୟ ସ୍ୱଚ୍ଛନ୍ଦ ଭାବରେ ପ୍ରକାଶ କରିପାରିବ । ଏକଲା ଜଣେ ନାରୀ ପୁରୁଷର ବିନା ସାହାଯ୍ୟରେ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସୁରୁଖୁରୁରେ ଜୀବନ ଅତିବାହିତ କରିପାରିବ । ଏସବୁର ପ୍ରମାଣ ଆମେ ତାଙ୍କର ଉପନ୍ୟାସ ଗୁଡ଼ିକରେ ପାଇବା । ନାରୀର ବିଭିନ୍ନ ପ୍ରକାର ମାନସିକ ସଂବେଦନା ଓ ତା'ର ସଂଘର୍ଷକୁ କ୍ରିଷ୍ଣା ସୋବ୍‌ତି ତାଙ୍କ ଉପନ୍ୟାସରେ ଅତି ସୁନ୍ଦର ଭାବରେ ପରିବେଷଣ କରିପାରିଛନ୍ତି ।

କ୍ରିଷ୍ଣା ସୋବ୍‌ତିଙ୍କର ନାରୀ ସଂବେଦନା ସଂଯୁକ୍ତ ବିଶିଷ୍ଟ ଉପନ୍ୟାସମାନ ହେଉଛି 'ଡାର ସେ ବିଛୁଡି', 'ମିତ୍ରୋମରଜାନି', 'ସୁରଜମୁଖୀ ଅନ୍ଧେରେ କେ', 'ଜିନ୍ଦଗୀନାମା', 'ଦିଲୋଦାନିସ୍', 'ତିନ୍ ପାହାଡ଼' ଓ 'ସମୟ ସରଗମ୍' । କ୍ରିଷ୍ଣା ସୋବ୍‌ତି ସର୍ବଦା ଚେଷ୍ଟା କରିଛନ୍ତି ଯେ 'ନାରୀ' ତା'ର 'ଦେବୀ' ଆସନରୁ ତଳକୁ ଓହ୍ଲାଇ ଆସୁ । ଏକ ସାଧାରଣ ଜୀବନ ବଞ୍ଚୁ । ସର୍ବଦା ମହାନ୍ ସହନଶୀଳ ଓ ତ୍ୟାଗର ପ୍ରତିମୂର୍ତ୍ତି ହେବାର କୌଣସି ଆବଶ୍ୟକତା ନାହିଁ । ତେଣୁ କେଉଁଠି ସେ 'ଡାର ସେ ବିଛୁଡ଼ି' ଉପନ୍ୟାସରେ ନାରୀକୁ 'ଦେବୀ'ର ମାନ୍ୟତା ଦେଇ ଗଢିଲାବେଳେ ପରମୁହୂର୍ତ୍ତରେ ନାରୀକୁ 'ମିତ୍ରୋ' ରୂପରେ ସାଧାରଣ ମଣିଷ କରି ଗଢିଛନ୍ତି ।

କ୍ରିଷ୍ଣା ସୋବ୍‌ତିଙ୍କର ପ୍ରଥମ ଉପନ୍ୟାସ 'ଡାର ସେ ବିଛୁଡ଼ି'ରେ ମୁଖ୍ୟ ଚରିତ୍ର 'ପାଶୋ' ଯାହାର ଜନ୍ମ ଏକ ରକ୍ଷଣଶୀଳ ପରିବାରରେ ହୋଇଛି । ପାଶୋର ମା' ବିଧବା ହେଲାପରେ ଅନ୍ୟ ଜଣେ ମୁସଲମାନ ପୁରୁଷ 'ଶେଖଜି'ଙ୍କୁ ବିବାହ କରି ଚାଲିଯାଏ । ପାଶୋ ସେତେବେଳେ ଛୋଟ ଶିଶୁକନ୍ୟା । ମା' ଗଲାପରେ ମାମୁ ଘରେ ତା'ର ଜୀବନ କଟେ । ମା' କରିଥିବା ଭୁଲର ଦଣ୍ଡ ତାକୁ ମିଳେ । ବିଭିନ୍ନ ପ୍ରକାର କଟକଣା, ଶାରୀରିକ ଯନ୍ତ୍ରଣା ସହିବାକୁ ପଡ଼େ । ତା'ର ଆଈ ତାକୁ ବାରମ୍ବାର କହୁଥାଏ "ସଂଭଲ କରରି ଏକ ବାର ପାଓଁ ଥିରକା, ଜିନ୍ଦେଗାନୀ ଧୂଲ୍ ମେଁ ମିଲାଦେଗା ।"[୧] ପାଶୋ ମଧ୍ୟ ଆଈ କଥାକୁ ସତ୍ୟ ରୂପେ ଗ୍ରହଣ କରିନେଇଛି ।

ମାମୁ ଘରର ଅତ୍ୟାଚାରରୁ ମୁକ୍ତି ପାଇଁ ଦିନେ ପାଶୋ ତା'ର ମା' ପାଖକୁ ଖସି ପଳାଇ ଯାଇଛି । ସେଠାରେ ଶେଖଜି ତା'ର ବିବାହ ଏକ ବୟସ୍କ ଦିବାନଙ୍କ ସହିତ କରାଇଛନ୍ତି । ଦିବାନ୍‌ଙ୍କୁ ବିବାହ କରି ପାଶୋ ନିଜକୁ ଦିବାନ୍‌ଙ୍କ ଦାସୀ ଭାବରେ ଗ୍ରହଣ କରିନେଇଛି । ହଠାତ୍ ଦିବାନଙ୍କ ମୃତ୍ୟୁ ହେବାରୁ ପାଶୋକୁ ଅନେକ ଦୁର୍ଗତିର ସାମ୍ନା କରିବାକୁ ପଡ଼ିଛି । ତା'ର ଦିଅର ଆସି ସମସ୍ତ ସଂପତ୍ତିକୁ ନିଜ ଅଧିନସ୍ଥ କରିଛି । ପାଶୋକୁ ବଳାତ୍କାର କରିଛି । କୌଣସିରେ ପ୍ରତିବାଦ କରି ନାହିଁ ପାଶୋ । ଶେଷରେ ତା'ର ଦିଅର ତାକୁ ଏକ ଧନୀକ ଘରେ ବିକ୍ରି କରିଦେଇଛି । ସେ ନୂତନ ଘରେ ପାଶୋକୁ ନର୍କ ଯନ୍ତ୍ରଣା ମିଳିଛି । ତା'ର ନୂତନ ମାଲିକ ପାଶୋକୁ କହିଛି, "ଭାଗଭରୀ ୟେ ଘରବାର ସଂଭାଲ ଔର ଦ୍ରୌପଦୀ ବନକର ସେବା କର ମେରେ ଔର୍ ମେରେ ବେଟୋଁ କି ।"[୨] ନୂତନ ମାଲିକର ତିନିପୁତ୍ର ତା'ର ଶରୀରକୁ ଭୋଗ କରନ୍ତି ଏବଂ ତାକୁ ଖୁବ୍ ମାଡଗାଳି ମଧ୍ୟ ଦିଅନ୍ତି । ଏହିପରି ସୀମାହୀନ ଯନ୍ତ୍ରଣା ପାଇଚାଲେ ପାଶୋ । ସର୍ବଂସହା ହୋଇଯାଏ । ଶେଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗଦେବା ପାଇଁ ଆସିଥିବା ତା'ର ନୂଆ ମାଲିକର ମଝିଆ ପୁଅ ସହିତ ପାଶୋ ମଧ୍ୟ ଚାଲିଆସେ । ଏହି ଯୁଦ୍ଧ ଭୂମିରେ ମଝିଆ ପୁଅର ମୃତ୍ୟୁ ହୁଏ ଓ ପାଶୋ ଯନ୍ତ୍ରଣାର ମଧ୍ୟ ଅନ୍ତ ହୁଏ । ସେଠାରେ ତା'ର ଭାଇ ଅର୍ଥାତ୍ ଶେଖଜିଙ୍କ ପୁଅର ସାକ୍ଷାତ୍ ହୁଏ । ତା'ର ଭାଇ ତାକୁ ତା'ର ମା' ପାଖକୁ ନେଇଯାଏ । ପାଶୋ ପୁଣି ତା'ର ମା' ପାଖକୁ ଫେରିଯାଏ ।

ISSN NO.
2582-208X

'ତାର୍ ସେ ବିଛୁଡ଼ି' ଉପନ୍ୟାସର ରଚନା ସମୟ ୧୯୫୮ ମସିହା । ଉକ୍ତ ସମୟରେ ଭାରତ ସ୍ୱାଧୀନ ହୋଇଥିଲା ସତ କିନ୍ତୁ ନାରୀମାନଙ୍କର ସ୍ଥିତିରେ କୌଣସି ଉନ୍ନତି ହୋଇନଥିଲା । ନାରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ତା'ର ପରାକାଷ୍ଠା ଦେଖାଇ ପାରିଥିଲା, ହେଲେ ନିଜର ଅଧିକାର ସମ୍ବନ୍ଧରେ ସେ ଆଦୌ ଚିନ୍ତା କରିନଥିଲା । ସ୍ୱାଧୀନତା ପରବର୍ତ୍ତୀ ସମୟଟା ଥିଲା ନାରୀ ନିଜ ପାଇଁ ଚିନ୍ତା କରି ନଥିବାର ସମୟ । ସମୟ ଉପଯୋଗୀ ରଚନା ହେଉଛି ଏହି ଉପନ୍ୟାସ । ନାରୀ କଷ୍ଟର ଏତେ ନଗ୍ନ ଚିତ୍ର ଏଠାରେ ବର୍ଣ୍ଣିତ ହେଉଛି ଯେ ମନେହୁଏ ନାରୀ ପାଇଁ ଏବେବି ସଂଗ୍ରାମ କରିବା ଅନିବାର୍ଯ୍ୟ ।

କ୍ରିଷ୍ଣା ସୋବ୍ତିଙ୍କ ଅନ୍ୟ ଏକ ବିଶିଷ୍ଟ ଉପନ୍ୟାସ 'ମିତ୍ରୋ ମରଜାନୀ'ରେ ନାରୀକୁ ଏପରି ମୁକ୍ତ ଭାବରେ ବର୍ଣ୍ଣନା କରିଛନ୍ତି ଯେ ମନେହୁଏ ନାରୀ ପ୍ରକୃତରେ ସ୍ୱାଧୀନ ଦିଗକୁ ଆଗେଇ ଚାଲିଛି । ନାରୀ ମୁକ୍ତ । ସେ ନିଜ ଇଚ୍ଛାକୁ ମୁକ୍ତ ଭାବରେ ପ୍ରକାଶ କରିଛି । ନିଜ ଶରୀରର କ୍ଷୁଧାକୁ ତା'ର ସ୍ୱାମୀ ସନ୍ତୁଷ୍ଟ କରିପାରୁ ନାହିଁ ବୋଲି ପ୍ରକାଶ କରିବାରେ ତା'ର କୌଣସି ସଂକୋଚ ନାହିଁ । ଏହି ଉପନ୍ୟାସର ନାୟିକା 'ମିତ୍ରୋ' ନିଜର ବସ୍ତ୍ର ଖୋଲି ନିଜର ରୂପରେ ନିଜେ ମୁଗ୍ଧ ହୋଇଛି । ନିଜ ରୂପର ନିଜେ ପ୍ରଶଂସା କରିଛି । ନିଜର ଅଦମ୍ୟ ଯୌନଇଚ୍ଛାକୁ ସେ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିପାରିଛି । ପରଂପରାରେ ବନ୍ଦୀ ଏହି ସମାଜକୁ ସେ ପ୍ରତିବାଦ କରିଛି ଏବଂ କହିଛି, "ଜିନ୍ଦାଜାନ୍ ଯେ କୈସା ବେପାର ? ଅପନେ ଲଡକେ ବିଜ୍ ଡାଲେ ତୋ ପୂଣ୍ୟ, ଦୁଜେ ଡାଲେ ତୋ କୁକର୍ମ ।"[୩] ନିଜର ରୂପକୁ ନେଇ ସେ ନିଜର ପ୍ରଶଂସା କରି ତା'ର ଯେଠାନିକୁ କହିଛି, "ସଚ୍ କହନା ଯେଠାନି କ୍ୟା ଯେସି ଛାତିୟାଁ କସି ଓର୍ କି ଭି ହେ ।"[୪]

କ୍ରିଷ୍ଣା ସୋବ୍ତି ଏଠାରେ ମିତ୍ରୋର ଦୁଇଟି ରୂପ ଦେଖାଇଛନ୍ତି । ପ୍ରଥମତଃ ସେ ପରଂପରା ଓ ରକ୍ଷଣଶୀଳ ସମାଜର ବିଦ୍ରୋହୀ ହୋଇଛି । ଅନ୍ୟଟି ସେ ନାରୀ ସୁଲଭ ଗୁଣରେ ମଧ୍ୟ ପରିପୂର୍ଣ୍ଣ । ତା'ର ମନରେ ମଧ୍ୟ ମା' ହେବାର ଇଚ୍ଛା ଅଛି । ସ୍ନେହ, ମମତା ମଧ୍ୟ ମନରେ ଜାତ ହୋଇଛି । ଉପନ୍ୟାସର ଶେଷରେ ମିତ୍ରୋ ନିଜର ଯୌନକ୍ଷୁଧାକୁ ଶାନ୍ତ କରିବା ପାଇଁ ବାହାରୁଥିବା ସମୟରେ ସ୍ୱାମୀର ଚିନ୍ତା ମନରେ ଆସିଛି । ସ୍ୱାମୀ ପ୍ରତି ତା'ର ପ୍ରେମ ଭାବନା ଜାତ ହୋଇଛି । ତେଣୁ ସେ ତା'ର ପୁରୁଣା ପ୍ରେମିକ 'ଡିପ୍‌ଟି' ପାଖକୁ ଆଉ ଯାଇପାରିନି ।

କ୍ରିଷ୍ଣା ସୋବ୍ତିଙ୍କର ଏକ ଲଘୁ ଉପନ୍ୟାସ ହେଉଛି 'ସୂରଜ୍ ମୁଖୀ ଅନ୍ଧେରେ କେ' । ଏହି ଉପନ୍ୟାସରେ ଶୈଶବ କାଳର ବଳାତ୍କାରର ଶୀକାର ହୋଇଥିବା 'ରତି'ର କାହାଣୀ ବର୍ଣ୍ଣିତ । ମନଭୁଲାଣିଆ ବାଲ୍ୟକାଳ । ଉକ୍ତ ସମୟରେ ବଳାତ୍କାରିତ ହୋଇଛି ରତି । ଦୁନିଆକୁ ଜାଣି ନଥିବା ରତି ସ୍କୁଲ ଯାଏ । ସ୍କୁଲ ସାଙ୍ଗସାଥୀଙ୍କ ଦ୍ୱାରା ତିରସ୍କୃତ ହୁଏ । ତାକୁ ସମସ୍ତେ ଖରାପ ଝିଅ କୁହନ୍ତି । ସେ ବଡ଼ ହୋଇଗଲା ପରେ ମଧ୍ୟ ତା'ର ସାଙ୍ଗମାନଙ୍କର ମନୋଭାବରେ ପରିବର୍ତ୍ତନ ଆସେନି । ତା'ର ସହପାଠୀମାନେ ତାକୁ ବ୍ୟଙ୍ଗ କରନ୍ତି ନଚେତ କାମୁକ ଦୃଷ୍ଟିରେ ଦେଖନ୍ତି । ଏଭଳି କଥା ଓ ବ୍ୟବହାର ରତି ମନ ମଧ୍ୟରେ ଏପରି ଧାରଣା ସୃଷ୍ଟି କଲା ଯେ ସେ ନିଜ ମଧ୍ୟରେ ନିଜକୁ ଏକ ଖରାପ ଝିଅ କହିବାକୁ ଲାଗିଲା । ରତି କହିଛି "ରତି ଅଛି ଲଡକି ନହିଁ । ରତି ଗିଲି ଲଡକି ହେ, ଜବ୍ ଭି ଜଲେଗି ଧୂଆଁ ଦେଗି, ସିର୍ଫ ଧୂଆଁ ।"[୫]

ଏହି ଉପନ୍ୟାସରେ ମାନସିକ ସ୍ତରରେ ଗଭୀର ଭାବରେ ଆହତ ହୋଇଛି ରତି । ପୁରୁଷ ବଳାତ୍କାର କରିବ କିନ୍ତୁ ଦୋଷୀ ନାରୀ ହିଁ ହେବ । ଏପରି ମାନସିକ ଆଘାତ ଦ୍ୱାରା ରତି ଧିରେ ଧିରେ ପଥର ହୋଇଯାଇଛି । ନିଜ ଶରୀରକୁ କାହା ପାଖରେ ସଂପୂର୍ଣ୍ଣ ସମର୍ପଣ କରିବାକୁ ସେ ଅସମର୍ଥ ହୋଇଛି । ସମସ୍ତ ପୁରୁଷ ଯିଏ ତା'ର ସଂସ୍ପର୍ଶରେ ଆସିଛି ତା'ଠାରୁ ପ୍ରଥମେ ସେ ନିଜ ପାଇଁ ସମ୍ମାନ ଚାହିଁଛି ଏବଂ ଏପରି ଏକ ପୁରୁଷର ଅପେକ୍ଷା କରିଛି; ଯାହା ପ୍ରତି ତା'ର ଶରୀର ସମର୍ପିତ ହେବ । ଶେଷରେ ସେ ତା'ର ଇଚ୍ଛିତ ପୁରୁଷ 'ଦିବାକର'କୁ ପାଇଛି ।

ଏହି ଉପନ୍ୟାସରେ ବିଶେଷ ଭାବରେ ନାରୀର ମାନସିକ ସଂବେଦନା ବିଷୟରେ ବର୍ଣ୍ଣନା କରାଯାଇଛି । ବାଲ୍ୟକାଳରେ ବଳାତ୍କାରର ଶୀକାର ହୋଇଥିବା ଝିଅ ମାନସିକ ସ୍ତରରେ କିପରି ନିଜକୁ ଏହି ସମାଜ ମଧ୍ୟରେ ଖାପ ଖୁଆଇଛି, ତା'ର ବର୍ଣ୍ଣନା ଆମେ ଏ ଉପନ୍ୟାସରେ ଦେଖିବାକୁ ପାଇବା ।

ISSN NO.
2582-208X

କ୍ରିଷ୍ଣା ସୋବ୍ତିଙ୍କ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଉପନ୍ୟାସ 'ଜିନ୍ଦେଗିନାମା' । ଏହି ଉପନ୍ୟାସକୁ ସେ ଗୋଟିଏ ଚରିତ୍ର ବା ଗୋଟିଏ ପରିବେଶରେ ସୀମିତ ରଖିନାହାନ୍ତି । ଏଥିରେ ସେ ସଂପୂର୍ଣ୍ଣ ପଞ୍ଜାବର ରୀତି, ନୀତି, ଚଳଣି ଓ ସଂସ୍କୃତି ବିଷୟରେ ଅନେକ ବର୍ଣ୍ଣନା ରହିଅଛି ।

ଏହି ଉପନ୍ୟାସରେ ସାହ ଓ ସାହନୀ ଦଂପତି ନିଃସନ୍ତାନ ଥିଲେ । ଗୋଟିଏ ନାରୀର ଯଦି ସନ୍ତାନ ନ ହୁଏ ତେବେ ମନରେ ଅଜଣା ଭୟ ଥାଏ, କାଳେ ତା'ର ସ୍ୱାମୀ ଅନ୍ୟତ୍ର ବିବାହ କରିନେବେ । ଏପରି ଭୟ ସାହିନୀ ନିକଟରେ ଦେଖିବାକୁ ମିଳେ । ସୌଭାଗ୍ୟକୁ ସାହାନୀ ଗର୍ଭବତୀ ହେବାରୁ ଏ ଭୟ ଦୂର ହେଲା । ସାହାନୀ ଏକ ପୁତ୍ର ସନ୍ତାନ ଜନ୍ମ କଲା । ଏହି ଉପନ୍ୟାସରେ ଦିୱାଲି, ବୈଶାଖି ସବୁ ପର୍ବପର୍ବାଣିର ଅତି ସୁନ୍ଦର ଭାବରେ ପରିବେଶିତ ହୋଇଛି ।

ସାହାନୀ ତା'ର ପୁଅ 'ଲାଲିସାହ'ର ଯତ୍ନ ନେବାପାଇଁ ରବିୟାକୁ ଘରକୁ ଆସିଛି । ସାହଜୀ ଯେହେତୁ ଜଣେ ଉତ୍ତମ ଗୁଣବାନ ପୁରୁଷ ଥିଲେ, ରବିୟା ତାଙ୍କୁ ଭଲପାଇଛି । ରବିୟା ନିଜର ମନୋଭାବକୁ ସାହାଜୀଙ୍କ ସମ୍ମୁଖରେ ବିନା ଦ୍ୱିଧାରେ ପ୍ରକାଶ କରିଛି । ଔପନ୍ୟାସିକା ଏଠାରେ ନାରୀର ପ୍ରେମକୁ ଉପକାରର ଛାୟା ତଳେ ଛପିବାକୁ ଦେଇନାହାନ୍ତି । ରବିୟା ମୁକ୍ତ ଭାବରେ ନିଜ ପ୍ରେମକୁ ସାହାଜୀଙ୍କ ପାଖରେ ପ୍ରକାଶ କରିଛି । ରବିୟା 'ଲାଲିସାହ'ର ଯତ୍ନ ନେଲେ ମଧ ତାକୁ ନିଜର ଭାଇ ଭାବରେ ଗ୍ରହଣ କରିପାରି ନାହିଁ । ଏହି ଉପନ୍ୟାସରେ ନାରୀର ଭିତରି ଦୁଃଖ, ପ୍ରେମ ସବୁକିଛି ମୁକ୍ତ ଭାବରେ ପ୍ରକାଶିତ ହୋଇପାରିଛି ।

'ଦିଲୋଦାନିସ୍' କ୍ରିଷ୍ଣା ସୋବ୍ତିଙ୍କର ସମୟସାପେକ୍ଷ ଚଳନିଯୁକ୍ତ ଉପନ୍ୟାସ । ଏହାର ରଚନାର ସମୟ ୧୯୯୩ ମସିହା । ସେ ସମୟରେ ଦିଲ୍ଲୀର ପ୍ରତି ଗଳିରେ ବିବାହିତ ପୁରୁଷମାନେ ରକ୍ଷିତା ରଖି ପାରୁଥିଲେ । ପୁରୁଷମାନଙ୍କ ପାଇଁ ଏଥିନିମନ୍ତେ କୌଣସି ପ୍ରତିବନ୍ଧକ ନଥିଲା । ଅନ୍ୟପକ୍ଷରେ ବିଧବାମାନଙ୍କ ପାଇଁ ଅନେକ ପ୍ରତିବନ୍ଧକ ଥିଲା । ସେମାନେ କୌଣସି ପର୍ବପର୍ବାଣିରେ ଭାଗ ନେଇପାରିବେ ନାହିଁ ଏବଂ ଏକ ସନ୍ନ୍ୟାସିନୀ ପରି ଜୀବନଯାପନ କରିବେ ।

'ଦିଲୋଦାନିସ୍' ଉପନ୍ୟାସର ମୁଖ୍ୟ ଚରିତ୍ର ଓକିଲ 'କୃପା ନାରାୟଣ' । କୃପା ନାରାୟଣଙ୍କ ପତ୍ନୀ ହେଉଛନ୍ତି 'କୁଟୁମ୍ବ ପ୍ୟାରୀ' ଓ ତାଙ୍କ ରକ୍ଷିତାଙ୍କ ନାମ 'ମେହେକ୍ ବାନୋ' । ଜନୈକ ମହିଳା 'ନସିମା ବାନୋ'ର ଏକ କୋଟ୍ କେସ୍‌କୁ ନେଇ ସେ ମେହେକ ବାନୋର ସଂପର୍କରେ ଆସିଥିଲେ । କୃପା ନାରାୟଣ ବିବାହିତ ଥିଲେ ତେଣୁ ସେ ମେହେକ୍ ବାନୋକୁ ଅନ୍ୟ ଏକ ଘରେ ରକ୍ଷିତ ପରି ରଖିଥିଲେ । ବଦରୁ ଓ ମାସୁମା ଦୁଇଟି ସନ୍ତାନ ମଧ ହୋଇ ସାରିଥିଲେ । ଏଠାରେ ଉଭୟ ନାରୀ କୃପା ନାରାୟଣଙ୍କ ବ୍ୟବହାରରେ ବିଚଳିତ । ଗୋଟେପଟେ ପତ୍ନୀ ପତିର ରକ୍ଷିତା ରଖିବାରେ ଅସନ୍ତୁଷ୍ଟ ଅନ୍ୟପକ୍ଷେ ମେହେକ୍ ବାନୋ କେବଳ ଏକ ଭୋଗ୍ୟବସ୍ତୁ ହୋଇ ରହିବାକୁ ଚାହୁଁନାହିଁ । ଧିରେ ଧିରେ ମେହେକ୍ ବାନୋର ଜୀବନ ଅଧିକ ନିଃସଙ୍ଗ ହେବାରେ ଲାଗିଛି । ମେହେକ୍‌ର ପୁଅଝିଅ ବାପାର ଘର ପରିବେଶ ମୋହରେ ପଡି ମା'କୁ ଭୁଲିବାରେ ଲାଗିଛନ୍ତି । ଝିଅର ବିବାହ ଭଲ ଜାଗାରେ ସ୍ଥିର ହୋଇଛି । ମେହେକକୁ ନିଜ ଝିଅର ବିବାହକୁ ଯିବାକୁ ଅନୁମତି ନାହିଁ । ଏପରି ପରିସ୍ଥିତିରେ ମେହେକ୍ ବାନୋର ପ୍ରାଣ କାନ୍ଦିଉଠିଛି । ନିଜର ଆତ୍ମସମ୍ମାନ ଫେରି ପାଇବାକୁ ତା'ର ମନ ବିଦ୍ରୋହ କରିଉଠିଛି । ସେ ନିଜେ ଜଣେ ନାରୀ, ଜଣେ ମା' ତା'ର ମଧ ସମ୍ମାନ ପାଇବାର ଅଛି । ମେହେକ୍ ବାନୋ କୃପା ନାରାୟଣ ସହିତ ସଂପର୍କ ଛିନ୍ନ କରିଛି । ଆକବର ଖାଁକୁ ଗ୍ରହଣ କରିଛି । ଯେତେବେଳେ ସେ କୃପାନାରାୟଣ ଦ୍ୱାରା ଦିଆଯାଇଥିବା ଘରକୁ ପରିତ୍ୟାଗ କରିଛି, ସେତେବେଳେ ସେ ନିଜକୁ ଖୁବ୍ ହାଲକା ଅନୁଭବ କରିଛି । କହିଛି, 'ଭଲା ହମନେ ହି ଇସ୍ କମରେ ସେ ନିକଲନେ ମେ ଇତନି ଦେର କିଉଁ କରଦି ।"[୬]

ମେହେକ୍ ବାନୋ ନିଜକୁ ମୁକ୍ତ କଲାପରେ ଯେଉଁ ଜାଗାମାନଙ୍କୁ ଯିବାଲାଗି ତା'ପାଇଁ ପ୍ରତିବନ୍ଧକ ଥିଲା ସେଠାରେ ସେ ପହଞ୍ଚିପାରିଛି । ନିଜ ଝିଅର ବିବାହରେ ପହଞ୍ଚି ଝିଅକୁ ଆଶୀର୍ବାଦ ଦେଲା । ନିଜ ଆତ୍ମସମ୍ମାନ ପାଇଁ ନାରୀମାନେ ନିଶ୍ଚିତ ପଦକ୍ଷେପମାନ ନେବା ଉଚିତ ବୋଲି ଏହି ଉପନ୍ୟାସର ବକ୍ତବ୍ୟ ।

ISSN NO.
2582-208X

କ୍ରିଷ୍ଣା ସୋବ୍‌ତିଙ୍କର 'ତିନି ପାହାଡ଼' ଉପନ୍ୟାସଟି ଏକ ତ୍ରିକୋଣ ପ୍ରେମ ବିଷୟକ ଉପନ୍ୟାସ । ଏହି ଉପନ୍ୟାସରେ ନାରୀ କିନ୍ତୁ ପରିସ୍ଥିତି ସହିତ ସଂଗ୍ରାମ କରିପାରି ନାହିଁ । ପ୍ରେମ ଜନିତ ମାନସିକ ବ୍ୟଥାକୁ ନେଇ ବଞ୍ଚିବାର ଇଚ୍ଛା ଯେପରି ଚାଲିଯାଇଛି ନାୟିକା ଠାରୁ । ଏହି ଉପନ୍ୟାସର ନାୟିକା 'ଜୟା' ତା'ର ଜୀବନକୁ ସମାପ୍ତ କରିଦେଇଛି ।

'ତିନି ପାହାଡ଼' ଉପନ୍ୟାସର ନାୟିକା 'ଜୟା' ତା'ର ବାଲ୍ୟକାଳରୁ ଶ୍ରୀଦାଙ୍କର ଘରେ ରହିଆସୁଥିଲା । ଶ୍ରୀଦା ଓ ଜୟା ମଧ୍ୟରେ ପ୍ରେମ ସଂପର୍କ ଗଢିଉଠିଲା । ଶ୍ରୀଦାଙ୍କ ମା' ଜୟାକୁ ମୁଦି ପିନ୍ଧାଇ ବୋହୂ ରୂପେ ଗ୍ରହଣ କଲେ । ହେଲେ ଶ୍ରୀଦା ବିଦେଶ ଯାଇ ଫେରିଲାବେଳକୁ ସେଠାରୁ ବିଦେଶୀ ଝିଅକୁ ବିବାହ କରି ଫେରିଲେ । ଏଥିରେ ଜୟା ବ୍ୟଥିତ ହୋଇ ଶ୍ରୀଦାଙ୍କ ଘର ପରିତ୍ୟାଗ କରି ଦାର୍ଜିଲିଂ ଚାଲିଗଲା । ଦାର୍ଜିଲିଂରେ ଜୟା ସହିତ ତପନର ସାକ୍ଷାତ ହୁଏ । ତପନ ଜୟାକୁ ପ୍ରତି କ୍ଷେତ୍ରରେ ସାହାଯ୍ୟ କରେ ଓ ତା'ର ଯତ୍ନ ନିଏ । ଜୟା ଧିରେ ଧିରେ ତପନକୁ ଗ୍ରହଣ କରିବାକୁ ଚାହୁଥିବା ସମୟରେ ଶ୍ରୀଦାଙ୍କର ପୁଣି ଜୟା ଜୀବନରେ ପ୍ରବେଶ ହୁଏ । ଶ୍ରୀଦା ଜୟାକୁ ପୁର୍ନବାର ନିଜ ଘରକୁ ନେଇଯିବା ପାଇଁ ଚାହାଁନ୍ତି । ଶ୍ରୀଦା ତପନକୁ ମଧ୍ୟ ଈର୍ଷାକରେ ତାକୁ ଅପମାନ ଦିଏ । ଜୟା ଏସବୁ ସହ୍ୟ କରିପାରେନା । ସେ ଏହି ଦ୍ୱନ୍ଦ୍ୱ ମଧ୍ୟରେ ଛନ୍ଦିହୋଇ ଆଉ ବଞ୍ଚିବାକୁ ଇଚ୍ଛା କଲା ନାହିଁ । ଶେଷରେ ଜୟା ଏଠାରେ ଆତ୍ମହତ୍ୟାର ପନ୍ଥା ବାଛିନିଏ ।

'ସମୟ ସରଗମ୍' କ୍ରିଷ୍ଣା ସୋବ୍‌ତିଙ୍କର ଭିନ୍ନ ସ୍ୱାଦର ଉପନ୍ୟାସ । ଏହା ବୃଦ୍ଧମାନଙ୍କର ଜୀବନଯାପନକୁ ନେଇ ବର୍ଣ୍ଣିତ । ଏଠାରେ ବୃଦ୍ଧା ଅରଣ୍ୟା ଆଦ୍ୟରୁ ସ୍ୱାଧୀନ ଚିନ୍ତାଧାରା ସଂପନ୍ନା, ଏକଲା ନାରୀ । ବୃଦ୍ଧାବସ୍ଥାକୁ ମଧ୍ୟ ଅରଣ୍ୟା ଖୁବ୍ ଜୀବନ ଦେଇ ଭଲଭାବରେ ବଞ୍ଚିବାକୁ ଚାହିଁଛି । ତା'ର ସମବୟସ୍କ ସାଥିମାନେ ମୃତ୍ୟୁଭୟ ଓ ମୃତ୍ୟୁର ପ୍ରତୀକ୍ଷାରେ ବଞ୍ଚୁଥିବାବେଳେ ସେ କୁହେ ମୃତ୍ୟୁ ତ ସମସ୍ତଙ୍କ ପାଇଁ ଆସିବ, ତା'ପାଇଁ ଏତେ ପ୍ରତୀକ୍ଷା କ'ଣ, ଏତେ ଡର କ'ଣ ?

ଏହି ଉପନ୍ୟାସର ନାୟକ ବୃଦ୍ଧ 'ଈଶାନ୍' । ଅରଣ୍ୟା ଇ ଈଶାନ୍ ଦୁଇଜଣ ଗୋଟିଏ ଫ୍ଲାଟ୍‌ରେ ରୁହନ୍ତି । ଈଶାନ୍ ପରଂପରାବାଦୀ ବୃଦ୍ଧ ଏବଂ ଅରଣ୍ୟା ମୁକ୍ତିବାଦିନୀ ନାରୀ । ଦୁଇଜଣଙ୍କର ଚିନ୍ତାଧାରା ଭିନ୍ନ ହେଲେ ମଧ୍ୟ ପରସ୍ପର ଏକ ଅଜଣା ପ୍ରେମ ଡୋରୀରେ ଆବଦ୍ଧ ହୋଇଯାଆନ୍ତି । ଗୋଟିଏ ଫ୍ଲାଟ୍‌ରେ ରହୁଥିବାରୁ ଏକସଂଗେ ଚା'ପିଆ, ପ୍ରାତଃଭ୍ରମଣ, ଭୋଜନ ଓ ବିଭିନ୍ନ ପ୍ରକାର କାମ ଜନିତ ସାକ୍ଷାତ୍ ଦ୍ୱାରା ଭିନ୍ନ ଦୁନିଆରେ ଦୁଇଜଣ ନିଜକୁ ଅଧିକ ନିବିଡ଼ ଭାବରେ ଅନୁଭବ କରନ୍ତି । ଅରଣ୍ୟା ଈଶାନ ସଂସ୍ପର୍ଶରେ ଆସି ଆଉ ଏକଲା ରହିପାରେ ନାହିଁ । ଏତେଦିନର ଏକଲା ଜୀବନ ଆଉ ତାକୁ ଭଲଲାଗିଲା ନାହିଁ । ଅରଣ୍ୟା ଈଶାନ୍ ସହ ତା'ର ବାକି ଜୀବନ କାଟିବାକୁ ଚାହିଁଲା । କିନ୍ତୁ ସର୍ବଦା ସ୍ୱାଭିମାନରେ ଚଳିଆସୁଥିବା ଅରଣ୍ୟା ଈଶାନ୍‌ର ଚାକରମାନଙ୍କ ପ୍ରତି ବ୍ୟବହାରରେ ବ୍ୟଥିତ ହୋଇଛି । ନିଜକୁ ଈଶାନ୍‌ର ବନ୍ଧନରୁ ମୁକ୍ତ କରି ପୁଣି ଏକ ମୁକ୍ତ ଜୀବନ ବଞ୍ଚିବାକୁ ଆଗେଇ ଯାଇଛି ।

କ୍ରିଷ୍ଣା ସୋବ୍‌ତିଙ୍କ ଉପନ୍ୟାସରେ ନାରୀବାଦୀ ଚେତନା ଖୁବ୍ ସ୍ପଷ୍ଟ । ସ୍ୱାଧୀନତା ପରେ ପରେ ପ୍ରକାଶିତ ତାଙ୍କର ଉପନ୍ୟାସ ଗୁଡ଼ିକରେ ସମୟ ଉପଯୋଗୀ ନାରୀବାଦୀ ଚିନ୍ତାଧାରାକୁ ଉପସ୍ଥାପିତ କରିଛନ୍ତି । ନାରୀର ସ୍ଥିତି, ମନୋସ୍ଥିତି ଓ ସଂଘର୍ଷର ବର୍ଣ୍ଣନା ରହିଛି ଏହି ଉପନ୍ୟାସ ଗୁଡ଼ିକରେ । ନାରୀ ପାଇଁ ଯେତେ ଆଇନ୍‌କାନୁନ, ନିୟମ ହେଲେ ମଧ୍ୟ ନାରୀ ଶୋଷଣର ଅନ୍ତ ନାହିଁ । ଯେପରି ସତୀଦାହ ପ୍ରଥା ୧୮୨୯ ମସିହାରେ ଲର୍ଡ ବେଣ୍ଟିକ୍ ଉଚ୍ଛେଦ କରିଥିଲେ, କିନ୍ତୁ ଏହି ନିମୟ ଲାଗୁ ହେବାର ଶହେବର୍ଷ ପରେ ମଧ୍ୟ ୧୯୮୭ ମସିହାରେ 'ରୂପକୁଅଁର'କୁ ସତୀ କରିଦିଆଗଲା । ସେହିପରି ନାରୀବାଦୀମାନଙ୍କ ଦ୍ୱାରା ସଂଘର୍ଷ ହୁଏ, ନୂଆ ନିୟମ ଲାଗୁହୁଏ । ତଥାପି 'ଡାର ସେ ବିଛୁଡ଼ି' ଉପନ୍ୟାସର ପାଶୋ ପରି ନାରୀ ଦୁଃଖର ଅନ୍ତ ହୁଏ ନାହିଁ । ଭାରତର ହିମାଚଳ ପ୍ରଦେଶ ଓ ଉତ୍ତରପ୍ରଦେଶରେ କନ୍ୟାଭ୍ରୁଣ ହତ୍ୟା ଅଧିକ ହେବାରୁ କନ୍ୟା ସଂଖ୍ୟାରେ ହ୍ରାସ ଘଟେ । ତେଣୁ ଗୋଟିଏ ନାରୀକୁ ଦୁଇ ତିନିଜଣ ପୁରୁଷ ବିବାହ କଲେ, ନାରୀର ସମ୍ମାନ ରହିଲା ନାହିଁ । 'ପାଶୋ' ତା' ଦିଅର ଦ୍ୱାରା ବୃଦ୍ଧ ଦିୱାନ ପାଖରେ ବିକ୍ରି ହୋଇ ବୃଦ୍ଧର ତିନି ପୁଅକୁ ବିବାହ କରେ ଓ ଦ୍ରୌପଦୀ ପରି ପତିସେବା ପାଇଁ ନିର୍ଦ୍ଦେଶ ପାଏ ।

ଭାରତ ସ୍ୱାଧୀନ ହେବା ସହିତ ନାରୀ ତା'ର ନିଜସ୍ୱ ମୁକ୍ତି ପାଇଁ ସଂଗ୍ରାମ କରିଛି, ତଥାପି ଶୋଷଣ ଚାଲିଛି । 'ଡାର ସେ ବିଛୁଡ଼ି' ଉପନ୍ୟାସର 'ପାଶୋ' ଏହାର ମୁଖ୍ୟ ଉଦାହରଣ । ସେହିପରି ସମୟ ସହିତ ଖାପଖୁଆଇ ନାରୀ ଦିନେ ମୁହଁ

ISSN NO.
2582-208X

ଖୋଲିଛି । ତା'ର ଇଚ୍ଛାକୁ ସର୍ବସମ୍ମୁଖରେ ପ୍ରକାଶ କରିବାକୁ ସେ କୁଣ୍ଠାପ୍ରକାଶ କରିନାହିଁ । ଯେତେବେଳେ ଦ୍ୱିତୀୟ ପର୍ଯ୍ୟାୟ ନାରୀବାଦୀ ଆନ୍ଦୋଳନ ହେଲା ସେହି ସମୟର ବିଶିଷ୍ଟ ନାରୀବାଦୀ ନେତ୍ରୀ 'ବେଟୀ ଫ୍ରାଇଡେନ୍' ନାରୀର ଅଧିକାର ଉପରେ ଦାବି କରିଥିଲେ ଯେ ନାରୀର ନିଜ ଦେହ ଉପରେ ନିଜସ୍ୱ ଅଧିକାର ରହିବା ଆବଶ୍ୟକ । ଏଠାରେ 'ମିତ୍ରୋ ମରଜାନୀ' ଉପନ୍ୟାସର ମୁଖ୍ୟ ଚରିତ୍ର ସଂପୂର୍ଣ୍ଣ ରୂପେ ମୁକ୍ତ । ସେ କେଉଁଠି ସ୍ୱାମୀ ତା'ର ଦେହର କ୍ଷୁଧାକୁ ତୁଷ୍ଟ କରିପାରୁନି ବୋଲି କହିପାରୁଛି ତ କେଉଁଠି ନିଜ ଶରୀରକୁ ଦର୍ପଣ ସମ୍ମୁଖରେ ଦେଖି ମୁଗ୍ଧ ହୋଇ କହିପାରୁଛି ଯେ ଏପରି ଛାତି କାହାରି ନଥିବ ।

ଆମ ସ୍ୱାଧୀନ ଭାରତରେ ଅନେକ ବଳାତ୍କାର ଘଟଣା ଛାତିକୁ ଥରାଇଦିଏ । ଏହାପରେ ଆନ୍ଦୋଳନ ହୁଏ, ନିୟମ କାନୁନ୍ ହୁଏ । ୧୯୭୮ରେ ହାଇଦ୍ରାବାଦର ଏକ ମୁସଲମାନ ମହିଳା 'ରମିଜା ବିବି' ପୋଲିସ୍‌ମାନଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲା । ତା'ର ରିକ୍ସାବାଲା ସ୍ୱାମୀକୁ ମଧ ହତ୍ୟା କରିଦିଆଗଲା । ଏହାର ପ୍ରତିବାଦରେ ୨୨ ହଜାର ରିକ୍ସାବାଲା ଆନ୍ଦୋଳନ କଲାପରେ ଅଭିଯୁକ୍ତଙ୍କୁ ଦଣ୍ଡ ଓ ନୂତନ ଆଇନ୍ ଲାଗୁହେଲା । ତଥାପି ଏବେ ମଧ ଚାଲିଛି ଏ ଘୃଣ୍ୟକାର୍ଯ୍ୟ । କ୍ରିଷ୍ଣା ସୋବ୍‌ତିଙ୍କ ଉପନ୍ୟାସ 'ସୁରଜମୁଖି ଅନ୍ଧେରେ କେ'ରେ ରତି ତା'ର ବାଲ୍ୟକାଳରେ ବଳାତ୍କାରର ଶିକାର ହୋଇଛି । ସେ ସମାଜ ଓ ତା'ର ସାଙ୍ଗସାଥି ଦ୍ୱାରା ତିରସ୍କୃତ ହୋଇଛି । ଯେତେ ନିୟମ କାନୁନ୍ ହେଲେ ମଧ ସମାଜର ଏହି ତିରସ୍କୃତ ନୀତିକୁ ପ୍ରତିହତ କରିବାରେ ଅସଫଳ ।

ସ୍ୱାଧୀନତା ପୂର୍ବରୁ ଆରମ୍ଭ କରି ପର ପର୍ଯ୍ୟନ୍ତ ଧନୀକ, ସାମନ୍ତ ଓ ଜମିଦାରମାନେ ରକ୍ଷିତା ରଖୁଥିଲେ । ଦିଲୋଦାନିସ ଉପନ୍ୟାସରେ ଏହା ଦେଖିବାକୁ ମିଳେ । ଏଥିରେ ଗୋଟିଏ ରକ୍ଷିତାର ଦୁର୍ବିସହ ଜୀବନ ବର୍ଣ୍ଣିତ । ତା'ର ସନ୍ତାନମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ମିଶିବାର ସୁଯୋଗ ଅଛି । ସେମାନେ ଗ୍ରହଣୀୟ; କିନ୍ତୁ ରକ୍ଷିତା ଘର ଚାରିକାନ୍ଥ ମଧରେ ରହିବ । କୌଣସି ଦାବି କରିପାରିବ ନାହିଁ । କେବଳ ପୁରୁଷକୁ ଶରୀର ସୁଖ ପ୍ରଦାନ କରିବ । ଦିଲୋଦାନିସ୍‌ର ମେହେକ୍ ବାନୋ ଏପରି ଏକ ଚରିତ୍ର । ପୁରୁଷ ଯିଏ ଘରେ ପତ୍ନୀ, ବାହାରେ ରକ୍ଷିତା ରଖିବ, ତା'ପାଇଁ କିଛି ବି ନିୟମକାନୁନ୍ ନାହିଁ । ନାରୀ ପାଇଁ ଅଛି ଅନେକ ଶୋଷଣର ସମାଜଗଢ଼ା ନିୟମ ।

ଯୁଗ ପରିବର୍ତ୍ତନ ହେଉଛି । ନାରୀମାନେ ନାରୀବାଦୀ ଚେତନାରେ ଜାଗ୍ରତ ହେଉଛନ୍ତି । ସଂଗ୍ରାମ ଚାଲିଛି । କିଛିଟା ସୁଧାର ଆସିଲେ ମଧ ନାରୀର ଶୋଷଣ ଚାଲିଛି । ଔପନ୍ୟାସିକା କ୍ରିଷ୍ଣା ସୋବ୍‌ତି ତାଙ୍କର ଉପନ୍ୟାସରେ ନାରୀକୁ ଭିନ୍ନ ଭିନ୍ନ ରୂପରେ ସଂଗ୍ରାମୀ କରି ଏ ସମାଜରେ ଛିଡ଼ା କରାଇଛନ୍ତି ।

### ପ୍ରାନ୍ତଟୀକା


୧. ସୋବ୍‌ତି କ୍ରିଷ୍ଣା, 'ଡାରସେ ବିଛୁଡ଼ୀ', ନିୟୂଦିଲ୍ଲୀ, ରାଜକମଲ ପ୍ରକାଶନ, ୨୦୨୧, ପୃ-୯୧ ।

୨. ସୋବ୍‌ତି କ୍ରିଷ୍ଣା, 'ଡାରସେ ବିଛୁଡ଼ୀ', ନିୟୂଦିଲ୍ଲୀ, ରାଜକମଲ ପ୍ରକାଶନ, ୨୦୨୧, ପୃ-୮୧ ।

୩. ସୋବ୍‌ତି କ୍ରିଷ୍ଣା, 'ମିତ୍ରୋ ମରଜାନୀ', ନିୟୂଦିଲ୍ଲୀ, ରାଜକମଲ ପ୍ରକାଶନ, ୨୦୨୧, ପୃ-୬୪ ।

୪. ସୋବ୍‌ତି କ୍ରିଷ୍ଣା, 'ମିତ୍ରୋ ମରଜାନୀ', ନିୟୂଦିଲ୍ଲୀ, ରାଜକମଲ ପ୍ରକାଶନ, ୨୦୨୧, ପୃ-୧୯ ।

୫. ସୋବ୍‌ତି କ୍ରିଷ୍ଣା, 'ସୂରଜମୁଖୀ ଅନ୍ଧେରେ କେ', ନିୟୂଦିଲ୍ଲୀ, ରାଜକମଲ ପ୍ରକାଶନ, ୨୦୧୮, ପୃ-୧୭ ।

୬. ସୋବ୍‌ତି କ୍ରିଷ୍ଣା, 'ଦିଲୋଦାନିସ୍', ନିୟୂଦିଲ୍ଲୀ, ରାଜକମଲ ପ୍ରକାଶନ, ୨୦୧୩, ପୃ-୨୦୭ ।


କେଉଁଝର
ମୋ: ୯୪୩୯୮୯୧୦୬୯

ISSN NO.
2582-208X

# ସଞ୍ଜ ନଇଁ ନଇଁ ଯାଏ



ଭାରତୀ ମୁଦୁଲି

ସଞ୍ଜ ନଇଁ ନଇଁ ଯାଏ
ବୟସ ଗଡ଼ିଲା ପରି
ଚାଖୁଣ୍ଡା ପତ୍ର ଶୋଇପଡ଼େ
ଆଉ ପୂର୍ବାକାଶେ ତାରା ସବୁ
ଧପ୍ ଧପ୍ ହେବାକୁ ଇଚ୍ଛା କରନ୍ତି
ଲାଲ ଫରୁଆ ବିଞ୍ଚି ଯେତେବେଳେ
ଦିବାକର ବିଛେଇ ଥାଏ କରସମୂହ
ସେଇ ଚାଦର ଉପରେ
ଖଗ ଫେରନ୍ତି ବସା ମୁହାଁ ହୋଇ
ସେଇ ମଇଁଷି ଗୋଠର
ଗୋବର ଆଉ ପଚପଚ ଭିତରେ ବି
ପଶ୍ଚିମ ଆକାଶ ଟାଣିନିଏ
ଆଖି ଦୁଇଟାକୁ ଚୁମ୍ବକ ପରି
ସେଇ ସଞ୍ଜ ନଇଁ ଯାଏ
ଗୋଟେ ଆଉ ନୂଆ ସକାଳ
ନେଇ ଆସିବାକୁ
କାହାର ଦୁର୍ଭାଗ୍ୟ ଘେନି
ପୁଣି କାହାର ସୌଭାଗ୍ୟ ଘେନି
ତା'ର ପ୍ରତିକାର ବି
ଭଗବାନ୍ ଜାଣନ୍ତି
ହେଲେ ହୁଏତ କେହି ଅଟକାଏ

ଗବେଷିକା, ଓଡ଼ିଆ ବିଭାଗ
ରମାଦେବୀ ମହିଳା
ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଭୂମି'ର ଶୁଭ ଜନ୍ମଦିନେ



ଅମରନାଥ ବାରିକ

ଅନେକ ଜପ ତପ ଫଳେ
ପାଇଛୁ ତୋତେ ଆମ କୋଳେ ।
ତୁ ଆମ ହୃଦୟ ଶଙ୍ଖାଳି
ନୟନ ମଣି ଗଳା ମାଳି ।
ଶ୍ରୀକୃଷ୍ଣ ପ୍ରଭୁ ପାଦ ତଳେ
ନିତି ପ୍ରଣତି ମୁହିଁ ଢାଳେ ।
ନ ଲାଗୁ ତୋ ଦେହରେ ଧୂଳି
ଦୟା କରନ୍ତୁ ବନମାଳି ।
ଦୁଃଖ ଶୋକର ଛାୟା ମାତ୍ର
ନଛୁଉଁ ହୁଅ ସୁଖେ ପାତ୍ର ।
କା ସଙ୍ଗେ ନକରିବ କଳି
ଥିବ ସଭିଙ୍କ ସାଥେ ଚଳି ।
ଶଙ୍କଟ ବେଳରେ ଇଶ୍ୱର
ସାହାଯ୍ୟ କର ଚକ୍ରଧର ।
ଶ୍ରଦ୍ଧା ସୁମନ ହସ୍ତେ ତୋଳି
ମଧୁ ବଚନ ମୁଖେ ଭାଳି ।
ରହିବୁ ସମୟର ସହ
ଯେମନ୍ତ ଚନ୍ଦ୍ର ସୂର୍ଯ୍ୟ ଗ୍ରହ ।

ISSN NO.
2582-208X

ଜାଳିବୁ ସତ୍ୟର ଦୀପାଳି
ମିଥ୍ୟାକୁ ପାଦେ ଦେବୁ ଦଳି ।
ନୀଳାଚଳିଆ ତୋ କମଳେ
ସଞ୍ଜ ସକାଳେ ଦୀପ ଜାଳେ ।
ଏତିକି ମାତ୍ର ମୋର ଅଳି
ଜଗା ଭରିଦେ ମୋର ଥାଳି ।
ଭୂମି'ର ଶୁଭ ଜନ୍ମ ବେଳେ
ତାକୁ ରଖିବ ଭୁଜ ତଳେ ।
ବାଢୁଛି ପାଦେ ପୁଷ୍ପାଞ୍ଜଳି
ଦିଅ ଆଶିଷ ବାରେ ଢଳି ।
କୃପାସିନ୍ଧୁ ତୋ କୃପା ଜଳେ
ଉତ୍ସର୍ଗ ଏ କବିତା ମାଳେ ।
ଲେଖୁଛି ମୋ କଲମ ତୂଳୀ
ସେ ଆମ ନୟନ ପିତୁଳି ।
ଚତୁର୍ଥ ବର୍ଷେ ପଦାର୍ପଣ
ପାଦ ଥାପିଲା ସେହୁ ପୁଣ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# କଳଙ୍କ



ନିରୁପମା ମିଶ୍ର

ପୁଅଝିଅ ଙ୍କୁ ସମାନ ଦେଖିବା।
ସମାଜରେ ଭେଦଭାବ କଳଙ୍କ ମେଣ୍ଟାଇବା।
ପୁଅ ହେଉକି ଝିଅ, ମାଆ ର ଗରଭ ରୁ ଜାତ।
ତେବେ କାହିଁକି ?? କରିବା ରେ ପକ୍ଷପାତ।
ଅଯୋଧ୍ୟା ବାସୀ ରାମସୀତାଙ୍କ ଦାମ୍ପତ୍ୟ ଜୀବନରେ।
କଳଙ୍କ ଲଗାଇ ସୀତା ପରି ସତୀ ଙ୍କୁ ରାମ ଙ୍କ ଠାରୁ କରିଲେ ଦୂର।
ଅବିଶ୍ୱାସ କୁ ଦେବା ହଟାଇ।
ସଭିଏଁ ମିଳିମିଶି ରହିବା ରେ ହୋଇ ଭଉଣୀ ଭାଇ।
ହରି ଙ୍କ ପାଇଁ ରାଇ ପାଗଳିନୀ ହୋଇ।
ରାଇ ଙ୍କୁ କେତେ ଅପବାଦ ସହିବାକୁ ପଡଇ।
ଯୌତୁକପ୍ରଥା ଏକ ସଂସାରର ବଡ କଳଙ୍କ।
ସଭିଏଁ ମିଳିମିଶି ହଟାଇବା ଦେବା ରେ ହୋଇ ଏକ।
ମାଆଁ ମାଟିର ରଖିବା ଟେକ।

ଚନ୍ଦ୍ରଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ଲ୍.ଏସ୍.ସି. ଓ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ରହସ୍ୟ



ଡକ୍ଟର କମଳାକାନ୍ତ ଜେନା

ଆମେ ଦେଖୁଥିବା ସୂର୍ଯ୍ୟ ହେଉଛି ଗୋଟିଏ ତାରା, ଯିଏ ନିଜେ ଜଳୁଛି ଓ ଆମକୁ ଆଲୋକ ଉତାପ ଦେଉଛି । ବିଶ୍ୱବ୍ରହ୍ମାଣ୍ଡରେ ଅତି କମ୍‌ରେ ୭ ପରେ ୨୨ ଗୋଟି ଶୂନ ସଂଖ୍ୟକ ତାରା ଅଛନ୍ତି । କୋଟି କୋଟି ତାରାକୁ ନେଇ ଛାୟାପଥ ଗଠିତ ଓ ହଜାର ହଜାର ଛାୟାପଥକୁ ନେଇ ବିଶ୍ୱବ୍ରହ୍ମାଣ୍ଡ ତିଆରି । ତାରା ଓ ଛାୟାପଥଗୁଡ଼ିକ ଆମଠାରୁ ଏବଂ ପରସ୍ପରଠାରୁ ଦୂରେଇ ଯାଉଛନ୍ତି । ଯାହାର ଅର୍ଥ, ବିଶ୍ୱବ୍ରହ୍ମାଣ୍ଡ ପ୍ରସାରିତ ହେଉଛି । ଆଇନ୍‌ଷ୍ଟାଇନ୍ ଏହାର ସୂଚନା ଦେଇଥିଲେ । ୧୩୭୦ କୋଟି ବର୍ଷ ପୂର୍ବରୁ ସମୁଦାୟ ବିଶ୍ୱ ଗୋଟିଏ ବିନ୍ଦୁ ଭଳି ରହିଥିଲା, ଯାହାକୁ ବୈଜ୍ଞାନିକମାନେ 'କ୍ୱାଣ୍ଟମ୍ ଭେକ୍ୟୁମ୍' ବୋଲି କୁହନ୍ତି । ଅତି ପ୍ରଚଣ୍ଡ ମହାଜାଗତିକ ବିସ୍ଫୋରଣ ପରେ ତାହା କ୍ଷୀପ୍ରବେଗରେ ପ୍ରସାରିତ ହେବାକୁ ଲାଗିଲା। ଯେତେ ପ୍ରସାରିତ ହେଉଥିଲା ସେତେ ଶୀତଳ ହେଉଥିଲା । ଶୀତଳ ହେଲା ପରେ ବିଶାଳ ବିଶ୍ୱବ୍ରହ୍ମାଣ୍ଡ ଆଜିର ଏହି ରୂପ ଧାରଣ କରିଛି । ବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିବା ସେହି ମହାବିସ୍ଫୋରଣ 'ବିଗ୍ ବ୍ୟାଙ୍ଗ୍' ନାମରେ ସମସ୍ତଙ୍କ ପାଖରେ ପରିଚିତ । ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକୁ ନେଇ ଏକାଧିକ ମତବାଦ ରହିଛି । କିନ୍ତୁ, ବିଗ୍ ବ୍ୟାଙ୍ଗ୍ ମତବାଦକୁ ସବୁଠାରୁ ଅଧିକ ଗ୍ରହଣ କରାଯାଇଥାଏ ।

ନାହିଁ ଭିତରେ ସବୁ କିଛି ଥିଲା । ବିଗ୍ ବ୍ୟାଙ୍ଗ୍ ମତବାଦ ଅନୁସାରେ ସମଗ୍ର ବ୍ରହ୍ମାଣ୍ଡକୁ ସଙ୍କୁଚିତ କରି ରଖିଥିବା 'କ୍ୱାଣ୍ଟମ୍ ଭେକ୍ୟୁମ୍'ର ଯେତେବେଳେ ମହାବିସ୍ଫୋଟ ଘଟିଲା, ତାହାର ଉତାପ ଅମାପ ଓ ଅକଥନୀୟ ଥିଲା । ଆମ ଦେହର ତାପମାତ୍ରାକୁ ୩୦୦ କେଲଭିନ୍ ଧରିଲେ, ଏକ ପରେ ୩୨ ଗୋଟି ଶୂନ ଲେଖିଲେ ଯେଉଁ ସଂଖ୍ୟା ହେବ, ମହାବିସ୍ଫୋଟ ପରେ ବିଶ୍ୱବ୍ରହ୍ମାଣ୍ଡର ତାପମାତ୍ରା ସେତିକି କେଲଭିନ୍ ଥିଲା । କ୍ଷୀପ୍ରଗତିରେ

ISSN NO.
2582-208X

ବ୍ରହ୍ମାଣ୍ଡର ଆୟତନ ବଢ଼ି ଚାଲିଲା ଏବଂ ତାପମାତ୍ରା କମି ଚାଲିଲା । ମାତ୍ର ୧ ସେକେଣ୍ଡ ଭିତରେ ତାପମାତ୍ରା ୧୦୦୦ କୋଟି କେଲଭିନ୍‌କୁ ଖସିଆସିଲା । ସେ ପର୍ଯ୍ୟନ୍ତ କୌଣସି ପଦାର୍ଥ ସୃଷ୍ଟି ହୋଇ ନଥିଲା । ତାପମାତ୍ରା ଆହୁରି କମିଲା ପରେ ପଦାର୍ଥ ସୃଷ୍ଟି ଆରମ୍ଭ ହେଲା । ବିଗ୍ ବ୍ୟାଙ୍ଗ୍ ମତବାଦ ଅନୁସାରେ ସମୁଦାୟ ବିଶ୍ୱବ୍ରହ୍ମାଣ୍ଡର ୯୮ ପ୍ରତିଶତ ବସ୍ତୁ ପ୍ରଥମ ୩ ମିନିଟ୍ ଭିତରେ ହିଁ ସୃଷ୍ଟି ହୋଇଥିଲା । ବିସ୍ଫୋରଣର ପ୍ରାୟ ୨ ଲକ୍ଷ ବର୍ଷ ପରେ ବ୍ରହ୍ମାଣ୍ଡର ପ୍ରଥମ ତାରା ସୃଷ୍ଟି ହୋଇଥିଲା । ଏବେ ସେହି ମତବାଦର ସତ୍ୟତା ପ୍ରମାଣ ଦିଗରେ ସକ୍ରିୟ ଗବେଷଣା ଚାଲିଛି । କିନ୍ତୁ, ଆମର ଗବେଷଣା ସବୁ କଥା ଜାଣିପାରି ନାହିଁ। ସତ କହିଲେ, ମହାବିସ୍ଫୋରଣର ୩,୮୦,୦୦୦ ବର୍ଷ ପରେ ବିଶ୍ୱବ୍ରହ୍ମାଣ୍ଡର ଅବସ୍ଥା କିପରି ଥିଲା, ଏ ପର୍ଯ୍ୟନ୍ତ କେବଳ ତାହାରି ସ୍ପଷ୍ଟ ଓ ପରିମାଣାତ୍ମକ ଚିତ୍ର ମିଳିପାରିଛି, ଯାହାକି ବିଗ୍ ବ୍ୟାଙ୍ଗ୍ ତତ୍ୱ ସହିତ ଏକ ମତ ଅଛି । କିନ୍ତୁ, ତା' ପୂର୍ବରୁ ବିଶ୍ୱବ୍ରହ୍ମାଣ୍ଡ କିପରି ଥିଲା, ତଥା ମହାବିସ୍ଫୋରଣ ସମୟରେ ପ୍ରକୃତରେ କଅଣ ସବୁ ଘଟିଥିଲା, ସେସବୁର କିଛି ପ୍ରମାଣ ଆମକୁ ମିଳିନାହିଁ । ତେଣୁ, ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ବିଷୟରେ ଅନେକ ପ୍ରଶ୍ନର ଉତ୍ତର ଏଯାଏ ମିଳିପାରି ନାହିଁ । ହେଲେ ବୈଜ୍ଞାନିକମାନେ ତାହାର ପ୍ରମାଣ ଜାଣିବା ସକାଶେ ପ୍ରୟାସ ଜାରି ରଖିଛନ୍ତି । ସେହି ପ୍ରୟାସର ସର୍ବଶ୍ରେଷ୍ଠ ରୂପାନ୍ତର ହେଉଛି ସାରା ପୃଥିବୀରେ ଆତଙ୍କ ସୃଷ୍ଟି କରିଥିବା 'ଲାର୍ଜ ହେଡ୍ରନ୍ କୋଲାଇଡର' ବା ଏଲ୍.ଏଚ୍.ସି. । ଫ୍ରାନ୍ସ୍ ଓ ସୁଇଜରଲାଣ୍ଡ ସୀମାରେ ଭୂପୃଷ୍ଠରୁ ୧୦୦ ମିଟର ତଳେ ଏକ ସୁଡ଼ଙ୍ଗ ଭିତରେ ୧୯୮୪ ମସିହାରେ ପରିକଳ୍ପିତ ଏହି ଲାର୍ଜ ହେଡ୍ରନ୍ କୋଲାଇଡର୍ ଯନ୍ତ୍ରଟି ତିଆରି କରାଯାଇଛି । ଏହାର ଲମ୍ବ ୨୭ କିଲୋମିଟର । ଏହାକୁ ତିଆରି କରିଛି ଇଉରୋପୀୟ ଗବେଷଣା ସଂସ୍ଥା, ଯାହାର ନାମ 'ଇଉରୋପିଆନ୍ ସେଂଟର ଫର ନିଉକ୍ଲିଆର ରିସର୍ଚ୍ଚ' (ସି.ଇ.ଆର.ଏନ.) । ଏହାକୁ ନିର୍ମାଣ କରିବାରେ ୯୦୦ କୋଟି ଡଲାର୍ ଖର୍ଚ୍ଚ ହୋଇଥିଲା । ଏହା ହେଉଛି ବିଶ୍ୱର ସବୁଠାରୁ ବଡ଼ କୋଲାଇଡର୍ ।

ଇଲେକ୍ଟ୍ରନ, ପ୍ରୋଟନ୍, ନିଉଟ୍ରନ୍ ଇତ୍ୟାଦି ମୌଳିକ କଣିକାଗୁଡ଼ିକ ବିଷୟରେ ଆମେ ଜାଣୁ । ସେହି କଣିକାଗୁଡ଼ିକୁ ଲେପ୍ଟନ୍ ଓ ହେଡ୍ରନ୍ ଭଳି ବର୍ଗରେ ବିଭକ୍ତ କରାଯାଇଛି । ପ୍ରୋଟନ୍ ହେଉଛି ହେଡ୍ରନ୍ ବର୍ଗର ଏକ ମୌଳିକ କଣିକା । ହେଡ୍ରନ୍ ବର୍ଗର ମୌଳିକ କଣିକାଗୁଡ଼ିକୁ ଅତ୍ୟଧିକ ବେଗରେ ତ୍ୱରାନ୍ୱିତ କରାଇ ପରସ୍ପର ସହିତ ଧକ୍କା କରାଇବା ଲାର୍ଜ ହେଡ୍ରନ କୋଲାଇଡର ଯନ୍ତ୍ରର କାମ । ୨୦୦୮ ମସିହା ସେପ୍ଟେମ୍ବର ୧୦ ତାରିଖ ଭାରତୀୟ ସମୟ ଅପରାହ୍ଣ ୧ଟା ୦୫ ମିନିଟ ସମୟରେ ପରୀକ୍ଷଣ ଆରମ୍ଭ ହେଲା । ପ୍ରଥମ ପ୍ରୋଟନ ବିମ୍

ISSN NO.
2582-208X

(ସ୍ରୋତ )କୁ ଘୂର୍ଣ୍ଣନ ଦିଗରେ ଛଡ଼ାଗଲା । ଅପରାହ୍ଣ ୧ଟା ୫୬ ମିନିଟ ସମୟରେ କଂପ୍ୟୁଟର ପର୍ଦ୍ଦାରେ ଦୁଇଟି ଉଜ୍ଜ୍ୱଳ ବିନ୍ଦୁ ଚମକି ଉଠିଲେ । ଯାହାର ଅର୍ଥ ପ୍ରୋଟନ ବିମ୍ ତାହାର ପରିପଥ ସଂପୂର୍ଣ୍ଣ କଲା । ପ୍ରଥମ ପର୍ଯ୍ୟାୟ ପରେ ପ୍ରୋଟନ୍ ବିମ୍‌ର ଗତିପଥକୁ ନିୟନ୍ତ୍ରଣ କରୁଥିବା ଚୁମ୍ବକ ଟିକିଏ ଗରମ ହୋଇଯାଇଥିଲା । ତାକୁ ଶୀତଳ କରିବା ସକାଶେ ୫ ଘଂଟା ପରେ ପୁଣି ଥରେ ବିପରୀତ ଦିଗରେ ପ୍ରୋଟନ୍ ବିମ୍ ଛଡ଼ାଗଲା । ସଫଳତାର ସହିତ ଦୁଇଟିଯାକ ବିମ୍ ସେମାନଙ୍କର ପରିପଥ ଅତିକ୍ରମ କରିଥିଲେ । ପ୍ରୋଟନଗୁଡ଼ିକର ବେଗ ଆଲୋକର ବେଗ ସହିତ ତୁଳନୀୟ ଥିଲା । ସେହି ବେଗରେ ୨୭ କିଲୋମିଟର ଲମ୍ବର ସୁଡ଼ଙ୍ଗ ଭିତରେ ସେମାନେ ପ୍ରାୟ ୧୧୦୦୦ ଥର ବୁଲିଆସି ପାରିବେ। ଏହି ଗବେଷଣାରେ ୧୧୩ଟି ଦେଶର ୧୦,୦୦୦ରୁ ଅଧିକ ବୈଜ୍ଞାନିକ ଅଂଶଗ୍ରହଣ କରିଛନ୍ତି । ଏଥିରେ ୬୦,୦୦୦ କଂପ୍ୟୁଟର ବ୍ୟବହାର କରାଯାଉଛି । ମହାବିସ୍ଫୋରଣର ନିଖୁଣ ଚିତ୍ର ଉତୋଳନ କରିବା ସକାଶେ ବିଶାଳ ଡିଜିଟାଲ୍ କ୍ୟାମେରାମାନ ଖଂଜା ଯାଇଛି। ଜେନେଭାରେ କରାଯାଉଥିବା ଏହି ଗବେଷଣା ପାଇଁ ଭାରତ ୨୫ ନିୟୁତ ଡଲାର୍ ସହାୟତା ରାଶି ପ୍ରଦାନ କରିଛି ଏବଂ ସେଠାରେ ଗବେଷଣା କରିବା ପାଇଁ ଭାରତର ୧୩୦ ଜଣ ବୈଜ୍ଞାନିକ ସି.ଇ.ଆର.ଏନ. ସଂସ୍ଥାରେ ନାମ ପଞ୍ଜୀକରଣ କରିଛନ୍ତି ।

କେତେକ ମହତ୍ ଉଦ୍ଦେଶ୍ୟ ନେଇ ବୈଜ୍ଞାନିକମାନେ ଆଗକୁ ପାଦ ପକାଇଥାଆନ୍ତି । ଜେନେଭାରେ ଏଲ୍.ଏଚ୍.ସି. କୋଲାଇଡର ହେଉଛି ତାହାର ଏକ ନିଚ୍ଛକ ଉଦାହରଣ । ଏହି ମହାବିସ୍ଫୋରଣର ପ୍ରଥମ ଉଦ୍ଦେଶ୍ୟ ହେଉଛି ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉନ୍ମୋଚନ କରିବା । ଆଗରୁ ତ କୁହାଯାଇଛି, ଏଲ୍.ଏଚ୍.ସି. ଭିତରେ ପ୍ରୋଟନ୍-ପ୍ରୋଟନ୍ ଧକ୍କା ଫଳରେ ପ୍ରଚଣ୍ଡ ତାପ ସୃଷ୍ଟି ହେବ । ଏଭଳି ବିରଳ ଦୃଶ୍ୟକୁ ଡିଜିଟାଲ୍ କ୍ୟାମେରା ଦ୍ୱାରା ଉଠାଇ ତାହାର ଉପଯୁକ୍ତ ବିଶ୍ଳେଷଣ କଲେ ବ୍ରହ୍ମାଣ୍ଡ ସୃଷ୍ଟି ସଂପର୍କିତ ଅନେକ ପ୍ରଶ୍ନର ଉତ୍ତର ମିଳିପାରିବ । ବିଗ୍ ବ୍ୟାଙ୍ଗ୍ ମତବାଦର ସତ୍ୟତାକୁ ଆହୁରି ସୂକ୍ଷ୍ମ ଭାବରେ ବୁଝିହେବ । ସବୁଠାରୁ କଥା, ଏହି କୋଲାଇଡର୍ ସହାୟତାରେ ୨୦୧୨ ମସିହାରେ 'ହିଗ୍ସ୍ ବୋଜନ୍' ନାମକ ଏକ କଣିକାର ସନ୍ଧାନ ମିଳିପାରିଛି । ଏହାକୁ ମଧ୍ୟ 'ଈଶ୍ୱର କଣିକା' କୁହାଯାଏ । ୧୯୬୦ ଦଶକରେ ପଦାର୍ଥ ବିଜ୍ଞାନୀ ପିଟର୍ ହିଗ୍ସ୍ ଏହି କଣିକାର ଉପସ୍ଥିତି ବିଷୟରେ ସୂଚନା ଦେଇଥିଲେ । ଏହି କଣିକା ସକାଶେ ବସ୍ତୁର ବସ୍ତୁତ୍ୱ ରହିଛି । ତେଣୁ ଏହାର ସନ୍ଧାନ ମିଳିଲା ପରେ ବିଜ୍ଞାନର ଅନେକ ରହସ୍ୟ ଉନ୍ମୋଚିତ ହୋଇପାରୁଛି । ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏହି ବିରଳ ପରୀକ୍ଷଣର ବେଶ୍ ଉପଯୋଗିତା ରହିବ । ଉଚ୍ଚଶକ୍ତି ସଂପନ୍ନ

ISSN NO.
2582-208X

କଣିକା ସୃଷ୍ଟିକରି କର୍କଟରୋଗର ଚିକିତ୍ସା କରାଯାଇ ପାରିବ । କର୍କଟରୋଗ ଦ୍ୱାରା ପୀଡ଼ିତ କୋଷକୁ ନଷ୍ଟ କରିବା ପାଇଁ ଗାମା-ରଶ୍ମି ବ୍ୟବହାର କରାଯାଏ । କିନ୍ତୁ, ଗାମାରଶ୍ମି ବଦଳରେ ପ୍ରୋଟନ୍-ରଶ୍ମିର ବ୍ୟବହାର ସ୍ୱାସ୍ଥ୍ୟ ଦୃଷ୍ଟିରୁ ହିତକର ।

ବିଗ୍ ବ୍ୟାଙ୍ଗ୍ ନାମକ ଯେଉଁ ମହାବିସ୍ଫୋରଣରୁ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିଲା, 'ଲାର୍ଜ ହେଡ୍ରନ୍ କୋଲାଇଡର' ଭିତରେ ସେଭଳି ମହାବିସ୍ଫୋରଣ ସୃଷ୍ଟି କରି ପରୀକ୍ଷା କରାଯାଉଛି। ସେହି ପରୀକ୍ଷଣରେ କୃଷ୍ଣ ଗର୍ତ' ବା ବ୍ଲାକ୍ ହୋଲ୍' ସୃଷ୍ଟି ହେବାର ଭୟ ରହିଛି । ତାରାର ମୃତ୍ୟୁ ହେଲେ ଏହି ବ୍ଲାକ୍ ହୋଲ୍ ସୃଷ୍ଟି ହୁଏ । ଏହାର ମାଧ୍ୟାକର୍ଷଣ ଶକ୍ତି ଏତେ ଅଧିକ ହୋଇଥାଏ ଯେ, ଏହା ଆଲୋକ ରଶ୍ମିକୁ ମଧ୍ୟ ନିଜ ଭିତରୁ ବାହାରକୁ ଯିବାକୁ ଦିଏ ନାହିଁ । ଏଲ୍.ଏଚ୍.ସି. ପରୀକ୍ଷଣ ସକାଶେ ବ୍ଲାକ୍ ହୋଲ୍ ସୃଷ୍ଟି ହେବ । କିନ୍ତୁ, ଅତି ଦୁର୍ବଳ ଓ କ୍ଷୁଦ୍ର ବ୍ଲାକ୍ ହୋଲ୍ ସୃଷ୍ଟି ହେବ । ଏହି ବ୍ଲାକ୍ ହୋଲ୍ ବିଶାଳ ପୃଥିବୀକୁ ନିଜ ଗର୍ଭକୁ ଟାଣିବା ତ ଦୂର କଥା, ଏହା ସୃଷ୍ଟି ହେବାର କ୍ଷଣିକ ମଧ୍ୟରେ ଆପେ ଆପେ ଅଦୃଶ୍ୟ ହୋଇଯିବ । ତେଣୁ ଲୋକମାନଙ୍କର କିଛି ଅସୁବିଧା ହେବ ନାହିଁ । ଆଶା, ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ରହସ୍ୟକୁ ଏଲ୍.ଏଚ୍.ସି. ପରୀକ୍ଷଣ ସଂପୂର୍ଣ୍ଣ ବୁଝିପାରିବ ।

ଓ.ଇ.ଏସ୍.-୧, ସହକାରୀ ପ୍ରଫେସର, ଫିଜିକ୍ସ୍,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭଦ୍ରକ, ମୋ-୯୪୩୯୫୦୧୬୫୧

ISSN NO.
2582-208X

# ରସନା ରଟ ନରତେ ପୀତବାସ



ଜୟନ୍ତୀ ଦେବୀ

ରସନା ରଟ ନିରତେ ପୀତବାସ
ଭବ କ୍ଲେଶ ନାଶ ହେବ ।
ସତ୍ୟ ସନାତନ ଗରୁଡ଼ ଆସନ
ନୀଳମଣି ବାସୁଦେବ ।।
ନାରାୟଣ ହରି ମାଧବ ମୁରାରୀ
ମୁକୁନ୍ଦ କମଳା ଧବ ।
ରହ ଆବୋରି ତା ଚରଣ କମଳ
ଯମ ଯାତନା ହରିବ ।।
ଟଗର ନିଆଳି କେତକୀ ମରୁଆ
ତୁଳସୀ ପ୍ରିୟ ମାଧବ ।
ନିଶି ଦିନ ବସି ଯାର ନାମ ଗୋଟି
ଜପୁଛନ୍ତି ସଦାଶିବ ।।
ରତ୍ନ ସିଂହାସନ ମଣ୍ଡନ ମୋହନ
ସାଥେ ଭାଇ ବଳଦେବ ।
ତେତ୍ରିଶ କୋଟି ଦେବତାଙ୍କ ଅଗ୍ରଣୀ
ନରହରି ଶ୍ରୀୟା ଧବ ।।

ପୀତ ବସନ ପରିଧାନ ମୋହନ
ନଟରାଟ ରାଧା ଧବ ।
ତଳକୁ ଉପର କରେ ଦାମୋଦର
ଉପରକୁ ତଳ ଧ୍ରୁବ ।।
ବାର ବେନି ପୁର ଅଧିପତି ହରି
ଶ୍ରୀକୃଷ୍ଣ ନୀଳ ମାଧବ ।
ସର୍ବ ଅନ୍ତର୍ଯ୍ୟାମୀ ସର୍ବଜୀବ ସ୍ୱାମୀ
ଶ୍ରୀଧର ଭକ୍ତ ବାନ୍ଧବ ।।

ମହୁ, ଆଳ,କେନ୍ଦ୍ରାପଡ଼ା
ପିନ୍ 754231

ISSN NO.
2582-208X

# ସ୍ୱାଗତଂ ନୂଆଁ ବରଷ



ସେବାକାନ୍ତ ନନ୍ଦ

ସ୍ୱାଗତଂ ସ୍ୱାଗତଂ ସ୍ୱାଗତଂ
ମମ୍ ନୂଆଁ ବରଷ,
ଶୁଭ ତିଥି ଶୁଭ ଲଗନେ
ଧରାଧମକୁ ଆସ।
ବୁଧବାର ଦିବସ ଦ୍ୱିତୀୟା ତିଥି
ସଭିଙ୍କ ମଙ୍ଗଳ ହେଉ ଏତିକି ମିନତି,
ସଭିଙ୍କ ଜୀବନ ଶୁଭମୟ ହେଉ
କରୁଛି ତୁମ୍ଭଙ୍କୁ ପ୍ରଣତି।
ନୂଆଁ ଆଶା ନୂଆଁ ଭାବନା
ହୃଦୟେ ସଦା ଥାଉ ନିତି,
ଉଲ୍ଲସିତ ମନେ ସଭିଙ୍କ ଜୀବନ
ବିତି ଯାଉ ଦିନ ରାତି।
ଜଗନ୍ନାଥ ସ୍ମରି ସ୍ୱାଗତ କରୁଛି
ଜଗତ କଲ୍ୟାଣ ପାଇଁ,
ସଭିଙ୍କ ଇଚ୍ଛା ହେଉ ପ୍ରାପତ
ଉଦାର ଭାବନା ନେଇ।
ଦେଶ ଜାତିର ଉନ୍ନତି ହେଉ
ନୂଆଁ ଭାବନା ନେଇ,
ପ୍ରକୃତି ରାଣୀ ହସି ଉଠୁ ଏଠି
ଶସ୍ୟ ଶ୍ୟାମଳା ହୋଇ ।

ISSN NO.
2582-208X

ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷାର କଲ୍ୟାଣ ହେଉ
ଉନ୍ନତିର ନେଇ ପଥ,
ସମାଜ କଲ୍ୟାଣେ ସାହା ହୁଅ ତୁମେ
ଆହେ ପ୍ରଭୁ ଜଗତ ନାଥ।
ଦୁଃଖି, ଦରିଦ୍ର, ଅସହାୟ
ସୁଖରେ କାଟନ୍ତୁ ଦିନ,
ପୂଣ୍ୟର ଲହରୀ ଭାସି ଆସୁ ଏଠି
ଶୁଭ କର୍ମେ ଦେଇ ମନ।
ଆଶୀର୍ବାଦ କର ପ୍ରଭୁ ଜଗତ ଠାକୁର
ସୁଖେ ବିତୁ ବର୍ଷ ମୋର,
ହସ ଫୁଟୁ ଏଠି ସଭିଙ୍କ ମୁହଁରେ
ସୁଖରେ ବିତୁ ସଂସାର।

ସଂସ୍କୃତ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ ଟିକ୍ରାପଡା
ଭବାନୀ ପାଟଣା, କଳାହାଣ୍ଡି

ISSN NO.
2582-208X

# ପଲ୍ଲୀର ମଲ୍ଲୀ



ଖଗେଶ୍ୱର ବାଗ

ଛୋଟରୁ ବଡ ଏକ ବାସ୍ତବ ତଥା ପ୍ରକୃତିର ରୀତି ମନେହୁଏ। ସାଧାରଣ ଆଖିରେ ଏହା ବିସ୍ମୟ, ଅବିଶ୍ୱସନୀୟ ଓ ନୀଳ ସ୍ୱପ୍ନ ପରି ଲାଗେ କିନ୍ତୁ ବିସ୍ମିତ ବିସ୍ଫାରିତ ନୟନର ପରିସୀମା ଭିତରେ ଦୃଷ୍ଟିଗୋଚର ହେଉଥିବା ପଙ୍କରୁ ପଙ୍କଜ ,ଶାମୁକାରୁ ମୁକ୍ତା ଭଳି ପ୍ରଦୀପ, ନିର୍ଝରଣୀ, କୁସୁମ ପ୍ରଭୃତିରେ ବିରାଟତ୍ୱ ଲୁଚି ରହିଥାଏ। ସମୟ ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ଏମାନଙ୍କର ପ୍ରତିଭା ଲୋକଲୋଚନକୁ ଆସେ। ଏପରି ଏକ ପଲ୍ଲୀର ମଲ୍ଲୀଟି ପ୍ରସ୍ଫୁଟିତ ହୋଇ ଚଉଦିଗକୁ ତା'ର ସୁଗନ୍ଧ ପ୍ରସାରିତ କରି ପାରିଥିଲା। ନିଜର ଦକ୍ଷତା ଓ ଅନ୍ତର୍ନିହିତ କଳାକୁ ବିକଶିତ କରି ସାଉଁଟି ପାରିଥିଲା ଅଜସ୍ର ସମ୍ମାନ। ଉଭୟ ରୂପ ଗୁଣରେ ମନ୍ତ୍ରମୁଗ୍ଧ କରି ପାରିଥିଲା ଅନେକ ଜ୍ଞାତ ପରିଚିତ ଆତ୍ମୀୟ ସ୍ୱଜନଙ୍କୁ। ସେ ଝରା ଫୁଲର ଶେଫାଳୀ ନୁହେଁ, ସକାଳେ ଫୁଟି ସନ୍ଧ୍ୟାରେ ମ୍ଳାନ ପଡିଯିବ। ସେ ବଣମଲ୍ଲୀ ନୁହେଁ, କାନନେ ଫୁଟି ସେହି ଭିତରେ ନିଜର ବାସ୍ନାକୁ ହଜେଇ ଦେବ। ସିଏ କୋଟିଏରେ ଗୋଟିଏ, ଅନେକ ମଧ୍ୟରେ ଏକ। ସେ ଆଭିଜାତ୍ୟ କୁଳର ମଣିଟି, ଅଖ୍ୟାତ ପଲ୍ଲୀର ମଲ୍ଲୀଟି, ନାଁ ଦିଶାରାଣୀ।

ପାହାଡ ପର୍ବତ ଘେରା ବିଶ୍ୱନାଥପୁରର ମଧ୍ୟବିତ୍ତ ପରିବାରରେ ଦିଶାରାଣୀର ଜନ୍ମ। ସ୍ନେହରେ ପିତାମାତା ତା'କୁ ବୁଇ ବୋଲି ଡାକୁଥିଲେ। ସାଙ୍ଗସାଥୀର ପ୍ରିୟ ଦିପଶୀ କେବେ କେମିତି ଅପଭ୍ରଂଶ ହୋଇ ଦିଶା ହୋଇଗଲା ତାହା ସେ ବି ଜାଣିନି। ଝିଅର ବିଲକ୍ଷଣତା ସ୍ୱୟଂସିଦ୍ଧା ହେବାର ସ୍ୱପ୍ନ ବାପାଙ୍କୁ ଦେଖାଇଥିଲା। ମାଁ ଚାହୁଁଥିଲେ ଝିଅ ଚାକିରି ନକରି ବେଶି ଅର୍ଥ ଉପାର୍ଜନ କରୁଥିବା ପୁଅକୁ ବାହା ହେଉ। କିନ୍ତୁ ଦିଶା —! ଭବିଷ୍ୟତରେ ଜଣେ ମହାନ ବୈଜ୍ଞାନିକ ହେବାର ଉଚ୍ଚକାଂକ୍ଷା ରଖିଛି। ବୟସର ଅଭିବୃଦ୍ଧି ଓ ବୁଦ୍ଧିର ବିକାଶରେ

ISSN NO.
2582-208X

ଜୀବନର ଲକ୍ଷ୍ୟ ପରିବର୍ତ୍ତନ ହେଲା ଭଳି ସେ ବି କେବେ ବ୍ୟାଙ୍କ କର୍ମଚାରୀ ତ କେବେ କମ୍ପାନୀ ଚାକିରି କରିବାର ସ୍ୱପ୍ନ ଦେଖିଛି। କେବେ ସରକାରୀ ଅଧ୍ୟାପିକା, କେବେ ବେସରକାରୀ କଲେଜର ଅଧ୍ୟକ୍ଷା ତ ପୁଣି କେବେ କେନ୍ଦ୍ରୀୟ ବିଦ୍ୟାଳୟର ବିଦୂଷୀ ଶିକ୍ଷୟିତ୍ରୀ ହେବାର ଲକ୍ଷ୍ୟ ରଖିଛି। ଉଦ୍ଦେଶ୍ୟ ହାସଲ ପାଇଁ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବାକୁ ପଡେ ଏହା ସେ ଜାଣିଛି। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ନିମନ୍ତେ ଆପ୍ରାଣ ଉଦ୍ୟମ ଅନିବାର୍ଯ୍ୟ ସେ ବୁଝିଛି। ତେଣୁ ପାଠପଢ଼ାରେ ତା'ର ଭାରି ମନ।

ଦିଶାର ପ୍ରାଥମିକ ଶିକ୍ଷା ଆରମ୍ଭ ହୁଏ ଗାଁ ବିଦ୍ୟାଳୟରେ। ଘରୁ ଚାଲି ଚାଲି ସହପାଠୀ ସହ ସ୍କୁଲ ଯାଏ। ମଧ୍ୟାହ୍ନ ଭୋଜନରେ ଘରକୁ ଖାଇ ଆସି ଖେଳିବା ଉଦ୍ଦେଶ୍ୟରେ ଶୀଘ୍ର ଶୀଘ୍ର ବିଦ୍ୟାଳୟକୁ ଫେରିଆସେ। କେବେ କେମିତି କାହା ସହିତ ମତାନ୍ତର ହେଲେ ପ୍ରତିସ୍ପର୍ଦ୍ଧୀର ମୁଣ୍ଡର କେଶ ଧରି ଟାଣେ, ମୁହଁରେ ଛେପ ପକାଇ ଦୌଡ଼ି ଚାଲିଯାଏ। ପାଠ ପଢା ସହିତ ଶାରୀରିକ ପ୍ରତି ବିଶେଷ ରୁଚି ରଖେ। ଗପ ପଢିବା, କବିତା ଲେଖିବା, ଚିତ୍ର କରିବା ଓ ଗଣିତର ସମସ୍ୟା ସମାଧାନ କରିବାକୁ ତା'କୁ ବେଶି ଭଲ ଲାଗେ। ପାହାଡ, ପର୍ବତ, ନଈ, ନାଳ ବୁଲି ଦେଖେ। ପାର୍ସିଆନ ଯୁଦ୍ଧରେ ସ୍ପାର୍ଟାର ବିଜୟ ବାର୍ତ୍ତା ଦେବା ନିମିତ୍ତ ଦୌଡି ଦୌଡି ଆସିଥିବା ବୀର ସୈନିକ ଭଳି ଦିଶା ଦୋକାନକୁ ଆସି ଦୂରଦର୍ଶନରେ କେଉଁ ସିନେମା ଦେବ ସେଇ ସୂଚନା ସିନେମା ପ୍ରେମୀଙ୍କୁ ଦେଇଯାଏ। ତା'ର ଆଗମନର ଅପେକ୍ଷାରେ ଅନେକ ଥାଆନ୍ତି। ସେ ବି ବିଶେଷ ସୂଚନା ଦେବା ଉଦ୍ଦେଶ୍ୟରେ ଦୋକାନ ଯିବାର ବାହାନା ଖୋଜିବସେ। ଏହିପରି ସମସ୍ତଙ୍କ ପ୍ରିୟର ଦିଶା ଶୁକ୍ଳପକ୍ଷର ଜହ୍ନ ଭଳି ଦିନକୁ ଦିନ ବଢିଚାଲେ।

ନବମ ଶ୍ରେଣୀରୁ ଆଗକୁ ପଢିବା ପାଇଁ ଦିଶାକୁ ମାମୁଁ ଘରେ ଛାଡିବାର ଯୋଜନା ହେଲା। ମାମୁଁ ଘରେ ସହରେ ରହନ୍ତି। ସେଠାରେ ଉଚ୍ଚ ଶିକ୍ଷା ନିମିତ୍ତ ସମସ୍ତ ସୁବିଧା ରହିଛି। ଅଧ୍ୟୟନ ପାଇଁ ବିଶେଷ ସହାୟକ ହେବ। ଏହି ଉଦ୍ଦେଶ୍ୟରେ ଦିନେ ଦିଶାକୁ ନିଜ ଗାଁ ମାଟି ଛାଡ଼ିବାକୁ ପଡିଲା। ମାତାପିତା, ସହପାଠୀ, ସମ୍ପର୍କୀୟ ସମାଜ, ଜନ୍ମଭୂମିକୁ ଛାଡି ଯିବାର ଦୁଃଖରେ ସେ ଭାଙ୍ଗି ପଡିଲା। ବିବାହ କରି ସବୁଦିନ ପାଇଁ ଗାଁ ଛାଡି ଚାଲି ଯାଉଥିବା ନୂଆ ବୋହୂ ଭଳି ବେଶି କାନ୍ଦିଥିଲା। ବିଚ୍ଛେଦ ଦୁଃଖରେ ଆତ୍ମୀୟ ସ୍ୱଜନଙ୍କ ଆଖିରେ ମଧ୍ୟ ଲୁହ ଆସିଥିଲା। କିନ୍ତୁ ପିତାଙ୍କ ଆଖିରେ ଅଶ୍ରୁ ଆସିବା ଦିଶା ଦେଖିପାରି ନଥିଲା। ବେଦନାମଥିତ ରହସ୍ୟାଲୋକର ନେତ୍ର କୋଣେ କୋଣେ କ୍ରନ୍ଦନର ଧ୍ୱନି ସେ ବା କାହିଁ ଦେଖି ପାରିବ?

ISSN NO.
2582-208X

ଆଗତ ଭବିଷ୍ୟତକୁ ଆକଳନ କରି ପାରିନଥିବା କିଶୋରୀ କନ୍ୟା ଦିଶା କେମିତି ଜାଣି ପାରିବ ତା'ର ପିତା ନିରବରେ କେତେ ଅଶ୍ରୁ ନିଗାଡି ଦେଇଥିବେ ! ପ୍ରିୟତମା ପତ୍ନୀ ପାଖରେ ସ୍ନେହୀ ଝିଅକୁ ଛାଡି ଆସିବାର ଦୁଃଖ ହୃଦୟକୁ ପଥର କରି କେମିତି ବଖାଣି ଥିବେ ବୋଧହୁଏ ତାହା ଦିଶାର ଟିକି ମସ୍ତିଷ୍କ ବୁଝିବାରେ ଅକ୍ଷମ ଅଟେ। ହେଲେ ଏହି ବିରହର ଦୁଃଖଟା ଦିଶା ପାଇଁ ଅସହ୍ୟ ମନେ ହେଉଥିଲା।

ଏକ ପ୍ରତିଯୋଗୀତା ମନୋଭାବ ନେଇ ପାଠ ପଢାରେ ମନ ପ୍ରାଣ ଢାଳି ଦେଲା ଦିଶା। ଉଚ୍ଚଶିକ୍ଷା ପାଇଁ ମାମୁଁ ଘର ଛାଡି ହଷ୍ଟେଲରେ ରହିଲା। ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଥିଲା ପ୍ରିୟ ଛାତ୍ରୀ। ସହପାଠୀଙ୍କ ଘନିଷ୍ଠ ବାନ୍ଧବୀ। ସମସ୍ତ ବିଷୟରେ ଅଗ୍ରଗଣ୍ୟ। ଚନ୍ଦନ ବୃକ୍ଷର ଶୀତଳତାର ସାନ୍ନିଧ୍ୟ ପ୍ରାପ୍ତ କଲା ଭଳି ଶାନ୍ତ ଶିଷ୍ଟ ଦିଶା ଯେ ଦିନେ ବିଦ୍ୟାଳୟ ପାଇଁ ଗୌରବ ଆଣିଦେବ ଏହା ସମସ୍ତେ କଳ୍ପନା କରି ସାରିଥିଲେ। ଆଗାମୀ ବିଦ୍ୟାର୍ଥୀଙ୍କ ନିମନ୍ତେ ସେ ଯେ ଏକ ଉଦାହରଣ ହେବ ସମସ୍ତେ ଭାବି ପାରିଥିଲେ। ସ୍ନାତକୋତ୍ତରର ୪୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଉଭୟ ଲିଖିତ ଓ ମୌଖିକ ଚୟନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ପଦବୀ ପାଇଗଲା। ବିଶ୍ୱନାଥପୁରରେ ଖୁସିର ମାହୋଲ। ଗ୍ରାମବାସୀ ଦିଶାର ସଫଳତାରେ ଗର୍ବ ଅନୁଭବ କରୁଥିଲେ। ମାତ୍ର ଭଉଣୀ ଚମ୍ପା ସାମାନ୍ୟ ଈର୍ଷା ପ୍ରଦର୍ଶନ କରିଥିଲା। କାରଣ, ତା'ର ବି ପାଠପଢା ସମାପ୍ତ ହେଇଛି ଅଥଚ ସେ ଆଜି ଯାଏଁ ଏକ କର୍ମଚାରୀର ପରିଚୟଟି ପାଇ ପାରିନାହିଁ। ସେପଟେ ହଷ୍ଟେଲରେ ପରୀକ୍ଷାକୁ ନେଇ ବିଶେଷ ଚର୍ଚ୍ଚା ଚାଲିଥାଏ। କିଛି ଛାତ୍ରଛାତ୍ରୀ ଜୁଲାଇ ମାସରେ ପରୀକ୍ଷା ହେଲେ ପଢ଼ିବାକୁ ଯଥେଷ୍ଟ ସମୟ ମିଳିବାର ଯୁକ୍ତି ବାଢୁଥିବା ବେଳେ ଦିଶା ସହିତ ଛାତ୍ରାବାସର ସମସ୍ତ ଛାତ୍ରୀ ଅପ୍ରେଲରେ ପରୀକ୍ଷା ହେବାକୁ ଚାହିଁଲେ। ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରତିଦ୍ୱନ୍ଦିତା ଆରମ୍ଭ ହେଇଗଲା। ବିଭାଗୀୟ ଟପ୍ପର ଦିଶା ଏହି ଆହ୍ୱାନକୁ ସାଦରରେ ଗ୍ରହଣ କରିନେଲା। ଉଭୟ ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରେ ତାପସୀ ଭଳି କଠୋର ସାଧନା କରୁଥିବା ବେଳେ ସ୍ନାତକୋତ୍ତରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ପାଇଁ ମନ ପ୍ରସ୍ତୁତ କରିନେଲା। ପ୍ରବନ୍ଧ ଗବେଷଣା ତଥା ଅଧ୍ୟୟନରେ ବାଧାପ୍ରାପ୍ତର କାରଣ ଦର୍ଶାଇ କେନ୍ଦ୍ରୀୟ ବିଦ୍ୟାଳୟରୁ ଇସ୍ତଫା ଦେଇଦେଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ତା'କୁ କାର୍ଯ୍ୟରେ ଯୋଗଦାନ କରିବାକୁ ବାରମ୍ବାର ଅନୁରୋଧ କରୁଥା'ନ୍ତି । କିନ୍ତୁ ଦିଶାର ପିତା ସେମାନଙ୍କୁ ସ୍ପଷ୍ଟ ମନା କରିଦେଲେ।

ISSN NO.
2582-208X

ଦିଶା ଗାଁକୁ ଫେରି ଆସିଲା। ମନ ଭିତରେ ଥିଲା ଅଶେଷ ଦୁଃଖ। ଶିକ୍ଷକତା ଜୀବନରୁ ଓହରି ଆସି ଏବେ କ'ଣ କରିବ ଭାବି ପାରିଲା ନାହିଁ। ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସେହି ପରିଚୟକୁ ଜାଣିଶୁଣି ହରେଇ ଦେଇଥିବାର ଅଯାଚିତ ଯାତନା ତା'କୁ ମାନସିକ ସ୍ତରରେ ପଙ୍ଗୁ କରିଦେଲା। ଅଷ୍ଟାଙ୍ଗ ଶରୀରର ଶିରାପ୍ରଶିରା ଶିଥିଳ ହୋଇଗଲା। ଚାରିଆଡେ ଅନ୍ଧାର ଦେଖାଗଲା। ଅନନ୍ୟୋପାୟ ହୋଇ ଆତ୍ମହତ୍ୟାର ପଥ ବାଛି ନେଇଥିଲା ଦିଶା। ହତାଶବୋଧ ଭିତରେ ଉପାୟଶୂନ୍ୟ ହୋଇ ଦିନେ ଲର୍ଡ କ୍ଲାଇବ ମୁଣ୍ଡରେ ପିସ୍ତଲ ରଖି ଟ୍ରିଗର ଦବାଇ ଆତ୍ମହତ୍ୟାର ଅପପ୍ରୟାସ କରିଥିଲେ। କିନ୍ତୁ ସୌଭାଗ୍ୟକୁ ଗୁଳି ଫୁଟିନଥିଲା। ଏଥିରୁ ମନେ ମନେ ଭାବିଲେ ଯେ ତା'ଙ୍କ ଦ୍ୱାରା ଭବିଷ୍ୟତରେ ହୁଏତ କିଛି ବଡ କାମ ହେବ। ଦିଶାର ଭାଗ୍ୟ ଯେ ଦିନେ ଏପରି ବଦଳିଯିବ ସେ ବିଶ୍ୱାସ କରିନଥିଲା। ସେତେବେଳେ ସ୍ଥାନୀୟ ଅଞ୍ଚଳରେ ନୂତନ କରି ମହାବିଦ୍ୟାଳୟଟି ଖୋଲିଥାଏ। ନିରାଶ୍ରୟକୁ ସାମାନ୍ୟ ଆଶ୍ରା ମିଳିଗଲା ଭଳି ସୌଭାଗ୍ୟକୁ ଦିଶାକୁ ସେହି କଲେଜରେ ଅଧ୍ୟାପିକା ପଦଟି ମିଳିଗଲା। ହରେଇ ଥିବା ପରିଚୟ ଯେ ଦିନେ ଆପେ ଆପେ ନିଜ ପାଖକୁ ପୁଣିଥରେ ଫେରି ଆସିବ ଏହା ତା'ର କଳ୍ପନାର ବାହାରେ ଥିଲା। ମାତୃଶକ୍ତି ପ୍ରତି ଗଭୀର ବିଶ୍ୱାସ ରଖିଥିବା ଦିଶା ନିଜର ଇଷ୍ଟଦେବୀଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରିଥିଲା ହୃଦୟରୁ।

ଶିକ୍ଷାଦାନର ଗୁରୁ ଦାୟିତ୍ୱକୁ ଈଶ୍ୱରଦତ୍ତ କର୍ତ୍ତବ୍ୟ ମନେକରି ସେ ନିଜର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଚାଲିଲା। ବ୍ୟକ୍ତି ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ଦିଶା କିଛି ବର୍ଷ ପରେ ପୁଣି ନୂତନ ପଦବୀଟି ପାଇଗଲା। ତା'କୁ କଲେଜ ଛାଡିବକୁ ହେବ। କିନ୍ତୁ ସେହି ବେସରକାରୀ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଦିଶାକୁ ଛାଡିଦେବା ପାଇଁ ନାରାଜ ଥିଲେ। ସମୟାନୁବର୍ତ୍ତୀ, ଧ୍ୟେୟନିଷ୍ଠା, ଅଧ୍ୟବସାୟ, ମିତଭାଷୀ କର୍ମଚାରୀଙ୍କୁ କିଏ ବା କାହିଁକି ନିଜ ଅନୁଷ୍ଠାନରୁ ଦୂର କରିବ! ଦୁଇ ଜଣ ସହପାଠୀଙ୍କୁ ସେହି କଲେଜରେ ଅଧ୍ୟାପକ ରୂପେ ବ୍ୟବସ୍ଥା କରାଇଦେଇ ସେଠାରୁ ସେ ଚାଲି ଆସିଲେ। ନୂତନ ଚାକିରି ପାଇ ସେ ବିଶେଷ ଖୁସି। କାରଣ ସେ ନିଜ ଗ୍ରାମ ବିଶ୍ୱନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ହେଲା। ଯେଉଁ ପୂଜ୍ୟ ଗୁରୁଜନ ତା'କୁ ପ୍ରଥମ କରି ଅକ୍ଷର ଶିକ୍ଷା ଦେଇଥିଲେ, ପାଠ ପଢାଇ ମଣିଷ ରୂପେ ଗଢିବାର ଆପ୍ରାଣ ଉଦ୍ୟମ କରିଥିଲେ,କଢଟିକୁ ପ୍ରସ୍ଫୁଟିତ କରାଇବାରେ ଅବିସ୍ମରଣୀୟ ଭୂମିକା ନିର୍ବାହ କରିଥିଲେ ସେହି ଶ୍ରଦ୍ଧେୟ ଗୁରୁଙ୍କ ସହିତ ପାଠ ପଢାଇବାର ସୌଭାଗ୍ୟ ଲାଭ କରିଛି। ସେମାନଙ୍କ ପ୍ରିୟଛାତ୍ରୀ ଆଜି ପ୍ରିୟ ସହକର୍ମୀ ହୋଇପାରିଛି। ସବୁରି ପ୍ରିୟ ଦିଶାରାଣୀ ଛାତ୍ରାବସ୍ଥାରେ ଅଧ୍ୟୟନ ସହିତ ଟିଉସନରେ

ISSN NO.
2582-208X

ଉପର ଶ୍ରେଣୀର ପିଲାମାନଙ୍କୁ ଅଧ୍ୟାପନାର ଯେଉଁ କାର୍ଯ୍ୟ ହାତକୁ ନେଇଥିଲା ତାହା ଅଦ୍ୟାବଧି କରିଚାଲାଛି । ରାଜ୍ୟ କି ଜିଲ୍ଲାର ରାଜନୈତିକ ମାନଚିତ୍ରରେ ଯେଉଁ ବିଶ୍ୱନାଥପୁରର ଚିହ୍ନ ବର୍ଣ୍ଣ ନଥିଲା ସେହି ଅଖ୍ୟାତ ପଲ୍ଲୀର ମଲ୍ଲୀ ସ୍ୱରୂପ ଦିଶାରାଣୀ ଗାଁ ପାଇଁ ଆଣି ଦେଇଛି ଗୌରବ। ନିଜର ଦକ୍ଷତା ବଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସ୍ୱର୍ଣ୍ଣାକ୍ଷରେ ଇତିହାସ ଲେଖି ଯାଇଛି। କଢଟି ପ୍ରସ୍ଫୁଟିତ ହୋଇ ଚାରିଆଡ଼େ ସୁବାଷ ବିତରଣ କଲା ଭଳି ଲକ୍ଷ ଜନ ପ୍ରାଣକୁ ପୁଲକିତ କରି ପାରିଛି।

ବୁଢ଼ିକୋମନା, ନୂଆପଡା

ISSN NO.
2582-208X

# ଅମଣିଷ



ଡ. ଜ୍ଞାନେଶ୍ୱର ମିଶ୍ର

ତୁମ ବଗିଚାରେ ଫୁଟିଥିବା ରଂଗ ବେରଂଗର ଫୁଲ
ପେନ୍ଥା ପେନ୍ଥା ଫଳ ଭରିଯାଏ ମନ ଆନନ୍ଦରେ
ଏ ସବୁର ପ୍ରାଣ କର୍ତ୍ତା "ଚେର" ଆମକୁ ଦେଖା ଯାଏନି
ରହିଥାଏ ମାଟିର ଭିତରେ
ଚେର କାଟିଦେଲେ, କଟିଗଲେ ଏ ଫୁଲ ଫଳ ଡାଳ
ସବୁ ହୋଇବେ କାଙ୍ଗାଳ
"ଥୁଣ୍ଟା ଗଛ" ପରିଚୟ ହୋଇବ ତାହାର ।

ଫୁଲ ମାଳ ଦେଉଁ ଆମେ ଦେବତା ଶିରରେ
ଶୋଭାପାଏ ଦିଶେ କି ସୁନ୍ଦର
ତାକୁ ଗୁନ୍ଥିଥିବା ସୂତା ଦେଖାଯାଏନି ଆମକୁ
ସେ ଛିଣ୍ଡିଗଲେ ଫୁଲ, ଫୁଲ ହୋଇ ରହିଯିବ
ହଜିଯିବ ମାଳ ପରିଚୟ ତାର ।

ତୁମେ ବୈଠକଖାନା, ଶୟନ କକ୍ଷ, ବିସ୍ତାରିତ କୋଠା
ରଂଗ ଆଉ ଚିତ୍ରରେ ସଜ୍ଜିତ
ତୁମ ଭାବନାରେ ବଢେ ତୁମ ମାନ ଓ ଇଜ୍ଜତ

ISSN NO.
2582-208X

ମାଟିତଳେ ପୋତା ଇଟା ଦେଖା ଯାଏନି ଆଖିରେ
ସେ ଟିକିଏ ଦୁର୍ବଳ ହେଲେ କିମ୍ବା ଦୋହଲିଗଲେ
କୋଠା ବାଡି ପାଲଟିବ ଇଟା ସିମେଣ୍ଟ ସ୍ତୁପରେ

ତେଣୁ ତୁମେ ଯଦି ଭୁଲିଯିବ ତୁମ ମୂଳ ଧର୍ମ
ଭାଷା ଓ ସଂସ୍କାର, ରୀତି ପରମ୍ପରା
ପୃଥିବୀରେ ଯେଉଁଠି କରିଲେ ବାସ
ତୁମ ପରିଚୟ ହେବ
ତୁମେ ଜଣେ ଖାଣ୍ଟି ଅମଣିଷ ॥

ବେଙ୍ଗାଲୁରୁ
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଅଥୟ ହୃଦୟ



ସତ୍ୟକାମ ପରମଗୁରୁ

ବିଶ୍ୱର ଏଇ ସ୍ୱପ୍ନଭରା ଆଲୋକିତ ଅଗଣାରେ
ଏବେମୁଁ ଦେଖୁଛି ନରେଖି ନରେଖି ବାଟବଣା ହେଲାପରେ
କାରଣ ମୁଁ ଜାଣିନ କାହିଁକି ଏମିତି
ଆଲୋକିତ ମଧ୍ୟେ ଅନ୍ଧକାର ଗତି
ସନ୍ଦେହ ଘେରରେ   ରହୁଛିମୁଁ ସଦା
ଏବେବି ହେଉଛି ହଉଥିଲା ମଧ୍ୟ ଆଗକୁବି ହେଇପାରେ.....
ବିଶ୍ୱର ଏଇ........(୧)

ଆଖି ଦେଖାକଥା ଭୁଲିବି କେମିତି ଶାସ୍ତ୍ର ଯେତେ ଯାହା କହୁ
ଲେଖିବା ଲୋକଟା ଗଲିଗଲାପରେ ସତ୍ୟତୁକ' ଖୋଜି ପାଉ
ଯାହା ହବାଟାତ ହଉଛିରେ ଭାଇ ମନକହେ ହଉଥାଉ
ସତ କନ୍ତୁ ଯଦି ବୁଝିବୁ ବାବୁତୁ ସବୁ କରେ ମହାବାହୁ
ବିଗ୍ୱର ମୁଁ କରୁଛି କଣ ପରିଣତି
ପ୍ରାରମ୍ଭ ଅଛିତ ନଷ୍ଟେ ଥିବା ଇତି
ଚକ୍ରବ୍ୟୂହ ମଧ୍ୟେ   ରହିବିକି ସଦା
ବାଟମୁଁ ଖୋଜୁଛି ଖୋଜୁଥିଲି ମଧ୍ୟ ଆଗକୁବି ଖୋଜିପାରେ.....
ବିଶ୍ୱର ଏଇ........(୨)

ISSN NO.
2582-208X

ମିଛ ମାୟା ଭଗ୍ ସଂସାରତ ଇଏ ସବୁକଛି ତ ନାଟକ
ନାଟକ ଘେରରୁ କବାରି ପାରିବି ଭୟେ ଗଣେ ମୁଁ ଜାତକ
ବିଷୟ ମଧ୍ୟରେ ମାନବର ବାସ ମୁଁବି ଜଣେ ସେ ପାଠକ
ବ୍ୟସ୍ତତା ଘାରିଛି ବୋଲିତ ଆଜିମୁଁ ମାଗୁଛି ଦୟାର ଭିକ
ଅଥୟ ମୁଁ ହଉନ ହୁଏମୁଁ ଯେମିତି
ବୁଝିସାରିଲିଣି ତୋର ମତିଗତି
ଅଥୟ ହୃଦୟ କହୁଛିରେ ସଦା
ବିଶ୍ୱାସ ରହିଛି ରହିଥିଲା ମଧ୍ୟ ଆଗକୁ ନରହିପାରେ.....
ବିଶ୍ୱର ଏଇ........(୩)

ଖଣ୍ଡପଡ଼ା, ନୟାଗଡ଼

ISSN NO.
2582-208X

# ହାପି ନ୍ୟୁ ଇଅର



କୁଞ୍ଜ ବିହାରୀ ସାହୁ

ରାତି ପାହି ସିନ୍ଦୂରା ଫାଟିଲାପରେ ଦୁଆର କବାଟରେ କିଏ ଖଟଖଟ୍ କଲା । ହାଫ୍ ପ୍ୟାଣ୍ଟ ପିନ୍ଧିଥିଲି । ନିଦ ମଳ ମଳ ଆଖି ଓ ଖୋଲାଦେହରେ ଏତେ ସକାଳୁ ଉଠିବାକୁ ପସନ୍ଦ କରୁନଥିଲି । କିନ୍ତୁ ବୋଉ ତା ନିତ୍ୟକର୍ମରେ ବ୍ୟସ୍ତ ଥିବାରୁ ଦୁଆର କବାଟର ଖିଡ଼ିକି ଖୋଲିଦେଲି । ପୌଷ ମାସର ମୁସୁମୁସିଆ ଆଲୁଅ ଧସେଇ ପଶିଆସିଲା କବାଟ ଫାଙ୍କରେ ।

ସାମ୍ନାରେ ମୂର୍ତ୍ତିଟିଏ ପରି ଠିଆହେଇଛି ନବମ ଶ୍ରେଣୀର ଛାତ୍ରୀ ନିରୁପମା । ସାହିରେ ନିରୁ ବୋଲି ଡାକନ୍ତି । ଟିକେ ହସିଦେଲା, ତା ଗାଲର ଡିମ୍ପଲ ସ୍ପଷ୍ଟ ଦିଶୁଥିଲା । ଆଗ୍ରହରେ ଗ୍ରିଟିଙ୍ଗସ ଓ ଫୁଲତୋଡା ବଢେଇଦେଲା । କହିଦେଲା - ହାପି ନ୍ୟୁ ଇଅର ଆଣ୍ଡ ହାପି ବାର୍ଥ ଡେ ଦୀପୁ ଭାଇ । ଚାହୁଁଥିଲା ମୋ ଖୋଲା ଦେହକୁ ଓ ପ୍ରତ୍ୟୁତରକୁ ।

ଧନ୍ୟବାଦ । ହାପି ନ୍ୟୁ ଇଅର ଟୁ ୟୁ ଠୁ... ଆ, ଆ ଘର ଭିତରକୁ । ଦରମେଲା କବାଟକୁ ଖୋଲିଦେଲି । ବିମୁଗ୍ଧ ଚାହାଁଣିରେ ଲକ୍ଷ୍ମୀ ପାଦ ପକେଇ ପଶିଆସିଲା ନିରୁ । ଗୋଲାପୀ ରଙ୍ଗର ସାଲୱାର ପଞ୍ଜାବୀରେ ସୁନ୍ଦର ଦିଶୁଥିଲା ।

ବୋଉ ବାଥରୁମରୁ ଫେରି ବେଡରୁମକୁ ଗଲାବେଳେ ନିରୁ କହିଦେଲା - ହାପି ନ୍ୟୁ ଇଅର ଆଣ୍ଟି ।

ସେମ୍ ଟୁ ୟୁ ନିରୁ। ଶୁଭେଚ୍ଛା ମୂଳକ ବାର୍ତ୍ତାଟିଏ ପ୍ରସାରିତ କରିଦେଲେ ମୋ ବୋଉ ।

ISSN NO.
2582-208X

ନିରୁ ହସିଲାବେଳକୁ ତା ଓଠ ତଳର କଳାଜାଇଟାକୁ ନିରେଖିଲି । କଳା ଘୁମୁର ଆଖିପତା ଶୀତୁଆ କାକରରେ ଓଦାଳିଆ ଦିଶୁଥିଲା । ଭାବୁଥିଲି ଟିକେ ପୋଛିଦେବି କି !

ନିରୁ କହିଦେଲା ପ୍ରଗଳଭରେ - କଅଣ ଚାହୁଁଛ ଦୀପୁଭାଇ । ମୁଁ ହାପି ନ୍ୟୁ ଇଅର ଜଣେଇଲି, ତୁମ ଜନ୍ମଦିନର ଶୁଭେଚ୍ଛା ଜଣେଇଲି ମୋ ପାଟି ମିଠା କରିବନି ?

ହଉ...ହଉ...ମୁଁ ଟିକେ ଫ୍ରେଶ୍ ହେଇଯାଉଛି ।

ବୋଉ ଶାଢି ଚେଞ୍ଜ କରି ନିରୁକୁ ମିଠା ପରଶିଲେ । ତା ମୁଣ୍ଡକୁ ଆଉଁଶି ଆଶୀର୍ବଚନ ଦେଲେ, ଝିଅଲୋ ସୋଭାଗ୍ୟବତୀ ହୋଇଥା । ମନଦେଇ ପାଠପଢି ସଭିଙ୍କ ମନ ଜିଣୁଥା।

ଫ୍ରେଶ ହେଇ ଆସିଲି ଆଉ ମିଠାଟିଏ ଖୁଆଉ ଖୁଆଉ ମୋତେ ଓଠକୁ ଅଜଣାତରେ ଚୁମା ଦେଇଦେଲା ନିରୁ । ବିଶ୍ବାସ ଅବିଶ୍ବାସର ଦୋ ଛକିରେ ମୁଁ ନିଜକୁ ଆବିଷ୍କାର କଲି । ଶିରାରେ ଶିହରଣ ଖେଳିଗଲା । ତା ଛାତିରେ ମୋ ପାପୁଲିଟା ଆପେ ଆପେ ବାଜିଗଲା । ନିରୁ ଚମକି ପଡ଼ିଲା । ଦୀପୁ ଭାଇ, ଆଣ୍ଟି ପାଖରେ ଅଛନ୍ତି !

ବୋଉ ହସିଦେଲା କିଛି ପାଇଗଲା ପରି । କହିଦେଲା - ଦୀପୁ, ଆଜି ତୋ ଜନ୍ମଦିନ । ଗାଧୁଆ ସାରି ନୂଆ ଡ୍ରେସ ପିନ୍ଧି ମନ୍ଦିରକୁ ଯା । ଠାକୁରଙ୍କୁ ପୂଜା କରି ଦୀର୍ଘାୟୁ କାମନା କର । ହଁ ନିରୁ ଯେତେବେଳେ ଘରକୁ ଆସିଛି, ସାଥିରେ ନେଇଯା । ଦୁହେଁ ନୂଆବର୍ଷରେ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ପାଇବ ।

ବୋଉ କଥାରେ ହଁ ମାରିଦେଲେ । ନିତ୍ୟକ୍ରମ ସାରି ନୂଆ ଡ୍ରେସ ପିନ୍ଧି ଗାଁ ଦେଉଳକୁ ଗଲି । ସାଥିରେ ନିରୁ । ନବମ ଶ୍ରେଣୀର ଝିଅ କିନ୍ତୁ ଛଟକି ଆଉ ବୁଦ୍ଧିମତୀ । ଠାକୁରଙ୍କୁ ମୁଣ୍ଡିଆ ମାରିଲୁ ଦୁହେଁ । ନୂଆବର୍ଷର ଅବଶିଷ୍ଟ ଦିନ ଶୁଭଙ୍କର ହେଉ ଆଉ ଜନ୍ମଦିନରେ କୋଟିଏ ଆଶୀର୍ବାଦ ମିଳୁ ବୋଲି ଗୁହାରି ଜଣେଇଲି । ନିରୁ ଏକ ଲୟରେ ଠାକୁରଙ୍କୁ ଗୁହାରି କଲା। କହିଦେଲା - ଦୀପୁ ଭାଇ ଆମ ଗୁହାରି ଠାକୁର ଶୁଣିବେ ନିଶ୍ଚୟ । ଆମ ଦୁହିଁଙ୍କର ଏ ବର୍ଷ ଖୁସିରେ ବିତିବ । ଚାଲ ଏବେ ଫେରିଯିବା ଘରକୁ ।

ହଁ ଯେ ଠାକୁରଙ୍କ ଆଳତୀ ଚାଲିଛି, ଟିକେ ରହିଯା । ଆଳତୀ ମୁଣ୍ଡରେ ଲଗେଇଲେ ସବୁ ବିପଦରୁ ମୁକୁଳିଯିବା । ସିନ୍ଦୂର ଚନ୍ଦନ ଥାପି ଆଶୀର୍ବାଦ ଘେନିବା ।

ISSN NO.
2582-208X

ନିରୁ ହଁ କହିଲା ।

ପ୍ରଭୁଙ୍କ ଆଳତି ସହ ସିନ୍ଦୂର ଚନ୍ଦନ ଲଗେଇ ଘରକୁ ଫେରିଲୁ ଦୁହେଁ । ଘରେ ବୋଉ ଅପେକ୍ଷା କରିଥିଲା ବ୍ରେକଫାଷ୍ଟ ପ୍ରିପେୟାର କରି । ଡାଇନିଂ ଟେବୁଲରେ ବସି ମଜା ମସ୍ତି କଲୁ ସମସ୍ତେ । ବାପା କହିଲେ - ପିଲାଏ ଆଜି ତ ନୂଆବର୍ଷ ପାଳନ କରୁଛ । ବେଲୁନ ଟାଙ୍ଗିଛ, କେକ୍ କାଟିଛ ଆଉ ହାପି ନ୍ୟୁ ଇଅର କହୁଛ । ଭଲ କଥା, କିନ୍ତୁ ନିଜେ ଉତ୍ତମ ଆଚରଣ ବ୍ୟବହାରରେ ସମସ୍ତଙ୍କ ମନ କିଣିନିଅ । ପାଠପଢି ଅନ୍ୟକୁ ଭଲ ବାଟରେ ଚାଲିବା ଶିଖାଅ । ବର୍ଷ ତମାମ ସଭିଙ୍କ ମଙ୍ଗଳ କାମନା କର । ଦେଖିବ ତୁମେ ଦୁହେଁ ନିଜ ଜୀବନକୁ ଗଢିପାରିବ ଓ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବ । ନୂଆବର୍ଷରେ ଶପଥ ନିଅ ।

ମୁଁ ହଁ କହୁ କହୁ ନିରୁ କହିଦେଲା ହଁ ଅଙ୍କଲ ।

ହସ-ଖୁସି-ଆନନ୍ଦରେ ବିତିଗଲା ନୂଆବର୍ଷର ପ୍ରଥମ ସକାଳ । ଘର ଭିତରେ ଜମିଗଲା ମଜା ମସ୍ତିର ଆସର । ନିରୁ ହାତରେ ଫୁଲତୋଡ଼ାଟିଏ ଦେଇ କହଲି - ଚାଲ୍ ନିରୁ ସାଙ୍ଗମାନଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇଦେବା ।

ନିରୁ କଥାରେ ସମ୍ମତି ଜଣାଇଲା । ନିରୁର ହାତ ଧରି ବାହାରିଗଲି ଆଉ ସାଙ୍ଗମାନଙ୍କୁ ନୂଆବର୍ଷର ଅନୁଚିନ୍ତାକୁ ପ୍ରକଟ କଲି। ଆବେଗିକତାରେ ନିରୁ ସହ ବିତିଗଲା ପ୍ରତିଟି ମୁହୂର୍ତ୍ତ। ତା ଆଖିର ଚାହାଁଣି ଓ ଓଠର କାହାଣୀକୁ ହୃଦୟରେ ସାଇତିଲି । ନିରୁକୁ ଛାଡ଼ିଦେଇ ଆସିଲି ତା ଘରେ ।

ବାଟସାରା ଭାବୁଥିଲି ନିରୁ ନବମ ଶ୍ରେଣୀର ଛାତ୍ରୀ ହେଲେ ବି ଆପଣେଇବାର ସୁରାଗ ପାଇସାରିଛି ।

ପାନ୍ଥପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଜୀବନ ଆମର



ରଘୁନାଥ ତ୍ରିପାଠୀ

ଜୀବନ ଆମର ବହିଯାଉଥିବା
ତଟିନୀ ଗୋଟିଏ ସଦା
ବହିଯିବା ତାର ଚିର ଭାଗ୍ୟ ସିନା
ପଥେ ଅଛି ବହୁ ବାଧା ॥
କେବେ ବନ୍ୟା ଅବା ଓଗାଳେ ତା ପଥ
କେବେ ଶିଳା ପ୍ରତିଘାତ
ହେଲେ ସେ ନଦୀଟି ଏତେ ଘାତ ସହି
ଭୁଲେନାହିଁ ତାର ପଥ ॥
ନଦୀକାନ୍ତକୁ ସେ ନ ମିଳିବା ଯାଏ
ଅଟକି ଯାଏନା କେବେ
ଜୀବନରେ ତାର କର୍ତ୍ତବ୍ୟ ବୋଧରେ
ଊଣା ହୁଏନାହିଁ ଲବେ ॥
ଆମେ ବି ଜାଣୁନା ଆମ ଲକ୍ଷ୍ୟପଥ
କିବା ତାହାର ଇୟତ୍ତା
ପରିସ୍ଥିତିଟିକୁ ପ୍ରତିଦ୍ୱନ୍ଦୀ କରି
ଆଗେଇବା ବୁଦ୍ଧିମତ୍ତା ॥
କେତେ ଯେ ଜନମ ନେଉଅଛୁ ଆମେ
ଭୋଗୁଅଛୁ ଏତେ କଷ୍ଟ

ISSN NO.
2582-208X

ହେଲେ ସର୍ବମୟ କରିନି ସମର୍ଥ
ଚାଲିବାକୁ ଏତେ ବାଟ ॥
ତା ବୋଲି ଆମେକି ଅଟକିପଡିବା
ଜୀବନ କରି ନିଃଶେଷ
ଆତ୍ମହତ୍ୟା କିବା ଏକମାତ୍ର ପଥ
ଅବା କି ଉପାୟ ଶେଷ ॥
ଅନ୍ୟ ଜନମରେ ବିଶ୍ୱାସ ନରଖି
ସଦା ଚେଷ୍ଟା କରିଯିବା
ନିଜ ଜୀବନକୁ ସଫଳ ସାର୍ଥକ
ସାଧ୍ୟମତେ କରୁଥିବା ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ସ୍ମୃତି



ପ୍ରଶାନ୍ତ ବ୍ରହ୍ମା

ସମୟର ତାଳେ ବୟସ ସରୁଛି
ସରୁନି ମନ ଭାବନା
ଅନେକ ଭାବୁଛି ଆଗ ଭବିଷ୍ୟତ
କେତେଯେ କରି କଳ୍ପନା।

ମନରେ ଭାବୁଛି ଯାଆନ୍ତି ଆଗକୁ
ବୟସ ହେଉନି ସାଥୀ
ଆଗକୁ ଚାହିଁଲେ ବାଟ ଦିଶେ ନାହିଁ
ଦିଶେ ଅନ୍ଧାରିଆ ରାତି।

ଆଖି ବୁଜି ଖୋଲି ଦିନ ରାତି ସରେ
ପଡେ ନାହିଁ କେବେ ଜଣା
କିଶୋରୀ ବୟସ ଗଲାଣି ତ ସରି
ଏବେ ହୁଏ ବାଟ ବଣା।

ଛାଡି ଯିବ ନାହିଁ କେବେ ଏ ସମୟ
ଥିବ ତାର ଏହି ମତି
ଛାଡି ଚାଲିଯିବ ସିନା ଏ ବୟସ
ରଖିବ ପୁରୁଣା ସ୍ମୃତି।

କିଶୋରୀରୁ ଯୁବା, ଯୁବାରୁ ଜରାଯେ
ଏଇମିତି ଲାଗିଥିବ
ବୟସ ସରିବ ଜୀବନର ସ୍ମୃତି
ଯୁଗ ଯୁଗ ରହି ଥିବ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# କୃପାସାଗର ସାହୁଙ୍କ ଗଳ୍ପର ଶୈଳୀ ଓ ଭାଷା



ସୁନିଲ ସେଠୀ

ସ୍ରଷ୍ଟା ନିଜର ଭାବନା ସମୂହକୁ ପ୍ରକାଶ କରିବା ପାଇଁ ସ୍ୱକୀୟ ଢଙ୍ଗର ପରିପ୍ରକାଶ କରାଇଥାଏ । ଯାହାକୁ ସ୍ରଷ୍ଟାର ଶୈଳୀ (style) କୁହାଯାଏ । ସାହିତ୍ୟ କ୍ଷେତ୍ରରେ ଶୈଳୀ ଏକ ଅବିଚ୍ଛେଦ୍ୟ ଅଙ୍ଗ । ଶୈଳୀବିନା ସାହିତ୍ୟ ସୃଷ୍ଟି ସମ୍ଭବପର ନୁହେଁ । ବିଖ୍ୟାତ ଔପନ୍ୟାସିକ ହେଜଜନେରୀ ଜେମ୍ସଙ୍କ ମତରେ "ସ୍ୱର ବିନା ସଙ୍ଗୀତ ଯେପରି ଅସମ୍ପୂର୍ଣ୍ଣ, ସେହିପରି ଶୈଳୀ ବିନା କୌଣସି ସୃଷ୍ଟି ସମ୍ଭବ ନୁହେଁ ।" ତେଣୁ ଶୈଳୀ ବିନା ସାହିତ୍ୟର ପରିକଳ୍ପନା ଅସମ୍ଭବ । ତେଣୁ ସମୁଚିତ ଶୈଳୀ ବ୍ୟତିତ ସାହିତ୍ୟର ସ୍ଥିତି ନଗଣ୍ୟ ।

ସାହିତ୍ୟ ଅନୁଭୂତିର ପ୍ରସାଦ । ଏ ଅନୁଭୂତିର ଉତ୍ତରଣ ଘଟେ ଶୈଳୀ ମାଧ୍ୟମରେ । ପ୍ରତ୍ୟେକ ସୃଷ୍ଟିକର୍ତ୍ତା ନିଜସ୍ୱ ଶୈଳୀର ମୌଳିକତା ଦିଗରେ ସ୍ୱତନ୍ତ୍ର । ଶୈଳୀର ମୌଳିକତା ଲେଖକୀୟ ମୌଳିକତାକୁ ପ୍ରକାଶ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ସ୍ରଷ୍ଟାଟିଏ ସ୍ୱକୀୟ ଶବ୍ଦ ସଂଯୋଜନାରେ ସୃଷ୍ଟିରେ ବୈଚିତ୍ର ଫୁଟାଏ । ତେଣୁ କଲେରିଜ କହିଲେ- "Poetry is the best word in best order" । ଏଣୁ ଶବ୍ଦ ସଂଯୋଜନାର ମହତ୍ୱ ପରିପ୍ରକାଶ ହେଉଛି ଶୈଳୀ । ଯାହା ଭାଷାର ଗୁଣବତ୍ତା ସହ ଲେଖକୀୟ ଗୁଣବତ୍ତାକୁ ପରଖିବାରେ ବାହକ ରୂପେ କାର୍ଯ୍ୟକରେ । ଏହା ଉଭୟେ ସାହିତ୍ୟ ସ୍ରଷ୍ଟାଙ୍କ ବ୍ୟକ୍ତିଭିତ୍ତିକ ଓ ସାହିତ୍ୟ ସୃଷ୍ଟିର ଭାଷିକ ଦିଗପ୍ରତି ସଚେତନ ରୁହେ । ସାହିତ୍ୟ ସ୍ରଷ୍ଟା ନିଜର ଅନୁଭୂତି ଓ ଅର୍ନ୍ତଦୃଷ୍ଟିକୁ ଶବ୍ଦ ସଂଯୋଜକ ମାଧ୍ୟମରେ ସାହିତ୍ୟିକ ଅଭିବ୍ୟଞ୍ଜନା ସୃଷ୍ଟିକରି ସ୍ୱକୀୟ ଶୈଳୀକୁ ଚତ୍ମାରିତା ଓ ପ୍ରଭାବଶାଳୀତାକୁ ବ୍ୟକ୍ତ କରେ ।

ISSN NO.
2582-208X

ପୂର୍ଣ୍ଣ ଅଭିବ୍ୟକ୍ତି ହିଁ ଶୈଳୀ । ଏକ ନିର୍ଦ୍ଦିଷ୍ଟ ଲେଖକର ପୂର୍ଣ୍ଣ ବ୍ୟକ୍ତିତ୍ୱ ଲେଖକର ଶୈଳୀ ଉପରେ ନିର୍ଭରଶୀଳ । ଶୈଳୀ ନିର୍ଭରଯୋଗ୍ୟ ହେଲେ ସୃଷ୍ଟିରେ ଉତ୍କର୍ଷତା ସାଧିତ ହୁଏ । ଏ ଉତ୍କର୍ଷତା ହିଁ ପୃଥକ୍ କରାଏ ଅନ୍ୟଜଣେ ସୃଷ୍ଟିକର୍ତ୍ତାଙ୍କ ଠାରୁ । ସାହିତ୍ୟ ଏବଂ ଭାଷାର ବିକାଶଧାରା ସହ ନୂଆ ନୂଆ ଟ୍ରେଣ୍ଡ୍ ଆଦିର ସମନ୍ୱୟ ଘଟି ଓଡ଼ିଆ ସାହିତ୍ୟର ଗଳ୍ପ ଦିଗରେ ଏହି ତତ୍ତ୍ୱ (ଶୈଳୀ)ର ଏକୃର୍ଷ ବିକାଶ ଘଟିଛି । କଥାବସ୍ତୁର ପରିକଳ୍ପନା ଓ ଚିତ୍ର ସଂଯୋଜନା ସହ ଶବ୍ଦ ବସାଣର ଚମତ୍କାରିତା ଓଡ଼ିଆ ଗଳ୍ପରେ ନୂତନ ଶୈଳୀମାନଙ୍କୁ ଆବାହନ କରିଛି । ତେଣୁ ପ୍ରତ୍ୟେକ ଲେଖକଙ୍କର ନିଜସ୍ୱ ଶୈଳୀ ରହିଛି । ଯେପରି ଫକୀରମୋହନଙ୍କ ଭାଷା ଓ ଶୈଳୀ ଦୟାନୀଧି ମିଶ୍ରଙ୍କ ଭାଷା ଓ ଶୈଳୀ ଠାରୁ ଭିନ୍ନ । ସେହିପରି କାଳିନ୍ଦୀଚରଣ, ଗୋଦାବରୀଶ, ସୁରେନ୍ଦ୍ର, ଶାନ୍ତନୁ କୁମାର, ମନୋଜ, ଚନ୍ଦ୍ରଶେଖର ଆଦିଙ୍କ ଶୈଳୀ ଭିନ୍ନ ଓ ଶବ୍ଦ ବସାଣର କୌସଳରେ ପାର୍ଥକ୍ୟ ପରିଲକ୍ଷୀତ । ଏ ପରିପରେକ୍ଷୀରେ କଥାକାର କୃପାସାଗର ସାହୁଙ୍କ ଗଳ୍ପ ଗୁଡିକ ଶୈଳୀ ଆଲୋଚ୍ୟ ବିଷୟ।

ଅଦ୍ୟାବଧି କଥାକାର ଶ୍ରୀ କୃପାସାଗର ସାହୁ ବିଗତ ତିନି ଦଶନ୍ଧିରୁ ଓଡ଼ିଆ କଥାସାହିତ୍ୟ ସହିତ ଜଡିତ । ଏହି ପ୍ରତିଭାବାନ କଥାଶିଳ୍ପୀ ଏଯାବତ ଦୁଇଶହରୁ ଉର୍ଦ୍ଧ ଗଳ୍ପ ଓ ଛଅଟି ଉପନ୍ୟାସ ରଚନାକରି ଓଡିଆ କଥା ସାହିତ୍ୟରେ ଉଜ୍ଜ୍ୱଳ ଭବିଷ୍ୟତର ଆଶା ସ୍ଥାପନ କରିଛନ୍ତି । ଗଳ୍ପଗୁନ୍ଥନରେ ଚମତ୍କାରିତା ଭାବରାଜିର ଅନନ୍ୟ ପରିପ୍ରକାଶ ହିଁ ତାକୁ ପାଠକୀୟ ଆଦୃତି ଆଣିଦେଇଛି । ବିଶ୍ଳେଷଣାତ୍ମକ ଦୃଷ୍ଟିରେ ଗଳ୍ପ ଓ ଉପନ୍ୟାସଗୁଡ଼ିକୁ ବିଶ୍ଳେଷଣ କରି କାହାଣୀରେ ସରସ ଓ ସ୍ୱଚ୍ଛନ୍ଦର ଗ୍ରାମ୍ୟ ଓ ସହର ଜୀବନର ମାର୍ମିକ ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ମାନବେତର ଚରିତ୍ରଗୁଡିକର ମନୋବିଶ୍ଳେଷଣ ପ୍ରକାଶ କରିଥାନ୍ତି । ଗଳ୍ପଗୁଡିକ ଅନୁଭୂତିର ସ୍ପର୍ଶରେ ସତେଜ । ଗଳ୍ପ ସଂକଳନଗୁଡିକ ମଧ୍ୟରେ ।

ବର୍ଣ୍ଣନାତ୍ମକ ଶୈଳୀ: ଏହି ଶୈଳୀଟି ଗଳ୍ପ ସହିତ ବେଶ ଜଡିତ । କଥାବସ୍ତୁରେ ଚମତ୍କାରିତା ଓ ବିଷୟବିନ୍ୟାସର ପ୍ରାସଙ୍ଗିକତା ଦୃଷ୍ଟିରୁ ଏହି ଶୈଳୀଟି ଖୁବ ଗୁରୁତ୍ୱପୂର୍ଣ୍ଣ । ଗଳ୍ପ ମଧ୍ୟରେ ଲୁଚି ରହିଥିବା ଘଟଣା, ସମୟ, ଦୃଶ୍ୟରାଜି, ସ୍ଥାନ ଆଦିର ବାସ୍ତବିକ ରୂପ ପ୍ରଦାନ କାଳରେ କଥାକାର ଏହି ଶୈଳୀକୁ ଗ୍ରହଣ କରିଥାନ୍ତି । ଏହାଦ୍ୱାରା ଘଟଣାବଳୀ ଓ ଚରିତ୍ରଗୁଡିକ ଖୁବ୍ ପ୍ରଭାବଶାଳୀ ମନେହୁଅନ୍ତି । କୃପାସାଗର ସାହୁଙ୍କ ଅଧିକାଂଶ ଗଳ୍ପରେ ଏହି ଶୈଳୀର ପ୍ରଭାବ ଦେଖିବାକୁ ମିଳେ । ବର୍ଣ୍ଣନାଧର୍ମୀତା କୃପାସାଗରୀୟ ଗଳ୍ପର ପ୍ରଧାନଗୁଣ ।

ISSN NO.
2582-208X

କାହାଣୀଟି ରଚିତ ହେବ, ସେଥିରେ ବର୍ଣ୍ଣନା ରହିବନାହିଁ, ତେବେ ପାଠକୀୟ ପ୍ରଂଶସା ପାଇବ କିପରି ? କୃପାସାଗର ସାହୁଙ୍କ 'ଅରଣ୍ୟର ଅଜଗର' ଗଳ୍ପଟିକୁ ଉଦାହରଣ ରୂପେ ନିଆଯଉ । ଏଥିରେ ଅରଣ୍ୟର ରାଜା ହେଉଛି ଅଜଗର । ପଶୁପକ୍ଷୀମାନଙ୍କର ଯେପରି ଅଜଗରକୁ ଭୟ ରହିଛି ମନୁଷ୍ୟର ମଧ୍ୟ ତଦନୁରୂପ ଭୟ ରହିଛି । ଯେପରି- "ସେ ଅରଣ୍ୟର ଅଜଗର- ଅରଣ୍ୟର ରାଜା । ଅରଣ୍ୟର ହର୍ତ୍ତାକର୍ତ୍ତା, ଭାଗ୍ୟବିଧାତା । ବଣର ମଣିଷ ପାଇଁ ସେ ଆରାଧ୍ୟ ଦେବତା । ଆଦିବାସୀ ବସ୍ତିର ତୋରଣ ସ୍ତମ୍ଭରେ ତା'ର ପ୍ରତିମୂର୍ତ୍ତି, ଶୋଭାପାଏ । ନାଗପଞ୍ଚମୀରେ ଅରଣ୍ୟର ଉପନ୍ତରେ ତା'ର ଅରଧନା ପାଇଁ ମେଳା ବସେ । ଏସବୁ ଦେଖି ଦେଖି ଅଜଗର ପ୍ରୀତହୁଏ । ଦୂର ଦୂରାନ୍ତର ଭକ୍ତମାନେ ଆସି ତା'ର ପ୍ରତିମୂର୍ତ୍ତି ଉପରେ କ୍ଷୀର ଢାଳନ୍ତି, ପୁଷ୍ପର ଅର୍ଘ୍ୟ ଅର୍ପଣ କରନ୍ତି । ଧୂପଦୀପର ମହକରେ ଅରଣ୍ୟ ଉତ୍ତାଳ ହୁଏ ।" (ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ, ପୃଷ୍ଠା-୭) 'ଭ୍ରାନ୍ତ ନିଝର ଓ ଅନ୍ୟାନ୍ୟ ଗଳ୍ପ' ସଂକଳନସ୍ଥ 'ସେଇ ଝଡରାତି' ଗଳ୍ପଟି ଏକ ଚମତ୍କାର ଗଳ୍ପ । ଏଥିରେ କାହ୍ନୁ ପ୍ରତି ତା' ଖୁଡୀର ବାତ୍ସଲ୍ୟ ମମତାର ପରିପ୍ରକାଶ ଘଟିଛି । କୃପାସାଗର ସାହୁ ଯେହେତୁ ଜଣେ ଗଡଜାତ ଅଂଚଳର ଲୋକ, ବାଲ୍ୟାବସ୍ଥା ଓ କୈଶୋରାବସ୍ଥାର ଭରପୂର ଉପଭୋଗ ଗ୍ରାମାଞ୍ଚଳରେ କଟାଇଛନ୍ତି । ତେଣୁ ଗ୍ରାମାଞ୍ଚଳର ମହକ ତାଙ୍କ ଅଧିକାଂଶ ଗଳ୍ପରେ ଫୁଟି ଉଠିଛି । ଏହି ଗଳ୍ପଟିରେ ମରହଟ୍ଟାକାଳୀନ ଗୋଟିଏ ଗାଁର ଦୃଶ୍ୟ ଦେବାକୁ ଯାଇ ଲେଖିଛନ୍ତି- "ଗାଁ ମଝିରେ ମାହାପାତ୍ର ବଂଶର ତିନିପୁରୁଷର ଖଂଜା । ଘରକୁ ଘର, କାନ୍ଥକୁ କାନ୍ଥ, ଛାତକୁ ଛାତ ଲାଗି ଦଶବଖରା ମାଟିଘର । ମଝିରେ ଆୟତକାର ଏକ ଲମ୍ବା ଚଉଡା ଅଗଣା । ଅଗଣା ମଝୀରେ ଚଉରା ।" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, ପୃଷ୍ଠା-୮୫)ଏକ ସୁନ୍ଦର କାହାଣୀ ଚୟନ ସହ ତା'ର ପରିପ୍ରକାଶତା ଭିତ୍ତିରେ ବର୍ଣ୍ଣନାଧର୍ମୀତା ହେଉଛି କୃପାସାଗରଙ୍କର ଅନନ୍ୟ ସୃଷ୍ଟି ସର୍ଜନାର ମାଧ୍ୟମ । ବର୍ଣ୍ଣନାରେ ଅତୀବ ସରଳ ଭାବରାଜି ଓ ଶବ୍ଦ ସଂଯୋଜନାର ଦକ୍ଷତା କୃପାସାଗରଙ୍କ ଅନନ୍ୟ ପାରିବା ପଣିଆ ।

ତଥ୍ୟାତ୍ମକ ଶୈଳୀ: ବେଳେବେଳେ ଗଳ୍ପରେ କୌଣସି ଅଂଚଳ ଓ ବ୍ୟକ୍ତିଙ୍କ ସଂପର୍କରେ ବର୍ଣ୍ଣନା କାଳରେ କଥାକାରମାନେ ସେମାନଙ୍କୁ ନେଇ କେତେକ ତଥ୍ୟ ପ୍ରଦାନ କରନ୍ତି । ବେଳେବେଳେ ଏହି ତଥ୍ୟ ବର୍ଣ୍ଣନାଧର୍ମୀ ହୋଇଉଠେ ତ କେତେବେଳେ ସଂକ୍ଷିପ୍ତ । କୃପାସାଗର ଅନୁଭୂତି ଓ ଅନୁଭବର କଥାକାର । ଭ୍ରମଣ କାଳରେ ସ୍ଥାନର ମହିମା ସଂପର୍କରେ ଯେଉଁ ତଥ୍ୟ ପାଇଛନ୍ତି ତାକୁ ପରଶି ଦେଇଛନ୍ତି ଗଳ୍ପମାନଙ୍କରେ ।

ISSN NO.
2582-208X

ରେଳବିଭାଗରେ ଶ୍ରୀ ସାହୁ ଚାକିରୀ କରିଥିବାରୁ ରେଳ ବିଭାଗର ବିଭିନ୍ନ ତଥ୍ୟ ପାଠକମାନଙ୍କ ପାଖରେ ଉପସ୍ଥାପିତ କରିଛନ୍ତି ।

ବିବରଣାତ୍ମକ ଶୈଳୀ: ଏହି ଶୈଳୀର ଲେଖକ ଚରିତ୍ରଗୁଡିକର ପ୍ରତ୍ୟକ କାର୍ଯ୍ୟଗୁଡିକର ବିବରଣୀ ପ୍ରସ୍ତୁତ କରିଥାନ୍ତି । ପ୍ରତ୍ୟେକ ଘଟଣାର କିଛି ନା କିଛି କ୍ରିୟା ପ୍ରତିକ୍ରିୟା ଚରିତ୍ରର ମନଭିତରେ ଥାଏ । ଯାହାକୁ ଲେଖକ ଏହି ଶୈଳୀ ମାଧ୍ୟମରେ ବ୍ୟକ୍ତ କରିଥାନ୍ତି । କୃପାସାଗରଙ୍କ ବିଭିନ୍ନ ଗଳ୍ପରେ ବିବରଣୀର ଚିତ୍ର ଦେଖିବାକୁ ମିଳେ । 'ତମାଣ୍ଡରେ ତାମସା' ଗଳ୍ପଟିରେ ସାଂସଦ ତାଙ୍କ ପତ୍ନୀଙ୍କ ସହିତ ରାଜଧାନୀ ଏକ୍ସପ୍ରେସରେ ଯାତ୍ରା କରୁଥିବା ବେଳେ ରାତ୍ରିରେ ଶାୟିତ ଅବସ୍ଥାରେ ବର୍ଥ ତଳୁ କିଛି ଆବାଜ ଆସିଥିଲା । ପତଳା ନିଦରେ ଶାୟିତ ସାଂସଦଙ୍କ ପତ୍ନୀ ତିରିଶ ବର୍ଷର ଗାର୍ହସ୍ଥ୍ୟ ଜୀବନର ଅଭିଜ୍ଞତା ମନେପାକନ୍ତି । ଯେପରି- "ତାଙ୍କର ତିରିଶ ବର୍ଷର ଗାର୍ହସ୍ଥ୍ୟ ଜୀବନର ଅଭିଜ୍ଞତାରୁ ସେ ଜାଣନ୍ତି, ଯେମିତି ଜହ୍ନ ରାତିରେ ଚୋର ଛପିଯାଏ, ସେମିତି ଆଲୁଅ ଜଳୀଲେ ମୂଷା, ଅସରପା ପ୍ରଭୃତି କୀଟମାନେ ନୀରବୀ ଯାଆନ୍ତି ।" ( କୃପାସାଗର ସାହୁଙ୍କ ବ୍ୟଙ୍ଗ ଗଳ୍ପ, ପୃଷ୍ଠା-୯) ଏଥିରେ ସାଂସଦଙ୍କ ପତ୍ନୀଙ୍କ ମନସ୍ତତ୍ୱକୁ ଦେଖାଇବା ସହ ଗୋଟିଏ ତାମସାକୁ ଉପସ୍ଥାପିତ କରିଛନ୍ତି। ମୂଷାର ତାମସାରେ ସାଂସଦ ଓ ସାଂସଦଙ୍କ ପତ୍ନୀ ରାତ୍ରୀରେ ଶୋଇପାରିନାହାନ୍ତି । ଏହି ଏକ ହାସ୍ୟରସାତ୍ମକ ଗଳ୍ପ । ଯେଉଁଥିରେ ବିମଳ ହାସ୍ୟରସ ଭରପୂର ରହିଛି । ସେହିପରି କୃପାସାଗର ସାହୁଙ୍କର ମାନବେତର ଗଳ୍ପକୁ ନେଇ ସ୍ୱତନ୍ତ୍ର ପରିଚୟ ରହିଛି । ମାନବତାର ଚରିତ୍ର ମାଧ୍ୟମରେ ମନୋବିଶ୍ଳେଷଣ କରି ମନୁଷ୍ୟ ପରି ଜୀବନ ଓ ବଞ୍ଚିବାର ଅଧିକାର ସେମାନଙ୍କର ରହିଛି । ତାଙ୍କର 'ଗୋଧୂଳିର ଅଭିସାର' ଗଳ୍ପଟି ମାନବେତର ଗଳ୍ପ ସମ୍ବଳିତ। ଶୁଆ ଓ ଶାରୀ ପରସ୍ପର କଥା ପ୍ରସଙ୍ଗରେ ତୀର୍ଥରାଜ ଆସିଥିବା ଜଣେ ବୃଦ୍ଧକୁ ଲକ୍ଷ୍ୟକରି ଏହି ଶୈଳୀରେ କଥାବାର୍ତ୍ତା ହେଉଛନ୍ତି । "ବୃଦ୍ଧଙ୍କ ବୟସ ସତୁରୀ ପାଖାପାଖି ହେବ । ଶରୀର ଏହିପରୀ ଜିର୍ଣ୍ଣଶୀର୍ଣ୍ଣ ଯେ x x x x ଆଉ ଟିକିଏ ଜୋରରେ ପବନ ବହିଲେ ସେ ବୋଧେ ଶୁଖିଲା ପତ୍ରପରି ଉଡିଯିବେ । x x x x ମନୁଷ୍ୟମାନଙ୍କର ଏହି ବୟସ ହିଁ ତୀର୍ଥଯାତ୍ରାର ବୟସ । ତରଣୁ ଏ ବୃଦ୍ଧବ୍ୟକ୍ତି ତୀର୍ଥରାଜ ପ୍ରୟୋଗକୁ ପୂଣ୍ୟ ଅର୍ଜନ ଆଶାରେ ଆସିଥିବେ ବୋଲି ସେ ନିଶ୍ଚିତ ଥିଲେ ।" (ଶୁଆ କହେ ଶାରୀଲୋ, ପୃଷ୍ଠା-୩୮)ଏତଦ୍ ବ୍ୟତୀତ 'ସେଇ ସ୍ତ୍ରୀ ଲୋକ', 'କାଳନଦୀ', 'ବିଲାତି କୁର୍ତ୍ତୀ', 'ଶହ ଶହ ଶିଳ୍ପ', 'ରେଳ କୁଟୀରକୁ ରାସ୍ତା', 'ଶ୍ୟାମାଙ୍ଗୀ ମହିଳା' ଆଦି ଗଳ୍ପରେ ଏହି ଶୈଳୀ ପରିଦୃଷ୍ଟ ହୁଏ ।

ISSN NO.
2582-208X

ଆତ୍ମକଥନ ଶୈଳୀ: ସାହିତ୍ୟର ବିଭିନ୍ନ ବିଭାଗରେ ପ୍ରଥମ ପୁରୁଷ ବା ନିର୍ଦ୍ଦିଷ୍ଟ ଚରିତ୍ର ଦ୍ୱାରା ଯେଉଁ କଥା ପ୍ରସ୍ତୁତ କରାଯାଏ, ତାହାକୁ ଆତ୍ମକଥନାତ୍ମକ ଶୈଳୀ କୁହାଯାଏ । ଏହି ଶୈଳୀ ମାଧ୍ୟମରେ ପ୍ରଥମ ପୁରୁଷ ମଧ୍ୟଦେଇ ଚରିତ୍ରର ଆତ୍ମକଥନ ପ୍ରକ୍ରିୟାରେ କାହାଣୀଟି ପ୍ରକାଶ ପାଏ । ପ୍ରତ୍ୟେକ କାହାଣୀରେ ଲେଖକ ନିଜସ୍ୱ ଅନୁଭବ ଓ ଆବେଗକୁ ସମାଗମ କରି କାହାଣୀ ପ୍ରସ୍ତୁତ କରିଥାନ୍ତି । ମାତ୍ର ଆତ୍ମକଥାନ ଶୈଳୀରେ ଅନୁଭବ ଓ ଆବେଗ ମୂଳକ କରାଯାଇ କାଳ୍ପନିକ ପରିବର୍ତ୍ତେ ବ୍ୟକ୍ତିଗତ କରାଯାଏ । ଏଥିରେ ଚରିତ୍ରର ମନୋବିଶ୍ଳେଷଣ, ବ୍ୟକ୍ତିଗତ ଅନୁଭବ ଓ ଅନୁଭୂତିର ପ୍ରତିଷ୍ଠା କରେ । କୃପାସାଗର ସାହୁଙ୍କ 'ମୃଗୁଣୀ ସ୍ତୁତି', 'ଭଇଁଷା', 'ନିଆଳିର ଶିଆଳି', 'ପକ୍ଷୀ ଜନ୍ମରୁ ପାରିକର', 'ରୂପଜୀବି', 'ହାକିମଙ୍କ ଝିଅ' ପରି ଗଳ୍ପ ଏହି ଶୈଳୀରେ ରଚିତ । କୃପାସାଗରଙ୍କ ଏହି ଗଳ୍ପଗୁଡିକୁ ଅନୁଧ୍ୟାନ କଲେ କାଳରେ ଗାଳ୍ପିକଙ୍କ ଜୀବନରେ କିଛି ଘଟଣା ଶୁଣିଲା ପରି ମନେହୁଏ । ଏହା ଅନୁଭୂତି ନୁହେଁ ତ ଆଉ କ'ଣ ? କେତେକ ସ୍ଥାନରେ ଏହା ଭ୍ରମଣମୂଳକ ପରି ମନେହୁଏ । ଭ୍ରମଣ ବୃତ୍ତାନ୍ତକୁ କିଏ ଜଣେ ଶୁଣାଇଲା ପରି ମନେ ହୁଏ । ଏହି ଶୈଳୀରେ କାହାଣୀ ଶୁଣାଇଥିବା ତାଙ୍କର ଅନ୍ୟତମ ବୈଶିଷ୍ଟ୍ୟ ବୋଲି କୁହାଯାଇ ପାରେ । ଉଦାହରଣ ସ୍ୱରୂପ- 'ମୟୂରୀ ଓ ନାଗକନ୍ୟା' ଗଳ୍ପକୁ ନିଆଯାଇପାରେ । "କିଛି ସମୟ ପରେ ଖରାପଡିଲା କନିଅର ଫୁଲ ରଙ୍ଗର ଖରା ଗଛପତ୍ର ଆଡେଇ ହୋଇ ଏକ ମୃଗ ଶାବକ ପରି ସନ୍ତର୍ପଣରେ ଆସିଥିଲା । ମୁଁ ସେତେବେଳେକୁ ଡଚେସଫଲ ପାଖାପାଖି ପହଞ୍ଚି ଯାଇଥିଲି । ଚାରି କିଲୋମିଟର ଚାଲିବା ପରେ ଏକ ପ୍ରକାର ଅଟକି ଯାଇଥିଲି । ଥକ୍କା ମେଣ୍ଟାଇବାପାଇଁ, ରାସ୍ତା ପାଖରେ ପଡିଥିବା ଏକ ପଥର ଚକଡା ଉପରେ ବସିପଡିଲି । ଦୂରରୁ ପ୍ରପାତର ଜଳଧାରା ପଡିବାର କଳକଳ ଶବ୍ଦ ଛଡା ଆଉ କୌଣସି ଶବ୍ଦ ନଥିଲା ।"

କୃପାସାଗର ସାହୁଙ୍କର ଅଧିକାଂଶ ଗଳ୍ପ ଭ୍ରମଣମୂଳକ । ରେଳବାଇ ଚାକିରୀ କାଳରେ ଭାରତର ବିଭିନ୍ନ ପ୍ରାନ୍ତକୁ ଯାତ୍ରା ସମୟରେ ଉପଭୋଗ କରିଛନ୍ତି ପ୍ରକୃତିର ନୈସର୍ଗିକ ଶୋଭା । ଜାତିଜାତି ମଣିଷ ଭାବବନ୍ଧନରେ ଆବଦ୍ଧ ହୋଇଛନ୍ତି । ଯାହାକୁ ଉପାଦାନ ରୂପେ ଗ୍ରହଣକରି କୃପାସାଗର ସାହୁ ଆପଣେଇ ନିଅନ୍ତି ସ୍ମୃତି ସବୁକୁ । ଏ ସ୍ମୃତି କାହାଣୀରେ ରୂପାନ୍ତରିତ ହୁଏ । ଯାହାର ନାୟକ ସ୍ରଷ୍ଟା ନିଜେ ।

ସଂଗୀତ ଓ ରୁଢ଼ିର ପ୍ରୟୋଗ: ଗଳ୍ପସାହିତ୍ୟ ଗଦ୍ୟଧର୍ମୀ ସାହିତ୍ୟ ହେଲେ ହେଁ ଛତ୍ରେ ଛତ୍ରେ ଚରିତ୍ର ଓ ପରିବେଶ ଅନୁଯାୟୀ କିଛି ଗୀତ ଓ କବିତାର ରୂପପାଏ । ଉଭୟ ଗ୍ରାମ୍ୟ ଓ

ISSN NO.
2582-208X

ନଗର ଜୀବନକୁ ଉପଭୋଗ କରିଛନ୍ତି କଥାକାର କୃପାସଗର ସାହୁ । ବାଲ୍ୟ ଓ କୈଶୋରର ଗ୍ରାମୀଣ ସ୍ମୃତିକୁ ହାତଧରି ଟାଣିଆଣି ଯୌବନରେ ଫୁଟାଇଛନ୍ତି ବିଭିନ୍ନ ମହକ। ଗ୍ରାମ ସ୍ମୃତିକୁ ସାଉଟି ଗ୍ରାମୀଣ ଜନତା ପ୍ରତି ଦୃଷ୍ଟିକୋଣ, ଗ୍ରାମ୍ୟ ଜୀବନର ଅବଲୋକନ କାଳରେ ସହରୀ ସଂସ୍କୃତିକୁ ପାଶୋରୀ ଗ୍ରାମୀଣ ଜୀବନର ପ୍ରୟୋଗ ଅଧିକ ହେବା ପରି ମନେହୁଏ । ଗ୍ରାମୀଣ ସଂସ୍କୃତିକୁ ନେଇ 'କାହଣୀ-୨୦୦୫', 'ଗଡଜାତ ଗଳ୍ପ', 'କୃପାସାଗର ସାହୁଙ୍କ ଗ୍ୟଙ୍ଗ ଗଳ୍ପ', 'କାହଣୀ ୧୯୯୮', 'ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ' ଆଦିରେ ସଂକଳୀତ ବିଭିନ୍ନ ଗଳ୍ପରେ ଗ୍ରାମୀଣ ସଂସ୍କୃତି ଓ ଜୀବନଚର୍ଯ୍ୟାକୁ ମନେପକାଇଲା ବେଳେ ସଂଗୀତର ପ୍ରଭାବ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ଲାଜକୁରୀ ଗଳ୍ପଟିକୁ ନିଆଯାଇପାରେ । ଗଳ୍ପ ନାୟକ ବିଦେଇ ସଂନ୍ଧ୍ୟାରେ କୀର୍ତ୍ତନ ଘର ଆଡେ ବୁଲିଯିବା ବେଳେ ସେଠାରେ ସେ ଶୁଣିଛି-

"ବାଇ ମନରେ ବସି ହଂସକୁ ଖେଳା
ହଂସ ଉଡିଗଲେ ଗୁଡିବ ଭେଳା
ବାଇମନରେ ।" (କାହଣୀ ୧୯୯୮, ପୃଷ୍ଠା-୪୯)

ଶ୍ରୀ କୃପାସାଗର ସାହୁ ତାଙ୍କ ଗଳ୍ପ ମାନଙ୍କରେ ଅନେକ ରଢିର ପ୍ରୟୋଗ କରିଛନ୍ତି । ଯଥା-

"ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ ।"
"ଅରକ୍ଷିତକୁ ଦଇବ ସାହା ।"
"ହାତି ବନସ୍ତରେ ବୁଲିଲେବି ରାଜାର ।"
"ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ ।"
"ଏଇ କଥାକୁ ନା ପେଲିଦେଲି କଲିକତାକୁ ।"
"କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ ।"
"ନହେଲେ ମୋ ନାଁରେ କୁତ୍ତାଟେ ପାଳିବୁ ।"
"ମାମୁ ଘରେ ଘଣା ପେଲିବୁ ।"
"ଢିଙ୍କିଶାଳରୁ ଢେଙ୍କାନାଳ ଯାଏ ।"
"ସର୍ପ ଜନମ ଦେଲୁ ମୋତେ; ସ୍ୱଭାବ ଛାଡିବି କେମନ୍ତେ ।"

ISSN NO.
2582-208X

"ଦେଖା ସୁନ୍ଦର ବଉଳା ଗାଈ ।"
"ଯୌବନେ ମର୍କଟୀ ରମ୍ୟା ।"
"ରାଷ୍ଟ୍ର ହୋଇଯିବା ।"

ଭାଷା:

ମଣିଷ ମନର ଭାବକୁ ପ୍ରକାଶ କରିବା ନିମନ୍ତେ ଭାଷାର ସୃଷ୍ଟି । ନିଜ ମନର ଅବଦମିତ ପ୍ରଶ୍ନ, ଆଶଙ୍କା, ଭାବାବେଗ ଅନ୍ୟ ଜଣଙ୍କ ଆଗରେ ପ୍ରକାଶ କରିବା ହେଉଛି ଭାଷା । ବିଭିନ୍ନ ଲେଖକମାନଙ୍କର ଭାଷା ପ୍ରୟୋଗ କରିବା ପ୍ରଣାଳୀ ଭିନ୍ନ ଭିନ୍ନ ହୋଇଥାଏ । ସେଥିରୁ ହିଁ ଜଣାପଡେ ଜଣେ ଲେଖକର ଲିଖିତ ପ୍ରଣାଳୀ ଓ ବ୍ୟକ୍ତିସତ୍ତା ସମ୍ପର୍କରେ । ତତ୍ସମ ଶବ୍ଦମାନଙ୍କ ଭିତରେ ରହିଛି- ପିତା, ସାହିତ୍ୟ, ବାୟୁ, ଜଳ, ପୁସ୍ତକ, ବିଦ୍ୟା, ମଧୁର, ଧାରା, ପୃଥିବୀ, ନଦୀ, ବୃକ୍ଷ, ଲତା, ସୁନ୍ଦର, ପ୍ରଚୀନ, ଶୀକ୍ଷା, କୃଷ୍ଣ, ଅରଣ୍ୟ, ସୂର୍ଯ୍ୟ, ବିବାହ, ପ୍ରତିଷ୍ଠା ଇତ୍ୟାଦି । ସେହିପରି ତଦଭବ ହେଉଛି ମାଟି, କାମ, ଘୋଡା, ସାପ, ସନ୍ଧ୍ୟା, ଘର, ହାତୀ, ବାଛୁରୀ, ମିଠା, ଘରଣୀ, ଘଇତା ଇତ୍ୟାଦି ।

ଶ୍ରୀ ସାହୁ ଗଡଜାତିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିବାରୁ, ତାଙ୍କ ଅନେକ ଗଳ୍ପ ଦେଶଜ ଶବ୍ଦକୁ ନେଇ ରଚିତ । ତେଣୁ ତାଙ୍କ ଗଳ୍ପମାନଙ୍କରେ ସେ ଅଞ୍ଚଳର ଅନେକ ଶବ୍ଦ ଦେଖିବାକୁ ମିଳେ । ଯଥା- ଢାବଲ, ନିକ, ଗାରଡ, ନହାଳିବା, ବେଉରା, ଚୌକି, ମାଙ୍ଗୁ, ଦାରେଢ଼ି, କାଞ୍ଜିଆହୁଦା, ସାଞ୍ଜୁ, ରଣପା, ଆଣ୍ଠୁକୁଡା, ପାତକୀ, ଭାଗୋଡା, ଚଇନିଫିଟ, ଗରଡା, ସାଙ୍କୁଡି, ଭୁରୁଡି ଇତ୍ୟାଦି । ଶ୍ରୀ ସାହୁଙ୍କ ଗଳ୍ପରେ ବହୁଳ ପରିମାଣରେ ଇଂରାଜୀ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ । ଯଥା- ବୋଗନ୍ଭିଲ୍ଲା, କ୍ରୋଟନ, ଲାଭାଟୋରୀ, ପ୍ଲସ, ମାଇନସ୍, ପଏଣ୍ଟ୍, ପରଫେକ୍ସନିଷ୍ଟ, ଆଣ୍ଟି, ରୁମ, ଅଫିସର, ମ୍ୟାକ୍ସି, ବାୟୋନେଟ, ଲୋଡିଂ, କଲିଗ, ଉଏସ୍, ମ୍ୟାନ, ହ୍ୱାଟ, ସୁପରିଟେଣ୍ଡେଣ୍ଟ, କଣ୍ଡକ୍ଟର, ଆଟେଣ୍ଡାଣ୍ଟ, ଲଗେଜ, ଇନ୍ସପେକ୍ଟର, ଗ୍ଲାସ, ପ୍ୟାଣ୍ଟ ଇତ୍ୟାଦି ।

ଶ୍ରୀ ସାହୁ ଜଣେ ରେଳ କର୍ମଚାରୀ, ତେଣୁ ତାଙ୍କ ରାକିରୀ ଜୀବନର ଅନେକ ସମୟ ସେ ଓଡ଼ିଶା ବାହାରେ କଟାଇଛନ୍ତି । ତେଣୁ ତାଙ୍କ ଗଳ୍ପରେ ହିନ୍ଦୀ ଶବ୍ଦର ପାଦୁର୍ଭାବ ଦେଖିବାକୁମିଳେ । ସେଗୁଡିକ ହେଉଛି- କୁର୍ତ୍ତା, ବୁଡବକ, କାଂଚଲା, ସାବଜା, ହମଦର୍ଦ୍ଦୀ, ମାଲୁମ, ଦିଲ୍, ବାରାତ, ଔରତ, ମାଏ କା ଲାଲ, ସହେଲୀ, ଖୁନ ଖରାବା, ଖାନା,

ISSN NO.
2582-208X

ସବୁରକର, କତଲ, ତଲାବ, ଥୁକି, ଗାନା, ଗବଦାରି, ଦାଗ୍, ଅଛେ ଇତ୍ୟାଦି । ଶ୍ରୀ ସାହୁ ରେଳ ବିଭାଗ ଓ ରେଳ କର୍ମଚାରୀଙ୍କୁ ନେଇ ଅନେକ ଗଳ୍ପ ରଚନା କରିଛନ୍ତି । ସେହି ଗଳ୍ପମାନଙ୍କରେ ସେହି ସମ୍ବନ୍ଧିୟ ଅନେକ ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ । ଯଥା- ଲାଇନ୍ କ୍ଲିୟର, ସିଗନାଲ, ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର, ବ୍ୟାନର ଫ୍ଲାଗ, ଡେଟୋନେଟର, ପଏଣ୍ଟମ୍ୟାନ, କୁପେ, ବର୍ଥ, ଗାର୍ବେଜ, ଭାକ୍ୟୁମ ଇତ୍ୟାଦି । ଶ୍ରୀ ସାହୁ ତାଙ୍କ ଗଳ୍ପରେ ବ୍ୟବହାର କରିଥିବା ଧ୍ୱନ୍ୟାତ୍ମକ ଶବ୍ଦ ହେଉଛି- ସାଇଁ ସାଇଁ, ରାମ ରାମ, ଡିବ୍ ଡିବ୍, କେଁ କାଁ, ଚେଁ ଚାଁ, ଡହଡହ, ଟଣା ଟଣା, କ୍ୱାକ କ୍ୱାକ, ଠକ୍ ଠକ୍, ହୋ ହୋ, ୟେ ୟେ, ଡିମା ଡିମା, ଘୁଡୁ ଘୁଡୁ, ମଝିମଝି, ବୁଲ୍ ବୁଲ୍ ଇତ୍ୟାଦି ।

ପାଠକ କିପରି ଭାରାକ୍ରାନ୍ତ ହେବନାହିଁ ସେହିଭଳି ଭାଷା ଓ ଶୈଳୀର ବ୍ୟବହାର କରନ୍ତି ଶ୍ରୀ ସାହୁ । ସାଂପ୍ରତିକ ସମୟରେ ଗଳ୍ପରେ କରାଯାଉଥିବା ପରୀକ୍ଷାମୂଳକ ଶୈଳୀଠାରୁ ସେ ବହୁ ଦୂରରେ । ତେଣୁ ତାଙ୍କ ଗଳ୍ପ ପାଠକକୁ ବୁଝିବାରେ ଉତ୍ତମ ଖୋରାକ୍ ଯୋଗାଇଥାଏ । ତାଙ୍କ ଗଳ୍ପରେ ଉପାନ୍ତ ଅଞ୍ଚଳ, ଗଡଜାତ ଅଞ୍ଚଳ ଠାରୁ ଆରମ୍ଭକରି ରେଳ ବିଭାଗର ବିଭିନ୍ନ ଭାଷା ଦେଖିବାକୁ ମିଳେ । ମୁଖ୍ୟତଃ ତାଙ୍କ ଗଳ୍ପର ଭାଷା ହେଉଛି ଗାଁର ଭାଷା । ଗାଁର ସରଳ ଓ ସାବଲିଳ ଭାଷାକୁ ନେଇ ସେ ଗଳ୍ପମାନ ରଚନା କରିଥାନ୍ତି । ଯାହାକୁ ପାଠକଲେ ଗାଁ ମାଟିର ମହକ ଅନୁଭବ କରିହୁଏ । ସେହି ଭାଷାର ମହକ ସହରରେ ବହୁଦିନଧରି ରହୁଥିବା ବ୍ୟକ୍ତିକୁ ଗାଁ ମାଟିକୁ ଟାଣିନିଏ ଏବଂ ଗାଁରେ ରହୁଥିବା ବ୍ୟକ୍ତିର ମନରେ ମଧ୍ୟ ଭାବାବେଗ ସୃଷ୍ଟି କରିଥାଏ । ତାଙ୍କ ଭାଷାର ସାବଲିଳତା ଯୋଗୁ ସବୁ ବର୍ଗର ବ୍ୟକ୍ତିମାନେ ତାଙ୍କ ଗଳ୍ପକୁ ଆଦରର ସହ ପଠନ କରିଥାନ୍ତି।

ସହାୟକ ଗ୍ରନ୍ଥସୂଚୀ:

୧. ମହାନ୍ତି ଅଶୋକ(ସଂ), ଷଠୀଘରରୁ ଷାଠିଏ, କୁସୁମିତା ପବ୍ଲିକେଶନ, ଏଚ୍.ପି-୩,ଷ୍ଟେଜ-୨, ଲକ୍ଷ୍ମୀସାଗର, ଭୁବନେଶ୍ୱର-୦୬, ପ୍ରଥମ ସଂସ୍କରଣ-୨୦୨୨ ।

୨. ରାଉଳ ରାଶ୍ମୀ(ସଂ), ଷଠୀଘରରୁ ଷାଠିଏ, କୁସୁମିତା ପବ୍ଲିକେଶନ, ଏଚ୍.ପି-୩,ଷ୍ଟେଜ-୨, ଲକ୍ଷ୍ମୀସାଗର, ଭୁବନେଶ୍ୱର-୦୬, ପ୍ରଥମ ସଂସ୍କରଣ-୨୦୧୩ ।

ISSN NO.
2582-208X

୩. ସାହୁ କୃପାସାଗର, ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ, କୁସୁମିତା ପବ୍ଲିକେଶନସ, ପ୍ଲଟ ନଂ. ଏଚ୍.ପି-୩,ଷ୍ଟେଜ-୨ ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ତୃତୀୟ ପ୍ରକାଶ-୨୦୧୬ ।

୪. ସାହୁ କୃପାସାଗର, କୃପାସାଗର ସାହୁଙ୍କ ବ୍ୟଙ୍ଗ ଗଳ୍ପ, ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ନିଳିଆବାଗ୍, ଶ୍ରୀକଣ୍ଠପୁର, ବାଲେଶ୍ୱର-୧, ପ୍ରଥମ ସଂସ୍କରଣ-୨୦୧୪ ।

୫. ସାହୁ କୃପାସାଗର, ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କାର୍ଲ ବୁକର୍ସ ସୁବର୍ଣ୍ଣରେଖା ଚ୍ୟାମ୍ବର୍ସ ଏ/୯, ଭୌମ ନଗର, ଭୁବନେଶ୍ୱର-୭୫୧୦୦୧, ଦ୍ୱିତୀୟ ସଂସ୍କରଣ-୨୦୧୮ ।

((()))

ISSN NO.
2582-208X

# ମୁଁ



ବାସନ୍ତୀ ଲତା ଜେନା

ମୁଁ ଦିବ୍ୟ ଆଲୋକର ସନ୍ତାନ
ମୁଁ ନାରାୟଣ ଅଂଶ ମହାନ
ମୁଁ ର ପରିଧି ଅତିବ ବିଶାଳ
ଜୀବ ପରମର ଭାବର ମିଳନ ।୧।

କର୍ତ୍ତବ୍ୟ ପଥରେ ସଦା ବ୍ରତୀ ଥିବି
ଜଗତର ହୀତ କଲ୍ୟାଣ କରିବି
ଦୁର୍ଲ୍ଲଭ ଜୀବନ ସଫଳ କରିବି
ପରହିତେ ସଦା ଦିନ ବିତାଇବି ।୨।

ଅସୀମ ସହସେ ନିର୍ଭିକ ହୋଇବି
ବିଶ୍ୱାସ ଭରସା ନିଜଠି ରଖିବି
ଭଗବାନ ନାମ ତୁଣ୍ଡରେ ଧରିବି
କର୍ତ୍ତବ୍ୟ ପଥରେ ଆଗେଇ ଚାଲିବି ।୩।

ମୁଁ ସ୍ୱଚ୍ଛ ସରଳ ନିରୀହ ଜୀବନ
ସତ୍ୟ ଦୟା କ୍ଷମା ମୋ ନିଜସ୍ୱ ଗୁଣ

ISSN NO.
2582-208X

ଦୁର୍ନୀତି ଦୂରେଇ ନୀତିରେ ଚାଲିବି
ଅହିଂସା ପଥରେ ପଥିକ ହୋଇବି ।୪।

ବାଲ୍ୟ କାଳୁ ଧର୍ମ ଧନ ମୁଁ ସଞ୍ଚିବି
ଈଶ୍ୱରଙ୍କ ଗୁଣ ନାମ ଜପୁ ଥିବି
ମୁଁ ସର୍ବ ସମ୍ପୂର୍ଣ୍ଣ ଅହଂ ନ କରିବି
ମାନବ ସେବାରେ ଜୀବନ ମୁଁ ଦେବି ।୫।

ମୁଁ ର ରାକ୍ଷସ ସର୍ବ କରେ ଗ୍ରାସ
ଲୋଭ ମୋହ ସାଥେ ନ ହୋଇବି ବଶ
ଅହଂ ଛାଡି ଦେଇ ସରଳ ହୋଇବି
ଭଗବାନ ପାଶେ ଶରଣରେ ଯିବି ।୬।

ଶିକ୍ଷୟିତ୍ରୀ, ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଯନ୍ତ୍ରଣା



ସସ୍ମିତା ଭୋଇ

ରକ୍ତ ମାଂସ ହାଡ଼ ର ଶରୀର
କେତେ ସହିବ ଏ ଅସହ୍ୟ ଯନ୍ତ୍ରଣା
ତୁମେ କେବେ ଆସିବ ମୋତେ ନେଇ ଯିବ ତୁମ ସାଥିରେ
ଦିନ ରେ ଆସ କି ରାତି କିବା ଖରା ତାତି ରେ
ମୁଁ ଅପେକ୍ଷା କରିଛି ଆସିବା ପଥକୁ ତୁମର
ବୈଶାଖ ର ଝଡ଼ି, ଶ୍ରାବଣର ଅନୀରଘାତ ବାରିପାତ,
ଗ୍ରୀଷ୍ମ ର ଅସହ୍ୟ ତାତି ରେ ମୁଁ ଅନୁଭବ କରୁଛି
ତୁମେ ଆସିବ ମୋତେ ନେବ ତୁମ ସାଥିରେ
ଏଠି ନାହିଁ ଶାନ୍ତି ସ୍ନେହ ପ୍ରେମ ଭଲପାଇବା
ଯନ୍ତ୍ରଣା ରୁ ଯନ୍ତ୍ରଣା, ଦୁଃଖ ରୁ ଦୁଃଖ
ଦିନରୁ ଦିନ ଶର୍ଯ୍ୟ ହେଉନି ଏ ଯନ୍ତ୍ରଣା
କିଏ କହେ ତୁମେ ଅତି କ୍ରୁର ନିଷ୍ଠୁର
ମୁଁ ଭାବେ ତୁମେ ଯନ୍ତ୍ରଣା ର ଉପଶମ
ବାତାୟନ ଖୋଲି ରହିଛି ଚାହିଁ
ତୁମେ ମୋତେ ଯନ୍ତ୍ରଣା ରୁ ନେବ ଉଦ୍ଧାରି
ଶରୀର କ୍ଳେଶ ଠୁ ମନର କ୍ଳାନ୍ତି
ମୁଁ ପାରୁନି ଆଉ ଶର୍ଯ୍ୟ କରି
ଏ ସଂସାର ଚିତ୍ର ଅଟଇ ବିଚିତ୍ର
ବେଲୁ ବେଲୁ ହୋଇଲାଣି ଅତି ହୀନିମାନ
କାଳ ରୂପୀ ଯନ୍ତ୍ରଣା କୁ ନପାରଇ ସହି
ମୋତେ ତୋଳି ନିଅ ତୁମ ପାଖକୁ ସାଥୀ
ଏ ଘୋର ଯନ୍ତ୍ରଣା ରୁ ଯନ୍ତ୍ରଣା ରୁ......

କଟକ, ବ୍ରାହ୍ମଣଝରିଲୋ- ୭୫୪୦୦୧

ISSN NO.
2582-208X

# ବିକାଶ ପଥେ ପ୍ରକୃତି ନଷ୍ଟ

ସ୍ମୃତି ଝାଙ୍କର (କବିତା)

ବିକାଶ ପାଇଁକି ପ୍ରକୃତିକୁ ଆମେ
ମାଟିରେ ଦେଲୁ ପୋତି
ବୈଷୟିକ ଜ୍ଞାନ ଆହରଣ କରି
ବୋଲାଉ ଉନ୍ନତ ଜାତି ।

ଗୃରିଆଡେ ଆଜି ଦିଶେ କୋଠାବାଡ଼ି
ଦେଶର ପ୍ରଗତି ପାଇଁ,
ଘରଚଟିଆ ଯେ ରହିବେ କେଉଁଠି
ଗୃଳଘର ଆଉ ନାହିଁ ।

ବାଟେ ଗୃଲେ ନାହିଁ ଶଗଡଗାଡି ଯେ
କ୍ଷେତେ ବୁଲେ ନାହିଁ ହଳ,
ଯନ୍ତ୍ରପାତି ଦ୍ୱାର୍ ଗୃଷ ହୁଏ ଜମି
ଶ୍ରମର ଯେ ନାହିଁ ମୂଲ୍ୟ ।

ଜୈବଖତ ସ୍ଥାନେ ବିଷାକ୍ତ ସାରରେ
ମାଟି ହେଲା ପ୍ରଦୂଷଣ,
ପନପରିବା ଯେ ବିଷାକ୍ତ ହୋଇଲା
ଖାଇଲେ ଯାଉଛି ପ୍ରାଣ ।

ISSN NO.
2582-208X

କଳ କାରଖାନା ପ୍ରଦୂଷଣ କରେ
ପବନ ସାଙ୍ଗକୁ ଜଳ,
ଗଛ କଟା ଯୋଗୁଁ ଅକାଳ ବୃଷ୍ଟିରେ
ମରନ୍ତୁ ପ୍ରାଣୀ ସକଳ ।

ବଣ ଜଙ୍ଗଲ ନଷ୍ଟ ହେଉ ଅଛି
ଉତ୍ତାପ ବଢିଲା ଯହିଁ,
ବରଫ ତରଳେ ଲାଭା ଉଦ୍ଗିରଣ
ଖରା ହୁଏନାହିଁ ସହି ।

ପ୍ରକୃତିକୁ ଆମେ ନଷ୍ଟ ଯେ କରୁଛି
ନିଜ ନିଜ ସ୍ୱାର୍ଥ ପାଇଁ,
ପ୍ରକୃତି ରଚଲେ ତାଣ୍ଡବର ଲୀଳା
କେହି ରକ୍ଷକ ନାହାଁ।

ଗ୍ରାମ- ଟକର୍ଲା, ବ୍ଲକ_ତରଭା
ଜିଲ୍ଲା -ସୋନପୁର, ପିନ୍-767016
Email - queenkabita53@gmail.com

ISSN NO.
2582-208X

# ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପରେ ପ୍ରେମ



ବବିତା ସାହୁ

ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ ଭାବରେ ପରିଚୟ ଲାଭ କରିଥିବା ଫକୀରମୋହନ ସେନାପତିଙ୍କ ପରି ଯଦି ଆଉ କୌଣସି ଗାଳ୍ପିକଙ୍କ ଗଳ୍ପ ଓଡ଼ିଶାର ଜନମାନସକୁ ଛୁଇଁବାରେ ସକ୍ଷମ ହୋଇଥାଏ ତେବେ ସେ ଆଉ କେହି ନୁହନ୍ତି ସେ ହେଉଛନ୍ତି ନିଆଁଖୁଣ୍ଟାର ପ୍ରତିଷ୍ଠାତା ସମ୍ପାଦକ ଗୋଦାବରୀଶ ମହାପାତ୍ର । ସତ୍ୟବାଦୀ ଯୁଗର ଅନ୍ୟତମ ଧୂରୀଣ ସାହିତ୍ୟିକ ଗୋଦାବରୀଶ ମହାପାତ୍ର ସାହିତ୍ୟିକ ଭାବରେ ପ୍ରସିଦ୍ଧି ପାଇବାର ଲକ୍ଷ୍ୟ ନେଇ କିମ୍ବା ନିଜର କୌଣସି ସୁବିଧା କରିବାର ଉଦ୍ଦେଶ୍ୟ ନନେଇ ବରଂ ସାଧାରଣ ଜନତାଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ତଥା କେତେକ ଅବାଟୁଆଙ୍କୁ ବାଟକୁ ଆଣିବା ପାଇଁ ସେ ଲେଖନୀ ଚାଳନା କରିଥିଲେ । ଗାଳ୍ପିକ ମହପାତ୍ର ସାଧାରଣ ସମସ୍ୟାକୁ ଦର୍ଶାଇବା ପାଇଁ କଲମ ଧରିଥିବାରୁ ସେ ଗରିବ ଜନତାକୁ ଯେପରି ଦେଖିଛନ୍ତି ଯେପରି ବୁଝିଛନ୍ତି ଠିକ ସେହିପରି ବ୍ୟକ୍ତ କରିଛନ୍ତି । ତାଙ୍କ ରଚିତ ଶ୍ରୁତି ସଂଚୟନ ଗଳ୍ପ ସଂକଳନର ନିଜକଥାରେ ସେ କହିଛନ୍ତି "ସେଥିପାଇଁ ମୁଁ ଯେତେ କଥା ଶୁଣିଛି ତା'ମଧ୍ୟରୁ ବଛା ବଛା କେତୋଟି କଥା ମୋର କଲମ ମୁନରେ ଫୁଟାଇଛି ମାତ୍ର । ସେଥିରେ ସାହିତ୍ୟର ରସ ରହିଲା କି ନାହିଁ, ବ୍ୟାକରଣର ନିୟମାବଳୀ ଲାଗୁ ହୋଇଛି କି ନାହିଁ, ମାପଚୁପ କରି ଚରିତ୍ର ମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି କି ନାହିଁ, ଜୀବନ-ଦର୍ଶନ ଠିକ୍ ଯାଗାରେ ଓ ଠିକ୍ ଭାବରେ ଲାଗୁହୋଇଛି କି ନାହିଁ - ଏ ସବୁ କଥା ପ୍ରତି ଆଖି ରଖି ମୁଁ ଏ ଗଳ୍ପ ଗୁଡ଼ିକ ଲେଖିନାହିଁ।"ଏଠାରେ କହିରଖୁଛି ଯେ, ଗୋଦାବରୀଶ ମହାପାତ୍ରଙ୍କ ସମସ୍ତ କୃତି ନୁହେଁ କେବଳ ତାଙ୍କ ଗଳ୍ପଗୁଡ଼ିକୁ ହିଁ ଆଲୋଚନାର ପରିସରକୁ ନିଆଯାଇଛି ।

ISSN NO.
2582-208X

ବିଂଶ ଶତାବ୍ଦୀର ପ୍ରଥମ ଦଶକ ଠାରୁ ଆରମ୍ଭ କରି ୧୯୬୫ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଓଡ଼ିଶାର ବାସ୍ତବ ଚିତ୍ର ଗାଳ୍ପିକ ମହାପାତ୍ରଙ୍କ ଗଳ୍ପରୁ ମିଳିଥାଏ । କ୍ଷୁଦ୍ରଗଳ୍ପ ଦୃଷ୍ଟିରୁ ବିଚାର କଲେ ତାଙ୍କ ଗଳ୍ପଗୁଡ଼ିକ ଆଧୁନିକ କ୍ଷୁଦ୍ରଗଳ୍ପର ଛାଞ୍ଚରେ ସମ୍ପୂର୍ଣ ରୂପେ ନିଜକୁ ଗଢ଼ିପାରିନାହାନ୍ତି । ଏଠାରେ ଅବଶ୍ୟ ଧ୍ୟାନ ଦେବା ଉଚିତ ହେବ ଯେ, ଗାଳ୍ପିକ ଗଳ୍ପ ଲେଖିବାର ପ୍ରୟାସ କରି ପ୍ଲଟ ଖୋଜି ଗଳ୍ପ ଲେଖିନାହାନ୍ତି; ସେ ଓଡ଼ିଶାର ବାସ୍ତବ ଚିତ୍ର ଦର୍ଶାଇବା ପାଇଁ ଗଳ୍ପର ସାହାର୍ଯ୍ୟ ନେଇଛନ୍ତି ଓ ତାହା ପ୍ରକାଶ କରିଛନ୍ତି । ଗାଳ୍ପିକ ନୀଳ ମାଷ୍ଟରାଣୀ ଗଳ୍ପ ସଂକଳନରେ ମୋ କାହାଣୀର କାହାଣୀରେ କହିଛନ୍ତି "ଗଳ୍ପ ଲେଖିବା ପାଇଁ ମୁଁ କେବେ ପ୍ରଣାଳୀ ଖୋଜିନାହିଁ । ପ୍ରତିଦିନର ପ୍ରତି ମୁହୂର୍ତ୍ତରେ ବାଟଘାଟରେ, ସମାଜ ଓ ରାଜନୀତିରେ ଆଢୁଆଳରେ, ମାନବ ଚିତ୍ତର ପ୍ରେମ, ପ୍ରୀତି, ସୋହାଗ ଭିତରେ, ଜୀବନର ସୁଖ-ଦୁଃଖ-ସଂଘର୍ଷରେ, ହାସ୍ୟରସରେ ସବୁ ସ୍ଥାନରେ ମୁଁ ବରାବର କ୍ଷୁଦ୍ର କ୍ଷୁଦ୍ର ଗଳ୍ପର ଉପାଦାନ ଦେଖେ xxx ସତ୍ୟରେ ଯେଉଁ ଜିନିଷଟା ଅଛି, ତାକୁ ରଙ୍ଗେଇ ପାରିଲେ ଯେବେ ଗଳ୍ପ ହେଲା, ତାହାହେଲେ ସେଇ ମୋର ଗଳ୍ପ ।"

ସାହିତ୍ୟକୁ କୌଣସି ବାଦର ଗଣ୍ଡି ମଧ୍ୟରେ ଆବଦ୍ଧ ନକରି ବୃହତ୍ତର ପରିସର ଦୃଷ୍ଟିରୁ ଆଲୋଚନା କଲେ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ଉପାଦାନ ପ୍ରେମର ପ୍ରଭାବ ପାଦେ ପାଦେ ଉପଲବ୍ଧି କରିହୁଏ । ବୃହତ ପରିସରରେ ଆଲୋଚନା କଲେ ଗାଳ୍ପିକ ମହାପାତ୍ରଙ୍କ ଗଳ୍ପରେ (କ) ଦାମ୍ପତ୍ୟ ପ୍ରେମ, (ଖ) ବାତ୍ସଲ୍ୟ ମମତା, (ଗ) ଦେଶ/ଜାତିପ୍ରୀତି ଦେଖିବାକୁ ମିଳିଥାଏ । ଏହି ଗଳ୍ପଗୁଡ଼ିକରେ ସମକାଳୀନ ସମାଜର ବିଭିନ୍ନ ସମସ୍ୟା ଗୁଡ଼ିକ ସ୍ଥାନ ପାଇଥିଲେ ମଧ୍ୟ ମୁଖ୍ୟତଃ ବନ୍ୟା, ବାତ୍ୟା, ମରୁଡ଼ି ଫଳରେ ସାଧାରଣ ଜନତାଙ୍କ ଅନାହାରର ଦୃଶ୍ୟ, ମକଦମ ଠାରୁ ନିଜ ଜମି ମୁକୁଳାଇବା ପାଇଁ ବାଧ୍ୟ ହୋଇ ଗାଁ ଛାଡ଼ି ରେଙ୍ଗୁନ ଯାଉଥିବାର ଚିତ୍ର, ପୁଣି କେତେକ ଲୋକ ଭାରତ ଭୂମିକୁ ସ୍ୱାଧୀନ କରିବା ପାଇଁ ଗାନ୍ଧୀ-ଗୋପବନ୍ଧୁଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଆନ୍ଦୋଳନରେ ଯୋଗଦେଉଥିବାର ଚିତ୍ର ତାଙ୍କ ଗଳ୍ପରେ ମାତ୍ରାଧିକ ପରିମାଣରେ ଦେଖିବାକୁ ମିଳେ ।

### ଦାମ୍ପତ୍ୟ ପ୍ରେମ

ବାହାରର ସିଂହାସନ ଠାରୁ ଯେ ହୃଦୟର ସିଂହାସନ ବଡ଼ ଏହା ଗାଳ୍ପିକ ତାଙ୍କ 'ପ୍ରେମର ସିଂହାସନ' ଗଳ୍ପରେ ଦର୍ଶାଇଛନ୍ତି । ସୁନାଖଳାର ଗତି ନାହାକ ନିଜ ବାହାଘର ପାଇଁ, ନିଜ

ISSN NO.
2582-208X

ପାଟ ପାଇଁ ଆସାମ ରାଜ୍ୟରେ ଯାଇ କାମ କରିଛି । ପାଟ ଅନ୍ୟ ଯାଗାରେ ବିବାହ କରିସାରିଥିଲେ ମଧ୍ୟ ନିଜ ଶେଷ ସମୟରେ ଗତି ନାହାକ ପାଟକୁ ଗୋଟିଏ ପୁଡିଆ ଦେଇଥିଲା ଯେଉଁଥିରେ ଥିଲା ସୁନାର ଗୋଟିଏ ହାର ଓ ଦୁଇଟି ସୁନା ମୁଦି । ଗତି ନାହାକର ହୃଦୟ ସିଂହାସନରେ ଯେ ଏବେ ପର୍ଯ୍ୟନ୍ତ ପାଟ ବସିସରିଛି ତାହା ଆଉ କେହି ନହଣିଲେ ମଧ୍ୟ ପାଟ ଜାଣିଲା । ପ୍ରେମର ଅନ୍ୟତମ ନିଦର୍ଶନ ଦେଖିବାକୁ ମିଳେ 'ମୁଣ୍ଡା ଶାହାଡ଼ା' ଗଳ୍ପରେ । ଗଙ୍ଗା ମଳିପଡ଼ା ସରବରକାରଙ୍କ ଘରେ ଚାକିରୀ କରୁଥିବା ବେଳେ ସରବରକାରଙ୍କ ଝିଅ ଚମ୍ପା ଓ ଗଙ୍ଗା ପରସ୍ପରକୁ ଭଲ ପାଉଥିଲେ । ଚମ୍ପା ବାପା ଠିକ କରିଥିବା ପଞ୍ଚମ ପକ୍ଷ ବରକୁ  ବିବାହ ନକରି ଗାଁ ମୁଣ୍ଡ ଶାହାଡ଼ା ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କଲା । ସେଇଦିନଠୁ ଗଙ୍ଗା ବିବାହ ନକରି ସେଇ ଶାହାଡ଼ା ଗଛ ପାଖରେ ରହିଲା ।  ଅନ୍ୟମାନଙ୍କ ପାଇଁ ଏହା ଏକ ଅସୁନ୍ଦର ମୁଣ୍ଡାଶାହାଡ଼ା ଗଛ ହେଲେ ମଧ୍ୟ ଗଙ୍ଗା ପାଇଁ ସେ ହେଲା ତା' ଆଦରର ଚମ୍ପା । ଏହିପରି ତାଙ୍କ ରଚିତ 'ମୁଁ ଯେ ରେଙ୍ଗୁନରୁ ଫେରିଲି' ଗଳ୍ପରେ ସରବରକାର ଟଙ୍କା ସୁଝିବା ପାଇଁ ରେଙ୍ଗୁନ ଯାଇଥିବା ସହାଦେବ ପାଞ୍ଚ ବର୍ଷ ପରେ ଫେରି ସ୍ତ୍ରୀର ନିରାଭରଣ ବେଶ ଦେଖି ଚକିତ ହୋଇଯାଇଛି । ନାରୀର ସବୁଠାରୁ ଅଧିକ ଲୋଭ ଥିବା ଅଳଙ୍କାରକୁ ମଧ୍ୟ ସେ ନିଜ ସ୍ୱାମୀ ପାଇଁ ବିକିପାରେ ତାହା ଗାଳ୍ପିକ ଯଶୋଦା ଚରିତ୍ର ଦ୍ୱାରା କହିଛନ୍ତି  "ହଁ, କେବଳ ତୁମରି ପାଇଁ ମୁଁ ଏ ଅଳଙ୍କାର ବିକିଛି ସିନା !"(୧) ଓ ସହାଦେବ କହିଛି "ମୁଁ ଯେ ରେଙ୍ଗୁନରୁ ଫେରିଲି ...! ତୋ'ରି ପାଇଁ ଫେରିଲି, ଯଶୋଦା । "(୨) ପରସ୍ପରଙ୍କ ଉକ୍ତିରୁ ପରସ୍ପରଙ୍କ ପ୍ରତି ଥିବା ଭଲପାଇବାର ପ୍ରମାଣ ମିଳେ । ତାଙ୍କ ରଚିତ 'ଭାଗୀ ଦାସଙ୍କ ଶାଢ଼ୀ'ଗଳ୍ପରେ ଭାଗୀ ଦାସ ଜଣେ ପତ୍ନୀ-ପ୍ରେମୀ ଭାବରେ ପରିଚିତ ।  ପତ୍ନୀ ମାରିବାର ଦଶ ବର୍ଷ ପରେ ମଧ୍ୟ ଭାଗୀ ଦାସ ନିଜ ପତ୍ନୀଙ୍କ ସ୍ମୃତିରେ ତାଙ୍କୁ ଉପହାରରେ ଦେଇଥିବା ଶାଢ଼ୀ ଗୁଡ଼ିକ ଯେଉଁଥିରେ ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କ ସ୍ମୃତି ରହିଥିଲା ସେହି ଶାଢ଼ୀ ମଧ୍ୟରୁ ପ୍ରାୟ ପଚିଶ ଖଣ୍ଡ ଶାଢ଼ୀର ଧଡ଼ିରେ ଏକ ଚାଦର ପ୍ରସ୍ତୁତ କରି ତାକୁ ବ୍ୟବହାର କରୁଛନ୍ତି ।  ଚାଦରକୁ ଧରି ସେ କୁହନ୍ତି "ଏଇ ଯେ ଚାଦର, ଏଇ ଚାଦର ମୋ ଜୀବନର ସ୍ମୃତିପଟ ।"(୩)

'ଦୁଇଟି ଟଙ୍କା' ଗଳ୍ପରେ ମୁଲିଆ ବନା  ନିଜ ସ୍ତ୍ରୀ ଚମ୍ପା ପାଇଁ କୁମାର ପୂର୍ଣ୍ଣିମାକୁ ଗୋଟିଏ ନୂଆ ମାଣିଆବନ୍ଧି ଶାଢ଼ୀ ଆଣିବା ପାଇଁ ସୁବୁଦ୍ଧିଙ୍କୁ ଯୋଡ଼ିଏ ଟଙ୍କା ମାଗିଥିଲା । ସୁବୁଦ୍ଧିଏ ଟଙ୍କା ନଦେବାରୁ ବନା ତାଙ୍କ ଘରୁ ଗୋଟିଏ ଶାଢ଼ୀ ଚୋରି କଲା । ଧରା ପଡ଼ିବା ପରେ ନିଜ ପାଇଁ ତା'ର ଚିନ୍ତା ନାହିଁ; ତା'ର ଚିନ୍ତା ଚମ୍ପା କିପରି ସେ ଶାଢ଼ୀ ପିନ୍ଧିବ । ତେଣୁ ସେ କହୁଛି

ISSN NO.
2582-208X

"ମୋତେ ଯାହା କର; ମାର, ଧର, ମାତ୍ର ଏ ଲୁଗାଟି ନେଇ ଚମ୍ପାକୁ ଦେଇଆସ ।"(୪) ତା'ଜୀବନଠାରୁ ଚମ୍ପାର ଖୁସି ତା'ପାଇଁ ଅଧିକ ବଡ଼ । ଏହିପରି ଅନ୍ୟ ଏକ ଗଳ୍ପ 'ଖଦଡ଼ ହକିଂ'; ଏହି ଗଳ୍ପରେ ଜନାର୍ଦ୍ଦନ ନିଜ ସ୍ତ୍ରୀ ପାଇଁ ରଖିଥିବା ଶାଢ଼ୀ ଖଣ୍ଡକ ଯାହା କୁମାର ପୁର୍ଣିମାକୁ ତା'ସ୍ତ୍ରୀ ପିନ୍ଧିଥାନ୍ତା ସେଇ ଶାଢ଼ୀ ନେଇ ଘରକୁ ଯିବା ପାଇଁ ଜନାର୍ଦ୍ଦନ ଯେପରି ଅଣନିଃଶ୍ବାସୀ ହୋଇ ଦଉଡ଼ିଛି ସେଥିରୁ ତା'ସ୍ତ୍ରୀ ପ୍ରତି ଥିବା ଭଲପାଇବା ପ୍ରତିଫଳିତ ହୋଇଛି । ସେହିପରି 'ଗୋଟିଏ ଚାମୁଚି' ଗଳ୍ପରେ ନିଜ ପତ୍ନୀକୁ ଔଷଧ ଦେବା ପାଇଁ ବୁଢ଼ା ଯେଉଁ ଚାମୁଚି କିଣିଥିଲା, ପତ୍ନୀକୁ ବଞ୍ଚେଇ ନପାରିଲେ ମଧ୍ୟ କେବଳ ତା'ସ୍ମୃତିରେ ଆଜକୁ ଚାଳିଶ ବର୍ଷ ହେଲାଣି ବୁଢ଼ା ସେଇ ଚାମୁଚିରେ ଚିନି ପକେଇ ଚା'କରୁଛି ।

ତାଙ୍କ ରଚିତ 'ଏକ ନଇ ଦୁଇ କୂଳ' ଗଳ୍ପରେ ସାତ ବର୍ଷ ବୟସରେ ଅନୁକୂଳ ସହ ଶଶୀର ବିବାହ ହୋଇଥିଲା। ବାଲ୍ୟ ବିବାହ ସମୟରେ କିଛି ଜାଣିବାର ବୟସ ନହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେ ଜାଣିଛି ଅନୁକୂଳ ତା' ସ୍ୱାମୀ । ପୁରୀରୁ ନବକଳେବର ଦେଖି ଫେରୁଥିବା ଶଶୀ ହଇଜାରେ ଆକ୍ରାନ୍ତ ହୋଇଥିବା ଅନୁକୂଳକୁ ଦେଖି ଅନ୍ୟମାନଙ୍କ ସହ ଘରକୁ ଫେରି ନଆସି ହଇଜା ଭଳି ମହାମାରୀରେ ମଧ୍ୟ ନିଜ ସ୍ୱାମୀ ପ୍ରତି ଥିବା ପ୍ରେମ ପାଇଁ ସେ ଅଟକି ରହି ନିଜ ସ୍ୱାମୀର ସେବା କରି ତାକୁ ସୁସ୍ଥ କରି ଗାଁକୁ ଆଣିଥିଲା । ସେହିପରି ଅନ୍ୟ ଏକ ଗଳ୍ପ 'ପ୍ରେମର ଫସଲ' ଗଳ୍ପରେ ବାଲ୍ୟ ବିବାହ ପରେ ଶାଶୁଘରକୁ ପ୍ରଥମଥର ଯିବାବେଳେ ଯେଉଁ ଭାର ଯିବା କଥା ସତ୍ୟଭାମାର ବାପା କନ୍ଧ ଗୋଛି କୌଣସିଠାରୁ ଟଙ୍କା ଯୋଗାଡ଼ କରିପାରୁନଥିବାରୁ ନିଜେ ରୁଷିଆ ନିଜ ଘରୁ ଟଙ୍କା ଲୁଚେଇ ନେଇ ସ୍ତ୍ରୀ ସତ୍ୟଭାମା ଘରେ ଦେଇଆସିଛି ।

ନିଜ ସ୍ୱାମୀକୁ ଦେବତା ମନେକରି ଯେଉଁ ନାରୀ ସ୍ୱାମୀ ଆଗରେ ନିଜ ଜୀବନକୁ ମଧ୍ୟ ଛୋଟ ବୋଲି ମନେକରିଥାଏ; ସେହି ନାରୀ ଯେ ଆବଶ୍ୟକ ହେଲେ ତାଙ୍କୁ ଶାସ୍ତି ମଧ୍ୟ ଦେଇପାରେ ତାହା 'ପତିଦେବତାର ଶାସ୍ତି'ଗଳ୍ପରେ ଦେଖିବାକୁ ମିଳେ । ପରକୀୟା ପ୍ରୀତିରେ ନାରୀ ଯେ ଖଡ୍ଗହସ୍ତା ହୋଇଉଠେ ଫକୀରମୋହନଙ୍କ ପେଟ୍ଟେଡ଼ ମେଡ଼ିସିନ୍ ପରି ଏ ଗଳ୍ପରେ ମଧ୍ୟ ତାହା ଦେଖିବାକୁ ମିଳେ । ତେଣୁ ଗାଳ୍ପିକ ରାଧା ଚରିତ୍ର ମାଧ୍ୟମରେ କହିଛନ୍ତି "ଓଢ଼ଣାଟା ଟେକି ଠିକ୍ ତାଙ୍କ ଆଗରେ ଠିଆ ହୋଇପଡ଼ିଲି ଏବଂ ଡାହାଣ ହାତର ଛାଞ୍ଚୁଣିମୁଣ୍ଡିଟା ତାଙ୍କରି ଆଡ଼କୁ ଟେକି ରଖିଲି ।"(୫) ଏହାବ୍ୟତୀତ 'ଗୋଟିଏ ଚିତ୍ର', 'ଶୋକସଭା', 'ଦୁଇଥର ପ୍ରଶ୍ନ'ଗଳ୍ପ ଗୁଡ଼ିକରେ ଗାଳ୍ପିକ ଦାମ୍ପତ୍ୟ ପ୍ରେମର ରୂପ ଦର୍ଶାଇବା

ISSN NO.
2582-208X

ସହ 'ନୀଳମାଷ୍ଟରାଣୀ' ଗଳ୍ପରେ ପ୍ରେମ ବିବାହ ଦେଖାଇବା ସହ 'ତା'ପରେ'ଓ 'ଶ୍ମଶାନରେ ସନ୍ଧାନ' ଗଳ୍ପରେ ମଧ୍ୟ ପ୍ରେମର ଚିତ୍ର ଦର୍ଶାଇଛନ୍ତି । ଏଥିମଧ୍ୟରୁ କେତେକ ଗଳ୍ପ ମିଳନାନ୍ତକ ହେଲାବେଳେ କେତେକ ଗଳ୍ପ ବିୟୋଗାନ୍ତକ ହୋଇଛି; କିନ୍ତୁ ପ୍ରତିଟି ଗଳ୍ପରେ ପ୍ରେମର ମହିମା ଦେଖିବାକୁ ମିଳିଥାଏ ।

### ବତ୍ସଲ୍ୟ ମମତା

ସଂସାରରେ ଥିବା ପ୍ରତିଟି ସମ୍ପର୍କ ମଧ୍ୟରୁ ବାପା-ମା'ଓ ପିଲାଙ୍କ ମଧ୍ୟରେ ଯେଉଁ ସମ୍ପର୍କ ଥାଏ ତାହା ଅନ୍ୟ ସବୁଠୁ ଅଧିକା ମୂଲ୍ୟବାନ । ନିଜ ସନ୍ତାନ ପାଇଁ ସେମାନେ ଯେକୌଣସି ପରିସ୍ଥିତିକୁ ହସିହସି ସହି ଯାଆନ୍ତି । 'ଦୁଇଟି ଦିନ' ଗଳ୍ପକୁ ଏ ପରିପ୍ରେକ୍ଷୀରେ ଆଲୋଚନା କରାଯାଇପାରେ । ରେଙ୍ଗୁନ ଯାଉଥିବା ପୁଅକୁ ମା'କହୁଛି ପୁଅରେ ତୁ ମୁଠେ ଖାଇବାକୁ ପାଇଲେ ଜାଣିବୁ ତୋ ମା'ବଞ୍ଚିଛି । କେବଳ ରେଙ୍ଗୁନ ଯିବାବେଳେ ନୁହେଁ ନିଜ ଶେଷ ସମୟରେ ମୃତ୍ୟୁଶର୍ଯ୍ୟାରେ ପଡ଼ିଥିବା ବେଳେ ମଧ୍ୟ ଭାଇଗାକୁ ଦେଖି ତା'ମା'ପଚାରିଛି "ମୁଠେ ଖାଇବାକୁ ପାଉଥିଲୁ ? "(୬) ପୁଅଯେ ଟଙ୍କା ରୋଜଗାର କରିବାକୁ ଯାଇଥିଲା ସୁନା ଆଣିଛି ବୋଲି କହୁଛି ବୁଢ଼ୀ ସେକଥା ପ୍ରତି ଧ୍ୟାନ ନଦେଇ ପୁଅ ଯେ ମୁଠେ ଖାଇବାକୁ ପାଉଥିଲା ସେତିକି ଜାଣିଲେ ଶାନ୍ତିରେ ମରିପାରିବ ବୋଲି ଭାବୁଛି । ଏହିପରି ଅନ୍ୟ ଏକ ଗଳ୍ପ 'ଜାଲଟଙ୍କା' ଗଳ୍ପରେ ମଧ୍ୟ ବାତ୍ସଲ୍ୟ ମମତା ପରିଲକ୍ଷିତ ହୁଏ । ନିଜ ପୁଅ ବରଜୁର ଦେହ ଖରାପ ତା'ପାଇଁ ଔଷଧ ଆଣିବା ପାଇଁ ଦି'ଟଙ୍କା ଦରକାର ବୋଲି ଡାକ୍ତରବାବୁଙ୍କ ଠାରୁ ଶୁଣିସାରିବା ପରେ ନିଜ କୁଳମର୍ଯ୍ୟାଦାକୁ ପାଦରେ ଏଡ଼େଇ ଦେଇ ବଜାରକୁ ଆସି କେଉଟୁଣୀମାନଙ୍କ ସହ ବସି ମାଛ ବିକା ଟଙ୍କା ନେଇ ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଯାଉଛି ତା'ର ଉକ୍ତି " ବାବୁ, ଚଞ୍ଚଳ ଦିଅ । ପିଲାଟାକୁ ସକାଳପହରୁ ଛାଡ଼ି ଆସିଛି ।"(୭) ଏହି ଗୋଟିଏ ପଦ ହିଁ ତା'ମାତୃତ୍ୱକୁ ପ୍ରକାଶ କରିବା ପାଇଁ ଯଥେଷ୍ଟ· ସେଇ ମା'ପୁଣି ସମାଜରେ ପ୍ରଚଳିତ ଥିବା ଜାତିପ୍ରଥା ଯାହା ବର୍ଷ-ବର୍ଷ ଧରି ମଣିଷ ମାନିଆସୁଛି; ନିଜ ପୁଅ ପାଇଁ ମା'ସେ ଜାତି କଣ ଧର୍ମ ବି ପରିବର୍ତ୍ତନ କରିପାରିବ; ଯାହା 'ଜାତିର ଧକ୍କା' ଗଳ୍ପରେ ଦେଖିବାକୁ ମିଳିଛି । ସନ୍ତାନ ଆଗରେ ମା'କୁ ଯେ ତା'ଜୀବନ ତୁଚ୍ଛ ମନେହୋଇଥାଏ ତାହା 'ବ୍ରାହ୍ମଣୀ' ଗଳ୍ପରେ ଦେଖିବାକୁ ମିଳେ । କମଳା ନାମକ ବିଧବା ବ୍ରାହ୍ମଣୀର ପୁଅକୁ ଯେତେବେଳେ ପଥିକ ଦସ୍ୟୁ ବ୍ରାହ୍ମଣୀ ନଦୀକୁ ପକେଇଦେଇଛି ସେତେବେଳେ କମଳା ଚରିତ୍ର ପାଇଁ ଗାଳ୍ପିକ ବର୍ଣ୍ଣନା କରିଛନ୍ତି "କମଳାର ଆଉ ବେଳ ସହିଲା ନାହିଁ । ସେ

ISSN NO.
2582-208X

ଏକାଦଶୀକୁ ପାଣି ଭିତରୁ ଖୋଜି ଟାଣି ଆଣିବା ପାଇଁ ନଈକୁ ଡେଇଁପଡ଼ିଲା . . . । "(୮) ଏହା କମଳାର ମାତୃ ହୃଦୟର ପ୍ରତିଟି ବାଣୀକୁ ପ୍ରକାଶ କରିବା ପାଇଁ ଯଥେଷ୍ଟ । ପୁଣି ପୁଅ ଯୌବନବସ୍ଥାରେ ଅନ୍ୟ ନାରୀ ପ୍ରତି ଆକର୍ଷିତ ହୋଇ ତା'ମା'କୁ ଛାଡ଼ି ଚାଲିଯିବ ବୋଲି ଚିନ୍ତା କରି ବୁଢ଼ୀ ମା' ସବୁବେଳେ କିପରି ନିଜ ପୁଅକୁ ଯିବା ପାଇଁ ବାରଣ କରୁଥାଏ ତାହା 'ରଙ୍କ, ତୁ ଯାଆନାରେ!' ଗଳ୍ପରେ ଦେଖିବାକୁ ମିଳିଥାଏ । ଏହାବ୍ୟତୀତ 'ପତୀତାର ପୁଅ', 'ଦଣ୍ଡିଆ ବୋଉର କଞ୍ଚିମାଳ'ଓ 'ଯବନିକା ପତନ'ଗଳ୍ପରେ ନିଜ ସନ୍ତାନ ପାଇଁ ବ୍ୟାକୁଳ ହୋଇଉଠୁଥିବା ମାତୃ ହୃଦୟର ଚିତ୍ର ଦେଖିବାକୁ ମିଳେ ।

ମା'ର ବାତ୍ସଲ୍ୟ ମମତା ବ୍ୟତୀତ ଗାଳ୍ପିକ ମହାପାତ୍ରଙ୍କ ଗଳ୍ପରେ ବାପାଙ୍କର ନିଜ ସନ୍ତାନ ପ୍ରତି ଥିବା ସ୍ନେହ, ପ୍ରେମ ମଧ୍ୟ ପ୍ରତିଫଳିତ ହୋଇଛି । 'ଦୁଇଟି ଶାଗୁଣା' ଗଳ୍ପରେ ପୁଅ ବେମାର ହେଲେ ବାପା କିପରି ଅସ୍ଥିର ହୋଇପଡ଼ନ୍ତି ତାହା ଦର୍ଶାଇବା ପାଇଁ ଗାଳ୍ପିକ ବାପା ଚରିତ୍ର ଦ୍ୱାରା କହିଛନ୍ତି "ବାବୁ ଲେଖିଦେଇଛନ୍ତି, ବେଏଗି ଦିଅ, ମୋ କଥା ତେଣେ ସରିଯାଉଚି । "(୯) ଏହା ଦ୍ୱାରା ନିଜ ପୁଅ ପ୍ରତି ଥିବା ଭଲପାଇବା ଲକ୍ଷ୍ୟ କରିହୁଏ । ଏହା ଛଡ଼ା ଧନ ଲୋଭରେ ଅନ୍ୟ ସନ୍ତାନକୁ ଔଷଧରେ ବିଷ ଦେଇ ମାରିଦେବା ପାଇଁ ରାଜି ଥିବା ବ୍ୟକ୍ତି ମାନବିକତା ଦୃଷ୍ଟିରୁ ପଛଘୁଞ୍ଚା ଦେଉଥିଲେ ମଧ୍ୟ ଔଷଧରେ ବିଷ ଦେଇଛନ୍ତି କିନ୍ତୁ ଯେତେବେଳେ ସେ ଜାଣିପାରିଛନ୍ତି ସେହି ବିଷ ମିଶା ଔଷଧ ଖାଇ ପିଲାଟି ଓ ସେହି ଔଷଧ ତାଟିଆରେ ପାଣି ପିଇ ତାଙ୍କ ନିଜ ପୁଅ ମଧ୍ୟ ମୃତ୍ୟୁବରଣ କରିଛି; ସେତେବେଳେ ତାଙ୍କ ଦୁଃଖ କହିଲେ ନସରେ । ତା'ପରଠୁ ସେ ଯେଉଁ ସମୟରେ ଔଷଧରେ ବିଷ ମିଶାଇଥିଲେ ପ୍ରତିଦିନ ସେହି ସମୟରେ ସେ ପ୍ରଳାପ କରୁଛନ୍ତି । ଅନ୍ୟମାନଙ୍କ ପାଇଁ ତାହା ପ୍ରଳାପ ହେଲେ ମଧ୍ୟ ତାଙ୍କ ପିତୃ ହୃଦୟ ଯେ ବାହୁନି ବାହୁନି କାନ୍ଦି ଉଠୁଛି ଏହା ତାହାରି ପ୍ରତିଫଳନ ଯାହା 'ପାଗଳ କବିରାଜ' ଗଳ୍ପରେ ଦେଖିବାକୁ ମିଳେ । ପୁଣି ନିଜ ସନ୍ତାନ ପାଇଁ ବାପା ଦେବତାକୁ ମଧ୍ୟ ବନ୍ଦୀ କରି ରଖିପାରେ ଯାହା 'ଦେବତାର ବିଧାତା'ଗଳ୍ପରେ ଲକ୍ଷ୍ୟ କରିହୁଏ । ନିଜ ଯାଗାରେ ଯେତେବେଳେ ଦେବତାଙ୍କ ମନ୍ଦିର ହେଲା କେବଳ ନିଜ କୁଡ଼ିଆ ଛଡ଼ା ଅନ୍ୟ ସବୁ ଯାଗା ବିକି ସାରିଥିବା ପ୍ରତାପ ମହାରଣା ଆଉ କଣ କରିପାରିବ?; କିନ୍ତୁ ଯେତେବେଳେ ତା'ର ପାଞ୍ଚ ପୁଅ, ତିନି ଝିଅ ଟିକେ ଆଲୋକ ଆଉ ପବନ ପାଇଁ କାନ୍ଦି କାନ୍ଦି ବ୍ୟାକୁଳ ହୋଇ ଏଇ ମନ୍ଦିର ତଳେ ମରିଗଲେ ସେଇ ରାଗରେ ପାଞ୍ଚ ବର୍ଷ ପରେ ମହାରଣା ମନ୍ଦିର ଭିତରୁ ଦେବତାକୁ ନେଇ ଆସି ନିଜ ଘରେ ବନ୍ଦୀ କରିରଖିଛି । ସେହିପରି 'ଭଗ୍ନ ହୃଦୟ' ଗଳ୍ପରେ ଯେଉଁ ବଂଶୀ ରମାକୁ ଛାଡ଼ି ଚାଲିଯାଇଥିଲା

ISSN NO.
2582-208X

ଆଜି ଦଶ ବର୍ଷ ପରେ ରମା ସହ ଗୋଟେ ଛୋଟ ଶିଶୁକୁ ଦେଖି ବଂଶୀର ପିତୃ ହୃଦୟ ବିଳପି ଉଠିଛି । ରମା ଅନ୍ୟ ଜଣଙ୍କୁ ବିବାହ କରିସାରିଛି ଜାଣି ମଧ୍ୟ ବଂଶୀ ବାରମ୍ବାର ରମାକୁ ଚିଠି ଲେଖିଛି । ବଂଶୀର କେବଳ ଏତିକି ଇଛାଥିଲା ଯେ, ସେ ନିଜ ପୁଅକୁ ଟିକେ ଭଲ ଭାବେ ଦେଖିବ, ତାକୁ ଟିକେ ଗେଲ କରିବ । ଏହା ବଂଶୀର ନିଜ ପୁଅ ପ୍ରତି ଥିବା ଭଲପାଇବାକୁ ବ୍ୟକ୍ତ କରିବା ପାଇଁ ଯଥେଷ୍ଟ ।

ଏହିବ୍ୟତୀତ 'ବିଧବାର ନିଃଶ୍ୱାସ' ଗଳ୍ପରେ ଖନୀ, ଜାଡ଼ି ଓ ଆଠ-ନଅ ବର୍ଷ ବୟସରୁ ବିଧବା ହୋଇଥିବା ରମା ନାନୀ ନିଜ ଭାଇ ଓ ପୁତୁରାଙ୍କ ଦ୍ୱାରା ବିଧା, ଗୋଇଠା ଖାଇବା ସହ ନାନା ନିର୍ଯାତନା ଭୋଗକରି ଘରୁ ତଡ଼ା ଖାଇଥିବା ରମା ନାନୀ ନିଜ ଶେଷ ସମୟରେ ଯେତେବେଳେ ପୁତୁରାର ସାଙ୍ଗ ମାଧବକୁ ଦେଖିଛି ସେତେବେଳେ ନିଜ ପୁତୁରା ଗୋବିନ୍ଦର କଥା ପଚାରିଛି । ଏହା ଓଡ଼ିଆ ଢଗ 'ମା' ନଦେଖିଲେ ମାଉସୀ ଦେଖ, ପୁଅ ନଦେଖିଲେ ପୁତୁରା ଦେଖ' ନ୍ୟାୟରେ ରମା ନାନୀ ଶେଷ ସମୟରେ ନିଜ ପୁତୁରା କଥା ଶୁଣିବା ପାଇଁ ଚାହିଁଛି । ସେହିପରି 'ଭାଇ' ଗଳ୍ପରେ ଭାଇ-ଭାଇ ମଧ୍ୟରେ ଥିବା ସମ୍ପର୍କ ହୁଏତ ମାନ, ସମ୍ମାନ, ଧନ ପାଇଁ କିଛି ଖରାପ ହୋଇପାରେ କିନ୍ତୁ କେବେ ଛିଡ଼ିଯାଇ ନପାରେ; ଯାହା ଏ ଗଳ୍ପରେ ଦେଖିବାକୁ ମିଳେ । ବଡ଼ ଭାଇ ମଧୁର ଖରାପ ଅବସ୍ଥା ଦେଖି ସାନ ଭାଇ ସାଧୁର ମନ ତରଳି ଯାଇଛି । ସେହିପରି ସାନ ଭାଇ ସାଧୁ ଯେ ମଧୁର ଛଣ ଗଦାରେ ନିଆଁ ଲଗାଇଛି ବୋଲି ଲୋକମାନେ କଚେରୀରେ ସାକ୍ଷୀ ଦେଲେ ମଧ୍ୟ ମଧୁ ସେତେବେଳେ ଦମ୍ଭର ସହ କହିଛି ଯେ ସାଧୁ ଏହା କରିନାହିଁ । ଏଥିରେ ଉଭୟ ଭାଇଙ୍କ ମଧ୍ୟରେ ଥିବା ସ୍ନେହ-ପ୍ରେମ ଲକ୍ଷ୍ୟ କରାଯାଇପାରେ ।

### ଜାତିପ୍ରୀତି

ଗୋଦାବରୀଶ ମହାପାତ୍ରଙ୍କ ସାହିତ୍ୟରେ ଜାତୀୟତା ବଳିଷ୍ଠ ଭୂମିକା ଗ୍ରହଣ କରିଛି । ଜାତୀୟତା ସୃଷ୍ଟି କରିବାରେ ତାଙ୍କର ରାଶି ରାଶି କବିତା ଥିଲେ ମଧ୍ୟ କେତେକ ଗଳ୍ପରେ ମଧ୍ୟ ଜାତିପ୍ରୀତି ଦେଖିବାକୁ ମିଳେ । ୧୯୨୬ ସାଲ ଦୁର୍ଭିକ୍ଷ ପୃଷ୍ଠଭୂମିରେ ରଚିତ 'ଏବେ ମଧ୍ୟ ବଞ୍ଚିଛି' ଗଳ୍ପଟିରେ ନାୟକ ବେଣୁଧର ଦଶ ଦିନ ଧରି ଓପାସ ରହିବ ପରେ ଚାଉଳ ବଣ୍ଟା କେନ୍ଦ୍ରକୁ ଯାଇଥିଲେ ମଧ୍ୟ ଚାଉଳ ବଣ୍ଟା କେନ୍ଦ୍ରରୁ ଚାଉଳ ନଆଣି ଖାଲି ହାତରେ ଚାଲି ଆସି ଗୋଟିଏ ଗଛ ମୂଳେ ବସିଥିବା ବେଳେ ଯେତେବେଳେ ଚାଉଳ ବଣ୍ଟା କେନ୍ଦ୍ରର

ISSN NO.
2582-208X

ଜଣେ କର୍ମୀ ଆସି ତାକୁ ଚାଉଳ ଯାଚୁଛନ୍ତି ସେତେବେଳେ ବେଣୁଧର କହିଛି "ଏଇପରି ଗଛମୂଳେ ଏଇ ଚରଣତଳେ ପରା ବସି କଥା ଶୁଣୁଥିଲି . . .

ଜୀବନ ଥିଲେ ଭାଇ ପାତିବାନାଇଁ ହାତ,
ମଣିଷ ପରି ଦିନେ ମଣିଷ ହୋଇବା ତ ।"(୧୦)

ବେଣୁଧରର ଏହି ଉକ୍ତି ପ୍ରମାଣ କରିଦିଏ ଯେ; ଦୁର୍ଭିକ୍ଷ, ବନ୍ୟା, ବାତ୍ୟା କେହି ଏ ଜାତିକୁ ମାରିପାରିନାହାନ୍ତି । ଏ ଜାତି ଏବେ ମଧ୍ୟ ବଞ୍ଚିଛି, ଅନ୍ୟ ଆଗରେ ମୁଣ୍ଡ ନୁଆଇଁ କି ହାତ ପତେଇ ଏ ଜାତି ତା'ନିଜ ସ୍ୱାଭିମାନକୁ ମାରିପାରିବ ନାହିଁ । ସ୍ୱେଚ୍ଛାସେବକ ଦଳରେ ଯୋଗ ଦେଇଥିବା ଗୋପାଳ ଯେ କେବଳ ଲୋକଦେଖାଣିଆ ଭାବରେ ନାଁ'କୁ ମାତ୍ର ସ୍ୱେଚ୍ଛାସେବକ ହୋଇଥିଲା ଓ ନିରୀହ ଲୋକମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲା; ଉତ୍କଳମଣିଙ୍କ ଉଦବୋଧନରେ ସେଇ ଗୋପାଳ ମନରେ ନିଜ ଜାତି ପାଇଁ କିଛି କରିବାର ସ୍ପୃହା ଜନ୍ମିଲା । ଫଳରେ ଯେଉଁଠାରୁ ସେ ଦିନେ ରାଗିକରି ଚାଲିଯାଇଥିଲା ସେଠିକୁ ସେ ପୁଣି ଆସିଛି ଦରିଦ୍ର ନାରାୟଣଙ୍କ ସେବାକରିବା ପାଇଁ । ଉତ୍କଳମଣିଙ୍କ ପ୍ରଭାବରେ ଯେ ସେତେବେଳେ ଶହଶହ ଲୋକଙ୍କ ମନରେ ଜାତିପ୍ରୀତି ସୃଷ୍ଟି ହୋଇପାରିଥିଲା ତାହା 'ବିଖ୍ୟାତ କଟକରୁ ଆଖ୍ୟାତ ପଲ୍ଲୀ'ଗଳ୍ପରେ ଦେଖିବାକୁ ମିଳିଥାଏ ।

ଜଗନ୍ନାଥ ମନ୍ଦିର ପୂଜାରୀ ହରି ସୁଆର ଯେ ମନ୍ଦିର ପୂଜା କଲାବେଳେ ଡାକ ଦେଉଥିଲା ଜୟ ଜଗନ୍ନାଥ ଏବେ ସେ ପୂଜା କଲାବେଳେ ଜଗନ୍ନାଥଙ୍କ ସହ ମହାତ୍ମା ଗାନ୍ଧୀଙ୍କର ମଧ୍ୟ ଜୟ ଜୟକାର କରୁଛି । ୧୯୨୦-୨୧ ପରଠାରୁ ସେ ଅଞ୍ଚଳରେ କୋଉଠି ସଭା ହେବ ତ ହରି ସୁଆର ଟମକା ବଜାଇଲା । ତା'କୁ ଅଜାତିଆ କହି ଜଗନ୍ନାଥଙ୍କ ମନ୍ଦିର ପୂଜା କରିବାରୁ ବଞ୍ଚିତ କରାଗଲା, ତା'କୁଡ଼ିଆଟି ପୋଡ଼ି ଦିଆଗଲା ତଥାପି ସେ ପଛକୁ ହଟିଲା ନାହିଁ । ଗାଳ୍ପିକ ହରି ସୁଆର ଚରିତ୍ରରେ କହିଛନ୍ତି "ଦେଶର ଲୁଣମରା ଆହ୍ୱାନରେ ସେ ଦେଲା ହୁଙ୍କାର । 'ଭାରତ-ଛାଡ଼'ଆନ୍ଦୋଳନରେ ସେ ନାଚି ଉଠିଲା x xx କେବଳ ତାହାରି ସ୍ୱର ଶୁଣାଗଲା - 'ମହାତ୍ମା ଗାନ୍ଧୀ କୀ ଜେ !' ।"(୧୧) ଏଥିରୁ ସ୍ପଷ୍ଟ ହୁଏଯେ, ରାମ ଯେଉଁ ସେତୁ ବନ୍ଧ ବାନ୍ଧିଥିଲେ ସେଥିରେ ଗୁଣ୍ଡୁଚି ମୂଷାର ଅବଦାନ ଯେମିତି କମ୍ ନୁହେଁ ଗାନ୍ଧିଜୀ ଭାରତଭୂମି ପାଇଁ ଯେଉଁ ସ୍ୱାଧୀନତା ଆଣିଦେଇଥିଲେ ସେଥିରେ ହରି ସୁଆରର ଅବଦାନ ମଧ୍ୟ କମ ନୁହେଁ । କେବଳ ହରି ସୁଆର ନୁହେଁ ତା'ପରି ଲକ୍ଷ ଲକ୍ଷ ଲୋକଙ୍କ ମନରେ

ISSN NO.
2582-208X

ନିଜ ଦେଶ ନିଜ ଜାତିକୁ ସ୍ୱାଧୀନ କରିବାର ଭାବ ପ୍ରବଳ ହୋଇଉଠିଥିଲା । ଏହି ଭାବ ଗାଳ୍ପିକଙ୍କ ରଚିତ 'ଜୀବନର ସ୍ୱପ୍ନ'ଓ 'ବନ ପରିଡ଼ା' ଗଳ୍ପରେ ମଧ୍ୟ ଲକ୍ଷ୍ୟ କରାଯାଇପାରେ। 'ଜୀବନର ସ୍ୱପ୍ନ' ଗଳ୍ପରେ ସତ୍ୟାଗ୍ରହରେ ଯୋଗ ଦେଉଥିବା ଦୁର୍ଯ୍ୟୋଧନର ବାପା ପୁଅଠି ଭୂତ ଲାଗିଛି ଭାବି ଗୁଣିଆ ଡାକି ଭୂତ ଛଡ଼ାଇ ଗୋଟେ ଘରେ ବନ୍ଦ କରି ରଖିଥିବାବେଳେ, ପୁଅ ଘରୁ ଉଲଗ୍ନ ହୋଇ ଚାଲିଆସିଛି; ଯେମିତି ସମସ୍ତେ ଭାବିବେ ଦୁର୍ଯ୍ୟୋଧନ ପାଗଳ ହୋଇଯାଇଛି । ସତ୍ୟାଗ୍ରହରେ ଯୋଗ ଦେଉଥିବା ଅନ୍ୟ ବନ୍ଧୁ ମାନଙ୍କୁ ସେ କହିଛନ୍ତି "ମୁଁ ନଳ ରାଜାଙ୍କ ଅଭିନୟ ନ କରିଥିଲେ ଏ ମୁକ୍ତି ସଂଗ୍ରାମରେ ଯୋଗ ଦେଇପାରିନଥାନ୍ତି ।"(୧୨) ଦୁର୍ଯ୍ୟୋଧନ ଯିଏକି ନିଜ ଦଶ ମାସର ଗର୍ଭବତୀ ସ୍ତ୍ରୀକୁ ଛାଡ଼ି ସତ୍ୟାଗ୍ରହରେ ଯୋଗ ଦେବା ପାଇଁ ଚାଲିଆସେ ତାହେଲେ ତା'ଦେଶକୁ ସେ କେତେ ଭଲପାଏ ଏଥିରୁ ଅନୁମାନ କରାଯାଇପାରେ । ସେହିପରି 'ବନ ପରିଡ଼ା'ଗଳ୍ପରେ ନବ ବୋଲି ଷୋହଳ ବର୍ଷର ପିଲାଟି ଯିଏ ନିଜ ପଢ଼ା ଛାଡ଼ି, ନିଜ ବାପ-ମା'ଙ୍କୁ ଛାଡ଼ି ଚାଲିଆସିଛି। ନିଜ ନାମ ପରିବର୍ତ୍ତନ କରି ବନ ବୋଲି କହିଛି; ସେ କହୁଛି ପରାଧୀନ ଭାରତରେ ସେ ବନରେ ଅଛି ଦେଶ ସ୍ୱାଧୀନ ହେଲେ ସେ ନବ ହେବ । ଏହା କେବଳ ତା'ଜନ୍ମଭୂମିକୁ ଭଲପାଉଥିବା ହେତୁ ତାକୁ ସ୍ୱାଧୀନ କରିବାର ଇଚ୍ଛା ଯୋଗୁଁ କହୁଛି । ସେହିପରି 'ଏ ଜନ୍ମର ତୀର୍ଥକ୍ଷେତ୍ର' ଗଳ୍ପରେ ଅଇଁଠା ନିଜ କାମକୁ ଏତେ ଭଲପାଉଛି ଯେ ତା'କର୍ମ ଆଗରେ ତାକୁ ଭଗବାନ ବି ଦେଖାଯାଉନାହାନ୍ତି । ତେଣୁ ଅଇଁଠା କହିଛି -

"ମୁଁ ଜାଣେ ନାହିଁ ପୁରୀ,
ମୁଁ ଜାଣେ ନାହିଁ ହରି;
ମୋର ଏଇ ଜନ୍ମର ତୀର୍ଥଭୂମି
ଏଇ ବିଲବାରି ।"(୧୩)

ଏଥିରୁ ତା' ବିଲବାରି ପ୍ରତି ଥିବା ତା ମନର ଭାବ ଲକ୍ଷ୍ୟ କରିହୁଏ ।

ଗାଳ୍ପିକ ମହାପାତ୍ରଙ୍କ ଗଳ୍ପରେ ପ୍ରେମ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ପ୍ରତିଫଳିତ ହୋଇଛି । ହୁଏତ କେଉଁଠାରେ ଗଳ୍ପର ସମାପ୍ତି ମିଳନାନ୍ତକ ନହୋଇ ବିୟୋଗାନ୍ତକ ହୋଇଛି । ସେ ସମାଜର ପ୍ରତିଟି ଘଟଣାକୁ ନିଜ ଲେଖନୀରେ ରୂପ

ISSN NO.
2582-208X

ଦେଇଥିବାରୁ କେତେକ କ୍ଷେତ୍ରରେ ବିୟୋଗାନ୍ତକ ଚିତ୍ର ଦେଖିବାକୁ ମିଳେ କିନ୍ତୁ ତାଙ୍କ ଲେଖନୀର ସ୍ପର୍ଶରେ ପ୍ରତିଟି ଗଳ୍ପ ଗୋଟିଏ ଗୋଟିଏ ଉଲ୍ଲେଖନୀୟ କୃତି ରୂପେ ପରିଚିତ ।

ପାଦଟୀକା

୧) ବ୍ରହ୍ମା, ପ୍ରଫେସର ଗୌରୀକୁମାର, ପାଣିଗ୍ରାହୀ, ଡକ୍ଟର ବିବେକାନନ୍ଦ, (ସଂ), 'ଗୋଦାବରୀଶ ରଚନାବଳୀ'(୧ମ ଖଣ୍ଡ), ତୃତୀୟ ସଂସ୍କରଣ : ଗ୍ରନ୍ଥମନ୍ଦିର, କଟକ-୨, ୨୦୧୨-ପୃ- ୨୧୨

୨) ତତ୍ରୈବ-ପୃ-୨୧୨

୩) ତତ୍ରୈବ-ପୃ-୧୯୦

୪) ବ୍ରହ୍ମା, ପ୍ରଫେସର ଗୌରୀକୁମାର, (ସଂ), 'ଗୋଦାବରୀଶ ରଚନାବଳୀ'(୩ଖଣ୍ଡ), ପୁନଃମୁଦ୍ରଣ : ଗ୍ରନ୍ଥମନ୍ଦିର, କଟକ-୨, ୨୦୦୭, ପୃ-୧୮୩

୫) ବ୍ରହ୍ମା, ପ୍ରଫେସର ଗୌରୀକୁମାର, ପାଣିଗ୍ରାହୀ, ଡକ୍ଟର ବିବେକାନନ୍ଦ, (ସଂ), 'ଗୋଦାବରୀଶ ରଚନାବଳୀ'(୧ମ ଖଣ୍ଡ), ତୃତୀୟ ସଂସ୍କରଣ : ଗ୍ରନ୍ଥମନ୍ଦିର, କଟକ-୨, ୨୦୧୨-ପୃ-୧୭୭

୬) ତତ୍ରୈବ-ପୃ- ୨୦୩

୭) ତତ୍ରୈବ-ପୃ- ୧୦୯

୮) ବ୍ରହ୍ମା, ପ୍ରଫେସର ଗୌରୀକୁମାର, (ସଂ), 'ଗୋଦାବରୀଶ ରଚନାବଳୀ'(୩ଖଣ୍ଡ), ପୁନଃମୁଦ୍ରଣ : ଗ୍ରନ୍ଥମନ୍ଦିର, କଟକ-୨, ୨୦୦୭, ପୃ-୨୦୨

୯) ବ୍ରହ୍ମା, ପ୍ରଫେସର ଗୌରୀକୁମାର, ପାଣିଗ୍ରାହୀ, ଡକ୍ଟର ବିବେକାନନ୍ଦ, (ସଂ), 'ଗୋଦାବରୀଶ ରଚନାବଳୀ'(୧ମ ଖଣ୍ଡ), ତୃତୀୟ ସଂସ୍କରଣ : ଗ୍ରନ୍ଥମନ୍ଦିର, କଟକ-୨, ୨୦୧୨-ପୃ-୧୫୦

୧୦) ତତ୍ରୈବ-ପୃ-୧୯୬

୧୧) ତତ୍ରୈବ-ପୃ-୨୪୦

୧୨) ତତ୍ରୈବ-ପୃ-୧୩୧

୧୩) ତତ୍ରୈବ-ପୃ-୨୨୦

ବିନ୍ଧାଣିମାଁ, ତିଗିରିଆ , ଆଠଗଡ଼, କଟକ

ISSN NO.
2582-208X

# ସମୟ....

ଅନତା ପ୍ରଧାନ

ସମୟର ଭାଙ୍ଗି ଯାଇଥିବା ଆଇନା ଭିତରେ
କିଛି ଚିହ୍ନା, କିଛି ଅଚିହ୍ନା ମୁଁହ....
ଦେଖା ଯାଉଛି ଖୁବ ଧୂସର, ଅସ୍ପଷ୍ଟ, ବିଭାଜିତ....
ଭଙ୍ଗା ଆଇନାର ପ୍ରତିଟି ଭଗ୍ନାବଶେଷରେ,
ଝଟକି ଉଠୁଛି କିଛି ପୁରୁଣା ଅନୁଭୂତି....
କିଛି ହସର, କିଛି ଲୁହର
କେତେ ସ୍ନେହର, କେତେ କୋହର...
ମୋହର ମାୟାଜାଲର....
କିଛି ଆଶା ଆଉ କିଛି ଛଳର....

ପ୍ରତି ଖଣ୍ଡ ପ୍ରତିଦ୍ୱନ୍ଦୀ....
ଦୋଷ କାହାର...??
ଅସ୍ପଷ୍ଟ ପ୍ରତିଛବିର ନା ଭଙ୍ଗା କାଚ ଖଣ୍ଡର..??
ଆଇନାର...
ନା ପରିସ୍ଥିତିର ବହଳେ ଧୂଆଁ ତଳେ ଲୁଚି ଯାଉଥିବା ପ୍ରତିବିମ୍ବର..??

ଅସ୍ପଷ୍ଟ ଚେହେରା ଭିତରେ....
ପରିଚିତ ଅପରିଚିତର ମୋହ,
କେତେ ଦୂରରେ କିଛି ପ୍ରତିଛବି....
ପୁଣି କେତେ ନିକଟରେ..!
କିଛି ଚେହେରା ସାଜିଛନ୍ତି
ଜଣାରୁ ଅଜଣା....

ISSN NO.
2582-208X

ଅଜଣାରୁ ଜଣା....
କିଛି ଲୁଚିଛନ୍ତି... କିଛି ବଞ୍ଚିଛନ୍ତି
ସମୟର ଦର୍ପଣ କାଚରେ....!!

କିଛି ଚେହେରା ବାଣ୍ଟି ଯାଇଛନ୍ତି
ପ୍ରେମ ବଦଳରେ ପ୍ରେମ....
କିଛି ଛାଡ଼ି ଯାଇଛନ୍ତି
ହସ ବଦଳରେ ବିଷ....
କିଛି ହସୁଛନ୍ତି, ରଷୁଛନ୍ତି
ଭଙ୍ଗା ଦଦରା ଆଇନାର ପ୍ରତି କାଚ ଖଣ୍ଡରେ
କିଛି ଚେହେରା ଘଡ଼ିଏ ଦେଖାଦେଇ
ଘଡ଼ିଏ ଲୁଚି ଯାଉଛନ୍ତି....
ଆକାଂକ୍ଷାର ଇନ୍ଦ୍ରଧନୁ ସାଜି....
କେବେ ପୁଣି ନିରାଶାର ଧୂଳିଝଡ଼ ପରି....
ବିଛେଇ ହେଇ ଆସୁଛନ୍ତି ମନ ଆକାଶରେ..!!

ଝାପ୍ସା କିଛି ଚେହେରା....
ଉଇଁ ଆସୁଛନ୍ତି କୋହର ବଉଦ କୋଳେ ରୂପେଲି ଇନ୍ଦୁ ସାଜି...
ବିଦାୟ ପାର୍ବଣ ସାରି କିଛି ଆସ୍ତେ ଆସ୍ତେ
ଲୁଚି ଯାଉଛନ୍ତି ସମୟର ପଶ୍ଚିମ ସୀମାନ୍ତରେ....
ଉଦୟ ହେବାର ପ୍ରତିଶ୍ରୁତି ଦେଇ...?
ନା ସବୁଦିନ ପାଇଁ..??
କିଏ ଜାଣେ....
ସମୟ..??

ବୌଦ୍ଧ, ବନ୍ଧାପଥର
ମୋବାଇଲ - ୭୭୫୦୦୯୨୪୧୬

ISSN NO.
2582-208X

# ପ୍ରେମିକ ଦୈନ୍ୟ



ଅର୍ପିତା ବେହେରା

ରାହୁ କେତୁ ଠାରୁ ଅଧିକ ବିପଦ
ଦୁଃଖେ ମୁଁ ବିଚରା ଗଣେ ପ୍ରମାଦ
ପ୍ରେମ ଯୂପକାଠେ ପଡ଼ିବି ବଳି
ଦେହୁଁ ରକତ ଗଲାଣି ନିଗିଡି
କ୍ରୋଧର ଜୁଆର ଆସୁଛି ମାଡ଼ି
ଜୀବନ ସତେ ବା ଯିବକି ଛାଡ଼ି
ସେପଟୁ ଆସିଲା ଶବ୍ଦର ବାଣ
ବିଳମ୍ବର ତୁମେ କୁହ କାରଣ
ଯୋଡହସ୍ତ ହେଇ ତା ସନ୍ନିଧାନେ
ତୋଷିଲି ତାକୁ ମଧୁର ବଚନେ
ଆଦରେ ପ୍ରେମିକା ହାତକୁ ଧରି
ଦୋଷ ନ ଥାଇ ବି କହିଲି ସରି
କେବେ ବି ଆଉ ନ କରିବି ଡେରି
କ୍ଷମା କର ମୋର ହୃଦୟେଶ୍ୱରୀ
ଅତି ଅଭିମାନେ ମୁଁହ ଫୁଲେଇ
ତୁଣ୍ଡେ ତୁଣ୍ଡେ ଦେଲା ଗାଳି ଶୁଣେଇ
ସ୍ନିଗ୍ଧ ପରଶେ ଦେଲି ବୁଝେଇ
ମାନମୟୀ କ୍ରୋଧ ଗଲା ଉଭେଇ

ISSN NO.
2582-208X

ଫୁଟାଇ ଶୁଖିଲା ହସ ଅଧରେ
ବେଗେ ଚାଲ ଯିବା ସିନେମା ହଲେ
ଦେଖି ପ୍ରେମିକାର ଏମନ୍ତ ରୂପ
ପିଣ୍ଡରେ ପ୍ରାଣ ପଶିଲା ଅଳପ

ମୁଣ୍ଡର ଝାଳକୁ ପୋଛି ରୁମାଲେ
ଲଗାଇଲି ମୁହଁ ପାଣିବଟଲେ
ଆଶାଆଶଙ୍କାରେ ଭାବୁ ମୁଁ ଥାଏ
ପ୍ରେମିକ ହେବା ତ ସହଜ ନୁହେଁ।

ତାଳଚେର ଥର୍ମାଲ
ଅନୁଗୋଳ
ଫୋନ୍:- ୬୩୭୨୮୯୬୪୨୪

ISSN NO.
2582-208X

# ପାଖରେ କିଛି ନାହିଁ

ସୁଧାଂଶୁ ଶେଖର ପାତ୍ର

ପାଖରେ କିଛି ନାହିଁ
ଦେବି କ'ଣ
ଅବସ୍ଥା ଭାରି ଖରାପ
ଓଳିଏ ଖାଇଲେ ଓଳିଏ ନାହିଁ
ନା ରହିବା ପାଇଁ ଘର ଅଛି
ନା କେହି ଜଣେ ନଜର ଅଛି
ତଥାପି ଏ ଯାଏଁ ଜୀବନରେ ବଞ୍ଚିଛି
ଭାରି ବଡ଼ କଥା
ଏଇଠି ସମୟ ନଷ୍ଟ କରନାହିଁ
ଫେରିଯାଅ
ଅନ୍ୟ ବାଟ ଦେଖ
କପାଳ ଫଟା ଲୋକର
ଛାଇ ବି ଅଶୁଭ ।

ଖସିଗୁଡ଼ା, ଚଲିଗୁଡା,
କଳାହାଣ୍ଡି,୭୬୬୦୧୪, ଓଡ଼ିଶା

ISSN NO.
2582-208X

# ମୁଣ୍ଡ କଟା



ହର ପ୍ରସାଦ ସୁଆର

ସେ ସମୟରେ ଅବୁଝ ଶିଶୁଟିକୁ ମନେଇବା ପାଇଁ ମାଆମାନେ ବାଘ୍ଯା ଆସିଲା, ବିରାଡି ଆସିଲା, ବଣି ଆସିଲା, କାଉ, ମାଙ୍କଡ, ଭୂତ, ପୋକ ଏବଂ ଆହୁରି କେତେ କଅଣ ଆସିବାର କଥା କହି ଶିଶୁଟିର ମନରେ ଭୟ ଅଥବା କୌତୂହଳ ସୃଷ୍ଟି କରିଥାଆନ୍ତି । ଫଳରେ ସନ୍ତାନଟି ମାଆ ବାପାଙ୍କ ନିକଟରେ ଅବାଧ୍ୟ ହୁଏନା । ତେବେ ଏହି ଗଳ୍ପରେ ଶିଶୁଟିକୁ ଭୟ ଦେଖେଇବାର ଏକ ମାଧ୍ୟମ ବା ଚରିତ୍ର ହେଉଛି ମୁଣ୍ଡକଟା । କଟାମୁଣ୍ଡ ନା ମୁଣ୍ଡକଟା ଏସବୁକୁ ନେଇ ଆଲୋଚନା ବା ପର୍ଯ୍ୟାଲୋଚନା କରିବା ଛୋଟ ଶିଶୁଟିର ବୁଦ୍ଧିର ସୀମା ବାହାରେ । ଏଣୁ ସେ ଏସବୁ କଥାକୁ ସହଜରେ ଏବଂ ସରଳ ଭାବେ ଗ୍ରହଣ କରିନେଇଥାଏ । ପିଲାଟିର ନାମ ବାପି। ସେ ଷଷ୍ଠ ଶ୍ରେଣୀରେ ପଢେ। ସେ ତାର ଶୈଶବରୁ ଶୁଣି ଆସିଛି ମୁଣ୍ଡକଟା ଶବ୍ଦଟି, ନିଜ ବୋଉଙ୍କ ନିକଟରୁ । ସେ ଟିକେ ଅଝଟ ହେଲେ, ପାଠ ନ ପଢିଲେ, ନ ଖାଇଲେ ବା ବେଶି ସମୟ ଧରି ବିଛଣାରେ ଶୋଇ ରହିଲେ ତାକୁ ଆକଟ କରିବାକୁ ଯାଇ ମାଆ କହନ୍ତି ଏଇ ଦେଖ୍, ମୁଣ୍ଡକଟା ଆସିଗଲାଣି । ବାରି କୋଣରେ ଅନ୍ଧକାରରେ ଲୁଚି ରହିଛି । ଅନ୍ୟଦିନ କହନ୍ତି, ମୁଣ୍ଡକଟା ଆସି ଗଛ ଉପରେ ଛପି ରହିଛି । ହେଇ ଦେଖ୍, ବାରି କବାଟ ଖଟ୍ ଖଟ୍ ଶବ୍ଦ ଶୁଭିଲାଣି । ଘର କବାଟକୁ ବାଡେଇଲାଣି । ତୁ ଖାଇସାରି ଶୀଘ୍ର ଶୋଇପଡ । ଟ୍ୟୁସନ୍ ଏବଂ ସ୍କୁଲରେ ଦେଇଥିବା ହୋମୱାର୍କ ତୁ କଲୁ ନା ନାହିଁ । ଯଦି ନ କରିଥିବୁ ତାହାହେଲେ ଶୀଘ୍ର ଶୀଘ୍ର କରିପକାଅ । ଏଇ ଦେଖ୍, ଘର ସେପାରିରେ ରହି ମୁଣ୍ଡକଟା ସବୁ ଶୁଣି ସାରିଲାଣି । ଏଇନେ ଆସି ପହଞ୍ଚିଯିବ । ତୋତେ ଧରି ନେଇଯିବ ... ଇତ୍ୟାଦି ।

ISSN NO.
2582-208X

ବୋଉଙ୍କ ଠାରୁ ଏସବୁ କଥା ଶୁଣି ବାପି ମନରେ ଖୁବ୍ ଭୟ ପାଏ । ସେ ଅଝଟ ବା ଅବାଧ୍ୟ ନହୋଇ ବୋଉଙ୍କ ସମସ୍ତ କଥାକୁ ସୁନାପିଲାଙ୍କ ପରି ମାନି ନେଉଥାଏ । ବୋଉ ମଧ୍ୟ ମନେ ମନେ ଭାରି ଖୁସି ହୁଅନ୍ତି । କିଛି ଗୋଟାଏ ବାହାନା ବା ଆଳ ନ ଦେଖାଇଲେ ପିଲାଟିର ଅଝଟ ଆହୁରି ବଢିଯିବ । ଛୋଟ ପିଲାଏଁ ବାପାବୋଉଙ୍କ କଥାକୁ ଶୁଣନ୍ତି ନାହିଁ । ସବୁ କାମରେ ମଠ କରନ୍ତି । ଖାଇବାଠାରୁ ଆରମ୍ଭ କରି ହୋମୱାର୍କ କରିବା, ଟିଉଷନ୍ ମାଷ୍ଟ୍ରଙ୍କ ନିକଟରେ ପଢିବାକୁ ବସିବା, ଦୀର୍ଘ ସମୟ ଧରି ଟି.ଭି ଦେଖିବା ଇତ୍ୟାଦି । ଏଣୁ ସନ୍ତାନଟିକୁ ଠିକ୍ ସମୟରେ ନିୟନ୍ତ୍ରଣରେ ନରଖିଲେ କାଳେ ବଡ ହୋଇ ସେ ବାଲୁଙ୍ଗାଟିଏ ହେବ । ଏଣୁ ବୋଉ ନିଜ ସନ୍ତାନର ମଙ୍ଗଳ କଥା ଭାବି ମୁଣ୍ଡକଟା ବିଷୟରେ ସର୍ବଦା କହନ୍ତି । ବୋଉଙ୍କ କଥା ଶୁଣି ସେ ଭୟଭୀତ ହୋଇପଡୁଥାଏ ଏବଂ ସୁନାପିଲାଟି ପରି ସବୁକଥାକୁ ମୁଣ୍ଡ ହଲେଇ ହଁ ମାରୁଥାଏ । ନିଜ ବୋଉଙ୍କ ଉପରେ ବାପିର ଅଗାଧ ବିଶ୍ୱାସ। ଏଣୁ ମୁଣ୍ଡକଟା ବିଷୟରେ ବୋଉଙ୍କୁ ସେ କିଛିହେଲେ ପ୍ରଶ୍ନ କରେନାହିଁ ବା ଜାଣିବାକୁ ଚେ଼ଷ୍ଟା କରେନାହିଁ । ଆଉ ଆଜିକାଲିକା ପିଲା...ତ, ଇଣ୍ଟରନେଟ୍ ଯୁଗର ପିଲା । ସେ ନିଜ ଶୈଶବରୁ ହିଁ ମୋବାଇଲ୍ ଏବଂ ଟି.ଭିରୁ ଏଭଳି ଅନେକ ଗୁଡିଏ ଭୂତର ଗଳ୍ପ ଇତ୍ୟାଦି ଦେଖି ସାରିଛି । ଏସବୁ ଦେଖି ଦେଖି ତା' ସାହସ ବଢିଯାଇଛି । ମନରେ ଭୟ ଆସିବ କିଆଁ । ଏଣୁ ବୋଉଙ୍କ କଥାକୁ କିଏ ଅବା ପାରେ ?

କିଏ ସେହି ମୁଣ୍ଡକଟା ? ସେ ଦେଖିବାକୁ ବା କେମିତି ? ସେ କୋଉଠି ରହେ, କଣ ସବୁ ଖାଏ ? ତାହାର ବଳ ବା ଶକ୍ତି କେତେ ? ସେ ଅନ୍ୟ କାହାରି ଘରକୁ ନଯାଇ କେବଳ ବାପି ରହୁଥିବା ଘରର ବାରିପଟେ ରାତ୍ର ସମୟରେ ଆସି ଗଛ ଡାଳରେ ବା କାହିଁକି ବସି ରହିଥାଏ ? ଘରର କାନ୍ଥ ଆଢୁଆଳରେ ରହି ବାପି ଅଝଟ କରୁଛି କି ନାହିଁ, ଏସବୁ କଥାକୁ କାହିଁକି ବା କାନ ଡେରି ଶୁଣେ ? ବାପିର ଅନ୍ୟ କୌଣସି ସହପାଠୀ ଘରକୁ ନଯାଇ କେବଳ ବାପି ଘରକୁ ବା ପ୍ରତିଦିନ କାହିଁକି ଆସେ ? କ'ଣ ତା'ର ଉଦ୍ଦେଶ୍ୟ ? ତା'ର ଚେହେରା ବା କିପରି ? ସେ ଦେଖିବାକୁ ମନୁଷ୍ୟଙ୍କ ଭଳି ନା କୌଣସି ଦୈତ୍ୟ, ରାକ୍ଷସ ବା ଭୂତ ପ୍ରେତଙ୍କ ଭଳି ? ତା'ର ହାତ ଏବଂ ଦୁଇଗୋଡ ନିଶ୍ଚୟ ବଡ ବଡ ହୋଇଥିବ । ଚେହେରାଟା ଦେଖିବାକୁ ଅଶ୍ୱାଭାବିକ ଭଳି ଲାଗୁଥିବ । ଏକ ବିକଟାଳ ବା ଭୟଙ୍କର ରୂପ ହୋଇଥିବ ନିଶ୍ଚୟ । ସେ ମୋ ଭଳି ଛୋଟ ଛୋଟ ପିଲାଙ୍କୁ ଘରୁ ଉଠାଇ ନେଇ ଗିଳି ଖାଇଯାଉଥିବ ଅଥବା କାମୁଡି କାମୁଡି ମାରି ପକାଇ ଶେଷରେ ଲଟାବୁଦା କିମ୍ବା ଜଙ୍ଗଲରେ ଫୋପାଡି ଦେଉଥିବ । ବୋଉ କହନ୍ତି, ମୁଣ୍ଡକଟାର ନିବାସ ସ୍ଥାନ ହେଉଛି ବାଉଁଶକୁମ୍ଭ

ISSN NO.
2582-208X

ଅର୍ଥାତ୍ ବାଉଁଶ ଗଛ । ତାଙ୍କ ଘରର ବାରିପଟେ ଥିବା ଦେଇ ମଠର ପଛପଟେ ବିସ୍ତର ପ୍ରାନ୍ତରରେ ସମ୍ପୂର୍ଣ୍ଣ ଜଙ୍ଗଲ ପରିବେଶ, ଲଟାବୁଦା ଓ ବହୁତ ଲମ୍ବାଲମ୍ବା ବାଉଁଶର ଗଛ । ବାଉଁଶ ଗଛଗୁଡିକ ଜୋରରେ ପବନ ବହିଲେ ଘଷି ହୋଇ ଶବ୍ଦହୁଏ ଏବଂ ବେଳେବେଳେ ଏହାର ଏକ ଅଂଶ ଭାଙ୍ଗିପଡେ । ପ୍ରାଚୀର ବେଷ୍ଟିତ ଏହି ଆରଣ୍ୟକ ପରିବେଶ ମଧ୍ୟରେ କେତେ ଯେ ବିଷଧର ସର୍ପ ରହନ୍ତି, କଳନା କରିହେବ ନାହିଁ । ନାନା ଜାତିର ବିଷାକ୍ତ ପୋକ, ସରୀସୃପାଦି ରହନ୍ତି । ସ୍ଥାନଟି ହୁଏତ ଶତାଧିକ ବର୍ଷଧରି ଏପରି ପଡିରହିଛି । ମଠ ତରଫରୁ ଉକ୍ତ ସ୍ଥାନ ନିମନ୍ତେ କୌଣସି ଆଲୁଅର ବ୍ୟବସ୍ଥା କରାଯାଇନାହିଁ । କାରଣ ବିଦ୍ୟୁତ ଖର୍ଚ୍ଚ କରି ଆଲୁଅର ବ୍ୟବସ୍ଥା କରିବାର ସେପରି ପ୍ରୟୋଜନ ମଧ୍ୟ ହୁଏନାହିଁ । ମଠର ପ୍ରାଚୀର ସଂଲଗ୍ନ ମ୍ୟୁନିସିପାଲିଟି ରାସ୍ତାରେ ମଧ୍ୟ ଉପଯୁକ୍ତ ଆଲୁଅର ସୁବିଧା ନାହିଁ। ଫଳରେ ବରାବର ସ୍ଥାନଟି ଅନ୍ଧକାରାଚ୍ଛନ୍ନ ପରିସ୍ଥିତି । ଏଣୁ ଉକ୍ତ ରାସ୍ତା ଦେଇ ସନ୍ଧ୍ୟାପରେ ଯିବାଆସିବା କରୁଥିବା ପଥଚାରୀମାନେ ସେପଟକୁ ଚାହାଁନ୍ତି ନାହିଁ । ଶୀଘ୍ର ଶୀଘ୍ର ରାସ୍ତା ପାର ହୋଇ ଚାଲିଯାଆନ୍ତି । ହୁଏତ ଏହି ଅନ୍ଧକାରମୟ ପରିବେଶରେ ବାଉଁଶ ଗଛରେ ଭୂତ ପ୍ରେତାଦି ଥାଇପାରେ । ଭୟ ଲାଗିପାରେ । ଏଣୁ ଲୋକଙ୍କ ମନରେ ଏକ ଅଜଣା ଆତଙ୍କ । ବିଭିନ୍ନ ପ୍ରଜାତିର ହଜାରହଜାର ପକ୍ଷୀଙ୍କର ବାସସ୍ଥାନ ହେଉଛି ସେହି ବାଉଁଶ ବଣ ଏବଂ ଅନ୍ୟାନ୍ୟ ବଡ ବଡ ଗଛ । ତା'ବାଦେ ପିଜୁଳି, ନଡିଆ, ସପେଟା, କଦଳୀ, ଅଁଳା, ଆମ୍ବ, ପଣସ, ରାମଫଳ, ଲକ୍ଷ୍ମଣଫଳ, ସୀତାଫଳ (ଆତ) ଠାରୁ ଆରମ୍ଭ କରି ନାନାପ୍ରକାର ଫୁଲଗଛ ଏବଂ ଅନ୍ୟାନ୍ୟ ଦରକାରୀ ଓ ଅଦରକାରୀ ବୃକ୍ଷ, ଲତା ଓ ଗୁଳ୍ମରେ ଭରି ରହିଥାଏ ସ୍ଥାନଟି । ଏଣୁ ସନ୍ଧ୍ୟାପରେ ସେହି ରାସ୍ତା ଦେଇ ଯାତାୟତ କରିବା ବେଳେ ଲୋକଙ୍କ ମନରେ କିଛିଟା ହେଲେ ବି ଛନକା ପଶିଯାଏ । ଏଣୁ ରାତ୍ର ସମୟରେ କେହି ସେଗୁଡିକୁ ଅନାନ୍ତି ନାହିଁ । ଆଜକୁ ପଚାଶ ବର୍ଷ ପୂର୍ବେ ସେହି ରାସ୍ତା ଦେଇ ଚଳପ୍ରଚଳ ହେବାକୁ ଲୋକେ ଭୀଷଣ ଭୟ ପାଉଥିଲେ । ବର୍ତ୍ତମାନ ସେହି ରାସ୍ତା ପାର୍ଶ୍ୱରେ ଲୋକେ ଘର ତିଆରି କରି ରହିଲେଣି । ଆଲୁଅର ବ୍ୟବସ୍ଥାରେ ଉନ୍ନତି ଘଟିଛି । ସହରୀ ସଭ୍ୟତା ଗଢିଉଠିବା ସଙ୍ଗେସଙ୍ଗେ ଲୋକଙ୍କ ମନରେ ଧୀରେଧୀରେ ଭୟ ମଧ୍ୟ କମିବାରେ ଲାଗିଲା। ବର୍ତ୍ତମାନ ପୂର୍ବଭଳି ମନରେ ଏତେଟା ଭୟ ନରଖି ଲୋକେ ରାତ୍ର ସମୟରେ ଯା'ଆସ କରିପାରୁଛନ୍ତି ।

କ୍ରମେକ୍ରମେ ସମୟ ସହିତ ତାଳ ମିଳେଇବାକୁ ଯାଇ ସେଦିନର ସେହି ଛୋଟ ଶିଶୁ ବାପି ଆଜି ଜୀବନର ସାୟାହ୍ନରେ ପହଞ୍ଚିସାରିଛି । ଅନୁରୂପ ଭାବେ ମଠ କର୍ତ୍ତୃପକ୍ଷ ମଧ୍ୟ

ISSN NO.
2582-208X

ସମୟର ଆବଶ୍ୟକତାକୁ ଦେଖି ଦାନବ ସଦୃଶ୍ୟ ମେଶିନ୍ ସାହାଯ୍ୟରେ ଉକ୍ତ ବାଉଁଶ ବଣକୁ ପଦା କରି ଦେଇଛନ୍ତି ଫଳରେ ସେଥିରେ ଯୁଗଯୁଗ ଧରି ନିଜନିଜର ସନ୍ତାନ ସନ୍ତତିଙ୍କୁ ନେଇ ବସବାସ କରି ଆସୁଥିବା ଶତ ଶତ ପକ୍ଷୀ ଆଜି ବାସହରା ହୋଇ ବେ ସହାରା ହୋଇ ପଡିଛନ୍ତି । ବିପଦର ଆଶଙ୍କାକୁ ଆବୋରି ନେଇ ନିରୂପାୟ ପକ୍ଷୀଗଣ ଅନ୍ୟତ୍ର ଚାଲିଯାଇଛନ୍ତି ଅଥବା କେତେକ ମୃତ୍ୟୁକୁ ସାମନା କରିସାରିଲେଣି । ପୂର୍ବଭଳି ସେଠାରେ ନା ଅଛି ବାଉଁଶ କୁମ୍ଭ (ବାଉଁଶ ବଣ) ନା ଅଛି କୌଣସି ଏକ ଅଜଣା ଭୟ ଅଥବା ଆତଙ୍କ। ହେଲେ ଆଜି କର୍ପୂର ଟିକକ ଉଡିଯାଇ କେବଳ କନା ଖଣ୍ଡିକ ପଡିରହିଲା ଭଳି ଉକ୍ତ ମଠର ସାର୍ବିକ ପରିସ୍ଥିତି । ଆଜିର ଦିନରେ, ସେଠାରେ କଳ୍ପିତ ସେହି ମୁଣ୍ଡକଟାର କୌଣସି ଚିହ୍ନବର୍ଣ୍ଣ ନାହିଁ ତଥାପି ଆଜି ବି ମନେପଡେ ବାପିକୁ ତା'ବୋଉଙ୍କ ତୁଣ୍ଡରୁ ଶୁଣି ଆସିଥିବା ଶୈଶବ ସମୟର ସେହି ଲୋମ ଟାଙ୍କୁରା ମୁଣ୍ଡକଟା  କାହାଣୀ । ଜୀବନର ପ୍ରତିଦିନ ଘଟିଯାଉଥିବା ଅଧିକାଂଶ ସ୍ମୃତି, ସମୟର ସ୍ରୋତରେ ଭାସିଯାଇ ବିସ୍ମୃତି / ବିସ୍ମରଣ ହୋଇଯାଏ ଏବଂ ଆଉ କିଛି ସ୍ମୃତି ଆମ  ମନରେ ଅପାସୋରା ହୋଇ ରହିଯାଏ । ଠିକ୍ ସେହିପରି ମୁଣ୍ଡକଟା ବିଷୟଟି ବାପିର ମନରେ ସ୍ମୃତି ହୋଇ ରହିଯାଇଛି । ତେବେ ବାସ୍ତବରେ କହିବାକୁ ଗଲେ ବାପି ନିକଟରେ ତଥାକଥିତ ମୁଣ୍ଡକଟା ହାରିଯାଇଛି ବା ହାର ମାନିନେଇଛି ଏବଂ ବାପି ଜିତି ଯାଇଛି ।

ଚଳଭାଷ : ୭୦୦୧୦୫୦୪୯୧

ISSN NO.
2582-208X

# ଅନ୍ତର୍ଦାହ



ଅରୁଣ କୁମାର ଦାସ

ହୋଇଥିଲା ସ୍ଥିରୀକୃତ ଦିନ, ବାର, ତିଥି
ଛନ ଛନ ହେଉଥାଏ ମନ
ହୋଇଯିବ ଉଛୁର ବେଳ
ପହଞ୍ଚିବାକୁ ସେଇ ସ୍ଥାନ ।
ଲେଖା ବି ହୋଇଥାଏ ସଜ
ଦୀର୍ଘ ଷୋହଳ ବର୍ଷର ଭାବ
ଦେଲି ପାଦ ସଅଳ ପଦ ବ୍ରଜେ
କିନ୍ତୁ ପାଇଲି ସନ୍ଦେଶ ଅଜବ ।
ବାମ ହୋଇଗଲା ବିଧି
ନିମିଷେ ପାଲଟିଲା ଶ୍ମଶାନ
ଭାଙ୍ଗି ଚୂର୍ ମାର ହେଲା ସପନ ସୌଧ
ଘୋଟି ଅଇଲା ବଡ ସଂପ୍ରିଧି ।
ଥିଲା ମନ ପାଇବାକୁ ଦର୍ଶନ
ଗୁରୁକୁଳ ସାଥେ ଶିଷ୍ୟ ଶିକ୍ଷ୍ୟା ଗଣ
ଭାଷିବାକୁ ଥିଲା ଦୁଇ ପଦ
ଓଲଟି ଗଲା ସମୀକରଣ ।

ISSN NO.
2582-208X


ଏମିତି ବି ହୁଏ ଜୀବନେ
ଯାହା ଭାବେ ତା ମିଳେନା
ଯା ମିଳେ ତାହା ଭାବେନା
ଏଇତ ଆଜିର ଜମାନା ।
ଚିରି ଦେଲି ସବୁ ସନ୍ତକ
ଦେଲି ପବନେ ଉଡ଼ାଇ
ଭାଂଗି ଦେଲି ବାଲି ଘର
ଲୁହର ସାଗରେ ଭସାଇ ।
ବୁଝାଇଲି ମନକୁ ନିଜେ ନିଜେ
ଏଇତ କପାଳେ ଲେଖା
ଏଠି ସପନ ଦେଖିବା ମନା
ଶେଷେ ମିଳଇ ଏହି ଶିକ୍ଷା ।

ଠାକୁର୍, ପୁରୁଣା ବଉଳମାଳ,
ଜେନାପୁର, ଯାଜପୁର
୯୯୩୮୭୩୩୦୭୫

ISSN NO.
2582-208X

# କାଉ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ରାତି ପାହି ଗଲେ
କାଉ ରାବ ଦେଇ
ଶେଜ ଛାଡିବାକୁ କହେ
ଅନ୍ୟ ସମୟରେ
ପୀଢା ପରେ ବସି
ନୂଆ ସୂଚନାଟେ ଦିଏ ।

ସେଇଥି ପାଇଁ ତ
ବୋଉ ଆସି ତାକୁ
ଚାଉଳ ମୁଠିଏ ଦିଏ
ଆଧାର ଖାଇ ସେ
କାଆ କାଆ କହି
ଫୁର୍ କରି ଉଡିଯାଏ ।

କେତେ ଉପକାରୀ
ବନ୍ଧୁ ସତେ ସିଏ
ନୂତନ ସମ୍ବାଦ ଦିଏ
ବନ୍ଧୁଙ୍କ ଆସିବା
ସୂଚନା ଦେଇ ସେ
ଫୁର୍ କରି ଉଡିଯାଏ ।

ଅନୁକୂଳ କରି
ଯାଉଥିଲେ କେହି
କାଉକୁ ଦେଖିବା ଶୁଭ
ବ୍ୟବସାୟୀ ଯଦି
ରାବ ତା'ଶୁଣନ୍ତି
ହୋଇଥାଏ ତାଙ୍କ ଲାଭ ।

ଦୁଆର ମୁହଁରୁ
ଲଢୁଟିଏ ନେଇ
କାଉ ଯଦି ଉଡିଯାଏ
ଜାଣିବ ସେ ଦିନ
ନବ ଜାତକର
ସୂଚନା ହିଁ ମିଳିଥାଏ ।

ISSN NO.
2582-208X

କାଉ ଯଦି ଆସି
ପାଣି ବାଲ୍ଟିରୁ
ପାଣି ନେଇ ଛାଟି ଦିଏ
ମହାଲକ୍ଷ୍ମୀଙ୍କର
ଗୃହ ପ୍ରବେଶର
ସୂଚନା ହିଁ ମିଳିଯାଏ।

କାଉ ସତେ ଆମ
କେଡେ ଉପକାରୀ
ପଚା ସଢ଼ାକୁ ହିଁ ଖାଏ
ଆମ ଚତୁର୍ଦ୍ଦିଗେ
ପରିବେଶକୁ ସେ
ପରିଷ୍କାର କରିଥାଏ।

କାଉ ବଂଶ ଆଜି
ଲୋପ ପାଇଯାଏ
ସଂଖ୍ୟା ଦିନୁ ଦିନ କମେ
ବାର୍ତ୍ତାବହ ପରି
କାର୍ଯ୍ୟ କରିଥାଏ
ଆସିଥାନ୍ତି ଆମ କାମେ।

ମୋ:9937462507

ISSN NO.
2582-208X

# ତମ କଥା
# ମନେପଡୁନ



ପ୍ରେମଲାଲ ବାଗ

ତମ କଥା
ମୋର ଜମା ମନେ ପଡୁନ,
କେମିତି ବା ମନେପଡନ୍ତା ??
ମନ ଥିଲେ ସିନା !!
ମନଟା ତ' ଅନେକ ଦିନରୁ ଗ୍ଲେରି ହୋଇ ଯାଇଛି ।।

ଯାହା ଖାଲି ହୃଦୟଟି ଅଛି
ସେ ପୁଣି ପରସ୍ତ ପରସ୍ତ ଅଳନ୍ଧିରେ
ଜମାଟ ବାନ୍ଧି ଗଲାଣି,
ଯେତେ ଯେତେ ନିରିଖି ଦେଖୁଚି
ସେତିକି ମୋ ଆଖିରେ ଲେସି ହୋଇ ଯାଉଛି ।।

ହଁ ......
ତମେ ଯେବେ
ମନେ ପକେଇ ଦେବ,
କି କିଛି ଇଶାରା ଦେବ
ହେଲେ......

ISSN NO.
2582-208X

ମୋର ପାଞ୍ଚମନ ପଚିଶି ପ୍ରକୃତିକୁ
ଏକ୍ କରି ଖୋଜି ଆଣିବି,
ସେ ସାତ ତାଳ ପାଣି ତଳେ ଥାଉ କି
ବୁଢ଼ୀ ଅସୁରୁଣୀ ର ପଡ଼ି ଭିତରେ,
ଅବା ଶୂନ୍ୟରେ ଘୁରି ବୁଲୁଥାଉ ....
ଲାଖ ବିନ୍ଧି ତଳକୁ ଖସେଇ
ଧରେଇ ଦିଅନ୍ତି ତମ ହାତ ପାପୁଲିରେ ।।

ହେଲେ ଏତେ
ସପନକୁ ରାତି କାହିଁ !
ଆଖିରୁ ଯାଇଥିବା ଜ୍ୟୋତି
ମାଛରୁ କାଢ଼ିଥିବା କାତି କୁ
କିଏ ବା ଖାତିର୍ କରିବ,
ପୋଡିଯାଇଥିବା ତିଅଣ କ ସୁଆଦ ?
ଏବେ ଖାଲି ଶୂନ୍ୟକୁ ଆଁ କରି ରହିଛି.....।।

ଛୋରିଆଗଡ, ଜୁନାଗଡ଼,
କଳାହାଣ୍ଡି, ଦୂରଭାଷ-୯୭୭୭୯୫୯୭୩୪ .

ISSN NO.
2582-208X

# ଶ୍ରଦ୍ଧାଞ୍ଜଳି



ଦେବଦତ୍ତା ଦେବୀ

ପ୍ରତିମା ଦେବୀ ଙ୍କ ର ଆଜି ବାର ପତ୍ର ଭୋଜି । ଅଫିସ ରୁ ଆସି ଗୋଡ଼ ହାତ ଧୋଇ ମିନତୀ ସୋଫା ଉପରେ ହାତ ଗୋଡ଼ ଲମ୍ବେଇ ଟିକିଏ ବସି ପଡିଲା । ବସୁ ବସୁ ମେଡ ଟି ଆଣି ଚାହା କପ୍ ଟି ଧରେଇ ଦେଲା । ଢୋକେ ଚା ପିଇଛି କି ନାହିଁ ମୋବାଇଲ ଟି ବାଜି ଉଠିଲା । ସେ ଠିକ୍ ଅନୁମାନ କରିଛି ଅଂଶୁମାନ ଦିଲ୍ଲୀ ରୁ ଫୋନ୍ କରିଛନ୍ତି ପ୍ରତିମା ଦେବୀ ଙ୍କ ବାର ପତ୍ର ମନେ ପକେଇବାକୁ । ଫୋନ୍ ଧରୁ ଧରୁ ସେପଟୁ ସ୍ୱାମୀ ଅଂଶୁମାନ ଙ୍କ ସ୍ୱର ଭାସିଆସିଲା ମୀନୁ ବାହାରିଲଣି ଟି, ନା ଭୁଲି ଯାଇଛ ମା ଙ୍କ ଶ୍ରାଦ୍ଧ କୁ ଯିବାକୁ । ମିନତୀ ର ଉତ୍ତର କୁ ଅପେକ୍ଷା ନ କରି ପୁଣି କହିବାକୁ ଲାଗିଲେ ସାଙ୍ଗରେ କିଛି ଝୁରା ଫୁଲ ଧୂପକାଠି ମା ଙ୍କ ଫୋଟୋ ଆଗରେ ଦେବାକୁ ନେବା କୁ ଭୁଲିବିନି । ବୁବୁନ ଜଦି ଫ୍ରୀ ଥିବ ତାକୁ ବି ସାଙ୍ଗରେ ନେଇଯିବ ପିଲା ଦିନ ରେ କେତେ ସେ ପ୍ରତିମା ମାଙ୍କ କୋଳରେ ଖେଳିଛି । ଉତ୍ତର ଦେବାକୁ କିଛି ମନେ କଲେନି ମିନତୀ, ଏତିକି କହିଲେ ହଉ ତୁମେ ଫୋନ୍ ରଖ, ମୁଁ ଯାଏ ରେଡି ହୁଏ । ସେଠୁ ଫେରିଲେ କଥା ହେବା ।

ଏଇ ପ୍ରତିମା ଦେବୀ ସାଇ ଯାକର ପ୍ରିୟ ଦେବୀ ନାନୀ । ନମିତା ବାହାଘର ର ଦୁଇ ବର୍ଷ ପରେ ବୁବୁନ୍ ଦୁଇ ମାସର ପେଟ ରେ ଥାଏ ନମିତା ର କଟକ ବଦଳିହେଲା, ଅଂଶୁମାନ ଙ୍କ ର ଆଗରୁ କଟକ ରେ ପୋଷ୍ଟିଂ ଥିଲା । ଦୁଇଁହେ ଯଦିଓ ବ୍ୟାଙ୍କ୍ ଅଫ ଇଣ୍ଡିଆ ର ଅଫିସର କିନ୍ତୁ କେବେ ବି ସୁଯୋଗ ମିଳିନାହିଁ ଗୋଟିଏ ଜାଗା ରେ ଗୋଟିଏ ବ୍ୟାଙ୍କ ରେ ପୋଷ୍ଟିଙ୍ଗ ହେବା ପାଇଁ । ଏଥର ବି କଟକ ରେ ଦୁହିଁ ଙ୍କ ର ପୋଷ୍ଟିଂ ମାତ୍ର ଜଣଙ୍କର ଚାନ୍ଦିନୀ ଚୌକ ବ୍ରାଞ୍ଚ ତ ଅନ୍ୟ ଜଣଙ୍କର ଚାଉଳିଆଗଞ୍ଜ ବ୍ରାଞ୍ଚ ରେ, ଏ ପଟେ ନମିତା ତିନି ମାସ ର ଗର୍ଭବତୀ । ଏ ସବୁ କୁ ଆଖିଆଗରେ ରଖି ଦୁଇଜଣଯାକ ନମିତା ବ୍ୟାଙ୍କ୍ ପାଖରେ କାଳୀ

ISSN NO.
2582-208X

ଗଳି ରେ ଘର ଭଡ଼ା ନେଲେ, ଠିକ୍ ପ୍ରତିମା ଦେବୀ ଙ୍କ ଗୋଟେ ଘର ଛାଡ଼ି ଘର ନମିତା ର ଭଡ଼ା ଘର। ସାମାନ୍ୟ ପରିଚୟ ରୁ ନିବିଡତା ପୁଣି ଅନ୍ତରଙ୍ଗତା। ପୁଣି ଶଶୁର ଘରପଟୁ ଦୂର ସମ୍ପର୍କୀୟ ବନ୍ଧୁତା ଏ ଦୁଇ ପରିବାର କୁ ଗୋଟେ ଅପୂର୍ବ ବନ୍ଧନ ରେ ବାନ୍ଧିହେଇଗଲେ। ପ୍ରତିମା ଦେବୀ ତ ପ୍ରାୟ ନମିତାର ମା ପାଲଟିଗଲେ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆଜି ନମିତା ର ସ୍ପଟ ମନେ ପଡୁଛି ସାତ ମାସ ଗର୍ଭ ବେଳେ କେତେ କଷ୍ଟ ରେ ଘର କାମ କରି ଅଫିସ ଯାଉଥିଲା, ନା ଅଂଶୁମାନ ଆହା ପଦେ କହୁଥିଲେ ନା ଟିକିଏ ବି ସାହଯ୍ୟ କରୁଥିଲେ। ଥରେ ପ୍ରତିମା ଦେବୀ ଙ୍କ ର ନମିତା ର କଷ୍ଟ ଆଖିରେ ପଡ଼ିବାରୁ ସଙ୍ଗେ ସଙ୍ଗେ ତାଙ୍କ ଘର କାମବାଲୀ କୁ ନମିତା ଘରକୁ ପାଠେଇଥିଲେ କାମ କରିବାକୁ । କେବଳ ନମିତା ର ଦୁଃଖ କଷ୍ଟ ରେ ଭାଗି ହେଇଥିଲେ ତା ନୁହେଁ, ସାରା ସାଇ ଜାକର ଦେବୀ ଅପା, ସମସ୍ତ ଙ୍କ ସୁଖ ଦୁଃଖରେ ସେ ଠିଆ ହୁଅନ୍ତି। କାହାର ଝିଅ ବାହାଘର ଅଛି ତ ସେଠି ଦେବୀ ଅପା, ପିଲା ର ଏକୋଇସିଆ କି ଜନ୍ମଦିନ, କାହା ଘରେ କିଏ ସଂସାର ଛାଡ଼ି ଗଲା, ଅଭାବି ଘରେ ଅର୍ଥ ର ପ୍ରୟୋଜନ, ସବୁଠି ସାହଯ୍ୟ ର ହାତ ବଢ଼େଇ ଥାଆନ୍ତି। ବୁବୁନ ଜନ୍ମ ବେଳେ ସ୍ୱାମୀ ଙ୍କୁ ଉଠେଇ ରତିଅଧରେ ଗାଡ଼ିରେ ନମିତା କୁ ହସ୍ପିଟାଲ୍ ପଠେଇଲେ। ବୁବୁଁନ ହେଲା ପରେ ପ୍ରାୟ ଆସି ଭଲ ମନ୍ଦ ବୁଝି ଯାଆନ୍ତି। ସେ ଥିଲେ ନିଜ ଘର ର ମହାଲକ୍ଷ୍ମୀ ତାଙ୍କ ସ୍ୱାମୀ ବି ସବୁ ବେଳେ କୁହନ୍ତି ପ୍ରତିମା ଦେବୀ ତାଙ୍କ ଜୀବନ ର ଲକ୍ଷ୍ମୀ ମା ତାଙ୍କ ଜୀବନ ରେ ପ୍ରତିମା ଦେବୀ ଙ୍କ ର ଆବିର୍ଭାବ ଦିନ ଠାରୁ ତାଙ୍କ ର ସାମାଜିକ ସ୍ତର ରେ ମାନ ସମ୍ମାନ, ପ୍ରତିପତ୍ତି ତଥା ଧନ ସମ୍ପଦ ସବୁ ସ୍ତର ରେ ଉନ୍ନତି ହିଁ ଉନ୍ନତି ଆସିଗଲା। ପ୍ରତିମା ଦେବୀ ବି ସ୍ୱାମୀ ଙ୍କ ଘର ର ସମସ୍ତ ଙ୍କ ସାଙ୍ଗରେ ସୁ ସମ୍ପର୍କ ରଖି ଥାଆନ୍ତି। ଭଣଜା ଭାଣେଜି ମାନଙ୍କୁ ସମୟ ଅସମୟ ରେ ଆର୍ଥିକ ସାହଯ୍ୟ କରିବାକୁ କେବେ ବି ପଛାନ୍ତି ନାହିଁ। କିନ୍ତୁ ଯେତେ ଅସୁବିଧା ଥିଲେ ବି ଘରେ ନିଜ ପିଲା ମାନଙ୍କ ସାଙ୍ଗରେ ରହିବାକୁ ଅନୁମତି ଦିଅନ୍ତି ନାହିଁ। ବରଂ ସେମାନଙ୍କର ଅନ୍ୟତ୍ର ରହିବାର ବନ୍ଦୋବସ୍ତ କରିଦିଅନ୍ତି। ପ୍ରତିମା ଦେବୀ ଙ୍କ ର ମତ ହେଲା ମା ମନ ନେଇ କେତେବେଳେ ନିଜ ପିଲା ଆଉ ଭଣଜା ଭାଣେଜୀ ଙ୍କ ଭିତରେ ପାତରଅନ୍ତର ଅନ୍ତର ହେଇଗଲେ ଅଯଥା ଅଶାନ୍ତି ହେବ, ସେଥିପାଇଁ ଘରେ ରଖିବାକୁ ଉଚିତ୍ ମନେ କରନ୍ତି ନାହିଁ ।

ISSN NO.
2582-208X


ସବୁ ପ୍ରାୟ ଠିକ୍ ଚାଲିଥିବା ବେଳେ ପ୍ରତିମା ଦେବି ଙ୍କ ର ଏକମାତ୍ର ପୁତ୍ର ଶୁଭଙ୍କର ର ବାହାଘର ଆସି ପହଁଚିଗଲା । ପୁରା ସାଇ ଟା ଉତ୍ସବ ମୁଖରିତ । ପ୍ରାୟ ଗୋଟେ ସପ୍ତାହ କାହାରି ଘରେ ରନ୍ଧା ବଢ଼ା ନାହିଁ ସମସ୍ତଙ୍କର ଖିଆପିଆ ପ୍ରତିମା ଦେବୀ ଙ୍କ ଘରେ । ମା ଲକ୍ଷ୍ମୀ ଙ୍କ ର କୋଉଥିରେ ଅଭାବ ଯେ ଭୋଜିଭାତ ରେ ଉଣା ହେବ । ଲକ୍ଷ୍ମୀ ଭଣ୍ଡାର ସମସ୍ତ ଙ୍କ ପାଇଁ ଉନ୍ମୁକ୍ତ ଥିଲା ଗରିବ ଗୁରୁବା କେହିବି ଖଳିହାତରେ ତାଙ୍କ ଦୁଆରୁ ଫେରୁନଥିଲେ । ସଧାରଣ ଘରୁ ସୁନ୍ଦରୀ ଝିଅ ଟିଏ ବୋହୂ କରି ଆଣିଥିଲେ । ଗହଣା ରେ ପୋତି ଦେଇଥିଲେ ବୋହୂ କୁ । ବାହା ଘର ପରେ ଶାଶୁ ବୋହୂ ଖୁବ୍ ଭଲ ପଡୁ ଥିଲେ ।

କିନ୍ତୁ ସେ ଦିନ କଣ ହେଲା କେଜାଣି ପ୍ରତିମା ଦେବୀ ଙ୍କର ଉଚ୍ଚ ଅବାଜ୍ ରେ ରୁକ୍ଷ ସ୍ୱର ସାରା ସାହି କୁ ଥରେଇ ଦେଲା । ସମସ୍ତେ ଟୁପୁରୁ ଟପୁରୁ ହେବାକୁ ଲାଗିଲେ । ଯଦିଓ ପ୍ରତିମା ଦେବୀ ନୈଷ୍ଠିକ ବ୍ରାହ୍ମଣ ଘର ର ବୋହୂ ଓ ତାଙ୍କ ଉପରେ ପ୍ରଭୁଙ୍କର କୃପା ଅନେକ କିନ୍ତୁ ଦିଅଁ ଦେବତା ପୂଜା କରିବା ର କି ପୂଜା ପର୍ବ ରେ ମନ୍ଦିର ଯିବା ତାଂକୁ କେହି ଦେଖିନାହାନ୍ତି । କିଏ ଯଦି ଡାକନ୍ତି ଦେବୀ ନାନୀ ମନ୍ଦିର ଯିବା କଥା ଆଡେଇ ଯାଆନ୍ତି । ଅନେକ ଲୋକ ଚେଷ୍ଟା କରିଛନ୍ତି କାରଣ ଜାଣିବାକୁ ସମସ୍ତ ଙ୍କୁ ଏକା କଥା ଉତ୍ତର ଦିଅନ୍ତି କର୍ମ ହିଁ ମୋର ଭଗବାନ । କିନ୍ତୁ ସେଦିନ ପ୍ରତିମା ଦେବୀ ଙ୍କ ଘର ର ଗଣ୍ଡଗୋଳ ର କାରଣ ଖୋଜୁ ଖୋଜୁ ଜଣା ପଡିଲା ଯେ ନୂଆ ବୋହୂ ଆସୁଆସୁ ଦିଅଁ ପୂଜା ନ ହେବା ର କାରଣ ଖୋଜି ବସିଲା, ଯାହାକୁ କି ଦେବୀ ଅପା ଆଡେଇ ଯାଇଥିଲେ, ମାତ୍ର ସୁଦୁଶା ବ୍ରତ ସେଦିନ ଥିଲା, ଦେବୀ ଅପା ଙ୍କ ଘରେ ନା ମହାଲକ୍ଷ୍ମୀ ଙ୍କ ଫୋଟୋ ଥିଲା ନା ପୂଜା ଥିଲା । ନୂଆ ବୋହୂ ଯେତେବେଳେ ପ୍ରଶ୍ନ କଲା କାହିଁକି ମହାଲକ୍ଷ୍ମୀ ଙ୍କ ଅନୁକମ୍ପା ପାଇଁ ତାଙ୍କୁ ପୂଜା କରାଯାଉନାହିଁ, ଦେବୀ ଅପା ଙ୍କର କେବଳ ଉତ୍ତର ଥିଲା ଆମ ଘରେ କିଛି ବି ପୂଜା ହୁଏନାହିଁ, କର୍ମ ହିଁ ଆମର ଦେବତା । ଏତିକି ଶୁଣି ନୂଆ ବୋହୂ ଭଡକି ଗଲା ସ୍ଥାନ କାଳ ପାତ୍ର ସବୁ ଭୁଲିଗଲା ଉଚ୍ଚ ଆବଜ୍ ରେ ପାଟି କରି ଉଠିଲା ମହାଲକ୍ଷ୍ମୀ ଙ୍କୁ ପୂଜା ନ କରି ଅବମାନନା କରାଯାଉଥିବାରୁ ଘରେ ମହାଲକ୍ଷ୍ମୀ ଙ୍କର ଅଭାବ ଅଛି । ଏତକ ବୋହୂ ପାଟି ରୁ ବାହାରିଛି କି ନାଇଁ ଦେବୀ ଅପା ହଠାତ୍ ପାଟି କରି ଉଠିଲେ ନାଇଁ ତୋ ବୋପା ଘରେ ତ ବେଶୀ ମହାଲକ୍ଷ୍ମୀ ।ଉତ୍ତର ପ୍ରତିଉତର ଭିତରେ ଶାଶୁ ବୋହୂ ଙ୍କ ଭିତରେ ଅହଙ୍କାର ର କଥା କଟାକଟି ବଢ଼ି ଚାଲିଲା କିଛି ସମୟ ପରେ ଦେବୀ ଅପା ଉଠି ଯାଇ ଭିତରୁ ଦୁଆର ଦେଇ ଦିନ ସାରା ରହିଲେ, ତାପରଦିନ ବି ଦୁଆର ଖୋଲିଲେନାହିଁ । ନୂଆ ବୋହୂ ଟି

ISSN NO.
2582-208X

ଡରିଗଲା ମୋତେ ଡକେଇ ପଠେଇଲା । ଏମିତି ଗୋଟେ ଘଟଣା ଘଟିଛି ଶୁଣି ମୁଁ ଭାବିଲି ଦୟା, କ୍ଷମା, ସହାନଭୂତି, ତ୍ୟାଗ, ସମ୍ମାନୀୟ ବହୁ ସୁଗୁଣ ର ଅଧିକାରି ଦେବୀ ଅପା ଙ୍କ ର ଏ କି ରୂପ, ମନରେ ଅନେକ ଆଶଙ୍କା ଓ ଭାବନା ଧରି ନମିତା ଯାଇଥିଲେ ଦେବୀ ଅପାଙ୍କ ଦୁଆର କୁ । ନୂଆ ବୋହୂ ଟି ଭୀତତ୍ରସ୍ତ ଅବସ୍ଥା ରେ ଚୁପଚାପ୍ ବସିଥାଏ, ଘର ଟା ପୁରା ନିସ୍ତବ୍ଧ, ନମିତା କୁ ଦେଖି ବୋହୁଟି କାନ୍ଦ କାନ୍ଦ ହେଇ କହିଲା ନାନୀ କାଲିଠାରୁ ବୋଉ ଭିତରୁ ଦୁଆର ଦେଇ ବସିଛନ୍ତି, ଯେତେ ଡାକିଲେ କି ଭୁଲ ମାଗିଲେ ବି ଦୁଆର ଫିଟଉ ନାହାନ୍ତି । ଏହା କହି ନମିତା କୁ ପ୍ରତିମା ଦେବୀ ଙ୍କ ରୁମ୍ ଆଡକୁ ବାଟ କଢ଼େଇ ନେଲା । ନମିତା ବନ୍ଦ ଦୁଆର ଏପଟେ ରହି ଡାକିଲା ଦେବୀ ଅପା ମୁଁ ନମିତା ଦୁଆର ଖୋଲନ୍ତୁ । କିଛି ସମୟ ପରେ ଦୁଆର ଖୋଲିଲା, କାନ୍ଦୁରା ମୁହଁ ରେ ନମିତା ର ହାତ କୁ ଟାଣି ନେଇ ଭିତରୁ ପୁଣି ଦୁଆର ଦେଇଦେଲେ । ବନ୍ଦ ଘର ଭିତରେ ଖଟ ଉପରେ ନମିତା କୁ ବସେଇଦେଇ ତା ଆଗରେ ବସି ପଡ଼ିଲେ, ହଠାତ୍ କହିଲେ ନମି ତୋତେ ଦେଖିଲା ବେଳୁ ମୋର ଗୋଟେ ଝିଅ ଝିଅ ଭାବ ଆସେ । ମୁଁ ଆଜି ଯାଏ ଯେଉଁ ଦୁଃଖ ମୋ ଭିତରେ ଚାପି ଧରିଛି, ଆଜି ତୋତେ କହିବି ।

ପ୍ରତିମା ଦେବୀ କହି ଚାଲିଲେ ମୋତେ ସେତେ ବେଳେ କେତେ ବା ବୟସ ଆଠ କି ନହେଇଥିବ, ବାପା ବୋଉ ଙ୍କ ର ଏକମାତ୍ର ଗେଲ୍ହି ଝିଅ ନମୁ, ମାତ୍ର ଚତୁର୍ଥ ଶ୍ରେଣୀ ରେ ପଢୁଥାଏ । ଗୋଟିଏ କଥା ବି ନମୂ ର ତଳେ ପଡେନାହିଁ । ଅଜା ଆଇ ମାମୁଁ ମାଇଁ ଜେଜେ ଜେଜି ସମସ୍ତ ଙ୍କ ର ଆଖିର ତାରା ନମୁଁ । ପ୍ରତିଦିନ ବୋଉ ଭୋର୍ ରୁ ଉଠି ଗାଧୋଇ ଦିଅଁ ପୁଜା କରି ଶାରିଲେ ହିଁ ଘରୁ ସମସ୍ତେ ଗୋଡ଼ କଢନ୍ତି· ବାର ମାସରେ ତେର ପର୍ବ ବଡ଼ ନିଷ୍ଠା ର ସହ ବୋଉ ପାଳେ । ବୋଉ ର ସବୁ ବେଳେ ପୁଜା ଭକ୍ତି, ମାଣବସା ଗୁରବାରରେ ତ ଘର ଟା ଯାକ ବୋଉ ର ହତପକା ଝୋଟି ରେ ଝଟକୁ ଥାଏ, ତା ସାଙ୍ଗକୁ ପିଠା ପଣା ର ମହକ ରେ ମହକୁ ଥାଏ ସାରା ଘର । କହିବାକୁ ଗଲେ ବୋଉ ର ନିଷ୍ଠା ଯୋଗୁ ସବୁ ବେଳେ ଘରେ ପାର୍ବଣ ର ଋତୁ ଲଗିରହିଥାଏ । କିନ୍ତୁ ଠାକୁର ଏ କଣ କଲେ ମୁଁ ଏ ପର୍ଯ୍ୟନ୍ତ ଜାଣି ପାରୁନାହିଁ । ସେଦିନ ଥାଏ ମାଣବସା ଶେଷ ଗୁରୁବାର । ତା ସାଙ୍ଗରେ ସେଇଦିନ ନ ମାସ ର ଗର୍ଭବତୀ ବୋଉ ର ପୁଜା ସାରୁ ସାରୁ ପେନ ଆରମ୍ଭ ହେଇଗଲା । ସାନ ପିଉସୀ ନାନୀ ଘରେ ଥାଆନ୍ତି ମୋତେ ଭାରି ଗେଲ କରୁଥିଲେ କହୁଥିଲେ ଏ ଭଉଣୀ ଭାଇ ଆଣିବ । ବୋଉ ର ପେନ ହଉ ଥିବା ବେଳେ ବାପା ନଥିଲେ, ସେ ଯାହାବି ହେଉ ବୋଉ କୁ

ISSN NO.
2582-208X

ହସ୍ପିଟାଲ୍ ନିଆ ଗଲା କିନ୍ତୁ ହସ୍ପିଟାଲ୍ ରେ କଣ ହେଲା କେଜାଣି ବୋଉ ଛୁଆ ଜନ୍ମ ନ କରିପାରି ଆର ପାରିକୁ ଚାଲିଗଲା, ସେ ପଟେ ବାପା ରାସ୍ତା ରେ ଆସୁଆସୁ ଗୋଟେ ଦୁର୍ଘଟଣା ର ଶିକାର ହେଇ ହସ୍ପିଟାଲ୍ ରେ ଦୁଇ ଦିନ ପଡି ମୋତେ ଏକୁଟିଆ କରି ସବୁଦିନ ପାଇଁ ଚାଲିଗଲେ। ମୋ ଦୁନିଆଁ ଗୋଟିଏ ମୂହୁର୍ତ ରେ ଉଲଟ ପାଲଟ ହେଇଗଲା। ମୁଁ ଘର ର ଲକ୍ଷ୍ମୀ ରୁ ଅଲକ୍ଷ୍ମୀ ପାଲଟିଗଲି । ଜୀବନ ମୁହୂର୍ତ୍ତ କ ରେ ନର୍କ ପାଲଟିଗଲା । ସମସ୍ତେ ଆଡ ଆଡ ହେଇ ପଳେଇଲେ, କାଳେ ମୋ ଦାୟିତ୍ୱ ନେବାକୁ ପଡ଼ିବ ବୋଲି। ଏ ଭିତରେ ମାମୁଁ ମାଇଁ ମୋତେ ତାଙ୍କ ସାଙ୍ଗରେ ନେଲେ।. ଯେତେ ଖୁଣ୍ଟା ଦେଲେ ବି ଖାଇବାକୁ ଗଣ୍ଡେ ଓ ପାଠ ପଢ଼ିବାକୁ ସୁଯୋଗ ଦେଇଥିଲେ ମାଇଁ। ନ ବର୍ଷ ବୟସ ରେ ମୁଁ ହଠାତ୍ ଅଭିଜ୍ଞ ସଂସାରୀ ହେଇଗଲି, କିଛି କହିବା ପୂର୍ବରୁ ଘର ର ଯାବତୀୟ କାମ କରିଦିଏ, ଆସ୍ତେ ଆସ୍ତେ ରନ୍ଧା ବଢ଼ା ର ଦାୟିତ୍ୱ ବି ନେଇଗଲି, ସମୟ ତା ବାଟ ରେ ଆଗେଇ ଚାଲିଲା । ମୁଁ ବିଏ । ତୋ ମଉସା ଙ୍କ ସାଙ୍ଗରେ ମାମୁଁ ଙ୍କ ଝିଅ ର ବାହାଘର ପଡ଼ିଥିଲା, ସେ ଗରିବଘର ର ପିଲା ବୋଲି ସେ ବାହା ହେବା କୁ ମାମୁଁ ଙ୍କ ଝିଅ ନାହିଁ କଲା, ତେଣୁ ମାମୁଁ ମୋ ସାଙ୍ଗରେ ବାହାଘର କରିଦେଲେ। ମଉସା ଙ୍କ ସାଙ୍ଗରେ ଖୁବ୍ ପରିଶ୍ରମ କରି ଆଜି ତାଙ୍କୁ ଏଇଠି ପହଞ୍ଚେଇ ପାରିଛି। କଠିନ ପରିଶ୍ରମ ର ଫଳ ଏଇ ଘର ଦ୍ୱାର ଧନ ଦୌଲତ। ଏତେ ସବୁ ପରେ ତୁ ନମିତା କହ ଆଉ ଦିଅଁ ଦେବତା ପୂଜା ପର୍ବ କୁ ବିସର୍ଜନ କରି ମୁଁ କଣ ଭୁଲ କରିଛି। ଆଜି ଯାଏ ତୋ ମଉସା ଥରକ ପାଇଁ ବି ଏ ଉପରେ ପ୍ରଶ୍ନ କରିନାହାନ୍ତି, ଆଉ କାଲିକା ଛୁଆ ଘରେ ପାଦ ଦେଇଛି କି ନାହିଁ ମୋତେ ପ୍ରଶ୍ନ କରିବ। ପୁଣି ତା ବୋପା ଘର ର ଉଦାହରଣ ଦେବ। ଯିଏ ଯାହା କହୁ ପଛେ ମୋ ପାଇଁ କର୍ମ ହିଁ ଭଗବାନ, ମୁଁ କେବେ ବି ଆଉ କାହାକୁ ପୂଜିବିନି। ତା ମନ ଯାହା ସେ କରୁ ମୋତେ କିନ୍ତୁ କୋଉ ଥିରେ ବାଧ୍ୟ କରିବନି। ଏତିକି କହି ମୁହଁ ଏଡେ କରି ବସିଲେ। ନମିତା ଶାଶୁ ବୋହୂ ଦୁଇହେଁ ଙ୍କୁ ବୁଝା ବୁଝି କରି ଫେରିଲା। ସ୍ଥିର ହେଲା ନା ଶାଶୁ ନା ବୋହୂ କେହି କାହାର ମତ ଉପରେ ହସ୍ତକ୍ଷେପ କରିବେ ନାହିଁ।

ଆଜି ପୁରୁଣା କଥା ଗୁଡ଼ିକ ମନକୁ ଆନ୍ଦୋଳିତ କରୁଛି । ଘଣ୍ଟା ଦେଖି ବ୍ୟସ୍ତ ହେଇ ନମିତା ସଜ ବାଜ ହେଇ ବାହାରିଗଲା ପ୍ରତିମାଦେବି ଙ୍କ ଦ୍ୱାଦଶ ରେ ଯୋଗ ଦେବା ପାଇଁ। ପ୍ରବେଶ ଦ୍ୱାର ରେ ପ୍ରତିମା ଦେବୀ ଙ୍କ ର ହସ ହସ ମୁଖ ର ଏକ ବିରାଟ ଏକ ତୈଳ ଚିତ୍ର ଥୁଆ ହେଇଛି । ତା ଆଗରେ ଗୋଟେ ପିତଳ ଥାଳି ରେ ଫୁଲ ଭରି ହେଇ ଥୁଆ ହେଇଛି କଡରେ

ISSN NO.
2582-208X

ଧୂପକାଠି ଓ ଦିଆସିଲି । ଅତିଥି ଗଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରଣାମ କରି ହଲ ଭିତରକୁ ଯାଉଛନ୍ତି । ନମିତା କିଛି ସମୟ ଫୋଟୋ ଆଗରେ ଠିଆ ହେଇ ଭାବିଲା ଯିଏ ନିଜ ଜିବଦ୍ଦଶା ଭିତରେ କ୍ଷଣକ ପାଇଁ ବି ଠାକୁର ଙ୍କ ଆଗରେ ଫୁଲ ଧରି ଠିଆ ହୋଇନାହିଁ ତାକୁ କିପରି ଫୁଲ ଅର୍ପଣ କରି ଠାକୁର ଭଳି ପୂଜା କରିବା । ବଡ଼ ଦ୍ୱିବିଧା ରେ ନମିତା, ଏହି ସମୟରେ ପଛ ପଟୁ କିଏ ପିଠି ଥପୁଡେଇଲା । ମୁହଁ ବୁଲେଇ ଚାହିଁଲା ବେଳ କୁ ଦେବୀ ଅପା ଙ୍କ ବୋହୂ, ସେ ହଠାତ୍ କହିଲା ଅପା କିଛି ଭବନ୍ତୁନାହି ଏ ଦେବୀ ଙ୍କୁ ଫୁଲ ଦେଇ ଆପଣ ଙ୍କ ର ଶ୍ରଦ୍ଧା ଅର୍ପଣ କରନ୍ତୁ । ଆଖି ଓଦା ଓଦା ହେଇଗଲା ।ନମିତା ର ଫୋଟୋ ରେ ଫୁଲ ଅର୍ପଣ କରି ଶ୍ରଦ୍ଧା ର ସହ ମୁଣ୍ଡିଆ ମାରି ଭୋଜି ର ହଲ ଭିତରକୁ ପାଦ ବଢ଼େଇଲା ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର - ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ରସ ସାଗର ନାଗର ଗିରିଧର



ଡ. ଅର୍ଜୁନ ଚରଣ ବାରିକ୍

ରମଣୀ ରସିଆ ପାର୍ଥ ସଖା ଯାର ।
ସତ୍ୟ ସନାତନ ଶଙ୍ଖ ଚକ୍ର ଧର ।।
ସାରଥି ପାର୍ଥ ରଥର ଶ୍ରୀୟା ବର ।
ଗମନ ସୁନ୍ଦର ରୂପ ତା ସୁନ୍ଦର ।।
ରହସ୍ୟମୟ ଠାକୁର କମ୍ବୁକର ।
ନାରାୟଣ ରମା ବିଳାସ ଶ୍ରୀଧର ।।
ଗଧ ପଦ ଧରା ସେ ମୂରଲୀଧର ।
ରଙ୍ଗିଲା ଠାକୁର ପ୍ରିୟ ପାଣ୍ଡବର ।।
ଗିରିଧାରୀ ସ୍ମର ମନ ନିରନ୍ତର ।
ରୀଷ୍ଟ ହେବ ନାଶ ଦୁରୀତ ସଂହର ।
ଧରଣୀ ଧାରଣ କମଳାର ବର ।
ରକ୍ଷା କବଚ ସେ ସଦା ଭକତର ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ମନୋଜ ଦାସଙ୍କ ସ୍ମୃତିରେ



ବରୁଣ କୁମାର ଦାସ

ସଜେଶ ହୋଇଥିବ
ସ୍ମୃତିର ପ୍ରଦୀପ
ସୁବର୍ଣ୍ଣ କଳସ
ଚନ୍ଦ୍ରାଲୋକର ପ୍ରହରୀ ପାଇଁ,
ଲମ୍ବିଥିଲେ ପଛେ ଲମ୍ବି ଥାଉ
ଜିଜ୍ଞାସାର ଦିଗ ଦିଗନ୍ତ ।
ଆକାଶର ଇସାରାରେ
ପ୍ରହର ଗଣୁଛି
ଗୋଧୂଳିର ବାଘ
ଶେଷ ତାନ୍ତ୍ରୀକର ସନ୍ଧାନରେ ।
ବାସ୍ନାୟିତ ଶେଷ ବସନ୍ତର ଚିଠି
ଦୂର ଦୂରାନ୍ତର,
ସ୍ମୃତି ବିସ୍ମୃତିର
ଲୁଚ କାଲି ଖେଳରେ
ସୃଷ୍ଟି ଭିତରେ ଶାଶ୍ୱତ
ଶବ୍ଦର ଯାଦୁକର ।

(କବିତାଟି'ବାଇ ଚଡ଼େଇ', ଭଦ୍ରକ ତରଫରୁ ଆୟୋଜିତ
ଗୁଗଲ ମିଟ କବିତା ଆସରରେ ପଠିତ )

ISSN NO.
2582-208X

# ପ୍ରତିକ୍ରିୟା ରଣ୍ଡି ପୁଅ ଅନନ୍ତା

ଲକ୍ଷ୍ମୀନାରାୟଣ ପଟ୍ଟନାୟକ

କିଛି କଥା କିଛି ବ୍ୟଥା=

ଓଡ଼ିଆ ଚଳଚ୍ଚିତ୍ର ଜଗତର ତୁଚ୍ଛା ବିବାଦ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ସବ୍ୟସାଚୀ ମହାପାତ୍ରଙ୍କ ନିର୍ମାଣାଧୀନ "ରାଣ୍ଡିପୁଅ ଅନନ୍ତା" ଚଳଚ୍ଚିତ୍ର ଆଜି ବିବାଦରେ । ଯାହା କେବଳ ଚଳଚ୍ଚିତ୍ର ଜଗତରେ ସୀମିତ ନରହି ସାହିତ୍ୟିକ ଜଗତକୁ ଆଚ୍ଛାଦିତ କରି ସାରିଛି । ଦୈନିକ ଅନେକ ଆଲୋଚନା, ପର୍ଯ୍ୟାଲୋଚନା, ତର୍କ ଓ ବିତର୍କ ସମଗ୍ର ମିଡ଼ିଆ ଜଗତରେ ଛାଇ ଯାଇଛି। ଏହି ଧାରା ଆଦୌ ଶୁଭଙ୍କର ଓ ଶୋଭାନୀୟ ନୁହେଁ । ବ୍ୟକ୍ତିଗତ ସ୍ୱାର୍ଥ ଓ ରାଗର ବୋଝରେ ଓଡ଼ିଆ ସାହିତ୍ୟ ଲାଞ୍ଛିତ ହେଉଛି । "ରାଣ୍ଡିପୁଅ ଅନନ୍ତା" ହେଉଛି ଓଡ଼ିଆ ସାହିତ୍ୟରେ ଏକ ରୂଢ଼ି, କୌଣସି ଚଳଚ୍ଚିତ୍ରର ନାମ ସଂପୃକ୍ତ ଭାଷାର ଗୋଟେ ରୂଢ଼ି ଭାବରେ ନାମିତ ହେଲେ କୌଣସି ବି ଅସୁବିଧା ନାହିଁ । କାରଣ ଏହା ସାହିତ୍ୟ ଭିତ୍ତିକ ନାମକରଣ। ଏହି ଶବ୍ଦ ସମ୍ବଳିତ ରୂଢ଼ିର ବ୍ୟବହାର ହେଉଛି ଜଣେ ଲେଖକ କିମ୍ବା ଚଳଚ୍ଚିତ୍ର ନିର୍ମାତାଙ୍କ ସୃଜନଶୀଳ ସ୍ୱାଧୀନତା । ଯଦି ସମ୍ପୂର୍ଣ ରୂଢ଼ି ଭିତରୁ କେବଳ "ରାଣ୍ଡି" ଶବ୍ଦଟିକୁ ବ୍ୟବହାର କରାଯାଇଥାନ୍ତା ତେବେ ଏହା ଗ୍ରହଣୀୟ ହୋଇ ନଥାନ୍ତା । ଯେହେତୁ ଚଳଚ୍ଚିତ୍ରଟିର ନାମକରଣରେ ସମ୍ପୂର୍ଣ୍ଣ ରୁଢ଼ିଟି ବ୍ୟବହାର ହୋଇଛି, ତେଣୁ ଏହି ନାମକରଣ ସର୍ବାଦୌ ଗ୍ରହଣୀୟ । ଆମେ ଓ ଆମ ପିଲାମାନେ ବିଦ୍ୟାଳୟରେ ଏହି "ରାଣ୍ଡିପୁଅ ଅନନ୍ତା" କୁ ପଢି ଆସିଛନ୍ତି । କାହିଁ ଏହି ରୂଢ଼ି କେବେ ବି ଆମକୁ କି ଆମ ପିଲାମାନଙ୍କୁ କୌଣସି କ୍ଷେତ୍ରରେ ବିଚଳିତ କରି ନାହିଁ । ଏହାଛଡା ଯଦି ସିନେମା ଟାଇଟଲ ଟି ଭୁଲ, ତେବେ ସେଥିପାଇଁ ଚଳଚ୍ଚିତ୍ରର ନାମକରଣ ଠିକ୍ ଭୁଲ ବାଛିବା ପାଇଁ ଗୋଟେ ସେନ୍ସର୍ ବୋର୍ଡ ଅଛି, ସେମାନେ ତାହାର ବିଚାର କରିବେ । ମତେ ଲାଗୁଛି, କିଛି ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ଏହି ବିବାଦ ଆଜି ମୁଣ୍ଡ ଟେକିଛି । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂଢ଼ି ଭିତରୁ କେବଳ "ରାଣ୍ଡି" ଶବ୍ଦଟିକୁ ନେଇ ଯେଉଁ ନାଟକ କରୁଛନ୍ତି, ଏଥିରୁ ଜଣା ପଡୁଛି ସେ ଜଣେ ଅଜ୍ଞାନୀ । ଓଡ଼ିଆ ସାହିତ୍ୟ

ISSN NO.
2582-208X

ଉପରେ ତାଙ୍କର ଟିକେ ବି ଜ୍ଞାନ ନାହିଁ । ତେଣୁ ସେ ନିଜକୁ ପ୍ରକୃଷ୍ଟିତ କରନ୍ତୁ ଏହି କ୍ଷେତ୍ରରେ । ଅଯଥା ନାଟକ କରନ୍ତୁନି ନିଜକୁ ମହାଜ୍ଞାନୀ ଭାବିକି । ମୋ ମତରେ ସେ କିଏ ଓଡ଼ିଆ ସାହିତ୍ୟର ଏହି ରୂଢ଼ି କୁ ନେଇ ପ୍ରଶ୍ନ ଉଠେଇବାକୁ ? ଅଳ୍ପ ବିଦ୍ୟା ଭୟଙ୍କରୀ । ସାହିତ୍ୟର ମହାଦ୍ରୁମ ମାନଙ୍କ ସହିତ ଆଲୋଚନା କରି ନିଜ ସାହିତ୍ୟିକ ଜ୍ଞାନ ଓ ଧାରଣାର ସଙ୍କୁଚିତ ପରିଧିକୁ ପରିବ୍ୟାପ୍ତ କରନ୍ତୁ । ସାହିତ୍ୟରେ ରୁଚି ରଖୁଥିବା ଜଣେ ବ୍ୟକ୍ତି ହିସାବରେ ଏହା ମୋ ହୃଦୟର କିଛି ବିସ୍ଫୋରଣ । ଦେହକୁ ନେବେନି...

ମଙ୍ଗଳାଯୋଡ଼ି, ଖୋରଧା, ଓଡ଼ିଶା
ଦୂରଭାଷ - 9437183937

ISSN NO.
2582-208X

# ଜେଜେଙ୍କ
# ଚଷମା ୧


ଅରୁଣ କୁମାର ମହାପାତ୍ର

ସକାଳୁ ପୋଛନ୍ତି ପୋଛନ୍ତି ସନ୍ଧ୍ୟାରେ
ଚଷମାର ଗୋଲ କାଚ
ନାକର ଉପରେ ସୁଶୋଭିତ ପରା
ମୁହଁ କଳା ମଚ ମଚ ।
ବୟସ ସତୁରୀ ପାରି ହେଲା ସିନା
ଶଙ୍ଖ ପରି ଶୁଭ୍ର ମନ
ବରଷକେ ଥରେ ବଦଳେ ଚଷମା
ଘରେ ନନ୍ଦନକାନନ ।
କେଉଁ ଚଷମାଟି ବନ୍ଧା ଦଉଡିରେ
ଗଳାରେ ଥାଏ ଓହଳି
କେଉଁ କେଉଁ ବ୍ରାଣ୍ଡ ମୁଣ୍ଡର ଉପରେ
ଚୁଟି ଦେଉଥାଏ ଗାଳି ।
ଧଳା ପୋଷାକକୁ ନାଲି ପୁଞ୍ଜା ଦାନ୍ତ
ଚଷମା ଦେଶୀ ବିଦେଶୀ
ପେନସନ ପଇସା ମିଳିଲେ ଜେଜେଙ୍କୁ
ଚଷମା ଦୋକାନୀ ଖୁସି ।

ISSN NO.
2582-208X

ଆସନ୍ତା ମାସକୁ ବରାଦ ହୋଇଛି
ସୁନେଲି ଦାମିକା ପିସ୍
ବୟସ ବଢ଼ିଛି ସରକାର ଦେବେ
ପେନସନରେ ବକ୍ସିସ ।
ମାସ ଆରମ୍ଭରେ ଜେଜେ ଫେରୁଥିଲେ
ନୂଆ ଚଷମାର ସାଥେ
ଦୁଆର ଖୋଲିଲା ଜେଜୀକୁ ଦେଖିଲେ
ପିନ୍ଧି ଜିନ୍ ପ୍ୟାଣ୍ଟ ଗୋଟେ ।
ହସିଦେଲେ ଜେଜେ ପିନ୍ଧିଲେ ଚଷମା
ଧରିଲେ ଜେଜୀର ହାତ
ଗାଡି ଚଢ଼ି ଦୁହେଁ ବାହାରିଲେ ବୁଲି
ପହଞ୍ଚିବେ ରେଷ୍ଟୁରାଣ୍ଟ ।
ଜେଜେଙ୍କ ଚଷମା ସୁନେଲି ଦିଶଇ
ଜେଜୀର ବାଳ ସୁନେଲି
ଜେଜେ ଜେଜୀ ଦୁହେଁ ଖୁସିରେ ବୁଲନ୍ତି
ହସୁଥାନ୍ତି ଖିଲି ଖିଲି ।

କ୍ରମଶଃ.....

E-୨୩
ଗୌତମୀ ନଗର, ଅଶ୍ୱପୁରମ, ତେଲେଙ୍ଗାନା

ISSN NO.
2582-208X



# ଜ୍ୱଳନ

ଚନ୍ଦନା ସାହୁ

ଜୀବନ ଜଳୁଛି ଦେଖ ଜଳୁଛି ଜୀବନ
ଦୁଃଖ ମଡ଼ା ଚାଣ୍ଡାଳ ତ
ଯନ୍ତ୍ରଣା ତା ଇନ୍ଧନ
ଜୀବନ ଜଳୁଛି ଦେଖ ଜଳୁଛି ଜୀବନ
ମୃତ୍ୟୁ ଏଠି ନୃତ୍ୟ ରଚେ
ମାଳ ମାଳ କଙ୍କାଳ
ମୁଖା ପିନ୍ଧା ଅଶରିରୀ ଲାଗେ ସଂସାରଟା ଶ୍ମଶାନ
ଜୀବନ ଜଳୁଛି ଦେଖ ଜଳୁଛି ଜୀବନ
ନିଜ ଶବ ନିଜ କାନ୍ଧ
ବୋହି ଚାଲରେ ମନ
କିଏ ଏଠି ଜିଇଛି ଯେ,
ଦେଖି ଆତ୍ମ ଦହନ
ଜୀବନ ଜଳୁଛି ଦେଖ ଜଳୁଛି ଜୀବନ ।

ଦଳା, ଯାଜପୁର ରୋଡ଼, ଯାଜପୁର

ISSN NO.
2582-208X

# ଭଗବତ୍ ଭକ୍ତର ମାହାତ୍ମ୍ୟ

ରବୀନ୍ଦ୍ର କୁମାର ସାହୁ

ଶ୍ରୀବ୍ୟାସ ଦେବ କହୁଛନ୍ତି - ଶୌନକାଦି ଋଷିମାନଙ୍କର ପ୍ରଶ୍ନ ଶୁଣି ରୋମହର୍ଷଣଙ୍କ ପୁତ୍ର ଉଗ୍ରଶ୍ରବାଙ୍କ (ସୂତକୁ) ବଡ଼ ଆନନ୍ଦ ଲାଗିଲା । ସେ ଋଷି ମାନଙ୍କର ଏହି ମଙ୍ଗଳମୟ ପ୍ରଶ୍ନକୁ ଅଭିନନ୍ଦନ ଜଣାଇଲେ ଏବଂ ମଙ୍ଗଳାଚରଣ କରି କହିବାକୁ ଆରମ୍ଭ କଲେ ।

ଜୀବର ହିତେ କୃତିକୃତ୍ୟ ।
ହସି କହନ୍ତି ମୁନୀସୂତ । । (୧/୨/୧)

ଶ୍ରୀସୂତ କହିଲେ – ଶ୍ରୀ ଶୁକଦେବଙ୍କର ସର୍ବତ୍ର ବ୍ରହ୍ମ ଅନୁଭବ ସ୍ୱତଃସିଦ୍ଧ ଥିଲା । ତେଣୁ ତାଙ୍କ ନିମନ୍ତେ ଲୌକିକ କିମ୍ବା ବୈଦିକ କର୍ମାନୁଷ୍ଠାନ ବା ଉପନୟନ - ସଂସ୍କାରର କୌଣସି ଆବଶ୍ୟକତା ନଥିଲା । ସେ କୃତକୃତ୍ୟ ହୋଇ ସାରିଥିଲେ । ଏପରି ଉଚ୍ଚ ସ୍ଥିତି ହେତୁ ସେ ଅନାସକ୍ତ ହୋଇ, ଗୃହ ପରିତ୍ୟାଗ କରି ଏକାକୀ ଦ୍ରୁତ ଗତିରେ ପଳାଉଥିବାବେଳେ ପିତା ବ୍ୟାସଦେବ ବିରହକାତର ହୋଇ ତାଙ୍କୁ 'ବାପା! ବାପା! ବୋଲି ଡ଼ାକ ପକାଇଲେ । ଶୁକଦେବ ତ ବ୍ରହ୍ମଭୂତ ହୋଇ ଚରାଚର ସମସ୍ତ ବସ୍ତୁରେ ତନ୍ମୟ ହୋଇ ଯାଇଥିଲେ, ତେଣୁ ତାଙ୍କ ପକ୍ଷରୁ ବୃକ୍ଷ ମାନେ ଉତ୍ତର ଦେଇଥିଲେ । ସେହି ସର୍ବଭୂତହୃଦୟ ସ୍ୱରୂପ ଶ୍ରୀ ଶୁକଦେବଙ୍କୁ ମଠୁ ବନ୍ଦନା କରୁଛି ।

ତାହାଙ୍କୁ ମୋର ନମସ୍କାର ।
ଯେ ହୃଦ ସର୍ବ ପ୍ରାଣୀଙ୍କର । । (୧/୨/୨)

ମୁଁ ମୁନିମାନଙ୍କର ମଧ୍ୟ ଗୁରୁ ବ୍ୟାସନନ୍ଦନ ମହତ୍ମା ଶୁକଦେବଙ୍କ ଶରଣ ଗ୍ରହଣ କରୁଛି । ସଂସାରଗ୍ରସ୍ତ ଲୋକମାନଙ୍କ ପ୍ରତି ଅତ୍ୟନ୍ତ କରୁଣାର୍ଦ୍ର ହୋଇ ସେ ଏହି ଭାଗବତ ପୁରାଣ ଗାନ କରିଛନ୍ତି । ଭାଗବତ ପୁରାଣ ହେଉଛି ଏକ ଅତ୍ୟନ୍ତ ଗୋପନୀୟ ଓ ଅଦ୍ୱିତୀୟ ଗ୍ରନ୍ଥ। ଏହା ଆତ୍ମସ୍ୱରୂପ ଦର୍ଶନ କରାଇଦିଏ ଏବଂ ଏହା ହେଉଛି ସର୍ବଶାସ୍ତ୍ରର ସାର । ଏହା

ISSN NO.
2582-208X

ଅଧ୍ୟାତ୍ମତତ୍ୱକୁ ପ୍ରକାଶିତ କରିବା ନିମନ୍ତେ ଏକ ଉଜ୍ଜ୍ୱଳ ଦୀପ ସଦୃଶ ଏବଂ ଭୟଙ୍କର ଅପାର ସଂସାର ସାଗରରୁ ପାରି କରିବା ନିମନ୍ତେ ସୁଦୃଢ ନୌକା ସଦୃଶ । ଏହିପରି ଭଗବତ୍ ସ୍ୱରୂପ ସେହି ଶୁକଦେବଙ୍କୁ ବନ୍ଦନା କରିବା ସହିତ ନର ନାରାୟଣ ଋଷିଙ୍କୁ, ଦେବୀ ସରସ୍ୱତୀଙ୍କୁ ଓ ବ୍ୟାସଦେବଙ୍କୁ ନମସ୍କାର କରି ଭାଗବତ ମହାପୁରାଣ ପାଠ କରିବା ଉଚିତ୍।

ହେ ଋଷିଗଣ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ଆପଣମାନେ ବଡ଼ ସୁନ୍ଦର ପ୍ରଶ୍ନ ପଚାରିଛନ୍ତି। କାରଣ ଏହି ପ୍ରଶ୍ନଟି ଭଗବାନ କୃଷ୍ଣଙ୍କ ସହିତ ସମ୍ବନ୍ଧିତ । ଏହାର ଚର୍ଚ୍ଚାରୁ ବହୁ ଆଧ୍ୟାତ୍ମିକ ପ୍ରଶନ୍ନତା ମିଳେ ଏବଂ ପୂର୍ଣ୍ଣ ଆତ୍ମଶୁଦ୍ଧି ମଧ୍ୟ ହୋଇଯାଏ । ତେଣୁ କୁହାଯାଇଛି ।

ପରମ ମଙ୍ଗଳ ଏ ବାଣୀ ।
ଯିବ ନିସ୍ତରି ଯାହା ଶୁଣି । ।

ଶ୍ରୀକୃଷ୍ଣଙ୍କୁ ଶ୍ରୀମଦ୍ ଭାଗବତରେ ଭଗବାନ ବୋଲି କୁହାଯାଇଛି ।

## ସ୍ୱରୂପ ତତ୍ୱ

ଶ୍ରୀକୃଷ୍ଣଙ୍କ ସ୍ୱରୂପ ହେଉଛି ନିତ୍ୟ, ଶାଶ୍ୱତ, ଚିଦାନନ୍ଦମୟ, ଅନନ୍ତ, ସର୍ବଗ (ସର୍ବଗମନ କ୍ଷମ) ବିଭୁ (ସର୍ବବ୍ୟାପି), ସର୍ବ ଐଶ୍ୱର୍ଯ୍ୟମୟ, ସର୍ବ ମାଧୁର୍ଯ୍ୟମୟ, ସର୍ବ ଶକ୍ତିମାନ, ସର୍ବଜ୍ଞ, ସର୍ବାଦି, ସର୍ବଅଂଶୀ, ସର୍ବ ଅବତାରୀ, ସର୍ବାଶ୍ରୟ ଏବଂ ସର୍ବେଶ୍ୱର ।

ତାଙ୍କର ଅନନ୍ତ ସ୍ୱରୂପରୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ ଯଥା ବ୍ରହ୍ମ, ପରମାତ୍ମା ଏବଂ ଭଗବାନ । ବ୍ରହ୍ମ - ଶ୍ରୀକୃଷ୍ଣଙ୍କ ଅଙ୍ଗଜ୍ୟୋତିଃର ନିର୍ବିଶେଷ ସ୍ୱରୂପ । ଏହା ଜ୍ୟୋତିର୍ମୟ, ନିରାକାର ଏବଂ କେବଳ ଚିତ୍ସତ୍ତା ଓ ଆନନ୍ଦ ସତ୍ତା ଅର୍ଥାତ୍ ସମ୍ପୂର୍ଣ୍ଣ ଚିଦାନନ୍ଦମୟ ଅଟନ୍ତି । ଏହାଙ୍କର ରୂପ, ଗୁଣ ଓ ଲୀଳା ହିଁ ନାହିଁ । ଜ୍ଞାନମାର୍ଗର ସାଧକଗଣ ଏହି ନିର୍ବିଶେଷ ସ୍ୱରୂପଙ୍କର ଉପାସକ ଅଟନ୍ତି ।

ପରମାତ୍ମା (ବା ଅନ୍ତର୍ଯ୍ୟାମୀ) - ୩ ପ୍ରକାର ଅଟନ୍ତି । ଯଥା ସମଷ୍ଟି ବ୍ରହ୍ମାଣ୍ଡର ଅନ୍ତର୍ଯ୍ୟାମୀ (କାରଣାର୍ଣ୍ଣବଶାୟୀ ସହସ୍ରାଶୀର୍ଷା ପୁରୁଷ), ବ୍ୟଷ୍ଟିବ୍ରହ୍ମାଣ୍ଡର ଅନ୍ତର୍ଯ୍ୟାମୀ (ଗର୍ଭୋଦଶାୟୀ ସହସ୍ରାଶୀର୍ଷା ପୁରୁଷ), ବ୍ୟଷ୍ଟିଜୀବର ଅନ୍ତର୍ଯ୍ୟାମୀ (କ୍ଷୀରୋଦଶାୟୀ ଚତୁର୍ଭୁଜ ପୁରୁଷ),

ISSN NO.
2582-208X

ଏମାନେ ସମସ୍ତେ ଶ୍ରୀକୃଷ୍ଣଙ୍କର ସବିଶେଷ ଅଂଶ ବିଭୂତି ଅଟନ୍ତି ବୋଲି ଚିନ୍ମୟ ଓ ମାୟାତୀତ ଅଟନ୍ତି । ଏହାଙ୍କର ସ୍ୱକ୍ଷ୍ମଅଂଶ ସର୍ବଜୀବ ଅର୍ଥାତ୍ ଦେବତା, ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷ, ଗୁଳ୍ମ ପ୍ରଭୃତି ପ୍ରତ୍ୟେକଙ୍କ ମଧ୍ୟରେ ବିରାଜିତ ଅଛନ୍ତି ।

### ଭଗବାନ:

ଶ୍ରୀକୃଷ୍ଣଙ୍କର ସାକାର ବା ସବିଶେଷ ସ୍ୱରୂପ ସମୂହ ମଧ୍ୟରେ ଯେଉଁମାନଙ୍କର ପରିକର ଓ ଲୀଳା ଥାଏ ସେମାନେ ସମସ୍ତେ ଭଗବାନ ଅଟନ୍ତି (ପରମାତ୍ମା ସାକାର ହେଲେ ମଧ୍ୟ ପରିକର ହୀନ ଅଟନ୍ତି) ଭକ୍ତି ମାର୍ଗର ସାଧକଗଣଙ୍କର ଅଭୀଷ୍ଟ ଭଗବାନ ଅଟନ୍ତି । ତେବେ ଭକ୍ତିମାର୍ଗ ସାଧନର ବିଭିନ୍ନତା ଅନୁସାରେ ସାକାର ଏବଂ ସପରିକର ଭଗବତ୍ ସ୍ୱରୂପ ଭକ୍ତଙ୍କଠାରେ ଆତ୍ମପ୍ରକାଶ କରିଥାନ୍ତି ।

### ନାମ ତତ୍ତ୍ୱ

ଓଡ଼ିଶୀ ବୈଷ୍ଣବ ମାନଙ୍କ ନିମନ୍ତେ ଆଗ ନାମ, ପରେ ବ୍ରହ୍ମ । ନାମ ହିଁ ସବୁର ମୂଳ । ଏଣୁ ଓଡ଼ିଶୀ ବୈଷ୍ଣବ ସାହିତ୍ୟରେ ନାମର ମାହାତ୍ମ୍ୟ ଅନେକତ୍ର ଦେଖିବାକୁ ମିଳେ । ଅଚ୍ୟୁତାନନ୍ଦଙ୍କ 'ଅଣାକାର ସଂହିତା'ରେ ନାମର ଗୁଣ କୀର୍ତ୍ତନ କରାଯାଇଛି ଅନେକ ପଙ୍କ୍ତିରେ । କବିଙ୍କ ଭାଷାରେ –

"ଆଗେ ହେଲା ନାମ ପଛେ ହେଲା ବ୍ରହ୍ମ ନାମଟି ସବୁରି ମୂଳ ।
ନାମେଟି ଜଗତ ବ୍ୟାପିଣ ଅଛଇ ନାମେଟି ସକଳ ଠୁଳ ।
ନାମଟିହିଁ ତତ୍ତ୍ୱ ନାମଟିହିଁ ସତ୍ୟ ନାମଟି ଲୀଳା କରତା
ନାମଟିହିଁ ଯୋଗ ଭୋଗ କରୁଥାଇ ନାମଟି ସବୁ ହରନ୍ତା ।"
(ପୃ, ୩୩-୩୪)

ନାମ ଭଜନ କଲେ ସାଧକ କ୍ରମଶଃ ଅନାମ ଭୂମିରେ ପ୍ରବେଶ କରେ । ଅନାମ ଭୂମିରେ ଦୁଃଖ, କଷ୍ଟ ଆଦି କିଛି ନଥାଏ । ଅନାମ ହେଉଛି ତତ୍ତ୍ୱ ଜ୍ଞାନୀଙ୍କ ନିମନ୍ତେ ଶ୍ରେଷ୍ଠ ଭୂମି । ତେଣୁ ସେମାନେ ସର୍ବଦା ଏହି ଅନାମର ଆଶ୍ରୟ ନିମନ୍ତେ ଆଶ୍ରୟୀ । ଅଚ୍ୟୁତାନନ୍ଦ ଅନୁରୂପ ମତ ପ୍ରକାଶ କରି କହନ୍ତି ଯେ ନାମଦ୍ୱାରା ମନ୍ଦିର ଦର୍ଶନ କେବଳ ସମ୍ଭବ, ମାତ୍ର ଅନାମ ଦ୍ୱାରା ମନ୍ଦିରସ୍ଥ ପ୍ରଭୁଙ୍କ ଦର୍ଶନ ଲାଭ କରିହୁଏ ।

ISSN NO.
2582-208X

"ନାମ ଭେଦିଲେ ଅନାମରେ ବାସ । ସଂସାରକୁ ତୋର ନ କର ଆଶା ।

xxxxx

ନାମ ଜାଣିଲେ ମନ୍ଦିରେ ପଶିବ । ଅନାମ ଜାଣିଲେ ପ୍ରଭୁ ଦେଖିବ ।"

(ଚୌରାଶୀ ଯନ୍ତ୍ର)

ଭଗବତ୍ ଭକ୍ତିର ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ଶୁକଦେବଜୀ କହୁଛନ୍ତି - ଯେଉଁ ଧର୍ମଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ନିତ୍ୟ ନିରନ୍ତର ନିଷ୍କାମ ଭକ୍ତି ଉଦିତ ହୁଏ, ମନୁଷ୍ୟ ପକ୍ଷରେ ତାହା ହିଁ ସର୍ମଶ୍ରେଷ୍ଠ ଧର୍ମ, କାରଣ ଏପରି ଭକ୍ତିଦ୍ୱାରା ହୃଦୟ ଆନନ୍ଦସ୍ୱରୂପ ପରମାତ୍ମାଙ୍କୁ ଉପଲବ୍ଧି କରି କୃତକୃତ୍ୟ ହୋଇଯାଏ । ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଜାଗ୍ରତ ହେଲେ ଏବଂ ତାଙ୍କଠାରେ ଚିତ୍ତ ଅନନ୍ୟ ଭାବରେ ଯୁକ୍ତ ହୋଇଗଲେ ହିଁ, ଭଗବତ୍ କୃପାରୁ ମନୁଷ୍ୟ ଭିତରେ ସ୍ୱତଃ ଜ୍ଞାନ ଓ ବୈରାଗ୍ୟ ଉଦୟ ହୋଇଯାଏ । ଯଥାର୍ଥ ରୂପେ ଧର୍ମ ଅନୁଷ୍ଠାନ କରିବା ପରେ ମଧ୍ୟ ଯଦି ମନୁଷ୍ୟ ହୃଦୟରେ ଭଗବାନଙ୍କ ଲୀଳା କଥା ପ୍ରତି ଅନୁରାଗ ଉଦୟ ହୁଏ ନାହିଁ, ତେବେ ଜାଣ, ତାହା ବୃଥା ଶ୍ରମମାତ୍ର ହେଲା । ନିଜର କାମନା ପୂରଣକୁ ଲକ୍ଷ୍ୟରେ ରଖି ଧର୍ମାଚରଣ କରିବା ଅନୁଚିତ, କାରଣ ନିଷ୍କାମଭାବରେ ଭଗବତପ୍ରୀତ୍ୟର୍ଥେ କରାଯାଇଥିବା ଧର୍ମାଚରଣ ହିଁ ମୋକ୍ଷ ପ୍ରଦାନ କରିଥାଏ । ଧନ ଓ ଦ୍ରବ୍ୟକୁ ନିଜର କାମନାପୂରଣ ଉଦ୍ଦେଶ୍ୟରେ ବ୍ୟୟ କରିବା ଉଚିତ୍ ନୁହେଁ, ଲୋକ କଲ୍ୟାଣରେ ଅର୍ଥାତ୍ ଅନ୍ୟମାନଙ୍କ ସେବାରେ ତଥା ଭଗବତପ୍ରୀତ୍ୟର୍ଥେ ଧନ ଓ ଦ୍ରବ୍ୟ ସଦ୍‌ବିନିଯୋଗ କରିବା ଉଚିତ । ସେପରି ସଦ୍ ବିନିଯୋଗ ମଧ୍ୟ ମୋକ୍ଷ ପ୍ରଦାନ କରେ । ସୁତରାଂ ଧର୍ମାନୁଷ୍ଠାନ ମଧ୍ୟ ଭଗବତପ୍ରୀତ୍ୟର୍ଥେ କରାଯିବା ଆବଶ୍ୟକ ଏବଂ ଧନକୁ ମଧ୍ୟ ସତ୍ କାର୍ଯ୍ୟରେ ଜନତାଜନାର୍ଦ୍ଦନଙ୍କ ସେବାରେ ବିନିଯୋଗ କରାଯିବା ବାଞ୍ଛନୀୟ ।

ଇନ୍ଦ୍ରିୟ ତୃପ୍ତି ନିମନ୍ତେ ଭୋଗ୍ୟ ସାମଗ୍ରୀ ଉପଯୋଗ କରିବା ଠିକ୍ ନୁହେଁ । ଯେତିକି ଭୋଗ୍ୟସାମଗ୍ରୀରେ ଆମେ ଜୀବନ ଧାରଣ କରିପାରିବା, କେବଳ ସେତିକି ଉପଯୋଗ କରାଯିବା ଉଚିତ, କାରଣ ଜୀବନ ରହିଥିଲେ ହିଁ ତତ୍ୱଜିଜ୍ଞାସା ସମ୍ଭବ ହେବ ଓ ତା' ଫଳରେ ନିଜ ଆତ୍ମସ୍ୱରୂପର ଜ୍ଞାନ ଲାଭ ହେବ । ତେଣୁ ଜୀବନକୁ ନାନାବିଧ କାମ୍ୟକର୍ମ ଦ୍ୱାରା ସ୍ୱର୍ଗାଦି ଲାଭ କରିବା ଦିଗରେ ଲଗାଇ ବୃଥାରେ କଟାଇଦେବା ଅନୁଚିତ୍ । ଏକମାତ୍ର ଅଦ୍ୱିତୀୟ ସଚ୍ଚିଦାନନ୍ଦଘନ ପରଂବ୍ରହ୍ମ ପରମାତ୍ମା ହିଁ ଅଖଣ୍ଡ ରୂପରେ ସର୍ବତ୍ର ପରିପୂର୍ଣ୍ଣ ହୋଇ

ISSN NO.
2582-208X

ରହିଛନ୍ତି - ଏହି ଅଦ୍ୱୈତ ଜ୍ଞାନକୁ ତତ୍ୱଜ୍ଞାନୀମାନେ ଜ୍ଞାନ ବୋଲି କହନ୍ତି । ସେହି ସଚ୍ଚିଦାନନ୍ଦଘନଙ୍କ ହିଁ ବ୍ରହ୍ମ, ପରମାତ୍ମା ଓ ଭଗବାନ ଆଦି ନାମରେ ବର୍ଣ୍ଣନା କରାଯାଇଛି । ଭାଗବତ ଧର୍ମ ପ୍ରତି ଯେଉଁ ମୁନିମାନଙ୍କର ଶ୍ରଦ୍ଧା ଥାଏ, ସେମାନେ ଶ୍ରବଣ ଭକ୍ତିଦ୍ୱାରା ଜ୍ଞାନ ଓ ବୈରାଗ୍ୟ ଲାଭ କରନ୍ତି ତଥା ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଭକ୍ତିରେ ସମ୍ପନ୍ନ ହୋଇ ନିଜ ଅନ୍ତରରେ ବିଦ୍ୟମାନ ଆତ୍ମସ୍ୱରୂପ ପରମାତ୍ମାଙ୍କର ଦର୍ଶନ ପାଇଯାଆନ୍ତି । ହେ ଶୌନକାଦି ଋଷିଗଣ! ବର୍ଣ୍ଣାଶ୍ରମ ବିଭାଗ ଅନୁସାରେ ଯଥୋଚିତରୂପେ ନିଜ ନିଜର ଧର୍ମ ଆଚରଣ କଲେ, ଭଗବାନ ପ୍ରସନ୍ନ ହୁଅନ୍ତି । ତେଣୁ ଏକାଗ୍ର ମନରେ ଭକ୍ତବତ୍ସଳ ଭଗବାନଙ୍କୁ ନିତ୍ୟନିରନ୍ତର ଶ୍ରବଣ, କୀର୍ତ୍ତନ, ଧ୍ୟାନ ଓ ଆରାଧନା କରିବା ସହିତ ନିଜର ସମସ୍ତ କର୍ମ ଭଗବତପ୍ରୀତ୍ୟର୍ଥେ କରିବା ଆବଶ୍ୟକ ।।୧୩,୧୪।। ଏହିରୂପେ ସର୍ବଦା ଭଗବତ୍ ଚିନ୍ତନରେ ନିମଗ୍ନ ରହିଲେ, ମନୁଷ୍ୟର କର୍ମବାସନା ତୁଟିଯାଏ । ଭଗବାନଙ୍କ କଥା ଶ୍ରବଣ-ପଠନ-ଚିନ୍ତନରୂପୀ ଖଡଗ୍ ଦ୍ୱାରା ଭକ୍ତ ସଂସାରରେ ଘୂରାଉଥିବା ନିଜର କର୍ମ ବନ୍ଧନର ଗଣ୍ଠିକୁ କାଟି ଦିଅନ୍ତି । ଭଗବାନଙ୍କର ଏପରି ପୁଣ୍ୟମୟୀ କଥା ପ୍ରତି କେଉଁ ଜ୍ଞାନବାନ ମନୁଷ୍ୟ ବା କାହିଁକି ଅଭିରୁଚି ନ ରଖିବ? ଅର୍ଥାତ୍ ପ୍ରକୃତ ଜ୍ଞାନୀମାନେ ନିରନ୍ତର ଭଗବତକଥାମୃତ ପାନ କରି ସେଥିରେ ମଜ୍ଜି ରହନ୍ତି ଏବଂ ତାର ଫଳସ୍ୱରୂପ ସେମାନଙ୍କର ଜନ୍ମମୃତ୍ୟୁର ଆବର୍ତ୍ତନ ସମାପ୍ତ ହୋଇଯାଏ । ହେ ଋଷିଗଣ! ପ୍ରଥମତଃ ଭଗବତ୍ - ଗୁଣାନୁବାଦ ଶୁଣିବାକୁ ଇଚ୍ଛା ହେବା ଆବଶ୍ୟକ; ତା' ସହିତ ସେଥିପ୍ରତି ଶ୍ରଦ୍ଧା ବି ରହିବା ଆବଶ୍ୟକ । ଏହାଛଡ଼ା ସନ୍ଥ ମହାପୁରୁଷମାନଙ୍କର ସତ୍ସଙ୍ଗ ଓ ପୁଣ୍ୟ - ତୀର୍ଥମାନଙ୍କର ସେବନ ମଧ୍ୟ କରିବା ଆବଶ୍ୟକ । ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସଜ୍ଜନମାନଙ୍କର ପରମ ସୁହୃଦ । ତାହାଙ୍କ ଲୀଳା - କଥା ଶ୍ରବଣ ଓ କୀର୍ତ୍ତନ ଉଭୟେ ପରମ ପବିତ୍ର । ଭକ୍ତ ଯେତେବେଳେ ତାଙ୍କ ଲୀଳା କଥା ଶୁଣୁଥାଏ, ସେତେବେଳେ ଭଗବାନ ତା' ହୃଦୟରେ ବିରାଜମାନ ହୋଇ ତାର ସବୁ ଅମଙ୍ଗଳ ନାଶ କରିଦେବା ସହିତ ତା' ହୃଦୟକୁ ସମ୍ପୂର୍ଣ୍ଣ ନିର୍ମଳ କରିଦିଅନ୍ତି । ଏପରି ଭାବରେ ମହାପୁରୁଷମାନଙ୍କର ନିତ୍ୟ ସତ୍ସଙ୍ଗ ଦ୍ୱାରା ମନୁଷ୍ୟର ସବୁ ଅଶୁଭ ସଂସ୍କାର ପୂର୍ଣ୍ଣରୂପେ ନଷ୍ଟ ହୋଇଯାଏ ଓ ଏହାର ଫଳସ୍ୱରୂପ ପବିତ୍ରକୀର୍ତ୍ତି ଭଗବାନଙ୍କ ଠାରେ ତାହାର ଏକନିଷ୍ଠ ଭକ୍ତି ହୋଇଯାଏ । ତା' ଫଳରେ ରଜୋଗୁଣ ଓ ତମୋଗୁଣର ଭାବ (ବୃତ୍ତି) ଯଥା - କାମ, କ୍ରୋଧ, ଲୋଭାଦି ଶାନ୍ତ ହୋଇଯାଏ ଏବଂ ଚିତ୍ତ ଏସବୁରୁ ମୁକ୍ତ ହୋଇ, ଶୁଦ୍ଧସତ୍ୱଗୁଣରେ ଅବସ୍ଥିତ ତଥା ନିର୍ମଳ ହୋଇଯାଏ । ଏପରି ଭାବରେ ଭଗବାନଙ୍କର ପ୍ରେମମୟୀ ଭକ୍ତିବଳରେ ସଂସାରର ସକଳ ଆସକ୍ତି ତୁଟିଗଲେ,

ISSN NO.
2582-208X

ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇଯାଏ ଓ ଗଭବାନଙ୍କର ତତ୍ୱ ସ୍ୱତଃ ଅନୁଭବ ହୋଇଯାଏ । ହୃଦୟରେ ଆତ୍ମସ୍ୱରୂପ ଭଗବାନଙ୍କର ସାକ୍ଷାତ୍କାର ହୋଇଯିବାମାତ୍ରେ ହୃଦୟର ଗ୍ରନ୍ଥି ଖୋଲିଯାଏ, ସକଳ ସନ୍ଦେହ ତୁଟିଯାଏ ଏବଂ କର୍ମ ବନ୍ଧନ କ୍ଷୀଣ ହୋଇଯାଏ । ଏହା ଫଳରେ ବୁଦ୍ଧିମାନ ଲୋକେ ନିତ୍ୟ ନିରନ୍ତର ବଡ଼ ଆନନ୍ଦରେ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରେମ - ଭକ୍ତିରେ ମଜ୍ଜିଯାଆନ୍ତି ଓ ପରିମାଣରେ ସେମାନଙ୍କୁ ଆଧ୍ୟାତ୍ମିକ ପ୍ରସନ୍ନତା ପ୍ରାପ୍ତି ହୁଏ । ଏହିପରି ସାଧନା କରି ମାନବ ଈଶ୍ୱର ଭକ୍ତି ଲାଭ କରି ପରମାତ୍ମାଙ୍କୁ ପ୍ରାପ୍ତ କରିଥାଏ।

ଜଗନ୍ନାଥ ଦାସ ଲେଖିଛନ୍ତି -

ଭକତଜନ ସେବା ଫଳେ ।
ଦହନ ହୋନ୍ତି ଅମଙ୍ଗଳେ ।।
ତେବେ ସେ ଗୋବିନ୍ଦ ବିଷୟେ ।
ଭକ୍ତି ଉପୁଜେ ନର ଦେହେ ।।
x x x x
ଏହି ପ୍ରକାରେ ଯେବେ ମନ ।
ହୋଇବ ନିର୍ମଳ ପ୍ରସନ୍ନ ।।
ତେବେ ସେ ଭକ୍ତି ଯୋଗ ବଳେ ।
ବିଷ୍ଣୁ ଭକତ ସଙ୍ଗମେଳେ ।।
ନିର୍ମର୍ଳ ଜ୍ଞାନ ପ୍ରକାଶଇ ।
ଜନ୍ମ ମରଣ ଆଉ କାହିଁ ।।
x x x x
ଏଣୁ ପଣ୍ଡିତ ଜନ ଯେତେ ।
ଆନନ୍ଦେ ଭକ୍ତିଯୋଗ ମତେ ।।
ହରି ବିଷୟ ଦୃଢ଼ଚିତ୍ତେ ।
ନିତ୍ୟେ ଚିନ୍ତନ୍ତି ଆତ୍ମହିତେ ।।

ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
କୋଲ୍ହାଣ ବିଶ୍ୱ ବିଦ୍ୟାଳୟ, ଚାଇବସା, ଝାଡ଼ଖଣ୍ଡ

ISSN NO.
2582-208X

# ହଁ,ମୁଁ ବୃକ୍ଷ ଅଟେ



ଯଜ୍ଞଦତ୍ତ ସାମନ୍ତରାୟ

ମୂଳ-ହିନ୍ଦୀ: ଅଭିନବ କୋହଲି
ଅନୁସୃଜନ: ଯଜ୍ଞଦତ୍ତ ସାମନ୍ତରାୟ

ପେଟର ଖାଦ୍ୟ ଅଟେ
ଦେହର ବସ୍ତ୍ର ଅଟେ
କିନ୍ତୁ ଆଜି ମୁଁ ତ୍ରସ୍ତ ଅଟେ,
ହଁ, ମୁଁ ବୃକ୍ଷ ଅଟେ ।
ଜୀବନର ପବନ ଅଟେ
ରୋଗୀଙ୍କ ଔଷଧ ଅଟେ
କିନ୍ତୁ, ଆଜି ମୁଁ ରୋଗଗ୍ରସ୍ତ ଅଟେ
ହଁ, ମୁଁ ବୃକ୍ଷ ଅଟେ ।
ସୌନ୍ଦର୍ଯ୍ୟର ବୋଧ ଅଟେ
ବୈଜ୍ଞାନିକଙ୍କ ଶୋଧ ଅଟେ
କିନ୍ତୁ ଆଜି ମୁଁ ଶୋକଗ୍ରସ୍ତ ଅଟେ
ହଁ, ମୁଁ ବୃକ୍ଷ ଅଟେ ।
ଧରଣୀର ଶୃଙ୍ଗାର ଅଟେ
ବର୍ଷାର ପ୍ରଥମ ଟୋପା ଅଟେ

ISSN NO.
2582-208X

କିନ୍ତୁ ଆଜି ମୁଁ ଅକାଳ ଗ୍ରସ୍ତ ଅଟେ
ହଁ, ମୁଁ ବୃକ୍ଷ ଅଟେ ।
ମଣିଷକୁ ଜୀବନ ଦିଏ
ପ୍ରଦୂଷଣରୁ ମୁକ୍ତି ଦିଏ
କିନ୍ତୁ ଆଜି ମୁଁ ମଣିଷଠାରେ ଭୟଗ୍ରସ୍ତ ଅଟେ
ହଁ, ମୁଁ ବୃକ୍ଷ ଅଟେ ।

ସଂପାଦକ, ଅନୁରାଗର ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ
ପିନ୍:୭୬୧୧୦୪
ମୋ:୯୩୩୭୪୪୯୨୪

ISSN NO.
2582-208X

# ବୟସ୍କ



କୀର୍ତ୍ତନ ସାହୁ

ପୃଷ୍ଠା ପରେ ପୃଷ୍ଠା
ଅନେକ ପୃଷ୍ଠା ଓଲଟି ଯାଇଛି
ଅନ୍ଧାର ଆସିଛି ଆଲୁଅ ଆସିଛି
ସକାଳ ଖରାରେ ମନଟା
ତାଜା ହେଇ ଉଠିଛି
ମଧ୍ୟାହ୍ନ ଖରାଟା ଅସ୍ତ ବ୍ୟସ୍ତ କରିଛି
ସବୁକୁ ସେ ନିଜେଇ
ପରଖିଛି ରୂପ ଭେକ କାୟା କଳେବର
ସମୁଦ୍ରର ଗଭୀରତା
ମାପି ହେଇ ନ ପାରେ
ଅନୁଭବି ତ ହୁଏ
ତାର ବି ମନ ହେଇଛି
ଆକାଶ ଧରିବାକୁ ତାରା ଗଣିବାକୁ
ମାରଣା ଷଣ୍ଢକୁ ସାମ୍ନା କରି
ଥକି ଯାଇଛି
ପୁଣି ଉଠି ସଳଖି ଚାଲିଛି
ସେ ଜାଣିଛି କେମିତି
କଢ଼ ହୋଇ ଫୁଲ ଫୁଟେ
ତାର ସୁଗନ୍ଧ କାହାକୁ ନା କାହାକୁ

ISSN NO.
2582-208X

ଆହ୍ଲାଦିତ କରେ
ହାତରେ କଣ୍ଟା ଫୋଡ଼ି ହେଇଛି
ରକ୍ତ ବାହାରିଛି
ପୁଣି ଭୁଲି ଯାଇଛି
ପୁଣି ସେଇ ଦୌଡ଼ରେ
ସାମିଲ ହେଇଛି
ଏବେ ତାକୁ ପଚାରୁନ
ଜୀବନ କଣ !
ସେ କହିବ କିଛି ଲୁହ ଓ କିଛି ହସ
ପଚାର ଜୀବନର ଆରମ୍ଭ କେଉଁଠୁ
ସେ କହିବ ପାହାଡ଼ରୁ
ପଚାର ଜୀବନର ଶେଷ କେଉଁଠି
ସେ କହିବ ସମୁଦ୍ରରେ ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ମା

ସଂଯୁକ୍ତା ବେହେରା

ମାଆ, ତୁ
ଘନ ଅନ୍ଧାରରେ ଦୀପଟିଏ
ଆଲୋକେ ଦେବୀଙ୍କ ରୂପଟି ॥
ତୋ କୋଳ ରାଇଜ ମୁଁ ତା ରାଜା
ଶୁଣାଇଛୁ କେତେ ଗପ ମଜା ।
ତୋର ଗୁଣୁଗୁଣୁ ଲୋରୀ ଗୀତ
ଶୁଣି ମନ ହୁଏ ପୁଲକତ ।
ନିଦ ଆସେ ମାଡି ଆଖି ପଲକରେ
ଥୋଇଦେଲେ ତୁ ହାତ କପାଳରେ ।
ତୋ ହାତ ରନ୍ଧା ଶାଗ ଭଜା
ବାସି ପଖାଳବି ଲାଗେ ମଜା ।
ମୋ ଆଖି କୋଣର ଟୋପେ ଲୁହ
ଭରି ଦିଏ ତୋ ଛାତିରେ କୋହ ।
ଫୁଲଠୁ କୋମଳ ଲାଗେ ତୋ ପଣତ
ଲାଗେ ପାଇଗଲି ପାରିଜାତ ।
ମୋ ଦୁଃଖୀ ଉଦାସୀ ମୁହଁ ଦେଖି
ତୋ ଦେହେ ରକତ ଯାଏ ଶୁଖି ।

ସ୍ନାତକ, ଓଡିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ନୀଳକଣ୍ଠ ଦାସଙ୍କ ପ୍ରବନ୍ଧରେ ସାମାଜିକ ଦୃଷ୍ଟିକୋଣ

ପ୍ରିୟଦର୍ଶିନୀ ପଲେଇ

ଓଡିଶା ଏବଂ ଓଡିଆ ଭାଷା ଓ ସାହିତ୍ୟ ପାଇଁ ସତ୍ୟବାଦୀ ଚେତନାର ସମୟ ଏକ କ୍ରାନ୍ତିକାରୀ ଯୁଗ ପରିବର୍ତ୍ତନର ସମୟ । ସତ୍ୟବାଦୀ ଚେତନାଧାରୀ ମାନେ ଓଡିଆ ସମାଜରେ ପ୍ରତ୍ୟେକଟି ଓଡିଆ ପ୍ରାଣରେ ଯେଉଁ ରୂପାନ୍ତରୀକରଣ ସୃଷ୍ଟି କରିବାକୁ ଚାହୁଁଥିଲେ, ସେହି ରୂପାନ୍ତରୀକରଣ ଯାତ୍ରାର ପ୍ରଥମ ପଥିକ ଭାବେ ପଣ୍ଡିତ ନୀଳକଣ୍ଠ ଦାସ ଉଭା ହୋଇଥିଲେ । ପ୍ରକୃତ ଆଧୁନିକତା ମଣିଷର ବେଶଭୂଷାରୁ ନୁହେଁ ବରଂ ଅନ୍ତରର ସୁଦ୍ଧୀକରଣରେ ଆସିଥାଏ । ଏହା ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଦେଖିଲେ ମନେହୁଏ, ଦେହରେ ମୁନିଋଷି ତୁଲ୍ୟ ବସନ ଧାରଣ ଆଉ ମନରେ ଓଡିଶାକୁ କୁସଂସ୍କାର ମୁକ୍ତ କରିବାର ତୀବ୍ର ଆଧୁନିକତା । ସେହି ଜଣେ ବ୍ୟକ୍ତିତ୍ୱ ଯିଏ ଦର୍ଶାଇ ଦେଇଥିଲେ କେବଳ ପାଶ୍ଚାତ୍ୟ ଚାଲିଚଳନକୁ ଆପଣେଇ ନେଇ ଓଡିଆ କେବେ ଆଧୁନିକ ହୋଇପାରେନା । ପ୍ରତ୍ୟେକଟି ଓଡିଆର ସାଧନାର ଆବଶ୍ୟକତା ରହିଛି । ଯେଉଁ ସାଧନା ତାକୁ ଜନ୍ତୁରୁ ମଣିଷ ଆଡକୁ ରାସ୍ତା ଦେଖାଇବ, ସେ ନିଜକୁ ସୁନ୍ଦର କରି ଗଢି ତୋଳିବା ସହ ନିଜ ପାରିପାର୍ଶ୍ୱିକ ସମାଜକୁ ମଧ୍ୟ ସୁନ୍ଦର କରି ଗଢି ତୋଳି ପାରୁଥିବ । ତେବେ ତତକାଳୀନ ସୁପ୍ତ ଓଡିଆ ଜାତିର ପ୍ରତିଟି ମଣିଷମାନଙ୍କ ଭିତରେ ଏହି ଜାଗରଣର ବୀଜ ବ୍ୟୁପ୍ତନ କରିବାକୁ ଉଦ୍ୟମ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ନୀଳକଣ୍ଠ ଦାସଙ୍କୁ ଦେଖିଲେ ଗୋଟିଏ ପିତୃତ୍ୱର ଭାବଟି ମନରେ ଜାତ ହୁଏ । ପିତାଟିଏ  ଯେଉଁଭଳି ଶୃଙ୍ଖଳାର ଛାଟ ଦେଇ ନିଜ ସନ୍ତାନକୁ ଉଚିତ ମାର୍ଗ ଦର୍ଶନ କରାଏ, ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଟିଛାତ୍ର ପାଇଁ ସେହିଭଳି ମାର୍ଗ ସୃଷ୍ଟି କରିଥିଲେ ପଣ୍ଡିତ ନୀଳକଣ୍ଠ ।

ISSN NO.
2582-208X

ଓଡିଶା ମାତାର ଯୋଗ୍ୟତମ ସନ୍ତାନ ଭାବରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସଂସ୍କାରଶୀଳ ଓଡିଶା ଗଠନ କରିବା ପାଇଁ ନୀଳକଣ୍ଠ ଦାସ ପ୍ରାଣପଣେ ପ୍ରୟାସ କରିଥିଲେ । ଏହି ମହାନ ବରପୁତ୍ରଙ୍କ ସଂପର୍କରେ କଛି ଗୌରବମୟ ତଥ୍ୟ ଉପସ୍ଥାପନା କରିବା ଏହି ଆଲେଖ୍ୟର ରୂପ ।

ସମାଜକୁ ସଠିକ୍ ପଥର ଅନୁଗାମୀ କରିବାର ଯେଉଁ ପଣ ନୀଳକଣ୍ଠ ଦାସ ନେଇଥିଲେ, ତାହାକୁ ଆଧାର କରି ତାଙ୍କର ଏହି ସମସ୍ତ ପ୍ରବନ୍ଧମାଳା ଉଦୀୟମାନ । "ସାମାଜିକ କୁସଂସ୍କାର" ରେ ସମାଜରେ ପ୍ରତିଷ୍ଠିତ ହୋଇଥିବା ଜାତିଭେଦ, ସମ୍ପ୍ରଦାୟ ନୀତିକୁ ପ୍ରାବନ୍ଧିକ ବ୍ୟଙ୍ଗ ଛଳରେ ସମାଲୋଚନା କରିଛନ୍ତି । ପ୍ରବନ୍ଧରେ ସାମାଜିକ କୁସଂସ୍କାରର ଉତ୍ପତ୍ତି, ତାହାର ବ୍ୟାପ୍ତି ଏବଂ ପରିଣତି କିପରି ଘଟିଛି ଓ ଘଟୁଛି ତାହା ଦର୍ଶାଇବା ନିମନ୍ତେ ପଣ୍ଡିତ ନୀଳକଣ୍ଠ ଗଭୀର ଅନ୍ତଃଦୃଷ୍ଟିର ସହ ସମାଜକୁ ନିରୀକ୍ଷଣ କରିଅଛନ୍ତି ।

"ଆମ୍ଭର ଥିଲା ଓ କାରଣ ଥାଇପାରେ" ପ୍ରବନ୍ଧଟି ତାଙ୍କର "ଉତ୍କଳ ସାହିତ୍ୟ" ପତ୍ରିକାରେ ପ୍ରକାଶ ହୋଇଥିଲା । ଏହି ପ୍ରବନ୍ଧରେ ପ୍ରାବନ୍ଧିକ ଧର୍ମ ନାମରେ ସମାଜରେ ଚାଲିଥିବା ଭାଣ୍ଡାମିକୁ ସମାଲୋଚନା କରିଛନ୍ତି । ଏହି ପରମ୍ପରା ଆମ୍ଭର ଥିଲା ଏବଂ ଏହି ସବୁ ଶାସ୍ତ୍ରରେ ଲେଖାଥିଲା ଏବଂ ଏଥିପାଇଁ କିଛି "କାରଣ ଥାଇପାରେ" ଭିତ୍ତିରେ ଅନେକ କୁସଂସ୍କାର ସମାଜରେ ଘୂରି ବୁଲୁଛି ଓଲି ଏହି ପ୍ରବନ୍ଧରେ ପଣ୍ଡିତ ନୀଳକଣ୍ଠ ଦାସ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଏହି ବିଷୟଗୁଡିକୁ ସମାଲୋଚନା ଦୃଷ୍ଟିରେ ହୃଦୟଙ୍ଗମ କରି ତର୍ଜମା କଲାଗଲେ ସମାଜରୁ ଅନେକ କୁସଂସ୍କାର ଦୂରୀଭୂତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

"ନୀତି ଓ ପ୍ରକୃତି" ପ୍ରବନ୍ଧଟି ତାଙ୍କର ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହି ପ୍ରବନ୍ଧଟି ପଣ୍ଡିତ ନୀଳକଣ୍ଠ ଙ୍କ ଆଦ୍ୟ ସଂସ୍କାର ମୂଳକ ରଚନା ଅଟେ । ପଣ୍ଡିତ ହରିହର ଦାସ, ରାମଚନ୍ଦ୍ର ଦାସ ଓ ପଣ୍ଡିତ ଗୋପବନ୍ଧୁ ଦାସ ପ୍ରଭୃତି ପଣ୍ଡିତ ନୀଳକଣ୍ଠ ଙ୍କ ସଂସ୍କାର ଭାବନାର ଉତ୍ସ ଥିଲେ । ପ୍ରବନ୍ଧଟିକୁ ଉପସ୍ଥାପନା କରି ପଣ୍ଡିତ ନୀଳକଣ୍ଠ ଅବିଚାରିତ କର୍ମକୁ ପଶୁ ପ୍ରବୃତ୍ତି ଓ ମନୁଷ୍ୟ ଜୀବନକୁ ଏଥିରୁ ବିଚ୍ୟୁତ "ପ୍ରତିହତ" ଓ "ଅବିଚ୍ଛିନ୍ନ" ସ୍ରୋତ ଭାବରେ ବର୍ଣ୍ଣନା ମନୁଷ୍ୟର ଏହି ପ୍ରକୃତି ଈଶ୍ୱରଦତ୍ତ ଏବଂ ତାହାର ଉପଯୁକ୍ତ ବ୍ୟବହାର ମନୁଷ୍ୟତା ବୋଲି ସେ ଜଣାଇଛନ୍ତି । ମାତ୍ର ମନୁଷ୍ୟ ପ୍ରକୃତି ଗତାନୁଗତିକତା ଓ କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଣ୍ଣୟର ପୃଥିକତ୍ୱ ଦର୍ଶାଇବା ଥିବା ତାଙ୍କ ଦାର୍ଶନିକ

ISSN NO.
2582-208X

ଦୃଷ୍ଟିକୋଣ ଏହା ସହିତ ବୈଜ୍ଞାନିକ ଅନୁଶୀଳନର ପ୍ରୟୋଗ ଥିଲା ପ୍ରବନ୍ଧର ଅନ୍ୟ ଏକ ଦିଗ । "ପ୍ରକୃତି" ପ୍ରତ୍ୟେକଟି ଜୀବ ପାଖରେ ରହିଛି । କାରଣ ପ୍ରକୃତି ପ୍ରତ୍ୟେକଟି ଜୀବର ଜୀବତ୍ୱ । କିନ୍ତୁ "ନୀତି" କେବଳ ମଣିଷ ପାଖରେ ରହିଛି ଯାହା ତାକୁ ଅନ୍ୟ ଜୀବଜନ୍ତୁଙ୍କ ଠାରୁ ସ୍ୱତନ୍ତ୍ର କରି ଗଢିତୋଳେ । ପ୍ରାବନ୍ଧିକଙ୍କ ଭାଷାରେ, "ନୀତି ବନରେ ମାନବ ଶ୍ରେୟ ନିର୍ଣ୍ଣୟ କରି ସେହି ପଥରେ ପଥିକ ହୁଏ ଏବଂ ପ୍ରକୃତିର କ୍ରିୟାକଳାପ ଓ ବସ୍ତୁ ନିର୍ଣ୍ଣୟ ଶ୍ରେୟର ଉପାଦନ ରୂପେ ଶ୍ରେୟ ପଥ ଆକ୍ରମଣ କରେ । ତେଣୁ ନୀତି ଓ ପ୍ରକୃତି ଦିଓଟି ମାନବର ସୁପରିଚିତ । ପ୍ରକୃତି ମନୁଷ୍ୟର ଜୀବତ୍ୱ ଓ ନୀତି ତାହାର ପ୍ରକୃତି ମନୁଷ୍ୟତ୍ୱ ବା ଦେବତ୍ୱ ପ୍ରତିପାଦନ କରୁଅଛି ।" ତେଣୁ ପ୍ରକୃତିକୁ ନିୟନ୍ତ୍ରଣରେ ରଖି ନିଜ ନୀତି ଓ ଆଦର୍ଶ ଅନୁସାରେ କାର୍ଯ୍ୟ କରିବାର କ୍ଷମତା କେବଳ ମନୁଷ୍ୟ ପାଖରେ ରହିଅଛି । ଯାହାଦ୍ୱାରା ତା ମାନବତ୍ୱ ଆହୁରି ସୁମଧୁର ହୋଇ ଗଢି ଉଠିବ । ନୀଳକଣ୍ଠ ଦର୍ଶାଇଛନ୍ତି ଯେ ଯେଉଁ କର୍ମରେ ଅପମାନବୋଧ ନଥାଏ, ତାହା କର୍ତ୍ତବ୍ୟ ଏବଂ ତାର ଆଚରଣ ହିଁ ମନୁଷ୍ୟତ୍ୱ ବା ଧର୍ମ । ତାଙ୍କ ମତରେ ନୀତି ଓ ପ୍ରକୃତିର ସମନ୍ୱୟରେ ଜୀବନର ମହତ୍ତ୍ୱ ଫୁଟେ । ତାଙ୍କ ପ୍ରବନ୍ଧ ମନୁଷ୍ୟର ମାନସିକ ସଂସ୍କାର ପାଇଁ ଉଦ୍ଦିଷ୍ଟ । ତାଙ୍କ ମତରେ ମନୁଷ୍ୟର ମନୁଷ୍ୟତା ଓ ସମାଜର ଚାଳନୀଶକ୍ତି ହେଉଛି ଆଦର୍ଶ ଓ ତାହା ହିଁ ମନୁଷ୍ୟର "ସ୍ୱାଧୀନ ଚିତ୍ତବୃତ୍ତି" । ଏହା ଦ୍ୱାରା ସମାଜର ଉନ୍ନତି ହୁଏ । ନିଜଠାରେ ଦେବତ୍ୱ ଫୁଟାଇବା ତାଙ୍କ ମନରେ ନୀତି ଓ ଆଦର୍ଶ ।

"ପ୍ରତିଭା ପୂଜା ଓ ପ୍ରତିମା ପୂଜା" ପ୍ରବନ୍ଧଟି ଉତ୍କଳ ସାହିତ୍ୟରେ ପ୍ରକାଶିତ । ଏଥିରେ ପ୍ରତିଭା ପୂଜାର ସାଧାରଣ ଅର୍ଥ ଶକ୍ତି ଉପାସନା ରୂପେ ନୀଳକଣ୍ଠ ଉପସ୍ଥାପନା କରିଛନ୍ତି । ଆମ୍ଭେମାନେ "ପ୍ରତିଭା ଗୋଟିଏ ଗୁଣ ଏବଂ ତାହା ଆଦର୍ଶ ଓ ଅନୁକରଣୀୟ ବୋଲି ବୁଝୁ ।" ନୀଳକଣ୍ଠ ଏହାକୁ ଉପସନା ରୂପେ ଗ୍ରହଣ କରି ପ୍ରତିଭା ପୂଜାକୁ ଉପାସନା ପ୍ରବୃତ୍ତି ରୂପେ ଗ୍ରହଣ କରନ୍ତି । ତାଙ୍କ ମତରେ ନିଜଠାରୁ ମହତ୍ତର ଶକ୍ତି ଅନ୍ୟଠାରେ ଦେଖି ବିସ୍ମିତ । ଅଭିଭୂତ ବା ଭାବାନ୍ୱିତ ହୋଇ ତାହା ପାଇବାକୁ ଜାଇ ମନୋବୃତ୍ତିରୁ ଉପାସନା ପ୍ରବୃତ୍ତି ଜନ୍ମିଥାଏ । ଗୁଣରେ ମୁଗ୍ଧ ହେଲେ ଲୋକେ ପୂଜା କରନ୍ତି ଏବଂ ସେଥିରେ ଅଭିଭୂତ ହେଲେ ଉପାସନା କରନ୍ତି ବୋଲି ସେ କହନ୍ତି । ତାଙ୍କ ମତରେ ଦୁଇଟିଯାକ ଏକ ବସ୍ତୁ । ତାଙ୍କ ମତରେ ପ୍ରତିମା ବା ମୂର୍ତ୍ତି ପୂଜା ପ୍ରତିଭା ପୂଜାର ଏକ ପ୍ରଣାଳୀ ଅଟେ । ଅଦ୍ଭୁତ ଶକ୍ତିର ପୂଜା ପ୍ରତିଭା ପୂଜା ଏବଂ ସେଥିରୁ ପ୍ରତିମା ପୂଜାର ଉତ୍ପତ୍ତି ବା ପ୍ରତିଭାର ପ୍ରତିମାତ୍ୱ ପ୍ରାପ୍ତି । ନୀଳକଣ୍ଠ ଙ୍କ ମତରେ ବସ୍ତୁରେ ଶକ୍ତିର ଆରୋପ ଓ ଶକ୍ତିରେ ଦାସତ୍ୱ ଗ୍ରହଣ ମନୁଷ୍ୟର

ISSN NO.
2582-208X

ନୈତିକ ଓ ଆଧ୍ୟାତ୍ମିକ ଭାଗକୁ ଅଧିକାର କରେ । ଚନ୍ଦ୍ର, ସୂର୍ଯ୍ୟ, ମେଘ ଆଦି ବିଜ୍ଞାନ ଗବେଷଣାରେ ଜଡବସ୍ତୁ ହୋଇଛନ୍ତି । ତଥାପି ମନୁଷ୍ୟ ତାଙ୍କୁ ଧର୍ମ ଭିତ୍ତିରେ ଦେବତା ରୂପେ ମାନୁଛି । ସେ କହନ୍ତି, ପୂର୍ବେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଦେବତା ରୂପେ ପୂଜିତ ହେଉଥିଲେ ମାତ୍ର ପରେ ବ୍ରହ୍ମ ପରିତ୍ୟକ୍ତ ହେଲେ । ତେଣୁ ସେ ଦର୍ଶାନ୍ତି ଆବଶ୍ୟକତା ପୂଜା ସୃଷ୍ଟିର କାରଣ ଓ ଅନାବଶ୍ୟକତାରେ ତାହାର ବିଲୟ ସଂଘଟିତ ହୁଏ । ନୀଳକଣ୍ଠ ପ୍ରକାଶ କରନ୍ତି ଯେ ଜୀବାତ୍ମା ଓ ପରମାତ୍ମାର ସନ୍ଦେଶ ବିଚାରକୁ ଅନନ୍ତ ବ୍ୟାପ୍ତି ଓ ଚିତଶକ୍ତି କଳ୍ପନା ସୃଷ୍ଟି ହେଲା । ମାତ୍ର ସାଧାରଣ ଲୋକେ ଏହା ବୁଝି ନପାରି ପ୍ରତିଭା ପୂଜାକୁ ପ୍ରତିମା ପୂଜାରେ ପରିଣତ କଲେ । ନୀଳକଣ୍ଠ ଙ୍କ ମତରେ ଏହା ଏକ ମୋହ ଅଟେ । ତାଙ୍କ ମତରେ ମନୁଷ୍ୟ ମନ ଓ ଇଶ୍ୱରଙ୍କ କଳ୍ପନାରୁ ଅବତାରବାଦର ଉତ୍ପତ୍ତି ।

ପ୍ରାବନ୍ଧିକଙ୍କର "ଅଛୁ ଓ ହେବୁ" ପ୍ରବନ୍ଧଟି ଅତ୍ୟନ୍ତ ଉଚ୍ଚକୋଟିର ବର୍ଣ୍ଣନାଧର୍ମିତା ରକ୍ଷା କରିଛି । ମନୁଷ୍ୟ ସମାଜ ଯେମିତି ଦୁଇଟି ଶକ୍ତି ପାଖରେ ସମର୍ପିତ ହୋଇଛି, ଗୋଟିଏ ହେଉଛି "ଅଛୁ" ଶକ୍ତି ଏବଂ ଅନ୍ୟଟି ହେଉଛି "ହେବୁ" ଶକ୍ତି । ପ୍ରାବନ୍ଧିକଙ୍କ ଭାଷାରେ ସମାଜରେ ପ୍ରାଚୀନତା, ଅନୁଷ୍ଠାନମାନଙ୍କର ସଂରକ୍ଷଣ, ସଂଶୋଧନ, ପରିବର୍ତ୍ତନ ପ୍ରବୃତ୍ତି ଯାବତୀୟ ସାମାଜିକ ପ୍ରକ୍ରିୟା ଏହି ଦୁଇ ଶକ୍ତିର ସଂଘର୍ଷାଣରେ ପର୍ଯ୍ୟବେସିତ । ସେଥିମଧ୍ୟରେ ଗୋଟିଏ ରକ୍ଷଣଶୀଳତା ଓ ଅନ୍ୟଟି ପରିବର୍ତ୍ତିତ ପ୍ରବଣତା । ଗୋଟିଏ କହେ, ଆମ୍ଭେମାନେ ଚିରଦିନ ପୁରୁଷାନୁକ୍ରମେ ଏହିପରି ଚଳି ଆସୁଅଛୁ, ସୁଖରେ ଅଛୁ, ଏହିପରି ଥିବୁ । ଅନ୍ୟଟି କହେ, ଏପରି ଅଛୁ ସତ୍ୟ, କିନ୍ତୁ ଏହିପରି ରହିବା ଉଚିତ ନୁହେଁ, ଅତଏବ ଯେପରି ଉଚିତ ସେହିପରି ହେବୁ । ତେଣୁ ମନୁଷ୍ୟ ସମାଜ ଆଗରେ ଏହି "ଅଛୁ ଓ "ହେବୁ" ର ଦୁଇଟି ବିକଳ୍ପ ରହିଛି । କିଛି ବ୍ୟକ୍ତିତ୍ୱ ଉଚିତ ବୋଲି ବିଚାର କରି ସମାଜରେ ଅନେକ ପରିବର୍ତ୍ତନ ଆଣିବାକୁ ଚେଷ୍ଟିତ ହୁଅନ୍ତି ଏବଂ ଅନ୍ୟ କେତେକ ମନେକରନ୍ତି ଏହିପରି ତ ଅଛି ଭଲଅଛି । ପରିବର୍ତ୍ତନର ବା ଆବଶ୍ୟକତା କଣ ଅଛି? ତେବେ ସମାଜରେ ଅହରହ ଏହି "ଅଛୁ" ଓ "ହେବୁ" ଶକ୍ତି ଭିତରେ ସଂଘର୍ଷ ଜାରି ରହିଛି । ପ୍ରବନ୍ଧିକଙ୍କ ଭାଷାରେ, ମନୁଷ୍ୟ ଯେତେବେଳେ ଉଚିତ ବୋଲି କୌଣସି ପରିବର୍ତ୍ତନ ସାଧନରେ ପ୍ରବୃତ୍ତ ହୁଏ, ସେତେବେଳେ ନାନା କୁଶଙ୍କ ଆସି ଦ୍ୱାରରୋଧ କରେ । ସେ ମନେକରେ  ଏହିପରି ତ ଭଲଅଛି, କୌଣସିମତେ କାମ ଚଳି ଯାଉଅଛି । ବିଶେଷ କିଛି ଅସୁବିଧା ହେଉନାହିଁ, ଏପରି ବେଳେ ପରିବର୍ତ୍ତନ କଲେ ମହା ଅସୁବିଧା । ଆବଶ୍ୟକତା କଣ? ପୁଣି ଏହିକ୍ଷଣି ନୂତନ ବ୍ୟବସ୍ଥା, ସଂସ୍ଥାନ କିଏ ପାରେ? ଏହିପରି ନାନାବିଧ

ISSN NO.
2582-208X

ଉପାୟରେ ସେହି "ଅଛୁ" ଶକ୍ତି ପଥରୋଧ କରେ ଏବଂ ଅସାଧାରଣ ଲୋକ ନହେଲେ ତାହା ଲଙ୍ଘନ କରିବାକୁ ସମର୍ଥ ହୁଏନାହିଁ ।

ସଭିଏଁ କୁହନ୍ତି ଏପରି କଲେ ଭଲ ହୁଅନ୍ତା, ସେପରି କଲେ ଠିକ୍ ହେବ, ସମାଜରେ କିଛି ନୂଆ ପରିବର୍ତ୍ତନର କଥା ସମସ୍ତେ କୁହନ୍ତି, କିନ୍ତୁ ପରିବର୍ତ୍ତନ କରିବ କିଏ? ସମସ୍ତେ ଏକ ନୂଆ କଥା ଘଟିବାର ଆଶାୟୀ ହୋଇ ରୁହନ୍ତି କିନ୍ତୁ ଘଟଣାଟି ଘଟାଇବାର ବ୍ୟକ୍ତିତ୍ୱ ହେବାପାଇଁ ପଛଘୁଞ୍ଚା ଦିଅନ୍ତି "ଲୋକ କଣ କହିବେ?", "ଆଉ କିଏ ଆଗ କରୁ ଆମ୍ଭେ କରିବା", ଆମ ସାଙ୍ଗକୁ ଆଉ କେତେଜଣ ହେଲେ ଆମେ କରିବା, ଏହି ଭଳି କେତେକ ଚିନ୍ତା ଚେତନା ଭିତରେ ସମାଜର ଅନେକ ପରିବର୍ତ୍ତନ ବାନ୍ଧି ହୋଇ ରହିଯାଏ । "ଅଛୁ" ଶକ୍ତି ବା ରକ୍ଷଣଶୀଳତା ମନୁଷ୍ୟର ଚିନ୍ତାଶକ୍ତିକୁ ଆବଦ୍ଧ କରେ । ତାହାର ସ୍ୱାଧୀନ ଶକ୍ତି ଆଉ ଉଦ୍ରିତ ହୁଏନାହିଁ । ତେବେ ପ୍ରାବନ୍ଧିକ ଙ୍କ ମତରେ "ଅଛୁ" ଓ "ହେବୁ" ପରସ୍ପର ଅଙ୍ଗାଅଙ୍ଗୀ ଭାବେ ଜଡିତ । କାରଣ "ହେବୁ" ବ୍ୟତୀତ "ଅଛୁ" ମାନବକୁ ପରମ୍ପରାବଦ୍ଧ ପଶୁରେ ପରିଣତ କରେ ଏବଂ ପକ୍ଷାନ୍ତରରେ ସେହିପରି ଅଛୁ, ବ୍ୟତୀତ, ହେବୁ ମାନବକୁ ଗୋଟିଏ ଉଚ୍ଛୃଙ୍ଖଳ ବିହୀନ ଜଡବସ୍ତୁରେ ପରିଣତ କରେ । ସମାଜ ପକ୍ଷରେ ଦୁହେଁ ସମାନ ଭାବରେ ଅହିତକାରୀ ।

ମନୁଷ୍ୟ ଜୀବନ କେବଳ ଆହାର, ବିହାର ଏବଂ ନିଦ୍ରାଦିରେ ଅତିବାହିତ କରିବା ପାଇଁ ନୁହେଁ, ବରଂ ସଂଗ୍ରାମ କରି ସମାଜରେ ଯାହା ଅମଙ୍ଗଳ, ଯାହା ଅସୁନ୍ଦର ରହିଛି ତାକୁ ଦୂରୀଭୂତ କରିବା ଉଚିତ ବୋଲି ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ସଂଗ୍ରାମ ଓ ପ୍ରବନ୍ଧରେ ଦର୍ଶାଇଛନ୍ତି । ପ୍ରାବନ୍ଧିକଙ୍କ ଭାଷାରେ "ପ୍ରତ୍ୟେକ ମନୁଷ୍ୟର ଜୀବନରେ ଏପରି ଗୋଟିଏ ସମୟ ଉପସ୍ଥିତ ହୁଏ, ଯେତେବେଳେ ମହାବୀର ହରକ୍ୟୁଲିସ୍ ଙ୍କ ପରି ତାହା ସମ୍ମୁଖରେ ଶେର ଓ ପ୍ରେୟ ଦୁଇ ରମଣୀ ଉପସ୍ଥିତ ହୁଅନ୍ତି । ପ୍ରେୟର ପଥ ସାଂସାରିକ ଆମୋଦ ହର୍ଷାକୋଳାହିତ ଆପାତ ମଧୁର ଇନ୍ଦ୍ରିୟ ସୁଖ, କିନ୍ତୁ ପରିଣାମରେ ହାହାକାର, ଅନୁତାପ, ଦୁଃଖ ଏବଂ ନୈରାଶ୍ୟ ପକ୍ଷାନ୍ତରେ ଶ୍ରେୟର ପଥ ପ୍ରଥମରେ ଦୁର୍ଗମ ହେଲେ ହେଁ ଚରମରେ ନେକ ସୁଖଶାନ୍ତିପ୍ରଦ ।"

ପ୍ରାବନ୍ଧିକ ନୀଳକଣ୍ଠ ଦାସ ଙ୍କର "ଯୌବନର ପ୍ରଭାବ ଓ ପ୍ରତିଷ୍ଠା" ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧ । ମନୁଷ୍ୟର ଯେଉଁ ଚାରୋଟି ଅବସ୍ଥା ରହିଛି ତନ୍ମଧ୍ୟରୁ ଯୌବନ ଅବସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଯେଉଁ ଅବସ୍ଥାରେ ମନୁଷ୍ୟର ଆତ୍ମବିକାଶ ପ୍ରକ୍ରିୟାର ସିଦ୍ଧିକରଣ ଘଟିବାର

ISSN NO.
2582-208X

ପ୍ରକୃଷ୍ଟ ସମୟ ରହିଥାଏ । ତେଣୁ ଜୀବନ କ୍ଷେତ୍ରରେ ଯୌବନ ଅବସ୍ଥାର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ । ଏହାର ପ୍ରତିଷ୍ଠା କରିପାରିଲେ ମନୁଷ୍ୟ ଜୀବନ ସାର୍ଥକତା ଲାଭ କରିଥାଏ । ପ୍ରାବନ୍ଧିକଙ୍କ ଭାଷାରେ – "ନିରାଶ୍ରୟ ଶିଶୁର ବିକାଶ ପାଇଁ ବିଶ୍ୱପ୍ରୀତି ଓ ଅନନ୍ତ ଉଦାରତାରେ ଆତ୍ମାର ମହାଶକ୍ତି ଦେଖିବାକୁ ହେବ । ବିଷମ ବିଚିତ୍ର ଜଗତ ଏହି ମହାପ୍ରୀତିର ଲୀଳାଭୂମି । ଏହି ମହାପ୍ରୀତି ବଳରେ ଜଗତରେ ସମସ୍ତ ବିଷମତା ମଧ୍ୟରେ ସମତା ପ୍ରତିଭାତ ହୋଇଅଛି ଏହି ପ୍ରତିଭା ମୁହୂର୍ତ୍ତକ ପାଇଁ ଅବିଚ୍ଛିନ୍ନ ହେଲେ ସମସ୍ତ ବିଶ୍ୱ ଜଗତ ବାସ୍ତବିକ ବିଶୃଙ୍ଖଳ ହେବ । ଜଗତର ସମସ୍ତ ଆପାତ ବିଶୃଙ୍ଖଳତା ମଧ୍ୟରେ ଏହି ବିଶ୍ୱମୈତ୍ରୀ ଆଦର୍ଶର ସଂଯମ ରଖିଅଛି । ଶିଶୁପ୍ରାତ୍ୟ ଏହି ଅପେକ୍ଷାରେ ସମ୍ବନ୍ଧ ଓ ଏହି ବିଶ୍ୱମୈତ୍ରୀର ଲୀଳାରେ ବିକାଶ ଲଭୁଅଛି । ଫଳରେ ଏହି ଅନନ୍ତ ବିଶ୍ୱର ମହାଶକ୍ତି ଅନନ୍ତ ପ୍ରୀତିରୂପରେ ଶିଶୁର ବିକାଶରେ କ୍ରମଶଃ ପ୍ରକଟିତ ହେଉଅଛି । ଯୌବନ ଶିଶୁର ଏହି ବିକାଶର ଚରମ ସୀମା ।

ପ୍ରାବନ୍ଧିକ ନୀଳକଣ୍ଠ ଦାସଙ୍କ ପ୍ରତ୍ୟେକଟି ପ୍ରବନ୍ଧର ତତ୍ତ୍ୱକୁ ଯଦି ପ୍ରତ୍ୟେକ ମଣିଷ ଉପଦେଶ ଭାବେ ଗ୍ରହଣ କରେ ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣ ସୁନାରେ ପରିଣତ ହୋଇଯିବ । ସତ୍ୟବାଦୀ ମଣିଷ ମାନେଯେଉଁ ସୁସ୍ଥ ସମାଜ ଗଠନରେ ଯେଉଁ ପ୍ରଚେଷ୍ଟା ଜାରି ରଖିଥିଲେ, ସେଥିମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରବନ୍ଧର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଓଡ଼ିଆ ଅଧ୍ୟାପିକା
ଗୋପ ମହାବିଦ୍ୟାଳୟ,ଗୋପ,ପୁରୀ

ISSN NO.
2582-208X

# ଜଳୁଛି ଆଜି ମୁଁ ଦୀପ ହୋଇ



କୁଞ୍ଜବିହାରୀ ରାଉତ

ଭାବିଥିଲି କହିବାକୁ କେତେ କଥା
ଓଠ ମୋର ଜମା ଖୋଲିଲାନି
କେମିତି କହିବି କିପରି କହିବି
ଭାବି ଭାବି ବୁଦ୍ଧି ଦିଶିଲାନି .....
ମେଣ୍ଟାଇବା ପାଇଁ ଶୋଷକୁ ଆମର
ଓଠ ମିଶୁଥିଲା ବାରମ୍ବାର
ତୃଷ୍ଣା ମେଣ୍ଟିନାହିଁ ମୋର କି ତୁମର
ପାଶେ ଥାଇ ଲାଗେ ବହୁଦୂର.....
ପ୍ରଥମ ପାଠକ ତୁମେ ଥିଲ ବନ୍ଧୁ
ମୋ ହସ୍ତ ଲିଖିତ କବିତା ର
ତୁମ ବିନା ମୋର ଅଚଳ ଦୁନିଆ
ସତେ କି ସମ୍ପର୍କ କ୍ଷୀରନୀର .....
ଫଗୁଣ ଆସିଲେ ବଉଳ ବାସିଲେ
ମନଟା ହୁଅଇ ଉଚ୍ଚାଟନ
ପ୍ରେମରେ ବସନ୍ତ ଖିଲି ଖିଲି ହସେ
ତନୁରେ ଭରଇ ଶିହରଣ .....

ISSN NO.
2582-208X

ଆସ ବନ୍ଧୁ ଆମେ ଗୀତ ଗାଇଯିବା
  ପ୍ରେମ ଅବା ଦେହ ଦେଉଳର
ସପନ ବୁଣିବା ସପନ ବାଣ୍ଟିବା
  ରହିଥିବ କଥା ଚିରକାଳ ......
ହେଲେ ତୁମେ ଆଜି ଅଛ ବହୁଦୂରେ
  ଅନ୍ୟ ମନ୍ଦିର ରେ ଦେବୀ ହୋଇ
ତୁମେ ଗଲାପରେ ତୁମ କଥା ଭାବି
  ଜଳୁଛି ଆଜି ମୁଁ ଦୀପ ହୋଇ.....

ପ୍ଲଟ ନଂ:୧୪୮/୫, ହମିରପୁର, ରାଉରକେଲା:୩
ମୋ: ୯୮୭୧୦୩୪୪୯୪

ISSN NO.
2582-208X

# ଜାଣିଲି ମନରେ ବୋଧେ ଶୁଣୁଚୁ ଡାକ



ତାର୍‌ପ୍ରସାଦ ଜେନା

ଦେହରେ ମାରିଲୁ ଗୋରୀ କାମନା ଭୋକ
କହୁଛୁ ମିଛରେ ରାଗି ଜାଣିନି ଲୋକ
.... ଦେହରେ ମାରିଲୁ ଗୋରୀ କାମନା ଭୋକ.... ! ୦ !

ଆଗେଇ ବାଟକୁ ପୁଣି ପଛକୁ ଚାହୁଁ
ତୋ ହସ ଓଠରେ କ'ଣ ରହିଛି ମହୁ
ଅଳସୀ ପାଉଁଜି ପାଦେ ଝୁଣ୍ଟିକି ଉହୁ
ଜାଣିଲି ମନରେ ବୋଧେ ଶୁଣୁଚୁ ଡାକ
.... ଦେହରେ ମାରିଲୁ ଗୋରୀ କାମନା ଭୋକ....! ୧ !

କୋଇଲି ଗାଉଛି ଗୀତ ବଢ଼ିଆ ମିଠା
ନାକରେ କାନ୍ଦୁଛୁ ଗେଲେ ପେରମ ଅଠା
ନାହିଁରେ ନାହିଁରେ ହଁଅ ଗୋପନ ଚିଠା
ମନକୁ ହିସାବ କଲେ ବଢୁଛିଦକ
.... ଦେହରେ ମାରିଲୁ ଗୋରୀ କାମନା ଭୋକ....! ୨ !

ISSN NO.
2582-208X

ଆଖିରେ ମିଶାଇ ଆଖି ଲାଜେଇ ଗଲୁ
ସୁସୁରି ମାରିଲେ ନାଚୁ ମନର ଗେଲୁ
ଭାବର ଉଜାଣି ମୋତେ ବୁଡ଼ାଇ ଦେଲୁ
ତୋବାଟେ ବିଞ୍ଛିଲି ଫୁଲ ଭାବେନି ଠକ
.... ଦେହରେ ମାରିଲୁ ଗୋରୀ କାମନା ଭୋକ....! ୩ !

ରାଜ ରଣପୁର, ଜିଲ୍ଲା -ନୟାଗଡ଼,
ପିନ୍-୭୫୨୦୨୬/ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଆକାଶର ଅସୁମାରୀ ଇଚ୍ଛା



ସୁରେଶ କୁମାର ନାହାକ

ଆକାଶ ଆଜି ସ୍ୱଚ୍ଛତାର ଦିଗବଳୟରେ
ଚିକ୍ ଚିକ୍ କରି ଫାଟି ପଡୁଛି
ଯେମିତି ତାର ଗନ୍ତାଘର ମଧ୍ୟେ
ନିଜକୁ କିଏ ଖୋଜି ବୁଲୁଛି
ହଁ ସେ ଖୋଜୁଛି ଖୋଜୁଥିବ ମଧ୍ୟ ।।୧।।

ହଁ ତା ମନରେ ବହୁ ଅସୁମାରୀ ଆଶା,ଆକାଂକ୍ଷା,ନିସଂଗତା ଭରି ରହିଛି
କଣ ସବୁ ସ୍ୱପ୍ନ ପୂରଣ ହେବ
ନା ଅଧା ଅଧା ହୋଇ ଛିନ୍ନ ହୋଇଯିବ।୨।

ଲାଗୁଛି ଯେପରି କ୍ଷୁଦ୍ର ଅଣୁ ଟିଏ ହୋଇ ତା ମଧ୍ୟେ ଲୀନ ହୋଇଯିବାକୁ
ମଜିଯିବାକୁ, ଭିଜି ଯିବାକୁ, ହଜିଯିବାକୁ
ଯେମିତି ଆକଟର ପାଚେରୀ ତାକୁ ସ୍ପର୍ଶ
କରି ପାରି ଛୁଇଁ ପାରିବ ନାହିଁ ।।୩।।

ଏହି ଫିକା ଆକାଶର ବୁରୁଜରେ
ପକ୍ଷୀ ଟିଏ ହୋଇ ଯାଆନ୍ତି
ଉଡି ବୁଲନ୍ତି, ଖେଳନ୍ତି, ଝୁମି ଗାଆନ୍ତି
କାହାର ନିଦାଘ ଖରା ମୋ ଶରୀରରେ
କୌଣସି ଚିହ୍ନ କରି ପାରନ୍ତା ନାହିଁ।।୪।।

ISSN NO.
2582-208X

ନିଃସଙ୍ଗତାର ସ୍ୱର ତା ମନରେ ଥିବା ସମସ୍ତ ଇଚ୍ଛାକୁ ବାର୍ ବାର୍ କହିଯାଏ
ସତରେ କଣ ମୋ ଇଚ୍ଛା ପୂର୍ଣ୍ଣ ହେବ
ନା ସ୍ୱପ୍ନର ଦୁନିଆଁରୁ ବିଚ୍ଛିନ୍ନ ହୋଇଯିବ।୫।
ଆକାଶର ପରିଘରେ କେତେଯେ
ନିସ୍ତବ୍ଧତା ପୁରି ରହିଛି ଯାହାକି
ମନ ସବୁବେଳେ ଆତୁର ହୋଇ କାନ୍ଦିବାକୁ ଲାଗୁଛି
କହୁଛି ସତରେ କଣ ମୋ ଇଚ୍ଛା ପୂର୍ଣ୍ଣ ହେବ ।।୬।।

ଫକରପୁର, କେନ୍ଦୁଝର

ISSN NO.
2582-208X

# ଗୋପାଳ ବଲ୍ଲଭ ଦାସଙ୍କ ଭୀମାଭୂୟାଁ ଉପନ୍ୟାସରେ ପାରିପାର୍ଶିକ ଚତ୍ରର ଉପସ୍ଥାପନା



ଡକ୍ଟର ସତ୍ୟବ୍ରତ ଦାସ

କଟକ ସାଲେପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମରେ ଜନ୍ମିତ ଗୋପାଳ ବଲ୍ଲଭ ଦାସ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଯିଏକି କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ସମାପ୍ତ ପରେ ଡେପୁଟି ମାଜିଷ୍ଟ୍ରେଟ ପଦବୀରେ ନିଯୁକ୍ତି ପାଇ ଓଡିଆ ସାହିତ୍ୟ ଜଗତକୁ ଆଗକୁ ଆଗକୁ ବଢାଇବାର ବାଟ ଫିଟାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଠିକ୍ ସେହି ଘଡିସନ୍ଧି ମୂହୁର୍ତ୍ତରେ କେନ୍ଦୁଝର ରାଜା ନାବାଳକ ଅବସ୍ଥାରେ ଗାଦିପାଇବାରୁ ସେଠାରେ କିଛିଦିନ ସୁପରିଟେଣ୍ଡେଣ୍ଟ ଭାବରେ ନିଜର କର୍ମମୟ ଜୀବନ ଅତିବାହିତ କରିବା ସମୟରେ ସେଠାକାର ସ୍ଥାନୀୟ ବାସିନ୍ଦା ଭାବରେ ବସବାସ କରୁଥିବା ବିରଳ ପ୍ରଜାତିର ଆଦିବାସୀ ଜନଜାତି ତଥା ଭୂୟାଁ ସଂପ୍ରଦାୟର ଲୋକମାନଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ଭୀମାଭୂୟାଁ ଉପନ୍ୟାସର ମାଇଲଖୁଣ୍ଟ ସଦୃଶ ଏକ ନୂତନ ଶୈଳୀର ଉପନ୍ୟାସ ସୃଷ୍ଟି ଦିଗରେ ପାଦ ଥାପି ଥିଲେ ।

ଠିକ୍ ସେହି ସମୟରେ ବ୍ରିଟିଶ୍ ସରକାର ଭୂୟାଁ, କୋହ୍ଲ, କନ୍ଧ, ଜୁଆଙ୍ଗ ପ୍ରଭୃତି ଆଦିବାସୀ ଜନଜାତି ମାନଙ୍କ ମଧ୍ୟରେ ସଭ୍ୟତାର ବିକାଶ ତଥା ଆଲୋକ ବିକିରଣ କରିବାକୁ ପ୍ରାଥମିକ ଉଦ୍ୟମ ଆରମ୍ଭ କରି ଦେଇଥିଲେ ।

କେନ୍ଦୁଝର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ କମିଶନରଙ୍କ ଦପ୍ତରରେ କାର୍ଯ୍ୟ କରୁଥିବା ସମୟରେ ଭ୍ରମଣ କରିବାର ସୁଯୋଗ ଲାଭ କରିଥିଲେ ଔପନ୍ୟାସିକ ଗୋପାଳ ବଲ୍ଲଭ

ISSN NO.
2582-208X

ଦାସ । ଓଡିଆ ଜାତି ତଥା ଓଡିଆ ଭାଷା ପ୍ରତି ଶ୍ରଦ୍ଧା ପ୍ରକାଶ କରୁଥିବା ଉପରିସ୍ଥ ସାହେବ କର୍ମଚାରୀ ମାନଙ୍କ ପ୍ରେରଣା ପାଇ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ପ୍ରକୃତିର ସନ୍ତାନ ଭୂୟାଁ ଜନଜାତି ମାନଙ୍କର ଜୀବନ ପ୍ରଣାଳୀ, ଏକତା, ସାଧୁତା, ଅତିଥି ପରାୟଣତାରେ ମୁଗ୍ଧ ହୋଇ ଉପରିସ୍ଥ ସାହେବ କର୍ମଚାରୀ ଅଧିକାରୀମାନଙ୍କ ପ୍ରେରଣାରେ ଭୀମାଭୂୟାଁ ଉପନ୍ୟାସଟି ରଚନା କରି ଗଡ଼ଜାତ ଭ୍ରମଣରେ ଆସିଥିବା ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ହେଣ୍ଡରସନ ଲିଥ୍ ଫ୍ରେଜରଙ୍କ ନାମରେ ଉତ୍ସର୍ଗ କରିଥିଲେ ।

ବିବାସିନୀ ଉପନ୍ୟାସ ରଚନାର ଷୋହଳ ବର୍ଷ ପରେ ଅର୍ଥାତ ଉପନ୍ୟାସଟି ୧୮୯୮ ମସିହାରେ ଲେଖା ଆରମ୍ଭ କରିଥିଲେ ମଧ୍ୟ ସରକାରୀ ତାଲିକାରେ ୧୯୦୮ ମସିହାର କଟକ ଏଡୱାର୍ଡ ପ୍ରେସରୁ ପ୍ରକାଶିତ ହେବା ସହିତ ୯ଟି ପରିଚ୍ଛେଦରେ ସମାପ୍ତ କରିଥିଲେ । ଜଣେ ରାଜାଙ୍କ ନେତୃତ୍ୱରେ ପ୍ରତିବେଶୀ ରାଜାର ଅତ୍ୟାଚାରର ଅବସାନ ଚିତ୍ରକୁ ଉପସ୍ଥାପନା କରିଛନ୍ତି ଔପନ୍ୟାସିକ ଗୋପାଳ ବଲ୍ଲଭ ଦାସ ।

ପଦ୍ମମାଳୀ ଉପନ୍ୟାସ ପରି ଅବଶ୍ୟ ରୋମାନ୍ସ ପ୍ରାଣକେନ୍ଦ୍ର କିନ୍ତୁ ଏଠାରେ ଅସମ - ସାମାଜିକ ପରିବେଶରୁ ନାୟକ ନାୟିକାଙ୍କୁ ଗ୍ରହଣ କରି ସେମାନଙ୍କର ଗଭୀର ପ୍ରେମର ମାର୍ମିକ ଚିତ୍ର ପ୍ରଦାନ କରିଛନ୍ତି । ପୁଣି ତାହା ତତ୍କାଳୀନ ଆଭିଜାତ୍ୟ ରକ୍ଷଣଶୀଳ ସାମାଜିକ ପରିବେଶ ତଥା ଗତାନୁଗତିକ ପ୍ରଣୟ ଚେତନା ଦୃଷ୍ଟିରୁ ଏକ ବଳିଷ୍ଠ ସାହସିକ ପଦକ୍ଷେପ ।

ଆଦିବାସୀ ସମାଜରେ ଭୂୟାଁ ମାନଙ୍କର ସାମାଜିକ ଚିତ୍ର ରହିବା ସଙ୍ଗେ ସଙ୍ଗେ ଆଭିଜାତ୍ୟ ଗୋଷ୍ଠୀର ଚିତ୍ର ମଧ୍ୟ ଆମେ ଦେଖିବାକୁ ପାଇଛୁ ଉପରୋକ୍ତ ଆଲୋଚନା ମାଧ୍ୟମରେ । ଅରାଜକତା ଜନିତ ଅତ୍ୟାଚାର ଦମନ ପାଇଁ ଯୁଦ୍ଧ ଏବଂ ମୁଣ୍ଡକାଟ ଶୂଳୀ ଆଦି କଠୋର ଶାସ୍ତିର ସୂଚନା ମଧ୍ୟ ରହିଛି । ସେଥିରେ ପ୍ରତିକ୍ରିୟାଶୀଳ ମଣିଷ ହୃଦୟ ହିଂସ୍ର ତଥା ନଗ୍ନ ନିଷ୍ଠୁରତା ସ୍ପଷ୍ଟ ହୋଇଉଠିଛି ।

ଗୋପାଳ ବଲ୍ଲଭ ଦାସ ଯେଉଁ ସମୟରେ ଏ ପ୍ରକାର ପ୍ରଣୟ କାହାଣୀ ଭିତ୍ତିକ ଭୀମାଭୂୟାଁ ଉପନ୍ୟାସଟି ରଚନା କରିଛନ୍ତି ସେ ସମୟରେ ପାରମ୍ପରିକ ରୀତି କାବ୍ୟ ସୁଲଭ ପ୍ରଣୟ ଚିତ୍ରରେ ଅଭ୍ୟସ୍ତ ପାଠକ ମାନଙ୍କର ଆଭିଜାତ୍ୟ ଗ୍ରସ୍ତ ଚିତ୍ତ ଏହାକୁ ସ୍ୱାଗତ କରୁ ବା ନ କରୁ ଏହା ସେମାନଙ୍କର ଚିତ୍ତରେ ଯେ ଚମକ ସୃଷ୍ଟି କରିଥିବ ଏଥିରେ ସନ୍ଦେହ ନାହିଁ ।

ISSN NO.
2582-208X

ରୋମାଣ୍ଟିକ ପ୍ରଣୟ ପରିକଳ୍ପନାରେ ହୁଏତ ବଙ୍କିମଚନ୍ଦ୍ରଙ୍କର ପ୍ରେରଣା ଥାଇପାରେ କିନ୍ତୁ ପଦ୍ମମାଳୀ ବିବାସିନୀରେ ରୋମାନ୍ସ ପରି ଏଠାରେ ଗତାନୁଗତିକତାର କ୍ଳାନ୍ତି ନାହିଁ କି ରୋମାନ୍ସର ପରିବେଶ ଥିଲେ ମଧ୍ୟ ପରିବେଶର ନିବିଡତା ନାହିଁ । ପ୍ରଣୟର ପରିକଳ୍ପନାରେ ଲେଖକ ଯେଉଁ ଦୁଃସାହସିକତା ବା ବୈପ୍ଳବିକ ଦୃଷ୍ଟିକୋଣର ପରିଚୟ ଦେଇଛନ୍ତି ପ୍ରଣୟର ବିକାଶ ତଥା ପରିଣତିରେ ତାହା ଶିଥିଳ ହୋଇପଡିଛି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଲେଖକ ପାଠକ ପ୍ରାଣରେ ମାନବର ଏହି ସନାତନ ଅନୁଭୂତିର ସ୍ପର୍ଶ ଦେବାକୁ ଚେଷ୍ଟା କରିଛନ୍ତି ।

ପ୍ରଣୟ ଚିତ୍ତରେ ଏହା ଏକ ମନସ୍ତାତ୍ତ୍ୱିକ ଦୃଷ୍ଟି ଭଙ୍ଗୀର ଆବେଦନ ପରିଲକ୍ଷିତ ହେଉଥିଲେ ମଧ୍ୟ ଆଭିଜାତ୍ୟ ପୋଷିତ ଆଦର୍ଶର ଅନୁରୋଧରେ ତାହା ଏକ ଅବାଞ୍ଛିତ ଅବାସ୍ତବ ରୂପ ଗ୍ରହଣ କରିଛି । ମାନବର ପ୍ରେମ ଇର୍ଷା ଜୀବନର ସମସ୍ୟା ଦ୍ୱନ୍ଦ୍ୱ ପ୍ରଭୃତିର ଚିତ୍ର ଅଙ୍କନ କରି ଲେଖକ ତାହାରି ମଧ୍ୟରେ ଜୀବନର ମୂଲ୍ୟାଙ୍କନ କରିଛନ୍ତି ।

ଭୀମାଭୂୟାଁ ଉପନ୍ୟାସର ବିଶେଷ ଆକର୍ଷଣ ହେଉଛି ଦ୍ୱନ୍ଦ୍ୱାତ୍ମକ ଆଲୋଚନା । ଦ୍ୱନ୍ଦ୍ୱ ହେଉଛି ଚିନାମାଳୀ ପ୍ରତି ଭୀମାର ପ୍ରଣୟ ଜନିତ ଦୁର୍ବଳତା । ବଡଭାଇ ବାଣାସୁର ଚିନାମାଳୀକୁ ବିଭା ହୋଇ ଗଲା ପରେ ଭୀମାର ମନରେ ଦ୍ୱନ୍ଦ୍ୱ । ଛଡ - ଦେବାଲିରେ ନିହତ ତଥା ମୁଣ୍ଡ କାଟ ହେବା ପାଇଁ ବନ୍ଦୀ ହୋଇ ରହିଥିବା ନିଜର ବାପା ଓ ବଡଭାଇ ବାଣାସୁରଙ୍କୁ ଦେଖି ଏ ଦିଗରେ ଭୀମାର କର୍ତ୍ତବ୍ୟ ପରାୟଣତାକୁ ଆମେ ଦେଖିବାକୁ ପାଉଥିବା ବେଳେ ଅନ୍ୟ ଦିଗରେ ବାପା ଓ ଭାଇର ସ୍ନେହ ଶ୍ରଦ୍ଧା ଆଦର ଭଲ ପାଇବା ମଧ୍ୟରେ ଦ୍ୱନ୍ଦ୍ୱ ଏକ ଜଟିଳ ସମସ୍ୟା ସୃଷ୍ଟି କରିଛି । ଚିନାମାଳୀର ପ୍ରଣୟ ଜନୀତ ସ୍ମୃତି ପିଡୀତ ଭୀମାର ଚିତ୍ତରେ ରାଜଜେମାଙ୍କ ପ୍ରତି ଥିବା ଆକର୍ଷଣ ଜାତ ହେବାଠାରୁ ଗୋଟିଏ ଦିଗରେ ନୈସର୍ଗିକ ଆକର୍ଷଣ ଅନ୍ୟ ଦିଗରେ ଆଭିଜାତ୍ୟ ପୂର୍ଣ୍ଣ ଦ୍ୱନ୍ଦ୍ୱ । କେଉଁ ପୁତ୍ରର ମୁଣ୍ଡକାଟ ହେବ ସେ ପୁଣି ଏକ ଦ୍ୱନ୍ଦ୍ୱ । ପିତା ବୁଢା ସାଧୁ ସରଦାର ଉପରେ ଲଦି ଦିଆ ଯାଇଥିବା ଗୋଟିଏ ପଟେ ରାଜାଦେଶ ପାଳନର ଦାୟିତ୍ୱ ଅନ୍ୟ ଏକ ଦିଗରେ ଦୁଇ ପୁତ୍ରଙ୍କ ସ୍ନେହ । ଏହିଭଳି ପରିସ୍ଥିତିରେ ନାଟକୀୟ ମୋଡ଼ ନେଇଛି ଦ୍ୱନ୍ଦ୍ୱ ରୂପରେ ।

ଘଟଣାର ଘାତ ପ୍ରତିଘାତ ମଧ୍ୟରେ ଚରିତ୍ର ଗୁଡିକର (ସାଧୁ, ଭୀମା, ରାଜଜେମା ) ବିକାଶ ଘଟିବା ସଙ୍ଗେ ସଙ୍ଗେ ସେଗୁଡିକର ବିଶେଷତ୍ୱ ହେଉଛି ସାଧୁ ଓ ଭୀମା ଚିତ୍ତରେ ଦ୍ୱନ୍ଦ୍ୱ

ISSN NO.
2582-208X

ପାଠକ ମନକୁ ମଧ୍ୟ ଭାରାକ୍ରାନ୍ତ କରିଦେଇଛି । କାହାଣୀଟି ଏକ ପ୍ରକାର ସଫଳତା ହାସଲ କରିବାର ମୁଖ୍ୟ ନାଟକୀୟ ଦ୍ୱନ୍ଦ୍ୱ ହିଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଗୋପାଳ ବଲ୍ଲଭ ଦାସଙ୍କ ସରଳ ଆଦିବାସୀ ଯୁବକ ଭୀମା ରଣକ୍ଷେତ୍ରରେ ଯେପରି ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ଜୀବନ ସଂଗ୍ରାମ କ୍ଷେତ୍ରରେ ସେହିଭଳି ଉଲ୍ଲେଖନୀୟ ବିଷୟ, ସ୍ୱାର୍ଥତ୍ୟାଗର ଆଦର୍ଶ ତୁଙ୍ଗ ଉପସ୍ଥାପନ କରିଛନ୍ତି ମଧ୍ୟ ।

ରାଧାନାଥଙ୍କ ନାୟକ ପରି ସ୍ତୈଣ ତଥା ନୀତି ଓ ରୁଚି ବର୍ହିଗତ ନୁହେଁ । ତାହାର ନାୟିକା ରାଧାନାଥଙ୍କ ନାୟିକା ପରି ପ୍ରେମରେ ଅନ୍ଧ ହୋଇ ନିଜର ପିତା ତଥା ରାଜ୍ୟ ପ୍ରତି ପ୍ରଛନ୍ନ ଭାବରେ ବିଦ୍ରୋହ ଆଚରଣ କରି ଇପ୍‌ସିତ ପ୍ରେମିକ ଠାରୁ ଅପମାନ ପାଇ ଆତ୍ମହତ୍ୟା କରି ନାହିଁ, ବରଂ ପ୍ରେମରେ ସନ୍ନ୍ୟାସ ହୋଇଯାଉଛି ।

ପ୍ରକୃତିର ସନ୍ତାନ ଏହି ଅରଣ୍ୟକ ଯୁବକଟି ଏକ ଦିଗରେ ଯେପରି ଅପୂର୍ବ ବୀରତ୍ୱ ଓ ରାଜଭକ୍ତିର ପରିଚୟ ଦେଇଛି ଅନ୍ୟ ଦିଗରେ ସେହିପରି ଜୀବନର ଏକ ଚରମ ସଙ୍କଟ ପୂର୍ଣ୍ଣ ମୁହୂର୍ତ୍ତରେ ନିଜର ବାପା ଓ ଭାଇ ପାଇଁ ଆତ୍ମ ବଳି ଦେବାକୁ ତିଳେମାତ୍ର କୁଣ୍ଠାବୋଧ ପ୍ରକାଶ କରିନାହିଁ । ବାପା ଭାଇର ଜୀବନ ରକ୍ଷା ପାଇଁ ଅନ୍ୟ ଦୁଇଟି ବନ୍ଦୀର ଆକୁଣ୍ଠ ହତ୍ୟାରେ ତା'ର ଆଦିବାସୀ ସୁଲଭ ନିର୍ବୋଧ ଜାନ୍ତବ ମଣିଷଟିର ନିଷ୍ଠୁରତାର ପରିଚୟ ମିଳୁଥିଲେ ମଧ୍ୟ ସୁଦ୍ଧା ତା'ର ବଳିଷ୍ଠ ବ୍ୟକ୍ତିତ୍ୱର ମହତ୍ତ୍ୱ କ୍ଷୁର୍ଣ୍ଣ ହୋଇନାହିଁ ।

ରାଜଜେମାର ପ୍ରଣୟରେ ଯୌବନର ଆକର୍ଷଣ ଜନିତ ବାସ୍ତବତାର ଭିତ୍ତି ରହିଥିଲେ ମଧ୍ୟ ଆଭିଜାତ୍ୟର ଆବରଣରେ ସନ୍ନ୍ୟାସିନୀର ଗୈରିକ ବେଶ ପରିଧାନ କରିଛି । ଜେମା ନିଜ ମସ୍ତକରୁ ପ୍ରଣୟର ଉପହାର ସ୍ୱରୂପ ମଥାମଣିଟି କାଢି ଦେଇ ପ୍ରଦାନ କରିବା ଏକାନ୍ତ ନିର୍ମମ ନିର୍ବିକାର ଜିତେନ୍ଦ୍ରିୟ ପ୍ରେମମୟ ପୁରୁଷ ଭାବରେ ତା'ର ଉପସ୍ଥିତିର କେବଳ ମାତ୍ର ବାସନା ଟିକକକୁ ଉପଲବ୍ଧି କରିବାର ଆଶା ପୋଷଣ କରୁଛନ୍ତି ।

ପ୍ରଣୟକୁ ଲୌକିକତା ତଥା ବ୍ୟାକୁଳ ଉନ୍ମାଦନାର ବହୁ ଉର୍ଦ୍ଧକୁ ଉନ୍ନତି କରାଇ ଏଠାରେ ଲେଖକ ଗୋପାଳ ବଲ୍ଲଭ ଦାସ ମାନସ ରାଜ୍ୟର ଏକ ଉଚ୍ଚାଙ୍ଗ କ୍ଲାସିକାଲ ପ୍ରେମର ଆଦର୍ଶ ପ୍ରତିଷ୍ଠା କରି ପାରିଛନ୍ତି ।

ISSN NO.
2582-208X

ପିତା ସାଧୁ ସରଦାରର ଚରିତ୍ର ବାତ୍ସଲ୍ୟ ମମତାରେ ଅନ୍ଧ । ଏକ ସରଳ ଉଦାରମତା ପିତାର ଜ୍ୱଳନ୍ତ ବିଗ୍ରହ କେଉଁ ପୁଅକୁ ରାଜଗହଣକୁ ପଠାଇବ ଏଇ ଦ୍ୱନ୍ଦ୍ୱରେ ସାଧୁର ଅରଣ୍ୟ ଚିତ୍ତ ବିହଙ୍ଗଟି ଛଟପଟ ହୋଇଛି । ମନରେ ଅସରନ୍ତି ଆଶା ବାଣାସୁରକୁ ଛାଡିବ ନାହିଁ ସେ ବଡ଼ ପୁଅ, ଭୀମାକୁ ଛାଡିବାକୁ କୁଣ୍ଠାବୋଧ କାରଣ ଭୀମା ଭେଣ୍ଡା ହେଲେ ମଧ୍ୟ ସ୍ନେହ ଆଦରରେ ସାଧୁର ଆଖିରେ ସେଇଟା ଖାଇବା ଜାଣେ ନାହିଁ, ପିନ୍ଧିବା ଜାଣେ ନାହିଁ ।

ସେହିପରି କେଉଁ ପୁଅକୁ ହାଣ ମୁହଁକୁ ପଠାଇବ ସାଧୁର ଚିତ୍ତ ଯେତେ ବେଳେ ଏହି ନିର୍ମମ ଦ୍ୱନ୍ଦ୍ୱର ଶିକାର ହୋଇଛି ତା'ର ସେହି ଅରଣ୍ୟ ପ୍ରାଣ ବିହଙ୍ଗଟି ତୁହାକୁ ତୁହା ଆର୍ତ୍ତ ଚିତ୍କାର କରି ଛଟପଟ ହୋଇ ଭୂଇଁରେ ସଂଜ୍ଞା ହରାଇଛି ପୁଣିଥରେ ସଂଜ୍ଞା ଆସିଲା ପରେ ମୁଣ୍ଡ ଦେବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଥିବା ଭୀମା ଉପରେ ପଡିଯାଇଛି । ସାଧୁ ସରଦାରର ଛୋଟ ବାଳକ ସୁଲଭ ପିତା ରୂପକ ଚରିତ୍ରଟି ଏଇ ମାନସିକ ଦ୍ୱନ୍ଦ୍ୱ ଭିତରେ ଜଗତର କୋଟି କୋଟି ସ୍ନେହ କାଙ୍ଗାଳ ପିତାର ଚିରନ୍ତନ ସ୍ନେହ କରୁଣାମୟ ମୂର୍ତ୍ତିଟି ଜ୍ୱଳନ୍ତ ହୋଇ ଉଠିଛି । ସାଧୁ ସରଦାର ବୃଦ୍ଧ ତେଣୁ ଅଦଣ୍ଡ୍ୟ, ଉପକାର କରିଥିବାରୁ ଗୋଟିଏ ପୁଅ ଛାଡ ପାଇବା ନୀତିରେ ଅନ୍ୟ ଜଣକୁ ମୁଣ୍ଡ ଦେବାକୁ ପଡିବ । ଏକ୍ଷେତ୍ରରେ ରାଜାଙ୍କର ଶାସକ ସୁଲଭ ନିର୍ମମ ଚେତନା ଯୁକ୍ତ ବ୍ୟକ୍ତିତ୍ୱ ଅନ୍ୟଜଣକୁ ମୁକ୍ତି ଦେବାକୁ ବିଚିତ୍ର କୁଣ୍ଠା ପ୍ରକାଶ କରିଛି ।

ମାଘ ପୋଡା ପର୍ବର ଆମୋଦପ୍ରମୋଦ ଉତ୍ସବ ପୂର୍ଣ୍ଣ ପରିବେଶରେ ଭୂୟାଁ ଯୁବତୀ ଚିନାମାଳୀ ପ୍ରତି ଦୁଇଭାଇ ଭୀମା ଓ ବାଣାସୁର ପ୍ରଣୟର ସଙ୍କେତ ଦେଇଛନ୍ତି । ଭୂୟାଁ ପର୍ବତର ଶୀତକାଳୀନ ପରିବେଶର ବର୍ଣ୍ଣନା କରାଯାଇଛି ବେଶ୍ ଆକର୍ଷଣୀୟ ରୂପରେ । ମଗୁଶୁରରେ ଶିରିଶିରିଆ, ପୁଷରେ ଭୁଷୁଭୁଷିଆ ଶୀତର ପ୍ରକୋପ ବଢିବାରେ ଲାଗିଛି ।

ପରିବେଶ ବର୍ଣ୍ଣନା ଅବସରରେ ରାଜଭକ୍ତି ଗୋଷ୍ଠୀଗତ ଜୀବନ ଅତିଥି ପରାୟଣତା ଗ୍ରାମରେ ଶାନ୍ତିପୂର୍ଣ୍ଣ ପରିଚାଳନା ସାର୍ବଜନୀନ ଗୃହ ମାଣ୍ଡୁଆ ସରଳ ଉଚ୍ଛ୍ୱାସପୂର୍ଣ୍ଣ ପ୍ରାଣର ନୈସର୍ଗିକ ସ୍ଫୁର୍ତ୍ତି ଭୂୟାଁ ମାନଙ୍କର ସରଳତା ସାଧୁତା ଭୂୟାଁ ଯୁବତୀଙ୍କର ସତୀତ୍ୱ ଆନନ୍ଦୋତ୍ସବ ମଧ୍ୟରେ ଚାଙ୍ଗୁ ନୃତ୍ୟ ସରଳ ସ୍ୱାଭାବିକ ପ୍ରେମ ପ୍ରଣୟର ଚିତ୍ର ଉପସ୍ଥାପନା ବୟୋଜ୍ୟେଷ୍ଠ ବୃଦ୍ଧ ମାନଙ୍କର ଉଦାରତା ହାଣ୍ଡିଆ ଖିଆ ଡାଳଭଙ୍ଗା ନାଚ ଗୀତର ଦୀର୍ଘବର୍ଣ୍ଣନା ଦେଇ ଲେଖକ ସେମାନଙ୍କର ସାମାଜିକ ଜୀବନ ଓ ଚଳଣି ଉପରେ ଆଲୋକପାତ କରିଛନ୍ତି ।

ISSN NO.
2582-208X

ସଭ୍ୟ ଶିକ୍ଷିତ ସମାଜର କୃତ୍ରିମ ଜୀବନ ଯାପନ ପ୍ରଣାଳୀ ଓ ଅନୁଷ୍ଠାନର ଚିତ୍ର, ସଭ୍ୟ ସମାଜର ଦୋଷତ୍ରୁଟି, ଆଭିଜାତ୍ୟ ତଥା ରାଜପରିବାରର ଚଳଣି, ସଂକୀର୍ଣ୍ଣ ଜାତିଆଣ ମନୋଭାବ, ମୂର୍ତ୍ତିପୂଜା, ଅନ୍ଧ ବିଶ୍ୱାସ, ଅଙ୍କ ଜ୍ୟୋତିଷର ଅଭ୍ରାନ୍ତ ଗଣନା, ରାଜାଙ୍କର କଠୋର ନୀତି (ଶୂଳୀ) ବ୍ୟବସ୍ଥା, ସାମରିକ ବେଶଭୂଷା, ସମର ପଦ୍ଧତି, ଅନ୍ଧାରିମୂଲକର ଅରାଜକତା ଏସବୁର ଚିତ୍ର ସବୁ ସ୍ଥାନିତ ହେଇଛି ।

ଯୁବତୀ ମାନଙ୍କର ରୂପ ବର୍ଣ୍ଣନା ଦିଗରେ କାହାର ଗଣ୍ଡ ଟଭା ଫଳ ପରି ଗୋଲ, କାହାର ବା ପାଚିଲା ଆମ୍ବ ଭଳି ଈଷତ୍ ଲମ୍ବ, କାହାର ପୂର୍ଣ୍ଣେନ୍ଦୁ ମାଧୁରୀ, କେହିବା ନୀରସ ଶିରୀଷ ଫଳ ପରି ।

ସେହିଭଳି ଭୀମାର ସୁସ୍ଥ ସବଳ ଶରୀରର ଆଙ୍ଗିକ ଚିତ୍ରର ଉପସ୍ଥାନା ଦିଗରେ ମଧ୍ୟ ଆମେ ଦେଖିବାକୁ ପାଉ । ଲେଖକଙ୍କ ଭାଷାରେ - ପୁଣି ଯୌବନର ଗୌର ଶ୍ୟାମ ବିଚାର ନାହିଁ, ଯୁବକର ବୃକ୍ଷ ସ୍କନ୍ଧ, ବିଶାଳ ବକ୍ଷ, କରୀ କର ପରି କରଯୁଗଳ, ମଲ୍ଲ ମର୍ଦ୍ଦନ ଜନ ଜଘନ ପେଶୀ ପୂର୍ଣ୍ଣ ରସାଳ ମାଂସଳ ଅବୟବର ବର୍ଣ୍ଣନା ଭିତରେ ତତ୍କାଳୀନ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଯାପନ ପ୍ରଣାଳୀ କ୍ଷେତ୍ରରେ ନାନା ପ୍ରକାର ତ୍ରୁଟି ବିଚ୍ୟୁତି ଦେଖିବାକୁ ମିଳେ । ଓଡିଆ ଭାଷା ସାହିତ୍ୟ ଉପରେ ପଡୋଶୀ ବଙ୍ଗୀୟ ମାନଙ୍କର ଆକ୍ରମଣ ଲୋକମାନଙ୍କର ଜାତୀୟ ଦୈନ୍ୟ ମନୋବୃତ୍ତି ତଥା ଶାସନ କ୍ଷେତ୍ରରେ ନୈତିକ ଅଧୋଗତି ଲେଖକଙ୍କ ପ୍ରାଣରେ ଗଭୀର ବ୍ୟଥାର ଆଲୋଡନ ସୃଷ୍ଟି କରିଥିଲା ।

ଆଧୁନିକ କାବ୍ୟ ସାହିତ୍ୟ କ୍ଷେତ୍ରରେ ଯୁଗସ୍ରଷ୍ଟା ରୂପେ ନମସ୍ୟ ରାଧାନାଥଙ୍କ ରଚନାରେ ଜାତିର କଳଙ୍କମୟ ଚିତ୍ର ପ୍ରଣୟ ଚିତ୍ରରେ ରୁଚି, ନୀତି, ସଂଯମ ହୀନତା, କଳାର ଅନୁରୋଧରେ ରୁଚିର ସମାଧି ଲେଖକ ପ୍ରାଣରେ ଯେଉଁ ଗଭୀର ପ୍ରତିକ୍ରିୟା ସୃଷ୍ଟି କରିଥିଲା ତା'ର ତୀବ୍ର ବିବାଦର ରୂପ ନେଇଥିଲା ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକାରେ । ଏହି ସଂଘର୍ଷର ଜଟିଳ ପରିସ୍ଥିତିରେ ଗୋପାଳ ବଲ୍ଲଭ ଦାସ ଚାହୁଁଥିଲେ ଜାତୀୟ ମର୍ଯ୍ୟାଦା, ସାମାଜିକ କ୍ଷେତ୍ରରେ ଶୃଙ୍ଖଳା, ସଂସ୍କାର, ଦୃଢ ନୈତିକ ତଥା ଆଧ୍ୟାତ୍ମିକ ଚେତନା ଓ ପ୍ରଣୟ କ୍ଷେତ୍ରରେ ଶୁଚିତା ଓ ସଂଯମ ।

ଲେଖକ ଭୀମାଭୂୟାଁରେ ନିସର୍ଗ ସନ୍ତାନ ଓ ଭୂୟାଁ ଜନଜାତିର ଲୋକମାନଙ୍କର ସରଳ ନିଷ୍କପଟ ଜୀବନଯାତ୍ରା ଓ ସଂଯତ ଗୋଷ୍ଠୀ ଚେତନା ପ୍ରତି ଅଧିକ ଶ୍ରଦ୍ଧା ପ୍ରକଟ କରିଛନ୍ତି ।

ISSN NO.
2582-208X

ସେଥିପାଇଁ ଭୀମାଭୂୟାଁ ଓ ବର୍ତ୍ତମାନର ତଥା କଥିତ ସଭ୍ୟ ଜୀବନର ତୁଳନାତ୍ମକ ଚିତ୍ର ଦେଇ ସଭ୍ୟ ସମାଜ ପ୍ରତି କଟାକ୍ଷପାତ କରିଛନ୍ତି । ନାୟକ ଭୀମାର ସଂଯମ ଓ ସ୍ୱାର୍ଥତ୍ୟାଗର ଚିତ୍ରରେ ଲେଖକଙ୍କର ସ୍ରଷ୍ଟା ମାନସ ତଥା ବ୍ୟକ୍ତି ପୁରୁଷର ପ୍ରଛନ୍ନ ଅଭିବ୍ୟକ୍ତ ରହିଛି । ସମଗ୍ର ଉପନ୍ୟାସରେ ରୋମାନ୍‌ସର ପରିବେଶ ପରିକଳ୍ପନା କରିଥିଲେ ମଧ୍ୟ ପରିଣତିରେ ଉପସ୍ଥାପିତ କରିଛନ୍ତି ତ୍ୟାଗର କଠୋରତା ମଧ୍ୟରେ ।

ବିଶିଷ୍ଟ ଗବେଷକ ଓ ଆଲୋଚକ ଡ଼ଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ତାଙ୍କ ସ୍ୱରଚିତ - ସୃଷ୍ଟି ଓ ସମୀକ୍ଷାରେ ଲେଖିଛନ୍ତି -

"ଏହି ଉପନ୍ୟାସଟିରେ ଲେଖକ ଆଦିବାସୀ ଜୀବନର ଯେଉଁ ଚିତ୍ର ଶୈଳୀ ଉପସ୍ଥାପନା କରିଛନ୍ତି ତାହା ଉତ୍କଳରେ ସେ ଯୁଗରେ ଅନ୍ୟ କୌଣସି ଔପନ୍ୟାସିକଙ୍କ ଦ୍ୱାରା ସାଧିତ ହୋଇପାରି ନଥିଲା । ଆଦିବାସୀ ଜୀବନକୁ ନେଇ ଉତ୍କଳର ଏହା ହିଁ ପ୍ରଥମ ଆଦିବାସୀ ଉପନ୍ୟାସ" ।

ଏହି ଉପନ୍ୟାସ ସଂପର୍କରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଲେଖିଛନ୍ତି -

"ଭୀମାଭୂୟାଁର ଲେଖା ଷ୍ଟାଇଲ ପୁଣି ଗପ ଓ ଘଟଣା ଗୁନ୍ଥିବାର କୌଶଳରେ ଯେଉଁ ସ୍ୱାତନ୍ତ୍ର୍ୟ ଅଛି ତାହା ଓଡିଆ ସାହିତ୍ୟରେ ବିରଳ " ।

ଅନ୍ୟଜଣେ ସମାଜ ସେବିକା ତଥା ବିଶିଷ୍ଟ ସାହିତ୍ୟିକା ସରଳା ଦେବୀ ଏହି ଉପନ୍ୟାସ ସଂପର୍କରେ ଯଥାର୍ଥ ମନ୍ତବ୍ୟ ଉପସ୍ଥାପନ କରି କହନ୍ତି -

"ଭୀମାଭୂୟାଁ ଉପନ୍ୟାସଟି ଛୋଟ ବହି ହେଲେ ମଧ୍ୟ ଏପରି ବହିଟିଏ କେବଳ ସେ କାଳ କାହିଁକି ? ଏକାଳରେ ମଧ୍ୟ ବିରଳ । କି ରାଜନୀତି, କି ସମାଜନୀତି, କି ଦଣ୍ଡନୀତି, କି ଅର୍ଥନୀତି, କି ଗୋଷ୍ଠୀ ନୀତି, କି ବ୍ୟକ୍ତିନୀତି, ସବୁ ବିଷୟରେ ପ୍ରତିଭାଶାଳୀ ଲେଖକଙ୍କର ଦାନ ଓଡିଆ ସାହିତ୍ୟ ପ୍ରତି ଅବିସ୍ମରଣୀୟ । ଏପରି ତାତ୍ତ୍ୱିକ ପୁଣି ରୋମାଣ୍ଟିକ ବହି ଖଣ୍ଡେ ଓଡ଼ିଶାରେ ବିରଳ ଛବି " ।

ବିଶିଷ୍ଟ ଔପନ୍ୟାସିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଭୀମାଭୂୟାଁ ଉପନ୍ୟାସଟିର ଯଥାର୍ଥ ମୂଲ୍ୟାୟନ କରିବାକୁ ଯାଇ ଲେଖିଛନ୍ତି -

ISSN NO.
2582-208X

"ଭୀମାଭୂୟାଁ ଉପନ୍ୟାସଟି ଏକତାକୁ ତାହାର ଭାଷାରେ, ବର୍ଣ୍ଣନାରେ, ଚରିତ୍ର ଚିତ୍ରଣରେ ସାର୍ଥକ କରିଛି, ଏହାକୁ ଓଡିଆ ଉପନ୍ୟାସ ସାହିତ୍ୟର କାଦମ୍ବରୀ ଆଖ୍ୟା ଦେଲେ ମଧ୍ୟ ଯଥାର୍ଥ ହେବନାହିଁ ବୋଲି ମନେ ହୁଏ" ।

ଉପନ୍ୟାସଟି ପାଠକରି ଓଡ଼ିଶାର ତତ୍କାଳୀନ ସ୍କୁଲ୍ ସମୂହର ଇନିସ୍‌ପେକ୍ଟର ତଥା ବିଶିଷ୍ଟ କବି ମଧୁସୂଦନ ରାଓ ଗୋପାଳ ବଲ୍ଲଭ ଦାସଙ୍କୁ ପତ୍ର ଲେଖି ଶୁଭେଚ୍ଛା ଜଣାଇଥିଲେ ।

ଔପନ୍ୟାସିକ ଗୋପାଳ ବଲ୍ଲଭ ଦାସ ଏହି ଉପନ୍ୟାସ ମାଧ୍ୟମରେ ଯେଉଁ ନୂତନ ସାହସିକ ପଦକ୍ଷେପ ନେଇଥିଲେ ତାହା ତତ୍କାଳୀନ ସାହିତ୍ୟିକ ରୁଚି କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରି ସୁଦୂର ଭବିଷ୍ୟତ ପାଇଁ ଯେ ବିପୁଳ ସମ୍ଭାବନାର ସଙ୍କେତ ସ୍ୱରୂପ ପ୍ରଦାନ କରିଛି ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ । ବର୍ତ୍ତମାନର ଆଦିବାସୀ ଜୀବନ ସମାଜ ଓ ଚରିତ୍ରର ଅନ୍ତରଙ୍ଗ ରୂପକାର ଭାବରେ ଉଣ୍ଡା ହୋଇ ଜ୍ଞାନପୀଠ ପୁରସ୍କାର ଅର୍ଜନ କରିଥିବା ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ସ୍ୱରଚିତ - ଦାଦିବୁଢା, ପରଜା, ଅମୃତର ସନ୍ତାନ, ଶିବଭାଇ, ଅପହଞ୍ଚ ପ୍ରଭୃତି ଉଚ୍ଚାଙ୍ଗ ସୃଷ୍ଟିମାନ ଅନୁଧ୍ୟାନ କଲେ ଜଣାପଡେ ।କେବଳ ଯେ ଜଣେ ମାତ୍ର ଔପନ୍ୟାସିକ ଗୋପୀନାଥ ମହାନ୍ତି ନୁହଁନ୍ତି ଅନେକ ଲେଖକ ସେମାନଙ୍କର ସାହିତ୍ୟିକ ରଚନା ପାଇଁ ଆଜି ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ବୈପ୍ଳବିକ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ସମୃଦ୍ଧିର ସାହିତ୍ୟିକ ବିକାଶ ଦିଗରେ ସହାୟତାର ହାତ ବଢେଇ ଆଉ ପଛକୁ ନ ଚାହିଁ ଆଗକୁ ଆଗକୁ ମାଡି ଚାଲିଛନ୍ତି ।

ବର୍ତ୍ତନା-ବାଲେଶ୍ୱର
୭୭୫୧୯୨୬୭୦୫

ISSN NO.
2582-208X

# ଦିଦି ଦେବେ ଭୋଜି



ଦୀନବନ୍ଧୁ ବେଜ

ପୋଖରୀରୁ ମାଛ ଧରି,
ଅବା ଦରକାର ହେଲେ ହେବ
ଭୋଜି ପାଇଁ ଚିକେନ ତର୍କାରୀ",
ଟିଭିରେ ନାଁ ବାଜିଲା ଗାଁ ପାଇଁ ଗର୍ବ
ଦିଦି ତୁମେ ନିଆରା ସବୁ କର୍ମୀଙ୍କ ଠାରୁ
ତୁମେ ତ ହାଣ୍ଡିକ ଭାତରୁ ଭାତଟିଏ
ସଂସାର ଜାଣିଲା ତୁମ ମହକ ଅପୂର୍ବ ।

ତୁମେ ତୁମ୍ଭର ସ୍ୱାଭିମାନ ରେ ଅଟଳ
ତୁମେ ତୁମ କର୍ମର ମହାନ,
ପ୍ରକୃତ ପ୍ରତିଭାଗୀ ସୁଭଦ୍ରା ଯୋଜନାର
ତୁମେ ସୁଭଦ୍ରା ଯୋଜନା ରୁ ପ୍ରାପ୍ତ ଅର୍ଥ
ସଂସାର ସ୍ୱାର୍ଥରେ କରିଛ ତଲ୍ଲିନ,"
ତାଳଗଛରେ ବାଇ ଚଢ଼େଇ ଝୁଲିବା ପରି
ତୁମେ ସୁତା ଖିଅରେ ଝୁଲିବି ......
ଦୁନିଆଁରେ ଠାକୁରାଣୀ ପରି ହୋଇଛ ପୂଜ୍ୟ,
ଏଣୁ ତୁମକୁ ମୁଁ ଏମିତି ବାରମ୍ବାର ଦେଖିବି
ଛଳ ଛଳ ଆଖିର ବୁଝିବି ତୁମରି ମଗଜ ।

ତୁମେ ନୀଳ ଆକାଶରୁ ମହାନତା
ଆଣି ଶାଢ଼ି କୁ ରଙ୍ଗେଇଛ ବୋଲି

ISSN NO.
2582-208X

ଆଜି ବୁଣିଛ କିରଣ ଭରଷା,
ଆଷା ହୋଇ ସାଜିଛ ଅନ୍ତର ଆକାଂକ୍ଷା,"
ତୁମେ ପରା ଦୁସ୍ତ ଟେ ପାଇଁ ଆଶ୍ୱାସନା
ତୁମ କର୍ତ୍ତବ ସହ କିଏ ହୋଇବ ତଉଲ ,
ତୁମେ ପରା ସିମିତ ସମ୍ବଳ ଭିତରେ
ନିଜ କଥା ବୁଝ ପୁଣି କିଣି ଖାଅ ଚାଉଳ ।

ଏମିତି କିଛି କରିଛ ତୁମେ କର୍ମ
ସବୁ ବେତନ ଭୋଗୀ ଙ୍କ ପାଇଁ,
ମାଖିଛ ଦାରିଦ୍ରତା ଭିତରେ ଶିତଳ ମଲମ
ତୁମେ ସତେ କେତେ ମହାନୁଭବ,
ପ୍ରେରଣା ହୋଇ କର୍ମଜୀବି ନାରୀଙ୍କ ପାଇଁ
ହୋଇଛ ଗର୍ବ ଓ ଗୌରବ,,
ଏମିତି ଆଶା ରେ ଅନେକ ଅଛନ୍ତି,
ରାସ୍ତାକଡ଼ରେ ଅନେକ ବସନ୍ତି,,
ଦେବଭୂମି ରାସ୍ତା କଡ଼କଥା ନ କହିଲେ ଭଲ ।

କିନ୍ତୁ ଆତ୍ମ ନିର୍ଭର ପାଇଁ ତୁମେ ତ
ସଂଚ୍ଚାରିଲ ଜାଗରଣ ସବୁ ମହିଳା ମଧ୍ୟେ
ଏମିତି କେତେ ଲୋକ ଜିରାରୁ ଶିରା ବାଛନ୍ତି,
ତୁମ ମହାନତା କୁ ଅନ୍ୟ ଅର୍ଥର ନିଅନ୍ତି,,
ଏମିତି କେତେ ଫଟୋ ଓ ଚ୍ଚଳ ଛବି ଉଠେ
କିନ୍ତୁ ପ୍ରେରଣା କଥା ଉଠିଲେ ସବୁ ଭାବ ଡୁବେ
କହିବା ଲୋକ କହନ୍ତି ଅନେକେ କଥା
କିନ୍ତୁ ତୁମେ ଜାଣ ହୋଇଛ ପ୍ରେରଣାର ଉତ୍ସ
ଦୁର୍ଗମର ପଥ ଭେଦୀ ହୋଇଛ ବିଜେତା ।

ମାଲାକାନଗିରି, ଓଡ଼ିଶା

ISSN NO.
2582-208X

# ନୂଆ ବର୍ଷରେ କିଛି ନୂଆ କଥା



ନରଞ୍ଜନ ସାହୁ

ନୂଆ ବରଷରେ ନୂଆ ନୂଆ ସ୍ୱପ୍ନ
ଉଙ୍କି ମାରିଥାନ୍ତି କେତେ
ନୂଆ ବରଷରେ ନୂଆ ସମ୍ଭାବନା
ସଂକଳ୍ପ ଯାହାକୁ ଯେତେ ।

ନୂଆ ବରଷରେ ପ୍ରତିଜ୍ଞା ଅନେକ
ପୂରଣ ହୋଇବ ଆଶା
ନୂଆ ବରଷରେ କାମନା କରନ୍ତି
ବର୍ଷଯାକ ହେବ ଖାସା
ନୂଆ ବରଷରେ ଆକାଂକ୍ଷା ଆସଇ
କରି ପାରିବିନି ଏତେ ।

ନୂଆ ବରଷରେ ନୂଆ ଅନୁଚିନ୍ତା
ଏହି କାନ କେତେ ଶୁଣେ
ନୂଆ ବରଷରେ ଆଗେଇବା ମନ୍ତ୍ର
ବୁଦ୍ଧିଆଣି ଜାଲ ବୁଣେ
ନୂଆ ବରଷରେ ନୂଆ କାମ କର
ଯେତେ ପାର ତୁମେ ସେତେ ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# କୁଆଁତାରା



ବିଶ୍ୱନାଥ କର

କୁଆଁତାରା ଉଠିବା ବେଳକୁ
କଲେଜ ବେଳର ସ୍ମୃତି ସବୁ
ଝରିପଡୁଥାଏ କବିତା ହୋଇ
ସେ ଅନାମିକା ଡାଏରିର ଛିନ୍ନ ପୃଷ୍ଠା ରୁ
ମନଛୁଆଁ ଫଗୁଣ ର ମିଠା ମିଠା କଥା
ଧୋଇ ଦେଉଥାଏ ନିଃସଙ୍ଗତା ।

ତମର ବି ନିଦ ଭାଙ୍ଗିଯାଉଥିବ
ଭୋର ବେଳର କୁଆଁତାରାର ଡାକରେ
ଘରସାରା ଚହଟି ଉଠୁଥିବା ତମ ଗଭୀର ବାସ୍ନା
ଉତୁରି ପଡୁଥିବ ତମ ନିଃଶବ୍ଦ ହାଇରେ ।

ଯେଉଁ ବସନ୍ତ ଚାଲି ଯାଇଛି
ଫୁଲ ଫୁଟେଇ ମହକ ଛାଡ଼ି
ଓଲଟ ପାଦରେ ଫେରେ
ହଜିଲା ସମୟର ଘୋଡା ପିଠିରେ,
ମୋ କପାଳର କଟାଦାଗ
ଶ୍ରାବଣୀ ର ଗୀତ
ହାଲୁକା ହାଲୁକା ଶୀତରେ
ଇତିହାସ ର ନୋଟ୍ ଖାତା ଓଲଟାଏ ।

ନୀଳବର୍ଣ୍ଣ ର ଅନ୍ଧାର ଭିତରେ
ବେଳାଭୂମି ର ଭଙ୍ଗା ରୁଜା ଘର

ISSN NO.
2582-208X

ପାଉଁଶ ତଳୁ ଉଠି ସଜାଡେ ନିଜକୁ
ତମ ପଳାୟନ ର ରାସ୍ତା ରେ
ଲିଭିଲା ଦୀପକୁ ଜଳାଏ
ଚଉଠ ଶତାବ୍ଦୀ ତଳେ ଯାହା ଲିଭିଯାଇଥିଲା
ଆମ ରାସ୍ତା ର ଠିକଣା ।

ମୋ ଓଠକୁ ଛୁଇଁ ଥିବା ତମ ଓଠ
ତମ କୁଆଁରୀ ଓଠର ହସ
ଯାହା କୂଳ ଖାଉଥିଲା ନଦୀ ତୀରେ
ନୀଳ ଉପତ୍ୟକା ର ଦ୍ୱିତୀୟା ଜହ୍ନର ସାଥେ
ରଚିଥଲା ଯେତିକି କାହାଣୀ
ସବୁ ଆଜି ପଚୁଛି କଫିନ ଭିତରେ ।

କୁଆଁତାରା ନାଲି ଓଠର ଚୁପିଚୁପି ହସ
ମୋ ଛାତିରେ ବୁହେଇଦିଏ
ଦୁଇଟି ଛାଇର ଝାପ୍ସା ଅନୁଭବ
ବାଇଚଢେଇ ହୋଇ ଝୁଲୁଛି ଯାହା
ଇନ୍ଦ୍ରଧନୁ ର କ୍ରୁଶ ରେ ।

ମୋ ଛାତିରେ କିଛି ଆର୍ଦ୍ର ଭୂମିର ଓଦାଗନ୍ଧ
କିଛି ରାଗ ଅନୁରାଗ
ଝରାଫୁଲ ର କିଛି କବିତା
କ୍ରୁଶ ବିଦ୍ଧର ଯନ୍ତ୍ରଣା
ସବୁ ଆଜି କୁଆଁ ତାରା ହୋଇ
କଲେଜବେଳର ସ୍ମୃତି କୁ ଚିଆଁଏ
କବିତା ହୋଇ ଝରିଯାଏ
ଝରା ସେଫାଳୀ ପାଖୁଡ଼ା ଉପରେ ।

ସାଇ କଲୋନୀ, ଦେଉଳସାହି, ତୁଳସୀ ପୁର,
କଟକ-୭୫୩୦୦୮ ସମ୍ପର୍କ-9776332639
ମେଲ୍: biswanathkar1956@gmail.com

ISSN NO.
2582-208X

# "ମମତାମୟୀ ଚୌଧୁରୀଙ୍କ ଉପନ୍ୟାସ: ଏକ ତାତ୍ତ୍ୱିକ ବିଶ୍ଳେଷଣ"





ବିପଦ କୁମାର ବାରିକ

ଡକ୍ଟର ବନଜବାସିନୀ ବାରିକ

ସାରାଂଶ :

ବୈଶ୍ରବଣୀ ଉପନ୍ୟାସର ସ୍ରଷ୍ଟା । ଏକବିଂଶ ଶତାବ୍ଦୀର ବରିଷ୍ଠ ଔପନ୍ୟାସିକା ମମତାମୟୀ ଚୌଧୁରୀଙ୍କ ଏଯାବତ୍ ପ୍ରକାଶିତ ସମଗ୍ର ଉପନ୍ୟାସକୁ ଗବେଷକର ଗବେଷଣା ଦୃଷ୍ଟିକୋଣ ନେଇ ଏକ ସଂକ୍ଷିପ୍ତ ବିଶ୍ଳେଷଣାତ୍ମକ ପଦ୍ଧତିରେ ଆଲୋଚନା କରିବା ହେଲା ଏହି ପ୍ରବନ୍ଧର ଉଦ୍ଦେଶ୍ୟ । ମମତାମୟୀ ଚୌଧୁରୀଙ୍କ ଉପନ୍ୟାସକୁ ନାରୀବାଦୀ ଚିନ୍ତା ଚେତନା ଠାରୁ ଆରମ୍ଭ କରି ରାଜନୀତିକ, ମିଥର ପୂର୍ଣ୍ଣ ମୂଲ୍ୟାୟନ, ବିସ୍ଥାପନ, ଜଗତୀକରଣ, ପ୍ରେମ ମୂଳକ, ସ୍ଥିତିବାଦ ଦର୍ଶନ, ଶ୍ରେଣୀସଂଘର୍ଷ, ମାର୍କ୍ସବାଦ ଓ ଏକବିଂଶ ଶତାବ୍ଦୀର ସାମାଜିକ, ସାଂସ୍କୃତିକ, ଐତିହାସିକ ତଥା ଆର୍ଥନୀତିକ ପୃଷ୍ଠଭୂମିକୁ ନେଇ ତାଙ୍କର ଉପନ୍ୟାସଗୁଡ଼ିକ ଆଲୋଚନା କରିଯିବ ।

ମୂଳଶବ୍ଦ: ସାମ୍ପ୍ରଦାୟିକତା, ମିଥର ନବନିର୍ମାଣ, ଅସହାୟତା, ବିଶ୍ୱାୟନ, ନାରୀ ମନସ୍ତତ୍ତ୍ୱ, ବ୍ୟକ୍ତିକୈନ୍ଦ୍ରିକ

ISSN NO.
2582-208X

ଓଡ଼ିଆ ସାହିତ୍ୟ ଜଗତ ଜଗତରେ ମମତାମୟୀ ଚୌଧୁରୀ ଏକ ପ୍ରତିଷ୍ଠିତ ଲେଖକା ଭାବରେ ପରିଚିତ । ସେ ଏକା ଧାରରେ ଔପନ୍ୟାସିକା, ଗାଳ୍ପିକା, କବି ଓ ସମାଲୋଚିକା ଭାବରେ ପାଠକମାନଙ୍କ ନିକଟରେ ନିଜର ପରିଚୟ ସୃଷ୍ଟି କରି କରିପାରିଛନ୍ତି । ମାନବବାଦର ମାର୍ମିକ ଉଚ୍ଚାରଣ, ଜୀବନବୋଧର ଅଦମ୍ୟ ଆବେଗ ଓ ସାମାଜିକ ପ୍ରତିବଦ୍ଧତାର ଅନାବିଳ ସ୍ଫୁରଣ ତାଙ୍କ ନାରୀକୈନ୍ଦ୍ରିକ ଉପନ୍ୟାସର ଭୂମି ଓ ଭୂମି ଭୂମିକା । ନାରୀ-ଚରିତ୍ରର ସଫଳ ମନସ୍ତାତ୍ତ୍ୱିକ ଉଦ୍‌ବେଳନର ମର୍ମସ୍ପର୍ଶୀ ଅବତାରଣା ତାଙ୍କ ଉପନ୍ୟାସର ବିଶେଷ ଦିଗ । 'ଦିଗ୍‌ବଳୟ ଏଠି ନୁହେଁ' ଉପନ୍ୟାସଠାରୁ ଆରମ୍ଭକରି 'ମୁଁ ଯୁଦ୍ଧ ଚାହେଁ' ଉପନ୍ୟାସ ପର୍ଯ୍ୟନ୍ତ ଦୀର୍ଘ ଛବିଶ ଖଣ୍ଡ ଉପନ୍ୟାସର ତାଙ୍କର ବ୍ୟାପ୍ତି ଓ ଦୀପ୍ତି। ମମତାମୟୀଙ୍କ 'ବୈଶ୍ରବଣୀ' ଉପନ୍ୟାସ ରାମାୟଣବନ୍ଦିତ ଖଳନାୟିକା ସୂର୍ପଣଖା ଚରିତ୍ରର ଏକ କୋମଳ ମାନବୀୟ ସତ୍ତାର ମନୋଜ୍ଞ ଅନ୍ତଦୋଳନ । ଏହି ପୁସ୍ତକ ପାଇଁ ସେ ୨୦୧୦ ବର୍ଷର ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ । ବୃତ୍ତିରେ ଅଧ୍ୟାପିକା ଥିବା ମମତାମୟୀ ଚୌଧୁରୀ ବର୍ତ୍ତମାନ କେନ୍ଦ୍ରୀୟ ଜବାହାର ନବୋଦୟ ବିଦ୍ୟାଳୟ, ଭୁବନେଶ୍ୱର, ଖୋର୍ଦ୍ଧାରେ କାର୍ଯ୍ୟରତ । ଯଦିବା ଅଧ୍ୟାପନା ତାଙ୍କର ପେଶା, ତେବେ ଲେଖିବା ହେଉଛି ତାଙ୍କର ନିଶା । ସେ ଉପନ୍ୟାସ, ଗଳ୍ପ, କବିତା, ପ୍ରବନ୍ଧ, ସମାଲୋଚନା ଆଦି ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସଫଳ ହୋଇପାରିଛନ୍ତି । ଏପର୍ଯ୍ୟନ୍ତ ତାଙ୍କର ପ୍ରକାଶିତ ହୋଇଥିବା ପୁସ୍ତକ ଗୁଡ଼ିକ ହେଲା :- ଗଳ୍ପ ସଙ୍କଳନ- ନିବିଡ଼ ନିର୍ଜନତା, ଛିନ୍ନମସ୍ତା, ଶତାବ୍ଦୀର ନୀଳପକ୍ଷୀ, ଦିହାତ ମାଟିର ଭୂଗୋଳ, ବଜାର, ଭୋକର ରଙ୍ଗ ସାଦା, ଶ୍ରେଷ୍ଠଗଳ୍ପ, ଏକ୍ସ ଫେକ୍ଟର, ଅନୁତ୍ତରିତ, କ୍ଷିତିଜ୍ ୟେ ନେହିଁ, ନିର୍ବାଚିତ ଗଳ୍ପ, ଏକତରଫା, ଦୃଶ୍ୟାନ୍ତର, ଦି ଗ୍ରୀନ୍ ମାଇଲ୍ ଏଣ୍ଡ ଅଦରଷ୍ଟୋରୀ, ଗହନବନେ । କବିତା ସଙ୍କଳନ- ଅର୍ଦ୍ଧେକ ଜୀବନ, ଧୂଆଁର ଜ୍ୟାମିତି, ଇଶ୍ୱରୀ ଏକ୍ ଜିନ୍ଦେଗୀ (ହିନ୍ଦୀ ଅନୁବାଦ), ପକ୍ଷୀଣୀ, ନାରୀ ଓ ଅନ୍ୟାନ୍ୟ କବିତା, ଫିନିକ୍ସ, ଫେମିନିଟି (ଇଂରାଜୀ ଅନୁବାଦ) । ଉପନ୍ୟାସ ସଂକଳନ- 'ଦିଗବଳୟ ଏଠି ନୁହେଁ', 'ସାରାଂଶ', 'ବୈଶ୍ରବଣୀ', 'ହୋମୋସାପିଏନ୍ସ', 'ଯଦି ଋତୁ ବଦଳେ', 'ଅନିନ୍ଦିତାର ଡାଏରୀ', 'ସରୀସୃପ', 'ଦୁର୍ଗ ତଥାପି ଭାଙ୍ଗେ ନାହିଁ', 'ବନ୍ଧନୀ', 'ସ୍ଥିତି ସଂହିତା', 'କ୍ୟାମ୍ପସ୍ କ୍ୟାମ୍ପସ୍', 'ଜିରୋ', 'ଭୂମୀ' 'ଧାରା ଏକୋଇଶ', 'ଅନ୍ତରୀକ୍ଷରେ ସାତରାତି', 'ଫର୍ଚ୍ଚା', 'ଅଂଶୀ', 'ଶୂନ୍ୟଦେହୀ' 'ମରୁଦ୍ରୋହ', 'ଲୁହା', 'ନିଆଁ' 'ରାଣୀ', 'ଇଭ୍', 'ଅନ୍ଧ ରବିବାର', 'ଭଉଁରୀ', 'ମୁଁ ଯୁଦ୍ଧ ଚାହେଁ' ଆଦି ଉପନ୍ୟାସ ରଚିତ ହୋଇଅଛି । ପୁରସ୍କାର ଓ ସମ୍ମାନ- ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର - ୨୦୧୦ ମସିହାରେ ବୈଶ୍ରବଣୀ ଉପନ୍ୟାସ ପାଇଁ ପୁରସ୍କୃତ ।

ISSN NO.
2582-208X

ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର- ୨୦୦୬, ଟାଇମପାସ୍ ବୁକର୍- ୨୦୧୦, ଅଦ୍ୱୈତ କଥାସମ୍ମାନ- ୨୦୧୦, କଳିଙ୍ଗପ୍ରଭା ସାହିତ୍ୟ ସମ୍ମାନ ୨୦୦୯, ଅମୃତାୟନ ଉପନ୍ୟାସ ସମ୍ମାନ- ୨୦୦୯, ସାହିତ୍ୟ ଦର୍ପଣ ସମ୍ମାନ- ୨୦୧୬, ଷ୍ଟୋରିମିରର ବେଷ୍ଟ ରାଇଟର - ୨୦୧୬, ଈଶ୍ୱରଚନ୍ଦ୍ର ସାହିତ୍ୟ ସମ୍ମାନ- ୨୦୧୭, କଥାକଳିକା ସମ୍ମାନ- ୨୦୧୮, ଓଡିଶା ବୁକ୍ ଷ୍ଟୋର ସାହିତ୍ୟ ସମ୍ମାନ- ୨୦୧୦, ବାସନ୍ତୀ ନାୟକ ଗଳ୍ପ ପୁରସ୍କାର- ୨୦୦୮, କୋରେଇ ଲେଖିକା ସମ୍ମାନ- ୨୦୧୮, ଶ୍ରୀଚନ୍ଦନ ସାହିତ୍ୟ ଏକାଡେମୀ ସମ୍ମାନ- ୨୦୧୭ ଆଦି ପ୍ରତିଷ୍ଠିତ ସଂଗଠନ ଓ ବିଭିନ୍ନ ଅନୁଷ୍ଠାନରୁ ମମତାମୟୀ ଚୌଧୁରୀ ପୁରସ୍କୃତ ହୋଇଛନ୍ତି ।

ଉପନ୍ୟାସର ସଫଳତା ଭାବ ବୈଚିତ୍ର ଉପରେ ବହୁଭାବରେ ନିର୍ଭର କରେ । ମଣିଷ ମନକୁ ଦୋହଲାଇ ଦେବାଲାଗି ଆବେଗପୂର୍ଣ୍ଣ କଥାବସ୍ତୁଟିଏ ଥିଲେ ପାଠକ ସମାଜର ଉପନ୍ୟାସ ଲୋକପ୍ରିୟ ହୋଇଉଠେ । ଆଲୋଚନାର ସହଜାତ ଦୃଷ୍ଟିରୁ ତାଙ୍କର ଉପନ୍ୟାସର ଭାବଭୂମିକୁ ନିମ୍ନରେ ଆଲୋଚନା କରାଗଲା ।

### ମିଥର ନବନିର୍ମାଣ:

ଆଧୁନିକ ସାହିତ୍ୟର ମିଥ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରତିଷ୍ଠାଲାଭ ପାଇଛି । ଓଡ଼ିଆ ପୌରାଣିକ ମିଥ୍ ଉପନ୍ୟାସ ପରଂପରାରେ 'ବୈଶ୍ରବଣୀ: ସୂର୍ପଣଖାର ସୁପ୍ତ ଇସ୍ତାହାର' (୨୦୦୯) ଏକ ଅନନ୍ୟ ସଂଯୋଗ । ଯେଉଁଠି ରାମାୟଣୀୟ ମିଥ୍ ଚରିତ୍ର ସୂର୍ପଣଖାର ରୂପାନ୍ତରଣ ଘଟିଚି ବୈଶ୍ରବଣୀ ଭାବେ; ଯିଏ ନାରୀସ୍ଥିତି ଓ ଅଧିକାର ନେଇ ସ୍ୱତନ୍ତ୍ର ! ଯା ଭିତରେ ରହିଚି ଅସରନ୍ତି ସମ୍ବେଦନା; ରାକ୍ଷସୀ ହେଲେ ବି ଯା' ଭିତରେ ଭରି ରହିଚି ସଭ୍ୟତା ପ୍ରତି ସକରାତ୍ମକ ଅନୁଚିନ୍ତା ଓ ସାଂସ୍କୃତିକ ଅବବୋଧ । ଯିଏ ଜିଇବାକୁ ଚାହୁଁଚି ପ୍ରେମଭରା ଜ୍ୟୋତ୍ସ୍ନା ତାରକିତ ରମଣୀୟ ରାତି; କିନ୍ତୁ ତା' ହାତରୁ ପ୍ରତିଥର ଖସିଯାଉଚି ସମ୍ଭାବନା; ଆଶଙ୍କାର ଘନଘୋର ଦୁର୍ଗମତା ଭଳି ! ସେଇ କ୍ଷୋଭ ଓ ହତାଶା ଭିତରେ ସେ ପ୍ରତିଥର ନିରୀକ୍ଷଣ କରୁଚି ଯେ ପୁରୁଷତାନ୍ତ୍ରିକ ଅହଂକାର ଦ୍ୱାରା ଚୂରମାର ହୋଇଚି ସ୍ୱପ୍ନନୀଡ଼ ! ତା'ରି ବିରୁଦ୍ଧରେ ହିଁ ଏ ବୈଶ୍ରବଣୀ ଖୋଲିଛି ତା'ର ମୁହଁ ଏବଂ ଆହ୍ୱାନ କରିଚି ସମଗ୍ର ପୁରୁଷଜାତିକୁ ଆଉ ଚେତେଇବାକୁ ଚାହିଁଚି ନାରୀର ଅସ୍ମିତା ! ଆଙ୍ଗୋତ୍ଥାନ ଚାହିଁଚି ନାରୀତ୍ୱର । 'ମିଥ୍' ନେଇ ପାଠକ ସଚେତନ ଥିବାରୁ ପରିଣତିର ଉତ୍କଣ୍ଠା ନ ଥାଏ

ISSN NO.
2582-208X

ବୋଲି ଅନେକ ସମୟରେ ଭାବିଥାନ୍ତି ସମସ୍ତେ ! କିନ୍ତୁ ସୂର୍ପଣଖାର ମିଥ୍ ପରିଣତିଟି କ'ଣ? କ'ଣ ଘଟିଚି ତା'ର ଜୀବନ ପରିଧିରେ ଏତେସବୁ ମନସ୍ତାପ ସତ୍ୱେ; ଏତେ ସ୍ୱପ୍ନଭଙ୍ଗ ପରେ କିଭଳି ପୁଣି ଜିଇ ଉଠିବ ସେ ! ତାହା ହିଁ ଏଭଳି ଉପନ୍ୟାସର ଉତ୍କଣ୍ଠା। 'ମିଥ୍'ର ଏଭଳି ନବ ମୂଲ୍ୟାୟନ ବେଳେ ଅନେକ ସୃଷ୍ଟି ବି ହୁଅନ୍ତି ନୂଆ ମିଥ୍ ଚରିତ୍ର । ଯେଉଁମାନଙ୍କୁ ଆମେ ଦେଖି ନ ଥିଲୁ କେବେ ପୁରାଣର ପରିଧିରେ ଏବଂ ଦେଖିନଥିଲୁ ସେଭଳି 'ମିଥ୍ୟାକାଲ୍ ଥିମ୍'କୁ । ତେଣୁ ସେସବୁ ଦୃଷ୍ଟିରୁ ପୁରାଣର ସୂର୍ପଣଖା ଚରିତ୍ରର ମାଧ୍ୟମରେ ବୈଶ୍ରବଣୀ ଅନନ୍ୟ ।

### ସାମ୍ପ୍ରଦାୟିକତା:

ଆଦିମକାଳରୁ ଭାରତବର୍ଷରେ ବିଭିନ୍ନ ସମ୍ପ୍ରଦାୟ ଏକାଠି ବସବାସ କରି ଆସୁଛନ୍ତି କିନ୍ତୁ ଭାରତବର୍ଷକୁ ଇସଲାମ୍, ଇସ୍ରାଏଲ ଆଗମନ ସହିତ ସଙ୍ଘର୍ଷ ଓ ରକ୍ତପାତର କାହାଣୀ ଲେଖା ଆରମ୍ଭ ହେଲା । ମତ ଓ ଦର୍ଶନରେ ଭେଦ ଆଗରୁ ଶାସ୍ତ୍ରାୟତ ମାଧ୍ୟମରେ ପ୍ରକାଶ ପାଉଥିବା ସମୟରେ, ତାହା ହତ୍ୟା ଓ ଧ୍ୱଂସର ତାଣ୍ଡବଲୀଳା ମଧ୍ୟରେ ସାମ୍ପ୍ରତିକ ସମୟରେ ଏକ ବିରାଟ ସଂକଟ ଦେଖାଦେଇଛି । ନିକଟ ଅତୀତରେ ଭଦ୍ରକ ସହରରେ ହିନ୍ଦୁ ମୁସଲମାନ୍ ଦଙ୍ଗାକୁ ଆଧାର କରି ତାଙ୍କର 'ଫର୍ଚ୍ଚା' ଉପନ୍ୟାସ ଏକ ନବଦିଗନ୍ତ ଉନ୍ମୋଚିତ କରେ । ରକ୍ତପାତ ମଧ୍ୟରେ ଶାନ୍ତି ଓ ମୈତ୍ରୀର ଆହ୍ୱାନ ପ୍ରକାଶକରି ଉପନ୍ୟାସିକା ମାନବିକତାର ଜୟଗାନ କରିଛନ୍ତି । ସେହିଭଳି ଭାବରେ ଲେଖିକାଙ୍କ 'ରାଣୀ' ଉପନ୍ୟାସ ମଧ୍ୟ ବହୁ ଆଲୋଚିତ ହୋଇଛି। ସାମ୍ପ୍ରତିକ ସମୟରେ ନୟାଗଡ଼ ଜିଲ୍ଲାରେ ଘଟିଥିବା ପରୀ ଘଟଣାକୁ ନେଇ ତାଙ୍କର ରାଣୀ ଉପନ୍ୟାସ ରଚିତ । ରାଣୀ ଘଟଣାର ତିନି ମାସ ଭିତରେ ହଜିଯାଇଥିବା ତିନି ଜଣ କନ୍ୟା ଶିଶୁଙ୍କ ଅପହରଣ ଏହିପରି ହୋଇଛି । ଘର ପାଖରେ କୁନି ଝିଅଟି ଖେଳୁଥିବ। କିଛି ଘଣ୍ଟା ପରେ ଖୋଜା ହେଲାବେଳକୁ ସେ ଆଉ ନଥିବ । ଘରଲୋକ ଖୋଜିଖୋଜି ନୟାନ୍ତ ହେଇପଡ଼ିବେ, ନପାଇ ପୁଲିସ୍ ଥାନାରେ ଯାଇ ରିପୋର୍ଟ ଲେଖେଇବେ। ଚାରି କି ପାଂଚ ଦିନ ପରେ ଘର ପାଖ ପୋଖରୀ କି ? ପାଖ ଜଂଗଲରୁ ଶିଶୁର ଖଣ୍ଡଖଣ୍ଡ କଟା ହୋଇଥିବା ଶବ ମିଳିବ। ଏହି ଭଳି ଏକ ନୃସଂଶ ଓ ଅନୁସନ୍ଧିତ୍ସୁ ଘଟଣା ତାଙ୍କ ରାଣୀ ଉପନ୍ୟାସର କଥାବସ୍ତୁ ।

ISSN NO.
2582-208X

### ଶିକ୍ଷାନୁଷ୍ଠାନରେ ଅନୈତିକ ଓ ଅବାଞ୍ଛିତ ପରିବେଶ:

ଭାରତବର୍ଷର ଦୁର୍ନୀତି ସବୁକ୍ଷେତ୍ରରେ ବ୍ୟାପିଯାଇଛି । ଏପରିକି ଶିକ୍ଷା କ୍ଷେତ୍ରରେ ମଧ୍ୟ ବାଦ ପଡ଼ିନାହିଁ । ଅର୍ଥନୀତିକ କ୍ଷେତ୍ରରେ ନୁହେଁ ଜ୍ଞାନ, ଚରିତ୍ର, ଶିଳତା ମଧ୍ୟରେ ଏହା କୀଟପ୍ରାୟ ପ୍ରକାଶକରି ଶୈକ୍ଷିକ ପରିବେଶ ଧ୍ୱଂସ କରି ପକାନ୍ତି । ଗବେଷଣା କ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣ ବ୍ୟଭିଚାରିକ ଆଦିକୁ ପ୍ରକାଶ କରି ତାଙ୍କ ଉପନ୍ୟାସ 'କ୍ୟାମ୍ପସ୍ କ୍ୟାମ୍ପସ୍' ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

### ଅସହାୟତା:

ଅତ୍ୟାଧୁନିକ ଜୀବନଧାରାର ପ୍ରତିଫଳନ ଆମେ ଭୋଗ କରିବାକୁ ଆରମ୍ଭ କରିଛୁ- ଯାହାର ଅନ୍ୟନାମ ଭାବେ ଆମେ 'ଅସହାୟତା'କୁ ଗ୍ରହଣ କରିପାରିବା । ସବୁକିଛି ଥାଇ ମଧ୍ୟ ମଣିଷ ନିଃସଙ୍ଗତା ଭୋଗ କରୁଛି । ପରିବାର ମଧ୍ୟରେ ଥାଇ ମଧ୍ୟ ନଥିବାର ଅନୁଭବ ପାଉଛି । ତା' ମଧ୍ୟରେ ଆପଣାର ଅସ୍ତିତ୍ୱକୁ ପ୍ରକାଶ କରିବାର ଅନନ୍ୟ ଅନୁଭବକୁ ନେଇ ଔପନ୍ୟାସିକା ମମତାମୟୀ ଚୌଧୁରୀ ନିଜ ଉପନ୍ୟାସରେ ପ୍ରକାଶ କରିଛନ୍ତି । 'ଅନିନ୍ଦିତାର ଡାଏରୀ', 'ସାରାଂଶ', 'ହୋମୋସାପିଏନ୍ସ', 'ଯଦି ଋତୁ ବଦଳେ' ଆଦି ଉପନ୍ୟାସରେ ଆମେ ଏହି ଅସହାୟତାର ପରିଚୟ ମିଳିଥାଏ । ଜୀବନର ସାରାଂଶ ଖୋଜୁଥିବା ଗୋଟାଏ ଅନ୍ତରଙ୍ଗ ଆକୁଳତା ହିଁ 'ସାରାଂଶ' ଉପନ୍ୟାସର ଭାବ ପକ୍ଷ । ନାୟିକା 'ଭାବନା' ଓ ଉପନାୟିକା 'ତାରା'ର ଜୀବନାୟନ ହେଉଛି ସମ୍ପର୍କ ଅନ୍ୱେଷଣର ଦୁଇଟି ବାତାୟନ, ଯେଉଁଠି ପ୍ରତ୍ୟୟିତ ହୋଇଥାଏ, ନିଃସର୍ତ୍ତ ଭଲପାଇବାର ଯୁଗାନ୍ତ ସ୍ୱାକ୍ଷର । ଋଷଭ, ଅମିତ ଓ କମଳ ପ୍ରଭୃତି ଚରିତ୍ର, ସେଇଠି ଏକ ସମ୍ଭାବନାର ପ୍ରିଜିମ୍, ଯେଉଁଠି ପ୍ରତିଫଳିତ ହୋଇଥାଏ ଭିନ୍ନଭିନ୍ନ ସମ୍ପର୍କର ଦିଗନ୍ତ । ନାରୀର ବିଶ୍ୱାସ ଓ ଦମ୍ଭ ପାଖରେ ସତେକି ଉଦ୍ଭାସିତ ହୋଇଥାଏ ସେଇଟିକକ; ଲେଖିକାଙ୍କ ଭାଷାରେ ଯାହାକୁ କୁହାଯାଇପାରେ ଜୀବନର ସାରାଂଶ । ବସ୍ତୁ ମୋହ ଓ ସ୍ୱାର୍ଥର ସମ୍ଭୋଗ ପ୍ରକୃତରେ ସମ୍ପର୍କର ପରିଭାଷା ନୁହେଁ । ସବୁ ବିଡ଼ମ୍ବନା ଭିତରେ ତଥାପି ଜୀବନ ବଞ୍ଚିବାର ବିଶାଳ ସଂସାର ଭିତରେ ନିଜନିଜ ଢଙ୍ଗରେ ବଞ୍ଚିବାର ନା ଓ ପରିପୂର୍ଣ୍ଣ ଜୀବନର ଅଳ୍ପଅଳ୍ପ ପ୍ରତିଶ୍ରୁତି । ପ୍ରାପ୍ତିର କାମନାଠୁ ନ ପାଇବାର ନିରାସକ୍ତି ବରଂ ପ୍ରାଣରେ ଅଧିକ ଆତ୍ମବିଶ୍ୱାସ ଆଣିଦିଏ । ନିବିଡ଼ ସ୍ୱପ୍ନର ମଧୁରତା ତେଣିକି ଆତ୍ମାକୁ ଆତ୍ମାକୁ କରିଦିଏ ଅଭିଷିକ୍ତ, ଯେଉଁଠି ହାରିଯିବାର ଗ୍ଲାନି

ISSN NO.
2582-208X

ନ ଥାଏ କି ବାହାନା ଓ ହରେଇବାର ଦୁଃଖ । ଏହି ପରିପ୍ରେକ୍ଷୀରେ ଶ୍ରୀରାଧା କାବ୍ୟରୁ ଗୋଟେ ପଂକ୍ତି ଏଠାରେ ଉଲ୍ଲେଖ କରାଯାଇ ପାରେ :- "ପ୍ରାଣ ଯାଉ, ପ୍ରାଣ ରହୁ, ପାଇ ନପାଇବା, ନପାଇ ପାଇବା, ଦୁଃଖ ସୁଖ ଲାଗିଥାଉ ।"

ମମତାମୟୀ ଚୌଧୁରୀଙ୍କ 'ହୋମୋସାପିଏନ୍ସ', 'ଯଦି ଋତୁ ବଦଳେ' ଉପନ୍ୟାସରେ ମଧ୍ୟ ଆମେ ଏହି ଏକଲାପଣ ଭୋଗିବାର ଚିତ୍ରଟି ଦେଖିବାକୁ ମିଳେ । ସବୁବେଳେ ମଣିଷର ଜୀବନ ବଞ୍ଚିବାପାଇଁ ସଂସାରରେ ଦୁଇଟି ବିକଳ୍ପ ଥାଏ । ଗୋଟିକରେ ଥାଏ ସ୍ୱାର୍ଥ ଓ ସମ୍ଭୋଗପାଇଁ ସାଲିସ୍ କରିନେବାର ସାର୍ଜନା । ଏମିତିକା ଜୀବନଟେ ପାଇ ଜୀଇଁ ରହିବାର ଜଞ୍ଜାଳ ଥାଏ – ଏନ୍ତୁଡ଼ିରୁ ମଶାଣି ପର୍ଯ୍ୟନ୍ତ ଓ ଥାଏ ପୀଡ଼ା ଓ ପ୍ରବଞ୍ଚନାର କଷଣ । ଥାଏ ପୁଣି ଅନେକ ଅସମାହିତ ସଂଶୟ, ଯେଉଁଠି ଜୀବନ ପାଲଟିଯାଏ ଗୋଟେ ଲକ୍ଷ୍ୟହୀନ ଯାତ୍ରା ଏବଂ ଜୀବନଯାକ କେବଳ ଅନାବଶ୍ୟକ କଟାଳକୁ ବେତାଳ ଭଳି ଲାଉ କରି ବାଟ ଚାଲିବାକୁ ହୁଏ ଓ ମଣିଷ ପାଲଟିଯାଏ ଗୋଟେ ବିବଶ ବିକ୍ରମାଦିତ୍ୟ ! ସେହି ରାସ୍ତାଟି ମନେହୁଏ ସହଜ । ରେବିକା, ସୁହାସିନୀ ଭଳି ଚରିତ୍ରମାନେ ସେଇଠି 'ବାଜି' ଲାଗନ୍ତି – ଅନ୍ୟର ମର୍ଜି ପାଖରେ; ମାତ୍ର ସମସ୍ତଙ୍କୁ ଏଇପ୍ରକାର ଜୀବନ ସୁହାଏ ନାହିଁ ବୋଲି ସ୍ୱତନ୍ତ୍ର ପରିଚୟରେ 'ଦୀକ୍ଷା' ମାନଙ୍କର ସ୍ୱପ୍ନ ସବୁ ଠୁଳ ହୁଏ । ଯେଉଁଠି 'ପ୍ରଭଞ୍ଜନ' ନ ଥାଏ କି ଅମ୍ଳାନ । ଥାଏ ଗୋଟେ ସଂକଳ୍ପ ଓ କିଛି ସ୍ୱପ୍ନ । ଥାଏ ପାଦର ଶକ୍ତି ଓ ମନରେ ଗଭୀର ଆତ୍ମବିଶ୍ୱାସ । ସେଇଠି ନିର୍ଭରଶୀଳତାର ଦୁଃଖ ନ ଥାଏ କି ପରାଧୀନତାର ପ୍ରପଞ୍ଚପଣ । ଗହଳି ଭିତରେ ସେଇଠି ଏକଲାପଣ ଆଦୌ ଘାରେନାହିଁ । ନିଃସ୍ୱ ମନେ ହୁଏନାହିଁ କି ଲାଗେନାହିଁ ଠକି ହୋଇଗଲା ଭଳି ଆଉ କାହା ପାଖରେ । ବିବଶତା ନ ଥାଏ, ହତାଶା ବି ନ ଥାଏ । ବଞ୍ଚିବାର ବ୍ୟାକୁଳତା ବହଳ ହୁଏ, ଗାଢ଼ ହୁଏ ସ୍ୱପ୍ନ । ସେହି ଟିକକ ଦମ୍ଭିଲାପଣ ନିକଟରେ ଭାଙ୍ଗିପଡ଼ିବାର ଆଉ ଭୟ ନ ଥାଏ । ଋତୁ ବି ବଦଳେ ଓ ବଦଳିବାକୁ ବାଧ୍ୟ । ସହଜାତ ଓ ସ୍ୱାଭାବିକ ଜୀବନର ପ୍ରକ୍ରିୟାଟି ହେଉଛି ପରିବର୍ତ୍ତନ । ଏହା ପୁଣି ଅବଧାରିତ ଅନିଶ୍ଚିତ । ବିବଶତା ନ ଥିଲେ ସୃଷ୍ଟିର ସୁନ୍ଦରପଣ ନ ଥାଆନ୍ତା କି ଜୀବନରେ ନ ଥା'ନ୍ତା ସରାଗ । ସେ ଶ୍ରୀହରି ହେଉ କି ଶିହରଣ ଅବା ଶିହର ସେମାନେ ଅପେକ୍ଷା କରନ୍ତି ସର୍ବଦା, ସେହି ସମ୍ଭାବନାର ସମୟଟିକୁ, ଯେଉଁଠି ଥାଏ ଫଗୁଣର ପୁଲକ। 'ଆଦିତ୍ୟ' ଓ 'ମିସେସ୍ ଆଦିତ୍ୟ'ଙ୍କ କ୍ରମିକ କ୍ରୀଡ଼ାରେ 'କାଠିପୁତଳି' ପାଲଟି ଯିବାର ଭାଗ୍ୟକୁ ଭୋଗିବା ହୁଏତ ଗୋଟେ ବାହାନା ହୋଇପାରେ; ମାତ୍ର ତାହା ଅପେକ୍ଷାରେ ହିଁ ଅନ୍ୟ ନାମ କେବଳ । 'ଶ୍ରୀ' ପାଇଁ 'ଋତୁ' ବି ଏକ ସୁରଭିତ ତିଥି ଓ ସେହି ତିଥିର ଆଉ

ISSN NO.
2582-208X

ଗୋଟେ ନାଁ ହୋଇଯାଏ 'ଋତୁ' (ନାୟିକା) । କ୍ରୀତଦାସର ଜୀବନଠୁ ଭଲପାଇବାର ବିମୁଗ୍ଧ ବିଭୋରପଣ ଯେ ଶ୍ରେୟସ୍କର – ଏକଥା ଜାଣନ୍ତି 'ଶ୍ରୀ' ଆଉ 'ଋତୁ' । ବିଶ୍ୱାସ ଟିକକ ଅତୁଟ ରହିଲେ, ଭଲପାଇବା ବି ହୁଏ ଅଧିକ ପ୍ରଗାଢ଼; ତେଣିକି ତିଥି ଆଉ ଋତୁ ବଦଳିବାର ଅର୍ଥ ନ ଥାଏ କିଛି । 'ସ୍ୟାଡ଼ୋ ମାସୋଜିମ୍'ର ମନସ୍ତାତ୍ତ୍ୱିକ ଅନୁଶୀଳନରୁ ଆତ୍ମପ୍ରକାଶ କରିଛି ଲେଖିକାଙ୍କ ସଦ୍ୟତମ ଉପନ୍ୟାସ 'ଅନିନ୍ଦିତାର ଡାଏରୀ' । ବଞ୍ଚିବାର ଉଦଗ୍ର ଆକୁଳତ ଓ ସମ୍ପର୍କର ସନ୍ଦିଗ୍ଧ ପରିଭାଷାକୁ ଚିତ୍ରାୟିତ କରିଛନ୍ତି ଏହି ଉପନ୍ୟାସରେ ମମତାମୟୀ ବସ୍ତୁବାଦୀ ଜୀବନର ବିଳାସ – ବିବଶ ମଣିଷକୁ ଉଦ୍‌ବାସ୍ତୁ କରିସାରିଛି । ପ୍ରାଚୁର୍ଯ୍ୟର ମୋହରେ ମଣିଷ ଭୁଲିଯାଇଛି ସମ୍ପର୍କର ସମ୍ବେଗିକ ମହତ୍ତ୍ୱ । ଉପେକ୍ଷାର ଅନ୍ତର୍ଦହନ କିନ୍ତୁ ଏମିତି ଅସହ୍ୟ ଯେ, ସେଇଠି ବଞ୍ଚିବାର ସବୁ ସରାଗ ମନେହୁଏ ମ୍ଳାନ ଓ ଅନାକର୍ଷଣୀୟ । ସେବେ ବଞ୍ଚିବାର ଆଗ୍ରହତକ ହଜିଯାଏ – ପ୍ରାଣରୁ ଓ ମୃତ ସମ୍ପର୍କର ସମାଧି ଉପରେ ସହାବସ୍ଥାନ ସମ୍ଭବ ହୁଏନା । ତିକ୍ତ ହୋଇଯାଏ ସବୁ ମିଠାପଣ । ମରିଯାଏ ସ୍ୱପ୍ନ ଓ ସରିଯାଏ ସନ୍ଦୀପନର ସୁକୁମାରପଣ । ମମତାମୟୀଙ୍କ ଅଭିଧାନରେ କିନ୍ତୁ ପଳାୟନର ସ୍ଥାନ ନାହିଁ, ଅଛି ସରାଗ ଶକ୍ତି – ଜୀବନର ସମ୍ମୋହନ । ସାମ୍ନାସାମ୍ନି ପ୍ରତିକୂଳ ଶକ୍ତି ସହ ଆଖି ମିଳାଇବାର ଦୁରନ୍ତ ବହପ । ଜୀବନକୁ ଯୁଝିବା ଆଉ ପ୍ରତିବନ୍ଧକକୁ ଅତିକ୍ରମ କରିଯିବାର ଏକ ଅନିନ୍ଦ୍ୟ ଉଦ୍‌ବୋଧନ ହେଉଛି ମମତାମୟୀ ଚୌଧୁରୀଙ୍କ ଉପନ୍ୟାସର କଥାଶିଳ୍ପ ।

### ବିସ୍ଥାପନ:

ଆଧୁନିକ ଶିଳ୍ପ ସଭ୍ୟତାର ଚରମ ପରିଣତି । ପ୍ରତିଟି ସଭ୍ୟତା ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ବାହ୍ୟ ବିକାଶକୁ ଗୁରୁତ୍ୱ ଦେବା ଆରମ୍ଭ କରିବା ଫଳରେ ବିଭିନ୍ନ କାରଣରୁ ବିସ୍ଥାପନ ସମସ୍ୟା ଆରମ୍ଭ ହୋଇଛି । ସହର ପରିସର ବୃଦ୍ଧି, ଶିଳ୍ପ କାରଖାନା, ନଦୀବନ୍ଧ, କ୍ଷେପଣାସ୍ତ୍ର ଘାଟି ନିର୍ମାଣ ଆଦି ହେତୁ ହେଉଥିବା ବିସ୍ଥାପନକୁ ଆଜିର ସାହିତ୍ୟିକମାନେ ସାହିତ୍ୟରେ ରୂପ ଦେବାର ପ୍ରୟାସ କରିଛନ୍ତି । ମମତାମୟୀଙ୍କର ବିସ୍ଥାପନ ଏବଂ ତଜ୍ଜନିତ ସାମାଜିକ ସଂକଟକୁ ନେଇ ରାଜନିତୀର ପଶାପାଲିରେ ନିମଜିତ 'ଟର୍ଣ୍ଣକୋଟ' ଚରିତ୍ରମାନଙ୍କର ସଫଳ ଚରିତ୍ର ଚିତ୍ରଣ କରଣ କରୁଥିବା ଉପନ୍ୟାସ 'ସରୀସୃପ' ଏକ ମାଇଲ୍‌ଖୁଣ୍ଟ ଏଥିରେ ଅତ୍ୟୁକ୍ତି ନାହିଁ । ସୁପ୍ରିମକୋର୍ଟ ପାଇଁ ଲେଖିକା ଏଥିରେ ଏକ ଆହ୍ୱାନମୂଳକ ପ୍ରସଙ୍ଗ ଉପସ୍ଥାପିତ କରିଛନ୍ତି ଯେ, ସମଗ୍ର ଜୀବନକାଳରେ ଗୋଟିଏ

ISSN NO.
2582-208X

ପରିବାର କେତେଥର ବିସ୍ଥାପିତ ହୋଇପାରିବ । ହୀରାକୁଦ ନଦୀବନ୍ଧ ଦ୍ୱାରା ସୃଷ୍ଟି ବିସ୍ଥାପନ ସମସ୍ୟାକୁ ସୁନ୍ଦର ଭାବରେ ଲେଖିକା ଉପସ୍ଥାପନ କରାଯାଇଛି । ସେହିଭଳି ଲେଖିକାଙ୍କ 'ଲୁହା' ଉପନ୍ୟାସ ନଗଡ଼ାର ନଗ୍ନ ବାସ୍ତବତା ଓ ଶିଳ୍ପାୟନ ଓ ବିସ୍ଥାପନର ନିଖୁଣ ଚିତ୍ରକୁ ଆଧାର କରି ରଚିତ ହୋଇଛି । ଲୁହା ଉପନ୍ୟାସରେ ସଂରକ୍ଷଣ ସମ୍ପର୍କରେ ଲେଖିକାଙ୍କ ତୀବ୍ର ସ୍ୱର ଦେଖିବାକୁ ମିଳେ। ଲୁହା ଉପନ୍ୟାସରେ ସମୁଦାୟ ପଚିଶି ଗୋଟି ଅଧ୍ୟାୟରେ ମମତାମୟୀ ଚୌଧୁରୀ ସ୍ୱର ସରକାରକୁ ପ୍ରଶ୍ନ? କରିଛନ୍ତି 'ସଂରକ୍ଷଣ ନୁହେଁ ସରକାର, ସୁରକ୍ଷା ଦିଅ'। ଆରକ୍ଷଣ ନୁହେଁ, ନିରୀକ୍ଷଣ କର । ଯେଉଁ ସଂରକ୍ଷଣ, ଆରକ୍ଷଣ ତା'ର ଆତ୍ମସମ୍ମାନକୁ ଦଳିମକଚି ଧୂଳିସାତ୍ କରେ ତାହା ସଂସ୍କରଣସାପେକ୍ଷ । ଯାଅ ସରକାର, ନଗଡ଼ାର ସେଇ ଆଦିବାସୀକୁ ପଚାର ଯିଏ ପାହାଡ଼ର ଦନ୍ଥରା ଛାତିରେ ପୋଡୁରଷ କରି ଜିଇଁବାର ମୂଳମଂତ୍ରକୁ ଉଚ୍ଚାରଣ କରୁଛି । ନା ତା' ପାଖେ ଅଛି ତେଲ, ନା ଅଛି ମସଲା । ନା ସେ ତେଲ ଲଗାଇ ଶିଖୁଛି, ନା ସେ ତେଲ ମାଖୁପାରୁଛି । ନା ସିଏ ମସଲା କଷି ଖାଇପାରୁଛି, ନା ସେ ମସଲାର ମାଲେମାଲ୍ ପ୍ରଚାର କରିପାରୁଛି । ହଁ, ତା' ପାଖରେ ଭୋକ ବ୍ୟତିରେକ ଅଛି ଆଉ ଗୋଟିଏ ଜିନିଷ ଯାହା ସେ ସରକାରକୁ ଦେଇପାରିବ । ସେହି ଭୋଟ୍ ବଦଳରେ ସରକାର, ତମେ ତାକୁ ଦିଅ କଣ ? ! ମଧ୍ୟାହ୍ନ ଭୋଜନ, ରେସନ୍ ଆଉ ସିଲଟଖଡ଼ିର ଉପରକୁ ଯାଇ ଦେଖ ସରକାର, ସେ ତା' ଜାଳିରେ ସଜସଜ ବିଶ୍ୱାସ ନେଇ ତୁମର ସାମାନ୍ୟ ଉପଚାରକୁ ଚାହିଁବସିଛି । ପାରୁଛ ଯଦି ଉଠାଇନିଅ ଏ ସଂରକ୍ଷଣ, ଦିଅ ସମାନ । ମୁଁ ତ କହୁଛି ନା ମୋର ରକିରୀ କ୍ଷେତ୍ରରେ ସଂରକ୍ଷଣ ଲୋଡ଼ା, ନା ସଂସଦରେ ଆସନ ଲୋଡ଼ା । ମୁଁ, ଇତିଶ୍ରୀ ହେମ୍ବ୍ରମ୍ ଆଜି ଏଠାରେ ବ୍ୟକ୍ତିଗତ ଭାବରେ ସ୍ୱୀକାର କରୁଛି ଯେ ମୁଁ କୌଣସି ସଂରକ୍ଷଣର ସୁବିଧା ସୁଯୋଗ ଗ୍ରହଣ କରିବିନାହିଁ, ନା ଜାତିଗତ ସ୍ତରରେ, ନା ଲିଂଗଗତ ସ୍ତରରେ । କି ବାସ୍ତବ କଥା ଓ ଶବ୍ଦରେ ଲେଖିକା ଆଙ୍କି ଦେଇଚିଛନ୍ତି ସେଇ ନଗଡ଼ାର କରୁଣ ଚିତ୍ର ।

### ନକ୍ସଲ ଚେତନା:

ଗତ ଶତାବ୍ଦୀର ଷଷ୍ଠ ଦଶକ ପରବର୍ତ୍ତୀ କାଳରେ ପଶ୍ଚିମବଙ୍ଗରୁ ଆରମ୍ଭ ହୋଇଥିବା ନକ୍ସଲ ଆନ୍ଦୋଳନ ଭାରତବର୍ଷର ବହୁ ଅଞ୍ଚଳକୁ ବ୍ୟାପି ଯାଇଛି । ଅନେକ ଏହାକୁ ପଶୁପତିରୁ ତିରୁପତି ପର୍ଯ୍ୟନ୍ତ ବ୍ୟାପିଛି ବୋଲି କହିଥାନ୍ତି । ଏଥିରୁ ଓଡ଼ିଶା ମଧ୍ୟ ବହୁ ଭାବରେ ପ୍ରଭାବିତ ହୋଇଛି । ଓଡ଼ିଶାରେ ଅରଣ୍ୟ ଘେରା ଜନଜାତି ବହୁଳ ଅଞ୍ଚଳରେ

ISSN NO.
2582-208X

ମାଓବାଦୀମାନଙ୍କୁ ଦେଖୁବାକୁ ମିଳିଥାଏ । ମାଓବାଦୀଙ୍କ ଚଳଣି, ବିଚାରଧାରା ଆଦିକୁ ଚମତ୍କାର ଢଙ୍ଗରେ ଲେଖିକା ତାଙ୍କର 'ଜିରୋ' ଉପନ୍ୟାସରେ ଦେଖାଇଛନ୍ତି ।

### ନାରୀ ଜୀବନର ସ୍ଥିତି:

ଜଣେ ନାରୀ ଭାବରେ ଔପନ୍ୟାସିକା ସମ୍ବେଦନଶୀଳ ମନନେଇ ନାରୀ ଜୀବନର ଦୁଃଖ, ଯନ୍ତ୍ରଣାକୁ ପାଥେୟ କରି ତାଙ୍କ ଉପନ୍ୟାସ ରଚନା କରିଛନ୍ତି । ପ୍ରତିଟି କ୍ଷେତ୍ରରେ ନାରୀ ଜୀବନର ସ୍ଥିତିକୁ ସେ ଯେଉଁ ଭଳି ଭାବରେ ପରଖୁଛନ୍ତି ତାହାର ସାହିତ୍ୟକ ପ୍ରକାଶ ଘଟିଛି ମମତାମୟୀ ଚୌଧୁରୀଙ୍କ ଉପନ୍ୟାସରେ । ଏହି ନାରୀ ଜୀବନରେ ବିଭିନ୍ନ ସ୍ଥିତି ତାଙ୍କର 'ଦିଗବଳୟ ଏଠି ନୁହେଁ', 'ସାରାଂଶ', 'ବୈଶ୍ରବଣୀ', 'ହୋମୋସାପିଏନ୍ସ', 'ଯଦି ଋତୁ ବଦଳେ', 'ଅନିନ୍ଦିତାର ଡାଏରୀ', 'ସରୀସୃପ', 'ଦୁର୍ଗ ତଥାପି ଭାଙ୍ଗେ ନାହିଁ', 'ବନ୍ଧନୀ', 'ସ୍ଥିତି ସଂହିତା', 'କ୍ୟାମ୍ପସ୍ କ୍ୟାମ୍ପସ୍', 'ଜିରୋ', 'ଭୂମୀ' 'ଧାରା ଏକୋଇଶ', 'ଅନ୍ତରୀକ୍ଷରେ ସାତରାତି', 'ଫର୍ଚ୍ଚା', 'ଅଂଶୀ', 'ଶୂନ୍ୟଦେହୀ' 'ମରୁଦ୍ରୋହ', 'ଲୁହା', 'ନିଆଁ' 'ରାଣୀ', 'ଇଭ୍', 'ଅନ୍ଧ ରବିବାର', 'ଭଉଁରୀ', 'ମୁଁ ଯୁଦ୍ଧ ଚାହେଁ' ଆଦି ଉପନ୍ୟାସରେ ଚିତ୍ରାୟିତ ହୋଇଛି ।

ବାମପନ୍ଥୀ ଉଗ୍ରବାଦ ଓ ଏହାର ପରିଣତିକୁ ନେଇ 'ଜିରୋ' ଉପନ୍ୟାସ । 'ସାରା' ଓରଫ 'ସାରିକା' ହେଉଛି ଏହାର ନାୟିକା ଓ ଅଭୟ ହୁଏତ 'ନାୟକ' କିନ୍ତୁ 'ନୀଳାଚଳ' ? 'ଜିରୋ'ର ଭାରକେନ୍ଦ୍ର (Centrali )ରେ ଚିତ୍ର ଢଳଢଳ ହେଉଥାଏ 'ନୀଳାଚଳ' ଆଉ ତା'ର ସାମ୍ନାସାମ୍ନି 'ଦିଶା' – ଯେଉଁମାନେ ଗୋଟେ ସୁନ୍ଦର ସ୍ୱପ୍ନପାଇଁ 'ସକାଳ'ର ଆୟୋଜନରେ ଥାଆନ୍ତି ସଦା ମଗ୍ନ ଆଉ ବିଭୋର । ସେଇଠି ବନ୍ୟା ଲିଲିନ୍ ଏମିତିକି ସାରିକାମାନଙ୍କ ସ୍ଥିତିକୁ ସଂଶୟାଚ୍ଛନ୍ନ ମନେହୁଏ । ମୁନ୍‌ସି ଲାଲ୍ ଓ ଜାଲୁରୀ ମୁଣ୍ଡାର ଚରିତ୍ର କେବଳ ଗୋଟେ ଗୋଟେ ଉପଲକ୍ଷ୍ୟ... ଡମି । ଖାଦ୍ୟ ଓ କ୍ଷୁଧାର କ୍ଷତଟି ଯେବେ ଆଉ ନ ଥିବ । ଯେବେ ନ ଥିବ ଅବିଚାର ଆଉ ଶୋଷଣ । ନ ଥିବ ବିଭେଦ କି ବୈଷମ୍ୟ ସେବେ ପୁନରାୟ ଘୂରିଯିବ ସମୟର ଚକ୍ର । ସେବେ ସନ୍ନ୍ୟାସ ନ ଥିବ କି ? ପ୍ରତିହିଂସା । ପ୍ରତିରୋଧ ଅବା ପ୍ରତିହିଂସାର ବି ନ ଥିବ ସ୍ଥାନ – ଏ ପୃଥିବୀରେ । ପୁଣି ଥରେ ଫେରିଆସିବ ସଭ୍ୟତା, ଯେଉଁଠି ସୁନ୍ଦରପଣର ଶୁଭଶଙ୍ଖ ହେଉଥିବ ନିନାଦିତ । ମଣିଷ ହେବ ମଣିଷ ଭଳି ଓ ଜୀବନ ହେବ ଠିକ୍ ଜୀବନ ପରି, ଯେଉଁଠି ଯନ୍ତ୍ରଣା ନ ଥିବ କି

ISSN NO.
2582-208X

ଦୁଃଖ । ପରିବର୍ତ୍ତନର ପରିଣତିରେ ପବିତ୍ର ଦର୍ଶନର ସ୍ୱପ୍ନିଳ ସମ୍ଭାବନା ହେଉଛି 'ଜିରୋ' – ବୃତ୍ତୀୟ ବିବର୍ତନର ସ୍ୱଚ୍ଛନ୍ଦ ଗତି – ଶେଷରୁ ଆରମ୍ଭ ଓ ପ୍ରତ୍ୟାଶାରୁ ପ୍ରତିଶ୍ରୁତି ।

### ଐତିହାସିକ-ସାଂସ୍କୃତିକ-ସାମାଜିକ-ଅର୍ଥନୈତିକ-ରାଜନୈତିକ ପୃଷ୍ଠଭୂମି:

ମମତାମୟୀ ଚୌଧୁରୀଙ୍କ ଉପନ୍ୟାସ 'ସ୍ଥିତି ସଂହିତା' ଆର୍ଯ୍ୟ ସଂସ୍କୃତିର ସଂସ୍ଥାପନାର ଏକ ବିରଳ ଗାଥା । ଆର୍ଯ୍ୟ ସଂସ୍କୃତିରେ ସିଂହଭାଗ ଦାବୀ କରିଆସିଥିବା ମୁନି, ଋଷିମାନଙ୍କ ଯୁଗଯୁଗର ଅହଂକାରକୁ ମମତାମୟୀଙ୍କ ଏହି ଉପନ୍ୟାସ କେବଳ ଭାଙ୍ଗିନାହିଁ, ବରଂ ଆର୍ଯ୍ୟ ସଂସ୍କୃତିର ନୂତନ ପରିଭାଷାର ସାଂସ୍କୃତିକ ଇତିହାସକୁ ଉନ୍ମୋଚିତ କରିଛି। ସ୍ଥିତି ସଂହିତା ବୈଦିକ ଯୁଗର ଋଷିମାନଙ୍କ ସାଂସ୍କୃତିକ ବିବର୍ତ୍ତନବାଦରେ ଭୂମିକାର ଏକ ଜୀବନ୍ତ ଗାଥା । ଋଷିକା ଲୋପାମୁଦ୍ରା ଏବଂ ଋଷି ଅଗସ୍ତ୍ୟଙ୍କ ଜୀବନଚର୍ଯ୍ୟାରେ ଲୋପାମୁଦ୍ରାଙ୍କ ବୈଦିକ ପ୍ରଜ୍ଞା, ଯୁକ୍ତିନିଷ୍ଠତାକୁ ଚମତ୍କାର ଶୈଳୀରେ ପରିବେଷଣ କରିଛନ୍ତି ମମତାମୟୀ । 'ଅନ୍ତରୀକ୍ଷରେ ସାତ ରାତି' ଉପନ୍ୟାସ ନାରୀବାଦୀ ଦର୍ଶନର ଏକ ନିଛକ ପ୍ରତିଛବି । ଆବେଗ, ସମ୍ମୋହନ, ସଂକର୍ଷଣ ଓ ସଂଘର୍ଷ ଉପରିର୍ଧ ବି ଅଛି ବାସ୍ତବତା ଯାହା ନାରୀ ର ଛାତି ର ଦହଲିଜ୍ ଟପି ଅନାଭରଣ ଭାବେ ଏ ଦୁନିଆ କୁ ସାମ୍ନା କରି ବାର ସାମର୍ଥ୍ୟ ରଖେ ତାଙ୍କ ଚରିତ୍ରଗୁଡ଼ିକ । 'ଧାରା ଏକୋଇଶ' ମଧ୍ୟ ଏକ ନିଛକ ବାସ୍ତବତା ର ସ୍କେଚ୍। ଏଥିରେ ମାନବିକ ଅଧୀକାର କୁ ନେଇ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପ୍ରତି ଅଛି ଏକ ପ୍ରଶ୍ନବାଚୀ । 'ଅଂଶୀ' ଉପନ୍ୟାସିକା ଟି' ଆଷ୍ଟ୍ରାଲ ବଡି' କୁ ନେଇ ରଚିତ ଏକ ଭରଚୁଆଲ୍ ରିଆଲିଜମ୍ ର ଅନ୍ୱେଷଣ କରେ ସତ, ହେଲେ ଏଥିରେ ପରିକଳ୍ପନାର ଆଭୂଷଣ ପିଂଧି ବି ଅଛି ମଣିଷ ର ନିଜ ସ୍ୱତନ୍ତତାର ସତ୍ୟପାଠ। ସେହିପରି 'ଶୂନ୍ୟଦେହୀ' ଉପନ୍ୟାସକୁ ସିଆମିଜ୍ ଟୁଇନ୍ ବା ସଂଯୁକ୍ତ ଯମଜଙ୍କୁ ନେଇ ରଚନା କରାଯାଇଛି । ତ୍ୟାଗ ଓ ନୈସର୍ଗିକ ପ୍ରେମର କଂପନ ଓ ସମର୍ପଣ ରେ ଏହା ସମାହିତ ।

ହେନା ନାରୀର ସମସ୍ତ କୋମଳ ସୌକୁମାଯ୍ୟ ନେଇ ଜନ୍ମ ନେଇଥଲେ ହେଁ, ନିଜ ପ୍ରାଙ୍ଗଣରେ ସୁବାସିତ ମହକ ଭରି ଦେଉଥଲେ ହେଁ, ମାଧବୀ ଲତା ବର୍ଷାରେ ଭିଜି ଅଧିକ ଅନ୍ତରଙ୍ଗ ସୁବାସ ଦେବା ପରି ସ୍ନେହ ବର୍ଷାରେ ସୁଗନ୍ଧ ବାଣ୍ଟୁଥିବା ହେନା ଯେ କେବଳ ନାରୀ ନହେଁ, କମନୀୟ ସଭା ମଧ୍ୟରେ ରହିଥିବା ଅଦମନୀୟ ଅପରାଜିତା ବ୍ୟକ୍ତି ସତ୍ତାଟିଏ, ମମତାମୟୀଙ୍କ 'ମରୁଦ୍ରୋହ' ଉପନ୍ୟାସ ନପଢ଼ିଲେ ଏହାକୁ ଉପଲବ୍ଧି କରିହେବ ନାହିଁ ।

ISSN NO.
2582-208X

ଅତି ସ୍ନେହଶୀଳା ନାରୀଟିଏ ପରିସ୍ଥିତି ଚାପରେ କିପରି ଅନତିକ୍ରମ୍ୟ ହୋଇଯାଏ, ସମସ୍ତ ବ୍ୟବସ୍ଥା ଓ କ୍ଷମତାକୁ କିପରି ସେ ପରାଜିତ କରେ, ନାରୀ ଭିତରେ ରହିଥିବା ଭାବପ୍ରବଣତା ଯେତେବେଳେ ଯୁକ୍ତିପ୍ରବଣ ହୋଇଯାଏ, ସେତେବେଳେ ସମ୍ମୁଖରେ ଥିବା ବିରାଟ ବ୍ୟବସ୍ଥା ରୂପକ ସେନାକୁ ସେ କପରି ଭୂଲୁଣ୍ଠିତ  କରେ, ତାହାର ଅନନ୍ୟ ଉଦାହରଣ ମମତାଙ୍କ ମାନସ କନ୍ୟା 'ମରୁଦ୍ରୋହ'ର ନାୟିକା ହେନା । ପାରଂପରିକ ଭାରତୀୟ ପାରିବାରିକ ଢାଞ୍ଚାରୁ ମୁକୁଳି ହେନା ପରି ଚରିତ୍ରମାନେ କପରି ଭାରତୀୟ ନାରୀର ନୂତନ ରୂପକଳ୍ପ ନିର୍ମାଣ କରନ୍ତି, ତାହାର ଉଦାହରଣ ନାୟିକା ହେନା । ଉତ୍ତର ଆର୍ଥିକ ଉଦାରୀକରଣର ଢାଞ୍ଚା ମଧ୍ୟରେ ରାଜନୀତି-ଅଥର୍ନୀତି କ୍ଷମତାର କେନ୍ଦ୍ର ହୋଇ ଗଣତନ୍ତ୍ରର ଭବିଷ୍ୟତ ତଥା ସମ୍ଭାବନାକୁ ବ୍ୟକ୍ତିବାଦୀ କରିଦେଇପାରୁଛି, ସେହି ନୂତନ ଆର୍ଥିକ-ରାଜନୀତିକ ବ୍ୟବସ୍ଥାର ପୃଷ୍ଠଭୂମିରେ ରଚିତ 'ମରୁଦ୍ରୋହ' ଉପନ୍ୟାସ । ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥାରେ କ୍ଷମତାର ରାଜନୀତିରେ ସର୍ବଦା ନାରୀ ହିଁ ବଳି ପଡ଼େ । 'ମରୁଦ୍ରୋହ'ରେ ତାହା ଘଟି ନାହିଁ । ସମାଜ-କ୍ଷମତାର ଅଲ୍ଲଂଘନୀୟ ସ୍ରୋତକୁ ଜଣେ ଯୁଗଳୀ ସନ୍ତରଣକାରୀ ଯେ ଲଂଘିପାରେ, ତାହା ନିଜ ପୃଥିବୀରେ ଦେଖାଇ ପାରିଛନ୍ତି ମମତାମୟୀ ଚୌଧୁରୀ । ଗୋଟିଏ ପଟେ ଅଲଂଘ୍ୟ ସ୍ରୋତ ମଂତ୍ରୀ ରାଜନ୍, ସେହି ସ୍ରୋତକୁ ଅତିକ୍ରମ କରିବାର ଅତୁଟ ବିଶ୍ୱାସ ରଖୁଥିବା ହେନା, ଏହି ଦୁଇ ଚରିତ୍ର ମଧ୍ୟରେ ଥିବା ପ୍ରତ୍ୟୟ ଓ ସଂଘାତ ଉପନ୍ୟାସକୁ ଆକର୍ଷଣୀୟ କରିପାରିଛି । 'ମରୁଦ୍ରୋହ' ଉପନ୍ୟାସରେ ଅନେକ ସମ୍ଭାବ୍ୟ ଉପନ୍ୟାସର କଥା-ମଞ୍ଜି ଛପି ରହିଛି । ଶେଲୀ ଓ ମହକର ସଂପର୍କ, ସୌରଭର ସପ୍ନ, ହେନାର ନିଃସଙ୍ଗତା, ଇନ୍ଦୁଦେବୀଙ୍କ ଅତୀତ ତଥାପି ଅନାବରଣ ଅପେକ୍ଷାରେ । ଶେଲୀ ଓ ବୁବୁର ସାହାଯ୍ୟରେ ହୁଏତ ହେନା ଆଜି ବିଜୟ ଟିକା କପାଳରେ ନାଇପାରିଛି । କିନ୍ତୁ ଯେଉଁଦିନ ହେନା ସହ ରେବର ସର ଓ ସମଥର୍ନ ମିଶିବ, ସେଦିନ ସାମାଜିକ ନ୍ୟାୟର ଯେଉଁ ଅଲ୍ଲଂଘନୀୟ ସ୍ରୋତ ନିର୍ମାଣ ହେବ, ତାହାକୁ ରାଜନ ପରି କ୍ଷମତାସୀନ ରାଜନେତାମାନେ ଅତିକ୍ରମ କରିବାର ସମ୍ଭାବନା ତ' ଦେଖିବେନି, ବରଂ ଦୂରରୁ ପ୍ରଣିପାତ କରିବେ । ଶେଲୀ, ମହକ ଓ ରେବ ଆସୁଥିବା ସମୟରେ ଲେଖିକା ଦ୍ୱାରା ପୂର୍ଣ ବିକଶିତ ହେବ, ସେତେବେଳେ ଭାରତୀୟ ନାରୀର ନୂତନ ରୂପକଳ୍ପ ନିର୍ମିତ ହେବ ।

ସାହିତ୍ୟରେ ଅର୍ଥ ସହିତ ଶବ୍ଦର ଗୁରୁତ୍ୱ ରହିଥାଏ । ଏହି ଶବ୍ଦ ଉପରେ ଭାରା ଦେଇ ସମଗ୍ର ସାହିତ୍ୟ ସୌଧ ଗଢ଼ି ଉଠେ । ମମତାମୟୀ ଚୌଧୁରୀଙ୍କ ଉପନ୍ୟାସ ଭାବ ଦୃଷ୍ଟିରୁ

ISSN NO.
2582-208X

ଯେତେ ବୈଚିତ୍ର୍ୟମୟ ଶବ୍ଦଗଠନ ଓ ଶୈଳୀ ଦୃଷ୍ଟିରୁ ମଧ୍ୟ ସେତେ ସଫଳ ମନେହୁଏ । ବିଭିନ୍ନ ଭାବଧାରାକୁ ନେଇ ସେ ଉପନ୍ୟାସ ରଚନା କରିଥିବାରୁ ପ୍ରତିଟି ଉପନ୍ୟାସର ଭାଷାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଚରିତ୍ର ଅନୁଯାୟୀ ଭାଷା ଦେବାରେ ମମତାମୟୀ ଚୌଧୁରୀ ସିଦ୍ଧହସ୍ତା । ପ୍ରତୀକ, ଚିତ୍ରକଳ୍ପର ପ୍ରୟୋଗ, ସଂସ୍କୃତ ଶ୍ଲୋକର ପ୍ରୟୋଗ କବିତାର ବ୍ୟବହାରରେ ତାଙ୍କ ଉପନ୍ୟାସ ଇନ୍ଦ୍ରଧନୁ ତୁଲ୍ୟ ସୌନ୍ଦର୍ଯ୍ୟ ମନେହୁଏ ।

ଉପନ୍ୟାସ ମଣିଷ ଜୀବନର ପୂର୍ଣ୍ଣ ପ୍ରତିବିମ୍ବ ପ୍ରକାଶ କରିଥାଏ । ମଣିଷର ବିଭିନ୍ନ ପ୍ରବୃତ୍ତି ନିବୃତି ଉପନ୍ୟାସକୁ ଜଟିଳ-ଜଞ୍ଜାଳ-ଜ୍ୱାଳାମୟ ପ୍ରକାଶ ହେବାପାଇଁ ଅବକାଶ ସୃଷ୍ଟି କରିଥାଆନ୍ତ । ଉପନ୍ୟାସର ଅନ୍ତଃସତ୍ତାରୁ ଗଭୀର ଭାବରେ ଅଧ୍ୟୟନ କଲେ ୟା ଭିତରେ ପ୍ରକାଶ ପାଉଥିବା କେତକ ସାଧାରଣ ସତ୍ୟକୁ ଧରାହୁଏ । କାହାଣୀକଳା ଓ ବର୍ଣ୍ଣନା ଦୃଷ୍ଟିରୁ ଗୋଟିଏ ଉପନ୍ୟାସ ଅନ୍ୟ ଉପନ୍ୟାସଠାରୁ ଅଲଗା ହୋଇପାରେ; କନ୍ତୁ ପ୍ରତ୍ୟେକ ଉପନ୍ୟାସ ଭିତରେ କେତୋଟି ସାଧାରଣ ସତକଥା ଆତ୍ମପ୍ରକାଶ କରିଥାଏ, ଯାହାକୁ ଉପନ୍ୟାସର ପ୍ରାଣଧର୍ମ କୁହାଯାଇ ଥାଏ । ମମତାମୟୀ ଚୌଧୁରୀଙ୍କ ଉପନ୍ୟାସକୁ ଅଧ୍ୟୟନ କଲେ ଜଣାଯାଏ ତାଙ୍କର ବୈଶିଷ୍ଟ୍ୟଗୁଡ଼ିକ ହେଉଛି- ମିଥର ନବନିର୍ମାଣ, ସାମ୍ପ୍ରଦାୟିକତା, ଶିକ୍ଷାନୁଷ୍ଠାନରେ ଅନୈତିକ ଓ ଅବାଞ୍ଛିତ ପରିବେଶ, ଅସହାୟତା, ନାରୀ ଜୀବନର ସ୍ଥିତି, ବିସ୍ଥାପନ, ନକ୍ସଲ ଚେତନା, ନାରୀବାଦ, ମାର୍କ୍ସବାଦ, ନବମାନବବାଦ, ସ୍ଥିତିବାଦ, ଆଦିବାସୀ ଜୀବନ ଚିତ୍ର, ଦଳିତ ଚେତନା, ଐତିହାସିକ, ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ, ରାଜନୈତିକ ଆଦି ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଔପନ୍ୟାସିକା ମମତାମୟୀ ଚୌଧୁରୀଙ୍କ ଉପନ୍ୟାସରେ ପରିଲକ୍ଷିତ ହୋଇଥାଏ ।

### ଉପସଂହାର

ଉପନ୍ୟାସ ହେଉଛି ଜୀବନରେ ଗଦ୍ୟ ମହାକାବ୍ୟ । ମମତାମୟୀଙ୍କ ଉପନ୍ୟାସର ଅଧ୍ୟୟନ କରିବା ଫଳରେ ଏତିକି ମନେହୁଏ କି ଜୀବନରେ ସେ ଯେଉଁ କ୍ଷେତ୍ରକୁ ଆଖି ପକାଇଛି ସେହି ସବୁକୁ ନିଷ୍ଠାପର ଭାବରେ ତାଙ୍କ ଉପନ୍ୟାସରେ ଚିତ୍ରଣ କରିଛନ୍ତି । ତାଙ୍କର ଚରିତ୍ର ଚିତ୍ରଣ, କଥାବସ୍ତୁର ଚୟନ, ଉପସ୍ଥାପନା କୌଶଳ ଓ ଭାଷାଶୈଳୀ ଅନେକ ଦୃଷ୍ଟିରୁ ଅନନ୍ୟ ମନେହୁଏ । ଏକବିଂଶ ଶତାବ୍ଦୀର ଜୀବନ ଯନ୍ତ୍ରଣାର ଚିତ୍ରକୁ

ISSN NO.
2582-208X

ସଫଳ ଭାବରେ ରୂପାୟନ କରି ସାହିତ୍ୟିକ ରୂପ ଦେବାରେ ମମତାମୟୀ ଚୌଧୁରୀଙ୍କ ନାମ ସ୍ମରଣକୁ ନିଆଯାଇ ପାରେ ।

***

### ସହାୟକ ଗ୍ରନ୍ଥସୂଚୀ

### ସହାୟକ ହୋଇଥିବା ବିଷୟ ଅନ୍ତର୍ଭୁକ୍ତ ଉପନ୍ୟାସ

୧. ଚୌଧୁରୀ, ମମତାମୟୀ, ଦିଗବଳୟ ଏଠି ନୁହେଁ, ଭୁବନେଶ୍ୱର, କାଦମ୍ବିନୀ ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୦୭ ।
୨. ଚୌଧୁରୀ, ମମତାମୟୀ, ସାରାଂଶ, ବିନୋଦ ବିହାରୀ, କଟକ, ଓଡ଼ିଶା ବୁକ୍ ଏମ୍ପୋରିୟମ୍, ପ୍ରଥମ ସଂସ୍କରଣ,୨୦୦୯ ।
୩. ଚୌଧୁରୀ, ମମତାମୟୀ, ବୈଶ୍ରବଣୀ, ବିନୋଦ ବିହାରୀ, କଟକ, ନବଦିଗନ୍ତ, ପ୍ରଥମ ସଂସ୍କରଣ, ୨୦୦୯ ।
୪. ଚୌଧୁରୀ, ମମତାମୟୀ, ହୋମୋସାପିଏନ୍ସ, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୩ ।
୫. ଚୌଧୁରୀ, ମମତାମୟୀ, ଯଦି ଋତୁ ବଦଳେ, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୩ ।
୬. ଚୌଧୁରୀ, ମମତାମୟୀ, ଅନିନ୍ଦିତାର ଡାଏରୀ, କଲିକତା, ମଲ୍ଲିକା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୪ ।
୭. ଚୌଧୁରୀ, ମମତାମୟୀ, ସରୀସୃପ, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୬।
୮. ଚୌଧୁରୀ, ମମତାମୟୀ, ଦୁର୍ଗ ତଥାପି ଭାଙ୍ଗେ ନାହିଁ, ଭୁବନେଶ୍ୱର, ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୭ ।
୯. ଚୌଧୁରୀ, ମମତାମୟୀ, ବନ୍ଧନୀ, ଭୁବନେଶ୍ୱର, ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୭।
୧୦. ଚୌଧୁରୀ, ମମତାମୟୀ, ସ୍ଥିତି ସଂହିତା, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୮ ।
୧୧. ଚୌଧୁରୀ, ମମତାମୟୀ, କ୍ୟାମ୍ପସ୍ କ୍ୟାମ୍ପସ୍, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୯ ।
୧୨. ଚୌଧୁରୀ, ମମତାମୟୀ, ଜିରୋ, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୯ ।
୧୩. ଚୌଧୁରୀ, ମମତାମୟୀ, ଭୂମୀ, ୨୦୨୧ ।

ISSN NO.
2582-208X

୧୪. ଚୌଧୁରୀ, ମମତାମୟୀ, ଧାରା ଏକୋଇଶ, ଭୁବନେଶ୍ୱର, ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୨ ।

୧୫. ଚୌଧୁରୀ, ମମତାମୟୀ, ଅନ୍ତରୀକ୍ଷରେ ସାତରାତି,ଭୁବନେଶ୍ୱର, ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୨ ।

୧୬. ଚୌଧୁରୀ, ମମତାମୟୀ, ଫର୍ଚ୍ଚା, ଭୁବନେଶ୍ୱର, ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୨

୧୭. ଚୌଧୁରୀ, ମମତାମୟୀ, ଅଂଶୀ, ଭୁବନେଶ୍ୱର, ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୨।

୧୮. ଚୌଧୁରୀ, ମମତାମୟୀ, ଶୂନ୍ୟଦେହୀ, ଭୁବନେଶ୍ୱର, ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୨ ।

୧୯. ଚୌଧୁରୀ, ମମତାମୟୀ, ମରୁଦ୍ରୋହ , ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୨ ।

୨୦. ଚୌଧୁରୀ, ମମତାମୟୀ, ଲୁହା ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୨ ।

୨୧. ଚୌଧୁରୀ, ମମତାମୟୀ, ନିଆଁ, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୩ ।

୨୨. ଚୌଧୁରୀ, ମମତାମୟୀ, ରାଣୀ, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୨୩ ।

୨୩. ଚୌଧରୀ, ମମତାମୟୀ, ଇଭ୍, ଭୁବନେଶ୍ୱର, ପଶ୍ଚିମା ପ୍ରକାଶନୀ , ପ୍ରଥମ ସଂସ୍କରଣ, ୨୦୨୩ ।

### ସହାୟକ ହୋଇଥିବା ବିଷୟ ଅନ୍ତର୍ଭୁକ୍ତ ପତ୍ରପତ୍ରିକା

୧. ଚୌଧୁରୀ, ମମତାମୟୀ, 'ଅନ୍ଧ ରବିବାର', ଭୁବନେଶ୍ୱର , ପୂଜାସଂଖ୍ୟା , ପକ୍ଷୀଘର ପ୍ରକାଶନୀ, ୨୦୨୩ ।

୨. ଚୌଧୁରୀ, ମମତାମୟୀ, 'ଭଉଁରୀ', ଭୁବନେଶ୍ୱର, ଅମୃତାୟନ ୨୦୨୩ ।

### ସହାୟକ ହୋଇଥିବା ବିଷୟ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ପ୍ରବନ୍ଧ ଓ ସମାଲୋଚନା ପୁସ୍ତକ

୧. କର, ପ୍ରଫେସର ବାଉରୀବନ୍ଧୁ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, କଟକ, ବିନୋଦବିହାରୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ , ୨୦୧୫ ।

୨. ପଟ୍ଟନାୟକ, ପଠାଣି, ରାଉତ, ଭୋଳାନାଥ, ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ (ପ୍ରଥମ ଖଣ୍ଡ) କଟକ, ବିନୋଦବିହାରୀ, ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୬୯।

୩. ପଟ୍ଟନାୟକ, ପଠାଣି, ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ (ଦ୍ୱିତୀୟ ଖଣ୍ଡ) କଟକ, ବିନୋଦବିହାରୀ, ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୯୭ ।

୪. ପାଣିଗ୍ରାହୀ, ଡକ୍ଟର ସୁରେନ୍ଦ୍ରନାଥ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, କଟକ, ବିନୋଦବିହାରୀ, ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୧୯ ।

୫. ବରାଳ, ଡ଼କ୍ଟର ଆଲୋକ, ଉପନ୍ୟାସ ଜିଜ୍ଞାସା କଟକ, ଅରୁଣୋଦୟ ମାର୍କେଟ, ଶଙ୍କରପୁର, ବିଜୟିନୀ ପବ୍ଲିକେଶନ୍, ପ୍ରଥମ ସଂସ୍କରଣ, ୨୦୧୯ ।

ISSN NO.
2582-208X

୬. ସାହୁ, ନାରାୟଣ, ଓଡ଼ିଆ ଉପନ୍ୟାସ ପରିଚିତି (ପ୍ରଥମ ଖଣ୍ଡ) କଟକ, ବିନୋଦବିହାରୀ , ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୨୨ ।

୭. ସାହୁ, ନାରାୟଣ, ଓଡ଼ିଆ ଉପନ୍ୟାସ ପରିଚିତି (ଦ୍ୱିତୀୟ ଖଣ୍ଡ) କଟକ, ବିନୋଦବିହାରୀ, ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୨୨ ।

***

ବିପଦ କୁମାର ବାରିକ
ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର , ଓଡ଼ିଶା

ଡକ୍ଟର ବନଜବାସିନୀ ବାରିକ
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ, ଓଡ଼ିଶା

ISSN NO.
2582-208X

# ତୁମେ ଥାଅ....



ସିମ୍ରନ୍ ସାହୁ

ପ୍ରତିଦିନ ଏକାକୀ ରେ
ଖୋଜି ବୁଲୁଥାଏ ତୁମକୁ ସେଇ ଜହ୍ନ ରାତିରେ
କଥା ହେବାକୁ ତୁମରି ସାଥିରେ
ମୁଁ ପ୍ରଶ୍ନଟିଏ ହୋଇଥାଏ, ତୁମେ ଥାଅ ମୋ ଉତ୍ତରରେ
ଥାଉ ତୁମେ ମୋର ପ୍ରତିଟି ସକାଳର କିରଣ ରେ
ହୃଦୟର ସିଂହାସନ ରେ ବସିଥାଅ ତୁମେ ରାଜା ରୂପରେ
ଫୁଲ ହୋଇ ଫୁଟିଥାଅ ତୁମେ ମୋ ଜୀବନର ବଗିଚାରେ
ଛାଇ ପରି ରହିଥାଅ ସବୁବେଳେ ମୋ ସାଥିରେ
ପାଦରେ ପାଦ୍ ଛନ୍ଦି ଚାଲିଥାଅ ତୁମେ
ମୋ ଜୀବନର ପ୍ରତିଟି ପାହାଚରେ
ତୁମେ ଥାଅ.....
ତୁମେ ଥାଅ.....
ସର୍ବଦା ମୋ ସାଥିରେ, ପ୍ରତି ମୁହୂର୍ତ୍ତରେ

ସ୍ନାତକ ତୃତୀୟ ବର୍ଷା ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ବେଦାନ୍ତୀ



ତ୍ରିପତି ପ୍ରଧାନ

ଭାଷା ବିକାଶର ନନ୍ଦିଘୋଷ ତୁମେ
କୋମଳ କଳିକା ଜ୍ଞାନ ବିକାଶ
ରାଜ୍ୟ ରଜ୍ୟାନ୍ତର ଦେଶ ଦେଶାନ୍ତର
ଲୁପ୍ତ ପ୍ରତିଭାର ପରି ପ୍ରକାଶ (୧)
ଶୋଭା ଅରବିନ୍ଦ ମିଶ୍ର ରବି କାନ୍ତି
ମାସ ସରୋବର ପୁଷ୍ପିତ ବାରେ
ମଧୁ ପାନେ ରତ ପାଠକ ପାଠିକା
ଭ୍ରାମ୍ୟମାଣ ଯନ୍ତ୍ର ଦର୍ଶନ ଦ୍ୱାରେ (୨)
ଗଳ୍ପ ଉପନ୍ୟାସ ଭ୍ରମଣ କାହାଣୀ
ଭକ୍ତି ପ୍ରେମ ଭାବ ଗୀତି କବିତା
ଶିକ୍ଷା ନୀତିଶିକ୍ଷା ଅନୁଭବ ଦୀକ୍ଷା
ଜ୍ଞାନ କର୍ମ ଯୋଗ ଅମୃତ ଗୀତା (୩)
ଜେଜେ ମାତା ଭାବୀ ଭଗ୍ନୀ ଶାଳୀ ସୁତା
ହାଣ୍ଡିଶାଳ କଥା ଲଥା ବଖାଣୀ
ଶିଶୁ ମନଯୋଗ ଉଲ୍ଲାସ ପଠନେ
ବିଭାଗ ତା ନାମେ ରଖିଛି ଜାଣି (୪)
ଆଞ୍ଚଳିକ ତୀର୍ଥ ପର୍ଯ୍ୟଟନ ସ୍ଥଳ
ଦେବାଦେବୀ କଥା କହେ ସକଳ
ବେଦାନ୍ତୀ ଧରିଛି ପୂର୍ବାପର ଗାଥା
ପ୍ରକାଶେ କବିଙ୍କ ରଖିଛି ବଳ (୫)

ସଂସ୍କୃତ ଶିକ୍ଷକ,ଚକଟି,ଗଞ୍ଜାମ

ISSN NO.
2582-208X

# ଓଡ଼ିଆ ସାହିତ୍ୟକୁ ପତ୍ରପତ୍ରିକାର ଦାନ



ତେଜସ୍ୱିନୀ ସାମଲ

ଓଡ଼ିଆ ସାହିତ୍ୟରେ ପତ୍ର ପତ୍ରିକାର ଭୂମିକା ଅନସ୍ୱୀକାର୍ଯ୍ୟ। ପତ୍ରପତ୍ରିକା ଏକ ଅଗାଧ ସମୁଦ୍ର ପରି। ଏହାର ଗଭୀରତା ମାପିବା ସହଜ ନୁହେଁ। ଭାରତରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ପତ୍ର ପତ୍ରିକାର ବହୁଳ ପ୍ରଚାର ଓ ପ୍ରସାର ଘଟିସାରିଥିଲା। କିନ୍ତୁ ଓଡ଼ିଶା ଥିଲା ଏ କ୍ଷେତ୍ରରେ ପଛୁଆ। ପ୍ରଥମେ ମିଶିନାରୀ ମାନଙ୍କ ଉଦ୍ୟମରେ ୧୮୪୪ରେ "ଜ୍ଞାନରଣ "ନାମକ ପତ୍ରିକା w.c. Lesi ଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା। ମିଶିନାରୀ ମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଏକ ସୁଚନାତ୍ମକ ବିବରଣୀ ଉକ୍ତ ପତ୍ରିକାରେ ଦେଖିବାକୁ ମିଳିଥିଲା। ପୁନଶ୍ଚ ୧୮୫୬ ମସିହାରେ "ପ୍ରବୋଧ ଚନ୍ଦ୍ରିକା" ।

ନାମକ ପତ୍ରିକା ମିଶିନାରୀ ମାନଙ୍କ ଉଦ୍ୟମରେ ପ୍ରକାଶିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି କୁ ଗୁରୁତ୍ୱ ଦିଆଗଲା। ମାସିକ ପଞ୍ଜିକା ଏକ ଆକର୍ଷଣୀୟ ଅଂଶ ଥିଲା। ୧୮୬୧ରେ ଖ୍ରୀଷ୍ଟିଆନ ଉର୍ଣ୍ଣାକୁଲାର literary society ତରଫରୁ "ଅରୁଣୋଦୟ" ନାମକ ମାସିକ ପତ୍ରିକା ବାହାର କଲେ ଯାହା ଖ୍ରୀଷ୍ଟଧର୍ମ ସାହିତ୍ୟ ଭାବେ ନିର୍ଦ୍ଦିଷ୍ଟ ଭାବରେ ପ୍ରକାଶିତ ହେଲା। ଉକ୍ତ ତିନୋଟି ପର୍ଯ୍ୟାୟ ଦେଇ ମିଶିନାରୀ ମାନେ ଓଡ଼ିଆ ଭାଷା, ସଂସ୍କୃତି ସମ୍ପର୍କରେ ଅପରିପକ୍ୱ ମାନ ଲେଖା ପ୍ରକାଶ କଲେ। ବିଶେଷ କରି ଅରୁଣୋଦୟ ପତ୍ରିକା ଖ୍ରୀଷ୍ଟଧର୍ମର ବ୍ୟାପକ ପ୍ରଚାର ପାଇଁ ଉଦ୍ଦିଷ୍ଟ ଥିଲା।

ଭାରତରେ ପତ୍ରପତ୍ରିକା ପ୍ରକାଶ କାଳରେ East India ର କେତେକ ଅସନ୍ତୁଷ୍ଟ କର୍ମଚାରୀ ଖ୍ରୀଷ୍ଟିଆନ ମିସନାରୀ ମାନଙ୍କର ଭୂମିକା ପ୍ରଶଂସନୀୟ। ଏମାନେ ଭାରତର ପତ୍ରପତ୍ରିକା ପାଇଁ ଯଥେଷ୍ଟ ଦିଗଦର୍ଶନ ଦେଇଛନ୍ତି। ଏମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପାଶ୍ଚାତ୍ୟ ଶିକ୍ଷା କାରୀ ଭାରତୀୟ ପତ୍ରପତ୍ରିକା ବାହାର କରିବା ପାଇଁ ଯତ୍ନବାନ ହୋଇଥିଲେ ଯାହାର

ISSN NO.
2582-208X

ନେତୃତ୍ୱ ନେଇଥିଲେ ରାଜା ରାମମୋହନ ରାୟ। ଭାରତେନ୍ଦୁ ହରିଷ୍ଚନ୍ଦ୍ରଙ୍କ ଭଳି ଅନେକ ଶିକ୍ଷାବିତ ବ୍ୟକ୍ତିଙ୍କ ଉଦ୍ୟମରେ ପରବର୍ତ୍ତୀ ସମୟରେ ଭାରତୀୟ ପତ୍ରପତ୍ରିକାରେ ବହୁ ହିତୈଷିଣୟୀ ଆଗେଇ ଆସିଲେ। ଓଡ଼ିଆ ସାହିତ୍ୟରେ କ୍ରମବିବର୍ତ୍ତନ କାଳରେ ପତ୍ରପତ୍ରିକାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଆଧୁନିକତା କ୍ଷେତ୍ରରେ ଓଡ଼ିଆ ନବଜାଗରଣ ପତ୍ରପତ୍ରିକାର ଭୂମିକା ବିଶେଷ ମହତ୍ତ୍ୱପୂର୍ଣ୍ଣ। ତେଣୁ ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଫକୀରମୋହନ ସେନାପତି ପତ୍ରପତ୍ରିକା କଥାରେ କହିଛନ୍ତି:-

"ହେ ଗୌରିଶଙ୍କର ଧନ୍ୟ ତୁମ ସାହାସ
ଦୀପିକା ଲେଖିଛ ବସି ତିରିଶ ବର୍ଷ
ନ ମାନି ବିପଦ ବାଧା
ନ ଚାହିଁ ଦେହକୁ
ମନପ୍ରାଣ ସମରପି
ବାହିଛ ବ୍ରତକୁ ।"

ପତ୍ରପତ୍ରିକା କ୍ଷେତ୍ରରେ କର୍ମଯୋଗୀ ଗୌରିଶଙ୍କର ଏବେ ମଧ୍ୟ ସ୍ମରଣୀୟ। ସମ୍ବାଦପତ୍ର ସାମ୍ବାଦିକତା ସ୍ମରଣ ବେଳେ ଉକ୍ଳଳ ଦୀପିକା ସବାଗ୍ରେ। ଆବିଷ୍କୃତ ପତ୍ରପତ୍ରିକା ମଧ୍ୟରେ ପ୍ରଥମ ସାପ୍ତାହିକ ସମ୍ବାଦପତ୍ର ବେଶ ଋଦ୍ଧିମନ୍ତ। ଓଡ଼ିଶାର କୃତକର୍ମ ସାମ୍ବାଦିକ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକର ଚିତ୍ର ଯେପରି ଲିପିବଦ୍ଧ କରି ଯାଇଛନ୍ତି ତାହା ତାଙ୍କ ଆଜିବନ ସାଧନାର ଯର୍ଥାଥ ପରିଚାୟକ। ଉକ୍ଳଳ ଦୀପିକା ୧୮୬୬ରେ ପ୍ରଥମେ ଅଗଷ୍ଟ ୪ ଅକ୍ଟୋବର ରେ କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରଣାୟରୁ ପରିପ୍ରକାଶ କରିଥିଲା। ଏହା ୧୮୬୪ରୁ ପ୍ରଥମେ ଉଦ୍ୟମ କରାଯାଇଥିଲେ ହେଁ ଉନବିଂଶ ଶତାବ୍ଦୀରେ ମୁଦ୍ରଣ ପ୍ରତିଷ୍ଠାକୁ କେନ୍ଦ୍ର କରି ଏହାର ଉନ୍ମେଷ ହେଲା।ଓ୍ଓଡିଆ ସାହିତ୍ୟକୁ ଏହାର ଅବଦାନ ହେଲା:-

୧.ଉକ୍ତ ପତ୍ରିକା ଦ୍ୱାରା ସମ୍ବାଦ ପ୍ରସ୍ତୁତ ହୋଇପାରିଲା।

୨.ଶିକ୍ଷା ସଂସ୍କୃତି ଜୀବନ ସମ୍ବନ୍ଧୀୟ ବିବରଣୀ ଦ୍ୱାରା ମାନବ ଜିଜ୍ଞାସା ବୃଦ୍ଧି ପାଇଲା।

୩.ଓଡିଆ ଭାଷା ସାହିତ୍ୟର ବିଷୟ ଚର୍ଚ୍ଚାର ପ୍ରସାର ଘଟିଲା।

ISSN NO.
2582-208X

୪.ଓଡିଶାର ଅଭାବ ସମ୍ପର୍କୀୟ ବିବରଣୀ ସମ୍ପର୍କରେ ସୂଚନା ପ୍ରାପ୍ତ ହେଲା।

ଯଥାର୍ଥରେ ଓଡ଼ିଆ ଭାଷା ସାହିତ୍ୟର ଜୀବନ ପ୍ରଦୀପ ଶିକ୍ଷାକୁ ଜ୍ୟୋତି ସମ୍ପନ୍ନ କରି ଗଢିତୋଳିବାର ମୁଖ୍ୟ ନେତୃତ ନେଇଥିଲା ଉତ୍କଳ ଦୀପିକା।

ଓଡ଼ିଆ ସାହିତ୍ୟରେ ୧୮୭୩ ଜାନୁଆରୀ ମସିହା ମାସିକ ପତ୍ରିକା ଭାବରେ ନବଜନ୍ମ ନେଲା "ଉତ୍କଳ ଦର୍ପଣ"। ଓଡ଼ିଆ ଗଦ୍ୟ ସାହିତ୍ୟରେ ଏହି ପତ୍ରିକା ଅବସ୍ମରଣୀୟ ଯର୍ଥାଥରେ ଏହା ଥିଲା ଉତ୍କଳ ନବଚେତନାର ବାହକ । ଏହାର ଅନେକ ଅବଦାନ ରହିଛି ଓଡ଼ିଆ ସାହିତ୍ୟ ପ୍ରତି:-

୧. ଏଥିରେ ଉତ୍କୃଷ୍ଟ ଲେଖାମାନ ପ୍ରକାଶିତ ହୋଇଥିଲା।

୨.ରାଧାନାଥ ରାୟ, ମଧୁସୂଦନ, ବିଶ୍ୱନାଥ ଶତପଥୀ, କାର୍ତ୍ତିକ ଚନ୍ଦ୍ର ଚକ୍ରବର୍ତ୍ତୀ ପ୍ରମୁଖ ବିଶିଷ୍ଟ ଲେଖକ ମାନେ ଲେଖା ଲେଖୁଥିଲେ।

୩.ଓଡିଆ ସାହିତ୍ୟରେ ବିଶିଷ୍ଟ ସାହିତ୍ୟିକ କୃତି ମାନଙ୍କର ଆଲୋଚନା ସହ ଓଡ଼ିଆ ସାହିତ୍ୟ ପ୍ରତି ଏହାର ବିପୁଳ ଅଜ୍ଞାନ କୁ ଅସ୍ୱୀକାର କରାଯାଇ ନ ପାରେ।

ଓଡ଼ିଆ ସାହିତ୍ୟ ପ୍ରତି ଯେଉଁ ବିପୁଳ ଦାନ ରହିଛି ସେଥିମଧ୍ୟରୁ "ଉତ୍କଳ ମଧୂପ" ପତ୍ରିକା ଅନନ୍ୟ। ଏହି ପତ୍ରିକାର ଯଥେଷ୍ଟ ସୁନାମ ଥିଲା। ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ସମାଲୋଚନା ଏଥିରେ ସ୍ଥାନ ପାଇଥିଲା।୧୮୭୮ରେ ନୂଆ କଳେବର ନେଇ ଆତ୍ମ ପ୍ରକାଶ ହୋଇଥିଲା।ଏହାର ନାମକରଣ କୁ ନେଇ ଏକ ଶ୍ଲୋକ ଲେଖା ହୋଇଥିଲା ତାହା ହେଉଛି:-

"କ୍ଷାତେତୁ କାଳୀୟ କବି ପ୍ରସୁନ୍ନ ସଂଘାତ
ବିଦ୍ୟା ମଧୁନି ମଧୂରା ଆଣି ପ୍ରଫୁଲ୍ଲ ଚିତ୍ତ
ସଂଖ୍ୟା ବତାସ ସୁରସୁଭା ପିତାମ
ସମାଚି ମ୍ୟଭତି ମଧୁପ ନବଜାତ ପୁଷ୍ପ।"

ISSN NO.
2582-208X

ଏହା ଓଡ଼ିଆ ସାହିତ୍ୟରେ କଥା ସାହିତ୍ୟ ପ୍ରତି ବିଶେଷ ଅବଦାନ ରହିଥିଲା ଯାହା ଅନସ୍ୱୀକାର୍ଯ୍ୟ।

ଓଡ଼ିଆ ସାହିତ୍ୟରେ "ଶିକ୍ଷାବନ୍ଧୁ" ର ମହତ୍ତ୍ୱ ଉଦ୍ଦେଶ୍ୟ ଥିଲା। ରାଧାନାଥ, ମଧୁସୂଦନ ଙ୍କ ପରି ରଘୁନାଥ ମିଶ୍ର, ପ୍ରଭାକର ଶର୍ମା ଙ୍କ ଲେଖା ଏହି ପତ୍ରିକାର କୋଳମଣ୍ଡନ କରିଥିଲା। ଶିକ୍ଷା ସହ କବିତା, ଗଳ୍ପ, ସମାଲୋଚନା ମଧ୍ୟ ପ୍ରକାଶିତ ହୋଇଥିଲା। ମଧୁସୁଦନ ଙ୍କ ଆକାଶ ପ୍ରତି, ଜୀବନ ଚିନ୍ତା, ରାଧାନାଥ ଙ୍କ ଚନ୍ଦ୍ରଭାଗା ମାନ ଆଲୋଚନା ପ୍ରକାଶ ହୋଇଥିଲା।୧୮୭୬ରେ ସରଳ ଗଦ୍ୟରେ ଜଗନ୍ନାଥଙ୍କ ସମ୍ପର୍କରେ ୧୦ପୃଷ୍ଠା ଲେଖା ହୋଇଥିଲା।

ଓଡ଼ିଆ ଗଦ୍ୟ ସାହିତ୍ୟ ଜଗତକୁ ଏହି ପତ୍ରିକା ବିଶେଷ ଭାବରେ ଋଦ୍ଧିମନ୍ତ କରିଛି।

"ନବସମ୍ବାଦ" ସାପ୍ତାହିକ ପତ୍ରିକା ମାତ୍ର ୧ ବର୍ଷ କାଳ ବଞ୍ଚି ରହିଥିଲା। ଏହି ୧ ବର୍ଷ ମଧ୍ୟରେ ଓଡ଼ିଆ ସାହିତ୍ୟ ଜଗତକୁ ଆଲୋକିତ କରିଥିଲା।

୧. ଏହି ପତ୍ରିକା ସାହିତ୍ୟିକ ମର୍ଯ୍ୟାଦା ରକ୍ଷା କରିଥିଲା ତାହା ନୁହେଁ ଜାତି ଜାତି ଶ୍ରଦ୍ଧା ପ୍ରକାଶ କରିଥିଲା ଯାହା ବାସ୍ତବରେ ବିସ୍ମୟ କର।

୨.ଧର୍ମ, ଶିକ୍ଷା, ସାହିତ୍ୟ, ରାଜନିତି, ଇତିହାସ ସବୁ ବିଷୟରେ ରଚିପୁର୍ଣ୍ଣ ପରିପ୍ରକାଶ କରିଥିଲା।

୩.ଜାତିପ୍ରାଣରେ ସ୍ୱାଭିମାନର ସଞ୍ଚାର ପାଇଁ, ସମାଜରେ କୁସଂସ୍କାର ଦୂର ପାଇଁ ଏହାର ଯଥେଷ୍ଟ କ୍ଷାତି ଥିଲା।

୪.ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ରାହ୍ମଧର୍ମର କଥା। ରାଜା ରାମମୋହନ ରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ "ଈଶ୍ୱର ମଙ୍ଗଳମୟ" ଶୀର୍ଷକ ଆଖ୍ୟାୟିକା ରଚିତ ହୋଇଥିଲା। ଏଥିରେ ଈଶ୍ୱରଙ୍କ କରୁଣାମୟ ରୂପକୁ ଆକଳନ କରାଯାଇଥିଲା।

ପରବର୍ତ୍ତୀ ସମୟରେ ଯେଉଁ ପତ୍ରିକା ଓଡ଼ିଆ ସାହିତ୍ୟର କଳେବରକୁ ପୃଷ୍ଠା ମଣ୍ଡନ କରିଥିଲା ତାହା ହେଉଛି "ଓଡ଼ିଆ ନବସମ୍ବାଦ"। ଏହା ନୂତନ ସାହିତ୍ୟକର ମାନଙ୍କ ରୁଚିକୁ ନେଇ ଉଭା ହୋଇଥିଲା। ତରୁଣ ସାହିତ୍ୟିକ ମାନଙ୍କୁ ଉତ୍ସାହିତ ପାଇଁ ଏହା ଏକ ନବ ପ୍ରୟାସ

ISSN NO.
2582-208X

ଜାରି ରଖିଥିଲା । ରାମବନବାସ, ତୁଳସୀ ସ୍ତବକ, ବିବଖସିନୀ, ସୀତାବିବାହ ଭଳି ପୁସ୍ତକ ଆଲୋଚନା ଏଥିରେ ପ୍ରକାଶିତ ହୋଇଥିଲା।

୧୮୮୯ ମେ ମାସ ୩୦ ଗୁରୁବାର ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ପୃଷ୍ଠପୋଷକରେ "ସମ୍ବଲପୁର ହିତୈଷଣୀ" ନାମକ ପତ୍ରିକା ପ୍ରକାଶ ହୋଇଥିଲା। ଯାହା ଓଡ଼ିଶାର ସାହିତ୍ୟ, ଇତିହାସ, ରାଜନିତି, ଅର୍ଥନୀତି, ଶିକ୍ଷା, ଭାଷା ସମସ୍ୟା ସମ୍ପର୍କରେ ବିଭିନ୍ନ ବିଷୟ ଆଲୋଚନା ହୋଇଥିଲା।

ଅନେକ ସମୟରେ କବିତା ଆକାରରେ ସାମାଜିକ ରୂପ ପ୍ରକାଶ ପାଉଥିଲା। ଏହା ସହ ପ୍ରାଚୀନ ଆଧୁନିକ ସାହିତ୍ୟ ସଂଘର୍ଷର ରୂପ ବିଚିତ୍ର ଚିତ୍ର ଦେଖିବାକୁ ମିଳୁଥିଲା। ସମାଲୋଚନା ସାହିତ୍ୟର ପ୍ରଗତି କ୍ଷେତ୍ରରେ ମୁଖ୍ୟ ପୁରୋଧା ସାଜିଥିଲା ଏହି ପତ୍ରିକା ଏଥିରେ ଦ୍ୱନ୍ଦ ନାହିଁ।

ମୟୁରଭଞ୍ଜ ରାଜା ରାମଚନ୍ଦ୍ର ଦେଓଙ୍କ ପୃଷ୍ଠପୋଷକରେ ୧୮୯୧ ଏପ୍ରିଲି ବାରିପଦାରୁ "ଉତ୍କଳ ପ୍ରଭା" ଆତ୍ମପ୍ରକାଶ କରିଥିଲା। ଏହା ଆଧୁନିକ ଓଡ଼ିଆ ସାହିତ୍ୟକୁ ବେଶ ସମୃଦ୍ଧ କରିଥିଲା। ଏଥିରେ ରାଧାନାଥଙ୍କ ଚିଲିକା, ମହାଯାତ୍ରା ଭଳି କାବ୍ୟ, ଗଙ୍ଗାଧରଙ୍କ ଇନ୍ଦୁମତୀ ମଧ୍ୟ ପ୍ରକାଶିତ ହୋଇଥିଲା। ପାଠକ ମାନଙ୍କ ଦୃଷ୍ଟିକୁ ମାର୍ଜିତ କରିବା ଉଦ୍ଦେଶ୍ୟରେ ଏହା ପ୍ରକାଶ ହେଉଥିଲା। ସାହିତ୍ୟ ସଂସ୍କୃତିର ଆଧୁନିକ ନବନିର୍ମାଣରେ ଏହାର ମହାର୍ଘ୍ୟ ଦାନ ରହିଛି।

ଓଡ଼ିଆ ସାହିତ୍ୟରେ ଅନ୍ୟତମ ସୁନାମଧନ୍ୟ ପତ୍ରିକା ହେଉଛି "ଉତ୍କଳ ସାହିତ୍ୟ "। ପ୍ରବୀଣ ଓ ତରୁଣ ଉଭୟ ଲେଖକଙ୍କ କଳେବରରେ ପ୍ରତ୍ୟେକଟି ପୃଷ୍ଠା ମୁଖରିତ ହେଉଥିଲା। ବ୍ରାହ୍ମଧର୍ମ ସମ୍ବନ୍ଧୀୟ ରଚନାବଳୀ ର ପରିପ୍ରକାଶ ହେଉଥିଲା। ଦର୍ଶନ ସାହିତ୍ୟ, ରାଜନିତି ସାହିତ୍ୟ, ଇତିହାସ ସମ୍ବନ୍ଧିୟ ତଥ୍ୟ ର ସମାହାର ଦେଖାଯାଏ। ନୂତନ ପୁସ୍ତକ ମାନଙ୍କ ଆଲୋଚନା କରାଯାଉଥିଲା। ଫକୀର ମୋହନଙ୍କ ରେବତୀ ଠୁ ଆରମ୍ଭ କରି ଗାରୁଡିମନ୍ତ୍ର ଯାଏ ସମସ୍ତ ଗଳ୍ପ ଏଥିରେ ପ୍ରକାଶିତ। ତାଙ୍କର ସମସ୍ତ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଏହି ପତ୍ରିକାର ଅବଦାନ ଅବସ୍ମରଣୀୟ।

କେନ୍ଦ୍ରାପଡା

ISSN NO.
2582-208X

# ମୋ ଗାଁରେ ସନ୍ଧ୍ୟା



ଦୀପକ ନାୟକ

ଯେବେ ପଶ୍ଚିମ ଆକାଶେ
ରବି ଯାନ୍ତି ହଜି ମୋ ଗାଁରେ ସନ୍ଧ୍ୟା ଆସେ ।
ଧିରେ ଧିରେ ଶୂନଶାନ୍ ନୀରବତା
ଶାନ୍ତ ଲାଗେ ମୋ ଗାଁ ।
କୁନି କୁନି ପିଲାଙ୍କ ଖେଳ
ଭାରି ମଧୁର ଦୃଶ୍ୟ ।
ପକ୍ଷୀମାନଙ୍କ ଲେଉଟାଣି ଗତି
ଦୂର ତାଳଗଛର ବସାକୁ ।
ଦୂରରୁ ଶୁଭି ଆସେ
ଘଣ୍ଟ ଘଣ୍ଟା ସ୍ୱର ।
ମୋ ଗାଁର ନବବଧୂ
ଚଉରା ମୂଳେ ଦିଏ ସଂଜବତୀ ।
ଥିରି ଥିରି ଆସେ ଜହ୍ନ ଆଲୁଅ
କେବେ ସୁନ୍ଦର ଗାଁ ଦାଣ୍ଡ ।
ମୋ ଗାଁ ର ସନ୍ଧ୍ୟା ନିଆରା
ଭିନ୍ନତା ପରିବେଶ ।
ନଦୀ କୂଳ ଶାନ୍ତ ଶୀତଳ ପବନ
ସାଙ୍ଗସାଥିଙ୍କ ମେଳ ।
ମୋ ଗାଁ ସନ୍ଧ୍ୟାରେ
ଧେନୁଙ୍କ ମିଠା ରଡି ।
କୁନି ଶିଶୁର ଥିରିଥିରି ଚାଲି
ମନ ହଜିଯାଏ ଦେଖି ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ନଈ ଗୃହେଁ ...



ହାସ୍ୟମୟୀ ରାଜ୍

କେତେ କେତେ
ବିଲ ବଣ ହରିତ ପ୍ରାନ୍ତର
ବନ୍ଧୁରତା ଗିରି ଅବା କେତେ କାନନର
ବନ୍ଧୁ ବାନ୍ଧି ହସି ହସି ଆସିଛି ତା ସହ
କଳ କଳ ନାଦ କରି
ଧାଏଁ ଅବିରତ
ଛୁଇଁବାକୁ ତୁମ ନୀଳ ଦେହ
ଶୋଇବାକୁ କୋଳରେ ତୁମର ..
ତୋଳିବାକୁ ସ୍ୱପ୍ନ ବାଲି ଘର ।।

ପିଇ ଚାଲିଛି ଅନବରତ
ଆବିଳତାର ତିକ୍ତ ଗରଳ
ସହିଛି କେତେ ଯେ କଷଣ
ତଥାପି ମୋ ଚାଲିବାର ଶେଷ କାହିଁ !!
ଚାଲିଛି ମୁଁ ଚାଲୁଥିବି
ଗୋଟିଏ ଲକ୍ଷରେ
ବାନ୍ଧିହେବା ପାଇଁ
ତୁମ ବାହୁ ବନ୍ଧନରେ...

ISSN NO.
2582-208X

ସିନ୍ଧୁ ଗୋ !
ପ୍ରିୟତମ ମୋର
କିଏ କୁହ ତୁମଠୁ ନିଜର !!
ଜାଣେ ତୁମେ ହିଁ ବୁଝିପାରିବ
ମୋ ହୃଦୟର ସ୍ୱର ।।
ତୁମର ଲବଣତା ଭିତରେ ତ
ଲୁଚିଛି
ମୋ ଜୀବନର ମୁକ୍ତିପଥ
ସେଥିପାଇଁ ତ ଭୂଲିବାକୁ ଚାହେଁ
ମୋର ମଧୁର ଅତୀତ ।।

ଓଗ୍ଳ, ହାଟଡିହି, କେନ୍ଦୁଝର

ISSN NO.
2582-208X

# ବିଜ୍ଞାନର ଅଗ୍ରଦୂତ, ଲୁଇସ ପାଷ୍ଟର୍!



ଅସିତ ମହାନ୍ତ

ଲୁଇସ ପାଷ୍ଟର୍ (୨୭ ଡିସେମ୍ବର ୧୮୨୨ - ୨୮ ସେପ୍ଟେମ୍ବର ୧୮୯୫) ତାଙ୍କର ମହତ୍ୱପୂର୍ଣ୍ଣ ଆବିଷ୍କାର, ମାଇକ୍ରୋବାୟୋଲୋଜି, ଇମ୍ୟୁନୋଲୋଜି ଏବଂ ରସାୟନ ବିଜ୍ଞାନ ଭଳି ବିଭିନ୍ନ କ୍ଷେତ୍ରରେ ଅବଦାନ ହେତୁ ଜଣେ ମହାନ ବୈଜ୍ଞାନିକ ଭାବେ ବିଶ୍ୱରେ ଜଣାଶୁଣା । ତାଙ୍କର ଅନ୍ୟତମ ମହତ୍ୱପୂର୍ଣ୍ଣ ସଫଳତା ହେଉଛି ରୋଗର ଜୀବାଣୁ ତତ୍ୱର ବିକାଶ, ଯାହା ସଂକ୍ରମଣର ବିସ୍ତାର ବିଷୟରେ ଆମର ବୁଝାମଣାରେ ପରିବର୍ତ୍ତନ ଆଣିଥିଲା । ଲୁଇଶଙ୍କର ପରୀକ୍ଷଣ ଏବଂ ପାଷ୍ଟୁରାଇଜେସନ୍ ଉପରେ ଗବେଷଣା ମଧ୍ୟ ଖାଦ୍ୟ ନିରାପତ୍ତାରେ ଉନ୍ନତି ଆଣିବା ଏବଂ ଦୂଷିତ ଖାଦ୍ୟ ଏବଂ ପାନୀୟ ମାଧ୍ୟମରେ ସଂକ୍ରମିତ ରୋଗକୁ ରୋକିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଅଧିକନ୍ତୁ, ଟୀକାକରଣ ଉପରେ ପାଷ୍ଟର୍ ଙ୍କ କାର୍ଯ୍ୟ, ବିଶେଷକରି ତାଙ୍କର ରେବିଜ ଟିକା ବିକାଶ, ଅଗଣିତ ଜୀବନ ରକ୍ଷା କରିଥିଲା ଏବଂ ପ୍ରତିରକ୍ଷା କ୍ଷେତ୍ର ପାଇଁ ଏକ ପଥ ପରିଷ୍କାର କରିଥିଲା । କଠୋର ପରୀକ୍ଷଣ ପାଇଁ ତାଙ୍କର ଉତ୍ସର୍ଗୀକୃତତା ଏବଂ ତାଙ୍କର ଅନୁସନ୍ଧାନର ବ୍ୟବହାରିକ ପ୍ରୟୋଗ ଉପରେ ତାଙ୍କର ଗୁରୁତ୍ୱ ତାଙ୍କୁ ଏକ ମହତ୍ୱପୂର୍ଣ୍ଣ ବୈଜ୍ଞାନିକ ଭାବରେ ପୃଥକ କଲା । ମୋଟ ଉପରେ, ଜଣେ ମହାନ ବୈଜ୍ଞାନିକ ଭାବରେ ଲୁଇ ପାଷ୍ଟର୍ ଙ୍କ ଉତ୍ତରାଧିକାରୀ ତାଙ୍କର ଅଭିନବ ଅନୁସନ୍ଧାନ, ଜନସ୍ୱାସ୍ଥ୍ୟ ଉପରେ ତାଙ୍କର ଗଭୀର ପ୍ରଭାବ ଏବଂ ବୈଜ୍ଞାନିକ ସମ୍ପ୍ରଦାୟ ଉପରେ ତାଙ୍କର ସ୍ଥାୟୀ ପ୍ରଭାବ ରହିଛି । ତାଙ୍କର କାର୍ଯ୍ୟ ବିଭିନ୍ନ ବିଜ୍ଞାନରେ ଅନୁସନ୍ଧାନକୁ ପ୍ରେରଣା ଯୋଗାଇଥାଏ ଯାହା ତାଙ୍କୁ ବିଜ୍ଞାନ ଇତିହାସରେ ଜଣେ ପ୍ରକୃତ ଅଗ୍ରଦୂତ କରିପାରିଥିଲା ।

ISSN NO.
2582-208X

ଲୁଇସ ପାଷ୍ଟର୍ ୨୭ ଡିସେମ୍ବର ୧୮୨୨ ରେ ଫ୍ରାନ୍ସର ଡୋଲରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଜିନ-ଜୋସେଫ ପାଷ୍ଟର୍ ଫ୍ରାନ୍ସର ନାପୋଲିଅନ ବୋନାପାର୍ଟର ଜଣେ ବ୍ୟବସାୟୀ ସୈନିକ ଥିଲେ। ପିଲାଦିନରୁ ଲୁଇଙ୍କ ଭିତରେ ଦେଶପ୍ରେମୀ ଗୁଣ ଦେଖିବାକୁ ମିଳିଥିଲା, ସେ ଫରାସୀ ବିପ୍ଲବରେ ମଧ୍ୟ ସହଯୋଗ କରିଥିଲେ । ଲୁଇ ଅରବୋୟ ର ଏକ ବିଦ୍ୟାଳୟରେ ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ଏବଂ ଉଚ୍ଚଶିକ୍ଷା ପାଇଁ ତାଙ୍କ ପିତା ତାଙ୍କୁ ପ୍ୟାରିସ୍ ପଠାଇଥିଲେ । ପ୍ରକୃତି, ଚିତ୍ରାଙ୍କନ ଏବଂ ରସାୟନ ବିଜ୍ଞାନ ଲୁଇଙ୍କର ପ୍ରିୟ ବିଷୟ ଥିଲା । ଫ୍ରାନ୍ସର ଭାସାକୋ କଲେଜରେ ପଢିବାବେଳେ ଲୁଇ ରସାୟନ ବିଜ୍ଞାନର ମୁଖ୍ୟ ଡ଼ିଉମା ଙ୍କ ନିର୍ଦ୍ଦେଶରେ ରସାୟନ ବିଜ୍ଞାନ ଅଧ୍ୟୟନ କରିଥିଲେ ଏବଂ ପରେ ପଦାର୍ଥ ବିଜ୍ଞାନ ଏବଂ ଜୀବ ବିଜ୍ଞାନରେ ବିଶେଷଜ୍ଞତା ହାସଲ କରିଥିଲେ। ସେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ମଧ୍ୟ ଥିଲେ। ସେ ଫ୍ରାନ୍ସର ଷ୍ଟ୍ରାସବର୍ଗରେ ଜଣେ ପ୍ରଫେସର ଭାବରେ ଶିକ୍ଷାଦାନ କରିଥିଲେ। ଖାଦ୍ୟ ସଂରକ୍ଷଣରେ ତାଙ୍କର ପ୍ରୟୋଗ ବ୍ୟତୀତ ଲୁଇ ମେଡିକାଲ୍ ଜଗତରେ ତାଙ୍କର ଅନେକ ସଫଳତା ପାଇଁ ମଧ୍ୟ ଜଣାଶୁଣା । ଲୁଇ ତାଙ୍କ ପିଲାଦିନରେ ପଶୁ କାମୁଡ଼ିବା କାରଣରୁ ମୃତ୍ୟୁର ସାକ୍ଷୀ ହୋଇଥିଲେ। ଯେତେବେଳେ ଲୁଇ ପେଷ୍ଟର ଛୋଟ ଥିଲେ, ତାଙ୍କର ଜଣେ ବନ୍ଧୁ ନିକୋଲଙ୍କୁ ଏକ ପାଗଳ କୁକୁର କାମୁଡ଼ି ଦେଇଥିଲା, ଯେଉଁଥିପାଇଁ ସେ ମୃତ୍ୟୁ ବରଣ କରିଥିଲେ। ଲୁଇ ତାଙ୍କ ଜୀବନରେ ସେହି ବନ୍ଧୁଙ୍କ ଦୁଃଖକୁ ଭୁଲି ପାରିନଥିଲେ ଏବଂ ତାଙ୍କ ବନ୍ଧୁ ରୁକ୍ସଙ୍କ ସାହାଯ୍ୟରେ ସେ ପାଗଳ କୁକୁରମାନଙ୍କ ଉପରେ ଗବେଷଣା କଲେ ଏବଂ ଏକ ଟିକା ପ୍ରସ୍ତୁତ କଲେ ଯାହା ରୋଗୀଙ୍କୁ 'ରେବିଜ'ରୁ ରକ୍ଷା କରିବାରେ ବୈପ୍ଳବିକ ଥିଲା, ଯାହା ଏକ ପାଗଳ କୁକୁର କାମୁଡ଼ିବା କାରଣରୁ ହୋଇଥିଲା। ରେବିଜ ଏକ ଲାଟିନ୍ ଶବ୍ଦ ଯାହାର ଅର୍ଥ ପାଗଳାମି । ଅନୁସନ୍ଧାନରେ, ଲୁଇ ପେଷ୍ଟର୍ ଜାଣିବାକୁ ପାଇଲେ ଯେ ପାଗଳ କୁକୁରମାନଙ୍କ ପାଟିରୁ ବାହାରୁଥିବା ଫୋମ୍ (ଫେଣ) ସାଂଘାତିକ ଏବଂ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ଲୁଇ କେବଳ କୁକୁରମାନଙ୍କ ଉପରେ ଏହି ଫୋମ୍ ପରୀକ୍ଷା କରିଥିଲେ ଏବଂ ସେମାନଙ୍କ ମଧ୍ୟରେ ଏହି ରୋଗ ବିରୁଦ୍ଧରେ ଆଣ୍ଟିବଡିଗୁଡିକର ବିକାଶ ଅଧ୍ୟୟନ କରିବା ପରେ ସେ ଏକ ଟିକା ପ୍ରସ୍ତୁତ କରିଥିଲେ, ଯାହାର ପ୍ରଥମ ପରୀକ୍ଷଣ କୁକୁରମାନଙ୍କ ଉପରେ ମଧ୍ୟ କରାଯାଇଥିଲା ଏବଂ ଫଳାଫଳ ସକରାତ୍ମକ ଥିଲା । ଲୁଇ ଙ୍କ ଦ୍ୱାରା ପ୍ରସ୍ତୁତ ଆଣ୍ଟି-ରେବିଜ ଟିକା ବ୍ୟବହାର କେବଳ କୁକୁର କାମୁଡ଼ାରେ ନୁହେଁ ବରଂ ବିଲେଇ, ନେଉଳ,

ISSN NO.
2582-208X

ମାଙ୍କଡ଼, ବାଦୁଡ଼ି, ଗଧିଆ ଉପରେ ମଧ୍ୟ ପ୍ରଭାବଶାଳୀ ଥିଲା। ବର୍ତ୍ତମାନ ଏହି ଟିକା ମଣିଷ ଉପରେ ବ୍ୟବହାର କରିବାକୁ ପ୍ରସ୍ତୁତି ଚାଲିଥିଲା।

ଦିନେ ଜଣେ ମହିଳା ତାଙ୍କ ପିଲାକୁ ଦୁଇ ଦିନ ପୂର୍ବରୁ ପାଗଳ କୁକୁର କାମୁଡ଼ିଥିଲା ଏବଂ ପ୍ରତି ଘଣ୍ଟାରେ ଅବସ୍ଥା ବିଗିଡି ଯାଉଥିବା ଶିଶୁକୁ ଚିକିତ୍ସା ପାଇଁ ଲୁଇ ପାଶ୍ଚର୍ ଙ୍କ ପାଖକୁ ଆଣିଥିଲେ। ଯେତେବେଳେ ପାଶ୍ଚର୍ ତାଙ୍କୁ ପ୍ରସ୍ତୁତ ରେବି-ଆଣ୍ଟି ଟିକା ସହିତ ଚିକିତ୍ସା କଲେ, ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା, ପିଲାଟି ବଞ୍ଚିଗଲା । ଲୁଇଙ୍କ ଏହି ମହାନ ସଫଳତାକୁ ସବୁଠାରେ ପ୍ରଶଂସା କରାଯାଇଥିଲା, ଏଥିପାଇଁ ତାଙ୍କୁ ଫ୍ରାନ୍ସ ସରକାର ସମ୍ମାନିତ କରିଥିଲେ ଏବଂ ତାଙ୍କ ନାମରେ 'ପାଶ୍ଚର ଇନଷ୍ଟିଚ୍ୟୁଟ୍' ପ୍ରତିଷ୍ଠା କରାଯାଇଥିଲା। ମାଇକ୍ରୋ ଅଣୁଜୀବ ଅଧ୍ୟୟନ ମାଧ୍ୟମରେ, ଲୁଇ ପାଶ୍ଚର୍ ପାଗଳ କୁକୁର ଏବଂ ପଶୁମାନଙ୍କର କାମୁଡ଼ା ଚିକିତ୍ସା ବ୍ୟତୀତ, କୁକୁଡ଼ାମାନଙ୍କୁ ହଇଜାରୁ ବଞ୍ଚାଇବା , ରେଶମ କୀଟ ରୋଗ, ଗାଇ ଏବଂ ମେଣ୍ଢା ମାନଙ୍କୁ ଆନ୍ଥ୍ରାକ୍ସ ରୋଗରୁ ବଞ୍ଚାଇବା ପାଇଁ  ଆନ୍ଥ୍ରାକ୍ସ ଟିକା, ଇତ୍ୟାଦି ଉଦ୍ଭାବନ କରି ମେଡିକାଲ ଜଗତରେ ଏକ ବିପ୍ଳବ ଆଣିଥିଲେ ଯେଉଁ କାରଣରୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଲା । ଫ୍ରାନ୍ସରେ, ଲୁଇ ପାଶ୍ଚର୍ ଏକ ଈଶ୍ୱରଙ୍କ ପରି ବିବେଚନା କରାଯାଏ, ଯିଏ ମନୁଷ୍ୟର ଦୁଃଖ ଏବଂ ଯନ୍ତ୍ରଣା ଦୂର କରିବାରେ ସାହାଯ୍ୟ କରିଥିଲେ । ପ୍ରତିବର୍ଷ ତାଙ୍କ ମୃତ୍ୟୁ ବାର୍ଷିକୀ ୨୮ ସେପ୍ଟେମ୍ବରରେ ବିଶ୍ୱ ରେବିଜ୍ ଦିବସ ଭାବରେ ପାଳନ କରାଯାଏ, କାରଣ ସେ ୧୮୯୫ ମସିହାରେ ମୃତ୍ୟୁ ପୂର୍ବରୁ ଏହି ଭୟଙ୍କର ରୋଗ ପାଇଁ ଟିକା ତିଆରି କରିଥିଲେ। ଆଜି ଆମେ ଜାଣିଥିବା ପାଶ୍ଚୁରୀକୃତ କ୍ଷୀର ଏହି ବୈଜ୍ଞାନିକଙ୍କ ଅବଦାନ । ତାଙ୍କ ନାମରେ ଏହାର ନାମକରଣ କରାଯାଇଥିଲା  ପେଷ୍ଟୁରାଇଜଡ୍ ଅର୍ଥ ହେଉଛି କ୍ଷୀରକୁ ଏପରି ପ୍ରକ୍ରିୟା ଦେଇ ଯିବା ଯାହା ଏଥିରେ ଥିବା କ୍ଷତିକାରକ ମାଇକ୍ରୋ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଏ । ଲୁଇସ ଜାଣିବାକୁ ପାଇଲେ ଯେ କ୍ଷୀର ଇତ୍ୟାଦିରେ ଏପରି ମାଇକ୍ରୋ-ଅଣୁଜୀବ ରହିଥାଏ ଯାହା ଏହାକୁ ଖଟା କିମ୍ବା ନଷ୍ଟ କରିଦିଏ । ସେ ଦେଖିଲେ ଯେ ଯଦି ଏହି ପଦାର୍ଥଗୁଡିକ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଗରମ କରାଯାଏ, ସେଥିରେ ଥିବା କ୍ଷତିକାରକ ଜୀବାଣୁ ନଷ୍ଟ ହୋଇଯାଇପାରନ୍ତି ଏବଂ ଏହିପରି କ୍ଷୀର ଏବଂ ବଟର ଭଳି ଖାଦ୍ୟ ସାମଗ୍ରୀ ନଷ୍ଟ ନହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖାଯାଇପାରିବ ।

ISSN NO.
2582-208X

ଲୁଇସ ପାଶ୍ଚର୍ ଙ୍କ ଜୀବନର ଶେଷ ଦିନଗୁଡ଼ିକ ଅସୁବିଧାରେ ଅତିବାହିତ ହୋଇଥିଲା ଯେତେବେଳେ ୧୮୬୮ ମସିହାରେ ପକ୍ଷାଘାତ କାରଣରୁ ତାଙ୍କ ଶରୀରର ଅଧା କାମ ବନ୍ଦ କରିଦେଲା । ଲୁଇ ତାଙ୍କର ଶେଷ ଦିନ ପର୍ଯ୍ୟନ୍ତ ଅନୁସନ୍ଧାନ ଜାରି ରଖିଥିଲେ ଏବଂ ୨୮ ସେପ୍ଟେମ୍ବର ୧୮୯୫ ରେ ୭୩ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ। ମାନବିକତା ପାଇଁ ତାଙ୍କର ମହାନ ଅବଦାନ ପାଇଁ ଏହି ମହାନ ବୈଜ୍ଞାନିକ ଆଜି ମଧ୍ୟ ସ୍ମରଣୀୟ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଶୀତୁଆ ସନ୍ଧ୍ୟା



ଅର୍ପିତା ମହାପାତ୍ର

ଶୀତ ଆସିଅଛି ଋତୁ ଆବର୍ତ୍ତନେ
ଲାଗେ ସତେ ପାଟ ରାଣୀ ।
ବୃକ୍ଷ, ତରୁ, ଲତା ହସେ ଖିଲି ଖିଲି
ହୃଦୟକୁ ନିଏ ଜିଣି ॥
ସୁଲୁସୁଲୁ ବହେ ଶିତୁଆ ପବନ
ଦେହେ ଖେଳେ ଶିହରଣ ।
ସାରା ଦିବସର କ୍ଲାନ୍ତି ମେଣ୍ଟିଯାଏ
ଉଲ୍ଲସିତ ହୁଏ ପ୍ରାଣ ॥
ଗୋଧୂଳି ଲଗନ କିଣି ନିଏ ମନ
ହମ୍ବା ରଡି ଗାଈ ଗୋଠ ।
ସନ୍ଧ୍ୟା ଆଳତୀରୁ ଭାସି ଆସେ ବାସ୍ନା
ହସଇ ମନ୍ଦିର ମଠ ॥
କେତେ ମନୋହର ପୌରାଣିକ ଚର୍ଚ୍ଚା
ଭାଗବତ ଟୁଙ୍ଗୀ ଘରେ ।
ପୁରାଣ ପୋଥିର ଆସର ଜମଇ
ଭକତଙ୍କ ଗହଣରେ ॥

ISSN NO.
2582-208X

ସଞ୍ଜ ନଇଁ ଗଲେ ତାରା ଫୁଲ ଫୁଟେ
ଜହ୍ନ ତା ସଜାଏ ଗଭା ।
ଶୀତୁଆ ସନ୍ଧ୍ୟା ସେ ଝୁଲଣାରେ ଝୁଲେ
କି ବର୍ଣ୍ଣିବି ତାର ଶୋଭା ? ॥
ଆକାଶରେ ଉଭା ଫୁଲେଇ ଚାନ୍ଦଟା
ମନକୁ କରାଏ ଖୁସି ।
କମ୍ବଳ, ଚଦର ଖୋଜନ୍ତି ସଭିଏଁ
ଶୀତ ଯେବେ ହୁଏ ବେଶୀ ॥

ଶ୍ରୀରାମପୁର, ରାମଗଡ, ବୌଦ୍ଧ

ISSN NO.
2582-208X

# ହୃଦୟର ଜ୍ୱାଳା ଫେଡି



ପ୍ରଶାନ୍ତ କୁମାର ନାଥ

ବିଶ୍ୱ କର୍କଟ ରୋଗ ଦିବସ ଉପଲକ୍ଷେ
ମୋର କବିତା

ଜୀବନର ପକ୍ଷୀ ନକାନ୍ଦୁ ତ ଲହୁ
ବ୍ୟାଧର ଜାଲରେ ପଡି
ତଥାପି ମଧୁର କର ଅନ୍ତଃ ସ୍ୱର
ହୃଦୟର ଜ୍ୱାଳା ଫେଡି ।

ସବୁଜ ବୃକ୍ଷର ଶୁଖିଯାଏ ମଞ୍ଜ
ବେଦନାର ଅର୍ନ୍ତନାଦେ
ଭାଙ୍ଗି ଯାଏ ମନ ବଞ୍ଚିବାର ଦମ୍ଭ
ଜୀବନରୁ ପାଦେ ପାଦେ ।

ଶିଶୁ ବୃଦ୍ଧ ବୃଦ୍ଧା ଛାଡେନି କାହାକୁ
କରଇ ସେ ଆକ୍ରମଣ
ଭାରି ଅବିବେକି ନିର୍ଦ୍ଦୟ ବେମାର
ଶୋଷି ନିଏ ରକ୍ତ ପ୍ରାଣ ।

ISSN NO.
2582-208X

ଏହି ପୋଡ଼ା ରୋଗ ପୋଡ଼ି ଯିବ କେବେ
ରୋଗରେ ପିଡିତ ହୋଇ
ଶୁଖିଲା ପତର କଅଁଳି ଉଠିବ
ନୂତନ ଜୀବନ ପାଇ।

ବିଜ୍ଞାନ ବିଜ୍ଞାନୀ ହାତ ପହଞ୍ଚିଲେ
ନିଶ୍ଚେ ହେବ ସମାଧାନ
ବ୍ୟାଧର କବଳେ ପଡି ଏହି ପକ୍ଷୀ
କରୁଥିବ ମଧୁ ଗାନ।

ଲୁହ ନୁହେଁ ଏଠି ଲହୁ ବି ଲେଖିବ
ହସର ଫଗୁଣ ଗୀତି
ଶେଷ ଆୟୁଷକୁ ଅପେକ୍ଷା କରିବା
ଆଗକୁ କରିଣ ଗତି।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଏକବିଂଶ ଶତାବ୍ଦୀର ସମସ୍ୟା ଓ ଓଡ଼ିଆ ନାଟକ



ବିଷ୍ଣୁପ୍ରିୟା ସାହୁ

ଏକବିଂଶ ଶତାବ୍ଦୀର ଭୋଗ ହୋଇଥିବା ସମୟ ଅବଧି ମାତ୍ର ଏକ ପଞ୍ଚମାଂଶ । ଏହି ସ୍ୱଳ୍ପ ସମୟର ଅବଧି ମଧ୍ୟରେ କେତେକ ନୂତନ ପ୍ରସଙ୍ଗ ସହିତ ଯୋଡ଼ି ହୋଇଛି କେତେକ ନୂତନ ସମସ୍ୟା।ଏହି ପ୍ରସଙ୍ଗ ଓ ସମସ୍ୟା ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂପର୍କରେ ଆଲୋଚନା ସହିତ ଏକବିଂଶ ଶତାବ୍ଦୀର ସମସ୍ୟାକୁ ନେଇ ପ୍ରକାଶିତ ନାଟକ ଓ ଏହାର ବୈଶିଷ୍ଟ୍ୟ ସଂପର୍କରେ ଏକ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବା ଏହି କ୍ଷୁଦ୍ର ପ୍ରବନ୍ଧର ଲକ୍ଷ୍ୟ।

ପ୍ରଥମତଃ ୧୯୯୦-୯୧ ରେ ସୃଷ୍ଟି ହୋଇଥିବା ଗ୍ଲୋବାଲାଇଜେଶନ୍, ବିଶ୍ୱୀକରଣ ବା ଜଗତୀକରଣ । ଏହା ବିଶ୍ୱ ଅର୍ଥନୀତିର ଏକ ସଂସ୍କାରମୂଳକ ଆନ୍ଦୋଳନ। ସମଗ୍ର ବିଶ୍ୱକୁ ଗୋଟିଏ ଗ୍ରାମରେ ପରିକଳ୍ପନା କରିବା ଏହାର ଉଦ୍ଦେଶ୍ୟ। ଆର୍ଥନୀତିକ ଦିଗରେ ବିଶ୍ୱରେ ସ୍ୱଚ୍ଛଳତା ଆଣିବା ନିମନ୍ତେ ନିଆଯାଉଥିବା ପଦକ୍ଷେପରୁ ଜଗତୀକରଣ ଉଦ୍ଭବ। ଏହା ମାଧ୍ୟମରେ ଏକବିଂଶ ଶତାବ୍ଦୀର ଭାରତ ସର୍ବବୃହତ୍ ସାର୍ବଭୌମିକ ଓ ଆର୍ଥନୀତି କ୍ଷେତ୍ରରେ ବିକଶିତ ହୋଇଚାଲିଥିବା ଏକ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ ହୋଇଛି। ୧୯୯୮ରେ ଭାରତୀୟ ଆର୍ଥନିତିଜ୍ଞ ଅମର୍ତ୍ତ୍ୟ ସେନ ନୋବେଲ ପୁରସ୍କାର, ୨୦୧୬ ନଭେମ୍ବର ୮ ଭାରତ ସରକାରଙ୍କ ନୂତନ ବିମୁଦ୍ରୀକରଣ ଆଇନି, ୨୦୧୭ ଜୁନ୍ ନୂତନ ବଜେଟ୍ ଅନୁଯାୟୀ ଆନୟନ ହୋଇଥିବା ଭାରତ ଇତିହାସ ସବୁଠାରୁ ବଡ଼ ଖଜଣା, ୨୦୨୦ ସୁଦ୍ଧା ଭାରତକୁ ପୃଥିବୀର ଏକ ଶକ୍ତିଶାଳୀ ଆର୍ଥନୈତିକ ରାଷ୍ଟ୍ରର ପରିକଳ୍ପନା, ସଂସ୍କାର ଆଇନ (Goods and service tax) ଦ୍ୱାରା ଆର୍ଥନୀତିକ କ୍ଷେତ୍ରରେ ଦୃଢ଼ତା ପ୍ରତିଷ୍ଠିତ ହୋଇଛି। ଜଗତୀକରଣ

ISSN NO.
2582-208X

ପ୍ରଭାବ କେବଳ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣିଛି ତାହା ନୁହେଁ ସମାଜ, ସଂସ୍କୃତି, କୃଷି, ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ପରିବର୍ତ୍ତନର ପରିବର୍ଦ୍ଧିତ ରୂପ ଦେଖାଯାଏ।

ଦ୍ୱିତୀୟତଃ ଏକବିଂଶ ଶତାବ୍ଦୀରେ କମ୍ପ୍ୟୁଟର ଟେକ୍ନୋଲୋଜିର ଉନ୍ନତି ଓ ବିକାଶ ପର୍ଯ୍ୟାୟକ୍ରମେ ହୋଇଆସୁଛି। ଏହା ସହ ଦେଖାଦେଇଛି ଇଣ୍ଟରନେଟ୍ ଓ ୱେବସାଇଡ୍ ର ପ୍ରଭାବ ଓ ପ୍ରଚଳନ। ଏହା ମୁଖ୍ୟତଃ ମଣିଷକୁ ଆଞ୍ଚଳିକତାର ଭାବଭୂମିରୁ ମୁକ୍ତ କରି ଏକ ବିରାଟ ପ୍ରେକ୍ଷାପଟ୍ଟରେ ଅବସ୍ଥାପିତ କରିଛି। ପୁନଶ୍ଚ ସାମାଜିକ ଗଣମାଧ୍ୟମ (Social media) ର ପ୍ରବର୍ତ୍ତନ (Facebook -2004,Twitter -2006) ଏଥିପାଇଁ ମଣିଷକୁ କିଛି କମ୍ ଉପାଦାନ ଯୋଗାଇନାହିଁ।

ଏତଦ୍ ବ୍ୟତୀତ ସାମାଜିକ କ୍ଷେତ୍ରରେ ଭାରତୀୟ ସମାଜ ବ୍ୟବସ୍ଥାରେ ନୂତନ ପରିବର୍ତ୍ତନ ସୂତ୍ରପାତ ଘଟିଛି। ବିଂଶ ଶତାବ୍ଦୀରେ ସୃଷ୍ଟି ହୋଇଥିବା ନାରୀବାଦ ଓ ନକ୍ସଲବାଦୀ ଆନ୍ଦୋଳନ ଏକବିଂଶ ଶତାବ୍ଦୀରେ ଉଗ୍ରରୂପ ଧାରଣ କରିଛି। ଭାରତ ସରକାର ଲିଭିଇନ୍‌ରିଲେସନ୍ ସିପ, ସମଲିଙ୍ଗୀ ବିବାହକୁ ଅନୁମୋଦନ, କିନ୍ନରମାନଙ୍କୁ Third Gender ଭାବରେ ଗ୍ରହଣ କରି ନାଗରିକତ୍ୱ ପ୍ରଦାନ ଆଦି ନିଶ୍ଚିତ ଭାବରେ ଅନେକ ବିଦ୍ରୋହ ସତ୍ତ୍ୱେ ପରିବର୍ତ୍ତନକୁ ଗ୍ରହଣ କରି ଜନମାନସର ଜୀବନଧାରା ଓ ଦୃଷ୍ଟିଭଙ୍ଗୀକୁ ପ୍ରସାରିତ କରିଛି।

ଏକବିଂଶ ଶତାବ୍ଦୀରେ ଭୟଙ୍କର ଲୋମହର୍ଷକାରୀ ଗଣଦୁଷ୍କର୍ମର ଭୟାବହତା ସୃଷ୍ଟି କରିବା ସହିତ ନ୍ୟାୟଦଣ୍ଡ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତବର୍ଷ ରେ ଏହା ବିରୋଧରେ ପ୍ରବଳ କ୍ଷୋଭ ସହସକ୍ରିୟ ଆନ୍ଦୋଳନମାନ ଅନୁଷ୍ଠିତ ହୋଇଛି। ୨୦୧୨ରେ ଦିଲ୍ଲୀର ନିର୍ଭୟାକାଣ୍ଡ, ୨୦୨୩ରେ ମୁମ୍ବାଇ ଶକ୍ତିମିଲ୍ ଗଣଧର୍ଷଣ ଓ ହତ୍ୟା, ୨୦୧୫ରେ ପଶ୍ଚିମବଙ୍ଗର ରାଣାଘାଟ ଗଣଧର୍ଷଣ, ୨୦୨୪ରେ କଲିକତାରେ ଡାକ୍ତରି ଗଣଧର୍ଷଣ ଓ ହତ୍ୟା ଆଦିର ବାତାବରଣ ନିଶ୍ଚିତ ଭାବରେ ଏକ ବିଦ୍ରୋହାତ୍ମକ ମାନସିକ ସୁରକ୍ଷା ସଚେତନ ଦୃଷ୍ଟି ତଥା ଅପରାଧକୁ ନେଇ ଏକ ସାମୁହିକ ନ୍ୟାୟ ଦାବି ଭାରତୀୟ ଜନତାଙ୍କ ମିଳିତ ହେବାର ତଥା ଅତ୍ୟାଚାର ବିରୁଦ୍ଧରେ ସ୍ୱରଉତ୍ତୋଳନର ଶକ୍ତି ପ୍ରତିପାଦନ କରିଛି।

ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଆର ଚୀରସାଥୀ। ୧୯୯୯ ମହାବାତ୍ୟା, ୨୦୦୯ରେ ସଙ୍ଗଠିତ ସୁନାମି, ୨୦୧୩ ରେ ଫାଇଲିନ୍, ୨୦୧୫ ରେ ହୁଡ୍ ହୁଡ୍, ୨୦୨୪ ରେ ଦାନା ଆଦି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଆର ଜନଜୀବନ କ୍ଷତି ସହ ସବଳ ଅଣ୍ଟାକୁ ଦୁର୍ବଳ କରିଚାଲିଛି।

ISSN NO.
2582-208X

ଚଳିତ ଶତାବ୍ଦୀର ସବୁଠୁ ବଡ଼ ମହାମାରୀ covid 19 ଭାରତ ତଥା ସମଗ୍ର ବିଶ୍ୱସମ୍ମୁଖରେ ଏକ ବିଷାକ୍ତ ବିଭୀଷିକାମୟ ପରିବେଶ ସୃଷ୍ଟି କରିଛି। ଏହାର ପ୍ରତ୍ୟେକ୍ଷ ପ୍ରଭାବ ଏକବିଂଶ ଶତାବ୍ଦୀର ସମାଜ - ସଂସ୍କୃତି - ଅର୍ଥନୀତିକୁ ପ୍ରଭାବିତ କରିଛି।

ସମାଜର ମୁଖ୍ୟସ୍ୱର ସାହିତ୍ୟରେ ଅନୁରଣିତ ହୁଏ। ତେଣୁ ଏକବିଂଶ ଶତାବ୍ଦୀର ସମସ୍ୟା ଓ ତାର ଫଳାଫଳ ପ୍ରତିଫଳିତ ହୋଇଛି ସଂପ୍ରତିକ ନାଟ୍ୟକାରଙ୍କ ନାଟକରେ। ବିଂଶଶତକରେ ନାଟ୍ୟ ଜୀବନ ଆରମ୍ଭ କରିଥିବା ନାଟ୍ୟକାରଙ୍କ ସହିତ ଏକବିଂଶ ଶତକର ନୂତନ ନାଟ୍ୟକାରଙ୍କ ଲେଖନୀ ଚାଳନା ଏହି ସମୟରେ ସକ୍ରିୟ ହୋଇଉଠିଛି। ପ୍ରାକୃତିକ ବିପର୍ଯ୍ୟୟ ପରେ ଜନଜୀବନରେ ଯେଉଁ ହାକାର ପରିସ୍ଥିତି ସୃଷ୍ଟି ହୋଇଛି ତାର ନଗ୍ନରୂପ ବିଜୟ ଶତପଥୀଙ୍କ 'ପ୍ରଳୟ ପରେ' ୨୦୦୧, ସରୋଜ ମିଶ୍ରଙ୍କ 'କାଳ ନିରବଧି' ୨୦୦୪, ମନ୍ମଥ ଶତପଥୀଙ୍କ 'ଉଠ କଙ୍କାଳ' ୨୦୦୫ନାଟକରେ ଦେଖିବାକୁ ମିଳିଛି। ଭାରତରେ କୂଟନୀତି ରାଜନୀତିର ଏକ ଅଂଶବିଶେଷ। ଗଣତାନ୍ତ୍ରିକ ଶାସନ ପଶ୍ଚାତରେ ଯେଉଁ ଆଦର୍ଶ ରହିଥିଲା ତାହା ପୂର୍ଣ୍ଣତଃ ବିପର୍ଯ୍ୟସ୍ତ ହେଇଛି। ରାଜନୀତି ପରିବର୍ତ୍ତିତ ହେଇଛି ଦୁର୍ନୀତିରେ। ଏହି ଦୁର୍ନିତି ଏକବିଂଶ ଶତକର ସମାଜକୁ କବଳିତ କରିଛି। ବିଜୟ କୁମାର ଶତପଥୀଙ୍କ 'ପକାପାଇସା ଦେଖ୍ ତାମସା', ନାରାୟଣ ସାହୁଙ୍କ 'ପ୍ରାୟଶ୍ଚିତ', ସରୋଜ ମିଶ୍ରଙ୍କ 'ଭିନ୍ନ ଏକ ବର୍ଣ୍ଣବୋଧ', ସୁବୋଧ ପଟ୍ଟନାୟକଙ୍କ' ସଖୀ କଣ୍ଢେଇ '୨୦୦୭, ଓ 'ମୃତ୍ୟୁ ପାଇଁ ଦାୟୀ କିଏ ?' ୨୦୦୭ ଆଦି ନାଟକରେ ରାଜନୀତିକ ହଟଚକଟ ଦେଖିବାକୁ ମିଳେ। କିମ୍ବଦନ୍ତୀ, ଇତିହାସ ଓ ମିଥ୍ ଚେତନାକୁ ଆଧାରକରି ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ଅରଣ୍ୟର ଅଶ୍ରୁ', ସରୋଜ ମିଶ୍ରଙ୍କ 'ଇତିହୀନ ଇତିହାସ '୨୦୧୧, ନାରାୟଣ ସାହୁଙ୍କ ' ମୂଷା', ରବୀନ୍ଦ୍ରନାଥ ଦାସଙ୍କ 'ଧ୍ରୁବ'୨୦୧୨, ଶୈଳେଶ୍ୱର ନନ୍ଦଙ୍କ 'ପିରାମିଡ୍' ୨୦୦୭, ମିହିର କୁମାର ମେହେରଙ୍କ 'ଶକୁନ୍ତଳା 'ବିଜୟ କୁମାର ଶତପଥୀଙ୍କ 'କଙ୍କର ଦାସୀ କଥା', ହୃଷୀକେଶ ପଣ୍ଡାଙ୍କ 'ଭଗ୍ଯୋଡ଼ାଗାମା '୨୦୦୦ ଆଦି ନାଟକ ରଚିତ ।

ଏକବିଂଶ ଶତକରେ ଶୋଷକ ଓ ଶୋଷିତ ପ୍ରତି ପ୍ରତିବାଦର ସ୍ୱର ସୁବୋଧ ପଟ୍ଟନାୟକଙ୍କ 'ଧୂଆଁ', 'ବଳି', 'ମହଯାତ୍ର' ୨୦୧୨, ବିଜୟ ଶତପଥୀଙ୍କ 'କାରାଗାର ର କାହାଣୀ', ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ବନ୍ଦିଶାଳରେ ବିଶ୍ୱପତି' ପ୍ରସନ୍ନକୁମାର ମିଶ୍ରଙ୍କ 'ଧନ୍ୟବାଦ ବନଜା' ୨୦୦୭' ସ୍ୱପ୍ନ ସୁନ୍ଦରୀ' ଆଦି ନାଟକରେ ପ୍ରତିଧ୍ୱନିତ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଲୋକ ସଚେତନତା ବାର୍ତ୍ତା ବହନ କରିଛି ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ତତେ ଝୁରେ

ISSN NO.
2582-208X

ମୁଁ ରାତିଦିନ 'ଓ ସୁବୋଧ ପଟ୍ଟନାୟକଙ୍କ 'ଭୂତ'୨୦୦୫ ନାଟକ । ବାମବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ନାଟକ ଶଙ୍କର ତ୍ରିପାଠୀଙ୍କ, 'ଆଘାତ' ୨୦୧୩, ସରୋଜ ମିଶ୍ରଙ୍କ 'ପ୍ରତୀକ୍ଷା' ୨୦୦୦, ସଂଘମିତ୍ରା ମିଶ୍ରଙ୍କ 'କେନ୍ଦ୍ର ଠାରୁ ପରିଧି ପର୍ଯ୍ୟନ୍ତ', 'ଜୀବନ ପତ୍ର ମୋ ଭରିଛ କେତେ', 'ଲୋଡୁଥିବା ସୁଖର ଠିକଣା', ' ବସୁଧାର ପ୍ରତିବାଦ'।

ନକ୍ସଲପନ୍ଥୀଙ୍କ ଦୌରାତ୍ମ୍ୟ ଚିତ୍ର ବିଜୟ ଶତପଥୀଙ୍କ 'କୋକୁଆ'୨୦୧୭ ନାଟକରେ ରୂପାୟିତ। କିନ୍ନର ସମସ୍ୟାକୁ ନେଇ ଅଶୋକ ତ୍ରିପାଠୀଙ୍କ ନାଟକ 'ବରଂ ଭଲ ବୃହନଳା ହେବା'୨୦୦୧। ମାନବେତର ଚରିତ୍ରକୁ ନେଇ ସୁବୋଧ ପଟ୍ଟନାୟକଙ୍କ 'ଇଲୋ'୨୦୦୬ , ଶଙ୍କର ତ୍ରିପାଠୀଙ୍କ 'ପାଶବିକ'୨୦୧୩, ନାରାୟଣ ସାହୁଙ୍କ 'ମୂଷା 'ନାଟକ ରଚିତ। ଏକକ ପରିବାର ଓ ପିଢିଗତ ବ୍ୟବଧାନ ନୀଳାଦ୍ରି ଭୂଷଣ ହରଚନ୍ଦନଙ୍କ 'ଅର୍ଦ୍ଧେକ ପୃଥିବୀ'୨୦୧୨, ବିଜୟ ମିଶ୍ରଙ୍କ 'ବାନପ୍ରସ୍ଥ'୨୦୧୧, ସୁବୋଧ ପଟ୍ଟନାୟକଙ୍କ 'ମହାଯାତ୍ରା' ୨୦୧୨ ଆଦି ନାଟକରେ ଲକ୍ଷ୍ୟ କରାଯାଏ। ଗାନ୍ଧୀବାଦୀ ଚେତନାକୁ ନେଇ ସୁବୋଧ ପଟ୍ଟନାୟକଙ୍କ 'ଧୂଆଁ', 'ବଳି', ମନ୍ମଥ ଶତପଥୀଙ୍କ 'ଶ୍ରଦ୍ଧାଞ୍ଜଳି' ନାଟକ ରଚିତ। ସାହିତ୍ୟିକ ଜୀବନର ଦୁଃଖ ସରୋଜ ମିଶ୍ରଙ୍କ 'ପ୍ରତୀକ୍ଷା' ୨୦୦୦ନାଟକରେ ପ୍ରତିଫଳିତ ହୋଇଥିବା ବେଳେ ପ୍ରେମ ଓ ବିଚ୍ଛେଦର ସ୍ୱର ଶଙ୍କର ତ୍ରିପାଠୀଙ୍କ 'ପ୍ରେମଗଳ୍ପ'ନାଟକରେ ପ୍ରତିଫଳିତ।

ବିଂଶ ଶତାବ୍ଦୀର ନାଟକରେ ଆମେ ଦେଖୁ ଏକାଧିକ ପରିବର୍ତ୍ତନ। ୧୯୬୦ ନବନାଟ୍ୟ ଆନ୍ଦୋଳନ ପ୍ରଭାବରେ ନାଟକରେ ପରୀକ୍ଷା ନିରୀକ୍ଷାର ସୂତ୍ରପାତ । ଆବସର୍ଡ୍, ମନସ୍ତାତ୍ତ୍ୱିକ, ଅସ୍ତିତ୍ୱବାଦ ବା ସ୍ଥିତିବାଦୀ ମଧ୍ୟଦେଇ ଆଧୁନିକ ମଣିଷର ସ୍ଥିତି । ନାଟକ ଲୋକମଞ୍ଚରୁ ପ୍ରୋସେନିଅମ୍ ରଙ୍ଗମଞ୍ଚକୁ ବିଶ୍ୱାସ, ବ୍ୟବସାୟୀକ ରଙ୍ଗମଞ୍ଚର ବିଲୟ ଆଦି ପରିବର୍ତ୍ତନ ପ୍ରେକ୍ଷାପଟ୍ଟ। ତେବେ ଏକବିଂଶ ଶତାବ୍ଦୀର ନାଟକ କଣ ବିଂଶ ଶତାବ୍ଦୀ ନାଟକ ଠାରୁ ଭିନ୍ନ। ଏହାର ଉତ୍ତରରେ କୁହାଯାଇପାରେ ନା, କିନ୍ତୁ କ୍ରମଶଃ ବଦଳୁଥିବା ସମୟ ସହିତ ନାଟକତାରକାୟା ଓ ଆତ୍ମା କୁବଦଳାଇଛି । ପୁରାତନକୁ ଭିତ୍ତିଭୂମି ରୂପେ ଗ୍ରହଣ କରି ନୂତନତାକୁ ଆବାହନ କରିଛି। ଜାତୀୟ ସଂହତି, ସାମାଜିକ ସହାବସ୍ଥାନ, ନୂତନ ବୈଜ୍ଞାନିକ ବିଶ୍ୱ, ପରିବେଶ ପ୍ରତି ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ, ଗଣଦୁଷ୍କର୍ମ, ରାଜନୀତିକ ଅପପ୍ରଚାର, ସନ୍ତ୍ରାସବାଦୀ ସମସ୍ୟା ଉପରେ ଗୁରୁତ୍ୱ ଆରୋପ କରିଛି। ଆଜିର ନାଟକ ନୂତନ ମନ୍ତ୍ରରେ ଦୀକ୍ଷିତ ହୋଇଛି। ଶିକ୍ଷା ଏବଂ ସଚେତନତା ହୋଉଛି ତାହାର ମୁଖ୍ୟ ସ୍ୱର।

ISSN NO.
2582-208X

ଏହି ସମୟର ନାଟ୍ୟକାରଙ୍କ ବଡ଼ ସମସ୍ୟା ନାଟକ ଅଭିନୟର ବ୍ୟବସ୍ଥା। ବ୍ୟବସାୟୀ ରଙ୍ଗମଞ୍ଚର ବିଲିନ ପରେ ଏ ସମସ୍ୟା ବହୁଳ ମାତ୍ରାରେ ବଢ଼ିଚାଲିଛି। ନାଟକ ଯେହେତୁ ଏକ ମିଶ୍ର କଳା ଶ୍ରବ୍ୟ ସହ ଦୃଶ୍ୟର ଆବଶ୍ୟକତା ରହିଛି।ପାଠକ ନାଟକ ପଢିଚାଲିଛନ୍ତି କିନ୍ତୁ ଅଭିନୟମାଧ୍ୟମରେ ପ୍ରତ୍ୟେକ୍ଷ ଅନୁଭୂତି ଉପଲବ୍ଧି କରିପାରୁ ନାହାଁନ୍ତି। ଯାହାର ଏକାନ୍ତ ଆବଶ୍ୟକତା ବର୍ତ୍ତମାନ ସମୟରେ ରହିଛି।

ଏକବିଂଶ ଶତାବ୍ଦର ନାଟକକୁ ଅଗ୍ରଗତି କରାଇବାରେ ପତ୍ର ପତ୍ରିକାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। କିନ୍ତୁ ସବୁ ବିଭାଗ ମଧ୍ୟରୁ ନାଟକ ସମାଲୋଚନା ଖୁବ୍ କମ୍ ଦେଖାଯାଇଛି। ଏହି ଖୁବ୍ କମ୍ ମଧ୍ୟରୁ ଦେଖାଯାଇଥିବା ପତ୍ରିକା ଯଥା ବ୍ୟୋମକେଶ ତ୍ରିପାଠୀ ତ୍ରିପାଠୀଙ୍କ 'କଳାକାର', ଯଦୁନାଥ ଦାସ ମହାପାତ୍ର, ରତ୍ନାକର ଚଇନି ଓ ରବି ପଟ୍ଟନାୟକଙ୍କ ମିଳିତ ଉଦ୍ୟମରେ 'ନଟ୍ୟାଚକ୍ର', ରତିରଞ୍ଜନ ମିଶ୍ରଙ୍କ 'ସୂତ୍ରଧର', ସୁବୋଧ ପଟ୍ଟନାୟକଙ୍କ 'ନାଟ୍ୟସ୍ୱର', ଭାସ୍କର ମହାପାତ୍ରଙ୍କ 'ନାଟ୍ୟଚର୍ଚ୍ଚା', ସମଲୋଚନାମୂଳକ ପତ୍ରିକା 'ପୂର୍ବରଙ୍ଗ'ଦୁଇଟି ସଂଖ୍ୟାରେ ପ୍ରକାଶିତ ହୋଇଛି।

ଏକବିଂଶ ଶତାବ୍ଦୀର ଓଡ଼ିଆ ନାଟକର ବୈଶିଷ୍ଟ୍ୟ

- ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଯୋଗୁ ମଣିଷ ବିଶ୍ୱ ସହିତ ଜଡ଼ିତ ହେବାର ପ୍ରଚେଷ୍ଟାରୁ ଚିନ୍ତାଗ୍ରସ୍ତ ହୋଇ ସଙ୍କୁଚିତ ହେବାରେ ଲାଗିଛି।
- ଏକବିଂଶ ଶତାବ୍ଦୀର ନାଟକ ସମୟ ସୀମାଗତ ଦୈର୍ଘ୍ୟକୁ ଅସ୍ୱୀକାର କରିଛି।
- ଏକବିଂଶ ଶତାବ୍ଦୀର ନାଟକ ସମସ୍ୟା ଠାରୁ ଦୂରେଇବା ଅପେକ୍ଷା ସମାଧାନର ବାଟ ଦେଖାଇଛି।
- ନାରୀ ମୁକ୍ତି ଅପେକ୍ଷା ନାରୀ ସ୍ୱାଧୀନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।
- ସହରୀ ସଭ୍ୟତାରୁ ଦୃଷ୍ଟି ଫେରାଇ ଗ୍ରାମ୍ୟ ଜୀବନ ପ୍ରତି ଆକର୍ଷିତ ହେବାର ମୋହ ପ୍ରକଟିତ ହୋଇଛି।
- ଦଳିତପ୍ରତି ସମ୍ବେଦନ ଶୀଳତା ଓ ସେମାନଙ୍କ ଦାବି ଓ ଅଧିକାର ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱଦେଇଛି।

ISSN NO.
2582-208X

# ବାଜି ରାଉତ



ଦୀପା ମୁଦୁଲି

ଓଡ଼ିଆ ପୁଅସେ ବାଜି ରାଉତ
ନିଜ ଜୀବନକୁ ବାଜି ମାରିଲା
ଓଡ଼ିଆ ଜାତିର ଗୌରବ ଅଟେସେ
ବୀର ପଣେ ଶ୍ରେଷ୍ଠ ଲଭିଲା ।
ଭାରତର ସ୍ୱାଧୀନତା ପାଇଁ ସେ
ସାଜିଲା କନିଷ୍ଠ ବୀର
ଦେଶପାଇଁ ପ୍ରାଣ ହସି ହସିଦେଲା
ହୋଇଗଲା ଚିର ଅମର ।
ଅକ୍ଟୋବର ମାସ ପାଞ୍ଚ ତାରିଖରେ
ହୋଇଥିଲା ତାର ଜନମ
ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁରେ
ଅଟଇଯେ ତାର ଗ୍ରାମ।
ବାପା ଯେ ତାର ଥିଲେ ହରି ରାଉତ
ମାଆ ଥିଲେ ରଣିଆ ଦେବୀ
ତାଙ୍କ କୋଳେ ସିଏ ଜନମିଲା ପୁଣି
ବଢାଇଲା ଯଶକୀର୍ତ୍ତି।
ଛୋଟବେଳୁ ଦେଖିଥିଲା ସେ ଗୋରା ମାନଙ୍କର
ଚାଲୁଥିଲା ଅପଶାସନ
ନିଜଦେଶରୁ ସେମାନଙ୍କୁ ହଟାଇବା ପାଇଁ

ISSN NO.
2582-208X

ମନକୁ କରିଲା କଠୋର ।
ବୟସରେ ଥିଲା ତାର ମାତ୍ର ବାରବର୍ଷ
ଶୁଣିଲେ ଲାଗେ ଚକିତ
ତଥାପିସେ ଗୋରା ଶାସକଙ୍କୁ
ଦେଇଥିଲା ଉଚିତ ଜବାବ ।
ଛୋଟବେଳୁ ତାର ସାହସ ଗୁଣରେ
ହୋଇଥିଲା ବଳୀୟାନ
ଫିରିଙ୍ଗି ହାତରୁ ଗୁଳିଖାଇ ଆଜି
ସାଜିଲା ସତେ କେଡ଼େ ମହାନ ।
ଗୁଳା ବାରୁଦକୁ ନଡରି ସିଏ
ଦେଖାଇଦେଲା ତା ଛାତି
ରକତ ମିଶିଲା ବ୍ରାହ୍ମଣୀ ଜଳରେ
ଉଠିଲା ପ୍ରଚଣ୍ଡ ତାତି ।
ବ୍ରାହ୍ମଣୀ କୂଳରେ ଟଳି ପଡ଼ିଲା ସେ
ଲୋକେ ହେଲେ ହାହାକାର
ତାଙ୍କ ସମେତ ସେଠି ଟଳି ପଡ଼ିଥିଲେ
ଆଉ କିଛି ଯୁବବୀର ।
ଶବକୁ ତାଙ୍କର କଟକକୁ ଆଣି
ସାଜିଲା ବିରାଟ ଶୋଭାଯାତ୍ରା
ଶେଷରେ କଟକ ଶ୍ମଶାନ ଘାଟରେ
ଜଳି ଉଠିଲା ତାଙ୍କ ଅଲିଭା ଚିତା ।

ସ୍ନାତକୋତ୍ତର, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଭୁବନେଶ୍ୱର

ISSN NO.
2582-208X

# ଜୟ ଶ୍ରୀ ନୀଳମାଧବ



ନଳନୀ ଦାଶ

ନୀଳମାଧବ ହେ ପାଦେ କରୁଛି ମିନତୀ
ନିତି ତୁମ ସେବାରେ ମୋ ଲାଗିଥାଉ ମତି
ନୀଳ ତନୁ କାନ୍ତି ଆହା କେଡ଼େ ଶୋଭା ଦିଶେ
ନୀଳମଣି ତୁମ ପାଇଁ ଜଗତଟା ହସେ ।
ନିଳାଦ୍ରୀବିହାରୀ ପ୍ରଭୁ ଜଗତ ଠାକୁର
ନୀଳଚକ୍ର ବାନା ତବ ଉଡେ ଫରଫର
ନୀଳାଚଳେ ଶ୍ରୀମନ୍ଦିରେ ପାଉଅଛ ପୂଜା
ନୀଳ ପଦ୍ମବନେ ତୁମ ବୋଲାଉଛ ରାଜା ।
ନିତି ଡାକୁଅଛି ପ୍ରଭୁ ତୁମ ନାମ ଧରି
ନିଃସ୍ୱ ନକରିବ ଆହେ ପ୍ରଭୁ ଦଇତାରି
ନିରାକାର ବ୍ରହ୍ମ ତୁମେ ଜଗତର ପତି
ନୀଳାଚଳନାୟକହେ ଘେନ ମୋ ପ୍ରଣତୀ ।
ନିର୍ଗୁଣ ପରବ୍ରହ୍ମ ରୂପରେ ବିରାଜିତ
ନିତି ଶ୍ରୀକ୍ଷେତ୍ରରେ ପ୍ରଭୁ ହେଉଛ ପୂଜିତ
ନୀଳଗିରି ନାଥ ଆହେ ଭକ୍ତ ପ୍ରାଣବନ୍ଧୁ
ନିର୍ଦ୍ଦୟ ନହୋଇ ହେ ଝରାଅ ସୁଖ ସିନ୍ଧୁ ।

ଭିକାରିପଡା, ଶରଣକୁଳ,ନୟାଗଡ଼
ମୋ-୯୨୩୮୯୯୬୬୪୯

ISSN NO.
2582-208X

# ଜୟ ଶ୍ରୀ ରାମ



ଡ. ଅଭିମନ୍ୟୁ କାନୁନଗୋ

ନମଇଁ ରାମ ଭଗବାନ ।
ଲକ୍ଷ୍ମଣାଗ୍ରଜର ଘୁନାନ ।
ରାମପଦେ କୋଟି ପ୍ରଣତି ।
ଶ୍ରୀରାମ ରାମ ସୀତାପତି ।
ଜଗତ ଯାହାର ଭିଆଣ ।
ଧନ୍ୟ ଶ୍ରୀରାମ ଆର୍ତ୍ତତ୍ରାଣ ।
ମନୋରମେ ରାମ ଭଜନ ।
ତାରନ କରେ ପାପୀଜନ ।
ଲକ୍ଷ୍ମଣ ଯାହାର ଅନୁଜ ।
ସେ ସୀତାଧବ ଦେବରାଜ ।
ରାମ ନାମ ଭଜ ସାଧବ ।
ତରିଯିବାକୁ ଏହିଭବ ।
ରାମନାମେ ରଖ ବିଶ୍ୱାସ ।
ଶ୍ରୀରାମ ଦଶରଥ ଶିଷ୍ୟ ।

ରାମରାଘବ ନିତିସ୍ମର ।
ରାମ ଶ୍ରୀରାମ ଦେବେଶ୍ୱର ।
ହନୁ ରାମ ନାମ ଜପିଣ ।
ଅମର ଗଣେ ହେଲେ ଗଣ୍ୟ ।
ଜୟ ଶ୍ରୀରାମ ରାବଣାରୀ ।
ରଖ ଶ୍ରୀପଦେ ଦଇ ତାରୀ ।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# ମାତୃଭାଷା ଓ ମାତୃଭୂମି



ଆର୍ଯ୍ୟ ଦାସ

କଥାରେ ଅଛି "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ" ଅର୍ଥାତ୍ ଜନନୀ ଜନ୍ମଭୂମି ସ୍ୱର୍ଗଠାରୁ ବଳି ମହାନ୍ ଅଟେ ମାତ୍ର ଏସବୁ କହିବା ବାହୁଲ୍ୟ : ଏହାକୁ ଏକ ପ୍ରାମାଣିକ ଉକ୍ତି ସ୍ୱରୂପ ଗ୍ରହଣ କଲେ ମଧ୍ୟ ମାତୃଭୂମି ମାତୃଭାଷାକୁ ଭଲପାଉଥିବା ଲୋକ କିନ୍ତୁ କୋଟିଏରେ ଗୋଟିଏ ସଦୃଶ । ସାଂପ୍ରତିକ ସମୟରେ ଏ ଦୁନିଆରେ ଅନେକ ଅଛନ୍ତି ଯୋଉମାନେ କଳାକୁ ଧଳା ଆଉ ଧଳା କୁ କଳା କରିବାର ବିଦ୍ୟାରେ ପାରଙ୍ଗମ ଯୋଉଠି ତିନି ତୁଣ୍ଡରେ ଛେଳି କୁକୁର ହେବାର ସମ୍ଭାବନା ମଧ୍ୟ ଶତପ୍ରତିଶତ ଅଧିକ । ହେଲେ ମନରେ ଏକ ସ୍ୱତଃ ପ୍ରଶ୍ନ ଉଠେ ଯଦି ଇଂରାଜୀ ଗୋଟିଏ ଆଞ୍ଚଳିକ ଭାଷା ହୋଇ ବିଶ୍ୱସ୍ତରରେ ଆନ୍ତର୍ଜାତୀୟ ଭାଷାରେ ପରିଣତ ହୋଇପାରୁଛି ତେବେ ଆମ ମାତୃଭାଷା ଓଡ଼ିଆର ଗୁରୁତ୍ୱକୁ ଉପଲବ୍ଧି କରିବାରେ ଆମ ମାତୃଭାଷା ପ୍ରତି ଲୋକଙ୍କ ଅବହେଳା ନା ଭାଷାବିଦ୍ୟାରେ ହୀନମନ୍ୟତା ? ଯୋଉଥିପାଇଁ ଆମ ମାତୃଭାଷା ଆଜି ପଛରେ ପଡ଼ିଯାଉଛି । ସମୟ ବଦଳିଛି ଏବଂ ବଦଳିଯାଇଛି ଭାଷାର ପରିସର ଆଉ ବଦଳିଯାଇଛି ଆମ ଓଡିଆ ଭାଷାର ଅସ୍ତିତ୍ୱ; ଅଧୁନା ସମୟରେ କଥା କଥାକେ ଇଂରାଜୀର ପ୍ରାବଲ୍ୟତା ଆଗରେ ହଜାର ହଜାର ବର୍ଷ ପୁରୁଣା ଆମ ଓଡିଆ ଭାଷାର ଅସ୍ତିତ୍ୱ ଇଂରାଜୀ ଭାଷା ଆଗରେ ତା'ର ଅସ୍ତିତ୍ୱକୁ ନେଇ ଲଢେଇ କରିବାର ପରିସ୍ଥିତିରେ ! ହୁଏତ ଏସବୁକୁ ଆପଣମାନେ ବିଶ୍ୱାସ କରିବେ କି ନାହିଁ ତା ମୁଁ ଜାଣେନା ହେଲେ ଆପଣ ନିଶ୍ଚୟ ଦେଖିଥିବେ ଶୈଶବରୁ କିପରି ପିଲାଟିଏ ଭାଷାକୁ ନେଇ ସଂଘର୍ଷ କରୁଛି । ଇଂରାଜୀର କ୍ୟାଟ୍ ବ୍ୟାଟ୍ ମ୍ୟାଟ୍ ଉଚ୍ଚାରଣ ଆଗରେ ସ୍ୱଷ୍ଟତା ଦିଗରେ ଓଡିଆ ଭାଷାର ବିଲେଇ, କାଠପଟା ଆଉ ମଶିଣା ଯେମିତିକି ଧରାଶାୟୀ ହୋଇ ମାଟି କାମୁଡି ପଡିରହିଛି; ସଂପର୍କ କଥା କ'ଣ ବା ଲେଖାଯାଇପାରେ ପିଲାଦିନର ସେଇ କୋମଳ ମଧୁର ଡାକ ବାପା ବୋଉ ମଉସା ମାଉସୀ ପରି ଶବ୍ଦ ଆଜି ଆଧୁନିକତାର ସ୍ପର୍ଶ

ISSN NO.
2582-208X

ବାଜି ଫାଦର୍ ମଦର୍ ଅଙ୍କଲ୍ ଆଣ୍ଟି ପରି ଶବ୍ଦରେ ପିଲାମାନଙ୍କ ପାଟିରୁ ଅନର୍ଗଳ ବାହାରୁଛି ବାଷ୍ପୀୟ ଇଞ୍ଜିନ୍‌ର ଧୂଆଁ ପରି ...ମାତ୍ର ଉଚ୍ଚାରଣର ସ୍ୱଷ୍ଟତା ହେଉ କି ନହେଉ ହେଲେ ଆମ ଓଡିଆ ଭାଷା କଥା ଏଠି କିଏ ବା ପଚାରେ ? ଶୁଣା ଥିଲା କୁଆଡେ ମାତୃଭୂମି ଓ ମାତୃଭାଷା ଉଭୟେ ଅଙ୍ଗାଙ୍ଗୀ ଭାବେ ଜଡିତ ଆଉ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି ପରସ୍ପରର ପରିପୂରକ । ମାତ୍ର ଆଜି କାଲିର ଆଧୁନିକତାର ବାସ୍ନା ଏପରି ମହକି ଯାଇଛି ଯେ ଗାଁ ମଧ୍ୟ କୋଉଠି ନା କୋଉଠି ସହର ସହର ବାସୁଛି ହେଲେ ଏ ବାସ ଅତରରେ ନୁହେଁ ବରଂ ଇଂରାଜୀ ଭାଷାର ସେଣ୍ଟ୍ ଦ୍ୱାରା । କୌଣସି ଭାଷାକୁ ନେଇ କିମ୍ବା କାହାର ଭାବନାକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନୁହେଁ ହେଲେ ଲୋକେ କୁହାକୁହି ହେଉଛନ୍ତି ଗାଁର ପୂଜା ପାର୍ବଣ ହେଉକି ଚାଲିଚଳଣି ଆଉ କଥା କହିବାର ଭଙ୍ଗୀ ସବୁଥିରେ ଆଧୁନିକତାର ସ୍ପର୍ଶ । ଏମିତିକି ଲୋକେ କହୁଛନ୍ତି "ମାତୃଭୂମି ମାତୃଭାଷାକୁ ଆଘାତ ଯେ ଦେଇପାରିନାହିଁ, ତା ଠାରୁ ବୋଧେ ଭଲ ମଣିଷଟେ ହୋଇପାରିବେନି କେହି "ଯାହା କି ଆଜି ର ସାଂପ୍ରତିକ ସମୟରେ ସଂପୂର୍ଣ୍ଣ ସତ୍ୟ। ହେଲେ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ସୁପ୍ରସିଦ୍ଧି ଉକ୍ତିଟି ଏହିପରି ଥିଲା "ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ" । ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଗମନାଗମନ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଲୋକେ ସହରାଭିମୁଖୀ ଆଜି ଗ୍ରାମ୍ୟ ଜନବସତିର ନିଜ ମାତୃଭୂମିକୁ ଛାଡି; ଏମିତିକି ଗ୍ରାମ୍ୟ ରୀତିନୀତି ଅନୁସାରେ ପୂଜା ପର୍ବପର୍ବାଣୀରେ ଆଡମ୍ବରତା ଆଧୁନିକ ଢଙ୍ଗରେ ଆମ ଆଧୁନିକତାର ପରିଚୟ ପ୍ରତିପାଦନ କରୁଛି ସତ ମାତ୍ର ମାତୃଭୂମି ଓ ମାତୃଭାଷାର ମହନୀୟତାକୁ ପାଦରେ ଦଳି ଯେମିତିକି ତା'ର ବଳିଷ୍ଠ ପଣିଆକୁ ଧ୍ୱଂସ କରିବାକୁ ବସିଛି । ଆପଣ ଚାହିଁଲେ ଆପଣଙ୍କ ମାତୃଭାଷା ମଧ୍ୟ ଦିନେ ବିଶ୍ୱର ସର୍ବବୃହତ୍ ଭାଷାକୋଷରେ ଏକ ବିରାଟ ଭାଷା ହେବ ଏଇ ଆଶା ଓ କାମନା ଏବଂ ମାତୃଭୂମି ଦିଗରେ ଆମ ଶିକ୍ଷା ସଭ୍ୟତା ସଂସ୍କାର ଆଗରେ ସହରାଭିମୁଖୀ ଚିନ୍ତାଧାରା ଆମକୁ ପଛରେ ପକାଇଛି ତେଣୁ ବିଚାର ଦିଗରେ ଆପଣମାନେ ମାତୃଭୂମି ନା ବିଦେଶ -ମାତୃଭାଷା ନା ଅନ୍ୟ ଭାଷା !

ସପ୍ତଶଯ୍ୟା, ଢେଙ୍କାନାଳ
ମୋ -୮୧୪୪୫୬୨୮୯୧

ISSN NO.
2582-208X

# ପ୍ରଣୟର ପରିଭାଷା



ବେଣୁଧର ସୂତାର

ମୋ ନୟନ ନୀଳ ଉପକୂଳେ
ଭାସିଉଠେ ଚଇତର
ଚାରୁଚିତ୍ର ମୋଦୀ
ଅମାନିଆ ମନ ଗାଇଯାଏ
ଫୁଲମତୀ ଋତୁର କାମୋଦୀ ।
ମଧୁଲଗ୍ନ ଭାବମଗ୍ନ ମନ
ଅତୀତର ଅବସୋସ ଭୁଲି
ମୁକୁଳା ମୋ ମନ ମଧୁ କୁଞ୍ଜେ
ଫୁଟି ଅଛି ପ୍ରୀତି ଚନ୍ଦ୍ରମଲ୍ଲୀ ।।

ବିରହର ବର୍ଣ୍ଣମାଳା ଭୁଲି
ମିଳନର ମଧୁଶାଳା କୋଳେ
ମିଠା ମିଠା ପ୍ରୀତି ଅନୁଭବେ
ତନୁ ମନେ କାମନା ଉଚ୍ଛଳେ ।
ରସବତୀ ରାଜହଂସୀ ମୁଁ ଯେ
ଅଧରେ ମୋ କୃଷ୍ଣଚୂଡ଼ା ରାଣ
ମତୁଆଲା ବୟସୀ ବାସରେ
ଫୁଲ ଫୁଟା ପ୍ରୀତିର ପାର୍ବଣ ।।

ISSN NO.
2582-208X

ଆଖିରେ ମୋ ପ୍ରଣୟର ନିଶା
ଅଧରେ ମୋ ପ୍ରୀତିମଧୁ ଭାଷା
ମାଦକିତ ତନୁତୀରେ ମୋର
ପ୍ରେମସୁଧା ପ୍ରଣୟ ପିପାସା ।
ଆବେଗର ବେପଥୁ ଲହର
ମିଳନର ମଧୁ ସମ୍ମୋହନେ
ବଢିଯାଏ ହୃଦୟ ସ୍ପନ୍ଦନ
ସପ୍ନମୟ ଶୃଙ୍ଗାର ବିପିନେ ।।

ଆସ ଆସ ପ୍ରିୟତମ ମୋର
ଭିଜା ଭିଜା ଫୁଲ ସଞ୍ଜ ବେଳେ
ପ୍ରୀତି ସୁଧା ରସ ଆପ୍ୟାୟନେ
ତୋଳିନେବ ବାହୁ ବନ୍ଦୀଶାଳେ ।
ପ୍ରଣୟର ମଧୁ ପୁଷ୍ପ ମାଳା
ଗୁନ୍ଥି ଅଛି ହେ ଅନ୍ତର ତମ
ପ୍ରଣୟିନୀ ପ୍ରୀତି ଉପହାର
ଘେନାକର ମୋ ପରମ ପ୍ରେମ ।।

କେଶଦୁର୍ବାପାଳ କେନ୍ଦୁଝର
ଦୂର ଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ନିଶା ନିବାରଣ



ସନ୍ତୋଷ କୁମାର ବେହେରା

ସୁଜଳା ସୁଫଳା, ଶଶ୍ୟ ଶ୍ୟାମଳା ଏ
ଆମର ଭାରତ ଭୂଇଁ
ସୁନାର ଭାରତ, ଚୂନା ହୋଇଗଲା
ମାଦକ ସେବନ ପାଇଁ ।।
ଅଶାନ୍ତିର ଅଗ୍ନି, ଶିଖା ଜଳି ଉଠେ
ଘରେ ଘରେ ପୁରେ ପୁରେ
ନିଶା ପାଇଁ ଆଜି, ଧରିତ୍ରୀ ମାତାଙ୍କ
ନୟନୁ ଲୋତକ ଝରେ ।।
ପରାଧିନ ଆଜି, ସ୍ୱାଧିନ ଭାରତ
ନିଶା ହସ୍ତେ ହେଲା ବନ୍ଧା
ସୁନାର ଭାରତ, ଚୂନା ହୋଇଗଲା
ନିଶାରେ ସମସ୍ତେ ଅନ୍ଧା ।।
ଆସ ସର୍ବେ ମିଶି, ହେବା ସଚେତନ
କରି ନିଶା ନିବାରଣ
ନିଶା ମୁକ୍ତ କରି, ଗଢିବା ଦେଶକୁ
ସେଥି ପାଇଁ ଦେବା ଧ୍ୟାନ ।।

କପସିଲ୍, ତୁଷୁରା, ବଲାଙ୍ଗିର
ମୋବା:--୭୭୩୫୬୧୫୧୦୭

ISSN NO.
2582-208X

# ଗଣିତ ଭିତ୍ତିଭୂମିରେ ମାନବ ଜୀବନ



କ୍ୟାପଟେନ ଅକ୍ଷୟ କୁମାର ଦାଶ

"ଗଣିତ" ହେଉଛି ଏକ ଜରୁରୀ ବିଷୟ ଯାହା ଆମର ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବିଭିନ୍ନ ସମସ୍ୟାର ସମାଧାନ, ନିଷ୍ପତ୍ତି ନେବା ଏବଂ ଆମ ଚାରିପାଖରେ ଥିବା ବିଶ୍ୱକୁ ବୁଝିବା ପାଇଁ ଏକ ଏକ ଉପକରଣ । ଗଣିତ ଆମକୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଜରୁରୀ ଚିନ୍ତାଧାରା, ସମସ୍ୟା ସମାଧାନ ଏବଂ ଯୁକ୍ତିଯୁକ୍ତ ଦକ୍ଷତା ବିକାଶରେ ସାହାଯ୍ୟ କରେ । ଆର୍ଥିକ ପରିଚାଳନା ଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ଗଣିତ ଆମର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ଜାହିର କରିଥାଏ । ଏହା ଆମର ଦୈନନ୍ଦିନ ଜୀବନରେ ଯୋଗ, ବିୟୋଗ, ଗୁଣନ ଏବଂ ବିଭାଜନ ଭଳି ଗଣନା କରିବାରେ ସାହାଯ୍ୟ କରେ ।

ଗଣିତ ଆମକୁ ବ୍ୟବସ୍ଥିତ ଏବଂ ଯୁକ୍ତିଯୁକ୍ତ ଭାବରେ ସମସ୍ୟାର ସମାଧାନ କରିବାକୁ ସକ୍ଷମ କରେ । ଏହା ଆମକୁ ସମସ୍ୟା ଚିହ୍ନଟ କରିବାରେ, ସୂଚନା ସଂଗ୍ରହ କରିବାରେ ଏବଂ ତା'ପରେଏହାର ସମାଧାନ ପାଇଁ ଗାଣିତିକ ନୀତି ବ୍ୟବହାର କରିବାରେ ସାହାଯ୍ୟ କରେ ।

ସମୟକୁ ପ୍ରଭାବଶାଳୀ ଭାବରେ ପରିଚାଳନାକରିବା ପାଇଁ ଗଣିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଗଣିତ ଆମକୁ ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଆବଶ୍ୟକ କରୁଥିବା ଉପକରଣଗୁଡିକ ଯୋଗାଇଥାଏ । ତଥ୍ୟ ବିଶ୍ଲେଷଣ କରି ଏବଂ ଗାଣିତିକ ମଡେଲ ବ୍ୟବହାର କରି ଆମେ ଭବିଷ୍ୟତର ପୂର୍ବାନୁମାନ ଏବଂ ଜଟିଳ ସମସ୍ୟାକୁ ସମାଧାନ କରିଥାଉ ।

ISSN NO.
2582-208X

ଗଣିତ ହେଉଛି ବିଜ୍ଞାନ ଏବଂ ବୈଷୟିକ ଜ୍ଞାନର ଭାଷା, ଏବଂ ଏହା ଆଧୁନିକ ବୈଷୟିକ ପ୍ରଗତିର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, କମ୍ପ୍ୟୁଟର ପ୍ରୋଗ୍ରାମିଂ ଠାରୁ ଆରମ୍ଭକରି ଉନ୍ନତ ରୋବୋଟିକ୍ସ ପର୍ଯ୍ୟନ୍ତ, ଗାଣିତିକ ନୀତି ଉପରେ ଆଧାରିତ । ଗଣିତ ଆମକୁ ଉପଯୁକ୍ତ ଯୁକ୍ତି ଏବଂ ସମାଲୋଚନା ଚିନ୍ତାଧାରା ପାଇଁ ଏକ ଭିତିଭୂମି ପ୍ରଦାନ କରେ । ତର୍କ ପରି ଗାଣିତିକ ଧାରଣା ଅଧ୍ୟୟନ କରି ସମସ୍ୟା ସମାଧାନର କୌଶଳକୁ ବିକଶୀତ କରେ ଯାହା ଆମ ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ ହୋଇଥାଏ ।ଗଣିତ ହେଉଛି ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଅନେକ ପାଠ୍ୟକ୍ରମର ଏହା ଏକ ମୌଳିକ ଅଂଶ । ଗଣିତ ଶିକ୍ଷା ମଧ୍ୟ ଛାତ୍ରମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନ ପାଇଁ ଅତ୍ୟାବଶ୍ୟକୀୟ କୌଶଳ ବିକାଶ କରିବାରେ ସାହାଯ୍ୟ କରେ ।ବଜେଟ୍ ଏବଂ ଆର୍ଥିକ ଯୋଜନା ପାଇଁ ଗଣିତ ଗୁରୁତ୍ୱପୂର୍ଣ୍ଣ । ଏହା ଆମର ଆୟ, ଖର୍ଚ୍ଚ, ଏବଂ ସଞ୍ଚୟ ଗଣିବାରେ ସାହାଯ୍ୟ କରେ ଏବଂ ଆମକୁ ଆର୍ଥିକ ନିଷ୍ପତ୍ତି ନେବାକୁ ସକ୍ଷମ କରେ । ଅନେକ କଳାକାର ଏବଂ ଡିଜାଇନର ମାନେ ଗାଣିତିକ ନୀତି ବ୍ୟବହାର କରି ସୌନ୍ଦର୍ଯ୍ୟଜନକ ଏବଂ ଦୃଶ୍ୟମାନ ଆକର୍ଷଣୀୟ ଡିଜାଇନ୍ ସୃଷ୍ଟି କରିଥାନ୍ତି I ଡାକ୍ତରୀ ଅନୁସନ୍ଧାନ, ଫାର୍ମାସ୍ୟୁଟିକାଲ୍ ବିକାଶ ଏବଂ ରୋଗୀ ସେବା ସହିତ ସ୍ୱାସ୍ଥ୍ୟ ଏବଂ ଔଷଧର ଅନେକ କ୍ଷେତ୍ରରେ ଗଣିତ ବ୍ୟବହୃତ ହୁଏ ଗାଣିତିକ ମଡେଲଗୁଡିକ ବ୍ୟବହାର କରି ଅଧିକ ଦକ୍ଷ ବିମାନ ମାର୍ଗ ନିର୍ଣ୍ଣୟ କରିବା, ଯାନର ଇନ୍ଧନ ଦକ୍ଷତା ଗଣନା କରିବା କିମ୍ବା ସହରୀ ଟ୍ରାଫିକ୍ ପ୍ରବାହକୁ ବ୍ୟବସ୍ଥିତ କରିପାରିବା । ପରିବହନ ଯୋଜନା, ଦୂରତା ଗଣନା କରିବା, ଏବଂ ଭ୍ରମଣ ସମୟକୁ ବ୍ୟବସ୍ଥିତ କରିବା ପାଇଁ ପରିବହନ ବିଭାଗ ଗଣିତକୁ ବ୍ୟବହାର କରିଥାଏ । ସଂଗୀତଜ୍ଞମାନେ ଜଟିଳ ରଚନା ସୃଷ୍ଟି କରିବାକୁ ଗାଣିତିକ ନୀତି ବ୍ୟବହାର କରନ୍ତି,ଏବଂ ସଂଗୀତଜ୍ଞମାନେ ସଂଗୀତ ଢାଞ୍ଚା ଏବଂ ଗଠନ ଅଧ୍ୟୟନ ପାଇଁ ଗାଣିତିକ ବିଶ୍ଳେଷଣ ବ୍ୟବହାର କରନ୍ତି । ଉଦାହରଣ ସ୍ୱରୂପ, ଗାଣିତିକ ଅନୁପାତ ବ୍ୟବହାର କରି ବାଦ୍ୟଯନ୍ତ୍ରର ସନ୍ତୁଳନ ସୃଷ୍ଟି କରିବା କିମ୍ବା ଗାଣିତିକ ମଡେଲ ବ୍ୟବହାର କରି ବାଦ୍ୟଯନ୍ତ୍ରର ବ୍ୟବଧାନ ଏବଂ ତରଙ୍ଗ ଆବୃତ୍ତି ବିଶ୍ଳେଷଣ କରାଯାଇଥାଏ । ମାପ, କୋଣ, ଏବଂ ପରିମାପ ଗଣନା କରିବା ପାଇଁ ଗଣିତ ନିର୍ମାଣରେ ବ୍ୟବହୃତ ହୁଏ । ଯନ୍ତ୍ରୀମାନେ ବିଲ୍ଡିଂ, ବ୍ରିଜ୍ ଏବଂ ଅନ୍ୟାନ୍ୟ ସଂରଚନାକୁ ଡିଜାଇନ୍ କରିବା ପାଇଁ ଗାଣିତିକ ନୀତି ବ୍ୟବହାର କରନ୍ତି ।ପାଣିପାଗ ପୂର୍ବାନୁମାନରେ ଗଣିତ ବ୍ୟବହୃତ ହୁଏ ଯାହା ପାଣିପାଗର ନମୁନାକୁ ଅନୁକରଣ କରିଥାଏ ଏବଂ ଭବିଷ୍ୟତର ପାଣିପାଗର ପୂର୍ବାନୁମାନ କରିଥାଏ । ସୁରକ୍ଷିତ

ISSN NO.
2582-208X

ସଂକେତ ଏବଂ ଏନକ୍ରିପସନ୍ ପଦ୍ଧତି ସୃଷ୍ଟି କରିବାକୁ କ୍ରିପ୍ଟୋଗ୍ରାଫିରେ ଗଣିତ ବ୍ୟବହୃତ ହୁଏ। ଆଲଗୋରିଦମ ବିକାଶ ପାଇଁ କ୍ରିପ୍ଟୋଗ୍ରାଫରମାନେ ଗାଣିତିକ ନୀତି ବ୍ୟବହାର କରନ୍ତି ଯାହା ସମ୍ବେଦନଶୀଳ ସୂଚନା ଏବଂ ସୁରକ୍ଷିତ ଯୋଗାଯୋଗ ଚ୍ୟାନେଲଗୁଡ଼ିକୁ ସୁରକ୍ଷିତ କରିଥାଏ ।

ଖେଳ ଡିଜାଇନର୍ ଏବଂ କାଜିନୋ ଅପରେଟରମାନେ ଗାଣିତିକ ମଡେଲ ବ୍ୟବହାର କରି ଚିତ୍ତାକର୍ଷକ ଏବଂ ଲାଭଜନକ ଖେଳଗୁଡିକ ଡିଜାଇନ୍ କରନ୍ତି। ବ୍ରହ୍ମାଣ୍ଡ ଅଧ୍ୟୟନ ଏବଂ ମହାକାଶ ମିଶନ ଯୋଜନା କରିବା ପାଇଁ ଜ୍ୟୋତିର୍ବିଜ୍ଞାନ ଏବଂ ମହାକାଶ ଅନୁସନ୍ଧାନରେ ଗଣିତ ବ୍ୟବହୃତ ହୋଇଥାଏ। ଜ୍ୟୋତିର୍ବିଜ୍ଞାନୀମାନେ ସ୍ୱର୍ଗୀୟ ବସ୍ତୁ ଏବଂ ଘଟଣାଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ଗାଣିତିକ ମଡେଲ ବ୍ୟବହାର କରୁଥିବାବେଳେ ଯନ୍ତ୍ରୀମାନେ ମହାକାଶଯାନର ପରିକଳ୍ପନା ଏବଂ ଯାନ ଉତକ୍ଷେପଣ ପାଇଁ ଗାଣିତିକ ନୀତି ବ୍ୟବହାର କରିଥାନ୍ତି । ସମୟକୁ ମାପିବା ଏବଂ ସମୟକୁ ସଠିକ୍ ଭାବରେ ଗଣିବା ପାଇଁ ଗଣିତ ସମୟ ସଂରକ୍ଷଣରେ ବ୍ୟବହୃତ ହୁଏ । ଆମର ଆଧୁନିକ ସମୟ ସଂରକ୍ଷଣ ବ୍ୟବସ୍ଥା ଗାଣିତିକ ନୀତି ଉପରେ ଆଧାରିତ, ସମୟକୁ ସେକେଣ୍ଡ, ମିନିଟ୍, ଏବଂ ଘଣ୍ଟା ପରି ସଠିକ୍ ୟୁନିଟରେ ବିଭକ୍ତ କରାଯାଏ । ବଜାର ଧାରାକୁ ବିଶ୍ଳେଷଣ କରିବା, ଷ୍ଟକ୍ ମୂଲ୍ୟର ପୂର୍ବାନୁମାନ କରିବା ଏବଂ ବିନିଯୋଗ ପୋର୍ଟଫୋଲିଓ ପରିଚାଳନା ପାଇଁ ଗଣିତ ଷ୍ଟକ୍ ବଜାରରେ ବ୍ୟବହୃତ ହୁଏ । ଆର୍ଥିକ ବିଶ୍ଳେଷକ ଏବଂ ବ୍ୟବସାୟୀମାନେ ଷ୍ଟକ୍ କିଣିବା ଏବଂ ବିକ୍ରୟ ବିଷୟରେ ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଗାଣିତିକ ମଡେଲ ବ୍ୟବହାର କରିଥାନ୍ତି। ସଠିକ୍ ମାନଚିତ୍ର ଏବଂ ନାଭିଗେସନ୍ ସିଷ୍ଟମ୍ ସୃଷ୍ଟି କରିବାପାଇଁ ଭୌଗୋଳିକ ଏବଂ ମ୍ୟାପିଂରେ ଗଣିତ ବ୍ୟବହୃତ ହୋଇଥାଏ । ଦୂରତା, କୋଣ, ଏବଂ ଉଚ୍ଚତା ମାପିବା ପାଇଁ କାର୍ଟୋଗ୍ରାଫର ଏବଂ ସର୍ବେକ୍ଷଣକାରୀମାନେ ଗାଣିତିକ ନୀତି ବ୍ୟବହାର କରନ୍ତି । ଅର୍ଥନୈତିକ ମଡେଲ ସୃଷ୍ଟି ଏବଂ ଅର୍ଥନୈତିକ ତଥ୍ୟ ବିଶ୍ଳେଷଣ କରିବା ପାଇଁ ଗଣିତ ଅର୍ଥନୀତିରେ ବ୍ୟବହୃତ ହୁଏ । ବଜାରର ଧାରା ଅଧ୍ୟୟନ କରିବା, ଅର୍ଥନୈତିକ ଫଳାଫଳର ପୂର୍ବାନୁମାନ କରିବା ଏବଂ ଅର୍ଥନୈତିକ ନୀତି ବିକାଶ ପାଇଁ ଅର୍ଥନୀତିଜ୍ଞମାନେ ଗାଣିତିକ ନୀତିକୁ ବ୍ୟବହାର କରଥାନ୍ତି ।

୨୦୧୨ରେ ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ୧୨୫ତମ ଜନ୍ମଜୟନ୍ତୀରେ ଯୋଗଦେଇ ଏହି ଦିନକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରିବାକୁ ତତ୍କାଳୀନ

ISSN NO.
2582-208X

ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂ ଆହ୍ୱାନ କରିଥିଲେ । ସେବେଠାରୁ ପ୍ରତିବର୍ଷ ଡିସେମ୍ବର ୨୨ରେ ଦେଶବ୍ୟାପୀ ଗଣିତ ଦିବସ ପାଳନ କରାଯାଉଛି । ଦେଶର ଯୁବପିଢିଙ୍କ ମଧ୍ୟରେ ଗଣିତ ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ମହାନ ଗଣିତଜ୍ଞ ରାମାନୁଜନଙ୍କ ଅବଦାନକୁ ମନେପକାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଏହି ବିଶିଷ୍ଟ ବ୍ୟକ୍ତି ୧୮୮୭ ମସିହାର ଏହି ଦିନରେ ତାମିଲନାଡୁର କୁମ୍ବାକୋନମସ୍ଥିତ ଇରୋଡ୍‌ରେ ଭୂମିଷ୍ଠ ହୋଇଥିଲେ। ବାଲ୍ୟକାଳରୁ ରାମାନୁଜନଙ୍କ ଗଣିତ ପ୍ରତିଭାର ପରିଚୟ ମିଳିଥିଲା। ଏପରି କି ତାଙ୍କୁ ଯେତେବେଳେ ମାତ୍ର ୧୨ ବର୍ଷ ବୟସ ହୋଇଥିଲା, ସେତେବେଳେ 'କୁମ୍ବାକୋନମର ବିସ୍ମୟ ବାଳକ' ଭାବରେ ଲୋକ ତାଙ୍କୁ ଜାଣି ନେଇଥିଲେ। ଜୀବନରେ ଗଣିତରେ ବିଶ୍ଳେଷଣ ଓ ସଂଖ୍ୟା ସିଦ୍ଧାନ୍ତ କ୍ଷେତ୍ରରେ ରାମାନୁଜନଙ୍କର ଅନବଦ୍ୟ ଅବଦାନ ରହିଛି । ଅତି ଉଚ୍ଚମାନର ଗବେଷଣା ଆଧାରିତ ୨୧ଟି ମୌଳିକ ଗଣିତ ପ୍ରବନ୍ଧ ରଚନା କହିଛନ୍ତି। ଗାଣିତିକ ବିଶ୍ଳେଷଣ, ସଂଖ୍ୟାତତ୍ୱ, ଅନନ୍ତକ୍ରମ ଇନ୍‌ଫାଇନାଇଟ୍ ସିରିଜ୍, ଆବୃତ୍ତ ଭଗ୍ନାଂଶ ବା କଣ୍ଟିନ୍ୟୁଡ୍ ଫ୍ରାକସନ ଇତ୍ୟାଦି କ୍ଷେତ୍ରରେ ତାଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ମାତ୍ର ସଂଖ୍ୟାତତ୍ୱ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ଆକର୍ଷଣ। ଗଣିତ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାତ୍ର ୩୦ବର୍ଷ ବୟସରେ ଫେଲୋ ଅଫ୍ ଦ ରୟାଲ ସୋସାଇଟି ଏବଂ ଫେଲୋ ଅଫ ଟ୍ରିନିଟି କଲେଜ ସମ୍ମାନରେ ସମ୍ମାନିତ ହୋଇଥିଲେ। ଗଣିତ ପ୍ରତି ତାଙ୍କ ନିଷ୍ଠା, ଆଗ୍ରହ ଓ ଅବଦାନ ପାଇଁ ଭାରତ ସରକାର ରାମାନୁଜନଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରିଛନ୍ତି। ଆମ ଦୈନନ୍ଦିନ ଜୀବନରେ ଗଣିତର ମହତ୍ୱ କେତେ ପ୍ରତିଫଳିତ ହେଉଛି ତାହା ବିଶ୍ଳେଷଣ କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ । ଅଧିକାଂଶ ଶିକ୍ଷାର୍ଥୀ ମାନଙ୍କୁ ଗଣି ବିଷୟ କଷ୍ଟ ଲାଗିଥାଏ କିନ୍ତୁ ଗଣିତ ଏମିତି ଏକ ବିଷୟ ଯାହା ସବୁ କ୍ଷେତ୍ରରେ ଆବଶ୍ୟକତା ପଡିଥାଏ । ବଜାରରେ ପରିବା କିଣିବାଠାରୁ ଆରମ୍ଭ କରି ମହାକାଶର ଦୂରତା ମାପିବା ପର୍ଯ୍ୟନ୍ତ ଗଣିତ ଜ୍ଞାନ ବିନା ସବୁକିଛି ଅସମ୍ଭବ ।

ବଣିଜ-ବେପାରରେ ମଧ୍ୟ ଗଣିତ ସାହାଯ୍ୟରେ ସହଜ ହୋଇପାରିଛି। ପିଲା ଦିନରୁ ଆରମ୍ଭକରି ଜୀବନର ଶେଷ ପର୍ଯ୍ୟନ୍ତ ସମସ୍ତେ ଗଣିତର ବ୍ୟବହାର କରିଥାନ୍ତି ।

ଅଧ୍ୟାପକ ପଦାର୍ଥ ବିଜ୍ଞାନ ବିଭାଗ
ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ
କଟକ -୭୦୦୮୨୪୧୫୮୮

ISSN NO.
2582-208X

# କୁହୁଡି

ବିନୟାନନ୍ଦ ବସ୍ତସ୍ୟ

କୁହୁଡି କାକର ସୁରୁଜ ଉଇଁଲେ
ଆପେ ଲିଭି ଲିଭି ଯାଏ,
ଏଇ ଦିଶେ ଏଇ କ୍ଷଣେ ଲୁଚିଯାଏ
ମନକୁ ଭିଜେଇ ଦିଏ ॥


ଛାତି ତଳେ କେତେ ଅସରା ଭାବନା
ସ୍ମୃତି ଅନୁଭୂତି ହୋଇ,
କେବେ ସେ ନୀରବେ ହସାଏ କନ୍ଦାଏ
କେବେ ତ ଯାଏ ମିଳେଇ ॥

ଗିରିଷମେ ସ୍ୱେଦ ହିମେ ଶିହରଣ
ଉଷ୍ଣତା ବି ଭରିଦିଏ,
ବାସନ୍ତୀ ମଲୟେତନୁ ମନ ଥରେ
ଅନୁଭବ ଗାର ଟିଏ ॥

ସପନ ସରେନା ଅଧୁରା ଭାବନା
ବିଚଳିତ କରେ ମନ,
ତଥାପି ଆଶାର ଗବାକ୍ଷ ଉହାଡେ
ଦିଶେ ଭାବ ଜହ୍ନ ତୋରା ॥

ISSN NO.
2582-208X

# ଗାର୍ଲଫ୍ରେଣ୍ଡ



ତ୍ରିପତି ପ୍ରଧାନ

ଗାର୍ଲଫ୍ରେଣ୍ଡ ବୋଲି ଯାହାକୁ କହୁଛ
ନୁହଁ ସେ କି ଜଣେ ନାରୀ
ପ୍ରେମ ସରାଅରେ ସ୍ନେହ ପଶରାରେ
ମନ ନେଉନି କି ହରି (୧)
ବୋଲି ମାଆ ମାଆ ପୂଜ ପାଦ ଯାହା
ସେ ଥିଲା ଜନକ ସାଥି
କାଲି ଯାହା ନିଏ ତୁମ ପାଇଁ ଥୁଏ
ତେଣୁ ଦିଅ ମଥା ପାତି (୨)
ନାରୀ ପରା ସଦା ପୂଜନର ଯୋଗ୍ୟା
ଜନନୀ ଦୁହିତା ଜାୟା
ଘୃଣାପାତ୍ରୀ ନୁହେଁ ଭୋଗ୍ୟାବହି କୁହେ
ମନ କଳୁଷିତ କାୟା (୩)
ଯେ ରୂପରେ ହେଉ ସର୍ବ ପୂଜ୍ୟା ସେହୁ
ଗାୟତ୍ରୀ, କମଳା, ସତୀ
ପୂଜାକର୍ ତୁହି ସେତ ମହାମାୟୀ
ସଂସାର ତା ପାଇଁ ସ୍ଥିତି (୪)

ପୁରୁଷ ଜାତିଟା କରି ହଲାପଟା
ନିଜ କର୍ମେ ତାକୁ ବାନ୍ଧେ
ଗୋଟିଏ ମାତାକୁ ଶ୍ରେଷ୍ଠା କରିବାକୁ
ଅନ୍ୟ ଜନ୍ମ ଦାତ୍ରୀ ନିନ୍ଦେ (୫)
ସର୍ବ ସହା ସେହି ଅଟେ କ୍ଷମାମୟୀ
ପାପୀ ଲାଗି ଦଣ୍ଡଧରା
ପୂଜି ତା ପୟର ଦେଖ ତାକୁ ନର
ହେବ ସ୍ୱର୍ଗପୁର ଧରା (୬)

ସଂସ୍କୃତ ଶିକ୍ଷକ,
ଚକଟି, ଗଞ୍ଜାମ

ISSN NO.
2582-208X

# ଘରକୁ ପରିବା ଆଣୁ ନଥିବାରୁ



ଜୟନ୍ତ କୁମାର ମଲ୍ଲିକ୍

ଘରକୁ ପରିବା ଆଣୁ ନଥିବାରୁ
ଘରଣୀ ଶୁଣାଏ ଗାଳି -
କଳି ଝଗଡ଼ାରେ ଦୁଲୁକେ ଦୁଆର
ଯେବେ ଆସେ କିସ୍ତି ପାଳି,
ଠିଆ ଠିଆ ମୁଁ ଯେ ବେଜିତ୍ ହୁଅଇ
ଗୋଷ୍ଠୀ ସାଆରଙ୍କ ପାଖେ -
ଶିରୀମତି ମୋର ହୁଏ ଗର ଗର
ଛୁଆଟାକୁ ଧରି କାଖେ,
ମାଛ ତେଲେ ମାଛ ଭାଜିକି କିଏସେ
ନିଜ ପାଇଁ ମେଞ୍ଚେ ସଞ୍ଚେ -
ପର ପାଇଁ ମୁଁ ଯେ ଋଣରେ ବୁଡ଼ିକି
ନିତି ମରି ମରି ବଞ୍ଚେ,
ଯାହା ଦି'ପଇସା ରୋଜଗାର କରେ
ଝାମ୍ପି ନିଏ ସୁଧବାଲା -
ତୁଣ ବିନା ଭାତ ତଣ୍ଟିରେ ଗଳେନାଁ
ଫାଙ୍କା ମୋ ପରିବା ଡାଲା,
ପରିବାର ମୋର ହୁଏ ଛାରଖାର
କେବଳ ଅଭାବ ଲାଗି -
ଚଉଦ ପୁରୁଷ ଉଝାଳେ ମୋ ସ୍ତିରୀ
ଫଅଁ ଫଅଁ ହୁଏ ରାଗି,
କଟା ଘାଆରେ ମୋ ଚୂନ ଲଗାଇକି
ଭଗାରୀ ପରିକା ଭାଇ -
ଭାରିଯା କଥାରୁ ଲମ୍ବାଇକି ଖିଅ
ଭାଗବତ ଯାନ୍ତି ଗାଇ,
ଅସୁବିଧା ବେଳେ ମାରିଥାନ୍ତି ବିଧା
ଯେତେକ ନିନ୍ଦୁକ ଲୋକ -
ଗୋପବନ୍ଧୁ ପରି ପର ପେଟ ଭରି
ବରଣ କରିଛି ଭୋକ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ଆକାଶବାଣୀ



ଡ଼ଃ ପ୍ରଦୀପ କୁମାର ପଣ୍ଡା

ଏଇ କୋଇଟା ଦିନ ଭିତରେ ମଧୁସ୍ମିତା ଭାଉଜଙ୍କ ନାଁ ସାରା ଗାଁରେ ସମସ୍ତଙ୍କୁ ମୋହିତ କରି ଦେଇଛି । ବାହାଘରର ମାସଟିଏ ନ ପୁରୁଣୁ ଏମିତି ସମସ୍ତଙ୍କୁ ଆପଣାଇ କରି ନେଇଥିଲେ । ତାଙ୍କର ଆଜାନୁ ଲମ୍ବିତ ଘନ କୃଷ୍ଣବେଣୀ ଚମ୍ପା ପରି ଗୌର ତନୁ ତିଳ ପୁଷ୍ପ ପରି ନାସିକା ରକ୍ତ ଗୋଲାପ ପରି ରକ୍ତିମ ଓଠ ଶଙ୍ଖ ଗ୍ରୀବା ଦର୍ଶକଙ୍କ ମନେ ହେଉଥିଲା କେଉଁ ଅପୂର୍ବ ବିନ୍ଧାଣୀ କେତେ କାଳ ସାଧନା କରି ନିର୍ମାଣ କରିଛି । ହେଲେ ସେ ଯେଉଁ ଘରକୁ ବଧୂ ସାଜି ଆସିଥିଲେ ସେତେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଅନ୍ୟମାନଙ୍କ ସହିତ କାମ କରିବାକୁ ପଡୁଥିଲା । ସେ ଯେତେବେଳେ ବିଲବାଡ଼ିରେ ଅନ୍ୟମାନଙ୍କ ସହିତ କାମ କରୁଥିଲେ ସେତେବେଳେ ସେ ବାରି ହୋଇ ପଡୁଥିଲେ । ତାରାଗଣଙ୍କ ମେଳରେ ପୂର୍ଣ୍ଣେନ୍ଦୁ ପରି ପ୍ରତୀତ ହେଉଥିଲେ । କେବଳ ଶାରୀରିକ ସୌନ୍ଦର୍ଯ୍ୟର ଗନ୍ତାଘର ନଥିଲେ ତା ସହିତ ସୁନ୍ଦର କଣ୍ଠସ୍ୱର ଓ ମଧୁର ଭଦ୍ର ବ୍ୟବହାର ସମସ୍ତଙ୍କୁ ଆକର୍ଷିତ କରି ବାନ୍ଧି ରଖୁଥିଲା । ଶିଶୁଠାରୁ ବୃଦ୍ଧ ସମସ୍ତଙ୍କ ମନଜାଣି କଥାବାର୍ତ୍ତା କରିପାରୁ ଥିବାରୁ ସମସ୍ତେ ତାଙ୍କୁ ଅତି ଆପଣର ବୋଲି ଭାବୁଥିଲେ । ମନଖୋଲି କଥାବାର୍ତ୍ତା ମାଧ୍ୟମରେ ଯଥା ଶକ୍ତି ଅନ୍ୟର ଦୁଃଖ ଦୂର କରିବାରେ ସେ ପରମ ସନ୍ତୋଷ ଲାଭ କରୁଥିଲେ । ସମସ୍ତଙ୍କ ସହିତ ମିଶୁଥିବାରୁ ଗାଁର ସମସ୍ତ କଥା ଜାଣି ପାରୁଥିଲେ । ଏପରିକି ପୂର୍ବାନୁମାନ କରି ଯାହା କହୁଥିଲେ ଅନେକ ସମୟରେ ତାହା ଘଟୁଥିବାରୁ ଗାଁ ଲୋକଙ୍କ ମୁଖରେ ସେ ଆକାଶବାଣୀ ନାମରେ ଖ୍ୟାତ ଥିଲେ । ମାଟି ଓ ଆକାଶ ଭିତରେ ସେ କେବେ ତୁଳନା କରି ନ ଥିଲେ । ଜୀବନର ନାନା ଜଞ୍ଜାଳ ଭିତରେ ଘାଣ୍ଟି ହେଲେ ମଧ୍ୟ ଆଉଟା ସୁବର୍ଣ୍ଣ ପରି ଦାଉଦାଉ ଦେଖାଯାଉ ଥିଲେ । ନିଜ ରୂପଯୌବନକୁ ନେଇ ଗର୍ବ କରିବା ତ ଦୂରର କଥା ଆସୁଥିବା ଦୁଃଖ ଯନ୍ତ୍ରଣାକୁ ନିଜର ବିଶଳ ହୃଦୟରେ ସଲିଳ ସମାଧି ଦେଉଥିଲେ । ଘର କରିଥିଲେ

ISSN NO.
2582-208X

ପଥର ପଡ଼ିଲେ ସହିର ଆପ୍ତବାକ୍ୟକୁ ମର୍ମେ ମର୍ମେ ପାଳନ କରୁଥିଲେ । ଦାରିଦ୍ର୍ୟରେ ଅଣନିଃଶ୍ୱାସୀ ହେଲେ ବି ଓଡ଼ିଆ ସଧବାନାରୀର ମର୍ଯ୍ୟାଦା କେବେ ଲଘଂନ କରୁ ନ ଥିବା ମୂର୍ତ୍ତିମନ୍ତ ଦେବୀଟିଏ ଥିଲେ । ଦେଖିଲା ମାତ୍ରେ ଶ୍ରଦ୍ଧାରେ ଭକ୍ତିରେ ମୁଣ୍ଡ ତଳକୁ ହୋଇଯାଉଥିଲା । ପରିବାରର ସମସ୍ତଙ୍କୁ ସେବା ଯୋଗାଇବା ସହିତ ହସଖୁସିରେ ଏପରି ରଖିଥିଲେ ଯେ ଦୁଃଖ କ'ଣ କେହି ଜାଣିପାରୁ ନଥିଲେ । ତାଙ୍କ ଘରକୁ ଯେତେବେଳେ ବି ଯିଏ ଆସିଛି ସୁଖଶାନ୍ତି ସନ୍ତୋଷରେ ଫେରିଛି । କିନ୍ତୁ ସେ ହସ ବେଶୀଦିନ ରହିଲା ନାହିଁ । ସମୟ ହେବା ଆଗରୁ ସେ ଚାଲିଗଲେ । ବିନାମେଘରେ ବଜ୍ରପାତ ହେଲା । ଯେ ଯେଉଁଠି ଶୁଣିଲା ଆଖିରୁ ଅବିରତ ଜଳ ନିଃସୃତ ହେବାରେ ଲାଗିଲା । କାନ୍ଦବୋବାଳି ରେ ଗାଁ ଫାଟି ପଡିଲା । ଶିଶୁମାନଙ୍କ କ୍ରନ୍ଦନ, ଗାଁର ଝିଅ ବୋହୁଙ୍କ ବାହୁନି ବାହୁଡ଼ି କାନ୍ଦ ବୃଦ୍ଧବୃଦ୍ଧାଙ୍କ ନିଜ ହାତରେ ଛାତି ବାଡ଼େଇ ଭଗବାନଙ୍କୁ ଆକୁଳ ସ୍ମରଣ ପଥରକୁ ମଧ୍ୟ ତରଳାଇ ଦେବ । ଦିନେ କାନ୍ଦି କାନ୍ଦି ବଧୂ ବେଶରେ ଏଇ ଗାଁକୁ ଆସିଥିଲେ । ଆଜି ଗାଁକୁ ନିଜର କରି ହସି ହସି ବିଦାୟ ନେଲାବେଳେ ସାରା ଗାଁ କାନ୍ଦୁଥାନ୍ତି । ଏହି ସମୟରେ କାନ୍ଦି କାନ୍ଦି ହରି ବୁଢ଼ା କହୁଥିଲେ ଆମ ଗାଁର ଆକାଶବାଣୀ ଆଜିଠୁ ବନ୍ଦ ହେଇଗଲା । ସେ ଆକାଶବାଣୀରୁ ଆଉ କିଛି ଆମେ ଶୁଣି ପାରିବା ନାହିଁ । ଶବକୁ ଷୋହଳ ଶୃଙ୍ଗାରରେ ସଜାଇ ଖୋଳ ମୃଦଙ୍ଗ ବଜାଇ ବିଦାୟ ଦେଲାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଦଣ୍ଡାୟମାନ ଆବାଳବୃଦ୍ଧବନିତାଙ୍କ ନିଜନିଜର ଲୋତକରେ ଗାଁ ମାଟି ଓଦା ହୋଇ ଯାଉଥାଏ । ବିପରୀତ ପାର୍ଶ୍ୱରୁ କେନ୍ଦରା ଧରି ଆସୁଥିବା ଯୋଗୀ ଯାଉଥାନ୍ତି -

କେଉଁ ପଥ ଦେଇ ଆସିଥିଲା ସିଏ
 ଚାଲିଗଲା କେଉଁ ପଥେ
ଏଇତକ ଯଦି ଜାଣି ପାରୁନାହୁଁ
 ରୋଦନ କରୁଛୁ ମିଛେ ।।
ନିଜ ନିଜ ବୋଲି ଯାହାକୁ କହୁଛୁ
 ସିଏ ଥିଲା କିଏ ତୋର
ସବୁ ସିନା ଅଟେ ଅଳୀକ ସଂସାରେ
 ନିଜେ ତୁ ନୁହେଁ ନିଜର ।।

ନୂଆଁ ବରଙ୍ଗାମାଲ ସମ୍ବଲପୁର ୭୬୮୧୧୨

ISSN NO.
2582-208X

# ମୋ ବାପା



ସୋନତା ଦାସ

ଯାହା ପାଇଁ ଆଜି ମୁଁ ଏ ଦୁନିଆରେ ପରିଚିତ ସେ ହେଉଛନ୍ତି
ବାପା ମୋ ବାପା...

ଜୀବନ ରୂପକ ଅନ୍ଧାର ଭିତରେ ଆଲୁଅ ଟିଏ ହେଉଛନ୍ତି
ବାପା ମୋ ବାପା...

ଯାହା କାନ୍ଧରେ ବସି ମୁଁ ସାରା ଦୁନିଆ ଦେଖିଛି ସେ ହେଉଛନ୍ତି
ବାପା ମୋ ବାପା...

ଯାହା ପାଇଁ ଆଜି ମୁଁ ସ୍ୱପ୍ନ ଦେଖୁଛି ସେ ହେଉଛନ୍ତି
ବାପା ମୋ ବାପା...

ହୁଏତ ସେ କେବେ କହିନାହାନ୍ତି ହେଲେ ମତେ ଯିଏ ସବୁଠୁ ଅଧିକ ଭଲ ପାଏ ସେ ହେଉଛନ୍ତି ବାପା ମୋ ବାପା..

ସବୁ ବାଜି ଜାଣି ଜାଣି ହାରି ଯାଉଥିବା ମଣିଷ ଟିଏ ହେଉଛନ୍ତି
ବାପା ମୋ ବାପା...

ISSN NO.
2582-208X

ମୋର ମଙ୍ଗଳ ଆଉ ସଫଳ ପାଇଁ ଯିଏ ସବୁ କିଛି ତ୍ୟାଗ କରନ୍ତି ସେ ହେଉଛନ୍ତି ବାପା ମୋ ବାପା..

ଜଗତର ନାଥ ପ୍ରଭୁ ଜଗନ୍ନାଥ ମୋ ବାପାଙ୍କୁ ସବୁ ବେଳେ ମୋ ପାଖରେ ଆଉ ଖୁସିରେ ରଖନ୍ତୁବାପା ମୋ ବାପା ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ରାସେଶ୍ୱରଙ୍କୁ ଚିଠି



ରଶ୍ମିତା ନାୟକ

ପ୍ରାପ୍ତେଷୁ ଶ୍ରୀ କୃଷ୍ଣଚନ୍ଦ୍ର ବୃଷ୍ଣିବଂଶି
ନିବାସ ରାଜନଅର
ଆପଣଙ୍କ ଡାକଘର,ଭାୟା,ଜିଲ୍ଲା
ସତୀର୍ଥ ଦ୍ୱାରିକାପୁର ॥

କରିବାରଣ ପଲଙ୍କ ରହିଅଛି
ହିରାବାରଣ ଯନ୍ତ୍ରରେ
ତୁଳା ଶେଜ ପରେ ତୁଳିକା ଉପରେ
ଚିଠି ଲେଖୁଛି ଲୁହରେ ॥

ଅମାପ କୋହକୁ କାଗଜ କରୁଛି
ଅସରନ୍ତି ଅଶ୍ରୁକାଳି
ଅନୁରୋଧ ମୋର ଚିଟାଉ ପଢିବେ
ପୂର୍ଣ୍ଣବ୍ରହ୍ମ ବନମାଳୀ ॥

ପିତା,ମାତା, ଭ୍ରାତା ଅଷ୍ଟପାଟବଂଶି
ଜଣାଇବେ ମୋ ପ୍ରଣାମ

ISSN NO.
2582-208X

ହୃଦୟ କନ୍ଦରୁ ଆଭୂମ ପ୍ରଣାମ
ଘେନନ୍ତୁ ହେ ପ୍ରିୟତମ ॥

ଆସିଛି ହେମନ୍ତ କାର୍ତ୍ତିକ ଶେଷାନ୍ତ
ବୃନ୍ଦାବନ ଅଛି ଚାହିଁ
କାହାସଙ୍ଗେ ରାସକେଳି କରୁଛନ୍ତି
ଦ୍ୱାରିକା ନଗରେ ରହି ॥

କେଉଁ ବୃକ୍ଷ ଡାଳେ ଝୁଲଣ ଝୁଲନ୍ତି
ସଜାନ୍ତି କିଏ ଝୁଲଣ
କାହା ନାମ ଧରି ମୁରଲୀ ଡାକୁଛି
ଲେଖିବେ ହେ ଘନଶ୍ୟାମ ॥

ଚନ୍ଦନ କର୍ପୁର ଶ୍ରୀଅଙ୍ଗେ କେ ଲେପେ
କେ ଢାଳେ ବାସଅତର
ଶିରେ ଶିଖୀପୁଚ୍ଛ ରଙ୍ଗା ଅଧରକୁ
ଦେଖି କେ ହୁଏ ଅଧୀର ॥

ଲଳିତା ପରିକେ କୋମଳ ପଲ୍ଲବେ
ଢାଳୁଅଛନ୍ତି ଚାମର
କିଏ ରୁଷୁଛନ୍ତି ତୁମକୁ ନପାଇ
ଜଣାଇବେ ବଂଶୀଧର ॥

ସେ ଝୁଲଣେ ବସି ରୁକ୍ମଣୀରାଣୀକି
କରନ୍ତି ଅଙ୍କମଣ୍ଡନ
ବଂଶୀ ଚୋରିକରି ସତ୍ୟଭାମା, ଭଦ୍ରା
କଲେକି ମାନଭଂଜନ ॥

ISSN NO.
2582-208X

ମୁରଲୀ ବିତାନେ ଦ୍ୱାରିକା ଅବଳା
ଧାଉଁଥିବେ କୁଞ୍ଜବନ
ସ୍ନାନ୍ତବଳ ଯେହ୍ନେ ସୂଚିକା ଆକର୍ଷି
କରିଥାଏ ଆଲିଙ୍ଗନ ॥

ଏ ରାସବାସରେ ବିରହ ଯାତନା
ଅସହ୍ୟ ହୁଏ ମୋ ପାଇଁ
ଅଳିନ୍ଦନୀଳୟେ ଅବ୍ୟକ୍ତ ବେଦନା
ବ୍ୟକ୍ତ କରିପାରୁନାହିଁ ॥

ଚିଠି ପାଇ ଚିଠି ଦେବେ ରାସେଶ୍ୱର
ନାମ ଲେଖିବେ ମୋହରି
ଚାତକିନୀ ସମ ଅପେକ୍ଷାରେ ଇତି
ଆପଣଙ୍କ ରାସେଶ୍ୱରୀ ॥

ଜଗତସିଂହପୁର

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

-- ୩ --

ବାପ ଗୋସାପ ଅମଳରୁ ଜୀବନ ବାବୁଙ୍କ ପରିବାର ନାମଜାଦା ଜମିଦାର ପରିବାର ନାମରେ ଗଣା ଯାଉଥିଲେ । ଅରୁନ୍ଧତୀର ଜନ୍ମ ପୂର୍ବରୁ ଜମିଦାରୀ ପ୍ରଥା ଉଚ୍ଛେଦ ହୋଇଯାଇଥିଲା । କର୍ପୁର ସିନା ଉଡ଼ିଯାଇଥିଲା, କନା ଖଣ୍ଡିକ ତ ରହିଯାଇଥିଲା । ତେଣୁ ତାଙ୍କ ପରିବାରର ଚଳଣି ଆବଦ କାଇଦା ସବୁ କିଛି ନିଆରା ଥିଲା । ଆଖ ପାଖ ଦଶଟା ମୁଲକରେ ତାଙ୍କ ପରିବାର ବାରି ହୋଇପଡ଼େ । ଅରୁନ୍ଧତୀର ମନେହୁଏ ସେ ଖୁବ୍ ଗେଲ ବସରରେ ବଢ଼ୁଥିଲା । ବାପାଙ୍କର ସେ ଥିଲା ଜୀବନ । ମା' କ'ଣ ଆଉ ବାପାଙ୍କ କଥାର ବେଖାତିର କରନ୍ତା ! ମା' ର ହାତ ବାଣ୍ଟିବା ପାଇଁ ନାନୀ, ମାଉସୀ ମାନେ ଭେଳା ଭେଳା ।

ସବୁରି ଠାରୁ ନିଆରା ରାଜା ଭାଇ(ଧୂସୁରା), ରଙ୍ଗୀ ମା'ର ପୁଅ । ସେ ସବୁବେଳେ ଅରୁନ୍ଧତୀର ପାଖେ ପାଖେ ଥାଏ । ବାପା କୁହନ୍ତ ଗୁନିକୁ ସଦାବେଳେ ଆଖି ଆଗରେ ରଖିଥିବୁ ରାଜା । ଚଗଲା ପିଲାମାନେ ମତେ ଭୟ କରି ଘର ପାଖରେ ମୋ ସାମ୍ନାକୁ ସିନା ଆସିପାରୁନାହାନ୍ତ । ତାକୁ ଏକା ଦେଖି ହଇରାଣ ନ କରନ୍ତୁ । ବାପାଙ୍କର ଆଜ୍ଞାବହ ରାଜା ଭାଇ । ଚବିଶ ଘଣ୍ଟା ସିଏ ତା' ମା' ସହ 'ବାବୁଘର' (ଜୀବନ ବାବୁଙ୍କ ଘର) ବାହାର ଘରେ ରୁହେ । ରାଜା ଭାଇର ମା'(ରଙ୍ଗୀମା) ବହୁତ ଭଲ । ହେଲେ ସମୟତଃ ଗୁନିର ମନକୁ ଆସେ ରଙ୍ଗୀମା ପକ୍ଷପାତ କରୁଛି । ରାଜା ଭାଇଠାରୁ ସେ ଗୁନିକୁ ବେଶୀ ଭଲ ପାଏ। କେଜାଣେ, ଏ ଲୋକମାନେ କେମିତି । ଗୁନି ହାତରେ ରଙ୍ଗୀମା ଲଡୁ ଧରାଇଲେ ସିଏ ଦୌଡ଼ି ଦୌଡ଼ି ରାଜା ଭାଇ ପାଖକୁ ଯାଏ । ଜାଣିଛୁ ରାଜା ଭାଇ, ବାପା କୁହନ୍ତ ସବୁ ଜିନିଷ ଭାଗ ଭାଗ କରି ଖାଇବ । ନେ ତୋର ଅଧା ମୋର ଅଧା । କେବେ କେବେ ରାଜା ଭାଇ ହାତରେ ଗୁନିର ଖାଇବା ଜିନିଷ ଦେଖିଲେ ରଙ୍ଗୀମା ରାଜା ଭାଇର କାନ ମୋଡ଼ି

ISSN NO.
2582-208X

ଚଟକଣାଟାଏ ଲଗାଏ । ଗୁନକୁ ସେ ସବୁ ଭଲ ଲାଗେନା । ବାପାଙ୍କ ପାଖରେ ଗୁହାରି କରେ । ବାପା ବେଳେ ବେଳେ ରଙ୍ଗୀ ମାକୁ ଆକଟି ଥାଆନ୍ତ । ରଙ୍ଗୀମା ଶୁଣେ । ପୁଣି ଯୋଉ କଥାକୁ ସେଇ କଥା । ଦିନକର କଥା । ବାପା ରଙ୍ଗୀମାକୁ ଡାକ ବୁଝାଉଥିଲେ । ମା' ଦେହ ଅସୁସ୍ଥ । ତେଣୁ ତାକୁ କଟକ ନେଇ ତା'ର ପରୀକ୍ଷା ନରୀକ୍ଷା କରାଇବେ । ସମୟ ଲାଗିବ । ଗୁନର ଯେମିତି ଅବହେଳା ନ ହୁଏ । ଦିନରାତି ତା' ପାଖେ ପାଖେ ଥିବୁ।

ଗୁନ ଶୁଣିପାରିଲା, ବାପା ଘରେ ରହିବେନ । ବାପାଙ୍କ ବିନା ସେ କେମିତି ରହିବ ! ଜିଦି ଧରି ବସିଲା । ମୁଁ ତୁମ ସଂଗେ ଯିବି । ରାଜା ଭାଇକୁ ବି ନେଇଯିବା । ତୁମେ ମା' କଥା ବୁଝିବ । ମୁଁ ରାଜା ଭାଇ ସଂଗେ ବୁଲି କଟକ ଦେଖିବି । ରଙ୍ଗୀମା ଗୁନକୁ ବହୁତ ବୁଝାଇ ଥିଲା । ଶେଷରେ କହିଥିଲା, ବାପା ଯାଉଛନ୍ତ ତୁମ ପାଇଁ କୁନ ଭାଇ ନେଇ ଆସିବେ । ଆନନ୍ଦରେ ଫାଟି ପଡ଼ିଲା ଗୁନ । ସତ କୋହୁଛୁ ରଙ୍ଗୀମା । ଦୌଡ଼ି ଦୌଡ଼ି ଯାଇ ବାପାଙ୍କ ପାଖେ ଗୁହାରି କରିଥିଲା । ତୁମେ ମୋ ପାଇଁ ଭାଇ ଆଣିବାକୁ ଯାଉଛ ବାପା ? ଯାଅ, ମୁଁ ଜମା କାନ୍ଦିବିନି । ରୁନି, ଟିକିନା, ସୁନି ସମସ୍ତଙ୍କର ଭାଇ ଅଛନ୍ତି । ସେମାନେ ଘରେ କେତେ ମଜା କରନ୍ତି । ରାଜା ଭାଇ ମୋ ଭାଇ କହିଲେ ଫେଁ ଫେଁ ହୋଇ ହସନ୍ତି । ଗୋଟିଏ ନୁହେଁ ଦୁଇଟି ନେଇ ଆସିବ । ଜଣେ ମୋ ଡାହାଣ ହାତକୁ ଧରିବ, ଆଉ ଜଣେ ବାଁ ହାତ । ରୁନି, ଟିକିନା, ସୁନିକୁ କହିବି ତୁମ ଭଳି ମୋର ଗୋଟିଏ ଭାଇ ନୁହନ୍ତି । ତିନି ତିନିଟା ଭାଇ । ମୁଁ ତୁମମାନଙ୍କ ଆଗରେ ।

ମା' କୁ ନେଇ ବାପା କଟକ ଗଲିଗଲେ । ଦିନ ଗଣୁଥିଲା ଗୁନ । ବାପା କେବେ ଭାଇ ନେଇ ଆସିବେ ରଙ୍ଗୀମା । ସେଦିନଟି ଖୁବ୍ ଶୀଘ୍ର ଆସିଯାଇଥିଲା । ଇଶ୍ୱର ଯେମିତି ଗୁନର କଥା ଶୁଣିପାରିଥିଲେ । ମା' ଜାଆଁଳା ଛୁଆ ଜନ୍ମ ଦେଇଥିଲା । ଘରେ ଆନନ୍ଦର ମହଲ । ଗୋଟିଏ ନୁହେଁ, ଦୁଇ ଦୁଇଟି ନୂଆ ଅତିଥି । ଘରର ପରିବେଶ ଖୁସିରେ ଭରି ଯାଇଥିଲା । କାହାରି ପାଦ ତଳେ ଲାଗୁ ନ ଥିଲା । ପଞ୍ଚୁଆତି, ଷଷ୍ଠୀ ପୂଜା । ଷଷ୍ଠୀ ପୂଜା ପାଇଁ ଦଉଡ଼ି ବଳା ହେଲା । ନବ ଅତିଥି ଦୁଇଟିଙ୍କର ନାମ ରଖାଗଲା ରାମ ଆଉ ଶ୍ୟାମ । ସାଇ ସାରା ମିଠାଇ ବଣ୍ଟା । ପୁଣି ଆସିଲା ଏକୋଇଶିଆ । ବଡ଼ ଯାକ ଜମକରେ ଏକୋଇଶିଆ ପାଳନ ହେଲା । ବାପାଙ୍କର ବନ୍ଧୁ ଗୋଷ୍ଠୀ ବହୁ ଉଚ୍ଚ ପାହିଆ ଲୋକମାନେ । ମନ୍ତ୍ରୀ ନେତାଙ୍କ ଠାରୁ ପଦସ୍ଥ ଅଫିସର ଯାଏ, ଦୂର ଦୁରାନ୍ତର ବ୍ୟବସାୟୀ ମାନଙ୍କ ଠାରୁ ସାଇ ପଡ଼ିଶା ଯାଏ ଏକାଠି ହେଲେ । ହଠାତ୍ ଜଣେ ମୋଟା ତାଗଡ଼ା, ନଶୁଆ ମଣିଷକୁ ଦେଖି ଗୁନ ଭୟରେ

ISSN NO.
2582-208X

କାତର ହୋଇ ରଙ୍ଗୀମା ପଣତ କାନରେ ମୁହଁ ଲୁଚାଇଲା । ରଙ୍ଗୀମା ବୁଝାଇ ଚାଲିଥିଲା । ସିଏ ତୁମର ମାମୁ ଗୁନ । ଡରୁଛ କାହିଁକି, ଏତିକିରେ ବାପା କେଉଁଠୁ ଆସିଗଲେ । ସାମାନ୍ୟ ଚଢ଼ା ଗଳାରେ କହିଲେ, ଗୁନ ନ ଯିବାକୁ ଚାହୁଁଚ ଯଦି ତୁ କାହିଁକି ତାକୁ ତା ପାଖକୁ ଯିବାକୁ ବାଧ କରୁଛୁ ରଙ୍ଗୀ । ତାକୁ ଭିତରକୁ ନେଇ ଖୁଆଇ ଶୁଆଇ ଦେ ।

ଦିନ ଗଡ଼ି ଚାଲିଲା । ଚନ୍ଦ୍ରକଳା ଭଳି ପିଲା ଦୁଇଟି ବଢ଼ି ଚାଲିଥାନ୍ତି । ହେଲେ ଗୁନ ଲକ୍ଷ୍ୟ କଲା ମା' ତାକୁ ଆଉ ଥରେ ବି କୋଳକୁ ନେଉନ । ରଙ୍ଗୀମା କୁ ଯାର କାରଣ ପଚାରିଲା । ହେଲେ, ତା' ଠାରୁ କିଛି ସଠିକ୍ ଉତ୍ତର ମିଳି ନ ଥିଲା । ହଠାତ୍ ସେଦିନ ନଶୁଆ ମାମୁଙ୍କୁ ଦେଖି ଗୁନ ତଟସ୍ଥ ହୋଇଗଲା । ଭାଇ ଦୁହିଁଙ୍କର ଏକୋଇଶା ପରେ ଆଉ ଥରେ ବିସେ ଘରକୁ ଆସି ନଥିଲେ । ଦୁଇ ଭାଇଙ୍କ ହାତରେ ଦୁଇଟି ଖେଳନା ଦେଇ ମା ଆଡ଼କୁ ଚାହିଁ କହିଲେ, "ମୋ ପାଇଁ କିଛି କଲୁ ନାନୀ !" ଗୁନ ମାମୁଙ୍କ କଥାର ଅଗମୂଳ ନ ବୁଝି କହିଲା, "ମୋ ଖେଳନା କାହିଁ ମାମୁ ?" ତୋ ମାମୁକୁ ମାଗ । ମୁଁ ମୋ ଭଣଜାଙ୍କ ପାଇଁ ଆଣିଛି । ଗୁନର ମୁଣ୍ଡ ଚକର ଖାଇଗଲା । ରଙ୍ଗୀ ମାକୁ କିଛି ଜଣା ନାହିଁ । ସେଇ ତ କହୁଥିଲା ଏଇ ନଶୁଆ ମୋର ମାମୁଁ । କାନ୍ଦି କାନ୍ଦି ଯାଇ ବାପାଙ୍କ ନିକଟରେ ପହଁଚିଗଲା ଗୁନି । ଗୁନି ଠାରୁ ଅଭିଯୋଗଟି ଶୁଣି ଅପେକ୍ଷାକୃତ ଚଢ଼ା ଗଳାରେ ବାପା କହିଲେ, ତୋର ଆଉ ଖେଳନା ଖେଳିବା ବୟସ ଅଛି । ବଡ଼ ହୋଇଗଲୁଣି । ଏବେ ତୋର ପାଠ ପଢ଼ା ବୟସ । ଆବାକାବା ହୋଇ ବାପାଙ୍କ ମୁହଁକୁ ଚାହିଁ ରହିଲା ଗୁନି । ସତରେ କ'ଣ ସେ ବଡ଼ ହୋଇଗଲାଣି । ରଙ୍ଗୀମା ତ ସବୁକଥା ରେ ତାକୁ ଆକଟ କରି କହେ, ତୁ ପିଲାଟା ।

କଥା ପଦଟା ଗୁନକୁ କହି ଦେଇ ନିଜକୁ ଦୋଷୀ ସାବ୍ୟସ୍ତ କରୁଥିଲେ ଜୀବନ ବାବୁ । ଏ ସବୁ ତ ତାଙ୍କରି ହାତଗଢ଼ା । ଯମୁନାଙ୍କୁ ହରାଇବା ପରେ ସେ ନିଜକୁ ଆୟତ୍ତରେ ଆଣି ପାରୁ ନ ଥିଲେ । ସତରେ କ'ଣ ସେ ଗୁନ ପାଇଁ ସାରିକାଙ୍କ ହାତ ଧରିଥିଲେ । ବିଚାରୀ ମା'ଛେଉଣ୍ଡା ଗୁନ । ରଙ୍ଗୀ ହିଁ ତାକୁ ବଡ଼ କରାଇଛି । ଶମ୍ଭୁର କୂଟ ଚକ୍ରାନ୍ତରେ ନିଜକୁ ଆଚ୍ଛାଦିତ କରିଦେଇଥିଲେ ସିନା । ନାଁ, ଆଉ ଗୁନ ଠାରୁ ସେ ସବୁ କଥା ଲୁଚାଇ ରଖିବେନି। ଦିନେ ନା ଦିନେ ସେ ଜାଣିବ । ସବୁ ବୁଝିବ । ବରଂ ସେ ନିଜେ ତାକୁ ସବୁକଥା ବୁଝାଇ ଦେବେ । ଗୁନକୁ କୋଳକୁ ନେଇ ମଧୁର ସ୍ୱରରେ କହିଲେ, ତୋ ପାଖେ କ'ଣ ଖେଳନା ନାହିଁ ଯେ ତୁ ଏମିତି ଆଉମାନଙ୍କ ଖେଳନାକୁ ଚାହିଁ ବସିଛୁ !

ISSN NO.
2582-208X

ଆଓ୍ୱାରର ଅର୍ଥ ନ ବୁଝି ମୁନ ମାମୁଙ୍କର ନାମ ଧରିନେଲା ଆଓ୍ୱାର । ତା କଅଁଳ କଣ୍ଠ ସ୍ୱରରେ ଗୁନ କହିଗ୍ଲଲା, ତୁମେ ଜାଣିଛ ବାପା, ଆଓ୍ୱାର ମାମୁ କହିଲେ ସିଏ ମୋର ମାମୁ ନୁହନ୍ତୁ । ରାମ ଶ୍ୟାମଙ୍କର ମାମୁ, ମୋର କାହିଁକି ନୁହନ୍ତୁ । ଆମେ ତିନହେଁ ତ ଭାଇ ଭଉଣୀ । ରୁନ, ଟିକନା, ସୁନ କହିଲେ ରାଜା ଭାଇ ମୋର ଭାଇ ନୁହେଁ । ଆଓ୍ୱାର ମାମୁ କହୁଛନ୍ତୁ ସେ ମୋର ମାମୁ ନୁହନ୍ତୁ । ତୁମେ ସେମାନଙ୍କୁ ଭଲ କରି ବୁଝେଇଦିଅ । ନଇଲେ ଜାଣିଥା ତୁମ ଗୁନି କାନ୍ଦିବ । ଏଇମିତି । ଏକ ନିଶ୍ୱାସରେ ଏତିକି କହି ଗୁନି ସୁଁ ସୁଁ କରିବା ଆରମ୍ଭ କରିଦେଲା । ଗୁନିର ଆଖି ପୋଛିଦେଇ ତାକୁ କୋଳକୁ ନେଇ କହିବା ଆରମ୍ଭ କଲେ; ହଁ, ତୋର ସବୁ ଜାଣିବା କଥା । ଗୁନ ମୁଣ୍ଡରେ ହାତ ବୁଲାଇ କହିଲେ ଜୀବନ ବାବୁ ।

ବାପାଙ୍କ ମୁହଁକୁ ଏକ ଲୟରେ ଗ୍ଲହିଁ ରହିଥିଲା ଗୁନ । ତୁ ସେତେବେଳେ ତୋ ମା' ପେଟରେ ଥିଲୁ । ତତେ ବହୁତ ଭଲ ପାଉଥିଲା ତୋ ମା' । ଧୀରେ ଧୀରେ ମୁଁ ଲକ୍ଷ୍ୟ କଲି ତୋ ମା' ଖୁବ୍ ଶୀଘ୍ର ଥକ ଯାଉଛି । ଅନବରତ ମୁଣ୍ଡ ବଥା । ମୋ ଜାଣିବାରେ ପିଲା ପେଟରେ ତିନ ମାସ ରହିବା ପରେ ସବୁ ଠିକ୍ ହୋଇ ଯାଇଥାଏ । ଏ ଛଅ ମାସ ପରେ ମଧ୍ୟ ଏମିତି ଅସୁବିଧା ଆସିବ ମତେ ଜଣା ନ ଥିଲା । ସେତେବେଳେ ଆମେ ଗାଁ ରେ ରହୁଥିଲେ । ମେଡ଼ିକାଲ ଚେକ୍ଅପ୍ ପାଇଁ ସୁବିଧା ନ ଥିଲା । ତଥାପି ମୋର ଜଣେ ଡାକ୍ତର ବନ୍ଧୁଙ୍କ ସହ ପରାମର୍ଶ କରିଥିଲି । ଭିଟାମିନ ବି ୧୨ ଡେଫିସିଏନ୍ସି ଆନମିଆ ହୋଇପାରିଥାଏ । ତେଣୁ ବି ୧୨ ବଟିକା ଖାଇବା ପାଇଁ କହିଥିଲେ । ତୋ ମା' କୁ ଜଣା ଥିଲା, ପିଲା ପେଟରେ ଥିଲେ ମା ଯଦି କୌଣସି ଔଷଧ ଖାଏ ତେବେ ତାହା ପିଲା ପାଇଁ କ୍ଷତି କାରକ । ତେଣୁ ସେ ମୋ ଅଜାଣତରେ ଔଷଧ ଗୁଡ଼ିକ ଫୋପାଡ଼ି ଦେଉଥିଲେ । ପୁଣି ଦୁଇମାସ ଗଡ଼ିଗଲା । ତୋ ମା' ର ଅବସ୍ଥା ଆଉ ଆୟତ୍ତରେ ନଥିଲା । ମା' କୁନେଇ କଟକ ଗଲି । କାରସିନୋଜେନକ ଆନମିଆ । ବହୁଚେଷ୍ଟା କରାଗଲା । ସବୁ ବୃଥା । ତତେ ଜନ୍ମଦେଇ ତୋ ମା ଆଖି ବୁଜିଲା। ସେଇ ହସ୍ପିଟାଲର ଡାକ୍ତର ଜଣେ ତୋ ପାଇଁ ରଙ୍ଗୀର ବ୍ୟବସ୍ଥା କରିଦେଇଥିଲେ । ରଙ୍ଗୀର ପୁଅ ଧୁସୁରା । ମୁଁ ତା'ର ନାମ ବଦଳାଇ ରାଜା ରଖିଥିଲି । ରାଜାର ବାପା ଗୋଟାଏ ମଦୁଆ, ଗୁଣ୍ଡା । ତେଣୁ ମା' ପୁଅ ଦୁହେଁ ଆସି ଆମ ବାହାର ଘରେ ଡେରା ବାନ୍ଧିଲେ । ରଙ୍ଗୀ ତୋର ଠିକ୍ ତତ୍ତ୍ୱାବଧାନ କରୁଥିଲା । ତଥାପି ମଧ୍ୟ ମୋର ମନେ ହେଲା ତୋ ପାଇଁ ଗୋଟିଏ ମା' ଘରକୁ ଆଣିବି । ସାରିକା ତୋର ସାବତ ମା । ପ୍ରଥମେ ପ୍ରଥମେ ମୋ କଥାର ଉପେକ୍ଷା ନ କରି ପାରି ତୋ ସହ କିଛିଟା ସ୍ନେହ ଶ୍ରଦ୍ଧା ବାଣ୍ଟୁଥିଲା । ମାତ୍ର ରାମ,

ISSN NO.
2582-208X

ଶ୍ୟାମ ତା' ପେଟରେ ରହିବା ପରେ ସେ ଯେମିତି ଏକ ରକ୍ଷ ମୂର୍ତ୍ତି ପାଲଟି ଯାଇଥିଲା । ମନରେ ନେଇଗଲି, ଯେଉଁ ପରିବାରର ରକ୍ତ ରହିଛିସେ ସେମିତିହେବ । ତେଣୁ ତୋର ଏଇ ଆଓ୍ଵାର୍ ମାମୁ ପାଇଁ ଆମ ଘରକୁ ବାରମ୍ବାର ଗମନରେ ପ୍ରତିବନ୍ଧକ ଲଗାଇଥିଲି । ବର୍ତ୍ତମାନ ମୁଁ ବୁଝୁଛି ତୋ ପାଇଁ ସାବତ ମା ଆଣିବା ମୋର ଗୋଟାଏ ମସ୍ତବଡ ଭୁଲ୍ ଥିଲା । ଏଇ ଭୁଲ୍ ପାଇଁ ମୁଁ ତ ସାରା ଜୀବନ ଦଗ୍ଧିହେବି । ତୋ ପାଇଁ ମଧ୍ୟ ଏହା ଏକ ଅଭିଶାପ ରୂପେ ଛିଡ଼ା ନ ହୋଇଯାଉ । ହେଲେ ତୁ ନିଶ୍ଚିନ୍ତ ରହ । ତୋର ଏଇ ଦୋଷୀ ବାପାର ଶରୀରରେ ପ୍ରାଣ ଥିବା ପର୍ଯ୍ୟନ୍ତସେ ତୋ ପାଇଁ ସଂଗ୍ରାମ କରିବ ।

ନାଁ ବାପା, ତୁମେ ସଂଗ୍ରାମ କରିବନି । ମୁଁ ଗାନ୍ଧିଜୀଙ୍କର ବହିଟିଏ ପଢ଼ିଥିଲି । ସେଥିରେ ସବୁ ସ୍ଵାଧୀନତା ସଂଗ୍ରାମୀ ମାନେ ମରିଯାଉଥିଲେ ବୋଲି ଲେଖାଥିଲା ।

କିଛି ନ କହି ଗୁନିକୁ କୋଳକୁ ନେଲେ ଜୀବନ ବାବୁ ।

କ୍ରମଶଃ..

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଜଗଜ୍ଜନନୀ



ନମିତା ଦାଶ

ଯା ଦେବୀ ସର୍ବ ଭୁତେଷୁ ଶକ୍ତ ରୁପେଣ ସଂସ୍ଥିତା
ନମସ୍ତସ୍ୟେ ନମସ୍ତସ୍ୟେ ନମୋ ନମଃ ।
ଜୟ ଜୟ ଦୁର୍ଗେ ମା' ଦେବୀ ଭବାନୀ -
ଶ୍ରୀ ଭୁବନେଶ୍ୱରୀ -ଆନନ୍ଦରୂପିଣୀ,
ଜଗତୋ ଧାରିଣୀ ମା ।
ହେ ଜଗତ ଜନନୀ ତବ ଆଶିଷେ
ଆମ ଜୀବନ ହୁଏ ଧନ୍ୟ ।
ମହିଷାମର୍ଦ୍ଦିନୀ ମା ଦୁଷ୍ଟ କୁ ନାଶୁ

ଚଣ୍ଡୀ ଯେ ଚଣ୍ଡାଳ ପୂଜନ୍ତୁ ତୋତେ
ପୟରେ ଅଳତା ମାଗୋ ମସ୍ତକେ ଚତା
ରଙ୍ଗ ବସନ ରେ ଶ୍ରୀ ଅଙ୍ଗଶୋଭିତା ।
ସିଂହ ର ପିଠିରେ ମାଗୋ ଶଙ୍କରଭବାନୀ
କାଶତଣ୍ଡୀ ଫୁଲ ସ୍ୱାଗତ
କରି ମା ତୁମକୁ ବରେ,
ଶୀତଳ ହୋଇଉଠେ ପୃଥିବୀ ।

ହେ ବିଶ୍ୱମୋହିନୀ କରୁଛି ପ୍ରଣତି !
ନଃଶେଷ କର ହେ ଦୁଃଖ ଦୁର୍ଗତି ।

ISSN NO.
2582-208X

କାଳୀ ରୂପେ ପାପ କର ଅନ୍ତ,
ଦୁଷ୍ଟ ଦଳନ କରି ରକ୍ଷା କର ସନ୍ଥ ।
ହେ ଦଶଭୁଜା ଆସ ଅବତରି
ଦୁଷ୍ଟ ସଂହାରି ରକ୍ଷା କର ହେ' ମା,
ଅଧର୍ମ ର ଅନ୍ତ କରି କର ଧର୍ମ ସ୍ଥାପନ ।
ନାରୀ ତୁମେ ରକ୍ଷା କର ନାରୀ ର ମାନ ।

ଦୁଷ୍କର୍ମ ର ନାଶ କରି ସୁକର୍ମ ର ଆବାହନ କର !
ହେ ମା ଦୁର୍ଗା ତୁମେ ତୁମ ସଂସାର କୁ ରକ୍ଷା କର!
ସାର୍ଥକ ହେଉ ଏ ଜୀବନ ! ହେ ମହାମାୟା କର ତୁମେ କଲ୍ୟାଣ ।
କରୁଛି ବିନତି -
ଶରଣାଗତଦୀନାର୍ତ୍ତ ପରିତ୍ରାଣପରାୟଣେ
ସର୍ବସ୍ୟାର୍ତ୍ତିହରେ ଦେବୀ ନାରାୟଣୀ ନମସ୍ତୁତେ ॥

ନବି ମୁମ୍ବାଇ

ISSN NO.
2582-208X

# ଫେରିଆସନ୍ତ କି ଥରେ



ଜନ୍ମଜୟ ନାୟକ

ଫେରି ଆସନ୍ତ କି ଜହ୍ନ ଜୋଛନାରେ
ମନ ଅଗଣାକୁ ଥରେ,
ଭିଜେଇ ଦିଅନ୍ତ ସୁଶୀତଳ ଧାରେ
ପ୍ରେମାସିକ୍ତ ପୁଲକରେ ।
ସ୍ମୃତି ତବ ହାତ ଠାରେ,
ସତେକି ଚାତକ ଭିଜିବ ପ୍ରାଙ୍ଗଣେ
ଆଶା କେତେ ଉଙ୍କି ମାରେ ।।

ଫେରି ଆସନ୍ତ କି ପାହାନ୍ତି ସପନେ
ସାଜି ମୋ ସପନ ରାଣୀ,
ସତ ନ ହେଲେ ବି ସପନରେ ଥରେ
ପାଶେ ନିଅ ତୁମ ଟାଣି ।
ପ୍ରିୟତମା ମୋର ଜେମା,
ସାଜିବି ସପନ ସୌଦାଗର ତୁମ
ଖୁସିର ନଥିବ ସୀମା ।।

ISSN NO.
2582-208X

ଫେରି ଆସନ୍ତକି ବରଷା ସାଥିରେ
ସାଜି ତୁମେ ସୌଦାମିନୀ,
ତୁମ ଚମକରେ ଅମା ଅନ୍ଧକାରେ
ଜଳନ୍ତା ପ୍ରେମର ବହ୍ନି ।
ଆଜିବି ମୁଁ ପ୍ରତୀକ୍ଷାରେ,
ତବ ପରଶ ପାଇଁ ରହିଛି ଚାହିଁ
ଫେରି ଆସନ୍ତ କି ଥରେ ।।

ଫେରି ଆସନ୍ତ କି ଗୋଧୂଳି ଲଗନେ
ହୃଦ ଉପବନେ ମୋର,
ମହକରେ ତୁମ ଶିହରି ଉଠନ୍ତା
ଛାତି ତଳ କାରାଗାର ।
ଆଗୋ ଅଭିମାନୀ ମୋର,
ବିରହ ଫଗୁଣ ନିକ୍ଷେପ କରିଣ
ଫେରି ଆସ ଏଇ ଥର ।।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ମାନବ ଅଧିକାର



ରଶ୍ମିତା କୁମାରୀ ବେହେରା

ସମସ୍ତେ ସମାନ ଧର୍ମ ଶିକ୍ଷା କର୍ମ
ଶୋଷଣ ବିରୁଦ୍ଧ କଥା
ସଂସ୍କୃତି, ମୁକତି ବଦଳିବା ନୀତି
ସମ୍ବିଧାନେ ଅଛି ଲେଖା ।

କାହାପାଇଁ କେତେ, କି କି ଅଧିକାର
କେମିତି କିଏ ଜାଣିଛି
ସମ୍ବିଧାନ କଥା ଏବେ ମନେ ପଡେ
ଆଠ ଦଶନ୍ଧି ବିତିଛି ।

ଆଜି ଯାଏ ଆମେ ଓଡ଼ିଆ ପଢ଼ିବା
ଲେଖିବା ଅଭାବ ଅଛି
ଅଧିକାର କଥା, ଜାଣିବା ସହଜ
ନୁହେଁ ଓଡ଼ିଶା ପାଇଁ କି ।

ସମସ୍ତ ଙ୍କ ପାଇଁ ସମାନ ରହିଛି
ସମ୍ବିଧାନ ଅଧିକାର
ତଥାପି ମଣିଷ ପଛରେ ପଡିଛି
ପେଟ ପାଇଁ ହାହା କାର ।

ନିବେଦନ ମୋର ପ୍ରିୟ ଜନତାଙ୍କୁ
ଶିକ୍ଷା ବଡ ଅଧିକାର
ସମସ୍ତ ଙ୍କ ପାଖେ ପହଞ୍ଚି ପାରିଲେ
ମାନବୀୟ ଅଧିକାର ।

ଶିକ୍ଷୟିତ୍ରୀ, ବୌଦ୍ଧ

ISSN NO.
2582-208X

# ସିଂହଭୂମିରେ ଓଡ଼ିଆ-ଆଦିବାସୀ ସଂଯୁକ୍ତ ସଂସ୍କୃତି



ଡ଼ଃ ହରିହର ପଧାନ

ଝାଡ଼ଖଣ୍ଡର ସିଂହଭୂମି ଅଂଚଳ ଓଡ଼ିଆ ସାଂସ୍କୃତିକ ପରିଚୟ ସହ ସଂଯୁକ୍ତ ହେବା ଓ ରାଜନୈତିକ ପ୍ରଶାସନର ଆଦେଶ ଅନୁସାରେ ଓଡ଼ିଶାଠାରୁ ବିଚ୍ଛିନ୍ନ ହେବାର ଇତିହାସ କୌଣସି କିମ୍ବଦନ୍ତୀର ରୂପକଥା ଭଳି । ପଶ୍ଚିମ ସିଂହଭୂମି (ଚାଇଁବସା, ଚକ୍ରଧରପୁର, ମନୋହରପୁର, ଜଗନ୍ନାଥପୁର ଆଦି), ପୂର୍ବ-ସିଂହଭୂମି (ବହରାଗୋଡ଼ା, ଚାକୁଳିଆ, ଘଂଟଶିଳା, ଜାମସେଦପୁର ଆଦି) କିମ୍ବା ଷଢ଼େଇକଳା-ଖରସୁଆଁ (ଯାହାକୁ ଉତ୍ତର ସିଂହଭୂମି କୁହାଯାଇପାରେ) ତିନୋଟି ଜିଲ୍ଲା ମାତ୍ର ହୋଇଥିଲେ ମଧ୍ୟ, ଇତିହାସ ଓ ଭୂଗୋଳ ଦୃଷ୍ଟିରୁ ଏହି ଅଂଚଳର ଅବସ୍ଥାନ ଓ  ମହତ୍ୱ ଅନ୍ୟାନ୍ୟ ଅଂଚଳଠାରୁ ଭିନ୍ନ । ଉପରୋକ୍ତ ତିନୋଟି ଜିଲ୍ଲାକୁ ନେଇ କୋହ୍ଲଣ-ପ୍ରମଣ୍ଡଳ ବା କମିଶନାରି ଗଠିତ । କମିଶନାରିର ନାଁ କୋହ୍ଲଣ ଏଇଥିପାଇଁ ଯେ, ଏହି ଅଞ୍ଚଳରେ ହୋ ଭାଷାଭାଷୀ କୋହ୍ଲ ଆଦିମ ଅଧିବାସୀ ମାନଙ୍କ ଜନସଂଖ୍ୟା ବେଶି । ହୋ ଭାଷି କୋହ୍ଲ ମାନଙ୍କ ବ୍ୟତୀତ, ସାନ୍ତାଳ, ମୁଣ୍ଡା, କୁଇ, ଶବର, ଅସୁର, ଓରାଓଁ ଇତ୍ୟାଦି ଆଦିବାସୀ ମାନଙ୍କର ଅବସ୍ଥାନ ମଧ୍ୟ ଏଠାରେ ଦେଖାଯାଇପାରେ। ଐତିହାସିକ ଓ ଭୌଗଳିକ ଦୃଷ୍ଟିକୋଣରୁ କୋହ୍ଲଣ ଅଞ୍ଚଳ ଭିନ୍ନ ଏଇଥିପାଇଁ ଯେ, ପୂର୍ବ-ସିଂହଭୂମି ପଶ୍ଚିମବଂଗର ପାର୍ଶ୍ୱବର୍ତ୍ତୀ ହୋଇଥିବା ଯୋଗୁଁ ସଂପ୍ରତି ବଂଗୀୟ ସଂସ୍କୃତି ପ୍ରଭାବିତ, ପଶ୍ଚିମ ସିଂହଭୂମି ଓଡ଼ିଶାର ପାର୍ଶ୍ୱବର୍ତ୍ତୀ ହୋଇଥିଲେ ମଧ୍ୟ, ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକର ସମୀପବର୍ତୀ ହୋଇଥିବା ଯୋଗୁଁ ବିଶେଷତଃ ଆଦିମ ସଂସ୍କୃତି ସଂପନ୍ନ ଏବଂ ଷଢ଼େଇକଳା ଓ ଖରସୁଆଁର ସୀମା ସିଧାସଳଖ ଓଡ଼ିଶାକୁ ସ୍ପର୍ଶ କରୁନଥିଲେ ମଧ୍ୟ ଓଡ଼ିଆ ସଂସ୍କୃତିସଂପନ୍ନ । ବାହ୍ମଣ, ଖଣ୍ଡାୟତ ରାଉତ ସୈନିକ, କୁମ୍ଭାର, ଗଉଡ଼, କରଣ, ତେଲୀ, ମାଳୀ, ଭଣ୍ଡାରୀ, ଧୋବା ଆଦି ସେବକ ଗୋଷ୍ଠୀ ଓଡ଼ିଆଙ୍କୁ ବିଶେଷ ପ୍ରଶ୍ରୟ ଦିଆଯାଉଥିଲା । ଯେଉଁମାନେ ଆଗରୁ ଥିଲେ, ବହୁ ସଂଖ୍ୟାରେ

ISSN NO.
2582-208X

ସେମାନଙ୍କୁ ଆମନ୍ତ୍ରଣ କରି ମଧ୍ୟ ଓଡ଼ିଶାରୁ ଅଣାଯାଇଥିଲା ଓ ବସତି ସ୍ଥାପନ କରାଯାଇଥିଲା । ତେଣୁ ସିଂହଭୂମିରେ ଆଦିବାସୀ ଗ୍ରାମ ଓ ଓଡ଼ିଆ ଗ୍ରାମ ପାଖାପାଖି କିନ୍ତୁ ଅଲଗା କିମ୍ବା ଗୋଟିଏ ଗାଁରେ ଦୁଇଟି ସ୍ୱତନ୍ତ୍ର ପଡ଼ା ହିସାବରେ ଦେଖାଯାଏ । ଶିଳ୍ପ, ବାଣିଜ୍ୟ, ଖଣିଖାଦାନ ଓ ରେଳବାଇ ଅଂଚଳରେ ମିଶ୍ରଣ ବ୍ୟତୀତ ପୁରୁଣା ଗାଁ ଗୁଡ଼ିକର ସେହି ସ୍ୱରୂପ ।

ବର୍ତ୍ତମାନ ଓଡ଼ିଶାର ଉତ୍ତର ଦିଗସ୍ଥ ସିଂହଭୂମି କେବଳ କାହିଁକି ସମଗ୍ର ଓଡ଼ିଶାର ଉତ୍ତର ଦକ୍ଷିଣର ଓ ପଶ୍ଚିମ ସୀମାନ୍ତରେ ସୀମା ସେପାରେ ଶହ ଶହ ଓଡ଼ିଆ ଗ୍ରାମ ଆଜିସୁଦ୍ଧା ବିଚ୍ଛିନ୍ନାଞ୍ଚଳ ରୂପେ ପଶ୍ଚିମବଙ୍ଗ, ଛତିଶଗଡ଼, ଓ ଆନ୍ଧ୍ରପ୍ରଦେଶରେ ଅଛି । ସେଠାରେ ଓଡ଼ିଆମାନେ ଛାତିରେ ପଥର ରଖି ସ୍ୱକୀୟ ଭାଷା ସାହିତ୍ୟ ଓ ସଂସ୍କୃତିଠାରୁ ଅନଚ୍ଛାସତ୍ୱେ ଦୂରେଇ ଯିବାକୁ ବାଧ୍ୟ ହେଉଛନ୍ତି । ଭାଷା ଦୃଷ୍ଟିରୁ ଅଧିକ ସମ୍ବେଦନଶୀଳ ଏହି ଭୂଖଣ୍ଡ ଯେଉଁ ସଂସ୍କୃତି ଓ ଐତିହ୍ୟକୁ ଆପଣାର କରିଆସିଥିଲା, ମାତ୍ର ରାଜନୈତିକ ହସ୍ତାନ୍ତରଣରେ, ତା'ର ଗତି, ଅବରୁଦ୍ଧ ହୋଇଥିଲେ ମଧ୍ୟ, ସ୍ଥିତି ନିଶ୍ଚିହ୍ନ ହୋଇଯାଇନାହିଁ। ତେବେ ଯଥାଯଥ ସଂରକ୍ଷଣର ବ୍ୟବସ୍ଥା ଅଭାବରୁ ଏବଂ ଚତୁର୍ଦ୍ଦିଗସ୍ଥ ପ୍ରତିକୂଳ ପରିବେଶ ଯୋଗୁଁ, ଏହା ଯେ କ୍ଷୀଣ ହେବାକୁ ଆରମ୍ଭ କଲାଣି ଏଥିରେ କୌଣସି ସନ୍ଦେହ ନାହିଁ । ସଂସ୍କୃତି ଓ ଐତିହ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ବ୍ୟବସ୍ଥାର ବିଶେଷ ଅଧ୍ୟୟନଯୋଗୁଁ ହୋଇପାରେ ।

ସିଂହଭୂମିର ଓଡିଶାସହ ନିବିଡ ସମ୍ପର୍କ ସମ୍ବନ୍ଧରେ ଯଥେଷ୍ଟ ସୂଚନା ଏବେମଧ୍ୟ ପ୍ରାପ୍ତ ହୋଇଥାଏ । ସ୍କନ୍ଦପୁରାଣରେ ଉଲ୍ଲେଖ ରହିଛି;

"ନାନାଦ୍ରୁମଲତାକୀର୍ଣ୍ଣେ ପର୍ବତୈସିନ୍ଧୁଭୀରବୃଃ
ସ ଏସା ଦେଶ ପ୍ରଭର ଉତ୍କଲାକ୍ଷୋ ଦ୍ୱିଜୋତମାଃ
ଋଷିକୁଲ୍ୟାମ୍ ସମାସଦ୍ୟ ଦକ୍ଷିଣୋ-ଦଧିଗାମିନିମ୍
ସୁବର୍ଣ୍ଣରେଖା ମହାନଦ୍ୟା-ମଧ୍ୟୋଦେଶ ପ୍ରତିଷ୍ଠିତ ।"(୧)

ଉତ୍କଳଦେଶର ସୂଚନା ପ୍ରଦାନ କରିବାପାଇଁ ଅଭିପ୍ରେତ ଉକ୍ତ ଶ୍ଳୋକରେ ଉଲ୍ଲିଖିତ ସୁବର୍ଣ୍ଣରେଖା ନଦୀର ସ୍ଥିତିହିଁ ଆମ୍ଭମାନଙ୍କୁ ସିଂହଭୂମି ସମ୍ବନ୍ଧରେ ସୂଚନା

ISSN NO.
2582-208X

ପ୍ରଦାନ କରିଥାଏ ଯାହାକି ସିଂହଭୂମିର ଏକ ଶ୍ରେଷ୍ଠନଦୀ । ପୁଣି ମହାକବି କାଳିଦାସଙ୍କ ବିରଚିତ 'ରଘୁବଂଶମ୍' ଚତୁର୍ଥ ସର୍ଗରେ ରଘୁଙ୍କ ଦିଗବିଜୟ ବିଷୟ ବର୍ଣ୍ଣନା କରିବା ସମୟରେ ଉଡ୍ରଦେଶର ବର୍ଣ୍ଣନା ରହିଛି । ଯଥା:

"ବଂଗାନୁତଖାୟତରସା ନେତା ନୌସାଧନୋଦ୍ଧତାନ୍
ନିଚଖାତ ଜୟସ୍ତଭାନ୍ ଗଙ୍ଗାସ୍ରୋତୋନ୍ତରେଷୁ ସଃ
ଆପାତ ପଦମ୍ ପ୍ରଣତାଃ କଲମା ଇଦତେ ରଘୁମ୍
ଫଲୈଃ ସଂବଦର୍ଘୟାମାସୁ ରୁତଖାତ ପ୍ରତିରୋପିତାଃ ।
ଓ ତୀର୍ତ୍ୱା କପିଶାଂ ସୈନ୍ୟୈର୍ବଦ୍ଧଦ୍ୱିରଦସେ ତୁଭିଃ
ଉତ୍କଳାଦର୍ଶିତ ପଥଃ କଲିଂଗାଂଭିମୁଖୋ ଯଯୌ । ।"(୨)

ଶ୍ଳୋକରେ ଉଦ୍ଦିଷ୍ଟ କପିଶା ବା କସାଇ ନଦୀ ଯାହାକି ଏବେ ମଧ୍ୟ ରାଞ୍ଚୀ ଜିଲ୍ଲାରେ ପ୍ରବାହିତ ହେଉଛି ଏବଂ ପୁରୁଲିଆ, ମିଦିନାପୁର ଜିଲ୍ଲା ହୋଇ ବଙ୍ଗୋପସାଗରରେ ନିପତିତ ହେଉଛି ତାହା ପ୍ରମାଣକରେ ପ୍ରାଚୀନ ଉତ୍କଳର ସୀମାରେଖା । କାରଣ ମହାରାଜା ରଘୁ ନିଜର ସମ୍ପୂର୍ଣ୍ଣ ସୈନ୍ୟସାମନ୍ତଙ୍କୁ କପିଶାନଦୀ ପାରି କରିଦେବା ପରେ ଓଡିଶା ସୀମା କଥା କୁହାଯାଇଛି । ତେଣୁ ପ୍ରାଚୀନ ଉତ୍କଳର ସୀମା କପିଶା (କସାଇ, କଂସାଇ ବା କାଂସାଇ) ନଦୀ ପର୍ଯ୍ୟନ୍ତ ବ୍ୟାପ୍ତଥିବା ପ୍ରମାଣିତ । ସିଂହଭୂମିରେ ପାଳିତ ହେଉଥିବା କରମପର୍ବର ଗୀତ ମାନଙ୍କରେ ମଧ୍ୟ ଏହି କପିଶା ନଦୀ ସମ୍ବନ୍ଧରେ ବର୍ଣ୍ଣିତ ରହିଛି । ଯଥା:

"ଆଜ ତରେ କରମ ରାଜା ଘରେ ଦୁଆରେ
କାଲ ତରେ କରମ ରାଜା କାଂସେ ନଦୀରଧାରେ ।"

ବହୁ ପ୍ରାଚୀନ କାଳରୁ ଓଡିଶା ସହ କେବଳ ଯେ ସିଂହଭୂମିର ରାଜନୈତିକ ସମ୍ପର୍କ ରହିଛି ତା' ନୁହେଁ ବରଂ ଅଧିବାସୀମାନଙ୍କର ପାରିବାରିକ ଓ ସାମାଜିକ ସମ୍ବନ୍ଧ ମଧ୍ୟ ଅନସ୍ୱୀକାର୍ଯ୍ୟ । ସିଂହଭୂମିରେ ପ୍ରଚଳିତ ସିଂହବଂଶର ଇତିହାସମୂଳକ କାହାଣୀ ମଧ୍ୟ ଉତ୍କଳର ଆରାଧ୍ୟ ଦେବ ଜଗନ୍ନାଥଙ୍କ ମହିମା ସିଂହଭୂମି ବାସୀଙ୍କୁ ବିଶେଷରୂପେ ଆକୃଷ୍ଟ କରିଥିବା ବର୍ଣ୍ଣିତ ରହିଛି । ତେଣୁ ସେହି ସୁଦୁର ଅତୀତରୁ ସିଂହବଂଶୀ ରାଜାଗଣ ମଧ୍ୟ ଓଡିଶାବାସୀଙ୍କସହ ସମ୍ବନ୍ଧ ସ୍ଥାପିତ କରିଆସିଛନ୍ତି । ସିଂହଭୂମିର ସିଂହରାଜବଂଶର ଇତିହାସ ମଧ୍ୟ ବଂଶପ୍ରଭା ଲେଖନ ନାମକ ତାଳପତ୍ର ପୋଥିରେ ଓଡିଆ ଭାଷା ଓ ଲିପିରେ

ISSN NO.
2582-208X

ହିଁ ରଚିତ ହୋଇଛି । ସେଥିରେ ପ୍ରଦତ୍ତ କାଳ ମଧ୍ୟ ଓଡିଶା ଗଜପତିଙ୍କ ଅଙ୍କାନୁସାରେ ପ୍ରଦତ ହୋଇଛି । ବିଭିନ୍ନ ସମୟରେ ସିଂହବଂଶୀ ରାଜାଗଣ ମଧ୍ୟ ଓଡିଶା ଆଗମନ କରିଛନ୍ତି ।

ଓଡିଶାରେ ବସବାସ କରୁଥିବା ଅଧିବାସୀଙ୍କ ସଦୃଶ ସିଂହଭୂମି ବାସୀ ମଧ୍ୟ ନିଜର ନାଁ, ସଂଜ୍ଞା ବ୍ୟବହାର କରୁଥିଲେ । Census Indiaରେ ଉଲ୍ଲେଖ ଅଛି ଯେ, "Oriya castes names and surnames established matrimonial and radal rites of the people with their casteman in Orissa." (୩) ଅଞ୍ଚଳ ବିଶେଷରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀର ହୋ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଓଡିଶାବାସୀଙ୍କ ସହ ଘନିଷ୍ଠ ସାମାଜିକ ସମ୍ବନ୍ଧ ସ୍ଥାପିତ କରିଆସୁଛନ୍ତି । କାରଣ "......the Hos' of Singhbhum, the savaras of Ganjam the Saharas of Cuttack and Balasore, the Santals and Bhuyans of the Feudatory states of Orissa were branches of the same family."(୪)

ତେଣୁ ସିଂହଭୂମବାସୀ ବହୁ ପ୍ରାଚୀନ କାଳରୁ ପିତୃପିତାମହ କ୍ରମେ ପରିଚାଳିତ ଉତ୍କଳୀୟ ରୀତି ଓ ଚଳଣିର ବାହକ ଓ ଧାରକ । "People observed Oriya customs and traditions Typically Oriya festivals were followed both the castes Hindus and the ab-origines"(୫) ସିଂହଭୂମିରେ ଯେକୌଣସି ପୂଜା କିମ୍ବା ସଂସ୍କାର ପାଳିତ ହେବା ସମୟରେ ସଂକଳ୍ପ ସମୟରେ ଯେଉଁ ମହାବାକ୍ୟ ପାଠ କରାଯାଏ ତାହା ମଧ୍ୟ ପ୍ରମାଣ କରେ ଯେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଦ୍ଵାରା ସମୃଦ୍ଧ ସିଂହଭୂମି ଓଡିଶାର ହିଁ ଅନ୍ତର୍ଗତ । କାରଣ ବିବାହର ମାଙ୍ଗଳିକ ଅବସରରେ ଅନୁଷଠିତ କନ୍ୟାଦାନ ମୁହୂର୍ତରେ ସଂକଳ୍ପ ସମୟରେ ଥିବା ମହାକାବ୍ୟ ହେଉଛି:

"ଇହ ପୃଥିବ୍ୟାଂ ଜମ୍ବୁଦ୍ୱିପେ, ଭାରତଖଣ୍ଡେ, ଭାରତବର୍ଷେ ଉତ୍କଳଦେଶେ ଗଙ୍ଗା ବିରଜା ପୁରୁଷୋତ୍ତମ ମଧ୍ୟେ ମେରୋଦକ ଶିନ୍ଧୁ ମହୋଦଧେ ଖଡକାଇ ନଦୀତୀରେ ଦେବବ୍ରାହ୍ମଣଗ୍ନି ସନ୍ନିଧ୍ୟୋ..." ଇତ୍ୟାଦି ପୁଣି ଓଡିଶାରେ ପ୍ରଚଳିତ ଗଦାଧର ପଦ୍ଧତି ଅନୁସାରେ ହିଁ ସିଂହଭୂମି ରେ ମଧ୍ୟ ପୂଜା ଅନୁଷ୍ଠାନ କରାଯାଇଥାଏ । ବୋଇତ ବନ୍ଦାଣ ଉତ୍ସବ ସିଂହଭୂମବାସୀଙ୍କ ଦ୍ଵାରା ମଧ୍ୟ ଅନୁଷ୍ଠିତ ହୋଇଥାଏ । ଆଷାଢ, କାର୍ତ୍ତିକ, ମାଘ ଏବଂ ବୈଶାଖ ମାସରେ ହିଁ ଓଡିଶାବାସୀ ବ୍ୟବସାୟ ସଂକ୍ରାନ୍ତରେ ଜାଭା, ବାଲି, ସୁମାତ୍ରା ପ୍ରଭୃତି

ISSN NO.
2582-208X

ଦ୍ୱୀପସମୂହକୁ ଗମନ କରୁଥିବା ଯୋଗୁଁ ଏହି ଅବସରରେ ଗାନ କରାଯାଉଥିବା ଗୀତରେ କୁହାଯାଏ, "ଆକାମାବଇ...." କିନ୍ତୁ ସିଂହଭୂମି ରେ କାଳକ୍ରମେ ଏହି 'ଆକାମାବଇ' ସ୍ଥାନବିଶେଷରେ 'ଅପାମାରଙ୍ଗପୁଇ'ରେ ପରିଣତ ହୋଇଯାଇଛି । ସିଂହଭୂମି ବାସୀଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଜାତକ ବା ଜନ୍ମପତ୍ରିକାରେ ପୁରୀ ଗଜପତି ମହାରାଜଙ୍କ ଅଙ୍କ ବ୍ୟବହାର କରାଯାଇଥାଏ ଏବଂ ଜନ୍ମ ପତ୍ରିକାରେ ମଧ୍ୟ ସିଂହଭୂମି କୁ ଉତ୍କଳଦେଶ ଅନ୍ତର୍ଗତ ଭବେ ବର୍ଣ୍ଣନା କରାଯାଇଥାଏ । ଐତିହାସିକ J. C. Bose ଙ୍କ ରଚିତ 'ମିଦନାପୁର ଇତିହାସ' ପୁସ୍ତକରେ ଉଡ୍ରଦେଶ ବା ଉତ୍କଳଦେଶର ସୀମା ସମ୍ବନ୍ଧରେ କୁହାଯାଇଛି ଯେ, ଆଧୁନିକ ଛୋଟ-ନାଗପୁର ଡିଭିଜନ, ମୟୁରଭଞ୍ଜର ଦେଶୀ ରାଜ୍ୟ ତଥା କେଉଁଝର ମିଦନାପୁରର ପଶ୍ଚିମଭାଗ ଏବଂ ବାଂକୁରା ଜିଲ୍ଲାର ଦକ୍ଷିଣଭାଗ ମଧ୍ୟ ଉଡ୍ରଦେଶ ଅନ୍ତର୍ଗତ । ପୁଣି I.C.S. Pargiter ମଧ୍ୟ ମନ୍ତବ୍ୟ ପ୍ରକାଶ କରିଛନ୍ତି ଯେ, 'Odra in ancient time extended to the western part of Midnapore, the eastern part of Sinjghbhum, the modern district of Manbhum and perhaps the southern portion of Bankura."(୬) ତେଣୁ ପ୍ରାଚୀନ କାଳରୁ ଓଡିଶା ସହ କେବଳ ସିଂହଭୂମିର ଯେ ଘନିଷ୍ଠ ସମ୍ବନ୍ଧ ସ୍ଥାପିତ କରି ଆସୁଥିଲା ତା' ନୁହେଁ ବରଂ ସିଂହଭୂମି ଓଡିଶାର ଏକ ଅଭିନ୍ନ ଅଙ୍ଗ ଭାବେ ପରିଗଣିତ ହୋଇଆସୁଥିଲା ଏଥିରେ ସନ୍ଦେହ ନାହିଁ । ଇଂରେଜ ରାଜତ୍ୱ ସମୟରେ ୧୯୧୯ ମସିହାରେ ଛୋଟନାଗପୁର ଡିଭିଜନ କମିସନର B. Foley ଏହି ଅଞ୍ଚଳକୁ ଭ୍ରମଣ କରିବା ପରେ ଅଭିମତ ଦେଇଥିଲେ "On the other hand when touring through the west of Dhalbhum, Kolhan, Saraikella and Kharasawan I have always been struch with the Oriya look of the villagers."(୭) କାରଣ ସିଂହଭୂମିର ଗ୍ରାମଗୁଡିକ ଠିକ୍ ଓଡିଶାର ଗ୍ରାମମାନଙ୍କ ସଦୃଶ ଦେଖାଦେଇଥାଏ । ଓଡିଆ ନାରୀ ପରିଧାନ କରୁଥିବା ଆଭୂଷଣ ହିଁ ସିଂହଭୂମିର ନାରୀ ବ୍ୟବହାର କରେ । ପୁଣି ତାଙ୍କ କଥାବାର୍ତ୍ତା, ସାହିତ୍ୟ, ସଂସ୍କୃତି ସବୁ ଓଡିଆ ଭାଷା ଦ୍ୱାରା ହିଁ ବଶେଷଭାବେ ସମୃଦ୍ଧ ।

ବହୁ ପ୍ରାଚୀନକାଳରୁ ସରକ ଓ ଭୂୟାଁମାନେ ହିଁ ସିଂହଭୂମିରେ ବସବାସ କରୁଥିଲେ । ସିଂହଭୂମିର ପ୍ରାଚୀନ କଥା ଓ କାହାଣୀ ଗୁଡିକରେ ସେମାନଙ୍କ ବିଷୟ ଯେପରି ଭାବେ ବର୍ଣ୍ଣିତ ହୋଇଛି, ସିଂହଭୂମି ପ୍ରଦେଶର ବିଭିନ୍ନ ଅଞ୍ଚଳରେ ତାଙ୍କର କୀର୍ତ୍ତିକଳାପ ଗୁଡିକର ପ୍ରମାଣ ମଧ୍ୟ ରହହିଛି । କିନ୍ତୁ ବହୁଳାଂଶ ଭାବେ ଭୂୟାଁ ଓ ସରକମାନେ ବସବାସ କରୁଥିଲେ ହେଁ ଖଡରା, କଂସାରୀ, ପାତ୍ର, ଗୁଡିଆ, ବଣିଆ, ଡାଣ୍ଡିଆ, ପାଟରା, ଘାସି,

ISSN NO.
2582-208X

କମାର, କୁମ୍ଭାର, ଗଉଡ, ତେଲୀ, ତାମଡି ଇତ୍ୟାଦି ଓଡିଆ ଜାତିର ଲୋକେ ମଧ୍ୟ ନିବାସ କରୁଥିଲେ । ମୁଣ୍ଡାରୀ, ହୋ, ସନ୍ଥାଳୀ ଭାଷାଭାଷୀ ଲୋକମାନଙ୍କର ଆଗମନ ଏହି ଅଂଚଳରେ ପରବର୍ତୀ କାଳରେ ଘଟିଲା ।

ନିଘଞ୍ଚ ବଣଜଙ୍ଗଲ ପରିବେଷ୍ଟିତ ସିଂହଭୂମିର ପାର୍ବତ୍ୟ ଭୂମିରେ ସିଂହଭୂମି ଅଧିବାସୀଗଣ ସ୍ୱତନ୍ତ୍ର ଜୀବନଯାପନ କରୁଥିଲେ । ବିଦେଶୀମାନଙ୍କ ପାଇଁ ସିଂହଭୂମି ବିପଦସଙ୍କୁଳ ପରିବେଶ ରୂପେ ପରିଗଣିତ ହେଉଥିଲା । Major Roughsedge ଙ୍କ ଖଣ୍ଡିଏ ପତ୍ରରେ ଉଲ୍ଲେଖ ରହହିଛି ଯେ, "A traveler would as soon as think any part of Lurkacole." ତେଣୁ ବିଦେଶୀ ଶତ୍ରୁମାନଙ୍କ ମନରେ ଭୟଜାଗ୍ରତ କରେଇବା ପାଇଁ ସିଂହଭୂମି ହିଁ ଯଥେଷ୍ଟ ସାହାଯ୍ୟ କରିଥିଲା । Major Roughsedge ଙ୍କ ପତ୍ରରେ ହିଁ ଉଲ୍ଲେଖ ରହିଛି ଯେ, "The risk was apparently so appalling and the dread so deep that evjen a party of a hundred armed man refuse to traverse by the direct route between Bamanighati and Saraikella and all travelers made a circuit of twenty miles to the East to avoid them."(୮) ସିଂହଭୂମିବାସୀଙ୍କ ଧର୍ମବିଶ୍ୱାସ ମୂଳରେ ଅତିପ୍ରାକୃତ ବା ଅଲୌକିକ ଜଗତପ୍ରତି ବିସ୍ମୟ ଓ ଶ୍ରଦ୍ଧାବଳରେ ସୃଷ୍ଟି, ଗଭୀର ବିଶ୍ୱାସ ହିଁ ଅବସ୍ଥିତ । ଭଞ୍ଜଭୂମି ଓ ଧଳଭୂମିରେ ଯଥାକ୍ରମେ ଯେପରି କୀଚକେଶ୍ୱରୀ ଓ ରଙ୍କିଣୀଦେବୀ ଶ୍ରେଷ୍ଠଦେବୀ ଭାବରେ ପରିଗଣିତ ହୁଅନ୍ତି ଠିକ୍ ସେହିପରି ପାଉଡିଦେବୀ ସିଂହଭୂମିର ଅଧିଷ୍ଠାତ୍ରୀ ଦେବୀ ।

ସିଂହଭୂମିର ସିଂହବଂଶର ଇତିହାସ ସମ୍ବଳିତ 'ବଂଶପ୍ରଭା ଲେଖନ' ତାଳପତ୍ର ପୋଥିରେ ସିଂହଭୂମିର ଏହି ବିଶିଷ୍ଟ ଦେବୀଙ୍କ ସମ୍ପର୍କରେ ବିଶେଷରୂପେ ଉଲ୍ଲେଖ କରାଯାଇଛି । ପ୍ରାଚୀନକାଳରେ ରାମେଶ୍ୱରରେ ୧୪୦୦୦ (ଚତୁର୍ଦ୍ଦଶ ସହସ୍ର) ଶିବଲିଙ୍ଗଙ୍କର ରକ୍ଷଣାବେକ୍ଷଣ ନିମନ୍ତେ ସେଠାରେ ଯେଉଁଦେବୀ ପ୍ରତିମା ଅବହସ୍ଥାନ କରିଥିଲେ ସେ ପାଉଡି ଦେବୀ । ସିଂହବଂଶୀ ରାଜପୁତ୍ରମାନଙ୍କ ସହିତ ସେ ଶ୍ରୀଲଙ୍କାରୁ କେଉଁଝର, ବଣାଇ, ଜାମଦା ଆଦି ସ୍ଥାନ ହୋଇ ସିଂହଭୂମକୁ ଏକ ସାଧାରଣ ବାଳିକାରୂପେ ଆଗମନ କରିଥିଲେ । ମଣ୍ଡଳେଶ୍ୱରୀ, ମେକରଣ, କୁଳଚାନ୍ଦ, ଆଳି, ହିଙ୍ଗୁଳାକ୍ଷୀ ଇତ୍ୟାଦି ନାମଧାରୀ ଏହି ଦେବୀ ପାଉଡିଦେବୀ ନାମରେ କାହିଁକି ନାମିତ ହୋଇଥିଲେ ତାହାର ଉଲ୍ଲେଖ ରହିଛି 'ବଂଶପ୍ରଭା ଲେଖନ'ରେ । ଯଥା:

ISSN NO.
2582-208X

"କଂସ ଇନ୍ଦ୍ରଠାରୁ ଆଣି,
ଦେବକୀସୁତ କୃଷ୍ଣଙ୍କୁ ମାରିବା ପାଇଁ
ଖଣ୍ଡା ପକାଇ ମହାମାୟା/ଅମ୍ବିକା ପାଦଧରି
ଉପରକୁ ଟେକିଲା
କରକୁଛାଡି ପା-ଉଡି-ଗଲା
ତେଣୁ ପାଉଡି ନାମ/କଣ୍ଡଳେଶ୍ବରୀ ମେକରଣ
କୁଳଚାନ୍ଦ/ଆଜି ହିଙ୍ଗୁଳାକ୍ଷୀ ବୋଲାଏ ପୁଜାପାନ୍ତେ ।"(୯)

ତେଣୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କର ମର୍ତ୍ତ୍ୟଲୀଳାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଯଶୋଦାଙ୍କ ଗର୍ଭରୁ ଯେଉଁ କନ୍ୟାସନ୍ତାନ ଜନ୍ମଗ୍ରହଣ କରିଥିଲେ ଏବଂ କଂସଙ୍କହସ୍ତରୁ ଯେ ଆକାଶମାର୍ଗକୁ ଚାଲିଯାଇଥିଲେ ସେ ହିଁ ପାଉଡି ଦେବୀ । ସିଂହଭୂମର ସେ ଅଧିଷ୍ଠାତ୍ରୀ ଦେବୀ । ପଲ୍ଲୀବାସୀ ଆବାଳ-ବହୃଦ୍ଧ-ବନିତା ତାଙ୍କର ଅଲୌକିକ ଶକ୍ତିକୁ ବିଭିନ୍ନ ସମୟରେ ନିଜ ଅନ୍ତରରେ ଉପଲବ୍ଧି କରି ଆସିଛି । "Since Ma Paudi came to Singhhum during the reign of Maharaja Kashiram Singh, she has not only been installed in the temple at Porahat and later on in temple at Seraikella." ସିଂହଭୂମିର ପ୍ରତ୍ୟେକ ଗ୍ରାମରେ ଥିବା ଗ୍ରାମଦେବୀ ସ୍ଥାନ, ଯାହାକୁ କି ଯାହିଁରା, ଜନ୍ତାଳ, ଗାଁଶିରୀମୂଳ, ଦେଶାଉଲୀ, ଯାହିଁରାବୁଢୀ ଇତ୍ୟାଦି ବିଭିନ୍ନ ନାମରେ ନାମିତ କରାଯାଇଥାଏ ତାହାହିଁ ପାଉଡିସ୍ଥାନ । ପାଉଡିଦେବୀଙ୍କ ପ୍ରତୀକରୂପେ ଉକ୍ତ ସ୍ଥାନମାନଙ୍କରେ ଗୋଟିଏ ଦୁଇଟି ବିରାଟ ପଥର ଏବଂ ମୃର୍ତ୍ତିକା ନିର୍ମିତ ଘୋଡାହାତୀ ଇତ୍ୟାଦି ରହିଥାଏ । ବର୍ଷର ବିଭିନ୍ନ ସମୟରେ ଗ୍ରାମବାସୀମାନେ ଗ୍ରାମଦେବୀଙ୍କର ପୂଜା-ଆରାଧନା କରୁଥିଲେ ହେଁ ବର୍ଷକୁ ଥରେ ବିଶଷ ରୂପେ ବିପୁଳ ଆୟୋଜନ ସହକାରେ ଗ୍ରାମଦେବୀ ପାଉଡିଦେବୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । କୃଷକବହୁଳ ସିଂହଭୂମିର ଗ୍ରାମବାସୀ ଯେ କୌଣସି କୃଷିସଂକ୍ରାନ୍ତୀୟ କାର୍ଯ୍ୟର ପ୍ରାରମ୍ଭରେ କେତେକ ଲୌକିକ ଆଚାର ସହ ପାଉଡି ଦେବୀଙ୍କର ପୂଜା କରିଥାନ୍ତି ।

ପାଉଡିଦେବୀଙ୍କ ସମ୍ବନ୍ଧରେ ଶ୍ରୀଯୁକ୍ତ ତାରକ ଚନ୍ଦ୍ର ଦାସ ଲେଖିଛନ୍ତି, "Paori, a female deity is annually worshipped once in the month of Jyastha (May-June) and again in Asadh (June-July)on any two days fixed by the villagers according to their convenience. At every worship a clay image of a horse and another of elephant, in

ISSN NO.
2582-208X

miniature form are commoly purchased from the potters and placed on the spot of worship and form interesting offerings." ଫୁଲ, ସିନ୍ଦୁର, ଅରୁଆଚାଉଳ, ଲଡୁ ଓ ବଳି (ପଶୁବଳି-ସାଧାରଣତଃ କଳା ମେଣ୍ଢା, ବୋଦା, କେଡା (ପଣ୍ଡା) ପ୍ରଭୃତି ସାହାଯ୍ୟରେ ଗ୍ରାମଦେହୁରୀଙ୍କ ଦ୍ୱାରା ପାଉଡି ବା ଗାଁଶିରୀ ଦେବୀଙ୍କ ପୂଜା କରାଯାଏ ।

ଅବିଭକ୍ତ ସିଂହଭୂମି ଜିଲ୍ଲା ପ୍ରାଚୀନ କାଳରୁ ପୋଡ଼ାହାଟ ରାଜ୍ୟରୂପେ ବିଦିତ ଥିଲା । ଷଢ଼େଇକଳା ଓ ଖରସୁଆଁ ଦେଶୀୟ ରାଜ୍ୟଦ୍ୱୟ ପୋଡ଼ାହାଟ ରାଜ୍ୟର ଅଂଶ ବିଶେଷ ଥିଲା। ପରେ ଏହିଦୁଇ ଦେଶୀୟରାଜ୍ୟ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ଥାପନ କହରିଥିଲେ । ପ୍ରଥମେ ଷଢେଇକଳା ପୋଡାହାଟରୁ ଅଲଗା ହୋଇଥିଲା । ପରେ ଷଢ଼େଇକଳାରୁ ଖରସୁଆଁ ଅଲଗା ପିଢ଼ ବା ରାଜ୍ୟରୂପେ ସ୍ଥାପିତ ହୋଇଥିଲା । ଟିକାୟତ ନୃପେନ୍ଦ୍ର ନାରାୟଣ ସିଂହ ଦେଓଙ୍କ ଦ୍ୱାରା ରଚିତ "Singhbhum, Seraikela & Kharswan Through the Ages" ପୁସ୍ତକରେ ଏହି ବିଭକ୍ତୀକରଣ ପ୍ରକ୍ରିୟାର ବିସ୍ତୃତ ବିବରଣୀ ଦିଆଯାଇଛି । ପ୍ରୋକ୍ତ ଇତିହାସ ପୁସ୍ତକାନୁଯାୟୀ ଷଢେଇକଳା ଓ ଖରସୁଆଁ ପ୍ରାଚୀନ "ଉଡ୍ରଦେଶ ଅନ୍ତର୍ଗତ ଥିଲା । ଯାହା ପରବର୍ତୀ ସମୟରେ "ଉତ୍କଳ' ଓ "ଓଡ଼ିଶା' ନାମରେ ପରିଚିତ ହେଲା । ଗବେଷକମାନଙ୍କର ମତ : ଉତ୍ତର କଳିଙ୍ଗ ବା ଉତ୍କଳଙ୍ଗରୁ "ଉତ୍କଳ' ଶବ୍ଦ ନିଷ୍ପନ୍ନ । ଉଡ୍ର ଦେଶରୁ ଉଡିଶା ବା ଓଡ଼ିଶା ନିଷ୍ପନ୍ନ । ବିଭିନ୍ନ ସମୟରେ "ଉତ୍କଳ' ଓ "ଓଡ଼ିଶା'ର ରାଜନୈତିକ ସୀମାରେଖା ପରିବର୍ତ୍ତିତ ହୋଇଅଛି; ଯଦିଓ ପ୍ରାକୃତିକ ଉତ୍କଳ ବା ଓଡ଼ିଶାର ଆୟତନ ପଦ୍ମାୟ ଅପରିବର୍ତ୍ତିତ ଭାଷା, ଅଧିବାସୀ ଓ ସଂସ୍କୃତି ଦୃଷ୍ଟିରୁ । ଉଡ୍ର ଏକ ଜନଜାତି । ଏମାନଙ୍କର ଭାଷାକୁ "ଉଡ୍ର ବିଭାଷା' କୁହାଯାଏ, ଯାହାର ଉଲ୍ଲେଖ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ରଚିତ ଭରହତ ମୁନିଙ୍କ "ନାଟ୍ୟଶାସ୍ତ୍ର'ରେ ମିଳେ । "ଉଡ୍ର ବିଭାଷା' ସମୟର ସୈକତ ଶଯ୍ୟାରେ ବିବର୍ତ୍ତିତ ହୋଇ ଆଧୁନିକ ଓଡ଼ିଆ ଭାଷାରେ ଉପନୀତ ହୋଇଛି ବୋଲି ଡକ୍ଟର ମାୟାଧର ମାନସିଂହ ତାଙ୍କର "ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ ଆଲୋଚନା କରିଛନ୍ତି ।

ମାତ୍ର ଉଡ୍ର ଭୂଖଣ୍ଡରେ ଉଡ୍ର ବିଭାଷା କହୁଥିବା ଜନଜାତିଙ୍କ ସହ ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟ ମଧ୍ୟ ବସବାସ କରୁଥିଲେ । ଏହି ଆଦିବାସୀ ମାନଙ୍କର ନିଜ ନିଜର କଥିତ ଭାଷା ଥିଲା । ଉଡ୍ରଦେଶ ପରବର୍ତ୍ତୀ ସମୟରେ "ଉଡ୍ର ବିଷୟ' ଏବଂ ଏହାର ଅପଭ୍ରଂଶ ଘଟି "ଉଡ୍ରବିଶା', "ଉଡ଼ବିଶା' ବା "ଉଡିଶା' ନାମରେ ପରିଚିତ ବୋଲି ଐତିହାସିକ

ISSN NO.
2582-208X

ଗବେଷକମାନେ କହନ୍ତି । ବିଶେଷତଃ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ତାଙ୍କର "ଓଡ଼ିଶା ଇତିହାସ' ଗ୍ରନ୍ଥରେ ଏତାଦୃଶ ମତ ଦେଇଛନ୍ତି । ଏହି ମତକୁ ଡକ୍ଟର ଗୋପାଳ କୃଷ୍ଣ ଶ୍ରୀଚନ୍ଦନ ମଧ୍ୟ ସମର୍ଥନ କରନ୍ତି । (୧୩) ଯେହେତୁ ସିଂହଭୂମି, ଷଢ଼େଇକଳା ଓ ଖରସୁଆଁ ଅଞ୍ଚଳ ବହୁ ପ୍ରାଚୀନକାଳରୁ ଉତ୍କଳ ବା ଓଡ଼ିଶାର ଅଂଶବିଶେଷ ହେହାଇ ଆସିଥିଲା, ଏହି ଅଞ୍ଚଳରେ ମୁଖ୍ୟ ଭୁଖଣ୍ଡରେ ବସବାସ କରୁହଥିବା ଓଡ଼ିଆ ଭାଷାଭାଷୀ ଓ ଅନ୍ୟ ଆଦିବାସୀମାନେ ବସବାସ କରି ଆସୁଥିଲେ, ଏବେବି ସେମାନେ ଅଛନ୍ତି ।

ହୋ ଭାଷାରେ "ଗୁଟୁ' ଶବ୍ଦର ଅର୍ଥ ଗ୍ରାମ । କାଳକ୍ରମେ ଏହି ଅଂଚଳର ସମୀପବର୍ତ୍ତୀ ରାଜ୍ୟ ମୟୂରଭଞ୍ଜ ଓ କେନ୍ଦୁଝରରୁ ଓଡ଼ିଆ ଭାଷାଭାଷୀ ଲୋକମାନେ, ଏପରିକି ଆଦବାସୀମାନେ ଆସି ଏଠାରେ ବସବାସ କରିବାକୁ ଲାଗିଲେ । ସେମାନଙ୍କ ପ୍ରଭାବରେ "ଗୁଟୁ' ବଦଳରେ "କେଲା' ଏବଂ "ସରାଇ' ବ୍ୟବହୃତ ହେବାକୁ ଲାଗିଲା । ଏହିପରି ଭାବେ "ସରାଇକେଲା' ଶବ୍ଦର ଉତ୍ପତି; ଯାହା ଏକ ଆଦିବାସୀ ଓ ଅଣ ଆଦିବାସୀ ଉତ୍ପତିର ଉତ୍ସ ଅଟେ । ପୁନଶ୍ଚ "କେଲା' ଶବ୍ଦର ଅର୍ଥ ଗଡ଼ । ସରାଇକେଲାର ଅର୍ଥ ସରାଇଗଡ଼ । ତେବେ କାଳକ୍ରମେ ଅପଭ୍ରଂଶ ଘଟି ସରାଇକେଲାକୁ "ଷଢ଼ାଇକଳା' ବା "ଷଢ଼େଇକଳା' କୁହାଯାଇ ଆସୁଛି ।

କଥିତ ଅଛି ଖରସୁଆଁ "ଖର' ଏବଂ "ସନା' ଏହି ଦୁଇ ପଦର ସମ୍ମିଳନରେ "ଖରସୁଆଁ' ଶବ୍ଦ ଗଠିତ । ଖରର ଅର୍ଥ ବେଗ ଏବଂ ସନାର ଅର୍ଥ ସୁନା ବା ନଦୀ । ସୁନାନଦୀ କେବଳ ଖରସ୍ରୋତା ନୁହେଁ; ଅଧିକନ୍ତୁ ଏହାର ବାଲି କଣାରୁ ମୂଲ୍ୟବାନ ସୁନା ମିଳିଥାଏ । ଦ୍ୱିତୀୟ ସିଦ୍ଧାନ୍ତନୁସାରେ ଖେରସା ନାମକ ଏକ ଆଦିବାସୀର ବଳିଦାନ କାରଣରୁ ଏହାକୁ ଖରସୁଆଁ ରୂପେ ନାମିତ କରାଯାଇଅଛି । ଏକ ପ୍ରଚଳିତ ଶ୍ଳୋକାନୁସାରେ ସିଂହଭୂମି ଦ୍ୱାରା ସିଂହଭୂମିରେ ସିଂହ ବଂଶର ହିଁ ରାଜତ୍ୱ ପ୍ରତିଷ୍ଠିତ ହୋଇଥିବା ଜଣାଯାଏ । "ରାଜ୍ଞାୟ ନଗରୟାମ୍ ଖଲୁ, ସିଂହଭୂମିୟାମ୍ ଖରାଶୁଂ ନାମାନି କିଳ, ରାଜଧାନୀ ସ୍ୱର୍ଣ୍ଣପ୍ରସୂ ସ୍ୱର୍ଣ୍ଣନଦୀ ପୟୋ, ସୀତାଂଶୁ ଧାରାୟ ବିମଳୀୟ କରୋତି" ଅର୍ଥାତ୍- ସିଂହଭୂମିର "ସିଂହବଂଶ' ଦ୍ୱାରା ପ୍ରତିଷ୍ଠିତ ଏକ ନଗରୀ ଥିଲା । ଯାହାର ଚତୁପାର୍ଶ୍ୱରେ ସବୁଜ ଘନବନାନି, ପାହାଡ଼ ପର୍ବତ ଥିବା ସହ ଶଯ୍ୟାରେ ସୁବର୍ଣ୍ଣ କଣିକା ଧାରଣ କରୁଥିବା ନଦୀ ପ୍ରବାହିତ ହେଉଥିଲା । ଏହା ନଦୀର ଧାରା ଏହି ଭୂମଣ୍ଡଳର ଚରଣ କମଳକୁ ସ୍ପର୍ଶ କରି ମଳିନତାକୁ ଧୌତ କରି ନେଉଥିଲା ।

ISSN NO.
2582-208X

ଏହାର ଏକ ନଗର-ଖରାଂଶୁ ଯାହାର ଚର୍ତୁଦିଗରେ ହରିତ ଜଙ୍ଗଲ ପାହାଡ଼ ପର୍ବତ ଏବଂ ଯେଉଁଠି ସୁନା ଉତ୍ପନ୍ନକାରୀ ସୁନା ନଦୀ ପ୍ରବାହିତ ଯେଉଁ ନଦୀର ନିର୍ମଳ ପାଣିରେ ସମସ୍ତ ମଳିନତା ଧୌତ ଏବଂ ଦୂରିଭୂତହୁଏ । ଏହି ଶ୍ଳୋକାନୁସାରେ ଖରସୁଆଁର ପୂର୍ବ ନାମ ଖରାଂଶୁଥିବାର ପ୍ରମାଣମିଳେ । ପୋଡ଼ାହାଟର ରାଜବଂଶୀୟ ମାନେ ଷଢେଇକଳାକୁ ଆସିବା ପୂର୍ବରୁ ଏଠି ସୁରାକ କୋହ୍ଲ, କନ୍ଧ, ସାନ୍ତାଳ ଓ ଭୂୟାଁମାନେ ରହୁଥିଲେ । "କୁଚୁଙ୍ଗ' ପୀଢ଼ର ଜମିଦାର ଜଗନ୍ନାଥ ଭୂୟାଁ ଥିଲେ ଏବଂ ତାଙ୍କର ରାଜଧାନୀ "ଦାଣ୍ଡୁ' ଗାଁରେ ଥିଲା । ସୁରାକମାନେ ବ୍ୟବସାୟୀ ଥିଲେ ସୁରାକମାନେ ଜୈନ ଧର୍ମ ମାନୁଥିଲେ ଏବଂ "ଶିବଶକ୍ତି' ଓ ଅନ୍ୟାନ୍ୟ ଗ୍ରହମାନଙ୍କର ପୂଜା କରୁଥିଲେ । କୋହ୍ଲ, ସାନ୍ତାଳ ଓ ଭୂୟାଁମାନେ ପ୍ରକୃତି ମାତାର ଶ୍ୟାମଳ କୋଳରେ ହିଁ ନିବାସ କରୁଥିଲେ । ବନ ଜଙ୍ଗଲ ବୃକ୍ଷଲତା ଫଳପୁଷ୍ପ ଏମାନଙ୍କର ଅଧିକ ପ୍ରିୟ ଥିଲା । ଜଙ୍ଗଲରେ ରହିବା ପାଇଁ ଅସ୍ତ୍ରଚାଳନା, ଯୁଦ୍ଧ ବିଦ୍ୟା, ଧନୁର୍ବିଦ୍ୟା ବର୍ଚ୍ଛାର ବ୍ୟବହାର ଛୋଟ ବେଳରୁ ହିଁ ଶିକ୍ଷା କରୁଥିଲେ । ଏକ "ଠାର' ଦ୍ୱାରା ଏମାନେ ତାଙ୍କ ଭାବନା ପ୍ରକାଶ କରୁଥିଲେ ।

ପ୍ରକୃତି ମାତା ହିଁ ତାଙ୍କର ତାଙ୍କର ଦେବୀ । ଧାନଚାଷ ପରେ "ବାବା ମୁଟ' ପର୍ବ ସର୍ହୁଲ୍ ପର୍ବ ଏବଂ ଧାନକଟା ପର୍ବ, ଏମାନଙ୍କର ମୁଖ୍ୟପର୍ବ ଅଟେ । ଗୋଟିଏ ସନ୍ତାନର ଜନ୍ମ ପରେ ଗୋଟିଏ ନିମ୍ବଗଛ ଲଗାଇବା ଏମାନଙ୍କର ଏକ ଧାର୍ମିକ କର୍ତ୍ତବ୍ୟ ଷଢେଇକଳା-ଖରସୁଆଁର ଆଦିବାସୀଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଆରେ କଥାବାର୍ତ୍ତା କରନ୍ତି ଓ ଘରୋଇ ଭାଷାରୂପେ "ସିଂହଭୂମି ଭାଷା'କୁ ହିଁ ବ୍ୟବହାର କରନ୍ତି । ଓଡ଼ିଶାର ପୂଜା ପାର୍ବଣ ସବୁ ଏଠାରେ ପୂର୍ଣ୍ଣ ରୂପେ ପାଳିତ ହୁଏ । ଏପରିକି ଆଦିବାସୀ ଭୂୟାଁ ଘରେ ମଧ୍ୟ ଲକ୍ଷ୍ମୀପୂଜା, ରଜ ପର୍ବ ଖୁବ୍ ଆନନ୍ଦରେ ପାରମ୍ପରିକ ରୂପେ ପାଳିତ ହୋଇଥାଏ । ରଥଯାତ୍ରା ପର୍ବ ବି ଗାଁ ଗଣ୍ଡାରେ ପାଳିତ ହୋଇ ଆସୁଅଛି । ଏହିସବୁ ଐତିହାସିକ ଘଟଣାରୁ ଜଣାପଡ଼େ, ଆଦିମ ଅଧିବାସୀ କୋହ୍ଲ, ଏହିସବୁ ଐତିହାସିକ ଘଟଣାରୁ ଜଣାପଡ଼େ, ଆଦିମ ଅଧିବାସୀ କୋହ୍ଲ, କନ୍ଧ, ସାନ୍ତାଳ, ସୁରାକ ଭୂଇଁଆ ବ୍ୟତୀତ ଉନ୍ନତ ଓ ଅଧିକ ସଭ୍ୟ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟଗଣ ମଧ୍ୟ ଥିଲେ । ପୂଜା କରିବା ପାଇଁ କୋହ୍ଲ, ସାନ୍ତାଳ, ଇତ୍ୟାଦି ଜାତିର ନାଇଁଆ (ପୂଜକ) ଦେବ ଦେବୀଙ୍କ ପୂଜାପାଇଁ ବ୍ରାହ୍ମଣ ଓ ବିଭିନ୍ନ ବ୍ୟବସାୟ ଓ ଜମିଚାଷ ପାଇଁ ପୂର୍ବରୁ ରହୁଥିବା ଜାତି ଓ ଅନ୍ୟ ଜାତିରଲୋକ ମଧ୍ୟ ଥିଲେ ।

ISSN NO.
2582-208X

ଅଭିରାମଙ୍କ ଶାସନରେ ଏଠାରେ ଶାନ୍ତି ପ୍ରତିଷ୍ଠିତ ହେଲା ଏବଂ ପଡ଼ୋଶୀ ରାଜ୍ୟରୁ ଅନେକ ଲୋକ ଏଠାକୁ ଆସିବାକୁ ଲାଗିଲେ ।

ଇଂରେଜ ରାଜତ୍ୱ ସମୟରେ ୧୯୧୯ ମସିହାରେ ଛୋଟନାଗପୁର ଡିଭିଜନ କମିସନର B. Foley ଏହି ଅଞ୍ଚଳକୁ ଭ୍ରମଣ କରିବା ପରେ ଅଭିମତ ଦେଇଥିଲେ "On the other hand when touring through the west of Dhalbhum, Kolhan, Saraikella and Kharasawan I have always been struch with the Oriya look of the villagers."(୭) କାରଣ ସିଂହଭୂମିର ଗ୍ରାମଗୁଡିକ ଠିକ୍ ଓଡିଶାର ଗ୍ରାମମାନଙ୍କ ସଦୃଶ ଦେଖାଦେଇଥାଏ । ଓଡିଆ ନାରୀ ପରିଧାନ କରୁଥିବା ଆଭୂଷଣ ହିଁ ସିଂହଭୂମିର ନାରୀ ବ୍ୟବହାର କରେ । ପୁଣି ତାଙ୍କ କଥାବାର୍ତ୍ତା, ସାହିତ୍ୟ, ସଂସ୍କୃତି ସବୁ ଓଡିଆ ଭାଷା ଦ୍ୱାରା ହିଁ ବଶେଷଭାବେ ସମୃଦ୍ଧ । ଏସବୁ ସତ୍ତ୍ୱେ ଷଢ଼େଇକଳାର ଛଉନୃତ୍ୟ, ଖରସୁଆଁର ରେଶମବସ୍ତ୍ର, ଘଂଟଶିଳା (ଧଳଭୂମି) ଅଂଚଳର ପ୍ରାଚୀନ ସଭ୍ୟତାବଶେଷ ଏବଂ ସାରଣ୍ଡା ବନାନୀର ଘଞ୍ଚଶାଳବଣ ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭକରିଛି ଏବଂ ଏହା ଯେ ଯଥାକ୍ରମେ ମୟୂରଭଞ୍ଜ ଛଉନୃତ୍ୟ, ସମ୍ବଲପୁରୀ, ବୟନଶିଳ୍ପ, ବିରାଟଗଡ଼ (ଖିଚିଂ) ସଭ୍ୟତା ଓ ବାମଣ୍ଡା ବନାନୀର ଅପରପାର୍ଶ୍ୱର ମାତ୍ର, ଏହା କହିବା ବାହୁଲ୍ୟ ମାତ୍ର । ରାଜନୈତିକ ଚକ୍ରାନ୍ତ ଫଳରେ ସିଂହଭୂମି ଓଡ଼ିଶାରୁ ବିଛିନ୍ନ ହୋଇଥିଲେ ହେଁ ଭାଷା, ସଂସ୍କୃତି, ଧର୍ମ, ରୀତି, ନୀତି, ଆଚାର ସଂସ୍କାର, ଶିଳ୍ପ, କଳା, ସାହିତ୍ୟ ଆଦି ପ୍ରତ୍ୟେକ ଦୃଷ୍ଟିରେ ବିଚାର କଲେ ଉତ୍କଳୀୟ ସଂସ୍କୃତିର ପ୍ରଭାବ ହୃଦୟଙ୍ଗମ କରିହୁଏ ।'

ମୟୂରଭଞ୍ଜର ଇତିହାସକାର ଡଃ ଭାଗବତ ପ୍ରସାଦ ମଧ୍ୟ ସେହି ପ୍ରକାରର ମତ ପୋଷଣ କରନ୍ତି, 'କୋହ୍ଲ ମେଳି ପରେ ମୟୂରଭଞ୍ଜର ଚାରୋଟି କୋହ୍ଲ ପୀଢ଼ ଯଥା- 'ଲାଲ' 'ଅଁଳା', 'ଥଇ' ଓ 'ଭରଭରିଆ', ସିଂହଭୂମି ସହିତ ସଂଯୁକ୍ତ କରାଯାଇଥିଲା । ଏଥିରୁପୂର୍ବରୁ 'କୁଚଙ୍ଗ' ଓ 'ହଳଦୀପୋଖରୀ' ପୀଢ଼ ମୟୂରଭଞ୍ଜରୁ ଅଲଗା ହୋଇଗଲା ।'

ଆକାରରେ ସୁବିଶାଳ ଓ ପ୍ରାଚୁର୍ଯ୍ୟରେ ଭରପୁର ସିଂହଭୂମି ସିଂହବଂଶୀ ରାଜାମାନେ ଶକ୍ତିପୂଜା ପରମ୍ପରାର ଏକ ବ୍ୟାପକ ଶୃଙ୍ଖଳା ସମଗ୍ର ସିଂହଭୂମିରେ ବିଚ୍ଛୁରିତ କରିଥିଲେ । ଷଢ଼େଇକଳା ଓ ପୋଡ଼ହାଟ ର ପାଉଡୀ ବ୍ୟତୀତ ଧଳଭୂମିର 'ରଙ୍କିଣୀ', ଖରସୁଆଁର 'ଆକର୍ଷିଣୀ', କେରାର 'କେରାଦେବୀ', କଂସରାର 'କଂସରା-ଦେବୀ' ଆଦି ମା' ତାରିଣୀଙ୍କ

ISSN NO.
2582-208X

ଭଗିନୀ ସମୂହ ରୂପେ ଦେଖାଦେଲେ । ଠିକ ସେହିପରି ଶୈବଧର୍ମର ଏକ ବ୍ୟାପକ ପରମ୍ପରା ମଧ୍ୟ ସିଂହଭୂମିକୁ ସିଂହରାଜାମାନଙ୍କ ହିଁ ଅବଦାନ । ଏମିତି ଅଧିକାଂଶ ଓଡ଼ିଆ ବହୁଳତ୍ୱ ନାମଧନ୍ୟ 'ମହାଦେବ ଶାଳ', 'ବେଣୀସାଗର', 'ମୁର୍ଗେଶ୍ୱର ମହାଦେବ', 'ହରିଣା ମୁକ୍ତେଶ୍ୱର ଧାମ' ଓ 'ଚିତ୍ରେଶ୍ୱର' ବ୍ୟତୀତ ଅଗଣିତ ଛୋଟ ବଡ଼ ଶୈବପୀଠ ଓଡ଼ିଆପ୍ରାଣ ରାଜାଙ୍କ ହିଁ ଫଳଶୃତି ।

ଆଶ୍ଚର୍ଯ୍ୟଜନକ ଭାବେ ସିଂହଭୂମିରେ ବସବାସ କରୁଥିବା ଆଦିବାସୀ ଓ ମୁସଲମାନ ସଂପ୍ରଦାୟ ମଧ୍ୟ ଓଡ଼ିଆରେ କଥାବାର୍ତା କରନ୍ତି ।

Foot note-

୫. କାଳିଦାସ : ରଘୁବଂଶମ୍, ଚତୁର୍ଥ ସର୍ଗ୫, ୩୬-୩୭-୩୮ ଶ୍ଲୋକ

୬. The ruling chiefs in there areas had matrimonial relationship with the Feudatory chiefs of Orissa,"

Majumdar B. C- "Aborigines of Central India, Page-72.

୭. Census India-1901, Vol.-VI, Part-I, Page-85-91.

୮. "The aborigines mostly Hos, who were found in a large number in there areas and in the feudatory states of Orissa maintained close Social relationship among themselves." Census India Vol.-V, Bengal

ଓଡ଼ିଆ ବିଭାଗ, କୋହ୍ଲଣ ବିଶ୍ୱ-ବିଦ୍ୟାଳୟ
ଗୁଇଁବାସା ଝାଡ଼ଖଣ୍ଡ

ISSN NO.
2582-208X

# କରିବା ସମାଜ ସେବା



ସୁସ୍ମିତା ଦାସ

ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ କରିବା ସମାଜ ସେବା
ସବୁ ଅସହାୟ ବିପନ୍ନ ଜନଙ୍କୁ ସାହାଯ୍ୟ ଯୋଗାଇ ଦେବା,
ଆନ ଓଠେ ହସ ଫୁଟାଇ ଆମେତ ଯାତନାକୁ ନେବା ହରି
ଦୁଃଖୀ ରଙ୍କିଙ୍କର ଥୁଣ୍ଟା ହୃଦୟରେ ସବୁଜିମା ଦେବା ଭରି,
ମାନବିକତାକୁ ଆପଣେଇ ନେଇ ଦେଶକୁ ଆଗେଇ ନେବା -
ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ କରିବା ସମାଜ ସେବା... ।

ଅର୍ଥ ମାନ ଯଶ କରି ପରିହାର ମେଲାଇ ସୁଗୁଣ ତରୀ
ଦୟାର ଦରଜା ଖୋଲିଦେଇ ଆମେ ବଜାଇବା ଶାନ୍ତି ଭେରୀ,
ଗୋପବନ୍ଧୁଙ୍କର ସେବା ତିତିକ୍ଷାକୁ ଆମେତ ଆଦରି ନେବା -
ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ କରିବା ସମାଜ ସେବା... ।

ଯେତେ କୁସଂସ୍କାର ଅନ୍ଧବିଶ୍ୱାସକୁ ସମାଜରୁ କରି ଶେଷ
ପ୍ରତିଟି ପରାଣୁ ଆମେ ହରିନେବା ଅଶାନ୍ତି ଓ ଅବସୋସ,
ସତ୍ ଉପାୟରେ ନିଜେ ବଞ୍ଚି ବଢ଼ି ଅନ୍ୟକୁ ଯୋଗାଣ ଦେବା -
ଆମେ ଯୁବଗୋଷ୍ଠୀ ହୋଇ ସଂଗଠିତ କରିବା ସମାଜ ସେବା... ।

କଣ୍ଟାବଣିଆ, ଛତ୍ରପଡ଼ା,ଯାଜପୁର

ISSN NO.
2582-208X

# ଅନଷ୍ଟ ନୁହେଁ ମଙ୍ଗଳ



ଗୋଲ୍କ ବିହାରୀ ପଟ୍ଟନାୟକ

ଅନ୍ୟମାନଙ୍କୁ ସାହାଯ୍ୟ କରିବା,ଦାନ କରିବା, ସେବା କରିବା, ଉପକାର କରିବା ଓ ଅନ୍ୟମାନଙ୍କର ମଙ୍ଗଳ କାମନା କରିବା ବଡ଼ ପୁଣ୍ୟ କାମ ଅଟେ। ଏହିପରି ମହତ କାମ ଭଗବାନଙ୍କ ଆଶୀର୍ବାଦ ସଦୃଶ ଅଟେ। ପୁଣ୍ୟ କାମ ଦ୍ୱାରା ମନୁଷ୍ୟର ଜୀବନ ସୁଖ ଶାନ୍ତିରେ ଭରିଯାଏ।କାରଣ ଯେଉଁମାନେ ଅନ୍ୟର ଭଲ କଥା ଚିନ୍ତା କରନ୍ତି, ଭଗବାନ ସେହିମାନଙ୍କର ମଙ୍ଗଳ କରନ୍ତି। ଭଗବାନ ଯାହାର ମଙ୍ଗଳ ତାହାର କେହିବି ଅମଙ୍ଗଳ କରିପାରନ୍ତିନାହିଁ। ଯାହା ଉପରେ ଭଗବାନଙ୍କର ଆଶୀର୍ବାଦଥାଏ ସେହିମାନେ ଜୀବନରେ ବହୁତ ଉନ୍ନତି କରିପାରନ୍ତି। ସେହିମାନେ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରନ୍ତି। ଅନ୍ୟମାନଙ୍କର ଆଦର୍ଶ ପାଲଟି ଯାଆନ୍ତି ।

କିନ୍ତୁ ଯେଉଁମାନେ ଅନ୍ୟର ଅନିଷ୍ଟ କାର୍ଯ୍ୟରେ ଲିପ୍ତ ରହିଥାନ୍ତି, ଏହା ନିଶ୍ଚୟ ଯେ ସେହିମାନେ ନିଜକୁ ଏକ ବିପଦ ଓ ସଙ୍କଟାପନ୍ନ ପିରିସ୍ଥିତି ଆଡ଼କୁ ନେବା ଆରମ୍ଭ କରିଦେଇଛନ୍ତି। ଯାହା ନିଜ ପାଇଁ ମୋଟେ ଶୁଭଙ୍କର ନୁହେଁ। କାରଣ ଯେତେବେଳେ ଆମେ ଅନ୍ୟର ଅନିଷ୍ଟ କରିବା ଆରମ୍ଭ କରିଦେଉ ସେତେବେଳେ ହିଁ ଆମର ଅନିଷ୍ଟ ହେବା ଆରମ୍ଭ ହୋଇଯାଇଥାଏ। ଯାହା ଆମ ପାଇଁ ବହୁ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ଜୀବନଟା ଅଶାନ୍ତିରେ ଭରିଯାଏ। ନିଜ ପାଖରେ ସବୁକିଛି ଥାଇ ମଧ୍ୟ ଅତି ନିରାଶରେ ଜୀବନ କାଟିବାକୁ ପଡି ଥାଏ । କାରଣ ଅନିଷ୍ଟକାରୀଙ୍କୁ ଭଗବାନ ମଧ୍ୟ କ୍ଷମା କରନ୍ତି ନାହିଁ। ଭଗବାନ ଯାହାକୁ କ୍ଷମା କରନ୍ତି ନାହିଁ, ସେହିମାନଙ୍କୁ ରକ୍ଷା କରିବାକୁ କେହି ବି ନଥାନ୍ତି।

ISSN NO.
2582-208X

ତେଣୁ ବିଚାର କରିବାର ବିଷୟ ଯେ ଯଦି ଅନ୍ୟର ଅନିଷ୍ଟ କରିବା ଆମ ପାଇଁ ଏତେ ବିପଦ ପୂର୍ଣ୍ଣ ଅଟେ, ତେବେ ଆମକୁ ଅନ୍ୟମାନଙ୍କର ଅନିଷ୍ଟ କରିବାର ମନୋବୃତ୍ତି ଠାରୁ ନିଜକୁ ନିବୃତ ରଖିବା ଉଚିତ୍। କାରଣ କଥାରେ ଅଛି "ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ" । ତେଣୁ କାହାର ଅନିଷ୍ଟ ନୁହେଁ, ସମସ୍ତଙ୍କର ମଙ୍ଗଳ କରିବା ଆମ ପାଇଁ ବୁଦ୍ଧିମାନର କାମ ହେବ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଘୁ.ଉଦୟଗିରି
କନ୍ଧମାଳ

ISSN NO.
2582-208X

# ସ୍ୱାର୍ଥପର


ଶୁଭସ୍ମିତା ପାତ୍ର

ସବୁ ଶାମୁକାରେ ମୋତି ମିଳେ ନାହିଁ
ସବୁ ଫୁଲେ ନାହିଁ ବାସ,
ସବୁ ଋତୁ ନୁହେଁ ବସନ୍ତ ସମାନ
ସବୁ ନୁହେଁ ମଧୁ ମାସ ।

ସବୁ ବାଉଁଶରେ ଉଡେନା ପତକା
ସବୁ ଓଠେ ନାହିଁ ହସ,
ସବୁ ଜୀବନରେ ସୁଖ ଲେଖା ନାହିଁ
ସବୁ ପ୍ରେମେ ନାହିଁ ବିଷ ।

ସବୁ ରାତି ନୁହେଁ ପୁନେଇ ସମାନ
ସବୁ ଫଳ ନୁହେଁ ମିଠା,
ସବୁ ଲୋକ କେବେ ସମାନ ନୁହନ୍ତି
ସବୁ ବି ନୁହନ୍ତି ଦେବତା।

ସବୁ ଏଠି ନୁହେଁ ସତ୍ୟ
ସବୁ ଏଠି ନୁହେଁ ମିଥ୍ୟା,
ଏଠି ନୁହେଁ କେହି ନିଜର
ଆଉ କିଏ ଅବା ପର ।

ସବୁ ଏଠି ନିଜ ସ୍ୱାର୍ଥ ରେ ରୁହନ୍ତି
ହୋଇ ନିଜେ ଭଗବାନ,
ଦୁନିଆ ଆଗରେ ଦେଖାଇ ହୁଅନ୍ତି
ହୋଇ ନିଜେ ସ୍ୱାର୍ଥବାନ।

କେ. ବରିଡା
ଜିଲ୍ଲା-ଗଞ୍ଜାମ୍
୬୩୭୨୫୯୧୪୫୯

ISSN NO.
2582-208X

# ସୁନା କାନଫୁଲ



ଶ୍ରୀମାନ ପ୍ରିୟଦର୍ଶିନୀ ଦାସ

ଗାଁ'କୁ କିଏ ଭୁଲିପାରେ ଯେ ! ଗାଁ'ର ଛବି ଆଖି ସାମ୍ନାରେ ଉଦ୍ଭାସିତ ହେଲେ ଅନିନ୍ଦିତା ଦେଖେ; ଗୋଟେ ନୁଆଁଣିଆ ଚାଳଛପର ଘର ଅଗଣାରେ ଥିବା କୂଅ ଚାରିପଟେ ଫୁଲ ଭର୍ତ୍ତି ଗଛ । ସବୁ ଋତୁର ସଞ୍ଜ ସକାଳେ ଫୁଲ ଫୁଟି ଚଉଦିଗ ମହକାଇ ଦେଉଥିଲା । ଅସ୍ତଗାମୀ ସୂର୍ଯ୍ୟ ଦିଗ୍ ବଳୟର ଛାତି ତଳେ ଲୁଚି ଯିବାପରେ ଘର ବାହୁଡ଼ା ପକ୍ଷୀଙ୍କ ରାଗିଣୀ ଥମି ଥମି ଆସେ । ଆକାଶରେ ଜହ୍ନ ଉଏଁ । କୁମାର ପୂର୍ଣ୍ଣିମା ରାତିରେ ଆକାଶରେ ଜହ୍ନ ରୁପାଥାଳି ପରି ଝଟକେ । ଏମିତି ଏକ ବାସ୍ନାୟିତ ପରିବେଶକୁ କିଏ ବା ଭୁଲି ପାରିବ!

ମଣିଷର ଅତୀତ କେବେ ସୁଖରେ ଭରପୂର ନଥାଏ । ଦୁଃଖ ଭୋଗିଥିବା ମଣିଷଟେ ଜାଣେ ସମସ୍ତଙ୍କ ଅଗୋଚରରେ ଆଖିରୁ କେତେ ଲୁହ ଢାଳିଛି ।

ଅନିନ୍ଦିତା ଛୋଟବେଳୁ ବୁଝିଛି ଲୁହର ମୂଲ୍ୟ । ଟୋପାଏ ଲୁହର ଫାଇଦା ସମାଜ ଉଠେଇବାର ସ୍ୱଚକ୍ଷୁରେ ଦେଖିଛି । ଯେତେ ସମ୍ଭବ ସେ ତା'ର ଲୁହକୁ ଅଦିନିଆ ବର୍ଷା ପରେ ନଈବଢ଼ି ହେଲା ପରି ତା' ବୋଉ, ବୁଢ଼ୀମା ଘରେ ନଥିବା ସମୟରେ ଘରର କାନ୍ଥର ଚାରିପଟେ ବୁହାଇ ଦେଇଛି । ଅନିନ୍ଦିତା ଚାହେଁନା ଦିନଯାକ କାମ କରିକରି ଥକି ଯାଇଥିବା ବୋଉ ଆଉ ବୁଢ଼ୀମା କଷ୍ଟ ନ'ପାଆନ୍ତୁ ତା' ଆଖିର ଲୁହ ଦେଖି । ବୋଉ, ବୁଢ଼ୀମା ଏବଂ ଅନିନ୍ଦିତାକୁ ଛାଡ଼ିଦେଲେ ତାଙ୍କ ସଂସାରରେ ଆଗକୁ ପଛକୁ ଆଉ କେହି ନଥିଲେ । ଥିଲେ କେତୋଟି ରଙ୍ଗ ବେରଙ୍ଗୀ ଫୁଲଗଛ । ବର୍ଷାଋତୁକୁ ସେ ଭଲପାଏ । ଏଇ ବର୍ଷାଋତୁ ଯେତିକି ସୁନ୍ଦର ସେତିକି ଅସୁନ୍ଦର ମଧ୍ୟ । ବର୍ଷା ହେଉଥିବା ସମୟରେ ତା' ଘର ଅଗଣା ପୃଥିବୀର ସବୁଠୁ ସୁନ୍ଦର ସ୍ଥାନ ପରି ମନେହୁଏ । ବର୍ଷା ଛାଡ଼ିଯିବା ପରେ ମାଟି ଅଗଣା

ISSN NO.
2582-208X

କାଦୁଅରେ ଲଚପଚ । ଦଶହରାରେ ବର୍ଷାହେଲେ ମଣ୍ଡପରୁ ଭାସି ଆସୁଥିବା ଘଣ୍ଟନାଦ, ଶଙ୍ଖଧ୍ୱନି ଶବ୍ଦ ତାକୁ ଶୁଭେନି, ତାକୁ ଶୁଭେ ଚାଳରୁ ଗଳୁଥିବା ବର୍ଷାଜଳର ଶବ୍ଦ ।

× × ×

ଅନିନ୍ଦିତା ସ୍କୁଲ୍ ରୁ ଫେରି ହିଁ ବୁଢ଼ୀମା କୋଳରେ ଦିନଯାକର ଘଟଣାବଳୀ ରେଡ଼ିଓ ଭଳି କହିଯାଏ । ସେ ଲକ୍ଷ୍ୟ କରିଛି ଯେବେ ସାଙ୍ଗମାନେ ସୁନା କାନଫୁଲ ପିନ୍ଧିକି ଆସିଥିବାର କୁହେ ସେବେ ବୋଉ ଆଖିରେ ଲୁହ ଦେଖେ । ବୋଉ କଣ ପାଇଁ କାନ୍ଦେ କେଜାଣି, ତା' ଆଖିର ଲୁହ ଅନିନ୍ଦିତା ହୃଦୟରେ କଣ୍ଟା ଫୁଟେଇ ଦିଏ ସବୁଥର । ଘର ଅଗଣାରେ କିତିକିତି ଖେଳୁଥିବା ଅନିନ୍ଦିତା ବୁଢ଼ୀମାର ଖୁଁ ଖୁଁ କାଶରେ ଚମକି ପଡ଼ି ବସିପଡ଼ିଲା କୂଅ ମୂଳେ ।

-"ଇଲୋ ହଇଲୋ ପାଠପଢ଼ି ନ ଯାଇ, ସେଇ କୂଅମୂଳେ ବସି କଣ କରୁଛୁ କହିବୁଟି ? ତୋ ସାଙ୍ଗ ସାଥିଏ ପରା କେତେବେଳୁ ଚାଲି ଗଲେଣି ରାଜା ଘରକୁ ।" ଅଦୂରରେ ଠିଆ ହୋଇ ବୁଢ଼ୀମା କହିଲା ।

-"ବୁଢ଼ୀମା' ତୁ ଦେଖି ପାରୁନୁ କି ? ମୁଁ ପରା ଜହ୍ନିଗଛ ଜଗିଛି । ରମାବୁଢ଼ୀ ଘର ଛେଳି ଯଦି ଜହ୍ନିଫୁଲ ସବୁ ଖାଇଦିଏ; ମୁଁ ଜହ୍ନିଓଷା କେମିତି କରିବି ?" ଉତ୍ତର ଦେଇସାରିବା ପରେ ଦୁଷ୍ଟାମିର ହସଟିଏ ଖେଳିଗଲା ଅନିନ୍ଦିତା ଓଠରେ ।

ବୁଢ଼ୀମା ବେତ ବାହାର କରିବା ମାତ୍ରେ ଅନିନ୍ଦିତା ଲୁଚିବା ପାଇଁ ଜାଗା ଖୋଜେ । ସେଇ ବେତଟା କେବଳ ଅନିନ୍ଦିତା ମାଡ ଖାଇବା ପାଇଁ ଉଦ୍ଦିଷ୍ଟ । ଦାଣ୍ଡରେ କେତେବେଳୁ ଠିଆ ହୋଇ ବୁଢ଼ୀମା, ନାତୁଣୀଙ୍କ ମିଠା ଝଗଡ଼ାକୁ ମନଭରି ଉପଭୋଗ କରୁଥିବା ରାଜା ଭାଇଙ୍କ ହସରେ ବୁଢ଼ୀମା ହାତର ବେତ ଲୁଚିଯାଏ । ରାଜାଭାଇ ଚାଲନ୍ତି ତାଙ୍କ ପଢ଼ାଘରକୁ; ତାଙ୍କ ପଛ ପଛେ ମୁଣ୍ଡ ପାତି ଚାଲେ ଅନିନ୍ଦିତା । ପଢ଼ାଘରେ ଚାଲେ ଅଙ୍କକଷା । ଅଙ୍କ ହୁଏନି ବୋଲି ରାଜାଭାଇଙ୍କ ଠାରୁ ସେ ଯେତିକି ବେତ ପାହାର ଖାଏ, ଇଂରାଜୀ ପାଇଁ ସେ ସେତିକି ପ୍ରଶଂସା ଶୁଣେ । ରାଜାଭାଇ ! ବାପା, ମା ' ଛେଉଣ୍ଡ ପିଲାଟିଏ । ବର୍ଷକର ହୋଇଥିବା ବେଳେ କୋଳେଇ ନେଇଥିଲେ ତାଙ୍କ ମାମୁଁ ମାଇଁ । ତାଙ୍କ ଭଳି ଶାନ୍ତ, ସରଳ, ନିରୀହ ପୁଅ ବିଷୟରେ ଗାଁ ଲୋକମାନେ ପୋଖରୀ ତୁଠରୁ ଭାଗବତ ଟୁଙ୍ଗି ଯାଏ ଚର୍ଚ୍ଚା କରନ୍ତି ।

ISSN NO.
2582-208X

ରାଜାଭାଇ ମୋଧବୀ ଛାତ୍ର ବୋଲି, ଗାଁ'ଟା ଯାକର ଲୋକେ ଆଗପଛ ବିଚାର ନକରି ବସେଇ ଦେଇ ଆସନ୍ତି ନିଜ ପିଲାଙ୍କୁ ରାଜାଭାଇଙ୍କ ପଢାଘରେ । ସେମାନଙ୍କର ବିଶ୍ୱାସ ଥିଲା ଯେ ରାଜାର ବେତ ପାହାର ଖାଇଲେ ଆମ ପିଲାମାନେ ଦିନେ ଭଲ ମଣିଷ ହେବେ ।

ଅନିନ୍ଦିତା ଫି ଦିନ ଦେଖେ ବୋଉ ତା'ର ଯେଉଁ ଚାରି/ପାଞ୍ଚଟି ବାବୁଘରକୁ ଖଟିବାକୁ ଯାଏ, ଜଣକ ଘରେ କିନ୍ତୁ ଢେର୍ ସମୟ ଯାଏଁ ଅଟକି ରୁହେ । ଅନ୍ଧାର ମାଡି ଆସୁଥିବା ବେଳେ ବୋଉ ଯେବେ ଘରକୁ ଫେରି ନଥାଏ, ଅନିନ୍ଦିତା ଖୋଜି ଖୋଜି ବୋଉକୁ ସେଇ ବାବୁଘର ପିଣ୍ଡାରେ ପାଏ । ବୋଉ କାନ୍ଦୁଥାଏ ହାତ ପାପୁଲିରେ ହଳଦିଆ ରଙ୍ଗ ସଦୃଶ୍ୟ ଜିନିଷଟିଏ ଧରି, ପାଖରେ ବସି ବାବୁ ମା' ଆଶ୍ୱାସନା ଦେଉଥାନ୍ତି । "ଅନିବୋଉ, ତୁମ ଝିଅ ଆସିଲାଣି ପରା -"ବାବୁ ମା' ଅନିନ୍ଦିତା ଆଡେ ଚାହିଁ କୁହନ୍ତି । ଆଖି ଲୁହତକ ପୋଛି ବୋଉ ତା'ର ଅତି ସନ୍ତର୍ପଣରେ ବାବୁମା'ଙ୍କ କାନିରେ ଲୁଚେଇ ଦିଏ ସେଇ ଜିନିଷକୁ । ଅନିନ୍ଦିତା ଟିକେ ଦୂରରେ ଥିବାରୁ ସ୍ୱଷ୍ଟ ଭାବେ ଦେଖିପାରେନି ସେଇ ଜିନିଷଟିକଣ ? -" ତୋତେ କିଏ କହୁଥିଲା ଏଇ ଅନ୍ଧାରରେ ଆସିବାକୁ ? ମୁଁ କଣ ଏକେଲା ଯାଇପାରିବିନି ଘରକୁ ।" ବୋଉ ପ୍ରଶ୍ନର ଉତ୍ତର ଦିଏନି; ବଡ ବିକଳ ହୋଇ ଚାହିଁ ରହେ ସେ ବୋଉକୁ । ସେଇ ଜିନିଷଟି ଏମିତି କଣ ଯେ ! ଅନିନ୍ଦିତା ମନରେ ପ୍ରଶ୍ନବାଚୀ ସୃଷ୍ଟି ନ ହେଉ ଭାବି ଅନ୍ତର ଭିତରେ ବୋଉ ଏବେବି କାନ୍ଦୁଛି । ବୋଉ କିନ୍ତୁ ରାଜାଭାଇଙ୍କୁ ସବୁକଥା କୁହେ ବିନା ସଂକୋଚରେ; ନିଜ ପୁଅ ଭାବି । ଲଣ୍ଠନର ଧିମା ଆଲୁଅରେ ଦେଖେ ବୋଉ - ରାଜଭାଇଙ୍କ କଥାବାର୍ତ୍ତା ସମୟରେ ବୋଉ ଆଖିକୋଣରୁ ନିଗିଡ଼ି ଆସୁଥିବା ଲୁହ । ବୁଢୀମା ଅନ୍ଧାରରେ ଅନ୍ଧ ପାଲଟି ଯାଏ । ସେ ଦେଖିପାରେନି ବୋଉ ଆଖିର ଲୁହ, କିନ୍ତୁ ବୁଝିପାରେ ତା' ବୋହୂ କାନ୍ଦୁଛି । ବୋଉର ଲୁହ ବୁଢୀମାର ସାନ୍ତ୍ୱନା ଭିତରେ ଅନିନ୍ଦିତା ନିଘୋଡ଼ ନିଦରେ କେତେବେଳେ ଶୋଇଯାଏ । ତା' ସହିତ ରାଜାଭାଇ ଦେଇଥିବା ଅଙ୍କ ଖାତାର ପ୍ରଶ୍ନ ସବୁ ଶୋଇଯା'ନ୍ତି ଉତ୍ତର ନପାଇ ତହିଁ ଆରଦିନ ରାଜାଭାଇଙ୍କ ଗାଳି ଶୁଣିବା ପାଇଁ । ଏମାନେ ସମସ୍ତେ ଶୋଇଯିବା ଦେଖି ଲଣ୍ଠନ ବି ଧପ୍ କରି ଲିଭିଯାଏ ।

ବାପା ଚାଲିଯିବାକୁ କେତେ ବର୍ଷ ପୂରିଗଲାଣି ତାକୁ ଜଣାନାହିଁ । ଯେବେବି ଉତ୍ତର ଜାଣିବାକୁ ଚାହିଁଛି ସେବେ ବୁଢୀମା ଆଉ ବୋଉ ଆଖିରୁ ଧାର ଧାର ହୋଇ ଲୁହ ଗଡିଛି । ଏମିତି ପରିସ୍ଥିତିରେ କିଏ ଉତ୍ତର ଆଶା କରିପାରେ ! ତା' ଜନ୍ମର ତିନିଦିନ ପରେ ବାପାଙ୍କ ମୃତ୍ୟୁ ବୋଲି ଜାଣିଲା, ଯେବେ ତା' ସାଙ୍ଗକୁ ବାପାଙ୍କ ବିଷୟରେ କହୁଥିଲା । ସାଙ୍ଗର ବୋଉ

ISSN NO.
2582-208X

ରୋଷେଇ ଘର ଭିତରୁ ବଡପାଟିରେ ଶୁଣେଇ ଶୁଣେଇ କହୁଥିଲେ "ଅଲକ୍ଷଣୀ ଟା, ଜନ୍ମ ହଉ ହଉ ତିନି ଦିନରେ ବାପାକୁ ତା'ର ଖାଇଲା । ଏଠି ବସି ବାପା ବିଷୟରେ ଅନର୍ଗଳ ଗପୁଛି । ଯେମିତି ତିନିଦିନ ନୁହେଁ ତିରିଶ ବର୍ଷର ସ୍ମୃତି ଅଛି ବାପା ସହ !" ଏମିତି ବାକ୍ୟ ଜୀବନରେ ସେ ପ୍ରଥମ ଥର ପାଇଁ ଶୁଣିଲା । 'ଅଲକ୍ଷଣୀ' ଶବ୍ଦର ଅର୍ଥ କ'ଣ ? ବୋଉ ନିଶ୍ଚେ ଜାଣିଥିବ । ଘରେ ପହଞ୍ଚି ବୋଉ ବୋଉ ହୋଇ ସେ ଡାକ ଛାଡ଼ିଲା । ବୁଢ଼ୀମା ବାଡିପଟ ଆଡୁ ଉତ୍ତର ଫେରାଇଲା "କାଇଁ ଦିନ ଦିପହରେ ବୋଉ...ବୋଉ ହଉଛୁ, ତୋ ବୋଉ ସକାଳୁ ଘରେ ନାହିଁ । କେତେବେଳ ହେଲାଣି ଆସି, କେଉଁଠି ଅଛି ସେ ! ଖୋଜି ଆଣିବୁ ଯା ।" ଅନିନ୍ଦିତା ଗାଁ ଭିତରକୁ ଧାଇଁଗଲା । କେତେ ଜାଗା ଖୋଜି ସାରିବା ପରେ ପୁନର୍ବାର ସେଇ ବାବୁ ଘର ପିଣ୍ଡାରେ ବୋଉକୁ ପାଇଲା । ସେଇ ସମାନ ଜିନିଷକୁ ହାତରେ ଧରି କାନ୍ଦୁଥିଲା ବୋଉ । ଅନିନ୍ଦିତା ଟିକେ ନିକଟକୁ ଯାଇ ସ୍ପଷ୍ଟ ଭାବରେ ଦେଖି ପାରିଲା, ବୋଉ ହାତରେ ହଳେ ସୁନା କାନଫୁଲ! ଭାବନାର ଜାଲରେ ଛନ୍ଦି ହୋଇପଡେ ଅନିନ୍ଦିତା । ଅଁଳା ଗଛ ପଛପଟେ ଲୁଚିରହି ବୋଉକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହିଲା । ବୋଉ ଉଠି ଚାଲିଗଲା । ବୋଉ ଚାଲିଯିବା ପରେ ବି ଅନିନ୍ଦିତା ସେମିତି ଠିଆ ହୋଇ ଭାବୁଥିଲା - କଣ ହୋଇପାରେ ଏଇ ସୁନା କାନ ଫୁଲର ରହସ୍ୟ ! ଯାହା ପାଇଁ ବୋଉ ପ୍ରାୟଦିନ କାନ୍ଦେ ।

- "କେତେଥର କହିଲିଣି ସେ ସୁନା କାନଫୁଲ ହଳେକୁ ବିକ୍ରି କରିଦେଇଛ ବୋଲି କହିଦିଅ। ପରଘର ସ୍ତ୍ରୀ ଟେ ଆସି ନିଜ ଘର ପିଣ୍ଡାରେ ବସି କାନ୍ଦୁଛି; ଏସବୁ କଣ ଶୋଭା ପାଉଛି ? ବିକି ଦେଇଥିବା ଜିନିଷରେ ଏତେ ଲୋଭ !" ବାବୁଙ୍କ ବାକ୍ୟବାଣରେ ବାବୁମା' ନିରୁତ୍ତର ରୁହନ୍ତି ।

ଅନିନ୍ଦିତା ବୁଝିପାରେ ତା' ବୋଉ ନଥିବା ବେଳେ ବାବୁ ଏମିତି କୁହନ୍ତି । ତାହେଲେ ଏ ସୁନା କାନଫୁଲ ହଳେ କ'ଣ ବୋଉର ! ଅନିନ୍ଦିତାର ଶିଶୁ ସୁଲଭ ମନରେ ଏସବୁ ଗଭୀର ଭାବେ ପ୍ରଭାବ ପକାଏ । ଘରକୁ ଫେରିଯାଏ ଅନିନ୍ଦିତା । ବୁଢ଼ୀମା ତା'ର ବଡପାଟିରେ ବୋଉକୁ ଗାଳି କରୁଥାଏ -"ପାଗଳି ହୋଇଗଲୁଣି କିଲୋ ! ତୋ'ର ଲୋଭ ଏଯାଏଁ କାହିଁ ଛାଡ଼ିନି ? ମୁଁ ଜାଣିଛି ଜୀବନରେ ତୋ ବାପା ସବୁଠୁ ପ୍ରିୟ ଥିଲେ । ଜାଣିଲୁ ମା ବାପା ତୋ'ର ସୁନା କାନଫୁଲ ହଳେ କାନକୁ ସୁନ୍ଦର ଦିଶୁ ବୋଲି ଦେଇନଥିଲେ । କହିବାକୁ ନ ଚାହିଁଲେ ମଧ୍ୟ ଗରିବ ବାପା ମାନେ ଏଇ ସୁନା ଟିକେ ହେଲେ ଦେଇଥାନ୍ତି ଅସୁବିଧା ବେଳେ ବି କାମରେ ଆସୁ । ପୁଅ ମୋର ବେମାର ପଡ଼ିଲା । ଔଷଧ ଟିକିଏ ପାଇଁ ତୁ ସେଇ ସୁନା କାନଫୁଲ

ISSN NO.
2582-208X

ବିକିବାକୁ ବାଧ୍ୟ ହେଲୁ । ସେତକ ତୋ'ର ତ୍ୟାଗ ବୋଲି ଭାବେ । ଗରିବଙ୍କ ଶେଷ ସନ୍ତକ ବୋଲି କିଛି ନଥାଏ ବୋହୂ । ସେ ସୁନା କାନଫୁଲ ହଳେ କୁ ତୋ ମନରୁ ପାସୋରି ଦେ । ବାପାଙ୍କ ସହ ବିତାଇଥିବା ସ୍ମୃତି ସବୁ ତୋର ଶେଷ ସନ୍ତକ ।" ବୋଉ ଏବେ ଆହୁରି ଜୋର୍ ରେ କାନ୍ଦେ । ବୁଢୀମା ବୋଉକୁ କୋଳେଇ ନେଲା ତା' ପଣତରେ । ଶାଶୁ ବୋହୂ ନୁହେଁ, ଅଦୂରରେ ଠିଆ ହୋଇ ଅନିନ୍ଦିତା ଦେଖୁଥିଲା ମାଆ-ଝିଅ ଯୋଡ଼ିଟିଏ । ହଠାତ୍ କେହି ଜଣେ ତା' କାନ୍ଧ ଉପରେ ହାତ ରଖିବାର ସେ ଅନୁଭବ କରେ । ବୁଲିପଡ଼ି ଚାହେଁ ତ ରାଜାଭାଇ ଠିଆ ହୋଇଥା'ନ୍ତି । ଚକ୍ଷୁ ଯୁଗଳ ତାଙ୍କର ଲୋତକରେ ପରିପୂର୍ଣ୍ଣ । ବୋଧହୁଏ ସେ ମଧ୍ୟ ବୁଢୀମା ବୋଉକୁ ସାନ୍ତ୍ୱନା ଦେଉଥିବା ଦୃଶ୍ୟ ଦେଖି ସାରିଛନ୍ତି ।

-"ତୋ ସ୍ୱାଭିମାନୀ ପରିବାର ବିଷୟରେ କ'ଣ ଆଉ କହିବି ଅନିନ୍ଦିତା ! ମାଉସୀଙ୍କୁ ଯେତେ ଟଙ୍କା ସାହାଯ୍ୟ କରିବା ପାଇଁ ଚେଷ୍ଟା କରିଛି ସେ ମନା କରିଦେଇଛନ୍ତି । ତୋ'ର ଇଂରାଜୀରେ ଏତେ ଜ୍ଞାନ ଦେଖି ମୁଁ ତୋ ଭବିଷ୍ୟତ ଦେଖି ପାରୁଛି । ତୁ ଇଂରାଜୀ ଅଧ୍ୟାପିକା ଟିଏ ହୋଇପାରିବୁ, ହଁ ନିଶ୍ଚୟ ପାରିବୁ । ମୁଁ ସାମର୍ଥ୍ୟ ଅନୁସାରେ ତୋତେ ସାହାଯ୍ୟ କରିବି । ସଂକଳ୍ପ ନେ ତୋ ପରିବାରର ଦୁଃଖ ଦୂର କରିବା ପାଇଁ ।" ବାଷ୍ପରୁଦ୍ଧ କଣ୍ଠରେ ଏତକ କହି ରାଜାଭାଇ ଚାଲିଗଲେ ।

ଅନିନ୍ଦିତା କାନରେ ରାଜାଭାଇଙ୍କ କଥା ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା । ତାକୁ କେବଳ ବୋଉ ଆଖିର ଲୁହ ଓ ସେଇ ହଳେ କାନଫୁଲ ଦିଶୁଥିଲା । ନିଜ ଘର ପିଣ୍ଡାରେ ଅନିନ୍ଦିତାକୁ ଏକାକୀ ଦେଖି ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହିଥିଲେ ବାବୁ । ସାହାସ ଜୁଟେଇ ଅନିନ୍ଦିତା କୁହେ -"ଶୁଣିଛି ଛୋଟ ଛୁଆଙ୍କ କଥା ବଡମାନେ କେବେ ଗ୍ରହଣ କରନ୍ତି ନାହିଁ । କିନ୍ତୁ ଆପଣ ମୋ କଥା ରଖିବେ । ବୋଉର ସୁନା କାନଫୁଲ ହଳେ ସୁରକ୍ଷିତରେ ରଖିଥବେ। ମୁଁ ଇଂରାଜୀ ଅଧ୍ୟାପିକାଟିଏ ହେଲେ ସଠିକ୍ ଦାମ ଦେଇ ସୁନା କାନଫୁଲ ହଳେକୁ ଫେରାଇ ନେବି ।" ଅନିନ୍ଦିତା ଚାଲିଗଲା ପରେ ବାବୁ ଦେଖୁଥିଲେ ସଂଘର୍ଷ ସହ ଲଢ଼ିବାକୁ ଯାଉଥିବା ଗୋଟେ ଝିଅକୁ ।

କେତେ ଶୀଘ୍ର ଚାଲିଯାଏ ସମୟ । କେତେ ଶୀଘ୍ର ବଦଳିଯାଏ ଏ ଜୀବନ । ଏ ଜୀବନଟା ଗୋଟେ ଝଡ । ରାଜାଭାଇ ପ୍ରତିରୋଧ କରନ୍ତି ବୋଲି ମାଟ୍ରିକରୁ ସ୍ନାତକୋତ୍ତର ଯାଏଁ ଅନିନ୍ଦିତା ଜୀବନରେ ଆସିଥିବା ଝଡ ସବୁ ମୁଣ୍ଡ ନୁଆଏଁ । ରାଜାଭାଇ ଦିନେ ସମସ୍ତଙ୍କୁ

ISSN NO.
2582-208X

ଆଶ୍ଚର୍ଯ୍ୟାନ୍ୱିତ କରି ଅନିନ୍ଦିତାକୁ ବିବାହ ପ୍ରସ୍ତାବ ଦିଅନ୍ତି । ସମାଜ କେତେ କଥା କହିଲା - "ଅନିନ୍ଦିତା ପରି ଗରିବ ଝିଅମାନେ ପରା ଚାତକ ପରି ଚାହିଁ ବସିଥା'ନ୍ତି, ସମୟ ଆସିଲେ ରାଜା ଭଳି ନିରୀହ ପୁଅଙ୍କୁ ନିଜ ପ୍ରେମଜାଲରେ ଫସାଇବା ପାଇଁ ।" ଅନିନ୍ଦିତା ନିଷ୍ପତ୍ତି ନେଲା ଯେଉଁ ମଣିଷକୁ ନେଇ ତା' ନାମରେ ଏତେ ମିଥ୍ୟା ପ୍ରଚାର, ସେଇ ମଣିଷ ଠୁଁ ଦୂରେଇ ଯିବା ଶହେ ଗୁଣ ଭଲ । କେତେ ବିଷାକ୍ତ ଏ ମଣିଷମାନେ ! କଷ୍ଟରେ ବଞ୍ଚୁଥିବା ମଣିଷମାନଙ୍କ ଜୀବନରେ ଯଦି ଟିକେ ସୁଖ ଆସେ ଜମା ସହ୍ୟ କରିପାରନ୍ତି ନାହିଁ । ଗାଁ ଲୋକଙ୍କ ଟାହି ଟାପରା, ଉପହାସ, କଟୁବାକ୍ୟ ସବୁ ଅନିନ୍ଦିତାର ପାଠପଢ଼ା ଉପରେ ଗଭୀର ଭାବେ ପ୍ରଭାବ ପକେଇଲା । ହୃଦୟକୁ ଟାଣ କରି ସେ ରାଜା ଭାଇଙ୍କ ପ୍ରସ୍ତାବ ପ୍ରତ୍ୟାଖାନ କରିଦେଲା । କେଜାଣି କାହିଁକି ରାଜାଭାଇଙ୍କ ଠାରୁ ଦୂରେଇ ଯିବା ପରେ ତାଙ୍କ ସ୍ମୃତି ଗୁଡ଼ିକ ଆଖି ଆଗରେ ଲଟକି ରହୁଥିଲେ । ରାଜାଭାଇଙ୍କ କଥା ଭାବିଭାବି ତା' ଆଖିରୁ କେତେ ପାଣି ଶୁଖିଲାଣି । ଅନିନ୍ଦିତା ଅନୁଭବ କରୁଥିଲା ମଝି ନଈରେ ଡଙ୍ଗା ମଧ୍ୟରେ ସେ ଏବେ ଏକାକୀ । ରାଜାଭାଇଙ୍କ ବିନା ତାକୁ ଏକା ଏକା ମଙ୍ଗ ଧରି ଜୀବନ ଡଙ୍ଗାକୁ ସେ କୂଳକୁ ନେବାକୁ ହେବ । ସୁନା କାନଫୁଲ ପାଇଁ ବୋଉ ଆଖିରୁ ଶୁଖି ନଥିବା ଲୁହ ପାଇଁ ସେ ଇଂରାଜୀ ଅଧ୍ୟାପିକା ଟିଏ ହେବ ।

× × ×

ବଦଳିଗଲା ଅନିନ୍ଦିତାର ପୃଥିବୀ । ଅଭାବ ଅନଟନରେ ବଢ଼ିଥିବା ପିଲାଟିଏ ପରିସ୍ଥିତିରେ ପଡି ଶୀଘ୍ର ବଡ ହୋଇଯାଏ । ଟଙ୍କାଟିଏ ତାକୁ କୋଟିଏ ଟଙ୍କା ପରି ଲାଗେ । ଏଇଭଳି ମଣିଷମାନଙ୍କୁ ଭଗବାନ ପର କରିଦିଅନ୍ତି । ଭଗବାନ ନିଜେ ମଧ୍ୟ ଚାହାଁନ୍ତି ସଂଘର୍ଷ କରି ସଫଳତାର ସ୍ୱାଦ କେମିତି ଏଇ ସମାଜକୁ ଜଣେଇଦେବାକୁ । ଝରକା ଖୋଲେ ଅନିନ୍ଦିତା । ଆକାଶରେ ଜହ୍ନ ବେଶୀ ସୁନ୍ଦର ଦିଶୁଛି । ଜହ୍ନଠୁ ଆଖି ଫେରାଇ ଆଣି ବୋଉ ମୁହଁକୁ ଚାହିଁଲା । ବୋଉ ଶୋଇ ପଡ଼ିଛି ଗାଢ଼ ନିଦ୍ରାରେ । ଆଜି ବି ସୁନା କାନଫୁଲ ପାଇଁ କାନ୍ଦି କାନ୍ଦି ତା'ର ଆଖି ଦୁଇଟା ଫୁଲି ଯାଇ ନାଲି ଦିଶୁଛି । ରାତି ସାଢ଼େ ଚାରିଟା ହେବ, ଅନିନ୍ଦିତା ବହି ଖୋଲେ । ଆଉ ପାଞ୍ଚ ଦିନ ଗଲେ ଏସ୍.ଏସ୍ .ବି ପରୀକ୍ଷା । ଏଇ ପରୀକ୍ଷା ହିଁ ତା'ର ଭାଗ୍ୟ ନିର୍ଦ୍ଧାରଣ କରିବ । ଫେରାଇ ଆଣିବ ତା' ବୋଉର ସୁନା କାନଫୁଲ । ରାଜାଭାଇ ତାକୁ ଢେର୍ ସାହାଯ୍ୟ କରିଥିଲେ । ବୋଉ କିନ୍ତୁ ମନା କରିନଥିଲା ବରଂ କହିଥିଲା ଅନିନ୍ଦିତା ଚାକିରି କଲେ ନହେଲେ ମୂଳ ଲାଗି ଟଙ୍କା ସବୁ ଶୁଝିଦେବ । ଭୋର୍ ଚାରିଟାରେ

ISSN NO.
2582-208X

ଗାଁ'ରୁ ଯାଉଥିବା ଚକାଡୋଳା ବସ୍ ରେ ଅନିନ୍ଦିତା ଚାଲି ଯାଉଥିଲା ସହର । ଯିବା ସମୟରେ ସେ ଦେଖିଥିଲା କେହି ଜଣେ ଏତେ ସକାଳୁ ମନ୍ଦିରରେ ଯୋଡ଼ ହସ୍ତରେ ପ୍ରାର୍ଥନା କରୁଥିଲେ । ସାରା ଜୀବନ ଯାହା ପାଇଁ ସେ ଏତେ ବାଟ ଆସି ପାରିଥିଲା ତାଙ୍କୁ କେମିତି ଭୁଲିଯିବ! ଓଠରେ ତା'ର ଧାରେ ସ୍ମିତହାସ୍ୟ ଖେଳାଇ ଯାଏ । ତା ଅଜାଣତରେ ସେ ମଧ୍ୟ ଭଲପାଇ ବସିଛି ସେଇ ମଣିଷଟିକୁ, ହଁ ସେ ରାଜାଭାଇ !

ସଂଘର୍ଷ କରିଥିବା ମଣିଷଟେ ଜାଣେ ସେ କରୁଥିବା କଠିନ ପରିଶ୍ରମ ପଛର ସତ୍ୟ । ଅନିନ୍ଦିତା ଯେବେ ବହି ଖୋଲିଛି ଦେଖିଛି ସୁନା କାନଫୁଲ ପାଇଁ ରାତି ରାତି ତକିଆ ଭିଜେଇଥିବା ତା' ବୋଉକୁ । ଛଅ ମାସ ପରେ ଅଧ୍ୟାପିକା ଟିଏ ହେବା ପରେ ସେ ଝୁରିଛି ତା' ବୋଉ, ବୁଢୀମାକୁ ଏବଂ ଗାଁ'କୁ । ଭୁଲିନି ସେ ରାଜଭାଇଙ୍କୁ, ଗାଁ ଲୋକ ଦେଇଥିବା କଟୁବାକ୍ୟର କ୍ଷତ ସବୁକୁ; ଏତେ ସହଜରେ ଭୁଲି ହେବନି ସେ କ୍ଷତ । ସେଇ ହଳେ ସୁନା କାନଫୁଲ ଆଜି ତାକୁ ଗାଁ ମଝିରେ ଠିଆ କରେଇଲା ଗ୍ରାମର ପ୍ରଥମ ଇଂରାଜୀ ଅଧ୍ୟାପିକା ରୂପେ । ଶହେ ଲୋକ ତା ଆଡେ ଏକ ଧ୍ୟାନରେ ଚାହିଁଥା'ନ୍ତି । ଅନିନ୍ଦିତାର ସେ ଆଡେ ଦୃଷ୍ଟି ନାହିଁ । ନିଜ ଘରକୁ ଯିବା ପରିବର୍ତ୍ତେ ବୋଉ ହାତ ଧରି ସିଧା ଚାଲିଛି ବାବୁଘରକୁ । ଆସିବାର ଅଭିପ୍ରାୟ ନ ପଚାରି ହିଁ ବାବୁ ତା' ହାତକୁ ବଢ଼େଇ ଦିଅନ୍ତି ସୁନା କାନଫୁଲ । ବୋଉ ଆଖିରୁ ଧାର ଧାର ହୋଇ ଲୁହ ଗଡିଆସେ । ଅନିନ୍ଦିତା ଚାହେଁ ରାଜାଭାଇଙ୍କୁ; ଚକ୍ଷୁ ଯୁଗଳ ତାଙ୍କର ଗର୍ବରେ ଚମକୁଥା'ନ୍ତି । କେଇଟା ଦିନ ପରେ ଦଶ ଦିଗପାଳ ଆଉ ଅଗ୍ନିକୁ ସାକ୍ଷୀ ରଖି ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ଅନିନ୍ଦିତା ହାତକୁ ବୋଉ ବଢ଼େଇ ଦେଲା ସେଇ ସୁନା କାନଫୁଲ ହଳେ ।" ତୋ ସଫଳତା ପଛରେ ଥିବା ମଣିଷକୁ ସାରା ଜୀବନ ପାଇଁ ପାଖରେ ପାଇଲୁ । ଏଇ ନିର୍ଜୀବ ବସ୍ତୁଟାକୁ ମୋ ପାଖରେ କାହିଁ ଛାଡ଼ିଦେଇ ଯିବୁ ?" କେହି ନ ଶୁଣିଲେ ମଧ୍ୟ ସେଇ ହଳେ ସୁନା କାନଫୁଲ ଅନିନ୍ଦିତା ପାପୁଲିରେ ରହି ବିଜୟର ଗୀତ ଗାଉଥିଲା । ବୋଉ ଆଖିକୋଣରୁ ଗଡି ଆସୁଥିଲା ଲୁହ । ଅତୀତକୁ ପୋଛି ଦେଉଥିଲା ଅନିନ୍ଦିତା ବୋଉ ଆଖିର ଲୁହ ସହ ।

ଜଗନ୍ନାଥପୁର, କଣ୍ଟାପଡ଼ା, କଟକ

ଜାନୁୟାରୀ -୨୦୨୫
www.vedantimagazine.com
ISSN NO.
2582-208X

# ଜୀବନ ପୃଷ୍ଠା



ଚତରଞ୍ଜନ ବେହେରା

ଗାଡିଆରେ ପାଣି ଶୁଖିଗଲା ପରି
ପାରିବାର ରୁ ଜଣେ ଜଣେ
ଚାଲିଗଲେ, ଅଫେର ରାଇଜକୁ
ରହିଗଲି ମୁଁ ଏକା
ଛଟ ପଟ ହୋଇ ବଞ୍ଚିଗଲି
କିଛିଦିନ.....କିଛି ବର୍ଷ......!!

ନା ଥିଲା ହସ ନା ଥିଲା ଖୁସି
କେବଳ, ବଞ୍ଚିବା ପାଇଁ
ଖାଉଥିଲି, ଦି ଓଳା ଦିମୁଠା ଭାତ
ହଁ ଏହା ଧ୍ରୁବ ସତ୍ୟ
ସବୁବେଳେ ସାଥିରେ ଥିଲା
ମୋ ଦୁଇ ଆଖିର ଲୁହ
ଆଉ ଛାତିର ଯନ୍ତ୍ରଣା....!!

ସ୍ମୃତି ହୋଇ ରହିଗଲା
ମୋ ଜୀବନର ସବୁ ଘଟଣା
ମୋ ମନର ଇତିହାସ ରେ
ଲେଖିଲି ମୋ ଦୁଃଖର ବହି
ଯେଉଁ ବହିର ପ୍ରତ୍ୟେକ ପୃଷ୍ଠା ରେ
ଥିଲା ମୋ ଜୀବନରେ
ଘଟି ଯାଇଥିବା, ଘଟଣା ମାନ...!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ସବୁଜ ପୃଥିବୀ



ଜୟନ୍ତ ଦାସ ପ୍ରଫୁଲ୍ଲ

ଆହା କ ସୁନ୍ଦର ମୋର ଏ ପୃଥିବୀ
ସବୁଜ ରଙ୍ଗେ ସେ ଭରା,
ଧରଣୀ ମାଆ ର ପରିଚୟ ଘେନ
ପୂଜା ପାଏ ସଦା ପରା ।।

ଇଶ୍ୱରଙ୍କ ଗଢା ଆମରି ପୃଥିବୀ
ଆହା କେଡେ ମନୋରମ,
ମନ ମୋହିନଏ ସଭିଙ୍କର ଏଠି
ଦୂରେଇ ସଭିଙ୍କ ଭ୍ରମ ।।

ପ୍ରକୃତି ରାଣୀର ବରଷା ଟୋପା ରେ
କେବେ ହୁଏ ସେ ସଜେଇ,
ଆଷାଢ଼ ଶ୍ରାବଣେ ହସେ ଖିଲୀ ଖିଲି
ଦେହକୁ ବର୍ଷରେ ଭିଜେଇ ।।

କାକର ର ବିନ୍ଦୁ କେବେ ସାଜେ ମୁକ୍ତା
ପଡ଼ିଲେ ପୃଥିବୀ ଦେହେ,
କୁହୁଡ଼ିର ଘନ କରେ କରି ଆଚ୍ଛାଦିତ
ସଭିଙ୍କର ଚକ୍ଷୁ ମୋହେ ।।

ଆହା କ ସୁନ୍ଦର ମୋ ଘଞ୍ଚ ଜଙ୍ଗଲ
ପୁଣି ପାହାଡ଼ର ଦେଶ,

ISSN NO.
2582-208X

ନୟନ ପୂରିତ ସବୁଜ ଶୋଭିତ
କେଡେ ମନୋରମ ବେଶ ।।

କଳକାରଖାନା ନର୍ଗତ ଧୂଆଁ ରୁ
ହେଉଛି ପୃଥିବୀ ଦୂଷିତ,
ଆଧୁନିକତାକୁ ସ୍ପର୍ଶ କରି ଜନ
କରୁଛି ଶୋଷିକୁ ଶୋଷିତ ।।

ସୃଷ୍ଟିର ରଚନା ଆଜି ବିଡମ୍ବନା
ସାଜିଛି ମଣିଷ ପାଇଁ,
ବିଷାକ୍ତ ବିଷ ସାର ପ୍ରୟୋଗ କରୁଛି
ନିତି ସେ କ୍ଷେତ ପାଇଁ ।।

ଗାଡ଼ି ମଟରର ଧୂଆଁ ପାଇଁ ଆଜି
ଦୂଷିତ ବି ଆମ ଧରା,
ପାଗ ପରିବର୍ତ୍ତନ ହୁଏ ଅଶୁନିକ
ବାୟୁ ମଣ୍ଡଳ ଦୂଷିତ ଭରା ।।

କେବେ ଅମ୍ଳ ବର୍ଷା ହୁଏ ଅଶୁନିକ
ମରୁଡି, ବାତ୍ୟା ବି ପୁଣି,
ଏସବୁ ପଛର ମନୁଷ୍ୟ ବାହକ
ସବୁ କରେ ଜାଣି ଶୁଣି ।।

ନିଜ ସ୍ୱାର୍ଥ ପାଇଁ କଲେ ଧରା ନଷ୍ଟ
ଆସିବ ତ ଦିନେ ବିନାଶ,
କେହି ରହିବେନି ପ୍ରଳୟ ନିକଟେ
ସର୍ବେ ହୋଇବେ ଶେଷ ।।

ଥାଲସଡା, ବାଲେଶ୍ୱର
ମୋ - ୮୪୫୫୮୭୭୭୭୭

ISSN NO.
2582-208X

# ତଥାକଥିତ ଜୀବନ ଓ ବାସ୍ତବାନୁଭୂତିର କ୍ଷେତ୍ର : 'ତଥାକଥିତ'ର ଭ୍ବଚନ



ଡକ୍ଟର ଅମରେଶ ଠାକୁର

ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟର ପ୍ରମୁଖ ଲେଖକ ସାରଣୀରେ ଗାଳ୍ପିକ ଦେବାଶିଷ ପାଣିଗ୍ରାହୀଙ୍କ ନାମ ଉଲ୍ଲେଖନୀୟ। କେବଳ ଗଳ୍ପ ନୁହେଁ, ଉପନ୍ୟାସ ରଚନା କ୍ଷେତ୍ରରେ ମଧ୍ୟ ସେ ବେଶ୍ ପରିଚିତ। 'ତଥାକଥିତ' ଗଳ୍ପର କଳେବର କ୍ଷୁଦ୍ର ହେଲେ ହେଁ ଗାଳ୍ପିକ ଭାବେ ଦେବାଶିଷ ପାଣିଗ୍ରାହୀ ଆପଣାର ଚିନ୍ତାଧାରା ଓ ଅଭିଜ୍ଞତାକୁ ସମ୍ମିଳିତ କରି ଗଳ୍ପର କଥାବସ୍ତୁକୁ ଉପସ୍ଥାପିତ କରିଛନ୍ତି।

'ତଥାକଥିତ' ର ପ୍ରଥମ ପ୍ରକାଶ ହୁଏ ୨୦୦୦ ମସିହା, ଫ୍ରେଣ୍ଡର୍ସ ପବ୍ଲିଶର୍ସ ଦ୍ୱାରା। ମୂଲ୍ୟ ୪୦ଟଙ୍କା ଏବଂ ପୃଷ୍ଠା ସଂଖ୍ୟା ସମୁଦାୟ ୧୧୪ । ଏହି ଗଳ୍ପ ସଙ୍କଳନଟି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା ୨୦୦୪ ମସିହାରେ। ଏଥିରେ ଚଉଦଟି ଗଳ୍ପ ସ୍ଥାନିତ। ଯଥା- 'କୁରେଇ ଫୁଲର ହସ', 'ଦିଲ୍ଲୀର ଆକାଶ ଓ ନୀଳଶାଢୀ ', 'ଅସଲଗ୍ନ', 'ନୀଡ ବାନ୍ଧିବାର ବେଳା', 'ଆତ୍ମନିର୍ବାସନର ସମୟ', 'ସ୍ୱପ୍ନଭଙ୍ଗର ଋତୁ', 'ବଦଳିବାର ମୁହୂର୍ତ୍ତ', 'କକାବାୟାର ଭୟ', ' ସୁଛା-ପୁନମ ଉପାଖ୍ୟାନ', 'ମଧ୍ୟବୟସ୍କ', 'ଏକାଏକା ତଥାଗତ', 'ଚଉପଦୀ', ' ପ୍ରିୟତମାକୁ ପତ୍ର', ଓ 'ତଥାକଥିତ' ।

'କୁରେଇଫୁଲର ହସ' ଗଳ୍ପଟି ଚାରୋଟି ପର୍ବରେ ବିଭକ୍ତ। ପ୍ରଥମ ପର୍ବଟି ମସୌରୀରେ ଇନସର୍ଭିସ ଟ୍ରେନିଂ କରୁଥିବା ଯୁବକଯୁବତୀମାନଙ୍କ ଟ୍ରେକିଙ୍ଗ ବା ପାର୍ବତ୍ୟ ପ୍ରଦେଶର ଭ୍ରମଣକୁ ନେଇ ଏହାର କଥାବସ୍ତୁ ଗତିଶୀଳ। କୁମାୟୁ ପାହାଡମାଳାର ହନୁମାନଚଟ୍ଟୀରୁ ହରକି ଧନୁ, ଧଣ୍ଡିଗଲ ଲେକ୍ ଓ ଉତ୍ତରକାଶୀ ପର୍ଯ୍ୟନ୍ତ ଥିଲା ସେମାନଙ୍କର ପାର୍ବତ୍ୟ ଯାତ୍ରାର ପଥ । ଏ ଯାତ୍ରା ମଧ୍ୟରେ ଗାଳ୍ପିକ ଆଧୁନିକ ମଣିଷର ଜୀବନ ଜିଜ୍ଞାସା ଓ

ISSN NO.
2582-208X

ମନସ୍ତତ୍ୱକୁ ନାୟିକା ବଳଜୀତ୍ କାଉର ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରିଛନ୍ତି। ସେ ଗଳ୍ପନାୟକ ସରୋଜକୁ ଜୀବନ ସମ୍ପର୍କିତ ଦାର୍ଶନିକ ଦୃଷ୍ଟିଭଙ୍ଗୀ ନେଇ ଥିଓରୀ ଅଫ୍ ମୋକ୍ଷ ସମ୍ପର୍କରେ କହିଛି -" ମିଷ୍ଟର ଫିଲୋସଫର୍, ଏ ଜୀବନ ଅନିର୍ଦ୍ଦିଷ୍ଟ କାଳ ପାଇଁ ନୁହେଁ, ଯେହେତୁ ଆମେ ସମସ୍ତେ ଏ ଦୁନିଆଁର କିଛି ଦିନର ଅତିଥି ମାତ୍ର, ୟାର ପ୍ରତିଟି ମୁହୂର୍ତ୍ତ, ହସଖୁସିରେ ଜୀଇଁବାର ଅଛି। ଲେଟ୍ ଅସ୍ ଏନଜୟ ଲାଇଫ୍ ଟୁ ବି ହିଲଟ୍ । ଜୀବନକୁ ଉପଭୋଗର ଶେଷ ସୀମା ପର୍ଯ୍ୟନ୍ତ ଜୀଅ ।" (ତଥାକଥିତ, ପୃ- ୧)। ଜୀବନ ପ୍ରତି ୟେ ହେଉଛି ବଲଜୀତ କାଉର ଭଳି ତରୁଣୀର ଦୃଷ୍ଟିଭଙ୍ଗୀ। ଗଳ୍ପର ଦ୍ୱିତୀୟ ପର୍ବ ହେଉଛି ପାର୍ବତ୍ୟ ଯାତ୍ରାର ପ୍ରଥମ ସ୍ତର। ଏଥିରେ ଆଧୁନିକ ନାରୀ ମନର ଭାବାବେଗକୁ ଦର୍ଶାଯାଇଛି। ପାର୍ବତ୍ୟାରୋହଣର ଶେଷ ସମୟରେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଗଳ୍ପନାୟକ ବିଭୋର ହୋଇଥିବାବେଳେ ନାୟିକା ମନରେ ଦେଖାଦେଇଥିବା ଜୀବନ ପ୍ରତି ଥିବା ଗଭୀର ତତ୍ତ୍ୱକୁ ନେଇ ଗଳ୍ପର ତୃତୀୟ ପର୍ବ ସମୃଦ୍ଧ। ଗଳ୍ପର ଶେଷ ପର୍ଯ୍ୟାୟଟି ଉତ୍ତରକାଶୀ ପାର୍ବତ୍ୟାଞ୍ଚଳର ପ୍ରାକୃତିକ ସୁଷମାର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା ଓ ଭୂକମ୍ପ ପରବର୍ତ୍ତୀ ବିପର୍ଯ୍ୟସ୍ତ ଜନଜୀବନ ତଥା ସାଧାରଣ ଜନତାଙ୍କୁ ସାହାଯ୍ୟ ପାଇଁ ପ୍ରଶାସନିକ ସ୍ତରର ହାତ ବଢ଼ାଇବା ପ୍ରସଙ୍ଗ ଗଳ୍ପରେ ଅତି ଜୀବନ୍ତ ଭାବେ ଚିତ୍ରିତ। ବିପନ୍ନ ଜୀବନ ଓ ନାନା ଘାତ ପ୍ରତିଘାତ ସତ୍ତ୍ୱେ ବି ଜୀବନ ପ୍ରତି ଥିବା ଗଭୀର ତତ୍ତ୍ୱ ବଲଜୀତ କାଉରକୁ ଆଚ୍ଛନ୍ନ କରି ରଖିଛି। ଯଥା-" ସେଦିନ ମୁଁ କସମ୍ ଖାଇଥିଲି...... ମୁଁ କେବଳ ହସିବି। ମୃତ୍ୟୁକୁ ଡରି ମୁଁ କେବଳ ଜୀଇଁ ରହିବିନି । ଜୀବନକୁ ପ୍ରତିଟି ମୁହୂର୍ତ୍ତରେ ଉପଭୋଗ କରିବି। ମୋର କୌଣସି କାମନା ଅପୂର୍ଣ୍ଣ ରହିବ ନାହିଁ। ହସିହସି ନିଜ ସର୍ତ୍ତରେ ଜୀବନକୁ ଜୀଇଁ, ଯେତେବେଳେ ଜୀବନର ଜବନିକା ପଡ଼ିବ, ସେତେବେଳେ ମୋର ମୃତ୍ୟୁ ନୁହେଁ, ମୋକ୍ଷ ହେବ। ନିଷ୍ଠୁର ମୃତ୍ୟୁର କାଳପୁରୁଷ ଦିନେ ମୋର ପ୍ରିୟଜନଙ୍କୁ ମୋ ଠାରୁ ଛଡେଇ ନେଇଥିଲା, ସେଥିପାଇଁ ମୁଁ ମୃତ୍ୟୁ ଉପରେ ବିଜୟ ପାଇବାକୁ ଚାହୁଁଥିଲି। "(ତଥାକଥିତ, ପୃ-୧୪) । ୟେ ହେଉଛି ବଲଜୀତ କାଉର ଭଳି ଉଚ୍ଚ ଶିକ୍ଷିତା ଆଧୁନିକ ନାରୀର ଜୀବନ ପ୍ରତି ଥିବା ଗଭୀର ତତ୍ତ୍ୱର ଅନୁଶୀଳନ। ଜୀବନର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ହିଁ ବାସ୍ତବରେ ଗଳ୍ପନାୟିକାଙ୍କ ମୋକ୍ଷ ଅଫ୍ ଥିଓରୀ। ଏଣୁ ଜୀବନର ଶତ ଘାତ ପ୍ରତିଘାତ ସତ୍ତ୍ୱେ ମଧ୍ୟ ସେ ଭାଙ୍ଗି ନ ପଡ଼ି ଜୀବନକୁ ଉପଭୋଗ କରିବା ପାଇଁ ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି। ଠିକ୍ ସେହିପରି 'ଦିଲ୍ଲୀର ଆକାଶ ଓ ନାଲିଶାଢ଼ୀ' ଗଳ୍ପରେ ଅରୁଣା ଏକ ଅଖ୍ୟାତ ପଲ୍ଲୀ ଗ୍ରାମରୁ ଉଚ୍ଚ ଶିକ୍ଷା ଲାଭ କରିବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏମ୍.ଏ

ISSN NO.
2582-208X

ପଢ଼ିଛି। ପିତାମାତା ଅନେକ ସ୍ୱପ୍ନ ଦେଖନ୍ତି ତାକୁ ମଣିଷ କରିବା ପାଇଁ। ଅଥଚ ଦିଲ୍ଲୀ ମହାନଗରୀର ରହଣି ମଧ୍ୟରେ ସେ ସ୍ୱାତୀ ନାମ୍ନୀ ଝିଅର ପ୍ରେମରେ ପଡି ନଷ୍ଟ କରିଦେଇଛି ଆପଣାର ଉଜ୍ଜ୍ୱଳ ଭବିଷ୍ୟତକୁ। ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କାଳରେ ଶ୍ରେଣୀହୀନ ସମାଜ, ମାର୍କସ ଓ ରକ୍ତାକ୍ତ ବିପ୍ଳବରେ ମାତି ଅନେକ ସମୟ ଅତିବାହିତ କରିଛି । ଯାହା ଫଳରେ ସେଚାକିରୀରୁ ବଞ୍ଚିତ ହୋଇଛି । ପିଲାଦିନୁ ଆଇ.ଏ.ଏସ୍ ବା ଆଇ.ପି.ଏସ୍ ହେବାର ସ୍ୱପ୍ନ ଦେଖିଥିବା ଅରୁଣଭା ମହାନଗରୀର ରହଣି ମଧ୍ୟରେ ହୋଇଯାଇଛି ବିପଥଗାମୀ। ଅଠେଇଶି ବର୍ଷ ହେଉଛି ତାର ଚାକିରୀ ପରୀକ୍ଷା ଦେବାର ଶେଷ ସମୟ । ଯଦି ସେ ଏ ପରୀକ୍ଷାରେ ସଫଳ ନ ହୁଏ, ତେବେ ସାରା ଜୀବନ ତାକୁ ସଙ୍ଘର୍ଷ କରି ବଞ୍ଚିବାକୁ ହେବ । ତେଣେ ପୁଣି ଦୀର୍ଘ ବର୍ଷ ଧରି ଭଲ ପାଉଥିବା ପ୍ରେମିକା ସ୍ୱାତୀକୁ ମଧ୍ୟ ହରାଇବାକୁ ପଡ଼ିବ । ଏଭଳି ଦୋଛକିରେ ଥାଇ ମଧ୍ୟ ଅରୁଣାଭ ସ୍ୱାତୀର ପ୍ରେମରେ ପାଗଳ ହୋଇଛି । ହାତରେ ମୁଠାଏ ଖାଇବାକୁ ସାମର୍ଥ୍ୟ ନ ଥିଲେ ମଧ୍ୟ ସ୍ୱାତୀ ପାଇଁ ନୀଳ ରଙ୍ଗର ଶାଢ଼ୀ କିଣିବାର ସ୍ୱପ୍ନ ଦେଖିଛି । ସାଂପ୍ରତିକ କାଳରେ ଯୁବ ସମାଜ ନିଜ ଭବିଷ୍ୟତ କଥା ଚିନ୍ତା ନ କରି କିଭଳି ବିପଥଗାମୀ ହେଉଛନ୍ତି ତାହା ଗାଳ୍ପିକ ଏଠାରେ ଅତି ମାର୍ମିକ ଭାବେ ଉପସ୍ଥାପନ କରିଛନ୍ତି।

'ଅସଲଗ୍ନ' ଗଳ୍ପରେ ସହରୀ ଜୀବନର ଚିତ୍ର, ମ୍ୟୁନିସିପାଲିଟିର ଅବହେଳା, ରାସ୍ତାରେ ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଜୀବନ ବିପଦାପନ୍ନ ହେବା ଭଳି ଜୀବନରେ ଘଟୁଥିବା ନାନାବିଧ ସମସ୍ୟାକୁ ଉପସ୍ଥାପିତ କରାଯାଇଛି। ଏଠାରେ ମୁଖ୍ୟ ଚରିତ୍ର 'ଜେଜେ' ର ମନୋବିଶ୍ଳେଷଣ ଘଟିଛି। ଯଥା-"ଛାଡ ସେ ସବୁକଥା, ସୁରେଶଟା 'ବଜ୍ଜାତ୍' ଟେ ବୋଲି ସେ ଜୋରରେ କହି ଉଠିଲେ ଏବଂ ପରମୁହୂର୍ତ୍ତରେ ଜେଜେମା ଦିନରେ ବି ବିଳିବିଳାଉଛନ୍ତି ବୋଲି ପିଣ୍ଟୁର ହଲ୍ଲା ଶୁଣି ସେ ସଚେତନ ଓ ଅପ୍ରତିଭ ହୋଇ ଉଠିଲେ । ପିଣ୍ଟୁ, ବୟସ କମ ହେଲେ ବି ଆଜିକାର ସମଝଦାର ପିଲା । କାଳେ ସେ ଦିନ ଦ୍ୱିପହରରେ ପ୍ରଳାପ କରୁଛନ୍ତି ଏହା ଶୁଣି ତାଙ୍କର ଅଭିଜାତ ପୁତ୍ର ଓ ଆଧୁନିକା ପୁତ୍ର ବଧୂ ତାଙ୍କର ମସ୍ତିଷ୍କ ବିକୃତି ଘଟିଲାଣି ଭାବି ତାଙ୍କୁ ଡାକ୍ତର ବା ସାଇକ୍ରିଆଟିଷ୍ଟ ପାଖକୁ ନେବେ ଏବଂ ପତ୍ନୀ ସୁରମା ସୁସୁମା ସୁସୁ ହୋଇ ବହେ କାନ୍ଦି କେଉଁ ମଠ ବାବାଜୀ, ତନ୍ତ୍ର ସାଧକଙ୍କ ପାଖକୁ ଯାଇ ଆରୋଗ୍ୟ ହେବା ପାଇଁ ତାକୁ ବାଧ୍ୟ କରିବେ - ଏ ପ୍ରକାର ସମ୍ଭାବନାକୁ ମୂଳରୁ ଇ ପୂର୍ଣ୍ଣଚ୍ଛେଦ ପକାଇବାକୁ ପିଣ୍ଟୁର ସମସ୍ତ ଦାବୀକୁ ସେ ନିସର୍ତ୍ତରେ ମାଗିନେଲେ। (ତଥାକଥିତ, ପୃ-୨୫)। ମଣିଷ ନିଜ ବୟସ ବୃଦ୍ଧି ହେବା ସହ ଅତୀତର ପୁରୁଣା ସ୍ମୃତିକୁ

ISSN NO.
2582-208X

ରୋମାନ୍ଥନ କରି ଉଲ୍ଲସିତ ହୋଇଥାଏ। ଏଇ ସ୍ମୃତି ହିଁ ତାକୁ ଦେଇଥାଏ ଅତ୍ୟଧିକ ଆନନ୍ଦ। ଜେଜେ ଚରିତ୍ର ହେଉଛି ଏହାର ଉଦାହରଣ। ଗାଳ୍ପିକ ଏଠାରେ ଜେଜେ ଚରିତ୍ର ଜରିଆରେ ଦେଖାଇଛନ୍ତି ସହରୀ ସଭ୍ୟତାର ଛଦ୍ମତାକୁ। ଠିକ୍ ସେହିପରି 'ନୀଡ଼ ବାନ୍ଧିବାର ବେଳା' ଗଳ୍ପ ହେଉଛି ଏକ ଦାମ୍ପତ୍ୟ ଜୀବନର କାରୁଣ୍ୟ ପ୍ରତିଲିପି। ଶୁଭଙ୍କର ଓ ଶେଫାଳୀ ବିବାହ ପରେ ମଧ୍ୟ ଏକାଠି ରହିପାରି ନାହାନ୍ତି। କାରଣ ସେମାନଙ୍କର କର୍ମକ୍ଷେତ୍ର ଭିନ୍ନ ଭିନ୍ନ ସହରରେ। ବାହାଘରର ଦୀର୍ଘ ବର୍ଷ ପରେ ଶେଫାଳୀ ମାତ୍ର ଦୁଇ ସପ୍ତାହ ପାଇଁ ଆସିଛି ସ୍ୱାମୀ ରହୁଥିବା ମାଲକାନଗିରି ସହରକୁ। ଅଳ୍ପଦିନ ରହଣି କାଳରେ ସେ ଶୁଭଙ୍କରର ଅସଜଡା ଘରକୁ ସଜାଡି ଦେଇଛି । ତଥାପି ମଧ୍ୟ କର୍ମ ବ୍ୟସ୍ତତା ହେତୁ ଶୁଭଙ୍କର ତାକୁ ସମୟ ଦେଇପାରୁ ନାହିଁ। ଗାଳ୍ପିକ ଏଠାରେ ଆଧୁନିକ ଉଚ୍ଚ ଶିକ୍ଷିତ ଚାକାରୀଜୀବୀ ମଣିଷର ସମସ୍ୟା, ସହରୀ ପରିବେଶର ନିଃସଙ୍ଗତା ଓ ଗ୍ରାମୀଣ ପରିବେଶରେ ବଞ୍ଚୁଥିବା ଶାନ୍ତ ସରଳ ମଣିଷର ଚିତ୍ରକୁ ଅତି ନିଖୁଣ ଭାବେ ଚିତ୍ରଣ କରିଛନ୍ତି। ଦାମ୍ପତ୍ୟ ସ୍ନେହ ପ୍ରେମକୁ ଚାକିରୀ ଜୀବନ କିଭଳି ଭାଙ୍ଗି ଦେଉଛି ତାହା ଗାଳ୍ପିକ ଦର୍ଶାଇବା ସହ ନିଜ ସଂସ୍କୃତି, ପରମ୍ପରା ଓ ଅତୀତର ସତେଜ ସ୍ମୃତିକୁ ନେଇ ଗଳ୍ପଟି ସମୃଦ୍ଧ। 'ଆତ୍ମନିର୍ବାସନର ସମୟ' ଗଳ୍ପରେ ସତ୍ୟବ୍ରତ ଜଣେ ସଚ୍ଚୋଟ କର୍ମଠ, ନୀତିନିୟମ ଭିତରେ ଆବଦ୍ଧ ଥିବା ମଣିଷ। ତାଙ୍କ ସଚ୍ଚୋଟ ପଣିଆ ଯୋଗୁଁ ସେ ଉଚ୍ଚପଦସ୍ଥ ଅଫିସର ହୋଇ ମଧ୍ୟ କିଛି ଉପୁରି ରୋଜଗାର ପାଇପାରୁ ନାହାଁନ୍ତି। ମାସ ଶେଷରେ ଟଙ୍କା ନିଅଣ୍ଟ ହେବାରୁ ତାଙ୍କ ପତ୍ନୀଙ୍କ ସହ କଳହ କରୁଛନ୍ତି। ସେ ଜଣେ ସାହିତ୍ୟ, ଧର୍ମ, ସଂସ୍କୃତିକୁ ଭଲପାଇ ବଞ୍ଚୁଥିବା ମଣିଷ। କିନ୍ତୁ ତାଙ୍କର ଏସବୁ ଗୁଣ ପାଇଁ ସେ ଅପଦସ୍ଥ ହୁଅନ୍ତି ଅନେକ ସ୍ଥଳରେ। ଏପରିକି ନିଜ ଅଫିସକୁ ତଦାରଖ କରିବାକୁ ରାତ୍ରି ବିଜେ କରି ଅଶିକ୍ଷିତ ମଦ୍ୟପ ପିଅନ ଠାରୁ ମଧ୍ୟ ଅସହ୍ୟ ଗାଳି ଶୁଣି ଚାକିରୀରୁ ଇସ୍ତଫା ଦେବା ପାଇଁ ଉଚ୍ଚସ୍ତରର ହାକିମ ନିକଟକୁ ପତ୍ର ଲେଖନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ ଏ ସମାଜରେ ସତ୍ୟ ଓ ସଚ୍ଚୋଟତାର ସ୍ଥାନ ନାହଁ , ତାହାକୁ ଅତି ସ୍ୱଷ୍ଟ ଭାବେ ଗାଳ୍ପିକ ଦର୍ଶାଇଛନ୍ତି। 'ସ୍ୱପ୍ନଭଙ୍ଗର ଋତୁ' ଗଳ୍ପଟି ଐତିହାସିକ ପୃଷ୍ଠଭୂମିରେ ରଚିତ। ଇତିହାସ ମଧ୍ୟରେ ଅତୀତକୁ ଓ ଜୀବନକୁ ଅନ୍ୱେଷଣ କରିବା ହିଁ ଏ ଧରଣର ଗଳ୍ପର ଉଦ୍ଦେଶ୍ୟ।

ପରିବେଶ ଓ ପରିସ୍ଥିତି ମଣିଷକୁ ବଦଳାଇ ଦେଇଥାଏ । ତେଣୁ ସମୟ ବଦଳିବା ସହ ମଣିଷର ଚିନ୍ତା ଚେତନାରେ ମଧ୍ୟ ପରିବର୍ତ୍ତନ ଘଟିଥାଏ। 'ବଦଳିଯିବାର ମୁହୂର୍ତ୍ତ' ଗଳ୍ପ

ISSN NO.
2582-208X

ହେଉଛି ଏହାର ଏକ ବଳିଷ୍ଠ ଉଦାହରଣ। ଅଧୁନା ସହରୀ ଉଚ୍ଚଶିକ୍ଷିତ ମଣିଷର ସ୍ୱାର୍ଥପରତାକୁ ଗାଳ୍ପିକ ସ୍ପଷ୍ଟ ଭାବେ ଚିତ୍ରଣ କରିଛନ୍ତି। ନିଜ ପୁଅକୁ ନେଇ ପିତାମାତା ଅନେକ ସ୍ୱପ୍ନ ଦେଖିଛନ୍ତି। କିନ୍ତୁ ସେ ଯେତେବେଳେ ଉଚ୍ଚ ଶିକ୍ଷା ଲାଭ କରି ଚାକିରୀ ପାଇଛି ସେତେବେଳେ ଭୁଲଯାଇଛି ନିଜ ପିତାମାତା, ପରିବାର, ଆତ୍ମୀୟସ୍ୱଜନ, ସଂସ୍କୃତି, ପରମ୍ପରା ଓ ନିଜ ଜନ୍ମମାଟିକୁ। ଗଳ୍ପନାୟକ ଚାକିରୀ ପାଇବା ପରେ ସ୍ୱଇଚ୍ଛାରେ ବାହା ହୋଇଛି ନିଜ ପରିବାରକୁ ନ ଜଣାଇ। ପୁଣି ବାହାଘର ପରେ ନିଜ ପରିବାର ସହ ସମସ୍ତ ସମ୍ପର୍କ ଛିନ୍ନ କରିଦେଇଛି। ପରବର୍ତ୍ତୀ ସମୟରେ ପିତୃ ସମ୍ପତ୍ତିକୁ ବିକ୍ରି କରିବାକୁ ମଧ୍ୟ ପଶ୍ଚାତପଦ ହୋଇନି । କିନ୍ତୁ ଯେତେବେଳେ ତା ପୁଅଝିଅ ବିଦେଶରେ ଚାକିରୀ କରି ତାକୁ ଏକୁଟିଆ କରିଦେଇଛନ୍ତି ସେତେବେଳେ ସେ ନିଜ ପିତାମାତାଙ୍କ କଥାକୁ ହୃଦୟଙ୍ଗମ କରିପାରିଛନ୍ତି। ସବ୍ୟସାଚୀଙ୍କ ମନସ୍ତତ୍ୱକୁ ନେଇ 'କକବାୟାର ଭୟ' ଗଳ୍ପର ସୃଷ୍ଟି। ଭୟ ହେଉଛି ସାମାଜିକ ଜୀବନର ଏକ ସତ୍ତା । ସେଥିପାଇଁ ଆଦିମ ମଣିଷ ବଣର ଫଳମୂଳ ଓ କଞ୍ଚାମାଂସ ଖାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସମାଜ ସୃଷ୍ଟି କରିଛି । ଯାଯାବର ଜୀବନ ବଞ୍ଚିବା ଛାଡି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇରହିଛି ପୁଣି ଅବାରିତ ଯୌନ କାମନାକୁ ବିବାହର ସାମାଜିକ ବନ୍ଧନ ଭିତରେ ବାନ୍ଧି ରଖିଛି । ମଣିଷର ସଚେତନ ଦୃଷ୍ଟିଭଙ୍ଗୀକୁ ଗାଳ୍ପିକ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି। ସୁଚା ଓ ପୁନମର ତାରୁଣ୍ୟର ପ୍ରେମ କାହାଣୀକୁ ନେଇ 'ସୁଚା -ପୁନମ ଉପାଖ୍ୟାନ' ଗଳ୍ପର ସୃଷ୍ଟି। ସମୟ ଓ ପରିସ୍ଥିତି ମଣିଷ ମଣିଷ ମଧ୍ୟରେ ଥିବା ସମ୍ପର୍କକୁ କିଭଳି ନଷ୍ଟ କରିଦିଏ ତାହା ଏ ଗଳ୍ପରେ ଚିତ୍ରିତ। 'ମଧ୍ୟବୟସ୍କ' ଗଳ୍ପରେ ଅଭିମନ୍ୟୁର ମନସ୍ତତ୍ୱକୁ ଗାଳ୍ପିକ ଦର୍ଶାଇଛନ୍ତି। ମଣିଷର ବୟସ ବୃଦ୍ଧି ହେବା ସଙ୍ଗେସଙ୍ଗେ କର୍ମମୟ ଜୀବନରେ ଦିନକୁ ଦିନ ଅଧିକ ଛନ୍ଦି ହେବା ସହ ଅଣନିଃଶ୍ୱାସୀ ହୋଇ ନିଃସଙ୍ଗ ଜୀବନ ବଞ୍ଚିବାକୁ ଗାଳ୍ପିକ ଏଠାରେ ସୁନ୍ଦର ଭାବେ ଫୁଟିଇ ପାରିଛନ୍ତି। ତଥାଗତର ସାହିତ୍ୟ ପ୍ରତି ଥିବା ଆଗ୍ରହ ଓ ଗୋପା ସହ ତା'ର ସମ୍ପର୍କ ପରବର୍ତ୍ତୀ ସମୟରେ ପୁଣି ଗୋପା କିଣିଥିବା ମାର୍କେଜଙ୍କ ' ଓ୍ୱାନ ହଣ୍ଡ୍ରେଡ ଇୟର୍ସ ଅଫ୍ ସଲିଟ୍ୟୁଡ' ପୁସ୍ତକର ପ୍ରଥମ ପୃଷ୍ଠାରେ ଗୋପା ଲେଖିଥିବା ଠିକଣା ଓ ସେଥିରେ ଥିବା 'ଟୁ ନାଇଟ ଆଇ କ୍ୟାନ୍ ରାଇଟ ଦ ସ୍ୟାଡେଷ୍ଟ ଲାଇନ୍ସ' ହିଁ ତଥାଗତକୁ ଗୋପା ମନସ୍କ କରିଦେଇଛି।ଗଳ୍ପର ପ୍ରାରମ୍ଭରେ ରୋମାଣ୍ଟିକ ସୁଲଭତା ରହିଥିଲେ ମଧ୍ୟ ପରିଣତି ହୋଇଛି ଖୁବ୍ କରୁଣାତ୍ମକ । ଦୀର୍ଘ ବର୍ଷ ପରେ ତଥାଗତ ରାଉରକେଲା ପୁସ୍ତକମେଳା ଯିବା ସହ ଆକସ୍ମିକ ଭାବେ ଗୋପା ଘରକୁ ଯିବା ଓ ଗୋପାର ମୃତ୍ୟୁ ସମ୍ବାଦ ଶୁଣିବା ପୁଣି ଗୋପା ପ୍ରତି ରହିଥିବା ଅତୀତର ସ୍ମୃତିକୁ

ISSN NO.
2582-208X

ରୋମାନ୍ଥନ କରି ନିଃସଙ୍ଗତା ଅନୁଭବ କରିବା ହିଁ ତଥାଗତ ମନରେ କରିଦେଇଛି ଦାରୁଣ ବେଦନା। ଏଭଳି ଏକ ଘଟଣାକୁ କେନ୍ଦ୍ର କରି 'ଏକାଏକା ତଥାଗତ' ଗଳ୍ପର ଜନ୍ମ। 'ଚଉପଦୀ' ଗଳ୍ପରେ ଉଚ୍ଚଶିକ୍ଷିତ ଚାରିଜଣ ବନ୍ଧୁ ଆକାଶ, ଅଂଶୁମାନ, ସାଗର ଓ ସମୀରଣ ନିଜ ନିଜ ପଦବୀକୁ ନେଇ ଗର୍ବରେ ଫାଟି ପଡିବା ଓ ଆପଣାର ସ୍ୱାର୍ଥ ହାସଲ କରିବାକୁ ଅସତ୍ୟ, ଅନ୍ୟାୟର ପନ୍ଥାକୁ ଜୀବନର ପରମବ୍ରତ ମନେକରି ସଫଳତାର ପାହାଚ ଚଢି ମଧ୍ୟ ଜୀବନରେ ଅଶାନ୍ତି ମଧ୍ୟରେ ଜୀବନ ବଞ୍ଚିବାକୁ ଗାଳ୍ପିକ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି। 'ପ୍ରିୟତମାକୁ ପତ୍ର'ରେ ଗଳ୍ପନାୟକ ନଚିକେତା ଆପଣାର ପ୍ରେମିକା ସୁଚେତାକୁ ନେଇ ଆତ୍ମବିଭୋର। ଅଥଚ ପ୍ରେୟସୀ ତା ଠାରୁ ଅନେକ ଦୂରରେ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ବିରହେ ବିକଚେ ପ୍ରେମ ହୋଇ ଶତଗୁଣ'ର ଅମରବାଣୀକୁ ଗାଳ୍ପିକ ବେଶ୍ ସୁନ୍ଦର ଭାବେ ଫୁଟାଇ ପାରିଛନ୍ତି। ବାସ୍ତବରେ ମିଳନ ଅପେକ୍ଷା ବିରହରେ ହିଁ ପ୍ରେମ ଦ୍ୱିଗୁଣିତ ହୋଇଥାଏ। ପ୍ରେୟସୀ ସହ ବିତିଥିବା ବାଲ୍ୟଜୀବନ ପୁଣି ଜୀବନର ଯନ୍ତ୍ରଣା ମଧ୍ୟରେ ବି କବିତା ଲେଖିବା ପାଇଁ ପାଉଥିବା ପ୍ରେରଣା ଓ କବିତା ମାଧ୍ୟମରେ ସମାଜର ଦୁଃଖୀ ଦରିଦ୍ର ମଣିଷଙ୍କ ପାଇଁ ଆଶା, ଅଭିଳାଷ ଓ ସ୍ୱପ୍ନମୟ ପୃଥିବୀର ପରିକଳ୍ପନାକୁ ନେଇ ନାୟକ ଆତ୍ମବିଭୋର। ପ୍ରେୟସୀର ପ୍ରତିଶ୍ରୁତିକୁ ପୂର୍ଣ୍ଣ କରିବା ପାଇଁ ଗଳ୍ପନାୟକ ପ୍ରୟାସ କରିଛି ଅଥଚ କବିତା ଲେଖି ନ ପାରି କହୁଛି-" କବିତା ତ କାଲି କଲମର କଥା ନୁହେଁ। ତୁମେ ଜାଣ, ଜଣେ ଆର୍ଟିଷ୍ଟ ପାଇଁ ସବୁଠୁ ଦୁଃଖର ମୁହୂର୍ତ୍ତ କେବେ ଆସେ, ଯେତେବେଳେ ତା'ର ସୃଷ୍ଟିରେ ପ୍ରାଣ ରହେନା, ସୃଜନୀରେ ଆତ୍ମା ରହେନା। ଏବେ କବିତା ଲେଖିଲେ ବି ପଦ୍ୟଗଦ୍ୟ ହୋଇଯିବ, ଅଥଚ ମୋତେ ଲେଖିବାକୁ ଇ ହେବ, ତମର ରାଣ ଅଛି ପରା ଲେଖିବାକୁ।" (ତଥାକଥିତ, ପୃ-୮୯)। 'ତଥାକଥିତ'ଗଳ୍ପରେ ଟ୍ରେନ ଯାତ୍ରା ସମୟରେ ଆପଣାକୁ ଭଦ୍ର, ସମ୍ଭ୍ରାନ୍ତ ଓ ଆଭିଜାତ ସମ୍ପନ୍ନ ସଭ୍ୟ ଶିକ୍ଷିତ ମଣିଷର ପରିଚୟ ଦେଇ ରାଜନେତା, ମୋଟରପାର୍ଟ ବ୍ୟବସାୟୀ ଓ ଚୌଧୁରୀବାବୁ ପ୍ରମୁଖ ଧନସମ୍ପତ୍ତିକୁ ନେଇ ଗର୍ବରେ ଫାଟିପଡି ସାଧାରଣ ଜନତାକୁନ୍ୟୁନ ଦୃଷ୍ଟିରେ ଦେଖିବାର ଚିତ୍ର ବର୍ଣ୍ଣିତ। ସମାଜର ଏଇ ଉଚ୍ଚଶିକ୍ଷିତ ମଣିଷମାନେ ଟ୍ରେନ ଟିକେଟ ନ କରି ଅନ୍ୟର ରିଜର୍ଭେସନ ସିଟକୁ ଅକ୍ତିଆର କରିବା ଓ ନିଜ କଥା ବିଚାର ନ କରି ଅନ୍ୟର ଦୋଷ ଦୁର୍ବଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଏମାନଙ୍କର ଏକ ସହଜାତ ପ୍ରବୃତ୍ତି। ଆଲୋଚ୍ୟ ଗଳ୍ପରେ ପିତା ଓ ପୁତ୍ରୀତ୍ରୟ ପ୍ରଥମ ଥର ପାଇଁ ଦିଲ୍ଲୀ ଯାତ୍ରା କରୁଥାନ୍ତି। ଟ୍ରେନ ପହଞ୍ଚିବାରେ ବିଳମ୍ବ ହେବାରୁ ସେମାନେ ବ୍ୟସ୍ତ ହୋଇ କେବଳ ସମୟକୁ ଚାହିଁ ରହିଥିଲେ ଓ ରାତ୍ରିରେ ଟ୍ରନରୁ ଓହ୍ଲାଇ

ISSN NO.
2582-208X

କଉଠି ଆଶ୍ରୟ ନେବେ ବୋଲି ଭୟ କରୁଥିଲେ। ସେତେବେଳେ ତାଙ୍କ ସହ ଯାତ୍ରା କରୁଥିବା ଜଣେ ଅପରିଚିତ ଯୁବକ ନିଶିକାନ୍ତ ହିଁ ସେମାନଙ୍କୁ ସାହଯ୍ୟ କରିଥିଲା । ଅଥଚ ନିଶିକାନ୍ତର ରୂପ ଓ ବେଶ ପୋଷାକକୁ ଦେଖି ସେମାନେ ତାକୁ ଜଣେ ଅସାମାଜିକ ପୁରୁଷ ଭାବେ ସନ୍ଦେହ କରୁଥିଲେ। ମଣିଷକୁ ଚିହ୍ନିବା ପାଇଁ ହେଲେ ତା'ର ବାହ୍ୟ ରୂପକୁ ନ ଦେଖି ଅନ୍ତରୂପକୁ ଅର୍ଥାତ୍ ଆଚାର ବ୍ୟବହାରରୁ ହିଁ ତା'ର ପ୍ରକୃତ ପରିଚୟ ମିଳିଥାଏ ବୋଲି ଗାଳ୍ପିକ ଏଠାରେ ବ୍ୟକ୍ତ କରିଛନ୍ତି।

ଚରିତ୍ର ଚିତ୍ରଣ ଦୃଷ୍ଟିରୁ ବିଚାରକଲେ ଗାଳ୍ପିକ ପାଣିଗ୍ରାହୀଙ୍କ ଅଧିକାଂଶ ଗଳ୍ପର ଚରିତ୍ର ଉଚ୍ଚଶିକ୍ଷିତ, ଆଭିଜାତ୍ୟ ବର୍ଗର ଓ ସହରୀ ପରିବେଶ ମଧ୍ୟରେ ବଞ୍ଚୁଥିବା ମଣିଷ। ପୁରୁଷ ଚରିତ୍ର ଅପେକ୍ଷା ତାଙ୍କ ନାରୀ ଚରିତ୍ରମାନେ ଖୁବ୍ ଚଳଚଞ୍ଚଳ ଓ କର୍ମମୁଖର । ପୁରୁଷ ସହ ନିଜକୁ ସମକକ୍ଷ କରିବା ସହ ସେମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥାନ୍ତି।

ଭାଷାଶୈଳୀ ଦୃଷ୍ଟିରୁ ପରଖିଲେ ତାଙ୍କ ଗଳ୍ପର ଭାଷା ସରଳ, ସ୍ୱଚ୍ଛନ୍ଦ, ଚିତ୍ରକଳ୍ପ, ପ୍ରତୀକ ଓ କାବ୍ୟିକତାରେ ପରିପୂର୍ଣ୍ଣ। ଏଠାରେ ଏକ କାବ୍ୟିକ ଭାଷାର ଉଦାହରଣ ନିଆଯାଇପାରେ। ଯଥା-"ସର୍ତ୍ତସବୁ କାହିଁକି ନଦୀଧାର ହୋଇ ବହିଯାଆନ୍ତି, କଢି ସବୁ କାହିଁକି ଫୁଲ ଦେବା ଆଗରୁ ଝରିଯାଆନ୍ତି, ଆଉ ତୁମପରି ଏମିତି ଗତିଶୀଳା ଚଳଚଞ୍ଚଳା ତଟିନୀରେ ଅଚାନକ କାହିଁକି ଅନ୍ତସଳୀଳା ଫଲଗୁର ପରାଭାବ ଆସିଥାଏ। ପ୍ରଶ୍ନ ଅସୁମାରୀ ପ୍ରିୟତମା ! ଉତ୍ତର ଇ ଏଠି ବିରଳ ବସ୍ତୁ।" (ତଥାକଥିତ, ପୃ-୮୮)

ପରିଶେଷରେ ଏତିକି କୁହାଯାଇପାରେ; ଗଳ୍ପକାର ଦେବାଶିଷ ପାଣିଗ୍ରାହୀ ଆପଣା ଜୀବନର ସମସ୍ତ ଅନୁଭୂତି, ଅଭିଜ୍ଞତା ଓ ସନ୍ଦର୍ଶନରୁ 'ତଥାକଥିତ' ଗଳ୍ପର ଜନ୍ମ। ଏଣୁ ଓଡ଼ିଆ ଗଳ୍ପ ଜଗତରେ 'ତଥାକଥିତ' ନିଶ୍ଚୟ ଏକ ସ୍ୱତନ୍ତ୍ର ସ୍ଥାନ ଜାହିର କରେ ଏକଥା ନିଃସନ୍ଦେହରେ କୁହାଯାଇପାରିବ।

ଓଡ଼ିଆ ଅଧ୍ୟାପକ,
ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟ,
ଜି.ବରଗଡ

ISSN NO.
2582-208X

# ରାତି ରେ ତାରା, କଳା ବୋଡରେ ଧଳା



ଡୁଇଟ ଡେଭିଡ ଫିଲିପ

ପାନ୍ଥ ସାଳା ନୁହେଁ, ଗୋଶାଳା
ମିଳଥିଲ୍ ଏକ ମଣିଷ ଛୁଆ,

ବାପା ବଢେଇ
ମା ପାଗ୍ ଦିଏ ବଳ, ମେଷ ନ ପାଇ

କୃଶରୁ ନଧାଇ, କୃଶକୁ ଯାଇ
କ କଥା, କ ବାଣୀ ଯେ,
ମାଳ ମାଳ ଲେଖା ଗୋଟିଏ କାହାଣୀ

ଘେରିଲେ ରୋମୀୟ, ଘେରିଲେ ଯିହୁଦୀ,
ଲିଭି ନ ଜାଇ, ହୋଇଛି ଜ୍ୟୋତି

ବ୍ୟାପିଲ୍ ନାହିଁ ନିଜ ଦେଶେ,
ଦିଶୁଛି ଏବେ ସବୁ ଦେଶେ,

ପ୍ରାୟୋଜିତ ଥିଲ୍ କ, ଭୀରୁ ଶିଷ୍ୟଙ୍କୁ,
ସେ ବିତ ମଲେ ଦେଖି ଗୁରୁଙ୍କୁ

ISSN NO.
2582-208X

ଇତିହାସ ଏହି
ଭକ୍ତଙ୍କ ଇତି

ଜନ୍ମ ପରେ ନୁହେଁ, 'ସେ' ଜନ୍ମ ପୂର୍ବେ
ଇତିହାସ ନୁହେଁ, 'ସେ' ଇତିହାସ ଆଗେ

ଏତେ ପିଟା ଖାଇ ହୋଇଛି ଜ୍ୟୋତି
କ୍ଷମା
ତ୍ୟାଗ
ଖାଦ୍ୟ
ଘରେ କ ସେତିକ

ସେବା ନୁହେଁ, ଖାଲି
ଅନ୍ଧ କୁ ଆଖି, ଛୋଟା କୁ ଗୋଡ,
ମୃତକୁ ଜୀବନ, ଆଉବି କଛି

ଖାଲି ନୁହେଁ ସୁସ୍ଥତା
ପାପୀକୁ କ୍ଷମା, ଇତିକୁ ଅନନ୍ତ

ଏବେ ଜାଣୁଛି, ଡୁଇଟ୍ ଡେଭିଡ ଫିଲିପ
ଗ୍ରିଡି ରେ ତାରା, କଳା ବୋର୍ଡରେ ଧଳା

ଲେହିରୀ ଥାନା, କାଟାପାର,
ବିହାରଶରିଫ,
ନାଳନ୍ଦା, ବିହାର, ୮୦୩୧୦୧

ISSN NO.
2582-208X

# ସ୍ମୃତିର ଆଇନାରେ ପରିବାରର ପ୍ରତିଛବି

ଲିଜାରାଣୀ ପାଇଟାଳ

ଏଇତ ଶୀତଋତୁ ଚାଲିଯାଇଛି । ଚାରିଆଡ଼େ ବିଛୁରିତ ବସନ୍ତର ମହକ । ଋତୁରାଜ ତା ସହିତ ଧରିଆସିଛି ଅନେକ ଜାତିଜାତି ଫୁଲ, ଫଳ ଇତ୍ୟାଦି । ଦେଖୁନ ଆମ୍ବ ଗଛଟି କେମିତି ବଉଳେଇ ଛନ୍ ଛନ୍ ହେଇ ନାଚୁଛି । ଧରିତ୍ରୀ ମଧ୍ୟ ତା କୋଳରେ ନବୀନଶ୍ରୀ ମଣ୍ଡିତ ହୋଇଛି । ପ୍ରାୟତଃ ଭୋର୍ ହୋଇ ଆସୁଥାଏ । ଘର ଅଗଣାରେ ପ୍ରସ୍ଫୁଟିତ ଫୁଲମାନଙ୍କ ସୁଗନ୍ଧ ମୃଦୁମଳୟ ସହ ଭାସିଆସି ଘରସାରା ଉଡ଼ିବୁଲୁଥାଏ । ଦୁଇଟି କୁଣ୍ଡାଖିଆ ଚଢ଼େଇ ଚିଁ...... ଚିଁ.... କରି ଅଗଣାରୁ ଦାନା ଗୋଟାଇବାରେ ବ୍ୟସ୍ତ । ଅଦୂରରେ ଥିବା ପଣସଗଛ ଉପରେ କୋଇଲି ଯୋଡ଼ାକର କୁହୁ............ କୁହୁ........ ଶବ୍ଦରେ ହଠାତ୍ ନିଦଟା ଭାଙ୍ଗିଗଲା । ନା .......... ନା ........ କିଏ ବୋଧେ ପାଚେରୀ ପାଖରୁ ଡାକୁଚି ନା କଣ ? ପ୍ରତିମା ଦେବୀ କବାଟ ଖୋଲି ଦେଖିଲେ । ଲୋକଟି ଚିହ୍ନାଚିହ୍ନା ଲାଗୁଥାଏ ହେଲେ କିଛି ସ୍ୱଷ୍ଟ ଦେଖାଯାଉନଥାଏ । କାହିଁକି ଦେଖାଯାଉନି ସେ ମଧ୍ୟ ସଠିକ୍ ଜାଣିପାରୁନାହାନ୍ତି ।

-ଆରେ ଦେଖ୍ ମୋ ଭୁଲାମନକୁ ଚଷମାଟା କୋଉଠି ରଖିଦେଇ ଭୁଲିଯାଇଛି ! ମନେମନେ ଗୁଣୁଗୁଣୁ ହୋଇ ଚଷମା ଖୋଜିବାରେ ଲାଗିଲେ ।

- ହଁ ! ଏବେ ପୁରା ସ୍ୱଷ୍ଟ ଦେଖାଗଲା ।

ୟା ଭିତରେ ଦୁଇଟି ଗୁଣ୍ଡୁଚି ଆସି ତାଙ୍କ ଗୋଡ଼ ପାଖରେ ନସର ପସର ହେଲେଣି । ସେ ଦୁହେଁ ତାଙ୍କର ଭାରି ପ୍ରିୟ । ସେ ଜଣଙ୍କ ନାଁ ରଖିଛନ୍ତି ଚଗଲା ଆଉଜଣେ ଚଗଲି । ପ୍ରତିଦିନ ସକାଳ ହେବାମାତ୍ରେ ଦୁହେଁ ସ୍ନେହ ବିକଳରେ ଧାଇଁ ଆସନ୍ତି ।

ISSN NO.
2582-208X

କେତେବେଳେ ତାଙ୍କ ପାଦ ପାଖରେ ବୁଲନ୍ତି ତ କେତେବେଳେ ତାଙ୍କ କୋଳ ଦେଇ କାନ୍ଧ ଉପରକୁ ଉଠିଯାଇ ଖେଳିବାରେ ବ୍ୟସ୍ତ ହୋଇଯାନ୍ତି । ଢେର୍ ସମୟ ଯାଇ ପ୍ରତିମା ଦେବୀ ମଧ୍ୟ ସେମାନଙ୍କ ସହ କୌତୁକ ହୁଅନ୍ତି । ସେ ଦୁହିଁଙ୍କୁ ଦେଖି ପ୍ରତିମା ଦେବୀ ରୋଷେଇଘର ଭିତରକୁ ଯାଇ ହାତରେ କଣ ଗୋଟେ ଧରି ହାତମୁଠା କରି ଆସି ଚୌକି ଉପରେ ବସି ପଡିଲେ । ତାଙ୍କୁ ବସିବା ଦେଖି ଚଗଲା ତାଙ୍କ କାନ୍ଧ ଉପରକୁ ଚଢି ଗଲାଣି ଓ ଚଗଲି କୋଳରେ ବସି ହାତ ମୁଠା ଭିତରେ ମୁହଁ ଗୁଞ୍ଜିବାକୁ ଚେଷ୍ଟା କରୁଥାଏ । ପ୍ରତିମା ଦେବୀ ହାତ ଖୋଲିଲେ ଦୁଇଟି ସୁନ୍ଦର ଲାଲ୍ ଲାଲ୍ କୋଳି । କୋଳିକୁ ନେଇ ସେ ଦୁହେଁ ମା ଙ୍କ କୋଳରେ କୌତୁକ କରିବାକୁ ଲାଗିଲେ । ପ୍ରତିମା ଦେବୀ ମଧ୍ୟ ତାଙ୍କୁ ଦେଖି ଖୁବ୍ ଆନନ୍ଦିତ ହେଉଥାନ୍ତି । ଏମିତି ହସ କୌତୁକରେ କିଛି ସମୟ ବିତିଗଲା । ଚଗଲା ଚଗଲି ପ୍ରତିମା ଦେବୀଙ୍କ ଅଗଣାରେ ଖେଳୁଥାନ୍ତି । ସେ ସେମିତି ସେଇ ଚୌକି ଉପରେ ବସି ଝରକା ଆଡେ ଚାହିଁଥାନ୍ତି । ତାଙ୍କ ମୁହଁଟି କେମିତି ବିଷର୍ଣ୍ଣ ହୋଇଆସିଲା ଧୀରେଧୀରେ । ଝରକା ଫାଙ୍କ ଦେଇ ଛିଟିକି ପଡୁଥାଏ ସରୁ ଧାରର ସୂର୍ଯ୍ୟାଲୋକ । ଠାଏ ଠାଏ ଶିଶିରର ବୁନ୍ଦା ପାଣିରେ ସେ ସୂର୍ଯ୍ୟାଲୋକ ଠିକ୍ ମୋତିଟିଏ ପରି ଦିଶୁଥାଏ । ଝରକା ଆରପାଖରେ ଥିବା ପଣସ ଗଛର ଗହନତାରେ ତାଙ୍କ ଦୃଷ୍ଟି ନିବଦ୍ଧ । ସେ ନିରବ - ନିସ୍ତବ୍ଧ ହୋଇ ଅପଲକ ନୟନରେ ଚାହିଁରହିଥାନ୍ତି ସେ ଗହନ ଝଙ୍କାରକୁ । କିଛି ସମୟ ଦୋଳାୟମାନ ଅବସ୍ଥାରେ ବସି ପୁଣି ସ୍ଥିର ହୋଇଯାଉଥାନ୍ତି ।

ପଣସ ଗଛରେ ଥିଲେ କପୋତ ଯୋଡିକ । ଅଳ୍ପ କିଛି ଦିନର ବାସିନ୍ଦା ସେମାନେ ହେଲେ ପ୍ରତିମା ଦେବୀ ତାଙ୍କ ସହ ଯେମିତି କଥା ହୁଅନ୍ତି ଦେଖିଲେ ଲାଗେ ଜନ୍ମ ଜନ୍ମ ର ସମ୍ପର୍କ ତାଙ୍କର । ଗୋଟେ ଅଦୃଶ୍ୟ ଆନ୍ତରିକତା ଗଢିଉଠିଥିଲା ସେମାନଙ୍କ ଭିତରେ । ପ୍ରତିମା ଦେବୀ ବେଳେବେଳେ ପାଚିଲା ଭଣ୍ଡାଟି ହେଉ ଅବା ଅନ୍ୟ କିଛି ହେଉ ନେଇ ସେମାନଙ୍କୁ ଦେଇ ମନଭରି କଥା ହୁଅନ୍ତି । ଏଇ ନିକଟରେ ସେମାନଙ୍କର ଦୁଇଟି ଗୁଲୁଗୁଲିଆ ଛୁଆ ହେଇଛି । ପ୍ରତିମା ଦେବୀ ତାଙ୍କ ନା ରଖିଛନ୍ତି ଚିକୁ-ମିକୁ । ସେମାନଙ୍କ ଜନ୍ମପରଠୁ ମା କପୋତ ଆହାର ସଂଗ୍ରହ ପାଇଁ ବାହାରକୁ ଯାଉନି । ତାଙ୍କୁ ହିଁ ଜଗିବସୁଛି । ବାପା କପୋତ ଖାଦ୍ୟ ଆଣି ସମସ୍ତଙ୍କୁ ଦେଉଛି । ମା କପୋତ ମଧ୍ୟ ପ୍ରତିମା ଦେବୀଙ୍କ ସହ କଥା ହେବା ପାଇଁ ବିଶେଷ ଆସୁନି । ସେଦିନ ପ୍ରତିମା ଦେବୀ ପାଚିଲା ପିଜୁଳିଟେ ଆଣି ତାକୁ କେତେ ଡାକିଲେ, ହେଲେ ସେ ଆସିଲାନି । ସତରେ ମା ଆଗରେ ତା ସନ୍ତାନଠୁ ବଡ଼

ISSN NO.
2582-208X

ଆଉ କିଛି ହୋଇ ନପାରେ । ଏକଥା ପ୍ରତିମା ଦେବୀ ମଧ୍ୟ ଅନୁଭବ କରିଛନ୍ତି । ପାଷାଣଟିଏ ପରି ବସି ପ୍ରତିମା ଦେବୀ ନୀରବରେ ସେଇ ଗଛ ଉପରକୁ ଚାହିଁ ଅନ୍ୟମନସ୍କ ଭାବରେ ହଜିଯାଇଛନ୍ତି କେଉଁ ଏକ ଅଦୂର ଭାବନାରେ । ଧୂଳିର ଆସ୍ତରଣ ତଳୁ ଝଙ୍କାର ପରି ଯନ୍ତ୍ରଣାରେ ବିଳାପ କରିଉଠୁଥାଏ ତାଙ୍କର ହୃଦୟ । ଗଛ ଉପରେ ଦୃଷ୍ଟିବିଦ୍ଧ କରିଥିଲେ ମଧ୍ୟ ସେ ଅନ୍ୟମନସ୍କ ଭାବରେ ଖୁବ୍ ଭାବ ବିହ୍ୱଳ ହୋଇଉଠୁଥାନ୍ତି । ରହିରହି ଉଠୁଥାଏ ମନରେ ତାଙ୍କର ଝଡ଼ । ସେଇ ଝଡର ଛିଟା ମନ ଝରକା ଦେଇ କାଚର କବାଟ ଫାଙ୍କରେ ଛିଟିକି ପଡିଲା । ଜାଲୁଜାଲୁ ଦେଖାଯାଉଥାଏ ତଥାପି ସେ ସେମିତି ଅଶାଭରା ଆଖିରେ ଚାହିଁଥାନ୍ତି ।

ଚେନାଏ ଜହ୍ନର ସ୍ମୃତିକୁ ଛାତିରେ ଜାକିଧରି ସେ ବଞ୍ଚିଯିବେ ବାକିତକ ଜୀବନ । ଏଇଆ ଭାବିତ ସ୍ୱାମୀଙ୍କ ମୃତ୍ୟୁ ପରେ ଗାଁ ଛାଡି ସହରକୁ ଯିବାକୁ ଅରାଜି ହୋଇଉଠିଥିଲେ ପ୍ରତିମା ଦେବୀ । ହେଲେ ଆଜି ଏ ଅପେକ୍ଷା କାହା ପାଇଁ ? ପୁଅ-ବୋହୂ ଯେତେ ବୁଝେଇଲେ ମଧ୍ୟ ସେ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ । ଶେଷରେ ସେମାନେ ନିରାଶ ମନରେ ଫେରିଗଲେ । ସେମାନେ ଗଲାବେଳେ ପ୍ରତିମା ଦେବୀଙ୍କ ମୁହଁରେ ରାଗ, ଦୁଃଖ, ଅଭିମାନର ମିଶ୍ରଣ ଝଲକୁଥାଏ । ସେମାନେ ଚାଲିଯିବା ପରେ ତାଙ୍କ ଗାଡ଼ିଚକାର ଦାଗକୁ ଚାହିଁ ସେମିତି ଛିଡା ହୋଇଥାନ୍ତି ପ୍ରତିମା ଦେବୀ । ତାଙ୍କର ମନେପଡୁଥାଏ ସ୍ୱାମୀଙ୍କ ଦେହାନ୍ତ ପରର ସେ ରାତି କଥା । ତାଙ୍କ ଦୁଇ ପୁଅ ଓ ଜୋଇଁ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସାରି ଘରେ ଆସି ପହଞ୍ଚି ନିଜନିଜ ଧର୍ମପତ୍ନୀମାନଙ୍କ ସହ ପ୍ରତିମା ଦେବୀଙ୍କ ବିଷୟରେ କିଛି କଥା ହେଉଥାନ୍ତି । ସ୍ୱଷ୍ଟ ନହେଲେ ମଧ୍ୟ ପ୍ରତିମା ଦେବୀ ଶୁଣିପାରୁଛନ୍ତି ସେମାନଙ୍କ କଣ୍ଠସ୍ୱର । ଆହୁରି ପାଖକୁ ଯାଇ ପ୍ରତିମା ଦେବୀ ଶୁଣିବାକୁ ଚେଷ୍ଟାକଲେ । ଦୁଇ ପୁଅ - ବୋହୂ, ଝିଅ - ଜୋଇଁ ମିଶି ନିଷ୍ପତ୍ତି ନେଇଛନ୍ତି ଗାଁ ର ସମସ୍ତ ସମ୍ପତ୍ତି ବିକ୍ରି କରି ମା ଙ୍କୁ ନେଇ ସହରକୁ ଚାଲିଯିବେ । ହେଲେ କର୍ମବ୍ୟସ୍ତ ଜୀବନରେ ତାଙ୍କୁ ପାଖରେ ରଖିବ କିଏ ? କିଏ ନେବ ତାଙ୍କ ଦାଇତ୍ୱ ? ଅନେକ ସମୟ ଗଭୀର ଚିନ୍ତାପରେ ସେମାନେ ଶେଷ ନିଷ୍ପତ୍ତି ନେଲେ ମାଙ୍କୁ ସହରର ଏକ ବୃଦ୍ଧାଶ୍ରମରେ ରଖିବା ଉଚିତ୍ ହେବ । ପ୍ରତି ରବିବାର ସେମାନେ ତାଙ୍କୁ ଦେଖାକରିବାକୁ ଯିବେ । ସେଠି ରହିଲେ ମାଙ୍କୁ କିଛି ଅସୁବିଧା ହେବନି କିମ୍ବା ସେମାନଙ୍କୁ କିଛି ଦାୟିତ୍ୱ ନେବାକୁ ହେବନି, କି ରୋଗରେ ପଡିଲେ ସେବା କରିବାକୁ ହେବନି । ମାସକୁ ମାସ ଟଙ୍କା ଦେଇଦେଲେ ସେମାନେ ମୁକ୍ତ ।

ISSN NO.
2582-208X

ପ୍ରତିମା ଦେବୀଙ୍କ ଛାତି ଦାଉଁକିନା ପଡ଼ିଲା, ଆପାଦମସ୍ତକ ଅଗ୍ନିପିଣ୍ଡୁଳା ଟି ଚାଲିଗଲା । ସେ କଣ ଆଜି ସେମାନଙ୍କ ପାଇଁ ବୋଝ ପାଲଟି ଯାଇଛନ୍ତି ଯେ ତାଙ୍କୁ ସେମାନେ ପାଖରେ ରଖିବାକୁ ମଧ୍ୟ ଚାହୁଁନାହାନ୍ତି । ତାଙ୍କ ହୃଦୟର ସମସ୍ତ ରକ୍ତବିନ୍ଦୁ ଅଶ୍ରୁଧାରା ହୋଇ ତାଙ୍କ ଆଖି ଦୁଇଟି ଡବଡବ ହୋଇଉଠିଲା । ସେ ଖୁବ୍ ବିବ୍ରତ- ବିଚଳିତ ହୋଇଉଠିଲେ । ହେଲେ ନିଜକୁ ନିୟନ୍ତ୍ରଣ କରି ସେ ନିରବ ରହିଲେ । ପୁଅ-ବୋହୂ , ଝିଅ - ଜୋଇଁ ଯେତେ ବାଧ୍ୟ କଲେ ମଧ୍ୟ ସେ ତାଙ୍କର ଦୃଢ ନିଷ୍ପତ୍ତିରେ ଅଟଳ ରହିଲେ । ସବୁ ବୁଝି ନ ବୁଝିବା ପରି ବସି ରହିଲେ । ସେମାନେ ପ୍ରାୟ ବିରକ୍ତ ହୋଇ ଚାଲିଗଲେ ହେଲେ ପ୍ରତିମା ଦେବୀ ନିଜକୁ ପଥର କରି ସେମିତି ମୌନ ରହିଲେ । ୟା ଭିତରେ ପ୍ରାୟତଃ ଛ ସାତ ମାସ ବିତିଗଲାଣି । ସେମାନେ କେବେ ଥରେ ଆସି ତାଙ୍କୁ ଦେଖିନାହାନ୍ତି କି ପ୍ରତିମାଦେବୀ ମଧ୍ୟ କେବେ ତାଙ୍କ ସହ କଥା ହେବାକୁ ଚେଷ୍ଟା କରିନାହାନ୍ତି । ଏଇ ଘରର ଅଗଣା, ଚଗଲା - ଚଗଲି, ଚିକୁ -ମିକୁ ପରି ଅନେକ ତାଙ୍କର ନିଃସଂଗତାର ସାଥି ।ସେମାନଙ୍କ ସହରହି ସେ ଭୁଲିଯାନ୍ତି ତାଙ୍କର ସବୁ ଦୁଃଖ ।

ହେଲେ ସତରେ କଣ ପ୍ରତିମା ଦେବୀ ଭୁଲିଯାଇଛନ୍ତି ସବୁ ଦୁଃଖ ? ଚଗଲା - ଚଗଲି, ଚିକୁ -ମିକୁ ପରି ଅନେକଙ୍କ ଉପସ୍ଥିତିରେ କିଛି ମାତ୍ରାରେ ତାଙ୍କ ଦୁଃଖ ଅପସରି ଯାଇଥାଇପାରେ ମାତ୍ର ଏବେବି ତାଙ୍କ ହୃଦୟର କୋଉ ଏକ କୋଣ ଝୁରୁଛି ପିଲାମାନଙ୍କୁ । ଲଂଣ୍ଠନର ଧୀମା ଆଲୁଅ ପରି ଦିଗ୍ ଦିଗ୍ ହୋଇ ଜଳୁଛନ୍ତି ସେ ସେଇ ଘର ଭିତରେ । ଠିକ୍ ଲିଭିଆସିଲା ବେଳେ ନିଜକୁ ତେଜି ଦିଅନ୍ତି, ଭାବନ୍ତି କାଳେ ପିଲାମାନେ ଫେରିଲେ ଅନ୍ଧାର ଦେଖି ଝୁଣ୍ଟି ପଡିବେ । ମୋ ବିନା ତାଙ୍କର ଆଉ କିଏ ଅଛି ? ଏମିତି ଭାବୁ ଭାବୁ ତାଙ୍କ ହୃଦୟରୁ ଉଛୁଁଳିଉଠିଲା ବାତ୍ସଲ୍ୟର ଢେଉ । ଯେତେକ ସବୁ ରାଗ-ଅଭିମାନ ତାଙ୍କ ମନରୁ ଧୋଇଦେଲା । ସେମାନଙ୍କୁ ମନେ ପକେଇ ଦୀର୍ଘଶ୍ୱାସଟିଏ ପକେଇବା ସମୟରେ ଅଜଣାତରେ ଆତ୍ମାର ଛଳଛଳ ବାତ୍ସଲ୍ୟ - ଅଭିମାନର ଦୁଇ ଶୀତଳ ବୁନ୍ଦା ତାଙ୍କ ହାତ ଉପରେ ଝରିପଡିଲା । ତାଙ୍କୁ ଅନୁଭବ ହେଲା ବୋଧେ କିଏ ଡାକୁଛି । ଝରକା ପାଖକୁ ତେରେଛେଇକି ଦେଖିଲେ କେହିଜଣେ ଫାଟକ ପାଖରେ ସେତେବେଳୁ ଠିଆ ହୋଇରହିଛନ୍ତି ।

ସହକାରୀ ଗବେଷିକା,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସ୍ମୃତି ତୁମେ



ସତ୍ୟବ୍ରତ ବାରିକ୍

ସାକ୍ଷୀ ଏ ଜହ୍ନରାତି ଆମେ ଦୁହେଁ ପାଖାପାଖି
ତୁମର ନିରୀହ ଆଖି କହିଦିଏ ଅନେକ କିଛି

ଲାଜକୁଳୀ ହସରେ ଖେଳେ ଅସରନ୍ତି ଜୁଆର
ଚିତ୍ରଲେଖା ଓଠରେ ଦିଶେ ପ୍ରେମର ଅକ୍ଷର

ନାଲିଶାଢ଼ୀରେ ଦିଶୁଛ ସତେକି ସାଧବବୋହୂ
ମିଠାମିଠା କଥାରେ ତୁମେ ଝରାଉଛ ମହୁ

ଗୋରାଗୋରା ପାଦକୁ ମାନୁଛି ଅଳତାର ଧାର
ନିଶବ୍ଦ ସହରରେ ଶୁଭେ ତୁମ ପାଉଁଜିର ସ୍ୱର

ନିର୍ଜନ ବେଳାରେ ହୁଏ ଆମ ପ୍ରଥମ ଦେଖା
ହୃଦୟ କାଗଜରେ ତୁମ ନାଁ ହେଇଛି ଲେଖା

ଜହ୍ନ ଜୋଛନାରେ ତୁମପ୍ରତି ଛବି ଦେଖେ
ଗୋଲାପୀ ସନ୍ଧ୍ୟାରେ ପ୍ରେମ କବିତା ଲେଖେ

ଆମ ପ୍ରେମରେ ନଲାଗୁ କାହା ନଜର
ଯୁଗେଯୁଗେ ରହିଥାଉ ଚିର ଅମର

PH NO-9861620924

ISSN NO.
2582-208X

# ଶୂନ୍ୟ ମୁଁ ତୋ ବିନା

ଅଜୟ କୁମାର ହେମ୍ବ୍ରମ

ତୁ ପାଖେ ଥିଲୁ, ଥିଲୁ ମୋ ସାଥିରେ,
ଭୁଲୁଥିଲି ଭୋକ ଶୋଷ, ଭୁଲେ କାମ ସବୁ ।
ତୁ ଏବେ ଚାଲିଯିବୁ ମୋ ଠାରୁ ଦୂରକୁ,
ରହିବି ମୁଁ ଏକା ଏକା ବଦଳିବନି ସେ ସବୁ ।
ଜାଣେ ଏ ଦୂରତା ନୁହେଁ ଦୀର୍ଘ ଦିନର,
ତଥାପି କାହିଁକି କହ ମାନେନା ଏ ମନ ମୋର ।
ହାତ ଧରି ବାଟ ଚାଲୁଥିଲି ତୋର ଦିନେ,
ଏବେ ଏକୁଟିଆ ଚାଲିବାକୁ ଲାଗୁଛି ଯେ ଡର ।
ତୁ ଥିଲୁ ସାହସ ଥିଲୁ ମୋ ବିଶ୍ୱାସ,
ତୋ ବିନା କହ କେମିତି ନେବି ମୁଁ ନିଶ୍ୱାସ ।
ସୁଖ-ଦୁଃଖ ସବୁ ତୁ ଥିଲୁ ଯେ ମୋହର,
ତୁ ଚାଲିଗଲେ ଫିକା ପଡିଯିବ ସେ ହସ ।
ଦୂର ଦେଶ ଯାଇ ମଧ୍ୟ ରହୁ ସେଇ ପ୍ରେମ,
ଆସିବାକୁ ଦେବୁନାହିଁ ଅନ୍ୟକୁ ମଝିରେ ଆମର ।
ଭଲପାଏ କେତେ ତୋତେ, ନାହିଁ କିଛି ଯେ ଅଜଣା,
ସମୟ ସହ ମିଶି ଚାହିଁ ବସିବି ସେଇ ଫେରିବା ବାଟକୁ ତୋର ।
ତୁ ଯେବେ ଫେରିବୁ ହବ ମୋ ଯନ୍ତ୍ରଣାର ଶେଷ,
ତୋ ସହ ଫେରିବି ଅନ୍ଧାରରେ ମୋ ହଜିଥିବା ହସ ।
ଡଙ୍ଗା..କାଟ ପାଇଁ ଖୁସି ହୁଏ ଯେହ୍ନେ,
ତୁ ଫେରିଲେ ଓ ସାଥି ପୁରା ହେବ ମୋ ଶୂନ୍ୟସ୍ଥାନେ ॥

ବାରିପଦା, ମୟୂରଭଞ୍ଜ

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ତିରୁଅନନ୍ତପୁରମ୍

କେରଳର ଏହି ରାଜଧାନୀ ସହରଟି ମୁଖ୍ୟତଃ ପଦ୍ମନାଭ ମନ୍ଦିର ପାଇଁ ପ୍ରସିଦ୍ଧ । ଉତ୍ତରକୁ କୋଲମ୍ ଦିଗେ ଗଲେ, ତିରିଶି କି.ମି. ଦୂରରେ ପଡେ ଭର୍କଲା ବେଳାଭୂମି । ଦକ୍ଷିଣକୁ ଗଲେ ସେଇ ତିରିଶି କି.ମି. ଦୂରରେ ପଡେ ପୃଥିବୀ ପ୍ରସିଦ୍ଧ କୋଭଲମ୍ ବେଳାଭୂମି । ମନ୍ଦିର ଓ ବେଳାଭୂମି ଦେଖିବାପାଇଁ ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକ ଏହି ସହରଟିରେ ପହଞ୍ଚିଯାଆନ୍ତି ।

ଆମେ ପଦ୍ମନାଭ ମନ୍ଦିରରେ ପହଞ୍ଚିଲା ବେଳକୁ ମନ୍ଦିର କାର୍ଯ୍ୟାଳୟ ସପ୍ତାହବ୍ୟାପୀ ଶୋକ ପାଳନରେ ଏକ ରକମ ନିଷ୍କ୍ରିୟ ଥିଲା । କାରଣ ଦୁଇଦିନ ତଳୁ ମନ୍ଦିରର ପ୍ରଥମ ସେବକ ତଥା ପଦ୍ମନାଭଙ୍କ ପ୍ରତିନିଧି ଭାବେ କେରଳର ସିଂହାସନ ଆରୋହଣ କରିଥିବା ମହାରାଜାଙ୍କ ଦେହାନ୍ତ ହୋଇସାରିଥାଏ । ଶୂନ୍ୟ ହୋଇ ପଡିଥିବା ରାଜା ଆସନକୁ ପୂରଣ କରିବାପାଇଁ ଲଣ୍ଡନରୁ ଆସି ପହଞ୍ଚିଥାନ୍ତି ସ୍ୱର୍ଗତ ରାଜାଙ୍କ ଭଣଜା । କିଛି ମାସ ତଳେ ମନ୍ଦିର ଭୂଗର୍ଭସ୍ଥ ଗୁପ୍ତ କୋଠରୀରୁ ଠାବ ହୋଇଥିବା ପ୍ରଚୁର ପରିମାଣର ସୁବର୍ଣ୍ଣ ଅଳଙ୍କାର ତଥା ସୁବର୍ଣ୍ଣ ପ୍ରତିମା ଆଦିକୁ ନେଇ ସାରା ବିଶ୍ୱରେ ଆଲୋଚନା ଚାଲିଥାଏ । ତେଣୁ ଯତ୍ରତତ୍ର ବନ୍ଧୁକଧାରୀ ପୋଲିସ୍ ପଇଁତରା ମାରୁଥାନ୍ତି ଏବଂ ଦର୍ଶନାର୍ଥୀଙ୍କ ଗତିପଥକୁ ବହୁମାତ୍ରାରେ ସଂକୁଚିତ କରି ରଖିଥାନ୍ତି । ଏସବୁ ହଇଚଇ ଭିତରେ ଆମେ କିନ୍ତୁ ଯଥେଷ୍ଟ ନୀରବତା ଭିତରେ, ଶାନ୍ତଭାବେ ପଦ୍ମନାଭଙ୍କ ବିଶାଳ ବିଗ୍ରହକୁ ଦର୍ଶନ କରିଥିଲୁ । ବିଷ୍ଣୁଙ୍କ ଅନନ୍ତଶୟନର ବିଗ୍ରହ । ପୂର୍ଣ୍ଣାଙ୍ଗ ବିଗ୍ରହକୁ ଏକାଥରେ ଦେଖିବା, ସ୍ପଷ୍ଟ ରୂପେ ଦେଖିବା ଏକରକମର ଅସମ୍ଭବ । ତାର କୌଣସି ତିନିଟି ଶିଳାଖମ୍ବ ପଦ୍ମନାଭ ବିଗ୍ରହ ଆଗରେ

ISSN NO.
2582-208X

ରହିଛି, ଯାହାକି ଚାଳିଶି ଫୁଟ ଦୈର୍ଘ୍ୟର ଶାୟିତ ବିଗ୍ରହଙ୍କୁ ପୂର୍ଣ୍ଣାଙ୍ଗ ରୂପେ ଦେଖିବାରୁ ବଞ୍ଚିତ କରେ । ଘିଅରେ ଜଳୁଥିବା ପ୍ରଦୀପମାନଙ୍କର ସ୍ତିମିତ ଆଲୋକରେ ଲାଗେ ରହସ୍ୟମୟ । କେରଳରେ ପରମ୍ପରା ରହିଆସିଛି ଯେ ଦେବମୂର୍ତ୍ତିମାନଙ୍କୁ ସ୍ୱଷ୍ଟରୂପେ, ପୂର୍ଣ୍ଣାଙ୍ଗ ରୂପେ ଦେଖିବା ନିଷିଦ୍ଧ ।

ମନ୍ଦିରକୁ ବାଦ୍ ଦେଲେ ତ୍ରିଭେନ୍ଦ୍ରମ ଦକ୍ଷିଣ ଭାରତର ବାକି ସହର ଭଳି ଗୋଟିଏ । ତେବେ ରାଜ୍ୟର ରାଜନୈତିକ ଉଷ୍ମତା ଓ ଧାର୍ମିକତାକୁ ନେଇ ସମୀକରଣ ଖୁବ୍ ଜଟିଳ । କେତେ ଦଶନ୍ଧି ଧରି ବାମପନ୍ଥୀ ଚିନ୍ତାଧାରାର ରାଜୁତି । ମୁଷ୍ଟିମେୟ ହିନ୍ଦୁ ଦକ୍ଷିଣପନ୍ଥୀ ହେବାକୁ ବାଧ୍ୟ ହେଉଛନ୍ତି । ତେଣୁ ନିଜକୁ ଅସୁରକ୍ଷିତ ମନେକରି ଅଧିକ ମାତ୍ରାରେ ସନ୍ଦେହୀ ଓ ସଂଗଠିତ । ଅନେକ ଜାଗାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଧ୍ୱଜା ଉଡୁଥିବ, ହିନ୍ଦୁ ମଞ୍ଚମାନଙ୍କର ବ୍ୟାନର ଲାଗିଥିବ । କାନ୍ଥବାଡରେ ସେଇ ମର୍ମରେ କିଛି ସ୍ଲୋଗାନ ଲେଖାଥିବ । ହିନ୍ଦୁ ସଂଗଠନମାନେ ଅନୁଭବ କରନ୍ତି ଯେ କେରଳ ମାଟିରେ ଅଣହିନ୍ଦୁ କାରବାର ବଢିଚାଲିଛି ଏବଂ ଏବେଠୁ ସଚେତନ ନହେଲେ ଦିନେ ପୂରା ବ୍ୟବସ୍ଥା ଭୁଷୁଡିଯିବ । ସକାଳେ, ପ୍ରଭାତଫେରି ବେଳେ ଅନେକ ପଡିଆରେ ଧ୍ୱଜା ପୋତାଯାଇ ଶାଖା ଲାଗିଥିବ ଏବଂ ସୂର୍ଯ୍ୟ ନମସ୍କାର ଚାଲିଥିବ । ଗୀର୍ଜା ଓ ମସଜିଦ୍ ଉପରେ ଦିବାରାତ୍ର ଦୋଷାରୋପ କରିବା ଓ ଗାଳି ବର୍ଷିବା ହେଉଛି ସେମାନଙ୍କ ପ୍ରମୁଖ କାମ ।

ଗୀର୍ଜାଘରମାନଙ୍କର ଷଡଯନ୍ତ୍ର ଓ ଦୀର୍ଘମିଆଦୀ ଯୋଜନା ଅନ୍ୟ ପ୍ରକାରର । ଯୁବାବସ୍ଥାରେ ଯେଉଁମାନେ ବାମପନ୍ଥୀ ହୁଅନ୍ତି, ବିପ୍ଳବର, ସମାନତାର କଥା କହନ୍ତି, ବଡ ହେଲେ ସେମାନେ ରାଜନୀତିରେ ପଶି ଚୌକି ମାଡି ବସନ୍ତି । ନିଜ ଧର୍ମର ଅର୍ଗଳି ଭିତରକୁ ପୁଣି ଫେରିଆସନ୍ତି । ପ୍ରଚୁର ସମ୍ପତ୍ତିର ମାଲିକ ହୋଇ ସାତ ପୁରୁଷ ପାଇଁ ସଂଚୟ କରନ୍ତି । ଏଣେ ସର୍ବହରାଙ୍କ ପାଇଁ କାନ୍ଦିବା ଏକ ବାହାନା ବା ଫେସନ ହୋଇଯାଏ । ପିଲାମାନଙ୍କୁ ଖ୍ରୀଷ୍ଟିୟାନ୍ ବାମପନ୍ଥୀ ମାନେ କୌଶଳକ୍ରମେ ସଂଘଭୁକ୍ତ କରାନ୍ତି । CYDF ଏବଂ SFI ଭଳି ସଂଗଠନମାନେ କାୟା ବିସ୍ତାର କରି ରହିଛନ୍ତି । ତାରା ଚିହ୍ନ ମଝିରେ ଚେ ଗୁଏଭରାଙ୍କ ଛବି । ଚେ ଗୁଏଭରା ଥିଲେ ଦକ୍ଷିଣ ଆମେରିକାର ଚରମପନ୍ଥୀ ବିପ୍ଳବି । ସେ ଧର୍ମରେ ବିଶ୍ୱାସୀ ନଥିଲେ । ଆଶ୍ଚର୍ଯ୍ୟ, CYDF ତାଙ୍କୁ ନିଜ ବାଳଗୋଷ୍ଠୀର ଆଦର୍ଶ ପୁରୁଷ ଭାବେ ପ୍ରୋଜେକ୍ଟ କରନ୍ତି । ପ୍ରକାରାନ୍ତରେ ଭାରତ ସରକାରଙ୍କୁ ଏକ ଚେତାବନୀ ଦେଇଥାନ୍ତି ଯେ ଆବଶ୍ୟକ ପଡିଲେ ସେମାନେ ରାଷ୍ଟ୍ର ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ ବି କରିପାରନ୍ତି । ତିରୁଅନନ୍ତପୁରମ୍ ର

ISSN NO.
2582-208X

ଗୀର୍ଜାଘରମାନଙ୍କେ ଏହି ତରୁଣ୍ କମ୍ୟୁନିଷ୍ଟମାନେ ନିଜ ନିଜର ଶିବିର ଲଗାନ୍ତି, ନିଜ ସଂଗଠନକୁ ଶାଣିତ କରନ୍ତି । ଲାଗେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଭାବକୁ କ୍ଷୁର୍ଣ୍ଣ କରିବାପାଇଁ ସତେକି ଆଉ ଏକ ସଂଗଠନ ସମାନ୍ତରାଳ ଭାବେ ସକ୍ରିୟ ରହିଛି ।

ଆମେ ରହୁଥିବା ହୋଟେଲ୍ ଯୋଗାଇ ଦେଇଥିବା ଖବରକାଗଜରେ ବ୍ୟଙ୍ଗ ଚିତ୍ରଟିଏ ଦେଖିଥିଲି । ବାମପନ୍ଥୀ ସରକାରର କୌଣସି ଅରବପତି ମନ୍ତ୍ରୀ କହୁଛନ୍ତି – ମୋ ଜମିତକ ମୋର, ବାକି ସବୁ ଆମ ସମସ୍ତଙ୍କର । ସେ ମନ୍ତ୍ରୀଙ୍କର କୁଆଡେ ହଜାରେ ଏକରରେ ନଡିଆ ଚାଷ ଚାଲିଛି । ସେମିତି ଆଉ ଏକ ବ୍ୟଙ୍ଗଚିତ୍ରରେ ଦେଖାଦେଉଛି ଜଣେ ପୁଞ୍ଜିପତି କମ୍ୟୁନିଷ୍ଟ ନେତା ନିଜର ବହୁମୂଲ୍ୟ ବିଏମଡବ୍ଲ୍ୟୁ କାର ଚଢି ଧୂଳି ଉଡେଇ ଚାଲିଛନ୍ତି ଏବଂ ମଳିମୁଣ୍ଡିଆ ଶ୍ରମିକ ଜଣେ ହାଁ କରି ତାଙ୍କୁ ଦେଖୁଛନ୍ତି । ନେତା କହୁଛନ୍ତି – ଆମ ଶ୍ରମିକ ଭାଇମାନେ ହିଁ ଏହି କାରଟିକୁ ଗଢିଛନ୍ତି । ତେଣୁ ଗାଡିରେ ବସିବା ପାଇଁ ଆମେ ଶ୍ରମିକମାନେ ହିଁ ପ୍ରଥମ ଦାବିଦାର । ଅଦର୍ଶକୁ ନେଇ କେରଳରେ ଖବରକାଗଜ ମଧ୍ୟ ଦି ଭାଗ । ବାମପନ୍ଥୀ ଓ ଦକ୍ଷିଣପନ୍ଥୀ । ଉଭୟେ ଅପରର ଆଦର୍ଶ ଓ ମନୋଭାବକୁ ନେଇ ମଜା ଉଡାନ୍ତି, ବ୍ୟଙ୍ଗଚିତ୍ର କରନ୍ତି ।

ଅନ୍ୟ ରାଜ୍ୟମାନଙ୍କରେ ଚୋର, ନରହନ୍ତା, ଜେଲ୍ କଏଦୀ, ସିନେ ତାରକା ଆଦି ବହୁମାତ୍ରାରେ ରାଜନୀତି କରନ୍ତି । କିନ୍ତୁ କେରଳରେ କବି, ସାହିତ୍ୟିକ, ବୈଜ୍ଞାନିକ, ଦାର୍ଶନିକ ଆଦି ରାଜନୀତି କରିବା ଦେଖାଯାଏ । ସେ ଦିଗରୁ କରଳ ଅନନ୍ୟ ।

ଥରେ ଲୋକାଲ୍ ବସ୍ ରେ ଗଲାବେଳେ ମୋ କଡରେ ବସିଥିବା ବୟସ୍କ ବ୍ୟକ୍ତି ଜଣେ ନିଜର ଅନୁଭବସିକ୍ତ ମତାମତ ଦେଉଥିଲେ । ତାକୁ ସଂକ୍ଷେପରେ କହିଲେ ଏପରି ହେବ –

ଆଜିକାଲି କେରଳୀମାନେ ବାବୁ ହେବାକୁ ବସିଲେଣି । ଶାରୀରିକ ଶ୍ରମ ପାଇଁ କାହାରି ଇଚ୍ଛା ନାହିଁ । ଓଡିଶା, ବିହାର, ୟୁପି, ବଙ୍ଗଳାରୁ ଲୋକେ ଆସି କାମ କରୁଛନ୍ତି । କେରଳୀ ବାବୁ ଏବେ କେବଳ ଉପଦେଶ ବା ଆଦେଶ ଦେବା ଜାଣୁଛନ୍ତି । ନୂଆ ପିଢି ମୋବାଇଲ୍ ରେ ନିଜ କାଳ୍ପନିକ ଦୁନିଆରେ ମସଗୁଲ୍ । କୃଷି ଉପରେ କାହାର ନଜର ନାହିଁ । ସମସ୍ତେ ଭାବୁଛନ୍ତି ନଗଦ ଟଙ୍କା ଦେଇ ସବୁକିଛି ବାହାରୁ ଆମଦାନି କରିହେବ । ଏହା ହେଉଛି ଧନୀ ମଧ୍ୟପ୍ରାଚ୍ୟ ଦେଶମାନଙ୍କରୁ ସଂକ୍ରମିତ ହୋଇଥିବା ମାନସିକତା । କେରଳରୁ ଅଧାଅଧି

ISSN NO.
2582-208X

ଲୋକ ସେଇଠି କାମ କରୁଛନ୍ତି, ତେଣୁ ସେପରି ରୁଗଣ ମାନସିକତାର ଶିକାର ହେବା ସ୍ୱାଭାବିକ ।

ସମାଜରେ ମିଳୁଥିବା ଚମକ୍ରାର ମୋବାଇଲ୍ ସେଟ୍ ଠାରୁ କାର ଠାରୁ ଯେ ଭାତ ମୁଠାକ ଆହୁରି ଚମକ୍ରାର ଓ ଦୁର୍ମୂଲ୍ୟ ଜିନିଷ-ଏକଥା କେହି ହୃଦୟର ସହିତ ଭାବୁ ନାହାନ୍ତି । ମଧ୍ୟ ପ୍ରାଚ୍ୟରୁ ପୁଳାଏ ଟଙ୍କା ଧରି ଫେରିଲା ପରେ ସୁନ୍ଦର ଘରଟିଏ କରି ବାବୁ ପରି ରହିଯିବା ହେଉଛି ଏକ ସାଧାରଣ ଚଳଣି । ରାଜ୍ୟରେ ନଡିଆ ଗଛ, କଦଳୀ ଗଛ ପ୍ରଚୁର । କିନ୍ତୁ ରକ୍ଷଣାବେକ୍ଷଣ ପାଇଁ ମାଲିକ ନାହାନ୍ତି କି ଶ୍ରମିକ ନାହାନ୍ତି । ଗାଁ ମାନଙ୍କରେ ୟୁଇଅନବାଜି ପ୍ରବଳ । କିଏ ଗଛରେ ଚଢି, କିଏ ଜମିରେ ଖଟିବ, ମଜୁରି କେତେ ଟଙ୍କା ହେବ ଏକଥା ୟୁନିଅନ୍ ନିଷ୍ପତ୍ତି ନେଇଥାଏ । ଫଳରେ ଏୟାହୁଏ ନଡିଆ ବା କଦଳୀ ବଜାର ଉପରକୁ ଆସିଲାବେଳକୁ ସେଥିରେ ଅନେକ ଗୁପ୍ତ ଖର୍ଚ୍ଚ ମିଶିଯାଇଥାଏ । ଭୂମିକୁ ଛାଡି ବହୁ ଲୋକ ଆରବରେ ବା ଆଇ.ଟି. କମ୍ପାନୀରେ କାମ କରୁଛନ୍ତି । ଭୂମିରୁ ଆଦାୟ କରିବାକୁ କେହି ନାହିଁ । ଏଭଳି ବୁଦବୁଦି ସଭ୍ୟତା ଯେ ଦିନେ ଭୁଷୁଡି ପଡିବ ଏଥିରେ କୌଣସି ସନ୍ଦେହ ନାହିଁ ।

କ୍ରମଶଃ......

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ନୂଆଁ ବରଷ



ବାଙ୍କାବିହାରୀ ମହାକୁର

ମନେ ଭରି ନୂଆଁ ଆଶା ଓ ବିଶ୍ୱାସ
ଆସିଛି ନୂଆଁ ବରଷ
ବିଶ୍ୱ ଦରବରେ ଗଢି କୀର୍ତ୍ତିରାଜି
ରଚିବାକୁ ଇତିହାସ ।

ନୂତନ କିରଣେ କରି ଉଲ୍ଲାସିତ
ଦୂରେଇବ ଅବଶୋଷ
ବିଶ୍ୱଭାତୃ ଭାବ କରିଣ ଜାଗ୍ରତ
ମନେ ଭରିବ ବିଶ୍ୱାସ ।

ଶୀତ ପାଲିଙ୍କିରେ ମହା ଆନନ୍ଦରେ
ଧରାରେ ହେଲା ପ୍ରକଟ
ନୂତନ ବରଷ ହେଉ ଶୁଭମୟ
ଦୂରେଇ ସର୍ବ ସଙ୍କଟ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ନୂଆ ବରଷ ଆ.....



ଦୁଷ୍ମନ୍ତ ବେହେରା

ନୂଆରୂପ ମେଲଣରେ ସଜେଇ ହୋଇ
ଆସିଛୁ ଯଦି ଆ....
ଦେଖିବ ତୋ ହସ ଲାଜକୁଳା
ଯୌବନ ଚାହାଣି ଆହା ।।

ନୂଆ ଆଶା ନୂଆ ସ୍ୱପ୍ନ ନେଇ
ନୂଆ ବରଷଟି ଆ....
ତୁମ ବାଟକୁ ଅପେକ୍ଷା କରିଛି
ସାଥୀ କାନେ କହିବି ତୁମ କଥା ।।

ଦୁଃଖ ସୁଖ, ଭଲ ମନ୍ଦ ନେଇ
ନୂଆ ବରଷଟି ଆ.....
ଜୀବନ ଦ୍ୱୀପ କୁ ଆଲୋକିତ କରି
ହସେଇ ଦେଇ ଯା ।।

ତମ କୂଳେ ଦିନରାତି -ଏ କୂଳ ଭାଙ୍ଗି
ଆର କୂଳ ଗଢି ଦିଅ ...
ତୁମେ ସମୟ ସ୍ରୋତର ଖେଳ
ଫଟାଭୂଇଁ ଦେଖି ହସଫୁଟେଇ ଦିଅ ।।

ISSN NO.
2582-208X

ଚହଳ ସହଳ ମରୁଜ ମୁଖୀ
ଭାଷା ରାଇଜର ମସିହା ...
ପୁରୁଣା ବରଷକୁ ବିଦାୟ ଦେଇ
ନୂଆ ବରଷଟି ଆ ।।

ଇତିହାସ ଦେଖିଅଛି ପୁରୁଣା ଚିତ୍ର
ଅଭୁଲା ସ୍ମୃତି ର କଥା...
ଚିର ଚିତ୍ରଣ ଗୁଡିକ କହୁଥିବେ
ନୂଆ ବରଷଟି ଆ ।।

ଝଡି ବଢି ଖରା ବତାସ କୁ ନେଇ
ନୂଆ ବରଷଟି ଆ ...
ହସେଇ, କନ୍ଦେଇ, ଖେଳେଇ, ମଝେଇ
ନୂଆ ବରଷଟି ଯା ।।

ନୂଆ ଆଶା ନୂଆ ପୋଷାକ ନେଇ
ନୂଆ ବରଷଟି ଆ...
ସାଙ୍ଗ ସାଥୀ ମେଳେ ଜନେ ହସୁଥିବେ
ବାଣ୍ଟୁଥିବେ ନୂଆ ବରଷର ଗାଥା ।।

ମଳିନପଡିଛି ପୁରୁଣା ଦେହ
ଯୁବାହୋଇ ଉଠିବ ନୂଆ ଯୌବନ
ଜୀବନ ଲକ୍ଷ୍ୟ ହସଖୁସି କୁ ନେଇ
ନୂଆ ବରଷଟି ଆ ......

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଗୁମୁଡୁମାହା



ଅବିନାଶ ସାହୁ

ଏ ବାପ ଜନ ଚାଲିଲୁ ଆଜି ଯାଇକି ମନରେଗା ପଇସା ଉଠେଇ ଆଣିବା। କାଲି ସେ ନାଏବ ସରପଞ୍ଚର ପୁଅ ଆସି ଟଙ୍କା ଖାତାକୁ ଆସିଛି ବୋଲି କହିଦେଇ ଯାଇଛି। ଦେଖୁଛ ତ ଅଜା ଆଜି ବିଲ କାମ ଲାଗିଥିଲା ଯେ ଏବେ ଆସୁଛି। ବେଳ ଆସି ମୁଣ୍ଡ ଉପରେ। ଆଉ ଆମ ଗାଁ ରାସ୍ତାର ଯୋଉ ଅବସ୍ଥା ସେତକ ପାରି ହେଉ ହେଉ ପହଡ଼େ ଲାଗିବ। କାଲିକୁ ଯାଇ ଟଙ୍କା ଉଠାଇ ଆଣିବା। କମଳା ବୋଉ ମଧ୍ୟ କହି ଆସିଥିଲା ଟଙ୍କା ଆଣିବ ବୋଲି, ମୁଁ ତାକୁ କାଲି ଯିବାକୁ କହି ଦେଇଛି। ଅଜା କାଲିକୁ ଆଉ କିଏ ଟଙ୍କା ଆଣିବାକୁ ଯିବ କହିଦିଅ, ସଭିଏଁ ମିଶିକି ଯିବା। ହଉ ପୁଅ କାଲି ସକାଳୁ ବାହାରି ଯିବା। ରାତି ପାହିଲା। ପୁଣି କମଳା ବୋଉ ଡାକି ଆସିଲା ହଇରେ ପୁଅ ଜନ.. ଏ ଜନ ବାହାରିଲୁ କିରେ ? ତା' ପଛେପଛେ ବୁଢ଼ା ଆସିକି ହାଜର। ହଁ କମଳା ବୋଉ ଏଇ ପଖାଳ ଖାଉଛି, ଖାଇ ସାରିକି ବାହାରିବା। ହଉ ତୁ ଭଲକି ଖାଆ। ଆମେ ଏଇ ପିଣ୍ଡାରେ ବସିଛୁ। ଆରେ ଆଜି ଏକାବେଳେ ସମସ୍ତେ ଟଙ୍କା ଆଣିବ ନା କ'ଣ ? ଭାଉଜ ତୁମ ସାଙ୍ଗରେ ରିହେଜ ବି ଟଙ୍କା ଆଣିବ ନା କ'ଣ ? ହଇଏ ଗେହ୍ଲା ଦିଅର ତୁମ ମୁଣ୍ଡ ଖରାପ ହେଲାଣି କି ରିହେଜକୁ ତ ମୋଟେ ଆଠମାସ। ଏଡ଼େ ବକଟେ ଛୁଆ କୋଉଠି କି କାମ କଲା ଯେ ତାକୁ ସରକାର ପଇସା ଦେବ। ସେ ତା ଜେଜ ପାଖରେ ନ ରହି ଅଝଟ କରିବାରୁ ତାକୁ ସାଙ୍ଗରେ ନେଇ ଆସିଲି। ହଉ ଭାଉଜ ଭଲ କଲ, ଆମ ସାଙ୍ଗରେ ସେ ମଧ୍ୟ ବୁଲି ଆସିବ। ଆଉ ଡେରି କ'ଣ ପାଇଁ, ଗାଡ଼ିରେ ବସ ଯିବା। ଦେଖୁଛ ଅଜା ଏଇ ଯୋଉ ରାସ୍ତା କେବେ ପକ୍କା ହେବ କେଜାଣି ! କେତେ ସରକାର ଆସିଲାଣି କେତେ ଗଲାଣି। ଯୋଉ ମାଟି ରାସ୍ତାକୁ ସେଇ ମାଟି ପାଣି କାଦ। ଟିକିଏ ବର୍ଷା ହେଲେ ଗାଡ଼ି ଚକେ ଗଡ଼ିବା ମୁସ୍କିଲ୍। ହଁ ରେ ନାତିଆ ମୋ

ISSN NO.
2582-208X

ପିଲାଦିନୁ ଆଜିଯାଏଁ ଏଇ ଯୋଉ ଅପନ୍ତରା ଜଙ୍ଗଲକୁ ସେଇ ମାଟିରାସ୍ତା। ଏଇ କିଛି ବର୍ଷ ତଳେ ଜଙ୍ଗଲ ସଫା ହେବାରୁ ବଡ଼ ଗାଡ଼ି ମଟର ଯାଆ ଆସ କରୁଛି ନହେଲେ ଆମେ ତ ଚାଲିକି ଯାଉଥିଲୁ ଏଇବାଟେ। କୋଉଦିନ ବାଘ ଜଗିଥିବ ତ ଆଉ କୋଉଦିନ ଭାଲୁ ପୁଣି କବେ ଗଧିଆ। ଅଭିଯୋଗ କଲେ ବାବୁମାନେ କହୁଛନ୍ତି କରିବା କିନ୍ତୁ ଫଳ ଶୂନ। ଭିତିରିଆ ଯାହା ଶୁଣିବାକୁ ପାଇଲୁ ନ କହିଲେ ଭଲ। କ'ଣ ଶୁଣିଲ କହୁନ ଅଜା। କଅଣ ଶୁଣିବୁରେ ନାତିଟୋକା, କୁଆଡ଼େ ଆମ ଅଞ୍ଚଳରେ କମ୍ ଲୋକ ରହୁଛନ୍ତି ତେଣୁ ଆଗ ବହୁତ ଲୋକ ଥିବା ବଡ଼ବଡ଼ ଗାଁକୁ ରାସ୍ତା ହେବ ତା'ପରେ ଆମର। ଏ କି କଥା ଅଜା ! ଆମ ଗାଁର କମ୍ ଲୋକ ବୋଲି ଆମେ କ'ଣ ମତଦାନ କରୁନେ କି ? ସମସ୍ତଙ୍କୁ ତ ସମାନ ସୁବିଧା ମିଳିବା କଥା, ଏ ପାତର ଅନ୍ତର କିଏ କରୁଛି ? ମୁଁ ସେ କଥା ଜାଣିନି ବାପ, ଆମ ଅମଳ ତ ଗଲାଣି ଏବେ ତୁମ ବେଳ। ତୁମେମାନେ ଚାହିଁଲେ ହିଁ ଯାହା କିଛି କରିବ। ହଁ ଏଥର ନିର୍ବାଚନ ଆସୁ ପାନେ ଦେବାକୁ ପଡ଼ିବ ତଳୁ ଉପର ଯାଏଁ। ଆମ ଗାଁ ଲୋକେ ମିଶିକରି ମତଦାନ ବର୍ଜନ କଲେ ତ ଏକାଥରେ ବାଟ ଫିଟିଯିବ। ହଁ ବାପ ଜନ ସଭିଏଁ ମିଳିମିଶି ସେମିତି କର। କିଛି ନ ହେଲେ ମଧ୍ୟ ପକ୍କା ରାସ୍ତା ଗୋଟିଏ ହୋଇଗଲେ ଆଉ ବେଶୀ ଅସୁବିଧା ହେବନି ଆମକୁ। ହଁ ଅଜା ଆମ ଏଇ ବାଲିଗୁଡ଼ାର ପିଚୁରାସ୍ତା ଭଳି ନହେଲେ ମଧ୍ୟ ଢ଼ଳେଇ ରାସ୍ତା ହୋଇଗଲେ ଆମ ଦୁଃଖ ଯିବ।

କମଳା ବୋଉ ହେଇ ତ କୋଷାଗାର ଦେଖାଗଲାଣି ଆଗରେ ତ ଆଉ କୋଉଠି ଗଛ ଛାଇ ନାହିଁ ମୁଁ ଏଠି ଗାଡ଼ି ରଖିଦେଉଛି। ଅଜା ତୁମେ ସମସ୍ତେ ଯାଇ ଶୀଘ୍ର ଟଙ୍କା ଉଠାଇ ଆଣ ସଞ୍ଜହେବା ପୂର୍ବରୁ ଗାଁକୁ ଫେରିଯିବା। ହଉ ଜନ ତୁ ଥାଆ ଆମେ ଯାଇକି ଆସୁଛୁ। କ'ଣ ଫେରିବା ତ ଏଥର ? ଫେରିବ କ'ଣ କିହୋ ଏବେ ତ ଖାଇବା ଛୁଟି ହୋଇଛି ଯେ ଟଙ୍କା କେହି ଦେବେନି ସେଠି। ଆଉ ଘଡ଼ିଏ ପରେ ଟଙ୍କା ଦେବେ କହିଲେ। ହେଉ ଆଉ ଟିକେ ସମୟ ରହିଯିବା। କମଳା ବୋଉ ଖାଇବା ଛୁଟି ବେଳ ଗଡ଼ିଲାଣି। ସମସ୍ତେ ଏବେ ଯାଅ ଟଙ୍କା ନେଇ ଆସିବ। ହଁ ଠିକ୍ କଥା। ଟଙ୍କା ତ ଆଣିଲେ ଚାଲ ସମସ୍ତେ କିଛି ଖାଇ ନେବା ବହୁବେଳୁ ଅପେକ୍ଷା କରିଛେ। କିରେ ଜନ ତୋରି ଆମିଷ ନା ସାଧା ? ମୋର କ'ଣ ଅଛି ଅଜା ଯାହା ହେଲେ ଚଳିବ। ଆଉ କାହାର କିଛି ବାକି ରହିଲା କି କୁହ ଏକାବେଳେ କିଣି ନେଇଯିବା। ନାହିଁ ବୋଲି ସମସ୍ତେ ଉତ୍ତର ଦେବାରୁ। ଜନ ଗାଡ଼ି ଚଳାଇବା ଆରମ୍ଭ କଲା ଗାଁ ଅଭିମୁଖେ।

ISSN NO.
2582-208X

ଅପରପକ୍ଷେ ଗୃହବିଭାଗର ଏକ ଜରୁରୀ ବୈଠକ ରାଜ୍ୟ ରାଜଧାନୀରେ ଅନୁଷ୍ଠିତ ହେଲା। ଏଥିରେ ସରକାରଙ୍କ ପକ୍ଷରୁ ନିଜେ ଗୃହମନ୍ତ୍ରୀ ଅଧ୍ୟକ୍ଷତା କରି ସ୍ୱଶୈଳୀରେ ଶୁଣାଇଲେ ଆମ ରାଜ୍ୟର ପୁଲିସ୍ ବିଭାଗ କରୁଛି କ'ଣ ? ସଶସ୍ତ୍ର ଯବାନଙ୍କୁ ନିଯୁକ୍ତ କରାଯାଇଛି ତଥାପି ନକ୍ସଲଙ୍କ କାର୍ଯ୍ୟକଳାପ ଥମିବାର ନାଁ ଧରୁନି ! ସାରା ଦେଶରେ ଆପଣମାନଙ୍କ ପାଇଁ ଆମ ରାଜ୍ୟ ବିଶେଷ କରି ସରକାର ଅପଦସ୍ତ ହେଉଛନ୍ତି। ବର୍ଷର ଆଠମାସ ବିତିଗଲା, ଗୋଟାଏ ବି ନକ୍ସଲଙ୍କୁ ଧରାଯାଇ ନାହିଁ କି ସେମାନଙ୍କ ଅସ୍ତ୍ରଶସ୍ତ୍ର ଜବତ କରାଯାଇ ନାହିଁ। ପୁଣି ଦିନ କେଇଟା ଭିତରେ ନିର୍ବାଚନ ଆସୁଛି ତୁମମାନଙ୍କ ଅବହେଳା ପାଇଁ ଆମ ସରକାର ଯିବ ! କ'ଣ ଚାଲିଛି ଏ ସବୁ ? ମୁଁ ଆପଣଙ୍କୁ ୪୮ ଘଣ୍ଟାର ମହଲତ ଦେଉଛି ଯେମିତି ବି ହେଉ ନକ୍ସଲଙ୍କୁ ଦମନ କର ସେମାନଙ୍କ ଯୋଜନା ଭଣ୍ଡୁର କର। ସେଥିପାଇଁ ଯାହା ଅର୍ଥ ଯେଉଁ ଅସ୍ତ୍ରଶସ୍ତ୍ର ଦରକାର ତାହା ଯୋଗାଇ ଦିଆଯିବ। ଆଉ ଶୁଣନ୍ତୁ ଯେତେ ଯବାନଙ୍କୁ ପାରୁଛନ୍ତି ଶୀଘ୍ରନେଇ ଖୋଳତାଡ଼ ଆରମ୍ଭ କର ଯଦି ଏହି ୪୮ଘଣ୍ଟା ମଧ୍ୟରେ ନକ୍ସଲଙ୍କୁ ନ ଧରି ପାରିବ ତେବେ ପୁଲିସ ବିଭାଗର ଯେତେ ସବୁ ବଡ଼ବାବୁ ଅଛ ସମସ୍ତେ ମୋଟୁ ନହେଲେ ମାଥିଲି ଯିବାକୁ ପ୍ରସ୍ତୁତ ରୁହ। ବୈଠକ ସରୁସରୁ ଏକ ବିଜ୍ଞପ୍ତି ରାଜ୍ୟର ସମସ୍ତ ଥାନାକୁ ଆଭାସୀ ମାଧ୍ୟମରେ ପଠାଇ ଦିଆଗଲା। ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡି ଅଧଘଣ୍ଟା ମଧ୍ୟରେ ଖବର ପାଇ ନକ୍ସଲ ଦମନ ଅଭିଯାନ ଆରମ୍ଭ କରିବାକୁ ପୁରା ତୟାର ହୋଇଗଲେ।

ବାଲିଗୁଡ଼ା ମୁଖ୍ୟରାସ୍ତାରୁ ଯେତେବେଳେ ଗାଁ ଅଭିମୁଖେ ଜନର ଗାଡ଼ି ବାଟ ଭାଙ୍ଗିଲା ସେତେବେଳେ ଦୁଇଜଣ ଲୋକ ଗାଡ଼ିକୁ ଅଟକାଇଲେ। କ'ଣ ହୋଇଛି ବୋଲି ଜନ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗୁମୁଡୁମାହା ଯିବା ବାଟରେ ଯେଉଁ ଜଙ୍ଗଲପଡ଼େ ସେଠି କୁଆଡ଼େ ନକ୍ସଲ ଅଛନ୍ତି ତେଣୁ ବନ୍ଧୁକ ଧାରୀ ଯବାନ ଓ ପୁଲିସ ମିଶି ଖୋଳତାଡ଼ ଆରମ୍ଭ କରୁଛନ୍ତି ବୋଲି ଜଣେ ଉତ୍ତର ଦେଲା। ଆଉ ଜଣେ ଏଇ ରାସ୍ତାରେ ନ ଯିବା ପାଇଁ ଗାଡ଼ିରେ ଥିବା ସଭିଙ୍କୁ ଅନୁରୋଧ କଲା। କିନ୍ତୁ ଗୁମୁଡୁମାହା ଅଭିମୁଖେ ବାହାରିଥିବା ଲୋକେ ରାତିଯାକ ରହିବେ କୋଉଠି ? ସକାଳେ ସମସ୍ତେ ଏଇ ବାଟ ଦେଇ ଯାଇଛନ୍ତି କିଛି ତ ସୁରାକ ନଥିଲା। ଆଉ ଏବେ ପୁଲିସ କମ୍ବିଂ କରୁଛି। ଆରେ ଜନ କ'ଣ ଏତେ ଭାବୁଛୁ କିରେ ? ଆମେ କ'ଣ ନକ୍ସଲ ହୋଇଛେ ଯେ ପୁଲିସ ଆମକୁ ବାନ୍ଧିନେବ ? ତୁ ଚିନ୍ତା କରନା ଗାଡ଼ି ଚଲା ଦେଖିବା କ'ଣ ହେଉଛି, ସେମାନେ ଖୋଳତାଡ଼ ଆରମ୍ଭ କରିବେ ବୋଲି

ISSN NO.
2582-208X

କ'ଣ ଆମେ ଆମ ଗାଁକୁ ଫେରିବା ନାହିଁ କି ? ଏବେ ତ ସଞ୍ଜ ହେଉଛି ଆଉ ଘଣ୍ଟେ କି ଦୁଇଘଣ୍ଟାର କଥା ସମସ୍ତେ ପହଞ୍ଚି ଯିବା। ହଁ ଅଜା ସତ କହିଲ ଯିବା ଚାଲ।

ଗାଡ଼ି ପୁଣି ଚାଲିଲା ଗୁମୁଡୁମାହା ଅଭିମୁଖେ। ଗାଡ଼ି ଗଡ଼ିବା ମାତ୍ରେ ଆରମ୍ଭ ହେଲା ଝିପିଝିପି ବର୍ଷା। ଜଙ୍ଗଲମଝି କାଦରାସ୍ତାରେ ଗାଡ଼ିର ଚକା ଫସିଗଲା। ଯେତେ ଚେଷ୍ଟା କଲେ ମଧ୍ୟ ଗାଡ଼ିଟି କାଦୁଅରୁ ବାହାରିଲା ନାହିଁ। ଗାଡ଼ିଟିକୁ କାଦୁଅରୁ କାଢ଼ିବା ପାଇଁ ଜନକୁ ଛାଡ଼ି ଅନ୍ୟମାନେ ଗାଡ଼ିରୁ ଓଲ୍ହାଇ ପଡ଼ିଲେ। କମଳା ବୋଉ ରିହେଜକୁ କୋଳରେ ଧରିଥାଏ। ଅନ୍ୟମାନେ ଗାଡ଼ିଟିକୁ ପଛରୁ ଠେଲି ଆଗକୁ ଆଣିବା ସମୟରେ ହଠାତ୍ ଫୁଟିଲା ଗୁଳି। ଘନ ଅନ୍ଧାରରେ ଗାଡ଼ି ଉପରକୁ ଅତର୍କିତ ଭାବେ ଗୁଳି ମାଡ଼ ହେଲା। ସମସ୍ତେ ନିଜର ଜୀବନ ବଞ୍ଚାଇ ଏଣେତେଣେ ଯିବାକୁ ଆରମ୍ଭ କରନ୍ତେ ଚତୁଃପାର୍ଶ୍ୱରୁ ଗୁଳି ଆସିଲା। କେହି କିଛି ଭାବିବା ପୂର୍ବରୁ ଶରୀରରେ ବାଜିଲା ଗୁଳି। କାଦୁଅ ଉପରେ ଟଳିପଡ଼ିଲେ ୫ଜଣ ନିରୀହ ଆଦିବାସୀ। କେବଳ ସେତିକି ନୁହେଁ ଶିଶୁପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ ମା କୋଳରେ ଥିବା ରିହେଜ ମଧ୍ୟ ବର୍ତ୍ତିନଥିଲା ଗୁଳି ମାଡ଼ରୁ। ନିଜ ମା'କୁ ବଞ୍ଚାଇ ସେ ମଧ୍ୟ ଶୋଇଗଲା ସବୁଦିନ ପାଇଁ ସେ କାଳ ରାତ୍ରିରେ।

ହଠାତ୍ ଜିଲ୍ଲା ସଦର ମହକୁମାରେ ସାମ୍ବାଦିକ ସମ୍ମିଳନୀ ଡକାଗଲା। ନିର୍ଦ୍ଧାରିତ ସମୟରେ ଘୋଷଣା କରାଗଲା କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଜଙ୍ଗଲରେ କମ୍ବିଂ ଚାଲିଥିବା ବେଳେ ଗୁଳିମାଡ଼ରେ ନିହତ ହେଲେ ୬ଜଣ ନକ୍ସଲ ଏବଂ ସେମାନଙ୍କ ଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ଘଡ଼ିକ ମଧ୍ୟରେ ସବୁ ଗଣମାଧ୍ୟମ ସଂସ୍ଥା ଏହି ଖବରକୁ ପ୍ରବଳମାତ୍ରାରେ ପ୍ରସାରଣ କରିବାକୁ ଲାଗିଲେ। ଯେହେତୁ ରାତ୍ରିର ଘଟଣା ଏବଂ ରାତିରେ ଖବରକାଗଜ ସବୁ ଛପାଯାଏ ତେଣୁ ଏହି ଖବରଟି ପରଦିନ ସକାଳୁ ସବୁ ଖବରକାଗଜରେ ଶିରୋନାମା ପାଲଟି ପ୍ରକାଶ ପାଇଲା କିନ୍ତୁ ସୂର୍ଯ୍ୟୋଦୟ ହେଲାପରେ ରାତିରେ ଘଟିଥିବା ଘଟଣା ଏବଂ ବାସ୍ତବ ଚିତ୍ର ସାମ୍ନାକୁ ଆସିଲା। ଗୋଟାଏ ଗଣମାଧ୍ୟମ ସଂସ୍ଥା ସେ ସ୍ଥାନରେ ପହଞ୍ଚିସାରିଥିଲା। ସ୍ଥିତି ଅନୁଧ୍ୟାନ କରି ଘଟଣାସ୍ଥଳରୁ ସିଧାପ୍ରସାରଣ କରିଲାବେଳକୁ ଘଟଣା ପୁରା ଓଲଟା। ଗୋଟାଏ ନିରୀହ ଶିଶୁ କିପରି ନକ୍ସଲ ସାଜିବ ବରଂ ନିରୀହ ଆଦିବାସୀଙ୍କୁ ନକ୍ସଲ ସଜାଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏହି ଖବରଟି ବିଦ୍ୟୁତ୍ ବେଗରେ ପ୍ରସାରିତ ହେବାରୁ ସରକାର ସେହି ଗଣମାଧ୍ୟମ ସଂସ୍ଥା ସମ୍ପାଦକଙ୍କୁ ରାଜ୍ୟ ପୁଲିସ୍ ମୁଖ୍ୟାଳୟକୁ ଉଠାଇନେଲେ। ପୋଲିସ ତାଙ୍କୁ ଉଠାଇ ନେଇ ସମ୍ପୃକ୍ତ

ISSN NO.
2582-208X

ଗଣମାଧ୍ୟମ ସଂସ୍ଥାର ସମ୍ପାଦକଙ୍କ ସହ ଆଲୋଚନା କରି ଘଟଣାକୁ ଚପାଇ ଦେବାପାଇଁ ଉଦ୍ୟମ କରିବା ବେଳେ ଅନ୍ୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟ ଘଟଣା ଘଟିଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ପହଞ୍ଚି ଯିବାରୁ ସରକାର ତାଙ୍କ ହୀନ ଉଦ୍ୟମରୁ ନିବୃତ ରହିବାକୁ ଚେଷ୍ଟା କରି ସେହି ଗଣମାଧ୍ୟମ ସଂସ୍ଥାର ସମ୍ପାଦକଙ୍କୁ ଛାଡ଼ିଦେଲେ ।

ଠିକ୍ ଘଣ୍ଟାଏ ପରେ ଆରମ୍ଭ ହେଲା ସରକାରଙ୍କ କୁମ୍ଭୀର କାନ୍ଦଣା । ରାଜ୍ୟ ରାଜଧାନୀରେ ଥିବା ପୁଲିସ ମୁଖ୍ୟାଳୟ ଅଭ୍ୟର୍ଥନା ପ୍ରକୋଷ୍ଠରେ ପୁନଃଶ୍ଚ ସାମ୍ବାଦିକ ସମ୍ମିଳନୀ ଡକାଗଲା। ଉଭୟ ଗୃହମନ୍ତ୍ରୀ ଓ ଆଇନ୍ ମନ୍ତ୍ରୀ ଆସି ଘୋଷଣା କଲେ ଯେ କମ୍ବିଂ ବେଳେ ନକ୍ସଲ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଥିବା ବେଳେ କିଛି ଆଦିବାସୀ ସେ ଜଙ୍ଗଲ ମଧ୍ୟକୁ ଚାଲିଆସିବାରୁ ଏ ଦୁଃଖଦ ଦୁର୍ଘଟଣା ଘଟିଗଲା। ମୃତ ଆଦିବାସୀଙ୍କ ଶବବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ ସରକାରଙ୍କ ତରଫରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଗାଁକୁ ବିଜୁଳି, ପକ୍କାଘର, ପାଣି, ପକ୍କାରାସ୍ତା ଆଦି ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଘୋଷଣା କଲେ। ସେ ଅଞ୍ଚଳର ଶାସକଦଳବିଧାୟକ ଏବଂ ସାଂସଦ ପରବର୍ତ୍ତୀଦିନ ଘଟଣାସ୍ଥଳୀ ପରିଦର୍ଶନ କରିବାକୁ ଯାଇ ଗୁମୁଡୁମାହା ଗାଁରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଲେ ଏବଂ ସରକାରଙ୍କ ପୂର୍ବଘୋଷଣା ଅନୁଯାୟୀ ଗାଁକୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ କହି ଫେରି ଆସିଲେ।

ମାତ୍ର ୨୫ଦିନ ମଧ୍ୟରେ ଗାଁକୁ ବିଜୁଳି ଆସିଲା ଏବଂ ସରକାରଙ୍କ ଘୋଷଣା ଅନୁଯାୟୀ କ୍ଷତିପୂରଣ ବାବଦକୁ ଟଙ୍କା ମିଳିଲା। ସରକାର ନିଜେ ଭୁଲ୍ କରି ନିରୀହ ଆଦିବାସୀଙ୍କ ଜୀବନକୁ ଟଙ୍କାଦ୍ୱାରା ତଉଲି ଅନୁକମ୍ପା ରାଶି ପ୍ରଦାନକଲେ କିନ୍ତୁ ଯେଉଁ ରାସ୍ତାପାଇଁ ଏହି ଦୁର୍ଘଟଣା ଘଟିଲା ସେହି ରାସ୍ତାର ଅବସ୍ଥା ଏବେ ମଧ୍ୟ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ......

ବାହାଡ଼ାଝୋଲ୍
ଜିଲ୍ଲା- ନୟାଗଡ଼
ଯୋଗାଯୋଗ -୯୩୪୮୪୦୫୮୪୦

ISSN NO.
2582-208X

# ମରୁଭୂମି

ଅନନ୍ତ ପ୍ରସାଦ ପ୍ରଧାନ

ମୁଁ ହଜାଇ ଦେଇଛି ମୋର ପାଦର ପାଉଁଜି
ବିଗାଡି ଦେଇଛି ମୋର ଗଳାରେ ମଧୁର ସ୍ୱରକୁ
ରସ ବିହିନ ଲଣ୍ଡା ପାହାଡ ଟିଏ ମୁଁ
କି ଅବା ଆଦର କରିବ
ସମାଜରେ ପାଇଟି ଗଲି ମରୁଭୂମି
ଅପେକ୍ଷା କାହାକୁ କରିଛି ନିଜେ ଜାଣିନାହିଁ
ଦୁନିଆ ଶୋଇଲେ ମୋର ଡିବି ଜଳେ
କଲମ ମୁନରେ ସ୍ମୃତି ମୁଁ ସାଉଁଟେ
ରାତ୍ରିର ଅନ୍ଧାର କୋଠରୀରେ
ନିଦକୁ ହଜାଇ ସ୍ୱପ୍ନ ମୁଁ ଦେଖେ
ସଫଳତା ହେବା ପାଇଁ ନୁହେଁ
ବିଫଳତାର କାହାଣୀ ଗଢେ
ଲୁହର ସ୍ୱାଦକୁ ନେଇ ଗବେଷଣା କରେ କୋହ ମାଧ୍ୟମରେ
ଶେଷରେ ଶୋଇପଡେ ଲୁଣିଆ ଜଳ ବୁନ୍ଦାର ନିଶାରେ

ବେଣାପୁର, ଯାଜପୁର

ISSN NO.
2582-208X

# ନବ ବର୍ଷ



ଯଶ୍ମିତା ପ୍ରଧାନ

ଆସୁଛି ନୂତନ ବରଷ
ହୃଦୟରେ ରହିଗଲା
କଛି ଅବଶୋଷ
ପଛରେ ଛାଡି ଚ୍ଚଲିଯାଇଛି
ସେ ପୁରୁଣା ବରଷ
ଦେଇ ଚ୍ଚଲିଗଲା
ପୁରୁଣା ସ୍ମୃତି ଓ ଅନୁଭୂତି
ପୁଣି ସାଉଁଟି ବାକୁ ହବ
କଛି ନୂତନ ଆଶା
ପ୍ରସ୍ତୁତ ହେବାକୁ ହବ
ଆଉ ଏକ ନୂତନ ଅଧାୟକୁ
ସ୍ୱାଗତ କରିବାକୁ ହବ
ଆଉ କଛି ନୂତନ ଆଶା ପାଇଁ
ସେଇ ସକାଳ ନେଇ ଆସିବ
ନୂତନ ରବି ର ନୂଆ କରଣ

ହୃଦୟରେ ଭରିଗଲା ଶୂନ୍ୟତା
ଛାଡି ଆସିଥିବା ସୁନ୍ଦର ମୂହୁର୍ତ୍ତ ପାଇଁ
ଜଣାନାହିଁ ଆସୁଥିବା ନୂଆ ବରଷ
ତା ପାଇଁ ମନ କାହିଁ ହୁଏ ଅସ୍ଥିର
ତଥାପି ରହିଛି ଆଶା ଭରସା
ନବବର୍ଷ ଆଣିବ ସମସ୍ତଙ୍କ ପାଇଁ
ଏକ ନୂତନ ବିକଶିତ ସକାଳ
ଉନ୍ମୁକ୍ତ ହେବ ଏକ ନବୋଦୟ ॥

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ସ୍ନାତକୋତ୍ତର
ଫୋନ୍ ନମ୍ବର - ୭୩୨୬୮୩୭୧୦୧

ISSN NO.
2582-208X

# ତୁମପାଇଁ



ବ୍ରଜେଶ ଚନ୍ଦ୍ର ପ୍ରଧାନ

ସତେ କ ଶୀତଳ ପରଶ ଖୋଜଇ,
ଦେହେ ତୁମେ ବାରେ ଦେବ କ କର,
ହୃଦୟ ବେଦନା ଊଣା ହୋଇ ଟିକେ
ପ୍ରୀତି ଭବ ସ୍ଥିର ହୁଅନ୍ତା ମୋର ।୨

ନୂତନ ସକାଳେ ପ୍ରାଣ ଦିଏ ଭରି,
ଅଦେଖା ମଳୟ ସ୍ପର୍ଶକାହାର,
ଦେଖିଲି ଦିନରୁ ପ୍ରିୟା ପରୀ ଲାଗ
ସ୍ୱପ୍ନରେ ଭାସୁଛ ତୁମେ ତ ମୋର ।୩

ବାରିର ଆଶାରେ ପ୍ରତୀକ୍ଷା ଚାତକ
କେବେ ପ୍ରୀତି ବାରି ହେବ ।
ଆନନ୍ଦେ ବ୍ୟୋମରେ ଘୂରିବାର
ଆଶା ସତେ କ ପୂରଣ ହେବ ।୪।

ଅପେକ୍ଷାରେ କେହି ପଥକୁ ଚାହିଁଛି
ବ୍ୟାକୁଳ ଭାବକୁ ହୃଦେ ଧରିଛି ।
ପ୍ରତୀକ୍ଷା ମୋହରେ ହଜିଛି ଠିକଣା
ମୁଁ ମୋତେତୁମ କତିପାଉଛି ।୫

ତୁମେ ରସ ସାର ପ୍ରୀତିର
ସାଗର ମୁଁ ଛାର ରେଣୁର ମତି ।
ସପନେ ସାଜିଛି ପ୍ରୀତିର ଭ୍ରମର
ତୋ ସରୋଜ ମୁଖ ଦେଖି କାନ୍ତ ।୬

ଏମ୍ସନଗର, ଭୁବନେଶ୍ୱର

ISSN NO.
2582-208X

# ଶାଶୁଘର ନୁହେଁ ଯମପୁର

ମଞ୍ଜୁଳା କୁମାରୀ ରଥ

ସକାଳୁ ସକାଳୁ ଶିକୁଳର ଝଣ ଝଣ ଶବ୍ଦରେ ନିଦ ଭାଙ୍ଗିଗଲା ସନ୍ଧ୍ୟାର । ବାହାରୁ ନଣନ୍ଦ କହୁଛନ୍ତ - ଶୀଘ୍ର ଉଠ ଭାଉଜ, ପାଂଚଟା ବାଜିଲାଣି । ମା' ଜେଠେଇ, ଖୁଡ଼ି ସମସ୍ତେ ଉଠି ପଡ଼ିବେ । ତା' ଆଗରୁ ତୁମକୁ ଉଠି ନିତ୍ୟକର୍ମ ସାରି ଗାଧୋଇବାକୁ ପଡ଼ିବ । ଏଇଟା ଆଉ ତୁମ ସହର ନୁହେଁ ଯେ ମନ ଇଚ୍ଛା ଉଠିବ । ପାଂଚଟା ହେବା ଆଗରୁ ତୁମକୁ ପଦାକୁ ଯାଇ ନିତ୍ୟକର୍ମ ସାରିବାକୁ ପଡ଼ିବ ।

ତାକୁ କଥା ସାରିବାକୁ ନ ଦେଇ ଚଟ୍‌କିନା ଉଠିପଡ଼ିଲା ସନ୍ଧ୍ୟା । ସେ ସହରରେ ବାହା ହେଇଥିଲା । ଖରାଦିନେ ଗାଁରେ ପାଣିର ଅଭାବ ବୋଲି ସ୍ୱାମୀ ତାଙ୍କର ଗୁହାରି ଯାଗାରେ ହିଁ ବାହା ହୋଇଥିଲେ । ଶାଶୁ, ଶଶୁର, ଯା', ଦେଢ଼ଶୁର ଆଉ ସବୁ ସମ୍ପର୍କୀୟ ସହରକୁ ଆସିଥିଲେ । ସମସ୍ତେ ମଙ୍ଗଳ ଦିନ ଆସି ଭୋଜି ଖାଇ ଫେରି ଯାଇଥିଲେ । ସ୍ୱାମୀ ତାଙ୍କର ସେଥିପାଇଁ ବାହାଘର ପରଦିନ ପ୍ରୀତି ଭୋଜନର ବ୍ୟବସ୍ଥା କରିଥିଲେ ।

ସବୁ ବନ୍ଧୁବାନ୍ଧବ ବାହାଘରର ତୃତୀୟ ଦିନ ହିଁ ଚାଲି ଯାଇଥିଲେ । ଘରେ ଖାଲି ଶାଶୁ, ଶଶୁର, ଦିଅର, ନଣନ୍ଦମାନେ ଥିଲେ । ଚତୁର୍ଥୀ ଦିନ ଘରଟା ଆଉ ବାହାଘରିଆ ଭଳି ଲାଗୁ ନଥାଏ । ଅଷ୍ଟମଙ୍ଗଳା ବାସି ସମସ୍ତେ ଗାଁକୁ ପଳେଇଥିଲେ । ଗଲାବେଳେ ଶାଶୁ କାନରେ କହିଥିଲେ - ତୁ କିଛି ଦିନ ବାବୁ ସାଙ୍ଗରେ ବୁଲାବୁଲି କର । ବର୍ଷା ଟିକେ ପଡ଼ିଲେ ରଜବେଳକୁ ଗାଁକୁ ଆସିବୁ । ଏଇ ଖରାରେ ଗାଁରେ ରହି ପାରିବୁନି । ରଜବେଳେ ଆସି ୮/୧୦ ଦିନ ରହି ପୁଣି ତୁ ଏଠିକି ଫେରି ଆସିବୁ । ମୁଁ ଗାଁକୁ ଗଲେ ଘରଦ୍ୱାର ଠିକ୍ କରି ରଖିଥିବି ।

ISSN NO.
2582-208X

ଆଶ୍ଚର୍ଯ୍ୟ ହୋଇ ଯାଇଥିଲା ସନ୍ଧ୍ୟା । ଏମିତି ଉଦାର ହୃଦୟର ପୁଣି ଶାଶୁ ଥାଆନ୍ତି! ସହରୀ ବୋହୂମାନେ ଗାଁକୁ ନ ଆସିଲେ ଶାଶୁଘର ଲୋକେ ବାରକଥା କୁହନ୍ତି । ହେଲେ ଶାଶୁଘର ଏ ପ୍ରକାର ଉଦାରତା ଦେଖି ଶ୍ରଦ୍ଧା, ଭକ୍ତିରେ ତା'ର ମୁଣ୍ଡ ନଇଁ ଯାଉଥିଲା । ସେ ମନରେ ଦୃଢ଼ ସଂକଳ୍ପ ନେଇଥିଲେ ଯେ ଶାଶୁଘରର ଗାଁକୁ ଗଲେ ନିଶ୍ଚୟ ନିଜର କ ର୍ତ୍ତ୍ୟ କରି ସମସ୍ତଙ୍କର ଆଦରଣୀୟ ହେବାକୁ ଚେଷ୍ଟା କରିବେ ।

ସହରରେ ସେ ରୁହନ୍ତି । ଜୀବନରେ ସୂର୍ଯ୍ୟୋଦୟ ପୂର୍ବରୁ ସେ କେବେ ଉଠନ୍ତିନି । ରକ୍ଷଣଶୀଳ, ସଂସ୍କୃତି ସମ୍ପନ୍ନ ହୋଇ ତାଙ୍କର ଅନ୍ୟ ଭାଇ ଭଉଣୀକୁ ସକାଳୁ ଉଠିବାକୁ ବାଧ୍ୟ କଲାବେଳେ ତାଙ୍କୁ ୭ଟା ବେଳେ ଉଠିବାକୁ ସ୍ୱାଧୀନତା ମିଳଥାଏ ।କାରଣ ସେ ଆଜମା ରୋଗୀ ଥିଲେ । ଗାଁରେ ସକାଳୁ ସକାଳୁ ସେ ଉଠି ପାରିବେ ତ? ଯୌଥ ପରିବାରରେ ଶାନ୍ତଶିଷ୍ଟସଂସ୍କାରଯୁକ୍ତ ବୋହୂଭାବରେ ନିଜକୁ ପ୍ରମାଣିତ କରି ପାରିବେ ତ? ସେଇଥିପାଇଁ ନଣନ୍ଦକୁ କହିଥିଲେ, ତାକୁ ସକାଳୁ ଡାକଦେବାକୁ ।

ଗାଁରେ ପାଇଖାନା, ଗାଧୁଆ ଘର ନାହିଁ । ସମସ୍ତେ ନିତ୍ୟକର୍ମ ବାହାରେ ସାରି ପୋଖରୀରେ ଗାଧୋଇ ଘରକୁ ଫେରି ଶୁଖାଲୁଗା ପିନ୍ଧନ୍ତି । କିନ୍ତୁ ସେ ଗାଁକୁ ଗଲାବେଳେ ଶଶୁର ତାଙ୍କ ପାଇଁ ବରପାଲି ପାଇଖାନାଟିଏ ଓ ଚଂଚରୀ ବେଢ଼େଇ ସିମେଂଟର ଗାଧୁଆ ଘରଟିଏ ତିଆରି କରି ଦେଇଥିଲେ । ଗୁଂଚରୀ ଉପରେ ଓଦାଲୁଗା ଶୁଖୋଇଛନ୍ତି । ଦେଖିଲେ ଶାଶୁ ତୁଳସୀ ଚଉଁରା ପାଖେ ମୁଣ୍ଡ ଲଗାଇ ପ୍ରଣାମ କରୁଛନ୍ତି । ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, ସମସ୍ତେ ଶୋଇଛନ୍ତି ତୋତେ ଏତେ ସକାଳୁ ଉଠିବାକୁ କିଏ କହିଲା? ତମତମ ହୋଇ ନଣନ୍ଦ କହିଲେ - କ'ଣ ହେଇଗଲା ଉଠି ପଡ଼ିଲେ ଯେ, କ'ଣ ଆଉ ଦିନ ଦଶଟାରେ ଉଠିଥାନ୍ତେ? ସହରରେ ବାହାହେଲେ ଯେ ଲୋକମାନେ ଭାଇକୁ ବାରକଥା କହୁଛନ୍ତି । ପୁଣି ଡେରିଯାଏଁ ଶୋଇଲେ ଆଉ ବାର କଥା କହିବେ । ତୁ ଗଲୁ ଗାଧୋଇକି ଆସିବୁ । ମୁଁ ଭାଉଜଙ୍କ କଥା ବୁଝିବି ।

ଟିକେ ଶଙ୍କିଗଲେ ସନ୍ଧ୍ୟା । ଶାଶୁ ଏତେ ଉଦାର । ଏଇ ଟିକି ନଣନ୍ଦ ଯିଏ କି ତାଂଠୁ ୧୦/୧୨ ବର୍ଷ ସାନ ହେବେ, କେତେ ଫଡ଼ ଫଡ଼ ହେଉଛନ୍ତି । ଏଇବର୍ଷ ମାଟ୍ରିକ ପରୀକ୍ଷା ଦେବେ । ସେ ଜଣେ ଶିକ୍ଷୟିତ୍ରୀ କେତେ ଉଦ୍ଧତ ଛାତ୍ରୀମାନଙ୍କୁ

ISSN NO.
2582-208X

କାନମୋଡ଼ି ସାବାଡ଼ କରିଛନ୍ତି । ସେ ଗ୍ରାକରି କଲ୍ କନ୍ତୁ ଗ୍ରାରି ବ୍ୟାଚ୍ ପିଲ୍ ମାଟ୍ରିକ ପାଶ୍ କରି ସାରିଲେଣି । ସେମାନଙ୍କର ତାଙ୍କ ପ୍ରତି କେତେ ଭୟ, ଭକ୍ତି । ଆଉ ଇଏ ନଣନ୍ଦ ବୋଲି ଏ ବୟସରେ ବଡ଼ ଭାଉଜଙ୍କୁ ଶଣ୍ଢାଶା ଶିଖଉଛନ୍ତି । କନ୍ତୁ କହିଦେବ ଭାବୁଥିଲ୍, ହେଲେ ବୋଉ କଥା ମନେ ପଡ଼ିଗଲ୍ । ବୋଉ କହୁଥିଲ୍ ନଣନ୍ଦ ଦିଅରମାନେ ତୋର ସାନ। ଭାଉଜମାନଙ୍କୁ କେତେ କଥା କୁହନ୍ତି, ଯାହାକ ମନକୁ ବାଧେ । ସବୁ ସହିଯିବୁ । ଗ୍ରାକରି କରିଛୁ ବୋଲି ମନରେ କେବେ ଗର୍ବ କରିବୁନ । ସେ ପରିବାରରେ ତୁ ନୂଆ ଓ ପରିବାରଟି ତୋର ନଜର । ଶିକ୍ଷିତା ତୁ । ସମସ୍ତଙ୍କ ମନ ରଖି, ସମସ୍ତଙ୍କ ସହ ମିଳିମିଶି ଚଳିବାକୁ ହେଲେ, ସମସ୍ତଙ୍କୁ ଖୁସି କରିବାକୁ ହେଲେ ନିଜର ଖୁସି, ନିଜର ସୁବିଧା ଓ ସ୍ୱାର୍ଥକୁ ବଳିଦେବାକୁ ପଡ଼ିବ । ତୁ ଶିକ୍ଷିତା ଯୋଉ ସଂସ୍କାର ପାଇଁ ଏ ଘରୁ ତୁ ଯାଇଛୁ ତା'ର ସଦ୍‌ବ୍ୟବହାର କରିବୁ । ମନେ ରଖିବୁ "ଦିହିତା ଦୁଇ କୂଳକୁ ହିତା" ।

ମୁହଁରେ କୃତ୍ରିମ ହସ ଫୁଟେଇ କହିଲେ, ହଉ ତମେ ଯାଅ, ମୁହଁ ଧୋଇ ନିତ୍ୟକର୍ମ ସାରି ଆସ । ଏ ଭିତରେ ମୁଁ ଶାଢ଼ିଟା ବାଗେଇ ପିନ୍ଧି, ପାଉଡଣ ସିନ୍ଦୂର ଟିକେ ଲଗେଇ ଆସେ । ଚା' କରିବା । ତାଙ୍କ କଥାରେ ଏତେ ଦୃଢ଼ତା ଥିଲା ଯେ ନଣନ୍ଦ ଆଉ କିଛି ନକହି ଦାନ୍ତ ଘଷିବାକୁ ଚାଲିଗଲେ ।

ତାଙ୍କ ଶାଶୁଘର ଯୌଥ ପରିବାର । ସେ ମଧ୍ୟ ପିଲାଦିନୁ ଯୌଥ ପରିବାରରେ ବଢ଼ି ଆସିଥିଲେ । ଖରାଛୁଟି, ପୂଜା ଛୁଟି ଆଉ ଧାନକଟା ଛୁଟିରେ ସମସ୍ତେ ଏକାଠି ହୁଅନ୍ତି । ଘରେ ବୋଉ, ଖୁଡ଼ି, ଜେଜେମା ମିଶି ଏକତ୍ରିତ ହୋଇଥିବା ୩୦/୩୫ ଜଣଙ୍କ ପାଇଁ ରୋଷେଇ କରି ଖୁଆଉଥିଲେ । ବଡ଼ ବୋଉ ହୋଇଥିବାରୁ ତା' ବୋଉଙ୍କ ଉପରେ ରୋଷେଇ ଦାୟିତ୍ୱ ପୂର ଥାଏ । ଦେହରୁ ଝାଳ ବାହାରି ଦେହରେ ହିଁ ଶୁଖିଯାଏ । ଖରାଦିନେ ଖିଆପିଆ ସରିଲେ ବୋଉ ଶୋଇବା ଘରକୁ ଆସି ତାକୁ ୧୦ ପଇସି ବା ପାଂଚ ପଇସିଟିଏ ଦେଇ ଘିମିରି ମାରି ପିଠିରେ ପାଉଡର ଲଗେଇବାକୁ କହେ । ଦିନେ ବି "ଓହୋଃ..ଗରମରେ ମଣିଷ କାମ କରିକରି ମଲାଣି" ବୋଲି ତା ପାଟିରୁ ବାହାରିବା ସେ ଶୁଣିନ । ବର୍ତ୍ତମାନ ତାକୁ ମଧ୍ୟ ଶାଶୁଘରେ ବୋଉ ଭଳି ଦାୟିତ୍ୱ ସମ୍ପନ୍ନ ହେବାକୁ ପଡ଼ିବ ଭାବି ନିଜକୁ ପ୍ରସ୍ତୁତ କରି ଆସିଲେ । ପିଲାଦିନୁ ସେ ଅନୁଭବ କରିଛନ୍ତି ଗାଁର କୁମାରୀ ଜୀବନ ବିତାଇବା ଯେତେ ସୁଖପ୍ରଦ, ବୋହୂ ହୋଇ ରହିବା ସେତେ କଷ୍ଟପ୍ରଦ । ସ୍ତ୍ରୀଖର

ISSN NO.
2582-208X

ପ୍ରାଚୁର୍ଯ୍ୟରେ ଝିଅଟି ଥିବାବେଳେ ହଠାତ୍ ଅଜଣା ପରିବେଶରେ ଖାପ ଖୁଆଇ ଚଳବାଟା କେତେ ଯେ କଷ୍ଟପ୍ରଦ ସେ କଥା ଅନୁଭବି ହିଁ ଜାଣେ । ଶୋଷ କଲ୍ ବେଳେ ମା' ହାତରୁ ପାଣି ପିଇ ବଢ଼ିଥିବା ଝିଅ, ଭୋକ ଲାଗିବା ପୂର୍ବରୁ ଖାଇବା ପରଷା ଯାଇଥିବା ଝିଅଟିକୁ ବାହା ହେବା ପରେ ଅନ୍ୟର ଭୋକ, ଶୋଷକୁ ବୁଝିବାକୁ ଦେଇଥାଏ । ଟିକେ ବୟସ ହେବା ପରେ ବୋଉର କଷ୍ଟ, ତ୍ୟାଗକୁ ସେ ବୁଝି ପାରିଥାଏ । ଯଦି ବୋଉ ଏ ସବୁ କରି ପାରୁଛନ୍ତି, ତେବେ ସେ କାହିଁକି ବା ନ ପାରିବେ? ଭାବି ଭାବି ସେ ଚା' କରିବା ପାଇଁ ଚାଲିଗଲେ ରୋଷେଇ ଘର ଆଡ଼କୁ ।

ସ୍ତବ୍ଧ ହେଇଗଲେ ସେ ରୋଷେଇ ଘରେ ପଶି । ରୋଷେଇ ଘରେ ଗ୍ୟାସ ଚୁଲି, ଷ୍ଟୋଭ୍ କିଛି ନାହିଁ । ପରିଷ୍କାର କାଠ ଚୁଲିଟିଏ ଅଛି ଓ ତା' ଉପରେ କାଠ ବିଡ଼ାଏ ଥୁଆ ହୋଇଛି । ତାକୁ ତ ଚୁଲି ଲଗେଇ ଆସେନି । ତଥାପି ନିଜ ଅଭିଜ୍ଞତାରୁ କାଠ ଦେହରୁ ଟିକିଟିକି କାଠ ଛଡ଼େଇ ଗଦା କରି ରଖୁଥାଏ ଏବଂ ନଣନ୍ଦଙ୍କ ଆସିବାକୁ ପ୍ରତୀକ୍ଷା କରୁଥାଏ । ନଣନ୍ଦ ଆସିବା ଡେରି ହେବାର ଦେଖି ନିଜ ବୁଦ୍ଧି ଖଟେଇ ଚୁଲି ଭିତରେ ପାଉଁଶ ଗଦାରେ ତାକୁ ସଜେଇଲେ । ଦିଆସିଲି କାଠି ଜଳଉ ଜଳଉ ସେଗୁଡ଼ିକ ସଙ୍ଗେ ସଙ୍ଗେ ଲିଭି ଯାଉଥାଏ । ଏପଟ ସେପଟ ଚାହିଁ ପାଖରେ ଥିବା ଲଣ୍ଠନକୁ ଆଣି, ଠିପି ଖୋଲି ସେଥିରୁ କିଛି କିରୋସିନ୍ ବାହାର କରି କାଠ ଉପରେ ପକାଇଦେଲେ । ତା' ପରେ ଦିଆସିଲି ମାରି ଚୁଲି ଭିତରେ ପକାଇଲେ । ହୁତ୍ ହୁତ୍ ହୋଇ ଯେମିତି କାଠ ଜଳଉଠିଲା ତାଙ୍କ ମନ ଭିତରେ ଯେମିତି ଆଲୋକର ମାଳା ଉଦ୍ଭାସିତ ହୋଇଗଲା । ଯାହା ହେଉ ବିନା ସହାୟତାରେ ଚୁଲି ଜଳେଇ ପାରିଲେ । ଘରକୁ ଗଲେ ଉଙ୍କୁ କହିବେ, ତୁ ପରା କହୁଥିଲୁ ମୋ ହାତରେ ଖଡ଼ା ସିଝିବନି ବୋଲି । ଦେଖ, ମୁଁ କେମିତି ବିନା ସାହାଯ୍ୟରେ ଚୁଲି ଜଳେଇ ଦେଲି । ଚୁଲି ଉପରେ ଚା' କରିବା ପାଇଁ ସସପ୍ୟାନରେ ପାଣି ରଖୁ ଚୁଲି ଜଳଉଠିଲା । ପୁଣି ଥରେ କାଠ ଗୋଟାଏ ପୁରେଇ ତା'ଉପରେ କିରୋସିନ ଟିକେ ଢାଳିଦେଲେ । ପୁଣି କାଠ ହୁତ୍‌ହୁତ୍ କରି ଜଳି ଉଠିଲା । ଶିକାରୁ କ୍ଷୀର, ଥାକରୁ ଚା'ପତି, ଚିନି ଆଣୁ ଆଣୁ, ପୁଣି ଦେଖିଲେ ଚୁଲି ଲିଭି ଲିଭି ଆସୁଛି । ଆଉ ଥରେ କିରାସିନ୍ ଟିକେ ପକେଇବେ ବୋଲି ଭାବୁଥାନ୍ତି, ଏ ସମୟରେ ଶଶୁର ପଚାରିଲେ, ବୋହୂ ତୁମକୁ କାଠ ଚୁଲି ଲଗେଇ ଆସେ? ଚା' କରିବାକୁ ବସି ଗଲଣି? ତମ ଶାଶୁମା' କୁଆଡ଼େ ଗଲେ କି?

ISSN NO.
2582-208X

ଶଶୁରଙ୍କୁ ଦେଖି ଚୁଲମୁଣ୍ଡରୁ ମୁଣ୍ଡିଆଟିଏ ମାରି କହିଲା, ବାପା ଚୁଲି ତ ଲଗେଇଦେଲି । ମାତ୍ର କରେ୍ସିନ୍ ପକେଇଲେ ହିଁ ଚୁଲି ଜଳୁଛି । ପୁଣି ଲିଭି ଯାଉଛି । ଏମିତି ତିନ ଥର କରି ସାରିଲିଣି । ଏମିତି ତ ସବୁ କରେ୍ସିନ୍ ସରିଯିବ । ଚୁଲିରେ ଏତେ କଥା ରନ୍ଧା ହେବ କେମିତି ?

ଶଶୁର ହସିଲେ, କହିଲେ; ସେମିତି ହୁଏନ । ଦେଖ ମୁଁ କେମିତି କରୁଛି । ତା'ପରେ ଗୋଟାଏ ମିନଟ୍‌ରେ ଛୋଟ ଛୋଟ କାଠ ସଜେଇ ଶୁଖିଲା କାଠ ଖଣ୍ଡି ଅଳ୍ପ ଟିକେ କରେ୍ସିନ୍ ପକେଇ ଏମିତି ଚୁଲି ଜଳେଇଲେ ଯେ, ଚୁଲି ହୁତ୍ ହୁତ୍ ହୋଇ ଜଳ ଉଠିଲା । ଆଉ ସେ ଆରମ୍ଭରେ ଚା' କଲେ । ଶାଶୁ, ଶଶୁର, ନଣନ୍ଦ, ଦିଅର ସମସ୍ତେ ଚା' ପିଇଲେ । ଶଶୁର ଚା' ପିଇ ଶାଶୁଙ୍କୁ କହିଲେ, ଦେଖ! ବୋହୂ କେମିତି ଚା' କରୁଛନ୍ତି । ତାଙ୍କଠୁ ଟିକେ ଶିଖ । ଶଶୁଙ୍କ ମୁହଁରୁ ପ୍ରଶଂସା ଶୁଣି ସେ ଖୁସି ହେଲେ ମଧ୍ୟ ସେ ଭିତରେ ଭିତରେ ଡରିଗଲେ । ଶାଶୁ ତାଙ୍କୁ ଭାବିବେ କାଳେ ? କନ୍ତୁ ଶାଶୁ ଖୁବ୍ ଉଦାର ପ୍ରକୃତିର ଥିଲେ । କହିଲେ, ହଁ, ମୁଁ ଶିଖିଯିବି । ସେ ସହରରେ ରହିଚ । ଚା' କରି ଜାଣେ । ଆମ ଗାଁରେ ଯେମିତି ମୁଁ ଦେଖିଛି ସେମିତି କରୁଛି । ତା'ପରେ ତାକୁ କହିଲେ, ବୋହୂ ଆଉ ୧୦ କପ୍ ଚା' କର । ଏଇନେ ତୋ ଦେଢ଼ଶୁର, କକା ଶଶୁରମାନେ ଆସିଯିବେ । ପଚାରିବେ ବୋହୂ! କ'ଣ କରୁଚ? ତୁ କହିବୁ - ଚା' କରୁଛି । ଆସନ୍ତୁ ପିଇବେ, ସେମାନଙ୍କ ସହ ହସି ହସି କଥା ହେବୁ । ଯାହା ପଚାରିବେ କହିବୁ । ନହେଲେ ବୋହୂଟା ଗର୍ବୀ ବୋଲି ଭାବିବେ ।

ଆଶ୍ଚର୍ଯ୍ୟ ହୋଇଗଲେ ସେ ଏ କଥା ଶୁଣି । ବୋଉ ତାକୁ ଶିଖାଇକ କହିଥିଲା - ଶାଶୁଘରେ ଗୁରୁଜନମାନଙ୍କ ସଙ୍ଗେ କଥା ହେବୁନ । ଯାହା କହିବେ ତଳକୁ ମୁହଁ ପୋତି "ହଁ" ବା "ନାଇଁ" ରେ ମୁଣ୍ଡ ଟୁଙ୍ଗାରିବୁ । ତା' ପାଇଁ ଏଇଟା କଷ୍ଟପ୍ରଦ ହୋଇଥିଲା । ହେଲେ ଏ କ'ଣ ଶୁଣୁଛି ? ଗୁରୁଜନଙ୍କ ସହ ସମ୍ଭ୍ରମତା ରକ୍ଷା କରି କଥା ହେଲେ ଅସୁବିଧା କ'ଣ ? ଯାହା ହଉ, ଶାଶୁ ଅସୁବିଧା ଦୂର କରିଦେଲେ ।

ଶଶୁରଙ୍କ ପରି ଦଦେଇ ଶଶୁର, କକା ଶଶୁର ଚା' ପିଇ ବହୁତ ପ୍ରଶଂସା କଲେ । କାଲି ସନ୍ଧ୍ୟାରୁ ବୋହୂର ଗତିବିଧି ଲକ୍ଷ୍ୟ କରୁଛୁ । ଆମମାନଙ୍କ ସହ କେତେ ଶୀଘ୍ର ମିଶିଗଲେ । ସମସ୍ତଙ୍କୁ ଖୁସିରେ ଚା' ପିଆଇଲେ । ମୁଁ ଭାବିଥିଲି ସହରୀ

ISSN NO.
2582-208X

ଝିଅ- ଆମ ସଙ୍ଗେ ମିଶି ପାରିବନି । ତାଙ୍କ ଧୀର ଚାଲି, ନମ୍ର କଥା ଶୁଣି ମୋ ପେଟ ପୂରିଯାଉଛି । ବରଂ ଆମ ଗାଁ ଝିଅ ବୋହୂଙ୍କୁ ୟାଙ୍କଠାରୁ ଶିଖିବା କଥା । ଆଜିକାଲି ସେମାନେ ଯାହା ଉଦ୍ଧତ ହେଲେଣି ନା... । କକା ଶଶୁର ଦୁଇଜଣ କହିଲେ ବୋହୂ ପରା ଆମ ଗୋଷ୍ଠିର ନନା । ଶିକ୍ଷୟିତ୍ରୀ ଅଛି ଯେତେବେଳେ, ପିଲାଙ୍କୁ ମଣିଷ କରୁଛନ୍ତି, ସେ ଶିଷ୍ଟାଚାର ଜାଣିଛନ୍ତି । ବ୍ୟତିକ୍ରମ ତ କିଛି ରହିବା ଆମମାନଙ୍କଠାରୁ ତାଙ୍କ କଥାବାର୍ତ୍ତା, ବ୍ୟବହାର, ଚାଲିଚଳଣୀରୁ । ଶଶୁରଙ୍କଠାରୁ ପ୍ରଶଂସା ଶୁଣି ସେ ମନେ ମନେ ଆନନ୍ଦିତ ହେଇଥିଲେ । ଯାହାହେଉ ବୋଉର ସଂସ୍କାର, ପରାମର୍ଶ ବ୍ୟର୍ଥ ଯାଇନି ।

ଗାଁରେ ଦିନବେଳା ପ୍ରବଳ ଖରା । ଶାଶୁଙ୍କ ସହ ମିଶି ରୋଷେଇ କରିବାରେ ଲାଗିପଡ଼ିଲେ । ମାଟି ହାଣ୍ଡିରେ ଭାତ ବସିଲା । ସେ ଚାଉଳ ପକେଇ ଦେଲେ ସତ, ହେଲେ ଗାଳିବେ କେମିତି? ପାଖରେ ଶାଶୁ ନାହାନ୍ତି । ନଣନ୍ଦବି ଟିକି ପିଲାଟେ । କାହାକୁ ସାହାଯ୍ୟ ମାଗିବେ? ଏମିତି ଭାବୁ ଭାବୁ ଶାଶୁ ଆସି ପହଂଚିଗଲେ । ବୋହୂ! ଭାତ ହେଲାଣି? ସେ କହିଲେ ହଁ ମା! ଏବେ ଗାଳିବି ଭାବୁଥିଲି । ଆପଣ ଆସିଗଲେ ।

ହସି ହସି ଶାଶୁ କହିଲେ ତୋର ଅଭ୍ୟାସ ନାହିଁ । ତୁ ଗାଳି ପାରିବୁନି । ଉଠ, ମୁଁ ଗାଳି ଦଉଚି । କହି ସେ ଭାତ ଗାଳିଲେ । ତରକାରୀପତ୍ର କରିବା ପାଇଁ ତାଙ୍କୁ କହି ଚାଲିଗଲେ।

ଶାଶୁ ଘର ଯୌଥ ପରିବାର । ହେଲେ ତାଙ୍କ ବାହାଘର କିଛିବର୍ଷ ଆଗରୁ ସେମାନଙ୍କର ରୋଷେଇ ଅଲଗା ହୋଇ ଯାଇଥିଲା । ପରିବାରର ପିଲାମାନେ ତଥା ମୁରବୀମାନେ ଖାଇ ସାରିଲାପରେ ସ୍ତ୍ରୀଲୋକମାନେ ନିଜ ନିଜର ଭାତ, ତର୍କାରୀ ଆଣି ଏକାଠି ବସି ଖାଆନ୍ତୁ । ଗୋଟିଏ ଛାତ ତଳେ ଛ' ଛଟା ଚୁଲି । ହେଲେ ସ୍ତ୍ରୀଲୋକମାନେ ଏକାଠି ହୋଇ ଖାଇଲା ବେଳେ ଅନୁଭୂତ ହୁଏ ଯେମିତି, ସମସ୍ତେ ଗୋଟେ ମା' ପେଟରୁ ଜନ୍ମିତ । କୁହାଯାଏ - ସ୍ତ୍ରୀ ମାନେ ହିଁ ଘର ଭାଙ୍ଗନ୍ତୁ । ପରିବାରରେ ଅଶାନ୍ତ ସୃଷ୍ଟି କରନ୍ତୁ । ପରିବାରେ ଫାଙ୍କ ସୃଷ୍ଟି କରିଥା'ନ୍ତୁ । କିନ୍ତୁ ସେମାନଙ୍କର ଚଳଣି ଦେଖିଲେ ଏହା ଅବିଶ୍ୱାସ ମନେ ହୁଏ ।

ସେଦିନ ଜାଣିଶୁଣି ଶାଶୁ ଅଧିକା ତରକାରୀ କରିଥିଲେ । ତାଙ୍କ ହାତରେ ନ ଦେଇ ଶଶୁରଙ୍କ ପାଇଁ ତରକାରୀ ଦେଇ ନିଜେ ଗୋଟେ କଂସାରେ ତରକାର ଗୁମୁଚଏ ଲେଖାଏଁ

ISSN NO.
2582-208X

ତରକାରୀ ଦେଲେ । ସମସ୍ତେ ଖୁସିରେ ଖାଇଲେ ଓ ତରକାରୀର ଭୁରି ଭୁରି ପ୍ରଶଂସା କଲେ। ଆଉ ଖୁଡ଼ିଶାଶୁ, ଜେଠେଇ ଶାଶୁ, ଯାଆ, ନଣନ୍ଦମାନେ ସମସ୍ତେ ସାଙ୍ଗ ହୋଇ ଖାଇଲୁ । ସବୁଠାରୁ ମଜା କଥା ହେଲା, ଗାଁରେ ଖାଇବା ପରର ଆସର । ପରିବାରର ସମସ୍ତ ମହିଳା ସଦସ୍ୟ ନିଜ ନିଜର ମଣ୍ଡାଳିଆ ଅନୁଭୂତି ପ୍ରକାଶ କରି ହସି ହସି ଗଡ଼ି ଯାଉଥିଲେ । ନା, ଶାଶୁ, ଖୁଡ଼ିଶାଶୁ ମାନଙ୍କର ଆକଟ ଥିଲା ନା, ସାନମାନଙ୍କର ଭୟ ଥିଲା। ସମସ୍ତେ ବନ୍ଧୁ ପରି ବ୍ୟବହାର କରି ପରସ୍ପରର ଥଟ୍ଟାମଜାକୁ ଉପଭୋଗ କରୁଥାନ୍ତି । ଶାଶୁ, ଖୁଡ଼ିଶାଶୁ ଜେଠେଇ ଶାଶୁ ତଥା ଯାଆମାନଙ୍କର ଆନ୍ତରିକତାରେ ଗାଁ ପରିବେଶ ଖୁବ ଭଲ ଲାଗୁଥାଏ ତାଙ୍କୁ । ଶାଶୁଘର ପ୍ରତି ଥିବା ଭୟ ତାଙ୍କ ମନରୁ ଦୂରେଇ ଯାଇ ଏକ ଆନ୍ତରିକ ଭାବନା ଏବଂ ପ୍ରତ୍ୟେକଙ୍କ ପ୍ରତି ଶ୍ରଦ୍ଧାରେ ମନ ଭରି ଯାଉଥାଏ ।

ଦିନକର କଥା । ତାଙ୍କ ପାଇଁ ଆଉ ଏକ ପରୀକ୍ଷାର ବେଳ ଥିଲା । ସେଦିନ ବୋହୂଙ୍କ ହାତରୁ ପିଠା ଖାଇବେ ବୋଲି ଶଶୁରମାନେ କହିଲେ । ଏ କଥା ଶୁଣି ସେ ବିଚଳିତ ହୋଇଗଲେ । ଶାଶୁ ଜାଣନ୍ତି ତାଙ୍କୁ ପିଠା କରି ଆସେନି । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେତେବେଳେ ଖରାବେଳେ ଶୋଇକରି ସେ ଉଠିଲେ ଚୁଲି ମୁଣ୍ଡରେ ଶାଶୁ, ଖୁଡ଼ିଶାଶୁ ପିଠା ପାଇଁ ଜନ୍ତଣୀ କରି ଚକଟୁଛନ୍ତି । ତାଙ୍କୁ କହିଲେ ଗୁ' କର ଏବଂ ଶଶୁରମାନଙ୍କୁ ଦେ । ତା'ପରେ ସମସ୍ତଙ୍କୁ ଡାକବୁ ପିଠା ଖାଇବାକୁ । ଖୁଡ଼ିଶାଶୁମାନେ କାକରା ବେଲି ତାଙ୍କୁ ଦେଉଥାନ୍ତି ଏବଂ ସେ ସେଗୁଡ଼ିକ ଛାଣି ସମସ୍ତଙ୍କୁ ଦେଉଥାନ୍ତି । ସମସ୍ତେ ଗୋଟିଏ ଗୋଟିଏ ଥାଳିଆ ଧରି ଠିଆ ହୋଇଯାଆନ୍ତି ଏବଂ ସେ ଗରମ ଗରମ ଛାଣି ସେମାନଙ୍କୁ ଦେଉଥାନ୍ତି । ସମସ୍ତେ ତାଙ୍କୁ ଖୁବ୍ ପ୍ରଶଂସା କରୁଥାନ୍ତି । କେତେ ବଡ଼ କାମ ଏତେ ସହଜରେ ହୋଇଯିବ ସେ ବିଶ୍ୱାସ କରି ପାରୁନଥିଲେ ।

ଏଇମିତି ୭ଦିନ କେମିତି କଟିଗଲା ସେ ଜାଣି ପାରିଲେନି । ଯେଉଁ ଭଳି ଭାବେ ଶଙ୍କିତ ମନରେ ଶାଶୁଘରକୁ ଆସିଥିଲେ, ତାହା ଏତେ ଆଶ୍ୱାସଭରା ହେବ ସେ ଭାବି ପାରି ନଥିଲେ। ଆଉ ଯୋଉଦିନ ସେ ଗାଁରୁ ସହରକୁ ଫେରିଲେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲାନାହିଁ । ଶାଶୁ, ଶାଶୁଖୁଡ଼ିମାନେ ଅଧାରାସ୍ତା ଯାଏଁ ଏବଂ ସାନ ନଣନ୍ଦ ଦିଅର, ପୁତୁରା, ଝିଆରୀ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲେ । ସମସ୍ତଙ୍କ ଆଖିରେ ଲୁହ ଥିଲା । ସତେ ଯେମିତି ବାପ ଘରକୁ ଆସିଥିବା ଝିଅ ଶାଶୁଘରକୁ ଫେରିଯାଉଛି । ସେ ମନେ ମନେ ଭାବିଲେ ସବୁ

ISSN NO.
2582-208X

ଶାଶୁଘର ଯଦି ଏମିତି ହୁଅନ୍ତା, ତେବେ ଶାଶୁଘର ନୁହେଁ "ଯମପୁର" ଉକ୍ତିଟା ଆଉ ରହନ୍ତା ନାହିଁ ।

ସାନ ଦିଅର ରମା ହାତରେ ଚଠି ଖଣ୍ଡିଏ ଧରି ଭାଉଜ... ଭାଉଜ... ଡାକଛାଡ଼ି ଦାଣ୍ଡପଟୁ ଆସୁଥିଲେ । ସେତେବେଳକୁ କର୍ତ୍ତୀ ଖାଇବାକୁ ଭବୁଥିଲେ । ଲଫାପାଟିକୁ କର୍ତ୍ତୀ ଦେଇ ଦଉଡ଼ି ଦଉଡ଼ି ପଳେଇ ଯାଉ ଯାଉ ଶାଶୁ ତାଙ୍କୁ ପଗ୍ଚରିଲେ- କଏ ଦେଇଛି କ ଚଠିଟା?

ଦିଅର ରମା କହିଲେ ବୋଧେ ଭାଉଜଙ୍କ ବୋଉ ।

ଶାଶୁ ଛିଗୁଳେଇ କହିଲେ, କ'ଣ ଏମିତି ଲେଖିଛନ୍ତି ସମୁଦୁଣୀ ଆମର ଯେ ଲଫାପାରେ ଚଠି ପଠାଇଦେଇଛି ।

କର୍ତ୍ତୀ କହିଲେ - ମୁଁ ଜାଣିନ ମା' ଖାଇସାରିଲେ ପଢ଼ିବି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ
ବାସନ୍ତୀ ନଗର, ରାଉରକେଲା
ଦୂରଭାଷ : ୯୪୩୭୨୮୬୬୦୬

ISSN NO.
2582-208X

# ପୁଷ୍ପ ଅନୁପମା



ନେତ୍ରୀକା ସାହୁ

ରାତିର ଶେଫାଳୀ ଟେ
ପ୍ରତ୍ୟୁଷ ରେ ଝଡିଯିବି
କଣ୍ଟାର ଡାଳରେ ପୁଣି
ରକ୍ତ ଗୋଲାପ ହେବି

ତଳାତଳ ପଙ୍କରୁ ସଦା
ପଦ୍ମହୋଇ ମୁହିଁ ଫୁଟିବି
ମଲ୍ଲୀର ମାଳତୀ ହୋଇ
ଦିନେ ଗଭାରେ ଉଇଁବି

ସୁଗନ୍ଧର ରାଣୀ ବୋଲି
ସେଜତ୍ରରେ ଶୋଭାପାଏ
ରଜନୀ ଗନ୍ଧାରେ ମହକରେ
ସମ୍ପୂର୍ଣ୍ଣ ଆଗାର ମହକାଏ

ରାସ୍ତାକଡ ପୁଣି ଉପବନେ
ଚିର ସୁଗନ୍ଧିତ କରିବି
ଲତା ବୁଦା ମାଳେ ରହି
କେତକି, ଚମ୍ପା ବୋଲାଇବି

ISSN NO.
2582-208X

ଅନୁପମା କେଶରେ ମୁଁ
ଯୋଡା ଇଟିମଳା କେରା
ରଙ୍ଗମୟ ଜୀବନେ ଢାଳିବି
ମଧୁ ମାଳତୀର ସୋରା

ଘରଗଣା ବାଡି ବଗିଚାରେ
ମଲ୍ଲୀ ମୋର ପରିଚୟ
ଗଜରା ସୂତାରେ ଝୁଲି ରୁହେ
ବାସନା ମୋ ଅକ୍ଷୟ

ତମାମ୍ ଦିନର ସୁଖ ନାହିଁ
ମୋହୋରୀ ଭାଗ୍ୟରେ
ପଳାଶ ଟେ ବୋଲି ଆଜି
ଜନ୍ମେ ନିଶବ୍ଦ ରାତ୍ରୀରେ

ଚନ୍ଦ୍ରମାକୁ ଚାହିଁ ଚାହିଁ
ଆଜି କଇଁ ବୋଲାଇଲି
ମହକରେ ମହକି ଉଠେ
ତେଣୁ ଗଙ୍ଗ ଶିଉଳି ହେଲି

ପ୍ରତି ଅଗଣାର ଆଜି
ତୁଳସୀମୁଁ ହେଲି
ଦୁଇ ପତ୍ରରୁ ନିରନ୍ତର
ମୁଗ୍ଧ ସୁବାସ ଦେଲି ॥

ସହକାରୀ ବିଜ୍ଞାନ ଶିକ୍ଷୟତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ବିଞ୍ଜିଗୁଡା, ନବରଙ୍ଗପୁର

ISSN NO.
2582-208X

# ଶ୍ରୀ ପୁରୁଷୋତ୍ତମ

ନିତ୍ୟାନନ୍ଦ ବାରିକ୍

ମର୍ଯ୍ୟାଦା ପୁରୁଷୋତ୍ତମ ଜଗତ ଠାକୁର
ମହତ କାର୍ଯ୍ୟ ସାଧକ ଅଯୋଧ୍ୟା ଈଶ୍ୱର
ମନ୍ଦକର୍ମୀ ଅସୁରଙ୍କ ସଂହାର କରତା
ମହାସତୀପତି ପ୍ରଭୁ ପରମ ବିଧାତା
ମହନୀୟ କାର୍ଯ୍ୟ ପାଇଁଜଗତ ଗୋସାଇଁ
ମର୍ତ୍ତ୍ୟରେ ଜନମ ନେଲ ସୃଷ୍ଟି ରକ୍ଷା ପାଇଁ
ମର୍ଯ୍ୟାଦା ରଖିଲ ପ୍ରଭୁ ପିତୃସତ୍ୟ ପାଳି
ମଇତ୍ରେ ସୁରକ୍ଷା ଦେଲ ହତ କରି ବାଳୀ
ମର୍କଟ ଗହଣେ ଯାତ୍ରା କଲ ଲଙ୍କାପୁର
ମହାକପି ହନୁମାନ ହେଲେ ତୁମ୍ଭ ଚର
ମନ୍ଦଚନ୍ତା ଧରି ସୂର୍ପଣଖା ଆସିଥିଲା
ମନ୍ଦଭାଗ୍ୟ ନେଇ ନାସାକର୍ଣ୍ଣ ଛେଦିଗଲା
ମହାମତି ଶବରୁଣୀ ତୁମ ଅପେକ୍ଷାରେ
ମହାବନୁ କୋଳି ଆଣି ରଖଇ କୁଟୀରେ
ମହାଭାଗ୍ୟ କରିଥିଲା ତା ଅଇଁଠା କୋଳି
ମନ ଖୁସିରେ ଖାଇଲ ପ୍ରଭୁ ବନମାଳି
ମହାବଳବନ୍ତ ପ୍ରଭୁ ଅଟନ୍ତ ଅସୁର
ମହୀରାବଣ ନେଲା ସେ ପାତାଳ ରପୁର
ମହାକପି ହନୁମାନ ତୁମର ସେ ଦୂତ
ମସ୍ତକ ଛେଦିଣ ତାର କରିଥିଲା ହତ

ISSN NO.
2582-208X

ମହାସାଗର ଲଙ୍ଘିଲ ସେତୁ ବାନ୍ଧି କରି
ମହାତେଜା ରାବଣ କୁ ଦେଲ ହତ୍ୟା କରି
ମରମ ମୋହିତ ମୋର ଗାଇ ତବଗାନ
ମନ ମୋର କରୁଥାଉ ନିତି ତବ ଧ୍ୟାନ
ମଙ୍ଗଳ କରତା ତୁମେ ଅଗତିର ଗତି
ମର୍ଯ୍ୟାଦା ପୁରୁଷୋତ୍ତମ ସାକେତରପତି
ମରକତ ମଣି ଶୋଭା କିରୀଟ କୁଣ୍ଡଳ
ମହାଦିବ୍ୟ ଆଭରଣ ପ୍ରଭୁ ଆଦିମୂଳ
ମନ ମୋର ସଦାରହୁ ଚରଣେ ତୁମର
ମନମୋହନ ମହେଶ ବ୍ରହ୍ମାଣ୍ଡ ଠାକୁର

ବଡହୁଲ୍, କଶୋରଗଞ୍ଜ
ଅନୁଗୋଳ, ମୋ- ୯୯୩୮୬୯୬୭୩୭

ISSN NO.
2582-208X

# କୌତିହଳ ପ୍ରଶ୍ନ



ବିରଞ୍ଚି ନାରାୟଣ ମିଶ୍ର

ଜମିଦାରଙ୍କ ଘରକୁ ଆସିଥିଲେ ସାଧୁ ମହାରାଜ ।

ଗ୍ରାମର କିଛି ଜିଜ୍ଞାସୁ ଯୁବକ ସାଧୁ ମହାରାଜଙ୍କୁ ନିଜ ଜୀବନ ଦର୍ଶନର କିଛି ଅବୁଝା ପ୍ରଶ୍ନ ପଚାରି ତାହାର ସରଳ ଉପାୟ ବୁଝୁଥିଲେ। ସାଧୁ ମହାରାଜ ବୁଝାଉଥିଲେ ଭାରତର ଆଧ୍ୟାତ୍ମିକ ଇତିହାସରେ କେତେ ପ୍ରକାର ଧ୍ୟାନ ଧାରଣା ଆଦର୍ଶ ଓ ପନ୍ଥାର ଦୃଷ୍ଟାନ୍ତ ରହିଛି, କେତେ ମାର୍ଗରେ ସତ୍ୟ ପ୍ରାପ୍ତି ନିମନ୍ତେ ପରୀକ୍ଷା ନିରୀକ୍ଷା ହୋଇଛି। ବିଧି ପାଖରେ ଆତ୍ମ ସମର୍ପଣର ମଧ୍ୟ କେତେ ମାର୍ଗ ରହିଛି, ପ୍ରତି ମାର୍ଗରେ ରହିଛି ସତ୍ୟ। ସାଧକର ନିଷ୍ଠା ଉପରେ ସେ ସତ୍ୟର ଉପଲବ୍ଧି ନିର୍ଭର କରେ। ତୁମମାନଙ୍କ ଭିତରେ ସେଇ ଆଗ୍ରହ ଜିଜ୍ଞାସା ଥିଲେ ତୁମେ ଏଇ ଆଧ୍ୟାତ୍ମିକ ବିଷୟରେ ନିଶ୍ଚୟ ଆଗକୁ ଯାଇପାରିବ। ଯୁବକମାନେ ସାଧୁଙ୍କୁ ଭୂମିଷ୍ଠ ପ୍ରଣାମ କରି ଚାଲିଗଲେ। ଦୂରରୁ ଏସବୁ କଥା ଶୁଣୁଥିଲେ ଜମିଦାରଙ୍କ ସ୍ତ୍ରୀ। ସେ ସାଧୁଙ୍କ ପାଖକୁ ଆସି କହିଲେ ମୋର ଜଣେ ବାନ୍ଧବୀ ଆପଣଙ୍କୁ ଦେଖାକରିବାକୁ ଓ କିଛି ପ୍ରଶ୍ନ ପଚାରିବାକୁ ଆଗ୍ରହୀ ଅଛନ୍ତି। ତାଙ୍କୁ କାଲି ମୁଁ ସାଙ୍ଗରେ ଆଣି ଆସିବି।

ପରଦିନ ସେ ତାଙ୍କ ବାନ୍ଧବୀଙ୍କୁ ସାଙ୍ଗରେ ଆଣି ଆସିଲେ। ସାମାନ୍ୟ କିଛି ଉପଚାର ପରେ ବାନ୍ଧବୀ ଜଣଙ୍କ ସାଧୁ ମହାରାଜଙ୍କୁ ପ୍ରଶ୍ନ ପଚାରିଲେ, ମହାରାଜ ଜୀବନରେ କିଛି ପାଇବାକୁ ହେଲେ ଚେଷ୍ଟା ଜାରି ରଖିବାକୁ ପଡିବ ବୋଲି ମୋର ବିଶ୍ୱାସ, ଚେଷ୍ଟାବିନା ସଫଳତା କଣ ସମ୍ଭବ? ସାଧୁ କିଛି ସମୟ ନୀରବ ରହି କହିଲେ ତୁମେ ଯାହା ଭାବୁଛ ତା ହିଁ ଠିକ। ବାନ୍ଧବୀ ଜଣଙ୍କ ସାଧୁଙ୍କ ଉତ୍ତରରେ ସନ୍ତୁଷ୍ଟ ହେଇ ପାରିଲେ ନାହିଁ। ଆଉ କିଛି ପଚାରିଲା ସମୟକୁ ସାଧୁ ତାଙ୍କୁ ବିଦାୟ ଦେଲେ। ବାନ୍ଧବୀ ଫେରିଗଲା ପରେ ଜମିଦାରଙ୍କ ସ୍ତ୍ରୀ ସାଧୁଙ୍କୁ

ISSN NO.
2582-208X

ପଗ୍ଭରିଲେ ମହାରାଜ ଆପଣ ଜାଣିଶୁଣି ମୋ ବାନ୍ଧବୀଙ୍କ ପ୍ରଶ୍ନକୁ ଆଡେଇ ଦେଲେ କାହିଁକି ? ସାଧୁ କହିଲେ ଆସନ୍ତା କାଲି ଏହାର ଉତ୍ତର ତୁମେ ପାଇବ।

ତା ପରଦିନ ଜଣେ ଅଜଣା ବ୍ୟକ୍ତିଟିଏ ଜମିଦାର ସ୍ତ୍ରୀ ଙ୍କୁ ଗୋଟିଏ ଦିନ ପାଇଁ ତାଙ୍କର ସୁନାହାର ଟିକୁ ମାଗିଲା। ସେ କହିଲେ ମୁଁ ତୁମକୁ ଜାଣିନି କି ଚିହ୍ନିନି ତୁମକୁ କେମିତି ମୋର ସୁନାହାରକୁ ଦେବି। ତୁମର ତ ବଡ଼ ସାହସ ଦେଖୁଚ, ଜାଣିଚ ମୁଁ ଗ୍ଭହିଁଲେ ତୁମର କି ଅବସ୍ଥା କରିପାରିବି ? ଭଲଗତି ଯଦି ଅଛି ମୋ ଆଗରୁ ଗ୍ଭଲି ଯାଅ। ଅଜଣା ଲୋକଟି ସାଙ୍ଗେ ସାଙ୍ଗେ ସେଠାରୁ ଗ୍ଭଲିଗଲା। ତାପରେ ଜମିଦାରଙ୍କ ସ୍ତ୍ରୀ ସାଧୁଙ୍କ ପାଖକୁ ଆସିଲେ ବାନ୍ଧବୀଙ୍କ ପ୍ରଶ୍ନର ଉତ୍ତର ଶୁଣିବା ପାଇଁ। ସାଧୁ ଜମିଦାର ସ୍ତ୍ରୀଙ୍କୁ କହିଲେ ମୋତେ ଆପଣ ଙ୍କ ସୁନାହାର ଟିକୁ ଦେଇ ପାରିବେ ? ସେ ସଙ୍ଗେ ସଙ୍ଗେ ହାରଟିକୁ ସାଧୁଙ୍କୁ ଦେବାପାଇଁ ଖୋଲିବାକୁ ଲାଗିଲେ, ସାଧୁ ଟିକେ ହସି କହିଲେ ଥାଉ ଥାଉ ଖୋଲିବା ଦରକାର ନାହିଁ। ଜମିଦାରଙ୍କ ସ୍ତ୍ରୀ କହିଲେ ନା ମହାରାଜ ମୁଁ ଏ ସୁନାହାରଟିକୁ ଆପଣଙ୍କୁ ହିଁ ଦେବି, ଆଉ ଅଧିକ କିଛି ସୁନାଗହଣା ବି ଦେବି। ସାଧୁ କହିଲେ ମୁଁ ସେମିତି ତୁମକୁ ସୁନାହାର ଟିକୁ ମାଗୁଥିଲି। ଆଚ୍ଛା କହିଲ ଆଜି ଜଣେ ଲୋକ ତୁମକୁ ଏଇ ସୁନାହାରଟିକୁ ମାଗୁଥିଲା ତୁମେ ତାକୁ ଦେଲ ନାହିଁ କାହିଁକି ? ଜମିଦାରଙ୍କ ସ୍ତ୍ରୀ କହିଲେ ମହାରାଜ ତାକୁ ମୁଁ ଜାଣିନି କି ଚିହ୍ନିନି କେମିତି ତାକୁ ଦେଇଥାନ୍ତି। ସାଧୁ କହିଲେ ସେ ଲୋକଟିକୁ ମୁଁ ହିଁ ତୁମ ପାଖକୁ ସୁନାହାର ମାଗିବା ପାଇଁ ପଠାଇ ଥିଲି। ଏବେ ତୁମେ ତୁମ ବାନ୍ଧବୀ ଙ୍କ ଉତ୍ତର ପାଇଗଲ ତ। ଜମିଦାରଙ୍କ ସ୍ତ୍ରୀ କିଛି ବୁଝିପାରିଲେ ନାହିଁ। ସେ କହିଲେ ଏଥିରେ ମୋ ବାନ୍ଧବୀର ଉତ୍ତର କେମିତି ମୁଁ ଜାଣିବି। ସାଧୁ କହିଲେ ଦେଖ ତୁମେ ସାମାନ୍ୟ ସ୍ଥୁଳ ସମ୍ପଦଟି ଜଣେ ଅଯୋଗ୍ୟ ଲୋକକୁ ଦେବାକୁ ତୁମେ ପ୍ରସ୍ତୁତ ନୁହଁ, ସୁକ୍ଷ୍ମଜ୍ଞାନ ମୁଁ କପରି ଭ୍ରମଣ ବିଳାସୀ ସ୍ତ୍ରୀ ଲୋକଟିଙ୍କୁ ଦେଇ ପାରିଥାନ୍ତି। ତୁମ ବାନ୍ଧବୀ ଭଲ ମଣିଷ। ବିବେକି ମଧ୍ୟ କିନ୍ତୁ ଜ୍ଞାନଲାଭ ପାଇଁ ଲୋଡ଼ା ଭିନ୍ନ ଗୁଣ। ତୀବ୍ର ଅଭିପ୍ସା, ବ୍ୟାକୁଳ ଅନୁସନ୍ଧିତ୍ସା ଗଭୀର ନମ୍ରତା, ଅଥଚ କୌତୁହଳ ମାତ୍ର ଯଥେଷ୍ଟ ନୁହେଁ କି ସୁଯୋଗ ମିଳିଗଲା ବୋଲି ପଚାରିବାଟା ଯଥେଷ୍ଟ ନୁହେଁ। ତୁମ ବାନ୍ଧବୀଙ୍କୁ ଦେଖି ମୁଁ ଜାଣିପାରିଲି ସେ ତୁମଠାରୁ ମୋ ଆସିବା କଥା ଶୁଣି ସେ ମୋ ପାଖକୁ ଆସିଛନ୍ତି କେବଳ ପ୍ରଶ୍ନ ଟିଏ ପଗ୍ଭରି ଦେବାପାଇଁ।

ଭୁବନେଶ୍ୱର / 9439011063

ISSN NO.
2582-208X

# ତୁମ ବିନା ମୋର



ରାମ ଚନ୍ଦ୍ର ପ୍ରଧାନ

ତୁମ ବିନା ମୋର ବିଶାଳ ହୃଦୟ
ଲାଗେ ମୋତେ ମହାଶୂନ୍ୟ
ଅସ୍ତିତ୍ୱ ହରେଇ ସବୁ ଭୁଲିଯାଏ
ପାପ ହେଉ କି' ସେ ପୁଣ୍ୟ ।
ତୁମ ବିନା ମୋର ପ୍ରେମ ସରୋବର
ଲାଗେ ମରୁଭୂମି ସମ
ବାଟବଣା ହୋଇ ପାଗଳ ପରିକା
କରେନି ମୋ ମୁଣ୍ଡକାମ ।
ତୁମ ବିନା ମୋର ଶୟନ କକ୍ଷଟା
ଲାଗେ ଭାରି ନିଛାଟିଆ
ବିରହ ଯନ୍ତ୍ରଣା ସହି ନ ପାରି କି'
ମନ ହୁଏ ଅମାନିଆ ।
ତୁମ ବିନା ମୋର ନୟନ ଯୁଗଳ
ଲାଗେ ପୁରା ଫିକା ଫିକା
ସ୍ୱପ୍ନ ହଜି ଯାଇ ବୃଥା ଆସ୍ଫାଳନେ
ମନେ ଭରେ ଅହମିକା ।
ତୁମ ବିନା ମୋର ମନ ବେଳାଭୂମି
ଲାଗେ ତଟଶୂନ୍ୟ ଭଳି
ବେସାହାରା ହୋଇ ସାହାରା ଖୋଜେ ମୁଁ
ଆଶାର ପ୍ରଦୀପ ଜାଳି ।

ଶିକ୍ଷକ
ଟେକ୍ନକାଲ୍ ହାଇସ୍କୁଲ୍, ଆସିକା,
ଗଞ୍ଜାମ / ମୋ :୨୬୬୧୬୩୨୭୩୬

ISSN NO.
2582-208X

# ବାଲ୍ଟି



ସିଦ୍ଧେଶ୍ୱର ତ୍ରିପାଠୀ

ଆମ ଘରେ ଦି ଚାରିଟା ବାଲ୍ଟି ଥାଏ । ସେଥିରେ ନଳକୂଅରୁ ପାଣି ଆସେ ସାରବାର ହୁଏ । ନାନି ବାହାଘର ପାଖେଇ ଆସିଲା ବେଳକୁ ଘରକୁ କେତେ ଲୋକ ଆସିବେ ଏ ପୁରୁଣା ବାଲ୍ଟିରେ କ'ଣ କାମ ଚଳିବ । ଗୋଟେ ନୂଆ ବାଲ୍ଟି କିଣା ହେଲା । ସେଇ ବାଲ୍ଟିରେ ନାନି ମଙ୍ଗନ ଦିନ ଡାଲମା ବଣ୍ଟା ହେଉଥିଲା । କ'ଣ ହେଲା କେଜାଣି ମଙ୍ଗନ ସରିଲା ବାହାଘର ସରିଲା ନାନି ଘରକୁ ସଜ ଗଲା ନାନି ଭାଇନା ଆସି ଦଶ ମଙ୍ଗଳାକୁ ବୁଲିକି ଗଲା ଯାଏଁବି ଆଉ ବାଲ୍ଟି ମିଳିଲାନି ।

କିଏ ସେ ବାଲ୍ଟିଟି ନେଇଗଲା ଯେ ଆଉ ଫେରେଇଲାନି । ଏଇ ଆଲୁମିନିୟମ ବାଲ୍ଟିଟା ମ ଦୁଇଶହ କି ଅଢେଇସ ଟଙ୍କା ପଡିଥିବ । ମୁକ୍ତାପୁର ଗାଁରୁତ ଅନେକ କଂସାରି ଆମ ଗାଁ କୁ ବାସନ ବିକିବାକୁ ଆସନ୍ତି ତାଙ୍କରି ଭିତରୁ କାହାଠୁ ଗୋଟେ କିଣା ହୋଇଥିବ । ବୋଉ ମନ କିନ୍ତୁ ଭାରି ଦୁଃଖ କେଡେ ସୁନ୍ଦର ବାଲ୍ଟି ଟା କୋଉ ଚୋର କି ଚୋରଣୀ ତାକୁ ନେଇଗଲା । ବ୍ରାହ୍ମଣ ଧନ ନେଇକି ଖାଉ ତାକୁ ଭଲ ମଙ୍ଗଳ ହେବ। ମୁଁ ସେତେବେଳେ ଚୌଦୁଆର ନିକଟ ସଫା ଗାଁରେ ଥାଏ । ନନା ସେଠି ଚାକିରୀ କରନ୍ତି ସେ ଗାଁରେ ମୋର ଜନ୍ମ । ମୁଁ ସେ ଗାଁ କୁ ଥରେ ଅଧେ ବୁଲିବାକୁ ଯାଏ । ଏମିତି ନାନି ବାହାଘର ହବାର ଏଇ ପଚିଶି ଦିନ କି ମାସେ ହବ ବୋଉ ଫୋନ କଲା ପୁଅରେ ବାଲ୍ଟି ମିଳିଗଲା । ବୋଉର କେତେ ବଡ଼ ଚିନ୍ତା ଦୂର ହୋଇଗଲା ଯେମିତି ।

ISSN NO.
2582-208X

ବୁଝୁ ବୁଝୁ କଥାଟା ଏମିତି ବୋଉ ମିଛରେ ସମସ୍ତଙ୍କୁ କହିଲା ଆମେ ଗୋଡା ଲୋକନାଥଙ୍କ ନିକଟରେ ଗୁଆ ନଡ଼ିଆ ବସେଇଛୁ । ସେଇ ଡରରେ ଲୋକଟି (ଯିଏ ବାଲ୍ଟି ନେଇଥିଲା) ରାତି ରାତି ବାଲ୍ଟି ଟି ଆଣି ଆମ ପାଇଖାନା କାନ୍ଥ ପାଖରେ ରଖି ଆସିଛି । ତା' ମାନେ ଚୋରଟି ଆମ ଗାଁର ନିଶ୍ଚିତ ଆଉ ସାଇ ନିକଟର ବୋଲି ଟିକେବି ସନ୍ଦେହ ନଥିଲା । ବୋଉ କହିଲା କେଡେ ସାହାସ ତାର ବ୍ରାହ୍ମଣ ଧନ ନେଇକି ସିଏ କେତେଦିନ ରଖିଲା ଆଉ ଗୋଡା ଲୋକନାଥଙ୍କ କଥା ଶୁଣି ଡରରେ ଛେରି ମୁତି ପକେଇଛି, ନହେଲେ ଏତେଦିନ ହେଲା ରଖିଥିଲା ଦଉନଥିଲା କାଲି ରାତି ଅନ୍ଧାରେ ଆଣି ଥୋଇ ଯାଇଛି କେମିତି ।

ବୋଉ କଥା ଶୁଣି ମୋତେ ଭାରି ହସ ଲାଗିଲା। ବୋଉ କହିଲା ହସୁଛୁ କ'ଣ ମ ସିଏ ଗୋଡା ଲୋକନାଥ(ସ୍ଥାନର ନାଁ ଗୋଡା ଶିବଙ୍କ ନାଁ ଲୋକନାଥ )ହଳାହଳ ବିଷ ସେଠି କେତେ ନିୟମ ପ୍ରମାଣ ହୁଏ । କେତେ ପୂଜା ପାଠ ଅଭିଷେକ ଜଳଲାଗି ପୁନିଅଁ ପରବ ପାଳନ ହୁଏ । ଯଦି ଲୋକ ନାଥଙ୍କ କୋଡ଼ି (ବେଲପତ୍ର ପାଦୁକ) ଛୁଇଁ କିଏ ମିଛ କହିଲା ସିଏତ ଶୁଖି ଶୁଖି ମରିଯିବ । ଆଉ ଚୋରି ହେଲେ ସେଠି ଗୁଆ ନଡିଆ ବସେଇଲେ ଯିଏ ଚୋରି କରିଥିବ ସିଏତ ମରିବ ନିଶ୍ଚୟ ।

ଏ ଦିଅଁ ଦେବତା ଜାତି ଧର୍ମ ପ୍ରଥା ପରମ୍ପରା ପୂଜା ପାର୍ବଣ ଇଏତ ମଣିଷର ଆସ୍ଥା ଆଉ ବିଶ୍ୱାସ ଚଳଣି ଉପରେ ନିର୍ଭର କରେ । ମୁଁ ଆଉ କ'ଣ କହିବି । ସେ ଯାହା ହଉ ବାଲ୍ଟି ଟା ମିଳିଗଲା ଆମେ ସମସ୍ତେ ଖୁସି । ଭାରି ହସ ଲାଗିଲା ଯେ ନିଜ ଧନ ବିଦ୍ୟା ଚଳଣି କୁ ନେଇ ଏତେ ଗର୍ବ ଅହଙ୍କାର ଫୁଟାଣି ମାରୁଥିବା ଲୋକ ମାନଙ୍କ ଭିତରେ ବି ଛାର ବାଲ୍ଟି ଚୋରି କରିବାର ମାନସିକତା ରହିଛି । ନାନି ବାହାଘର ଆସି ବାର ବର୍ଷ ହେଲାଣି ନାନୀର ପୁଅକୁ ଦଶ ବର୍ଷ ଚାଲିଲାଣି ହେଲେ ଏବେବି ନନା ବୋଉ ଆଉ ଆମ ଭାଇ ଭଉଣୀଙ୍କ ଭିତରେ ଏଇ କଥା ପଡିଲେ ବୁହେ ହସ ଲାଗେ ଯୋଉ ହସର ଖୋରାକ ଥାଏ ସେଇ ବାଲ୍ଟି।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ଆସିଛି ରଥ ଯାତରା


ମାଳତୀ ଦେବୀ

ଆଷାଢ଼ ମାସର ଦ୍ୱିତୀୟା ତିଥି ପ୍ରମାଣ।
ଶୁକ୍ଳପକ୍ଷ ଦିନ ଗୋଟି ଅଟଇ ପାବନ।୧।
ଏଦିନ ଭାଇଭଉଣୀ ସ୍ୱରଥେ ବସିଣ।
ଜନମବେଦୀକୁ ଯାତ୍ରା କରନ୍ତି ବହନ।୨।
ଆଗେ ବଳଭଦ୍ର ତାଳଧ୍ୱଜ ଆରୋହିଣ।
ଗମନ କରନ୍ତି ମାଉସୀ ମାଆ ପୁରେଣ।୩।
ମଝିରେ ଚାଲଇ ରଥ ସେ ଦେବଦଳନ।
ନନ୍ଦିଘୋଷ ତାର ପଛେ ଆସେ ଗରଜିଣ।୪।
କଳାବାମନ ଯହିଁରେ ଥାନ୍ତି ବିଦ୍ୟମାନ।
ରଥ ପଥ ଏକକରେ ଶ୍ରୀମଧୁସୁଦନ।୫।

ପୁରୁଣା ବଜାର,ଲୋକାପଦା,ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ପଥ



ଅଜୟ କୁମାର ରାଉତ

ବିସ୍ମୟ ଭାରତର
ଅବିସ୍ମୟ ବାଳକ
ଉତ୍କଳ ମାଟିର
ପଶ୍ଚିମ ଓଡିଶା
ଭୀମଭୋଇ ନାମେ ଜନ୍ମିତ
ତାଙ୍କ ଛୋଟ ବେଳ
ଅତି କଷ୍ଟକର
ନଥିଲା ଏତେ ସହଜ
ଚାଳ ଛାପରର
ମାଟି କାନ୍ଥ ଘର
ତାଙ୍କ ପାଇଁ ଥିଲା ପ୍ରାସାଦ
ନେତ୍ରହୀନ ତାଙ୍କ
ଜୀବନଟା ସିନା
ବିଶ୍ୱକୁ କରେ ଆଲୋକ
ନାନା ପ୍ରକାରର
ଗୀତୀ ଗ୍ରନ୍ଥମାନ
ତାଙ୍କ ଦ୍ୱାରା ରଚିତ
ତାଙ୍କ ବାଣୀ ଲେଖା
ଦେଖୁଛ ଜଗତ
ଅକ୍ଷର ଅକ୍ଷର ସତ ॥

ଆଇନଜୀବୀ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ବିଜ୍ଞାନ ବରଦାନ ନା ଅଭିଶାପ ?



ବାଲ୍ମୀକ ନାୟକ

ଶୁଣିବାକୁ ମିଳୁଛି ଯେ କିଛି ସ୍କୁଲରେ ପିଲାଙ୍କୁ ପଢା ଯାଉଛି, ବିଜ୍ଞାନ ବରଦାନ ନା ଅଭିଶାପ ? ଏଇଠି ପ୍ରଶ୍ନ ଉଠୁଛି - ବିଜ୍ଞାନ ବିଷୟକୁ ଦୁଇଟି ଆଧ୍ୟାତ୍ମିକ ଶବ୍ଦ ଦ୍ୱାରା ପରିଭାଷିତ କରି ପିଲାଙ୍କୁ ଶିକ୍ଷା ଦେବା ଆବଶ୍ୟକ ପଡିଲା କାହିଁକି ? ଏହି ଦୁଇଟି ଶବ୍ଦ ଦ୍ୱାରା ବିଜ୍ଞାନକୁ ବ୍ୟାଖ୍ୟା କରାଯାଇ ପାରିବ ନାହିଁ । ଯେଉଁ ବିଜ୍ଞାନର ଜ୍ଞାନ ବଳରେ ଦୁଇ ପାଦରେ ଚାଲୁଥିବା ଗୋଟିଏ ସାଧାରଣ ପ୍ରାଣୀ ବଣ ଜଙ୍ଗଲ ଓ ପାହାଡ଼ ଗୁମ୍ଫାରୁ ବାହାରି ଆଜି ଚନ୍ଦ୍ରରେ ପହଞ୍ଚି ପାରିଛି, ସେହି ବିଜ୍ଞାନ ମଣିଷ ପାଇଁ ଅଭିଶାପ ହେବ କିପରି ? ବରଦାନ ଅର୍ଥ କୌଣସି ଦୈବୀ ସତ୍ତା ଦ୍ୱାରା ଚମତ୍କାରୀ ଭାବେ ମଣିଷକୁ ସବୁ ସାଧନ ପ୍ରାପ୍ତ ହେବା । ସେମିତି କିଛି ତ ହୋଇନାହିଁ । ଲକ୍ଷ ଲକ୍ଷ ବର୍ଷର ସଂଘର୍ଷ ପରେ ମଣିଷ ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହାସଲ କରିଛି ।

ମନୁଷ୍ୟ ଦ୍ୱାରା ସାମାନ୍ୟ ଜ୍ଞାନରୁ ବିଶେଷ ଜ୍ଞାନ ଆଡକୁ ଯାତ୍ରା କରିବାର ପରିଣାମ ହେଉଛି ବିଜ୍ଞାନ । ପ୍ରତ୍ୟେକ ଜୀବିତ ପ୍ରାଣୀ ନିଜର ଖାଦ୍ୟ ସଂଗ୍ରହ, ସୁରକ୍ଷା ବ୍ୟବସ୍ଥା ଓ ବଂଶ ବିସ୍ତାର ଆଦି ବିଷୟରେ କିଛି ମୌଳିକ ଜ୍ଞାନ ସ୍ୱତଃ ପ୍ରାପ୍ତ କରିଥାଏ । ପିମ୍ପୁଡି ଭଳି କ୍ଷୁଦ୍ର ଯିବ ହେଉ କି ହାତୀ ଭଳି ବିଶାଳ ପ୍ରାଣୀ ସମସ୍ତେ ନିଜର ମୌଳିକ ଆବଶ୍ୟକତା ପୂରଣ କରିଥା'ନ୍ତି । ସେହି ସାମାନ୍ୟ ଜ୍ଞାନ ଯୋଗୁଁ ହିଁ ହୋମସେପିଆନ୍ସ ନାମକ ପ୍ରାଣୀ ଖୋଲା ଜଙ୍ଗଲରୁ ବାହାରି ସୁରକ୍ଷିତ ଗୁମ୍ଫାରେ ବାସ କରୁଥିଲେ । ସେମାନେ ସ୍ତ୍ରୀ ଓ ପୁରୁଷ ଦଳବଦ୍ଧ ଭାବେ ଏକତ୍ର ବାସ କଲେ ସୁରକ୍ଷିତ ରହିବେ ବୋଲି ଜାଣିଲେ । ଭବିଷ୍ୟତର ଜୀବନ ଯାତ୍ରା ବହୁତ କଠିନ ଥିଲା । ସାଧାରଣ ଜ୍ଞାନ ଦ୍ୱାରା କାମ ଚଳିବା ଅସମ୍ଭବ ଥିଲା । ହୋମସେପିଆନ୍ସ ନିଜର ଅନୁଭବ ଅନୁସାରେ ଜ୍ଞାନକୁ ବିକଶିତ କଲେ । ସାମାନ୍ୟ ଜ୍ଞାନ

ISSN NO.
2582-208X

ଧୀରେ ଧୀରେ ବିଶେଷ ଜ୍ଞାନରେ ବୃଦ୍ଧି ହେଲା । ହଜାର ହଜାର ବର୍ଷ ପରେ ସେହି ବିଶେଷ ଜ୍ଞାନ ବିଜ୍ଞାନ ରୂପେ ପରିବର୍ତ୍ତିତ ହେଲା ।

ଏହି ବିଜ୍ଞାନ ଆମକୁ ଜୀବନର ଅସଲ ଅର୍ଥ ବୁଝାଇଲା । ମନ ଓ ଶରୀରକୁ ସୁସ୍ଥ ରଖି ଦୀର୍ଘ ଜୀବନ ବଞ୍ଚିବାର ଜ୍ଞାନ ଦେଲା । ପ୍ରକୃତିର ବିଚିତ୍ର ରହସ୍ୟକୁ ଜାଣିବା ପାଇଁ ଉପାୟ ବତେଇଲା । ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଆକାଶରୁ କୌଣସି ଦେବୀ ଦେବତା ରକ୍ଷା କରିବାପାଇଁ ଆସନ୍ତି ନାହିଁ । ବିଜ୍ଞାନ ହିଁ ପରସ୍ପରକୁ ରକ୍ଷା କରିବା ଉପାୟ ଦେଉଛି । ଜଳ, ସ୍ଥଳ ଓ ଆକାଶରେ ତେଜ ଗତିରେ ଯାତ୍ରା କରିବା ପାଇଁ ଯାନବାହାନ ଉଦ୍ଭାବନ କରିବା ଜ୍ଞାନ ଦେଲା । ବିଜ୍ଞାନ ବିଜୁଳି ଶକ୍ତିର ଉଦ୍ଭାବନ କଲା ପରେ ମଣିଷ ସମାଜରେ ଏକ ଅଭୂତପୂର୍ବ କ୍ରାନ୍ତି ଆସିଲା । ତାପରେ ଅନେକ ପ୍ରକାର ବିଦ୍ୟୁତ ଚାଳିତ ଯନ୍ତ୍ରପାତି ଉଦ୍ଭାବନ ହେଲା । ଟିଭି, ରେଡ଼ିଓ, ଟେଲିଫୋନ, ଇଣ୍ଟରନେଟ ଯୋଗୁଁ ପୃଥିବୀର ଗୋଟିଏ ସ୍ଥାନରୁ ପ୍ରତ୍ୟେକ ସ୍ଥାନ ସହିତ ଧ୍ୱନି ଓ ଚିତ୍ର ସମ୍ପ୍ରସାରଣ କରିବା ସୁବିଧା ଦେଲା । ଦୂରତା ଆଜି ନିକଟତର ହୋଇଯାଇଛି ।

ମାତ୍ର କିଛି ହଜାର ବର୍ଷ ତଳେ ମାନବ ସଭ୍ୟତାର ବିକାଶ ହେଉଥିବା ବେଳେ ବିଜ୍ଞାନ ତୁଳନାରେ ଆଧ୍ୟାତ୍ମିକ ଜ୍ଞାନର ବିକାଶ ବେଶୀ ହେଲା । ପ୍ରକୃତିର ରହସ୍ୟ ବୁଝିବାରେ ଅକ୍ଷମ ମଣିଷ କାଳ୍ପନିକ ଦେବୀ ଦେବତାଙ୍କ ସୃଷ୍ଟି କଲା । ପୃଥିବୀର ପ୍ରତ୍ୟେକ ଭୂଖଣ୍ଡରେ ଜନ୍ମ ଗ୍ରହଣ କରିଥିବା ସମଗ୍ର ମାନବ ଜାତି, ବିଶ୍ୱର ସୃଷ୍ଟି କୌଣସି ଗୋଟିଏ ଈଶ୍ୱର ନାମକ ସତ୍ତା ଦ୍ୱାରା ହୋଇଛି ବୋଲି ବିଶ୍ୱାସ କଲେ । ଈଶ୍ୱର ହିଁ ବିଶ୍ୱକୁ ନିୟନ୍ତ୍ରଣ ଓ ପରିଚାଳନା କରୁଛି ବୋଲି ବିଶ୍ୱାସ ଦୃଢ଼ ହେଲା । ସେଇଟା ଥିଲା ମଣିଷର ସବୁଠାରୁ ବଡ଼ ଭୁଲ । ଯାହାର କୁପରିଣାମ ଆଜି ପର୍ଯ୍ୟନ୍ତ ମଣିଷ ଭୋଗ କରୁଛି ।

ପାଷାଣ ଯୁଗରେ ନିଜର କଳ୍ପନା ଅନୁସାରେ ଗୁମ୍ଫାର ପଥର ଉପରେ ବିଭିନ୍ନ ଚିତ୍ର ଅଙ୍କନ କରୁଥିବା ମଣିଷ କୌଣସି ଦେବତାଙ୍କ ବରଦାନ ଯୋଗୁଁ ନୁହେଁ ବରଂ ନିଜର ବିଶେଷ ଜ୍ଞାନ ଯୋଗୁଁ ଭାଷା କହିବା ଓ ଲେଖିବାର କଳା ହାସଲ କଲା । ପ୍ରଥମେ ତାଳ ପତ୍ରରେ ହିଁ ଶହ ଶହ ଗ୍ରନ୍ଥ ରଚନା କରି ପାରିଲେ । ପରବର୍ତ୍ତୀ ସମୟରେ ଲେଖିବାର ବିଶେଷ ଜ୍ଞାନ ଯୋଗୁଁ କାଗଜ ଓ ଛପା ମେସିନ ଦ୍ୱାରା ନକଲି ଦେବତାଙ୍କ କାଳ୍ପନିକ କଥା ଓ କାହାଣୀ ଛାପିବା ସହଜ ହୋଇଗଲା । ମଜା କଥା ହେଉଛି ଯେ ସେହି କାଗଜରେ ଛପା ହୋଇଥିବା ଭାଷାରୁ

ISSN NO.
2582-208X

ବିଦ୍ୱାନମାନେ ବିଜ୍ଞାନ ଖୋଜିବା ଆରମ୍ଭ କଲେ । ସେହି ବିଜ୍ଞାନ ଯୋଗୁଁ ବଡ ବଡ଼ ଚର୍ଚ୍ଚ, ମସଜିଦ ଓ ମନ୍ଦିର ନିର୍ମାଣ ହେଲା । ହୋମସେପିଆନ୍ସ ମାନଙ୍କ ବିଶେଷ ଜ୍ଞାନ ଯୋଗୁଁ ଦେବୀ ଦେବତାଙ୍କ ବିଭିନ୍ନ ଆକାର ଓ ପ୍ରକାର ମୂର୍ତ୍ତି ତିଆରିହେଲା । ସାଧାରଣ ମଣିଷମାନେ ସେହି ନିର୍ଜୀବ ମୂର୍ତ୍ତି ଆଗରେ ହାତ ଯୋଡି, ମୁଣ୍ଡ ନୁଆଇଁ ବରଦାନ ଭିକ୍ଷା ମାଗିଲେ । ହୋମସେପିଆନ୍ସ ମାନଙ୍କ ବିଶେଷ ଜ୍ଞାନ ହିଁ ମାନବ ପ୍ରଜାତିର ବିକାଶବାଦର ମୂଳ ଉତ୍ସ ।

ପ୍ରଯୁକ୍ତି ବିଦ୍ୟାକୁ ଆମେ ବିଜ୍ଞାନ କହିଲେ ଭୁଲ ହେବ । ବିଜ୍ଞାନ କେବଳ ସୁଖ-ସାଧନ ବା ଉପକରଣ ଭିତରେ ସୀମିତ ନୁହେଁ । ବିଜ୍ଞାନ ଏଭଳି ଏକ ଶକ୍ତି ଯାହା ଦ୍ୱାରା ମାନବ ମସ୍ତିଷ୍କରେ ନିରନ୍ତର ପରିବର୍ତ୍ତନ ଘଟିଛି । ସମସ୍ତ ଧର୍ମ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ତାଙ୍କର ଆଧ୍ୟାତ୍ମିକ ଜ୍ଞାନ ହୁଏତ ବରଦାନ ହୋଇପାରେ କିନ୍ତୁ ମାନବିକତା ପାଇଁ ସେହି ଆଧ୍ୟାତ୍ମିକ ଜ୍ଞାନ କୌଣସି ଅଭିଶାପରୁ କମ ନୁହେଁ । ପ୍ରଥମରୁ ଯଦି ଆଧ୍ୟାତ୍ମିକ ଧର୍ମ ସୃଷ୍ଟି ହୋଇ ନଥା'ନ୍ତା ତେବେ ମାନବ ସମାଜ ଆଜି ବିକଶିତ ହୋଇ ଆହୁରି ଅନେକ କିଛି ପ୍ରାପ୍ତ କରିଥା'ନ୍ତା । ବିଜ୍ଞାନ ନଥିଲେ ଆମେ ଆଜି ବି ସେହି ଦୁଇ ଗୋଡିଆ ପଶୁ ହୋଇ ଜଙ୍ଗଲରେ ବୁଲୁଥା'ନ୍ତେ ।

ମୋ : ୯୪୮୨୦୧୭୨୬୦

ISSN NO.
2582-208X

# ବର୍ଷା ଲହରୀ

ଅଜିତ କୁମାର ପାଢ଼ୀ

ବର୍ଷା..! ଗଗନଚୁମ୍ବି ଆକାଶ ଲହରୀ
ଆସତୁମେ ମୌସୁମୀ ନିରେ ଥିରି ଥିରି
ଖୋଜେ ଉଷ୍ମତରେ ଶୀତଳତା ଲହରୀ
ଆତ୍ମତୃପ୍ତି ଉତ୍ତାପ ରୌଦ୍ରତା ଜ୍ୱଳନରେ
ବର୍ଷା ତୁମେ ! ଗଗନଚୁମ୍ବି ଶୀତଳ ଲହରୀ

ଯୌବନର ଅଙ୍ଗ ପ୍ରତଙ୍ଗେ,
ପ୍ରକୃତିର ଉଷ୍ମତାରେ,
ଅଧା ଭିଜା ନର ଶରୀରେ
ଖୋଜିବୁଲେ ତୁମ ପ୍ରେମ ବର୍ଷାର ଲହରୀ

ଯୌବନର ପରିଭାଷା ଉଷ୍ମତାରେ ଶୀତଳ
ପ୍ରେମ ସମ୍ଭାରେ ଭିଜା ବର୍ଷାର ଲହରୀ
ବର୍ଷା ତୁମେ ଗଗନଚୁମ୍ବି ପ୍ରେମ ମଞ୍ଜୁରୀ!
ତୁମେ ବର୍ଷା ଜୀବନ ଜୀବନ୍ତ ଆଶା ଲହରୀ

ଅଙ୍ଗ ପ୍ରତଙ୍ଗ ଆତ୍ମତୃପ୍ତିର
ଅଧଭିଜା ଶରୀର ଉନ୍ମାଦ ଗଭୀର,
ଉତ୍ତେଜିତ ନଗ୍ନ ନଗ୍ନତା ରେ
ବର୍ଷା ତୁମେ! ଶୀତଳ ଭଣ୍ଡାର ।
ହେ ବର୍ଷା ! ବର୍ଷିଯାଉ ତୁମ ବର୍ଷା ବିନ୍ଦୁ
ଭିଜିଯାଉ ଭିଜା ଭିଜା ବର୍ଷା ତୁମ?
ତୁମେ ବର୍ଷା ଗଗନଚୁମ୍ବି ଆକାଶ ଲହରୀ ।

କୋମନା, ନୂଆପଡା
Mob 7077847949

ISSN NO.
2582-208X

# ଆମ ଚିନ୍ତାଧାରା



ଅଭୟ କୁଣ୍ଡ

ସୃଷ୍ଟି ବଡ ବିଚିତ୍ର । ଅନେକ ଅଦ୍ଭୁତ ଜୀବଜନ୍ତୁ ଦେଖାଯାଆନ୍ତି । ପୁରାଣରେ ଦଶମୁଣ୍ଡ, ପାଞ୍ଚ ମୁଖ, ଦଶ ହାତ, ଚତୁର୍ଭୁଜ, ବିଂଶ ବାହୁ ଓ ତ୍ରି ନେତ୍ର କଥା ଲେଖା ଅଛି । ସେହିପରି ଗୋଟିଏ ପକ୍ଷୀ ଥିଲା ତାହାର ଦୁଇଟି ମୁଣ୍ଡ ଶରୀର ଗୋଟିଏ । ଉଡ଼ିବା, ଆହାର କରିବା ଓ ବିଶ୍ରାମ କରିବା ସବୁଥିରେ ଭିନ୍ନ ମତ। ଜଣଙ୍କର ଚିନ୍ତାଧାରା ଅନ୍ୟର ବିପରୀତ । ସେଥିପାଇଁ ଦ୍ୱନ୍ଦ ସୃଷ୍ଟି ହୁଏ । ଆକ୍ରମଣ ପ୍ରତି ଆକ୍ରମଣ ବି ହୁଏ ।

ଆହାର ଖାଇବା ସମୟରେ ଥରେ ଦ୍ୱିତୀୟ ମୁଣ୍ଡଟି ଗୋଟିଏ ଲାଲ୍ ଟକଟକ ଫଳ ଦେଖି ତାକୁ ଥଣ୍ଟରେ ଧରିଲା । ଏହା ଦେଖି ପ୍ରଥମ ମୁଣ୍ଡଟି କହିଲା ଏହା ଏକ ବିଷାକ୍ତ ଫଳ ତାକୁ ଖାଅନି । ଦ୍ୱିତୀୟ ମୁଣ୍ଡଟି କହିଲା ତୁ ଯେଉଁ ହଳଦିଆ ଫଳଟି ଖାଇଲୁ ତାହା କଣ ଅମୃତ ଫଳ ? କାହିଁ ମୁଁ ତ ବାରଣ କଲି ନାହିଁ । ତୁ ମତେ ସେଥିରୁ ଭାଗ ଦେଇଥିଲୁ କି ? ପ୍ରଥମ ମୁଣ୍ଡଟି କହିଲା ଆରେ ଆମର ତ ପେଟ ଗୋଟିଏ ମୁଁ ଖାଇଲେ କଣ ତୋର କ୍ଷୁଧା ମେଣ୍ଟିଲା ନାହିଁ କି ? ଦ୍ୱିତୀୟ ମୁଣ୍ଡ କହିଲା ତା ହେଲେ ତୁ କେବଳ ଖାଇବୁ ଆଉ ମୁଁ ଚାହିଁ ରହିବି ? ଏହା ବଡ଼ ଅନ୍ୟାୟ କଥା । ବିଷ ଫଳ କହି ମତେ ଭୁଆଁ ବୁଲାଉଛୁ । ପ୍ରଥମ ମୁଣ୍ଡ କହିଲା ଆରେ ବିଷ ଫଳ ଖାଇଲେ ଆମ ଦୁହିଁଙ୍କର ମୃତ୍ୟୁ ହେବ ବୁଝୁନୁ କାହିଁକି ? ଦ୍ୱିତୀୟ ମୁଣ୍ଡ କହିଲା ଏହା ଏକ ବିଷ ଫଳ ଜାଣିଲୁ କିପରି ? ତାହେଲେ ତୁ କଣ ଏହା ଚାଖିଛୁ କି ? ଯଦି ଚାଖିଲୁ କାହିଁ ଆମର ତ ମୃତ୍ୟୁ ହେଲା ନି ? ମୁଁ ଏ ଫଳ ଖାଇବି କାହା କଥା ଶୁଣିବି ନାହିଁ । ପ୍ରଥମ ମୁଣ୍ଡ କହିଲା ଆରେ ଜୀବନ କଥା ଭାବି ଦେଖ୍ ।ଏହା ପରେ ଦୁଇ ଜଣଙ୍କ ଭିତରେ କଳି ବଢ଼ି ଚାଲିଲା । ଆକ୍ରମଣ ପ୍ରତି ଆକ୍ରମଣ ବି ।

ISSN NO.
2582-208X

ଠିକ୍ ଏତିକି ବେଳେ ଏକ ବାଜ ପକ୍ଷୀ ଆଙ୍କ ଆଡ଼କୁ ଝପଟି ଆସିଲା । ତା ଭୟଙ୍କର ରୂପ ଦେଖି ଗଛ କୋରଡକୁ ଦୁଇ ମୁଣ୍ଡ ପକ୍ଷୀ ଉଡିଗଲା । ଭୟରେ ତା ଲାଲ୍ ଫଳଟି ତଳେ ପଡି ଫାଟିଗଲା । ବାଜ ପକ୍ଷୀ ଭୟରେ ଏମାନେ ତଳକୁ ଗଲେ ନାହିଁ । ପକ୍ଷୀଟି ବଞ୍ଚିଗଲା । ବେଳେବେଳେ ଭୟ ମଧ୍ୟ ବିପଦରୁ ରକ୍ଷା କରେ ।

ପ୍ରତ୍ୟେକ ମଣିଷର ମୁଣ୍ଡ ଗୋଟିଏ ମାତ୍ର ଭାବନା ଅନେକ । କ୍ଷଣକେ ଭଲ ତ ପୁଣି କ୍ଷଣକେ ବିପରୀତ । ବିବେକବନ୍ତ ମଣିଷ ନିଜ ମନ ଉପରେ ନିୟନ୍ତ୍ରଣ ରଖେ । ଛୋଟ ବିପଦରୁ ଶିକ୍ଷା ଲାଭ କରେ ବଡ ବିପଦରୁ ରକ୍ଷା ପାଏ। ତେଣୁ ଆମ ଚିନ୍ତାଧାରା ସକାରାତ୍ମକ ହେବା ଉଚିତ୍ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ତାଳଚେର ଅନୁଗୋଳ/ମୋ: ୯୫୫୬୯୮୯୭୨୩

ISSN NO.
2582-208X

# ପତି ଆଉ ପରମେଶ୍ୱର ନୁହେଁ



ମମତା ନାୟକ

ଏହି ବାକ୍ୟଟି ଶୁଣିଲେ କେମିତି ଲାଗୁଛି ? ଭାରତରେ ଗତ ଶହେ କି ଦୁଇଶହ ବର୍ଷ ତଳେ ବିବାହିତା ସ୍ତ୍ରୀଙ୍କ ପାଇଁ 'ପତି' ନିଶ୍ଚିତଭାବେ ପରମ ପୂଜନୀୟ ପରମେଶ୍ୱର ଥିଲା । କାରଣ ସ୍ତ୍ରୀ ଓ ପୁରୁଷଙ୍କୁ ବିବାହ ବନ୍ଧନରେ ବାନ୍ଧି ଦୁହିଁଙ୍କ ପାଇଁ ଅଲଗା ଅଲଗା ପାରିବାରିକ ଓ ସାମାଜିକ ନୀତି ନିୟମ ପ୍ରଣୟନ କରାଯାଇଥିଲା । ସବୁ ନୀତି ନିୟମ ଲେଖିବସିଲେ ଗୋଟିଏ ପୁରାଣ ପୋଥି ହୋଇଯିବ । ମୋଟାମୋଟି ଭାବେ ସଂକ୍ଷେପରେ ସାରତତ୍ୱ ଥିଲା 'ପତି' ଅର୍ଥାତ ସ୍ୱାମୀ ଅର୍ଥାତ ମାଲିକ ହେବ କାରଣ ସେ ଶାରୀରିକ ଭାବେ ବଳବାନ । 'ପତ୍ନୀ' ଅର୍ଥାତ ସେବିକା ଅର୍ଥାତ ଦାସୀ ହେବ କାରଣ ସେ ଶାରୀରିକ ଭାବେ ଦୁର୍ବଳ । ସବୁଠାରୁ ବଡ଼ କଥା ଥିଲା ଯେ ପତି ନାମକ ପୁରୁଷଟି ଅନ୍ୟମାନଙ୍କ ପାଇଁ ଯେତେ ଘୃଣ୍ୟ ହେଇ ଥାଉପଛେ କିନ୍ତୁ ତା'ର ବିବାହିତା ପତ୍ନୀ ପାଇଁ ପତିପରମେଶ୍ୱର ଥିଲା । ପତ୍ନୀ ନାମକ ସ୍ତ୍ରୀ ଅନ୍ୟ କାହାକୁ ଭୟ ବା ଭକ୍ତି ନକରୁ ପଛେ ପତିଙ୍କ ପ୍ରତି ଭୟ ଓ ଭକ୍ତି ଭାବନା ରଖିବାକୁ ବାଧ୍ୟଥିଲା । ପତିଙ୍କ ଜୀବନର ସୁରକ୍ଷା ଦାୟିତ୍ୱ ବି ସ୍ତ୍ରୀର ଥିଲା । ବିଭିନ୍ନ ଦିନରେ ବିଭିନ୍ନ ଓଷା, ବ୍ରତ ଆଦି କରି ସ୍ୱାମୀ ଦୀର୍ଘ ଜୀବନ ବଞ୍ଚିବା ପାଇଁ କଠୋର ସାଧନା କରୁଥିଲା । ବିଭିନ୍ନ ରାଜ୍ୟରେ ସ୍ତ୍ରୀମାନେ ଭିନ୍ନ ଭିନ୍ନ ବ୍ରତକୁ ନିଷ୍ଠାର ସହିତ ପାଳନ କରୁଥିଲେ । ଆଜି ମଧ୍ୟ ଓଡିଶା ବ୍ୟତୀତ ପ୍ରାୟ ସମଗ୍ର ଭାରତରେ "କରବାଚୌଥ" ଓଷା ବହୁତ ଧୂମଧାମରେ ସ୍ତ୍ରୀମାନେ ପାଳନ କରୁଛନ୍ତି । ଓଡ଼ିଶାରେ ସ୍ତ୍ରୀମାନେ ସତ୍ୟବାନ-ସାବିତ୍ରୀ ଓଷା ଖୁବ ଜାକଜମକରେ ପାଳନ କରୁଛନ୍ତି । କାରଣ ସତୀ ସାବିତ୍ରୀ କାଳେ ଯମରାଜାକୁ ବୋକା ବନେଇ ମୃତ ସ୍ୱାମୀଙ୍କୁ ଜୀବିତ କରି ପାରିଥିଲେ ବୋଲି ସାବିତ୍ରୀ ବ୍ରତ ପୁସ୍ତକରେ ବର୍ଣ୍ଣନା କରା ଯାଇଛି ।

ISSN NO.
2582-208X

ଆଜିର ନାରୀ କିନ୍ତୁ ନିଶ୍ଚିତ ଭାବେ ନିଜର ସ୍ୱାମୀକୁ ବୋକା ବନେଇ ସୁନ୍ଦର ଶାଢ଼ୀ, ମହଙ୍ଗା ଗହଣା ଓ ସ୍ୱାଦିଷ୍ଟ ଫଳ ଆଦି ହାସଲ କରିପାରୁଛନ୍ତି । ବ୍ରତ କରିବା ପର ଦିନ ଯଦି ସ୍ୱାମୀ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ବରଣ କରେ ତଥାପି ସ୍ତ୍ରୀକୁ କେହି ପ୍ରଶ୍ନ କରନ୍ତି ନାହିଁ ଯେ ଗତ କାଲି ତୁ କ'ଣ ଠିକ ଭାବେ ନିଷ୍ଠାର ସହିତ ବ୍ରତ ପାଳନ କରି ନଥିଲୁ? ପୂର୍ବରୁ ଯେଉଁ ଉଦ୍ଦେଶ୍ୟ ଓ ନିଷ୍ଠାରେ ସ୍ତ୍ରୀମାନେ ଏହି ପର୍ବ ପାଳନ କରୁଥିଲେ ତାହା କେବଳ ଛଳନା ଓ ଲୋକ ଦେଖାଣିଆ ଥିଲା । ଆଜି ମଧ୍ୟ ଏହି ପର୍ବ ଗୁଡିକ ଲୋକ ଦେଖାଣିଆ ପ୍ରହସନ ତଥା ବ୍ୟବସାୟ ହୋଇଗଲାଣି । ପୃଥିବୀର ଅନ୍ୟ କୌଣସି ଧର୍ମରେ ବା ଦେଶରେ ଏହି ପରମ୍ପରା ଦେଖିବାକୁ ମିଳେ ନାହିଁ । କାରଣ ସେସବୁ ଦେଶରେ ପତିକୁ ପରମେଶ୍ୱର ସ୍ଥାନ ଦିଆ ଯାଇନାହିଁ । ଭାରତର ପତିମାନେ ମଧ୍ୟ ପରମେଶ୍ୱର ମାନ୍ୟତା ହରେଇ ବସିଲେଣି । ପତି-ପତ୍ନୀ ଆଜି ଜୀବନ ସାଥି । ପରସ୍ପରଙ୍କ ସହଯୋଗୀ । କେହି କାହାର ଅଧୀନ ବା ଗୋଲାମ ନୁହେଁ ବୋଲି ବୁଝି ସାରିଲେଣି ।

ପ୍ରକୃତରେ ସ୍ତ୍ରୀ ଓ ପୁରୁଷଙ୍କ ବିବାହ ପ୍ରଥା ପ୍ରାକୃତିକ କିମ୍ବା କୌଣସି ଐଶ୍ୱରୀୟ ବ୍ୟବସ୍ଥା ବି ନୁହେଁ । ଏହା ଏହି ମଣିଷ ସମାଜର ବ୍ୟବସ୍ଥା । ପୁରୁଣା କାଳରେ ହିଁ ମଣିଷ ସମାଜକୁ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରିବା ପାଇଁ ପରିବାରବାଦର ବିଚାର ସୃଷ୍ଟିହେଲା । ଜଣେ ପୁରୁଷ ଜଣେ ସ୍ତ୍ରୀଙ୍କ ସହିତ ଏକତ୍ର ରହିବା ପାଇଁ ବିବାହ ନାମକ ଗୋଟିଏ ଅନୁବନ୍ଧ ସ୍ୱୀକାର କରିବାକୁ ସମାଜ ଆଇନ ବନେଇ ଦେଲା । ପରିବାରରେ ପିଢ଼ି ଦର ପିଢ଼ିର ସଦସ୍ୟମାନେ ଏକାଠି ରହିବେ ।

ବାକି ସବୁ ନିୟମ ତ ଠିକ୍ ଥିଲା କିନ୍ତୁ ନାରୀ ପୁରୁଷଙ୍କ ଭିତରେ ବହୁତ ବଡ଼ ଲିଙ୍ଗଗତ ଭେଦଭାବ ରହିଗଲା । ସେଇଥିପାଇଁ ସମାଜର ଅର୍ଦ୍ଧ ଜନସଂଖ୍ୟା ନାରୀଗଣ ସ୍ୱାଧୀନ ଭାବେ ଜୀବନ ବିତାଇ ପାରିଲେ ନାହିଁ । ଖାଇବା, ପିନ୍ଧିବାର ସବୁ ସୁବିଧା ପାଇବା ସତ୍ୱ ନିଜର ଆତ୍ମସମ୍ମାନ ହରାଉଥିବା ଦୁଃଖ ଭୋଗ କରୁଥିଲେ । ବଞ୍ଚିବା ପାଇଁ ଯେପରି ଜଳ ଓ ବାୟୁର ଜରୁରୀ ଆବଶ୍ୟକତା ରହିଛି, ସ୍ତ୍ରୀ ଓ ପୁରୁଷ ଏକତ୍ର ରହିବା ପାଇଁ ବିବାହ ପ୍ରଥା ସେଭଳି ଜରୁରୀ ବ୍ୟବସ୍ଥା ନୁହେଁ । ବିବାହ ୭ ଜନ୍ମର ବନ୍ଧନ ଏକ ମିଥ୍ୟା କଳ୍ପନା । ଯେତେଦିନ ବଞ୍ଚି ରହିବ ସେତିକି ଦିନ ମଣିଷର ଆୟୁଷ । ମୃତ୍ୟୁ ପରେ ସବୁ ଶେଷ । ଯେଉଁ ପରିବାରରେ ଜୀବନସାରା ସେବା କରି କରି ସ୍ନେହ, ପ୍ରେମ, ସ୍ୱାଭିମାନ ଓ ସ୍ୱାଧୀନତା ନାହିଁ ସେଠାରେ ଆଜୀବନ ବାନ୍ଧି ହୋଇ ରହିବା ଆବଶ୍ୟକ କ'ଣ ? ଆଜିର ସଭ୍ୟ, ଶିକ୍ଷିତା,

ISSN NO.
2582-208X

ରୋଜଗାରକ୍ଷମ ଓ ସଚେତନ ମହିଳାଙ୍କ ଏହି ପ୍ରଶ୍ନ ଆଗରେ ପୁରୁଷମାନେ ନିରୁତ୍ତର ହୋଇ ନିଜର ଆତ୍ମଗର୍ବ ବା ଅହଂଭାବ ତ୍ୟାଗ କରିବାକୁ ବାଧ୍ୟ ହେଲେଣି । ଅର୍ଥାତ ଘର ଓ ବାହାର କାମରେ ସ୍ତ୍ରୀଙ୍କ ସହିତ ହାତ ମିଳାଇ ଚଳୁଛନ୍ତି ।

ଆଜିର ଯୁଗରେ ଯୁବ ସମାଜ ସରକାରୀ ଆଇନ ସମ୍ମତ ବିବାହ ପ୍ରଥାକୁ ଘୃଣା କରୁଛନ୍ତି । ବିବାହ କଲେ ନିଜର ବ୍ୟକ୍ତିଗତ ସ୍ୱାଧୀନତା ହରେଇ ବସିବାର ଭୟ ରହୁଛି । କାରଣ ମତାନ୍ତର ଯୋଗୁଁ ମନାନ୍ତର ହେଲେ ଅଲଗା ହେବା ପ୍ରକ୍ରିୟା ବହୁତ କଠିନ ବ୍ୟାପାର । ଯୌତୁକ ନିଷେଧ ଆଇନର ଦୁରୁପଯୋଗ କରି ଦାମ୍ପତ୍ୟ ଜୀବନ ଓ ପରିବାର ଛାରଖାର ହୋଇଯାଉଛି । ସେଥିପାଇଁ ଯେତେଦିନ ପର୍ଯ୍ୟନ୍ତ ଦୁହିଁଙ୍କ ଭିତରେ ଭଲ ବୁଝାମଣା ରହିବ, ବ୍ୟବହାର, ଆଚରଣ ଠିକ ରହିବ ସେତେଦିନ ପର୍ଯ୍ୟନ୍ତ ଏକାଠି ରହିବାକୁ ପସନ୍ଦ କରୁଛନ୍ତି । ଏହାକୁ Liv-in relation ବୋଲି କହୁଛନ୍ତି । ଏଥିରେ କାହାରି ପ୍ରତି ଉତ୍ତରଦାୟିତ୍ୱ ନାହିଁ । ଯିଏ ଯାହା ଚାହିଁବ ଖାଇବ, ପିଇବ, ପିନ୍ଧିବ, ବୁଲିବ, ନିଜ ପସନ୍ଦର ବିପରୀତ ସାଥି ସହିତ ସମ୍ଭୋଗ କରିପାରିବ ।

କିଛି ମାସ ବା ବର୍ଷ ଏକାଠି ରହିବା ପରେ ଦୁହେଁ ପରସ୍ପରକୁ ଭଲଭାବେ ବୁଝି ପାରନ୍ତି ଏବଂ ଯଦି ମାନବିକତା ଦୃଷ୍ଟିକୋଣରୁ ଅନୁଭବ କରନ୍ତି ଯେ ଆମେ ଆଜୀବନ ପରସ୍ପରକୁ ଭଲ ପାଇ ଏମିତି ରହିପାରିବା ତେବେ ଆମର ସନ୍ତାନ ଉତ୍ପତ୍ତି ହେଲେ ବି ତାଙ୍କୁ ପାଳି ପୋଷି ବଡ଼ କରି ପାରିବା । ସେମାନଙ୍କର ଆବଶ୍ୟକତା ଅନୁସାରେ ସନ୍ତାନ ଜନ୍ମ କରନ୍ତି । ସେଥିପାଇଁ କୌଣସି ଆଇନ କାନୁନର ବାଧ୍ୟ ବାଧକତା ନଥାଏ । କେବଳ ପରସ୍ପର ଉପରେ ବିଶ୍ୱାସ ଓ ବୁଝାମଣା ହିଁ ଯଥେଷ୍ଟ । ଯେଉଁ ଦିନ ବିଶ୍ୱାସ ତୁଟିଲା କିମ୍ବା ବୁଝାମଣାରେ ଫରକ ରହିଲା ସେହି ଦିନ ହିଁ ପରସ୍ପରଙ୍କ ସହମତିରେ ଅଲଗା ହୋଇଯିବେ । ସନ୍ତାନଙ୍କ ପୋଷଣ ଦାୟିତ୍ୱ କେହି ଜଣେ ବା ଦୁଇଜଣ ବହନ କରିବେ । ପରିଣାମ ଭଲ ହେବ କି ଖରାପ ତାଙ୍କର ନିର୍ଣ୍ଣୟ ପାଇଁ ନିଜେ ହିଁ ଦାୟୀ ରହିବେ । ସମାଜରେ ଆଇନତଃ ବିବାହ କରିଥିବା ସମସ୍ତ ଦମ୍ପତି କ'ଣ ସୁଖର ସଂସାର କରି ପାରୁଛନ୍ତି ? ତାଙ୍କର ସନ୍ତାନମାନେ କ'ଣ ବାପା ଓ ମା'ଙ୍କ ସ୍ନେହରୁ ବଞ୍ଚିତ ହେଉନାହାନ୍ତି ? ସବୁ କ୍ଷେତ୍ରରେ ଅପବାଦ ରହିଛି ।

ଏହି କ୍ରାନ୍ତିକାରୀ ବୈବାହିକ ପରିବର୍ତ୍ତନକୁ ପୁରୁଣା କାଳର ବିଚାର ରଖୁଥିବା ଲୋକମାନଙ୍କ ପାଇଁ ଗ୍ରହଣ କରିବା ସହଜ ନୁହେଁ । ତଥାପି ସେମାନେ କ'ଣ ବା କରିପାରିବେ ? ନୂଆ ଓ

ISSN NO.
2582-208X

ପୁରୁଣା ପିଢ଼ିର ବିଚାର ଉପରେ ତର୍କ ବିତର୍କ ହେଲେ ପୁରୁଣା ପକ୍ଷ ଦୁର୍ବଳ ହୋଇଯାଉଛି । ନୂତନ ଯୁଗର ଯୁବପିଢ଼ି କୁହନ୍ତି- ଯୁଗ ସହିତ ପରିବାର ଓ ସମାଜ ବ୍ୟବସ୍ଥାରେ ଅନେକ ଥର ପରିବର୍ତ୍ତନ ହେଇ ସାରିଲାଣି । କାରଣ ବ୍ୟବସ୍ଥାରେ କିଛି ଭୁଲ ଥିବା ଦେଖା ଯାଏ । ନିଜ ଜୀବନରେ ତୁମେ ଯେଉଁ ଭୁଲ କରିଥିଲ ଆମେ ଠିକ ସେମିତି ଭୁଲ କରିବୁ କାହିଁକି ? ଆମେ ଯଦି ଆଜି କିଛି ଭୁଲ କରୁଛୁ ତେବେ ଆସନ୍ତା ପିଢ଼ି ଆମର କାମ ଉପରେ ନ୍ୟାୟ କରିବ ।

ପ୍ରକୃତିର ଏକ ମାତ୍ର ସତ୍ୟ ହେଉଛି ପରିବର୍ତ୍ତନ । ମଣିଷ ସମାଜରେ ହଜାର ହଜାର ବର୍ଷରୁ ଚାଲି ଆସିଥିବା ବୈବାହିକ ବ୍ୟବସ୍ଥାରେ ବି ପରିବର୍ତ୍ତନ ହେବାକୁ ଯାଉଛି । ନାରୀ ଓ ପୁରୁଷଙ୍କ ମଧ୍ୟରେ ରହୁଥିବା ଲୈଙ୍ଗିକ ଭେଦଭାବ ଯଦି କମ ହୋଇଯିବ ତେବେ ଏହି ପରିବର୍ତ୍ତନ ଗୋଟିଏ ସଭ୍ୟ ଓ ସୁସଂସ୍କୃତ ସମାଜ ଗଠନ କରିବ ଏଥିରେ ସନ୍ଦେହ ନାହିଁ ।

ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ସଖା

ଧ୍ରୁବ ଚରଣ ଘିବେଲ୍

ସଖା ବନିବା ସହଜ ନୁହେଁ
ବିଶ୍ୱାସ ବଳେ ସଖା
ସଖା ହୋଇବା ସୁନ୍ଦର କଥା
ବେଭାର ରଖି ଯଥା ।
ଛାଇପରିକା ସାଥିରେ ଥିଲେ
ସଖା ସୁନ୍ଦର ଥାନ୍ତି
ସୁଖଦୁଃଖରେ ଆନକୁ ବୁଝି
ପାଖେ ପାଖେ ରହନ୍ତି ।
ସୁଖେ ଯେମିତି ଦୁଃଖେ ସେମିତି
ସୁଖ ଦୁଃଖର ସାଥି
ସୁଖଠୁ ବଳି ଦୁଃଖର ସାଥି
ବିପଦେ ଜଣାଯାନ୍ତି ।
କ୍ଷୀର ନୀରର ନିବିଡ଼ ଭାବ
ବନ୍ଧୁତା ସେଇଭଳି
କ୍ଷୀରଠୁ ନୀର ଅଲଗା ହେବା
ଅସମ୍ଭବ ଯେଭଳି ।
ଦୁଇଟି ଦେହ ଗୋଟିଏ ପ୍ରାଣ
ଏକାଠି ବସାଉଠା
ସମାନ ଖ୍ୟାତି ବଳେ ନିହାତି
ବନ୍ଧୁତା ଯଥାର୍ଥତା ।

ସେମାନେ ସଖା ସହୋଦର ବି
ସୁନ୍ଦର ସେ ସମ୍ପର୍କ
କାନ୍ଧକୁ କାନ୍ଧ ମନ ମିଳାଇ
ହୁଅନ୍ତି ଆତଯାତ ।
ଯେଉଁଠି ଥିଲେ ଯେତେବେଳେ ବି
ମନ ଡାକିଲେ ଏକ
ସଖାର ହାତେ ହାତ ରଖିକି
ଚାଲନ୍ତି ଲଭି ସୁଖ ।

ବଉଦଗ୍ରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X



# ଉପହାର



ଶିବବ୍ରହ୍ମ ଦଳେଇ

ଯେବେଠାରୁ ଦୁଇ ଭାଇଙ୍କ ବାହାଘର ସରିଲା ସେବେଠୁ କାଳିଆ ର ଖୁସିରେ ସତେ ଯେମିତି ପୂର୍ଣ୍ଣଛେଦ ପଡିଗଲା । ଦୁଇ ବଡ଼ ଭାଇ ସିନା ମାଆ ପେଟର, ହେଲେ ଭାଉଜ ମାନେ ପରା ଅନ୍ୟ ରକ୍ତ ର । ସେମାନେ କେମିତି ଅବା ଏ ଅପଙ୍ଗ କାଳିଆକୁ ଆଦର କରିବେ । କଥା କଥାରେ କାଳିଆ ଟାକୁ ପରିହାସ କରିବା ସେମାନଙ୍କର ନୀତି ଦିନିଆ ଅଭ୍ୟାସ । ପରିହାସ ଟା ଦିନକୁ ଦିନ ଭାଉଜ ମାନଙ୍କ ଠୁ ଗତି କରି ଭାଇ ମାନଙ୍କ ପାଖରେ ପହଂଚିଲାଣି ।

କାଳିଆ ଆଉ ପରିହାସ କୁ କେତେ ବା ସହି ପାରନ୍ତା । କାକୁତି ମିନତି ହୁଏ କାଳିଆ ଠାକୁର ପାଖରେ । ହେ ପ୍ରଭୁ ଯଦି ପଙ୍ଗୁ କରିବାର ଥିଲା ତେବେ ଏ ମୂଲ୍ୟହୀନ ଜୀବନ ଦେଲ କାହିଁକି ? ତିଳ ତିଳ କରି ମାରିବା ଅପେକ୍ଷା ଏକାଥରେ ମାରିଦେଲେ ଭଲ ହୁଅନ୍ତା । ତୁମର ସିନା ହାତ ଗୋଡ଼ ନଥାଇ ଚକାଆଖି ମେଲି ସାରା ସଂସାରକୁ ଆୟତ କରୁଛ ।ମୁଁ କିନ୍ତୁ ଅପଙ୍ଗ ହେଇ ପ୍ରତି ମୁହୂର୍ତ୍ତରେ ସାରା ସଂସାରଠୁ କେବଳ ନିନ୍ଦା, ଅପବାଦ ଆଉ ଘୃଣା ପାଉଛି ।

କାଲି ଥିଲା ରକ୍ଷାବନ୍ଧନ। ସବୁ ଭଉଣୀ ମାନେ ନିଜ ନିଜର ଭାଇ ହାତରେ ସମ୍ପର୍କର ଅତୁଟ ବନ୍ଧନ ର ସୁତାଖିଅ ଟିକୁ ବାନ୍ଧିଥାନ୍ତି । ତୃଷ୍ଣା ନିଜ ଭାଇ ହାତରେ ସେହି ଅତୁଟ ବନ୍ଧନ ର ସୂତା ଖିଅ ବାନ୍ଧିବାକୁ ବାପ ଘରକୁ ଧାଇଁ ଆସିଥିଲା । ଦୁଇ ବଡଭାଇ ହାତରେ ରାକ୍ଷୀ ବାନ୍ଧି ନିଜ ରାକ୍ଷୀ ପାଉଣା ମାଗିନେଲା । ଯେବେ ସାନ ଭାଇ କାଳିଆ ହାତରେ ରାକ୍ଷୀ ବାନ୍ଧିବାକୁ ଯାଏ ତେବେ ବଡ ଭାଉଜ କହିଲେ ହଁ ଯାଅ ସେ ତ କର୍ମଠ ସାଙ୍ଗେ ସାଙ୍ଗେ ଗାଡିଏ ପାଉଣା ଅଜାଡ଼ି ଦବ । ସାନ ଭାଉଜ କହିଲେ ଖାଲି ଭାଇ ମାନଙ୍କ ଅନ୍ନ ଧ୍ୱଂସ କରିବା ଛଡ଼ା ସେ ଆଉ ଜାଣିଛି କଣ ? ଯିଏ ଜୀବନ ଯାକ ଭାଇ ମାନଙ୍କ ଉପରେ ବୋଝ ସିଏ କଣ ବା

ISSN NO.
2582-208X

ଅଜାଡ଼ି ଦବ ତା ପାଖକୁ ଯାଉଛ ? ବରଂ ତୁମ ରାକ୍ଷୀ ପଇସା ବି ବୁଡିଯିବ । କିନ୍ତୁ ତୃଷ୍ଣା ଭାଇ ଭାଉଜ ଙ୍କ କଥାକୁ ଭ୍ରୁକ୍ଷେପ ନକରି ନିଜ ସାନ ଭାଇ ହାତରେ ରାକ୍ଷୀ ବାନ୍ଧିବା କୁ ଚାଲିଗଲା ।

ରାକ୍ଷୀ ବାନ୍ଧି ନିଜ ସ୍ୱାମୀ ସାଥିରେ ଶାଶୂଘର ଫେରୁଥାଏ । ତୃଷ୍ଣା ଭାବୁଥାଏ ନିଜ ପିଲାଦିନ କଥା । ବାପା ବୋଉ ଥିବା ବେଳେ କେତେ ଗେହ୍ଲା ହେଇଥିଲା ମୋ ସାନ ଭାଇ । ତାକୁ କେବେ ସେ ଅପଙ୍ଗ ତଥା ପଙ୍ଗୁ ବୋଲି ଭାବିବାକୁ ଦିଆଯାଇନଥିଲା । ହଠାତ ଦ୍ରୁତ ଗତିରେ ମାଡି ଆସୁଥିବା ଯାନଟାଏ ତୃଷ୍ଣା ର ଗାଡ଼ିରେ ଧକ୍କା ଦେଇ ଚାଲିଗଲା । ଖଣ୍ଡେ ଦୁରକୁ ଦୁହେଁ ଛିଟିକି ପଡିଲେ । ସ୍ଥାନୀୟ ଲୋକେ ତୃଷ୍ଣା ଓ ତା ସ୍ୱାମୀ କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କଲେ । ତୃଷ୍ଣା ସ୍ୱାମୀ ର ବିଶେଷ କିଛି କ୍ଷତି ଘଟି ନଥିଲା । ତଥାପି ତା ବାମ ଗୋଡ଼ ବୁଢ଼ାଆଙ୍ଗୁଳିର ହାଡ ଫାଟି ଯାଇଥିଲା । କିନ୍ତୁ ତୃଷ୍ଣା ର ସମ୍ପୂର୍ଣ୍ଣ ଶରୀର ଖଣ୍ଡିଆ ଖାବରା ସହ ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ୨୪ ଘଣ୍ଟା ପର୍ଯ୍ୟନ୍ତ ଚେତାଶୂନ୍ୟ ଥିଲା । ଦୁଇ ପରିବାର ଡାକ୍ତରଖାନାରେ ପହଞ୍ଚି ସାରିଥିଲେ । ଡାକ୍ତର ବାବୁ କହିଗଲେ ଆମେ ଯାହା କରିବାର ଥିଲା କରିସାରିଛୁ ବାକି ଭଗବାନଙ୍କ ଭରଷା । ତୃଷ୍ଣା ଡାକ୍ତରଖାନା ବେଡ଼ ଉପରେ ଅଚେତ ଅବସ୍ଥାରେ ସେମିତି ପଡି ରହିଥିଲା । ଉଭୟଙ୍କ ଘରର କିଛି ସଦସ୍ୟ ନିରାଶ ହେଇ ଘରକୁ ଫେରିଲେ । ଆଉ କିଛି ତା କୋଠରୀ ସମ୍ମୁଖରେ ବସି ରହିଲେ । ସାନଭାଇ କାଳିଆ ଭି କେଜାଣି କେମିତି ଡାକ୍ତରଖାନାରେ ପହଞ୍ଚି ସାରିଥିଲା ।

କିଛି କ୍ଷଣ ଭିତରେ ତୃଷ୍ଣା ର ଚେତା ଫେରିଲା । ବାଡେଇ ପିଟି ଚିତ୍କାର କରୁଥାଏ ମୋତେ କିଛି ଦେଖାଯାଉନାହିଁ । ଡାକ୍ତର ବାବୁ ଦୌଡ଼ି ଆସି ପରୀକ୍ଷା କରି ଜାଣିବାକୁ ପାଇଲେ ତୃଷ୍ଣା ର ମୁଣ୍ଡ ରେ ଆଘାତ ପାଇଁ ତା ଆଖି ଦୁଇଟା ନଷ୍ଟ ହେଇ ସାରିଛି । ଏବେ ଆଉ କିଛି କରିହେବ ନାହିଁ । ସାନ ଭାଇ ଭାବିଲା ଏ ଜୀବନ ଟା ମୋର ତ ମୂଲ୍ୟହୀନ। ଏ ଆଖି ଦୁଇଟା ଥାଇ କଣ ବା ଲାଭ । ସେମିତି ରେ ଭଉଣୀ ର ରାକ୍ଷୀ ଋଣରେ ମୁଁ ସର୍ବଦା ଋଣୀ । ଏ ଆଖି ଦୁଇଟା କୁଉପହାର ସ୍ୱରୂପ ମୋ ତୃଷ୍ଣା କୁ ଦେଲେ ସେ ଏ ଦୁନିଆଁ କୁ ପୁଣି ଦେଖିପାରିବ । କାଳ ବିଳମ୍ବ ନକରି କାଳିଆ ଡାକ୍ତର ବାବୁଙ୍କ ସହ ପରାମର୍ଶ କଲା ।

ଲେଖନପୁର ସାଲେପୁର
ଦୁରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ସିନ୍ଧୁ

ଶୁଭମ ଖଟୁଆ

ନିଶବ୍ଦ ରଜନୀ ନିରବ ନିବିଥ
ନିମଗ୍ନ ନିଶାରେ ଇନ୍ଦୁ,
ନିର୍ମଳ ନଭରେ ନିରୁଦ୍ଦିଷ୍ଟ ଦିଶେ
ନିନାଦ ନିଶବ୍ଦ ସିନ୍ଧୁ ।

ଚନ୍ଦ୍ରମା ଚିବୁକେ ଚମତ୍କାର ଶୋଭା
ହେଟେ ଚକିତ ମାଢି,
ଚିତ୍ରଭାନୁ ଆଙ୍କେ ଛିଟା ପର କାମ
ଚଉପଦୀ ଘେରା କୃତି ।

ଦିଗନ୍ତ ପ୍ରସାରୀ ଦିବାକର ଦିଶେ
ଦିଗହରା ଛେଦି ଗତି,
ଦିଗ ବଳୟ ଆଜି ଦର୍ଶନ ପିପାସୁ
ଦୀର୍ଘାୟୁ ନାହିଁ ତାଇତି ॥

ମାଧପୁର, ହିନ୍ଦୋଳ, ଢେଙ୍କାନାଳ, ଓଡ଼ିଶା
ମୋବାଇଲ୍ - 8249127397

ISSN NO.
2582-208X

# ସଫଳତାର ସୂତ୍ର

ସୀତାକାନ୍ତ ସରସ୍ୱତୀ

ଈଶାନ୍ ପଚାରିଲା ବାପା! ଜୀବନରେ ସଫଳତା କିପରି ପାଇବା ? ବାପା କହିଲେ- କେଉଁ କ୍ଷେତ୍ରରେ ସଫଳତା ପାଇବା କଥା ପଚାରୁଛୁ କହ ? ଈଶାନ୍ କହିଲା – ମୋର ଆଜିର ପ୍ରଶ୍ନଟି କୌଣସି ନିର୍ଦ୍ଦିଷ୍ଟ ବିଷୟରେ ସଫଳତା ପାଇବା ଉପରେ ଆଧାରିତ ନୁହେଁ, ମୋଟାମୋଟି ଭାବରେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ପାଇଁ ଆମେ କଣ କରିବା ଉଚିତ ? ଏହି ସଫଳତା ପ୍ରାପ୍ତି ମାର୍ଗରେ ବାଧାବିଘ୍ନ କଣ ଆସେ ଯେ, ସଫଳତା ମିଳେ ନାହିଁ । ବାପା ହସିଦେଲେ, ମନେ ମନେ ବହୁତ ଖୁସି ହେଲେ ଯେ ଏହି ପ୍ରଶ୍ନଟି କେବଳ ଈଶାନ୍‌ର ନୁହେଁ ବାସ୍ତବରେ ସମସ୍ତଙ୍କ ପାଇଁ ଉପଯୋଗୀ ପ୍ରଶ୍ନ ଟିଏ ।

ତୁ ଜାଣିଥିବୁ ଯେତେବେଳେ ସୀତାଙ୍କୁ ଖୋଜିବାକୁ ବାନର ମାନଙ୍କ ଭିତରେ ଆଲୋଚନା ଚାଲିଥାଏ ସେତେବେଳେ ହନୁମାନ ପଛରେ ନୀରବରେ ବସିଥାନ୍ତି, ବିଭିନ୍ନ ବାନର ମାନେ ନିଜର ଅସାମର୍ଥ୍ୟ ବିଷୟରେ କହୁଥାନ୍ତି, ଜାମ୍ବବାନଙ୍କ ନଜର ପଡିଲା ହନୁମାନଙ୍କ ଉପରେ, ମନେ ହେଉଥାଏ ସତେ ଯେମିତି ଏସବୁ ବିଷୟରେ ସେ କିଛି ଜାଣି ନାହାନ୍ତି, ସେ କିଛି ବି କରିପାରିବେ ନାହିଁ । ଜାମ୍ବବାନ, ହନୁମାନଙ୍କୁ ନିଜ ଶକ୍ତି ସାମର୍ଥ୍ୟ ବିଷୟରେ ମନେ ପକାଇଦେଲେ- ହେ ହନୁମାନ! ତୁମେ ନୀରବ କାହିଁକି ଅଛ ? ତୁମେ ପବନପୁତ୍ର ଅଟ, ପବନପରି ବଳବାନ ଅଟ, ବୁଦ୍ଧି-ବିବେକ-ଜ୍ଞାନ-ବିଜ୍ଞାନର ଖଣି ଅଟ, ରାମ କାର୍ଯ୍ୟ କରିବା ପାଇଁ ହିଁ ତ ତୁମେ ଜନ୍ମ ନେଇଛ । ଏହା ଶୁଣି ହନୁମାନଙ୍କ ନିଜ ଶକ୍ତି ସାମର୍ଥ୍ୟ ବିଷୟରେ ମନେ ପଡିଗଲା, ସେ ତତ୍ପରତା ଓ ଉତ୍ସାହର ସହିତ ଜାମ୍ବବାନଙ୍କୁ କଣ କରିବାକୁ ପଡିବ ସେହି ବିଷୟରେ ପରାମର୍ଶ ମାଗିଲେ । ସୀତାଙ୍କୁ ଖୋଜିବା ପାଇଁ ଲଙ୍କାକୁ ଯିବା କଥା ଶୁଣି ଏତେ ଜୋରରେ ଲମ୍ଫ ମାରିଲେ ଯେ ଯେଉଁ ପର୍ବତ ଉପରେ ସେ ଲମ୍ଫଦେଲେ ସେହି ପର୍ବତଟି ତୁରନ୍ତ ପାତାଳକୁ ଚାଲିଗଲା । ରାମଙ୍କ ବାଣ ଯେପରି ଅମୋଘ ହନୁମାନ ସେହିପରି ତୀବ୍ର ଗତିରେ ନିଜ ଲକ୍ଷ୍ୟ ପଥରେ ଲଙ୍କା ଆଡକୁ ଆଗେଇ ଚାଲିଲେ । ଆଗକୁ କିଛି ଦୁର ଗଲା ପରେ ମୈନାକ ପର୍ବତ ହନୁମାନଙ୍କୁ କିଛି ସମୟ ବିଶ୍ରାମ ଦେବା ପାଇଁ ସମୁଦ୍ର ଭିତରୁ ବାହାରକୁ ବାହାରି ଆସିଲା ଏବଂ ଯେତେବେଳେ ତା ଉପରେ କିଛି ସମୟ ବିଶ୍ରାମ ନେବା ପାଇଁ ହନୁମାନଙ୍କୁ ନିବେଦନ କରେ ହନୁମାନ କଣ

ISSN NO.
2582-208X

କହିଲେ ଜାଣିଛୁ ? ସେ କହିଲେ- ରାମଙ୍କ କାର୍ଯ୍ୟ ସମାପ୍ତ ନହେବା ପର୍ଯ୍ୟନ୍ତ ମୁଁ ବିଶ୍ରାମ ନେବି ନାହିଁ । ହନୁମାନ ତାକୁ ଟିକେ ଛୁଇଁଦେଇ ପ୍ରଣାମ କରି ଆଗକୁ ବଢି ଚାଲିଲେ ।

ବାପା କହିଲେ- ଆଚ୍ଛା ପୁଅ! ତୁ ଭାବୁଥିବୁ ଯେ ମୁଁ ବାପାଙ୍କୁ ସଫଳତାର ସୂତ୍ର ବିଷୟରେ ପଚାରିଲି ଆଉ ବାପା ମୋତେ ରାମାୟଣ କାହାଣି ଶୁଣାଇବା ଆରମ୍ଭ କଲେଣି, ନୁହଁ କି ? ଶୁଣ୍, ତୁ ଏକଥା ଭଲ ଭାବରେ ବୁଝିଛୁ ଯେ ଦୃଷ୍ଟାନ୍ତ ବିନା ସିଦ୍ଧାନ୍ତକୁ ହୃଦୟଙ୍ଗମ କରି ହୁଏ ନାହିଁ । ତେଣୁ ମୁଁ ପ୍ରଥମରେ ତୋତେ ଦୃଷ୍ଟାନ୍ତ ମାଧ୍ୟମରେ କହିବା ପାଇଁ ଏ କଥା କହିଲି । ଦେଖ୍ ସଫଳତାର ସର୍ବ ପ୍ରଥମ ସୂତ୍ର ହେଉଛି ଆତ୍ମବିଶ୍ୱାସ, ପ୍ରଥମେ ନିଜେ ନିଜ ଭିତରେ ପ୍ରସ୍ତୁତ ହେବା ଉଚିତ ଯେ ମୁଁ ଏହି କାମ କରି ପାରିବି । ଯେପରିକି ଜାମ୍ବବାନଙ୍କ ଠାରୁ ଶୁଣି ହନମାନଙ୍କ ଭିତରେ ବିଶ୍ୱାସ ଆସିଲା ଯେ ମୁଁ ଲଙ୍କା ଯାଇ ପାରିବି । ଦ୍ୱିତୀୟ କଥା ହେଲା ସୁସଙ୍ଗ । ଆମେ ସେମାନଙ୍କ ସହିତ ମିଳାମିଶା କରିବା ଓ ପରାମର୍ଶ ନେବା ଉଚିତ ଯେଉଁମାନେ ଅଭିଜ୍ଞ ଏବଂ ଅନୁଭବ ସଂପନ୍ନ ହୋଇ ଥିବେ । ଯେପରି ହନୁମାନଙ୍କୁ ଜାମ୍ବବାନ ଉପଯୁକ୍ତ ପରାମର୍ଶ ଦେବା ସହିତ ଉତ୍ସାହିତ କରିଥିଲେ । ତୃତୀୟ କଥା ହେଉଛି ଉତ୍ସାହ । ନିଜେ କରୁଥିବା କାର୍ଯ୍ୟ ପ୍ରତି ନିଜ ଭିତରେ ଅଦମ୍ୟ ଉତ୍ସାହ ରହିବା ଉଚିତ ଯେପରି ହନୁମାନଙ୍କ ଲମ୍ଫରେ ପର୍ବତ ଟି ପାତାଳକୁ ଚାଲିଗଲା । ଚତୁର୍ଥ କଥା ହେଲା ଏକନିଷ୍ଠତା । ହନୁମାନ ତାଙ୍କ ଲକ୍ଷ୍ୟ ପଥରେ ଏପରି ଭାବରେ ଗତି କରୁଥିଲେ ଯେପରି ଧନୁରୁ ବାହାରି ଥିବା ଶର ତିବ୍ରଗତିରେ ନିଜ ଲକ୍ଷ୍ୟ ସ୍ଥଳକୁ ଆଗେଇଯାଏ । ପଂଚମ କଥା ହେଲା ଅବିରାମତା । ଆମେ ଆମ ଲକ୍ଷ୍ୟ ହାସଲ ନ କରିବା ପର୍ଯ୍ୟନ୍ତ ବିଶ୍ରାମ ବା ଆରାମ କରିବା ଅନୁଚିତ । ଅବିରାମ ଗତିରେ କର୍ଯ୍ୟରେ ଲାଗି ରହିବା ଆବଶ୍ୟକ । ଯେପରି ମୈନାକ ପର୍ବତ ହନୁମାନଙ୍କୁ କିଛି ସମୟ ଆରାମ କରିବା ପାଇଁ କହିଥିଲେ ମଧ୍ୟ ହନୁମାନ କହିଲେ ଯେ ରାମଙ୍କ କାର୍ଯ୍ୟ ନ କରିବା ପର୍ଯ୍ୟନ୍ତ ମୁଁ ବିଶ୍ରାମ ନେବି ନାହିଁ ।

ବାପାଙ୍କ ଠାରୁ ଏହିପରି ରାମାୟଣର କାହାଣୀ ଭିତରେ ଏତେ ମହତ୍ୱପୂର୍ଣ୍ଣ କଥା ଲୁଚି ରହିଥିବା ଜାଣି ଇଶାନ୍ ମନେ ମନେ ବହୁତ ଆଶ୍ଚର୍ଯ୍ୟ ହେଉଥାଏ । ଏତିକିବେଳେ ମାଆ ଡାକିଲେ ପୁଅ ସ୍କୁଲ ଟାଇମ୍ ହୋଇ ଗଲାଣି, ଶୀଘ୍ର ଖାଇ ସ୍କୁଲ ଯିବାକୁ ପ୍ରସ୍ତୁତ ହୁଅ । ଆସିଲେ ବାପ-ପୁଅ କଥା ହେବ ...

କ୍ରମଶଃ...

ରାମେଶ୍ୱର ବିହାର, ବୌଦ୍ଧ

ISSN NO.
2582-208X

# ତନୁଶ୍ରୀ



କମଳାକାନ୍ତ ମହାନନ୍ଦ

ତନୁଶ୍ରୀ ତୁମ ରୂପ ସୌନ୍ଦର୍ଯ୍ୟ
ସତରେ ଗୋଲାପ ର ସୁନ୍ଦରତାକୁ ବି ବଳିଯାଏ
ତୁମ ଜହ୍ନ ପରି ମୁହଁ ଟା ଦେଖିଲେ
ଜହ୍ନକୁ ବି ଭୁଲି ହୋଇଯାଏ
ଜହ୍ନ ବି ତୁମ ସୁନ୍ଦରତା ଆଗେ
ଫିକା ପଡିଯାଏ
ସତରେ ତୁମ ରୂପ ବର୍ଣ୍ଣନା ପାଇଁ ଏ କବି
ପାଖରେ
ନା ଅଛି ଶବ୍ଦ ନା କହିବାର ଶକ୍ତି
ଚାହିଁଦେଲେ ଥରେ ମୁଁ ନିର୍ବାକ୍ ହୋଇଯାଏଁ
ତୁମ କଟାକ୍ଷ ଚାହାଣୀ ରେ ମୁଁ କ୍ଷତ ହୁଏଁ
ତୁମ ହସରେ ପୁଣି ସବୁକିଛି ଭୁଲି ଯାଏଁ
ସତେ କି ତୁମେ ପୂର୍ଣ୍ଣମୀ ରାତିର ଶଶୀ
ତୁମକୁ କଳା ବାଦଲ ବି ଢାଙ୍କି ପାରେନା
ତୁମ ମଧୁର କଣ୍ଠସ୍ୱର ଶୁଣି
ଯେ କେହି ବି ଆକର୍ଷିତ ହେବ
ସତେ କି ତୁମେ ନିଝୁମ୍ ରାତିର ମୂର୍ଚ୍ଛନା
ତୁମ ପାଇଁ ଭାବେ ବହୁତ୍ କିଛି
ହେଲେ ଲେଖିବାକୁ ମୁଁ ଶବ୍ଦ ପାଏନା

ବାଦିପାଲି, ବିଜେପୁର, ବରଗଡ଼

ISSN NO.
2582-208X



# ଅଧା ଅଙ୍କା ଛବି



ଚୈତନ୍ୟ ବାଗ

ଶୀତ ଋତୁ ଆରମ୍ଭ ଯେଉ ସହର ରୁ ହୁଏ ସେହି ସହର କୋରାପୁଟ । ଦେହ ରେ ଶୀତ ବସ୍ତ୍ର ନ ଥିଲେ ଘରୁ ପଦା କୁ ଯିବା କାଠି କର ପାଠ । କୁହୁଡି ର ପ୍ରଲେପ ଏମିତି ଆଭରଣ ହୋଇଥାଏ ଯେ ସୂର୍ଯ୍ୟଙ୍କ କିରଣ ମଧ୍ୟ ଅସ୍ପଷ୍ଟ ଦେଖାଯାଉଥାଏ ।

ଆମେ ସମସ୍ତେ ବାହାରି ପଡିଲୁ ବଣ ଭୋଜି ପାଇଁ । ଚଳିତ ବର୍ଷ କୁ ବିଦାୟ ଓ ନୂତନ ବର୍ଷ କୁ ସୁଗତ ର ଆଶା ରେ ଘର ଠାରୁ ପ୍ରାୟ ୧୬୦ କିମି ଦୂରରେ କୋରାପୁଟ । ସାଙ୍ଗ ସାଥି ମିଶି ପ୍ରାୟ ୧୫ ଜଣ, ଠେଲା ପେଲା ହୋଇ ବସି ଗଲୁ ଏକ ବୋଲେରୋ ରେ । ପ୍ରାୟ ପାହାନ୍ତିଆ ର ୧ ଘଣ୍ଟା ପୂର୍ବ ରୁ ସମସ୍ତେ ସଜ ବାଜ ହୋଇ ନୂଆ ନୂଆ ପୋଷାକ ପିନ୍ଧି ଆଉ ବ୍ୟାଗ ଭିତରେ ମଧ୍ୟ ଧରିଥିଲୁ । ମୁ ଆଗ ସିଟ ରେ ବସି ପଡିଲି, ନୂଆ ନୂଆ ଜାଗାର ସେହି ପ୍ରଥମ ସମୀରଣ ଛୁଆବ, ନୂତନ ଭିଜା ମାଟି ର ବାସ୍ନା, ଫୁଲ ର ମହକ ମନ କୁ ଟାଣୁ ନେଉଥାଏ ।

ମଜା ମଜଲିସ ସାଥେ ନାନା ପ୍ରକାର ଗୀତ ଗାଇ ଗାଇ ପହଂଚିଗଲୁ ନବରଙ୍ଗପୁର । ଡ୍ରାଇଭର୍ ବାବୁ କୁ କହି ବୋଲେରୋ କୁ ଅଟକାଇଲୁ ଏକ ଚାହା ଦୁକାନ ପାଖରେ । ଚା ପିଇବା ସାଥେ ସାଥେ ମୁ ସେଠାରେ ଅନୁମାନ କରୁଥାଏ, ସେହି ମାନଙ୍କ କଥା ବାର୍ତା ଅଙ୍ଗୀ ଭଙ୍ଗୀ ବହୁତ ଅଲଗା । ସେହି ଠାର ନାରୀ ମାନଙ୍କ ଶାଢ଼ୀ ପିନ୍ଧିବା ଗୋଟିଏ ଅଲଗା ପ୍ରକାର ଶାଢ଼ୀ ର ଦୁଇ କନା କୁ ବାନ୍ଧିଥାନ୍ତି ତାଙ୍କ କନ୍ଧ ରେ । କାନ ରେ ନାନା ରକମ ର ସୁନା ଗହଣା, ବହୁ ରେ ମଧ୍ୟ କିଛି ରୂପା ରଙ୍ଗ ର ବାହୁଟି ଓ ପାଦ ରେ ପାଉଜି ସ୍ଥାନରେ ଏକ ବଡ଼ ଧରଣ ର ଓଜନିଆ କଡ଼ା ପିନ୍ଧିଥାନ୍ତି ।

ISSN NO.
2582-208X

ତା ପରେ ବୋଲେରୋ ରେ ବସି ଗଲୁ ଲକ୍ଷ୍ୟ ପଥକୁ । ନୂତନ ଜାଗା ଦେଖିବା ପାଇଁ ସଭିଙ୍କ ମନ ରେ ଉଙ୍କି ମାରୁଥାଏ ଅସୁମାରୀ ଆନନ୍ଦ ଓ ଉଲ୍ଲାସ । ପ୍ରାୟ ୮:୩୦ ରେ ପହଂଚି ଗଲୁ ଦାରିଙ୍ଗବାଡି ରେ ।

ଦାରିଙ୍ଗବାଡି କୁ ଓଡିଶା ର କାଶ୍ମୀର ବୋଲି କୁହାଯାଏ, ଏହିଠାରୁ ଶିତ ର ଜନ୍ମ ହୋଇଥାଏ ମନେ ହୁଏ । ଆକାଶ ଓ ମାଟି ର ମିଳନ ଅସମ୍ଭବ କୁ ସମ୍ଭବ କରି ଥାଏ ଦାରିଙ୍ଗବାଡି । ଏଠାରେ ଏମିତି ଲାଗେ ଆକାଶ ଆଉ ମାଟି ଏଠାରେ ମିଳି ପବନ ଦୋଳି ରେ ଦୋଳି ଖେଳୁଛନ୍ତି । କୁହୁଡି ଏହିପରି ସବୁଆଡେ ପ୍ରଲେପ ବୋଲିଦେଇ ଥାଏ ଯେ ନିଜ ଛାଇ ମଧ୍ୟ ନିଜକୁ ଅଚିହ୍ନା ଲାଗେ । ସକାଳ ର ୧୧:୦୦ ଟା ହୋଇଗଲା କିନ୍ତୁ ସୂର୍ଯ୍ୟ ଦେବତା ଙ୍କ ଏପର୍ଯ୍ୟନ୍ତ ଦେଖା ଦର୍ଶନ ନାହିଁ, ବୋଧେ ହୁଏ ସେ ଆଜି ଛୁଟି ମନେଇବା ପାଇଁ ଆଉ କେଉଁ ଗ୍ରହ କି ଉପଗ୍ରହ ପାଖକୁ ଯାଇଛନ୍ତି । ସମସ୍ତ ସାଙ୍ଗ ସାଥି ବୁଲି ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ମନ ଭରି ଉପଭୋଗ କଲୁ । Dslr କ୍ୟାମରା ରେ ସମସ୍ତେ ଏକା ଏକା ଓ ସାଥି ରେ ଗ୍ରୁପ ଫୋଟୋ ମଧ୍ୟ ହେଲୁ । ତା ପରେ ପ୍ରତ୍ୟାବର୍ତନ କରୁ ଥାଉ କିନ୍ତୁ ଆଉ ମନ ହେଲା କତାପୁଟ ର କେଉଁ ହୋଟେଲ ରେ ରହି ଆଉ ଆଖ ପାଖ ର ପ୍ରାକୃତିକ ଶୋଭା କୁ ଦେଖିବା ପାଇଁ, ଆମେ ସମସ୍ତେ ରହିଲୁ ଏକ ହୋଟେଲରେ । ଆମ ସାମ୍ନା ହୋଟେଲ ରେ କୌଣସି ଏକ କାର୍ଯ୍ୟକ୍ରମ ଚାଲିଥାଏ । ତା ପରେ ଜାଣିବାକୁ ଚାହିଁଲି ସେଇଠି ସଂଗୀତ ପ୍ରତିଯୋଗିତା ଚାଲିଛି । ସେଇଠି ଯିବା ପାଇଁ ମୋ ସାଙ୍ଗ ଯୋଶୋ ଓ ଲିଙ୍ଗ କୁ କହିଲି କିନ୍ତୁ ସେମାନେ ମନା କରିଦେଲେ ଆମେ ବହୁତ ବାଟ ପାହାଡ଼ ଚାଲିଛୁ ଆମେ ଆଉ ଯିବା ପାଇଁ ଶକ୍ତି ନାହିଁ ବୋଲି ସିଧା ସିଧା ମନା କରିଦେଲେ ଓ ବିଛଣା ରେ ଦୁହେଁ ଢେର ହୋଇଗଲେ ।

ମୁଁ ଏକୁଟିଆ ସେଠାକୁ ସେଠାରେ ପ୍ରାୟବ ୨୦ କି ୩୦ ଜଣ ପ୍ରତିଯୋଗୀ ଥିଲେ । ଗୋଟିଏ ପରେ ଗୋଟିଏ ନିଜ ନିଜ ଗୀତ ଗାଉଥିଲେ । ୬ କି ୭ ନମ୍ବର ରେ ଜଣେ ଝିଅ ଆସିଲା ଦେଖିବାକୁ ବହୁତ ସୁନ୍ଦର । କୋରାପୁଟିଆ ଢଙ୍ଗରେ ଶାଢ଼ୀ ପିନ୍ଧିଥାଏ। ହାତରେ ବହୁତ ସାରା ମୁଦି ଓ ଗଳାରେ ବହୁତ ସାରା ଅଳଙ୍କାର । ପୁରାପୁରି ଭାବରେ ଗୋଟିଏ କୋରାପୁଟିଆ ଧାଙ୍ଗଡି ତା ନା ଯେମିତି ଅନନ୍ୟା କନ୍ଦରପ ଙ୍କ ରୂପ ର ଅନୁପମା । ଗୀତ ଗାଇବା ଯେମିତ ଆରମ୍ଭ କଲା ସତେ ଯେପରି ମା ଶାରଳା ଙ୍କ ଅପାର୍ କରୁଣା । ତା ଗୀତ ମୁ ଠିକ ସେ ବୁଝୁ ପାରୁନଥାଏ କିନ୍ତୁ ଶୁଣିବାକୁ ବହୁତ ଭଲ ଲାଗିଥିଲା ।

ISSN NO.
2582-208X

ଗୀତ ସରୁ ସରୁ ସେ କୁଆଡେ ଉଭେଇ ଗଲା ମୁ ଜାଣି ପାରିଲି ନାହି । ବୋଧେ ହୁଏ ସେ ଆଉ କେଉଆଡେ ପ୍ରୋଗ୍ରାମ ପାଇଁ ଚାଲିଗଲା । ତା ଚେହରା ମୋ ଆଖି ଆଗରେ ନାଚି ଯାଉଥାଏ ।

ହୋଟେଲ କୁ ଆସି ସାଙ୍ଗ ସାଥି ଖାଇ ପି ଶୋଇଲି ମୋ ବେଡ଼ ରେ । ଦେହ ମୋର ବହୁତ କ୍ଲାନ୍ତ ଥିଲା କିନ୍ତୁ ଆଖିରେ ନିଦ ନ ଥିଲା । ସମସ୍ତେ ଚୁପ ଚାପ ସୋଇପଡି ଥିଲେ କିନ୍ତୁ ମୋ ଆଖି ରେ ଦିଶୁ ଥାଏ ସେହି ଝିଅ ର ଚେହରା । ଭାବିଲି ସେ ଝିଅ ର ଗୋଟିଏ ସୁନ୍ଦର ଛବି ଆଙ୍କି ତା କୁ ଉପହାର ସ୍ୱରୂପ ଦେବି । ଅତି ଯତ୍ନ ସହକାରେ ଛବି ଟିଏ ଆଙ୍କିଲି । ବିନ୍ଦୁ ରେ ସିନ୍ଧୁ ଖୋଜିଲା ପରି ହସ୍ତ ରେ ଜୀବନ୍ତ ପ୍ରତିମୂର୍ତ୍ତି । କେତେବେଳେ ସକାଳ ହେଲା ମୁଁ ଜାଣି ପାରିଲିନି ତା ପରେ ମୋ ନିତ୍ୟ କର୍ମ ସାରି ହାତ ରେ ସେହି ସ୍କେଚ ଧରି ବାହାରି ଗଲି ସେହି ହୋଟେଲ ଆଡ଼କୁ । ହୋଟେଲ ପ୍ରାୟ ଶୂନଶାନ କେହି ବି ନଥିଲେ ଟିକେ ଦୁର ରେ ଏକ ଧଳା ଶାର୍ଟ ପ୍ୟାଣ୍ଟ ପିନ୍ଧି ଥିବା ଏକ ପୁରୁଷ ଟିଏ । ତାକୁ ଯାଇ ପଚାରିଲି ଆଜ୍ଞା କାଲି ଜଉ ସଂଗୀତ ପ୍ରୋଗ୍ରାମ ଚାଲିଥିଲା ସେ ମାନଙ୍କ କିଛି ବିବରଣୀ ଜାଣି ପାଇବି କି ? ସେହି ମହାଶୟ ଜଣ ଙ୍କ କହିଲେ କ୍ଷମା କରିବେ ଆଜ୍ଞା ମୁ ସେମାନଙ୍କ ବିଷୟ ରେ କିଛି ଜାଣି ନାହିଁ । ମୁ ବହୁତ କାକୁତି ମିନତୀ ହୋଇ କହିଲି ଆଜ୍ଞା ଯେଉ ୬ କି ୭ ନମ୍ବର ରେ ଗୀତ ଗାଇଲା ତା ଠିକଣା ଟିକେ କୁହନ୍ତୁ । ଏହି ଥର ସେହି ଧଳା ପ୍ୟାଣ୍ଟ ଶାର୍ଟ ପିନ୍ଧା ହୋଟେଲ ମ୍ୟାନେଜର କିଛି ନ କହି କେବଳ ମୁଣ୍ଡ କୁ ହଲେଇ ଦେଲା । ଯେମିତି ପ୍ରତିତ ହେଲା ସେ, ସେ ଝିଅ ବିଷୟ ରେ କିଛି ଜାଣି ନାହିଁ । ମୁଁ ତାପରେ କିଛି ସମୟ ପାଇଁ ନୀରବ ହୋଇ ରହିଲି ଆଉ ହାତ ରେ ଧରିଥିବା ସେହି ସ୍କେଚ କୁ ଦେଖୁଥାଏ । ଭାବିଲି ସେହି ହୋଟେଲ ମ୍ୟାନେଜର କୁ ଏହି ସ୍କେଚ ଦେଇ ଥିବି ଯଦି କେବେ ସେହି ଝିଅ ହୋଟେଲ କୁ ଆସେ ତା ହେଲେ ତା ନିଜ ଚେହରା କୁ ଦେଖିବ କିମ୍ବା ଏହି ମ୍ୟାନେଜର ତାକୁ ଚିହ୍ନି ଦେଇ ଦେବ ।

ତା ପରେ ମୁ ଚାଲି ଆସିଲି ମୋ ବାଟକୁ ........

ଚିଚିଆ, କଳାହାଣ୍ଡି

ISSN NO.
2582-208X

# ହୃଦୟର ପ୍ରେମିକା

ଭକ୍ତିଲତା ବଳ

ହଜାରେ ଭିଡ ଭିତରେ ପାଇଛି ଜଣକୁ
ସେ କ ବୁଝିପାରୁଛି ମୋ ମନର କଥାକୁ !
ତାକୁ ନେଇ ମୋର ଅସୁମାରୀ ସ୍ୱପ୍ନ
ସତେ ସେ କ ହେବ ମୋର ସ୍ୱପ୍ନର ନାୟକ ?
ରଙ୍ଗ ତୁଳୀରେ ଆଙ୍କିଛି ତା ଛବି
ସେ କ ବାସ୍ତବତାରେ ରଙ୍ଗ ଦେବ ଆସି !
ଏଇ ମୋ ହୃଦୟେ ଭରିଛି ତା ପାଇଁ ଅସୁମାରୀ ପ୍ରେମ
ସତେ କ ସେ ହେବ କ ମୋର ସ୍ୱପ୍ନର ନାୟକ !
ସାତ ରଙ୍ଗ ଇନ୍ଦ୍ରଧନୁରେ ମନକୁ ସଜାଇଛି
ମନରେ ମୋର କେତେ ଯେ ଆଶା
ସେ କ ମୋତେ କରିବେ ନିରାଶା !
ଭାବି ଭାବି ଆଖିରୁ ଝରୁଛି ମୋର ଲୁହ
ସେ କ ବୁଝିବ ମୋ ମନର କୋହ ॥

ଆଇନଜୀବୀ, କଟକ

ISSN NO.
2582-208X

# ମୁଁ ଅବଳା ବୃଦ୍ଧା ନାରୀ ଟିଏ



ଦେବାର୍ଚ୍ଚନ ମେହେର

ଏକ ବର୍ଷ ତଳର କଥା ହଠାତ୍ ଏମିତି ଏକ ଦୁର୍ଘଟଣା ଘଟିଲା ଯାହା ଭାବିଲା ବେଳକୁ ଦେହ ଶୀତେଇ ଯାଉଛି। ମୁଁ ଅବଳା ବୃଦ୍ଧା ନାରୀ ଟିଏ ବୋଲି ମୋର ସାହା ଭରଷା କେହି ନାହିଁ। ମୋ ଘରରେ କେହି ନ ଥିଲେ। ମୁଁ ଏକୁଟିଆ ଥିବା ସମୟରେ ଦୁଇ ଜଣ ଅସଭ୍ୟ ଯୁବକ ଆସି ମୋତେ ଅଭଦ୍ର ଭାଷାରେ ଗାଲି ଗୁଲଜ କରିବା ସହ ମୋ ମୁହଁକୁ, ଛାତିକୁ, ମୁଣ୍ଡକୁ ମୁଠି ମାରି ରକ୍ତାକ୍ତ କରିଦେଲେ ଏବଂ ମୁଁ ଭୂମି ଉପରେ ପଡ଼ି ଯିବା ପରେ ମୋ ଶରୀରକୁ ଲାତରେ ମାରୁଥିଲେ। ମୋତେ ମାରୁଥିବାର ଦେଖି ମୋର ଭାଣଜୀ ଏବଂ ଝିଆରୀ ସେଇ ଦୁଇ ଅସଭ୍ୟ ଲୋକଙ୍କୁ ସେଇଠୁ ତଡ଼ି ମୋତେ ଘର ଭିତରକୁ ନେଇ ଆସିଲେ। ସେଇ ସମୟରେ ମୋ ଘରେ କେହି ନଥିଲେ। ଯେଉଁ ସମୟରେ ମୋର ପୁଅ ଓ ନାତି ଘରକୁ ଆସି ଦେଖିଲେ ଯେ ମୁଁ ରକ୍ତାକ୍ତ ଅବସ୍ଥାରେ ଅଛି। ଏହା ଦେଖି ସେ ଦୁହେଁ କାନ୍ଦିଲେ ଓ ମାଆ ତୁମର ଏମିତି ଅବସ୍ଥା କିଏ କରିଲା ବୋଲି ପ୍ରଶ୍ନ କଲେ। ମୋ କଥା ଶୁଣିବା ପରେ ସଙ୍ଗେ ସଙ୍ଗେ ପୋଲିସ୍ କୁ ଫୋନ କରିଲେ କିନ୍ତୁ ପୋଲିସ୍ ନ ଆସିବା ଯୋଗୁଁ ମୋ ପୁଅ ତା ସାଙ୍ଗକୁ ଡ଼ାକି ମୋତେ ଥାନାକୁ ନେଇକି ଆସିଲେ। ପୋଲିସ୍ ବାବୁ ଥାନାରେ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଲେ।

ମୋ ସହ ଏଇ ଅତ୍ୟାଚାର ଘଟୁଥିବାର ମୋ ସାହିର ସମସ୍ତ ଲୋକମାନେ ଦେଖୁଥିଲେ। କିନ୍ତୁ କଣ ପାଇଁ ସେହି ବୃଦ୍ଧା ସ୍ତ୍ରୀ ଲୋକଙ୍କୁ ପିଟୁଛନ୍ତି ବୋଲି କେହି ମଧ୍ୟ ଆବାଜ୍ ବାହାର କରିଲେ ନାହିଁ। ଭକୁଆଙ୍କ ପରି ଦେଖୁଥିଲେ। କୌଣସି ଲୋକଙ୍କ ପାଟିରୁ *ଆହା* ଶବ୍ଦଟେ ବାହାରୁ ନଥିଲା। ସମସ୍ତ ବ୍ୟକ୍ତିଙ୍କ ମନର ଭାବନା ଥିଲା ଯେ *ଆପେ ବଞ୍ଚିଲେ ବାପାର ନାଆଁ। ଯିଏ ଯାହା ହେଉଛି ହେଉ ଆମର ବା କଣ ଯାଏ ଆସେ।

ISSN NO.
2582-208X

ଏ ସମାଜର ଲୋକମାନେ ବହୁତ ସ୍ୱାର୍ଥପର ହୋଇ ଗଲେଣି । ନ୍ୟାୟ ଅନ୍ୟାୟରେ ମଧ୍ୟ ଆବାଜ୍ ଉଠେଇବା ଭୁଲି ଗଲେଣି । ସାହି ପଡିଶାର ଲୋକମାନେ ସାହାଯ୍ୟ କରିବା ତ ଦୂରର କଥା କଣ ହେଲା ବୋଲି ଟିକେ ପଚାରିଲେ ନାହିଁ। ନିଜ ଲୋକମାନେ ତ ତାଙ୍କଠୁ ବେଶି ଅଣଦେଖା କରିଛନ୍ତି । ଏ ହେଉଛି ସ୍ୱାର୍ଥପର ଦୁନିଆଁର ମଣିଷ ମାନେ। ମୋତେ ରକ୍ତାକ୍ତ କରି ପିଟିବା ସହ ମୋ ପୁଅକୁ ମିଛ କେସ୍ ରେ ଫସେଇ ଦେଇଛନ୍ତି । କିନ୍ତୁ କାହାରିକୁ କିଛି ଫରକ୍ ପଡେ ନି । ଏହା ମୋର ପୁଅ ନା। ତାହାରି ଭବିଷ୍ୟତ ନଷ୍ଟ ହୋଇଗଲା। ଅନ୍ୟର କଣ ଯାଏ ବା ଆସେ। ଏ ସବୁ ଘଟଣା ଘଟୁଥିବାର ଧର୍ମ ଦେବତା ମଧ୍ୟ ଦେଖୁଥିଲେ। କିନ୍ତୁ ଭଗବାନ୍ କାହିଁକି ମୋତେ ଏ ବୃଦ୍ଧା ସମୟରେ ଏତେ ଦଣ୍ଡ ଦେଲେ। ମୁଁ କିଛି ବୁଝି ପାରେ ନାହିଁ।

ସବୁ ତ ତୁମରି ବିଚାର ପ୍ରଭୁ। ମୋର ବା ଏଠି କଣ ଅଛି। ସବୁ କରିବା ଲୋକ ତୁମେ, ମାରିବା ଲୋକ ବି ତୁମେ। ମୁଁ ଅନ୍ୟ କାହାକୁ ବା କଣ କହିବି। *ମୁଁ ଅବଳା ବୃଦ୍ଧା ନାରୀ ଟିଏ* ଯାହା ତୁମରି ଇଚ୍ଛା ପ୍ରଭୁ। ଯାହା ତୁମରି ଇଚ୍ଛା ପ୍ରଭୁ।

ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ମୋ ପ୍ରିୟା



ଶଙ୍କର ପଣ୍ଡା

ଆଖିରେ ତମର ଫଗୁଣର ରଙ୍ଗ
ଓଠରେ ଶୀତଳ ଛୁଆଁ...
ନୀଳ ନୟନାର ହରିଣୀ ଆଖିରେ
ଭିନ୍ନ ଏକ ପରିଭାଷା...

ଯେବେଠୁ ଦେଖିଛି ପ୍ରିୟା ମୁଁ ତୁମକୁ
ନିତି ମୁଁ ଝୁରଇ ଭାବି...
ମନ ସିନ୍ଦୁକରେ ସାଇତି ରଖିବି
ପ୍ରୀତିର ପରଶ ଦେଇ..

ଦେଖିବାକୁ ଇଚ୍ଛା ତୁମରି ସପନ
ଦିନ ହେଉ ଅବା ରାତି...
ଆସ ଚାଲିଯିବା ଅଜଣା ରାଇଜେ
ଆମେ ଦୁହେଁ ହୋଇ ସାଥି...

ପାଦର ପାଉଁଜି ପାଉଁଜିର ଶବ୍ଦ
ହୃଦେ ଜଗାଏ କମ୍ପନ...
ଅତୁଳନୀୟ ସେ ଶୋଭାରେ ତୁମର
ତୃପ୍ତି ହୁଏ ଦେଖି ମନ...

ISSN NO.
2582-208X


ଜୀବନେ ଆସିଲ ପ୍ରିୟା ତୁମେ ମୋର
ମନକୁ କରିଲ ଘେରି..
ହାତ ପାପୁଲିରେ ସୈରହିତ କଲ
ଅମୃତ ପଡ଼ିଲା ଝରି...

ପ୍ରିୟାର ପରଶେ ମଳୟ ବୋହିଲା
ହୋଇଗଲା ପ୍ରେମ ଜର...
କେତେଯେ କଳ୍ପନା ଭରିଦେଲ ତୁମେ
ଏ ଦୁଇ ଆଖିରେ ମୋର...

ହୃଦ ସମୁଦ୍ରର ପ୍ରୀତି ଲହଡ଼ିରେ
ଭସି ଯାଏ ଆଜି ମୁଁହି...
ସୀମାହୀନ ସେହି ଭଲପାଇବାର
ଅଜଣା ବାଟୋଇ ମୁଁହି...

ମୋ ପ୍ରିୟାର ପଣତେ ସୁବାଷର ବାସ
ଘନ ଘନ ମହକାଏ...
ହାତେ ଲମ୍ବାର ସେ ଓଢଣୀଟୀ ଦେଇ
ମୁରୁକ ମୁରୁକ ହସେ...

ତୁମକୁ ମୁଁ ପାଇ ସବୁ ପାଇଗଲି
ଆଉ କଛି ଲୋଡା ନାହିଁ...
ସବୁ ଦିନ ପାଇଁ ତୁମେ ମୋର ପାଇଁ
ରହିଥିବା ସାଥି ହୋଇ...

ବିଂଝଗିରି, ଗଞ୍ଜାମ

ISSN NO.
2582-208X

# ଅଧୁନା ପ୍ରେମ

ମହେଶ୍ୱର ପ୍ରଧାନ

ଝିଅଙ୍କ ପ୍ରେମ ତ ଅଦିନଆ କୁଣିଆ
ସାଙ୍ଗରେ ଆଣନ୍ତୁ ନାହିଁ ଫଳ ମୂଳ ଧରି
ଏମିତି ଆସନ୍ତୁ ଜୀବନରେ ସାଜି କୁଣିଆ
ମଧୁଳାପ, ପ୍ରେମ, ଭଲ ପାଇବାର ସ୍ନେହ ଧରି ।
ଭଲ ସେ ପାଆନ୍ତୁ ଜୀବନ ଦେଇକ
ସତେ ଜନ୍ମ-ଜନ୍ମାନ୍ତର ସାଥୀ
ଭାବନ୍ତୁ ନାହିଁ ସେ ଜାତି-ଅଜାତି କ
ନୁହେଁ ତ ଟଙ୍କା ପଇସାର ସାଥୀ ।
ତମକୁ ପାଇଲେ ସାର୍ଥକ ମୋ ଜୀବନ
ନହଲେ କୁହନ୍ତୁ ମୁଁ ପ୍ରାଣ ହାରିବି ବୋଲି
ଖୋଜେ ମୁଁ ତମକୁ ସାରା ରାତି- ଦିନ
ଏ ଭବ ସଂସାର ବୁଲି ବୁଲି ।
ପ୍ରତିଜ୍ଞା କରୁଛି ଭରସା ଦଉଚ
ତୁମେ ହିଁ କେବଳ ମୋର ସ୍ୱାମୀ
ଛାଡ଼ିବି ନାହିଁତ ତମକୁ କହୁଚ
ହେ ମୋର ଏକଇ ପ୍ରିୟତମ ସ୍ୱାମୀ ।
ହେଲେ ସେ ତ ଅଦିନଆ କୁଣିଆ
ଦେଖି ପାରିବ କ ଭଲ ପାଇବାର ଭାବନା
ସମୟ ଆସିଲେ ବଦଳବ ସେହି କୁଣିଆ
ଭାଙ୍ଗି ଦେବ ସବୁ ଭଲପାଇବାର ଭାବନା ।

ISSN NO.
2582-208X

ଖୋଜି ବୁଲିବ ସେ ଜାତିର ପ୍ରେମିକ ହେ
ପାଖରେ ଥିବା ଟଙ୍କା ପଇସାର ସାଥୀ
ଦିନେ ସେ ହାରିବ ଜୀବନ ବୋଲି ହୋ
କରିଥିଲ୍ ପ୍ରତିଜ୍ଞା ମୋ ଜୀବନ ସାଥୀ
ହେଲେ ସେ ବଦଳ ଗଲ୍ ଅଦିନଆ କୁଣିଆ ପରି ।
ଭୁଲି ଯାଆନ୍ତୁ ସେ ନଜର ପ୍ରେମିକକୁ
ଆଦରନ୍ତୁ ଟଙ୍କା ପଇସାର ସାଥୀକୁ
ଏମିତି କଲେ କ'ଣ ମିଳେ ଯେ ତାଂକୁ
କଷ୍ଟ ହୁଏ ଆଜି ସାର୍ ପ୍ରେମିକ ଜାତିକୁ ।
ଭଲ ପାଇବାର ଆଶା ତ ଦେଖାଇ
ଅଧା ବାଟେ ଦେଲ ଛାଡି, ହେ ସାଥୀ
ତୁମ ପ୍ରେମକୁ ଦୂରୁ ଜୁହାର କରଇ
ମୁଁ ଯେ ହତ ଭାଗା ତୁମ ସାଥୀ ।
ଦେହକୁ ନେବନ ହେ ମୋ'ର ପ୍ରିୟ ସଖୀ
ସବୁ କୁଣିଆ ଯେ ଅଦିନଆ ନୁହଁ
ଏ ମୋର ଭାବନା ହୃଦୟର କଥା ସଖୀ
ନଜକୁ ଜମା କଷ୍ଟ ଦିଅନ୍ତୁ ନାହିଁ ।

ନହର୍, ରୁଦ୍ରପୁର, ଛତିଆ , ଯାଜପୁର
ଦୂରଭାଷ - 7326045355
ମେଲ - maheshwarpradhan4278@gmail.com

ISSN NO.
2582-208X

# ଗୋଟିଏ ରାତିର ପ୍ରେମ କାହାଣୀ



ଦେବାଶିଷ୍ ସାହୁ

ଦଶମ ପାଠପଢ଼ା ରାଜେନ୍ଦ୍ରର ସରିଯାଏ । ତାପରେ କ'ଣ ପଢିବ ବୋଲି ଭାବିଲା, ଶେଷରେ ନିଷ୍ପତି ନେଲା ଦ୍ୱାଦଶ ପଢିବ ଆଉ ସେଥି ପାଇଁ ଫର୍ମ ପକେଇ କଳା, ବାଣିଜ୍ୟ, ବିଜ୍ଞାନ ମଧ୍ୟରୁ କଳାରେ ନାମ ଲେଖାଇ ଦେଲା । ସେହି ସମୟରେ କୋରୋନା ମହାମାରୀର ତାଣ୍ଡବ ସାରା ବିଶ୍ୱରେ ଚାଲିଥାଏ । ତେଣୁ ସେଥି ପାଇଁ ସରକାର ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ କରିଦେଇ ଥିଲେ । ସେମିତି କିଛିଦିନ ଗଲାପରେ ପୁଣି ସବୁ ଶିକ୍ଷା ଅନୁଷ୍ଠାନ ଖୋଲାଗଲା । ତାପରେ ରାଜେନ୍ଦ୍ର ଆଉ ତା'ର ସାଙ୍ଗ କଲେଜ ବାହାରିଲେ ଯିବା ପାଇଁ ସେଦିନ ଥାଏ କଲେଜର ପ୍ରଥମ ଦିନ, ରାଜେନ୍ଦ୍ର ଆଉ ତା'ର ସାଙ୍ଗ ବସରୁ ଓହ୍ଲେଇ କଲେଜ ରାସ୍ତାରେ ଯାଉଥାନ୍ତି । ସେମିତି କିଛିଦୂର ଯିବା ପରେ ହଠାତ୍ ରାଜେନ୍ଦ୍ରର ସାଙ୍ଗ ଜୋତାରୁ ତା'ର ବଧିଟା ବାହାରି ଗଲା ସେ କିଛି ବାଟ ଯାଉଥାଏ ଆଉ ବଧିକୁ ତା'ର ଜୋତାରେ ଲଗାଉଥାଏ । ଏମିତି କରି କରି ଦୁହେଁ ଆସି କଲେଜରେ ପହଞ୍ଚି ଗଲେ, ଆଉ ସେଇ ନୂଆଁ କଲେଜରେ ସେମାନଙ୍କୁ ସବୁ କିଛି ନୂଆଁ ନୂଆଁ ଲାଗୁଥାଏ । ଏମିତି କିଛି ଦିନ କଲେଜ ଆସିବ ପରେ ଦିନେ ରାଜେନ୍ଦ୍ରର ଗୋଟେ ଝିଅ ସହ ପ୍ରଥମ ଥର ଦେଖା ହୁଏ ଏବଂ ଅଜଣା ଭିଡ଼ରେ ଦିଶୁଥିବା ଜଣା ମୁହଁଟେ ପରି ଲାଗୁଥାଏ । ସେ ଭାବିଲା ମୁଁ ପ୍ରେମରେ ପଡ଼ିଗଲି କି ଆଉ ପୁଣି ଭାବିଲା ନାଇଁ ବାବା ନାଇଁ ସେ ପ୍ରେମ ମୁଁ କରିବିନି କିନ୍ତୁ କ'ଣ ହେବ ତା' ଆଖିସିନା ତାକୁ ଥରେ ଚାହିଁ ଆଉ ଚାହିଁବନି ବୋଲି ମନା କରୁଥାଏ କିନ୍ତୁ ସେଇ ପ୍ରଥମ ଦେଖା ପରଠାରୁ ତା' ହୃଦୟ ପରା ତାକୁ ପ୍ରତି ମୁହୂର୍ତ୍ତରେ ଚାହୁଁଥାଏ । ଆଉ ତାକୁ ଦେଖିଲେ ଲାଗେ ସତେ ଯେମିତି ସ୍ୱର୍ଗରୁ ଅପ୍ସରାଟିଏ ଏଇ ମର୍ତ୍ତ୍ୟକୁ ଓହ୍ଲାଇ ଆସିଛି । ଲୋକେ କୁହନ୍ତି ପା ଯାହାକୁ ଯିଏ ରସିଲା ତାକୁ ସିଏ କିଆ ଫୁଲ ପରି ବାସିଲା ଠିକ୍ ସେହି ପରି ସେ ଅପ୍ସରା ନହୋଇ ମଧ୍ୟ ତାକୁ ସେ ଝିଅ ଅପ୍ସରାଟେ ପରି ଲାଗୁଥାଏ । ସତେ

ISSN NO.
2582-208X

ଯେମିତି ଗୋଟିଏ ଚାଉଳରେ ଗଢା ଝିଅଟିଏ । ରାଜେନ୍ଦ୍ର ଭଲ ପାଇବ କି ନାହିଁ ବହୁତ୍ ଭାବିବା ପରେ ଶେଷରେ ସ୍ଥିର କଲା ଭଲ ପାଇବ ବୋଲି ଆଉ ତା'ର ଆରମ୍ଭ ହୋଇଗଲା ଏକ ତରଫା ଭଲ ପାଇବା। ଏମିତି କିଛିଦିନ ଗଲାପରେ ସେ ଝିଅ ମଧ୍ୟ ଜାଣିଲା ଯେ ସେଇ ପିଲାଟା ତାକୁ ଭଲ ପାଉଛି । ପୁଣି ସେମିତି କିଛି ଦିନ ଚାଲିଯାଏ । ଦିନେ ତାକୁ ପାଖକୁ ଡାକିଲା ଆଉ ଜାଣିଥିଲି ସେ ତାକୁ ମନା କରିଦେବ ବୋଲି । ଏହା ଜାଣି ମଧ୍ୟ ରାଜେନ୍ଦ୍ର ମନର କଥା ଖୋଲା ଖୋଲି ଭାବରେ ଖୋଲା ଆକାଶ ତଳେ ତାକୁ କହିଦିଏ । ସେ ଝିଅ ତା'ର ଗୋଲାପି ଗୋଲାପି ଓଠରେ ବଡ଼ ନାଁ... ଟିଏ କହି ସେଠାରୁ ଚାଲିଯାଏ । ତାକୁ ନେଇ ଦେଖିଥିବା ସ୍ୱପ୍ନ ଗୋଟେ ମୁହୂର୍ତ୍ତରେ ରାଜେନ୍ଦ୍ରର ଭାଙ୍ଗିଗଲା । ସେତିକି ବେଳକୁ ରାଜେନ୍ଦ୍ରର ବୋଉ ଆସି ତାକୁ ଢୋକି ଚଟକଣା ଟିଏ ମାରିଦିଏ ରାଜେନ୍ଦ୍ର ସେବେ ଭାବୁଥାଏ ମୋ ବୋଉ କ'ଣ ଆମ କଲେଜକୁ ଆସିଲା ଭାରି କି ? ଏହା ଭାବୁ ଭାବୁ ରାଜେନ୍ଦ୍ରର ବୋଉ ପୁଣି ଆସି ଚଟକଣା ଟିଏ ମାରିଦିଏ । ସେତେବେଳକୁ ହଠାତ୍ କି ଆଖି ଖୋଲିଯାଏ ରାଜେନ୍ଦ୍ରର। ଦେଖୁ ଦେଖୁ ସେ ନିଘୋଡ଼ ନିଦରେ ସକାଳ ସାତଟା ଯାଏ ଶୋଇ ପ୍ରେମର କାହାଣୀ ଟିକୁ ସ୍ୱପ୍ନରେ ଦେଖୁଥିଲା । ବୋଉ ଠାରୁ ମାଡ଼ଖାଇ ନିଦଟାତ ଭାଙ୍ଗିଲା ଭାଙ୍ଗିଲା ତା'ସହ ସ୍ୱପ୍ନରେ ଦେଖିଥିବା ସୁନ୍ଦର ପ୍ରେମର କାହାଣୀଟି ମଧ୍ୟ ଭାଙ୍ଗିଗଲା । ବଡ଼ ଅଜବ କଥା, କିଏ ସିନା ମାଡ଼ଖାଇ କାନ୍ଦେ ହେଲେ ସେ କୁଳାଙ୍ଗାର ନିଦରୁ ଉଠିପଡ଼ି ସ୍ୱପ୍ନରେ ଦେଖିଥିବା ପ୍ରେମର କାହାଣୀକୁ ଭାବି ମୁରୁକି ମୁରୁକି ହସୁଥାଏ । ସେବେ ପୁଣି ତା' ବୋଉ ଆସି ଢୋକି ଚଟକଣା ଟିଏ ମାରି ଦେଇ କୁହେ -"ମାଡ଼ଖାଇ ହସୁଛି ଆହୁରି ଜାବେ କୁଳାଙ୍ଗାର ।"

ବେଲଟିକରି, ଢେଙ୍କାନାଳ

ISSN NO.
2582-208X

# ନାରଦଙ୍କର ଦ୍ୱାରକା ଦର୍ଶନ



ନରେନ୍ଦ୍ର ପ୍ରସାଦ ବେହେରା

ଭାଗବତ କଥା .......୧୮

ଶ୍ରୀଶୁକଦେବ ରାଜା ପରୀକ୍ଷିତଙ୍କ ଆଗରେ ଦ୍ୱାରକା ସମୃଦ୍ଧି ଓ ସୌନ୍ଦର୍ଯ୍ୟର କଥା ଏବଂ ଦେବର୍ଷି ନାରଦଙ୍କର ଦ୍ୱାରକାପୁରୀ ଦର୍ଶନ କଥା ବର୍ଣ୍ଣନା କରୁଛନ୍ତି ।

ବିଶ୍ୱକର୍ମାଙ୍କ ଦ୍ୱାରା ସକଳ ପ୍ରକାର ବିଭବରେ ପରିପୂର୍ଣ୍ଣ ବଡ ବଡ ଅଟାଳିକା ନଗରୀର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି । ନଗରବାସୀ ଦେଖିବାକୁ ଖୁବ ସୁନ୍ଦର ଓ ସୁସ୍ଥ ସବଳ । ରାଜପଥର ଦୁଇ ପାର୍ଶ୍ୱରେ ପୁଷ୍ପ ବାଟିକାମାନ ଶୋଭା ପାଉଛି । ନାରଦ ଜାଣନ୍ତି, ଶ୍ରୀକୃଷ୍ଣ ତାଙ୍କର ପତ୍ନୀମାନଙ୍କ ସହ ଦ୍ୱାରକାରେ ବାସ କରନ୍ତି । ତାଙ୍କର ଦିନସାରା କିପରି କଟୁଛି, ତାହା ଦେଖିବାକୁ ନାରଦଙ୍କ ମନରେ କୌତୁହଳ ଜାତ ହେଲାରୁ ସେ ଦିନେ ଯାଇ ପହଞ୍ଚିଲେ ଦ୍ୱାରକା ନଗରୀରେ । ସେ ରାଜପ୍ରସାଦରେ ପହଞ୍ଚି ଦେଖିଲେ ଯେ ସେଠାରେ ଷୋଳ ହଜାର କୋଠରୀ ରହିଛି । ସେ ପ୍ରଥମ କୋଠରୀ ମଧ୍ୟରେ ପ୍ରବେଶ କରି ଦେଖିଲେ ରୁକ୍ମଣୀ ଦେବୀ ଶ୍ରୀକୃଷ୍ଣଙ୍କୁ ଚାମର ଦ୍ୱାରା ବ୍ୟଞ୍ଜନ କରୁଛନ୍ତି । ନାରଦଙ୍କୁ ଦେଖି ଶ୍ରୀକୃଷ୍ଣ ପଲଙ୍କରୁ ଉଠିପଡି ନାରଦଙ୍କୁ ଅଭ୍ୟର୍ଥନା ଜଣାଇଲେ ଏବଂ ନାରଦଙ୍କ ପାଦ ଧୋଇ ଦେଇ ପାଦଧୁଆ ପାଣି ମଥାରେ ମାରିଲେ, କାରଣ ବର୍ତ୍ତମାନ ଶ୍ରୀକୃଷ୍ଣ ଜଣେ ଗୃହସ୍ଥ ଓ ଅତିଥି ସେବା ତାଙ୍କର କର୍ତ୍ତବ୍ୟ । ନାରଦଙ୍କର ଆଗମନର କାରଣ ଜାଣିବାକୁ ଚାହିଁବାରୁ ନାରଦ କହିଲେ ପ୍ରଭୁ,ଆପଣଙ୍କୁ ଦର୍ଶନ କରିବାକୁ ଆସିଥିଲି ସେହି ମୋର ପରମ ସୌଭାଗ୍ୟ । ହେ ଅଖିଳ ବ୍ରହ୍ମାଣ୍ଡର ନାୟକ, ଜଗତପତି, ଭକ୍ତଜନର ପରମ ଆଶ୍ରୟ, ଆପଣଙ୍କର ଶ୍ରୀଚରଣ

ISSN NO.
2582-208X

ବ୍ରହ୍ମା ଆଦି ଦେବତାମାନେ ହୃଦୟରେ ଧ୍ୟାନ କରନ୍ତି । ସଂସାର କୂପ ମଧ୍ୟରେ ପତିତ ମନୁଷ୍ୟର ଉଦ୍ଧାର ନିମନ୍ତେ ଥିବା ଚରଣଯୁଗଳ ଆଜି ମୁଁ ଦର୍ଶନ କଲି । ସେହି ମୋର ମହା ସୌଭାଗ୍ୟ । ପ୍ରଭୁ, ଅନୁଗ୍ରହ କରନ୍ତୁ, ଯେପରି ଚିରକାଳ ଏଇ ଶ୍ରୀଚରଣରେ ମୋର ମତି ରହିଥାଉ । ଏହା କହି ନାରଦ ଆଉ ଗୋଟିଏ କୋଠରୀ ମଧ୍ୟରେ ପ୍ରବେଶ କରି ଦେଖନ୍ତି ତ ଶ୍ରୀକୃଷ୍ଣ ଅନ୍ୟ ଜଣେ ପତ୍ନୀଙ୍କ ସହିତ ବସି କଥାବାର୍ତ୍ତା କରୁଛନ୍ତି । ଶ୍ରୀକୃଷ୍ଣ ନାରଦଙ୍କୁ ଦେଖି ଉଠିପଡି ତାଙ୍କର ପାଦ ଧୋଇ ଦେଲେ ଏବଂ ଆଗମନର କାରଣ ଜାଣିବାକୁ ଚାହିଁଲେ। ନାରଦ ବିସ୍ମିତ ହୋଇପଡିଲେ । ଏଠାରେ ମଧ୍ୟ ଶ୍ରୀକୃଷ୍ଣ ? କି ଆଶ୍ଚର୍ଯ୍ୟ ? ନାରଦ ବିଦାୟ ନେଇ ଚାଲିଗଲେ ଏବଂ ଅନ୍ୟ ଏକ କୋଠରୀ ମଧ୍ୟରେ ପ୍ରବେଶ କଲେ । ଦେଖିଲେ ଶ୍ରୀକୃଷ୍ଣ ସ୍ନାନ କରିସାରି ବେଶଭୂଷା ହେଉଛନ୍ତି । ଜଣେ ପତ୍ନୀ ତାଙ୍କୁ ସଜାଇ ଦେଉଛନ୍ତି । ନାରଦ କିଛି ବୁଝିପାରିଲେ ନାହିଁ । ସେ ଅନ୍ୟ ଏକ କୋଠରୀ ମଧ୍ୟରେ ପ୍ରବେଶ କରି ଦେଖନ୍ତି ତ ଶ୍ରୀକୃଷ୍ଣ ମନ୍ତ୍ରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

ଏହିପରି ନାରଦ ପ୍ରତ୍ୟେକ କୋଠରୀରେ ଶ୍ରୀକୃଷ୍ଣଙ୍କୁ ଦେଖି ଭାବିଲେ ଲୀଳାମୟ ଶ୍ରୀ ହରିଙ୍କର ଅପାର ଲୀଳା । ଏକାଧାରରେ ସେ ହେଉଛନ୍ତି ପ୍ରେମର ମୂରତି ଗୋପୀଜନ-ମନ-ହରଣକାରୀ, ସେ ପୁଣି ଗୃହସ୍ଥ ଓ ବହୁ ପତ୍ନୀଙ୍କର ପତି,ସେ ପୁଣି ରାଜ୍ୟ ଶାସକ ଓ ବୀରଯୋଦ୍ଧା । ଶ୍ରୀକୃଷ୍ଣ ହେଉଛନ୍ତି ପରିପୂର୍ଣ୍ଣ ମାନବ । ତାଙ୍କର ଅଚିନ୍ତ୍ୟ ଶକ୍ତିର ଧାରଣା କରିବା ଦୁରୂହ ବ୍ୟାପାର । ଲୀଳାମୟ ଶ୍ରୀହରି ମନୁଷ୍ୟ ରୂପରେ ଧରାଧାମକୁ ଆସିଛନ୍ତି ଲୀଳା କରିବା ପାଇଁ । ନାରଦ ବିସ୍ମିତ ହୋଇ କହିଲେ-ହେ ଯୋଗେଶ୍ୱର, ଆପଣଙ୍କର ଯୋଗମାୟା ଦର୍ଶନ କରି କୃତାର୍ଥ ହେଲି । ପ୍ରଭୁ, କୃପା କରନ୍ତୁ, ଏଠାରୁ ଫେରିଯାଇ ଯେପରି ଅହରହ ଆପଣଙ୍କର ଭୁବନମୋହନ ଲୀଳା ସହସ୍ର ତୁଣ୍ଡରେ ବର୍ଣ୍ଣନା କରିବି । ଏହା କହି ବୀଣା ବାଦନ କରି ହରିଗୁଣଗାନ କରି ଦ୍ୱାରକାପୁରୀରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ ।

ଆଳଦା, ଖଇର୍ ,ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ସ୍ୱାସ୍ଥ୍ୟ ହିଁ ସମ୍ପଦ

ପ୍ରେମାନନ୍ଦ ରଣା

ପ୍ରାତଃ ଭ୍ରମଣ ଦେହ କୁ ଭଲ
ତାଜା ରଖଇ ମନ
ନିର୍ମଳ ବାୟୁ ସଭିଙ୍କ ପାଇଁ
ସତେ ଅସଲ ଧନ।।
ତଟକା ପନିପରିବା ଯେତେ
ଭଲ ଯେ ଦେହ ପାଇଁ
ସୁଷମ ଖାଦ୍ୟ ଭରି ବଢିଆ
କିଏ କରିବ ନାହିଁ।।
ଭଲ ଜଳ ଟି ପାନୀୟ ଭାବେ
ହେଉରେ ବ୍ୟବହାର
କାମ ଶେଷରେ ବିଶ୍ରାମ ଟିକେ
ଦେହ କୁ ଦରକାର।।
ସଅଳ ଶୋଇ ବେଗି ଉଠିବା
ଦେହ ପାଇଁଟି ହିତ
ବ୍ୟାୟାମ ଖେଳ ନୀତି ଯେ ଲୋଡା
ଯେମିତି ଆମ ମିତ।।
ସ୍ୱାସ୍ଥ୍ୟ ଆମ ଭଲ ରହିଲେ
ଭଲ ରହଇ ମନ
ଇଏ ଅମୂଲ୍ୟ ସମ୍ପଦେ ଗଣା
ଜାଣରେ ସବୁ ଜନ।।

ମୁମ୍ବାଇ ସହର
୭୩୭୨୮୩୫୮୩୭

ISSN NO.
2582-208X

# ସ୍ନେହନ କର୍ମ ଓ ସ୍ୱାସ୍ଥ୍ୟ ସୁରକ୍ଷା



ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ

ସାମ୍ପ୍ରତିକ ପରିସ୍ଥିରେ, ସମାଜରେ ଏକ ବ୍ୟାପକ ପରିବର୍ତ୍ତନ ଦେଖାଯାଉଛି । ଦୈନନ୍ଦିନ ଆହାରବିହାର, ଖାଦ୍ୟପେୟ, ପୋଷାକ ପରିଧାନ ଆଦି ବାହ୍ୟଦେଶର ଗ୍ଭଲିଚଳଣି ଗ୍ଭକଚକ୍ୟକୁ ଅନୁକରଣ କରି, ଆମେ ଓ ଆଜିର ଯୁବ, ଛାତ୍ର ସମାଜ, ଆମର ଦେଶୀୟ ଗ୍ଭଲିଚଳଣି ପାରମ୍ପରିକ ରିତିନୀତି ଠାରୁ ଧୀରେ ଧୀର ଦୁରେଇ ଯାଉଛନ୍ତୁ, ତାର ପରିଣାମ ସ୍ୱରୂପ, ତାର ଖର୍‌ପ ପ୍ରଭ୍‌ବ ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭ୍‌ବ ପକାଉଛି ।

ଆମର ଭ୍‌ରତୀୟ ଆୟୁର୍ବେଦ ଚକସ୍ତା ବିଜ୍ଞାନ ରେ ଆମେ ଦୈନନ୍ଦିନ ସଠିକଭ୍‌ବେ କପରି ସୁଷମ ଆହାର ବିହାର କରିବା ଦ୍ୱାର୍‌ ସ୍ୱାସ୍ଥ୍ୟବାନ ସହ ଦୀର୍ଘାୟୁ ହୋଇ ବଞ୍ଚି ରହିପାରିବା ତାରି ବିଷୟରେ ବିଷଦ ଭ୍‌ବେ ବର୍ଣ୍ଣନା କର୍‌ଯାଇଛି, ସେଥିମଧ୍ୟରୁ ଆମେ ସ୍ନେହନ କର୍ମ (ଶରୀରର ବିଭିନ୍ନ ଅଙ୍ଗ ରେ ତୈଳ ମର୍ଦ୍ଦନ) କରିବା ଦ୍ୱାର୍‌ ଶରୀରରେ "ର୍‌ୋଗ ପ୍ରତିର୍‌ୋଧକ ଶକ୍ତ" ବୃଦ୍ଧିପାଇ ସ୍ୱାସ୍ଥ୍ୟବାନ ହେବାସହ ଦୀର୍ଘଦିନ ବଞ୍ଚି ରହିପାରିବା ସେ ବିଷୟ ରେ ଉଲ୍ଲେଖ ରହିଛି। ଆମର ଗୋସେଇଁ ବାପା, ଜେଜେମା, ଆଇ, ମାନେ, ଆମକୁ କହିଥାନ୍ତୁ ଯେ ଗାଧୋଇ ଯିବା ପୂର୍ବରୁ ତେଲ ଲଗାଇ ଗାଧୋଇଜା ଥଣ୍ଡା, ସର୍ଦି, ଧରିବନାହିଁ । ଆଜିର ପରିସ୍ଥିତି ସମ୍ପୂର୍ଣ ଅଲଗା । ଆଜିକାଲି ତେଲ ଲଗାଇବାକୁ ବହୁତ ଲ୍‌ୋକ ପସନ୍ଦ କରୁନାଁହାନ୍ତୁ । ସାମ୍ପୁ, ସାବୁନ ଧରି, ଟେପ ପାଣିରେ ଗାଧୋଇ ଆସୁଛନ୍ତୁ । ବହୁତ ଛାତ୍ର ଓ ଯୁବକଙ୍କୁ ପାଣିରେ ପଂହଁରିବା ବି ଆସୁନ । ଆମର ପାରମ୍ପରିକ ଚକସ୍ତା ବିଜ୍ଞାନ ମତ, ଲ୍‌ୋକ କଥାଗୁଡିକ ଆମ ସ୍ୱାସ୍ଥ୍ୟ ପାଇଁ ହିତକର, ଯାହାକ ବିଜ୍ଞାନ ସମ୍ମତ। ଆମେ ଏହା ଠାରୁ ଧୀରେ ଧୀରେ ଦୁରେଇ ଯାଉଛେ ।

ISSN NO.
2582-208X

ଭାରତୀୟ ଆୟୁର୍ବେଦ ଶାସ୍ତ୍ରରେ ଆମର ଶରୀରରେ ବିଭିର୍ଣ୍ଣ ଅଙ୍ଗ ରେ ତୈଳମର୍ଦ୍ଦନ କରିବା ଦ୍ୱାରା ତାର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଉଲ୍ଲେଖ ରହିଛି, ଯାହାକ ଆଜିର ଆଧୁନକ ଚକସ୍ୱା ବିଜ୍ଞାନ ବହୁପରୀକ୍ଷା ନରୀକ୍ଷା କରି ସେଥିରେ ଏକମତ ହୋଇଛନ୍ତୁ। ସ୍ନେହନକର୍ମ ବା ଶରୀରରେ ବିଭିର୍ଣ୍ଣ ଅଙ୍ଗ ରେ ତୈଳ ମର୍ଦ୍ଦନ କରିବା ଦ୍ୱାରା ଆମ ଶରୀରରେ ଭିର୍ନ୍ନ ଭିର୍ନ୍ନ ରୋଗକୁ ଆମେ ପ୍ରତିରୋଧ କରିପାରିବା, ସାଧାରଣ ଭାବେ ଆମେ ଜାଣିଛେ ଯେ ଆମେ ଗାଧୋଇବା ପୂର୍ବରୁ ଶରୀରରେ ତେଲ ଲଗାଇ ଗାଧୋଇବା ଅତ୍ୟନ୍ତ ଭଲ, ସୁଷମ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଧିମୁତାବକ ସ୍ନାନ ପରିଷ୍କାର ପରିଛନତା ରହିବା ହେତୁ ଆମେ ସୁସ୍ଥ ସତେଜ ରହିପରିବା।

## ସ୍ନାନ ପୂର୍ବରୁ ତୈଳ ଲଗାଇବା ର ଉପକାରିତା

ଆୟୁର୍ବେଦ ବିଜ୍ଞାନ ମତାନୁସାରେ,ଆମେ ପ୍ରତିଦିନ ସ୍ନାନ ପୂର୍ବରୁ ସର୍ବାଙ୍ଗରେ ତୈଳ ମର୍ଦ୍ଦନ କରି ସ୍ନାନ କରିବା ଉଚତ, ଯଦ୍ୱାରା ଆମ ଶରୀରରେ ଥିବା ସମସ୍ତ ମୃତ ଜୀବକୋଷ ଗୁଡିକୁ ପଦାକୁ ବାହାରକରିବା। ଲୋମକୂପ ଗୁଡିକୁ ଉନ୍ମୁକ୍ତ କରିବା ପାଇଁ ସ୍ନାନ ପୂର୍ବରୁ ତୈଳ ଲଗାଇ ଗାଧୋଇବା ଉଚତ। ଆମେ ଅଧାମ୍ରିକ ଚେତନା ମାଧମରେ ଚନ୍ତାକଲେ ଆମ ଶରୀରରେ ପାନ, ଅପାନ, ବ୍ୟାନ, ଉଦାନ, ସମାନ, ପାଞ୍ଚ ପ୍ରକାର ବାୟୁ ର ପ୍ରଭାବ ରହିଥାଏ। ଆମେ ନାକ ଦ୍ୱାରା ସ୍ୱାସକ୍ରୟା ନେଇଥାଉ ତାହାକୁ "ସମାନ" କ୍ରୟା କୁହାଯାଏ। ଲୋମ କୂପ ଯଦି ବନ୍ଦ ରହେ ତେବେ ଶରୀରର ପ୍ରତେକଟି କୋଷପାଖୁ ବାୟୁ ପହଞ୍ଚିବାରେ ପ୍ରତିବନ୍ଧକ ହୋଇଥାଏ। ଯଦ୍ୱାରା କୋଷଗୁଡିକ ଦୁର୍ବଳ ହୋଇ ଆମର ମାନସିକ ସ୍ତରରେ ସାହସ, ମାନସିକ କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ। ଆମେ ଶୀଘ୍ର ବାର୍ଦ୍ଧକ୍ୟ ଆଡକୁ ଯାଇଥାଉ। ଏହା ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ମତ ଅଟେ, ତେଣୁ ସ୍ନାନ ପୂର୍ବରୁ ହିଁ ତୈଳ ଲଗାଇବା ଉଚତ, ସ୍ନାନ ପରେ ନୁହେଁ । କାରଣ ସ୍ନାନ ପରେ ତେଲ ଲଗାଇଲେ ଲୋମ କୂପ ଗୁଡିକ ବନ୍ଦ ହୋଇ ଶରୀର ର ଜୀବକୋଷ ଗୁଡିକ ସମ୍ପୂର୍ଣ୍ଣ ଭାବେ ଶ୍ୱାସକ୍ରୟା ନେବାରେ ଅକ୍ଷମ ହୋଇଥାଏ।

ISSN NO.
2582-208X

## ତୈଳ ମର୍ଦ୍ଦନର ବିଧି

ଆୟୁର୍ବେଦ ଚକିତ୍ସା ଶାସ୍ତ୍ର ରେ "ପଞ୍ଚକର୍ମ ଚକିତ୍ସା" ପଦ୍ଧତି ମଧ୍ୟରେ ସ୍ନେହନ କର୍ମ (ଶରୀରର ବିଭିର୍ଣ୍ଣ ଅଙ୍ଗରେ ତୈଳ ମର୍ଦ୍ଦନ ) ଅନ୍ତର୍ଭୁକ୍ତ ଅଟେ । ଏଥିରେ ଶରୀରର କେଉଁସବୁ ଅଙ୍ଗରେ ତୈଳ ମର୍ଦ୍ଦନ କଲେ ଆମେ କପ୍ରକାର ସୁସ୍ଥତା ରହିପାରିବା ସେ ବିଷୟ ବର୍ଣିତ ରହିଛି । ତୈଳକୁ ନେଇ ଚକିତ୍ସା, ତୈଳକୁ ନେଇ ସ୍ନାନର ପ୍ରକ୍ରୟା, ତୈଳକୁ କେମିତି ଏକ ସୁସ୍ଥ ଶରୀର ପାଇଁ ବ୍ୟବହାର କର୍ଯାଇପାରିବ ତାରି ଉପରେ ବିଷଦ ଭ୍ବେ ଉଲେଖ ରହିଛି । ପାଦର ବୁଢ଼ା ଆଙ୍ଗୁଠି ନଖ ରେ ଆମେ ତୈଳ ଲଗାଉଛେ, ଆମ ଶରୀରର ବୁଢ଼ା ଆଙ୍ଗୁଠି ନଖ ସନ୍ଧି ସବୁଠାରୁ ଦୁର୍ବଳ ସ୍ଥାନ । ଉକ୍ତ ନଖ ସନ୍ଧିରେ କଣିନଖା ହୋଇଥାଏ, ଯାହାକୁ ଫଙ୍ଗାଲ ଇନଫେକ୍ସନ କୁହାଯାଏ । ଆମେ ଗାଧୋଇବା ବେଳେ ବୁଢ଼ା ଆଙ୍ଗୁଠି ନଖ ସନ୍ଧିରେ ତୈଳ ଲଗାଇଲେ ଏଠାରେ ଆଉ ଇନଫେକ୍ସନ ନହୋଇ, ଜୀବାଣୁ, ଭୁତାଣୁ ସଂକ୍ରମିତ କୁ ପ୍ରତିରୋଧ କରିଥାଏ ।

## କାନରେ ତୈଳ ପକାଇବା

ଆମ କାନରେ ଛିଦ୍ର ରହିଛି । ବାହ୍ୟ ଧୂଳ, କଣା ଭିତର ମଇଳା ମିଶି ଏକ କଠିନ ପଦାର୍ଥ ସୃଷ୍ଟି ହୁଏ । କାନ ଖଡଖଡ଼ ହେବା ସହ, ବେଳେ ବେଳେ କାନରେ ପାଣିପଶି, କାନ ସଂକ୍ରମିତ ହୋଇଥାଏ ।ଆମେ କାନରେ ନୟମିତ ତୈଳ ପକାଇବା ଦ୍ୱାର୍ କାନ ବିଭିର୍ଣ୍ଣ ଜୀବାଣୁ ଭୁତାଣୁ ସଂକ୍ରମିତ ହୋଇ ନଥାଏ ।

## ନାଭି ରେ ତୈଳ ଦେବା

ଆମ ଶରୀରର ସମସ୍ତ ସ୍ନାୟୁର କେନ୍ଦ୍ରବିନ୍ଦୁ ହେଲ୍ ନାଭିମଣ୍ଡଳ । ନାଭି ପ୍ରେଦେଶରେ ଶରୀରର ସମସ୍ତସ୍ନାୟୁର ସଂଯୋଗ ରହିଛି । ତେଣୁ ନାଭିରେ ତୈଳ ମର୍ଦ୍ଦନ କଲେ ତାର ପ୍ରଭ୍ବତ ସ୍ୱରୂପ ଆମକୁ ସୁଖ ନଦ୍ରା ହୋଇଥାଏ । ଆମ ଶରୀରର ସ୍ନାୟୁ ଗୁଡିକ ଯେତେବେଳେ ଗ୍ଳପ ଗ୍ରସ୍ତ ହୋଇଥାଏ, ସେତେବେଳେ ଆମେ ମାନସିକ ବିଷାଦଗ୍ରସ୍ତ

ISSN NO.
2582-208X

ମାନସିକ ଗ୍ରପଗ୍ରସ୍ତ ହୋଇଥାଉ । ଏହି ଗ୍ରପ ରୁ ମୁକ୍ତ ପାଇଁ ନାଭି ପ୍ରେଦେଶ ରେ ତୈଳ ଦେଲେ ଉତ୍ତମ ନଦ୍ରା ହୋଇଥାଏ ।

## ମଣିବନ୍ଧ ଓ ହାତ ପାପୁଲି ରେ ତୈଳ ମର୍ଦ୍ଦନ

ଆମ ହାତକୁ ସକ୍ରିୟ କରିବାର କ୍ଷମତା ମଣିବନ୍ଧ ଅଟେ । ହାତର ପାଞ୍ଚଆଙ୍ଗୁଳ ପଞ୍ଚତତ୍ୱ କୁ ଗ୍ରହଣ କରିବାର ଅଙ୍ଗ ଅଟେ । ମଣିବନ୍ଧ ଓ ପାପୁଲିରେ ତୈଳ ମର୍ଦ୍ଦନ କରିବାର ବିଧାନ ରହିଛି, ଯଦ୍ୱାର୍ ମଣିବନ୍ଧ, ହାତର ପାଞ୍ଚ ଆଙ୍ଗୁଳର ବେଦନା ଉପଶମ ହେବାସହ ଦୁଇ ହାତର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇ କ୍ରିୟାଶୀଳ ହୋଇଥାଏ ।

## ନାସ୍ୟ କର୍ମ (ନାକରେ ତୈଳ ପକାଇବା):-

ଆୟୁର୍ବେଦ ଶାସ୍ତ୍ରରେ ନାକର ଦୁଇ ପୁଡାରେ ତୈଳ, ଗୋ ଘୃତ, ପକାଇବାର ବିଧାନ ରହିଛି, ଯାହାକୁ ନସ୍ୟ କର୍ମ କୁହାଯାଏ। ଏହା ଶରୀରପାଇଁ ବେଶ ଉପକାରୀ, ନାକରେ ତୈଳ ପକାଇବା ଦ୍ୱାର୍ ଏହା ବାହ୍ୟ ଧୂଳକଣା ଓ ବିଭିନ୍ନ ଜୀବାଣୁ ଭୁତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ସହ ଥଣ୍ଡା, ସର୍ଦ୍ଦି, ଗଳା ଦରଜ, ମୁଣ୍ଡ ବିନ୍ଧା, ଫୁସ ଫୁସ ସଂକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିଥାଏ। ଫଳ ସ୍ୱରୂପ ମାନସିକ ଅବସାଦ ଦୁରହେବା, ସ୍ମରଣ ଶକ୍ତି ବୃଦ୍ଧିପାଇବା ସହ ମାନସିକ ସ୍ତରରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ । ନସ୍ୟକର୍ମରେ ନାକରେ ରାଶିତେଲ, ସୋରିଷତେଲ, ନଡ଼ିଆତେଲ, ଗୋ ଘୃତ, ଆଦି ୩ ରୁ ୫ ଟୋପା ପରିମାଣରେ ପକାଇବା ଉଚତ। ୨୦୧୯ ରେ ଘଟିଥିବା କରୁଣା ମହାମାରୀ (କୋଭିଡ-୧୯ ଭୁତାଣୁ)ର ଭୟାବହ ସମୟରେ ନସ୍ୟ କର୍ମ କର୍ାଯାଇ ବହୁ ସଂକ୍ରମିତ ରୋଗୀଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କର୍ାଯାଇଥିବା ନଜିର ରହିଛି। ନସ୍ୟ କର୍ମ କରିବା ଦ୍ୱାର୍ ମନୁଷ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତ ବୃଦ୍ଧି ପାଇଥାଏ, ବିଭିର୍ଣ୍ଣ ଜୀବାଣୁ ଓ ଭୁତାଣୁ ଶରୀରକୁ ପ୍ରବେଶକରିବାକୁ ପ୍ରତିରୋଧ କରିଥାଏ । ତେଣୁ ଆୟୁର୍ବେଦ ଡାକ୍ତରଙ୍କ ପର୍ାମର୍ଶ ନେଇ, ନୟମିତ ବ୍ୟବଧାନ ରେ ଆମେ ନସ୍ୟ କର୍ମ କରିବା ଉଚତ, ଯଦ୍ୱାର୍ ଆମେ ସୁସ୍ଥ ରହିବା ସହ ଦୀର୍ଘାୟୁ ଜୀବନ ଜାପନ କରିପାରିବା।

ISSN NO.
2582-208X

## ମୁଣ୍ଡରେ ତୈଳ ମର୍ଦ୍ଦନ

ଆମେ ପ୍ରତିଦିନ ଗାଧୋଇବା ପୂର୍ବରୁ ମୁଣ୍ଡରେ ତୈଳ(ଘିଶି ତେଲ, ନଡ଼ିଆ ତେଲ, ଭୃଙ୍ଗରାଜ ତୈଳ, ବ୍ରାହ୍ମୀ ତୈଳ) ଆଦି ଲଗାଇ ଗାଧୋଇବା ଉଚିତ। ଯଦ୍ଵାରା ମସ୍ତିଷ୍କରେ ଉତ୍ତମ ରକ୍ତ ସଂଚାଳନ ସାଙ୍ଗକୁ କେଶ ବୃଦ୍ଧିପାଇବା, କେଶ ନଝଡିବା, ମୁଣ୍ଡର ଚର୍ମ ବିଭିନ୍ନ ଜୀବାଣୁ ଭୁତାଣୁରୁ ରକ୍ଷା ପାଇବା ସହ ମାନସିକ ଦୁଶ୍ଚିନ୍ତା, ଅବସାଦ, ସୁଖନିଦ୍ରା, ମୁଣ୍ଡବିନ୍ଧା ଦୁରହେବା, ରକ୍ତ ଗ୍ରୁପ ସନ୍ତୁଳିତ ରହିବା, ମନ ଶାନ୍ତ ଓ ସ୍ଥିର ରହିବା ରେ ସହାୟକ ହୋଇଥାଏ। ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ରେ ବର୍ଣିତ ସମସ୍ତ ସ୍ୱାସ୍ଥ୍ୟ ରକ୍ଷା ନୀତିନିୟମ ବିଜ୍ଞାନ ସମ୍ମତ ଅଟେ।

ଭାରତୀୟ ପାରମ୍ପରିକ ଚିକିତ୍ସା ବିଜ୍ଞାନ ରେ ବର୍ଣ୍ଣିତ ସ୍ୱାସ୍ଥ୍ୟ ପାଇଁ ତୈଳ ମର୍ଦ୍ଦନ ଏକ ସ୍ୱାସ୍ଥ୍ୟପ୍ରଦ ଉପାଦେୟ ଅଟେ, ଯାହାକି ଆଧୁନିକ ଚିକିତ୍ସା ବିଜ୍ଞାନ ସମ୍ମତ ଅଟେ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚନ୍ଦାହାଣ୍ଡି
ଜିଲ୍ଲା - ନବରଙ୍ଗପୁର
ଫୋନ -୭୮୯୪୧୧୨୪୮୭

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ରନ୍ଧା ବଢ଼ା



ମହାଶ୍ୱେତା ଦାଶ

ସନ୍ଧ୍ୟା ହେଲା ଅନ୍ଧାର୍ ଆଇଲା,
ଆକାଶେ ପଡଲା ଗୁଡ୍ ଦେ ତାରା
ଗୁଡ୍ ହାତ୍ ଧୁଇ, ଦୀପ୍ ଧୂପ୍ ଦେଇ,
ଭାବିଲି ଦେସି ଗୁଟେ ଡାକରା ।

ଶୁଣୁଛ କାଏଁ, କାଣା ଖାଇବ ରାତି କେ,
କୁବି, ଚଣା, ଆଳୁ କି ଭାଜି ଦେମି ଭେଣ୍ଡି କେ ।
ସିଆଡୁ ଗୁଟେ ଉତ୍ତର ଆଇଲା
ଯାହା ବନଉଛୁ ବନା ।
ମୁଇଁ ତୋ ଜାନୁ ସବୁ ଖାଇସିଁ
ଶାଗ୍ ସବଜି କି ଚନା ।

ଘଣ୍ଟାର୍ କଣ୍ଟା ନ କେ ଆଇଲା,
ମିନିଟ୍ କଣ୍ଟା ଛ କେ,
ରୁଟି ତରକାରୀ ବାଢ଼ି ଦେଇକିନା,
ଡାକଲି ଖାଇବ ଆସ ଇନକେ ।

ISSN NO.
2582-208X

ଆସଲେ ବାବୁ ବସଲେ ଖାଇ,
ତରକାରୀ ତାକେ ଦେଖଲେ ଚାହିଁ ।
ହୋଇହୋ ଇଟା ବନାଲ କାଏଁ,
ଆର୍ କାନା ଟିକେ ବନାଇ ଥିତ ନାଇଁ ।

ଉଫ୍ ସବୁ ଘରର୍ ଗୁଟେ କଥାନି,
ହିରୋ ହିରୋଇନ୍ ଖାଲି ଅଲଗା ଥାଇ,
ସତ୍ ଲାଗଲେ ହଁ ଲେଖୁନ୍ ତଲେ,
ନାଇଁ ଲାଗ୍ ଲେ ନାଇଁ ॥

ଗବେଷକ, ଏମ୍ .ଫିଲ୍ ପ୍ରଥମ ବର୍ଷ
ବିଶ୍ୱଭାରତୀ, ଶାନ୍ତିନିକେତନ

ISSN NO.
2582-208X

# ବୁଆ



ସନ୍ତୋଷ କୁମାର ଅଦାବର

ବେଲେ ଥିର୍ ଢୁକେ ପାଏଲେ ଆର୍‌କ ବେଲେ ଖାଡ଼ା ଉପାସେ ରହେସନ୍ ନକୁଲ ବବା । ତାଁକର୍ ପିଁଧନ୍ ଉଢନ୍ ଲେହେ ଲେକେରା ଦିଶୁଥିସି । ସାଫ୍ ସୁତ୍‌ରା ଧୁତି କରିଆ ତ ସାତ୍ ସପନ୍ ବାଗିର୍ । ପୁଓ ବହ ଯୁଡ଼େ ଅଛନ୍ ଯେ କେଭେଁ ହେଲେଁ ବବାର୍ ଆଡ୍‌କେ ବନ୍‌ଏ କରି ରଁଚେ ଧିଆନ୍ ଦେତେ ?? ଫେର୍ ଭିଲ୍ ବବାର୍ ମନ୍ ଅଁଠିପହର୍ ସରସ୍ ଥିସି। ଫୁପ୍‌ଲା ଟୁଁଡର୍ ଚଁଣ୍ କେ ମଲ୍‌କେଇ କରି ବବା ହଁସି ଦେସନ୍ ଯେ ଦେଖେନ୍‌ହାରି ଦେଖି ନିଜର୍ ଦୁଖ୍ ପାସିରି ଦେବା । କେଭେଁ ଭିଲ୍ ପୁଓ ନାଇଁ ପଚ୍‌ରାଲା କି ବହ ନାଇଁ ଦେଲା ବଲି ବବାର୍ ଟୁଁଡୁ ଶୁନି ନାଇଁ ପାର । ବବା ତାଁକର୍ ଯୁଆନ୍ ବେଲେ ତାଁକର୍ ବୁଆମାଁଆଁକେ କେଭେଁ ଭିଲ୍ ଦୁଖେ ଗୁଲ୍‌ଗୁଲା ଥି ନାଇଁ ରଖି । ଫେର୍ ଭି ତାଁକର୍ ଏନ୍ତା ଦିନ୍ ଆଇଛେ । ଇ ଦିନାଡୁ ହେଉଛେ ବବାର୍ ଦିହିଁ ନସି ଯାଇଛେ । ଲସମ୍ ଆରୁ ଖାଁସି ହେଉଛେ ବବାକେ । ଜର୍ ଟିକେ ଭିଲ୍ ହେଉଛେ । ଜମିବାଡ଼ିକେ ନେଇକରି ତାଁକର୍ ପୁଓର୍ ସଙ୍ଗେ ପାସର୍ ଘରର୍ ହଜାରୁ ବନ୍‌ଏ କରି ରଡ଼ିରଡ଼ି କୁହାବୁଲା କରୁଥିସି ସକାଲୁ ସକାଲୁ । ତାଁକର୍ ପୁଓ ଡର୍‌ହେ ସର୍‌ପଟି ଦେଇଥିସି ଘର୍ ଭିତ୍‌ରେ । ଘର୍‌କେ ଢୁକି ଆଏସି ହଜାରୁ ଆରୁ ଇଆଡୁ ସେଆଡୁ କହୁଥିସି । ରଡ଼ାବୁବା ବବାର୍ କାନେ ବାଜିଯାଏସି ଯେନ୍ତା ସିଧା ତାଁକର୍ ବାଡ଼ି ଖୁଟେଇ ଖୁଟେଇ ଆଏସନ୍ ହଜାରୁର୍ ପାସ୍‌କେ । ଯେତେହେଲେ ଭିଲ୍ ପୁଓର୍ ଶତ୍‌ରୁ ତ, ବୁଆ କେତେକେ ସହିପାର୍‌ବା ?

ତେନିମେନି କରି ବବା କହିଦେସନ୍ ହଜାରୁକେ ଆରୁ ରିସ୍‌ମିର୍ ମାଡ଼େ ତଲେ ପଡ଼ି ତାଁକର୍ ହୋସ୍ ଉଡ଼ିଯାଏସି । ହଜାରୁର୍ ରାଗ୍ ଭିଲ୍ ଶିତଲ୍ ହେଇଯାଏସି ବବାର୍ ହାଲତ୍

ISSN NO.
2582-208X

ଦେଖିକରି। ଫର୍ କରି ସେଠାନୁ ହଜାରୁ ଫିରିଯାଏସି ତାର୍ ଘର୍‌କେ । ବବାର୍ ପାସ୍‌କେ ତାଁକର୍ ପୁଓ ବହ ନର୍‌ଦି ଆଏସନ୍ । ବୁଆର୍ ଲାଗି ପୁଓ ଆଏ ସବୁଦିନେ ଛୁଆଟେ ବାଗିର୍। ପୁଓର୍ ଗୁଲ୍‌ଗୁଲା ସହି ନାଇଁପାରେ ବୁଆ। ଠିକ୍ ହେନ୍ତା ନକୁଲ ବବା ଭିଲ୍ । ଫୁପୁଲା ଟୁଁଡେ ସେ ଫେଁକରି ହଁସି ଦେସନ୍ ପୁଓ ବହକେ ଦେଖିକରି । ପୁଓ ବହ ବୁଝି ଯେଇଥିସନ୍ ନ ବୁଆ ବୁଢ଼ା ହେଲେଁ ଭିଲ୍ ବୁଆ । ଦିହେଁ ଜୀବନ୍ ଥିବାର୍ ଯାଏକ୍ ତାର୍ ପୁଓକେ କେଭେଁ ଦୁଖ୍ ଦରଦ୍ ଦେଇନାଇଁ ପାରେ । ନକୁଲ ବବାକେ ତାଁକର୍ ପୁଓ ବହ ବୁହିନେସନ୍ ତାଁକର୍ ଶୁଇଲା ଘର୍‌କେ; ମାତର୍‌କ ବବାର୍ ଖାଲି ପବନ୍ ଟିକେ ଆଉଥିସି ଆରୁ ଯାଉଥିସି ନ । ଉଁନିହାଁ ଅଙ୍ଗ୍ ସବୁ ତାଁକର୍ ଅକାମି ହେଇଯାଇଥିସି ନ ।

ସୁବର୍ଣ୍ଣପୁର, ମୋ- ୯୭୭୭୯୧୦୭୨୮

ISSN NO.
2582-208X

# ନେଇଁ ଭାବ



ଗଜାନନ ମିଶ୍ର

ନାଇଁ ନ କିଛୁ,
କିଛୁ ଭାବ ନେଇଁ।
ଖେଇ ପି ସୁଇପଡ,
ଉଠଲେ ଦେଖନା,
କେନ୍ଥା କାଣା।

ନେଇଁ ନ ଛଡାଛୁଡି
ଛନେ ବେଲେ
କେହେନସି ଠାନେ।
ଦେବାର ନେବାର୍
ନେଇଁ ନ କିଛୁ।

କିଛୁ ନେଇଁ ଭାବ,
କିଛୁ ନେଇଁ ନ
କେହେନସି ଠାନେ।
କାହାରନେ କେନ୍
ଲଟକିଛେ, ନେଇଁ ଭାବ।

ମଜବୁତିଆ ଆଏ,
ନେଇଁ ସେ ହେନ୍ତା।
ନେଇଁ ଭାବ, ନେଇଁ
ଭାବ୍କେ ନେଇ ଲଂବେ,
ଖେଇପିଇ ସୁଇପଡ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଚକୋଲେଟ ପିଇବା ଖୁସି



ଡ଼ଃ ରଞ୍ଜିତ କୁମାର ସାହୁ

ଅଧଘଣ୍ଟା ସମୟ ବିତିଗଲାଣି ଅପେକ୍ଷା କରିକି । ଚିକୁର ଦେଖା ନାହିଁ । ଟୁଟୁ ବହୁତ ଦିନ ପରେ ସମୟ ପାଇଛି ଚାଟିଂ କରିବାକୁ ତାହାର ଭାଇ ଚିକୁ ସହିତ । ଚିକୁ ସୁଦୂର ଆମେରିକାରେ ରୁହେ । ସେଠାରେ ସ୍କୁଲ ବର୍ଷ ଶେଷରେ ଛୁଟି ହୋଇଥାଏ । ତେଣୁ ଚିକୁ ଚାଟିଂ ପାଇଁ ହଁ କରିଛି । ସେଠାରେ ଓଡ଼ିଶା ଅପେକ୍ଷା ଅଧିକ ଥଣ୍ଡା ପଡେ । ବେଳେ ବେଳେ ବରଫ ମଧ୍ୟ ପଡେ ଶୀତ ଦିନରେ । ଛୁଟି ବୋଲି ବୋଧେ ଅଧିକ ସମୟ ଶୋଇ ପଡିଛି ଚିକୁ ? ସେଠି ସକାଳ ହେଲା ବେଳକୁ ଓଡ଼ିଶାରେ ସଞ୍ଜ । ଅଳ୍ପ ସମୟ ପରେ ବୋଉ ଖାଇବା ପାଇଁ ଡାକିବ ଏବଂ ତା ପରେ ଜବରଦସ୍ତି ଶୋଇବାକୁ କହିବ । କଣ କରିବ କିଛି ବୁଝିପାରୁ ନଥାଏ ଟୁଟୁ । ଏତିକି ବେଳେ ଚିକୁରେ ମୁହଁ ଟି ସ୍କ୍ରିନ ରେ ଦେଖା ଗଲା । ଆଖି ମଳି ମଳି ଚିକୁ କହିଲା, "ଗୁଡ଼ ମର୍ଣ୍ଣିଙ୍ଗ"।

"ଶୁଭ ସନ୍ଧ୍ୟା," ଉତ୍ତର ଦେଲା ଟୁଟୁ ଏବଂ ପୁଣି କହିଲା, "କିରେ ନିଦ ଭାଙ୍ଗିନି କି ?"

ମୁଣ୍ଡ ଟୁଙ୍ଗାରି 'ନା' କହିଲା ଚିକୁ ଏବଂ ହାତରେ ଥିବା ଗ୍ଲାସଟିକୁ ଦେଖେଇ କହିଲା, "ଏହାକୁ ପିଉଛି ପରା ତାଜା ହେବା ପାଇଁ । "

"କଣ ପିଉଛି କି? କଫି ନା ଚାହା ?" ଟୁଟୁ ପଚାରିଲା ।

"କଫି କି ଚାହା ବୋଉ ଦିଏନି, ଏଇଟା ଚକୋଲେଟ," ଚିକୁ ହସିଲା ।

ISSN NO.
2582-208X

ଜୋର ରେ  ହସିଲା ଟୁଟୁ ଆଉ କହିଲା, "କିରେ ତୁମ ଦେଶରେ କଣ ଚକୋଲେଟ ପିଅନ୍ତି ? ଆମ ଦେଶ ରେ ଚକୋଲେଟ ଖାଆନ୍ତି ।"

"ଆମର ଏଠି ଖାଆନ୍ତି  ଆଉ ପିଅନ୍ତି ମଧ୍ୟ । ପିଇବା ଚକୋଲେଟ ଆଉ ଖାଇବା ଚକୋଲେଟ ଅଲଗା କିନ୍ତୁ ଚକୋଲେଟ ଯାହାକୁ କୁହନ୍ତି ତାହା ଦୁଇଟି ଯାକରେ ଥାଏ," ଚିକୁ କହିଲା ।

"ଓଃ, ମୁଁ ଏକଥା ଜାଣି ନଥିଲି  । ତୁ ଯୋଉ ଗତ ଥର ମୋ ଲାଗି ଆଣି ଦେଇଥିଲୁ ବହୁତ ବଢିଆ ଲାଗିଥିଲା । ତୁ ପୁଣି କହିଥିଲୁ ତାହା ସୁଇଜରଲ୍ୟାଣ୍ଡରୁ ଆଣିଥିଲୁ ଆଉ ସେଠାକାର ଚକୋଲେଟ ବହୁତ ବିଖ୍ୟାତ ବୋଲି," ଟୁଟୁ କହିଲା ।

"ହଁ କିନ୍ତୁ ତୁ ଜାଣିଛୁ ଚକୋଲେଟ ପାଉଡର ଯାହା ମୂଳ ସାମଗ୍ରୀ ତାହା ଏକ ପ୍ରକାର ଗଛର ମଞ୍ଜିରୁ ତିଆରି । ଫଳଟି ଦେଖିବାକୁ ଅମୃତଭଣ୍ଡା ଭଳି  ଆଉ ସେଥିରେ ପ୍ରାୟ 40 ଟି ମଞ୍ଜି ଥାଏ । ସେହି ମଞ୍ଜିରୁ ପାଉଡର ତିଆରି କରାଯାଏ ଯାହାକୁ ଚକୋଲେଟ କୁହାଯାଏ । ତାକୁ ବିଭିନ୍ନ ପ୍ରକାରର ଦ୍ରବ୍ୟ ସହିତ ମିଶାଇ ପାନୀୟ କିମ୍ବା ଖାଇବା ପାଇଁ ଚକଲେଟ ତାରି କରା ଯାଏ । ମୁଁ ଯାହା ପିଉଛି ତାହା ସେହି ପାଉଡର  କ୍ଷୀରରେ ଘୋଳ ହେଇଛି  । ଆଉ ତୁମ ଦେଶରେ ମଧ୍ୟ ଚକୋଲେଟ ପିଆ ହୁଏ । ତୁ ଯେଉଁ ବୃଷ୍ଟ ଆଉ ବର୍ନଭିଟା ପିଉଚୁ ସେଥିରେ ମଧ୍ୟ ସେହି ଚକୋଲେଟ ହିଁ ଅଛି ଯାହା ତାହାର ସ୍ୱାଦ ନିର୍ଣ୍ଣୟ କରୁଛି," ଚିକୁ କହିଲା ।

"ଓଃ ଏମିତି କଥା ? କିନ୍ତୁ ଚକୋଲେଟ ପାଉଡର କଣ ଆମେରିକାରେ ତିଆରି ହୁଏ କି?" ଟୁଟୁ ପଚାରିଲା ।

"ମଜା କଥା ହେଲା ଚକୋଲେଟ ଯେଉଁ ମଞ୍ଜିରୁ ତିଆରି ହୁଏ, ସେହି  ଗଛକୁ କାକଓ କିମ୍ବା କୋକୋ କୁହନ୍ତି । ଏହାର ସର୍ବାଧିକ ଚାଷ ଆଫ୍ରିକାରେ ହୁଏ । କିନ୍ତୁ ଏହାର ଉତ୍ପତି ସ୍ଥଳ ହେଲା ଦକ୍ଷିଣ ଆମେରିକା ଯେଉଁଥିରେ ସ୍ଥାନୀୟ ଆଦିବାସୀ ମାନେ ଏହାର ବ୍ୟବାହାର ଆରମ୍ଭ କରିଥିଲେ ।"

"ସେମାନେ ତାହା ହେଲେ ବହୁତ ଖୁସିରେ ରହୁଥିବେ!" ଟୁଟୁ  କହିଲା, "କାରଣ ଚକୋଲେଟ ଖାଇକି ସମସ୍ତେ  ଖୁସି ହୁଅନ୍ତି ।"

ISSN NO.
2582-208X



"ହଁ ଠିକ କଥା, ଏଥିରେ ଏକ ପ୍ରକାର ଜୈବିକ ଅମ୍ଳ ଥାଏ ଯାହା ଆମ ଶରୀରରେ ସେରୋଟୋନିନ ନାମକ ପଦାର୍ଥ ସୃଷ୍ଟି କରିବାରେ ସାହାଯ୍ୟ କରେ । ସେରୋଟୋନିନ ଆମର ମନ ପ୍ରସନ୍ନ ରଖେ," ଚିକୁ କହିଲା ।

"ଓଃ ଏଇଟା ତ ମଜା କଥା, ଏହା କଣ ସ୍ୱାସ୍ଥ୍ୟ ପକ୍ଷରେ ହିତକାରୀ ? " ଟୁଟୁ ପଚାରିଲା ।



"ହଁ ଡାର୍କ ଚକୋଲେଟ ସବୁଠୁ ଭଲ । ଏହା ହୃଦରୋଗରେ ଉପକାର କରେ । କିନ୍ତୁ ଅଧିକାଂଶ ସମୟରେ ଚକଲେଟରେ ଅଧିକ ଶର୍କରା ଦେଇକି ପ୍ରସ୍ତୁତ ହୁଏ । ତେଣୁ ଏହାକୁ

ISSN NO.
2582-208X

ଅଧିକ ମାତ୍ରରେ ଖିଆ ଯାଏନା I ଏହା ବ୍ୟତୀତ ଏହା ରକ୍ତଚାପ କମେଇବାରେ ସାହାଯ୍ୟ କରେ I ଏଥିରେ ତନ୍ତୁ ବ୍ୟତୀତ ଲୌହ, ମାଗ୍ନେସିୟମ ଆଉ ଜ଼ିଙ୍କ ଭଳି ଧାତୁ ମଧ୍ୟ ଅଛି ଯାହା ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ," ଚିକୁ କହିଲା I

"ବଢିଆ ତ I ମାନେ ଏହା ଯେଉଁ ସବୁ ସାମଗ୍ରୀ ରେ ଥାଏ ଯେମିତି କେକ, ବିସ୍କୁଟ ଇତ୍ୟାଦି ତାହାର ଗୁଣାତ୍ମକ ତତ୍ୱ କୁ ଉତ୍କୃଷ୍ଟ କରେ ?" ଟୁଟୁ ପଚାରିଲାI

"ହଁ କିନ୍ତୁ ଏହା ପ୍ରାୟ ମିଠା ଜିନିଷର ବ୍ୟବହାର ହୁଏ ତେଣୁ ଅଳ୍ପ ପରିମାଣରେ ଖିଆ ଯାଏ," ଚିକୁ କହିଲା I

"ହଉ ମୋତେ ବୋଉ ଡ଼ାକିଲାଣି ଖାଇବାକୁ I ଆଜି ଡେରି କରିଦେଲୁ, କାଲି କଥା ହେବା I ମୁଁ ଚକୋଲେଟ ଖାଅବି ରାତ୍ରି ଭୋଜନ ପରେ ଆଉ ଖୁସି ହେବି I ତୁ ସେତକ ପିଇକି ଖୁସି ହ," କହିକି  ଟୁଟୁ ବିଦାୟ ନେଇକି ଚାଲିଗଲା, ଚିକୁ ଆଣିକି ଦେଇଥିବା ଚକୋଲେଟ ସବୁ ଖୋଜିବାକୁ ଫ୍ରିଜରେ I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# କଥା ପହେଳି



ଅମରନାଥ ବାରିକ୍

ଘଡ଼ଘଡ଼ି ସହ ବିଜୁଳି ହୁଏ
ଆକାଶ ବକ୍ଷରୁ ଜନମ ସିଏ
ମୁଷଳ ଧାରରେ ବରଷୁ ଥାଏ
କେବେ ଥମି କେବେ ଝରି ସେ ଯାଏ
ତାକୁ ପାଇ ଗଛଲତା ବି ହସେ
କହି ପାରିବ ତା' ନାମ କିଏ ସେ ?

ପୂରୁବ ଦିଗରେ ସୁନେଲି ହୋଇ
ପଶ୍ଚିମରେ ପୁଣି ଲୋହିତ ଥାଇ
ସକାଳୁ ଉଇଁ ସେ ସଞ୍ଜରେ ଯାଇ
ଏକାଧିକ ନାମ ଅଛିରେ ବହି
ରବି ପ୍ରଭାକର ଯାହାକୁ କହି
ଅସଲ ନାମ ଟି କୁହରେ କେହି !!

ମିଞ୍ଜି ମିଞ୍ଜି ହୋଇ ଆକାଶେ ଜଳେ
ଅସଂଖ୍ୟ ହୋଇ ଯେ ଥାଏ ମଣ୍ଡଳେ
ପାହାନ୍ତିରେ କେବେ ଆସେ ସଞ୍ଜରେ
ଛୋଟ ବଡ଼ ହୋଇ ଚମକଇରେ

ISSN NO.
2582-208X

ଜହ୍ନି ଫୁଲ ପରି ଦିଶନ୍ତି ସିଏ
କୁହରେ ପିଲେ ତା' ନାମ ସେ କିଏ ?

ଧିରେ ଧିରେ ବଢ଼ି ଗୋଲାଇ ହୁଏ
ପୂର୍ଣ୍ଣିମାରେ ପୁରା ଆସଇ ଯିଏ
ପନ୍ଦର ଦିନପରେ ଦୃଶ୍ୟ ହୁଏ
ତାକୁ ଦେଖି ଶିଶୁ ଖୁସିରେ ହସେ
ମାମୁଁ ବୋଲି ଡାକ ଅଛି ଯାହାର
କୁହ ଶିଶୁ ଗଣ ନାମ ତାହାର ?

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ଆମ ଜନ୍ମଭୂମି ମାଆ ସମାନ



ହରେରାମ ପଣ୍ଡା

ଏଇ ଯେ ମୋର ଜନମ ଭୂମି
ଏଇ ମୋ ମାଟି ମାଆ,
ସାରା ଦୁନିଆଁ ଭିତରେ ସାର
'ଓଡିଶା' ଯାର ନାଆଁ ।
କୋଳରେ ଯାର ବଢ଼ିଲି ମୁହିଁ
ଶିଖିଲି ଚାଲି ବାଟ,
ଶିଖିଲି କହି ଭାଷା ତାହାର
ପଢ଼ି ଶିଖିଲି ପାଠ ।
ତା'ନଦୀକୂଳ, ଝରଣା ଜଳ
ସବୁଜ ଶସ୍ୟ କ୍ଷେତ,
ବଣ, ପାହାଡ଼, ତା'ଫୁଲ ଫଳ
ପକ୍ଷୀର ମିଠା ଗୀତ ।
ସଞ୍ଜ ସକାଳେ ମନ୍ଦିରୁ ଶୁଭେ
ଝାଞ୍ଜ, ମୃଦଙ୍ଗ, ଘଣ୍ଟ,
ଗାଆଁ ଟୁଙ୍ଗିରେ ଗୋସେଇଁ ବସି
କରନ୍ତି ପୂଜା ପାଠ ।
ଯାହାର ଦିଅଁ ଜଗତନାଥ
ସାରା ଜଗତେ ଖ୍ୟାତ,

ISSN NO.
2582-208X

ବାର ମାସରେ ତେର ପରବ
କେତେ ଯେ ଯାନିଯାତ ।
ରଜରେ ଝୁଲି ଫଗୁଣେ ହୋଲି
କୁଆଁର ପୁନେଇଁ ଗୀତ,
ପର ଆପଣା ନ ଥାଏ ଯହିଁ
ସଭିଏଁ ସାଥୀ ମିତ ।
କଳା ଯାହାର ଜଗତେ ଖ୍ୟାତ
ପବିତ୍ର ଯାର ମାଟି,
କେତେ ମଧୁର, କେତେ ନିଜର
ମୋ ପାଇଁ ତା'ନାଆଁଟି ।
ଜନମ ଭୂଇଁ ମାଆ ସମାନ
ତୁଳନା ନାହିଁ ତାର,
ତା'ପାଦତଳେ ସଞ୍ଜ ସକାଳେ
ଜଣାଏ ନମସ୍କାର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ - ୯୪୩୮୦୬୫୧୯୫

ISSN NO.
2582-208X

# ଆ ଜହ୍ନମାମୁଁ



ସୁନନ୍ଦା ମହାନ୍ତ

ଜହ୍ନମାମୁଁ ସଭିଙ୍କର
କୁନା କୁନି ଭାବନ୍ତି ଜହ୍ନ ଏକା ତାଙ୍କର
ମାଆ ଯେଣୁ କହେ ଶରଗଶଶୀ ପଡରେ ଖସି
ମୋ ଧନ ହାତ ଉପର
ଜହ୍ନ ମାମୁଁ ବଡ଼ ସାନ ସବୁଙ୍କର
ପିଲାମନ ମାନେନା ସେ କହେ ଜହ୍ନ ମୋର
ବଡ଼ମାନଙ୍କ ଜହ୍ନ କବିତା ଗୀତରେ ତାଙ୍କର
ରଫଖାତା ଚିରି ଜହ୍ନ ଛବି ଆଙ୍କୁଥାଏ କୁନା
ଖାତାରେ ତାହାର
କହୁଥାଏ ଆ ଜହ୍ନମାମୁଁ ତୁ ଏକା ମୋର
ମାଆ ବାପା ଭଳି ଜହ୍ନକୁ କରି ନିଜର
ଅବୁଝା ପିଲା ବୁଝିଯାଏ ଜହ୍ନକୁ ଗେଲ କରି ଅପାର
ମାଆ ଥିଲେ ଥାଉ ନଥିଲେ ନାହିଁ ଜହ୍ନ ପରା
ଏକଦମ ପିଲାର ମଥାମଣି ସଭିଙ୍କର
ଜହ୍ନକୁ କାହିଁକି ଲାଗେ ଏତେ ନିଜର
ଯେଣୁ ତା ଆଲୋକରେ ଥାଏ ଶୀତଳ ଭଣ୍ଡାର
ଜହ୍ନ ତ ସୁନାମୁଣ୍ଡା ମନ ମୁଣ୍ଡ ବୋଝ ହାଲୁକା
କରୁଥାଏ କେତେ କାର ପୁଣି ସଭିଙ୍କର

ISSN NO.
2582-208X

ଚକା ଚକା ଭଉଁରୀ ମାମୁଁ ଘର ଚଉଁରୀ
ଯିବା ଆସ ସାଙ୍ଗମାନେ ଜହ୍ନଦେଶେ ବେଭାର
ପତର ଭାର ନେଇ ଅପାର ଅଗୋଚର
ଜହ୍ନ ତୁ ଏତେ ସୁନ୍ଦର ମନ ମୋହୁ କେମିତି କାର
ମୁନା ମୁନି କୁନା କୁନି ଟିକିଲି ସୁନାପିଲା ଯେଝାଘର
ଆ ଜହ୍ନମାମୁଁ ଶରଗଶଶୀ ତୁ ଝଙ୍କାର ପିଲାଙ୍କର
ବଡ଼ଙ୍କର କିବା ଦୁଃଖ ଜହ୍ନ ଯଦି ଅଛି ଆକାଶ ଉପର
ଆ ଜହ୍ନ ମାମୁଁ ଶରଗଶଶୀ ମୋ ହାତରେ ପଡରେ ଖସି
ମୋ ମନ ହେଉ ଖୁସି ଭରି ମଣିଷପଣିଆ ମୋ ଭିତର
ସାଙ୍ଗମାନେ ଶୁଣି କହନ୍ତି ତାଳି ମାର ତାଳି ମାର

ସାକ୍ଷୀଗୋପାଳ, ପୁରୀ
9040977327

ISSN NO.
2582-208X

# ନୌସେନା ଦିବସ



ଦୀନବନ୍ଧୁ ପୋଇ

ଜଳ ସ୍ଥଳ ଆଉ ଆକାଶ ବାହିନୀ
ତିନି ବାହିନୀର ସୈନିକ
ସୀମାରେ ରହିକି ପ୍ରହରା ଦିଅନ୍ତି
ଦେଶ ପାଇଁ ସିଏ ଦୈନିକ ।
ତିନିବାହିନୀର ମୁଖିଆ ଅଟନ୍ତି
ରାଷ୍ଟ୍ରପତି ଆମ ଦେଶର
ଦେଶବାସୀଙ୍କୁ ସେ ସୁରକ୍ଷା ଦେବାରେ
ଯିଏକି କରନ୍ତି ବିଚାର ।
ଜଳରେ ରହିକି ଜବାବ ଦିଅନ୍ତି
ଆମ ଦେଶ ଜଳବାହିନୀ
ଦେଶ ପାଇଁ ସିଏ ଭୁଲି ପରିବାର
ରଚ଼ନ୍ତି ବହୁତ କାହାଣୀ ।
ତାଙ୍କର ଦକ୍ଷତା ଦେଖାଇବା ପାଇଁ
ପୁରୀରେ ହୋଇଛି ବ୍ୟବସ୍ଥା
ଆମ ରାଷ୍ଟ୍ରପତି ସେ ମହାମହିମ
ଦେଖିବେ ନୌସେନା ଅବସ୍ଥା ।

ISSN NO.
2582-208X

ଡିସେମ୍ବର ଚାରି ତାରିଖ ଅଟଇ
ଯେ ଆମ ନୌସେନା ଦିବସ
ଯୁଦ୍ଧ କଉଶଳ ଅତି ଚମତ୍କାର
ଅସୀମ ତାଙ୍କର ସାହସ ।
ମନବଳ ତାଙ୍କ ବଢାଇବା ପାଇଁ
ଦେବା ତାଙ୍କୁ ବହୁ ସମ୍ମାନ
ଯାହା ଯାହା ଲୋଡା ତାଙ୍କୁ ସବୁ ଦେବା
ବଢିବ ଆମ ଦେଶ ମାନ ।
ଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ
ଦିଅନ୍ତି ତାଙ୍କର ଜୀବନ
ଉଚିତ ଜବାବ ଦିଅନ୍ତି ସୀମାର
ଫୁଟାଇ ବନ୍ଧୁକ କମାଣ ।

ଗୋରଡା ପାଳ
କରମୂଳ, ଢେଙ୍କାନାଳ,
ଦୂରଭାଷ - ୯୯୩୮୮୦୨୪୧୨

ISSN NO.
2582-208X

# ଚନ୍ଦ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

## ସମୀକ୍ଷା

# ବେଦାନ୍ତୀ – ଡିସେମ୍ବର ମାସର ଅନୁଭୂତି !



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାଟି ସବୁବେଳେ ଖୁବ୍ ଆକର୍ଷଣୀୟ। ଏଥରକ ପ୍ରଚ୍ଛଦ ପୃଷ୍ଠାରେ ହଳଦୀ ଗୁରୁଗୁରୁ ସୁନ୍ଦର ଫୁଲ ଟିକୁ ଦେଖି ମୁଁ ଯେତିକି ଖୁସି ହେଉଥିଲି ତା ଠାରୁ ଅଧିକା ଆଗ୍ରହୀ ହେଇ ପଡିଥିଲି ଫୁଲଟିକୁ ଚିହ୍ନିବା ପାଇଁ। ବିଫଳ ହେଲି ଫୁଲଟିକୁ ଚିହ୍ନିବାରେ ହେଲେ ତାର ସେଇ ଖିଲ୍ ଖିଲା ପାଖୁଡା ମନ ଭିତରେ ଆଣି ଦେଲା ଏକ ଖୋଲା ଆକାଶର ଅନ୍ତହୀନ ସ୍ୱପ୍ନ ଓ ଆଶା, ଆଉ ଥାକ ଥାକ ହେଇ ଗୁଚ୍ଛାକାରରେ ସଜେଇ ହେଇଥିବା ପୁଷ୍ପାସନ ତାର ଗ୍ରନ୍ଥୀରେ ସତେ ଯେମିତି ପରସ୍ତ ପରସ୍ତ କରି ସାଇତି ରଖିଥିଲା ଅସୁମାରୀ କଥା। ମନେ ପଡିଗଲା ଏଇଟା ପରା ଡିସେମ୍ବର ମାସ। ଗୋଟେ ବର୍ଷର ଶେଷ ଚିହ୍ନ ଓ ଆଉ ଗୋଟେ ନୂଆ ବର୍ଷର ଆରମ୍ଭ। ଏକ ନୂଆ ଆଶା ଓ ସଫଳତାର ଯାତ୍ରା ସହିତ ଏକ ମସିହାର ଅନ୍ତ।

ଭାବନା ଗୁଡିକ ମୋ ଜୀବନକୁ ଖୁବ୍ ସଂଯୋଗ କରୁଥିଲେ। କାରଣ ଏଇ ମାସରେ ହିଁ ମୋ ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। ଏକ ନୂତନ ଆଶା ଓ ସମ୍ଭାବନାର ଯୁଗଳ ମିଳନ ଥିଲା ମୋ ଝିଅର ବିଭାଘର ଆଉ ଏକ ମସିହାର ଅନ୍ତ ଥିଲା ମୋ ବାପାଙ୍କ ମହାପରାୟଣ।

ବାପାଙ୍କୁ ହରାଇ ଭାଙ୍ଗି ପଡିଥିଲି ମୁଁ ଦୁଃଖ ଆଉ ଅସହାୟତାରେ। ସ୍ୱର୍ଗଦ୍ୱାରର ଯୁଇ କାଠ ଭିତରେ ମୁଁ ଦେଖୁଥିଲି ଏକ ବିରାଟ ବ୍ୟକ୍ତିତ୍ୱର ଅନ୍ତ, ଲୁଚି ଯାଉଥିଲା ବାପାଙ୍କର ସେଇ

ISSN NO.
2582-208X

ସହାୟତା, ଭରଷା, ଆଶୀର୍ବାଦର ହାତ। ଅନୁଭବ କରୁଥିଲି ହୃଦୟରେ ଗଭୀର ଶୂନ୍ୟତା। ହେଲେ ପ୍ରକୃତିର ନିୟମ, show must go on.

ହୃଦୟର ଶୂନ୍ୟତାକୁ ମତେ ଏଡାଇବାକୁ ପଡିବ। ଭରିବାକୁ ପଡିବ ଆଶା ଆଉ ସ୍ୱପ୍ନର ମହାକୁମ୍ଭ। କାହିଁକି ନା ଆଗକୁ ଯେ ଅଛି ମୋ ଝିଅର ବାହାଘର!!

ଝିଅର ବାହାଘର ମୋ ପାଇଁ ଅତ୍ୟନ୍ତ ସ୍ୱପ୍ନିଳ ତଥା ମହତ୍ୱପୂର୍ଣ୍ଣ। ମୁଁ ଭାବି ପାରୁ ନଥିଲି କିପରି ମୋ ଝିଅ ତା' ନୂଆ ଜୀବନକୁ ଗ୍ରହଣ କରିବ, କେମିତି ତା ଜୀବନର ନୂଆ ଅଧ୍ୟାୟ ଲେଖିବ, ଏକ ଅନନୁମାନିୟ ଭାବନାରେ ବୁଡି ରହୁଥିଲି। ମନ ଭିତରେ ଗର୍ବ, ଖୁସି ସହିତ ଝିଅ ବିଦାୟର ଦୁଃଖ ମୋତେ ମ୍ରିୟମାଣ କରୁଥିଲା। ନିଜକୁ ସମ୍ଭାଳିବାକୁ ଚେଷ୍ଟା କରୁଥିଲି। ନିଜ ମାଆ ପଣିଆର ସମର୍ପଣ ଆଉ ଏକ ମା' ପାଖରେ କରି ପୁଣି ଏକ ନୂତନ ମା' କୁ ଗଢିବାର ସ୍ୱପ୍ନ ଦେଖୁଥିଲି।

ହଁ, ଏଇତ ପ୍ରକୃତିର ଗତି। ଗୋଟିଏ ଅଧ୍ୟାୟର ଶେଷ ହେଲେ ପୁଣି ଆଉ ଏକ ଅଧ୍ୟାୟର ପୁନରାବୃତି। ଗୋଟିଏ ବର୍ଷ ଶେଷ ହେଲେ ପୁଣି ଗୋଟେ ନୂଆ ବର୍ଷର ଆବୃତି।

ପ୍ରତ୍ୟେକ ବର୍ଷର ଶେଷ ଓ ନୂଆ ବର୍ଷର ଆରମ୍ଭ ହେଉଛି ଏକ ନୂତନ ଆଶା, ସ୍ୱପ୍ନ ଓ ସମ୍ଭାବନାର ଯୁଗଳ ମିଳନ। ବର୍ଷ ଶେଷରେ ଆମେ ଗତକାଲିର ଭୁଲ, ସଫଳତା, ବିଫଳତା ଓ ଅନୁଭବକୁ ଆଲୋଚନା କରି ଭବିଷ୍ୟତ ପାଇଁ ଏକ ନୂତନ ଯୋଜନାର ପ୍ରସ୍ତୁତି କରିଥାଉ। ନୂଆ ବର୍ଷ ଅନେକ ସ୍ୱପ୍ନ ଓ ଆଶା ସହ ପ୍ରବେଶ କରେ ଏବଂ ଆମକୁ ଏକ ନୂଆ ଆରମ୍ଭର ସୁଯୋଗ ଦିଏ।

ବର୍ଷ ଶେଷର ଏହି ମୂଲ୍ୟବାନ ମୁହୂର୍ତ୍ତ ଆମକୁ ଆମ ଗତକାଲିର କାମକୁ ମୂଲ୍ୟାଙ୍କନ କରିବାର ସୁଯୋଗ ଦିଏ। ଆମେ ଯେଉଁଠି ଭୁଲ କରିଥାଉ, ସେଥିରୁ ଗୁରୁତ୍ୱପୂର୍ଣ୍ଣ ପାଠ ଶିଖି ଆଗକୁ ଆଗାଉଥାଉ। ଗତକାଲିର ଅଭିଯାନ ଓ ସଫଳତା ଆମକୁ ନୂଆ ବର୍ଷରେ ଉତ୍ସାହିତ କରେ।

ସତରେ, ନୂଆ ବର୍ଷ ହେଉଛି ଏକ ନୂଆ ଅଧ୍ୟାୟ, ଯେଉଁଠି ଆମେ ନୂଆ ଲକ୍ଷ୍ୟ ନିର୍ଦ୍ଧାରଣ କରି ଆଗକୁ ଅଗ୍ରସର ହେବାର ସମୟ ପାଉ। ଏହା ହେଉଛି ନୂଆ ସଫଳତାର ଯାତ୍ରା ଓ

ISSN NO.
2582-208X

ନୂଆ ଉପଲବ୍ଧିର ସମୟ। ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ପେଶାଦାର ପ୍ରତ୍ୟେକ କ୍ଷେତ୍ରରେ ଆମେ ନୂଆ ଲକ୍ଷ୍ୟ ସ୍ଥିର କରିଥାଉ।

ନୂଆ ବର୍ଷ କେବଳ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ନୁହେଁ, ବରଂ ସାମୁହିକ ଦୃଷ୍ଟିକୋଣରୁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ଦିନରେ ଲୋକେ ପରସ୍ପରଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ଦେଇଥାନ୍ତି। ପରସ୍ପର ମଧ୍ୟରେ ପ୍ରେମ, ସମ୍ପର୍କ ଓ ସଂଯୋଗକୁ ସୁଦୃଢ କରିବାର ଏକ ଉତ୍ତମ ସୁଯୋଗ ମଧ୍ୟ ଏହା।

ନୂଆ ବର୍ଷରେ ଆମେ ପ୍ରତିଶ୍ରୁତି କରିଥାଉ ଯେ ଆମେ ନିଜ ଜୀବନକୁ ଆରମ୍ଭରୁ ପୁନଃ ସଜାଇବୁ। ବର୍ଷ ଶେଷ ଓ ନୂଆ ବର୍ଷର ଆରମ୍ଭ ହେଉଛି ଏକ ସୁନ୍ଦର ସମୟ, ଯେଉଁଠି ଆମେ ଗତକାଲିର ଶିକ୍ଷା, ଅନୁଭବ ଓ ଅଭିଜ୍ଞତା ସହିତ ଆଗକୁ ବଢିଥାଉ। ଆମେ ଆମର ସମୟକୁ ସଠିକ୍ ଭାବରେ ବ୍ୟବହାର କରିବା, ସ୍ୱାସ୍ଥ୍ୟର ଯତ୍ନ ନିବାହ କରିବା, ଆମର କର୍ତ୍ତବ୍ୟ ପ୍ରତି ସଚେତନ ହେବା ଓ ଅନ୍ୟମାନଙ୍କ ସହ ସହଯୋଗର ଆତ୍ମାକୁ ଜୀବନ୍ତ କରିବା ଏବଂ ଏକ ଉତ୍କୃଷ୍ଟ ଜୀବନ ଗଢ଼ିବାକୁ ଚେଷ୍ଟା କରିବା।

ଆସନ୍ତୁ, ନୂଆ ବର୍ଷକୁ ଆଗ୍ରହ, ଉତ୍ସାହ ଓ ପ୍ରତିଶ୍ରୁତି ସହ ସ୍ୱାଗତ କରିବା। ନୂଆ ବର୍ଷ ଆମ ସମସ୍ତଙ୍କର ସବୁଠାରୁ ଭଲ ବର୍ଷ ହେଉ।

**ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।**

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୧/୨୦୨୫ | ଇଂରାଜୀ ନୂତନ ବର୍ଷ ସନ ୨୦୨୫ ମସିହା ପ୍ରବେଶ ଆରମ୍ଭ |
| ୦୫/୦୧/୨୦୨୫ | ଶରଣ ଶେଷ |
| ୦୯/୦୧/୨୦୨୫ | ଶାମ୍ବ ଦଶମୀ ଓ ସୁଦଶା ବ୍ରତ |
| ୧୨/୦୧/୨୦୨୫ | ସ୍ୱାମୀ ବିବେକାନନ୍ଦ ଜୟନ୍ତୀ |
| ୧୩/୦୧/୨୦୨୫ | ପୌଷ ପୂର୍ଣ୍ଣିମା, ଚନ୍ଦ୍ର ପୂଜା, ନବାଙ୍କ ବେଢା |
| ୧୪/୦୧/୨୦୨୫ | ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ |
| ୧୫/୦୧/୨୦୨୫ | ପୁଷ୍ୟା ଭିଷେକ ଓ ରାଜାଭିଷେକ |
| ୨୩/୦୧/୨୦୨୫ | ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ |
| ୨୫/୦୧/୨୦୨୫ | ଓଳାଶୁଣୀ ମେଳା |
| ୨୬/୦୧/୨୦୨୫ | ସାଧାରଣତନ୍ତ୍ର ଦିବସ |
| ୨୮/୦୧/୨୦୨୫ | ସବେ-ମେରାଜ୍ (ପୂର୍ବରାତ୍ରି ) |
| ୨୯/୦୧/୨୦୨୫ | ତ୍ରିବେଣୀ ଅମାବାସ୍ୟା |
| ୩୦/୦୧/୨୦୨୫ | ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଡିସେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

କଷି କାକୁଡି ଫଳଛି ଆଜି
ବାଡିରେ ଆମ ଦେଖ
ପଖାଳ ସାଙ୍ଗରେ ଲଙ୍କା ଲୁଣ ଦେଇ
ଖାଇବ କଏ ରେ ଆସ

ବିଜେତା: ଶ୍ରଦ୍ଧା ସୁମନ ରଥ, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com ।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳନ୍ତି ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**